UTKAL UNIVERSITY

NAAC ACCREDITED A+

# ସ୍ନାତକ

## ଓଡ଼ିଆ

SEMESTER-I

# (ଦ୍ୱିତୀୟ ପତ୍ର)

# ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ

CREDIT - 06

ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ

CENTRE FOR DISTANCE AND ONLINE EDUCATION

UTKAL UNIVERSITY

C.D.O.E

Centre for Distance & Online Education, Utkal University, Vani Vihar, Bhubaneswar - 751007
The study material is developed exclusively for the use of the students

admitted under CDOE, Utkal Univesity.

Name of the Study Materials : **ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ**

Author Name’s : ଡକ୍ଟର ନିତ୍ୟାନନ୍ଦ ନାୟକ

Year of Print :

No, of Copies : 1000

Printed and Publishers by : Odisha Text Book Bureau, Bhubaneswar

For

Centre for Distance & Online Education, Utkal University, Vani Vihar, Bhubaneswar - 751007
www.ddceutkal.ac.in

# ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଭୁବନେଶ୍ୱର – ୭୫୧୦୦୭

**ନିର୍ଦ୍ଦେଶକଙ୍କ କଲମରୁ.......**

୧୯୬୨ ମସିହା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସାନ୍ଧ୍ୟ ମହାବିଦ୍ୟାଳୟ, ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ରରେ ପରିଣତ ହୋଇ ସଫଳତାର ଦୀର୍ଘ ୫୨ ବର୍ଷର ପଥ ଅତିକ୍ରମ କରିଛି। ସମସ୍ତଙ୍କ ପାଇଁ ଶିକ୍ଷା ଏହି ଅନୁଷ୍ଠାନର ମୂଳ ଆଭିମୁଖ୍ୟ। ତେଣୁ ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ଆମେ ଶିକ୍ଷାକୁ ସମସ୍ତଙ୍କ ପାଖରେ ପହ ାଇବାକୁ ସର୍ବଦା ଯତ୍ନଶୀଳ ରହିଛୁ। ପ୍ରାୟ ୯୦ ହଜାର ଛାତ୍ର ଛାତ୍ରୀ ଏହି ମନ୍ଦିରକୁ ପ୍ରବେଶାଧିକାର ପାଇ ଜୀବନର ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରିଛନ୍ତି। କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ଗୁଣାତ୍ମକ ମାନବୃଦ୍ଧିରେ ମଧ୍ୟ ଏହି ଅନୁଷ୍ଠାନ ଅଗ୍ରବାହୀ। ବୃ ିଗତ ଅଭିବୃଦ୍ଧିରେ ଆମର ସହଯୋଗ ବହୁ ବ୍ୟକ୍ତି ବିଶେଷଙ୍କ ଗତିପଥ ବଦଳାଇ ଦେଇଛି। ସେମାନଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ସେମାନେ ଆଜି ଯେଉଁଠି ପହ୍ ପାରିଛନ୍ତି ତାର ସମସ୍ତ ଶ୍ରେୟ ଏହି ଅନୁଷ୍ଠାନର ପ୍ରାପ୍ୟ। ଦୂରଶିକ୍ଷା ମାଧ୍ୟମରେ ପାଠପଢ଼ି ମଧ୍ୟ ଅନେକ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟ ରହିପାରିଛନ୍ତି। ଚଳିତ ୨୦୧୪ ମସିହାରେ ଇଂରାଜୀ, ପବ୍ଲିକ ଆଡିମିନିଷ୍ଟ୍ରେସନ, ଏଜୁକେଶନ, ଆକାଉ ିଙ୍ଗ୍, ମ୍ୟାନେଜମେ  ଆଦି ଅନର୍ସରେ ୧୫ ଜଣ ବିଦ୍ୟାର୍ଥି ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଅଛନ୍ତି। ଆମର ଛାତ୍ର ଛାତ୍ରୀମାନେ ନୈରାଶ୍ୟବାଦୀ କିମ୍ବା ପ୍ରତିକୂଳ ମନୋଭାବାସମ୍ପନ୍ନ ନୁହଁନ୍ତି। ସେମାନେ ବେଶ୍ ଉତ୍ସାହୀ, ଆତ୍ମବିଶ୍ୱାସୀ ଓ ସାମର୍ଥ ସଂପନ୍ନ ଅଟନ୍ତି। ସେମାନଙ୍କ ବୃହ ର ସ୍ୱାର୍ଥର ପରିପୂରଣ ପାଇଁ ଆମେମାନେ ଆତ୍ମ ଶିକ୍ଷଣ ପଦ୍ଧତିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଯୋଗାଇ ଦେଉଛୁ। ଏହି ଅତ୍ୟାବଶ୍ୟକୀୟ କାର୍ଯ୍ୟରେ ଆମ ସହିତ କେତୋଟି ଘରୋଇ ପ୍ରକାଶନ-ସଂସ୍ଥାର ସହଯୋଗ ଗ୍ରହଣ କରିଛୁ। ଫଳରେ ଆମର ଧାର୍ଯ୍ୟ ଲକ୍ଷ୍ୟରେ ଶିଘ୍ର ପହ୍ବାକୁ ସକ୍ଷମ ହୋଇ ପାରିବୁ। ଆଶାକରୁ ଏହି ଛାପା ପୁସ୍ତକ ବାହାରେ ଜ୍ଞାନ ବିଜ୍ଞାନର ଅନ୍ୟାନ୍ୟ ଅନେକ ଦିଗକୁ ଆମର ବିଦ୍ୟାର୍ଥୀମାନେ ଛୁଇଁ ପାରିବେ। ଯଦିଓ ଆମର ଅଧିକାଂଶ ଛାତ୍ରଛାତ୍ରୀ କୌଣସି ନା କୌଣସି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତଥାପି ଆମେ ବିଶ୍ୱାସ କରୁ ସମୟର ଉପଯୁକ୍ତ ବିନିଯୋଗ କରୁଥିବା ବ୍ୟକ୍ତି ବିଶେଷ ପାଇଁ ସମସ୍ତ ହାତ ପାହାନ୍ତାରେ ରହିପାରେ ଏବଂ ଆଳସ୍ୟପରାୟଣ ବ୍ୟକ୍ତିଙ୍କୁ ସମୟ ଆଦୌ ଧରାଛୁଆଁ ଦିଏ ନାହିଁ। ଆମର ଲକ୍ଷ୍ୟ ଦୂର ଶିକ୍ଷା ଦ୍ୱାରା ଯେ କୌଣସି ବ୍ୟକ୍ତି ଉଚ୍ଚ ଶିକ୍ଷିତ ହେବା ସହିତ ନିଜ ମେଧାର ବିକାଶ କରିପାରିବେ। ଆମେ ଯୋଗାଇ ଦେଉଥିବା ପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ସହାୟକ ପୁସ୍ତକ, ଇ ରନେଟ୍, ଟେଲିଭିଜନ ଓ ରେଡ଼ିଓ ଭଳି ମାଧ୍ୟମ ଗୁଡ଼ିକୁ ନିଜ ଜ୍ଞାନର ଅଭିବୃଦ୍ଧି ପାଇଁ ବିନିଯୋଗ କରିବା ଉଚିତ। ସୀମିତ କ୍ଲାସରୁମ୍ ପାଠ୍ୟଦାନ ବ୍ୟବସ୍ଥା ମାଧ୍ୟମରେ ଅଭିଜ୍ଞ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ପ୍ରଶ୍ନ ଓ ସଂଶୟ ଦୂର କରିବାକୁ ଚେଷ୍ଟା କରିଥାନ୍ତି। ତେବେ ଏଥିପାଇଁ ଛାତ୍ରମାନଙ୍କର ଆଗ୍ରହ ଓ ପୂର୍ବ ପ୍ରସ୍ତୁତି ରହିବା ବାଂଛନୀୟ। ପ୍ରସ୍ତୁତ ଛାତ୍ର ହିଁ କେବଳ ଉପଯୁକ୍ତ ପ୍ରଶ୍ନମାନ ଉତ୍‌ଥାପନ କରିପାରେ।

**ନିର୍ଦ୍ଦେଶକ**

# ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**କାର୍ଯ୍ୟକ୍ରମ ନାମ : ସ୍ନାତକ ଓଡ଼ିଆ** **କାର୍ଯ୍ୟକ୍ରମ କୋଡ଼ : ୦୧୦୧୧୪**

**କୋର୍ସ ନାମ : ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ**

**କୋର୍ସ କୋଡ଼ : CORE - 2** **ପ୍ରଥମ ପର୍ଯ୍ୟାୟ** **କ୍ରେଡ଼ିଟ୍ – ୬** **ବ୍ଲକ୍ – ୧ ରୁ ୪** **ୟୁନିଟ୍ – ୧ ରୁ ୨୦**

## ବିଶେଷଜ୍ଞ ପରିଷଦ

| | |
|---|---|
| ପ୍ରଫେସର କୃଷ୍ଣଚନ୍ଦ୍ର ରଥ | (ବିଶେଷଜ୍ଞ ପରିଷଦ ସଭାପତି), ନିର୍ଦ୍ଦେଶକ, ଦୂର ଓ ଅନଲାଇନ ଶିକ୍ଷାକେନ୍ଦ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ |
| ଡକ୍ଟର ସୁରେନ୍ଦ୍ର କୁମାର ମହାରଣା | ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ |
| ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ | ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର |
| ପ୍ରଫେସର ସଂଘମିତ୍ରା ମିଶ୍ର | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| ଡକ୍ଟର ସଞ୍ଜିତା ମିଶ୍ର | ଅଧ୍ୟାପକ, ଶୈଳବାଳା ମହାବିଦ୍ୟାଳୟ, କଟକ |
| ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ | ଅଧ୍ୟାପକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ |

## ଲେଖକ

| | |
|---|---|
| ଡକ୍ଟର ନିତ୍ୟାନନ୍ଦ ନାୟକ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ | ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର |

## ସମ୍ପାଦନା

ଡକ୍ଟର ମିନାକ୍ଷୀବାଳା ପ୍ରଧାନ ଅଧ୍ୟାପକ, ଓଡ଼ିଆ ବିଭାଗ, ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

# CORE - 2 : ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ

| ବ୍ଲକ ନମ୍ବର | ବ୍ଲକର ନାମ | ଏକକ ନମ୍ବର | ଏକକର ନାମ |
|---|---|---|---|
| ୧ | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି | ୧<br>୨<br>୩<br>୪<br>୫ | ସାମାଜିକ ମୂଲ୍ୟାଙ୍କନ<br>ସାଂସ୍କୃତିକ ମୂଲ୍ୟାଙ୍କନ<br>ରାଜନୈତିକ ମୂଲ୍ୟାଙ୍କନ<br>ଧର୍ମୀୟ ମୂଲ୍ୟାଙ୍କନ<br>ସାହିତ୍ୟିକ ମୂଲ୍ୟାଙ୍କନ |
| **ବ୍ଲକ ନମ୍ବର** | **ବ୍ଲକର ନାମ** | **ଏକକ ନମ୍ବର** | **ଏକକର ନାମ** |
| ୨ | ମଧ୍ୟଯୁଗୀୟ କାବ୍ୟର ଆଙ୍ଗିକ ବୈଚିତ୍ର୍ୟ | ୬<br>୭<br>୮<br>୯<br>୧୦ | ବିଷୟ ବିନ୍ୟାସ<br>ଭାଷା ବୈଚିତ୍ର୍ୟ<br>ବର୍ଣ୍ଣନା ବୈଚିତ୍ର୍ୟ<br>ଆଳଙ୍କାରିକତା<br>ଛନ୍ଦ ବୈଚିତ୍ର୍ୟ |
| **ବ୍ଲକ ନମ୍ବର** | **ବ୍ଲକର ନାମ** | **ଏକକ ନମ୍ବର** | **ଏକକର ନାମ** |
| ୩ | ମଧ୍ୟଯୁଗୀୟ କାବ୍ୟର ଆତ୍ମିକ ବିଭବ | ୧୧<br>୧୨<br>୧୩<br>୧୪<br>୧୫ | ରସ ଚେତନା<br>ସୌନ୍ଦର୍ଯ୍ୟ ଚେତନା<br>ବ୍ୟଞ୍ଜନଧର୍ମିତା<br>ଭାବାଦର୍ଶ<br>ଧ୍ୱନିବାଦ ଓ ରୀତିସାହିତ୍ୟ |
| **ବ୍ଲକ ନମ୍ବର** | **ବ୍ଲକର ନାମ** | **ଏକକ ନମ୍ବର** | **ଏକକର ନାମ** |
| ୪ | ମଧ୍ୟଯୁଗୀୟ ଓଡ଼ିଆ ଗୀତି ପରଂପରା | ୧୬<br>୧୭<br>୧୮<br>୧୯<br>୨୦ | ଚମ୍ପୂ<br>ଚଉପଦୀ<br>ଚଉତିଶା<br>ଭଜନ<br>ଜଣାଣ |

# <u>ସୂଚୀପତ୍ର</u> <u>ପୃଷ୍ଠା</u>


## ବ୍ଲକ -୧ : ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ୭-୮୧

ପ୍ରଥମ ଏକକ – ଧର୍ମୀୟ ମୂଲ୍ୟାଙ୍କନ

ଦ୍ୱିତୀୟ ଏକକ – ସାମାଜିକ ମୂଲ୍ୟାଙ୍କନ

ତୃତୀୟ ଏକକ – ସାଂସ୍କୃତିକ ମୂଲ୍ୟାଙ୍କନ

ଚତୁର୍ଥ ଏକକ – ରାଜନୈତିକ ମୂଲ୍ୟାଙ୍କନ

ପଂଚମ ଏକକ-ସାହିତ୍ୟିକ ମୂଲ୍ୟାଙ୍କନ

## ବ୍ଲକ୍ -୨ : ମଧ୍ୟଯୁଗୀୟ କାବ୍ୟର ଆଙ୍ଗିକ ବୈଚିତ୍ର୍ୟ ୮୩-୧୪୫

ଷଷ୍ଠ ଏକକ - ବିଷୟ ବିନ୍ୟାସ

ସପ୍ତମ ଏକକ- ଭାଷା ବୈଚିତ୍ର୍ୟ

ଅଷ୍ଟମ ଏକକ- ବର୍ଣ୍ଣନା ବୈଚିତ୍ର୍ୟ

ନବମଏକକ – ଆଳଙ୍କାରିକତା

ଦଶମ ଏକକ– ଛନ୍ଦ ବୈଚିତ୍ର୍ୟ

## ବ୍ଲକ୍ -୩ : ମଧ୍ୟଯୁଗୀୟ କାବ୍ୟର ଆତ୍ମିକ ବିଭବ ୧୪୭-୧୯୫

ଏକାଦଶ ଏକକ - ରସ ଚେତନା

ଦ୍ୱାଦଶ ଏକକ-ସୌନ୍ଦର୍ଯ୍ୟ ଚେତନା

ତ୍ରୟୋଦଶ ଏକକ- ବ୍ୟଞ୍ଜନଧର୍ମିତା

ଚତୁର୍ଦ୍ଦଶ ଏକକ - ଭାବାଦର୍ଶ

ପଂଚଦଶ ଏକକ– ଧ୍ୱନିବାଦ ଓ ରୀତିସାହିତ୍ୟ

## ବ୍ଲକ୍ -୪ : ମଧ୍ୟଯୁଗୀୟ ଓଡ଼ିଆ ରୀତି ପରଂପରା ୧୯୭-୩୦୫

ଷୋଡ଼ଶ ଏକକ - ଚମ୍ପୂ

ସପ୍ତଦଶ ଏକକ- ଚଉପଦୀ

ଅଷ୍ଟାଦଶ ଏକକ- ଚଉତିଶା

ଊନବିଂଶ ଏକକ - ଭଜନ

ବିଂଶ ଏକକ– ଜଣାଣ

# ବ୍ଲକ -୧ : ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି

**ପ୍ରଥମ ଏକକ – ଧର୍ମୀୟ ମୂଲ୍ୟାଙ୍କନ**

**ଦ୍ୱିତୀୟ ଏକକ – ସାମାଜିକ ମୂଲ୍ୟାଙ୍କନ**

**ତୃତୀୟ ଏକକ – ସାଂସ୍କୃତିକ ମୂଲ୍ୟାଙ୍କନ**

**ଚତୁର୍ଥ ଏକକ – ରାଜନୈତିକ ମୂଲ୍ୟାଙ୍କନ**

**ପଂଚମ ଏକକ– ସାହିତ୍ୟିକ ମୂଲ୍ୟାଙ୍କନ**

# ପ୍ରଥମ ଏକକ – ଧର୍ମୀୟ ମୂଲ୍ୟାଙ୍କନ


୧.୦- ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୧.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୧.୨ ଓଡ଼ିଆ ନବଜାଗରଣ

୧.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୧.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୧.୫ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୧.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୧.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୧.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

ପ୍ରାଗ୍‌ଭାଷା

ଭାଷାର କାୟାକଳ୍ପରେ ଭାବର ମହାମନ୍ତ୍ର ଦେଇ ରସାନୁଭୂତିର ଅସରନ୍ତି ପେଡ଼ି ଖୋଲି ପାରୁଥିବା ସାହିତ୍ୟର ଇତିହାସ ଅଧ୍ୟୟନ ସୂକ୍ଷ୍ମ ବିଶ୍ଳେଷଣର ଅପେକ୍ଷା ରଖେ। କୌଣସି ଜାତିର ଘଟଣା ପ୍ରବାହ ସହିତ ସାମାଜିକ ବିଧିବ୍ୟବସ୍ଥା ତଥା ସାଂସ୍କୃତିକ ସଂହିତାର ପ୍ରତିଛବି ଦେଖିବାରେ ସାହିତ୍ୟ ରୂପକ ଦର୍ପଣର ଗୁରୁତ୍ୱ ବିଶ୍ୱର ପ୍ରତ୍ୟେକ ଦେଶରେ ଉପଲବ୍ଧ ହୋଇଥାଏ। ସମୟ-ସୈକତରେ ସାହିତ୍ୟ ସ୍ରୋତସ୍ୱିନୀର ବିଚିତ୍ରବର୍ଣ୍ଣା ଦେହରି ଅବଲୋକରେ ଏହାର ଇତିହାସ ପରସିଦିଏ ଅପୂର୍ବ ପ୍ରେରଣା। କେବଳ ସାହିତ୍ୟର ଉନ୍ମେଷ-ବିକାଶ-ବିବ ିନ ନୁହେଁ, ଅଧିକନ୍ତୁ ଶାସନତନ୍ତ୍ର, ଆଚାର ବ୍ୟବହାର ତଥା ଚଳଣି ଚମକର ବା ା-ବିବରଣୀ ପାଇବାରେ ଏ ଇତିହାସ ପାଲଟିଯାଏ ପ୍ରଧାନ ଅବଲମ୍ବନ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗ ବିଭାଜନ ମୁଖ୍ୟତଃ ତିନି ଭାଗରେ ବିଭକ୍ତ। ଯଥା – ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗ। ୭ମ-୮ମ ଶତାବ୍ଦୀରେ ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟା ପଦାବଳୀ ସମୟରେ ଲୋକସାହିତ୍ୟ, ନାଥ ସାହିତ୍ୟ ପଥ ଦେଇ ୧୫ଶ ଶତାବ୍ଦୀର ଆଦିକବି ସାରଳା ଦାସ ଓ ୧୬ଶ ଶତାବ୍ଦୀର ପ୍ରସିଦ୍ଧ ପଂଚସଖା କବିମାନଙ୍କର ରଚନାବଳୀ ପର୍ଯ୍ୟନ୍ତ ବିପୁଳାୟତନ ସୃଷ୍ଟି ପ୍ରାଚୀନ ସାହିତ୍ୟ ଭାବେ ପରିଚର୍ଚ୍ଚିତ। ୧୭ଶ ଶତାବ୍ଦୀରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଅର୍ଥାତ୍ ୧୮୫୦ ମସିହା ପର୍ଯ୍ୟନ୍ତ କାଳଖଣ୍ଡରେ କବି ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ ଦ୍ୱାରା ବିରଚିତ ରାଶି ରାଶି ଭଜନ, ଜଣାଣ, ଚଉପଦୀ, ଚଉତିଶା ସମେତ ଉଚ୍ଚାଙ୍ଗ କାବ୍ୟମାଳା ମଧ୍ୟଯୁଗ ସାହିତ୍ୟର ପ୍ରଧାନ ଅଙ୍ଗ। ଓଡ଼ିଶାକୁ ଇଂରେଜମାନଙ୍କ ଆଗମନ ପରେ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବ ିନ ହେଲା, ତାହାର ଅମୃତମୟ ପରିଣତି ସ୍ୱରୂପ ୧୮୫୦ ମସିହା ପରବ ୀ ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ମାର୍ଗ ଉନ୍ମୁକ୍ତ ହେଲା।

ଭାରତ ତଥା ଓଡ଼ିଶାରେ ନୂତନ ଶିକ୍ଷାନୀତି ପ୍ରବ ିନ, ଛାପାକାନା ପ୍ରତିଷ୍ଠା, ପତ୍ରପତ୍ରିକା ପ୍ରକାଶନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଆତ୍ମପ୍ରକାଶ ଦ୍ୱାରା ନବ୍ୟ ଶିକ୍ଷିତ ସମାଜର ବୈ ିକ ପରିବ ିନ ଘଟିଲା। ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହ ଚିନ୍ତାଦର୍ଶ ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ଫଳରେ ପ୍ରାଚୀନତାକୁ ପରିହାର କରି ନୂତନ ଭାବଧାରା ବିକାଶ ଲାଭ କଲା। ପୁରାତନତା ଓ ନୂତନତାର ଚି  ସଂଘର୍ଷରୁ ନବଜାଗରଣ ବା ରେନେସାଁ (Renaisance) ର ପ୍ରତିଷ୍ଠା ଏବଂ ତହିଁରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। କବିବର ରାଧାନାଥ ରାୟ (୧୮୪୮-୧୯୦୮), ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୭)। ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪), ପଲ୍ଲୀକବି ନନ୍ଦିକିଶୋର ବଳ (୧୮୭୫-୧୯୨୮), ଜଗନ୍ମୋହନ ଲାଲ୍ (୧୮୩୯-୧୯୧୩) ରାମଶଙ୍କର ରାୟ (୧୮୫୭-୧୯୩୧), ରମେଶଚନ୍ଦ୍ର ସରକାର (୧୮୫୭...) ଚନ୍ଦ୍ରମୋହନ ମହାରଣା (୧୮୭୦-୧୯୨୯) ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଶୈଳୀ ପରିହାର ପୂର୍ବକ ନୂତନ ଆଦର୍ଶ ତଥା ଶୈଳୀରେ ସାହିତ୍ୟ ସୃଷ୍ଟିକରି ଆଲୋଡ଼ନ ସୃଷ୍ଟି କଲେ। ଏ କାଳରେ ଓଡ଼ିଆ ପାଠକମାନେ କାବ୍ୟ ସହିତ, ଖଣ୍ଡକାବ୍ୟ, ଗୀତିକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଆଦି ସାହିତ୍ୟର ନୂଆ ନୂଆ ଦିଗନ୍ତ ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲେ। କେବଳ ସେତିକି ନୁହେଁ, ନବଯୁଗ ସାହିତ୍ୟର ଭାଷା ଓ ପ୍ରକାଶ ଭଙ୍ଗୀରେ ସ୍ୱତନ୍ତ୍ରତା ଏହାକୁ ପ୍ରତିଷ୍ଠା

ଦେବାରେ ଯଥେଷ୍ଟ ସହାୟକ ହୋଇଥିବାର ଜଣାଯିବ। ନବଜାଗରଣ କାଳରୁ ସୃଷ୍ଟ ନୂତନ ଭି ିଭୂମି ଉପରେ ନୂତନ ସାହିତ୍ୟର ଜନ୍ମ ଓ ବିକାଶ ପରବ ୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟ ଅବଧି ଭିତରେ କିଭଳି ଗତିଶୀଳ, ତାହାର ସବିଶେଷ ଅବଧାରଣା ପାଇଁ ନିମ୍ନରେ ଉଲ୍ଲିଖିତ ଆଲୋଚନା ପର୍ଯ୍ୟାୟ ବା ସଂରଚନା ବିନ୍ୟାସ ଉପରେ ନିର୍ଭର କରାଯାଇପାରେ।

ସଂରଚନା ବିନ୍ୟାସ –


୧.୦ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୧.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୧.୨ ଓଡ଼ିଆ ନବଜାଗରଣ

୧.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୧.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୧.୫ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୧.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୧.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୧.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ


## ୧.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟ ଇତିହାସର ଦ୍ୱିତୀୟ ଭାଗ ପ୍ରଥମ ୟୁନିଟ୍‌ରେ ନିର୍ଦ୍ଦେଶିତ ପାଠ୍ୟ ଖସଡ଼ାର ପ୍ରସଙ୍ଗ ଗୁଡ଼ିକ ପୁନଃ ପୁନଃ ଆଲୋଚନା କଲେ ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ।

- ଓଡ଼ିଆ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ପ୍ରବ ନ ମୂଳରେ ସନ୍ନିହିତ କାରଣଗୁଡ଼ିକର ପରିଚୟ ମିଳିବ।
- ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗଡ୍ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ କିପରି ପାଶ୍ଚାତ୍ୟରୁ ଆହୃତ ନୂଆ ଭାବାଦର୍ଶର ବା ୀ ଦେଇଛି, ତାହାର ବ୍ୟାପକ ଚିତ୍ର ଜାଣିହେବ।
- ଓଡ଼ିଆ ସାହିତ୍ୟରେ ରେନେସାଁ ବା ନବଜାଗରଣ ସମ୍ପର୍କରେ ବାସ୍ତବ ଆଲେଖ୍ୟ ଉନ୍ମୋଚିତ ହେବ।
- ନବ ଯୁଗର ପ୍ରମୁଖ କବି ଓ ଲେଖକମାନଙ୍କ କୃତି ଓ କୃତିତ୍ୱ ଆଲୋଚନା ଦ୍ୱାରା ଏ କାଳର ବିଶେଷତ୍ୱ ଅନୁଭୂତ ହେବ।
- ଆଧୁନିକ ସାହିତ୍ୟ ବିକାଶରେ ପତ୍ରପତ୍ରିକାଗୁଡ଼ିକର ଅବଦାନ ସମ୍ପର୍କରେ ଅବଧାରଣା ଜନ୍ମିବ।
- କାବ୍ୟ, ଖଣ୍ଡକାବ୍ୟ, ଗୀତି କବିତା, ପ୍ରବନ୍ଧ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନୀ, ରମ୍ୟରଚନା, ଭ୍ରମଣବୃ ାନ୍ତ, ଅନୁବାଦ, ସମାଲୋଚନା ଆଦି ସାହିତ୍ୟର ବହୁମୁଖୀ ବ୍ୟାପ୍ତି କିଭଳି ଏକାଳରେ ପ୍ରକାଶ ପାଇଛି, ତାହାର ପ୍ରମାଣ ମିଳିବ।
- ପ୍ରାକ୍‌ସ୍ୱାଧୀନତା କାଳରେ ବିକଶିତ ଗଦ୍ୟସାହିତ୍ୟର ବିସ୍ତୃତ ପରିଚୟ ମିଳିବ।
- ସାମଗ୍ରିକ ଭାବେ ଆଧୁନିକ ସାହିତ୍ୟର ଭାବବସ୍ତୁ ସହିତ ଆଙ୍ଗିକ ବୈଚିତ୍ର୍ୟର ଦିଗନ୍ତ ଉନ୍ମୋଚିତ ହେବ।

* ପଠିତବ୍ୟ ପ୍ରସଙ୍ଗଗୁଡ଼ିକୁ ବି ିକରି ସମ୍ଭାବ୍ୟ ପ୍ରଶ୍ନାବଳୀ ତଥା ଅନ୍ୟ ସହାୟକ ଗ୍ରନ୍ଥଗୁଡ଼ିକର ଆଭାସ ମଧ୍ୟ ମିଳିପାରିବ।

**୧.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ**

ଇଂରାଜୀ ରେନେସାଁ (Renaisence)ର ପରିଭାଷା ନବଜାଗରଣ ବା ନବ ଅଭ୍ୟୁଦୟ। ରେନେସାଁ ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ପୁନର୍ଜନ୍ମ। ୟୁରୋପୀୟ ଦେଶଗୁଡ଼ିକରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ମଧ୍ୟରେ କଳା, ସାହିତ୍ୟ, ବିଜ୍ଞାନ, ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ସମ୍ଭୂତ ହୋଇଥିବା ସାଂସ୍କୃତିକ ପୁନର୍ଜନ୍ମ (Cultural Rebirth) ନବଜାଗରଣ ଆନ୍ଦୋଳନର ପ୍ରମୁଖ ସମ୍ପଦ। ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥିତିଶୀଳ ବିଶ୍ୱାସ ସର୍ବସ୍ୱ ମାନବିକତାରେ ବ୍ୟାପକ ପରିବ ିନ ସୃଷ୍ଟି ହୋଇ ଏ ସମୟରେ ଏକ ବୈପ୍ଳବିକ କାରଣ ସର୍ବସ୍ୱ ଜିଜ୍ଞାସା ବଳବ ର ହେଲା। ଇଟାଲିର ଫ୍ଲୋରେନ୍ସ ସହରରୁ ଆରମ୍ଭ ହୋଇଥିବା ଏହି ନବ ଆନ୍ଦୋଳନ ପରବ ୀ ସମୟରେ ପ ୁଗାଲ, ସ୍ପେନ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ହଙ୍ଗେରୀ, ନେଦରଲାଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ଦେଶକୁ ପରିବ୍ୟାପ୍ତ ହୋଇ ମାନବ ସଭ୍ୟତା ପାଇଁ ନୂତନ ମାର୍ଗ ପ୍ରକାଶ କଲା।

ଦାର୍ଶନିକ ଓ କବି ଦାନ୍ତେ (Dante Aligheiri, 1265-1321), ଫ୍ରାନ୍ସେସ୍କୋ ପେତ୍ରାର୍କ (Francesco Petrarch, 1304-1374), ବନ୍ଦୋ (Giotto di Bandore, 1267-1337), ଲରେଞ୍ଜୋ ଗିବେର୍ଟି (Lorenio Ghiberti, 1378-1455), ଫିଲପ୍ ବ୍ରୁନେଲେସ୍କ (Pillipo Brunelleschi, 1377-1446), ନିକଲୋ ମାକିଆଭେଲି (Machiavelli, 1469-1527), ଥମାସ୍ ମୋରେ (Thomas More, 1478-1535), ଲିଓନାର୍ଦୋ ଦାଭିନ୍ସ (Leonardo da Vinei, 1452-1519), ମାଇକେଲ୍ ଆଞ୍ଜୋଲୋ (Michelangelo, 1475-1568), ନିକୋଲାସ କୋପରନିକ୍ସ (Nicolaus Copernicus, 1473-1543), ଗାଲିଲିଓ (Galileo Galillei, 1564-1642), ଫ୍ରାନ୍ସିସ୍ ବେକନ୍ (Frencis Bacon, 1561-1626), ମାର୍ଟିନ ଲୁଥର୍ (Martin Luther, 1483-1546), ପ୍ରମୁଖ କବି, ଲେଖକ, ଭାସ୍କର୍ଯ୍ୟ ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ତଥା ଚିନ୍ତାଦାୟକମାନଙ୍କର ନୂତନ ଦୃଷ୍ଟିଭଙ୍ଗୀ ମାନବର ଚିନ୍ତାରାଜ୍ୟରେ ନୂତନ ଆଲୋକ ବିଚ୍ଛୁରିତ କଲା। ମାନବିକ ମୂଲ୍ୟବୋଧ, ନବ କଳା କୈବଲ୍ୟ, ବୈଜ୍ଞାନିକ ଦୃଷ୍ଟି, ସମାଜ କୈନ୍ଦ୍ରିକ ଧର୍ମମତବାଦ ଏ ସମୟର ପ୍ରଧାନ ଅବଦାନ, ଚିରାଚରିତ ଅନ୍ଧ ଅନୁକରଣ ଅପେକ୍ଷା ସମୀକ୍ଷାପୂର୍ବକ କାରଣ ସନ୍ଧାନ ଉପରେ ଗୁରୁତ୍ୱ ଆରୋପିତ ହେଲା। ସର୍ବୋପରି ମାନବୀୟ କଲ୍ୟାଣ ପ୍ରତି ସର୍ବଜନୀନ ଆବେଦନର ସୂତ୍ରପାତ ହେଲା।

ପ୍ରାକୃତିକ ଜଗତ ସମ୍ପର୍କରେ ବୈଜ୍ଞାନିକମାନଙ୍କର ନୂତନ ତଥ୍ୟ ଆବିଷ୍କାର ତଥା ସମାଜତା ି୍ୱକ ନୂତନ ବିଚାରଧାରା ମଣିଷର ଚିନ୍ତନଶୈଳୀକୁ ଅତିମାତ୍ରାରେ ପ୍ରଭାବିତ କଲା। ପ୍ରାଚୀନ ଯୁଗର ଅନ୍ଧବିଶ୍ୱାସ କ୍ରମଶଃ ଅପସାରିତ ହୋଇ ବାସ୍ତବାୟକ ଜୀବନଧାରା ପ୍ରତି ଆଗ୍ରହ ଜାତ ହେଲା। ବସ୍ତୁସ ା ପ୍ରତି ସନ୍ଦେହ ପ୍ରଦର୍ଶନ ପୂର୍ବକ ତାହାର ପରୀକ୍ଷା ନିରୀକ୍ଷା କରିବା ଏବଂ ସର୍ବଶେଷରେ ସତ୍ୟକୁ ଗ୍ରହଣ କରିବା ହେଉଛି ରେନେସାଁ କାଳର ବିଶେଷତ୍ୱ। ସବୁକାଳରେ କଳା ଓ ସାହିତ୍ୟରେ ନୂତନତାର ନିରାଜନା କରାଯାଇଥାଏ। ରେନେସାଁ କାଳର ବିବ ିତ ଭାବଧାରା ୟୁରୋପୀୟ ସାହିତ୍ୟ ଜରିଆରେ ବିଶ୍ୱୋତମୁଖୀ ହୋଇଥିବାର ଲକ୍ଷ୍ୟ କରାଯାଏ।

ବିଜ୍ଞାନ, ଶିକ୍ଷା, ଯୋଗାଯୋଗର ମାଧ୍ୟମ ଇତ୍ୟାଦି ଏହି ଆନ୍ଦୋଳନର ବାହକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଦେଖିବାକୁ ମିଳେ।

ପାଶ୍ଚାତ୍ୟ ମାନସଭୂମିକୁ ଆନ୍ଦୋଳିତ କରିଥିବା ଏହି ନବଜାଗରଣ ଊନବିଂଶ ଶତକରେ ଭାରତୀୟ ଚିନ୍ତନ-ରାଜ୍ୟକୁ ଅନୁପ୍ରବେଶ କରିଥିଲା। 'ଆଧୁନିକ ଓଡ଼ିଆ କାବ୍ୟଧାରା' ପୁସ୍ତକରେ ଡଃ ନରେନ୍ଦ୍ରନାଥ ମିଶ୍ର ଯଥାର୍ଥରେ କହିଛନ୍ତି "ଯେଉଁ ଇଉରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରି ଶହ ବର୍ଷର ବହୁ ସାଧନା, ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତ ବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ବା ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ।"

ରାଜା ରାମମୋହନ ରାୟ (୧୭୭୨-୧୮୩୩), ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୩୩), ମାଇକେଲ ମଧୁସୂଦନ ଦ (୧୮୨୪-୧୮୭୩), କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ବଙ୍କିମଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪), ଜଗଦିଶଚନ୍ଦ୍ର ବୋଷ (୧୮୫୮-୧୯୩୭) ପ୍ରମୁଖ ବଙ୍ଗୀୟ ଦାର୍ଶନିକ, ଚିନ୍ତାନାୟକ, ସାହିତ୍ୟିକ, ବୈଜ୍ଞାନିକ ପ୍ରମୁଖ ନବଜାଗରଣର ବାହକ ଭାବରେ ଭାରତ ବର୍ଷରେ ଅଗ୍ରଗାମୀ ସଂକେତ ପ୍ରସାରଣ କରିପାରିଥିଲେ। "ପାଶ୍ଚାତ୍ୟ ସଂସ୍ପର୍ଶର ପରିମାଣରୁ ହିଁ ଓଡ଼ିଆର ମାନସ ଭୂମିରେ ସାଂସ୍କୃତିକ ନବ ଅଭ୍ୟୁଦୟ ପ୍ରତ୍ୟକ୍ଷ ହେଲା। ଏଠାରେ ମଧ୍ୟ ସେମାନଙ୍କ ରେନେସାଁସ୍ ଯୁଗୀୟ କର୍ମଧାରର ଅନୁରୂପତା କେତେକ ସ୍ଥଳରେ ଲକ୍ଷିତ ହୋଇଥିଲା। ଓଡ଼ିଶୀ ଚିନ୍ତାଧାରାରେ ବାସ୍ତବମୁଖୀ ଆବେଗ, ମାନବିକ ଚିନ୍ତନ ଏବଂ ଜାତୀୟ ଭାଷା –ସଂସ୍କୃତି ଅଭିବୃଦ୍ଧିରେ ଆତ୍ମନିୟୋଗ କରିବା ପାଇଁ ଏକନିଷ୍ଠତା ପ୍ରକାଶ ପାଇଥିଲା।" ଡ. କ୍ଷେତ୍ରବାସୀ ନାୟକଙ୍କ ଏ ମନ୍ତବ୍ୟର ଯଥାର୍ଥତା ଅନୁଭବ କରିହୁଏ।

୧.୨ ଓଡ଼ିଶାରେ ନବଜାଗରଣ

ଇଂରେଜମାନଙ୍କ ଓଡ଼ିଶା ଆଗମନର ଅନେକ ବର୍ଷ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କାଳଖଣ୍ଡରେ ନବ ଅଭ୍ୟୁଦୟ ଏ ଦେଶର ଭାବଭୂମିକୁ ପରିବ୍ୟାପ୍ତ ହୋଇଥିବାର ଲକ୍ଷ୍ୟକରାଯାଏ। ୧୮୦୩ ମସିହାରେ ଦେଓଗ୍ରାମ ସନ୍ଧି ଅନୁଯାୟୀ ଓଡ଼ିଶା ବ୍ରିଟିଶ କମ୍ପାନୀ ଶାସନାଧୀନ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନାନା ପରିବର୍ତ୍ତନର ସୂତ୍ରପାତ ହେଲା। ଖ୍ରୀଷ୍ଟିଆନ୍ ଶାସକମାନଙ୍କ ସହିତ ଖ୍ରୀଷ୍ଟିୟାନ ମିଶ୍‌ନାରୀମାନେ ଏହି ପରିବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କଲେ। ସେତେବେଳେ ଓଡ଼ିଶାର ରାଜତନ୍ତ୍ର ଖଣ୍ଡବିଖଣ୍ଡିତ। କେବଳ ନାମକୁ ମାତ୍ର ଗଜପତି ରାଜ ପରମ୍ପରା ରହିଥିଲା। ଗଡ଼ଜାତ ରାଜ୍ୟ ଓ ରାଜତନ୍ତ୍ରରେ ଜନସାଧାଣଣ ଅତିଷ୍ଠ ହୋଇପଡ଼ିଥିଲେ। ପୂର୍ବର ମୁସଲମାନ, ମୋଗଲ ଓ ମରହଟ୍ଟା ଶାସନରେ ସମାଜରେ ଏକ ପ୍ରକାର ସ୍ଥାଣୁତା ଖେଳିଯାଇଥିଲା। ତେଣୁ ଖ୍ରୀଷ୍ଟିଆନମାନଙ୍କ ନୂତନ ପଦକ୍ଷେପ ଦ୍ୱାରା ଆକର୍ଷିତ ହୋଇ ରାଜନୀତିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନର ଧାରା ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ସଂଚରିତ ହେବାକୁ ଲାଗିଲା। ଏହି ବିବର୍ତ୍ତନ କାଳ ଯଦିଓ ଅନେକ ପ୍ରତିରୋଧ-ପ୍ରତିବାଦର ସଂଘର୍ଷ ଦେଇ ଗତି କରିଥିଲା, ତଥାପି ଶାସକ ଦ୍ୱାରା ଶାସିତର ଅଭିଳାଷ ଚରିତାର୍ଥ ହେବା ନ୍ୟାୟରେ ଓଡ଼ିଶାବାସୀ ଇଂରେଜମାନଙ୍କ କର୍ତ୍ତୃକ ପ୍ରଣୀତ ନୂତନ ବ୍ୟବସ୍ଥାକୁ ଆପଣାର କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହେବାରୁ ଏକ ସେଚତନଶୀଳ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଡେଲା। ଏମାନେ ଦେଶବିଦେଶରେ ଘଟୁଥିବା ପରିବର୍ତ୍ତନ ସହ ସମ୍ପର୍କ ରଖିବାର ସାମର୍ଥ୍ୟ ଅର୍ଜନ କରିପାରିଲେ। ବିଶେଷ କରି ପାଶ୍ଚାତ୍ୟ ସାହିତ୍ୟ ତଥା ପଡ଼ୋଶୀ ବଙ୍ଗଳା ଭାଷାର ନୂତନ ସାହିତ୍ୟର ସାନ୍ନିଧ୍ୟ ଲାଭକରି ଓଡ଼ିଶାରେ ଏକ ନବୀନ ସାହିତ୍ୟିକ ଗୋଷ୍ଠୀ ଆବିର୍ଭୂତ ହେଲେ। ସେମାନେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପାରିମ୍ପରିକ କଳାକଳେବର ପରିହାର କରି ଏକ ନୂତନ ରୁଚିର ପ୍ରବାହ ସୃଷ୍ଟି କରିପାରିଲେ, ଯାହା ଆଧୁନିକ ସାହିତ୍ୟ ଭାବରେ ଆତ୍ମପ୍ରକାଶ କଲା। ଧର୍ମ ପଣ୍ଡିତ ପ୍ରାଚୀନ ସାହିତ୍ୟର ପୌରାଣିକ ଆବେଦନ ଓ ରୀତି ଆଦର୍ଶ ମଣ୍ଡିତ ମଧ୍ୟଯୁଗୀୟ ସାହିତ୍ୟର ସାମନ୍ତବାଦୀ ବିଳାସକୁ ପରିହାର କରି ନବ ଚେତନା ଚିତ୍ରିତ ଆଧୁନିକ ଓଡ଼ିଆ ସାହିତ୍ୟର ଜୀବନବାଦୀ ଦୃଷ୍ଟିକୋଣ ଆତ୍ମପ୍ରକାଶ ମୂଳରେ ଅନେକ ସମୟୋପଯୋଗୀ କାରଣ ଅବଶ୍ୟ ସନ୍ନିହିତ। ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ଆବିଷ୍କ୍ରିୟାର ପ୍ରୟୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ରେଳପଥ ସଂଯୋଗ, ଡାକ ଓ ତାର ବିଭାଗ ପ୍ରତିଷ୍ଠା ଇତ୍ୟାଦି ଯୋଗୁ ଭାରତର ଜୀବନ ଧାରାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଲା। ଏଥିସହିତ ନୂତନ ଶିକ୍ଷାନୀତି ପ୍ରଚଳନ, ମୁଦ୍ରଣ ଯନ୍ତ୍ରର ସ୍ଥାପନ, ପତ୍ରପତ୍ରିକା ପ୍ରକାଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଆଦି ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନରେ ଯଥେଷ୍ଟ ସହାୟକ ହୋଇଥିବାର ଲକ୍ଷ୍ୟକରାଯାଏ।

୧.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

ନବଚେତନାର ମାଧ୍ୟମ ଭାବରେ ଇଂରେଜୀ ଶିକ୍ଷା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ପାଇଁ ସର୍ବ ପ୍ରଥମେ ମିଶନାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନଙ୍କ ପଚେଷ୍ଟାରେ ୧୮୨୩ ମସିହାରେ ଏକ ଚାରିଟି ସ୍କୁଲ ପ୍ରଥମେ କଟକରେ ହିଁ ସ୍ଥାପିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଓଡ଼ିଶା ବିଭିନ୍ନ ଅଞ୍ଚଳରେ ସ୍କୁଲମାନ ପ୍ରତିଷ୍ଠା କରି ଇଂରାଜୀ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଜ୍ଞାନ ବିତରଣ ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ଥିଲା ମିଶନାରୀମାନଙ୍କ ଶିକ୍ଷା ପ୍ରସାରର ପ୍ରାଥମିକ ଉଦ୍ଦେଶ୍ୟ। ୧୮୩୫ ମସିହାରେ ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହେବାରୁ ପ୍ରକୃତପକ୍ଷେ ଏ ଦେଶର ଲୋକେ ଆଧୁନିକ ଶିକ୍ଷା ପ୍ରାପତ ହେବା ସହିତ ପାଶ୍ଚାତ୍ୟ ସଭ୍ୟତା ସଂସ୍ପର୍ଶରେ ଆସିପାରିଲେ। ଏହି ଅବସରରେ ଲର୍ଡ ମାକ୍‌ଲେଙ୍କ ଶିକ୍ଷା ଆଇନ ପ୍ରଣୟନ ପାଇଁ ନୂତନ ସୁପାରିଶକୁ ସ୍ମରଣ କରାଯାଇପାରେ। "We must at present do our best to form a class who may be interpreters between us and millions whom we govern, - a class of persons Indian in blood and colour, but English in tastes, in opinions, in morals and in intellect. To that class we may leave it to refine the vernacular dialectsof the country, to enrich these dialects with terms of science borrowed from the Western nomenclature and to render them by degrees fit vehicles for conveying knowledge to great mass of the population." (T.B. Macaulay-1835)

ପୁରୀ ଫ୍ରି ଏକାଡେମୀ (୧୮୩୫), କଟକ ଇଂଲିଶ ଚାରିଟି ସ୍କୁଲ (୧୮୪୧- ପରେ ତାହା କଟକ ଜିଲ୍ଲା ସ୍କୁଲରେ ପରିଣତ - (୧୮୮୫) ପୁରୀ ଜିଲ୍ଲା ସ୍କୁଲ (୧୮୫୩) ବାଲେଶ୍ୱର ଜିଲ୍ଲାସ୍କୁଲ (୧୮୫୩) ପ୍ରଭୃତି ସ୍ଥାପିତ ହୋଇ ଉପକୂଳ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରସାର ଓ ପ୍ରଚାର ଘଟିଲା। ୧୯୦୫ ମସିହାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳ ଓଡ଼ିଶା ସହ ମିଶି ବଙ୍ଗ ଶାସନାଧୀନ ହେବାରୁ ଏହି ଅଞ୍ଚଳରେ ଇଂରାଜୀ ଶିକ୍ଷାର ଶୁଭାରମ୍ଭ ହେଲା। ଅବଶ୍ୟ ତତ୍‌ପୂର୍ବରୁ ଦେଶୀୟ

ରାଜାମାନଙ୍କ ଉଦ୍ୟମରେ ଏ ଦିଗରେ କେତୋଟି ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା। ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ଦେବଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ *୧୮୮୮), ପାଟଣା ରାଜା ରାମଚନ୍ଦ୍ର ଦେବ ୩ୟଙ୍କ ଦ୍ୱାରା ବଲାଙ୍ଗୀର ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୮୯୪) ପଶ୍ଚିମ ଓଡ଼ିଶାରେ ଇଂରାଜୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା। ୧୯୦୭ ମସିହା ବେଳକୁ ବଲାଙ୍ଗୀରରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲାର ଓ ମଧ୍ୟ ଭର୍ଣ୍ଣାକୁଲାର ଇଂରାଜୀ ସ୍କୁଲ, ସୋନପୁରରେ ଦୁଇଟି ମଧ୍ୟ ଇଂରାଜୀ ସ୍କୁଲ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା।

ଊନବିଂଶ ଶତାବ୍ଦୀର ନୂତନ ଶିକ୍ଷା ବ୍ୟବସ୍ଥାର ଦାୟାଦେ ଭାବରେ ଯେଉଁ ଶିକ୍ଷିତ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ରେନେସାଁ ଆଣିବାକୁ ସମର୍ଥ ହେଲେ, ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ୍, ଫକୀରମୋହନ ସେନାପତି, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ସାଧୁ ଚରଣ ରାୟ, ମଣିଚରଣ ମହାପାତ୍ର,ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା, ରେବାରାୟ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ, ଗୋପବନ୍ଧୁ ଦାଶ, ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଅଜୟଚନ୍ଦ୍ର ଦାସ ପ୍ରମୁଖଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ପରେ କଲିକତା ପ୍ରେସିଡେନ୍ସି କଲେଜରେ ଏଫ. ଏ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରତିଭାବନ୍ତ ସ୍ରଷ୍ଟା ରାଧାନାଥ ରାୟ ହିଁ ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ମନ୍ତ୍ରଦାତା ରୂପେ ଆଲୋଚିତ। ଇଂରେଜ ଶିକ୍ଷା ଅନୁଷ୍ଠାନ ସଂସର୍ଗ ହିଁ ତାଙ୍କୁ ନୂତନ ଭାବ ରାଜ୍ୟରେ ଅନୁପ୍ରବେଶ ପାଇଁ ଉତ୍ସାହିତ କରିଥିଲା ଏବଂ ପରବର୍ତ୍ତୀ କାଳରେ ଇଂରେଜ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ପ୍ରଭାବିତ ହୋଇ ସେ ବହୁ ପରୀକ୍ଷାନିରୀକ୍ଷାର ପ୍ରୟୋଗ ପୂର୍ବକ ଆଧୁନିକ ସାହିତ୍ୟର ବିଶାଳ ସୌଧ ନିର୍ମାଣରେ ସମର୍ଥ ହୋଇପାରିଥିଲେ। ଉଚ୍ଚ ଶିକ୍ଷିତ ରାଧାନାଥ ଇଂରେଜ କବି ସେର୍, ସେକ୍ସପିଅର, ସ୍ପେନସର, କାଉପର, ମିଲଟନ, ଗୋଲ୍ଡସ୍ମିଥ୍, ବାଇରନ୍, ସ୍କଟ, ମେଲି, ୱାର୍ଡସୱାର୍ଥ, ଟେନିସନ ପ୍ରମୁଖଙ୍କ କାବ୍ୟ ନାଟକାଦି ପାଠ କରିଥିଲେ। ତତ୍ ସହିତ ବଙ୍ଗଳାର କବି ଭାରତଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ ମଧୁସୂଦନ ଦ ପ୍ରମୁଖଙ୍କୁ ଗଭୀର ଭାବେ ଅଧ୍ୟୟନ କରି ସର୍ଜନଶକ୍ତିକୁ ନୂତନେ ମାର୍ଗରେ ପରିଚାଳିତ୍ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ। ହୁଗୁଳି କଲେଜରୁ ଏଫ.ଏ. ଶିକ୍ଷା ପ୍ରାପ୍ତ ଜଗମୋହନ ଲାଲ୍ଙ୍କର ଉଚ୍ଚ ଇଂରାଜୀ ଜ୍ଞାନ ତାଙ୍କୁ ନୂତନ ସାହିତ୍ୟକର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା। 'ଭ୍ରମଭଂଜନ' (୧୮୬୮) ଭଳି ପ୍ରସିଦ୍ଧ ଅନୁଦିତ କାବ୍ୟ (ଥୋମାସ୍ ପାର୍ନେଲ୍ଙ୍କ ଦା ହାରମିଟ୍ ) ର ରଚନା ସହିତ ଓଡ଼ିଆ ଭାଷାର ଆଦି ନାଟକ ବାବାଜୀ ନାଟକ ରଚନା କରି ସେ ସଂସ୍କାର ବୋଧର ଯେଉଁ ନିଦର୍ଶନ ଦେଇଛନ୍ତି, ତାହା ଉଚ୍ଚ ଶିକ୍ଷାର ଫଳଶ୍ରୁତି।

ଭକ୍ତକବି ମଧୁସୂଦନ ରାଓ ଏଫ.ଏ. ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ଛାତ୍ରାବସ୍ଥାରୁ ଇଂରେଜୀ ସାହିତ୍ୟର ବହୁ ସ୍ରଷ୍ଟାଙ୍କ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ରାଧାନାଥଙ୍କ ସଂସ୍ପର୍ଶରେ ଆସି ନୂତନ ଧାରାର ବାହକ ହୋଇପାରିଥିଲେ। ସେ ଇଂରେଜୀ ସହିତ ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିବାରୁ ତାଙ୍କ ରଚନାବଳୀରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ପରିଲକ୍ଷିତ ହୁଏ। ଜର୍ମାନ କବି ଗେଟେଙ୍କର ଜୀବନାଦର୍ଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଂକ କଂଠରୁ ନିର୍ଗତ ହୋଇଥିଲା - "More light, More air, May German Father Goethe come.' ଉଚ୍ଚଶିକ୍ଷା ପ୍ରଭାବରୁ ହିଁ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟ ଜୀବନ ସମୃଦ୍ଧ ହୋଇଥିଲା। ଡ. ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଛନ୍ତି "ଏ ଶିକ୍ଷା ଏ ସୃଷ୍ଟି ଆଦର୍ଶ ବିନା ଗୋଟିଏ ପଲ୍ଲୀଚିତ୍ର, ଗୋଟିଏ ନିର୍ଝରିଣୀ, ଗୋଟିଏ ନାନାବାୟା ଗୀତ, ଏ ସାହିତ୍ୟରେ କେବେ ସମ୍ଭବପର ହୋଇଥାନ୍ତା ବୋଲି ବିଶ୍ୱାସ କରି ହେଉନାହିଁ।"

ଆଦି ପର୍ଯ୍ୟାୟରେ ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ଏଫ. ଏ. ପଢ଼ିବା କାଳରେ ଇଂରେଜ ସାହିତ୍ୟ ସହିତ ବିଶେଷ ପରିଚୟ ଲାଭ କରିଥିଲେ। ଏଥିସହିତ ବଙ୍ଗଳା ଭାଷା ସାହିତ୍ୟ ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ବ୍ୟଙ୍ଗ ବିଦ୍ରୁପ

ଜରିଆରେ ସମାଜ ସଂସ୍କାର ମୂଳକ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରସିଦ୍ଧି ଏଇ ଉଚ୍ଚ ଶିକ୍ଷାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ଅନ୍ୟତମ ପ୍ରବ ର୍କ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ଉଚ୍ଚ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ପାଶ୍ଚାତ୍ୟାଦର୍ଶର ସାହିତ୍ୟ ସହିତ ପରିଚିତ ଥିଲେ। ସେମାନଙ୍କ ସୃଷ୍ଟିରେ ପ୍ରାଚ୍ୟ-ପାଶ୍ଚାତ୍ୟ ସମନ୍ୱୟବାଦୀ ଭାବନାର ପରିପ୍ରକାଶ ମୂଳରେ ନୂତନ ପରିବେଷ୍ଟନୀର ପ୍ରଭାବ ସ୍ୱଷ୍ଟଲକ୍ଷ୍ୟ କରାଯାଏ।

ସତ୍ୟବାଦୀର ଗୋପବନ୍ଧୁ, ନୀଳକଣ୍ଠ, ଗୋଦବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ପ୍ରମୁଖ ଉଚ୍ଚ ଶିକ୍ଷିତ ଥିଲେ। ଏଇ ଉଚ୍ଚଶିକ୍ଷା ହିଁ ସେମାନଙ୍କ ସାହିତ୍ୟିକ କୃତିତ୍ୱରେ ନୂତନତାର ପ୍ରାଣସ୍ପନ୍ଦନ କରିଦେବା ସହ ଜାତୀୟତାବାଦ ଚେତନାକୁ ଋଦ୍ଧିମନ୍ତ କରିଥିଲା।େ ଉଚ୍ଚ ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିବାର ମୁକ୍ତ ସ୍ୱୀକାର ଗୋପବନ୍ଧୁଙ୍କର ଏକ କବିତାରୁ ଲକ୍ଷ୍ୟକରିହେବ। ରେଭେନ୍ସାେ କଲେଜରୁ ବିଦାୟ' ଶୀର୍ଷକ କବିତାରେ ମାତୃକଳ୍ପ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେ ନିବେଦନ କରିଛନ୍ତି -

କିନ୍ତୁ ମୋ ମନ ନୟନ କରି ମାତା ଉନ୍ମୀଳନ

ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,

ଆମରଣ ତହିଁ ଯୋଗେ ହେବି କୃତ୍ୟ କୃତ୍ୟ।

ଶିଖାଉଛ ଯେଉଁ ଶିକ୍ଷା ଦେଇଅଛ ଯେଉଁ ଦୀକ୍ଷା

ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,

ଏହି ଶିକ୍ଷା ଅକି ନ କରେ ଶ୍ରୀଚରଣେ। (ଅବକାଶ ଚିନ୍ତା)

ପାଶ୍ଚାତ୍ୟ ଚିନ୍ତାଦର୍ଶ ହିଁ ଓଡ଼ିଆ ସାରସ୍ୱତ ସମ୍ଭାରକୁ ସମୃଦ୍ଧ କରିବା ସହିତ ନବ ଉନ୍ମେଷ ପର୍ବର ସ୍ଥିତିକୁ ସଦୃଢ଼ କରିପାରିଥିଲା। ନବ ଅଭ୍ୟୁଦୟର ଏହି ପ୍ରମୁଖ କାରଣଟି ସମ୍ଭବ ହୋଇପାରିଥିଲା ମାକେଲଙ୍କ ଶିକ୍ଷାନୀତି ପ୍ରଣୟନ ଯୋଗୁଁ। ତତ୍‌ପୂର୍ବରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିଲେ ଜାତି ଯିବ ଧର୍ମହାନି ଘଟିବ ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ପୂରି ରହିଥିଲା। ମାକେଇ ଶିକ୍ଷାନୀତି ଅନୁଯାୟୀ ଇଂରାଜୀ ଶିକ୍ଷାଗ୍ରହଣ ବିନାେ ସରକାରୀ ଚାକିରି ପାଇବା ଅସମ୍ଭବ ଘୋଷିତ ହେଲା। ଜୀବିକାର୍ଜନ ଉଦ୍ଦେଶ୍ୟରେ କ୍ରମଶଃ ଇଂରାଜୀ ଶିକ୍ଷା ପ୍ରତି ଲୋକମାନଙ୍କ ମଧ୍ୟରେ ଆଗ୍ରହ ପ୍ରକଟିତ ହେଲା ଏବଂ ସେହି ସୂତ୍ରରେ ଓଡ଼ିଶାରେ କ୍ରମଶଃ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ଅନୁଚିନ୍ତା ଅନୁପ୍ରବେଶ କରିବାରେ ସଫଳ ହୋଇପାରିଥିଲା। ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବ ର୍ନ ହିଁ ସାହିତ୍ୟର ଗତି ବଳାଇ ଦେଇଥିଲା। ଉନବିଂଶ ଶତକରେ ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ସୂତ୍ରପାତ ହୋଇଥିବାେ ଏହି ନବ ଅଭ୍ୟୁଦୟ ମୂଳରେ ପାଶ୍ଚାତ୍ୟ ଶିକ୍ଷାର ଅବଦାନ ତେଣୁ ସର୍ବାଦୌ ସ୍ମରଣୀୟ ହୋଇ ରହିବ।

## ୧.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

ଓଡ଼ିଆ ସାହିତ୍ୟରେ ନବଜାଗରଣର ଦ୍ୱାର ଉନ୍ମୁକ୍ତ କରିବାରେ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଅବଦାନ ନଅଭୂତ ହୁଏ। ୧୮୨୧ ମସିହାରେ ମିଶନାରୀମାନଙ୍କ ଦ୍ୱାରାେ କଲିକତାର ଶ୍ରୀରାମପୁରରୁ ପ୍ରଥମେ ଓଡ଼ିଆ ଅକ୍ଷରର ବାଇବେଲ ଛପା ହୋଇ ଓଡ଼ିଶରେ ବ । ଯାଇଥିଲା। ସମ୍ଭବତଃ ବାଇବେଲ ହିଁ ଓଡ଼ିଆରେ ପ୍ରଥମ ଛପା ଅକ୍ଷର ବହି। ତତ୍‌ପୂର୍ବରୁ ଲେଖନୀ ଦ୍ୱାରା ଖୋଦିତ ତାଳପତ୍ର ପୋଥି ହିଁ ଥିଲା ସାହିତ୍ୟ ସଂବହନର ମାଧ୍ୟମ। ଖ୍ରୀଷ୍ଟୀୟାନ୍ ମିଶନାରୀ ମାନଙ୍କ ଉଦ୍ୟମରେ ପ୍ରଥମେ ଛପା ଅକ୍ଷରରେ ପୁସ୍ତକ ପ୍ରକାଶ କରିବାର ଶୁଭାରମ୍ଭ ହେବା ଏ ଦେଶରେ ସାହିତ୍ୟିକ ଓ ସାଂସ୍କୃତିକ ପରିମଣ୍ଡ ପାଇଁ ଥିଲା ଅନ୍ୟ ଏକ ବରଦାନ। ସେମାନେ ଯଦିଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇ ପୁସ୍ତକମାନ ପ୍ରସ୍ତୁତ

କରୁଥିଲେ, ତାହାରି ଭିତରେ ହିଁ ଏ ଦେଶର ଜନସାଧାରଣ ମାତୃଭାଷା ଅକ୍ଷରର ନୂତନ ରୂପରେଖ ଦର୍ଶନ କରି ଆମୋଦିତ ହେବାର ସୌଭାଗ୍ୟ ଲାଭ କରିଥିଲେ।

ଭାରତର ଅନ୍ୟ ସବୁ ଅ ଳ ପରି ଓଡ଼ିଶାରେ ମଧ୍ଧ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିଆନ୍ ମିଶନାରୀମାନେ ପ୍ରଥମେ ଆରମ୍ଭ କରିଥିଲେ। ସେମାନେ ସର୍ବପ୍ରଥମେ କଟକରେ ୧୮୩୬ ମସିହାରେ 'ଓଡ଼ିଅଶା ମିଶନ ପ୍ରେସ୍' ପ୍ରତିଷ୍ଠା କରିଥିଲେ। ଏହାହିଁ ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣାଳୟ। କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଆ ଅକ୍ଷରରେ ପୁସ୍ତକମାନ ପ୍ରକାଶ ପାଇଥିଲା ଏଇ ମିଶନାରୀମାନଙ୍କ ଦ୍ୱାରା। ଶ୍ରୀରାମପୁରରେ ପ୍ରତିଷ୍ଠିତ ଛାପାଖାନାରୁ ପ୍ରଥମ ଓଡ଼ିଆ ବହି ନିଉଟେଷ୍ଟାମେ (New Testament) ପ ମ ଭାଗ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା। ଏହା ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଓଡ଼ିଆରେ ଅନୁବାଦିତ ହୋଇଥିଲା। ଓଡ଼ିଆ ସୀସା ଅକ୍ଷରଛା ପ ।ନନ କର୍ମକାର ନାମକ ଜଣେ କାରିଗର ପାଦ୍ରୀମାନଙ୍କ ତ ୍ୱାବଧାନରେ ତିଆରି କରିଥିଲେ। ମିସନପ୍ରେସ୍ ପ୍ରତିଷ୍ଠିତ ହେବା ପରେ ସେଠାରୁ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ବଳିତ ପୁସ୍ତକମାନ ପ୍ରକାଶିତ ହୋଇ ବ ନ ଆରମ୍ଭ ହେଲା। ୧୮୪୯ ମସିହାରେ ଉଇଲିୟମ୍ ସି.ଲେସିଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ପ୍ରକାଶ ପାଇଲା। ୧୮୫୬ ମସିହାରେ ପୁନଶ୍ଚ ସେଇ ପାଦ୍ରୀମାନଙ୍କ ଉଦ୍ୟମରେ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକା ଏବଂ ୧୮୬୧ ମସିହାରେ ଉର୍ଣ୍ଣାକୁଲାର ଲିଟେରେଚର ସୋସାଇଟି ତରଫରୁ 'ଅରୁଣୋଦୟ' ନାମରେ ଏକ ମାସିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ଏ ସମସ୍ତ ପତ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ ପାଇଥିଲା ଏବଂ ଏଗୁଡ଼ିକରେ ବ୍ୟବହୃତ ଓଡ଼ିଆ ଭାଷା ଅପରିପକ୍ୱ ଥିଲା।

ଓଡ଼ିଆ ନବଜାଗରଣ ପାଇଁ ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକର ଭୂମିକା ପ୍ରଶଂସାର୍ହ। ଉତ୍କଳ ଦୀପିକା (୧୮୬୬), ଉତ୍କଳ ଦର୍ପଣ (୧୮୭୩), ଉତ୍କଳପତ୍ର (୧୮୭୩), ବୋଧଦାୟିନୀ (୧୮୬୮), ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ମଧୁପ (୧୮୭୮), ପ୍ରଜାବନ୍ଧ (୧୮୮୨), ସଂସ୍କାରକ (୧୮୮୩), ଶିକ୍ଷାବନ୍ଧୁ (୧୮୮୬), ସମ୍ବଲପୁର ହିତେଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୨), ଉତ୍କଳ ସାହିତ୍ୟ (୧୮୯୭), ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯), ମୁକୁର (୧୯୦୫), ଆଶା (୧୯୧୩) ଓ ସତ୍ୟବାଦୀ (୧୯୧୫) ପ୍ରଭୃତି ପତ୍ରପତ୍ରିକାଗୁଡ଼ିକର କୃତିତ୍ୱ ବିଚାର୍ଯ୍ୟ।

୧୮୬୬ର ନିଦାରୁଣ ନଅଙ୍କ ଦୁର୍ଭିକ୍ଷ ବର୍ଷ ଓଡ଼ିଶାର ଦ୍ୱିତୀୟ ଛାପାଖାନା କଟକ ପ୍ରି ିଂ କମ୍ପାନୀ ପ୍ରେସ୍ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଏବଂ ସେହିଠାରୁ ସର୍ବପ୍ରଥମ ସାପ୍ତାହିତ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହେଲା। ଓଡ଼ିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭିକ ଭାବରେ ପ୍ରକାଶ କରି ଏହାର ସମ୍ପାଦକ ଗୌରୀଶଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନବଯୁଗର ବା ୍ ସଂଚାର ପାଇଁ ଅ ।ଭିଡ଼ିଥିଲେ। ସେ ସମୟରେ କେତେକ ବଂଗାଳୀ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ସ୍କୁଲମାନଙ୍କରୁ ଉଠାଇଦେଇ ବଙ୍ଗଭାଷା ଓ ଲିପି ପ୍ରଚଳନ ପାଇଁ ହୀନ ଉଦ୍ୟମ କରିଥିଲେ। ମାତ୍ର 'ଉତ୍କଳ ଦୀପିକା' ମାଧମରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ତତ୍କାଳୀନ ବାଲେଶ୍ୱର ଜିଲ୍ଲା କଲେକ୍ଟର ଜନ ବିମ୍‌ସ ଓ ଓଡ଼ିଶାର କମିଶନର ମି. ରେଭେନ୍ସା ସାହେବଙ୍କ ସହାୟତାରେ ତାର ପ୍ରତିଶୋଧ କରି ଏହି ଆନ୍ଦୋଳନକୁ ପଣ୍ଡ କରିପାରିଥିଲେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଉର୍ବର କ୍ଷେତ୍ର ସ୍ଥାପନ କରିଥିଲେ। ପରବ ୀ ସମୟରେ ଓଡ଼ିଶାରେ ପ୍ରତିଷ୍ଠିତ ମୁଦ୍ରଣଖାନାଗୁଡ଼ିକର ଏକ ସାରଣୀ ନିମ୍ନରେ ପ୍ରଦ ।

୧୮୬୮ - ଉତ୍କଳ ପ୍ରି ିଂ କୋମ୍ପାନୀ, ବାଲେଶ୍ୱର

୧୮୭୩ - ଦେ ପ୍ରେସ୍, ବାଲେଶ୍ୱର

୧୮୭୩ - ଓଡ଼ିଶା ପେଟ୍ରିଅଟ୍ ପ୍ରେସ୍, କଟକ

୧୮୭୫ - ଶ୍ରୀମସରାମୃତ ସିନ୍ଧୁ ପ୍ରେସ୍, ବ୍ରହ୍ମପୁର

୧୮୭୯ – ମୟୂରଭଞ୍ଜ ପ୍ରେସ୍, ବାରିପଦା

୧୮୮୫ – ଭିକ୍ଟୋରିଆ ପ୍ରେସ୍, କଟକ

୧୮୮୫ – ଜଗନ୍ନାଥ ବଲ୍ଲଭ ପ୍ରେସ୍, ବାମଣ୍ଡା

୧୮୮୫ – ଗଜପତି ଭୀମଦେବ ପ୍ରେସ୍, ବଡ଼ଖେମୁଣ୍ଡି

୧୮୯୦ – ପୁରୀ ପ୍ରି ିଂ କର୍ପୋରେସନ, ପୁରୀ

୧୮୯୩ – ଅରୁଣୋଦୟ ପ୍ରେସ୍, କଟକ

୧୮୯୪ – ରାୟ ପ୍ରେସ୍, କଟକ

୧୮୯୬ – ଗଜପତି ପ୍ରେସ୍, ପାରଳାଖେମୁଣ୍ଡି

୧୮୯୭ – ଉତ୍କଳ ସାହିତ୍ୟ ପ୍ରେସ୍, କଟକ

୧୮୯୯ – ବିନୋଦ ପ୍ରେସ୍, ବାଲେଶ୍ୱର

୧୯୦୨ – ବୌଦରାଜ ପ୍ରେସ୍, ବୌଦ

୧୯୧୦ – ମୁକୁର ପ୍ରେସ୍, କଟକ

ପରବ ୀ ସମୟରେ ଆହୁରି ଅନେକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲେ ହେଁ ଉପର୍ଯ୍ୟୁକ୍ତ ପ୍ରେସ୍‌ଗୁଡ଼ିକରୁ ଅଧିକାଂଶ ଓଡ଼ିଆ । ନବଜାଗରଣର ବା ିବହ ଭାବରେ ଅବତୀର୍ଣ୍ଣ ହୋଇଥିଲେ ।

ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ପ୍ରି ିଂ କମ୍ପାନୀ'କୁ ଆଧାରକରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା ପ୍ରକାଶ ପାଇଲା । ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସ୍‌ରୁ ୧୮୭୩ରେ ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ଆତ୍ମପ୍ରକାଶ କଲା । ଏହି ପତ୍ରିକା ହିଁ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରମୁଖଙ୍କ ଗଦ୍ୟ ଓ ପଦ୍ୟ ରଚନାକୁ ସ୍ଥାନଦେଇ ନୂତନ ପ୍ରବାହ ସୃଷ୍ଟିକଲା । ରାଧାନାଥଙ୍କ ଦ୍ୱାରା ରଚିତ 'ବିବେକୀ' ପ୍ରବନ୍ଧ ପ୍ରଥମେ ଏହି ପତ୍ରିକାରେ ହିଁ ସ୍ଥାନ ପାଇଥିଲା । ନବ ଚିନ୍ତନର ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ଓଡ଼ିଆ ସାହିତ୍ୟରେ ରେନେସାଁ ସୃଷ୍ଟିର ଐତିହାସିକ ଭୂମିକା ନିଭାଇବାରେ ଉତ୍କଳଦର୍ପଣ ଅବିସ୍ମରଣୀୟ ହୋଇ ରହିବ ।

ଉତ୍କଳ ସଭା ଆନୁକୁଲ୍ୟରେ କଟକରୁ ଉତ୍କଳ ମଧୁପ ପତ୍ରିକା ୧୮୭୮ରେ ପ୍ରକାଶ ପାଇଲା । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟସାହିତ୍ୟ ପରିପନ୍ଥୀ ଉତ୍କଳର ଯେଉଁ ସମ୍ବାହୀ ଯୁବକମାନେ ନୂତନ ସାହିତ୍ୟ ସୃଷ୍ଟିପାଇଁ ଅ ାଭିଡ଼ିଥିଲେ, ସେମାନଙ୍କର ନେତୃତ୍ୱ ନେଇଥିଲେ ରାମଶଙ୍କର ରାୟ । ତାଙ୍କର ସୌଦାମିନୀ (ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସ) ଓ ପ୍ରେମତରୀ ଏଥିରେ ପ୍ରକାଶ ପାଇଥିଲା । ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଆଧୁନିକ-ପ୍ରାଚୀନ ସଂଘର୍ଷ ଏଇ ପତ୍ରିକାକୁ କେନ୍ଦ୍ରକରି ଆରମ୍ଭ ହୋଇଥିଲା ।

ବାମଣ୍ଡା ରାଜାଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ୧୯୨୩ ପର୍ଯ୍ୟନ୍ତ ନିରନ୍ତରତା ରକ୍ଷା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲା । ରାଧାନାଥଙ୍କର 'ପାର୍ବତୀ' (୧୮୯୦), ଯଯାତିକେଶରୀ (୧୮୯୪), 'ଦରବାର' କାବ୍ୟର କିଛି ଅଂଶ (୧୮୯୪) ହିତୈଷିଣୀର ପୃଷ୍ଠାମଣ୍ଡନ କରିଥିଲା । ନନ୍ଦକିଶୋରଙ୍କ ପଲ୍ଲୀଚେତନା ସମ୍ବଳିତ ଅନେକ ନୂଆ ନୂଆ ରୁଚିର କବିତା ଯଥା – ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ଖଳା ଇତ୍ୟାଦି ଏଥିରେ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇଥିଲା । ଏହି ପତ୍ରିକାର ଅନ୍ୟତମ ଐତିହାସିକ ଅବଦାନ ହେଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ (୧୮୯୪) ବିରୁଦ୍ଧରେ

ଜନମତ ସୃଷ୍ଟିକରିବା ସହିତ ମଧ୍ୟପ୍ରଦେଶ ଶାସନ କର୍ତ୍ତୃତ୍ୱକୁ ମୁକ୍ତକରି ସମ୍ବଲପୁରକୁ ଓଡ଼ିଶା ସହ ସଂଯୁକ୍ତ କରିବା। ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୨) ପତ୍ରିକା ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ରଚନାକୁ ଗୁରୁତ୍ୱଦେଇ ରେନେସାଁ ଧାରାକୁ ଶକ୍ତିଶାଳୀ କରିଥିଲା। ଏହି ପତ୍ରିକା ସର୍ବପ୍ରଥମେ ଲେଖକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବାର ପରମ୍ପରା ସୃଷ୍ଟି କରିଥିଲା। ରାଧାନାଥଙ୍କ ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଇତ୍ୟାଦି କାବ୍ୟ, ମଧୁସୂଦନଙ୍କ ଋଷିପ୍ରାଣେ ଦେବାବତରଣ (୧୮୯୧), ଫକୀରମୋହନଙ୍କ 'ନିଦାଘ ନିଶିଥ ସ୍ୱପ୍ନ' ଆଦି ନୂତନ ଭାବଧାରା ନେଇ ଏଇ ପତ୍ରିକାରେ ପ୍ରକାଶ ପାଇଥିଲା।

'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ଅନ୍ୟତମ ସାରଥି। ପ୍ରବୀଣ ଓ ତରୁଣ ଲେଖକମାନଙ୍କୁ ସ୍ଥାନଦେଇ ଏହାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ନୂତନତାର ବାହକ ସାଜିଥିଲେ। ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ପ୍ରକାଶିତ ହୋଇ 'ଉତ୍କଳ ସାହିତ୍ୟ' ନବୀନ ଧାରକୁ ପରିପୁଷ୍ଟ କରିଥିଲା। ବିଶ୍ୱନାଥ କର ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇଥିବାରୁ ଉତ୍କଳ ସାହିତ୍ୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ ରଚନାବଳୀ ସମେତ ଆଧୁନିକ ଗଳ୍ପ, ଉପନ୍ୟାସ, ପୁସ୍ତକ ସମାଲୋଚନା, ପୁରାତନ କବିମାନଙ୍କ ସମ୍ପର୍କରେ ବିଶେଷ ରଚନା ଏତିରେ ସ୍ଥାନ ପାଇଥିଲା। ମଧୁସୂଦନ ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ମୋହିନୀ ମୋହନ ସେନାପତି, ସତ୍ୟାରାୟଣ ରାଜଗୁରୁ, କାମପାଳ ମିଶ୍ର, ଚନ୍ଦ୍ରମୋହନ ମହାରଣା, ଜଳନ୍ଧର ଦେବଙ୍କ ପରି ଲେଖକମାନଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ କରି ନୂତନ ଚେତନାଧାରାକୁ ସେ ଏଥିରେ ବଳବ ର କରିଥିଲେ। ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' (୧୮୯୮) ଏହି ପତ୍ରିରେ ସ୍ଥାନିତ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଅନ୍ୟଦୁଇଟି ପତ୍ରିକା ଇନ୍ଦ୍ରଧନୁ (୧୮୯୩) ଓ ବିଜୁଳି (୧୮୯୩) ଯଥାକ୍ରମେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ବିତର୍କମୂଳକ ବାତାବରଣ ସୃଷ୍ଟିକରି ପାଠକୀୟ ଦୃଷ୍ଟିଭଙ୍ଗୀରେ ବିବର୍ତ୍ତନ ଆଣିବାକୁ ଉଦ୍ୟମ କରିଥିଲେ।

ବିଂଶ ଶତାବ୍ଦର  ଆଦ୍ୟପାଦରେ ମୁକୁର (୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯) ନବଭାରତ (୧୯୩୪), ଆଧୁନିକ (୧୯୩୬) ଇତ୍ୟାଦି ପତ୍ରିକା ଓଡ଼ିଆ ସାହିତ୍ୟର ଧାରା ଓ ଧାରାକୁ ବହୁମାତ୍ରାରେ ପରିବ୍ୟାପ୍ତ କରିଥିବାର ଜଣାଯାଏ। ଗୋପବନ୍ଧୁ, ନୀଳକଣ୍ଠ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ପ୍ରମୁଖଙ୍କୁ ସ୍ଥାନଦେଇ ଏହାର ସମ୍ପାଦକ ବ୍ରଜସୁନ୍ଦର ଦାସ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। 'ମୁକୁର ଉପନ୍ୟାସମାଳା' କ୍ରମରେ ଉପନ୍ୟାସ ସାହିତ୍ୟର ପ୍ରଚାର ଓ ପ୍ରସାର ସେ ଘଟାଇଥିଲେ। ଏଥିସହିତ ସଂସ୍କାରଧର୍ମୀ ପ୍ରବନ୍ଧ ଯଥା ଶ୍ରୀବାସ ପଣ୍ଡାଙ୍କ 'ଯୁବତୀ ବିବାହ', 'ସ୍ତ୍ରୀ ଶିକ୍ଷା' ନୀଳକଣ୍ଠଙ୍କ 'ମୋ ନିଶ', ଗୋପବନ୍ଧୁଙ୍କ 'ବିବାହରେ ଅର୍ଥ ପ୍ରସଙ୍ଗ' ଆଦି ପ୍ରକାଶିତ ହୋଇ 'ମୁକୁର' ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରବର୍ତ୍ତୀ ସମୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦନାରେ ସହକାର ପତ୍ରିକା ଉପନ୍ୟାସ ପ୍ରକାଶନକୁ ପ୍ରାଧାନ୍ୟ ଦେଇଥିଲା। ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗତିମୁଖର ହୋଇଥିଲା। ପରମ୍ପରା, ସଂସ୍କୃତି, ଇତିହାସ କିମ୍ବଦନ୍ତୀକୁ ଆଧୁନିକ ଛା ରେ ପ୍ରକାଶ କରି ଜାତୀୟତାବାଦ ବିକାଶରେ ଏହା ବେଶ୍ ସହାୟକ ହୋଇଥିଲା।

ପତ୍ରପତ୍ରିକାଗୁଡ଼ିକ ହିଁ ସାହିତ୍ୟର ଆଦ୍ୟ ବାହକ। ଏ ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ରେନେସାଁ ପାଇଁ ସେ ସମୟରେ ପ୍ରକାଶିତ ପତ୍ରପତ୍ରିକା ସମୂହର ଗୁରୁତ୍ୱ ଉପଲବ୍ଧ ହୋଇଥାଏ।

### ୧.୫ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରତିଷ୍ଠା କରିବାରେ ଊନବିଂଶ ଶତକର ଶେଷପାଦରେ ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଅବଦାନ ସ୍ମରଣଯୋଗ୍ୟ। ତତ୍ପୂର୍ବରୁ ସଂସ୍କୃତି ଓ ସାହିତ୍ୟର ଆଲୋଚନା ପାଇଁ ଚଉପାଢ଼ୀ, ଭାଗବତ ଟୁଙ୍ଗୀ, ଅଲେଖଗାଦି ଭଳି ପ୍ରାଚୀନ ଅନୁଷ୍ଠାନ ଅବଶ୍ୟ ରହିଥିଲା। ସେଗଡ଼ିକ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଧର୍ମାନୁଷଙ୍ଗ ସାଧନରେ ସହାୟକ ହେଉଥିଲା। ଅପର ପକ୍ଷରେ ଊନବିଂଶ ଶତକରେ ଶିକ୍ଷିତ ମଧବି  ଗୋଷ୍ଠୀ ଜାତୀୟ

ବିକାଶରେ ଆଗଭର ହେବାରୁ ଏ ଦିଗରେ ପରିବର୍ତ୍ତନର ଧାରା ପ୍ରବାହିତ ହେଲା। ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଓଡ଼ିଆ ବିଲୋପ ଚକ୍ରାନ୍ତ (୧୮୬୮--୬୯) ଭଳି ଦାରୁଣ ବିପର୍ଯ୍ୟୟ ଶିକ୍ଷିତ ଓଡ଼ିଆଙ୍କୁ ସଂଗଠିତ କରିବା ପାଇଁ ପ୍ରେରଣା ଯୋଗଉଥିଲା। କଟକରେ ପ୍ରତିଷ୍ଠିତ 'ପାରସ୍ପରିକ ଉନ୍ନତି ସଭା' (୧୮୫୯) ହେଉଛି ଓଡ଼ିଶାର ପ୍ରଥମ ଆଧୁନିକ ସାଂସ୍କୃତିକ ଅନୁଷ୍ଠାନ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମନ୍ୱୟରେ ଗଠିତ ଏହି ସଭାରେ କଟକରେ ବସବାସ କରୁଥିବା କତିପୟ ବିଦେଶୀଙ୍କ ସହିତ ଦେଶୀୟ ଶିକ୍ଷିତ ବ୍ୟକ୍ତି ସଦସ୍ୟଥିଲେ। ସାହିତ୍ୟ, ସମାଜ ତତା ସଂସ୍କୃତି ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ପାଇଁ ଏହାର ଅଧିବେଶନଗୁଡ଼ିକ ଅଭିପ୍ରେତ ଥିଲା। କଟକ ଡିବେଟିଂ କ୍ଲବ (୧୮୬୯) ବିଭିନ୍ନ ସମ୍ପାନ ମାଧମରେ ଦେଶହିତକର ଜ୍ଞାନଗାରିମାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଥିଲା। ଓଡ଼ିଆ ଭାଷାରେ ଇଂରାଜୀ ସାହିତ୍ୟରୁ କେତେକ ରଚନା ଅନୁବାଦ କରି ନୂତନତାର ସ୍ୱାଦ ପ୍ରଦାନରେ 'କଟକ ସୋସାଇଟି' ଭଳି ଅନୁଷ୍ଠାନ ବ୍ୟଗ୍ରତା ପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଉତ୍କଳ ଭାଷା ବିଧାୟିନୀ ସଭା (୧୮୬୬) ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୬) ଇତ୍ୟାଦି ଅନୁଷ୍ଠାନ ଗଢ଼ିଉଠିଥିଲା। ଭାଷା ଚର୍ଚ୍ଚା ସହ ପାଠ୍ୟ ପୁସ୍ତକଗୁଡ଼ିକର ସମୀକ୍ଷାତ୍ମକ ଆଲୋଚନାରେ ଏହାର ସଦସ୍ୟମାନେ ଅଧିକ ଗୁରୁତ୍ୱାରୋପ କରୁଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବହୁ ମୂଲ୍ୟବାନ ଓ ଗୌରବାବହ ସୃଷ୍ଟି ଆଧୁନିକ ଓଡ଼ିଶାର ପାଠକମାନଙ୍କ ନିକଟରେ ପହଞ୍ଚି ପାରୁନଥିଲା। ତାଳପତ୍ର ପୋଥିରେ ଲିପିବଦ୍ଧ ଅତୀତର ସାହିତ୍ୟ ସହଜଲଭ୍ୟ ନଥିଲା। ଯତ୍ରତତ୍ର ଯାହାସବୁ ସଂରକ୍ଷିତ ହୋଇ ରହିଥିଲା, ସେଗୁଡ଼ିକ ମଧ୍ୟ ସହଜପାଠ୍ୟ ହୋଇପାରୁ ନଥିଲା। 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାର କମ୍ପାନୀ' (୧୮୭୭) ଗଠିତ ହୋଇ ପ୍ରାଚୀନ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାପାଇଁ ଯତ୍ନବାନ ହେଲା। 'ଉତ୍କଳ ପ୍ରିଣ୍ଟିଂ କମ୍ପାନୀ' (୧୮୬୬) ଓ ଦେଶ ହିତୈଷିଣୀ ସଭା (୧୮୭୪), ଉତ୍କଳ ହିତୈଷିଣୀ ସଭା (୧୮୮୫) ଓଡ଼ିଆ ଗ୍ରାଜୁଏଟ ଏଣ୍ଡ ଅଣ୍ଡର ଗ୍ରାଜୁଏଟ ଆସୋସିଏସନ (୧୮୮୯) ଇତ୍ୟାଦି ସାରସ୍ୱତ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ ନୂତନ ଜ୍ଞାନଲୋକ ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ।

ଊନବିଂଶ ଶତକର ଭାରତୀୟ ଭାବରାଜ୍ୟରେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବାରେ ରାହା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମସମାଜ (୧୮୨୮)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଏକେଶ୍ୱରବାଦରେ ବିଶ୍ୱାସୀ ବ୍ରାହ୍ମଧର୍ମ ହେତୁବାଦୀ ସମାଜ ଗଠନର ପକ୍ଷପାତୀ ଥିଲା ଏବଂ ବର୍ଷ ବର୍ଷ ଧରି ଚଳି ଆସୁଥିବା ଅମାନବୀୟ ସାମାଜିକ କୁସଂସ୍କାର ଯଥା – ସତୀଦାହ ପ୍ରଥା, ବହୁ ବିବାହ, ବାଲ୍ୟ ବିବାହ ବ୍ୟବସ୍ଥାର ଘୋର ବିରୋଧୀ ଥିଲା। ୧୮୪୯ ମସିହାରେ ବ୍ରାହ୍ମଚେତନା ଓଡ଼ିଶାରେ ବିଧିବଦ୍ଧ ଭାବରେ ପ୍ରବେଶ କଲା। ମୁନସିଫ୍ ମହେଶଚନ୍ଦ୍ର ରାୟ କଟକରେ ବ୍ରାହ୍ମସମାଜ ପ୍ରତିଷ୍ଠା କରି ଏହାର ସୂତ୍ରଧର ସାଜିଲେ। ଜଗନ୍ମୋହନ ଲାଲ୍, ମଧୁସୂଦନ ରାୟ, ପ୍ୟାରୀମୋହନ ମହାପାତ୍ର, ସାଧୁଚରଣ ରାୟ, ବିଶ୍ୱନାଥ କର ପ୍ରମୁଖ ସ୍ରଷ୍ଟା ବ୍ରାହ୍ମଧର୍ମ ଗ୍ରହଣ କରି ନିଜ ନିଜ ରଚନାରେ ସମାଜ ସଂସ୍କାରକ ଦୃଢ଼ବାର୍ତ୍ତା ଦେଇଥିଲେ।

ବିଂଶ ଶତକର ଆଦ୍ୟପାଦରେ ଅଧିକରୁ ଅଧିକ ସାରସ୍ୱତ ଅନୁଷ୍ଠାନ ଗଠିତ ହୋଇ ରେନେସାଁ ଭାବଧାରାକୁ ପରିବ୍ୟାପ୍ତ କରିଥିଲେ। ଉତ୍କଳ ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାନ (୧୯୦୩), ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ସବୁଜ ସାହିତ୍ୟ ସମିତି (୧୯୩୧), ନବଯୁଗ ସାହିତ୍ୟ ସଂସଦ (୧୯୩୫) ଇତ୍ୟାଦି ସଂଗଠନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଅବିସ୍ମରଣୀୟ ଇତିବୃତ୍ତ।

ଆଧୁନିକ ଚେତନା ପ୍ରଣୋଦିତ ଓଡ଼ିଆମାନେ ଯେଉଁସବୁ ସଂଘ, ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ବିକାଶ କରି ପଥ ପ୍ରସ୍ତୁତ କରିଥିଲେ, ତାହା ଓଡ଼ିଆରେ ନବଜାଗରଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଦେଶବିଦେଶରେ ଘଟୁଥିବା ନାନା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ପ୍ରତ୍ୟାଲୋଚନା କରି ସ୍ରଷ୍ଟାମାନେ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିଥିଲେ।

## ୧.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରସଙ୍ଗ ଆଲୋଚନା କଲାବେଳେ ଭାଷା ଓ ଲିପି ଚକ୍ରାନ୍ତକୁ ଏଡ଼େଇ ଦିଆଯାଇନପାରେ। ସେ ସମୟରେ କତିପୟ ଈର୍ଷାକୁ ବଂଗୀୟ ବ୍ୟକ୍ତିଙ୍କର ହୀନ ଉଦ୍ୟମର ଶିକାର ହେବାକୁ ବସିଥିଲା ଓଡ଼ିଆ ଭାଷା ଓ ସାହିତ୍ୟ। ୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ନାମକ ଜଣେ ଐତିହାସିକ କଟକ ସହରର ଏକ ସଭାରେ ଭାଷଣ ଦେଇ କହିଲେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ପୁସ୍ତିକା ଛାପି ଅପପ୍ରଚାର ଚଳାଇଥିଲେ। ସେମାନଙ୍କ ସହିତ ଆଉ କେତେକ ବଙ୍ଗାଳୀ ଏକତ୍ର ଓଡ଼ିଆ ଭାଷା ବିଲୋପ କରି ଏ ଦେଶରେ ବଂଗଳା ପ୍ରଚଳନ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଶେଷ କରି ଓଡ଼ିଶାର ଭର୍ଣ୍ଣାକୁଲାର ସ୍କୁଲ ସମୂହରେ ବଂଗଳା ଭାଷାରେ ପାଠ୍ୟଦାନ ପାଇଁ ନାନା ପ୍ରକାର କୌଶଳ ଜାରି ରଖିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ବଂଗଳା ଭାଷା ପରି ଓଡ଼ିଆ ଭାଷାରେ ଉନ୍ନତ ସାହିତ୍ୟିକ ପରମ୍ପରା ନାହିଁ।

ଏହି ଘଟଣା ଓଡ଼ିଆ ବୁଦ୍ଧିଜୀବୀ, ଶିକ୍ଷିତଗୋଷ୍ଠୀ ଓ ସାହିତ୍ୟିକମାନଙ୍କୁ ଏକାଠି କରାଇ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ରଚନା ପାଇଁ ଉତ୍ସାହିତ କରିଥିଲା। ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ଭାଷା ବିରୋଧୀ ଅଭିଯାନରୁ ପ୍ରତିହତ କରିବା ପାଇଁ ଅ ।ଭିଡ଼ିଥିଲେ। ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା'ରେ ଲେଖିଥିଲେ' ପୁନଶ୍ଚ ଦେଖ, ଏହି ବଂଗାଳୀ ଭାଷାର ଉନ୍ନତି କରଣ କି ପର୍ଯ୍ୟନ୍ତ ନା ଯତ୍ନ (ଇଂରେଜମାନଙ୍କ ଦ୍ୱାରା) କରାଯାଇଅଛି। ତଥାପି ଉତ୍କଳୀୟ କବିମାନେ ସେ ସକଳେ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ କାବ୍ୟ ମଧ୍ୟ ବଂଗାଳୀ ଭାଷାରେ ପ୍ରକାଶ ହୋଇନାହିଁ। ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ,େ କି କାବ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଂଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାା ହୋଇଅଛି। ମାତ୍ର ଏହି ସମସ୍ତ ଗ୍ରନ୍ଥ ଅନୁବାଦିତ ବା ଅପହୃତ।" (୧୮୬୬)

କେବଳ ସେତିକି ନୁହେଁ ଭାଷା ବିଲୋପ ଦୁରଭିସନ୍ଧି ଚରିତାର୍ଥ ନହେବାରୁ ଉତ୍କଳ ଲିପି ବଦଳରେ ବଂଗଳା ଲିପିରେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ସେ କାଳରେ ସରକାରଙ୍କ ନିକଟରେ ମଧ୍ୟ ଦାବି କରାଯାଉଥଇଲା। ସୌଭାଗ୍ୟର ବିଷୟ, ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ ବିମ୍‌ସ, ଓଡ଼ିଶା କମିଶନର ରେଭେନ୍ସା ସାହେବ, ଉତ୍କଳେ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ପ୍ରମୁଖଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ଓ ଲିପି ସୁରକ୍ଷିତ ରହିପାରିଲା। ବଙ୍ଗଳା ସମେତ ଦକ୍ଷିଣରେ ତେଲୁଗୁ ଓ ପଶ୍ଚିମରେ ହିନ୍ଦୀ ଭାଷାର ଆକ୍ରମଣ ମଧ୍ୟ ଏ ଦେଶର ଭାଷା ସାହିତ୍ୟ ପାଇଁ ବିପଦ ସୃଷ୍ଟି କରିଥିଲା। ମାତ୍ର ଓଡ଼ିଆ ଜାଗରଣ ଏକ ସୁରକ୍ଷା କବଚ ଭାବରେ ଉଭାହୋଇଥିଲା ଏବଂ ଉତ୍କଳ ସାହିତ୍ୟର ନବଦିଗନ୍ତ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

## ୧.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

ପରମ୍ପରା ପ୍ରସୂତ ବିଶ୍ୱାସ ଓ ଚେତନାକୁ ପରିହାରକରି ନୂତନ ଭାବଧାରାର ବାହକ ସାଜିବା ହେଉଛି ରେନେସାଁ ବା ସାଂସ୍କୃତିକ ନବଜାଗରଣର ମୌଳିକ ବା ର୍। ନବ ନବ ପ୍ରଜ୍ଞା -ଫସଲରେ ସୁଶୋଭିତ ମାନସ - କାନନ ସ୍ଥିତିବାଦୀ ସମାଜରେ ସବୁକାଳେ ଭିନ୍ନସ୍ରୋତର ଫଲ୍‌ଗୁ ବୁହାଇବାର ସାମର୍ଥ୍ୟ ରଖିଥାଏ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶେଷ କରି ଅନ୍ତିମ ତିନି ଦଶକରେ ଓଡ଼ିଆ ସାହିତ୍ୟର ପରମ୍ପରାସିଦ୍ଧ ଗତିରେ ତୁମୁଳ ପରିବ ର୍ନ ହେଲା। ପୂର୍ବ ଆଲୋଚିତ ପରିବେଶ ଓ ପ୍ରତିକ୍ରିୟା ହିଁ ଏ ଦେଶର ସାଂସ୍କୃତି ପରମଣ୍ଡଳରେ ଯେଉଁ ପରିବ ର୍ନର ସଂକେତେ ସଂଚାର କଲା, ତାହାର ବ୍ୟାପକ ପ୍ରଭାବରେ ସାହିତ୍ୟର କଳେବର ନୂତନତାରେ ଆଚ୍ଛାଦିତ ହେବାର ସୌଭାଗ୍ୟ ଲାଭ କଲା।

ଓଡ଼ିଆ ସାହିତ୍ୟର ଭାଷା, ଭାବ ଓ ଶୈଳୀରେ ବହୁ ପରିବ ର୍ନର ସୂତ୍ରପାତ ଏହି ସନ୍ଧିକ୍ଷଣର ବିଶେଷତ୍ୱ। ପ୍ରାଚୀନ ଓ ଆଧୁନିକ ସଂଘର୍ଷ ମଧ୍ୟରେ ଆଧୁନିକର ବିଜୟ ଯୋଗୁ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ହୋଇ ପାରିଥିଲା। ଭଞ୍ଜ ଓ ରାଧାନାଥୀ କାବ୍ୟଚେତନାକୁ ଅବଲମ୍ବନ କରି ଦୁଇଟି ଶିବିରରେ ବିଭକ୍ତ ହୋଇଥିଲା ସେକାଳର ସୃଜନ ପରିମଣ୍ଡଳ। କେବଳ ସାହିତ୍ୟିକ ଆଦର୍ଶର ଦ୍ୱନ୍ଦ୍ୱ ହିଁ ଭଞ୍ଜ ପକ୍ଷ ସମର୍ଥନକାରୀ 'ଇନ୍ଦ୍ରଧନୁ' ଓ ରାଧାନାଥ ପକ୍ଷଧାରୀ 'ବିଜୁଳି' ପତ୍ରିକା ପ୍ରକାଶିତ ହୋଇ

ନବଜାଗରଣ ବାତାବରଣକୁ ତ୍ୱରାନ୍ୱିତ କରିଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ନୂତନ ପରୀକ୍ଷା ନିରୀକ୍ଷାର ନାନା କୌଶଳ ଏ ଯୁଗର ସାହିତ୍ୟକୁ ବୈଚିତ୍ର୍ୟ ବିଭୂଷିତ କଲା। ବିଶେଷ କରି ଓଡ଼ିଆ କାବ୍ୟ କବିତାର ନୂତନ କଥାବସ୍ତୁ ସହିତ ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ପ୍ରେମର ସାବଲୀଳ ପ୍ରୟୋଗ, ଜାତୀୟତାବୋଧ, ସଂସ୍କାରଧର୍ମିତା ତଥା ମାନବ ବନ୍ଦନା ଇତ୍ୟାଦି ଅଭିନବ ଭାବ ସମ୍ପଦ ବେଶ୍ ଆଦର ଲାଭକଲା। ସେହିପରି କାବ୍ୟ, ଖଣ୍ଡକାବ୍ୟ, ଗାଥା କବିତା (Ballad)ଳ ଚତର୍ଦ୍ଦଶପଦୀ (sonnet), ଶୋକଗୀତି (Elegy), ସମ୍ବୋଧନ ଗୀତିକା (Ode), ବ୍ୟଙ୍ଗ କବିତା (satire) ଇତ୍ୟାଦି ନୂତନ ଆଙ୍ଗିକରେ ଏ ଯୁଗର କାବ୍ୟ ସାହିତ୍ୟ ଶ୍ରୀମଣ୍ଡିତ ହେଲା। କଠିନ ଅଳଙ୍କାର ବିନିର୍ମୁକ୍ତ ସହଜ ପ୍ରକାଶଭଙ୍ଗୀ ସହିତ ସରଳ ଭାଷା ପ୍ରୟୋଗ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏ ଯୁଗ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

ସେହିପରି ରେନେସାଁ ପ୍ରଭାବରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସମର୍ଥ ହେଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ମୁଖ୍ୟତଃ ପଦ୍ୟମୟ। କେବଳ ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସାଧାନିଧି, ଓଡ଼ିଶା ରାଜ ବଂଶ ଇତିହାସ ରୂପେ ଖ୍ୟାତ ମାଦଳାପାଂଜି, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପରି କତିପୟ ରଚନାକୁ ବାଦ୍‌ଦେଲେ ଗଦ୍ୟର ଅନ୍ୟ କୌଣସି ସ୍ୱତନ୍ତ୍ର ସୃଷ୍ଟି ନଥିଲା। ଇଂରେଜମାନଙ୍କ ସଂସର୍ଗରେ ଓଡ଼ିଆ ଗଦ୍ୟର ନୂଆରୂପ ଆତ୍ମପ୍ରକାଶ କଲା। ଅବଶ୍ୟ ରେନେସାଁର ଆଦ୍ୟକାଳରେ ଯେଉଁ ଗଦ୍ୟ ପରିଦୃଷ୍ଟ ହୁଏ, ତାହାର ଭାଷା ଓ ଶୈଳୀ ଅନେକାଂଶରେ ଅସମ୍ପୂର୍ଣ୍ଣ ଓ ବିକୃତ ଥିଲା। ଇଂରାଜୀକୁ ଅଣକୁଶଳୀ ଲେଖକମାନଙ୍କ ଦ୍ୱାରା ଅନୁଦିତ ଏବଂ ବଙ୍ଗଳା ଭାଷାର ପ୍ରତ୍ୟକ୍ଷ ଅନୁସରଣ ଏପରି ବିକୃତିର କାରଣ ହୋଇଥିଲା। ଓଡ଼ିଆ ପତ୍ରପତ୍ରିକା ଆତ୍ମପ୍ରକାଶ କଲାପରେ ଏ ଦିଗରେ ବ୍ୟାପକ ପରିବ ର୍ନ ଦେଖାଦେଲା। ଉତ୍କଳ ଦର୍ପଣରେ ପ୍ରକାଶିତ ରାଧାନାଥ ରାୟଙ୍କ ବିବେକୀ (୧୮୭୩) ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧର ମାନ୍ୟତା ପାଇଲା। ବିଶ୍ୱନାଥ କର, ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା, ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଆ ପ୍ରବନ୍ଧକୁ ଆଗକୁ ବଢ଼ାଇବାରେ ସଫଳ ହେଲେ।

ଉମେଶଚନ୍ଦ୍ର ସରକାର, ଫକୀର ମୋହନ ସେନାପତି, ଗୋପାଳ ବଲ୍ଲଭ ଦାସ, ରାମଶଙ୍କର ରାୟ, ଚିନ୍ତାମଣି ମହାନ୍ତିଙ୍କ ଭଳି ଲେଖକମାନେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ମାର୍ଗ ନିର୍ଦ୍ଦେଶ କଲେ। ପଦ୍ମମାଳୀ (୧୮୮୮)ଭଳି ଉପନ୍ୟାସ ରଚନା କରି ଉମେଶଚନ୍ଦ୍ର ସରକାର ପ୍ରଥମ ଔପନ୍ୟାସିକ ଭାବେ ଯେଉଁ ସମ୍ମାନ ଦାବି କରନ୍ତି, ତାହା ମୂଳରେ ନବଜାଗରଣର ପ୍ରଭାବ ହିଁ ପରିଦୃଷ୍ଟ ହଏ। ଫକୀର ମୋହନଙ୍କ ରେବତୀ (୧୮୯୮) ହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। ପରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଏ ଦିଗରେ ଲେଖନୀ ଚାଳନା କରି ଏହି ସ୍ୱତନ୍ତ୍ର ବିଭାଗକୁ ସମୃଦ୍ଧ କରିଥିଲେ।

ସେହିପରି ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, କାମପାଳ ମିଶ୍ର ପ୍ରମୁଖ ଓଡ଼ିଶା ନାଟକର ଉନ୍ମେଷ ଓ ବିକାଶରେ ମନୋନିବେଶ କରି ଆଧୁନିକ ସାହିତ୍ୟକୁ ବିଭବବନ୍ତ କଲେ। ଜଗନ୍ମୋହନଙ୍କ ବାବାଜୀ (୧୮୭୭) ଓଡ଼ିଆର ପ୍ରଥମ ନାଟକ ଏବଂ ଏହା ନବଜାଗରଣର ଫଳଶ୍ରୁତି। ପୁନଶ୍ଚ ଓଡ଼ିଆ ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ସମାଲୋଚନା ଭଳି ଅନ୍ୟାନ୍ୟ ଗଦ୍ୟରୂପର ଆତ୍ମପ୍ରକାଶ ଏକାଳର ମଧ୍ୟ ମହତ ଦାନ।

**୧.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ :**

୧. ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନ ପାଇଁ ସନ୍ନିହିତ କାରଣଗୁଡ଼ିକ ଆକଳନ କର।

୨. ଇଂରାଜୀ ଶିକ୍ଷା ପ୍ରସାର ଓଡ଼ିଆ ସାହିତ୍ୟରେ ନବ ଜାଗରଣର ମାର୍ଗ ଉନ୍ମୁକ୍ତ କଲା - ଏହାର ଯଥାର୍ଥତା ପ୍ରତିପାଦନ କର।

୩. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ମୂଳରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ କିଭଳି ଭୂମିକା ନିର୍ବାହ କରିଥିଲା, ଆଲୋଚନା କର।

୪. ନବଜାଗରଣ କାଳର ପ୍ରମୁଖ ସାହିତ୍ୟିକମାନଙ୍କ ସମ୍ପର୍କରେ ଏକ ସଂକ୍ଷିପ୍ତ ସମୀକ୍ଷା କର।

୫. ରେନେସାଁ କାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବିବର୍ତ୍ତନ ଦର୍ଶାଅ।

୬. ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

**ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକାବଳୀ :-**


୧. ଆଧୁନିକ ଓଡ଼ିଆ କାବ୍ୟଧାରା – ଡ. ନରେନ୍ଦ୍ରନାଥ ମିଶ୍ର

୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ –୧୯୨୦) – ଡ. ନଟବର ସାମନ୍ତରାୟ

୩. ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି – ଡ. ନଟବର ସାମନ୍ତରାୟ

୪. ଆଧୁନିକ ଓଡ଼ିଆ ସାହିତ୍ୟ – ଡ. ଜାନକୀ ବଲ୍ଲଭ ମହାନ୍ତି

୫. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ – ଡ. କ୍ଷେତ୍ରବାସୀ ନାୟକ

# ଦ୍ୱିତୀୟ ଏକକ – ଧର୍ମୀୟ ମୂଲ୍ୟାଙ୍କନ


୨.୦– ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୨.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୨.୨ ଓଡ଼ିଆ ନବଜାଗରଣ

୨.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୨.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୨.୫ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୨.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୨.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୨.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

ପ୍ରାଗ୍‌ଭାଷା,

ଭାଷାର କାୟାକଳ୍ପରେ ଭାବର ମହାମନ୍ତ୍ର ଦେଇ ରସାନୁଭୂତିର ଅସରନ୍ତି ପେଡ଼ି ଖୋଲି ପାରୁଥିବା ସାହିତ୍ୟର ଇତିହାସ ଅଧ୍ୟୟନ ସୂକ୍ଷ୍ମ ବିଶ୍ଳେଷଣର ଅପେକ୍ଷା ରଖେ। କୌଣସି ଜାତିର ଘଟଣା ପ୍ରବାହ ସହିତ ସାମାଜିକ ବିଧିବ୍ୟବସ୍ଥା ତଥା ସାଂସ୍କୃତିକ ସଂହିତାର ପ୍ରତିଛବି ଦେଖିବାରେ ସାହିତ୍ୟ ରୂପକ ଦର୍ପଣର ଗୁରୁତ୍ୱ ବିଶ୍ୱର ପ୍ରତ୍ୟେକ ଦେଶରେ ଉପଲବ୍ଧ ହୋଇଥାଏ। ସମୟ-ସୈକତରେ ସାହିତ୍ୟ ସ୍ରୋତସ୍ୱିନୀର ବିଚିତ୍ରବର୍ଣ୍ଣୀ ଦେହରି ଅବଲୋକରେ ଏହାର ଇତିହାସ ପରସିଦିଏ ଅପୂର୍ବ ପ୍ରେରଣା। କେବଳ ସାହିତ୍ୟର ଉନ୍ମେଷ-ବିକାଶ-ବିବର୍ତ୍ତନ ନୁହେଁ, ଅଧିକନ୍ତୁ ଶାସନତନ୍ତ୍ର, ଆଚାର ବ୍ୟବହାର ତଥା ଚଳଣି ଚମକର ବାର୍ତ୍ତା-ବିବରଣୀ ପାଇବାରେ ଏ ଇତିହାସ ପାଲଟିଯାଏ ପ୍ରଧାନ ଅବଲମ୍ବନ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗ ବିଭାଜନ ମୁଖ୍ୟତଃ ତିନି ଭାଗରେ ବିଭକ୍ତ। ଯଥା – ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗ। ୭ମ-୮ମ ଶତାବ୍ଦୀରେ ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟା ପଦାବଳୀ ସମୟରେ ଲୋକସାହିତ୍ୟ, ନାଥ ସାହିତ୍ୟ ପଥ ଦେଇ ୧୫ଶ ଶତାବ୍ଦୀର ଆଦିକବି ସାରଳା ଦାସ ଓ ୧୬ଶ ଶତାବ୍ଦୀର ପ୍ରସିଦ୍ଧ ପଂଚସଖା କବିମାନଙ୍କର ରଚନାବଳୀ ପର୍ଯ୍ୟନ୍ତ ବିପୁଳାୟତନ ସୃଷ୍ଟି ପ୍ରାଚୀନ ସାହିତ୍ୟ ଭାବେ ପରିଚର୍ଚ୍ଚିତ। ୧୭ଶ ଶତାବ୍ଦୀରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଅର୍ଥାତ୍ ୧୮୫୦ ମସିହା ପର୍ଯ୍ୟନ୍ତ କାଳଖଣ୍ଡରେ କବି ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ ଦ୍ୱାରା ବିରଚିତ ରାଶି ରାଶି ଭଜନ, ଜଣାଣ, ଚଉପଦୀ, ଚଉତିଶା ସମେତ ଉଚ୍ଚାଙ୍ଗ କାବ୍ୟମାଳା ମଧ୍ୟଯୁଗ ସାହିତ୍ୟର ପ୍ରଧାନ ଅଙ୍ଗ। ଓଡ଼ିଶାକୁ ଇଂରେଜମାନଙ୍କ ଆଗମନ ପରେ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ହେଲା, ତାହାର ଅମୃତମୟ ପରିଣତି ସ୍ୱରୂପ ୧୮୫୦ ମସିହା ପରବର୍ତ୍ତୀ ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ମାର୍ଗ ଉନ୍ମୁକ୍ତ ହେଲା।

ଭାରତ ତଥା ଓଡ଼ିଶାରେ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ, ଛାପାକାନା ପ୍ରତିଷ୍ଠା, ପତ୍ରପତ୍ରିକା ପ୍ରକାଶନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଆତ୍ମପ୍ରକାଶ ଦ୍ୱାରା ନବ୍ୟ ଶିକ୍ଷିତ ସମାଜର ବୈଚାରିକ ପରିବର୍ତ୍ତନ ଘଟିଲା। ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହ ଚିନ୍ତାଦର୍ଶ ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ଫଳରେ ପ୍ରାଚୀନତାକୁ ପରିହାର କରି ନୂତନ ଭାବଧାରା ବିକାଶ ଲାଭ କଲା। ପୁରାତନତା ଓ ନୂତନତାର ଚିନ୍ତା ସଂଘର୍ଷରୁ ନବଜାଗରଣ ବା ରେନେସାଁ (Renaisance) ର ପ୍ରତିଷ୍ଠା ଏବଂ ତହିଁରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। କବିବର ରାଧାନାଥ ରାୟ (୧୮୪୮-୧୯୦୮), ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୭)। ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪), ପଲ୍ଲୀକବି ନନ୍ଦିକିଶୋର ବଳ (୧୮୭୫-୧୯୨୮), ଜଗନ୍ମୋହନ ଲାଲ୍ (୧୮୩୯-୧୯୧୩) ରାମଶଙ୍କର ରାୟ (୧୮୫୭-୧୯୩୧), ରମେଶଚନ୍ଦ୍ର ସରକାର (୧୮୫୭...) ଚନ୍ଦ୍ରମୋହନ ମହାରଣା (୧୮୭୦-୧୯୨୯) ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଶୈଳୀ ପରିହାର ପୂର୍ବକ ନୂତନ ଆଦର୍ଶ ତଥା ଶୈଳୀରେ ସାହିତ୍ୟ ସୃଷ୍ଟିକରି ଆଲୋଡ଼ନ ସୃଷ୍ଟି କଲେ। ଏ କାଳରେ ଓଡ଼ିଆ ପାଠକମାନେ କାବ୍ୟ ସହିତ, ଖଣ୍ଡକାବ୍ୟ, ଗୀତିକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଆଦି ସାହିତ୍ୟର ନୂଆ ନୂଆ ଦିଗନ୍ତ ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲେ। କେବଳ ସେତିକି ନୁହେଁ, ନବଯୁଗ ସାହିତ୍ୟର ଭାଷା ଓ ପ୍ରକାଶ ଭଙ୍ଗୀରେ ସ୍ୱତନ୍ତ୍ରତା ଏହାକୁ ପ୍ରତିଷ୍ଠା

ଦେବାରେ ଯଥେଷ୍ଟ ସହାୟକ ହୋଇଥିବାର ଜଣାଯିବ। ନବଜାଗରଣ କାଳରୁ ସୃଷ୍ଟ ନୂତନ ଭି ିଭୂମି ଉପରେ ନୂତନ ସାହିତ୍ୟର ଜନ୍ମ ଓ ବିକାଶ ପରବ ୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟ ଅବଧି ଭିତରେ କିଭଳି ଗତିଶୀଳ, ତାହାର ସବିଶେଷ ଅବଧାରଣା ପାଇଁ ନିମ୍ନରେ ଉଲ୍ଲିଖିତ ଆଲୋଚନା ପର୍ଯ୍ୟାୟ ବା ସଂରଚନା ବିନ୍ୟାସ ଉପରେ ନିର୍ଭର କରାଯାଇପାରେ।

୨.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟ ଇତିହାସର ଦ୍ୱିତୀୟ ଭାଗ ପ୍ରଥମ ୟୁନିଟ୍‌ରେ ନିର୍ଦ୍ଦେଶିତ ପାଠ୍ୟ ଖସଡ଼ାର ପ୍ରସଙ୍ଗ ଗୁଡ଼ିକ ପୁନଃ ପୁନଃ ଆଲୋଚନା କଲେ ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ।

- ଓଡ଼ିଆ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ପ୍ରବ ନ ମୂଳରେ ସନ୍ନିହିତ କାରଣଗୁଡ଼ିକର ପରିଚୟ ମିଳିବ।
- ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗଡ୍ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ କିପରି ପାଶ୍ଚାତ୍ୟରୁ ଆହୃତ ନୂଆ ଭାବାଦର୍ଶର ବା ା ଦେଇଛି, ତାହାର ବ୍ୟାପକ ଚିତ୍ର ଜାଣିହେବ।
- ଓଡ଼ିଆ ସାହିତ୍ୟରେ ରେନେସାଁ ବା ନବଜାଗରଣ ସମ୍ପର୍କରେ ବାସ୍ତବ ଆଲେଖ୍ୟ ଉନ୍ମୋଚିତ ହେବ।
- ନବ ଯୁଗର ପ୍ରମୁଖ କବି ଓ ଲେଖକମାନଙ୍କ କୃତି ଓ କୃତିତ୍ୱ ଆଲୋଚନା ଦ୍ୱାରା ଏ କାଳର ବିଶେଷତ୍ୱ ଅନୁଭୂତ ହେବ।
- ଆଧୁନିକ ସାହିତ୍ୟ ବିକାଶରେ ପତ୍ରପତ୍ରିକାଗୁଡ଼ିକର ଅବଦାନ ସମ୍ପର୍କରେ ଅବଧାରଣା ଜନ୍ମିବ।
- କାବ୍ୟ, ଖଣ୍ଡକାବ୍ୟ, ଗୀତି କବିତା, ପ୍ରବନ୍ଧ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନୀ, ରମ୍ୟରଚନା, ଭ୍ରମଣବୃ ାନ୍ତ, ଅନୁବାଦ, ସମାଲୋଚନା ଆଦି ସାହିତ୍ୟର ବହୁମୁଖୀ ବ୍ୟାପ୍ତି କିଭଳି ଏକାଳରେ ପ୍ରକାଶ ପାଇଛି, ତାହାର ପ୍ରମାଣ ମିଳିବ।
- ପ୍ରାକ୍‌ସ୍ୱାଧୀନତା କାଳରେ ବିକଶିତ ଗଦ୍ୟସାହିତ୍ୟର ବିସ୍ତୃତ ପରିଚୟ ମିଳିବ।
- ସାମଗ୍ରିକ ଭାବେ ଆଧୁନିକ ସାହିତ୍ୟର ଭାବବସ୍ତୁ ସହିତ ଆଙ୍ଗିକ ବୈଚିତ୍ର୍ୟର ଦିଗନ୍ତ ଉନ୍ମୋଚିତ ହେବ।
- ପଠିତବ୍ୟ ପ୍ରସଙ୍ଗଗୁଡ଼ିକୁ ବି ିକରି ସମ୍ଭାବ୍ୟ ପ୍ରଶ୍ନାବଳୀ ତଥା ଅନ୍ୟ ସହାୟକ ଗ୍ରନ୍ଥଗୁଡ଼ିକର ଆଭାସ ମଧ୍ୟ ମିଳିପାରିବ।

**୨.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ**

ଇଂରାଜୀ ରେନେସାଁ (Renaisence)ର ପରିଭାଷା ନବଜାଗରଣ ବା ନବ ଅଭ୍ୟୁଦୟ। ରେନେସାଁ ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ପୁନର୍ଜନ୍ମ। ୟୁରୋପୀୟ ଦେଶଗୁଡ଼ିକରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ମଧ୍ୟରେ କଳା, ସାହିତ୍ୟ, ବିଜ୍ଞାନ, ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ସମ୍ଭୂତ ହୋଇଥିବା ସାଂସ୍କୃତିକ ପୁନର୍ଜନ୍ମ (Cultural Rebirth) ନବଜାଗରଣ ଆନ୍ଦୋଳନର ପ୍ରମୁଖ ସମ୍ପଦ। ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥିତିଶୀଳ ବିଶ୍ୱାସ ସର୍ବସ୍ୱ ମାନବିକତାରେ ବ୍ୟାପକ ପରିବ ନ ସୃଷ୍ଟି ହୋଇ ଏ ସମୟରେ ଏକ ବୈପ୍ଳବିକ କାରଣ ସର୍ବସ୍ୱ ଜିଜ୍ଞାସା ବଳବ ର ହେଲା। ଇଟାଲିର ଫ୍ଲୋରେନ୍‌ସ ସହରରୁ ଆରମ୍ଭ ହୋଇଥିବା ଏହି ନବ ଆନ୍ଦୋଳନ ପରବ ୀ ସମୟରେ ପ ୁଗାଲ, ସ୍ପେନ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ହଙ୍ଗେରୀ, ନେଦରଲାଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ଦେଶକୁ ପରିବ୍ୟାପ୍ତ ହୋଇ ମାନବ ସଭ୍ୟତା ପାଇଁ ନୂତନ ମାର୍ଗ ପ୍ରକାଶ କଲା।

ଦାର୍ଶନିକ ଓ କବି ଦାନ୍ତେ (Dante Aligheiri, 1265-1321), ଫ୍ରାନ୍‌ସେସ୍‌କୋ ପେତ୍ରାର୍କ (Francesco Petrarch, 1304-1374), ବନ୍ଦୋ (Giotto di Bandore, 1267-1337), ଲରେଜୋ ଗିବେଟି (Lorenio Ghiberti, 1378-1455), ଫିଲପ୍ ବ୍ରୁନେଲେସ୍‌କ (Pillipo Brunelleschi, 1377-1446), ନିକଲୋ ମାକିଆଭେଲି (Machiavelli, 1469-1527), ଥମାସ୍ ମୋରେ (Thomas More, 1478-1535), ଲିଓନାର୍ଦୋ ଦାଭିନ୍‌ସ (Leonardo da Vinei, 1452-1519), ମାଇକେଲ୍ ଆଞ୍ଜୋଲୋ (Michelangelo, 1475-1568), ନିକୋଲାସ କୋପରନିକ୍‌ସ (Nicolaus Copernicus, 1473-1543), ଗାଲିଲିଓ (Galileo Galillei, 1564-1642), ଫ୍ରାନ୍ସିସ୍ ବେକନ୍ (Frencis Bacon, 1561-1626), ମାର୍ଟିନ ଲୁଥର୍ (Martin Luther, 1483-1546), ପ୍ରମୁଖ କବି, ଲେଖକ, ଭାସ୍କର୍ଯ୍ୟ ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ତଥା ଚିନ୍ତାଦାୟକମାନଙ୍କର ନୂତନ ଦୃଷ୍ଟିଭଙ୍ଗୀ ମାନବର ଚିନ୍ତାରାଜ୍ୟରେ ନୂତନ ଆଲୋକ ବିଛୁରିତ କଲା। ମାନବିକ ମୂଲ୍ୟବୋଧ, ନବ କଳା କୈବଲ୍ୟ, ବୈଜ୍ଞାନିକ ଦୃଷ୍ଟି, ସମାଜ କୈନ୍ଦ୍ରିକ ଧର୍ମମତବାଦ ଏ ସମୟର ପ୍ରଧାନ ଅବଦାନ, ଚିରାଚରିତ ଅନ୍ଧ ଅନୁକରଣ ଅପେକ୍ଷା ସମୀକ୍ଷାପୂର୍ବକ କାରଣ ସନ୍ଧାନ ଉପରେ ଗୁରୁତ୍ୱ ଆରୋପିତ ହେଲା। ସର୍ବୋପରି ମାନବୀୟ କଲ୍ୟାଣ ପ୍ରତି ସର୍ବଜନୀନ ଆବେଦନର ସୂତ୍ରପାତ ହେଲା।

ପ୍ରାକୃତିକ ଜଗତ ସମ୍ପର୍କରେ ବୈଜ୍ଞାନିକମାନଙ୍କର ନୂତନ ତଥ୍ୟ ଆବିଷ୍କାର ତଥା ସମାଜତା୍ତିକ ନୂତନ ବିଚାରଧାରା ମଣିଷର ଚିନ୍ତନଶୈଳୀକୁ ଅତିମାତ୍ରାରେ ପ୍ରଭାବିତ କଲା। ପ୍ରାଚୀନ ଯୁଗର ଅନ୍ଧବିଶ୍ୱାସ କ୍ରମଶଃ ଅପସାରିତ ହୋଇ ବାସ୍ତବାୟକ ଜୀବନଧାରା ପ୍ରତି ଆଗ୍ରହ ଜାତ ହେଲା। ବସ୍ତୁସ । ପ୍ରତି ସନ୍ଦେହ ପ୍ରଦର୍ଶନ ପୂର୍ବକ ତାହାର ପରୀକ୍ଷା ନିରୀକ୍ଷା କରିବା ଏବଂ ସର୍ବଶେଷରେ ସତ୍ୟକୁ ଗ୍ରହଣ କରିବା ହେଉଛି ରେନେସାଁ କାଳର ବିଶେଷତ୍ୱ। ସବୁକାଳରେ କଳା ଓ ସାହିତ୍ୟରେ ନୂତନତାର ନିରାଜନା କରାଯାଇଥାଏ। ରେନେସାଁ କାଳର ବିବ ିତ ଭାବଧାରା ୟୁରୋପୀୟ ସାହିତ୍ୟ ଜରିଆରେ ବିଶ୍ୱୋତମୁଖୀ ହୋଇଥିବାର ଲକ୍ଷ୍ୟ କରାଯାଏ। ବିଜ୍ଞାନ, ଶିକ୍ଷା, ଯୋଗାଯୋଗର ମାଧ୍ୟମ ଇତ୍ୟାଦି ଏହି ଆନ୍ଦୋଳନର ବାହକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଦେଖିବାକୁ ମିଳେ।

ପାଶ୍ଚାତ୍ୟ ମାନସଭୂମିକୁ ଆନ୍ଦୋଳିତ କରିଥିବା ଏହି ନବଜାଗରଣ ଊନବିଂଶ ଶତକରେ ଭାରତୀୟ ଚିନ୍ତନ-ରାଜ୍ୟକୁ ଅନୁପ୍ରବେଶ କରିଥିଲା। 'ଆଧୁନିକ ଓଡ଼ିଆ କାବ୍ୟଧାରା' ପୁସ୍ତକରେ ଡଃ ନରେନ୍ଦ୍ରନାଥ ମିଶ୍ର ଯଥାର୍ଥରେ କହିଛନ୍ତି "ଯେଉଁ ଇଉରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରି ଶହ ବର୍ଷର ବହୁ ସାଧନା, ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତ ବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ବା ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ।"

ରାଜା ରାମମୋହନ ରାୟ (୧୭୭୨-୧୮୩୩), ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୩୩), ମାଇକେଲ ମଧୁସୂଦନ ଦ (୧୮୨୪-୧୮୭୩), କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ବଙ୍କିମଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪), ଜଗଦିଶଚନ୍ଦ୍ର ବୋଷ (୧୮୫୮-୧୯୩୭) ପ୍ରମୁଖ ବଙ୍ଗୀୟ ଦାର୍ଶନିକ, ଚିନ୍ତାନାୟକ, ସାହିତ୍ୟିକ, ବୈଜ୍ଞାନିକ ପ୍ରମୁଖ

ନବଜାଗରଣର ବାହକ ଭାବରେ ଭାରତ ବର୍ଷରେ ଅଗ୍ରଗାମୀ ସଂକେତ ପ୍ରସାରଣ କରିପାରିଥିଲେ। "ପାଶ୍ଚାତ୍ୟ ସଂସ୍ପର୍ଶର ପରିମାଣରୁ ହିଁ ଓଡ଼ିଆର ମାନସ ଭୂମିରେ ସାଂସ୍କୃତିକ ନବ ଅଭ୍ୟୁଦୟ ପ୍ରତ୍ୟକ୍ଷ ହେଲା। ଏଠାରେ ମଧ୍ୟ ସେମାନଙ୍କ ରେନେସାଁସ୍ ଯୁଗୀୟ କର୍ମଧାରର ଅନୁରୂପତା କେତେକ ସ୍ଥଳରେ ଲକ୍ଷିତ ହୋଇଥିଲା। ଓଡ଼ିଶୀ ଚିନ୍ତାଧାରାରେ ବାସ୍ତବମୁଖୀ ଆବେଗ, ମାନବିକ ଚିନ୍ତନ ଏବଂ ଜାତୀୟ ଭାଷା –ସଂସ୍କୃତି ଅଭିବୃଦ୍ଧିରେ ଆତ୍ମନିୟୋଗ କରିବା ପାଇଁ ଏକନିଷ୍ଠତା ପ୍ରକାଶ ପାଇଥିଲା।" ଡ. କ୍ଷେତ୍ରବାସୀ ନାୟକଙ୍କ ଏ ମନ୍ତବ୍ୟର ଯଥାର୍ଥତା ଅନୁଭବ କରିହୁଏ।

୨.୨ ଓଡ଼ିଶାରେ ନବଜାଗରଣ

ଇଂରେଜମାନଙ୍କ ଓଡ଼ିଶା ଆଗମନର ଅନେକ ବର୍ଷ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କାଳଖଣ୍ଡରେ ନବ ଅଭ୍ୟୁଦୟ ଏ ଦେଶର ଭାବଭୂମିକୁ ପରିବ୍ୟାପ୍ତ ହୋଇଥିବାର ଲକ୍ଷ୍ୟକରାଯାଏ। ୧୮୦୩ ମସିହାରେ ଦେଓଗ୍ରାମ ସନ୍ଧି ଅନୁଯାୟୀ ଓଡ଼ିଶା ବ୍ରିଟିଶ କମ୍ପାନୀ ଶାସନାଧୀନ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନାନା ପରିବ ର୍ନର ସୂତ୍ରପାତ ହେଲା। ଖ୍ରୀଷ୍ଟିଆନ୍ ଶାସକମାନଙ୍କ ସହିତ ଖ୍ରୀଷ୍ଟିୟାନ ମିଶ୍ନାରୀମାନେ ଏହି ପରିବ ର୍ନ ପାଇଁ ମାର୍ଗ ପ୍ରସ୍ତୁତ କଲେ। ସେତେବେଳେ ଓଡ଼ିଶାର ରାଜତନ୍ତ୍ର ଖଣ୍ଡବିଖଣ୍ଡିତ। କେବଳ ନାମକୁ ମାତ୍ର ଗଜପତି ରାଜ ପରମ୍ପରା ରହିଥିଲା। ଗଡ଼ଜାତ ରାଜ୍ୟ ଓ ରାଜତନ୍ତ୍ରରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ। ପୂର୍ବର ମୁସଲମାନ, ମୋଗଲ ଓ ମରହଟ୍ଟା ଶାସନରେ ସମାଜରେ ଏକ ପ୍ରକାର ସ୍ଥାଣୁତା ଖେଳିଯାଇଥିଲା। ତେଣୁ ଖ୍ରୀଷ୍ଟିଆନମାନଙ୍କ ନୂତନ ପଦକ୍ଷେପ ଦ୍ୱାରା ଆକର୍ଷିତ ହୋଇ ରାଜୀନୀତିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ କ୍ରମଶଃ ପରିବ ର୍ନର ଧାରା ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ସଂଚରିତ ହେବାକୁ ଲାଗିଲା। ଏହି ବିବ ର୍ନ କାଳ ଯଦିଓ ଅନେକ ପ୍ରତିରୋଧ-ପ୍ରତିବାଦର ସଂଘର୍ଷ ଦେଇ ଗତି କରିଥିଲା, ତଥାପି ଶାସକ ଦ୍ୱାରା ଶାସିତର ଅଭିଳାଷ ଚରିତାର୍ଥ ହେବା ନ୍ୟାୟରେ ଓଡ଼ିଶାବାସୀ ଇଂରେଜମାନଙ୍କ କ ୃକ ପ୍ରଣୀତ ନୂତନ ବ୍ୟବସ୍ଥାକୁ ଆପଣାର କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବ ର୍ନ ହେବାରୁ ଏକ ସେଚତନଶୀଳ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଡେଲା। ଏମାନେ ଦେଶବିଦେଶରେ ଘଟୁଥିବା ପରିବ ର୍ନ ସହ ସମ୍ପର୍କ ରଖିବାର ସାମର୍ଥ୍ୟ ଅର୍ଜନ କରିପାରିଲେ। ବିଶେଷ କରି ପାଶ୍ଚାତ୍ୟ ସାହିତ୍ୟ ତଥା ପଡ଼ୋଶୀ ବଙ୍ଗଳା ଭାଷାର ନୂତନ ସାହିତ୍ୟର ସାନ୍ନିଧ ଲାଭକରି ଓଡ଼ିଶାରେ ଏକ ନବୀନ ସାହିତ୍ୟିକ ଗୋଷ୍ଠୀ ଆବିର୍ଭୂତ ହେଲେ। ସେମାନେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପାରିମ୍ପରିକ କଳାକଳେବର ପରିହାର କରି ଏକ ନୂତନ ରୁଚିର ପ୍ରବାହ ସୃଷ୍ଟି କରିପାରିଲେ, ଯାହା ଆଧୁନିକ ସାହିତ୍ୟ ଭାବରେ ଆତ୍ମପ୍ରକାଶ କଲା। ଧର୍ମ ପଣ୍ଡିତ ପ୍ରାଚୀନ ସାହିତ୍ୟର ପୌରାଣିକ ଆବେଦନ ଓ ରୀତି ଆଦର୍ଶ ମଣ୍ଡିତ ମଧ୍ୟଯୁଗୀୟ ସାହିତ୍ୟର ସାମନ୍ତବାଦୀ ବିଳାସକୁ ପରିହାର କରି ନବ ଚେତନା ଚିତ୍ରିତ ଆଧୁନିକ ଓଡ଼ିଆ ସାହିତ୍ୟର ଜୀବନବାଦୀ ଦୃଷ୍ଟିକୋଣ ଆତ୍ମପ୍ରକାଶ ମୂଳରେ ଅନେକ ସମୟୋପଯୋଗୀ କାରଣ ଅବଶ୍ୟ ସନ୍ନିହିତ। ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ଆବିଷ୍କ୍ରିୟାର ପ୍ରୟୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ରେଳପଥ ସଂଯୋଗ, ଡାକ ଓ ତାର ବିଭାଗ ପ୍ରତିଷ୍ଠା ଇତ୍ୟାଦି ଯୋଗୁ ଭାରତର ଜୀବନ ଧାରାରେ ବ୍ୟାପକ ପରିବ ର୍ନ ପରିଲକ୍ଷିତ ହେଲା। ଏଥିସହିତ ନୂତନ ଶିକ୍ଷାନୀତି ପ୍ରଚଳନ, ମୁଦ୍ରଣ

ଯନ୍ତ୍ରର ସ୍ଥାପନ, ପତ୍ରପତ୍ରିକା ପ୍ରକାଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଆଦି ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନରେ ଯଥେଷ୍ଟ ସହାୟକ ହୋଇଥିବାର ଲକ୍ଷ୍ୟକରାଯାଏ।

୨.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

ନବଚେତନାର ମାଧ୍ୟମ ଭାବରେ ଇଂରେଜୀ ଶିକ୍ଷା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ପାଇଁ ସର୍ବ ପ୍ରଥମେ ମିଶନାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନଙ୍କ ପଚେଷ୍ଟାରେ ୧୮୨୩ ମସିହାରେ ଏକ ଚାରିଟି ସ୍କୁଲ ପ୍ରଥମେ କଟକରେ ହିଁ ସ୍ଥାପିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଓଡ଼ିଶା ବିଭିନ୍ନ ଅଞ୍ଚଳରେ ସ୍କୁଲମାନ ପ୍ରତିଷ୍ଠା କରି ଇଂରାଜୀ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଜ୍ଞାନ ବିତରଣ ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ଥିଲା ମିଶନାରୀମାନଙ୍କ ଶିକ୍ଷା ପ୍ରସାରର ପ୍ରାଥମିକ ଉଦ୍ଦେଶ୍ୟ। ୧୮୩୫ ମସିହାରେ ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହେବାରୁ ପ୍ରକୃତପକ୍ଷେ ଏ ଦେଶର ଲୋକେ ଆଧୁନିକ ଶିକ୍ଷା ପ୍ରାପତ ହେବା ସହିତ ପାଶ୍ଚାତ୍ୟ ସଭ୍ୟତା ସଂସ୍ପର୍ଶରେ ଆସିପାରିଲେ। ଏହି ଅବସରରେ ଲର୍ଡ ମାକ୍‌ଲେଙ୍କ ଶିକ୍ଷା ଆଇନ ପ୍ରଣୟନ ପାଇଁ ନୂତନ ସୁପାରିଶକୁ ସ୍ମରଣ କରାଯାଇପାରେ। "We must at present do our best to form a class who may be interpreters between us and millions whom we govern, - a class of persons Indian in blood and colour, but English in tastes, in opinions, in morals and in intellect. To that class we may leave it to refine the vernacular dialectsof the country, to enrich these dialects with terms of science borrowed from the Western nomenclature and to render them by degrees fit vehicles for conveying knowledge to great mass of the population." (T.B. Macaulay-1835)

ପୁରୀ ଫ୍ରି ଏକାଡେମୀ (୧୮୩୫), କଟକ ଇଂଲିଶ ଚାରିଟି ସ୍କୁଲ (୧୮୪୧- ପରେ ତାହା କଟକ ଜିଲ୍ଲା ସ୍କୁଲରେ ପରିଣତ - (୧୮୮୫) ପୁରୀ ଜିଲ୍ଲା ସ୍କୁଲ (୧୮୫୩) ବାଲେଶ୍ୱର ଜିଲ୍ଲାସ୍କୁଲ (୧୮୫୩) ପ୍ରଭୃତି ସ୍ଥାପିତ ହୋଇ ଉପକୂଳ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରସାର ଓ ପ୍ରଚାର ଘଟିଲା। ୧୯୦୫ ମସିହାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳ ଓଡ଼ିଶା ସହ ମିଶି ବଙ୍ଗ ଶାସନାଧୀନ ହେବାରୁ ଏହି ଅଞ୍ଚଳରେ ଇଂରାଜୀ ଶିକ୍ଷାର ଶୁଭାରମ୍ଭ ହେଲା। ଅବଶ୍ୟ ତତ୍‌ପୂର୍ବରୁ ଦେଶୀୟ ରାଜାମାନଙ୍କ ଉଦ୍ୟମରେ ଏ ଦିଗରେ କେତୋଟି ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା। ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ଦେବଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ *୧୮୮୮), ପାଟଣା ରାଜା ରାମଚନ୍ଦ୍ର ଦେବ ଶ୍ରୀୟଙ୍କ ଦ୍ୱାରା ବଲାଙ୍ଗୀର ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୮୯୪) ପଶ୍ଚିମ ଓଡ଼ିଶାରେ ଇଂରାଜୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା। ୧୯୦୭ ମସିହା ବେଳକୁ ବଲାଙ୍ଗୀରରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲାର ଓ ମଧ୍ୟ ଭର୍ଣ୍ଣାକୁଲାର ଇଂରାଜୀ ସ୍କୁଲ, ସୋନପୁରରେ ଦୁଇଟି ମଧ୍ୟ ଇଂରାଜୀ ସ୍କୁଲ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା।

ଊନବିଂଶ ଶତାବ୍ଦୀର ନୂତନ ଶିକ୍ଷା ବ୍ୟବସ୍ଥାର ଦାୟାଦ ଭାବରେ ଯେଉଁ ଶିକ୍ଷିତ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ରେନେସାଁ ଆଣିବାକୁ ସମର୍ଥ ହେଲେ, ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ୍, ଫକୀରମୋହନ ସେନାପତି, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ସାଧୁ ଚରଣ ରାୟ, ମଣିଚରଣ ମହାପାତ୍ର,ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା, ରେବାରାୟ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ, ଗୋପବନ୍ଧୁ ଦାଶ, ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଅଜୟଚନ୍ଦ୍ର ଦାସ ପ୍ରମୁଖଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ପରେ କଲିକତା ପ୍ରେସିଡେନ୍ସି କଲେଜରେ ଏଫ. ଏ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରତିଭାବନ୍ତ ସ୍ରଷ୍ଟା ରାଧାନାଥ ରାୟ ହିଁ ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ମନ୍ତ୍ରଦାତା ରୂପେ ଆଲୋଚିତ। ଇଂରେଜ ଶିକ୍ଷା ଅନୁଷ୍ଠାନ ସଂସର୍ଗ ହିଁ ତାଙ୍କୁ ନୂତନ ଭାବ ରାଜ୍ୟରେ ଅନୁପ୍ରବେଶ ପାଇଁ ଉତ୍ସାହିତ କରିଥିଲା ଏବଂ ପରବ ୀ କାଳରେ ଇଂରେଜ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ପ୍ରଭାବିତ ହୋଇ ସେ ବହୁ ପରୀକ୍ଷାନିରୀକ୍ଷାର ପ୍ରୟୋଗ ପୂର୍ବକ ଆଧୁନିକ ସାହିତ୍ୟର ବିଶାଳ ସୌଧ ନିର୍ମାଣରେ ସମର୍ଥ ହୋଇପାରିଥିଲେ। ଉଚ୍ଚ ଶିକ୍ଷିତ ରାଧାନାଥ ଇଂରେଜ କବି ସେର୍, ସେକ୍ସପିଅର, ସ୍ପେନସର, କାଉପର, ମିଲଟନ, ଗୋଲ୍ଡସ୍ମିଥ୍, ବାଇରନ୍, ସ୍କଟ, ମେଲି, ୱାର୍ଡସୱାର୍ଥ, ଟେନିସନ ପ୍ରମୁଖଙ୍କ କାବ୍ୟ ନାଟକାଦି ପାଠ କରିଥିଲେ। ତତ୍ ସହିତ ବଙ୍ଗଳାର କବି ଭାରତଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ ମଧୁସୂଦନ ଦ ପ୍ରମୁଖଙ୍କୁ ଗଭୀର ଭାବେ ଅଧ୍ୟୟନ କରି ସର୍ଜନଶକ୍ତିକୁ ନୂତନେ ମାର୍ଗରେ ପରିଚାଳିତ୍ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ। ହୁଗୁଳି କଲେଜରୁ ଏଫ.ଏ. ଶିକ୍ଷା ପ୍ରାପ୍ତ ଜଗମୋହନ ଲାଲ୍‌ଙ୍କର ଉଚ୍ଚ ଇଂରାଜୀ ଜ୍ଞାନ ତାଙ୍କୁ ନୂତନ ସାହିତ୍ୟକର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା। 'ଭ୍ରମଭଂଜନ' (୧୮୬୮) ଭଳି ପ୍ରସିଦ୍ଧ ଅନୁଦିତ କାବ୍ୟ (ଥୋମାସ୍ ପାର୍‌ନେଲ୍‌ଙ୍କ ଦା ହାରମିଟ୍ ) ର ରଚନା ସହିତ ଓଡ଼ିଆ ଭାଷାର ଆଦି ନାଟକ ବାବାଜୀ ନାଟକ ରଚନା କରି ସେ ସଂସ୍କାର ବୋଧର ଯେଉଁ ନିଦର୍ଶନ ଦେଇଛନ୍ତି, ତାହା ଉଚ୍ଚ ଶିକ୍ଷାର ଫଳଶ୍ରୁତି।

ଭକ୍ତକବି ମଧୁସୂଦନ ରାଓ ଏଫ.ଏ. ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ଛାତ୍ରାବସ୍ଥାରୁ ଇଂରେଜୀ ସାହିତ୍ୟର ବହୁ ସ୍ରଷ୍ଟାଙ୍କ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ରାଧାନାଥଙ୍କ ସଂସ୍ପର୍ଶରେ ଆସି ନୂତନ ଧାରାର ବାହକ ହୋଇପାରିଥିଲେ। ସେ ଇଂରେଜୀ ସହିତ ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିବାରୁ ତାଙ୍କ ରଚନାବଳୀରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ପରିଲକ୍ଷିତ ହୁଏ। ଜର୍ମାନ କବି ଗେଟେଙ୍କର ଜୀବନାଦର୍ଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଂକ କଂଠରୁ ନିର୍ଗତ ହୋଇଥିଲା - "More light, More air, May German Father Goethe come.' ଉଚ୍ଚଶିକ୍ଷା ପ୍ରଭାବରୁ ହିଁ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟ ଜୀବନ ସମୃଦ୍ଧ ହୋଇଥିଲା। ଡ. ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଛନ୍ତି "ଏ ଶିକ୍ଷା ଏ ସୃଷ୍ଟି ଆଦର୍ଶ ବିନା ଗୋଟିଏ ପଲ୍ଲୀଚିତ୍ର, ଗୋଟିଏ ନିର୍ଝରିଣୀ, ଗୋଟିଏ ନାନାବାୟା ଗୀତ, ଏ ସାହିତ୍ୟରେ କେବେ ସମ୍ଭବପର ହୋଇଥାନ୍ତା ବୋଲି ବିଶ୍ୱାସ କରି ହେଉନାହିଁ।"

ଆଦି ପର୍ଯ୍ୟାୟରେ ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ଏଫ. ଏ. ପଢ଼ିବା କାଳରେ ଇଂରେଜ ସାହିତ୍ୟ ସହିତ ବିଶେଷ ପରିଚୟ ଲାଭ କରିଥିଲେ। ଏଥିସହିତ ବଙ୍ଗଳା ଭାଷା ସାହିତ୍ୟ ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ବ୍ୟଙ୍ଗ ବିଦ୍ରୁପ ଜରିଆରେ ସମାଜ ସଂସ୍କାର ମୂଳକ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରସିଦ୍ଧି ଏଇ ଉଚ୍ଚ ଶିକ୍ଷାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ଅନ୍ୟତମ ପ୍ରବ କ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ଉଚ୍ଚ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ପାଶ୍ଚାତ୍ୟାଦର୍ଶର ସାହିତ୍ୟ ସହିତ ପରିଚିତ ଥିଲେ। ସେମାନଙ୍କ ସୃଷ୍ଟିରେ ପ୍ରାଚ୍ୟ-ପାଶ୍ଚାତ୍ୟ ସମନ୍ୱୟବାଦୀ ଭାବନାର ପରିପ୍ରକାଶ ମୂଳରେ ନୂତନ ପରିବେଷ୍ଟନୀର ପ୍ରଭାବ ସ୍ପଷ୍ଟଲକ୍ଷ୍ୟ କରାଯାଏ।

ସତ୍ୟବାଦୀର ଗୋପବନ୍ଧୁ, ନୀଳକଣ୍ଠ, ଗୋଦବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ପ୍ରମୁଖ ଉଚ୍ଚ ଶିକ୍ଷିତ ଥିଲେ। ଏଇ ଉଚ୍ଚଶିକ୍ଷା ହିଁ ସେମାନଙ୍କ ସାହିତ୍ୟିକ କୃତିତ୍ୱରେ ନୂତନତାର ପ୍ରାଣସ୍ପନ୍ଦନ କରିଦେବା ସହ ଜାତୀୟତାବାଦ ଚେତନାକୁ ଋଦ୍ଧିମନ୍ତ କରିଥିଲା।େ ଉଚ୍ଚ ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିବାର ମୁକ୍ତ ସ୍ୱୀକାର ଗୋପବନ୍ଧୁଙ୍କର ଏକ କବିତାରୁ ଲକ୍ଷ୍ୟକରିହେବ। ରେଭେନ୍ସାେ କଲେଜରୁ ବିଦାୟ' ଶୀର୍ଷକ କବିତାରେ ମାତୃକଳ୍ପ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେ ନିବେଦନ କରିଛନ୍ତି -

କିନ୍ତୁ ମୋ ମନ ନୟନ କରି ମାତା ଉନ୍ମୀଳନ

ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,

ଆମରଣ ତହିଁ ଯୋଗେ ହେବି କୃତ୍ୟ କୃତ୍ୟ ।

ଶିଖାଉଛ ଯେଉଁ ଶିକ୍ଷା ଦେଇଅଛ ଯେଉଁ ଦୀକ୍ଷା

ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,

ଏହି ଶିକ୍ଷା ଅକି ନ କରେ ଶ୍ରୀଚରଣେ । (ଅବକାଶ ଚିନ୍ତା)

ପାଶ୍ଚାତ୍ୟ ଚିନ୍ତାଦର୍ଶ ହିଁ ଓଡ଼ିଆ ସାରସ୍ୱତ ସମ୍ଭାରକୁ ସମୃଦ୍ଧ କରିବା ସହିତ ନବ ଉନ୍ମେଷ ପର୍ବର ସ୍ଥିତିକୁ ସଦୃଢ଼ କରିପାରିଥିଲା । ନବ ଅଭ୍ୟୁଦୟର ଏହି ପ୍ରମୁଖ କାରଣଟି ସମ୍ଭବ ହୋଇପାରିଥିଲା ମାକେଲଙ୍କ ଶିକ୍ଷାନୀତି ପ୍ରଣୟନ ଯୋଗୁଁ । ତତ୍‌ପୂର୍ବରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିଲେ ଜାତି ଯିବ ଧର୍ମହାନି ଘଟିବ ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ପୂରି ରହିଥିଲା । ମାକେଇ ଶିକ୍ଷାନୀତି ଅନୁଯାୟୀ ଇଂରାଜୀ ଶିକ୍ଷାଗ୍ରହଣ ବିନା ସରକାରୀ ଚାକିରି ପାଇବା ଅସମ୍ଭବ ଘୋଷିତ ହେଲା । ଜୀବିକାର୍ଜନ ଉଦ୍ଦେଶ୍ୟରେ କ୍ରମଶଃ ଇଂରାଜୀ ଶିକ୍ଷା ପ୍ରତି ଲୋକମାନଙ୍କ ମଧ୍ୟରେ ଆଗ୍ରହ ପ୍ରକଟିତ ହେଲା ଏବଂ ସେହି ସୂତ୍ରରେ ଓଡ଼ିଶାରେ କ୍ରମଶଃ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ଅନୁଚିନ୍ତା ଅନୁପ୍ରବେଶ କରିବାରେ ସଫଳ ହୋଇପାରିଥିଲା । ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବ ର୍ନ ହିଁ ସାହିତ୍ୟର ଗତି ବଳାଇ ଦେଇଥିଲା । ଊନବିଂଶ ଶତକରେ ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ସୂତ୍ରପାତ ହୋଇଥିବା ଏହି ନବ ଅଭ୍ୟୁଦୟ ମୂଳରେ ପାଶ୍ଚାତ୍ୟ ଶିକ୍ଷାର ଅବଦାନ ତେଣୁ ସର୍ବାଦୌ ସ୍ମରଣୀୟ ହୋଇ ରହିବ ।

### ୨.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

ଓଡ଼ିଆ ସାହିତ୍ୟରେ ନବଜାଗରଣର ଦ୍ୱାର ଉନ୍ମୁକ୍ତ କରିବାରେ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଅବଦାନ ନଅଭୂତ ହୁଏ । ୧୮୨୧ ମସିହାରେ ମିଶନାରୀମାନଙ୍କ ଦ୍ୱାରା କଲିକତାର ଶ୍ରୀରାମପୁରରୁ ପ୍ରଥମେ ଓଡ଼ିଆ ଅକ୍ଷରର ବାଇବେଲ ଛପା ହୋଇ ଓଡ଼ିଶରେ ବ । ଯାଇଥିଲା । ସମ୍ଭବତଃ ବାଇବେଲ ହିଁ ଓଡ଼ିଆରେ ପ୍ରଥମ ଛପା ଅକ୍ଷର ବହି । ତତ୍‌ପୂର୍ବରୁ ଲେଖନୀ ଦ୍ୱାରା ଖୋଦିତ ତାଳପତ୍ର ପୋଥି ହିଁ ଥିଲା ସାହିତ୍ୟ ସଂବହନର ମାଧ୍ୟମ । ଖ୍ରୀଷ୍ଟୀୟାନ୍ ମିଶନାରୀ ମାନଙ୍କ ଉଦ୍ୟମରେ ପ୍ରଥମେ ଛପା ଅକ୍ଷରରେ ପୁସ୍ତକ ପ୍ରକାଶ କରିବାର ଶୁଭାରମ୍ଭ ହେବା ଏ ଦେଶରେ ସାହିତ୍ୟିକ ଓ ସାଂସ୍କୃତିକ ପରିମଣ୍ଡ ପାଇଁ ଥିଲା ଅନ୍ୟ ଏକ ବରଦାନ । ସେମାନେ ଯଦିଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇ ପୁସ୍ତକମାନ ପ୍ରସ୍ତୁତ କରୁଥିଲେ, ତାହାରି ଭିତରେ ହିଁ ଏ ଦେଶର ଜନସାଧାରଣ ମାତୃଭାଷା ଅକ୍ଷରର ନୂତନ ରୂପରେଖ ଦର୍ଶନ କରି ଆମୋଦିତ ହେବାର ସୌଭାଗ୍ୟ ଲାଭ କରିଥିଲେ ।

ଭାରତର ଅନ୍ୟ ସବୁ ଅ ଳ ପରି ଓଡ଼ିଶାରେ ମଧ୍ୟ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିଆନ୍ ମିଶନାରୀମାନେ ପ୍ରଥମେ ଆରମ୍ଭ କରିଥିଲେ । ସେମାନେ ସର୍ବପ୍ରଥମେ କଟକରେ ୧୮୩୬ ମସିହାରେ 'ଓଡ଼ିଅଶା ମିଶନ ପ୍ରେସ୍' ପ୍ରତିଷ୍ଠା କରିଥିଲେ । ଏହାହିଁ ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣାଳୟ । କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଆ ଅକ୍ଷରରେ ପୁସ୍ତକମାନ ପ୍ରକାଶ ପାଇଥିଲା ଏଇ ମିଶନାରୀମାନଙ୍କ ଦ୍ୱାରା । ଶ୍ରୀରାମପୁରରେ ପ୍ରତିଷ୍ଠିତ ଛାପାଖାନାରୁ ପ୍ରଥମ ଓଡ଼ିଆ ବହି ନିଉଟେଷ୍ଟାମେ (New Testament) ପ ମ ଭାଗ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା । ଏହା ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଓଡ଼ିଆରେ ଅନୁବାଦିତ ହୋଇଥିଲା । ଓଡ଼ିଆ ସୀସା ଅକ୍ଷରଛା ପ ।ନନ କର୍ମକାର ନାମକ ଜଣେ କାରିଗର ପାଦ୍ରୀମାନଙ୍କ ତ ୍ୱାବଧାନରେ ତିଆରି କରିଥିଲେ । ମିସନପ୍ରେସ୍ ପ୍ରତିଷ୍ଠିତ ହେବା ପରେ ସେଠାରୁ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ୱଳିତ ପୁସ୍ତକମାନ ପ୍ରକାଶିତ ହୋଇ ବ ନ ଆରମ୍ଭ ହେଲା । ୧୮୪୯ ମସିହାରେ ଉଇଲିୟମ୍ ସି.ଲେସିଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ପ୍ରକାଶ ପାଇଲା । ୧୮୫୬ ମସିହାରେ ପୁନଶ୍ଚ ସେଇ ପାଦ୍ରୀମାନଙ୍କ ଉଦ୍ୟମରେ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକା ଏବଂ ୧୮୬୧ ମସିହାରେ ଊର୍ଣ୍ଣାକୁଳାର ଲିଟେରେଚର ସୋସାଇଟି ତରଫରୁ

'ଅରୁଣୋଦୟ' ନାମରେ ଏକ ମାସିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ଏ ସମସ୍ତ ପତ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ ପାଇଥିଲା ଏବଂ ଏଗୁଡ଼ିକରେ ବ୍ୟବହୃତ ଓଡ଼ିଆ ଭାଷା ଅପରିପକ୍ୱ ଥିଲା।

ଓଡ଼ିଆ ନବଜାଗରଣ ପାଇଁ ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକର ଭୂମିକା ପ୍ରଶଂସାର୍ହ। ଉତ୍କଳ ଦୀପିକା (୧୮୬୬), ଉତ୍କଳ ଦର୍ପଣ (୧୮୭୩), ଉତ୍କଳପତ୍ର (୧୮୭୩), ବୋଧଦାୟିନୀ (୧୮୬୮), ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ମଧୁପ (୧୮୭୮), ପ୍ରଜାବନ୍ଧ (୧୮୮୨), ସଂସ୍କାରକ (୧୮୮୩), ଶିକ୍ଷାବନ୍ଧୁ (୧୮୮୬), ସମ୍ବଲପୁର ହିତେଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୨), ଉତ୍କଳ ସାହିତ୍ୟ (୧୮୯୭), ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯), ମୁକୁର (୧୯୦୫), ଆଶା (୧୯୧୩) ଓ ସତ୍ୟବାଦୀ (୧୯୧୫) ପ୍ରଭୃତି ପତ୍ରପତ୍ରିକାଗୁଡ଼ିକର କୃତିତ୍ୱ ବିଚାର୍ଯ୍ୟ।

୧୮୬୬ର ନିଦାରୁଣ ନଅଙ୍କ ଦୁର୍ଭିକ୍ଷ ବର୍ଷ ଓଡ଼ିଶାର ଦ୍ୱିତୀୟ ଛାପାଖାନା କଟକ ପ୍ରି ିଂ କମ୍ପାନୀ ପ୍ରେସ୍ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଏବଂ ସେହିଠାରୁ ସର୍ବପ୍ରଥମ ସାପ୍ତାହିତ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହେଲା। ଓଡ଼ିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭିକ ଭାବରେ ପ୍ରକାଶ କରି ଏହାର ସମ୍ପାଦକ ଗୌରୀଶଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନବଯୁଗର ବା ା ସଂଚାର ପାଇଁ ଅ ।ଭିଡ଼ିଥିଲେ। ସେ ସମୟରେ କେତେକ ବଂଗାଳୀ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ସ୍କୁଲମାନଙ୍କରୁ ଉଠାଇଦେଇ ବଙ୍ଗଭାଷା ଓ ଲିପି ପ୍ରଚଳନ ପାଇଁ ହୀନ ଉଦ୍ୟମ କରିଥିଲେ। ମାତ୍ର 'ଉତ୍କଳ ଦୀପିକା' ମାଧ୍ୟମରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ତତ୍କାଳୀନ ବାଲେଶ୍ୱର ଜିଲ୍ଲା କଲେକ୍ଟର ଜନ ବିମ୍ସ ଓ ଓଡ଼ିଶାର କମିଶନର ମି. ରେଭେନ୍ସା ସାହେବଙ୍କ ସହାୟତାରେ ତାର ପ୍ରତିଶୋଧ କରି ଏହି ଆନ୍ଦୋଳନକୁ ପଣ୍ଡ କରିପାରିଥିଲେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଉର୍ବର କ୍ଷେତ୍ର ସ୍ଥାପନ କରିଥିଲେ। ପରବ ୀ ସମୟରେ ଓଡ଼ିଶାରେ ପ୍ରତିଷ୍ଠିତ ମୁଦ୍ରଣଖାନାଗୁଡ଼ିକର ଏକ ସାରଣୀ ନିମ୍ନରେ ପ୍ରଦ ।

୧୮୬୮ - ଉତ୍କଳ ପ୍ରି ିଂ କୋମ୍ପାନୀ, ବାଲେଶ୍ୱର

୧୮୭୩ - ଦେ ପ୍ରେସ୍, ବାଲେଶ୍ୱର

୧୮୭୩ - ଓଡ଼ିଶା ପେଟ୍ରିଅଟ୍ ପ୍ରେସ୍, କଟକ

୧୮୭୫ - ଶ୍ରୀମସରାମୃତ ସିନ୍ଧୁ ପ୍ରେସ୍, ବ୍ରହ୍ମପୁର

୧୮୭୯ - ମୟୂରଭଞ୍ଜ ପ୍ରେସ୍, ବାରିପଦା

୧୮୮୫ - ଭିକ୍ଟୋରିଆ ପ୍ରେସ୍, କଟକ

୧୮୮୫ - ଜଗନ୍ନାଥ ବଲ୍ଲଭ ପ୍ରେସ୍, ବାମଣ୍ଡା

୧୮୮୫ - ଗଜପତି ଭୀମଦେବ ପ୍ରେସ୍, ବଡ଼ଖେମୁଣ୍ଡି

୧୮୯୦ - ପୁରୀ ପ୍ରି ିଂ କର୍ପୋରେସନ, ପୁରୀ

୧୮୯୩ - ଅରୁଣୋଦୟ ପ୍ରେସ୍, କଟକ

୧୮୯୪ - ରାୟ ପ୍ରେସ୍, କଟକ

୧୮୯୬ - ଗଜପତି ପ୍ରେସ୍, ପାରଳାଖେମୁଣ୍ଡି

୧୮୯୭ - ଉତ୍କଳ ସାହିତ୍ୟ ପ୍ରେସ୍, କଟକ

୧୮୯୯ – ବିନୋଦ ପ୍ରେସ୍, ବାଲେଶ୍ୱର

୧୯୦୨ – ବୌଦରାଜ ପ୍ରେସ୍, ବୌଦ

୧୯୧୦ – ମୁକୁର ପ୍ରେସ୍, କଟକ

ପରବ ୀ ସମୟରେ ଆହୁରି ଅନେକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲେ ହେଁ ଉପର୍ଯ୍ୟୁକ୍ତ ପ୍ରେସ୍‌ଗୁଡ଼ିକରୁ ଅଧିକାଂଶ ଓଡ଼ିଆ । ନବଜାଗରଣର ବା ାବିହ ଭାବରେ ଅବତୀର୍ଣ୍ଣ ହୋଇଥିଲେ ।

ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ପ୍ରି ିଂ କମ୍ପାନୀ'କୁ ଆଧାରକରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା ପ୍ରକାଶ ପାଇଲା । ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସ୍‌ରୁ ୧୮୭୩ରେ ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ଆତ୍ମପ୍ରକାଶ କଲା । ଏହି ପତ୍ରିକା ହିଁ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରମୁଖଙ୍କ ଗଦ୍ୟ ଓ ପଦ୍ୟ ରଚନାକୁ ସ୍ଥାନଦେଇ ନୂତନ ପ୍ରବାହ ସୃଷ୍ଟିକଲା । ରାଧାନାଥଙ୍କ ଦ୍ୱାରା ରଚିତ 'ବିବେକୀ' ପ୍ରବନ୍ଧ ପ୍ରଥମେ ଏହି ପତ୍ରିକାରେ ହିଁ ସ୍ଥାନ ପାଇଥିଲା । ନବ ଚିନ୍ତନର ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ଓଡ଼ିଆ ସାହିତ୍ୟରେ ରେନେସାଁ ସୃଷ୍ଟିର ଐତିହାସିକ ଭୂମିକା ନିଭାଇବାରେ ଉତ୍କଳଦର୍ପଣ ଅବିସ୍ମରଣୀୟ ହୋଇ ରହିବ ।

ଉତ୍କଳ ସଭା ଆନୁକୁଲ୍ୟରେ କଟକରୁ ଉତ୍କଳ ମଧୁପ ପତ୍ରିକା ୧୮୭୮ରେ ପ୍ରକାଶ ପାଇଲା । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟସାହିତ୍ୟ ପରିପନ୍ଥୀ ଉତ୍କଳର ଯେଉଁ ସମ୍ବାହୀ ଯୁବକମାନେ ନୂତନ ସାହିତ୍ୟ ସୃଷ୍ଟିପାଇଁ ଅ ାଭିଡ଼ିଥିଲେ, ସେମାନଙ୍କର ନେତୃତ୍ୱ ନେଇଥିଲେ ରାମଶଙ୍କର ରାୟ । ତାଙ୍କର ସୌଦାମିନୀ (ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସ) ଓ ପ୍ରେମତରୀ ଏଥିରେ ପ୍ରକାଶ ପାଇଥିଲା । ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଆଧୁନିକ-ପ୍ରାଚୀନ ସଂଘର୍ଷ ଏଇ ପତ୍ରିକାକୁ କେନ୍ଦ୍ରକରି ଆରମ୍ଭ ହୋଇଥିଲା ।

ବାମଣ୍ଡା ରାଜାଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ୧୯୨୩ ପର୍ଯ୍ୟନ୍ତ ନିରନ୍ତରତା ରକ୍ଷା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲା । ରାଧାନାଥଙ୍କର 'ପାର୍ବତୀ' (୧୮୯୦), ଯଯାତିକେଶରୀ (୧୮୯୪), 'ଦରବାର' କାବ୍ୟର କିଛି ଅଂଶ (୧୮୯୪) ହିତୈଷିଣୀର ପୃଷ୍ଠାମଣ୍ଡନ କରିଥିଲା । ନନ୍ଦକିଶୋରଙ୍କ ପଲ୍ଲୀଚେତନାରେ ସମ୍ବଳିତ ଅନେକ ନୂଆ ନୂଆ ରୁଚିର କବିତା ଯଥା – ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ଖଳା ଇତ୍ୟାଦି ଏଥିରେ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇଥିଲା । ଏହି ପତ୍ରିକାର ଅନ୍ୟତମ ଐତିହାସିକ ଅବଦାନ ହେଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ (୧୮୯୪) ବିରୁଦ୍ଧରେ ଜନମତ ସୃଷ୍ଟିକରିବା ସହିତ ମଧ୍ୟପ୍ରଦେଶ ଶାସନ କ ର୍ତୃତ୍ୱକୁ ମୁକ୍ତକରି ସମ୍ବଲପୁରକୁ ଓଡ଼ିଶା ସହ ସଂଯୁକ୍ତ କରିବା । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୨) ପତ୍ରିକା ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ରଚନାକୁ ଗୁରୁତ୍ୱଦେଇ ରେନେସାଁ ଧାରାକୁ ଶକ୍ତିଶାଳୀ କରିଥିଲା । ଏହି ପତ୍ରିକା ସର୍ବପ୍ରଥମେ ଲେଖକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବାର ପରମ୍ପରା ସୃଷ୍ଟି କରିଥିଲା । ରାଥାନାଥଙ୍କ ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଇତ୍ୟାଦି କାବ୍ୟ, ମଧୁସୂଦନଙ୍କ ଋଷିପ୍ରାଣେ ଦେବାବତରଣ (୧୮୯୧), ଫକୀରମୋହନଙ୍କ 'ନିଦାଘ ନିଶିଥ୍ ସ୍ୱପ୍ନ' ଆଦି ନୂତନ ଭାବଧାରା ନେଇ ଏଇ ପତ୍ରିକାରେ ପ୍ରକାଶ ପାଇଥିଲା ।

'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ଅନ୍ୟତମ ସାରଥି । ପ୍ରବୀଣ ଓ ତରୁଣ ଲେଖକମାନଙ୍କୁ ସ୍ଥାନଦେଇ ଏହାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ନୂତନତାର ବାହକ ସାଜିଥିଲେ । ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ପ୍ରକାଶିତ ହୋଇ 'ଉତ୍କଳ ସାହିତ୍ୟ' ନବୀନ ଧାରକୁ ପରିପୁଷ୍ଟ କରିଥିଲା । ବିଶ୍ୱନାଥ କର ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇଥିବାରୁ ଉତ୍କଳ ସାହିତ୍ୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ ରଚନାବଳୀ ସମେତ ଆଧୁନିକ ଗଳ୍ପ, ଉପନ୍ୟାସ, ପୁସ୍ତକ ସମାଲୋଚନା, ପୁରାତନ କବିମାନଙ୍କ ସମ୍ପର୍କରେ ବିଶେଷ ରଚନା ଏଥିରେ ସ୍ଥାନ ପାଇଥିଲା । ମଧୁସୂଦନ

ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ମୋହିନୀ ମୋହନ ସେନାପତି, ସତ୍ୟାରାୟଣ ରାଜଗୁରୁ, କାମପାଳ ମିଶ୍ର, ଚନ୍ଦ୍ରମୋହନ ମହାରଣା, ଜଳନ୍ଧର ଦେବଙ୍କ ପରି ଲେଖକମାନଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ କରି ନୂତନ ଚେତନାଧାରାକୁ ସେ ଏଥିରେ ବଳବ ର କରିଥିଲେ। ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' (୧୮୯୮) ଏହି ପତ୍ରିାରେ ସ୍ଥାନିତ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଅନ୍ୟଦୁଇଟି ପତ୍ରିକା ଇନ୍ଦ୍ରଧନୁ (୧୮୯୩) ଓ ବିଜୁଳି (୧୮୯୩) ଯଥାକ୍ରମେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ବିତର୍କମୂଳକ ବାତାବରଣ ସୃଷ୍ଟିକରିେ ପାଠକୀୟ ଦୃଷ୍ଟିଭଙ୍ଗୀରେ ବିବ ର୍ନ ଆଣିବାକୁ ଉଦ୍ୟମ କରିଥିଲେ।

ବିଂଶ ଶତାବ୍ଦର ଆଦ୍ୟପାଦରେ ମୁକୁର (୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯) ନବଭାରତ (୧୯୩୪), ଆଧୁନିକ (୧୯୩୬) ଇତ୍ୟାଦି ପତ୍ରିକା ଓଡ଼ିଆ ସାହିତ୍ୟର ଧାରା ଓ ଧାରାକୁ ବହୁମାତ୍ରାରେ ପରିବ୍ୟାପ୍ତ କରିଥିବାର ଜଣାଯାଏ। ଗୋପବନ୍ଧୁ, ନୀଳକଣ୍ଠ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ପ୍ରମୁଖଙ୍କୁ ସ୍ଥାନଦେଇ ଏହାର ସମ୍ପାଦକ ବ୍ରଜସୁନ୍ଦର ଦାସ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। 'ମୁକୁର ଉପନ୍ୟାସମାଳା' କ୍ରମରେ ଉପନ୍ୟାସ ସାହିତ୍ୟର ପ୍ରଚାର ଓ ପ୍ରସାର ସେ ଘଟାଇଥିଲେ। ଏଥିସହିତ ସଂସ୍କାରଧର୍ମୀ ପ୍ରବନ୍ଧ ଯଥା ଶ୍ରୀବାସ ପଣ୍ଡାଙ୍କ 'ଯୁବତୀ ବିବାହ', 'ସ୍ତ୍ରୀ ଶିକ୍ଷା' ନୀଳକଣ୍ଠଙ୍କ 'ମୋ ନିଶ', ଗୋପବନ୍ଧୁଙ୍କ 'ବିବାହରେ ଅର୍ଥ ପ୍ରସଙ୍ଗ' ଆଦି ପ୍ରକାଶିତ ହୋଇ 'ମୁକୁର' ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରବର୍ୀ ସମୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦନାରେ ସହକାର ପତ୍ରିକା ଉପନ୍ୟାସ ପ୍ରକାଶନକୁ ପ୍ରାଧାନ୍ୟ ଦେଇଥିଲା। ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗତିମୁଖର ହୋଇଥିଲା। ପରମ୍ପରା, ସଂସ୍କୃତି, ଇତିହାସ କିମ୍ବଦନ୍ତୀକୁ ଆଧୁନିକ ଛା ରେ ପ୍ରକାଶ କରି ଜାତୀୟତାବାଦ ବିକାଶରେ ଏହା ବେଶ୍ ସହାୟକ ହୋଇଥିଲା।

ପତ୍ରପତ୍ରିକାଗୁଡ଼ିକ ହିଁ ସାହିତ୍ୟର ଆଦ୍ୟ ବାହକ। ଏ ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ରେନେସାଁ ପାଇଁ ସେ ସମୟରେ ପ୍ରକାଶିତ ପତ୍ରପତ୍ରିକା ସମୂହର ଗୁରୁତ୍ୱ ଉପଲବ୍ଧ ହୋଇଥାଏ।

**୨.୫ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ**

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରତିଷ୍ଠା କରିବାରେ ଊନବିଂଶ ଶତକର ଶେଷପାଦରେ ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଅବଦାନ ସ୍ମରଣଯୋଗ୍ୟ। ତତ୍ପୂର୍ବରୁ ସଂସ୍କୃତି ଓ ସାହିତ୍ୟର ଆଲୋଚନା ପାଇଁ ଚଉପାଢ଼ୀ, ଭାଗବତ ଟୁଙ୍ଗୀ, ଅଲେଖଗାଦି ଭଳି ପ୍ରାଚୀନ ଅନୁଷ୍ଠାନ ଅବଶ୍ୟ ରହିଥିଲା। ସେଗଡ଼ିକ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଧର୍ମାନୁଷଙ୍ଗ ସାଧନରେ ସହାୟକ ହେଉଥିଲା। ଅପର ପକ୍ଷରେ ଊନବିଂଶ ଶତକରେ ଶିକ୍ଷିତ ମଧବି ଗୋଷ୍ଠୀ ଜାତୀୟ ବିକାଶରେ ଆଗଭର ହେବାରୁ ଏ ଦିଗରେ ପରିବର୍ନର ଧାରା ପ୍ରବାହିତ ହେଲା। ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଓଡ଼ିଆ ବିଲୋପ ଚକ୍ରାନ୍ତ (୧୮୬୮--୬୯) ଭଳି ଦାରୁଣ ବିପର୍ଯ୍ୟୟ ଶିକ୍ଷିତ ଓଡ଼ିଆଙ୍କୁ ସଂଗଠିତ କରିବା ପାଇଁ ପ୍ରେରଣା ଯୋଗଉଥିଲା। କଟକରେ ପ୍ରତିଷ୍ଠିତ 'ପାରସ୍ପରିକ ଉନ୍ନତି ସଭା' (୧୮୫୯) ହେଉଛି ଓଡ଼ିଶାର ପ୍ରଥମ ଆଧୁନିକ ସାଂସ୍କୃତିକ ଅନୁଷ୍ଠାନ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମନ୍ୱୟରେ ଗଠିତ ଏହି ସଭାରେ କଟକରେ ବସବାସ କରୁଥିବା କତିପୟ ବିଦେଶୀଙ୍କ ସହିତ ଦେଶୀୟ ଶିକ୍ଷିତ ବ୍ୟକ୍ତି ସଦସ୍ୟଥିଲେ। ସାହିତ୍ୟ, ସମାଜ ତଥା ସଂସ୍କୃତି ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ପାଇଁ ଏହାର ଅଧିବେଶନଗୁଡ଼ିକ ଅଭିପ୍ରେତ ଥିଲା। କଟକ ଡିବେଟିଂ କ୍ଲବ (୧୮୬୯) ବିଭିନ୍ନ ସମ୍ପାନ ମାଧମରେ ଦେଶହିତକର ଜ୍ଞାନଗାରିମାକୁ ଜନସାଧାରଣଙ୍କ ନିକଟରେ ପହ ାଇବା ପାଇଁ ଉଦ୍ୟମ କରୁଥିଲା। ଓଡ଼ିଆ ଭାଷାରେ ଇଂରାଜୀ ସାହିତ୍ୟରୁ କେତେକ ରଚନା ଅନୁବାଦ କରି ନୂତନତାର ସ୍ୱାଦ ପ୍ରଦାନରେ 'କଟକ ସୋସାଇଟି' ଭଳି ଅନୁଷ୍ଠାନ ବ୍ୟଗ୍ରତା ପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଉତ୍କଳ ଭାଷା ବିଧାୟିନୀ ସଭା (୧୮୬୬) ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୬) ଇତ୍ୟାଦି ଅନୁଷ୍ଠାନ ଗଢ଼ିଉଠିଥିଲା। ଭାଷା ଚର୍ଚ୍ଚା ସହ ପାଠ୍ୟ ପୁସ୍ତକଗୁଡ଼ିକର ସମୀକ୍ଷାତ୍ମକ ଆଲୋଚନାରେ ଏହାର

ସଦସ୍ୟମାନେ ଅଧିକ ଗୁରୁତ୍ୱାରୋପ କରୁଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବହୁ ମୂଲ୍ୟବାନ ଓ ଗୌରବାବହ ସୃଷ୍ଟି ଆଧୁନିକ ଓଡ଼ିଶାର ପାଠକମାନଙ୍କ ନିକଟରେ ପହ୍ଂ ପାରୁନଥିଲା। ତାଳପତ୍ର ପୋଥିରେ ଲିପିବଦ୍ଧ ଅତୀତର ସାହିତ୍ୟ ସହଜଲଭ୍ୟ ନଥିଲା। ଯତ୍ରତତ୍ର ଯାହାସବୁ ସଂରକ୍ଷିତ ହୋଇ ରହିଥିଲା, ସେଗୁଡ଼ିକ ମଧ୍ୟ ସହଜପାଠ୍ୟ ହୋଇପାରୁ ନଥିଲା। 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାର କମ୍ପାନୀ' (୧୮୭୭) ଗଠିତ ହୋଇ ପ୍ରାଚୀନ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାପାଇଁ ଯତ୍ନବାନ ହେଲା। 'ଉତ୍କଳ ପ୍ରି ିଂ କମ୍ପାନୀ' (୧୮୬୬) ଓ ଦେଶ ହିତୈଷିଣୀ ସଭା (୧୮୭୪), ଉତ୍କଳ ହିତୈଷିଣୀ ସଭା (୧୮୮୫) ଓଡ଼ିଆ ଗ୍ରାଜୁଏଟ ଏଣ୍ଡ ଅଣ୍ଡର ଗ୍ରାଜୁଏଟ ଆସୋସିଏସନ (୧୮୮୯) ଇତ୍ୟାଦି ସାରସ୍ୱତ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ ନୂତନ ଜ୍ଞାନଲୋକ ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ।

ଊନବିଂଶ ଶତକର ଭାରତୀୟ ଭାବରାଜ୍ୟରେ ବିପ୍ଳବାତ୍ମକ ପରିବ ର୍ନ ଆଣିବାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମସମାଜ (୧୮୨୮)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଏକେଶ୍ୱରବାଦରେ ବିଶ୍ୱାସୀ ବ୍ରାହ୍ମଧର୍ମ ହେତୁବାଦୀ ସମାଜ ଗଠନର ପକ୍ଷପାତୀ ଥିଲା ଏବଂ ବର୍ଷ ବର୍ଷ ଧରି ଚଳି ଆସୁଥିବା ଅମାନବୀୟ ସାମାଜିକ କୁସଂସ୍କାର ଯଥା – ସତୀଦାହ ପ୍ରଥା, ବହୁ ବିବାହ, ବାଲ୍ୟ ବିବାହ ବ୍ୟବସ୍ଥାର ଘୋର ବିରୋଧୀ ଥିଲା। ୧୮୪୯ ମସିହାରେ ବ୍ରାହ୍ମଚେତନା ଓଡ଼ିଶାରେ ବିଧିବଦ୍ଧ ଭାବରେ ପ୍ରବେଶ କଲା। ମୁନସିଫ୍ ମହେଶଚନ୍ଦ୍ର ରାୟ କଟକରେ ବ୍ରାହ୍ମସମାଜ ପ୍ରତିଷ୍ଠା କରି ଏହାର ସୂତ୍ରଧର ସାଜିଲେ। ଜଗନ୍ମୋହନ ଲାଲ୍, ମଧୁସୂଦନ ରାୟ, ପ୍ୟାରୀମୋହନ ମହାପାତ୍ର, ସାଧୁଚରଣ ରାୟ, ବିଶ୍ୱନାଥ କର ପ୍ରମୁଖ ସ୍ରଷ୍ଟା ବ୍ରାହ୍ମଧର୍ମ ଗ୍ରହଣ କରି ନିଜ ନିଜ ରଚନାରେ ସମାଜ ସଂସ୍କାରକ ଦୃଢ଼ବା ର୍ା ଦେଇଥିଲେ।

ବିଂଶ ଶତକର ଆଦ୍ୟପାଦରେ ଅଧିକରୁ ଅଧିକ ସାରସ୍ୱତ ଅନୁଷ୍ଠାନ ଗଠିତ ହୋଇ ରେନେସାଁ ଭାବଧାରାକୁ ପରିବ୍ୟାପ୍ତ କରିଥିଲେ। ଉତ୍କଳ ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାନ (୧୯୦୩), ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ସବୁଜ ସାହିତ୍ୟ ସମିତି (୧୯୩୧), ନବଯୁଗ ସାହିତ୍ୟ ସଂସଦ (୧୯୩୫) ଇତ୍ୟାଦି ସଂଗଠନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଅବିସ୍ମରଣୀୟ ଇତିବୃ  ।

ଆଧୁନିକ ଚେତନା ପ୍ରଣୋଦିତ ଓଡ଼ିଆମାନେ ଯେଉଁସବୁ ସଂଘ, ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ବିକାଶ କରି ପଥ ପ୍ରସ୍ତୁତ କରିଥିଲେ, ତାହା ଓଡ଼ିଆ ନବଜାଗରଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଦେଶବିଦେଶରେ ଘଟୁଥିବା ନାନା ପରିବ ର୍ନ ସମ୍ପର୍କରେ ଆଲୋଚନା ପ୍ରତ୍ୟାଲୋଚନା କରି ସ୍ରଷ୍ଟାମାନେ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିଥିଲେ।

## ୨.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରସଙ୍ଗ ଆଲୋଚନା କଲାବେଳେ ଭାଷା ଓ ଲିପି ଚକ୍ରାନ୍ତକୁ ଏଡ଼େଇ ଦିଆଯାଇନପାରେ। ସେ ସମୟରେ କତିପୟ ଈର୍ଷାକୁ ବଂଗୀୟ ବ୍ୟକ୍ତିଙ୍କର ହୀନ ଉଦ୍ୟମର ଶିକାର ହେବାକୁ ବସିଥିଲା ଓଡ଼ିଆ ଭାଷା ଓ ସାହିତ୍ୟ। ୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ନାମକ ଜଣେ ଐତିହାସିକ କଟକ ସହରର ଏକ ସଭାରେ ଭାଷଣ ଦେଇ କହିଲେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ପୁସ୍ତିକା ଛାପି ଅପପ୍ରଚାର ଚଳାଇଥିଲେ। ସେମାନଙ୍କ ସହିତ ଆଉ କେତେକ ବଙ୍ଗାଳୀ ଏକତ୍ର ଓଡ଼ିଆ ଭାଷା ବିଲୋପ କରି ଏ ଦେଶରେ ବଂଗଳା ପ୍ରଚଳନ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଶେଷ କରି ଓଡ଼ିଶାର ଭର୍ଣ୍ଣାକୁଲାର ସ୍କୁଲ ସମୂହରେ ବଂଗଳା ଭାଷାରେ ପାଠ୍ୟଦାନ ପାଇଁ ନାନା ପ୍ରକାର କୌଶଳ ଜାରି ରଖିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ବଂଗଳା ଭାଷା ପରି ଓଡ଼ିଆ ଭାଷାରେ ଉନ୍ନତ ସାହିତ୍ୟିକ ପରମ୍ପରା ନାହିଁ।

ଏହି ଘଟଣା ଓଡ଼ିଆ ବୁଦ୍ଧିଜୀବୀ, ଶିକ୍ଷିତଗୋଷ୍ଠୀ ଓ ସାହିତ୍ୟିକମାନଙ୍କୁ ଏକାଠି କରାଇ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ରଚନା ପାଇଁ ଉତ୍ସାହିତ କରିଥିଲା। ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ଭାଷା ବିରୋଧୀ ଅଭିଯାନରୁ ପ୍ରତିହତ କରିବା ପାଇଁ

ଅ ।ଭିଡ଼ିଥିଲେ। ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା'ରେ ଲେଖିଥିଲେ' ପୁନଶ୍ଚ ଦେଖ, ଏହି ବଂଗାଳୀ ଭାଷାର ଉନ୍ନତି କରଣ କି ପର୍ଯ୍ୟନ୍ତ ନା ଯତ୍ନ (ଇଂରେଜମାନଙ୍କ ଦ୍ୱାରା) କରାଯାଇଅଛି। ତଥାପି ଉତ୍କଳୀୟ କବିମାନେ ସେ ସକଳେ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ କାବ୍ୟ ମଧ୍ୟ ବଂଗାଳୀ ଭାଷାରେ ପ୍ରକାଶ ହୋଇନାହିଁ। ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ,େ କି କାବ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଂଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକା ହୋଇଅଛି। ମାତ୍ର ଏହି ସମସ୍ତ ଗ୍ରନ୍ଥ ଅନୁବାଦିତ ବା ଅପହୃତ।" (୧୮୬୬)

କେବଳ ସେତିକି ନୁହେଁ ଭାଷା ବିଲୋପ ଦୁରଭିସନ୍ଧି ଚରିତାର୍ଥ ନହେବାରୁ ଉତ୍କଳ ଲିପି ବଦଳରେ ବଂଗଳା ଲିପିରେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ସେ କାଳରେ ସରକାରଙ୍କ ନିକଟରେ ମଧ୍ୟ ଦାବି କରାଯାଉଥଇଲା। ସୌଭାଗ୍ୟର ବିଷୟ, ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ ବିମ୍ସ, ଓଡ଼ିଶା କମିଶନର ରେଭେନ୍ସା ସାହେବ, ଉତ୍କଳେ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ପ୍ରମୁଖଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ଓ ଲିପି ସୁରକ୍ଷିତ ରହିପାରିଲା। ବଙ୍ଗଳା ସମେତ ଦକ୍ଷିଣରେ ତେଲୁଗୁ ଓ ପଶ୍ଚିମରେ ହିନ୍ଦୀ ଭାଷାର ଆକ୍ରମଣ ମଧ୍ୟ ଏ ଦେଶର ଭାଷା ସାହିତ୍ୟ ପାଇଁ ବିପଦ ସୃଷ୍ଟି କରିଥିଲା। ମାତ୍ର ଓଡ଼ିଆ ଜାଗରଣ ଏକ ସୁରକ୍ଷା କବଚ ଭାବରେ ଉଭାହୋଇଥିଲା ଏବଂ ଉତ୍କଳ ସାହିତ୍ୟର ନବଦିଗନ୍ତ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

### ୨.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

ପରମ୍ପରା ପ୍ରସୂତ ବିଶ୍ୱାସ ଓ ଚେତନାକୁ ପରିହାରକରି ନୂତନ ଭାବଧାରାର ବାହକ ସାଜିବା ହେଉଛି ରେନେସାଁ ବା ସାଂସ୍କୃତିକ ନବଜାଗରଣର ମୌଳିକ ବା ।। ନବ ନବ ପ୍ରଜ୍ଞା -ଫସଲରେ ସୁଶୋଭିତ ମାନସ - କାନନ ସ୍ଥିତିବାଦୀ ସମାଜରେ ସବୁକାଳେ ଭିନ୍ନସ୍ରୋତର ଫଲ୍‌ଗୁ ବୁହାଇବାର ସାମର୍ଥ୍ୟ ରଖିଥାଏ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶେଷ କରି ଅନ୍ତିମ ତିନି ଦଶକରେ ଓଡ଼ିଆ ସାହିତ୍ୟର ପରମ୍ପରାସିଦ୍ଧ ଗତିରେ ତୁମୁଳ ପରିବ ିନ ହେଲା। ପୂର୍ବ ଆଲୋଚିତ ପରିବେଶ ଓ ପ୍ରତିକ୍ରିୟା ହିଁ ଏ ଦେଶର ସାଂସ୍କୃତି ପରମଣ୍ଡଳରେ ଯେଉଁ ପରିବ ିନର ସଂକେତେ ସଂଚାର କଲା, ତାହାର ବ୍ୟାପକ ପ୍ରଭାବରେ ସାହିତ୍ୟର କଳେବର ନୂତନତାରେ ଆଚ୍ଛାଦିତ ହେବାର ସୌଭାଗ୍ୟ ଲାଭ କଲା।

ଓଡ଼ିଆ ସାହିତ୍ୟର ଭାଷା, ଭାବ ଓ ଶୈଳୀରେ ବହୁ ପରିବ ିନର ସୂତ୍ରପାତ ଏହି ସନ୍ଧିକ୍ଷଣର ବିଶେଷତ୍ୱ। ପ୍ରାଚୀନ ଓ ଆଧୁନିକ ସଂଘର୍ଷ ମଧ୍ୟରେ ଆଧୁନିକର ବିଜୟ ଯୋଗୁ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ହୋଇ ପାରିଥିଲା। ଭଞ୍ଜ ଓ ରାଧାନାଥୀ କାବ୍ୟଚେତନାକୁ ଅବଲମ୍ବନ କରି ଦୁଇଟି ଶିବିରରେ ବିଭକ୍ତ ହୋଇଥିଲା ସେକାଳର ସୃଜନ ପରିମଣ୍ଡଳ। କେବଳ ସାହିତ୍ୟିକ ଆଦର୍ଶର ଦ୍ୱନ୍ଦ୍ୱ ହିଁ ଭଞ୍ଜ ପକ୍ଷ ସମର୍ଥନକାରୀ 'ଇନ୍ଦ୍ରଧନୁ' ଓ ରାଧାନାଥ ପକ୍ଷଧାରା 'ବିଜୁଳି' ପତ୍ରିକା ପ୍ରକାଶିତ ହୋଇ ନବଜାଗରଣ ବାତାବରଣକୁ ତ୍ୱରାନ୍ୱିତ କରିଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ନୂତନ ପରୀକ୍ଷା ନିରୀକ୍ଷାର ନାନା କୌଶଳ ଏ ଯୁଗର ସାହିତ୍ୟକୁ ବୈଚିତ୍ର୍ୟ ବିଭୂଷିତ କଲା। ବିଶେଷ କରି ଓଡ଼ିଆ କାବ୍ୟ କବିତାର ନୂତନ କଥାବସ୍ତୁ ସହିତ ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ପ୍ରେମର ସାବଲୀଳ ପ୍ରୟୋଗ, ଜାତୀୟତାବୋଧ, ସଂସ୍କାରଧର୍ମିତା ତତା ମାନବ ବନ୍ଦନା ଇତ୍ୟାଦି ଅଭିନବ ଭାବ ସମ୍ପଦ ବେଶ୍ ଆଦର ଲାଭକଲା। ସେହିପରି କାବ୍ୟ, ଖଣ୍ଡକାବ୍ୟ, ଗାଥା କବିତା (Ballad)ଳ ଚତର୍ଦ୍ଦଶପଦୀ (sonnet), ଶୋକଗୀତି (Elegy), ସମ୍ବୋଧନ ଗୀତିକା (Ode), ବ୍ୟଙ୍ଗ କବିତା (satire) ଇତ୍ୟାଦି ନୂତନ ଆଙ୍ଗିକରେ ଏ ଯୁଗର କାବ୍ୟ ସାହିତ୍ୟ ଶ୍ରୀମଣ୍ଡିତ ହେଲା। କଠିନ ଅଳଙ୍କାର ବିନିର୍ମୁକ୍ତ ସହଜ ପ୍ରକାଶଭଙ୍ଗୀ ସହିତ ସରଳ ଭାଷା ପ୍ରୟୋଗ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏ ଯୁଗ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

ସେହିପରି ରେନେସାଁ ପ୍ରଭାବରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସମର୍ଥ ହେଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ମୁଖ୍ୟତଃ ପଦ୍ୟମୟ। କେବଳ ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସାଧାନିଧି, ଓଡ଼ିଶା ରାଜ ବଂଶ ଇତିହାସ ରୂପେ ଖ୍ୟାତ ମାଦଳାପାଂଜି, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପରି କତିପୟ ରଚନାକୁ ବାଦ୍‌ଦେଲେ ଗଦ୍ୟର ଅନ୍ୟ କୌଣସି ସ୍ୱତନ୍ତ୍ର ସୃଷ୍ଟି ନଥିଲା। ଇଂରେଜମାନଙ୍କ ସଂସର୍ଗରେ ଓଡ଼ିଆ ଗଦ୍ୟର

ନୂଆରୂପ ଆତ୍ମପ୍ରକାଶ କଲା। ଅବଶ୍ୟ ରେନେସାଁର ଆଦ୍ୟକାଳରେ ଯେଉଁ ଗଦ୍ୟ ପରିଦୃଷ୍ଟ ହୁଏ, ତାହାର ଭାଷା ଓ ଶୈଳୀ ଅନେକାଂଶରେ ଅସମ୍ପୂର୍ଣ୍ଣ ଓ ବିକୃତ ଥିଲା। ଇଂରାଜୀକୁ ଅଣକୁଶଳୀ ଲେଖକମାନଙ୍କ ଦ୍ୱାରା ଅନୁଦିତ ଏବଂ ବଙ୍ଗଳା ଭାଷାର ପ୍ରତ୍ୟକ୍ଷ ଅନୁସରଣ ଏପରି ବିକୃତିର କାରଣ ହୋଇଥିଲା। ଓଡ଼ିଆ ପତ୍ରପତ୍ରିକା ଆତ୍ମପ୍ରକାଶ କଲାପରେ ଏ ଦିଗରେ ବ୍ୟାପକ ପରିବ ର୍ନ ଦେଖାଦେଲା। ଉତ୍କଳ ଦର୍ପଣରେ ପ୍ରକାଶିତ ରାଧାନାଥ ରାୟଙ୍କ ବିବେକୀ (୧୮୭୩) ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧର ମାନ୍ୟତା ପାଇଲା। ବିଶ୍ୱନାଥ କର, ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା, ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଆ ପ୍ରବନ୍ଧକୁ ଆଗକୁ ବଢ଼ାଇବାରେ ସଫଳ ହେଲେ।

ଉମେଶଚନ୍ଦ୍ର ସରକାର, ଫକୀର ମୋହନ ସେନାପତି, ଗୋପାଳ ବଲ୍ଲଭ ଦାସ, ରାମଶଙ୍କର ରାୟ, ଚିନ୍ତାମଣି ମହାନ୍ତିଙ୍କ ଭଳି ଲେଖକମାନେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ମାର୍ଗ ନିର୍ଦ୍ଦେଶ କଲେ। ପଦ୍ମମାଳୀ (୧୮୮୮)ଭଳି ଉପନ୍ୟାସ ରଚନା କରି ଉମେଶଚନ୍ଦ୍ର ସରକାର ପ୍ରଥମ ଔପନ୍ୟାସିକ ଭାବେ ଯେଉଁ ସମ୍ମାନ ଦାବି କରନ୍ତି, ତାହା ମୂଳରେ ନବଜାଗରଣର ପ୍ରଭାବ ହିଁ ପରିଦୃଷ୍ଟ ହଏ। ଫକୀର ମୋହନଙ୍କ ରେବତୀ (୧୮୯୮) ହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। ପରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଏ ଦିଗରେ ଲେଖନୀ ଚାଳନା କରି ଏହି ସ୍ୱତନ୍ତ୍ର ବିଭାଗକୁ ସମୃଦ୍ଧ କରିଥିଲେ।

ସେହିପରି ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, କାମପାଳ ମିଶ୍ର ପ୍ରମୁଖ ଓଡ଼ିଶା ନାଟକର ଉନ୍ମେଷ ଓ ବିକାଶରେ ମନୋନିବେଶ କରି ଆଧୁନିକ ସାହିତ୍ୟକୁ ବିଭବବନ୍ତ କଲେ। ଜଗନ୍ମୋହନଙ୍କ ବାବାଜୀ (୧୮୭୭) ଓଡ଼ିଆର ପ୍ରଥମ ନାଟକ ଏବଂ ଏହା ନବଜାଗରଣର ଫଳଶ୍ରୁତି। ପୁନଶ୍ଚ ଓଡ଼ିଆ ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ସମାଲୋଚନା ଭଳି ଅନ୍ୟାନ୍ୟ ଗଦ୍ୟରୂପର ଆତ୍ମପ୍ରକାଶ ଏକାଳର ମଧ୍ୟ ମହତ ଦାନ।

### ୨.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

**ପ୍ରଶ୍ନାବଳୀ :**

୧. ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନ ପାଇଁ ସନ୍ନିହିତ କାରଣଗୁଡ଼ିକ ଆକଳନ କର।

୨. ଇଂରାଜୀ ଶିକ୍ଷା ପ୍ରସାର ଓଡ଼ିଆ ସାହିତ୍ୟରେ ନବ ଜାଗରଣର ମାର୍ଗ ଉନ୍ମୁକ୍ତ କଲା - ଏହାର ଯଥାର୍ଥତା ପ୍ରତିପାଦନ କର।

୩. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ମୂଳରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ କିଭଳି ଭୂମିକା ନିର୍ବାହ କରିଥିଲା, ଆଲୋଚନା କର।

୪. ନବଜାଗରଣ କାଳର ପ୍ରମୁଖ ସାହିତ୍ୟିକମାନଙ୍କ ସମ୍ପର୍କରେ ଏକ ସଂକ୍ଷିପ୍ତ ସମୀକ୍ଷା କର।

୫. ରେନେସାଁ କାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବିବ ର୍ନ ଦର୍ଶାଅ।

୬. ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

**ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକାବଳୀ :-**


୧. ଆଧୁନିକ ଓଡ଼ିଆ କାବ୍ୟଧାରା - ଡ. ନରେନ୍ଦ୍ରନାଥ ମିଶ୍ର

୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ -୧୯୨୦) - ଡ. ନଟବର ସାମନ୍ତରାୟ

୩. ଆଧୁନିକ ଓଡ଼ିଆ ସାହିତ୍ୟର ଭି ି ଭୂମି - ଡ. ନଟବର ସାମନ୍ତରାୟ

୪. ଆଧୁନିକ ଓଡ଼ିଆ ସାହିତ୍ୟ - ଡ. ଜାନକୀ ବଲ୍ଲଭ ମହାନ୍ତି

୫. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡ. କ୍ଷେତ୍ରବାସୀ ନାୟକ

# ତୃତୀୟ ଏକକ – ଧର୍ମୀୟ ମୂଲ୍ୟାଙ୍କନ


୩.୦– ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୩.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୩.୨ ଓଡ଼ିଆ ନବଜାଗରଣ

୩.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୩.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୩.୫ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୩.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୩.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୩.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

ପ୍ରାଗ୍‌ଭାଷା

ଭାଷାର କାୟାକଳ୍ପରେ ଭାବର ମହାମନ୍ତ୍ର ଦେଇ ରସାନୁଭୂତିର ଅସରନ୍ତି ପେଡ଼ି ଖୋଲି ପାରୁଥିବା ସାହିତ୍ୟର ଇତିହାସ ଅଧ୍ୟୟନ ସୂକ୍ଷ୍ମ ବିଶ୍ଳେଷଣର ଅପେକ୍ଷା ରଖେ। କୌଣସି ଜାତିର ଘଟଣା ପ୍ରବାହ ସହିତ ସାମାଜିକ ବିଧିବ୍ୟବସ୍ଥା ତଥା ସାଂସ୍କୃତିକ ସଂହିତାର ପ୍ରତିଛବି ଦେଖିବାରେ ସାହିତ୍ୟ ରୂପକ ଦର୍ପଣର ଗୁରୁତ୍ୱ ବିଶ୍ୱର ପ୍ରତ୍ୟେକ ଦେଶରେ ଉପଲବ୍ଧ ହୋଇଥାଏ। ସମୟ-ସୈକତରେ ସାହିତ୍ୟ ସ୍ରୋତସ୍ୱିନୀର ବିଚିତ୍ରବର୍ଣ୍ଣା ଦେହରି ଅବଲୋକରେ ଏହାର ଇତିହାସ ପରସିଦିଏ ଅପୂର୍ବ ପ୍ରେରଣା। କେବଳ ସାହିତ୍ୟର ଉନ୍ମେଷ-ବିକାଶ-ବିବ ର୍ନ ନୁହେଁ, ଅଧିକନ୍ତୁ ଶାସନତନ୍ତ୍ର, ଆଚାର ବ୍ୟବହାର ତଥା ଚଳଣି ଚମକର ବା ର୍ତ୍ତା-ବିବରଣୀ ପାଇବାରେ ଏ ଇତିହାସ ପାଲଟିଯାଏ ପ୍ରଧାନ ଅବଲମ୍ବନ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗ ବିଭାଜନ ମୁଖ୍ୟତଃ ତିନି ଭାଗରେ ବିଭକ୍ତ। ଯଥା – ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗ। ୭ମ-୮ମ ଶତାବ୍ଦୀରେ ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟା ପଦାବଳୀ ସମୟରେ ଲୋକସାହିତ୍ୟ, ନାଥ ସାହିତ୍ୟ ପଥ ଦେଇ ୧୫ଶ ଶତାବ୍ଦୀର ଆଦିକବି ସାରଳା ଦାସ ଓ ୧୬ଶ ଶତାବ୍ଦୀର ପ୍ରସିଦ୍ଧ ପଂଚସଖା କବିମାନଙ୍କର ରଚନାବଳୀ ପର୍ଯ୍ୟନ୍ତ ବିପୁଳାୟତନ ସୃଷ୍ଟି ପ୍ରାଚୀନ ସାହିତ୍ୟ ଭାବେ ପରିଚର୍ଚ୍ଚିତ। ୧୭ଶ ଶତାବ୍ଦୀରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଅର୍ଥାତ୍ ୧୮୫୦ ମସିହା ପର୍ଯ୍ୟନ୍ତ କାଳଖଣ୍ଡରେ କବି ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ ଦ୍ୱାରା ବିରଚିତ ରାଶି ରାଶି ଭଜନ, ଜଣାଣ, ଚଉପଦୀ, ଚଉତିଶା ସମେତ ଉଚ୍ଚାଙ୍ଗ କାବ୍ୟମାଳା ମଧ୍ୟଯୁଗ ସାହିତ୍ୟର ପ୍ରଧାନ ଅଙ୍ଗ। ଓଡ଼ିଶାକୁ ଇଂରେଜମାନଙ୍କ ଆଗମନ ପରେ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବ ର୍ନ ହେଲା, ତାହାର ଅମୃତମୟ ପରିଣତି ସ୍ୱରୂପ ୧୮୫୦ ମସିହା ପରବ ର୍ତ୍ତୀ ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ମାର୍ଗ ଉନ୍ମୁକ୍ତ ହେଲା।

ଭାରତ ତଥା ଓଡ଼ିଶାରେ ନୂତନ ଶିକ୍ଷାନୀତି ପ୍ରବ ର୍ନ, ଛାପାକାନା ପ୍ରତିଷ୍ଠା, ପତ୍ରପତ୍ରିକା ପ୍ରକାଶନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଆତ୍ମପ୍ରକାଶ ଦ୍ୱାରା ନବ୍ୟ ଶିକ୍ଷିତ ସମାଜର ବୈ ିକ ପରିବ ର୍ନ ଘଟିଲା। ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହ ଚିନ୍ତାଦର୍ଶ ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ଫଳରେ ପ୍ରାଚୀନତାକୁ ପରିହାର କରି ନୂତନ ଭାବଧାରା ବିକାଶ ଲାଭ କଲା। ପୁରାତନତା ଓ ନୂତନତାର ଚି  ସଂଘର୍ଷରୁ ନବଜାଗରଣ ବା ରେନେସାଁ (Renaisance) ର ପ୍ରତିଷ୍ଠା ଏବଂ ତହିଁରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। କବିବର ରାଧାନାଥ ରାୟ (୧୮୪୮-୧୯୦୮), ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୭)। ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪), ପଲ୍ଲୀକବି ନନ୍ଦିକିଶୋର ବଳ (୧୮୭୫-୧୯୨୮), ଜଗନ୍ମୋହନ ଲାଲ୍ (୧୮୩୯-୧୯୧୩) ରାମଶଙ୍କର ରାୟ (୧୮୫୭-୧୯୩୧), ରମେଶଚନ୍ଦ୍ର ସରକାର (୧୮୫୭...) ଚନ୍ଦ୍ରମୋହନ ମହାରଣା (୧୮୭୦-୧୯୨୯) ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଶୈଳୀ ପରିହାର ପୂର୍ବକ ନୂତନ ଆଦର୍ଶ ତଥା ଶୈଳୀରେ ସାହିତ୍ୟ ସୃଷ୍ଟିକରି ଆଲୋଡ଼ନ ସୃଷ୍ଟି କଲେ। ଏ କାଳରେ ଓଡ଼ିଆ ପାଠକମାନେ କାବ୍ୟ ସହିତ, ଖଣ୍ଡକାବ୍ୟ, ଗୀତିକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଆଦି ସାହିତ୍ୟର ନୂଆ ନୂଆ ଦିଗନ୍ତ ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲେ। କେବଳ ସେତିକି ନୁହେଁ, ନବଯୁଗ ସାହିତ୍ୟର ଭାଷା ଓ ପ୍ରକାଶ ଭଙ୍ଗୀରେ ସ୍ୱତନ୍ତ୍ରତା ଏହାକୁ ପ୍ରତିଷ୍ଠା

ଦେବାରେ ଯଥେଷ୍ଟ ସହାୟକ ହୋଇଥିବାର ଜଣାଯିବ। ନବଜାଗରଣ କାଳରୁ ସୃଷ୍ଟ ନୂତନ ଭିତ୍ତିଭୂମି ଉପରେ ନୂତନ ସାହିତ୍ୟର ଜନ୍ମ ଓ ବିକାଶ ପରବର୍ତ୍ତୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟ ଅବଧି ଭିତରେ କିଭଳି ଗତିଶୀଳ, ତାହାର ସବିଶେଷ ଅବଧାରଣା ପାଇଁ ନିମ୍ନରେ ଉଲ୍ଲିଖିତ ଆଲୋଚନା ପର୍ଯ୍ୟାୟ ବା ସଂରଚନା ବିନ୍ୟାସ ଉପରେ ନିର୍ଭର କରାଯାଇପାରେ।

ସଂରଚନା ବିନ୍ୟାସ –

୩.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟ ଇତିହାସର ଦ୍ୱିତୀୟ ଭାଗ ପ୍ରଥମ ୟୁନିଟ୍‌ରେ ନିର୍ଦ୍ଦେଶିତ ପାଠ୍ୟ ଖସଡ଼ାର ପ୍ରସଙ୍ଗ ଗୁଡ଼ିକ ପୁନଃ ପୁନଃ ଆଲୋଚନା କଲେ ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ।

- ଓଡ଼ିଆ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ପ୍ରବର୍ତ୍ତନ ମୂଳରେ ସନ୍ନିହିତ କାରଣଗୁଡ଼ିକର ପରିଚୟ ମିଳିବ।
- ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗଡ୍‌ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ କିପରି ପାଶ୍ଚାତ୍ୟରୁ ଆହୃତ ନୂଆ ଭାବାଦର୍ଶର ବାର୍ତ୍ତା ଦେଇଛି, ତାହାର ବ୍ୟାପକ ଚିତ୍ର ଜାଣିହେବ।
- ଓଡ଼ିଆ ସାହିତ୍ୟରେ ରେନେସାଁ ବା ନବଜାଗରଣ ସମ୍ପର୍କରେ ବାସ୍ତବ ଆଲେଖ୍ୟ ଉନ୍ମୋଚିତ ହେବ।
- ନବ ଯୁଗର ପ୍ରମୁଖ କବି ଓ ଲେଖକମାନଙ୍କ କୃତି ଓ କୃତିତ୍ୱ ଆଲୋଚନା ଦ୍ୱାରା ଏ କାଳର ବିଶେଷତ୍ୱ ଅନୁଭୂତ ହେବ।
- ଆଧୁନିକ ସାହିତ୍ୟ ବିକାଶରେ ପତ୍ରପତ୍ରିକାଗୁଡ଼ିକର ଅବଦାନ ସମ୍ପର୍କରେ ଅବଧାରଣା ଜନ୍ମିବ।
- କାବ୍ୟ, ଖଣ୍ଡକାବ୍ୟ, ଗୀତି କବିତା, ପ୍ରବନ୍ଧ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନୀ, ରମ୍ୟରଚନା, ଭ୍ରମଣବୃତ୍ତାନ୍ତ, ଅନୁବାଦ, ସମାଲୋଚନା ଆଦି ସାହିତ୍ୟର ବହୁମୁଖୀ ବ୍ୟାପ୍ତି କିଭଳି ଏକାଳରେ ପ୍ରକାଶ ପାଇଛି, ତାହାର ପ୍ରମାଣ ମିଳିବ।
- ପ୍ରାକ୍‌ସ୍ୱାଧୀନତା କାଳରେ ବିକଶିତ ଗଦ୍ୟସାହିତ୍ୟର ବିସ୍ତୃତ ପରିଚୟ ମିଳିବ।
- ସାମଗ୍ରିକ ଭାବେ ଆଧୁନିକ ସାହିତ୍ୟର ଭାବବସ୍ତୁ ସହିତ ଆଙ୍ଗିକ ବୈଚିତ୍ର୍ୟର ଦିଗନ୍ତ ଉନ୍ମୋଚିତ ହେବ।
- ପଠିତବ୍ୟ ପ୍ରସଙ୍ଗଗୁଡ଼ିକୁ ବିତ୍ତିକରି ସମ୍ଭାବ୍ୟ ପ୍ରଶ୍ନାବଳୀ ତଥା ଅନ୍ୟ ସହାୟକ ଗ୍ରନ୍ଥଗୁଡ଼ିକର ଆଭାସ ମଧ୍ୟ ମିଳିପାରିବ।

## ୩.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

ଇଂରାଜୀ ରେନେସାଁ (Renaisence)ର ପରିଭାଷା ନବଜାଗରଣ ବା ନବ ଅଭ୍ୟୁଦୟ। ରେନେସାଁ ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ପୁନର୍ଜନ୍ମ। ୟୁରୋପୀୟ ଦେଶଗୁଡ଼ିକରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ମଧ୍ୟରେ କଳା, ସାହିତ୍ୟ, ବିଜ୍ଞାନ, ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ସମ୍ଭୂତ ହୋଇଥିବା ସାଂସ୍କୃତିକ ପୁନର୍ଜନ୍ମ (Cultural Rebirth) ନବଜାଗରଣ ଆନ୍ଦୋଳନର ପ୍ରମୁଖ ସମ୍ପଦ। ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥିତିଶୀଳ ବିଶ୍ୱାସ ସର୍ବସ୍ୱ ମାନବିକତାରେ ବ୍ୟାପକ ପରିବର୍ତ୍ତନ ସୃଷ୍ଟି ହୋଇ ଏ ସମୟରେ ଏକ ବୈପ୍ଳବିକ କାରଣ ସର୍ବସ୍ୱ ଜିଜ୍ଞାସା ବଳବତ୍ତର ହେଲା। ଇଟାଲିର ଫ୍ଲୋରେନ୍‌ସ ସହରରୁ ଆରମ୍ଭ ହୋଇଥିବା ଏହି ନବ

ଆନ୍ଦୋଳନ ପରବର୍ତ୍ତୀ ସମୟରେ ପର୍ତ୍ତୁଗାଲ, ସ୍ପେନ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ହଙ୍ଗେରୀ, ନେଦରଲାଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ଦେଶକୁ ପରିବ୍ୟାପ୍ତ ହୋଇ ମାନବ ସଭ୍ୟତା ପାଇଁ ନୂତନ ମାର୍ଗ ପ୍ରକାଶ କଲା ।

ଦାର୍ଶନିକ ଓ କବି ଦାନ୍ତେ (Dante Aligheiri, 1265-1321), ଫ୍ରାନ୍‌ସେସ୍‌କୋ ପେତ୍ରାର୍କ (Francesco Petrarch, 1304-1374), ବନ୍ଦୋ (Giotto di Bandore, 1267-1337), ଲରେଞ୍ଜୋ ଗିବେଟି (Lorenio Ghiberti, 1378-1455), ଫିଲପ୍ ବ୍ରୁନେଲେସ୍‌କ (Pillipo Brunelleschi, 1377-1446), ନିକଲୋ ମାକିଆଭେଲି (Machiavelli, 1469-1527), ଥମାସ୍ ମୋରେ (Thomas More, 1478-1535), ଲିଓନାର୍ଦୋ ଦାଭିନ୍‌ସ (Leonardo da Vinei, 1452-1519), ମାଇକେଲ୍ ଆଞ୍ଜୋଲୋ (Michelangelo, 1475-1568), ନିକୋଲାସ କୋପରନିକ୍‌ସ (Nicolaus Copernicus, 1473-1543), ଗାଲିଲିଓ (Galileo Galillei, 1564-1642), ଫ୍ରାନ୍ସିସ୍ ବେକନ୍ (Frencis Bacon, 1561-1626), ମାର୍ଟିନ ଲୁଥର୍ (Martin Luther, 1483-1546), ପ୍ରମୁଖ କବି, ଲେଖକ, ଭାସ୍କର୍ଯ୍ୟ ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ତଥା ଚିନ୍ତାଦାୟକମାନଙ୍କର ନୂତନ ଦୃଷ୍ଟିଭଙ୍ଗୀ ମାନବର ଚିନ୍ତାରାଜ୍ୟରେ ନୂତନ ଆଲୋକ ବିଚ୍ଛୁରିତ କଲା । ମାନବିକ ମୂଲ୍ୟବୋଧ, ନବ କଳା କୈବଲ୍ୟ, ବୈଜ୍ଞାନିକ ଦୃଷ୍ଟି, ସମାଜ କୈନ୍ଦ୍ରିକ ଧର୍ମମତବାଦ ଏ ସମୟର ପ୍ରଧାନ ଅବଦାନ, ଚିରାଚରିତ ଅନ୍ଧ ଅନୁକରଣ ଅପେକ୍ଷା ସମୀକ୍ଷାପୂର୍ବକ କାରଣ ସନ୍ଧାନ ଉପରେ ଗୁରୁତ୍ୱ ଆରୋପିତ ହେଲା । ସର୍ବୋପରି ମାନବୀୟ କଲ୍ୟାଣ ପ୍ରତି ସର୍ବଜନୀନ ଆବେଦନର ସୂତ୍ରପାତ ହେଲା ।

ପ୍ରାକୃତିକ ଜଗତ ସମ୍ପର୍କରେ ବୈଜ୍ଞାନିକମାନଙ୍କର ନୂତନ ତଥ୍ୟ ଆବିଷ୍କାର ତଥା ସମାଜତାତ୍ତ୍ୱିକ ନୂତନ ବିଚାରଧାରା ମଣିଷର ଚିନ୍ତନଶୈଳୀକୁ ଅତିମାତ୍ରାରେ ପ୍ରଭାବିତ କଲା । ପ୍ରାଚୀନ ଯୁଗର ଅନ୍ଧବିଶ୍ୱାସ କ୍ରମଶଃ ଅପସାରିତ ହୋଇ ବାସ୍ତବାୟକ ଜୀବନଧାରା ପ୍ରତି ଆଗ୍ରହ ଜାତ ହେଲା । ବସ୍ତୁସତ୍ତା ପ୍ରତି ସନ୍ଦେହ ପ୍ରଦର୍ଶନ ପୂର୍ବକ ତାହାର ପରୀକ୍ଷା ନିରୀକ୍ଷା କରିବା ଏବଂ ସର୍ବଶେଷରେ ସତ୍ୟକୁ ଗ୍ରହଣ କରିବା ହେଉଛି ରେନେସାଁ କାଳର ବିଶେଷତ୍ୱ । ସବୁକାଳରେ କଳା ଓ ସାହିତ୍ୟରେ ନୂତନତାର ନିରାଜନା କରାଯାଇଥାଏ । ରେନେସାଁ କାଳର ବିବର୍ତ୍ତିତ ଭାବଧାରା ୟୁରୋପୀୟ ସାହିତ୍ୟ ଜରିଆରେ ବିଶ୍ୱୋତମୁଖୀ ହୋଇଥିବାର ଲକ୍ଷ୍ୟ କରାଯାଏ । ବିଜ୍ଞାନ, ଶିକ୍ଷା, ଯୋଗାଯୋଗର ମାଧ୍ୟମ ଇତ୍ୟାଦି ଏହି ଆନ୍ଦୋଳନର ବାହକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଦେଖିବାକୁ ମିଳେ ।

ପାଶ୍ଚାତ୍ୟ ମାନସଭୂମିକୁ ଆନ୍ଦୋଳିତ କରିଥିବା ଏହି ନବଜାଗରଣ ଊନବିଂଶ ଶତକରେ ଭାରତୀୟ ଚିନ୍ତନ-ରାଜ୍ୟକୁ ଅନୁପ୍ରବେଶ କରିଥିଲା । 'ଆଧୁନିକ ଓଡ଼ିଆ କାବ୍ୟଧାରା' ପୁସ୍ତକରେ ଡଃ ନରେନ୍ଦ୍ରନାଥ ମିଶ୍ର ଯଥାର୍ଥରେ କହିଛନ୍ତି "ଯେଉଁ ଇଉରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରି ଶହ ବର୍ଷର ବହୁ ସାଧନା, ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତ ବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ବା ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ ।"

ରାଜା ରାମମୋହନ ରାୟ (୧୭୭୨-୧୮୩୩), ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୩୩), ମାଇକେଲ ମଧୁସୂଦନ ଦତ୍ତ (୧୮୨୪-୧୮୭୩),

କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ବଙ୍କିମଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪), ଜଗଦିଶଚନ୍ଦ୍ର ବୋଷ (୧୮୫୮-୧୯୩୭) ପ୍ରମୁଖ ବଙ୍ଗୀୟ ଦାର୍ଶନିକ, ଚିନ୍ତାନାୟକ, ସାହିତ୍ୟିକ, ବୈଜ୍ଞାନିକ ପ୍ରମୁଖ ନବଜାଗରଣର ବାହକ ଭାବରେ ଭାରତ ବର୍ଷରେ ଅଗ୍ରଗାମୀ ସଂକେତ ପ୍ରସାରଣ କରିପାରିଥିଲେ। "ପାଶ୍ଚାତ୍ୟ ସଂସ୍ପର୍ଶର ପରିମାଣରୁ ହିଁ ଓଡ଼ିଆର ମାନସ ଭୂମିରେ ସାଂସ୍କୃତିକ ନବ ଅଭ୍ୟୁଦୟ ପ୍ରତ୍ୟକ୍ଷ ହେଲା। ଏଠାରେ ମଧ୍ୟ ସେମାନଙ୍କ ରେନେସାଁସ୍ ଯୁଗୀୟ କର୍ମଧାରର ଅନୁରୂପତା କେତେକ ସ୍ଥଳରେ ଲକ୍ଷିତ ହୋଇଥିଲା। ଓଡ଼ିଶୀ ଚିନ୍ତାଧାରାରେ ବାସ୍ତବମୁଖୀ ଆବେଗ, ମାନବିକ ଚିନ୍ତନ ଏବଂ ଜାତୀୟ ଭାଷା –ସଂସ୍କୃତି ଅଭିବୃଦ୍ଧିରେ ଆତ୍ମନିୟୋଗ କରିବା ପାଇଁ ଏକନିଷ୍ଠତା ପ୍ରକାଶ ପାଇଥିଲା।" ଡ. କ୍ଷେତ୍ରବାସୀ ନାୟକଙ୍କ ଏ ମନ୍ତବ୍ୟର ଯଥାର୍ଥତା ଅନୁଭବ କରିହୁଏ।

୩.୨ ଓଡ଼ିଶାରେ ନବଜାଗରଣ

ଇଂରେଜମାନଙ୍କ ଓଡ଼ିଶା ଆଗମନର ଅନେକ ବର୍ଷ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କାଳଖଣ୍ଡରେ ନବ ଅଭ୍ୟୁଦୟ ଏ ଦେଶର ଭାବଭୂମିକୁ ପରିବ୍ୟାପ୍ତ ହୋଇଥିବାର ଲକ୍ଷ୍ୟକରାଯାଏ। ୧୮୦୩ ମସିହାରେ ଦେଓଗ୍ରାମ ସନ୍ଧି ଅନୁଯାୟୀ ଓଡ଼ିଶା ବ୍ରିଟିଶ କମ୍ପାନୀ ଶାସନାଧୀନ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନାନା ପରିବର୍ତ୍ତନର ସୂତ୍ରପାତ ହେଲା। ଖ୍ରୀଷ୍ଟିଆନ୍ ଶାସକମାନଙ୍କ ସହିତ ଖ୍ରୀଷ୍ଟିୟାନ ମିଶ୍ନାରୀମାନେ ଏହି ପରିବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କଲେ। ସେତେବେଳେ ଓଡ଼ିଶାର ରାଜତନ୍ତ୍ର ଖଣ୍ଡବିଖଣ୍ଡିତ। କେବଳ ନାମକୁ ମାତ୍ର ଗଜପତି ରାଜ ପରମ୍ପରା ରହିଥିଲା। ଗଡ଼ଜାତ ରାଜ୍ୟ ଓ ରାଜତନ୍ତ୍ରରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ। ପୂର୍ବର ମୁସଲମାନ, ମୋଗଲ ଓ ମରହଟ୍ଟା ଶାସନରେ ସମାଜରେ ଏକ ପ୍ରକାର ସ୍ଥାଣୁତା ଖେଳିଯାଇଥିଲା। ତେଣୁ ଖ୍ରୀଷ୍ଟିଆନମାନଙ୍କ ନୂତନ ପଦକ୍ଷେପ ଦ୍ୱାରା ଆକର୍ଷିତ ହୋଇ ରାଜୀନୀତିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନର ଧାରା ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ସଂଚରିତ ହେବାକୁ ଲାଗିଲା। ଏହି ବିବର୍ତ୍ତନ କାଳ ଯଦିଓ ଅନେକ ପ୍ରତିରୋଧ-ପ୍ରତିବାଦର ସଂଘର୍ଷ ଦେଇ ଗତି କରିଥିଲା, ତଥାପି ଶାସକ ଦ୍ୱାରା ଶାସିତର ଅଭିଳାଷ ଚରିତାର୍ଥ ହେବା ନ୍ୟାୟରେ ଓଡ଼ିଶାବାସୀ ଇଂରେଜମାନଙ୍କ କର୍ତ୍ତୃକ ପ୍ରଣୀତ ନୂତନ ବ୍ୟବସ୍ଥାକୁ ଆପଣାର କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହେବାରୁ ଏକ ସେଚତନଶୀଳ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଡେଲା। ଏମାନେ ଦେଶବିଦେଶରେ ଘଟୁଥିବା ପରିବର୍ତ୍ତନ ସହ ସମ୍ପର୍କ ରଖିବାର ସାମର୍ଥ୍ୟ ଅର୍ଜନ କରିପାରିଲେ। ବିଶେଷ କରି ପାଶ୍ଚାତ୍ୟ ସାହିତ୍ୟ ତଥା ପଡ଼ୋଶୀ ବଙ୍ଗଳା ଭାଷାର ନୂତନ ସାହିତ୍ୟର ସାନ୍ନିଧ୍ୟ ଲାଭକରି ଓଡ଼ିଶାରେ ଏକ ନବୀନ ସାହିତ୍ୟିକ ଗୋଷ୍ଠୀ ଆବିର୍ଭୂତ ହେଲେ। ସେମାନେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପାରିମ୍ପରିକ କଳାକଳେବର ପରିହାର କରି ଏକ ନୂତନ ରୁଚିର ପ୍ରବାହ ସୃଷ୍ଟି କରିପାରିଲେ, ଯାହା ଆଧୁନିକ ସାହିତ୍ୟ ଭାବରେ ଆତ୍ମପ୍ରକାଶ କଲା। ଧର୍ମ ପଣ୍ଡିତ ପ୍ରାଚୀନ ସାହିତ୍ୟର ପୌରାଣିକ ଆବେଦନ ଓ ରୀତି ଆଦର୍ଶ ମଣ୍ଡିତ ମଧ୍ୟଯୁଗୀୟ ସାହିତ୍ୟର ସାମନ୍ତବାଦୀ ବିଳାସକୁ ପରିହାର କରି ନବ ଚେତନା ଚିତ୍ରିତ ଆଧୁନିକ ଓଡ଼ିଆ ସାହିତ୍ୟର ଜୀବନବାଦୀ ଦୃଷ୍ଟିକୋଣ ଆତ୍ମପ୍ରକାଶ ମୂଳରେ ଅନେକ ସମୟୋପଯୋଗୀ କାରଣ ଅବଶ୍ୟ ସନ୍ନିହିତ। ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ଆବିଷ୍କ୍ରିୟାର ପ୍ରୟୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ରେଳପଥ ସଂଯୋଗ, ଡାକ ଓ ତାର ବିଭାଗ ପ୍ରତିଷ୍ଠା ଇତ୍ୟାଦି ଯୋଗୁ ଭାରତର

ଜୀବନ ଧାରାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଲା। ଏଥିସହିତ ନୂତନ ଶିକ୍ଷାନୀତି ପ୍ରଚଳନ, ମୁଦ୍ରଣ ଯନ୍ତ୍ରର ସ୍ଥାପନ, ପତ୍ରପତ୍ରିକା ପ୍ରକାଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଆଦି ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନରେ ଯଥେଷ୍ଟ ସହାୟକ ହୋଇଥିବାର ଲକ୍ଷ୍ୟକରାଯାଏ।

୩.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

ନବଚେତନାର ମାଧ୍ୟମ ଭାବରେ ଇଂରେଜୀ ଶିକ୍ଷା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ପାଇଁ ସର୍ବ ପ୍ରଥମେ ମିଶନାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନଙ୍କ ପଚେଷ୍ଟାରେ ୧୮୨୩ ମସିହାରେ ଏକ ଚାରିଟି ସ୍କୁଲ ପ୍ରଥମେ କଟକରେ ହିଁ ସ୍ଥାପିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଓଡ଼ିଶା ବିଭିନ୍ନ ଅଞ୍ଚଳରେ ସ୍କୁଲମାନ ପ୍ରତିଷ୍ଠା କରି ଇଂରାଜୀ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଜ୍ଞାନ ବିତରଣ ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ଥିଲା ମିଶନାରୀମାନଙ୍କ ଶିକ୍ଷା ପ୍ରସାରର ପ୍ରାଥମିକ ଉଦ୍ଦେଶ୍ୟ। ୧୮୩୫ ମସିହାରେ ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହେବାରୁ ପ୍ରକୃତପକ୍ଷେ ଏ ଦେଶର ଲୋକେ ଆଧୁନିକ ଶିକ୍ଷା ପ୍ରାପତ ହେବା ସହିତ ପାଶ୍ଚାତ୍ୟ ସଭ୍ୟତା ସଂସ୍ପର୍ଶରେ ଆସିପାରିଲେ। ଏହି ଅବସରରେ ଲର୍ଡ ମାକ୍‌ଲେଙ୍କ ଶିକ୍ଷା ଆଇନ ପ୍ରଣୟନ ପାଇଁ ନୂତନ ସୁପାରିଶକୁ ସ୍ମରଣ କରାଯାଇପାରେ। "We must at present do our best to form a class who may be interpreters between us and millions whom we govern, - a class of persons Indian in blood and colour, but English in tastes, in opinions, in morals and in intellect. To that class we may leave it to refine the vernacular dialectsof the country, to enrich these dialects with terms of science borrowed from the Western nomenclature and to render them by degrees fit vehicles for conveying knowledge to great mass of the population." (T.B. Macaulay-1835)

ପୁରୀ ଫ୍ରି ଏକାଡେମୀ (୧୮୩୫), କଟକ ଇଂଲିଶ ଚାରିଟି ସ୍କୁଲ (୧୮୪୧- ପରେ ତାହା କଟକ ଜିଲ୍ଲା ସ୍କୁଲରେ ପରିଣତ - (୧୮୮୫) ପୁରୀ ଜିଲ୍ଲା ସ୍କୁଲ (୧୮୫୩) ବାଲେଶ୍ୱର ଜିଲ୍ଲାସ୍କୁଲ (୧୮୫୩) ପ୍ରଭୃତି ସ୍ଥାପିତ ହୋଇ ଉପକୂଳ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରସାର ଓ ପ୍ରଚାର ଘଟିଲା। ୧୯୦୫ ମସିହାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳ ଓଡ଼ିଶା ସହ ମିଶି ବଙ୍ଗ ଶାସନାଧୀନ ହେବାରୁ ଏହି ଅଞ୍ଚଳରେ ଇଂରାଜୀ ଶିକ୍ଷାର ଶୁଭାରମ୍ଭ ହେଲା। ଅବଶ୍ୟ ତତ୍‌ପୂର୍ବରୁ ଦେଶୀୟ ରାଜାମାନଙ୍କ ଉଦ୍ୟମରେ ଏ ଦିଗରେ କେତୋଟି ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା। ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ଦେବଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ *୧୮୮୮), ପାଟଣା ରାଜା ରାମଚନ୍ଦ୍ର ଦେବ ୩ୟଙ୍କ ଦ୍ୱାରା ବଲାଙ୍ଗୀର ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୮୯୪) ପଶ୍ଚିମ ଓଡ଼ିଶାରେ ଇଂରାଜୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା। ୧୯୦୭ ମସିହା ବେଳକୁ ବଲାଙ୍ଗୀରରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲାର ଓ ମଧ୍ୟ ଭର୍ଣ୍ଣାକୁଲାର ଇଂରାଜୀ ସ୍କୁଲ, ସୋନପୁରରେ ଦୁଇଟି ମଧ୍ୟ ଇଂରାଜୀ ସ୍କୁଲ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା।

ଊନବିଂଶ ଶତାବ୍ଦୀର ନୂତନ ଶିକ୍ଷା ବ୍ୟବସ୍ଥାର ଦାୟାଦ ଭାବରେ ଯେଉଁ ଶିକ୍ଷିତ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ରେନେସାଁ ଆଣିବାକୁ ସମର୍ଥ ହେଲେ, ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ୍, ଫକୀରମୋହନ ସେନାପତି, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ସାଧୁ ଚରଣ ରାୟ, ମଣିଚରଣ ମହାପାତ୍ର,ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା, ରେବାରାୟ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ, ଗୋପବନ୍ଧୁ ଦାଶ, ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଅଜୟଚନ୍ଦ୍ର ଦାସ ପ୍ରମୁଖଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ପରେ କଲିକତା ପ୍ରେସିଡେନ୍ସି କଲେଜରେ ଏଫ. ଏ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରତିଭାବନ୍ତ ସ୍ରଷ୍ଟା ରାଧାନାଥ ରାୟ ହିଁ ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ମନ୍ତ୍ରଦାତା ରୂପେ ଆଲୋଚିତ। ଇଂରେଜ ଶିକ୍ଷା ଅନୁଷ୍ଠାନ ସଂସର୍ଗ ହିଁ ତାଙ୍କୁ ନୂତନ ଭାବ ରାଜ୍ୟରେ ଅନୁପ୍ରବେଶ ପାଇଁ ଉତ୍ସାହିତ କରିଥିଲା ଏବଂ ପରବ ୀ କାଳରେ ଇଂରେଜ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ପ୍ରଭାବିତ ହୋଇ ସେ ବହୁ ପରୀକ୍ଷାନିରୀକ୍ଷାର ପ୍ରୟୋଗ ପୂର୍ବକ ଆଧୁନିକ ସାହିତ୍ୟର ବିଶାଳ ସୌଧ ନିର୍ମାଣରେ ସମର୍ଥ ହୋଇପାରିଥିଲେ। ଉଚ୍ଚ ଶିକ୍ଷିତ ରାଧାନାଥ ଇଂରେଜ କବି ସେର୍, ସେକ୍ସପିଅର, ସ୍ପେନସର, କାଉପର, ମିଲଟନ, ଗୋଲ୍ଡସ୍ମିଥ୍, ବାଇରନ୍, ସ୍କଟ, ମେଲି, ଓ୍ୱାର୍ଡସଓ୍ୱାର୍ଥ, ଟେନିସନ ପ୍ରମୁଖଙ୍କ କାବ୍ୟ ନାଟକାଦି ପାଠ କରିଥିଲେ। ତତ୍ ସହିତ ବଙ୍ଗଳାର କବି ଭାରତଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ ମଧୁସୂଦନ ଦ ପ୍ରମୁଖଙ୍କୁ ଗଭୀର ଭାବେ ଅଧ୍ୟୟନ କରି ସର୍ଜନଶକ୍ତିକୁ ନୂତନେ ମାର୍ଗରେ ପରିଚାଳିତ୍ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ। ହୁଗୁଳି କଲେଜରୁ ଏଫ.ଏ. ଶିକ୍ଷା ପ୍ରାପ୍ତ ଜଗମୋହନ ଲାଲ୍‌ଙ୍କର ଉଚ୍ଚ ଇଂରାଜୀ ଜ୍ଞାନ ତାଙ୍କୁ ନୂତନ ସାହିତ୍ୟକର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା। 'ଭ୍ରମଭଂଜନ' (୧୮୬୮) ଭଳି ପ୍ରସିଦ୍ଧ ଅନୁଦିତ କାବ୍ୟ (ଥୋମାସ୍ ପାର୍ନେଲ୍‌ଙ୍କ ଦା ହାରମିଟ୍ ) ର ରଚନା ସହିତ ଓଡ଼ିଆ ଭାଷାର ଆଦି ନାଟକ ବାବାଜୀ ନାଟକ ରଚନା କରି ସେ ସଂସ୍କାର ବୋଧର ଯେଉଁ ନିଦର୍ଶନ ଦେଇଛନ୍ତି, ତାହା ଉଚ୍ଚ ଶିକ୍ଷାର ଫଳଶ୍ରୁତି।

ଭକ୍ତକବି ମଧୁସୂଦନ ରାଓ ଏଫ.ଏ. ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ଛାତ୍ରାବସ୍ଥାରୁ ଇଂରେଜୀ ସାହିତ୍ୟର ବହୁ ସ୍ରଷ୍ଟାଙ୍କ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ରାଧାନାଥଙ୍କ ସଂସ୍ପର୍ଶରେ ଆସି ନୂତନ ଧାରାର ବାହକ ହୋଇପାରିଥିଲେ। ସେ ଇଂରେଜୀ ସହିତ ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିବାରୁ ତାଙ୍କ ରଚନାବଳୀରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ପରିଲକ୍ଷିତ ହୁଏ। ଜର୍ମାନ କବି ଗେଟେଙ୍କର ଜୀବନାଦର୍ଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଂକ କଂଠରୁ ନିର୍ଗତ ହୋଇଥିଲା - "More light, More air, May German Father Goethe come.' ଉଚ୍ଚଶିକ୍ଷା ପ୍ରଭାବରୁ ହିଁ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟ ଜୀବନ ସମୃଦ୍ଧ ହୋଇଥିଲା। ଡ. ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଛନ୍ତି "ଏ ଶିକ୍ଷା ଏ ସୃଷ୍ଟି ଆଦର୍ଶ ବିନା ଗୋଟିଏ ପଲ୍ଲୀଚିତ୍ର, ଗୋଟିଏ ନିର୍ଝରିଣୀ, ଗୋଟିଏ ନାନାବାୟା ଗୀତ, ଏ ସାହିତ୍ୟରେ କେବେ ସମ୍ଭବପର ହୋଇଥାନ୍ତା ବୋଲି ବିଶ୍ୱାସ କରି ହେଉନାହିଁ।"

ଆଦି ପର୍ଯ୍ୟାୟରେ ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ଏଫ. ଏ. ପଢ଼ିବା କାଳରେ ଇଂରେଜ ସାହିତ୍ୟ ସହିତ ବିଶେଷ ପରିଚୟ ଲାଭ କରିଥିଲେ। ଏଥିସହିତ ବଙ୍ଗଳା ଭାଷା ସାହିତ୍ୟ ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ବ୍ୟଙ୍ଗ ବିଦ୍ରୂପ ଜରିଆରେ ସମାଜ ସଂସ୍କାର ମୂଳକ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରସିଦ୍ଧି ଏଇ ଉଚ୍ଚ ଶିକ୍ଷାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ଅନ୍ୟତମ ପ୍ରବ କ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ଉଚ୍ଚ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ପାଶ୍ଚାତ୍ୟାଦର୍ଶର ସାହିତ୍ୟ ସହିତ ପରିଚିତ ଥିଲେ। ସେମାନଙ୍କ ସୃଷ୍ଟିରେ ପ୍ରାଚ୍ୟ-ପାଶ୍ଚାତ୍ୟ ସମନ୍ୱୟବାଦୀ ଭାବନାର ପରିପ୍ରକାଶ ମୂଳରେ ନୂତନ ପରିବେଷ୍ଟନୀର ପ୍ରଭାବ ସ୍ପଷ୍ଟଲକ୍ଷ୍ୟ କରାଯାଏ।

ସତ୍ୟବାଦୀର ଗୋପବନ୍ଧୁ, ନୀଳକଣ୍ଠ, ଗୋଦବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ପ୍ରମୁଖ ଉଚ୍ଚ ଶିକ୍ଷିତ ଥିଲେ। ଏଇ ଉଚ୍ଚଶିକ୍ଷା ହିଁ ସେମାନଙ୍କ ସାହିତ୍ୟିକ କୃତିତ୍ୱରେ ନୂତନତାର ପ୍ରାଣସ୍ପନ୍ଦନ କରିଦେବା ସହ ଜାତୀୟତାବାଦ ଚେତନାକୁ ଋଦ୍ଧିମନ୍ତ କରିଥିଲା।େ ଉଚ୍ଚ ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିବାର ମୁକ୍ତ ସ୍ୱୀକାର ଗୋପବନ୍ଧୁଙ୍କର ଏକ କବିତାରୁ ଲକ୍ଷ୍ୟକରିହେବ। ରେଭେନ୍ସାେ କଲେଜରୁ ବିଦାୟ' ଶୀର୍ଷକ କବିତାରେ ମାତୃକଳ୍ପ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେ ନିବେଦନ କରିଛନ୍ତି –

କିନ୍ତୁ ମୋ ମନ ନୟନ କରି ମାତା ଉନ୍ମୀଳନ

ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,

ଆମରଣ ତହିଁ ଯୋଗେ ହେବି କୃତ୍ୟ କୃତ୍ୟ।

ଶିଖାଉଛ ଯେଉଁ ଶିକ୍ଷା ଦେଇଅଛ ଯେଉଁ ଦୀକ୍ଷା

ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,

ଏହି ଶିକ୍ଷା ଅକି ନ କରେ ଶ୍ରୀଚରଣେ। (ଅବକାଶ ଚିନ୍ତା)

ପାଶ୍ଚାତ୍ୟ ଚିନ୍ତାଦର୍ଶ ହିଁ ଓଡ଼ିଆ ସାରସ୍ୱତ ସମ୍ଭାରକୁ ସମୃଦ୍ଧ କରିବା ସହିତ ନବ ଉନ୍ମେଷ ପର୍ବର ସ୍ଥିତିକୁ ସଦୃଢ଼ କରିପାରିଥିଲା। ନବ ଅଭ୍ୟୁଦୟର ଏହି ପ୍ରମୁଖ କାରଣଟି ସମ୍ଭବ ହୋଇପାରିଥିଲା ମାକେଲଙ୍କ ଶିକ୍ଷାନୀତି ପ୍ରଣୟନ ଯୋଗୁଁ। ତତ୍ପୂର୍ବରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିଲେ ଜାତି ଯିବ ଧର୍ମହାନି ଘଟିବ ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ପୂରି ରହିଥିଲା। ମାକେଇ ଶିକ୍ଷାନୀତି ଅନୁଯାୟୀ ଇଂରାଜୀ ଶିକ୍ଷାଗ୍ରହଣ ବିନା ସରକାରୀ ଚାକିରି ପାଇବା ଅସମ୍ଭବ ଘୋଷିତ ହେଲା। ଜୀବିକାର୍ଜନ ଉଦ୍ଦେଶ୍ୟରେ କ୍ରମଶଃ ଇଂରାଜୀ ଶିକ୍ଷା ପ୍ରତି ଲୋକମାନଙ୍କ ମଧ୍ୟରେ ଆଗ୍ରହ ପ୍ରକଟିତ ହେଲା ଏବଂ ସେହି ସୂତ୍ରରେ ଓଡ଼ିଶାରେ କ୍ରମଶଃ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ଅନୁଚିନ୍ତା ଅନୁପ୍ରବେଶ କରିବାରେ ସଫଳ ହୋଇପାରିଥିଲା। ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବ ର୍ନ ହିଁ ସାହିତ୍ୟର ଗତି ବଳାଇ ଦେଇଥିଲା। ଉନବିଂଶ ଶତକରେ ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ସୂତ୍ରପାତ ହୋଇଥିବା ଏହି ନବ ଅଭ୍ୟୁଦୟ ମୂଳରେ ପାଶ୍ଚାତ୍ୟ ଶିକ୍ଷାର ଅବଦାନ ତେଣୁ ସର୍ବାଦୌ ସ୍ମରଣୀୟ ହୋଇ ରହିବ।

### ୩.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

ଓଡ଼ିଆ ସାହିତ୍ୟରେ ନବଜାଗରଣର ଦ୍ୱାର ଉନ୍ମୁକ୍ତ କରିବାରେ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଅବଦାନ ନଅଭୂତ ହୁଏ। ୧୮୨୧ ମସିହାରେ ମିଶନାରୀମାନଙ୍କ ଦ୍ୱାରା କଲିକତାର ଶ୍ରୀରାମପୁରରୁ ପ୍ରଥମେ ଓଡ଼ିଆ ଅକ୍ଷରର ବାଇବେଲ ଛପା ହୋଇ ଓଡ଼ିଶରେ ବ । ଯାଇଥିଲା। ସମ୍ଭବତଃ ବାଇବେଲ ହିଁ ଓଡ଼ିଆରେ ପ୍ରଥମ ଛପା ଅକ୍ଷର ବହି। ତତ୍ପୂର୍ବରୁ ଲେଖନୀ ଦ୍ୱାରା ଖୋଦିତ ତାଳପତ୍ର ପୋଥି ହିଁ ଥିଲା ସାହିତ୍ୟ ସଂବହନର ମାଧ୍ୟମ। ଖ୍ରୀଷ୍ଟୀୟାନ୍ ମିଶନାରୀ ମାନଙ୍କ ଉଦ୍ୟମରେ ପ୍ରଥମେ ଛପା ଅକ୍ଷରରେ ପୁସ୍ତକ ପ୍ରକାଶ କରିବାର ଶୁଭାରମ୍ଭ ହେବା ଏ ଦେଶରେ ସାହିତ୍ୟିକ ଓ ସାଂସ୍କୃତିକ ପରିମଣ୍ଡ ପାଇଁ ଥିଲା ଅନ୍ୟ ଏକ ବରଦାନ। ସେମାନେ ଯଦିଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇ ପୁସ୍ତକମାନ ପ୍ରସ୍ତୁତ କରୁଥିଲେ, ତାହାରି ଭିତରେ ହିଁ ଏ ଦେଶର ଜନସାଧାରଣ ମାତୃଭାଷା ଅକ୍ଷରର ନୂତନ ରୂପରେଖ ଦର୍ଶନ କରି ଆମୋଦିତ ହେବାର ସୌଭାଗ୍ୟ ଲାଭ କରିଥିଲେ।

ଭାରତର ଅନ୍ୟ ସବୁ ଅ ଳ ପରି ଓଡ଼ିଶାରେ ମଧ୍ୟ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିଆନ୍ ମିଶନାରୀମାନେ ପ୍ରଥମେ ଆରମ୍ଭ କରିଥିଲେ। ସେମାନେ ସର୍ବପ୍ରଥମେ କଟକରେ ୧୮୩୬ ମସିହାରେ 'ଓଡ଼ିଅଶା ମିଶନ ପ୍ରେସ୍' ପ୍ରତିଷ୍ଠା କରିଥିଲେ। ଏହାହିଁ ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣାଳୟ। କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଆ ଅକ୍ଷରରେ ପୁସ୍ତକମାନ ପ୍ରକାଶ ପାଇଥିଲା ଏଇ ମିଶନାରୀମାନଙ୍କ ଦ୍ୱାରା। ଶ୍ରୀରାମପୁରରେ ପ୍ରତିଷ୍ଠିତ ଛାପାଖାନାରୁ ପ୍ରଥମ ଓଡ଼ିଆ ବହି ନିଉଟେଷ୍ଟାମେ (New Testament) ପ ମ ଭାଗ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା। ଏହା ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଓଡ଼ିଆରେ ଅନୁବାଦିତ ହୋଇଥିଲା। ଓଡ଼ିଆ ସୀସା ଅକ୍ଷରଛା ପ ।ନନ କର୍ମକାର ନାମକ ଜଣେ କାରିଗର ପାଦ୍ରୀମାନଙ୍କ ତ ୍ୱାବଧାନରେ ତିଆରି କରିଥିଲେ। ମିସନପ୍ରେସ୍ ପ୍ରତିଷ୍ଠିତ ହେବା ପରେ ସେଠାରୁ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ୱଳିତ ପୁସ୍ତକମାନ ପ୍ରକାଶିତ ହୋଇ ବ ନ ଆରମ୍ଭ ହେଲା। ୧୮୪୯ ମସିହାରେ ଉଇଲିୟମ୍ ସି.ଲେସିଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ପ୍ରକାଶ ପାଇଲା। ୧୮୫୬ ମସିହାରେ ପୁନଶ୍ଚ ସେଇ ପାଦ୍ରୀମାନଙ୍କ ଉଦ୍ୟମରେ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକା ଏବଂ ୧୮୬୧ ମସିହାରେ ଉର୍ଣ୍ଣାକୁଲାର ଲିଟେରେଚର ସୋସାଇଟି ତରଫରୁ

'ଅରୁଣୋଦୟ' ନାମରେ ଏକ ମାସିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ଏ ସମସ୍ତ ପତ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ ପାଇଥିଲା ଏବଂ ଏଗୁଡ଼ିକରେ ବ୍ୟବହୃତ ଓଡ଼ିଆ ଭାଷା ଅପରିପକ୍ୱ ଥିଲା।

ଓଡ଼ିଆ ନବଜାଗରଣ ପାଇଁ ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକର ଭୂମିକା ପ୍ରଶଂସାର୍ହ। ଉତ୍କଳ ଦୀପିକା (୧୮୬୬), ଉତ୍କଳ ଦର୍ପଣ (୧୮୭୩), ଉତ୍କଳପତ୍ର (୧୮୭୩), ବୋଧଦାୟିନୀ (୧୮୬୮), ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ମଧୁପ (୧୮୭୮), ପ୍ରଜାବନ୍ଧ (୧୮୮୨), ସଂସ୍କାରକ (୧୮୮୩), ଶିକ୍ଷାବନ୍ଧୁ (୧୮୮୬), ସମ୍ବଲପୁର ହିତେଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୨), ଉତ୍କଳ ସାହିତ୍ୟ (୧୮୯୭), ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯), ମୁକୁର (୧୯୦୫), ଆଶା (୧୯୧୩) ଓ ସତ୍ୟବାଦୀ (୧୯୧୫) ପ୍ରଭୃତି ପତ୍ରପତ୍ରିକାଗୁଡ଼ିକର କୃତିତ୍ୱ ବିଚାର୍ଯ୍ୟ।

୧୮୬୬ର ନିଦାରୁଣ ନଅଙ୍କ ଦୁର୍ଭିକ୍ଷ ବର୍ଷ ଓଡ଼ିଶାର ଦ୍ୱିତୀୟ ଛାପାଖାନା କଟକ ପ୍ରି ିଂ କମ୍ପାନୀ ପ୍ରେସ୍ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଏବଂ ସେହିଠାରୁ ସର୍ବପ୍ରଥମ ସାପ୍ତାହିତ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହେଲା। ଓଡ଼ିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭିକ ଭାବରେ ପ୍ରକାଶ କରି ଏହାର ସମ୍ପାଦକ ଗୌରୀଶଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନବଯୁଗର ବା ୀ ସଂଚାର ପାଇଁ ଅ ାଭିଡ଼ିଥିଲେ। ସେ ସମୟରେ କେତେକ ବଂଗାଳୀ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ସ୍କୁଲମାନଙ୍କରୁ ଉଠାଇଦେଇ ବଙ୍ଗଭାଷା ଓ ଲିପି ପ୍ରଚଳନ ପାଇଁ ହୀନ ଉଦ୍ୟମ କରିଥିଲେ। ମାତ୍ର 'ଉତ୍କଳ ଦୀପିକା' ମାଧ୍ୟମରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ତତ୍କାଳୀନ ବାଲେଶ୍ୱର ଜିଲ୍ଲା କଲେକ୍ଟର ଜନ ବିମ୍ସ ଓ ଓଡ଼ିଶାର କମିଶନର ମି. ରେଭେନ୍ସା ସାହେବଙ୍କ ସହାୟତାରେ ତାର ପ୍ରତିଶୋଧ କରି ଏହି ଆନ୍ଦୋଳନକୁ ପଣ୍ଡ କରିପାରିଥିଲେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଉର୍ବର କ୍ଷେତ୍ର ସ୍ଥାପନ କରିଥିଲେ। ପରବ ୀ ସମୟରେ ଓଡ଼ିଶାରେ ପ୍ରତିଷ୍ଠିତ ମୁଦ୍ରଣଖାନାଗୁଡ଼ିକର ଏକ ସାରଣୀ ନିମ୍ନରେ ପ୍ରଦ ।

ପରବ ୀ ସମୟରେ ଆହୁରି ଅନେକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲେ ହେଁ ଉପର୍ଯ୍ୟୁକ୍ତ ପ୍ରେସ୍‌ଗୁଡ଼ିକରୁ ଅଧିକାଂଶ ଓଡ଼ିଆ। ନବଜାଗରଣର ବା ାବିହ ଭାବରେ ଅବତୀର୍ଣ୍ଣ ହୋଇଥିଲେ।

ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ପ୍ରି ିଂ କମ୍ପାନୀ'କୁ ଆଧାରକରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା ପ୍ରକାଶ ପାଇଲା। ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସ୍‌ରୁ ୧୮୭୩ରେ ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ଆତ୍ମପ୍ରକାଶ କଲା। ଏହି ପତ୍ରିକା ହିଁ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରମୁଖଙ୍କ ଗଦ୍ୟ ଓ ପଦ୍ୟ ରଚନାକୁ ସ୍ଥାନଦେଇ ନୂତନ ପ୍ରବାହ ସୃଷ୍ଟିକଲା। ରାଧାନାଥଙ୍କ ଦ୍ୱାରା ରଚିତ 'ବିବେକୀ' ପ୍ରବନ୍ଧ ପ୍ରଥମେ ଏହି ପତ୍ରିକାରେ ହିଁ ସ୍ଥାନ ପାଇଥିଲା। ନବ ଚିନ୍ତନର ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ଓଡ଼ିଆ ସାହିତ୍ୟରେ ରେନେସାଁ ସୃଷ୍ଟିର ଐତିହାସିକ ଭୂମିକା ନିଭାଇବାରେ ଉତ୍କଳଦର୍ପଣ ଅବିସ୍ମରଣୀୟ ହୋଇ ରହିବ।

ଉତ୍କଳ ସଭା ଆନୁକୁଲ୍ୟରେ କଟକରୁ ଉତ୍କଳ ମଧୁପ ପତ୍ରିକା ୧୮୭୮ରେ ପ୍ରକାଶ ପାଇଲା। ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟସାହିତ୍ୟ ପରିପନ୍ଥୀ ଉତ୍କଳର ଯେଉଁ ସମ୍ପାହୀ ଯୁବକମାନେ ନୂତନ ସାହିତ୍ୟ ସୃଷ୍ଟିପାଇଁ ଅ ାଭିଡ଼ିଥିଲେ, ସେମାନଙ୍କର ନେତୃତ୍ୱ ନେଇଥିଲେ ରାମଶଙ୍କର ରାୟ। ତାଙ୍କର ସୌଦାମିନୀ (ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସ) ଓ ପ୍ରେମତରୀ ଏଥିରେ ପ୍ରକାଶ ପାଇଥିଲା। ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଆଧୁନିକ-ପ୍ରାଚୀନ ସଂଘର୍ଷ ଏଇ ପତ୍ରିକାକୁ କେନ୍ଦ୍ରକରି ଆରମ୍ଭ ହୋଇଥିଲା।

ବାମଣ୍ଡା ରାଜାଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ୧୯୨୩ ପର୍ଯ୍ୟନ୍ତ ନିରନ୍ତରତା ରକ୍ଷା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲା। ରାଧାନାଥଙ୍କର 'ପାର୍ବତୀ' (୧୮୯୦), ଯଯାତିକେଶରୀ (୧୮୯୪), 'ଦରବାର' କାବ୍ୟର କିଛି ଅଂଶ

(୧୮୯୪) ହିତୈଷିଣୀର ପୃଷ୍ଠାମଣ୍ଡନ କରିଥିଲା। ନନ୍ଦକିଶୋରଙ୍କ ପଲ୍ଲୀଚେତନା ସମ୍ବଳିତ ଅନେକ ନୂଆ ନୂଆ ରୁଚିର କବିତା ଯଥା - ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ଖଳା ଇତ୍ୟାଦି ଏଥିରେ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇଥିଲା। ଏହି ପତ୍ରିକାର ଅନ୍ୟତମ ଐତିହାସିକ ଅବଦାନ ହେଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ (୧୮୯୪) ବିରୁଦ୍ଧରେ ଜନମତ ସୃଷ୍ଟିକରିବା ସହିତ ମଧ୍ୟପ୍ରଦେଶ ଶାସନ କ ୍ତୃତ୍ୱକୁ ମୁକ୍ତକରି ସମ୍ବଲପୁରକୁ ଓଡ଼ିଶା ସହ ସଂଯୁକ୍ତ କରିବା। ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୨) ପତ୍ରିକା ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ରଚନାକୁ ଗୁରୁତ୍ୱଦେଇ ରେନେସାଁ ଧାରାକୁ ଶକ୍ତିଶାଳୀ କରିଥିଲା। ଏହି ପତ୍ରିକା ସର୍ବପ୍ରଥମେ ଲେଖକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବାର ପରମ୍ପରା ସୃଷ୍ଟି କରିଥିଲା। ରାଧାନାଥଙ୍କ ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଇତ୍ୟାଦି କାବ୍ୟ, ମଧୁସୂଦନଙ୍କ ଋଷିପ୍ରାଣେ ଦେବାବତରଣ (୧୮୯୧), ଫକୀରମୋହନଙ୍କ 'ନିଦାଘ ନିଶିଥ୍ ସ୍ୱପ୍ନ' ଆଦି ନୂତନ ଭାବଧାରା ନେଇ ଏଇ ପତ୍ରିକାରେ ପ୍ରକାଶ ପାଇଥିଲା।

'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ଅନ୍ୟତମ ସାରଥି। ପ୍ରବୀଣ ଓ ତରୁଣ ଲେଖକମାନଙ୍କୁ ସ୍ଥାନଦେଇ ଏହାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ନୂତନତାର ବାହକ ସାଜିଥିଲେ। ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ପ୍ରକାଶିତ ହୋଇ 'ଉତ୍କଳ ସାହିତ୍ୟ' ନବୀନ ଧାରକୁ ପରିପୁଷ୍ଟ କରିଥିଲା। ବିଶ୍ୱନାଥ କର ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇଥିବାରୁ ଉତ୍କଳ ସାହିତ୍ୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ ରଚନାବଳୀ ସମେତ ଆଧୁନିକ ଗଳ୍ପ, ଉପନ୍ୟାସ, ପୁସ୍ତକ ସମାଲୋଚନା, ପୁରାତନ କବିମାନଙ୍କ ସମ୍ପର୍କରେ ବିଶେଷ ରଚନା ଏଥିରେ ସ୍ଥାନ ପାଇଥିଲା। ମଧୁସୂଦନ ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ମୋହିନୀ ମୋହନ ସେନାପତି, ସତ୍ୟାରାୟଣ ରାଜଗୁରୁ, କାମପାଳ ମିଶ୍ର, ଚନ୍ଦ୍ରମୋହନ ମହାରଣା, ଜଳନ୍ଧର ଦେବଙ୍କ ପରି ଲେଖକମାନଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ କରି ନୂତନ ଚେତନାଧାରାକୁ ସେ ଏଥିରେ ବଳବ ର କରିଥିଲେ। ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' (୧୮୯୮) ଏହି ପତ୍ରିରେ ସ୍ଥାନିତ ହୋଇଥିଲା। ଉନବିଂଶ ଶତାବ୍ଦୀର ଶେଷ ଦଶକରେ ଅନ୍ୟଦୁଇଟି ପତ୍ରିକା ଇନ୍ଦ୍ରଧନୁ (୧୮୯୩) ଓ ବିଜୁଳି (୧୮୯୩) ଯଥାକ୍ରମେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ବିତର୍କମୂଳକ ବାତାବରଣ ସୃଷ୍ଟିକରି ପାଠକୀୟ ଦୃଷ୍ଟିଭଙ୍ଗୀରେ ବିବ ର୍ନ ଆଣିବାକୁ ଉଦ୍ୟମ କରିଥିଲେ।

ବିଂଶ ଶତାବ୍ଦର ଆଦ୍ୟପାଦରେ ମୁକୁର (୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯) ନବଭାରତ (୧୯୩୪), ଆଧୁନିକ (୧୯୩୬) ଇତ୍ୟାଦି ପତ୍ରିକା ଓଡ଼ିଆ ସାହିତ୍ୟର ଧାରା ଓ ଧାରାକୁ ବହୁମାତ୍ରାରେ ପରିବ୍ୟାପ୍ତ କରିଥିବାର ଜଣାଯାଏ। ଗୋପବନ୍ଧୁ, ନୀଳକଣ୍ଠ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ପ୍ରମୁଖଙ୍କୁ ସ୍ଥାନଦେଇ ଏହାର ସମ୍ପାଦକ ବ୍ରଜସୁନ୍ଦର ଦାସ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। 'ମୁକୁର ଉପନ୍ୟାସମାଳା' କ୍ରମରେ ଉପନ୍ୟାସ ସାହିତ୍ୟର ପ୍ରଚାର ଓ ପ୍ରସାର ସେ ଘଟାଇଥିଲେ। ଏଥିସହିତ ସଂସ୍କାରଧର୍ମୀ ପ୍ରବନ୍ଧ ଯଥା ଶ୍ରୀବାସ ପଣ୍ଡାଙ୍କ 'ଯୁବତୀ ବିବାହ', 'ସ୍ତ୍ରୀ ଶିକ୍ଷା' ନୀଳକଣ୍ଠଙ୍କ 'ମୋ ନିଶ', ଗୋପବନ୍ଧୁଙ୍କ 'ବିବାହରେ ଅର୍ଥ ପ୍ରସଙ୍ଗ' ଆଦି ପ୍ରକାଶିତ ହୋଇ 'ମୁକୁର' ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରବ ୀ ସମୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦନାରେ ସହକାର ପତ୍ରିକା ଉପନ୍ୟାସ ପ୍ରକାଶନକୁ ପ୍ରାଧାନ୍ୟ ଦେଇଥିଲା। ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗତିମୁଖର ହୋଇଥିଲା। ପରମ୍ପରା, ସଂସ୍କୃତି, ଇତିହାସ କିମ୍ବଦନ୍ତୀକୁ ଆଧୁନିକ ଛା ରେ ପ୍ରକାଶ କରି ଜାତୀୟତାବାଦ ବିକାଶରେ ଏହା ବେଶ୍ ସହାୟକ ହୋଇଥିଲା।

ପତ୍ରପତ୍ରିକାଗୁଡ଼ିକ ହିଁ ସାହିତ୍ୟର ଆଦ୍ୟ ବାହକ। ଏ ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ରେନେସାଁ ପାଇଁ ସେ ସମୟରେ ପ୍ରକାଶିତ ପତ୍ରପତ୍ରିକା ସମୂହର ଗୁରୁତ୍ୱ ଉପଲବ୍ଧ ହୋଇଥାଏ।

## ୩.୫ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରତିଷ୍ଠା କରିବାରେ ଊନବିଂଶ ଶତକର ଶେଷପାଦରେ ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଅବଦାନ ସ୍ମରଣଯୋଗ୍ୟ। ତତ୍‌ପୂର୍ବରୁ ସଂସ୍କୃତି ଓ ସାହିତ୍ୟର ଆଲୋଚନା ପାଇଁ ଚଉପାଢ଼ୀ, ଭାଗବତ ଟୁଙ୍ଗୀ, ଅଲେଖଗାଦି ଭଳି ପ୍ରାଚୀନ ଅନୁଷ୍ଠାନ ଅବଶ୍ୟ ରହିଥିଲା। ସେଗଡ଼ିକ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଧର୍ମାନୁଷଙ୍ଗ ସାଧନରେ ସହାୟକ ହେଉଥିଲା। ଅପର ପକ୍ଷରେ ଊନବିଂଶ ଶତକରେ ଶିକ୍ଷିତ ମଧ୍ୟବି  ଗୋଷ୍ଠୀ ଜାତୀୟ ବିକାଶରେ ଆଗଭର ହେବାରୁ ଏ ଦିଗରେ ପରିବ ର୍ନର ଧାରା ପ୍ରବାହିତ ହେଲା। ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଓଡ଼ିଆ ବିଲୋପ ଚକ୍ରାନ୍ତ (୧୮୬୮--୬୯) ଭଳି ଦାରୁଣ ବିପର୍ଯ୍ୟୟ ଶିକ୍ଷିତ ଓଡ଼ିଆଙ୍କୁ ସଂଗଠିତ କରିବା ପାଇଁ ପ୍ରେରଣା ଯୋଗଉଥିଲା। କଟକରେ ପ୍ରତିଷ୍ଠିତ 'ପାରସ୍ପରିକ ଉନ୍ନତି ସଭା' (୧୮୫୯) ହେଉଛି ଓଡ଼ିଶାର ପ୍ରଥମ ଆଧୁନିକ ସାଂସ୍କୃତିକ ଅନୁଷ୍ଠାନ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମନ୍ୱୟରେ ଗଠିତ ଏହି ସଭାରେ କଟକରେ ବସବାସ କରୁଥିବା କତିପୟ ବିଦେଶୀଙ୍କ ସହିତ ଦେଶୀୟ ଶିକ୍ଷିତ ବ୍ୟକ୍ତି ସଦସ୍ୟଥିଲେ। ସାହିତ୍ୟ, ସମାଜ ତଥା ସଂସ୍କୃତି ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ପାଇଁ ଏହାର ଅଧିବେଶନଗୁଡ଼ିକ ଅଭିପ୍ରେତ ଥିଲା। କଟକ ଡିବେଟିଂ କ୍ଲବ (୧୮୬୯) ବିଭିନ୍ନ ସମ୍ପାନ ମାଧ୍ୟମରେ ଦେଶହିତକର ଜ୍ଞାନଗାରିମାକୁ ଜନସାଧାରଣଙ୍କ ନିକଟରେ ପହ ାଇବା ପାଇଁ ଉଦ୍ୟମ କରୁଥିଲା। ଓଡ଼ିଆ ଭାଷାରେ ଇଂରାଜୀ ସାହିତ୍ୟରୁ କେତେକ ରଚନା ଅନୁବାଦ କରି ନୂତନତାର ସ୍ୱାଦ ପ୍ରଦାନରେ 'କଟକ ସୋସାଇଟି' ଭଳି ଅନୁଷ୍ଠାନ ବ୍ୟଗ୍ରତା ପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଉତ୍କଳ ଭାଷା ବିଧାୟିନୀ ସଭା (୧୮୬୬) ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୬) ଇତ୍ୟାଦି ଅନୁଷ୍ଠାନ ଗଢ଼ିଉଠିଥିଲା। ଭାଷା ଚର୍ଚ୍ଚା ସହ ପାଠ୍ୟ ପୁସ୍ତକଗୁଡ଼ିକର ସମୀକ୍ଷାତ୍ମକ ଆଲୋଚନାରେ ଏହାର ସଦସ୍ୟମାନେ ଅଧିକ ଗୁରୁତ୍ୱାରୋପ କରୁଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବହୁ ମୂଲ୍ୟବାନ ଓ ଗୌରବାବହ ସୃଷ୍ଟି ଆଧୁନିକ ଓଡ଼ିଶାର ପାଠକମାନଙ୍କ ନିକଟରେ ପହ୍ ପାରୁନଥିଲା। ତାଳପତ୍ର ପୋଥିରେ ଲିପିବଦ୍ଧ ଅତୀତର ସାହିତ୍ୟ ସହଜଲଭ୍ୟ ନଥିଲା। ଯତ୍ରତତ୍ର ଯାହାସବୁ ସଂରକ୍ଷିତ ହୋଇ ରହିଥିଲା, ସେଗୁଡ଼ିକ ମଧ୍ୟ ସହଜପାଠ୍ୟ ହୋଇପାରୁ ନଥିଲା। 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାର କମ୍ପାନୀ' (୧୮୭୭) ଗଠିତ ହୋଇ ପ୍ରାଚୀନ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାପାଇଁ ଯତ୍ନବାନ ହେଲା। 'ଉତ୍କଳ ପ୍ରି ଂ କମ୍ପାନୀ' (୧୮୬୬) ଓ ଦେଶ ହିତୈଷିଣୀ ସଭା (୧୮୭୪), ଉତ୍କଳ ହିତୈଷିଣୀ ସଭା (୧୮୮୫) ଓଡ଼ିଆ ଗ୍ରାଜୁଏଟ ଏଣ୍ଡ ଅଣ୍ଡର ଗ୍ରାଜୁଏଟ ଆସୋସିଏସନ (୧୮୮୯) ଇତ୍ୟାଦି ସାରସ୍ୱତ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ ନୂତନ ଜ୍ଞାନଲୋକ ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ।

ଊନବିଂଶ ଶତକର ଭାରତୀୟ ଭାବରାଜ୍ୟରେ ବିପ୍ଳବାତ୍ମକ ପରିବ ର୍ନ ଆଣିବାରେ ରାହା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମସମାଜ (୧୮୨୮)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଏକେଶ୍ୱରବାଦରେ ବିଶ୍ୱାସୀ ବ୍ରାହ୍ମଧର୍ମ ହେତୁବାଦୀ ସମାଜ ଗଠନର ପକ୍ଷପାତୀ ଥିଲା ଏବଂ ବର୍ଷ ବର୍ଷ ଧରି ଚଳି ଆସୁଥିବା ଅମାନବୀୟ ସାମାଜିକ କୁସଂସ୍କାର ଯଥା – ସତୀଦାହ ପ୍ରଥା, ବହୁ ବିବାହ, ବାଲ୍ୟ ବିବାହ ବ୍ୟବସ୍ଥାର ଘୋର ବିରୋଧୀ ଥିଲା। ୧୮୪୯ ମସିହାରେ ବ୍ରାହ୍ମଚେତନା ଓଡ଼ିଶାରେ ବିଧିବଦ୍ଧ ଭାବରେ ପ୍ରବେଶ କଲା। ମୁନସିଫ୍ ମହେଶଚନ୍ଦ୍ର ରାୟ କଟକରେ ବ୍ରାହ୍ମସମାଜ ପ୍ରତିଷ୍ଠା କରି ଏହାର ସୂତ୍ରଧର ସାଜିଲେ। ଜଗନ୍ମୋହନ ଲାଲ୍, ମଧୁସୂଦନ ରାୟ, ପ୍ୟାରୀମୋହନ ମହାପାତ୍ର, ସାଧୁଚରଣ ରାୟ, ବିଶ୍ୱନାଥ କର ପ୍ରମୁଖ ସ୍ରଷ୍ଟା ବ୍ରାହ୍ମଧର୍ମ ଗ୍ରହଣ କରି ନିଜ ନିଜ ରଚନାରେ ସମାଜ ସଂସ୍କାରକ ଦୃଢ଼ବା ର୍ା ଦେଇଥିଲେ।

ବିଂଶ ଶତକର ଆଦ୍ୟପାଦରେ ଅଧିକରୁ ଅଧିକ ସାରସ୍ୱତ ଅନୁଷ୍ଠାନ ଗଠିତ ହୋଇ ରେନେସାଁ ଭାବଧାରାକୁ ପରିବ୍ୟାପ୍ତ କରିଥିଲେ। ଉତ୍କଳ ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାଜ (୧୯୦୩), ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ସବୁଜ ସାହିତ୍ୟ ସମିତି (୧୯୩୧), ନବଯୁଗ ସାହିତ୍ୟ ସଂସଦ (୧୯୩୫) ଇତ୍ୟାଦି ସଂଗଠନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଅବିସ୍ମରଣୀୟ ଇତିବୃ  ।

ଆଧୁନିକ ଚେତନା ପ୍ରଣୋଦିତ ଓଡ଼ିଆମାନେ ଯେଉଁସବୁ ସଂଘ, ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ବିକାଶ କରି ପଥ ପ୍ରସ୍ତୁତ କରିଥିଲେ, ତାହା ଓଡ଼ିଆରେ ନବଜାଗରଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଦେଶବିଦେଶରେ ଘଟୁଥିବା ନାନା ପରିବ ର୍ନ ସମ୍ପର୍କରେ ଆଲୋଚନା ପ୍ରତ୍ୟାଲୋଚନା କରି ସ୍ରଷ୍ଟାମାନେ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିଥିଲେ।

### ୩.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରସଙ୍ଗ ଆଲୋଚନା କଲାବେଳେ ଭାଷା ଓ ଲିପି ଚକ୍ରାନ୍ତକୁ ଏଡ଼େଇ ଦିଆଯାଇନପାରେ। ସେ ସମୟରେ କତିପୟ ଈର୍ଷାଳୁ ବଂଗୀୟ ବ୍ୟକ୍ତିଙ୍କର ହୀନ ଉଦ୍ୟମର ଶିକାର ହେବାକୁ ବସିଥିଲା ଓଡ଼ିଆ ଭାଷା ଓ ସାହିତ୍ୟ। ୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ନାମକ ଜଣେ ଐତିହାସିକ କଟକ ସହରର ଏକ ସଭାରେ ଭାଷଣ ଦେଇ କହିଲେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ପୁସ୍ତିକା ଛାପି ଅପପ୍ରଚାର ଚଳାଇଥିଲେ। ସେମାନଙ୍କ ସହିତ ଆଉ କେତେକ ବଙ୍ଗାଳୀ ଏକତ୍ର ଓଡ଼ିଆ ଭାଷା ବିଲୋପ କରି ଏ ଦେଶରେ ବଂଗଳା ପ୍ରଚଳନ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଶେଷ କରି ଓଡ଼ିଶାର ଭର୍ଣ୍ଣାକୁଲାର ସ୍କୁଲ ସମୂହରେ ବଂଗଳା ଭାଷାରେ ପାଠ୍ୟଦାନ ପାଇଁ ନାନା ପ୍ରକାର କୌଶଳ ଜାରି ରଖିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ବଂଗଳା ଭାଷା ପରି ଓଡ଼ିଆ ଭାଷାରେ ଉନ୍ନତ ସାହିତ୍ୟିକ ପରମ୍ପରା ନାହିଁ।

ଏହି ଘଟଣା ଓଡ଼ିଆ ବୁଦ୍ଧିଜୀବୀ, ଶିକ୍ଷିତଗୋଷ୍ଠୀ ଓ ସାହିତ୍ୟିକମାନଙ୍କୁ ଏକାଠି କରାଇ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ରଚନା ପାଇଁ ଉତ୍ସାହିତ କରିଥିଲା। ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ଭାଷା ବିରୋଧୀ ଅଭିଯାନରୁ ପ୍ରତିହତ କରିବା ପାଇଁ ଅ ।ଭିଡ଼ିଥିଲେ। ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା'ରେ ଲେଖିଥିଲେ' ପୁନଶ୍ଚ ଦେଖ, ଏହି ବଂଗାଳୀ ଭାଷାର ଉନ୍ନତି କରଣ କି ପର୍ଯ୍ୟନ୍ତ ନା ଯତ୍ନ (ଇଂରେଜମାନଙ୍କ ଦ୍ୱାରା) କରାଯାଇଅଛି। ତଥାପି ଉତ୍କଳୀୟ କବିମାନେ ସେ ସକଳ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ କାବ୍ୟ ମଧ୍ୟ ବଂଗାଳୀ ଭାଷାରେ ପ୍ରକାଶ ହୋଇନାହିଁ। ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ,େ କି କାବ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଂଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକା ହୋଇଅଛି। ମାତ୍ର ଏହି ସମସ୍ତ ଗ୍ରନ୍ଥ ଅନୁବାଦିତ ବା ଅପହୃତ।" (୧୮୬୬)

କେବଳ ସେତିକି ନୁହେଁ ଭାଷା ବିଲୋପ ଦୁରଭିସନ୍ଧି ଚରିତାର୍ଥ ନହେବାରୁ ଉତ୍କଳ ଲିପି ବଦଳରେ ବଂଗଳା ଲିପିରେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ସେ କାଳରେ ସରକାରଙ୍କ ନିକଟରେ ମଧ୍ୟ ଦାବି କରାଯାଉଥଇଲା। ସୌଭାଗ୍ୟର ବିଷୟ, ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ ବିମ୍ସ, ଓଡ଼ିଶା କମିଶନର ରେଭେନ୍ସା ସାହେବ, ଉତ୍କଳେ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ପ୍ରମୁଖଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ଓ ଲିପି ସୁରକ୍ଷିତ ରହିପାରିଲା। ବଙ୍ଗଳା ସମେତ ଦକ୍ଷିଣରେ ତେଲୁଗୁ ଓ ପଶ୍ଚିମରେ ହିନ୍ଦୀ ଭାଷାର ଆକ୍ରମଣ ମଧ୍ୟ ଏ ଦେଶର ଭାଷା ସାହିତ୍ୟ ପାଇଁ ବିପଦ ସୃଷ୍ଟି କରିଥିଲା। ମାତ୍ର ଓଡ଼ିଆ ଜାଗରଣ ଏକ ସୁରକ୍ଷା କବଚ ଭାବରେ ଉଭାହୋଇଥିଲା ଏବଂ ଉତ୍କଳ ସାହିତ୍ୟର ନବଦିଗନ୍ତ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

### ୩.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

ପରମ୍ପରା ପ୍ରସୂତ ବିଶ୍ୱାସ ଓ ଚେତନାକୁ ପରିହାରକରି ନୂତନ ଭାବଧାରାର ବାହକ ସାଜିବା ହେଉଛି ରେନେସାଁ ବା ସାଂସ୍କୃତିକ ନବଜାଗରଣର ମୌଳିକ ବା ର୍।। ନବ ନବ ପ୍ରଜ୍ଞା -ଫସଲରେ ସୁଶୋଭିତ ମାନସ - କାନନ ସ୍ଥିତିବାଦୀ ସମାଜରେ ସବୁକାଳେ ଭିନ୍ନସ୍ରୋତର ଫଲ୍‌ଗୁ ବୁହାଇବାର ସାମର୍ଥ୍ୟ ରଖିଥାଏ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶେଷ କରି ଅନ୍ତିମ ତିନି ଦଶକରେ ଓଡ଼ିଆ ସାହିତ୍ୟର ପରମ୍ପରାସିଦ୍ଧ ଗତିରେ ତୁମୁଳ ପରିବ ର୍ନ ହେଲା। ପୂର୍ବ ଆଲୋଚିତ ପରିବେଶ ଓ ପ୍ରତିକ୍ରିୟା ହିଁ ଏ ଦେଶର ସାଂସ୍କୃତି ପରମଣ୍ଡଳରେ ଯେଉଁ ପରିବ ର୍ନର ସଂକେତେ ସଂଚାର କଲା, ତାହାର ବ୍ୟାପକ ପ୍ରଭାବରେ ସାହିତ୍ୟର କଳେବର ନୂତନତାରେ ଆଚ୍ଛାଦିତ ହେବାର ସୌଭାଗ୍ୟ ଲାଭ କଲା।

ଓଡ଼ିଆ ସାହିତ୍ୟର ଭାଷା, ଭାବ ଓ ଶୈଳୀରେ ବହୁ ପରିବର୍ତ୍ତନର ସୂତ୍ରପାତ ଏହି ସନ୍ଧିକ୍ଷଣର ବିଶେଷତ୍ୱ। ପ୍ରାଚୀନ ଓ ଆଧୁନିକ ସଂଘର୍ଷ ମଧ୍ୟରେ ଆଧୁନିକର ବିଜୟ ଯୋଗୁ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ହୋଇ ପାରିଥିଲା। ଭଞ୍ଜ ଓ ରାଧାନାଥୀ କାବ୍ୟଚେତନାକୁ ଅବଲମ୍ବନ କରି ଦୁଇଟି ଶିବିରରେ ବିଭକ୍ତ ହୋଇଥିଲା ସେକାଳର ସୃଜନ ପରିମଣ୍ଡଳ। କେବଳ ସାହିତ୍ୟିକ ଆଦର୍ଶର ଦ୍ୱନ୍ଦ୍ୱ ହିଁ ଭଞ୍ଜ ପକ୍ଷ ସମର୍ଥନକାରୀ 'ଇନ୍ଦ୍ରଧନୁ' ଓ ରାଧାନାଥ ପକ୍ଷଧାରା 'ବିଜୁଳି' ପତ୍ରିକା ପ୍ରକାଶିତ ହୋଇ ନବଜାଗରଣ ବାତାବରଣକୁ ତ୍ୱରାନ୍ୱିତ କରିଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ନୂତନ ପରୀକ୍ଷା ନିରୀକ୍ଷାର ନାନା କୌଶଳ ଏ ଯୁଗର ସାହିତ୍ୟକୁ ବୈଚିତ୍ର୍ୟ ବିଭୂଷିତ କଲା। ବିଶେଷ କରି ଓଡ଼ିଆ କାବ୍ୟ କବିତାର ନୂତନ କଥାବସ୍ତୁ ସହିତ ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ପ୍ରେମର ସାବଲୀଳ ପ୍ରୟୋଗ, ଜାତୀୟତାବୋଧ, ସଂସ୍କାରଧର୍ମିତା ତଥା ମାନବ ବନ୍ଦନା ଇତ୍ୟାଦି ଅଭିନବ ଭାବ ସମ୍ପଦ ବେଶ୍ ଆଦର ଲାଭକଲା। ସେହିପରି କାବ୍ୟ, ଖଣ୍ଡକାବ୍ୟ, ଗାଥା କବିତା (Ballad)ଳ ଚତର୍ଦ୍ଦଶପଦୀ (sonnet), ଶୋକଗୀତି (Elegy), ସମ୍ବୋଧନ ଗୀତିକା (Ode), ବ୍ୟଙ୍ଗ କବିତା (satire) ଇତ୍ୟାଦି ନୂତନ ଆଙ୍ଗିକରେ ଏ ଯୁଗର କାବ୍ୟ ସାହିତ୍ୟ ଶ୍ରୀମଣ୍ଡିତ ହେଲା। କଠିନ ଅଳଙ୍କାର ବିନିର୍ମୁକ୍ତ ସହଜ ପ୍ରକାଶଭଙ୍ଗୀ ସହିତ ସରଳ ଭାଷା ପ୍ରୟୋଗ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏ ଯୁଗ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

ସେହିପରି ରେନେସାଁ ପ୍ରଭାବରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସମର୍ଥ ହେଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ମୁଖ୍ୟତଃ ପଦ୍ୟମୟ। କେବଳ ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସାଧାନିଧି, ଓଡ଼ିଶା ରାଜ ବଂଶ ଇତିହାସ ରୂପେ ଖ୍ୟାତ ମାଦଳାପାଂଜି, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପରି କତିପୟ ରଚନାକୁ ବାଦ୍‌ଦେଲେ ଗଦ୍ୟର ଅନ୍ୟ କୌଣସି ସ୍ୱତନ୍ତ୍ର ସୃଷ୍ଟି ନଥିଲା। ଇଂରେଜମାନଙ୍କ ସଂସର୍ଗରେ ଓଡ଼ିଆ ଗଦ୍ୟର ନୂଆରୂପ ଆତ୍ମପ୍ରକାଶ କଲା। ଅବଶ୍ୟ ରେନେସାଁର ଆଦ୍ୟକାଳରେ ଯେଉଁ ଗଦ୍ୟ ପରିଦୃଷ୍ଟ ହୁଏ, ତାହାର ଭାଷା ଓ ଶୈଳୀ ଅନେକାଂଶରେ ଅସମ୍ପୂର୍ଣ୍ଣ ଓ ବିକୃତ ଥିଲା। ଇଂରାଜୀକୁ ଅଣକୁଶଳୀ ଲେଖକମାନଙ୍କ ଦ୍ୱାରା ଅନୁଦିତ ଏବଂ ବଙ୍ଗଳା ଭାଷାର ପ୍ରତ୍ୟକ୍ଷ ଅନୁସରଣ ଏପରି ବିକୃତିର କାରଣ ହୋଇଥିଲା। ଓଡ଼ିଆ ପତ୍ରପତ୍ରିକା ଆତ୍ମପ୍ରକାଶ କଲାପରେ ଏ ଦିଗରେ ବ୍ୟାପକ ପରିବର୍ତ୍ତନ ଦେଖାଦେଲା। ଉତ୍କଳ ଦର୍ପଣରେ ପ୍ରକାଶିତ ରାଧାନାଥ ରାୟଙ୍କ ବିବେକୀ (୧୮୭୩) ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧର ମାନ୍ୟତା ପାଇଲା। ବିଶ୍ୱନାଥ କର, ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା, ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଆ ପ୍ରବନ୍ଧକୁ ଆଗକୁ ବଢ଼ାଇବାରେ ସଫଳ ହେଲେ।

ଉମେଶଚନ୍ଦ୍ର ସରକାର, ଫକୀର ମୋହନ ସେନାପତି, ଗୋପାଳ ବଲ୍ଲଭ ଦାସ, ରାମଶଙ୍କର ରାୟ, ଚିନ୍ତାମଣି ମହାନ୍ତିଙ୍କ ଭଳି ଲେଖକମାନେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ମାର୍ଗ ନିର୍ଦ୍ଦେଶ କଲେ। ପଦ୍ମମାଳୀ (୧୮୮୮)ଭଳି ଉପନ୍ୟାସ ରଚନା କରି ଉମେଶଚନ୍ଦ୍ର ସରକାର ପ୍ରଥମ ଔପନ୍ୟାସିକ ଭାବେ ଯେଉଁ ସମ୍ମାନ ଦାବି କରନ୍ତି, ତାହା ମୂଳରେ ନବଜାଗରଣର ପ୍ରଭାବ ହିଁ ପରିଦୃଷ୍ଟ ହଏ। ଫକୀର ମୋହନଙ୍କ ରେବତୀ (୧୮୯୮) ହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। ପରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଏ ଦିଗରେ ଲେଖନୀ ଚାଳନା କରି ଏହି ସ୍ୱତନ୍ତ୍ର ବିଭାଗକୁ ସମୃଦ୍ଧ କରିଥିଲେ।

ସେହିପରି ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, କାମପାଳ ମିଶ୍ର ପ୍ରମୁଖ ଓଡ଼ିଶା ନାଟକର ଉନ୍ମେଷ ଓ ବିକାଶରେ ମନୋନିବେଶ କରି ଆଧୁନିକ ସାହିତ୍ୟକୁ ବିଭବବନ୍ତ କଲେ। ଜଗନ୍ମୋହନଙ୍କ ବାବାଜୀ (୧୮୭୭) ଓଡ଼ିଆର ପ୍ରଥମ ନାଟକ ଏବଂ ଏହା ନବଜାଗରଣର ଫଳଶ୍ରୁତି। ପୁନଶ୍ଚ ଓଡ଼ିଆ ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ସମାଲୋଚନା ଭଳି ଅନ୍ୟାନ୍ୟ ଗଦ୍ୟରୂପର ଆତ୍ମପ୍ରକାଶ ଏକାଳର ମଧ୍ୟ ମହତ ଦାନ।

### ୩.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

**ପ୍ରଶ୍ନାବଳୀ :**

୧. ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନ ପାଇଁ ସନ୍ନିହିତ କାରଣଗୁଡ଼ିକ ଆକଳନ କର।

୨. ଇଂରାଜୀ ଶିକ୍ଷା ପ୍ରସାର ଓଡ଼ିଆ ସାହିତ୍ୟରେ ନବ ଜାଗରଣର ମାର୍ଗ ଉନ୍ମୁକ୍ତ କଲା - ଏହାର ଯଥାର୍ଥତା ପ୍ରତିପାଦନ କର।

୩. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ମୂଳରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ କିଭଳି ଭୂମିକା ନିର୍ବାହ କରିଥିଲା, ଆଲୋଚନା କର।

୪. ନବଜାଗରଣ କାଳର ପ୍ରମୁଖ ସାହିତ୍ୟିକମାନଙ୍କ ସମ୍ପର୍କରେ ଏକ ସଂକ୍ଷିପ୍ତ ସମୀକ୍ଷା କର।

୫. ରେନେସାଁ କାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବିବ ର୍ନ ଦର୍ଶାଅ।

୬. ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

**ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକାବଳୀ :-**


୧. ଆଧୁନିକ ଓଡ଼ିଆ କାବ୍ୟଧାରା - ଡ. ନରେନ୍ଦ୍ରନାଥ ମିଶ୍ର

୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ -୧୯୨୦) - ଡ. ନଟବର ସାମନ୍ତରାୟ

୩. ଆଧୁନିକ ଓଡ଼ିଆ ସାହିତ୍ୟର ଭି ିଭୂମି - ଡ. ନଟବର ସାମନ୍ତରାୟ

୪. ଆଧୁନିକ ଓଡ଼ିଆ ସାହିତ୍ୟ - ଡ. ଜାନକୀ ବଲ୍ଲଭ ମହାନ୍ତି

୫. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡ. କ୍ଷେତ୍ରବାସୀ ନାୟକ

# ଚତୁଥ ଏକକ – ଧର୍ମୀୟ ମୂଲ୍ୟାଙ୍କନ


୪.୦-  ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୪.୧  ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୪.୨  ଓଡ଼ିଆ ନବଜାଗରଣ

୪.୩  ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୪.୪  ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୪.୫  ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୪.୬  ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୪.୭  ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୪.୮  ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

ପ୍ରାଗଭାଷା

ଭାଷାର କାୟାକଳ୍ପରେ ଭାବର ମହାମନ୍ତ୍ର ଦେଇ ରସାନୁଭୂତିର ଅସରନ୍ତି ପେଡ଼ି ଖୋଲି ପାରୁଥିବା ସାହିତ୍ୟର ଇତିହାସ ଅଧ୍ୟୟନ ସୂକ୍ଷ୍ମ ବିଶ୍ଳେଷଣର ଅପେକ୍ଷା ରଖେ। କୌଣସି ଜାତିର ଘଟଣା ପ୍ରବାହ ସହିତ ସାମାଜିକ ବିଧିବ୍ୟବସ୍ଥା ତଥା ସାଂସ୍କୃତିକ ସଂହିତାର ପ୍ରତିଛବି ଦେଖିବାରେ ସାହିତ୍ୟ ରୂପକ ଦର୍ପଣର ଗୁରୁତ୍ୱ ବିଶ୍ୱର ପ୍ରତ୍ୟେକ ଦେଶରେ ଉପଲବ୍ଧ ହୋଇଥାଏ। ସମୟ-ସୈକତରେ ସାହିତ୍ୟ ସ୍ରୋତସ୍ୱିନୀର ବିଚିତ୍ରବର୍ଣ୍ଣା ଦେହରି ଅବଲୋକରେ ଏହାର ଇତିହାସ ପରସିଦିଏ ଅପୂର୍ବ ପ୍ରେରଣା। କେବଳ ସାହିତ୍ୟର ଉନ୍ମେଷ-ବିକାଶ-ବିବର୍ତ୍ତନ ନୁହେଁ, ଅଧିକନ୍ତୁ ଶାସନତନ୍ତ୍ର, ଆଚାର ବ୍ୟବହାର ତଥା ଚଳଣି ଚମକର ବାର୍ତ୍ତା-ବିବରଣୀ ପାଇବାରେ ଏ ଇତିହାସ ପାଲଟିଯାଏ ପ୍ରଧାନ ଅବଲମ୍ବନ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗ ବିଭାଜନ ମୁଖ୍ୟତଃ ତିନି ଭାଗରେ ବିଭକ୍ତ। ଯଥା – ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗ। ୭ମ-୮ମ ଶତାବ୍ଦୀରେ ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟା ପଦାବଳୀ ସମୟରେ ଲୋକସାହିତ୍ୟ, ନାଥ ସାହିତ୍ୟ ପଥ ଦେଇ ୧୫ଶ ଶତାବ୍ଦୀର ଆଦିକବି ସାରଳା ଦାସ ଓ ୧୬ଶ ଶତାବ୍ଦୀର ପ୍ରସିଦ୍ଧ ପଂଚସଖା କବିମାନଙ୍କର ରଚନାବଳୀ ପର୍ଯ୍ୟନ୍ତ ବିପୁଳାୟତନ ସୃଷ୍ଟି ପ୍ରାଚୀନ ସାହିତ୍ୟ ଭାବେ ପରିଚର୍ଚ୍ଚିତ। ୧୭ଶ ଶତାବ୍ଦୀରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଅର୍ଥାତ୍ ୧୮୫୦ ମସିହା ପର୍ଯ୍ୟନ୍ତ କାଳଖଣ୍ଡରେ କବି ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ ଦ୍ୱାରା ବିରଚିତ ରାଶି ରାଶି ଭଜନ, ଜଣାଣ, ଚଉପଦୀ, ଚଉତିଶା ସମେତ ଉଚ୍ଚାଙ୍ଗ କାବ୍ୟମାଳା ମଧ୍ୟଯୁଗ ସାହିତ୍ୟର ପ୍ରଧାନ ଅଙ୍ଗ। ଓଡ଼ିଶାକୁ ଇଂରେଜମାନଙ୍କ ଆଗମନ ପରେ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ହେଲା, ତାହାର ଅମୃତମୟ ପରିଣତି ସ୍ୱରୂପ ୧୮୫୦ ମସିହା ପରବର୍ତ୍ତୀ ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ମାର୍ଗ ଉନ୍ମୁକ୍ତ ହେଲା।

ଭାରତ ତଥା ଓଡ଼ିଶାରେ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ, ଛାପାକାନା ପ୍ରତିଷ୍ଠା, ପତ୍ରପତ୍ରିକା ପ୍ରକାଶନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଆତ୍ମପ୍ରକାଶ ଦ୍ୱାରା ନବ୍ୟ ଶିକ୍ଷିତ ସମାଜର ବୈ ିକ ପରିବର୍ତ୍ତନ ଘଟିଲା। ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହ ଚିନ୍ତାଦର୍ଶ ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ଫଳରେ ପ୍ରାଚୀନତାକୁ ପରିହାର କରି ନୂତନ ଭାବଧାରା ବିକାଶ ଲାଭ କଲା। ପୁରାତନତା ଓ ନୂତନତାର ଚି ସଂଘର୍ଷରୁ ନବଜାଗରଣ ବା ରେନେସାଁ (Renaisance) ର ପ୍ରତିଷ୍ଠା ଏବଂ ତହିଁରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। କବିବର ରାଧାନାଥ ରାୟ (୧୮୪୮-୧୯୦୮), ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୭)। ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪), ପଲ୍ଲୀକବି ନନ୍ଦିକିଶୋର ବଳ (୧୮୭୫-୧୯୨୮), ଜଗନ୍ମୋହନ ଲାଲ୍ (୧୮୩୯-୧୯୧୩) ରାମଶଙ୍କର ରାୟ (୧୮୫୭-୧୯୩୧), ରମେଶଚନ୍ଦ୍ର ସରକାର (୧୮୫୭...) ଚନ୍ଦ୍ରମୋହନ ମହାରଣା (୧୮୭୦-୧୯୨୯) ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଶୈଳୀ ପରିହାର ପୂର୍ବକ ନୂତନ ଆଦର୍ଶ ତଥା ଶୈଳୀରେ ସାହିତ୍ୟ ସୃଷ୍ଟିକରି ଆଲୋଡ଼ନ ସୃଷ୍ଟି କଲେ। ଏ କାଳରେ ଓଡ଼ିଆ ପାଠକମାନେ କାବ୍ୟ ସହିତ, ଖଣ୍ଡକାବ୍ୟ, ଗୀତିକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଆଦି ସାହିତ୍ୟର ନୂଆ ନୂଆ ଦିଗନ୍ତ ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲେ। କେବଳ ସେତିକି ନୁହେଁ, ନବଯୁଗ ସାହିତ୍ୟର ଭାଷା ଓ ପ୍ରକାଶ ଭଙ୍ଗୀରେ ସ୍ୱତନ୍ତ୍ରତା ଏହାକୁ ପ୍ରତିଷ୍ଠା

ଦେବାରେ ଯଥେଷ୍ଟ ସହାୟକ ହୋଇଥିବାର ଜଣାଯିବ। ନବଜାଗରଣ କାଳରୁ ସୃଷ୍ଟ ନୂତନ ଭିିତ୍ତିଭୂମି ଉପରେ ନୂତନ ସାହିତ୍ୟର ଜନ୍ମ ଓ ବିକାଶ ପରବର୍ତ୍ତୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟ ଅବଧି ଭିତରେ କିଭଳି ଗତିଶୀଳ, ତାହାର ସବିଶେଷ ଅବଧାରଣା ପାଇଁ ନିମ୍ନରେ ଉଲ୍ଲିଖିତ ଆଲୋଚନା ପର୍ଯ୍ୟାୟ ବା ସଂରଚନା ବିନ୍ୟାସ ଉପରେ ନିର୍ଭର କରାଯାଇପାରେ।

ସଂରଚନା ବିନ୍ୟାସ –

୩.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟ ଇତିହାସର ଦ୍ୱିତୀୟ ଭାଗ ପ୍ରଥମ ୟୁନିଟ୍‌ରେ ନିର୍ଦ୍ଦେଶିତ ପାଠ୍ୟ ଖସଡ଼ାର ପ୍ରସଙ୍ଗ ଗୁଡ଼ିକ ପୁନଃ ପୁନଃ ଆଲୋଚନା କଲେ ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ।ଓଡ଼ିଆ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ପ୍ରବର୍ତ୍ତନ ମୂଳରେ ସନ୍ନିହିତ କାରଣଗୁଡ଼ିକର ପରିଚୟ ମିଳିବ। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗଡ୍ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ କିପରି ପାଶ୍ଚାତ୍ୟରୁ ଆହୃତ ନୂଆ ଭାବାଦର୍ଶର ବାର୍ତ୍ତା ଦେଇଛି, ତାହାର ବ୍ୟାପକ ଚିତ୍ର ଜାଣିହେବ। ଓଡ଼ିଆ ସାହିତ୍ୟରେ ରେନେସାଁ ବା ନବଜାଗରଣ ସମ୍ପର୍କରେ ବାସ୍ତବ ଆଲେଖ୍ୟ ଉନ୍ମୋଚିତ ହେବ। ନବ ଯୁଗର ପ୍ରମୁଖ କବି ଓ ଲେଖକମାନଙ୍କ କୃତି ଓ କୃତିତ୍ୱ ଆଲୋଚନା ଦ୍ୱାରା ଏ କାଳର ବିଶେଷତ୍ୱ ଅନୁଭୂତ ହେବ। ଆଧୁନିକ ସାହିତ୍ୟ ବିକାଶରେ ପତ୍ରପତ୍ରିକାଗୁଡ଼ିକର ଅବଦାନ ସମ୍ପର୍କରେ ଅବଧାରଣା ଜନ୍ମିବ। କାବ୍ୟ, ଖଣ୍ଡକାବ୍ୟ, ଗୀତି କବିତା, ପ୍ରବନ୍ଧ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନୀ, ରମ୍ୟରଚନା, ଭ୍ରମଣବୃତ୍ତାନ୍ତ, ଅନୁବାଦ, ସମାଲୋଚନା ଆଦି ସାହିତ୍ୟର ବହୁମୁଖୀ ବ୍ୟାପ୍ତି କିଭଳି ଏକାଳରେ ପ୍ରକାଶ ପାଇଛି, ତାହାର ପ୍ରମାଣ ମିଳିବ। ପ୍ରାକ୍‌ସ୍ୱାଧୀନତା କାଳରେ ବିକଶିତ ଗଦ୍ୟସାହିତ୍ୟର ବିସ୍ତୃତ ପରିଚୟ ମିଳିବ। ସାମଗ୍ରିକ ଭାବେ ଆଧୁନିକ ସାହିତ୍ୟର ଭାବବସ୍ତୁ ସହିତ ଆଙ୍ଗିକ ବୈଚିତ୍ର୍ୟର ଦିଗନ୍ତ ଉନ୍ମୋଚିତ ହେବ। ପଠିତବ୍ୟ ପ୍ରସଙ୍ଗଗୁଡ଼ିକୁ ଭିିତ୍ତିକରି ସମ୍ଭାବ୍ୟ ପ୍ରଶ୍ନାବଳୀ ତଥା ଅନ୍ୟ ସହାୟକ ଗ୍ରନ୍ଥଗୁଡ଼ିକର ଆଭାସ ମଧ୍ୟ ମିଳିପାରିବ।

**୩.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ**

ଇଂରାଜୀ ରେନେସାଁ (Renaisence)ର ପରିଭାଷା ନବଜାଗରଣ ବା ନବ ଅଭ୍ୟୁଦୟ। ରେନେସାଁ ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ପୁନର୍ଜନ୍ମ। ୟୁରୋପୀୟ ଦେଶଗୁଡ଼ିକରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ମଧ୍ୟରେ କଳା, ସାହିତ୍ୟ, ବିଜ୍ଞାନ, ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ସମ୍ଭୂତ ହୋଇଥିବା ସାଂସ୍କୃତିକ ପୁନର୍ଜନ୍ମ (Cultural Rebirth) ନବଜାଗରଣ ଆନ୍ଦୋଳନର ପ୍ରମୁଖ ସମ୍ପଦ। ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥିତିଶୀଳ ବିଶ୍ୱାସ ସର୍ବସ୍ୱ ମାନବିକତାରେ ବ୍ୟାପକ ପରିବର୍ତ୍ତନ ସୃଷ୍ଟି ହୋଇ ଏ ସମୟରେ ଏକ ବୈପ୍ଲବିକ କାରଣ ସର୍ବସ୍ୱ ଜିଜ୍ଞାସା ବଳବତ୍ତର ହେଲା। ଇଟାଲିର ଫ୍ଲୋରେନ୍‌ସ ସହରରୁ ଆରମ୍ଭ ହୋଇଥିବା ଏହି ନବ ଆନ୍ଦୋଳନ ପରବର୍ତ୍ତୀ ସମୟରେ ପର୍ତ୍ତୁଗାଲ, ସ୍ପେନ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ହଙ୍ଗେରୀ, ନେଦରଲାଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ଦେଶକୁ ପରିବ୍ୟାପ୍ତ ହୋଇ ମାନବ ସଭ୍ୟତା ପାଇଁ ନୂତନ ମାର୍ଗ ପ୍ରକାଶ କଲା।

ଦାର୍ଶନିକ ଓ କବି ଦାନ୍ତେ (Dante Aligheiri, 1265-1321), ଫ୍ରାନ୍‌ସେସ୍‌କୋ ପେତ୍ରାର୍କ (Francesco Petrarch, 1304-1374), ବନ୍ଦୋ (Giotto di Bandore, 1267-1337), ଲରେଞ୍ଜୋ ଗିବେର୍ଟି (Lorenio Ghiberti, 1378-1455), ଫିଲପ୍ ବ୍ରୁନେଲେସ୍‌କ (Pillipo Brunelleschi, 1377-1446), ନିକଲୋ ମାକିଆଭେଲି (Machiavelli, 1469-1527), ଥମାସ୍ ମୋରେ (Thomas More, 1478-

1535), ଲିଓନାର୍ଦୋ ଦାଭିନ୍‌ସ (Leonardo da Vinei, 1452-1519), ମାଇକେଲ୍ ଆଞ୍ଜେଲୋ (Michelangelo, 1475-1568), ନିକୋଲାସ କୋପରନିକ୍‌ସ (Nicolaus Copernicus, 1473-1543), ଗାଲିଲିଓ (Galileo Galillei, 1564-1642), ଫ୍ରାନ୍ସିସ୍ ବେକନ୍ (Frencis Bacon, 1561-1626), ମାର୍ଟିନ ଲୁଥର୍ (Martin Luther, 1483-1546), ପ୍ରମୁଖ କବି, ଲେଖକ, ଭାସ୍କର୍ଯ୍ୟ ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ତଥା ଚିନ୍ତାଦାୟକମାନଙ୍କର ନୂତନ ଦୃଷ୍ଟିଭଙ୍ଗୀ ମାନବର ଚିନ୍ତାରାଜ୍ୟରେ ନୂତନ ଆଲୋକ ବିଛୁରିତ କଲା। ମାନବିକ ମୂଲ୍ୟବୋଧ, ନବ କଳା କୈବଲ୍ୟ, ବୈଜ୍ଞାନିକ ଦୃଷ୍ଟି, ସମାଜ କୈନ୍ଦ୍ରିକ ଧର୍ମମତବାଦ ଏ ସମୟର ପ୍ରଧାନ ଅବଦାନ, ଚିରାଚରିତ ଅନ୍ଧ ଅନୁକରଣ ଅପେକ୍ଷା ସମୀକ୍ଷାପୂର୍ବକ କାରଣ ସନ୍ଧାନ ଉପରେ ଗୁରୁତ୍ୱ ଆରୋପିତ ହେଲା। ସର୍ବୋପରି ମାନବୀୟ କଲ୍ୟାଣ ପ୍ରତି ସର୍ବଜନୀନ ଆବେଦନର ସୂତ୍ରପାତ ହେଲା।

ପ୍ରାକୃତିକ ଜଗତ ସମ୍ପର୍କରେ ବୈଜ୍ଞାନିକମାନଙ୍କର ନୂତନ ତଥ୍ୟ ଆବିଷ୍କାର ତଥା ସମାଜତା୍ୱିକ ନୂତନ ବିଚାରଧାରା ମଣିଷର ଚିନ୍ତନଶୈଳୀକୁ ଅତିମାତ୍ରାରେ ପ୍ରଭାବିତ କଲା। ପ୍ରାଚୀନ ଯୁଗର ଅନ୍ଧବିଶ୍ୱାସ କ୍ରମଶଃ ଅପସାରିତ ହୋଇ ବାସ୍ତବାୟକ ଜୀବନଧାରା ପ୍ରତି ଆଗ୍ରହ ଜାତ ହେଲା। ବସ୍ତୁସ । ପ୍ରତି ସନ୍ଦେହ ପ୍ରଦର୍ଶନ ପୂର୍ବକ ତାହାର ପରୀକ୍ଷା ନିରୀକ୍ଷା କରିବା ଏବଂ ସର୍ବଶେଷରେ ସତ୍ୟକୁ ଗ୍ରହଣ କରିବା ହେଉଛି ରେନେସାଁ କାଳର ବିଶେଷତ୍ୱ। ସବୁକାଳରେ କଳା ଓ ସାହିତ୍ୟରେ ନୂତନତାର ନିରାଜନା କରାଯାଇଥାଏ। ରେନେସାଁ କାଳର ବିବ ି ତ ଭାବଧାରା ୟୁରୋପୀୟ ସାହିତ୍ୟ ଜରିଆରେ ବିଶ୍ୱୋତମୁଖୀ ହୋଇଥିବାର ଲକ୍ଷ୍ୟ କରାଯାଏ। ବିଜ୍ଞାନ, ଶିକ୍ଷା, ଯୋଗାଯୋଗର ମାଧ୍ୟମ ଇତ୍ୟାଦି ଏହି ଆନ୍ଦୋଳନର ବାହକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଦେଖିବାକୁ ମିଳେ।

ପାଶ୍ଚାତ୍ୟ ମାନସଭୂମିକୁ ଆନ୍ଦୋଳିତ କରିଥିବା ଏହି ନବଜାଗରଣ ଊନବିଂଶ ଶତକରେ ଭାରତୀୟ ଚିନ୍ତନ-ରାଜ୍ୟକୁ ଅନୁପ୍ରବେଶ କରିଥିଲା। 'ଆଧୁନିକ ଓଡ଼ିଆ କାବ୍ୟଧାରା' ପୁସ୍ତକରେ ଡଃ ନରେନ୍ଦ୍ରନାଥ ମିଶ୍ର ଯଥାର୍ଥରେ କହିଛନ୍ତି "ଯେଉଁ ଇଉରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରି ଶହ ବର୍ଷର ବହୁ ସାଧନା, ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତ ବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ବା ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ।"

ରାଜା ରାମମୋହନ ରାୟ (୧୭୭୨-୧୮୩୩), ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୩୩), ମାଇକେଲ ମଧୁସୂଦନ ଦ  (୧୮୨୪-୧୮୭୩), କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ବଙ୍କିମଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪), ଜଗଦିଶଚନ୍ଦ୍ର ବୋଷ (୧୮୫୮-୧୯୩୭) ପ୍ରମୁଖ ବଙ୍ଗୀୟ ଦାର୍ଶନିକ, ଚିନ୍ତାନାୟକ, ସାହିତ୍ୟିକ, ବୈଜ୍ଞାନିକ ପ୍ରମୁଖ ନବଜାଗରଣର ବାହକ ଭାବରେ ଭାରତ ବର୍ଷରେ ଅଗ୍ରଗାମୀ ସଂକେତ ପ୍ରସାରଣ କରିପାରିଥିଲେ। "ପାଶ୍ଚାତ୍ୟ ସଂସ୍ପର୍ଶର ପରିମାଣରୁ ହିଁ ଓଡ଼ିଆର ମାନସ ଭୂମିରେ ସାଂସ୍କୃତିକ ନବ ଅଭ୍ୟୁଦୟ ପ୍ରତ୍ୟକ୍ଷ ହେଲା। ଏଠାରେ ମଧ ସେମାନଙ୍କ ରେନେସାଁସ୍ ଯୁଗୀୟ କର୍ମଧାରର ଅନୁରୂପତା କେତେକ ସ୍ଥଳରେ ଲକ୍ଷିତ ହୋଇଥିଲା। ଓଡ଼ିଶୀ ଚିନ୍ତାଧାରାରେ ବାସ୍ତବମୁଖୀ ଆବେଗ, ମାନବିକ ଚିନ୍ତନ ଏବଂ ଜାତୀୟ ଭାଷା –ସଂସ୍କୃତି

ଅଭିବୃଦ୍ଧିରେ ଆତ୍ମନିୟୋଗ କରିବା ପାଇଁ ଏକନିଷ୍ଠତା ପ୍ରକାଶ ପାଇଥିଲା।" ଡ. କ୍ଷେତ୍ରବାସୀ ନାୟକଙ୍କ ଏ ମନ୍ତବ୍ୟର ଯଥାର୍ଥତା ଅନୁଭବ କରିହୁଏ।

୩.୨ ଓଡ଼ିଶାରେ ନବଜାଗରଣ

ଇଂରେଜମାନଙ୍କ ଓଡ଼ିଶା ଆଗମନର ଅନେକ ବର୍ଷ ପରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କାଳଖଣ୍ଡରେ ନବ ଅଭ୍ୟୁଦୟ ଏ ଦେଶର ଭାବଭୂମିକୁ ପରିବ୍ୟାପ୍ତ ହୋଇଥିବାର ଲକ୍ଷ୍ୟକରାଯାଏ। ୧୮୦୩ ମସିହାରେ ଦେଓଗ୍ରାମ ସନ୍ଧି ଅନୁଯାୟୀ ଓଡ଼ିଶା ବ୍ରିଟିଶ କମ୍ପାନୀ ଶାସନାଧୀନ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନାନା ପରିବର୍ତ୍ତନର ସୂତ୍ରପାତ ହେଲା। ଖ୍ରୀଷ୍ଟିଆନ୍ ଶାସକମାନଙ୍କ ସହିତ ଖ୍ରୀଷ୍ଟିୟାନ ମିଶନାରୀମାନେ ଏହି ପରିବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କଲେ। ସେତେବେଳେ ଓଡ଼ିଶାର ରାଜତନ୍ତ୍ର ଖଣ୍ଡବିଖଣ୍ଡିତ। କେବଳ ନାମକୁ ମାତ୍ର ଗଜପତି ରାଜ ପରମ୍ପରା ରହିଥିଲା। ଗଡ଼ଜାତ ରାଜ୍ୟ ଓ ରାଜତନ୍ତ୍ରରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ। ପୂର୍ବର ମୁସଲମାନ, ମୋଗଲ ଓ ମରହଟ୍ଟା ଶାସନରେ ସମାଜରେ ଏକ ପ୍ରକାର ସ୍ଥାଣୁତା ଖେଳିଯାଇଥିଲା। ତେଣୁ ଖ୍ରୀଷ୍ଟିଆନମାନଙ୍କ ନୂତନ ପଦକ୍ଷେପ ଦ୍ୱାରା ଆକର୍ଷିତ ହୋଇ ରାଜୀନୀତିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନର ଧାରା ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ସଂଚରିତ ହେବାକୁ ଲାଗିଲା। ଏହି ବିବର୍ତ୍ତନ କାଳ ଯଦିଓ ଅନେକ ପ୍ରତିରୋଧ-ପ୍ରତିବାଦର ସଂଘର୍ଷ ଦେଇ ଗତି କରିଥିଲା, ତଥାପି ଶାସକ ଦ୍ୱାରା ଶାସିତର ଅଭିଳାଷ ଚରିତାର୍ଥ ହେବା ନ୍ୟାୟରେ ଓଡ଼ିଶାବାସୀ ଇଂରେଜମାନଙ୍କ କର୍ତ୍ତୃକ ପ୍ରଣୀତ ନୂତନ ବ୍ୟବସ୍ଥାକୁ ଆପଣାର କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହେବାରୁ ଏକ ସଚେତନଶୀଳ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଡେଲା। ଏମାନେ ଦେଶବିଦେଶରେ ଘଟୁଥିବା ପରିବର୍ତ୍ତନ ସହ ସମ୍ପର୍କ ରଖିବାର ସାମର୍ଥ୍ୟ ଅର୍ଜନ କରିପାରିଲେ। ବିଶେଷ କରି ପାଶ୍ଚାତ୍ୟ ସାହିତ୍ୟ ତଥା ପଡ଼ୋଶୀ ବଙ୍ଗଳା ଭାଷାର ନୂତନ ସାହିତ୍ୟର ସାନ୍ନିଧ୍ୟ ଲାଭକରି ଓଡ଼ିଶାରେ ଏକ ନବୀନ ସାହିତ୍ୟିକ ଗୋଷ୍ଠୀ ଆବିର୍ଭୂତ ହେଲେ। ସେମାନେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପାରିମ୍ପରିକ କଳାକଳେବର ପରିହାର କରି ଏକ ନୂତନ ରୁଚିର ପ୍ରବାହ ସୃଷ୍ଟି କରିପାରିଲେ, ଯାହା ଆଧୁନିକ ସାହିତ୍ୟ ଭାବରେ ଆତ୍ମପ୍ରକାଶ କଲା। ଧର୍ମ ପଣ୍ଡିତ ପ୍ରାଚୀନ ସାହିତ୍ୟର ପୌରାଣିକ ଆବେଦନ ଓ ରୀତି ଆଦର୍ଶ ମଣ୍ଡିତ ମଧ୍ୟଯୁଗୀୟ ସାହିତ୍ୟର ସାମନ୍ତବାଦୀ ବିଳାସକୁ ପରିହାର କରି ନବ ଚେତନା ଚିତ୍ରିତ ଆଧୁନିକ ଓଡ଼ିଆ ସାହିତ୍ୟର ଜୀବନବାଦୀ ଦୃଷ୍ଟିକୋଣ ଆତ୍ମପ୍ରକାଶ ମୂଳରେ ଅନେକ ସମୟୋପଯୋଗୀ କାରଣ ଅବଶ୍ୟ ସନ୍ନିହିତ। ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ଆବିଷ୍କ୍ରିୟାର ପ୍ରୟୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ରେଳପଥ ସଂଯୋଗ, ଡାକ ଓ ତାର ବିଭାଗ ପ୍ରତିଷ୍ଠା ଇତ୍ୟାଦି ଯୋଗୁ ଭାରତର ଜୀବନ ଧାରାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଲା। ଏଥିସହିତ ନୂତନ ଶିକ୍ଷାନୀତି ପ୍ରଚଳନ, ମୁଦ୍ରଣ ଯନ୍ତ୍ରର ସ୍ଥାପନ, ପତ୍ରପତ୍ରିକା ପ୍ରକାଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଆଦି ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନରେ ଯଥେଷ୍ଟ ସହାୟକ ହୋଇଥିବାର ଲକ୍ଷ୍ୟକରାଯାଏ।

୩.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

ନବଚେତନାର ମାଧ୍ୟମ ଭାବରେ ଇଂରେଜୀ ଶିକ୍ଷା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ପାଇଁ ସର୍ବ ପ୍ରଥମେ ମିଶନାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନଙ୍କ

ପଚେଷ୍ଟାରେ ୧୮୨୩ ମସିହାରେ ଏକ ଚାରିଟି ସ୍କୁଲ ପ୍ରଥମେ କଟକରେ ହିଁ ସ୍ଥାପିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଓଡ଼ିଶା ବିଭିନ୍ନ ଅଞ୍ଚଳରେ ସ୍କୁଲମାନ ପ୍ରତିଷ୍ଠା କରି ଇଂରାଜୀ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଜ୍ଞାନ ବିତରଣ ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ଥିଲା ମିଶନାରୀମାନଙ୍କ ଶିକ୍ଷା ପ୍ରସାରର ପ୍ରାଥମିକ ଉଦ୍ଦେଶ୍ୟ। ୧୮୩୫ ମସିହାରେ ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହେବାରୁ ପ୍ରକୃତପକ୍ଷେ ଏ ଦେଶର ଲୋକେ ଆଧୁନିକ ଶିକ୍ଷା ପ୍ରାପତ ହେବା ସହିତ ପାଶ୍ଚାତ୍ୟ ସଭ୍ୟତା ସଂସ୍ପର୍ଶରେ ଆସିପାରିଲେ। ଏହି ଅବସରରେ ଲର୍ଡ ମାକ୍‌ଲେଙ୍କ ଶିକ୍ଷା ଆଇନ ପ୍ରଣୟନ ପାଇଁ ନୂତନ ସୁପାରିଶକୁ ସ୍ମରଣ କରାଯାଇପାରେ। "We must at present do our best to form a class who may be interpreters between us and millions whom we govern, - a class of persons Indian in blood and colour, but English in tastes, in opinions, in morals and in intellect. To that class we may leave it to refine the vernacular dialectsof the country, to enrich these dialects with terms of science borrowed from the Western nomenclature and to render them by degrees fit vehicles for conveying knowledge to great mass of the population." (T.B. Macaulay-1835)

ପୁରୀ ଫ୍ରି ଏକାଡେମୀ (୧୮୩୫), କଟକ ଇଂଲିଶ ଚାରିଟି ସ୍କୁଲ (୧୮୪୧- ପରେ ତାହା କଟକ ଜିଲ୍ଲା ସ୍କୁଲରେ ପରିଣତ - (୧୮୮୫) ପୁରୀ ଜିଲ୍ଲା ସ୍କୁଲ (୧୮୫୩) ବାଲେଶ୍ୱର ଜିଲ୍ଲାସ୍କୁଲ (୧୮୫୩) ପ୍ରଭୃତି ସ୍ଥାପିତ ହୋଇ ଉପକୂଳ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରସାର ଓ ପ୍ରଚାର ଘଟିଲା। ୧୯୦୫ ମସିହାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳ ଓଡ଼ିଶା ସହ ମିଶି ବଙ୍ଗ ଶାସନାଧୀନ ହେବାରୁ ଏହି ଅଞ୍ଚଳରେ ଇଂରାଜୀ ଶିକ୍ଷାର ଶୁଭାରମ୍ଭ ହେଲା। ଅବଶ୍ୟ ତତ୍‌ପୂର୍ବରୁ ଦେଶୀୟ ରାଜାମାନଙ୍କ ଉଦ୍ୟମରେ ଏ ଦିଗରେ କେତୋଟି ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା। ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ଦେବଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ *୧୮୮୮), ପାଟଣା ରାଜା ରାମଚନ୍ଦ୍ର ଦେବ ୩ୟଙ୍କ ଦ୍ୱାରା ବଲାଙ୍ଗୀର ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୮୯୪) ପଶ୍ଚିମ ଓଡ଼ିଶାରେ ଇଂରାଜୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା। ୧୯୦୭ ମସିହା ବେଳକୁ ବଲାଙ୍ଗୀରରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲାର ଓ ମଧ୍ୟ ଭର୍ଣ୍ଣାକୁଲାର ଇଂରାଜୀ ସ୍କୁଲ, ସୋନପୁରରେ ଦୁଇଟି ମଧ୍ୟ ଇଂରାଜୀ ସ୍କୁଲ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା।

ଉନବିଂଶ ଶତାବ୍ଦୀର ନୂତନ ଶିକ୍ଷା ବ୍ୟବସ୍ଥାର ଦାୟାଦେ ଭାବରେ ଯେଉଁ ଶିକ୍ଷିତ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ରେନେସାଁ ଆଣିବାକୁ ସମର୍ଥ ହେଲେ, ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ୍, ଫକୀରମୋହନ ସେନାପତି, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ସାଧୁ ଚରଣ ରାୟ, ମଣିଚରଣ ମହାପାତ୍ର,ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା, ରେବାରାୟ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ, ଗୋପବନ୍ଧୁ ଦାଶ, ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଅଜୟଚନ୍ଦ୍ର ଦାସ ପ୍ରମୁଖଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ପରେ କଲିକତା ପ୍ରେସିଡେନ୍ସି କଲେଜରେ ଏଫ. ଏ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରତିଭାବନ୍ତ ସ୍ରଷ୍ଟା ରାଧାନାଥ ରାୟ ହିଁ ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ମନ୍ତ୍ରଦାତା ରୂପେ ଆଲୋଚିତ। ଇଂରେଜ ଶିକ୍ଷା ଅନୁଷ୍ଠାନ ସଂସର୍ଗ ହିଁ ତାଙ୍କୁ ନୂତନ ଭାବ ରାଜ୍ୟରେ ଅନୁପ୍ରବେଶ ପାଇଁ ଉତ୍ସାହିତ କରିଥିଲା ଏବଂ ପରବର୍ତ୍ତୀ କାଳରେ ଇଂରେଜ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ପ୍ରଭାବିତ ହୋଇ ସେ ବହୁ ପରୀକ୍ଷାନିରୀକ୍ଷାର ପ୍ରୟୋଗ ପୂର୍ବକ ଆଧୁନିକ ସାହିତ୍ୟର ବିଶାଳ ସୌଧ ନିର୍ମାଣରେ ସମର୍ଥ ହୋଇପାରିଥିଲେ। ଉଚ୍ଚ ଶିକ୍ଷିତ ରାଧାନାଥ ଇଂରେଜ କବି ସେର୍, ସେକ୍‌ସପିଅର, ସ୍ପେନସର, କାଉପର, ମିଲଟନ, ଗୋଲଡସ୍ମିଥ୍, ବାଇରନ୍, ସ୍କଟ, ମେଲି, ଓ୍ୱାର୍ଡସଓ୍ୱାର୍ଥ, ଟେନିସନ ପ୍ରମୁଖଙ୍କ କାବ୍ୟ ନାଟକାଦି

ପାଠ କରିଥିଲେ। ତତ୍ ସହିତ ବଙ୍ଗଳାର କବି ଭାରତଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ ମଧୁସୂଦନ ଦ ପ୍ରମୁଖଙ୍କୁ ଗଭୀର ଭାବେ ଅଧ୍ୟୟନ କରି ସର୍ଜନଶକ୍ତିକୁ ନୂତନେ ମାର୍ଗରେ ପରିଚାଳିତ୍ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ। ହୁଗୁଳି କଲେଜରୁ ଏଫ.ଏ. ଶିକ୍ଷା ପ୍ରାପ୍ତ ଜଗମୋହନ ଲାଲ୍‌ଙ୍କର ଉଚ୍ଚ ଇଂରାଜୀ ଜ୍ଞାନ ତାଙ୍କୁ ନୂତନ ସାହିତ୍ୟକର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା। 'ଭ୍ରମଭଂଜନ' (୧୮୬୮) ଭଳି ପ୍ରସିଦ୍ଧ ଅନୁଦିତ କାବ୍ୟ (ଥୋମାସ୍ ପାର୍‌ନେଲ୍‌ଙ୍କ ଦା ହାରମିଟ୍ ) ର ରଚନା ସହିତ ଓଡ଼ିଆ ଭାଷାର ଆଦି ନାଟକ ବାବାଜୀ ନାଟକ ରଚନା କରି ସେ ସଂସ୍କାର ବୋଧର ଯେଉଁ ନିଦର୍ଶନ ଦେଇଛନ୍ତି, ତାହା ଉଚ୍ଚ ଶିକ୍ଷାର ଫଳଶ୍ରୁତି।

ଭକ୍ତକବି ମଧୁସୂଦନ ରାଓ ଏଫ.ଏ. ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ଛାତ୍ରାବସ୍ଥାରୁ ଇଂରେଜୀ ସାହିତ୍ୟର ବହୁ ସ୍ରଷ୍ଟାଙ୍କ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ରାଧାନାଥଙ୍କ ସଂସ୍ପର୍ଶରେ ଆସି ନୂତନ ଧାରାର ବାହକ ହୋଇପାରିଥିଲେ। ସେ ଇଂରେଜୀ ସହିତ ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିବାରୁ ତାଙ୍କ ରଚନାବଳୀରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ପରିଲକ୍ଷିତ ହୁଏ। ଜର୍ମାନ କବି ଗେଟେଙ୍କର ଜୀବନାଦର୍ଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଂକ କଂଠରୁ ନିର୍ଗତ ହୋଇଥିଲା - "More light, More air, May German Father Goethe come.' ଉଚ୍ଚଶିକ୍ଷା ପ୍ରଭାବରୁ ହିଁ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟ ଜୀବନ ସମୃଦ୍ଧ ହୋଇଥିଲା। ଡ. ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଛନ୍ତି "ଏ ଶିକ୍ଷା ଏ ସୃଷ୍ଟି ଆଦର୍ଶ ବିନା ଗୋଟିଏ ପଲ୍ଲୀଚିତ୍ର, ଗୋଟିଏ ନିର୍ଝରିଣୀ, ଗୋଟିଏ ନାନାବାୟା ଗୀତ, ଏ ସାହିତ୍ୟରେ କେବେ ସମ୍ଭବପର ହୋଇଥାନ୍ତା ବୋଲି ବିଶ୍ୱାସ କରି ହେଉନାହିଁ।"

ଆଦି ପର୍ଯ୍ୟାୟରେ ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ଏଫ. ଏ. ପଢ଼ିବା କାଳରେ ଇଂରେଜ ସାହିତ୍ୟ ସହିତ ବିଶେଷ ପରିଚୟ ଲାଭ କରିଥିଲେ। ଏଥିସହିତ ବଙ୍ଗଳା ଭାଷା ସାହିତ୍ୟ ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ବ୍ୟଙ୍ଗ ବିଦ୍ରୁପ ଜରିଆରେ ସମାଜ ସଂସ୍କାର ମୂଳକ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରସିଦ୍ଧି ଏଇ ଉଚ୍ଚ ଶିକ୍ଷାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ଅନ୍ୟତମ ପ୍ରବ ର୍କ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ଉଚ୍ଚ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ପାଶ୍ଚାତ୍ୟାଦର୍ଶର ସାହିତ୍ୟ ସହିତ ପରିଚିତ ଥିଲେ। ସେମାନଙ୍କ ସୃଷ୍ଟିରେ ପ୍ରାଚ୍ୟ-ପାଶ୍ଚାତ୍ୟ ସମନ୍ୱୟବାଦୀ ଭାବନାର ପରିପ୍ରକାଶ ମୂଳରେ ନୂତନ ପରିବେଷ୍ଟନୀର ପ୍ରଭାବ ସ୍ପଷ୍ଟଲକ୍ଷ୍ୟ କରାଯାଏ।

ସତ୍ୟବାଦୀର ଗୋପବନ୍ଧୁ, ନୀଳକଣ୍ଠ, ଗୋଦବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ପ୍ରମୁଖ ଉଚ୍ଚ ଶିକ୍ଷିତ ଥିଲେ। ଏଇ ଉଚ୍ଚଶିକ୍ଷା ହିଁ ସେମାନଙ୍କ ସାହିତ୍ୟିକ କୃତିତ୍ୱରେ ନୂତନତାର ପ୍ରାଣସ୍ପନ୍ଦନ କରିଦେବା ସହ ଜାତୀୟତାବାଦ ଚେତନାକୁ ଋଦ୍ଧିମନ୍ତ କରିଥିଲା।ଉଚ୍ଚ ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିବାର ମୁକ୍ତ ସ୍ୱୀକାର ଗୋପବନ୍ଧୁଙ୍କର ଏକ କବିତାରୁ ଲକ୍ଷ୍ୟକରିହେବ। ରେଭେନ୍ସା କଲେଜରୁ ବିଦାୟ' ଶୀର୍ଷକ କବିତାରେ ମାତୃକଳ୍ପ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେ ନିବେଦନ କରିଛନ୍ତି -

କିନ୍ତୁ ମୋ ମନ ନୟନ କରି ମାତା ଉନ୍ମୀଳନ
ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,
ଆମରଣ ତହିଁ ଯୋଗେ ହେବି କୃତ୍ୟ କୃତ୍ୟ।
ଶିଖାଉଛ ଯେଉଁ ଶିକ୍ଷା ଦେଇଅଛ ଯେଉଁ ଦୀକ୍ଷା
ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,
ଏହି ଶିକ୍ଷା ଅକି ନ କରେ ଶ୍ରୀଚରଣେ। (ଅବକାଶ ଚିନ୍ତା)

ପାଶ୍ଚାତ୍ୟ ଚିନ୍ତାଦର୍ଶ ହିଁ ଓଡ଼ିଆ ସାରସ୍ୱତ ସମ୍ଭାରକୁ ସମୃଦ୍ଧ କରିବା ସହିତ ନବ ଉନ୍ମେଷ ପର୍ବର ସ୍ଥିତିକୁ ସଦୃଢ଼ କରିପାରିଥିଲା। ନବ ଅଭ୍ୟୁଦୟର ଏହି ପ୍ରମୁଖ କାରଣଟି ସମ୍ଭବ ହୋଇପାରିଥିଲା ମାକେଲଙ୍କ ଶିକ୍ଷାନୀତି ପ୍ରଣୟନ ଯୋଗୁଁ। ତତ୍‌ପୂର୍ବରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିଲେ ଜାତି ଯିବ ଧର୍ମହାନି ଘଟିବ ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ପୂରି ରହିଥିଲା। ମାକେଇ ଶିକ୍ଷାନୀତି ଅନୁଯାୟୀ ଇଂରାଜୀ ଶିକ୍ଷାଗ୍ରହଣ ବିନାେ ସରକାରୀ ଚାକିରି ପାଇବା ଅସମ୍ଭବ ଘୋଷିତ ହେଲା। ଜୀବିକାର୍ଜନ ଉଦ୍ଦେଶ୍ୟରେ କ୍ରମଶଃ ଇଂରାଜୀ ଶିକ୍ଷା ପ୍ରତି ଲୋକମାନଙ୍କ ମଧରେେ ଆଗ୍ରହ ପ୍ରକଟିତ ହେଲା ଏବଂ ସେହି ସୂତ୍ରରେ ଓଡ଼ିଶାରେ କ୍ରମଶଃ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ଅନୁଚିନ୍ତା ଅନୁପ୍ରବେଶ କରିବାରେ ସଫଳ ହୋଇପାରିଥିଲା। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବ ର୍ନ ହିଁ ସାହିତ୍ୟର ଗତି ବଳାଇ ଦେଇଥିଲା। ଉନବିଂଶ ଶତକରେ ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ସୂତ୍ରପାତେ ହୋଇଥିବାେ ଏହି ନବ ଅଭ୍ୟୁଦୟ ମୂଳରେ ପାଶ୍ଚାତ୍ୟ ଶିକ୍ଷାର ଅବଦାନ ତେଣୁ ସର୍ବାଦୌ ସ୍ମରଣୀୟ ହୋଇ ରହିବ।

### ୩.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

ଓଡ଼ିଆ ସାହିତ୍ୟରେ ନବଜାଗରଣର ଦ୍ୱାର ଉନ୍ମୁକ୍ତ କରିବାରେ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଅବଦାନ ନଅଭୂତ ହୁଏ। ୧୮୨୧ ମସିହାରେ ମିଶନାରୀମାନଙ୍କ ଦ୍ୱାରାେ କଲିକତାର ଶ୍ରୀରାମପୁରରୁ ପ୍ରଥମେ ଓଡ଼ିଆ ଅକ୍ଷରର ବାଇବେଲ ଛପା ହୋଇେ ଓଡ଼ିଶରେ ବ । ଯାଇଥିଲା। ସମ୍ଭବତଃ ବାଇବେଲ ହିଁ ଓଡ଼ିଆରେ ପ୍ରଥମ ଛପା ଅକ୍ଷର ବହି। ତତ୍‌ପୂର୍ବରୁ ଲେଖନୀ ଦ୍ୱାରା ଖୋଦିତ ତାଳପତ୍ର ପୋଥି ହିଁ ଥିଲା ସାହିତ୍ୟ ସଂବହନର ମାଧ୍ୟମ। ଖ୍ରୀଷ୍ଟୀୟାନ୍ ମିଶନାରୀ ମାନଙ୍କ ଉଦ୍ୟମରେ ପ୍ରଥମେ ଛପା ଅକ୍ଷରରେ ପୁସ୍ତକ ପ୍ରକାଶ କରିବାର ଶୁଭାରମ୍ଭ ହେବା ଏ ଦେଶରେ ସାହିତ୍ୟିକ ଓ ସାଂସ୍କୃତିକ ପରିମଣ୍ଡ ପାଇଁ ଥିଲା ଅନ୍ୟ ଏକ ବରଦାନ। ସେମାନେ ଯଦିଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇ ପୁସ୍ତକମାନ ପ୍ରସ୍ତୁତ କରୁଥିଲେ, ତାହାରି ଭିତରେ ହିଁ ଏ ଦେଶର ଜନସାଧାରଣ ମାତୃଭାଷା ଅକ୍ଷରର ନୂତନ ରୂପରେଖ ଦର୍ଶନ କରି ଆମୋଦିତ ହେବାର ସୌଭାଗ୍ୟ ଲାଭ କରିଥିଲେ।

ଭାରତର ଅନ୍ୟ ସବୁ ଅ ଳ ପରି ଓଡ଼ିଶାରେ ମଧ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିଆନ୍ ମିଶନାରୀମାନେ ପ୍ରଥମେ ଆରମ୍ଭ କରିଥିଲେ। ସେମାନେ ସର୍ବପ୍ରଥମେ କଟକରେ ୧୮୩୬ ମସିହାରେ 'ଓଡ଼ିଅଶା ମିଶନ ପ୍ରେସ୍' ପ୍ରତିଷ୍ଠା କରିଥିଲେ। ଏହାହିଁ ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣାଳୟ। କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଆ ଅକ୍ଷରରେ ପୁସ୍ତକମାନ ପ୍ରକାଶ ପାଇଥିଲା ଏଇ ମିଶନାରୀମାନଙ୍କ ଦ୍ୱାରା। ଶ୍ରୀରାମପୁରରେ ପ୍ରତିଷ୍ଠିତ ଛାପାଖାନାରୁ ପ୍ରଥମ ଓଡ଼ିଆ ବହି ନିଉଟେଷ୍ଟାମେ (New Testament) ପ ମ ଭାଗ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା। ଏହା ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଓଡ଼ିଆରେ ଅନୁବାଦିତ ହୋଇଥିଲା। ଓଡ଼ିଆ ସୀସା ଅକ୍ଷରଛା ପ ।ନନ କର୍ମକାର ନାମକ ଜଣେ କାରିଗର ପାଦ୍ରୀମାନଙ୍କ ତ ୍ୱାବଧାନରେ ତିଆରି କରିଥିଲେ। ମିସନପ୍ରେସ୍ ପ୍ରତିଷ୍ଠିତ ହେବା ପରେ ସେଠାରୁ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ବଳିତ ପୁସ୍ତକମାନ ପ୍ରକାଶିତ ହୋଇ ବ ନ ଆରମ୍ଭ ହେଲା। ୧୮୪୯ ମସିହାରେ ଉଇଲିୟମ୍ ସି.ଲେସିଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ପ୍ରକାଶ ପାଇଲା। ୧୮୫୬ ମସିହାରେ ପୁନଶ୍ଚ ସେଇ ପାଦ୍ରୀମାନଙ୍କ ଉଦ୍ୟମରେ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକା ଏବଂ ୧୮୬୧ ମସିହାରେ ଉର୍ଣ୍ଣାକୁଲାର ଲିଟେରେଚର ସୋସାଇଟି ତରଫରୁ 'ଅରୁଣୋଦୟ' ନାମରେ ଏକ ମାସିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ଏ ସମସ୍ତ ପତ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ ପାଇଥିଲା ଏବଂ ଏଗୁଡ଼ିକରେ ବ୍ୟବହୃତ ଓଡ଼ିଆ ଭାଷା ଅପରିପକ୍ୱ ଥିଲା।

ଓଡ଼ିଆ ନବଜାଗରଣ ପାଇଁ ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକର ଭୂମିକା ପ୍ରଶଂସାର୍ହ। ଉତ୍କଳ ଦୀପିକା (୧୮୬୬), ଉତ୍କଳ ଦର୍ପଣ (୧୮୭୩), ଉତ୍କଳପତ୍ର (୧୮୭୩), ବୋଧଦାୟିନୀ (୧୮୬୮), ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ମଧୁପ (୧୮୭୮), ପ୍ରଜାବନ୍ଧୁ (୧୮୮୨), ସଂସ୍କାରକ (୧୮୮୩), ଶିକ୍ଷାବନ୍ଧୁ (୧୮୮୬), ସମ୍ବଲପୁର ହିତେଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୨), ଉତ୍କଳ ସାହିତ୍ୟ (୧୮୯୭), ଗଞ୍ଜାମ ଓଡ଼ିଆ

ହିତବାଦିନୀ (୧୮୯୯), ମୁକୁର (୧୯୦୫), ଆଶା (୧୯୧୩) ଓ ସତ୍ୟବାଦୀ (୧୯୧୫) ପ୍ରଭୃତି ପତ୍ରପତ୍ରିକାଗୁଡ଼ିକର କୃତିତ୍ୱ ବିଚାର୍ଯ୍ୟ।

୧୮୬୬ର ନିଦାରୁଣ ନଅଙ୍କ ଦୁର୍ଭିକ୍ଷ ବର୍ଷ ଓଡ଼ିଶାର ଦ୍ୱିତୀୟ ଛାପାଖାନା କଟକ ପ୍ରି ିଂ କମ୍ପାନୀ ପ୍ରେସ୍ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଏବଂ ସେହିଠାରୁ ସର୍ବପ୍ରଥମ ସାପ୍ତାହିକ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହେଲା। ଓଡ଼ିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭିକ ଭାବରେ ପ୍ରକାଶ କରି ଏହାର ସମ୍ପାଦକ ଗୌରୀଶଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନବଯୁଗର ବା ର୍ା ସଂଚାର ପାଇଁ ଅ ।ଭିଡ଼ିଥିଲେ। ସେ ସମୟରେ କେତେକ ବଂଗାଳୀ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ସ୍କୁଲମାନଙ୍କରୁ ଉଠାଇଦେଇ ବଙ୍ଗଭାଷା ଓ ଲିପି ପ୍ରଚଳନ ପାଇଁ ହୀନ ଉଦ୍ୟମ କରିଥିଲେ। ମାତ୍ର 'ଉତ୍କଳ ଦୀପିକା' ମାଧ୍ୟମରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ତତ୍କାଳୀନ ବାଲେଶ୍ୱର ଜିଲ୍ଲା କଲେକ୍ଟର ଜନ ବିମ୍ସ ଓ ଓଡ଼ିଶାର କମିଶନର ମି. ରେଭେନ୍ସା ସାହେବଙ୍କ ସହାୟତାରେ ତାର ପ୍ରତିଶୋଧ କରି ଏହି ଆନ୍ଦୋଳନକୁ ପଣ୍ଡ କରିପାରିଥିଲେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଉର୍ବର କ୍ଷେତ୍ର ସ୍ଥାପନ କରିଥିଲେ। ପରବ ର୍ୀ ସମୟରେ ଓଡ଼ିଶାରେ ପ୍ରତିଷ୍ଠିତ ମୁଦ୍ରଣଖାନାଗୁଡ଼ିକର ଏକ ସାରଣୀ ନିମ୍ନରେ ପ୍ରଦ  ।

୧୮୬୮ - ଉତ୍କଳ ପ୍ରି ିଂ କୋମ୍ପାନୀ, ବାଲେଶ୍ୱର

୧୮୭୩ - ଦେ ପ୍ରେସ୍, ବାଲେଶ୍ୱର

୧୮୭୩ - ଓଡ଼ିଶା ପେଟ୍ରିଅଟ୍ ପ୍ରେସ୍, କଟକ

୧୮୭୫ - ଶ୍ରୀମସ୍ତରାମୃତ ସିନ୍ଧୁ ପ୍ରେସ୍, ବ୍ରହ୍ମପୁର

୧୮୭୯ - ମୟୂରଭଞ୍ଜ ପ୍ରେସ୍, ବାରିପଦା

୧୮୮୫ - ଭିକ୍ଟୋରିଆ ପ୍ରେସ୍, କଟକ

୧୮୮୫ - ଜଗନ୍ନାଥ ବଲ୍ଲଭ ପ୍ରେସ୍, ବାମଣ୍ଡା

୧୮୮୫ - ଗଜପତି ଭୀମଦେବ ପ୍ରେସ୍, ବଡ଼ଖେମୁଣ୍ଡି

୧୮୯୦ - ପୁରୀ ପ୍ରି ିଂ କର୍ପୋରେସନ, ପୁରୀ

୧୮୯୩ - ଅରୁଣୋଦୟ ପ୍ରେସ୍, କଟକ

୧୮୯୪ - ରାୟ ପ୍ରେସ୍, କଟକ

୧୮୯୬ - ଗଜପତି ପ୍ରେସ୍, ପାରଳାଖେମୁଣ୍ଡି

୧୮୯୭ - ଉତ୍କଳ ସାହିତ୍ୟ ପ୍ରେସ୍, କଟକ

୧୮୯୯ - ବିନୋଦ ପ୍ରେସ୍, ବାଲେଶ୍ୱର

୧୯୦୨ - ବୌଦରାଜ ପ୍ରେସ୍, ବୌଦ

୧୯୧୦ - ମୁକୁର ପ୍ରେସ୍, କଟକ

ପରବ ର୍ୀ ସମୟରେ ଆହୁରି ଅନେକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲେ ହେଁ ଉପର୍ଯ୍ୟୁକ୍ତ ପ୍ରେସ୍‌ଗୁଡ଼ିକରୁ ଅଧିକାଂଶ ଓଡ଼ିଆ। ନବଜାଗରଣର ବା ର୍ାବିହ ଭାବରେ ଅବତୀର୍ଣ୍ଣ ହୋଇଥିଲେ।

ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ପ୍ରି ିଂ କମ୍ପାନୀ'କୁ ଆଧାରକରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା ପ୍ରକାଶ ପାଇଲା। ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସ୍‌ରୁ ୧୮୭୩ରେ ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ଆତ୍ମପ୍ରକାଶ କଲା। ଏହି ପତ୍ରିକା ହିଁ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରମୁଖଙ୍କ ଗଦ୍ୟ ଓ ପଦ୍ୟ ରଚନାକୁ ସ୍ଥାନଦେଇ ନୂତନ ପ୍ରବାହ ସୃଷ୍ଟିକଲା। ରାଧାନାଥଙ୍କ ଦ୍ୱାରା ରଚିତ 'ବିବେକୀ' ପ୍ରବନ୍ଧ ପ୍ରଥମେ ଏହି ପତ୍ରିକାରେ ହିଁ ସ୍ଥାନ ପାଇଥିଲା। ନବ ଚିନ୍ତନର ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ଓଡ଼ିଆ ସାହିତ୍ୟରେ ରେନେସାଁ ସୃଷ୍ଟିର ଐତିହାସିକ ଭୂମିକା ନିଭାଇବାରେ ଉତ୍କଳଦର୍ପଣ ଅବିସ୍ମରଣୀୟ ହୋଇ ରହିବ।

ଉତ୍କଳ ସଭା ଆନୁକୂଲ୍ୟରେ କଟକରୁ ଉତ୍କଳ ମଧୁପ ପତ୍ରିକା ୧୮୭୮ରେ ପ୍ରକାଶ ପାଇଲା। ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟସାହିତ୍ୟ ପରିପନ୍ଥୀ ଉତ୍କଳର ଯେଉଁ ସମ୍ପାହୀ ଯୁବକମାନେ ନୂତନ ସାହିତ୍ୟ ସୃଷ୍ଟିପାଇଁ ଅ ।ଭିଡ଼ିଥିଲେ, ସେମାନଙ୍କର ନେତୃତ୍ୱ ନେଇଥିଲେ ରାମଶଙ୍କର ରାୟ। ତାଙ୍କର ସୌଦାମିନୀ (ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସ) ଓ ପ୍ରେମତରୀ ଏଥିରେ ପ୍ରକାଶ ପାଇଥିଲା। ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଆଧୁନିକ-ପ୍ରାଚୀନ ସଂଘର୍ଷ ଏଇ ପତ୍ରିକାକୁ କେନ୍ଦ୍ରକରି ଆରମ୍ଭ ହୋଇଥିଲା।

ବାମଣ୍ଡା ରାଜାଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ୧୯୨୩ ପର୍ଯ୍ୟନ୍ତ ନିରନ୍ତରତା ରକ୍ଷା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲା। ରାଧାନାଥଙ୍କର 'ପାର୍ବତୀ' (୧୮୯୦), ଯଯାତିକେଶରୀ (୧୮୯୪), 'ଦରବାର' କାବ୍ୟର କିଛି ଅଂଶ (୧୮୯୪) ହିତୈଷିଣୀର ପୃଷ୍ଠାମଣ୍ଡନ କରିଥିଲା। ନନ୍ଦକିଶୋରଙ୍କ ପଲ୍ଲୀଚେତନାରେ ସମ୍ବଳିତ ଅନେକ ନୂଆ ନୂଆ ରୁଚିର କବିତା ଯଥା - ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ଖଳା ଇତ୍ୟାଦି ଏଥିରେ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇଥିଲା। ଏହି ପତ୍ରିକାର ଅନ୍ୟତମ ଐତିହାସିକ ଅବଦାନ ହେଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ (୧୮୯୪) ବିରୁଦ୍ଧରେ ଜନମତ ସୃଷ୍ଟିକରିବା ସହିତ ମଧ୍ୟପ୍ରଦେଶ ଶାସନ କ ୃତ୍ୱକୁ ମୁକ୍ତକରି ସମ୍ବଲପୁରକୁ ଓଡ଼ିଶା ସହ ସଂଯୁକ୍ତ କରିବା। ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୨) ପତ୍ରିକା ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ରଚନାକୁ ଗୁରୁତ୍ୱଦେଇ ରେନେସାଁ ଧାରାକୁ ଶକ୍ତିଶାଳୀ କରିଥିଲା। ଏହି ପତ୍ରିକା ସର୍ବପ୍ରଥମେ ଲେଖକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବାର ପରମ୍ପରା ସୃଷ୍ଟି କରିଥିଲା। ରାଥାନାଥଙ୍କ ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଇତ୍ୟାଦି କାବ୍ୟ, ମଧୁସୂଦନଙ୍କ ଋଷିପ୍ରାଣେ ଦେବାବତରଣ (୧୮୯୧), ଫକୀରମୋହନଙ୍କ 'ନିଦାଘ ନିଶିଥ ସ୍ୱପ୍ନ' ଆଦି ନୂତନ ଭାବଧାରା ନେଇ ଏଇ ପତ୍ରିକାରେ ପ୍ରକାଶ ପାଇଥିଲା।

'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ଅନ୍ୟତମ ସାରଥି। ପ୍ରବୀଣ ଓ ତରୁଣ ଲେଖକମାନଙ୍କୁ ସ୍ଥାନଦେଇ ଏହାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ନୂତନତାର ବାହକ ସାଜିଥିଲେ। ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ପ୍ରକାଶିତ ହୋଇ 'ଉତ୍କଳ ସାହିତ୍ୟ' ନବୀନ ଧାରକୁ ପରିପୁଷ୍ଟ କରିଥିଲା। ବିଶ୍ୱନାଥ କର ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇଥିବାରୁ ଉତ୍କଳ ସାହିତ୍ୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ ରଚନାବଳୀ ସମେତ ଆଧୁନିକ ଗଳ୍ପ, ଉପନ୍ୟାସ, ପୁସ୍ତକ ସମାଲୋଚନା, ପୁରାତନ କବିମାନଙ୍କ ସମ୍ପର୍କରେ ବିଶେଷ ରଚନା ଏତିରେ ସ୍ଥାନ ପାଇଥିଲା। ମଧୁସୂଦନ ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ମୋହିନୀ ମୋହନ ସେନାପତି, ସତ୍ୟାରାୟଣ ରାଜଗୁରୁ, କାମପାଳ ମିଶ୍ର, ଚନ୍ଦ୍ରମୋହନ ମହାରଣା, ଜଳନ୍ଧର ଦେବଙ୍କ ପରି ଲେଖକମାନଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ କରି ନୂତନ ଚେତନାଧାରାକୁ ସେ ଏଥିରେ ବଳବ ର କରିଥିଲେ। ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' (୧୮୯୮) ଏହି ପତ୍ରିରେ ସ୍ଥାନିତ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଅନ୍ୟଦୁଇଟି ପତ୍ରିକା ଇନ୍ଦ୍ରଧନୁ (୧୮୯୩) ଓ ବିଜୁଳି (୧୮୯୩) ଯଥାକ୍ରମେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ବିତର୍କମୂଳକ ବାତାବରଣ ସୃଷ୍ଟିକରି ପାଠକୀୟ ଦୃଷ୍ଟିଭଙ୍ଗୀରେ ବିବ ର୍ନ ଆଣିବାକୁ ଉଦ୍ୟମ କରିଥିଲେ।

ବିଂଶ ଶତାବ୍ଦର ଆଦ୍ୟପାଦରେ ମୁକୁର (୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯) ନବଭାରତ (୧୯୩୪), ଆଧୁନିକ (୧୯୩୬) ଇତ୍ୟାଦି ପତ୍ରିକା ଓଡ଼ିଆ ସାହିତ୍ୟର ଧାରା ଓ ଧାରାକୁ ବହୁମାତ୍ରାରେ ପରିବ୍ୟାପ୍ତ କରିଥିବାର ଜଣାଯାଏ। ଗୋପବନ୍ଧୁ, ନୀଳକଣ୍ଠ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ପ୍ରମୁଖଙ୍କୁ ସ୍ଥାନଦେଇ ଏହାର ସମ୍ପାଦକ ବ୍ରଜସୁନ୍ଦର ଦାସ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। 'ମୁକୁର ଉପନ୍ୟାସମାଳା' କ୍ରମରେ ଉପନ୍ୟାସ ସାହିତ୍ୟର ପ୍ରଚାର ଓ ପ୍ରସାର ସେ ଘଟାଇଥିଲେ। ଏଥିସହିତ ସଂସ୍କାରଧର୍ମୀ ପ୍ରବନ୍ଧ ଯଥା ଶ୍ରୀବାସ ପଣ୍ଡାଙ୍କ 'ଯୁବତୀ ବିବାହ', 'ସ୍ତ୍ରୀ ଶିକ୍ଷା' ନୀଳକଣ୍ଠଙ୍କ 'ମୋ ନିଶ', ଗୋପବନ୍ଧୁଙ୍କ 'ବିବାହରେ ଅର୍ଥ ପ୍ରସଙ୍ଗ' ଆଦି ପ୍ରକାଶିତ ହୋଇ 'ମୁକୁର' ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରବ ୍ର୍ତୀ ସମୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦନାରେ ସହକାର ପତ୍ରିକା ଉପନ୍ୟାସ ପ୍ରକାଶନକୁ ପ୍ରାଧାନ୍ୟ ଦେଇଥିଲା। ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗତିମୁଖର ହୋଇଥିଲା। ପରମ୍ପରା, ସଂସ୍କୃତି, ଇତିହାସ କିମ୍ବଦନ୍ତୀକୁ ଆଧୁନିକ ଛା ରେ ପ୍ରକାଶ କରି ଜାତୀୟତାବାଦ ବିକାଶରେ ଏହା ବେଶ୍ ସହାୟକ ହୋଇଥିଲା।

ପତ୍ରପତ୍ରିକାଗୁଡ଼ିକ ହିଁ ସାହିତ୍ୟର ଆଦ୍ୟ ବାହକ। ଏ ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ରେନେସାଁ ପାଇଁ ସେ ସମୟରେ ପ୍ରକାଶିତ ପତ୍ରପତ୍ରିକା ସମୂହର ଗୁରୁତ୍ୱ ଉପଲବ୍ଧ ହୋଇଥାଏ।

### ୩.୫ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରତିଷ୍ଠା କରିବାରେ ଊନବିଂଶ ଶତକର ଶେଷପାଦରେ ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଅବଦାନ ସ୍ମରଣଯୋଗ୍ୟ। ତତ୍ପୂର୍ବରୁ ସଂସ୍କୃତି ଓ ସାହିତ୍ୟର ଆଲୋଚନା ପାଇଁ ଚଉପାଢ଼ୀ, ଭାଗବତ ଟୁଙ୍ଗୀ, ଅଲେଖଗାଦି ଭଳି ପ୍ରାଚୀନ ଅନୁଷ୍ଠାନ ଅବଶ୍ୟ ରହିଥିଲା। ସେଗଡ଼ିକ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଧର୍ମାନୁଷଙ୍ଗ ସାଧନରେ ସହାୟକ ହେଉଥିଲା। ଅପର ପକ୍ଷରେ ଊନବିଂଶ ଶତକରେ ଶିକ୍ଷିତ ମଧ୍ୟବି ଗୋଷ୍ଠୀ ଜାତୀୟ ବିକାଶରେ ଆଗଭର ହେବାରୁ ଏ ଦିଗରେ ପରିବ ୍ର୍ତନର ଧାରା ପ୍ରବାହିତ ହେଲା। ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଓଡ଼ିଆ ବିଲୋପ ଚକ୍ରାନ୍ତ (୧୮୬୮--୬୯) ଭଳି ଦାରୁଣ ବିପର୍ଯ୍ୟୟ ଶିକ୍ଷିତ ଓଡ଼ିଆଙ୍କୁ ସଂଗଠିତ କରିବା ପାଇଁ ପ୍ରେରଣା ଯୋଗଉଥିଲା। କଟକରେ ପ୍ରତିଷ୍ଠିତ 'ପାରସ୍ପରିକ ଉନ୍ନତି ସଭା' (୧୮୫୯) ହେଉଛି ଓଡ଼ିଶାର ପ୍ରଥମ ଆଧୁନିକ ସାଂସ୍କୃତିକ ଅନୁଷ୍ଠାନ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମନ୍ୱୟରେ ଗଠିତ ଏହି ସଭାରେ କଟକରେ ବସବାସ କରୁଥିବା କତିପୟ ବିଦେଶୀଙ୍କ ସହିତ ଦେଶୀୟ ଶିକ୍ଷିତ ବ୍ୟକ୍ତି ସଦସ୍ୟଥିଲେ। ସାହିତ୍ୟ, ସମାଜ ତଡା ସଂସ୍କୃତି ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ପାଇଁ ଏହାର ଅଧିବେଶନଗୁଡ଼ିକ ଅଭିପ୍ରେତ ଥିଲା। କଟକ ଡିବେଟିଂ କ୍ଲବ (୧୮୬୯) ବିଭିନ୍ନ ସମ୍ପାନ ମାଧ୍ୟମରେ ଦେଶହିତକର ଜ୍ଞାନଗାରିମାକୁ ଜନସାଧାରଣଙ୍କ ନିକଟରେ ପହ ାଇବା ପାଇଁ ଉଦ୍ୟମ କରୁଥିଲା। ଓଡ଼ିଆ ଭାଷାରେ ଇଂରାଜୀ ସାହିତ୍ୟରୁ କେତେକ ରଚନା ଅନୁବାଦ କରି ନୂତନତାର ସ୍ୱାଦ ପ୍ରଦାନରେ 'କଟକ ସୋସାଇଟି' ଭଳି ଅନୁଷ୍ଠାନ ବ୍ୟଗ୍ରତା ପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଉତ୍କଳ ଭାଷା ବିଧାୟିନୀ ସଭା (୧୮୬୬) ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୬) ଇତ୍ୟାଦି ଅନୁଷ୍ଠାନ ଗଢ଼ିଉଠିଥିଲା। ଭାଷା ଚର୍ଚ୍ଚା ସହ ପାଠ୍ୟ ପୁସ୍ତକଗୁଡ଼ିକର ସମୀକ୍ଷାତ୍ମକ ଆଲୋଚନାରେ ଏହାର ସଦସ୍ୟମାନେ ଅଧିକ ଗୁରୁତ୍ୱାରୋପ କରୁଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବହୁ ମୂଲ୍ୟବାନ ଓ ଗୌରବାବହ ସୃଷ୍ଟି ଆଧୁନିକ ଓଡ଼ିଶାର ପାଠକମାନଙ୍କ ନିକଟରେ ପହ୍ ପାରୁନଥିଲା। ତାଳପତ୍ର ପୋଥିରେ ଲିପିବଦ୍ଧ ଅତୀତର ସାହିତ୍ୟ ସହଜଲବ୍ଧ ନଥିଲା। ଯତ୍ରତତ୍ର ଯାହାସବୁ ସଂରକ୍ଷିତ ହୋଇ ରହିଥିଲା, ସେଗୁଡ଼ିକ ମଧ୍ୟ ସହଜପାଠ୍ୟ ହୋଇପାରୁ ନଥିଲା। 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାର କମ୍ପାନୀ' (୧୮୭୭) ଗଠିତ ହୋଇ ପ୍ରାଚୀନ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାପାଇଁ ଯତ୍ନବାନ ହେଲା। 'ଉତ୍କଳ ପ୍ରି ିଂ କମ୍ପାନୀ' (୧୮୬୬) ଓ ଦେଶ ହିତୈଷିଣୀ ସଭା (୧୮୭୪), ଉତ୍କଳ

ହିତୈଷିଣୀ ସଭା (୧୮୮୫) ଓଡ଼ିଆ ଗ୍ରାଜୁଏଟ ଏଣ୍ଡ ଅଣ୍ଡର ଗ୍ରାଜୁଏଟ ଆସୋସିଏସନ (୧୮୮୯) ଇତ୍ୟାଦି ସାରସ୍ୱତ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ ନୂତନ ଜ୍ଞାନଲୋକ ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ।

ଊନବିଂଶ ଶତକର ଭାରତୀୟ ଭାବରାଜ୍ୟରେ ବିପ୍ଳବାତ୍ମକ ପରିବ ର୍ନ ଆଣିବାରେ ରାହା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମସମାଜ (୧୮୨୮)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଏକେଶ୍ୱରବାଦରେ ବିଶ୍ୱାସୀ ବ୍ରାହ୍ମଧର୍ମ ହେତୁବାଦୀ ସମାଜ ଗଠନର ପକ୍ଷପାତୀ ଥିଲା ଏବଂ ବର୍ଷ ବର୍ଷ ଧରି ଚଳି ଆସୁଥିବା ଅମାନବୀୟ ସାମାଜିକ କୁସଂସ୍କାର ଯଥା – ସତୀଦାହ ପ୍ରଥା, ବହୁ ବିବାହ, ବାଲ୍ୟ ବିବାହ ବ୍ୟବସ୍ଥାର ଘୋର ବିରୋଧୀ ଥିଲା। ୧୮୪୯ ମସିହାରେ ବ୍ରାହ୍ମଚେତନା ଓଡ଼ିଶାରେ ବିଧିବଦ୍ଧ ଭାବରେ ପ୍ରବେଶ କଲା। ମୁନସିଫ୍ ମହେଶଚନ୍ଦ୍ର ରାୟ କଟକରେ ବ୍ରାହ୍ମସମାଜ ପ୍ରତିଷ୍ଠା କରି ଏହାର ସୂତ୍ରଧର ସାଜିଲେ। ଜଗନ୍ମୋହନ ଲାଲ୍, ମଧୁସୂଦନ ରାୟ, ପ୍ୟାରୀମୋହନ ମହାପାତ୍ର, ସାଧୁଚରଣ ରାୟ, ବିଶ୍ୱନାଥ କର ପ୍ରମୁଖ ସ୍ରଷ୍ଟା ବ୍ରାହ୍ମଧର୍ମ ଗ୍ରହଣ କରି ନିଜ ନିଜ ରଚନାରେ ସମାଜ ସଂସ୍କାରକ ଦୃଢ଼ବା ର୍ା ଦେଇଥିଲେ।

ବିଂଶ ଶତକର ଆଦ୍ୟପାଦରେ ଅଧିକରୁ ଅଧିକ ସାରସ୍ୱତ ଅନୁଷ୍ଠାନ ଗଠିତ ହୋଇ ରେନେସାଁ ଭାବଧାରାକୁ ପରିବ୍ୟାପ୍ତ କରିଥିଲେ। ଉତ୍କଳ ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାନ (୧୯୦୩), ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ସବୁଜ ସାହିତ୍ୟ ସମିତି (୧୯୩୧), ନବଯୁଗ ସାହିତ୍ୟ ସଂସଦ (୧୯୩୫) ଇତ୍ୟାଦି ସଂଗଠନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଅବିସ୍ମରଣୀୟ ଇତିବୃ ।

ଆଧୁନିକ ଚେତନା ପ୍ରଣୋଦିତ ଓଡ଼ିଆମାନେ ଯେଉଁସବୁ ସଂଘ, ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ବିକାଶ କରି ପଥ ପ୍ରସ୍ତୁତ କରିଥିଲେ, ତାହା ଓଡ଼ିଆଟେ ନବଜାଗରଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଦେଶବିଦେଶରେ ଘଟୁଥିବା ନାନା ପରିବ ର୍ନ ସମ୍ପର୍କରେ ଆଲୋଚନା ପ୍ରତ୍ୟାଲୋଚନା କରି ସ୍ରଷ୍ଟାମାନେ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିଥିଲେ।

### ୩.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରସଙ୍ଗ ଆଲୋଚନା କଲାବେଳେ ଭାଷା ଓ ଲିପି ଚକ୍ରାନ୍ତକୁ ଏଡ଼େଇ ଦିଆଯାଇନପାରେ। ସେ ସମୟରେ କତିପୟ ଈର୍ଷାଳୁ ବଂଗୀୟ ବ୍ୟକ୍ତିଙ୍କର ହୀନ ଉଦ୍ୟମର ଶିକାର ହେବାକୁ ବସିଥିଲା ଓଡ଼ିଆ ଭାଷା ଓ ସାହିତ୍ୟ। ୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ନାମକ ଜଣେ ଐତିହାସିକ କଟକ ସହରର ଏକ ସଭାରେ ଭାଷଣ ଦେଇ କହିଲେ ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ’ ନାମକ ଏକ ପୁସ୍ତିକା ଛାପି ଅପପ୍ରଚାର ଚଳାଇଥିଲେ। ସେମାନଙ୍କ ସହିତ ଆଉ କେତେକ ବଙ୍ଗାଳୀ ଏକତ୍ର ଓଡ଼ିଆ ଭାଷା ବିଲୋପ କରି ଏ ଦେଶରେ ବଂଗଳା ପ୍ରଚଳନ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଶେଷ କରି ଓଡ଼ିଶାର ଭର୍ଣ୍ଣାକୁଲାର ସ୍କୁଲ ସମୂହରେ ବଂଗଳା ଭାଷାରେ ପାଠ୍ୟଦାନ ପାଇଁ ନାନା ପ୍ରକାର କୌଶଳ ଜାରି ରଖିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ବଂଗଳା ଭାଷା ପରି ଓଡ଼ିଆ ଭାଷାରେ ଉନ୍ନତ ସାହିତ୍ୟିକ ପରମ୍ପରା ନାହିଁ।

ଏହି ଘଟଣା ଓଡ଼ିଆ ବୁଦ୍ଧିଜୀବୀ, ଶିକ୍ଷିତଗୋଷ୍ଠୀ ଓ ସାହିତ୍ୟିକମାନଙ୍କୁ ଏକାଠି କରାଇ ପ୍ରତିସ୍ୱର୍ଦ୍ଧୀ ସାହିତ୍ୟ ରଚନା ପାଇଁ ଉତ୍ସାହିତ କରିଥିଲା। ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ଭାଷା ବିରୋଧୀ ଅଭିଯାନରୁ ପ୍ରତିହତ କରିବା ପାଇଁ ଅ ।ଭିଡ଼ିଥିଲେ। ଗୌରୀଶଙ୍କର ରାୟ ‘ଉତ୍କଳ ଦୀପିକା’ରେ ଲେଖିଥିଲେ’ ପୁନଶ୍ଚ ଦେଖ, ଏହି ବଂଗାଳୀ ଭାଷାର ଉନ୍ନତି କରଣ କି ପର୍ଯ୍ୟନ୍ତ ନା ଯତ୍ନ (ଇଂରେଜମାନଙ୍କ ଦ୍ୱାରା) କରାଯାଇଅଛି। ତଥାପି ଉତ୍କଳୀୟ କବିମାନେ ସେ ସକଳେ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ କାବ୍ୟ ମଧ୍ୟ ବଂଗାଳୀ ଭାଷାରେ ପ୍ରକାଶ ହୋଇନାହିଁ। ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ,େ କି କାବ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଂଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକା। ହୋଇଅଛି। ମାତ୍ର ଏହି ସମସ୍ତ ଗ୍ରନ୍ଥ ଅନୁବାଦିତ ବା ଅପହୃତ।” (୧୮୬୬)

କେବଳ ସେତିକି ନୁହେଁ ଭାଷା ବିଲୋପ ଦୁରଭିସନ୍ଧି ଚରିତାର୍ଥ ନହେବାରୁ ଉତ୍କଳ ଲିପି ବଦଳରେ ବଂଗଳା ଲିପିରେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ସେ କାଳରେ ସରକାରଙ୍କ ନିକଟରେ ମଧ୍ୟ ଦାବି କରାଯାଉଥଇଲା। ସୌଭାଗ୍ୟର ବିଷୟ, ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ ବିମ୍‌ସ, ଓଡ଼ିଶା କମିଶନର ରେଭେନ୍ସା ସାହେବ, ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ପ୍ରମୁଖଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ଓ ଲିପି ସୁରକ୍ଷିତ ରହିପାରିଲା। ବଙ୍ଗଳା ସମେତ ଦକ୍ଷିଣରେ ତେଲୁଗୁ ଓ ପଶ୍ଚିମରେ ହିନ୍ଦୀ ଭାଷାର ଆକ୍ରମଣ ମଧ୍ୟ ଏ ଦେଶର ଭାଷା ସାହିତ୍ୟ ପାଇଁ ବିପଦ ସୃଷ୍ଟି କରିଥିଲା। ମାତ୍ର ଓଡ଼ିଆ ଜାଗରଣ ଏକ ସୁରକ୍ଷା କବଚ ଭାବରେ ଉଭାହୋଇଥିଲା ଏବଂ ଉତ୍କଳ ସାହିତ୍ୟର ନବଦିଗନ୍ତ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

## ୩.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

ପରମ୍ପରା ପ୍ରସୂତ ବିଶ୍ୱାସ ଓ ଚେତନାକୁ ପରିହାରକରି ନୂତନ ଭାବଧାରାର ବାହକ ସାଜିବା ହେଉଛି ରେନେସାଁ ବା ସାଂସ୍କୃତିକ ନବଜାଗରଣର ମୌଳିକ ବା ର୍ତ୍ତା। ନବ ନବ ପ୍ରଜ୍ଞା -ଫସଲରେ ସୁଶୋଭିତ ମାନସ - କାନନ ସ୍ଥିତିବାଦୀ ସମାଜରେ ସବୁକାଳେ ଭିନ୍ନସ୍ରୋତର ଫଲ୍‌ଗୁ ବୁହାଇବାର ସାମର୍ଥ୍ୟ ରଖିଥାଏ। ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶେଷ କରି ଅନ୍ତିମ ତିନି ଦଶକରେ ଓଡ଼ିଆ ସାହିତ୍ୟର ପରମ୍ପରାସିଦ୍ଧ ଗତିରେ ତୁମୁଳ ପରିବ ର୍ତ୍ତନ ହେଲା। ପୂର୍ବ ଆଲୋଚିତ ପରିବେଶ ଓ ପ୍ରତିକ୍ରିୟା ହିଁ ଏ ଦେଶର ସାଂସ୍କୃତି ପରମଣ୍ଡଳରେ ଯେଉଁ ପରିବ ର୍ତ୍ତନର ସଂକେତ ସଂଚାର କଲା, ତାହାର ବ୍ୟାପକ ପ୍ରଭାବରେ ସାହିତ୍ୟର କଳେବର ନୂତନତାରେ ଆଚ୍ଛାଦିତ ହେବାର ସୌଭାଗ୍ୟ ଲାଭ କଲା।

ଓଡ଼ିଆ ସାହିତ୍ୟର ଭାଷା, ଭାବ ଓ ଶୈଳୀରେ ବହୁ ପରିବ ର୍ତ୍ତନର ସୂତ୍ରପାତ ଏହି ସନ୍ଧିକ୍ଷଣର ବିଶେଷତ୍ୱ। ପ୍ରାଚୀନ ଓ ଆଧୁନିକ ସଂଘର୍ଷ ମଧ୍ୟରେ ଆଧୁନିକର ବିଜୟ ଯୋଗୁ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ହୋଇ ପାରିଥିଲା। ଭଞ୍ଜ ଓ ରାଧାନାଥୀ କାବ୍ୟଚେତନାକୁ ଅବଲମ୍ବନ କରି ଦୁଇଟି ଶିବିରରେ ବିଭକ୍ତ ହୋଇଥିଲା ସେକାଳର ସୃଜନ ପରିମଣ୍ଡଳ। କେବଳ ସାହିତ୍ୟିକ ଆଦର୍ଶର ଦ୍ୱନ୍ଦ୍ୱ ହିଁ ଭଞ୍ଜ ପକ୍ଷ ସମର୍ଥନକାରୀ 'ଇନ୍ଦ୍ରଧନୁ' ଓ ରାଧାନାଥ ପକ୍ଷଧାରା 'ବିଜୁଳି' ପତ୍ରିକା ପ୍ରକାଶିତ ହୋଇ ନବଜାଗରଣ ବାତାବରଣକୁ ତ୍ୱରାନ୍ୱିତ କରିଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ନୂତନ ପରୀକ୍ଷା ନିରୀକ୍ଷାର ନାନା କୌଶଳ ଏ ଯୁଗର ସାହିତ୍ୟକୁ ବୈଚିତ୍ର୍ୟ ବିଭୂଷିତ କଲା। ବିଶେଷ କରି ଓଡ଼ିଆ କାବ୍ୟ କବିତାର ନୂତନ କଥାବସ୍ତୁ ସହିତ ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ପ୍ରେମର ସାବଲୀଳ ପ୍ରୟୋଗ, ଜାତୀୟତାବୋଧ, ସଂସ୍କାରଧର୍ମିତା ତଡା ମାନବ ବନ୍ଦନା ଇତ୍ୟାଦି ଅଭିନବ ଭାବ ସମ୍ପଦ ବେଶ୍ ଆଦର ଲାଭକଲା। ସେହିପରି କାବ୍ୟ, ଖଣ୍ଡକାବ୍ୟ, ଗାଥା କବିତା (Ballad)ଳ ଚତର୍ଦ୍ଦଶପଦୀ (sonnet), ଶୋକଗୀତି (Elegy), ସମ୍ବୋଧନ ଗୀତିକା (Ode), ବ୍ୟଙ୍ଗ କବିତା (satire) ଇତ୍ୟାଦି ନୂତନ ଆଙ୍ଗିକରେ ଏ ଯୁଗର କାବ୍ୟ ସାହିତ୍ୟ ଶ୍ରୀମଣ୍ଡିତ ହେଲା। କଠିନ ଅଳଙ୍କାର ବିନିର୍ମୁକ୍ତ ସହଜ ପ୍ରକାଶଭଙ୍ଗୀ ସହିତ ସରଳ ଭାଷା ପ୍ରୟୋଗ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏ ଯୁଗ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

ସେହିପରି ରେନେସାଁ ପ୍ରଭାବରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସମର୍ଥ ହେଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ମୁଖ୍ୟତଃ ପଦ୍ୟମୟ। କେବଳ ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସାଧାନିଧି, ଓଡ଼ିଶା ରାଜ ବଂଶ ଇତିହାସ ରୂପେ ଖ୍ୟାତ ମାଦଳାପାଂଜି, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପରି କତିପୟ ରଚନାକୁ ବାଦ୍‌ଦେଲେ ଗଦ୍ୟର ଅନ୍ୟ କୌଣସି ସ୍ୱତନ୍ତ୍ର ସୃଷ୍ଟି ନଥିଲା। ଇଂରେଜମାନଙ୍କ ସଂସର୍ଗରେ ଓଡ଼ିଆ ଗଦ୍ୟର ନୂଆରୂପ ଆତ୍ମପ୍ରକାଶ କଲା। ଅବଶ୍ୟ ରେନେସାଁର ଆଦ୍ୟକାଳରେ ଯେଉଁ ଗଦ୍ୟ ପରିଦୃଷ୍ଟ ହୁଏ, ତାହାର ଭାଷା ଓ ଶୈଳୀ ଅନେକାଂଶରେ ଅସମ୍ପୂର୍ଣ୍ଣ ଓ ବିକୃତ ଥିଲା। ଇଂରାଜୀକୁ ଅଣକୁଶଳୀ ଲେଖକମାନଙ୍କ ଦ୍ୱାରା ଅନୁଦିତ ଏବଂ ବଙ୍ଗଳା ଭାଷାର ପ୍ରତ୍ୟକ୍ଷ ଅନୁସରଣ ଏପରି ବିକୃତିର କାରଣ ହୋଇଥିଲା। ଓଡ଼ିଆ ପତ୍ରପତ୍ରିକା ଆତ୍ମପ୍ରକାଶ କଲାପରେ ଏ ଦିଗରେ ବ୍ୟାପକ ପରିବ ର୍ତ୍ତନ ଦେଖାଦେଲା। ଉତ୍କଳ ଦର୍ପଣରେ ପ୍ରକାଶିତ ରାଧାନାଥ ରାୟଙ୍କ ବିବେକୀ (୧୮୭୩) ଓଡ଼ିଆ ଭାଷାର ପ୍ରଥମ

ପ୍ରବନ୍ଧର ମାନ୍ୟତା ପାଇଲା । ବିଶ୍ୱନାଥ କର, ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା, ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଆ ପ୍ରବନ୍ଧକୁ ଆଗକୁ ବଢ଼ାଇବାରେ ସଫଳ ହେଲେ ।

ଉମେଶଚନ୍ଦ୍ର ସରକାର, ଫକୀର ମୋହନ ସେନାପତି, ଗୋପାଳ ବଲ୍ଲଭ ଦାସ, ରାମଶଙ୍କର ରାୟ, ଚିନ୍ତାମଣି ମହାନ୍ତିଙ୍କ ଭଳି ଲେଖକମାନେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ମାର୍ଗ ନିର୍ଦ୍ଦେଶ କଲେ । ପଦ୍ମମାଳୀ (୧୮୮୮)ଭଳି ଉପନ୍ୟାସ ରଚନା କରି ଉମେଶଚନ୍ଦ୍ର ସରକାର ପ୍ରଥମ ଔପନ୍ୟାସିକ ଭାବେ ଯେଉଁ ସମ୍ମାନ ଦାବି କରନ୍ତି, ତାହା ମୂଳରେ ନବଜାଗରଣର ପ୍ରଭାବ ହିଁ ପରିଦୃଷ୍ଟ ହଏ । ଫକୀର ମୋହନଙ୍କ ରେବତୀ (୧୮୯୮) ହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ । ପରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଏ ଦିଗରେ ଲେଖନୀ ଚାଳନା କରି ଏହି ସ୍ୱତନ୍ତ୍ର ବିଭାଗକୁ ସମୃଦ୍ଧ କରିଥିଲେ ।

ସେହିପରି ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, କାମପାଳ ମିଶ୍ର ପ୍ରମୁଖ ଓଡ଼ିଶା ନାଟକର ଉନ୍ମେଷ ଓ ବିକାଶରେ ମନୋନିବେଶ କରି ଆଧୁନିକ ସାହିତ୍ୟକୁ ବିଭବବନ୍ତ କଲେ । ଜଗନ୍ମୋହନଙ୍କ ବାବାଜୀ (୧୮୭୭) ଓଡ଼ିଆର ପ୍ରଥମ ନାଟକ ଏବଂ ଏହା ନବଜାଗରଣର ଫଳଶ୍ରୁତି । ପୁନଶ୍ଚ ଓଡ଼ିଆ ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ସମାଲୋଚନା ଭଳି ଅନ୍ୟାନ୍ୟ ଗଦ୍ୟରୂପର ଆତ୍ମପ୍ରକାଶ ଏକାଳର ମଧ୍ୟ ମହତ ଦାନ ।

### ୩.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

**ପ୍ରଶ୍ନାବଳୀ :**

୧. ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନ ପାଇଁ ସନ୍ନିହିତ କାରଣଗୁଡ଼ିକ ଆକଳନ କର ।

୨. ଇଂରାଜୀ ଶିକ୍ଷା ପ୍ରସାର ଓଡ଼ିଆ ସାହିତ୍ୟରେ ନବ ଜାଗରଣର ମାର୍ଗ ଉନ୍ମୁକ୍ତ କଲା - ଏହାର ଯଥାର୍ଥତା ପ୍ରତିପାଦନ କର ।

୩. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ମୂଳରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ କିଭଳି ଭୂମିକା ନିର୍ବାହ କରିଥିଲା, ଆଲୋଚନା କର ।

୪. ନବଜାଗରଣ କାଳର ପ୍ରମୁଖ ସାହିତ୍ୟିକମାନଙ୍କ ସମ୍ପର୍କରେ ଏକ ସଂକ୍ଷିପ୍ତ ସମୀକ୍ଷା କର ।

୫. ରେନେସାଁ କାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବିବ ର୍ନ ଦର୍ଶାଅ ।

୬. ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର ।

**ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକାବଳୀ :-**

୧. ଆଧୁନିକ ଓଡ଼ିଆ କାବ୍ୟଧାରା - ଡ. ନରେନ୍ଦ୍ରନାଥ ମିଶ୍ର

୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ -୧୯୨୦) - ଡ. ନଟବର ସାମନ୍ତରାୟ

୩. ଆଧୁନିକ ଓଡ଼ିଆ ସାହିତ୍ୟର ଭି ିଭୂମି - ଡ. ନଟବର ସାମନ୍ତରାୟ

୪. ଆଧୁନିକ ଓଡ଼ିଆ ସାହିତ୍ୟ - ଡ. ଜାନକୀ ବଲ୍ଲଭ ମହାନ୍ତି

୫. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡ. କ୍ଷେତ୍ରବାସୀ ନାୟକ

# ପଂଚମ ଏକକ – ଧର୍ମୀୟ ମୂଲ୍ୟାଙ୍କନ

୫.୦- ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୫.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ

୫.୨ ଓଡ଼ିଆ ନବଜାଗରଣ

୫.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

୫.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

୫.୫ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ

୫.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

୫.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

୫.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ

## ପ୍ରାଗଭାଷା

ଭାଷାର କାୟାକଳ୍ପରେ ଭାବର ମହାମନ୍ତ୍ର ଦେଇ ରସାନୁଭୂତିର ଅସରନ୍ତି ପେଡ଼ି ଖୋଲି ପାରୁଥିବା ସାହିତ୍ୟର ଇତିହାସ ଅଧ୍ୟୟନ ସୂକ୍ଷ୍ମ ବିଶ୍ଳେଷଣର ଅପେକ୍ଷା ରଖେ। କୌଣସି ଜାତିର ଘଟଣା ପ୍ରବାହ ସହିତ ସାମାଜିକ ବିଧିବ୍ୟବସ୍ଥା ତଥା ସାଂସ୍କୃତିକ ସଂହିତାର ପ୍ରତିଛବି ଦେଖିବାରେ ସାହିତ୍ୟ ରୂପକ ଦର୍ପଣର ଗୁରୁତ୍ୱ ବିଶ୍ୱର ପ୍ରତ୍ୟେକ ଦେଶରେ ଉପଲବ୍ଧ ହୋଇଥାଏ। ସମୟ-ସୈକତରେ ସାହିତ୍ୟ ସ୍ରୋତସ୍ୱିନୀର ବିଚିତ୍ରବର୍ଣ୍ଣା ଦେହରି ଅବଲୋକରେ ଏହାର ଇତିହାସ ପରସିଦିଏ ଅପୂର୍ବ ପ୍ରେରଣା। କେବଳ ସାହିତ୍ୟର ଉନ୍ମେଷ-ବିକାଶ-ବିବର୍ତ୍ତନ ନୁହେଁ, ଅଧିକନ୍ତୁ ଶାସନତନ୍ତ୍ର, ଆଚାର ବ୍ୟବହାର ତଥା ଚଳଣି ଚମକର ବାର୍ତ୍ତା-ବିବରଣୀ ପାଇବାରେ ଏ ଇତିହାସ ପାଲଟିଯାଏ ପ୍ରଧାନ ଅବଲମ୍ବନ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗ ବିଭାଜନ ମୁଖ୍ୟତଃ ତିନି ଭାଗରେ ବିଭକ୍ତ। ଯଥା – ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗ। ୭ମ-୮ମ ଶତାବ୍ଦୀରେ ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟା ପଦାବଳୀ ସମୟରେ ଲୋକସାହିତ୍ୟ, ନାଥ ସାହିତ୍ୟ ପଥ ଦେଇ ୧୫ଶ ଶତାବ୍ଦୀର ଆଦିକବି ସାରଳା ଦାସ ଓ ୧୬ଶ ଶତାବ୍ଦୀର ପ୍ରସିଦ୍ଧ ପଂଚସଖା କବିମାନଙ୍କର ରଚନାବଳୀ ପର୍ଯ୍ୟନ୍ତ ବିପୁଳାୟତନ ସୃଷ୍ଟି ପ୍ରାଚୀନ ସାହିତ୍ୟ ଭାବେ ପରିଚର୍ଚ୍ଚିତ। ୧୭ଶ ଶତାବ୍ଦୀରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଅର୍ଥାତ୍ ୧୮୫୦ ମସିହା ପର୍ଯ୍ୟନ୍ତ କାଳଖଣ୍ଡରେ କବି ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ ଦ୍ୱାରା ବିରଚିତ ରାଶି ରାଶି ଭଜନ, ଜଣାଣ, ଚଉପଦୀ, ଚଉତିଶା ସମେତ ଉଚ୍ଚାଙ୍ଗ କାବ୍ୟମାଳା ମଧ୍ୟଯୁଗ ସାହିତ୍ୟର ପ୍ରଧାନ ଅଙ୍ଗ। ଓଡ଼ିଶାକୁ ଇଂରେଜମାନଙ୍କ ଆଗମନ ପରେ ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ହେଲା, ତାହାର ଅମୃତମୟ ପରିଣତି ସ୍ୱରୂପ ୧୮୫୦ ମସିହା ପରବର୍ତ୍ତୀ ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ମାର୍ଗ ଉନ୍ମୁକ୍ତ ହେଲା।

ଭାରତ ତଥା ଓଡ଼ିଶାରେ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ, ଛାପାକାନା ପ୍ରତିଷ୍ଠା, ପତ୍ରପତ୍ରିକା ପ୍ରକାଶନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଆତ୍ମପ୍ରକାଶ ଦ୍ୱାରା ନବ୍ୟ ଶିକ୍ଷିତ ସମାଜର ଚୈନ୍ତିକ ପରିବର୍ତ୍ତନ ଘଟିଲା। ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହ ଚିନ୍ତାଦର୍ଶ ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ଫଳରେ ପ୍ରାଚୀନତାକୁ ପରିହାର କରି ନୂତନ ଭାବଧାରା ବିକାଶ ଲାଭ କଲା। ପୁରାତନତା ଓ ନୂତନତାର ଚିନ୍ତା ସଂଘର୍ଷରୁ ନବଜାଗରଣ ବା ରେନେସାଁ (Renaisance) ର ପ୍ରତିଷ୍ଠା ଏବଂ ତହିଁରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। କବିବର ରାଧାନାଥ ରାୟ (୧୮୪୮-୧୯୦୮), ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୭)। ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪), ପଲ୍ଲୀକବି ନନ୍ଦିକିଶୋର ବଳ (୧୮୭୫-୧୯୨୮), ଜଗନ୍ମୋହନ ଲାଲ୍ (୧୮୩୯-୧୯୧୩) ରାମଶଙ୍କର ରାୟ (୧୮୫୭-୧୯୩୧), ରମେଶଚନ୍ଦ୍ର ସରକାର (୧୮୫୭...) ଚନ୍ଦ୍ରମୋହନ ମହାରଣା (୧୮୭୦-୧୯୨୯) ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଶୈଳୀ ପରିହାର ପୂର୍ବକ ନୂତନ ଆଦର୍ଶ ତଥା ଶୈଳୀରେ ସାହିତ୍ୟ ସୃଷ୍ଟିକରି ଆଲୋଡ଼ନ ସୃଷ୍ଟି କଲେ। ଏ କାଳରେ ଓଡ଼ିଆ ପାଠକମାନେ କାବ୍ୟ ସହିତ, ଖଣ୍ଡକାବ୍ୟ, ଗୀତିକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଆଦି ସାହିତ୍ୟର ନୂଆ ନୂଆ ଦିଗନ୍ତ ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ ହେଲେ। କେବଳ ସେତିକି ନୁହେଁ, ନବଯୁଗ ସାହିତ୍ୟର ଭାଷା ଓ ପ୍ରକାଶ ଭଙ୍ଗୀରେ ସ୍ୱତନ୍ତ୍ରତା ଏହାକୁ ପ୍ରତିଷ୍ଠା

ଦେବାରେ ଯଥେଷ୍ଟ ସହାୟକ ହୋଇଥିବାର ଜଣାଯିବ। ନବଜାଗରଣ କାଳରୁ ସୃଷ୍ଟ ନୂତନ ଭି ିଭୂମି ଉପରେ ନୂତନ ସାହିତ୍ୟର ଜନ୍ମ ଓ ବିକାଶ ପରବ ୍ତୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟ ଅବଧି ଭିତରେ କିଭଳି ଗତିଶୀଳ, ତାହାର ସବିଶେଷ ଅବଧାରଣା ପାଇଁ ନିମ୍ନରେ ଉଲ୍ଲିଖିତ ଆଲୋଚନା ପର୍ଯ୍ୟାୟ ବା ସଂରଚନା ବିନ୍ୟାସ ଉପରେ ନିର୍ଭର କରାଯାଇପାରେ।

ସଂରଚନା ବିନ୍ୟାସ –

୫.୦ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ, ଓଡ଼ିଆ ନବଜାଗରଣ, ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର, ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ, ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ, ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ।

ଓଡ଼ିଆ ସାହିତ୍ୟ ନିର୍ଦ୍ଦେଶିତ ପାଠ୍ୟ ଖସଡ଼ାର ପ୍ରସଙ୍ଗ ଗୁଡ଼ିକ ପୁନଃ ପୁନଃ ଆଲୋଚନା କଲେ ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ।

- ଓଡ଼ିଆ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ପ୍ରବ ର୍ନ ମୂଳରେ ସନ୍ନିହିତ କାରଣଗୁଡ଼ିକର ପରିଚୟ ମିଳିବ।
- ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗଡ଼୍ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ କିପରି ପାଶ୍ଚାତ୍ୟରୁ ଆହୃତ ନୂଆ ଭାବାଦର୍ଶର ବା ର୍ା ଦେଇଛି, ତାହାର ବ୍ୟାପକ ଚିତ୍ର ଜାଣିହେବ।
- ଓଡ଼ିଆ ସାହିତ୍ୟରେ ରେନେସାଁ ବା ନବଜାଗରଣ ସମ୍ପର୍କରେ ବାସ୍ତବ ଆଲେଖ୍ୟ ଉନ୍ମୋଚିତ ହେବ।
- ନବ ଯୁଗର ପ୍ରମୁଖ କବି ଓ ଲେଖକମାନଙ୍କ କୃତି ଓ କୃତିତ୍ୱ ଆଲୋଚନା ଦ୍ୱାରା ଏ କାଳର ବିଶେଷତ୍ୱ ଅନୁଭୂତ ହେବ।
- ଆଧୁନିକ ସାହିତ୍ୟ ବିକାଶରେ ପତ୍ରପତ୍ରିକାଗୁଡ଼ିକର ଅବଦାନ ସମ୍ପର୍କରେ ଅବଧାରଣା ଜନ୍ମିବ।
- କାବ୍ୟ, ଖଣ୍ଡକାବ୍ୟ, ଗୀତି କବିତା, ପ୍ରବନ୍ଧ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଜୀବନୀ, ରମ୍ୟରଚନା, ଭ୍ରମଣବୃ ାନ୍ତ, ଅନୁବାଦ, ସମାଲୋଚନା ଆଦି ସାହିତ୍ୟର ବହୁମୁଖୀ ବ୍ୟାପ୍ତି କିଭଳି ଏକାଳରେ ପ୍ରକାଶ ପାଇଛି, ତାହାର ପ୍ରମାଣ ମିଳିବ।
- ପ୍ରାକ୍‌ସ୍ୱାଧୀନତା କାଳରେ ବିକଶିତ ଗଦ୍ୟସାହିତ୍ୟର ବିସ୍ତୃତ ପରିଚୟ ମିଳିବ।
- ସାମଗ୍ରିକ ଭାବେ ଆଧୁନିକ ସାହିତ୍ୟର ଭାବବସ୍ତୁ ସହିତ ଆଙ୍ଗିକ ବୈଚିତ୍ର୍ୟର ଦିଗନ୍ତ ଉନ୍ମୋଚିତ ହେବ।
- ପଠିତବ୍ୟ ପ୍ରସଙ୍ଗଗୁଡ଼ିକୁ ବି ିକରି ସମ୍ଭାବ୍ୟ ପ୍ରଶ୍ନାବଳୀ ତଥା ଅନ୍ୟ ସହାୟକ ଗ୍ରନ୍ଥଗୁଡ଼ିକର ଆଭାସ ମଧ୍ୟ ମିଳିପାରିବ।

**୫.୧ ନବଜାଗରଣ ସ୍ୱରୂପ ଓ ଏହାର ଇତିହାସ**

ଇଂରାଜୀ ରେନେସାଁ (Renaisence)ର ପରିଭାଷା ନବଜାଗରଣ ବା ନବ ଅଭ୍ୟୁଦୟ। ରେନେସାଁ ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ପୁନର୍ଜନ୍ମ। ୟୁରୋପୀୟ ଦେଶଗୁଡ଼ିକରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ମଧ୍ୟରେ କଳା, ସାହିତ୍ୟ, ବିଜ୍ଞାନ, ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ସମ୍ଭୂତ ହୋଇଥିବା ସାଂସ୍କୃତିକ ପୁନର୍ଜନ୍ମ (Cultural Rebirth) ନବଜାଗରଣ ଆନ୍ଦୋଳନର ପ୍ରମୁଖ ସମ୍ପଦ। ପ୍ରାଚୀନ ଓ ମଧ୍ୟଯୁଗୀୟ

ସ୍ଥିତିଶୀଳ ବିଶ୍ୱାସ ସର୍ବସ୍ୱ ମାନବିକତାରେ ବ୍ୟାପକ ପରିବର୍ତ୍ତନ ସୃଷ୍ଟି ହୋଇ ଏ ସମୟରେ ଏକ ବୈପ୍ଳବିକ କାରଣ ସର୍ବସ୍ୱ ଜିଜ୍ଞାସା ବଳବତ୍ତର ହେଲା। ଇଟାଲିର ଫ୍ଲୋରେନ୍ସ ସହରରୁ ଆରମ୍ଭ ହୋଇଥିବା ଏହି ନବ ଆନ୍ଦୋଳନ ପରବର୍ତ୍ତୀ ସମୟରେ ପର୍ତ୍ତୁଗାଲ, ସ୍ପେନ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ହଙ୍ଗେରୀ, ନେଦରଲାଣ୍ଡ, ପୋଲାଣ୍ଡ, ରୁଷିଆ ଆଦି ଦେଶକୁ ପରିବ୍ୟାପ୍ତ ହୋଇ ମାନବ ସଭ୍ୟତା ପାଇଁ ନୂତନ ମାର୍ଗ ପ୍ରକାଶ କଲା।

ଦାର୍ଶନିକ ଓ କବି ଦାନ୍ତେ (Dante Aligheiri, 1265-1321), ଫ୍ରାନ୍‌ସେସ୍‌କୋ ପେତ୍ରାର୍କ (Francesco Petrarch, 1304-1374), ବନ୍ଦୋ (Giotto di Bandore, 1267-1337), ଲରେଜୋ ଗିବେଟି (Lorenio Ghiberti, 1378-1455), ଫିଲପ୍ ବ୍ରୁନେଲେସ୍‌କ (Pillipo Brunelleschi, 1377-1446), ନିକଲୋ ମାକିଆଭେଲି (Machiavelli, 1469-1527), ଥମାସ୍ ମୋରେ (Thomas More, 1478-1535), ଲିଓନାର୍ଦୋ ଦାଭିନ୍‌ସ (Leonardo da Vinei, 1452-1519), ମାଇକେଲ୍ ଆଞ୍ଜୋଲୋ (Michelangelo, 1475-1568), ନିକୋଲାସ କୋପରନିକ୍‌ସ (Nicolaus Copernicus, 1473-1543), ଗାଲିଲିଓ (Galileo Galillei, 1564-1642), ଫ୍ରାନ୍ସିସ୍ ବେକନ୍ (Frencis Bacon, 1561-1626), ମାର୍ଟିନ ଲୁଥର୍ (Martin Luther, 1483-1546), ପ୍ରମୁଖ କବି, ଲେଖକ, ଭାସ୍କର୍ଯ୍ୟ ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ତଥା ଚିନ୍ତାଦାୟକମାନଙ୍କର ନୂତନ ଦୃଷ୍ଟିଭଙ୍ଗୀ ମାନବର ଚିନ୍ତାରାଜ୍ୟରେ ନୂତନ ଆଲୋକ ବିଛୁରିତ କଲା। ମାନବିକ ମୂଲ୍ୟବୋଧ, ନବ କଳା କୈବଲ୍ୟ, ବୈଜ୍ଞାନିକ ଦୃଷ୍ଟି, ସମାଜ କୈନ୍ଦ୍ରିକ ଧର୍ମମତବାଦ ଏ ସମୟର ପ୍ରଧାନ ଅବଦାନ, ଚିରାଚରିତ ଅନ୍ଧ ଅନୁକରଣ ଅପେକ୍ଷା ସମୀକ୍ଷାପୂର୍ବକ କାରଣ ସନ୍ଧାନ ଉପରେ ଗୁରୁତ୍ୱ ଆରୋପିତ ହେଲା। ସର୍ବୋପରି ମାନବୀୟ କଲ୍ୟାଣ ପ୍ରତି ସର୍ବଜନୀନ ଆବେଦନର ସୂତ୍ରପାତ ହେଲା।

ପ୍ରାକୃତିକ ଜଗତ ସମ୍ପର୍କରେ ବୈଜ୍ଞାନିକମାନଙ୍କର ନୂତନ ତଥ୍ୟ ଆବିଷ୍କାର ତଥା ସମାଜତାତ୍ତ୍ୱିକ ନୂତନ ବିଚାରଧାରା ମଣିଷର ଚିନ୍ତନଶୈଳୀକୁ ଅତିମାତ୍ରାରେ ପ୍ରଭାବିତ କଲା। ପ୍ରାଚୀନ ଯୁଗର ଅନ୍ଧବିଶ୍ୱାସ କ୍ରମଶଃ ଅପସାରିତ ହୋଇ ବାସ୍ତବାୟକ ଜୀବନଧାରା ପ୍ରତି ଆଗ୍ରହ ଜାତ ହେଲା। ବସ୍ତୁସତ୍ତା ପ୍ରତି ସନ୍ଦେହ ପ୍ରଦର୍ଶନ ପୂର୍ବକ ତାହାର ପରୀକ୍ଷା ନିରୀକ୍ଷା କରିବା ଏବଂ ସର୍ବଶେଷରେ ସତ୍ୟକୁ ଗ୍ରହଣ କରିବା ହେଉଛି ରେନେସାଁ କାଳର ବିଶେଷତ୍ୱ। ସବୁକାଳରେ କଳା ଓ ସାହିତ୍ୟରେ ନୂତନତାର ନିରାଜନା କରାଯାଇଥାଏ। ରେନେସାଁ କାଳର ବିବର୍ତ୍ତିତ ଭାବଧାରା ୟୁରୋପୀୟ ସାହିତ୍ୟ ଜରିଆରେ ବିଶ୍ୱୋତମୁଖୀ ହୋଇଥିବାର ଲକ୍ଷ୍ୟ କରାଯାଏ। ବିଜ୍ଞାନ, ଶିକ୍ଷା, ଯୋଗାଯୋଗର ମାଧ୍ୟମ ଇତ୍ୟାଦି ଏହି ଆନ୍ଦୋଳନର ବାହକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଦେଖିବାକୁ ମିଳେ।

ପାଶ୍ଚାତ୍ୟ ମାନସଭୂମିକୁ ଆନ୍ଦୋଳିତ କରିଥିବା ଏହି ନବଜାଗରଣ ଊନବିଂଶ ଶତକରେ ଭାରତୀୟ ଚିନ୍ତନ-ରାଜ୍ୟକୁ ଅନୁପ୍ରବେଶ କରିଥିଲା। 'ଆଧୁନିକ ଓଡ଼ିଆ କାବ୍ୟଧାରା' ପୁସ୍ତକରେ ଡଃ ନରେନ୍ଦ୍ରନାଥ ମିଶ୍ର ଯଥାର୍ଥରେ କହିଛନ୍ତି "ଯେଉଁ ଇଉରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରି ଶହ ବର୍ଷର ବହୁ ସାଧନା, ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତ ବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ବା ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ।"

ରାଜା ରାମମୋହନ ରାୟ (୧୭୭୨-୧୮୩୩), ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୩୩), ମାଇକେଲ ମଧୁସୂଦନ ଦ (୧୮୨୪-୧୮୭୩), କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ବଙ୍କିମଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪), ଜଗଦିଶଚନ୍ଦ୍ର ବୋଷ (୧୮୫୮-୧୯୩୭) ପ୍ରମୁଖ ବଙ୍ଗୀୟ ଦାର୍ଶନିକ, ଚିନ୍ତାନାୟକ, ସାହିତ୍ୟିକ, ବୈଜ୍ଞାନିକ ପ୍ରମୁଖ ନବଜାଗରଣର ବାହକ ଭାବରେ ଭାରତ ବର୍ଷରେ ଅଗ୍ରଗାମୀ ସଂକେତ ପ୍ରସାରଣ କରିପାରିଥିଲେ। "ପାଶ୍ଚାତ୍ୟ ସଂସ୍ପର୍ଶର ପରିମାଣରୁ ହିଁ ଓଡ଼ିଆର ମାନସ ଭୂମିରେ ସାଂସ୍କୃତିକ ନବ ଅଭ୍ୟୁଦୟ ପ୍ରତ୍ୟକ୍ଷ ହେଲା। ଏଠାରେ ମଧ ସେମାନଙ୍କ ରେନେସାଁସ୍ ଯୁଗୀୟ କର୍ମଧାରର ଅନୁରୂପତା କେତେକ ସ୍ଥଳରେ ଲକ୍ଷିତ ହୋଇଥିଲା। ଓଡ଼ିଶୀ ଚିନ୍ତାଧାରାରେ ବାସ୍ତବମୁଖୀ ଆବେଗ, ମାନବିକ ଚିନ୍ତନ ଏବଂ ଜାତିୟ ଭାଷା –ସଂସ୍କୃତି ଅଭିବୃଦ୍ଧିରେ ଆତ୍ମନିୟୋଗ କରିବା ପାଇଁ ଏକନିଷ୍ଠତା ପ୍ରକାଶ ପାଇଥିଲା।" ଡ. କ୍ଷେତ୍ରବାସୀ ନାୟକଙ୍କ ଏ ମନ୍ତବ୍ୟର ଯଥାର୍ଥତା ଅନୁଭବ କରିହୁଏ।

## ୫.୨ ଓଡ଼ିଶାରେ ନବଜାଗରଣ

ଇଂରେଜମାନଙ୍କ ଓଡ଼ିଶା ଆଗମନର ଅନେକ ବର୍ଷ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କାଳଖଣ୍ଡରେ ନବ ଅଭ୍ୟୁଦୟ ଏ ଦେଶର ଭାବଭୂମିକୁ ପରିବ୍ୟାପ୍ତ ହୋଇଥିବାର ଲକ୍ଷ୍ୟକରାଯାଏ। ୧୮୦୩ ମସିହାରେ ଦେଓଗ୍ରାମ ସନ୍ଧି ଅନୁଯାୟୀ ଓଡ଼ିଶା ବ୍ରିଟିଶ କମ୍ପାନୀ ଶାସନାଧୀନ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନାନା ପରିବର୍ତ୍ତନର ସୂତ୍ରପାତ ହେଲା। ଖ୍ରୀଷ୍ଟିଆନ୍ ଶାସକମାନଙ୍କ ସହିତ ଖ୍ରୀଷ୍ଟିୟାନ ମିଶନାରୀମାନେ ଏହି ପରିବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କଲେ। ସେତେବେଳେ ଓଡ଼ିଶାର ରାଜତନ୍ତ୍ର ଖଣ୍ଡବିଖଣ୍ଡିତ। କେବଳ ନାମକୁ ମାତ୍ର ଗଜପତି ରାଜ ପରମ୍ପରା ରହିଥିଲା। ଗଡ଼ଜାତ ରାଜ୍ୟ ଓ ରାଜତନ୍ତ୍ରରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ। ପୂର୍ବର ମୁସଲମାନ, ମୋଗଲ ଓ ମରହଟ୍ଟା ଶାସନରେ ସମାଜରେ ଏକ ପ୍ରକାର ସ୍ଥାଣୁତା ଖେଳିଯାଇଥିଲା। ତେଣୁ ଖ୍ରୀଷ୍ଟିଆନମାନଙ୍କ ନୂତନ ପଦକ୍ଷେପ ଦ୍ୱାରା ଆକର୍ଷିତ ହୋଇ ରାଜୀନୀତିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନର ଧାରା ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ସଂଚରିତ ହେବାକୁ ଲାଗିଲା। ଏହି ବିବର୍ତ୍ତନ କାଳ ଯଦିଓ ଅନେକ ପ୍ରତିରୋଧ-ପ୍ରତିବାଦର ସଂଘର୍ଷ ଦେଇ ଗତି କରିଥିଲା, ତଥାପି ଶାସକ ଦ୍ୱାରା ଶାସିତର ଅଭିଳାଷ ଚରିତାର୍ଥ ହେବା ନ୍ୟାୟରେ ଓଡ଼ିଶାବାସୀ ଇଂରେଜମାନଙ୍କ କର୍ତ୍ତୃକ ପ୍ରଣୀତ ନୂତନ ବ୍ୟବସ୍ଥାକୁ ଆପଣାର କରିଥିଲେ।

ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହେବାରୁ ଏକ ସେଚତନଶୀଳ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଡେଲା। ଏମାନେ ଦେଶବିଦେଶରେ ଘଟୁଥିବା ପରିବର୍ତ୍ତନ ସହ ସମ୍ପର୍କ ରଖିବାର ସାମର୍ଥ୍ୟ ଅର୍ଜନ କରିପାରିଲେ। ବିଶେଷ କରି ପାଶ୍ଚାତ୍ୟ ସାହିତ୍ୟ ତଥା ପଡ଼ୋଶୀ ବଙ୍ଗଳା ଭାଷାର ନୂତନ ସାହିତ୍ୟର ସାନ୍ନିଧ ଲାଭକରି ଓଡ଼ିଶାରେ ଏକ ନବୀନ ସାହିତ୍ୟିକ ଗୋଷ୍ଠୀ ଆବିର୍ଭୂତ ହେଲେ। ସେମାନେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପାରିମ୍ପରିକ କଳାକଳେବର ପରିହାର କରି ଏକ ନୂତନ ରୁଚିର ପ୍ରବାହ ସୃଷ୍ଟି କରିପାରିଲେ, ଯାହା ଆଧୁନିକ ସାହିତ୍ୟ ଭାବରେ ଆତ୍ମପ୍ରକାଶ କଲା। ଧର୍ମ ପଣ୍ଡିତ ପ୍ରାଚୀନ ସାହିତ୍ୟର ପୌରାଣିକ ଆବେଦନ ଓ ରୀତି ଆଦର୍ଶ ମଣ୍ଡିତ ମଧ୍ୟଯୁଗୀୟ ସାହିତ୍ୟର ସାମନ୍ତବାଦୀ ବିଳାସକୁ ପରିହାର କରି ନବ ଚେତନା ଚିତ୍ରିତ ଆଧୁନିକ ଓଡ଼ିଆ ସାହିତ୍ୟର ଜୀବନବାଦୀ ଦୃଷ୍ଟିକୋଣ ଆତ୍ମପ୍ରକାଶ ମୂଳରେ ଅନେକ ସମୟୋପଯୋଗୀ

କାରଣ ଅବଶ୍ୟ ସନ୍ନିହିତ। ଇଂରେଜମାନଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ଆବିଷ୍କ୍ରିୟାର ପ୍ରୟୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ରେଳପଥ ସଂଯୋଗ, ଡାକ ଓ ତାର ବିଭାଗ ପ୍ରତିଷ୍ଠା ଇତ୍ୟାଦି ଯୋଗୁ ଭାରତର ଜୀବନ ଧାରାରେ ବ୍ୟାପକ ପରିବ ର୍ନ ପରିଲକ୍ଷିତ ହେଲା। ଏଥିସହିତ ନୂତନ ଶିକ୍ଷାନୀତି ପ୍ରଚଳନ, ମୁଦ୍ରଣ ଯନ୍ତ୍ରର ସ୍ଥାପନ, ପତ୍ରପତ୍ରିକା ପ୍ରକାଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଆଦି ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନରେ ଯଥେଷ୍ଟ ସହାୟକ ହୋଇଥିବାର ଲକ୍ଷ୍ୟକରାଯାଏ।

୫.୩ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର

ନବଚେତନାର ମାଧ୍ୟମ ଭାବରେ ଇଂରେଜୀ ଶିକ୍ଷା ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ପାଇଁ ସର୍ବ ପ୍ରଥମେ ମିଶନାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନଙ୍କ ପଚେଷ୍ଟାରେ ୧୮୨୩ ମସିହାରେ ଏକ ଚାରିଟି ସ୍କୁଲ ପ୍ରଥମେ କଟକରେ ହିଁ ସ୍ଥାପିତ ହେଲା। ପରବ ର୍ୀ ପର୍ଯ୍ୟାୟରେ ସେମାନେ ଓଡ଼ିଶା ବିଭିନ୍ନ ଅ ଳରେ ସ୍କୁଲମାନ ପ୍ରତିଷ୍ଠା କରି ଇଂରାଜୀ ଶିକ୍ଷାର ଭି ିଭୂମି ସୁଦୃଢ଼ କରିଥିଲେ। ଜ୍ଞାନ ବିତରଣ ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ଥିଲା ମିଶନାରୀମାନଙ୍କ ଶିକ୍ଷା ପ୍ରସାରର ପ୍ରାଥମିକ ଉଦ୍ଦେଶ୍ୟ। ୧୮୩୫ ମସିହାରେ ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରବ ର୍ନ ହେବାରୁ ପ୍ରକୃତପକ୍ଷେ ଏ ଦେଶର ଲୋକେ ଆଧୁନିକ ଶିକ୍ଷା ପ୍ରାପତ ହେବା ସହିତ ପାଶ୍ଚାତ୍ୟ ସଭ୍ୟତା ସଂସ୍ପର୍ଶରେ ଆସିପାରିଲେ। ଏହି ଅବସରରେ ଲର୍ଡ ମାକ୍‌ଲେଙ୍କ ଶିକ୍ଷା ଆଇନ ପ୍ରଣୟନ ପାଇଁ ନୂତନ ସୁପାରିଶକୁ ସ୍ମରଣ କରାଯାଇପାରେ। “We must at present do our best to form a class who may be interpreters between us and millions whom we govern, - a class of persons Indian in blood and colour, but English in tastes, in opinions, in morals and in intellect. To that class we may leave it to refine the vernacular dialectsof the country, to enrich these dialects with terms of science borrowed from the Western nomenclature and to render them by degrees fit vehicles for conveying knowledge to great mass of the population.” (T.B. Macaulay-1835)

ପୁରୀ ଫ୍ରି ଏକାଡେମୀ (୧୮୩୫), କଟକ ଇଂଲିଶ ଚାରିଟି ସ୍କୁଲ (୧୮୪୧- ପରେ ତାହା କଟକ ଜିଲ୍ଲା ସ୍କୁଲରେ ପରିଣତ - (୧୮୮୫) ପୁରୀ ଜିଲ୍ଲା ସ୍କୁଲ (୧୮୫୩) ବାଲେଶ୍ୱର ଜିଲ୍ଲାସ୍କୁଲ (୧୮୫୩) ପ୍ରଭୃତି ସ୍ଥାପିତ ହୋଇ ଉପକୂଳ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରସାର ଓ ପ୍ରଚାର ଘଟିଲା। ୧୯୦୫ ମସିହାରେ ସମ୍ବଲପୁର ସମେତ ପଶ୍ଚିମା ଳ ଓଡ଼ିଶା ସହ ମିଶି ବଙ୍ଗ ଶାସନାଧୀନ ହେବାରୁ ଏହି ଅ ଳରେ ଇଂରାଜୀ ଶିକ୍ଷାର ଶୁଭାରମ୍ଭ ହେଲା। ଅବଶ୍ୟ ତତ୍‌ପୂର୍ବରୁ ଦେଶୀୟ ରାଜାମାନଙ୍କ ଉଦ୍ୟମରେ ଏ ଦିଗରେ କେତୋଟି ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା। ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ଦେବଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ *୧୮୮୮), ପାଟଣା ରାଜା ରାମଚନ୍ଦ୍ର ଦେବ ୩ୟଙ୍କ ଦ୍ୱାରା ବଲାଙ୍ଗୀର ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୮୯୪) ପଶ୍ଚିମ ଓଡ଼ିଶାରେ ଇଂରାଜୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା। ୧୯୦୭ ମସିହା ବେଳକୁ ବଲାଙ୍ଗୀରରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲାର ଓ ମଧ୍ୟ ଭର୍ଣ୍ଣାକୁଲାର ଇଂରାଜୀ ସ୍କୁଲ, ସୋନପୁରରେ ଦୁଇଟି ମଧ୍ୟ ଇଂରାଜୀ ସ୍କୁଲ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା।

ଊନବିଂଶ ଶତାବ୍ଦୀର ନୂତନ ଶିକ୍ଷା ବ୍ୟବସ୍ଥାର ଦାୟାଦେ ଭାବରେ ଯେଉଁ ଶିକ୍ଷିତ ଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ରେନେସାଁ ଆଣିବାକୁ ସମର୍ଥ ହେଲେ, ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ୍, ଫକୀରମୋହନ ସେନାପତି, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ସାଧୁ ଚରଣ ରାୟ, ମଣିଚରଣ ମହାପାତ୍ର,ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା, ରେବାରାୟ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ

ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ, ଗୋପବନ୍ଧୁ ଦାଶ, ନୀଳକଣ୍ଠଦାସ, ଗୋଦାବରୀଶ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଅଜୟଚନ୍ଦ୍ର ଦାସ ପ୍ରମୁଖଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ପରେ କଲିକତା ପ୍ରେସିଡେନ୍ସି କଲେଜରେ ଏଫ. ଏ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରତିଭାବନ୍ତ ସ୍ରଷ୍ଟା ରାଧାନାଥ ରାୟ ହିଁ ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ମନ୍ତ୍ରଦାତା ରୂପେ ଆଲୋଚିତ। ଇଂରେଜ ଶିକ୍ଷା ଅନୁଷ୍ଠାନ ସଂସର୍ଗ ହିଁ ତାଙ୍କୁ ନୂତନ ଭାବ ରାଜ୍ୟରେ ଅନୁପ୍ରବେଶ ପାଇଁ ଉତ୍ସାହିତ କରିଥିଲା ଏବଂ ପରବର୍ତ୍ତୀ କାଳରେ ଇଂରେଜ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ପ୍ରଭାବିତ ହୋଇ ସେ ବହୁ ପରୀକ୍ଷାନିରୀକ୍ଷାର ପ୍ରୟୋଗ ପୂର୍ବକ ଆଧୁନିକ ସାହିତ୍ୟର ବିଶାଳ ସୌଧ ନିର୍ମାଣରେ ସମର୍ଥ ହୋଇପାରିଥିଲେ। ଉଚ୍ଚ ଶିକ୍ଷିତ ରାଧାନାଥ ଇଂରେଜ କବି ସେର୍, ସେକ୍ସପିଅର, ସ୍ପେନସର, କାଉପର, ମିଲଟନ, ଗୋଲ୍ଡସ୍ମିଥ୍, ବାଇରନ୍, ସ୍କଟ, ମେଲି, ୱାର୍ଡସୱାର୍ଥ, ଟେନିସନ ପ୍ରମୁଖଙ୍କ କାବ୍ୟ ନାଟକାଦି ପାଠ କରିଥିଲେ। ତତ୍ ସହିତ ବଙ୍ଗଳାର କବି ଭାରତଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ ମଧୁସୂଦନ ଦତ୍ତ ପ୍ରମୁଖଙ୍କୁ ଗଭୀର ଭାବେ ଅଧ୍ୟୟନ କରି ସର୍ଜନଶକ୍ତିକୁ ନୂତନରେ ମାର୍ଗରେ ପରିଚାଳିତ୍ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ। ହୁଗୁଳି କଲେଜରୁ ଏଫ.ଏ. ଶିକ୍ଷା ପ୍ରାପ୍ତ ଜଗମୋହନ ଲାଲ୍‌ଙ୍କର ଉଚ୍ଚ ଇଂରାଜୀ ଜ୍ଞାନ ତାଙ୍କୁ ନୂତନ ସାହିତ୍ୟକର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା। 'ଭ୍ରମଭଂଜନ' (୧୮୬୮) ଭଳି ପ୍ରସିଦ୍ଧ ଅନୂଦିତ କାବ୍ୟ (ଥୋମାସ୍ ପାର୍‌ନେଲ୍‌ଙ୍କ ଦା ହାରମିଟ୍ ) ର ରଚନା ସହିତ ଓଡ଼ିଆ ଭାଷାର ଆଦି ନାଟକ ବାବାଜୀ ନାଟକ ରଚନା କରି ସେ ସଂସ୍କାର ବୋଧର ଯେଉଁ ନିଦର୍ଶନ ଦେଇଛନ୍ତି, ତାହା ଉଚ୍ଚ ଶିକ୍ଷାର ଫଳଶ୍ରୁତି।

ଭକ୍ତକବି ମଧୁସୂଦନ ରାଓ ଏଫ.ଏ. ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ଛାତ୍ରାବସ୍ଥାରୁ ଇଂରେଜୀ ସାହିତ୍ୟର ବହୁ ସ୍ରଷ୍ଟାଙ୍କ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଏବଂ ରାଧାନାଥଙ୍କ ସଂସ୍ପର୍ଶରେ ଆସି ନୂତନ ଧାରାର ବାହକ ହୋଇପାରିଥିଲେ। ସେ ଇଂରେଜୀ ସହିତ ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିବାରୁ ତାଙ୍କ ରଚନାବଳୀରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ପରିଲକ୍ଷିତ ହୁଏ। ଜର୍ମାନ କବି ଗେଟେଙ୍କର ଜୀବନାଦର୍ଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଂକ କଂଠରୁ ନିର୍ଗତ ହୋଇଥିଲା - "More light, More air, May German Father Goethe come.' ଉଚ୍ଚଶିକ୍ଷା ପ୍ରଭାବରୁ ହିଁ ପଲ୍ଲୀକବି ନନ୍ଦକିଶୋରଙ୍କ କାବ୍ୟ ଜୀବନ ସମୃଦ୍ଧ ହୋଇଥିଲା। ଡ. ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଛନ୍ତି "ଏ ଶିକ୍ଷା ଏ ସୃଷ୍ଟି ଆଦର୍ଶ ବିନା ଗୋଟିଏ ପଲ୍ଲୀଚିତ୍ର, ଗୋଟିଏ ନିର୍ଝରିଣୀ, ଗୋଟିଏ ନାନାବାୟା ଗୀତ, ଏ ସାହିତ୍ୟରେ କେବେ ସମ୍ଭବପର ହୋଇଥାନ୍ତା ବୋଲି ବିଶ୍ୱାସ କରି ହେଉନାହିଁ।"

ଆଦି ପର୍ଯ୍ୟାୟରେ ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ଏଫ. ଏ. ପଢ଼ିବା କାଳରେ ଇଂରେଜ ସାହିତ୍ୟ ସହିତ ବିଶେଷ ପରିଚୟ ଲାଭ କରିଥିଲେ। ଏଥିସହିତ ବଙ୍ଗଳା ଭାଷା ସାହିତ୍ୟ ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା। ବ୍ୟଙ୍ଗ ବିଦ୍ରୂପ ଜରିଆରେ ସମାଜ ସଂସ୍କାର ମୂଳକ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରସିଦ୍ଧି ଏଇ ଉଚ୍ଚ ଶିକ୍ଷାର ପରିଣାମ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ସାହିତ୍ୟରେ ନବ ଅଭ୍ୟୁଦୟର ଅନ୍ୟତମ ପ୍ରବର୍ତ୍ତକ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ଉଚ୍ଚ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ପାଶ୍ଚାତ୍ୟାଦର୍ଶର ସାହିତ୍ୟ ସହିତ ପରିଚିତ ଥିଲେ। ସେମାନଙ୍କ ସୃଷ୍ଟିରେ ପ୍ରାଚ୍ୟ-ପାଶ୍ଚାତ୍ୟ ସମନ୍ୱୟବାଦୀ ଭାବନାର ପରିପ୍ରକାଶ ମୂଳରେ ନୂତନ ପରିବେଷ୍ଟନୀର ପ୍ରଭାବ ସ୍ପଷ୍ଟଲକ୍ଷ୍ୟ କରାଯାଏ।

ସତ୍ୟବାଦୀର ଗୋପବନ୍ଧୁ, ନୀଳକଣ୍ଠ, ଗୋଦବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ପ୍ରମୁଖ ଉଚ୍ଚ ଶିକ୍ଷିତ ଥିଲେ। ଏଇ ଉଚ୍ଚଶିକ୍ଷା ହିଁ ସେମାନଙ୍କ ସାହିତ୍ୟିକ କୃତିତ୍ୱରେ ନୂତନତାର ପ୍ରାଣସ୍ପନ୍ଦନ କରିଦେବା ସହ ଜାତୀୟତାବାଦ ଚେତନାକୁ ଋଦ୍ଧିମନ୍ତ କରିଥିଲା।ଉଚ୍ଚ ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିବାର ମୁକ୍ତ ସ୍ୱୀକାର ଗୋପବନ୍ଧୁଙ୍କର ଏକ କବିତାରୁ ଲକ୍ଷ୍ୟକରିହେବ। ରେଭେନ୍ସାେ କଲେଜରୁ ବିଦାୟ' ଶୀର୍ଷକ କବିତାରେ ମାତୃକଳ୍ପ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ସେ ନିବେଦନ କରିଛନ୍ତି –

କିନ୍ତୁ ମୋ ମନ ନୟନ କରି ମାତା ଉନ୍ମୀଳନ

ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,

ଆମରଣ ତହିଁ ଯୋଗେ ହେବି କୃତ୍ୟ କୃତ୍ୟ।

ଶିଖାଉଛ ଯେଉଁ ଶିକ୍ଷା ଦେଇଅଛ ଯେଉଁ ଦୀକ୍ଷା

ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,

ଏହି ଶିକ୍ଷା ଅକି ନ କରେ ଶ୍ରୀଚରଣେ। (ଅବକାଶ ଚିନ୍ତା)

ପାଶ୍ଚାତ୍ୟ ଚିନ୍ତାଦର୍ଶ ହିଁ ଓଡ଼ିଆ ସାରସ୍ୱତ ସମ୍ଭାରକୁ ସମୃଦ୍ଧ କରିବା ସହିତ ନବ ଉନ୍ମେଷ ପର୍ବର ସ୍ଥିତିକୁ ସଦୃଢ଼ କରିପାରିଥିଲା। ନବ ଅଭ୍ୟୁଦୟର ଏହି ପ୍ରମୁଖ କାରଣଟି ସମ୍ଭବ ହୋଇପାରିଥିଲା ମାକେଲ୍‌ଙ୍କ ଶିକ୍ଷାନୀତି ପ୍ରଣୟନ ଯୋଗୁଁ। ତତ୍‌ପୂର୍ବରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିଲେ ଜାତି ଯିବ ଧର୍ମହାନି ଘଟିବ ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ପୂରି ରହିଥିଲା। ମାକେଇ ଶିକ୍ଷାନୀତି ଅନୁଯାୟୀ ଇଂରାଜୀ ଶିକ୍ଷାଗ୍ରହଣ ବିନା ସରକାରୀ ଚାକିରି ପାଇବା ଅସମ୍ଭବ ଘୋଷିତ ହେଲା। ଜୀବିକାର୍ଜନ ଉଦ୍ଦେଶ୍ୟରେ କ୍ରମଶଃ ଇଂରାଜୀ ଶିକ୍ଷା ପ୍ରତି ଲୋକମାନଙ୍କ ମଧ୍ୟରେ ଆଗ୍ରହ ପ୍ରକଟିତ ହେଲା ଏବଂ ସେହି ସୂତ୍ରରେ ଓଡ଼ିଶାରେ କ୍ରମଶଃ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ଅନୁଚିନ୍ତା ଅନୁପ୍ରବେଶ କରିବାରେ ସଫଳ ହୋଇପାରିଥିଲା। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବ ର୍ନ ହିଁ ସାହିତ୍ୟର ଗତି ବଳାଇ ଦେଇଥିଲା। ଊନବିଂଶ ଶତକରେ ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ସୂତ୍ରପାତ ହୋଇଥିବା ଏହି ନବ ଅଭ୍ୟୁଦୟ ମୂଳରେ ପାଶ୍ଚାତ୍ୟ ଶିକ୍ଷାର ଅବଦାନ ତେଣୁ ସର୍ବଦୌ ସ୍ମରଣୀୟ ହୋଇ ରହିବ।

### ୫.୪ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ

ଓଡ଼ିଆ ସାହିତ୍ୟରେ ନବଜାଗରଣର ଦ୍ୱାର ଉନ୍ମୁକ୍ତ କରିବାରେ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଅବଦାନ ନଅୁଭୂତ ହୁଏ। ୧୮୨୧ ମସିହାରେ ମିଶନାରୀମାନଙ୍କ ଦ୍ୱାରା କଲିକତାର ଶ୍ରୀରାମପୁରରୁ ପ୍ରଥମେ ଓଡ଼ିଆ ଅକ୍ଷରର ବାଇବେଲ ଛପା ହୋଇ ଓଡ଼ିଶରେ ବ । ଯାଇଥିଲା। ସମ୍ଭବତଃ ବାଇବେଲ ହିଁ ଓଡ଼ିଆରେ ପ୍ରଥମ ଛପା ଅକ୍ଷର ବହି। ତତ୍‌ପୂର୍ବରୁ ଲେଖନୀ ଦ୍ୱାରା ଖୋଦିତ ତାଳପତ୍ର ପୋଥି ହିଁ ଥିଲା ସାହିତ୍ୟ ସଂବହନର ମାଧ୍ୟମ। ଖ୍ରୀଷ୍ଟୀୟାନ୍ ମିଶନାରୀ ମାନଙ୍କ ଉଦ୍ୟମରେ ପ୍ରଥମେ ଛପା ଅକ୍ଷରରେ ପୁସ୍ତକ ପ୍ରକାଶ କରିବାର ଶୁଭାରମ୍ଭ ହେବା ଏ ଦେଶରେ ସାହିତ୍ୟିକ ଓ ସାଂସ୍କୃତିକ ପରିମଣ୍ଡ ପାଇଁ ଥିଲା ଅନ୍ୟ ଏକ ବରଦାନ। ସେମାନେ ଯଦିଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇ ପୁସ୍ତକମାନ ପ୍ରସ୍ତୁତ କରୁଥିଲେ, ତାହାରି ଭିତରେ ହିଁ ଏ ଦେଶର ଜନସାଧାରଣ ମାତୃଭାଷା ଅକ୍ଷରର ନୂତନ ରୂପରେଖ ଦର୍ଶନ କରି ଆମୋଦିତ ହେବାର ସୌଭାଗ୍ୟ ଲାଭ କରିଥିଲେ।

ଭାରତର ଅନ୍ୟ ସବୁ ଅ ଳ ପରି ଓଡ଼ିଶାରେ ମଧ୍ୟ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିଆନ୍ ମିଶନାରୀମାନେ ପ୍ରଥମେ ଆରମ୍ଭ କରିଥିଲେ। ସେମାନେ ସର୍ବପ୍ରଥମେ କଟକରେ ୧୮୩୬ ମସିହାରେ 'ଓଡ଼ିଅଶା ମିଶନ ପ୍ରେସ୍' ପ୍ରତିଷ୍ଠା କରିଥିଲେ। ଏହାହିଁ ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣାଳୟ। କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଆ ଅକ୍ଷରରେ ପୁସ୍ତକମାନ ପ୍ରକାଶ ପାଇଥିଲା ଏଇ ମିଶନାରୀମାନଙ୍କ ଦ୍ୱାରା। ଶ୍ରୀରାମପୁରରେ ପ୍ରତିଷ୍ଠିତ ଛାପାଖାନାରୁ ପ୍ରଥମ ଓଡ଼ିଆ ବହି ନିଉଟେଷ୍ଟାମେ (New Testament) ପ ମ ଭାଗ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା। ଏହା ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଓଡ଼ିଆରେ ଅନୁବାଦିତ ହୋଇଥିଲା। ଓଡ଼ିଆ ସୀସା ଅକ୍ଷରଛା ପ ।ନନ କର୍ମକାର ନାମକ ଜଣେ କାରିଗର ପାଦ୍ରୀମାନଙ୍କ ତ ୍ୱାବଧାନରେ ତିଆରି କରିଥିଲେ। ମିସନପ୍ରେସ୍ ପ୍ରତିଷ୍ଠିତ ହେବା ପରେ ସେଠାରୁ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ବଳିତ ପୁସ୍ତକମାନ ପ୍ରକାଶିତ ହୋଇ ବ ନ ଆରମ୍ଭ ହେଲା। ୧୮୪୯ ମସିହାରେ ଉଇଲିୟମ୍ ସି.ଲେସିଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ପ୍ରକାଶ ପାଇଲା। ୧୮୫୬ ମସିହାରେ ପୁନଶ୍ଚ ସେଇ ପାଦ୍ରୀମାନଙ୍କ

ଉଦ୍ୟମରେ 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକା ଏବଂ ୧୮୬୧ ମସିହାରେ ଊର୍ଣ୍ଣାକୁଲାର ଲିଟେରେଚର ସୋସାଇଟି ତରଫରୁ 'ଅରୁଣୋଦୟ' ନାମରେ ଏକ ମାସିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ଏ ସମସ୍ତ ପତ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲେଖାମାନ ପ୍ରକାଶ ପାଇଥିଲା ଏବଂ ଏଗୁଡ଼ିକରେ ବ୍ୟବହୃତ ଓଡ଼ିଆ ଭାଷା ଅପରିପକ୍ୱ ଥିଲା।

ଓଡ଼ିଆ ନବଜାଗରଣ ପାଇଁ ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକର ଭୂମିକା ପ୍ରଶଂସାର୍ହ। ଉତ୍କଳ ଦୀପିକା (୧୮୬୬), ଉତ୍କଳ ଦର୍ପଣ (୧୮୭୩), ଉତ୍କଳପତ୍ର (୧୮୭୩), ବୋଧଦାୟିନୀ (୧୮୬୮), ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ମଧୁପ (୧୮୭୮), ପ୍ରଜାବନ୍ଧ (୧୮୮୨), ସଂସ୍କାରକ (୧୮୮୩), ଶିକ୍ଷାବନ୍ଧୁ (୧୮୮୬), ସମ୍ବଲପୁର ହିତେଷିଣୀ (୧୮୮୯), ଉତ୍କଳ ପ୍ରଭା (୧୮୯୨), ଉତ୍କଳ ସାହିତ୍ୟ (୧୮୯୭), ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯), ମୁକୁର (୧୯୦୫), ଆଶା (୧୯୧୩) ଓ ସତ୍ୟବାଦୀ (୧୯୧୫) ପ୍ରଭୃତି ପତ୍ରପତ୍ରିକାଗୁଡ଼ିକର କୃତିତ୍ୱ ବିଚାର୍ଯ୍ୟ।

୧୮୬୬ର ନିଦାରୁଣ ନଅଙ୍କ ଦୁର୍ଭିକ୍ଷ ବର୍ଷ ଓଡ଼ିଶାର ଦ୍ୱିତୀୟ ଛାପାଖାନା କଟକ ପ୍ରି ିଂ କମ୍ପାନୀ ପ୍ରେସ୍ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଏବଂ ସେହିଠାରୁ ସର୍ବପ୍ରଥମ ସାପ୍ତାହିକ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହେଲା। ଓଡ଼ିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭିକ ଭାବରେ ପ୍ରକାଶ କରି ଏହାର ସମ୍ପାଦକ ଗୌରୀଶଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନବଯୁଗର ବା ର୍ା ସଂଚାର ପାଇଁ ଅ ।ଭିଡ଼ିଥିଲେ। ସେ ସମୟରେ କେତେକ ବଂଗାଳୀ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ସ୍କୁଲମାନଙ୍କରୁ ଉଠାଇଦେଇ ବଙ୍ଗଭାଷା ଓ ଲିପି ପ୍ରଚଳନ ପାଇଁ ହୀନ ଉଦ୍ୟମ କରିଥିଲେ। ମାତ୍ର 'ଉତ୍କଳ ଦୀପିକା' ମାଧମରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ତତ୍କାଳୀନ ବାଲେଶ୍ୱର ଜିଲ୍ଲା କଲେକ୍ଟର ଜନ ବିମ୍‌ସ ଓ ଓଡ଼ିଶାର କମିଶନର ମି. ରେଭେନ୍ସା ସାହେବଙ୍କ ସହାୟତାରେ ତାର ପ୍ରତିଶୋଧ କରି ଏହି ଆନ୍ଦୋଳନକୁ ପଣ୍ଡ କରିପାରିଥିଲେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଉର୍ବର କ୍ଷେତ୍ର ସ୍ଥାପନ କରିଥିଲେ। ପରବ ର୍ୀ ସମୟରେ ଓଡ଼ିଶାରେ ପ୍ରତିଷ୍ଠିତ ମୁଦ୍ରଣଖାନାଗୁଡ଼ିକର ଏକ ସାରଣୀ ନିମ୍ନରେ ପ୍ରଦ ।

୧୮୬୮ – ଉତ୍କଳ ପ୍ରି ିଂ କୋମ୍ପାନୀ, ବାଲେଶ୍ୱର

୧୮୭୩ – ଦେ ପ୍ରେସ୍, ବାଲେଶ୍ୱର

୧୮୭୩ – ଓଡ଼ିଶା ପେଟ୍ରିଅଟ୍ ପ୍ରେସ୍, କଟକ

୧୮୭୫ – ଶ୍ରୀମସ୍ତରାମୃତ ସିନ୍ଧୁ ପ୍ରେସ୍, ବ୍ରହ୍ମପୁର

୧୮୭୯ – ମୟୂରଭଞ୍ଜ ପ୍ରେସ୍, ବାରିପଦା

୧୮୮୫ – ଭିକ୍ଟୋରିଆ ପ୍ରେସ୍, କଟକ

୧୮୮୫ – ଜଗନ୍ନାଥ ବଲ୍ଲଭ ପ୍ରେସ୍, ବାମଣ୍ଡା

୧୮୮୫ – ଗଜପତି ଭୀମଦେବ ପ୍ରେସ୍, ବଡ଼ଖେମୁଣ୍ଡି

୧୮୯୦ – ପୁରୀ ପ୍ରି ିଂ କର୍ପୋରେସନ, ପୁରୀ

୧୮୯୩ – ଅରୁଣୋଦୟ ପ୍ରେସ୍, କଟକ

୧୮୯୪ – ରାୟ ପ୍ରେସ୍, କଟକ

୧୮୯୬ – ଗଜପତି ପ୍ରେସ୍, ପାରଳାଖେମୁଣ୍ଡି

୧୮୯୭ – ଉତ୍କଳ ସାହିତ୍ୟ ପ୍ରେସ୍, କଟକ

୧୮୯୯ - ବିନୋଦ ପ୍ରେସ୍, ବାଲେଶ୍ୱର

୧୯୦୨ - ବୌଦରାଜ ପ୍ରେସ୍, ବୌଦ

୧୯୧୦ - ମୁକୁର ପ୍ରେସ୍, କଟକ

ପରବ ୀ ସମୟରେ ଆହୁରି ଅନେକ ଛାପାଖାନା ପ୍ରତିଷ୍ଠିତ ହୋଇଥିଲେ ହେଁ ଉପର୍ଯୁକ୍ତ ପ୍ରେସ୍‌ଗୁଡ଼ିକରୁ ଅଧିକାଂଶ ଓଡ଼ିଆ। ନବଜାଗରଣର ବା ାବିହ ଭାବରେ ଅବତୀର୍ଣ୍ଣ ହୋଇଥିଲେ।

ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ପ୍ରି ି କମ୍ପାନୀ'କୁ ଆଧାରକରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା ପ୍ରକାଶ ପାଇଲା। ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସ୍‌ରୁ ୧୮୭୩ରେ ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ଆତ୍ମପ୍ରକାଶ କଲା। ଏହି ପତ୍ରିକା ହିଁ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରମୁଖଙ୍କ ଗଦ୍ୟ ଓ ପଦ୍ୟ ରଚନାକୁ ସ୍ଥାନଦେଇ ନୂତନ ପ୍ରବାହ ସୃଷ୍ଟିକଲା। ରାଧାନାଥଙ୍କ ଦ୍ୱାରା ରଚିତ 'ବିବେକୀ' ପ୍ରବନ୍ଧ ପ୍ରଥମେ ଏହି ପତ୍ରିକାରେ ହିଁ ସ୍ଥାନ ପାଇଥିଲା। ନବ ଚିନ୍ତନର ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ଓଡ଼ିଆ ସାହିତ୍ୟରେ ରେନେସାଁ ସୃଷ୍ଟିର ଐତିହାସିକ ଭୂମିକା ନିଭାଇବାରେ ଉତ୍କଳଦର୍ପଣ ଅବିସ୍ମରଣୀୟ ହୋଇ ରହିବ।

ଉତ୍କଳ ସଭା ଆନୁକୂଲ୍ୟରେ କଟକରୁ ଉତ୍କଳ ମଧୁପ ପତ୍ରିକା ୧୮୭୮ରେ ପ୍ରକାଶ ପାଇଲା। ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟସାହିତ୍ୟ ପରିପନ୍ଥୀ ଉତ୍କଳର ଯେଉଁ ସମ୍ବାହୀ ଯୁବକମାନେ ନୂତନ ସାହିତ୍ୟ ସୃଷ୍ଟିପାଇଁ ଅ ାଭିଡ଼ିଥିଲେ, ସେମାନଙ୍କର ନେତୃତ୍ୱ ନେଇଥିଲେ ରାମଶଙ୍କର ରାୟ। ତାଙ୍କର ସୌଦାମିନୀ (ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସ) ଓ ପ୍ରେମତରୀ ଏଥିରେ ପ୍ରକାଶ ପାଇଥିଲା। ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଆଧୁନିକ-ପ୍ରାଚୀନ ସଂଘର୍ଷ ଏଇ ପତ୍ରିକାକୁ କେନ୍ଦ୍ରକରି ଆରମ୍ଭ ହୋଇଥିଲା।

ବାମଣ୍ଡା ରାଜାଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ୧୯୨୩ ପର୍ଯ୍ୟନ୍ତ ନିରନ୍ତରତା ରକ୍ଷା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲା। ରାଧାନାଥଙ୍କର 'ପାର୍ବତୀ' (୧୮୯୦), ଯଯାତିକେଶରୀ (୧୮୯୪), 'ଦରବାର' କାବ୍ୟର କିଛି ଅଂଶ (୧୮୯୪) ହିତୈଷିଣୀର ପୃଷ୍ଠାମଣ୍ଡନ କରିଥିଲା। ନନ୍ଦକିଶୋରଙ୍କ ପଲ୍ଲୀଚେତନା ସମ୍ବଳିତ ଅନେକ ନୂଆ ନୂଆ ରୁଚିର କବିତା ଯଥା - ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ଖଳା ଇତ୍ୟାଦି ଏଥିରେ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇଥିଲା। ଏହି ପତ୍ରିକାର ଅନ୍ୟତମ ଐତିହାସିକ ଅବଦାନ ହେଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ (୧୮୯୪) ବିରୁଦ୍ଧରେ ଜନମତ ସୃଷ୍ଟିକରିବା ସହିତ ମଧ୍ୟପ୍ରଦେଶ ଶାସନ କ ୃତ୍ୱକୁ ମୁକ୍ତକରି ସମ୍ବଲପୁରକୁ ଓଡ଼ିଶା ସହ ସଂଯୁକ୍ତ କରିବା। ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଟପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୨) ପତ୍ରିକା ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ରଚନାକୁ ଗୁରୁତ୍ୱଦେଇ ରେନେସାଁ ଧାରାକୁ ଶକ୍ତିଶାଳୀ କରିଥିଲା। ଏହି ପତ୍ରିକା ସର୍ବପ୍ରଥମେ ଲେଖକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବାର ପରମ୍ପରା ସୃଷ୍ଟି କରିଥିଲା। ରାଥାନାଥଙ୍କ ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଇତ୍ୟାଦି କାବ୍ୟ, ମଧୁସୂଦନଙ୍କ ଋଷିପ୍ରାଣେ ଦେବାବତରଣ (୧୮୯୧), ଫକୀରମୋହନଙ୍କ 'ନିଦାଘ ନିଶିଥି ସ୍ୱପ୍ନ' ଆଦି ନୂତନ ଭାବଧାରା ନେଇ ଏଇ ପତ୍ରିକାରେ ପ୍ରକାଶ ପାଇଥିଲା।

'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ଅନ୍ୟତମ ସାରଥି। ପ୍ରବୀଣ ଓ ତରୁଣ ଲେଖକମାନଙ୍କୁ ସ୍ଥାନଦେଇ ଏହାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ନୂତନତାର ବାହକ ସାଜିଥିଲେ। ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ପ୍ରକାଶିତ ହୋଇ 'ଉତ୍କଳ ସାହିତ୍ୟ' ନବୀନ ଧାରକୁ ପରିପୁଷ୍ଟ କରିଥିଲା। ବିଶ୍ୱନାଥ କର ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇଥିବାରୁ ଉତ୍କଳ ସାହିତ୍ୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ ରଚନାବଳୀ ସମେତ ଆଧୁନିକ ଗଳ୍ପ, ଉପନ୍ୟାସ, ପୁସ୍ତକ ସମାଲୋଚନା, ପୁରାତନ କବିମାନଙ୍କ ସମ୍ପର୍କରେ ବିଶେଷ ରଚନା ଏତିରେ ସ୍ଥାନ ପାଇଥିଲା। ମଧୁସୂଦନ

ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ମୋହିନୀ ମୋହନ ସେନାପତି, ସତ୍ୟାରାୟଣ ରାଜଗୁରୁ, କାମପାଳ ମିଶ୍ର, ଚନ୍ଦ୍ରମୋହନ ମହାରଣା, ଜଳନ୍ଧର ଦେବଙ୍କ ପରି ଲେଖକମାନଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ କରି ନୂତନ ଚେତନାଧାରାକୁ ସେ ଏଥିରେ ବଳବ ର କରିଥିଲେ। ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' (୧୮୯୮) ଏହି ପତ୍ରିରେ ସ୍ଥାନିତ ହୋଇଥିଲା। ଉନବିଂଶ ଶତାବ୍ଦୀର ଶେଷ ଦଶକରେ ଅନ୍ୟଦୁଇଟି ପତ୍ରିକା ଇନ୍ଦ୍ରଧନୁ (୧୮୯୩) ଓ ବିଜୁଳି (୧୮୯୩) ଯଥାକ୍ରମେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ବିତର୍କମୂଳକ ବାତାବରଣ ସୃଷ୍ଟିକରି ପାଠକୀୟ ଦୃଷ୍ଟିଭଙ୍ଗୀରେ ବିବ ର୍ନ ଆଣିବାକୁ ଉଦ୍ୟମ କରିଥିଲେ।

ବିଂଶ ଶତାବ୍ଦର ଆଦ୍ୟପାଦରେ ମୁକୁର (୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯) ନବଭାରତ (୧୯୩୪), ଆଧୁନିକ (୧୯୩୬) ଇତ୍ୟାଦି ପତ୍ରିକା ଓଡ଼ିଆ ସାହିତ୍ୟର ଧାରା ଓ ଧାରାକୁ ବହୁମାତ୍ରାରେ ପରିବ୍ୟାପ୍ତ କରିଥିବାର ଜଣାଯାଏ। ଗୋପବନ୍ଧୁ, ନୀଳକଣ୍ଠ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ପ୍ରମୁଖଙ୍କୁ ସ୍ଥାନଦେଇ ଏହାର ସମ୍ପାଦକ ବ୍ରଜସୁନ୍ଦର ଦାସ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। 'ମୁକୁର ଉପନ୍ୟାସମାଳା' କ୍ରମରେ ଉପନ୍ୟାସ ସାହିତ୍ୟର ପ୍ରଚାର ଓ ପ୍ରସାର ସେ ଘଟାଇଥିଲେ। ଏଥିସହିତ ସଂସ୍କାରଧର୍ମୀ ପ୍ରବନ୍ଧ ଯଥା ଶ୍ରୀବାସ ପଣ୍ଡାଙ୍କ 'ଯୁବତୀ ବିବାହ', 'ସ୍ତ୍ରୀ ଶିକ୍ଷା' ନୀଳକଣ୍ଠଙ୍କ 'ମୋ ନିଶ', ଗୋପବନ୍ଧୁଙ୍କ 'ବିବାହରେ ଅର୍ଥ ପ୍ରସଙ୍ଗ' ଆଦି ପ୍ରକାଶିତ ହୋଇ 'ମୁକୁର' ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରବ ୀ ସମୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦନାରେ ସହକାର ପତ୍ରିକା ଉପନ୍ୟାସ ପ୍ରକାଶନକୁ ପ୍ରାଧାନ୍ୟ ଦେଇଥିଲା। ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ପତ୍ରିକା ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗତିମୁଖର ହୋଇଥିଲା। ପରମ୍ପରା, ସଂସ୍କୃତି, ଇତିହାସ କିମ୍ବଦନ୍ତୀକୁ ଆଧୁନିକ ଛା ରେ ପ୍ରକାଶ କରି ଜାତୀୟତାବାଦ ବିକାଶରେ ଏହା ବେଶ୍ ସହାୟକ ହୋଇଥିଲା।

ପତ୍ରପତ୍ରିକାଗୁଡ଼ିକ ହିଁ ସାହିତ୍ୟର ଆଦ୍ୟ ବାହକ। ଏ ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ରେନେସାଁ ପାଇଁ ସେ ସମୟରେ ପ୍ରକାଶିତ ପତ୍ରପତ୍ରିକା ସମୂହର ଗୁରୁତ୍ୱ ଉପଲବ୍ଧ ହୋଇଥାଏ।

### ୫.୫ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରତିଷ୍ଠା କରିବାରେ ଉନବିଂଶ ଶତକର ଶେଷପାଦରେ ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଅବଦାନ ସ୍ମରଣଯୋଗ୍ୟ। ତତ୍‌ପୂର୍ବରୁ ସଂସ୍କୃତି ଓ ସାହିତ୍ୟର ଆଲୋଚନା ପାଇଁ ଚଉପାଢ଼ୀ, ଭାଗବତ ଟୁଙ୍ଗୀ, ଅଲେଖଗାଦି ଭଳି ପ୍ରାଚୀନ ଅନୁଷ୍ଠାନ ଅବଶ୍ୟ ରହିଥିଲା। ସେଗଡ଼ିକ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଧର୍ମାନୁଷଙ୍ଗ ସାଧନରେ ସହାୟକ ହେଉଥିଲା। ଅପର ପକ୍ଷରେ ଉନବିଂଶ ଶତକରେ ଶିକ୍ଷିତ ମଧବି  ଗୋଷ୍ଠୀ ଜାତୀୟ ବିକାଶରେ ଆଗଭର ହେବାରୁ ଏ ଦିଗରେ ପରିବ ର୍ନର ଧାରା ପ୍ରବାହିତ ହେଲା। ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଓଡ଼ିଆ ବିଲୋପ ଚକ୍ରାନ୍ତ (୧୮୬୮--୬୯) ଭଳି ଦାରୁଣ ବିପର୍ଯ୍ୟୟ ଶିକ୍ଷିତ ଓଡ଼ିଆଙ୍କୁ ସଂଗଠିତ କରିବା ପାଇଁ ପ୍ରେରଣା ଯୋଗଉଥିଲା। କଟକରେ ପ୍ରତିଷ୍ଠିତ 'ପାରସ୍ପରିକ ଉନ୍ନତି ସଭା' (୧୮୫୯) ହେଉଛି ଓଡ଼ିଶାର ପ୍ରଥମ ଆଧୁନିକ ସାଂସ୍କୃତିକ ଅନୁଷ୍ଠାନ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମନ୍ୱୟରେ ଗଠିତ ଏହି ସଭାରେ କଟକରେ ବସବାସ କରୁଥିବା କତିପୟ ବିଦେଶୀଙ୍କ ସହିତ ଦେଶୀୟ ଶିକ୍ଷିତ ବ୍ୟକ୍ତି ସଦସ୍ୟଥିଲେ। ସାହିତ୍ୟ, ସମାଜ ତଡା ସଂସ୍କୃତି ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ପାଇଁ ଏହାର ଅଧିବେଶନଗୁଡ଼ିକ ଅଭିପ୍ରେତ ଥିଲା। କଟକ ଡିବେଟିଂ କ୍ଲବ (୧୮୬୯) ବିଭିନ୍ନ ସମ୍ପାନ ମାଧ୍ୟମରେ ଦେଶହିତକର ଜ୍ଞାନଗାରିମାକୁ ଜନସାଧାରଣଙ୍କ ନିକଟରେ ପହ ାଇବା ପାଇଁ ଉଦ୍ୟମ କରୁଥିଲା। ଓଡ଼ିଆ ଭାଷାରେ ଇଂରାଜୀ ସାହିତ୍ୟରୁ କେତେକ ରଚନା ଅନୁବାଦ କରି ନୂତନତାର ସ୍ୱାଦ ପ୍ରଦାନରେ 'କଟକ ସୋସାଇଟି' ଭଳି ଅନୁଷ୍ଠାନ ବ୍ୟଗ୍ରତା ପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଉତ୍କଳ ଭାଷା ବିଧାୟିନୀ ସଭା (୧୮୬୬) ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୬) ଇତ୍ୟାଦି ଅନୁଷ୍ଠାନ ଗଢ଼ିଉଠିଥିଲା। ଭାଷା ଚର୍ଚ୍ଚା ସହ ପାଠ୍ୟ ପୁସ୍ତକଗୁଡ଼ିକର ସମୀକ୍ଷାତ୍ମକ ଆଲୋଚନାରେ ଏହାର

ସଦସ୍ୟମାନେ ଅଧିକ ଗୁରୁତ୍ୱାରୋପ କରୁଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବହୁ ମୂଲ୍ୟବାନ ଓ ଗୌରବାବହ ସୃଷ୍ଟି ଆଧୁନିକ ଓଡ଼ିଶାର ପାଠକମାନଙ୍କ ନିକଟରେ ପହ୍‌ ପାରୁନଥିଲା। ତାଳପତ୍ର ପୋଥିରେ ଲିପିବଦ୍ଧ ଅତୀତର ସାହିତ୍ୟ ସହଜଲଭ୍ୟ ନଥିଲା। ଯତ୍ରତତ୍ର ଯାହାସବୁ ସଂରକ୍ଷିତ ହୋଇ ରହିଥିଲା, ସେଗୁଡ଼ିକ ମଧ୍ୟ ସହଜପାଠ୍ୟ ହୋଇପାରୁ ନଥିଲା। 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାର କମ୍ପାନୀ' (୧୮୭୭) ଗଠିତ ହୋଇ ପ୍ରାଚୀନ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାପାଇଁ ଯତ୍ନବାନ ହେଲା। 'ଉତ୍କଳ ପ୍ରିଂ କମ୍ପାନୀ' (୧୮୬୬) ଓ ଦେଶ ହିତୈଷିଣୀ ସଭା (୧୮୭୪), ଉତ୍କଳ ହିତୈଷିଣୀ ସଭା (୧୮୮୫) ଓଡ଼ିଆ ଗ୍ରାଜୁଏଟ ଏଣ୍ଡ ଅଣ୍ଡର ଗ୍ରାଜୁଏଟ ଆସୋସିଏସନ (୧୮୮୯) ଇତ୍ୟାଦି ସାରସ୍ୱତ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ ନୂତନ ଜ୍ଞାନଲୋକ ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ।

ଊନବିଂଶ ଶତକର ଭାରତୀୟ ଭାବରାଜ୍ୟରେ ବିପ୍ଳବାତ୍ମକ ପରିବର୍ନ ଆଣିବାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମସମାଜ (୧୮୨୮)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଏକେଶ୍ୱରବାଦରେ ବିଶ୍ୱାସୀ ବ୍ରାହ୍ମଧର୍ମ ହେତୁବାଦୀ ସମାଜ ଗଠନର ପକ୍ଷପାତୀ ଥିଲା ଏବଂ ବର୍ଷ ବର୍ଷ ଧରି ଚଳି ଆସୁଥିବା ଅମାନବୀୟ ସାମାଜିକ କୁସଂସ୍କାର ଯଥା - ସତୀଦାହ ପ୍ରଥା, ବହୁ ବିବାହ, ବାଲ୍ୟ ବିବାହ ବ୍ୟବସ୍ଥାର ଘୋର ବିରୋଧୀ ଥିଲା। ୧୮୪୯ ମସିହାରେ ବ୍ରାହ୍ମଚେତନା ଓଡ଼ିଶାରେ ବିଧିବଦ୍ଧ ଭାବରେ ପ୍ରବେଶ କଲା। ମୁନସିଫ୍ ମହେଶଚନ୍ଦ୍ର ରାୟ କଟକରେ ବ୍ରାହ୍ମସମାଜ ପ୍ରତିଷ୍ଠା କରି ଏହାର ସୂତ୍ରଧର ସାଜିଲେ। ଜଗନ୍ମୋହନ ଲାଲ୍, ମଧୁସୂଦନ ରାୟ, ପ୍ୟାରୀମୋହନ ମହାପାତ୍ର, ସାଧୁଚରଣ ରାୟ, ବିଶ୍ୱନାଥ କର ପ୍ରମୁଖ ସ୍ରଷ୍ଟା ବ୍ରାହ୍ମଧର୍ମ ଗ୍ରହଣ କରି ନିଜ ନିଜ ରଚନାରେ ସମାଜ ସଂସ୍କାରକ ଦୃଢ଼ବା ା ଦେଇଥିଲେ।

ବିଂଶ ଶତକର ଆଦ୍ୟପାଦରେ ଅଧିକରୁ ଅଧିକ ସାରସ୍ୱତ ଅନୁଷ୍ଠାନ ଗଠିତ ହୋଇ ରେନେସାଁ ଭାବଧାରାକୁ ପରିବ୍ୟାପ୍ତ କରିଥିଲେ। ଉତ୍କଳ ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାଜ (୧୯୦୩), ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ସବୁଜ ସାହିତ୍ୟ ସମିତି (୧୯୩୧), ନବଯୁଗ ସାହିତ୍ୟ ସଂସଦ (୧୯୩୫) ଇତ୍ୟାଦି ସଂଗଠନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଅବିସ୍ମରଣୀୟ ଇତିବୃ ।

ଆଧୁନିକ ଚେତନା ପ୍ରଣୋଦିତ ଓଡ଼ିଆମାନେ ଯେଉଁସବୁ ସଂଘ, ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ବିକାଶ କରି ପଥ ପ୍ରସ୍ତୁତ କରିଥିଲେ, ତାହା ଓଡ଼ିଆରେ ନବଜାଗରଣ ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଦେଶବିଦେଶରେ ଘଟୁଥିବା ନାନା ପରିବର୍ନ ସମ୍ପର୍କରେ ଆଲୋଚନା ପ୍ରତ୍ୟାଲୋଚନା କରି ସ୍ରଷ୍ଟାମାନେ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରିଥିଲେ।

### ୫.୬ ଓଡ଼ିଆ ଭାଷା ଓ ଲିପି ବିଲୋପ ପ୍ରଚେଷ୍ଟାର ପ୍ରତିବାଦ

ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରସଙ୍ଗ ଆଲୋଚନା କଲାବେଳେ ଭାଷା ଓ ଲିପି ଚକ୍ରାନ୍ତକୁ ଏଡ଼େଇ ଦିଆଯାଇନପାରେ। ସେ ସମୟରେ କତିପୟ ଈର୍ଷାକୁ ବଂଗୀୟ ବ୍ୟକ୍ତିଙ୍କର ହୀନ ଉଦ୍ୟମର ଶିକାର ହେବାକୁ ବସିଥିଲା ଓଡ଼ିଆ ଭାଷା ଓ ସାହିତ୍ୟ। ୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ନାମକ ଜଣେ ଐତିହାସିକ କଟକ ସହରର ଏକ ସଭାରେ ଭାଷଣ ଦେଇ କହିଲେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ପୁସ୍ତିକା ଛାପି ଅପପ୍ରଚାର ଚଳାଇଥିଲେ। ସେମାନଙ୍କ ସହିତ ଆଉ କେତେକ ବଙ୍ଗାଳୀ ଏକତ୍ର ଓଡ଼ିଆ ଭାଷା ବିଲୋପ କରି ଏ ଦେଶରେ ବଂଗଳା ପ୍ରଚଳନ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଶେଷ କରି ଓଡ଼ିଶାର ଭର୍ଣ୍ଣାକୁଲାର ସ୍କୁଲ ସମୂହରେ ବଂଗଳା ଭାଷାରେ ପାଠ୍ୟଦାନ ପାଇଁ ନାନା ପ୍ରକାର କୌଶଳ ଜାରି ରଖିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ବଂଗଳା ଭାଷା ପରି ଓଡ଼ିଆ ଭାଷାରେ ଉନ୍ନତ ସାହିତ୍ୟିକ ପରମ୍ପରା ନାହିଁ।

ଏହି ଘଟଣା ଓଡ଼ିଆ ବୁଦ୍ଧିଜୀବୀ, ଶିକ୍ଷିତଗୋଷ୍ଠୀ ଓ ସାହିତ୍ୟିକମାନଙ୍କୁ ଏକାଠି କରାଇ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ରଚନା ପାଇଁ ଉତ୍ସାହିତ କରିଥିଲା। ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ଭାଷା ବିରୋଧୀ ଅଭିଯାନରୁ ପ୍ରତିହତ କରିବା ପାଇଁ

ଅ ।ଭିଡ଼ିଥିଲେ। ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା'ରେ ଲେଖିଥିଲେ' ପୁନଶ୍ଚ ଦେଖ, ଏହି ବଂଗାଳୀ ଭାଷାର ଉନ୍ନତି କରଣ କି ପର୍ଯ୍ୟନ୍ତ ନା ଯତ୍ନ (ଇଂରେଜମାନଙ୍କ ଦ୍ୱାରା) କରାଯାଇଅଛି। ତଥାପି ଉତ୍କଳୀୟ କବିମାନେ ସେ ସକଳେ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି, ତାହା ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ କାବ୍ୟ ମଧ୍ୟ ବଂଗାଳୀ ଭାଷାରେ ପ୍ରକାଶ ହୋଇନାହିଁ। ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ,େ କି କାବ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଂଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକା ହୋଇଅଛି। ମାତ୍ର ଏହି ସମସ୍ତ ଗ୍ରନ୍ଥ ଅନୁବାଦିତ ବା ଅପହୃତ।" (୧୮୬୬)

କେବଳ ସେତିକି ନୁହେଁ ଭାଷା ବିଲୋପ ଦୁରଭିସନ୍ଧି ଚରିତାର୍ଥ ନହେବାରୁ ଉତ୍କଳ ଲିପି ବଦଳରେ ବଂଗଳା ଲିପିରେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ସେ କାଳରେ ସରକାରଙ୍କ ନିକଟରେ ମଧ୍ୟ ଦାବି କରାଯାଉଥଇଲା। ସୌଭାଗ୍ୟର ବିଷୟ, ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ ବିମ୍‌ସ, ଓଡ଼ିଶା କମିଶନର ରେଭେନ୍ସା ସାହେବ, ଉତ୍କଳେ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ପ୍ରମୁଖଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ଓ ଲିପି ସୁରକ୍ଷିତ ରହିପାରିଲା। ବଙ୍ଗଳା ସମେତ ଦକ୍ଷିଣରେ ତେଲୁଗୁ ଓ ପଶ୍ଚିମରେ ହିନ୍ଦୀ ଭାଷାର ଆକ୍ରମଣ ମଧ୍ୟ ଏ ଦେଶର ଭାଷା ସାହିତ୍ୟ ପାଇଁ ବିପଦ ସୃଷ୍ଟି କରିଥିଲା। ମାତ୍ର ଓଡ଼ିଆ ଜାଗରଣ ଏକ ସୁରକ୍ଷା କବଚ ଭାବରେ ଉଭାହୋଇଥିଲା ଏବଂ ଉତ୍କଳ ସାହିତ୍ୟର ନବଦିଗନ୍ତ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

**୫.୭ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ**

ପରମ୍ପରା ପ୍ରସୂତ ବିଶ୍ୱାସ ଓ ଚେତନାକୁ ପରିହାରକରି ନୂତନ ଭାବଧାରାର ବାହକ ସାଜିବା ହେଉଛି ରେନେସାଁ ବା ସାଂସ୍କୃତିକ ନବଜାଗରଣର ମୌଳିକ ବା ।। ନବ ନବ ପ୍ରଜ୍ଞା -ଫସଲରେ ସୁଶୋଭିତ ମାନସ - କାନନ ସ୍ଥିତିବାଦୀ ସମାଜରେ ସବୁକାଳେ ଭିନ୍ନସ୍ରୋତର ଫଲ୍‌ଗୁ ବୁହାଇବାର ସାମର୍ଥ୍ୟ ରଖିଥାଏ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶେଷ କରି ଅନ୍ତିମ ତିନି ଦଶକରେ ଓଡ଼ିଆ ସାହିତ୍ୟର ପରମ୍ପରାସିଦ୍ଧ ଗତିରେ ତୁମୁଳ ପରିବ ର୍ନ ହେଲା। ପୂର୍ବ ଆଲୋଚିତ ପରିବେଶ ଓ ପ୍ରତିକ୍ରିୟା ହିଁ ଏ ଦେଶର ସାଂସ୍କୃତି ପରମଣ୍ଡଳରେ ଯେଉଁ ପରିବ ର୍ନର ସଂକେତେ ସଂଚାର କଲା, ତାହାର ବ୍ୟାପକ ପ୍ରଭାବରେ ସାହିତ୍ୟର କଳେବର ନୂତନତାରେ ଆଚ୍ଛାଦିତ ହେବାର ସୌଭାଗ୍ୟ ଲାଭ କଲା।

ଓଡ଼ିଆ ସାହିତ୍ୟର ଭାଷା, ଭାବ ଓ ଶୈଳୀରେ ବହୁ ପରିବ ର୍ନର ସୂତ୍ରପାତ ଏହି ସନ୍ଧିକ୍ଷଣର ବିଶେଷତ୍ୱ। ପ୍ରାଚୀନ ଓ ଆଧୁନିକ ସଂଘର୍ଷ ମଧ୍ୟରେ ଆଧୁନିକର ବିଜୟ ଯୋଗୁ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ହୋଇ ପାରିଥିଲା। ଭଞ୍ଜ ଓ ରାଧାନାଥୀ କାବ୍ୟଚେତନାକୁ ଅବଲମ୍ବନ କରି ଦୁଇଟି ଶିବିରରେ ବିଭକ୍ତ ହୋଇଥିଲା ସେକାଳର ସୃଜନ ପରିମଣ୍ଡଳ। କେବଳ ସାହିତ୍ୟିକ ଆଦର୍ଶର ଦ୍ୱନ୍ଦ୍ୱ ହିଁ ଭଞ୍ଜ ପକ୍ଷ ସମର୍ଥନକାରୀ 'ଇନ୍ଦ୍ରଧନୁ' ଓ ରାଧାନାଥ ପକ୍ଷଧାରା 'ବିଜୁଳି' ପତ୍ରିକା ପ୍ରକାଶିତ ହୋଇ ନବଜାଗରଣ ବାତାବରଣକୁ ତ୍ୱରାନ୍ୱିତ କରିଥିଲା। ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ନୂତନ ପରୀକ୍ଷା ନିରୀକ୍ଷାର ନାନା କୌଶଳ ଏ ଯୁଗର ସାହିତ୍ୟକୁ ବୈଚିତ୍ର୍ୟ ବିଭୂଷିତ କଲା। ବିଶେଷ କରି ଓଡ଼ିଆ କାବ୍ୟ କବିତାର ନୂତନ କଥାବସ୍ତୁ ସହିତ ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ପ୍ରେମର ସାବଲୀଳ ପ୍ରୟୋଗ, ଜାତୀୟତାବୋଧ, ସଂସ୍କାରଧର୍ମିତା ତତା ମାନବ ବନ୍ଦନା ଇତ୍ୟାଦି ଅଭିନବ ଭାବ ସମ୍ପଦ ବେଶ୍ ଆଦର ଲାଭକଲା। ସେହିପରି କାବ୍ୟ, ଖଣ୍ଡକାବ୍ୟ, ଗାଥା କବିତା (Ballad)ଳ ଚତର୍ଦ୍ଦଶପଦୀ (sonnet), ଶୋକଗୀତି (Elegy), ସମ୍ବୋଧନ ଗୀତିକା (Ode), ବ୍ୟଙ୍ଗ କବିତା (satire) ଇତ୍ୟାଦି ନୂତନ ଆଙ୍ଗିକରେ ଏ ଯୁଗର କାବ୍ୟ ସାହିତ୍ୟ ଶ୍ରୀମଣ୍ଡିତ ହେଲା। କଠିନ ଅଳଙ୍କାର ବିନିର୍ମୁକ୍ତ ସହଜ ପ୍ରକାଶଭଙ୍ଗୀ ସହିତ ସରଳ ଭାଷା ପ୍ରୟୋଗ ଓ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଏ ଯୁଗ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

ସେହିପରି ରେନେସାଁ ପ୍ରଭାବରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସମର୍ଥ ହେଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ମୁଖ୍ୟତଃ ପଦ୍ୟମୟ। କେବଳ ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସାଧାନିଧି, ଓଡ଼ିଶା ରାଜ ବଂଶ ଇତିହାସ ରୂପେ ଖ୍ୟାତ ମାଦଳାପାଂଜି, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପରି କତିପୟ ରଚନାକୁ ବାଦ୍‌ଦେଲେ ଗଦ୍ୟର ଅନ୍ୟ କୌଣସି ସ୍ୱତନ୍ତ୍ର ସୃଷ୍ଟି ନଥିଲା। ଇଂରେଜମାନଙ୍କ ସଂସର୍ଗରେ ଓଡ଼ିଆ ଗଦ୍ୟର

ନୂଆରୂପ ଆତ୍ମପ୍ରକାଶ କଲା। ଅବଶ୍ୟ ରେନେସାଁର ଆଦ୍ୟକାଳରେ ଯେଉଁ ଗଦ୍ୟ ପରିଦୃଷ୍ଟ ହୁଏ, ତାହାର ଭାଷା ଓ ଶୈଳୀ ଅନେକାଂଶରେ ଅସମ୍ପୂର୍ଣ୍ଣ ଓ ବିକୃତ ଥିଲା। ଇଂରାଜୀକୁ ଅଣକୁଶଳୀ ଲେଖକମାନଙ୍କ ଦ୍ୱାରା ଅନୁଦିତ ଏବଂ ବଙ୍ଗଳା ଭାଷାର ପ୍ରତ୍ୟକ୍ଷ ଅନୁସରଣ ଏପରି ବିକୃତିର କାରଣ ହୋଇଥିଲା। ଓଡ଼ିଆ ପତ୍ରପତ୍ରିକା ଆତ୍ମପ୍ରକାଶ କଲାପରେ ଏ ଦିଗରେ ବ୍ୟାପକ ପରିବ ର୍ନ ଦେଖାଦେଲା। ଉକ୍ଳଳ ଦର୍ପଣରେ ପ୍ରକାଶିତ ରାଧାନାଥ ରାୟଙ୍କ ବିବେକୀ (୧୮୭୩) ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧର ମାନ୍ୟତା ପାଇଲା। ବିଶ୍ୱନାଥ କର, ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା, ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଆ ପ୍ରବନ୍ଧକୁ ଆଗକୁ ବଢ଼ାଇବାରେ ସଫଳ ହେଲେ।

ଉମେଶଚନ୍ଦ୍ର ସରକାର, ଫକୀର ମୋହନ ସେନାପତି, ଗୋପାଳ ବଲ୍ଲଭ ଦାସ, ରାମଶଙ୍କର ରାୟ, ଚିନ୍ତାମଣି ମହାନ୍ତିଙ୍କ ଭଳି ଲେଖକମାନେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ମାର୍ଗ ନିର୍ଦ୍ଦେଶ କଲେ। ପଦ୍ମମାଳୀ (୧୮୮୮)ଭଳି ଉପନ୍ୟାସ ରଚନା କରି ଉମେଶଚନ୍ଦ୍ର ସରକାର ପ୍ରଥମ ଔପନ୍ୟାସିକ ଭାବେ ଯେଉଁ ସମ୍ମାନ ଦାବି କରନ୍ତି, ତାହା ମୂଳରେ ନବଜାଗରଣର ପ୍ରଭାବ ହିଁ ପରିଦୃଷ୍ଟ ହଏ। ଫକୀର ମୋହନଙ୍କ ରେବତୀ (୧୮୯୮) ହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। ପରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଏ ଦିଗରେ ଲେଖନୀ ଚାଳନା କରି ଏହି ସ୍ୱତନ୍ତ୍ର ବିଭାଗକୁ ସମୃଦ୍ଧ କରିଥିଲେ।

ସେହିପରି ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, କାମପାଳ ମିଶ୍ର ପ୍ରମୁଖ ଓଡ଼ିଶା ନାଟକର ଉନ୍ମେଷ ଓ ବିକାଶରେ ମନୋନିବେଶ କରି ଆଧୁନିକ ସାହିତ୍ୟକୁ ବିଭବବନ୍ତ କଲେ। ଜଗନ୍ମୋହନଙ୍କ ବାବାଜୀ (୧୮୭୭) ଓଡ଼ିଆର ପ୍ରଥମ ନାଟକ ଏବଂ ଏହା ନବଜାଗରଣର ଫଳଶ୍ରୁତି। ପୁନଶ୍ଚ ଓଡ଼ିଆ ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ସମାଲୋଚନା ଭଳି ଅନ୍ୟାନ୍ୟ ଗଦ୍ୟରୂପର ଆତ୍ମପ୍ରକାଶ ଏକାଳର ମଧ୍ୟ ମହତ ଦାନ।

**୫.୮ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ :**

୧. ଓଡ଼ିଆ ସାହିତ୍ୟରେ ନବଜାଗରଣ ଆନୟନ ପାଇଁ ସନ୍ନିହିତ କାରଣଗୁଡ଼ିକ ଆକଳନ କର।

୨. ଇଂରାଜୀ ଶିକ୍ଷା ପ୍ରସାର ଓଡ଼ିଆ ସାହିତ୍ୟରେ ନବ ଜାଗରଣର ମାର୍ଗ ଉନ୍ମୁକ୍ତ କଲା - ଏହାର ଯଥାର୍ଥତା ପ୍ରତିପାଦନ କର।

୩. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ମୂଳରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ କିଭଳି ଭୂମିକା ନିର୍ବାହ କରିଥିଲା, ଆଲୋଚନା କର।

୪. ନବଜାଗରଣ କାଳର ପ୍ରମୁଖ ସାହିତ୍ୟିକମାନଙ୍କ ସମ୍ପର୍କରେ ଏକ ସଂକ୍ଷିପ୍ତ ସମୀକ୍ଷା କର।

୫. ରେନେସାଁ କାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ବିବ ର୍ନ ଦର୍ଶାଅ।

୬. ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

**ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକାବଳୀ :-**

୧. ଆଧୁନିକ ଓଡ଼ିଆ କାବ୍ୟଧାରା - ଡ. ନରେନ୍ଦ୍ରନାଥ ମିଶ୍ର

୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ -୧୯୨୦) - ଡ. ନଟବର ସାମନ୍ତରାୟ

୩. ଆଧୁନିକ ଓଡ଼ିଆ ସାହିତ୍ୟର ଭି ିଭୂମି - ଡ. ନଟବର ସାମନ୍ତରାୟ

୪. ଆଧୁନିକ ଓଡ଼ିଆ ସାହିତ୍ୟ - ଡ. ଜାନକୀ ବଲ୍ଲଭ ମହାନ୍ତି

୫. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡ. କ୍ଷେତ୍ରବାସୀ ନାୟକ

## ବ୍ଲକ୍ -୨ : ମଧ୍ୟଯୁଗୀୟ କାବ୍ୟର ଆଙ୍ଗିକ ବୈଚିତ୍ର୍ୟ

ଷଷ୍ଠ ଏକକ - ବିଷୟ ବିନ୍ୟାସ

ସପ୍ତମ ଏକକ- ଭାଷା ବୈଚିତ୍ର୍ୟ

ଅଷ୍ଟମ ଏକକ- ବର୍ଣ୍ଣନା ବୈଚିତ୍ର୍ୟ

ନବମ ଏକକ – ଆଳଙ୍କାରିକତା

ଦଶମ ଏକକ– ଛନ୍ଦ ବୈଚିତ୍ର୍ୟ

## **ଷଷ୍ଠ** ଏକକ - ବିଷୟ ବିନ୍ୟାସ

### **୬.୦. ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଏହି ୟୁନିଟ୍ ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି –

* ଓଡ଼ିଆ ନବ ଜାଗରଣକାଳର ସ୍ରଷ୍ଟା ଭୀମଭୋଇଙ୍କ ବିଷୟରେ ସ୍ଥୁଳ ପରିଚିତି ଲାଭ କରିବା।
* ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ଓ ଗୁରୁ ଅଲେଖ ଗୋସେଇଁଙ୍କ ସହିତ ତାଙ୍କର ସାନ୍ନିଧ ପ୍ରସଙ୍ଗରେ ସବିଶେଷ ତଥ୍ୟ ଉପଲବ୍ଧ ହେବ।
* ଅଲେଖ ବା ମହମା ଧର୍ମ ଦର୍ଶନ ଓ ଭୀମ ଭୋଇଙ୍କ କାବ୍ୟାଦର୍ଶ ସମ୍ପର୍କରେ ଅବଧାରଣା କରିହେବ।
* ଭୀମ ଭୋଇଙ୍କ ଜନ୍ମ ଓ ଜୀବନୀର ସଂକ୍ଷିପ୍ତ ପରିଚୟ ମିଳିବ।
* ଭୀମ ଭୋଇଙ୍କ ବ୍ୟାପକ କାବ୍ୟକୃତି ଓ ଅନ୍ୟାନ୍ୟ ରଚନା ସମ୍ପର୍କରେ ସୂଚନା ମିଳେ।
* ଭୀମ ଭୋଇଙ୍କ  ସୃଷ୍ଟି ସମୂହର ବୈଶିଷ୍ଟ୍ୟ ସମ୍ପର୍କରେ ପାଠକ ଅବଗତ ହେବେ।
* ଆଲୋଚ୍ୟ ୟୁନିଟ୍ର ସମ୍ଭାବ୍ୟ ପ୍ରଶ୍ନାବଳୀ ଓ ଅଧିକ ଜାଣିବାପାଇଁ ସହାୟକ ପୁସ୍ତକ ସମ୍ପର୍କରେ ସାଧାରଣ ଧାରଣା ଜନ୍ମିବ।

### **୬.୧ ସନ୍ଥକବି ଭୀମ ଭୋଇ**

ଓଡ଼ିଆ ସାହିତ୍ୟରେ ନୂତନ ଅଭ୍ୟୁଦୟର ଅୟମାରମ୍ଭ କାଳରେ ସନ୍ଥକପି ଭୀମଭୋଇଙ୍କ ଆବିର୍ଭାବ ଏକ ମହତ୍ୱପୂର୍ଣ୍ଣ ଘଟଣା। ଏକଥା ଅବଶ୍ୟ ସ୍ୱୀକାରଯୋଗ୍ୟ ଯେ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ମୂଳରେ ଯେଉଁ ସବୁ ପ୍ରମୁଖ କାରଣ ପୂର୍ବରୁ ଆଲୋଚିତ ହୋଇଛି, ସେଥିରେ ଭୀମ ଭୋଇଙ୍କ ପ୍ରତ୍ୟକ୍ଷ ସମ୍ପର୍କ ନଥିଲା। ସେ କୌଣସି ଆନୁଷ୍ଠାନିକ ଶିକ୍ଷାଳୟରେ ଅଧ୍ୟୟନ କରିଥିବାର ପ୍ରମାଣ ନାହିଁ। ମୁଦ୍ରଣଯନ୍ତ୍ର ଓ ପତ୍ରପତ୍ରିକା ପ୍ରକାଶନ ସହିତ ତାଙ୍କର ସମ୍ପର୍କ ନଥିଲା। ଏପରିକି ସେ କୌଣସି ସାହିତ୍ୟ ସଂଗଠନ ବା ଗୋଷ୍ଠୀରେ ନିଜକୁ ସାମିଲ ମଧ୍ୟ କରି ନଥିଲେ। ଅଥଚ ଆଧୁନିକ ଯୁଗର ଅନ୍ୟତମ ବା ର୍ତ୍ତାବହ ଭାବରେ ତାଙ୍କର କବିତ୍ୱ ବିଚାର ସାପେକ୍ଷ।

ମହିମା ଧର୍ମର ପରମ ଉପାସକ ସନ୍ଥ ଭୀମ ହୋଇ ଆଦିବାସୀ କନ୍ଧ ସମ୍ପ୍ରଦାୟର ଦାୟାଦ। ଗୁରୁ ଅଲେଖ ଗୋସେଇଁଙ୍କ କୃପା ଲାଭ କରି ସେ ଅପୂର୍ବ କବିତ୍ୱର ଅଧିକାରୀ ହୋଇପାରିଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା କବି ରାଧାନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର ତଥା ନନ୍ଦକିଶୋର ବଳଙ୍କ ପରି ଭୀମ ଭୋଇ ମଧ୍ୟ ଜଣେ ପ୍ରତିସ୍ପର୍ଦ୍ଧୀ ପ୍ରତିଭା ଭାବରେ ପରିଚର୍ଚ୍ଚିତ। ତତ୍କାଳୀନ ସମୟ ଓ ସମାଜର ବାସ୍ତବ ଆଲେଖ୍ୟ ଉନ୍ମୋଚନରେ ତାଙ୍କର ଅଭୂତପୂର୍ବ କବିଶକ୍ତି ସତତ ବିନିଯୋଗ ହୋଇଥିବାର ଅନୁମେୟ। କୁସଂସ୍କାରପୂର୍ଣ୍ଣ ରୂଢ଼ିବାଦୀ ବ୍ୟବସ୍ଥାରେ ପ୍ରଚଳିତ କଠୋର ଜାତିବାଦ ପରିହାର ପୂର୍ବକ ମାନବବାଦୀ ଚେତନାର ବିକାଶ ପାଇଁ ସେ ବଦ୍ଧ ପରିକର ଥିଲେ। ତାଙ୍କର ବିବୁଳାୟତନ ରଚନାବଳୀ ଭିତରେ ଏକ ଧାର୍ମିକ ତଥା ସାଂସ୍କୃତିକ ରେନେସାଁ ଚିତ୍ର ଉଦ୍‌ଭାସିତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଭୀମଭୋଇ ମହିମା ଧର୍ମର କେବଳ ନୀରବ ଉପାସକ ନଥିଲେ, ସେ ଏହି ଧର୍ମର ପ୍ରଚାର, ପ୍ରସାର ଓ ପ୍ରତିଷ୍ଠା ପାଇଁ ସାଜିଥିଲେ ଜଣେ ସରବ ସାଧକ। ତାଙ୍କ କବିତ୍ୱରେ ତେଣୁ ସଚରାଚର ଦେଖିବାକୁ ମିଳେ ସନ୍ଥତ୍ୱର ସହାବସ୍ଥାନ। ଦୁଃଖ, ଦୈନ୍ୟ, ଯାତନା ଜର୍ଜରିତ ଜୀବନରୁ ମୁକ୍ତି ଆକାଙ୍‌କ୍ଷା ତାଙ୍କ ଧର୍ମପଣ୍ଡିତ କବିତାର ମର୍ମବାଣୀ। ଜଣେ ସନ୍ଥକବିଙ୍କର ଏ ଆକାଂକ୍ଷା କୌଣସି ବ୍ୟକ୍ତି ବା ଗୋଷ୍ଠୀ ପାଇଁ ଅଭିପ୍ରେତ ନୁହେଁ, ଅଧିକନ୍ତୁ ସମଗ୍ର ବିଶ୍ୱର ପ୍ରାଣୀଜଗତ ପାଇଁ ତାହା ଉଦ୍ଦିଷ୍ଟ।

### ୬.୧.୧. ଭୀଭ ଭୋଇଙ୍କ ଜନ୍ମ ଓ ଜୀବନୀ

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହିଁ ଭୀମ ଭୋଇଙ୍କ ଜନ୍ମ - ଜୀବନୀ, ସାଧନା ସିଦ୍ଧିର କାଳ। ତାଙ୍କ ସମ୍ପର୍କରେ ଆଲୋଚକ - ଗବେଷକମାନେ ଅନେକ ଆଲୋଚନା କରିଛନ୍ତି, ମାତ୍ର ଜନ୍ମ ଓ ଜୀବନଦାରକୁ ନେଇ ଏକାଧିକ ମତାମତ ପ୍ରକାଶିତ ହୋଇଛି। ଭୀମଭୋଇ ଆଧୁନିକ ଯୁଗର ସ୍ରଷ୍ଟା ହେଲେ ମଧ୍ୟ ତାଙ୍କ ସମ୍ପର୍କରେ ସନ୍ନିହିତ ମତବିବିଧତା ପାଇଁ ମୁଖ୍ୟତଃ ତିନୋଟି କାରଣକୁ ଦାୟୀ କରାଯାଇପାରେ। ପ୍ରଥମତଃ ମହିମା ଧର୍ମର ପରମ୍ପରା ଅନୁଯାୟୀ ଭୀମଭୋଇ ନିଜର ଜନ୍ମ-ଜାତକ-ଜାତି ସମ୍ପର୍କରେ ଅନେକ ତଥ୍ୟ ଗୋପନ ରଖିବାକୁ ଉଚିତ ମନେ କରିଛନ୍ତି। ଆତ୍ମ ପ୍ରଚାର ଅପେକ୍ଷା ଗୁରୁ ମହିମା ପ୍ରସାର ଏକମାତ୍ର ଧ୍ୟେୟ ହୋଇଥିବାରୁ ସେ ଏପରି ପଥ ଗ୍ରହଣ କରିବାରେ କାର୍ପଣ୍ୟ କରିନାହାନ୍ତି। ଦ୍ୱିତୀୟତଃ ଭୀମ ଭୋଇଙ୍କ ବିରାଟତା ପ୍ରତିପାଦନରେ ତାଙ୍କର ଅନୁଗତମାନେ ବହୁ କପୋଳକଳ୍ପିତ କାହାଣୀମାନ ସଂଯୋଜନା କରି ଜନସାଧାରଣରେ ପ୍ରଚାର କରିଥିବାରୁ ଅନେକ ମୌଳିକ ତଥ୍ୟ କାଳକ୍ରମେ ବଦଳିଯାଇଥିବାର ଅନୁମାନ କରାଯାଇପାରେ। ତୃତୀୟତଃ ବଣଜଙ୍ଗଲ ପରିବେଶ ଭିତରେ ଭୀମ ନିଜ ସାଧନା ଜାରି ରଖିଥିବାରୁ ସମସାମୟିକ ଶିକ୍ଷିତ ଅଭିଜାତ ବର୍ଗ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଅବହିତ ନ ଥିଲେ। ହୁଏତ ସେଥିପାଇଁ ତାଙ୍କର ରଚନା ସମୂହ ତତ୍କାଳୀନ ପତ୍ରପତ୍ରିକା ପୃଷ୍ଠା ମଣ୍ଡନ କରିନଥିଲା କି ତାଙ୍କ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଦେବାରେ ଆଗ୍ରହ ପ୍ରକାଶ କରି ନଥିଲା। ତେବେ ସେ ଯାହାବି ହେଉ ଭୀମ ଭୋଇ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧାର କରାଯାଇ ପୁସ୍ତକାକାରରେ ପ୍ରକାଶ ପାଇବା ପରେ ହିଁ ବିଜ୍ଞ ଆଲୋଚକମାନଙ୍କର ଦୃଷ୍ଟି ସ୍ୱତଃ ଆକର୍ଷିତ ହୋଇଥିବାର ଜଣାଯାଏ।

ବଂଗୀୟ ସମାଲୋଚକ ବିଜୟଚନ୍ଦ୍ର ମଜୁମ୍ଦାରଙ୍କ ମତର ଭୀମ ଭୋଇ ୧୮୫୫ ଖ୍ରୀଷ୍ଟାବ୍ଦରେ ରେଢ଼ାଖୋଲର ଏକ ଗରୀବ କନ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟ ଏକ ମତ ଅନୁଯାୟୀ ବଲାଙ୍ଗୀର ଜିଲାର ଜଟାସିଂହା ଗ୍ରାମ (ସମ୍ପ୍ରତି ସୋନପୁର ଜିଲା ବୀର ମହାରାଜପୁର ଥାନା ଅନ୍ତର୍ଗତ) ନିକଟସ୍ଥ ଜଙ୍ଗଲରୁ ଦନାର ଓ ଗୁରୁବାରୀ ନାମକ କନ୍ଧ ଦମ୍ପ ି ଯେଉଁ ଶିଶୁକୁ ପାଇ ଲାଳନ ପାଳନ କରିଥିଲେ, ପରବ ୀ ସମୟରେ ସେ ହିଁ ଭୀମ ଭୋଇ ଭାବରେ ପ୍ରଖ୍ୟାତ ହେଲେ। ଦନାରଙ୍କ ଆକସ୍ମିକ ମୃତ୍ୟୁ ପରେ ଗୁରୁବାରୀ ଦେବର ଧନେଶ୍ୱରଙ୍କୁ ପୁନର୍ବାର ବିବାହ କରି 'କନ୍ଧରା' ନାମକ ଗ୍ରାମରେ ବସବାସ କଲେ। ପରେ ଗୁରୁବାରୀ ଓ ଧନେଶ୍ୱରଙ୍କ ଅନ୍ୟ ଦୁଇପୁତ୍ର ଜନ୍ମ ହେବାରୁ ସାବତ ପୁତ୍ର ଭାବରେ ଭୀମ ଭୋଇଙ୍କୁ ଅନେକ କଷଣ ଭିତରେ କାଳାତିପାତ କରିବାକୁ ପଡ଼ିଥିଲା। ମାତ୍ର ସାତ ବର୍ଷ ବୟସରେ ସେ ଗୃହ ତ୍ୟାଗ କରି ପରଘରେ କାମ କରି ପେଟ ପୋଷୁଥିବାର କୁହାଯାଏ। ବିଶ୍ୱାସ ଅଛି, ବାରବର୍ଷ ବୟସେ ଭୀମ ଗାଈ ଚରାଉଥିବା ସମୟରେ ହଠାତ୍ ଦିନେ କୂପ ଭିତରେ ପଡ଼ିଗଲେ। ସେତେବେଳେ ମହିମା ଧର୍ମର ପ୍ରବ କ ଅଲେଖ ଗୋସେଁ ସେି ବାଟଦେଇ ଯାଉଥିଲେ। ଭୀମ ଭୋଇଙ୍କୁ ସେ କୂପ ଭିତରୁ ଉଦ୍ଧାର କରି ଦିବ୍ୟଜ୍ଞାନ ପ୍ରଦାନ ପୂର୍ବକ ମହିମା ଧର୍ମରେ ଦୀକ୍ଷିତ କରାଇଥିଲେ।

କନ୍ଧ ଜାତିର ଅନ୍ଧ କବି ଭାବରେ ଚର୍ଚ୍ଚିତ ହେଉଥିବା ଭୀମଭୋଇଙ୍କ ଅନ୍ଧତ୍ୱକୁ ନେଇ ସେଭଳି ବହୁ ବିତର୍କ ପରିଲକ୍ଷିତ ହୁଏ। ବିଜୟଚନ୍ଦ୍ର ମଜୁମଦାର, ନଗେନ୍ଦ୍ରନାଥ ବସୁ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆ ବଲ୍ଲଭ ମହାନ୍ତି, ଚି ରଂଜନ ଦାସ ପ୍ରମୁଖ ଐତିହାସିକ ଓ ଆଲୋଚକମାନେ ଭୀମଙ୍କୁ ଜନ୍ମାନ୍ଧ ବା ଜନ୍ମର କିଛି ବର୍ଷ ପରେ ଅନ୍ଧ ବୋଲି ସ୍ୱୀକାର କରିଥିବା ବେଳେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବୈଷ୍ଣବ ଚରଣ ସାମଲ, ଦାଶରଥି ଦାସ ପ୍ରମୁଖ ଏ ମନ୍ତବ୍ୟର ବିରୋଧୀ।

ସ୍ତୁତି ଚିନ୍ତାମଣିର ଏକବିଂଶ ବୋଲିରେ ଭୀମ ଭୋଇ ନିଜେ ସ୍ୱୀକାର କରିଛନ୍ତି ଯେ କନ୍ଥା-କଉପିନ ଚଢ଼ାଇ ନିତାନ୍ତ ଅପ୍ରଛନ୍ନ ଦେଖାଯାଇଥିବା ଜଣେ ଯୋଗୀଙ୍କୁ ଚାରିବର୍ଷ ବୟସରେ ସେ ନିଜ ଆଖିରେ ଦେଖିଥିଲେ। ପୁନଶ୍ଚ ସେଇ ଏକ ବିଂଶ ବୋଲିରେ ଅଛି -

"ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା
ବାର ବରଷରୁ ବସ୍ତାଙ୍କ ସଙ୍ଗତେ ବନେ ବୁଲି ଦିନଗଲା।"

ଏଥିରୁ ଜଣାଯାଏ ବାରବର୍ଷ ବୟସରୁ ସେ ବଣରେ ଗୋଚାରଣ କରି ପେଟ ପୋଷୁଥିଲେ। ଜଣେ ଅନ୍ଧ ପକ୍ଷରେ ବଣରେ ବୁଲି ଗୋରୁ ଚାରଣ କରିବା ଅସମ୍ଭବ ମନେହୁଏ।

ଭୀମ ଭୋଇ ନିରକ୍ଷର ଥିଲେ ବୋଲି ଜଣେ ସ୍ୱୀକାର କରିଛନ୍ତି। ସ୍ତୁତି ଚିନ୍ତାମଣିରେ ସେ କହିଛନ୍ତି, "ମୋ ଠାରୁ ଅଧିକ ପାପୀ ଜନ ମୂର୍ଖ ନ ଥିଲେ ତିନି ବ୍ରହ୍ମାଣ୍ଡେ।" ତାଙ୍କ କବିତାର ଆହୁରି ଅନେକ ଅଂଶରେ ସେ ମଧ୍ୟ ନିଜକୁ ମୂର୍ଖ ଓ ଅପଣ୍ଡିତ ବୋଲି ସ୍ୱୀକାର କରିଛନ୍ତି। ମହିମା ସ୍ୱାମୀଙ୍କ କରୁଣା ପ୍ରାପ୍ତ ହୋଇ ସେ ଯାହା ସବୁ ପଦ ଆବୃି କରୁଥିଲେ, ତାଙ୍କର ଦୁଇଜଣ ଶିଷ୍ୟ ହରିପଣ୍ଡା ଓ ବାସୁଦେବ ପଣ୍ଡା ତାହା ତାଳପତ୍ର ପୋଥିରେ ଲିପିବଦ୍ଧ କରୁଥିଲେ। ବାସ୍ତବ ଦିଗରୁ ବିଚାର କଲେ ଭୀମ ଯେ ଅତ୍ୟନ୍ତ ଗଜ ମୂର୍ଖ ଓ ନିରକ୍ଷର ଥିଲେ ତାହା କୁହାଯାଇ ନପାରେ। ସେ ପ୍ରାଚୀନ ଓଡ଼ିଆ କବି-ପରମ୍ପରାର ଦାୟାଦ ଭାବରେ ଭାକ୍ତିକ ଦୟିନୀ ସୂତ୍ରରେ ନିଜକୁ ଅପଣ୍ଡିତ ଓ ଅନକ୍ଷର ବୋଲି କହିଥାଇ ପାରନ୍ତି, ମାତ୍ର ପୁରାଣ ଇତ୍ୟାଦି ଶ୍ରବଣ କରି ସେ ଶାସ୍ତ୍ରଜ୍ଞାନ ଆହରଣ କରିଥିଲେ। ପୁଣି ଭୀମ ନିଜେ ଲେଖିଛନ୍ତି -

ତିନି ତୌଲୋକ ବାରତା

ତାଳପତ୍ରେ ଲେଖୁଅଛି ବୁଝିବ ବାରତା (ଚତୁତିଶା ମଧୁଚକ୍ର)

ପୁଣି

ଆହୁରି ରହିଲା ବର୍ଣ୍ଣ ନ ସରିଲା ସଂସାର ବିଷୟ କଥା

ଲେଖନୀ ପତର ଧରି ନିରନ୍ତର କେତେ ମୁଁ କରିବି ପୋଥା। (ସ୍ତୁତି ଚିନ୍ତାମଣି)

ଉପର୍ଯ୍ୟୁକ୍ତ ପଦମାନଙ୍କୁ ଯଦି ବିଚାରକୁ ନିଆଯାଏ, ତେବେ ଭୀମ ଯେ ପୂରାପୂରି ଅନ୍ଧ ଓ ଅଜ୍ଞାନ ଥିଲେ, ବିଶ୍ୱାସ କରିବା କଷ୍ଟ। ଏକଥା ସତ ଯେ ମହିମା ଗୋସେଇଁଙ୍କ ସାନ୍ନିଧ୍ୟ ଲାଭ ହିଁ ଭୀମ ଭୋଇଙ୍କ ଜୀବନର ସବୁଠାରୁ ମହାର୍ଘ ଓ ପ୍ରତିଷ୍ଠିତ ଘଟଣା। ଅଲେଖ ସ୍ୱାମୀଙ୍କ କୃପାବଳୟରେ ରହି ସାଧାରଣ ଗୋପାଳକ ଭୀମ ଯେପରି ସନ୍ଥ କବି ଭାବରେ ଅସାଧାରଣ ପ୍ରତିଭାର ନିଦର୍ଶନ ଛାଡ଼ିଯାଇଛନ୍ତି, ସେହିପରି ତାଙ୍କର ଏହି ଐଶୀଦ  କାବ୍ୟ - କର୍ଷଣ ଦ୍ୱାରା ଅଜ୍ଞଜ୍ଞାତ ମହିମା ଧର୍ମ ବହୁଳ ଭାବରେ ପ୍ରସାର ଲାଭ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରିଥିଲା।

### ୬.୧.୨ ମହିମା ଗୋସେଇଁ, ମହିମା ଧର୍ମ ଓ ଭୀମ ଭୋଇ

ପୂର୍ବରୁ କୁହାଯାଇଛି ଯେ ମହିମା ଗୋସେଇଙ୍କ ସାନ୍ନିଧ୍ୟ ବିନା କବି ଭୀମ ଭୋଇ ଅକଳ୍ପନୀୟ। ମହିମାଟ ଗୋସେଇଟ ମହିମା ଧର୍ମର ପ୍ରତିଷ୍ଠାତା। ଭକ୍ତମାନେ ତାଙ୍କୁ ଅବତାର ଓ ଅଯୋନିସମ୍ଭୂତ ବୋଲି ପରିକଳ୍ପନା କରିଥାନ୍ତି। ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହିମା ସ୍ୱାମୀ ଢ଼େଙ୍କାନାଳର କପିଳାସଠାରେ ଦୁଗ୍ଧ ଓ ଫଳ ମୂଳାଦି ଆହରଣ କରି ବାରବର୍ଷ ତପସ୍ୟାରତ ରହିବା ପରେ ଜ୍ଞାନପ୍ରାପ୍ତ ହୋଇଥିଲେ। ପରେ ପରେ ସେ ଉତ୍କଳର ବିଭିନ୍ନ ଅ ଳ ପରିଭ୍ରମଣ କରି ନିଜ ଧର୍ମର ବା । ପ୍ରଚାର କରିଥିଲେ। ସେ ନିଜକୁ ବୁଦ୍ଧ ସ୍ୱାମୀ ଓ ପ୍ରବୁଦ୍ଧ ସ୍ୱାମୀ ବୋଲି କହୁଥିଲେ। ସେଥିପାଇଁ କେହି କେହି ମହିମା ଧର୍ମକୁ ବୌଦ୍ଧ ଧର୍ମର ଏକ ଅଂଶ ବୋଲି କହିଥାନ୍ତି। ମହିମା ଧର୍ମ ହିନ୍ଦୁ ଧର୍ମରୁ ସମ୍ଭୂତ ଏକ ସଂସ୍କାର ସର୍ବସ୍ୱ ବିଚାରଧାରା। ଏଥିରେ ଜାତିପ୍ରଥା ଜନିତ ଭେଦଭାବକୁ ସ୍ୱୀକାର କରାଯାଉଥିଲା। ବ୍ରାହ୍ମଣ, ପୁରୋହିତ, ପ୍ରତିମା ପୂଜା, କର୍ମକାଣ୍ଡ ଓ ଯାଗଯଜ୍ଞର ପ୍ରାଦୁର୍ଭାବ ମଧ୍ୟ ନ ଥିଲା। କେବଳ ଶୂନ୍ୟ ପୁରୁଷର ସାଧନା ଦ୍ୱାରା ମୋକ୍ଷ ସମ୍ଭବ। ସେହି ଶୂନ୍ୟବ୍ରହ୍ମ ହେଉଛନ୍ତି ନିଜେ ମହିମା ଗୋସେଇଁ। ତାଙ୍କର ଚରିତ ବର୍ଣ୍ଣନା କରିବା ବା ଲେଖିବା ସହଜ କଥା ନୁହେଁ, ତେଣୁ ମହିମା ଗୋସେଇଁଙ୍କର ଅନ୍ୟନାମ ହେଉଛି ଅଲେଖ ଗୋସେଇଁ।

ଏହି ମହିମା ସ୍ୱାମୀଙ୍କ ସଂସ୍ପର୍ଶରେ ଭୀମ ଭୋଇ କେବେ କିପରି ଆସିଲେ, ତାହାର କୌଣସି ସୈଦ୍ଧାନ୍ତିକ ତଥ୍ୟ ଉପଲବ୍ଧ ହୁଏ ନାହିଁ। ତେବେ ବହୁ ଆଲୋଚକ ଅନୁମାନ କରନ୍ତି ଯେ ପ୍ରାୟ ଷୋହଳ ବର୍ଷ ବୟସରେ ଭୀମ ଭୋଇ

ରେଢ଼ାଖୋଲ ଅ ଳରେ ସର୍ବପ୍ରଥମେ ମହିମା ସ୍ୱାମୀଙ୍କ ଦର୍ଶନ ପ୍ରାପ୍ତ ହୋଇ ଦୀକ୍ଷା ଗ୍ରହଣ କରିଥିଲେ। ପରେ ସେ ମହିମା ସ୍ୱାମୀଙ୍କ ମୂଳ ଗାଦି ଯୋରନ୍ଦା ଆସି କିଛି କାଳ ଅବସ୍ଥାନ କରିଥିଲେ ଏବଂ ୧୮୭୬ ମସିହାରେ ଗୁରୁ ସାମଧିପ୍ରାପ୍ତ ହେବା ପରେ ସେ ନିଜେ ରେଢ଼ାଖୋଲକୁ ପ୍ରତ୍ୟାବ ର୍ନ କରି ମହିମା ଧର୍ମ ବ୍ୟାପକ ଭାବରେ ପ୍ରଚାର କଲେ। ଶୁଣାଯାଏ, ଏତଦ୍ୱାରା ରେଢ଼ାଖୋଲ ରାଜାଙ୍କ ରୋଷର ଶିକାର ହୋଇ ସେ ସୋନପୁର ଗଡ଼ଜାତକୁ ପଳାଇଯାଇ ଖଲିଆପାଲିରେ ନିଜ ନୂତନ ଗାଦି ସ୍ଥାପନ କରିଥିଲେ। ସେହି ଖାଲିଆପାଲିରେ ହିଁ ଭୀମଭୋଇ ଜୀବନର ଶେଷ ସମୟ ଅର୍ଥାତ୍ ୧୮୯୫ ପର୍ଯ୍ୟନ୍ତ ରହି ମହିମା ଧର୍ମର ପ୍ରଚାର କରିବା ସହିତ ରାଶି ରାଶି କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମହିମାଙ୍କ ମୂଳ ଗାଦି ଢ଼େଙ୍କାନାଳର ଯୋରନ୍ଦା ଯେପରି ସୁପ୍ରସିଦ୍ଧ ସୋନପୁରର ଖଳିଆପାଲିଠାରେ ପ୍ରତିଷ୍ଠିତ ଭୀମଭୋଇଙ୍କ ମନ୍ଦିର ଓ ଆଶ୍ରମ ସେହିପରି ସୁବିଖ୍ୟାତ। ଏମେ ମଧ୍ୟ ଅଲେଖପନ୍ଥୀମାନେ ଏ ଉଭୟ କ୍ଷେତ୍ରରେ ଗାରିମା ପ୍ରଖାପନରେ ଶତମୁଖ ହୋଇଥାନ୍ତି।

ଏଠାରେ ଅନ୍ୟ ଏକ ପ୍ରସଙ୍ଗ ଉଲ୍ଲେଖ କରିବା ସମୀଚୀନ ମନେହୁଏ, ଯେଉଁ ସମୟରେ ଓଡ଼ିଶାରେ ବଙ୍ଗଳାରୁ ଆହୂତ ବ୍ରାହ୍ମଧର୍ମ କାୟା ବିସ୍ତାର କରୁଥିଲା, ସେହି ସମୟରେ ସମାନ୍ତରାଳ ଭାବରେ ମହିମାଧର୍ମ ମଧ୍ୟ ଓଡ଼ିଶାର ଜନମାନସକୁ ପ୍ରଭାବିତ କରୁଥିଲା। ଉଭୟ ଧର୍ମରେ ସଂସ୍କାର ଓ ମାନବଧର୍ମର ନିରାଜନା କରାଯାଉଥିଲା। ତେବେ ପ୍ରଥମଟି ଏକ ଶିକ୍ଷ ଓ ସମ୍ଭ୍ରାନ୍ତ ଦର୍ଶନ ଭାବରେ ମଧ୍ୟବି  ବର୍ଗକୁ ଆକୃଷ୍ଟ କରିଥିବାବେଳେ ଦ୍ୱିତୀୟଟି ଥିଲା ଦଳିତ ବର୍ଗର ଆକର୍ଷଣ ଜାତି ନାଁରେ, ବୃ ନିଆଁରେ, ଗୋତ୍ର ନାଆଁରେ ବିଭେଦତାକୁ ଅସ୍ୱୀକାର କରୁଥିବା ମହିମା ଧର୍ମ ହଜାର ହଜାର ନିମ୍ନବର୍ଗର ନରନାରୀଙ୍କ ପାଇଁ ମୁକ୍ତିର ସ୍ୱାଦ ଦେବାରେ ସମର୍ଥ ହୋଇପାରିଥିଲା। ଏହି ପ୍ରସାର ମୂଳରେ ଗଣ ଭାଷାରେ ଗଣଭାବକୁ କେନ୍ଦ୍ରୀଭୂତ କରିପାରିଥିବା ସନ୍ଥକବି ଭୀମ ଭୋଇଙ୍କ ରଚନା ସମୂହର ଭୂମିକା ଏଡ଼ାଇ ଦିଆଯାଇ ନ ପାରେ।

**୬.୧.୩. ଭୀମ ଭୋଇଙ୍କ ରଚନାବଳୀ**

ଗୁରୁକୃପାରୁ ଜ୍ଞାନପ୍ରାପ୍ତି ଓ କବିତ୍ୱପ୍ରାପ୍ତି ହାସଲ କରିଥିବା ଭୀମ ଭୋଇ ଓଡ଼ିଆ ସନ୍ଥ ପରମ୍ପରାର ଏକ ମନ୍ମୟ ସଂଯୋଜନ। କବି ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ପ୍ରମୁଖଙ୍କ ପରି ସେ ସ୍ୱୀୟ ଧର୍ମ ଦର୍ଶନର ବ୍ୟାଖ୍ୟା ବର୍ଣ୍ଣନା ପାଇଁ ଯେଉଁ କବିତାମାନ ରଚନା କରିଛନ୍ତି, ତାହା ପ୍ରତିଟି ମଣିଷ ହୃଦୟକୁ ଆପ୍ଲୁତ କରିଥାଏ। ତାଙ୍କ ଲେଖନୀ ନିସୃତ –

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ

ଦେଖୁ ଦେଖୁ କେବା ସହୁ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ

ଜଗତ ଉଦ୍ଧାର ହେଉ।'

(ସ୍ତୁତି ଚିନ୍ତାମଣିର ସପ୍ତବିଂଶ ବୋଲି) ବାଣୀର ବିଶ୍ୱ ମାନବିକତା ହିଁ ତାଙ୍କ ସମଗ୍ର ସୃଷ୍ଟି ସମୂହର ମର୍ମବାଣୀ।

ଭୀମଭୋଇ ଅନେକ ବୋଲି, ଛାନ୍ଦ, ଉଚପଦୀ, ଚଉତିଶା, ତାଲଖାଇ, ରସରକେଳି, ବହଳି, ଭଜନ, ଜଣାଣ ଇତ୍ୟାଦି ରଚନା କରିଛନ୍ତି। ସ୍ୱଳ୍ପ ଜୀବନକାଳ ଭିତରେ ବିପୁଳ କବି – କୃତି ଏକ ବିସ୍ମୟ ବ୍ୟତୀତ ଅନ୍ୟ କିଛି ନୁହେଁ। ସୋନପୁରର ରାଜା ବୀର ମିତ୍ରୋଦୟ ସିଂହଦେଓ, ଆ ର୍ବଲ୍ଲଭ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଭୀମଭୋଇଙ୍କ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧୃତ ହୋଇ ପ୍ରକାଶ ପାଇବାପରେ ସାଧାରଣ ପାଠକମାନେ କବିକୃତିର ପରିଚୟ ପାଇବାରୁ ସକ୍ଷମ ହୋଇପାରିଛନ୍ତି।

**ତାଙ୍କର ସୃଷ୍ଟି ସମ୍ଭାର –**

ସ୍ତୁତି ଚିନ୍ତାମଣି    ଭୀମଭୋଇ ମାଳିକା

ନିର୍ବେଦ ସାଧନ    କଳିଯୁଗ ଗୀତା

ଚଉତିଶା ମଧୁଚକ୍ର  ଭଜନମାଳା

ଶ୍ରୁତିନିଷେଧ ଗୀତା  ମହିମା ଗୋପନ

ଆଦିଅନ୍ତ ଗୀତା    ଶୂନ୍ୟ ରାହାସ

ଅଷ୍ଟକବିବହାରୀ ଗୀତା    କଳି ଭାଗବତ

ବ୍ରହ୍ମନିରୂପଣ ଗୀତା ପଦ୍ମ କଳ୍ପ

ମହିମା ବିନୋଦ   କଳ୍ପ ସଂହିତା

ଅନାଦି ସଂହିତା ଇତ୍ୟାଦି ।

**ସ୍ତୁତିଚିନ୍ତାମଣି –** ଭୀମ ଭୋଇଙ୍କର ସର୍ବଶ୍ରେଷ୍ଠ ରଚନା ହେଉଛି ସ୍ତୁତି ଚିନ୍ତାମଣି । ଏଥିରେ ଏକ ଶତ ବୋଲି ସ୍ଥାନିତ ହୋଇଛି ଏବଂ ପ୍ରତି ବୋଲିରେ ପ୍ରାୟ କୋଡ଼ିଏ ଲେଖାଏଁ ପଦ ସଂଯୋଜିତ ହୋଇଛି । ମହିମା ଧର୍ମର ମହିମା ବର୍ଣ୍ଣନା ସହିତ ସାଂସାରିକ ଜୀବନର ଆକୁତି ଅତି ମାର୍ମିକ ଭାବରେ ଏହାର କଳେବର ମଣ୍ଡନ କରିଥିବାର ଅନୁଭୂତି ମହିମା ଭକ୍ତମାନଙ୍କର ରୀତିନୀତି, ଉଦ୍ଦେଶ୍ୟ, ଗୁରୁ ମାହାତ୍ମ୍ୟ, ଭକ୍ତିର ପ୍ରକାରଭେଦ ଶୂନ୍ୟତ ୍ୱର ଚିତ୍ର ସାଙ୍ଗରେ ପ୍ରାଣୀମାନଙ୍କର ଦୁଃଖ-ଦୁର୍ଦ୍ଦଶା ଓ ତାହାର ନିବାରଣର ପନ୍ଥାମାନ ଦର୍ଶାଇବାରେ ଭୀମଭୋଇ ସିଦ୍ଧହସ୍ତ । ଜଣେ ଗୃହୀ ସନ୍ନ୍ୟାସୀ ହୋଇଥିବାରୁ ସେ ସାଂସାରିକ ଅନୁଭବର ଚମତ୍କାର ବ୍ୟାଖ୍ୟା କରି ଜନ ସାଧାରଣଙ୍କୁ ନୈତିକ ଓ ଧର୍ମାନୁମୋଦିତ ଜୀବନଶୈଳୀ ଆପଣାର କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ସ୍ତୁତି ଚିନ୍ତାମଣିରେ କବି ନିଜ ଜୀବନ ଇତିହାସର ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ଦୁଃଖ ଦାରିଦ୍ର୍ୟ ଭିତରେ ତାଙ୍କର ବାଲ୍ୟ ଓ କୈଶୋର କିପରି ସତତ ହା ହାକାର କରିଥିଲା, ତାହାର କରୁଣ ଚିତ୍ର ନିମ୍ନୋକ୍ତ ପଙ୍କ୍ତିରୁ ଜାଣିହୁଏ ।

"କ୍ଷୁଧା ତୃଷା କଲେ ଭାଳଇ ବିକଳେ

    ଦଗ୍‌ଧି ହୁଅଇ କାଏ,

ଅତି ଦୁଃଖେ ମୁହିଁ ଦିନ ବ ୁଅଛି

    କସ୍ତୁରି ଜୀବନ ପ୍ରାଏ ।

ଲୁହ ନାହି ରକ୍ତ ବହୁଥାଇ ମୋର

    ଶ୍ରୀହସ୍ତେ ଦିଅଇ ପୋଛି,

କେହି ନଜାଣନ୍ତି, ଶ୍ରୀଗୁରୁ ଜାଣନ୍ତି

    ଯେତେ କଷ୍ଟପାଇଅଛି ।"

ତଥାକଥିତ ସମାଜର ବଡ଼ପଣ୍ଡାମାନେ ତାଙ୍କୁ ଓ ତାଙ୍କର କବିତାକୁ ଯେତେବେଳେ ଅନାଦର କରିଛନ୍ତି, ସେତେବେଳେ କବି ଗୁରୁ ସାମ୍ନାରେ ଅଭିଯୋଗ ବାଢ଼ିଛନ୍ତି –

ଜଗତ ଭିତରେ ସଂସାର ହିତରେ

    ବଖାଣିଲି କବି କୃତ

ଯେତେ ବୁଝାଇଲି ନ ବୁଝିଲେ କେହି

କୋପ କରିଲେ ଅପ୍ରମିତ ।

ମହିମା ଧର୍ମର ନର୍ଗୁଣ ଉପାସନା ଓ ଶୂନ୍ୟ ସାଧନା ସମ୍ପର୍କରେ ସ୍ତୁତି ଚିନ୍ତାମଣିରେ ବ୍ୟାପକ ଚିତ୍ର ପ୍ରଦ  ହୋଇଛି । ଏଥିରେ ଅଛି ଯେତେବେଳେ ପୃଥିବୀ ନଥିଲା, ନଥିଲା ଜଳପବନ, ରୂପରେଖ ନ ଥିଲା । ସେତେବେଳେ କେବଳ ଥିଲା ଅଜନ୍ମ ଅଜପ ନାମ କରୁଥିଶ ମହାଶୂନ୍ୟ । ଏହି ଶୂନ୍ୟ ଆରାଧନା ହିଁ ଜୀବନର ମୌଳିକ ଲକ୍ଷ୍ୟ ହେବା ଉଚିତ । କୌଣସି ପ୍ରତିମା ବା ମୂ  ପୂଜାର ପ୍ରୟୋଜନ ନାହିଁ । କାରଣ ମୂ  ହେଉଛି ନିର୍ଜୀବ ଓ ଜଡ଼ । ଜଡ଼ ସହିତ ଜୀବନକୁ ଜୀବାତ୍ମାକୁ ଯୋଡ଼ିବା ସମ୍ଭବ ନୁହେଁ । ତେଣୁ କବି ଗାଇଛନ୍ତି – "ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେତେ ଅଜ୍ଞାନ / ଶୂନ୍ୟରୁ ଯେହୁ ପିଣ୍ଡପ୍ରାଣ ଦେଲା ନାହିଁ ତାକୁ ଅନୁମାନ ।" ଏଥି ସହିତ ସତ୍ୟବାଦିତା, ଶୁଚିନିଷ୍ଠତା, ମାନବିକତାର ଜୟଗାନ କରିବାର ଉକ୍ତ ଗ୍ରନ୍ଥଟିର ସାର୍ବଜନୀନ ଆବେଦନ ସବୁକାଳ ପାଇଁ ମହାର୍ଘ ହୋଇ ରହିବ । ପୁନଶ୍ଚ ନାରୀ ଜାତିର ମାନ, ର୪ା କରିବାକୁ କବି ଏଥିରେ ଅତି ସାବଲୀଳ ଭାବରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ନିର୍ବେଦ ସାଧନ – ନବାକ୍ଷରୀ ବୃ ରେ ରଚିତ ଏହି କାବ୍ୟରେ ଭୀମଭୋଇ ନାମ ମାହାତ୍ମ୍ୟର ଗୌରବ ବର୍ଣ୍ଣନା କରିଛନ୍ତି । ପ ସଖା କବିମାନଙ୍କ ପରି ସେ ଶୂନ୍ୟବ୍ରହ୍ମର ଶରଣ ଯିବା ପାଇଁ ଲୋକମାନଙ୍କୁ ନିବେଦନ କରିଛନ୍ତି । ଜଗତର ସକଳ ପାପତାପରୁ ମୁକ୍ତି ପାଇବାର ଏକମାତ୍ର ପଥ ହେଉଛି ଶୁନ୍ୟପୁରୁଷଙ୍କ ନାମ ସ୍ମରଣ । ସେ ଶୂନ୍ୟ ପୁରୁଷ ଆଉ କେହି ନୁହଁନ୍ତି । ସେ ହେଉଛନ୍ତି ଅଲେଖ ନିରଞ୍ଜନ । ପ୍ରକାରାନ୍ତରେ ମହିମା ଗୋସେଇଁ ।

ଦୈନନ୍ଦିନ ଜୀବନରେ କଥିତ ଭାଷାକୁ ଅବଲମ୍ବନ କରି କଥକ ଭାବରେ ମହିମା ଧର୍ମର ବିଶେଷତ୍ୱ ବର୍ଣ୍ଣନା ସହିତ ଗୁରୁ ବନ୍ଦନାରେ ଏ କାବ୍ୟଟି ଶତମୁଖ ହୋଇଥିବାର ଲକ୍ଷ୍ୟ କରାଯାଏ । ମହିମା ଧର୍ମର ବହୁ ନିଗୂଢ଼ ଦର୍ଶନକୁ ଅତି ସହଜ ଭାବରେ ପ୍ରକାଶ କରିବାରେ ଏହାର ବୈଶିଷ୍ଟ ଉପଲବ୍ଧ ହୋଇଥାଏ । ନାମର ମହାନତା ଦର୍ଶାଇବାକୁ ଯାଇ ଏଥିରେ କବି ଲେଖିଛନ୍ତି –

ନାମଟି ଚାରି ଯୁଗେ ସତ୍ୟ । ନାମ ନଥାଇ କେଉଁ କୃତ୍ୟ ।।

ଜଗତ ଜନ କଲେ ନିନ୍ଦା । ଭୁଲି ନୋହିବୁ ଚି  ଧନ୍ଦା ।।

ନାମକୁ ଧରିଥିଲେ ରଟି । ସଂଶୟ ପକାଇବୁ କାଟି ।।

ନାମଟି ଅମୂଲ୍ୟ ରତନ । ସରି ନୁହଇ ତ୍ରିଭୁବନ ।।

ଶ୍ରୁତି ନିଷେଧ ଗୀତା – ଅହଂବିନିର୍ମୁକ୍ତ ଉଦାରପ୍ରାଣ କବି ଭୀମଭୋଇଙ୍କର ଶ୍ରୁତି ନିଷେଧ ଗୀତା ଅନ୍ୟତମ ପ୍ରସିଦ୍ଧ ରଚନା । ଏଥିରେ ମଧ୍ୟ ମହିମା ଧର୍ମର ପ୍ରଖ୍ୟାପନର ବା  ଉଜ୍ଜ୍ୱଳ ଅକ୍ଷରରେ ଉଦ୍‌ଭାସିତ । ଏହାର ନାମକରଣ ଯେତିକି କୌତୂହଳୋଦ୍ଦୀପକ, ଭାବାର୍ଥ ସେତିକି ମନନଶୀଳ । ଗୁରୁମନ୍ତ୍ର ଅତି ଉନ୍ମୁକ୍ତ ଭାବରେ ଯତ୍ରତତ୍ର ଆଲୋଚନା ସବାଦୌ ଶାସ୍ତ୍ର ବିରୋଧୀ । ଏହାକୁ ଶ୍ରବଣ କରିବା ପାଇଁ କାୟମନୋବାକ୍ୟରେ ଏକାନ୍ତ ଏକାଗ୍ରତା ଲୋଡ଼ା । ବାହ୍ୟ ଆଡ଼ମ୍ବର ଓ ଆଚାରର କୋଳାହଳ ପରିହାର ପୂର୍ବକ ଆତ୍ମମଗ୍ନ ରହିପାରିଲେ ଯାଇ ଅନ୍ତରରେ ଅନାଦିର ନାଦ ଗୁଞ୍ଜରିତ ହୋଇପାରିବ ।

ଗହନ ତ ୍ୱ ସମ୍ବଳିତ ଏ ଆଧ୍ୟାତ୍ମିକ ଉଦାର ବାଣୀ କେହି ଶ୍ରବଣ କର ନାହିଁ କହି କବି ସମସ୍ତଙ୍କର ମନ ଓ ଚି  କୁ ପ୍ରକୃତରେ ସେଇ ଆଡ଼କୁ ଟାଣି ନେବାରେ ସଚେଷ୍ଟ । ନିଷେଧ ଗୀତାରେ ପ୍ରବେଶ ଆଗ୍ରହ ରହିବ ହିଁ ରହିବ । ସେଇ ଚରମ ଆଗ୍ରହ ହିଁ ପରମ ପୁରୁଷଙ୍କ ନିକଟକୁ ଆକର୍ଷିତ କରିପାରିବ । ଅଲେଖ ଧର୍ମର ପୌ  ଳିକତା ବିରୋଧୀ ଦର୍ଶନ ଏଥିରେ ଅତି ଚମତ୍କାର ଢ଼ଙ୍ଗରେ ପ୍ରକାଶିତ ।

**ଆଦିଅନ୍ତ ଗୀତା –** ଶୂନ୍ୟ ବ୍ରହ୍ମଙ୍କୁ ପ୍ରାପ୍ତ ହେବାର ସାଧନା ପଥ ଏଥିରେ ବର୍ଣ୍ଣନା କରାଯାଇଛି। ଜୀବମାନଙ୍କ ପ୍ରତି କରୁଣା ଓ ଦୟା ପୋଷଣ କରୁଥିବା ମଣିଷଠାରେ ଶୂନ୍ୟବ୍ରହ୍ମ ସ୍ୱୟଂ ବଶୀଭୂତ ହୋଇଥାନ୍ତି। ସକଳ ପ୍ରାଣୀଙ୍କ ପ୍ରତି ଯେ ସମଚି ପୋଷଣ କରେ, ତାହା ପ୍ରତି ବିଶ୍ୱନିୟନ୍ତା ସ୍ୱତଃ ପ୍ରସନ୍ନ ହୁଅନ୍ତି। ପୃଥିବୀ ପରି ସହିଷ୍ଣୁ ଓ ଧୈର୍ଯ୍ୟବନ୍ତ ହୋଇପାରିଲେ ଅଲେଖ ପୁରୁଷ ଲୀଳା କରିବା ପାଇଁ ଅବତରି ଆସିବେ। –

ସକଳ ଜୀବେ ଗୋ ଦୟା ଥାଇ

ତାହାଠାରେ ଶୂନ୍ୟବ୍ରହ୍ମ ଗୋ ବଶ ହୋଇ

ସର୍ବଭୂତେ କରେ ଯେହୁ ଗୋ ସମଚି

ତାକୁ ପ୍ରସନ୍ନ ହୁଅନ୍ତି ଗୋ ଅବଧୂତ। ( ୨୨ଶ ଅଧ୍ୟାୟ)

**ଅଷ୍ଟକ ବିହାରୀ ଗୀତା –** ଏହା ସେଇ ଭାଗବତ ଛନ୍ଦରେ ରଚିତ ତାଙ୍କର ଅନ୍ୟତମ ଗୀତା। କବି ଯେହେତୁ ଜଣେ ଉଦାର ବାନବବାଦୀ ସନ୍ଥ, ସେଥିପାଇଁ ସେ ମହିମା ପୁରୁଷଙ୍କ ସାନ୍ନିଧ ସକଳ ପ୍ରାଣୀଙ୍କ ନିକଟରେ ପହ ।ଇବା ପାଇଁ ତତ୍ପର। ଧର୍ମ ପ୍ରତି ଘରେ ଘରେ ସ୍ଥାପିତ ହୋଇ ପାରିଲେ ଯାଇ ପୃଥିବୀକୁ ସକଳ ଦୂରିତ ଅପସରି ଯିବ। ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ଦୈନ୍ୟ ବିନିର୍ମୁକ୍ତ ଏକ ମଙ୍ଗଳମୟ ଧରିତ୍ରୀର ସ୍ୱପ୍ନ ସାକାର କରିବାପାଇଁ କବି ଭଙ୍ଗିତ ଦେଇଛନ୍ତି –

ଧର୍ମପଥକୁ କର ଆଶା। ନାହିଁବା ଅନ୍ୟଯି ଭରସା।।

ଧର୍ମେ ଯେ ଆତ ଯାତ ହେବ। ସେ ପ୍ରାଣୀ ସଂସାରେ ରହିବ।।

ଧରିବ ଯେବେ ଦୃଢ଼କରି। କଳିଯୁଗକୁ ହେବ ପାରି।।

**ବ୍ରହ୍ମ ନିରୂପଣ ଗୀତା –** ବ୍ରହ୍ମମୟ ବ୍ରହ୍ମାଣ୍ଡର ନିର୍ଗୁଣତ୍ୱ ଦର୍ଶାଇବାରେ ଉକ୍ତ ଗୀତାଟି ପରିକଳ୍ପିତ। ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟ ଦର୍ଶନର ପିଣ୍ଡବ୍ରହ୍ମାଣ୍ଡ ତ ୍ୱଟିର ମହିମା ପ୍ରଖ୍ୟାପନ ହିଁ ଗ୍ରନ୍ଥଟିର ନିର୍ଯ୍ୟା। ମହିମାପନ୍ଥୀମାନେ ଉକ୍ତ ଗ୍ରନ୍ଥକୁ ଅତି ଉଚ୍ଚ ଆସନରେ ରଖି ସ୍ୱାଧ୍ୟାୟ କରିଥାନ୍ତି। ଉଚ୍ଚନୀଚ, ଜାତିଅଜାତି, ପାପପୁଣ୍ୟ, ଛୁଆଁଅଛୁଆ, ବ୍ରାହ୍ମଣ-ଚଣ୍ଡାଳ କୌଣସି ବିଭେଦ ନ ରଖି ଯିଏ ମୁକ୍ତିପ୍ରଦାନ କରନ୍ତି, ସେ ହେଉଛନ୍ତି ସଚରାଚରର ଚରମ ପ୍ରିୟତମ ବ୍ରହ୍ମ। ତାଙ୍କର ପାବନ ଅଧିଷ୍ଠାନ ସ୍ଥଳ ହେଉଛି ମଣିଷର ପାର୍ଥିବ ପିଣ୍ଡ। ସାଧନା ଅଭାବରୁ ସେ କସ୍ତୁରି ମୃଗ ସମ ଦିବ୍ୟ ସାନ୍ନିଧ ପାଇଁ ଏଣେତେଣେ ଭ୍ରମଣ କରିଥାଏ। ସ୍ୱାଧ୍ୟାୟ, ସତସଙ୍ଗ ଓ ସଦାଚାର ପୂର୍ବକ କଠୋର ପିଣ୍ଡ ସାଧନ କରିପାରିଲେ ଯାଇ ବ୍ରହ୍ମାଣ୍ଡ ଅନୁଭୂତ ହୋଇପାରିବ ବୋଲି ଏଥିରେ ବର୍ଣ୍ଣିତ।

**ଚଉତିଶା ଓ ଭଜନମାଳା –** କବି ଭୀମଭୋଇ ଅସଂଖ୍ୟ ଭଜନ ଓ ଚଉତିଶାର ସ୍ରଷ୍ଟା। ନିଜର ଭାକ୍ତିକ ଚେତନାକୁ ଅତି ଭାବଗର୍ଭକ ଭାବରେ ବ୍ୟକ୍ତ କରିବାରେ ସେ ଭଜନ, ଜଣାଣ ସହିତ ଚଉତିଶା ରଚନା କରି ଓଡ଼ିଆ ଭକ୍ତିସାହିତ୍ୟକୁ ବିପୁଳ ମାତ୍ରାରେ ସମୃଦ୍ଧ କରିଛନ୍ତି। ସେ ପାରମ୍ପରିକ ଚଉତିଶା ଶୈଳୀକୁ ଗ୍ରହଣ କରିବା ସହିତ 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ଓଲଟ ଅକ୍ଷର କ୍ରମରେ ଓଲଟ ଚଉତିଶା ରଚନା କରି ନିଜ ଶୈଳୀଚାତୁର୍ଯ୍ୟର ପରିଚୟ ଦେଇଛନ୍ତି। 'ଚଉତିଶା ମଧୁଚକ୍ର'ରେ ପ୍ରକାଶିତ ଗୀତିକାଗୁଡ଼ିକରେ ସେହି ମହିମାଙ୍କ ମହତ୍ୱ ସହିତ ବ୍ୟକ୍ତିଗତ ଓ ସାମୂହିକ ଦୁଃଖ ଦୁର୍ଦ୍ଦଶାରୁ ଚିରମୁକ୍ତି ପାଇଁ ନିରନ୍ତର ଅକୂତି ଲକ୍ଷ୍ୟ କରାଯାଏ।

ଭୀମ ଭୋଇଙ୍କ ଭଜନମାଳା ଓଡ଼ିଆ ଭଜନ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ପ୍ରତିଭୂତ। ଭୀମଭୋଇଙ୍କୁ ଜଣେ ଗଣମୁଖୀ କବିର ମାନ୍ୟତା ଦେବାରେ ଏଗୁଡ଼ିକର ଅବଦାନ ସ୍ୱୀକାର ଯୋଗ୍ୟ। କେବଳ ମହିମାପନ୍ଥୀମାନେ ନୁହଁନ୍ତି, ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ସାଧାରଣ ଜନତା ତାଙ୍କ ଭଜନର ମାର୍ମିକ ଆବେଦନରେ ଉଚ୍ଚାଟିତ ହୋଇଥାନ୍ତି। ପ୍ରକାଶିତ ପ୍ରାୟ ତିନି ଶତରୁ ଉର୍ଦ୍ଧ୍ୱ ଚଉତିଶା ଓ ଭଜନ ସାଙ୍ଗୀତିକତା, ମାନବିକ ଅଭୀପ୍ସା, ଆଧ୍ୟାମିକ ଉ ।ଳତାର ମହିମାନ୍ୱିତ।

## ୬.୧.୪. ଭୀମଭୋଇଙ୍କ କବିତାର ବିଶେଷତ୍ୱ

ଭୀମଭୋଇ ସନ୍ଥକବି ଭାବରେ ସମ୍ମାନିତ। ତାଙ୍କର କାବ୍ୟଧାରାରେ ତେଣୁ ରହସ୍ୟବାଦର ପ୍ରାଚୁର୍ଯ୍ୟ ସ୍ୱତଃ ପରିଦୃଷ୍ଟହୁଏ। ତେବେ ଜଣେ ନାନ୍ଦନିକ କବି ଭାବରେ ମଧ୍ୟ ତାଙ୍କର କୃତିତ୍ୱ ଅବଧାରିତ। ଆଧୁନିକ ସମୟର କବି ରାଧାନାଥ, ମଧୁସୂଦନ, ଫକୀରମୋହନ ବା ଗଙ୍ଗାଧର ପ୍ରମୁଖଙ୍କ ନୂତନ ଶୈଳୀକୁ ସେ ଆପଣାର କରି ନାହାନ୍ତି କି ପ୍ରାଚୀନ ବା ମଧ୍ୟଯୁଗୀୟ କବିମାନଙ୍କ ଧାରାରେ ସେ ନିଜକୁ ହଜେଇ ଦେଇନାହାନ୍ତି। ଲୋକଧର୍ମ ମହିମା ସଂସ୍କୃତିର ଜୟ ଜୟକାର ପାଇଁ ଉଦ୍ଦିଷ୍ଟ ତାଙ୍କ କବିତ୍ୱରେ ଭରି ରହିଛି ବହୁ ବିବିଧ ଅନୁଷଙ୍ଗର ବର୍ଣ୍ଣାଳି। ନୈତିକତା ଓ ଆଧାତ୍ମିକତା ସହିତ କବିତ୍ୱର ଅଭୂତପୂର୍ବ ସଂଯୋଜନ ହେଉଛି ଭୀମଭୋଇ ସାହିତ୍ୟର ମଞ୍ଜ। ଏହି ମହାନ୍ କବିଙ୍କର ମୁଗ୍ଧ ଉପାସକ ଭାବରେ ବିଜୟଚନ୍ଦ୍ର ମଜୁମଦାର ସେତେବେଳେ ଲେଖିଥିଲେ –

I am personally a great admirer of the saint Bhima Bhoi, and consider his life and writings to be highly interesting and educative. xxx In my humble opinion, he is a genius, and for his moral courage and clearness of thought, he is a unique personality in Orissa. (Typical Selections from Oriya Literature Vol - II)

ତାଙ୍କ କବିତାର କେତେକ ଉଲ୍ଲେଖନୀୟ ବିଭୂତି ସମ୍ପର୍କରେ ଆଲୋକପାତ କରାଯାଇପାରେ।

ଭକ୍ତିପ୍ରାଣତା ଓ ଧାର୍ମିକତା – ଅଲେଖ ସ୍ୱାମୀଙ୍କର ପରମ ଶିଷ୍ୟ ଓ ମହିମା ଧର୍ମର ଚରମ ଉପାସକ ଭୀଭ ଭୋଇଙ୍କ କବିତା ସମଗ୍ରରେ ସରଳ ଓ ଅନାଡ଼ମ୍ବର ଭକ୍ତି ଉଲ୍ଲାସ ଏବଂ ଧର୍ମୀୟ ଅନୁଶାସନର ବିଜୟ ବୀଣା ଅନୁରଣିତ। ଆରାଧ୍ୟ ଗୁରୁ ଅଲେଖଙ୍କ ଠାରୁ ଆଶିଷ ପାଇ ଭୀମ ଷୋହଳ ବର୍ଷ ବୟସରେ ଧର୍ମ, ଦର୍ଶନ କବିତ୍ୱରେ ଉଲ୍ଲେଖନୀୟ ପରାକାଷ୍ଠା ଲାଭ କରିଛନ୍ତି।

ଯେତେବେଳେ ଗୁରୁ କହି ଯେ ଦ୍ୟନ୍ତି ଭେଦ

ତେଣୁ ସେ ଯୋଡ଼ି କବି ଯେ କୃତ୍ୟ ପଦ।

ଗୁରୁ ନ କହିଲେ ମୋତେ ଯେ ନ ଆସଇ

ଶ୍ରୀଗୁରୁ ବ୍ୟତୀତେ ଅନ୍ୟ ଯେ ଆଶ୍ରା ନାହିଁ। (୪ର୍ଥ ଅଧ୍ୟାୟ ଆଦିଅନ୍ତ ଗୀତା)

ଗୁରୁ ପ୍ରେମର ଦିନର୍ଶନ ସ୍ୱରୂପ ସେ ତମାମ ଜୀବନ ଅଲେଖମୟତାର ଅକ୍ଷର ସାଉଁଟି କବିତ୍ୱର କମନୀୟତା ବାଢ଼ିବାରେ ପ୍ରଯତ୍ନ କରିଛନ୍ତି। ଶୂନ୍ୟସାଧନା, ପିଣ୍ଡବ୍ରହ୍ମାଣ୍ଡ ତ ୍, ନିର୍ଗୁଣ ନିରାଜନା, ଅନାଦି ଉପାସନା, ସତ୍ୟ ସଂକଳ୍ପ, ମୋକ୍ଷ ପରିକଳ୍ପନା, ନାମ ମହାତ୍ମ୍ୟ, ଗୁରୁ ବନ୍ଦନା ଆଦି ଧର୍ମୀୟ ଉପଦେଶରେ ତାଙ୍କ କବିତା ଗତିଶୀଳ। ସ୍ତୁତି ଚିନ୍ତାମଣି, ଶ୍ରୁତି ବିଷେଧ ଗୀତା, ବ୍ରହ୍ମନିରୂପଣ ଗୀତା, ଆଦିଅନ୍ତ ଗୀତା, ନିର୍ବେଦସାଧନା ପ୍ରଭୃତି ଗ୍ରନ୍ଥର କବିତାମାଳାରେ ମହିମା ଧର୍ମର ଆଚାର ଲିପିବଦ୍ଧ ହୋଇରହିଛି। କବିତ୍ୱର କାଉଁରି ସ୍ପର୍ଶରେ ଏକ ଧର୍ମର ବିଜୟ ଅଭିଯାନହିଁ ଭୀମଭୋଇଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥାଏ।

ଜଣେ ସନ୍ଥ ବା ଦାର୍ଶନିକ ଭାବରେ କେବଳ ତାଙ୍କ କବିତାକୁ ଅଧ୍ୟୟନ କଲେ ଚଳିବ ନାହିଁ। ଅଧିକନ୍ତୁ ଜଣେ ସରଳ ଓ ସଚ୍ଚୋଟ ଭକ୍ତର ଆବେଗମୟତା ତାଙ୍କ କାବ୍ୟସାଧନାର ଛତ୍ରେ ଛତ୍ରେ ପରିଲକ୍ଷିତ ହୋଇଥାଏ। ବ୍ୟକ୍ତିଗତ ଦୁଃଖ ଓ ଦୈନ୍ୟରୁ ମୁକ୍ତି ପାଇଁ ଶୂନ୍ୟବ୍ରହ୍ମ ନିକଟରେ କରୁଣା ଭିକ୍ଷା କରିବାର ସପ୍ରେମ ଉଚ୍ଚାରଣ ହିଁ ତାଙ୍କ ଭକ୍ତି ନୈବେଦ୍ୟର ଅର୍ଘ୍ୟ। ବିଶେଷକରି ଭୀମଭୋଇ ଚଉତିଶା ଓ ଭଜନମାଳାରେ ଏହି ଆ ି ପାଠକ ପ୍ରାଣକୁ ଆର୍ଦ୍ର କରିବାର ସାମର୍ଥ୍ୟ ରଖେ। ଖଞ୍ଜଣି ତାଳରେ ଯେବେ ଭୀମଭୋଇଙ୍କ ଭଜନ କାନରେ ବାଜେ, ସେତେବେଳେ ବିଭୁବୋଧରେ ପ୍ରାଣ ପରମାନନ୍ଦ ଲାଭ କରେ।

ଶୂନ୍ୟ ମନ୍ଦିର ବିହାର / ରୂପରେଖ ନାହିଁ ଯାର

ଦୁତି ପାଦା ନ ମିଶଇ ଏକପାଦ ଧରଧର ଅଲେଖ ପ୍ରାଣପୁର

ସେ ଠାବରେ ତାଙ୍କ ଘର / ନାହିଁ ଶବଦ ଉଷୁମ ସାଧୁ ଜନେ ହେତୁ କର। (ଭଜନମାଳା)

ମାନବବାଦ ଓ ବିଶ୍ୱପ୍ରାଣତା – ଭୀମ କବିତାରେ ଦେଖିବାକୁ ମିଳେ ଉଦାର ମାନବିକତା ଓ ବସୁଧୈବକୁଟୁମ୍ବକତ୍ୱ। ତାଙ୍କ ସ୍ୱପ୍ନ ଓ ସାଧନା ଏକାନ୍ତ ଆପଣାର ସିଦ୍ଧି ପାଇଁ ଉନ୍ମୁଖ ନୁହେଁ, ବରଂ ବିଶ୍ୱର ଜୀବ ସକଳ ପାଇଁ ତାହା ଉଦ୍ଦିଷ୍ଟ। ବୈଦିକ ମହାମନ୍ତ୍ର 'ସମସ୍ତ ଲୋକାଃ ସୁଖୀନୋ ଭବନ୍ତୁ'ର ସେ ଅନାବିଳ ବାହକ। 'ଶ୍ରୀଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ / ଜଣାଣ କରୁଛି ହାତେ' – ତାଙ୍କର ବହୁ ଉଚ୍ଚାରିତ ଭାବନା। ସାରା ପୃଥିବୀର ପାପ ବହନ କରି ସେ ନିଜେ ନରକଗାମୀ ହୋଇଯାଆନ୍ତୁ, ମାତ୍ର ବିଶ୍ୱର ପ୍ରାଣୀ ସକଳ ଦୁଃଖ, ଦୁଃସ୍ଥିତିରୁ ଉଦ୍ଧାର ପ୍ରାପ୍ତ ହୁଅନ୍ତୁ। ଏ କାମନା ଜଣେ ବିଶ୍ୱସ୍ତରୀୟ କବିସ ।ର କାମନା, ଜଣେ ଉଦାରପନ୍ଥୀ ମାନବାଦୀ କବିର ଯାଚନା। ସେଥିପାଇଁ ସେ ଅଲେଖ ସ୍ୱାମୀଙ୍କୁ ପ୍ରାର୍ଥନା କରନ୍ତି –

ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାର୍ବିନ୍ଦେ

ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ।

ସମ୍ପ ି ବିପ ି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି

ପାପ ଦୁଃଖ ଭାର କେ ତୁମ୍ଭ ବହିବ ପାଦ ତଳେ ଥାଉ ପଡ଼ି।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। (ସ୍ତୁତି ଚିନ୍ତାମଣି – ୨୭୫ ବୋଲି)

ସମାଜ ସଂସ୍କାର ଓ ନୈତିକତା – ଭୀମ ଭୋଇ କଳା ପାଇଁ କଳାର କବି ନଥିଲେ। ସେ ଜୀବନ ପାଇଁ କବିତା କଳାର ଆଶ୍ରୟ ନେଇଛନ୍ତି। ଜୀବନରେ ସବୁ ମଣିଷ ଶୁଚିନୀଷ୍ଠତା ଓ ନ୍ୟାୟବାଦିତାକୁ ଆଦରି ନେଲେ ସମାଜ ସୁଦ୍ଧ ସୁବର୍ଣ୍ଣ ଭାବରେ ଦ୍ୟୋତିତ ହେବ। ଶୋଷଣ, କଷଣ, ପାପାଚାର, ପରଦାରା, ଚୋରି, ହିଂସା, ଅସହିଷ୍ଣୁତା, ପରଶ୍ରୀକାତରତା ଆଦି ଅବିଗୁଣ ଆପେ ଆପେ ଅପସରି ଯିବ। ଧର୍ମ-ଜାତି-ରାଜା-ସାମନ୍ତ ନାନା ବର୍ଗର ବିଭ୍ରାନ୍ତିରେ ତଳଶ୍ରେଣୀର ମଣିଷ ନିର୍ଯାତିତ ହୋଇଥାଏ। ପାପୀମଣିଷମାନେ ମିଥ୍ୟାଚାରକୁ ଅବଲମ୍ବନ କରିଥାନ୍ତି। ତେଣୁ କବି ଲୋକମାନଙ୍କୁ ସତ୍ୟ ପଥର ଆଶ୍ରୟ ନେବା ପାଇଁ ଉପଦେଶ ଦେଇ ଗାଇଛନ୍ତି – ସତ୍ୟରେ କହିବ ସତ୍ୟେ ରହିଥିବ ସତ୍ୟରେ ଯିବ ଆସିବ / ସତ୍ୟ କର୍ମରେ ଯେତେ ବୀରତିମାନ ଯୁଗେ ଯୁଗେ ରହିଥିବ। ମହିମା ଧର୍ମ ଉଭୟ ସନ୍ନ୍ୟାସ ଓ ଗାର୍ହ୍ୟସ୍ଥ ପନ୍ଥାର ଅନୁପୂରକ। ତେଣୁ କବି ସନ୍ନ୍ୟାସୀମାନଙ୍କ ପାଇଁ ଯେପରି ନୀତିନିର୍ଦ୍ଧାରଣ କରିଛନ୍ତି, ସେହିପରି ସଂସାରୀମାନଙ୍କ ପାଇଁ ସଂସ୍କାରଧର୍ମୀ ନିର୍ଦ୍ଦେଶ ଶୁଣାଇଛନ୍ତି।

**କର୍ମବାଦ ଓ ଜାତିହୀନତା –** ଭାରତୀୟ ସମାଜରେ ବହୁ ପୁରାତନ କାଳରୁ ପ୍ରଚଳିତ ଜାତିପ୍ରଥା ଏକ ବିରାଟ ସାମାଜିକ ବ୍ୟାଧି। ହୁଏତ ଅତୀତରେ ବୃ ିକୁ ଆଧାରକରି ଜାତି ବା ବର୍ଣ୍ଣର ପରିକଳ୍ପନା କରାଯାଇଥିଲା, ମାତ୍ର ପରବ ୀ ସମୟରେ ଏହା ସଂକୀର୍ଣ୍ଣତାକୁ ଆଧାର କରି ମାନବୀୟ ସୌକର୍ଯ୍ୟକୁ ଧୂଳିସାତ୍ କରିଦେଇଛି। ଏହି ବ୍ୟାଧିରୁ ମୁକ୍ତି ପାଇବା ପାଇଁ ମହିମା ଧର୍ମ ଦର୍ଶନରେ ଜାତିବାଦକୁ କଠୋର ଭାବରେ ଅସ୍ୱୀକାର କରାଯାଇଛି। ବିଶେଷ କରି ବ୍ରାହ୍ମଣ ଓ ଅନ୍ୟ ଉଚ୍ଚ ବର୍ଗର ପ୍ରାଧାନ୍ୟକୁ ବିରୋଧ କରାଯାଇଛି। ସେହି ଦର୍ଶନ ଭୀମଙ୍କ କାବ୍ୟ – ସମ୍ଭାରରେ ପ୍ରମୂ ହୋଇ ଉଠିଛି। ଜୀବିକା ନିର୍ବାହ ପାଇଁ ଯିଏ ଯେଉଁ କାମ କରୁନା କାହିଁକି, ତାକୁ କୌଣସି ସ୍ୱତନ୍ତ୍ର ଜାତି ବା ଶ୍ରେଣୀ କହି ଅନ୍ୟଠାରୁ ଉଚ୍ଚ ବା ନୀଚ ବୋଲି କହିବା ମହାପାପ। ପୁନଶ୍ଚ ଧର୍ମ ନାଁରେ କର୍ମ ପ୍ରତି ଉଦାସୀନତା ମଧ୍ୟ ସେ ନାପସନ୍ଦ କରିଛନ୍ତି।

ଧୀବର ହୋଇଣ ମୀନ ମାରୁ ପଛେ ମହିମାକୁ ଥାଉଧ୍ୟାୟି

ତାହାର ବୃ ି ତାକୁ ଦିଆ ହୋଇଛି କେମନ୍ତେ ଛାଡ଼ିବ ସେହି।

ମୋଚି ହୋଇ କର୍ମ କାଟୁଥାଉ ପଛେ ନାମରେ ଆଶ୍ରିତ ହେଉ

ତାହାର ବୃି ସେ କେମନ୍ତେ ଛାଡ଼ିବ ରୋଜଗାର କରୁଥାଉ। ଇତ୍ୟାଦି.... (ସ୍ତୁତି ଚିନ୍ତାମଣି – ୯୧ ବୋଲି)

**ନାରୀ ପ୍ରତି ସ୍ୱତନ୍ତ୍ର ସମ୍ମାନବୋଧ –** ଭୀମଭୋଇଙ୍କ କାବ୍ୟ ଦଶର୍ନର ଅନ୍ୟତମ ବିରବ ହେଉଛି ନାରୀ ଜାତି ପ୍ରତି ଏହାର ସ୍ୱତନ୍ତ୍ର ସମ୍ମାନବୋଧ। ଯୁଗେ ଯୁଗେ ନାରୀ ସମାଜରେ ନିନ୍ଦିତା – ନିର୍ଯ୍ୟାତିତା ହୋଇଆସିଛି। ଅପର ପକ୍ଷରେ ନାରୀ ମଧ୍ୟ ନାରାୟଣୀ ରୂପେ ପୂଜିତା ଓ ବନ୍ଦିତା ହେବାର ଗୌରବ ଲାଭ କରିଛି। ଭୀମ ଭୋଇ ଦେଖୁଥିଲେ ସମାଜରେ ନାରୀଜାତି ପ୍ରତି ଲୋକମାନଙ୍କର ସମ୍ମାନ କ୍ଷୟ ହୋଇଚାଲିଛି। ପୁରୁଷର କାମନାସିକ୍ତ ଜୁଇରେ ନାରୀର ସତୀତ୍ୱ ନିଃଶେଷ ହୋଇଯାଉଛି। ତେଣୁ ତାଙ୍କର ବିପ୍ଳବୀ କବି ପ୍ରାଣ ଏହାର ତୀବ୍ର ବିରୋଧ କରି ସମାଜକୁ ସଚେତନ କରିବାପାଇଁ ଆଗଭର ହୋଇଛି।

ପରସ୍ତ୍ରୀ ପରଦ୍ରବ୍ୟକୁ ଦେଖିଲେ ନ ବଳାଇବ ପ୍ରକୃତି

ଏକ ପାଦ ବ୍ରହ୍ମ ଗୁରୁସେବା କଲେ ତବେ ବୋଲାଇବ ଯତି। (ସ୍ତୁତି ଚିନ୍ତାମଣି–୮୩ବୋଲି)

ସେ ଗୃହୀମାନଙ୍କୁ ନାରୀ ପୁରୁଷ ଉଭୟ ସମାନ ବୋଲି ଇଙ୍ଗିତ ଦେଇଛନ୍ତି –

ଯେସନେକ କ୍ଷୁଧା ତୃଷା ଛନ୍ତି ଦୁଇଭୂର୍ି/ଏକ ପାଖୁଡ଼ା ଗୋଟିକେ ହୃଦେ ଫଳିଛନ୍ତି।

ସେହିପରିଚେ ପତିପତ୍ନୀ ଏକ ବ୍ରହ୍ମେଜାତ / ଭିନ୍ନାଭିନ୍ନ ଯେ କରିବ କୁଳେ ଯିବ ହତ।

### ୬.୧.୫ ତାଙ୍କ କବିତାର ଆଙ୍ଗିକ ବିଚାର

ଭୀମ ଭୋଇଙ୍କ କବିତାର ସୌଷ୍ଟବ ଆଲୋଚନା କଲାବେଳେ ଏହାର ସରଳତା ହିଁ ବାରିହୋଇପଡ଼େ। ଭକ୍ତିକ ଆକାଂକ୍ଷା ଓ ଧର୍ମୀୟ ଗୂଢ଼ତାକୁ ଅତି ନିରାଡ଼ମ୍ବର ଭାବରେ ପ୍ରକାଶ କରିବାରେ ତାଙ୍କ କବିତ୍ୱର ମହାତ୍ମ୍ୟ ପ୍ରକଟିତ ହୋଇଛି। ଉପମା, ରୂପକ ଅନୁପ୍ରାସ ଆଦି ଅଳଙ୍କାର ଓ ପ୍ରତୀକ ପ୍ରୟୋଗରେ ଆଗ୍ରହ ତାଙ୍କ ପଙ୍କ୍ତିମାନଙ୍କରେ ସଚରାଚର ଉପଲବ୍ଧ। ପଲ୍ଲୀମୁଖର ସାଧାରଣ ଶବ୍ଦରେ ପଦ ସଂରଚନା ସହିତ ଅଧିକାଂଶ କବିତା ଗ୍ରନ୍ଥରେ ନବାକ୍ଷରୀ ଛନ୍ଦ ବା ଭାବଗତ ବୃ ର ବ୍ୟବହାର ତାଙ୍କ କବିତ୍ୱର ଅନ୍ୟତମ ବିଶେଷତ୍ୱ। କେତୋଟି ଦୃଷ୍ଟାନ୍ତ ଦ୍ରଷ୍ଟବ୍ୟ – ଉପମା ଅଳଙ୍କାର –

ପିତାମାତା ଦୁହିଁଙ୍କର ଯୁଗଳ ବେଳେ / ମୁଦ୍ରିତ ହୋଇଲା ବ୍ରହ୍ମ ପଦ୍ମର ଫୁଲେ।

ମୀନ ପରାୟେ ବୁଲୁଥିଲି ଗର୍ଭ ଭିତରେ / ଊର୍ଦ୍ଧ୍ୱମୁଖେ ମୁଁ ଧ୍ୟାନ କରୁଥିଲି ନିରୋଳେ।

ଯେତେବେଳେ ଗର୍ଭ ଗର୍ଭୁ ପଡ଼ିଲି ମୁହିଁ / ତିରଣ ପରାୟେ ଦିଶୁଥିଲା ମହୀ। –ଭଜନମାଳା–

ରୂପକ ଅଳଙ୍କାର –

ସ୍ତିରୀ ତଇଳକୁ ନିଷେଧ କରିବ ହସ୍ତରେ ଛୁଇଁବ ନାହିଁ

କର୍ମ ଯୋଗରେ ଅକର୍ମ ସେ ବୋଲାଇ ବ୍ରହ୍ମମତ ତୁଟିଯାଇ। (ସ୍ତୁତି ଚିନ୍ତାମଣି–୮୪ ବୋଲି)

ଅନୁପ୍ରାସ ଅଳଙ୍କାର ଓ ପଦଲାଳିତ୍ୟ –

ମଦ ମାଂସ ଖିଆ ମ   ଗରବିଆ ହୀନ ପାପୀ ନୀଚଜନ

ଗୁମାନୀ ଗାଲୁଆ ମୂରୁଖେ ଚାଣ୍ଡାଳ କହୁଛନ୍ତି କେତେ ଟାଣ।

x x x x

ନରକଖିଆ ଅଳପ ଆୟୁଷିୟା କୁଳବୁଡ଼ା ଯେତେଲୋକ

ଜନମ ହଳିଆ ବ୍ରହ୍ମରାକ୍ଷସିଆ ନିନ୍ଦୁଛନ୍ତି କେତେ ଦେଖ। (ସ୍ତୁତିଚିନ୍ତାମଣି-୬୩ ବୋଲି)

ଭୀମଭୋଇ ବୋଲି, ଚାନ୍ଦ, ଚଉପଦୀ, ଚଉତିଶା ଆଦି ପ୍ରାଚୀନ ଗୀତିକବିତାର ବହୁ ପରିଚିତ କାବ୍ୟ ଆଙ୍ଗିକକୁ ପୁନର୍ବାର ପରୀକ୍ଷାକରି ସଫଳ ହୋଇଛନ୍ତି। ପ୍ରାଚୀନତା ଓ ଆଧୁନିକତାର ସଂଯୋଗ କାଳରେ ଭୀମଭୋଇଙ୍କ ଏ କାବ୍ୟ ଆଙ୍ଗିକରେ ପ୍ରମୂ ର୍ ବିପ୍ଳବାତ୍ମକ ବାରୀ ହିଁ ତାଙ୍କୁ ଅଧିକ ଆଦରଣୀୟ କରିଛି। ଚଉତିଶା ମଧୁଚନ୍ଦ୍ର ଓଡ଼ିଆ ଚଉତିଶା ସାହିତ୍ୟର ଅନ୍ୟତମ ମହାର୍ଘ ନିଦର୍ଶନ।

ଭୀମଭୋଇ କାବ୍ୟ କଳନା ସମ୍ପର୍କରେ ସମୀକ୍ଷକ ସର୍ବେଶ୍ୱର ଦାଶଙ୍କ ଦ୍ୱାରା ପ୍ରଦ  ମତାମତ ଏଠାରେ ଉଲ୍ଲେଖ ଯୋଗ୍ୟ। "ଭଞ୍ଜଙ୍କ କଳାକୌଶଳ, ବିଦଗ୍ଧର ଅର୍ଥ ଗୌରବ, ରାଧାନାଥାଙ୍କ ପ୍ରକାଶ ସଂଯମ ଏବଂ ଶିଳ୍ପ ପାଟବ ଓ କବିସୂର୍ଯ୍ୟଙ୍କ ବୀଣା ନିକଣ୍ୱ ସମକ୍ଷରେ ଭୀଭ ଭୋଇଙ୍କ କବିତା ସମୂହ ଠିଆ ହୋଇପାରିବ ନାହିଁ ସତ୍ୟ କିନ୍ତୁ ଜଗନ୍ନାଥଙ୍କ ପ୍ରା ଳତା ଓ ସ୍ୱଷ୍ଟତା, ଦୀନକୃଷ୍ଣଙ୍କ ଆବେଗ ଓ ଉଚ୍ଛ୍ୱାସ ଏବଂ ଶାରଳାଙ୍କ ସହଜ ମନୋହାରିତ୍ୱ ଓ ଉଦ୍ଦାମ ପ୍ରାଣବଲ୍ଲୀର ସୁମଧୁର ସମନ୍ୱୟ ତାଙ୍କର କବିତା ରାଜିକୁ ଅବଦ୍ୟ ସୁଷମାମଣ୍ଡିତ କରିଛି। ଉତ୍କଳର ବାଣୀଭବନରେ ବନରେ ସତ୍ୟ ଓ ସାଧନାର ପୂତ ପୂଜା କୁସୁମ ରୂପେ ଏଗୁଡ଼ିକ ଚିରନ୍ତନ ହୋଇ ରହିବ।"

**୬.୨.. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ -**

୧. କବିଭୀମ ଭୋଇଙ୍କ କବିତାରୁ ମାନବବାଦର ପରିଚୟ ଦିଅ।

୨. ମହିମା ଧର୍ମ ଓ କବି ଭୀମ ଭୋଇଙ୍କ ସମ୍ପର୍କରେ ଆକଳନ କର।

୩. ଭୀମ ଭୋଇଙ୍କୁ ସନ୍ଥକବି କହିବାର ତାତ୍ପର୍ଯ୍ୟ ବୁଝାଇ ଦିଅ।

୪. ଭୀମ ଭୋଇଙ୍କ ରଚନାବଳୀର ଏକ ସଂକ୍ଷିପ୍ତ ପରିଚୟ ଦିଅ।

୫. ଭୀମଭୋଇଙ୍କ କବିତାର ବୈଶିଷ୍ଟ୍ୟ ଦର୍ଶାଅ।

**ଅଧିକ ଅଧ୍ୟନ ପାଇଁ ସହାୟକ ପୁସ୍ତକାବଳୀ -**

୧. ଓଡ଼ିଆ ସନ୍ଥ (ଭକ୍ତ) ସାହିତ୍ୟ - ଚି  ରଂଜନ ଦାସ

୨. ଭଜନରେ ଭୀମ ଭୋଇ - ଡ. ତୀର୍ଥାନନ୍ଦ ମିଶ୍ର

୩. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି - ଓଡ଼ିଆ ସାହିତ୍ୟ ଏକାଡେମୀ

୪. ମୋ ଜୀବନ ପଛେ ନର୍କେ ପଡ଼ିଥାଉ - (ସଂ) ଡ. ଅନନ୍ତ କିଶୋର ଜେନା

୫. ଯୁଗ ପ୍ରବ ର୍କ ସ୍ରଷ୍ଟା ରାଧାନାଥ - ଡଃ ନଟବର ସାମନ୍ତରାୟ

୬. ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡଃ କ୍ଷେତ୍ରବାସୀ ନାୟକ

୭. ନବ ଯୁଗର କବି ଓ କାବ୍ୟଧାରା - ଡଃ ଜାନକୀ ବଲ୍ଲଭ ମହାନ୍ତି

୮. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ - ଡଃ ବୈଷ୍ଣବ ଚରଣ ସାମଲ

୯. ମଧୁସୃଷ୍ଟି ଅମୂ ର୍ ଦୃଷ୍ଟି - ଡଃ ଶରଦ ଚନ୍ଦ୍ର ପ୍ରଧାନ।

## **ସପ୍ତମ** ଏକକ- ଭାଷା ବୈଚିତ୍ର୍ୟ

### **୭.୦. ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଏହି ୟୁନିଟ୍ ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି –

* ଓଡ଼ିଆ ନବଜାଗରଣ କାଳର ସ୍ରଷ୍ଟା ରାଧାନାଥ ରାୟ ଙ୍କ ବିଷୟରେ ସ୍ଥୂଳ ପରିଚିତି ଲାଭ କରିବା।

* ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ଜନ୍ମ ଓ ଜୀବନୀର ସଂକ୍ଷିପ୍ତ ପରିଚୟ ମିଳିବ।

* ରାଧାନାଥଙ୍କ ବ୍ୟାପକ କାବ୍ୟକୃତି ଓ ଅନ୍ୟାନ୍ୟ ରଚନା ସମ୍ପର୍କରେ ସୂଚନା ମିଳେ।

* କବି ରାଧାନାଥଙ୍କ ସୃଷ୍ଟି ସମୂହର ବୈଶିଷ୍ଟ୍ୟ ସମ୍ପର୍କରେ ପାଠକ ଅବଗତ ହେବେ।

* ଆଲୋଚ୍ୟ ୟୁନିଟ୍‌ର ସମ୍ଭାବ୍ୟ ପ୍ରଶ୍ନାବଳୀ ଓ ଅଧିକ ଜାଣିବାପାଇଁ ସହାୟକ ପୁସ୍ତକ ସମ୍ପର୍କରେ ସାଧାରଣ ଧାରଣା ଜନ୍ମିବ।

### **୭.୧.୦ କବିବର ରାଧାନାଥ ରାୟ**

ପ୍ରାଗ୍‌ଭାଷା – ଓଡ଼ିଆ ସାହିତ୍ୟ ଇତିହାସରେ କବିବର ରାଧାନାଥ ରାୟ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ଭାବରେ ସୁବିଦିତ। ଭଞ୍ଜଯୁଗ, କାବ୍ୟଯୁଗ ବା ରୀତିଯୁଗ ନାମରେ ପରିଚିତ ମଧ୍ୟକାଳୀନ ପାରମ୍ପରିକ କାବ୍ୟକୌଶଳ ପରିହାରକରି ଏକ ଅଭିନବ ଅଭିରୁଚିରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଅଭିଷିକ୍ତ କରିବାରେ ତାଙ୍କ ପ୍ରତିଭା ପରିସିକ୍ତ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତା ସଂଘର୍ଷରୁ ସୃଷ୍ଟ ଏହି କାବ୍ୟମାନସ ଊନବିଂଶ ଶତାବ୍ଦୀର ଶେଷ ତିନି ଦଶନ୍ଧିରେ ଯେଉଁ ସୌନ୍ଦର୍ଯ୍ୟ ସ୍ନିଗ୍ଧ ସର୍ଜନଶୀଳତାରେ ପରିଚୟ ଦେଇଛି, ତାହା ସମସାମୟିକ ଓ ପରବର୍ତ୍ତୀ କାଳର ବହୁ କବିଙ୍କ ପାଇଁ ଅନୁକରଣୀୟ ହୋଇଉଠିଛି। ପୁରାତନରେ ନୂତନତା ଏବଂ ଆହରଣରେ ମୌଳିକତା ପ୍ରଦର୍ଶନ କରିବାରେ ସେ ସିଦ୍ଧହସ୍ତ। ପାଶ୍ଚାତ୍ୟ ସାହିତ୍ୟର କଥାବସ୍ତୁକୁ ଓଡ଼ିଶୀକରଣ କରିବାରେ ତାଙ୍କର ବିଶେଷତ୍ୱ ପ୍ରକଟିତ। ରୋମାଣ୍ଟିକ ପ୍ରେମଚେତନାର ଐଶ୍ୱର୍ଯ୍ୟମୟ ଅଭିବ୍ୟକ୍ତି, ପ୍ରକୃତି ଚିତ୍ରଣରେ ଅସମାହିତ ସୌନ୍ଦର୍ଯ୍ୟ ଦୃଷ୍ଟି, ଦେଶାତ୍ମବୋଧର ଅନ୍ତରଙ୍ଗ ଉଚ୍ଚାରଣ ଓ ମାନବୀୟ ଅନୁଭବର ମୁଗ୍ଧ ପରିପ୍ରକାଶ ହେଉଛି ରାଧାନାଥୀ କାବ୍ୟଚେତନାର ଚରମ ଉତ୍କର୍ଷ। ପାଠ୍ୟ ପୁସ୍ତକ ରଚନା, ଅନୁବାଦ ଓ ସ୍ୱଳ୍ପ ଗଦ୍ୟ ରଚନା ସହ ବିପୁଳାୟତନ କାବ୍ୟସୃଷ୍ଟି ହିଁ ତାଙ୍କୁ ଯୁଗସ୍ରଷ୍ଟାର ମୁକୁଟ ପିନ୍ଧାଇଛି।

### **୭.୧.୧ ରାଧାନାଥଙ୍କ ବ୍ୟକ୍ତିତ୍ୱ**

ଆଧୁନିକ ସାହିତ୍ୟର ଅଗ୍ରଦୂତ କବି ରାଧାନାଥ ବାଲେଶ୍ୱର ଜିଲାର ସୋରୋ ନିକଟବର୍ତ୍ତୀ କେଦାରପୁର ନାମକ ଗ୍ରାମରେ ୧୮୪୮ ସାଲ ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଲାଭ କରିଥିଲେ। ବାଲେଶ୍ୱର କଚେରୀରେ ଅଧସ୍ତନ କର୍ମଚାରୀ ଭାବେ କର୍ମରତ ପିତା ସୁନ୍ଦର ନାରାୟଣଙ୍କ ଯତ୍ନରେ ସେ ଗ୍ରାମ୍ୟ ଚାଟଶାଳୀ ଓ ପରେ ସୋରୋ ଭର୍ଣ୍ଣାକୁଲାର ସ୍କୁଲରେ ପାଠପଢ଼ା ସାରି ବାଲେଶ୍ୱର ଉଚ୍ଚ ଇଂରାଜୀ ସ୍କୁଲରେ ଅଧ୍ୟୟନ କଲେ। ଶୈଶବରୁ ମାତାଙ୍କୁ ହରାଇଥିବା ରାଧାନାଥଙ୍କ ରୁଗ୍ଣଶରୀର ତାଙ୍କ ପ୍ରଗତିରେ ଅନେକ ଅନ୍ତରାୟ ସୃଷ୍ଟି କରିଥିଲେ ହେଁ ସେ ୧୮୬୩ ମସିହାରେ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍‌କରି ବୃତ୍ତି ପାଇଥିଲେ। କଲିକତା ପ୍ରେସିଡେନ୍ସି କଲେଜରେ ପ୍ରବେଶ କରି ଭଗ୍ନସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟ କାରଣରୁ ଉଚ୍ଚ ଶିକ୍ଷା ଆଶାରୁ ସେ ବିରତ ହୋଇଥିଲେ। ତେବେ ଚାକିରି ଜୀବନ ଆରମ୍ଭ କରିବା ପରେ ୧୮୬୯ ସାଲରେ ସେ ଘରୋଇ ଭାବେ ଏଫ.ଏ.ପାଶ୍ କରିଥିଲେ।

୧୮୬୪ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ ଟ୩୦/-ବେତନରେ ସେ ତୃତୀୟ ଶିକ୍ଷକ ଭାବେ ଯୋଗ ଦେଲେ। ୧୮୬୯ ମସିହାରେ ସେ ଦ୍ୱିତୀୟ ଶିକ୍ଷକ ଭାବେ ଯୋଗ ଦେଲେ। ୧୮୬୯ ମସିହାରେ ସେ ଦ୍ୱିତୀୟ ଶିକ୍ଷକ ଭାବେ ପୁରୀ ଜିଲା ସ୍କୁଲକୁ ବଦଳି ହୋଇଥିଲେ। ସେଠାରେ କବି ମଧୁସୂଦନଙ୍କୁ ସେ ଛାତ୍ର ଭାବରେ ଗ୍ରହଣ କରି ସାହିତ୍ୟିକ ବନ୍ଧୁତ୍ୱରେ ବାନ୍ଧି ହୋଇପଡ଼ିଥିଲେ। ନିଜର କର୍ମନିଷ୍ଠତା ଓ ଦକ୍ଷତା ଯୋଗୁ ପରବର୍ ୀ କାଳରେ ସେ ବାଲେଶ୍ୱର ଜିଲା ସ୍କୁଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର, ଓଡ଼ିଶା ସ୍କୁଲ ସମୂହର ଜଏ  ଇନ୍ସପେକ୍ଟର ପଦବୀକୁ ଉନ୍ନୀତ ହୋଇଥିଲେ। ସେତେବେଳେ ଓଡ଼ିଶା, ବଙ୍ଗଳା ଓ ବିହାର ଲାଗି ଜଣେ ସ୍କୁଲ ଇନ୍ସପେକ୍ଟର ନିଯୁକ୍ତି ପାଉଥିଲେ। ରାଧାନାଥ ଡେପୁଟି ଇନ୍ସପେକ୍ଟର ଥିବାବେଳେ ବଙ୍ଗଳାର ବିଶିଷ୍ଟ ସାଧକ ଭୂଦେବ ମୁଖୋପାଧ୍ୟାୟ ଜଏ  ଇନ୍ସପେକ୍ଟର ପଦ ଅଳଂକୃତ କରିଥିଲେ। ୧୮୭୯ ଓ ୧୮୮୦ ମସିହାରେ ଭୂଦେବ ବାବୁ ଓଡ଼ିଶାର ଶିକ୍ଷା ବିଭାଗ ପରିଦର୍ଶନରେ ଆସିବାବେଳେ ରାଧାନାଥଙ୍କ କବି ପ୍ରତିଭା ଓ ପାଶ୍ଚାତ୍ୟର ପରିଚୟ ପାଇଥିଲେ। ବଙ୍ଗଳାର କବିତାବଳୀ (୧ମ ଭାଗ) ଓ (୨ୟ ଭାଗ) ଲେଖିସାରିଥିବା ରାଧାନାଥଙ୍କୁ ସେ ଓଡ଼ିଆ ଭାଷାରେ କାବ୍ୟ-କବିତା ସୃଷ୍ଟି ପାଇଁ ପ୍ରେରଣା ଦେଇଥିଲେ। ଏହାପରେ ରାଧାନାଥ ଓଡ଼ିଶା ଶିକ୍ଷା ବିଭାଗର ଶୀର୍ଷ ପଦବୀ ଗ୍ରହଣକରି ୧୯୦୩୨ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପ୍ରଶାସନିକ ଦକ୍ଷତା ଓ ଉନ୍ନତ ସାହିତ୍ୟ ସର୍ଜନା ଲାଗି ସେ ବହୁ ସମ୍ମାନର ଅଧିକାରୀ ହୋଇଥିଲେ। ୧୮୯୭ ମସିହାରେ ରାଣୀ ଭିକ୍ଟୋରିଆଙ୍କ ହୀରକ ଜୁବୁଲି ଉପଲକ୍ଷେ ସରକାର ତାଙ୍କୁ 'ରାୟ ବାହାଦୂର' ଉପାଧିରେ ବିଭୂଷିତ କରିଥିଲେ। ବାମଣ୍ଡା ରାଜସଭାରୁ ସେ ଯଥାର୍ଥରେ 'କବିବର' ଉପାଧି ପ୍ରାପ୍ତ ହୋଇଥିଲେ।

୧୮୯୩ ସାଲରେ 'ବିଜୁଳି' ଓ 'ଇନ୍ଦ୍ରଧନୁ' ପତ୍ରିକା ଦ୍ୱୟରେ ଯଥାକ୍ରମେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କ ରଚନାକୁ ସମର୍ଥନ କରି ଯେଉଁ ସାରସ୍ୱତ ଦ୍ୱନ୍ଦ୍ୱ ଉପୁଜିଥିଲା, ତାହା ରାଧାନାଥଙ୍କୁ ଅଧିକ ମ୍ରିୟମାଣ କରିଥିଲା ଓ ସେ ପରିଶେଷରେ ଏକ ପତ୍ରରେ ପ୍ରକାଶ କଲେ ଯେ ତାଙ୍କ ଠାରୁ ଅନ୍ୟ କେହି ଉପେନ୍ଦ୍ର ଭଞ୍ଜଙ୍କର ଅଧିକ ଅନୁକାରୀ କବି ନାହାନ୍ତି। ଏଥିସହିତ ପାଠ୍ୟପୁସ୍ତକ ରଚନା ବିବାଦ ମଧ୍ୟ ତାଙ୍କ ଲେଖକୀୟ ଜୀବନକୁ ମନ୍ଥିତ କରିଥିବାର ଜଣାଯାଏ। ପାରିବାରିକ ଅଶାନ୍ତି, ଭଗ୍ନ ସ୍ୱାସ୍ଥ୍ୟ, ମାନସିକ ଦୁଶ୍ଚିନ୍ତା ଓ କଟୁ ସମାଲୋଚନାରେ ଜର୍ଜରିତ କବି ଜୀବନର ଶେଷ ପର୍ଯ୍ୟାୟ ଅତୀବ ଦୁଃଖ ଦାୟକ ଥିଲା। ୧୯୦୮ ମସିହା ଏପ୍ରିଲ୍ ୧୬ ତାରିଖରେ ଏହି ଯୁଗସ୍ରଷ୍ଟାଙ୍କ ତିରୋଧାନରେ ଗୋଟିଏ ସାହିତ୍ୟ ଯୁଗର ପରିସମାପ୍ତି ଘଟିଥିଲା।

### ୭.୧.୨. ରାଧାନାଥଙ୍କ ରଚନାବଳୀ

ଓଡ଼ିଆ, ବଙ୍ଗଳା, ପାର୍ସି, ସଂସ୍କୃତ, ଇଂରାଜୀ ଆଦି ଭାଷାରେ ବ୍ୟୁତ୍ପ ି ହାସଲ କରିଥିବା କବି ରାଧାନାଥ ସର୍ଜନ କର୍ମର ବ୍ୟାପ୍ତି ଯେତିକି ବିଶାଳ, ତାହାର କ୍ରାନ୍ତି ସେତିକି ସହଜଲଭ୍ୟ। ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତାମାନଙ୍କ ମଧ୍ୟରୁ ଅଧିକାଂଶ ସାହିତ୍ୟିକ ଜୀବନର ଆଦ୍ୟକାଳରେ ପାଠ୍ୟପୁସ୍ତକ ରଚନା ଓ ଅନୁବାଦ ମାଧ୍ୟମରେ ନିଜ ନଜର ଶକ୍ତି ପରୀକ୍ଷା କରିଥିବା ଉପଲବ୍ଧ ହୁଏ। ରାଧାନାଥ ମଧ୍ୟ କ୍ଷେତ୍ରତ୍ୱ ଓ କ୍ଷେତ୍ର ପରିଣାମ, ଉତ୍କଳ ରଚନା, ଗଣିତ ବିଷୟରେ ଆଦର୍ଶ ପ୍ରଶ୍ନାବଳୀ, ବ୍ୟାବହାରିକ ଭୂଗୋଳ, ଭୂଗୋଳ ସାର ସଂଗ୍ରହ ଆଦି କେତେକ ପାଠ୍ୟପୁସ୍ତକ ରଚନା କରି ଭବିଷ୍ୟତ ପାଠକ ଶ୍ରେଣୀ ସୃଷ୍ଟି କରିବାରେ ପ୍ରଯତ୍ନ କରିଥିଲେ। ବଙ୍ଗଳା ଓ ଓଡ଼ିଆ ଭାଷାରେ ବିରଚିତ ତାଙ୍କ ସାହିତ୍ୟ ସୃଷ୍ଟିର ବିବିଧତା ଲକ୍ଷ୍ୟ କରାଯାଇପାରେ।

ବଙ୍ଗଳା ସୃଷ୍ଟି - କବିତାବଳୀ - ୧ମ ଭାଗ (୧୮୬୮)

କବିତାବଳୀ - ୨ୟ ଭାଗ (୧୮୭୦)

ଲେଖାବଳୀ - (୧୯୦୨)

ଓଡ଼ିଆ ସୃଷ୍ଟି -

ଅନୁବାଦ - ମେଘଦୂତ (୧୮୭୪)

ଇଟାଲୀୟଯୁବା (୧୮୭୪)

ତୁଳସୀସ୍ତବକ (୧୮୯୪)

ଗଦ୍ୟସୃଷ୍ଟି - ବିବେକୀ (୧୮୭୩), ଭ୍ରମଣକାହାଣୀର ପତ୍ର (୧୮୮୭)

ବାମଣ୍ଡା (୧୮୯୬) ଇତ୍ୟାଦି।

କ୍ଷୁଦ୍ର କବିତା - ପବନ, ଶିବାଜୀଙ୍କ ଉତ୍ସାହ ବାକ୍ୟ, ବେଣୀ ସଂହାର, ଭାରତ ଈଶ୍ୱରୀ, ଭିକ୍ଟୋରିଆ, ସ୍ମଶାନ ଦୃଶ୍ୟ ଇତ୍ୟାଦି।

କାବ୍ୟ - କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନକିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଯଯାତିକେଶରୀ (୧୮୯୪), ଉର୍ବଶୀ (୧୮୯୫), ଦରବାର (୧୮୯୬) ଇତ୍ୟାଦି।

### ୭.୧.୩ ରାଧାନାଥଙ୍କ ବଙ୍ଗଳା ରଚନା

ରାଧାନାଥୀ କବି ପ୍ରତିଭାର ଆଦ୍ୟ ନିଦର୍ଶନ ବଙ୍ଗଳା କବିତା। ବଙ୍ଗଳାର ପ୍ରସିଦ୍ଧ କବି ମାଇକେଲ ମଧୁସୂଦନ ଦ ଙ୍କ ରଚନାବଳୀ ଦ୍ୱାରା ଅନୁପ୍ରାଣିତ ହୋଇ ସେ 'କବିତାବଳୀ' ୧ମ ଭାଗ ଓ 'କବିତାବଳୀ' ୨ୟ ଭାଗ ରଚନା କରିଥିଲେ। ପ୍ରଥମ ସଂକଳନଟିରେ ୫୧ଟି ସନେଟ୍ ସ୍ଥାନିତ। ଦ୍ୱିତୀୟଟିରେ ମଧ୍ୟ ଅନେକ ସନେଟସହିତ କେତେକ କ୍ଷୁଦ୍ରକବିତା ସଂଯୋଜିତ। କବି ଜୀବନର ଆଦ୍ୟ ଉଚ୍ଛ୍ୱାସରେ ଥିବା ପ୍ରକୃତି ପ୍ରାଣତା, ଦେଶପ୍ରୀତି ଓ ପ୍ରାଚୀନ ପ୍ରତି ଅନୁରାଗ ଏଗୁଡ଼ିକରେ ପରିଲକ୍ଷିତ। 'ଜନ୍ମଭୂମି' ଶୀର୍ଷକ କବିତା (୧ମ ଭାଗ)ର କିଛି ଅଂଶ ଦ୍ରଷ୍ଟବ୍ୟ।

"କି ନା ଛିଲ ତବ ? ସ୍ମରେ କହଲୋ ଜନନୀ<br>
କି ନାଛିଲ ? ହାୟ ମାତଃ ! କୋଥା ସେ ସକଲ ?<br>
କୋଥା ଏବେ ସେଇ ମୁକ୍ତା, ସ୍ୱର୍ଣ୍ଣ, ହୀରା, ମନି ?<br>
ନନ୍ଦନ କାନନ ଯଥା ଲୁଠି ରୁକ୍ଷ ଦଲ<br>
ବିନାଶେ ତାହାର ଶୋଭା, ଦୁରନ୍ତ ଯବନ<br>
କରଛେ ଜନନୀ ? ତବ ସର୍ବସ୍ୱ ହରନ।"

କବିଙ୍କର ଉ ର ଜୀବନରେ ପ୍ରକାଶିତ 'ଲେଖାବଳୀ' ମଧ୍ୟ ମାଇକେଲ୍ ମଧୁସୂଦନଙ୍କ ବୀରାଙ୍ଗନା କାବ୍ୟ ଅନୁସରଣରେ ରଚିତ। ଅମିତ୍ରାକ୍ଷର ଛନ୍ଦର ଶକ୍ତିଶାଳୀ ପ୍ରୟୋଗ ପ୍ରଥମେ ରାଧାନାଥ ଏକ ବଙ୍ଗଳା। ରଚନାବଳୀରେ ପରୀକ୍ଷା କରିଛନ୍ତି। ବାଲେଶ୍ୱର ଜିଲା ମାଜିଷ୍ଟ୍ରେଟ୍ ଜନ ବିମ୍ସ ଓ ଭୂଦେବ ମୁଖୋପାଧାୟଙ୍କ ସାହଚର୍ଯ୍ୟରେ ସେ ବଙ୍ଗଳା ରଚନା ପ୍ରତି ବିମୁଖେ ହୋଇ ଓଡ଼ିଆ ବାଣୀ ଭଣ୍ଡାରର ଉନ୍ନତି ବିଧାନରେ ନିଜକୁ ନିୟୋଜିତ କରିଥିଲେ।

### ୭.୧.୪ ତାଙ୍କର ଅନୁବାଦ ଓ ଗଦ୍ୟରଚନା

ରାଧାନାଥ ଓଡ଼ିଆରେ ମୌଳିକ କାବ୍ୟ ରଚନା ପୂର୍ବରୁ ଅନୁବାଦରେ ନିଜର ଶକ୍ତି ପରୀକ୍ଷା କରିଥିଲେ। କାଳିଦାସଙ୍କ 'ମେଘ ଦୂତମ୍' ସଂସ୍କୃତ କାବ୍ୟର ଅନୁବାଦ କରି ସେ ୧୮୭୪ରେ 'ଉତ୍କଳ ଦର୍ପଣ'ରେ ପ୍ରକାଶ କରିଥିଲେ। ସ୍ୱାଧୀନତା ଓ ବିଶ୍ୱାସଭାନତାର ମଧୁର ସମନ୍ୱୟ ରଖିଥିବା ଏହି ଅନୁବାଦ କାବ୍ୟ ପାଠକୀୟ ଶ୍ରଦ୍ଧା ଭାଜନ ହୋଇଥିବାର ଦେଖାଯାଏ। ସଂସ୍କୃତ 'ମେଘଦୂତ'ର କଳ୍ପନାବିଳାସ ଓ ରୋମା ିକ ଆବେଦନ ତଥା ବର୍ଣ୍ଣନାରେ ଚମତ୍କାରିତା କବିଙ୍କୁ ଆକୃଷ୍ଟ କରିଥିଲା।

ଏହାର ଲାଳିତ୍ୟ ଓ ଭାବ ପ୍ରାଞ୍ଜଳତା ଏତେ ଅଧିକ ଯେ ଏହା ମୌଳିକ ରଚନା ତୁଲ୍ୟ ସୁଖପାଠ୍ୟ ଓ ପ୍ରଭାବଶାଳୀ। ତାଙ୍କର ଗଦ୍ୟସୃଷ୍ଟି 'ଇତାଲୀୟ ଯୁବା' ମଧ୍ୟ ଏକ ଇଂରେଜୀ ଗଳ୍ପ ଛାୟାରେ ରଚିତ।

'ବିବେକୀ' (୧୮୭୩) ହେଉଛି ତାଙ୍କର ପ୍ରଥମ ଗଦ୍ୟ ରଚନା। 'ଉତ୍କଳ ଦର୍ପଣ' ପତ୍ରିକାରେ ଏହା ପ୍ରଥମେ ପ୍ରକାଶ ପାଇଥିଲା। ଏହାକୁ ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧ ରଚନା ଭାବରେ ସମାଲୋଚକମାନେ ଉଚ୍ଚ ଆସନ ଦେଇଥାନ୍ତି। ଏହା ତଥ୍ୟ ନିଷ୍ପତା ଓ ମନ୍ମୟ ବିଳାସ ଖୁବ ଉଚ୍ଚାଙ୍ଗ। ଏହି ଦୀର୍ଘ ରଚନାରେ ମଣିଷର ବିବେକ ସମ୍ପର୍କରେ ଯେଉଁ ଅନୁଭୂତିସିଦ୍ଧ ବ୍ୟାଖ୍ୟା କରାଯାଇଛି, ତାହା ତାଙ୍କ ସ୍ରଷ୍ଟାମାନସର ପ୍ରଜ୍ଞାଦୀପ୍ତ ପ୍ରତିଭୂ ବହନ କରିଥାଏ। ବିପଦ ଆପଦରେ ବିଚଳିତ ହେବା ଏବଂ ସମୟେ ସମୟେ ବ୍ୟକ୍ତିତ୍ୱର ବିନାଶ ଘଟାଇବା ଏକ ସାଧାରଣ କଥା। କିନ୍ତୁ ବିବେକୀ ଲୋକେ ଧୈର୍ଯ୍ୟ, ନିଷ୍ଠା ଓ ସହନଶୀଳତା ବଳରେ ଦୁର୍ଦ୍ଦିନକୁ ସାମ୍ନା କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଆନ୍ତି। ଅଧିକାଂଶ ମନୁଷ୍ୟ ନିଜକୁ ବହୁତ ବଡ଼ ମନେ କରି ଅନ୍ୟମାନଙ୍କ ଆଗରେ ଉପହାସର ପାତ୍ର ହୋଇଥାନ୍ତି। ସୁଭଗମନ୍ୟତା ମଣିଷକୁ ଖୁବ୍ ଅଳି ନ କରିଦିଏ। କେବଳ ବିବେକଶାଳୀ ବ୍ୟକ୍ତି ଏଥିରୁ ନିଜକୁ ଦୂରେଇ ରଖିଥାଏ। ଶାରୀରିକ, ମାନସିକ, ନୈତିକ ବିକାଶରେ ବିବେକ ହିଁ ବ୍ୟକ୍ତିର ଚିର ସହଚର ସାଜିଥାଏ। ରାଧାନାଥଙ୍କ ଏ ଚିରନ୍ତନ ଅନୁଭବର ସାର୍ବକାଳିକ ଆବେଦନ ପ୍ରବନ୍ଧଟିକୁ କ୍ଲାସିକ ପର୍ଯ୍ୟାୟରେ ପହ ।ଇ ପାରିଛି।

ପାର୍ବତୀ କାବ୍ୟର ଉପସଂହାର, ଉର୍ବଶୀ କାବ୍ୟର ଉପସଂହାର, ଭ୍ରମଣକାରୀର ପତ୍ର, ବାମଣ୍ଡା, ଉତ୍କଳ ସାହିତ୍ୟର ଉନ୍ନତି, ଟିପାଖାତା, ଖଣ୍ଡିଏ ପତ୍ର, ଆତ୍ମକଥାର କିୟଦଂଶ ଇତ୍ୟାଦିରେ ରାଧାନାଥଙ୍କ ଗଦ୍ୟଶୈଳୀର ଗଣର ବାସ୍ତବ ଆଲେଖ୍ୟ ପ୍ରସ୍ଫୁଟିତ। ଏଥି ସହିତ ପାଠ୍ୟପୁସ୍ତକ ଗୁଡ଼ିକରେ ମଧ୍ୟ ରାଧାନାଥ ଗଦ୍ୟର ସମ୍ଭାର ସୃଷ୍ଟି କରିଥିଲେ।

**୭.୧.୫.ରାଧାନାଥଙ୍କ କାବ୍ୟ ସାହିତ୍ୟର ପରିଚୟ :**

ସମସ୍ତ ରଚନା ମଧ୍ୟରେ ରାଧାନାଥଙ୍କର ଯେଉଁ କାବ୍ୟ ସୃଷ୍ଟି ହିଁ ତାଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରଦାନ କରିଛି ଅସପତ୍ନ ପ୍ରତିଷ୍ଠା, ତାହାର ସଂକ୍ଷିପ୍ତ ପରିଚୟ ସମ୍ପର୍କରେ ଅବଗତ ନ ହେଲେ ଏହି ପ୍ରତିଭାର ଆକଳନ ସଂପୂର୍ଣ୍ଣ ହେବ ନାହିଁ।

କେଦାରଗୌରୀ - ଭୁବନେଶ୍ୱରର କେଦାରଶ୍ୱର ମନ୍ଦିର ଓ ଗୌରୀ ମନ୍ଦିରକୁ ଉପଜୀବ୍ୟ କରି ରାଧାନାଥ ଗ୍ରୀକ୍ କବି ଓଭିଡ୍‌ଙ୍କର ମେଟାମରଫସିସ୍ କାବ୍ୟ ଅବଲମ୍ବନରେ 'କେଦାରଗୌରୀ' କାବ୍ୟ ରଚନା କରିଛନ୍ତି। ଏ କାବ୍ୟର ନାୟକ କେଦାର ଓ ନାୟିକା ଗୌରୀ କୈଶୋରରୁ ପରସ୍ପର ଅନୁରକ୍ତି ପ୍ରକାଶ କଲେ ମଧ୍ୟ ସେମାନଙ୍କ ପିତାମାତା ଏହାକୁ ସ୍ୱୀକାର କଲେ ନାହିଁ। ପିତାମାତାଙ୍କେ ବାରଣ ସ ୍ୱେ ସେମାନେ କାନ୍ଥର ରନ୍ଧ୍ର ମଧ୍ୟଦେଇ ନିଜ ନିଜର ହୃଦୟବାଣୀ ପ୍ରକାଶ କଲେ। ଅତ୍ୟଧିକ କଟକଣାର କାନ୍ଥ ଡେଇଁ ସେମାନେ ଗୃହତ୍ୟାଗ କରିବା ପାଇଁ ମନସ୍ଥ କରିବା ଏବଂ ଏକ ଭ୍ରମାତ୍ମକ ପରିସ୍ଥିତିରେ ପ୍ରେମୀଯୁଗଳ ଅରଣ୍ୟ ମଧ୍ୟରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା କାବ୍ୟଟିକୁ କରୁଣ ରସସିକ୍ତ କରିଅଛି। ଭୁବନେଶ୍ୱରର ରାଜା ଲଲାଟକେଶରୀ ସ୍ୱପ୍ନାଦେଶ ପାଇ କେଦାର ଓ ଗୌରୀ ନାମାନୁସାରେ ଦୁଇଟି ମନ୍ଦିର ପ୍ରତିଷ୍ଠା କଲେ। ପ୍ରକୃତ ପକ୍ଷେ ସେଠାରେ ଶିବ ଓ ପାର୍ବତୀଙ୍କ ପୂଜା ହେଉଥିଲେ ମଧ୍ୟ କବି କଳ୍ପନା ଇତିହାସର ଭ୍ରମ ସୃଷ୍ଟିକରି ପାଠକମାନଙ୍କୁ ନୂତନ ସ୍ୱାଦରେ ଆସ୍ୱାଦିତ କରିପାରିଛି।

ଚନ୍ଦ୍ରଭାଗା - ଗ୍ରୀକ୍ ଭାଷାର ମେଟାମରଫିସ୍‌ର କାବ୍ୟ ବର୍ଣ୍ଣିତ ଆପୋଲୋ ଏବଂ ଡାଫ୍‌ନୀ କାହାଣୀକୁ ଭି ିକରି 'ଚନ୍ଦ୍ରଭାଗା' କାବ୍ୟ ବିରଚିତ। ଚନ୍ଦ୍ରଭାଗା ତୀରରେ ଅବସ୍ଥିତ କୋଣାର୍କର ସୂର୍ଯ୍ୟମନ୍ଦିର ଭାଙ୍ଗିବା ପ୍ରସଙ୍ଗକୁ ଐତିହାସିକ ତଥା କୈମ୍ୱଦନ୍ତିକ କରିବାର ପ୍ରଚେଷ୍ଟା ଏଥିରେ ଅବଶ୍ୟ ଲକ୍ଷ୍ୟ କରାଯାଏ। ସୂର୍ଯ୍ୟ ବା ଆପୋଲଙ୍କ ଆକର୍ଷଣ ଏବଂ ଚନ୍ଦ୍ରଭାଗା ବା ଡାଫ୍‌ନୀଙ୍କ ଆକର୍ଷଣ ହେତୁ ଯେଉଁ ଟ୍ରାଜିକ୍ ପରିଣତି ସୃଷ୍ଟି ହୋଇଛି, ତାହାହିଁ କାବ୍ୟର ମୂଳ ପ୍ରସଙ୍ଗ। ସୁମନ୍ୟୁ ଋଷିଙ୍କ ଅପ୍‌ସରା କନ୍ୟା ଚନ୍ଦ୍ରଭାଗା ଏକ ସନ୍ଧ୍ୟାରେ ପରିଭ୍ରମଣ ବେଳେ ସୂର୍ଯ୍ୟଦେବତା ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବ୍ରାହ୍ମଣ ବେଶରେ ତାଙ୍କୁ ପ୍ରେମ ନିବେଦନ କଲେ। ରାମାଭିଷେକ ସମୟରେ ସୂର୍ଯ୍ୟଙ୍କ ଦ୍ୱାରା ଅପମାନିତ ହୋଇଥିବା କାମଦେବ ଏହି ସମୟରେ

ପ୍ରତିଶୋଧ ପରାୟଣ ହୋଇଉଠିଛି ଏବଂ ସୂର୍ଯ୍ୟଙ୍କ ପ୍ରତି ଅନୁରାଗ ଶର ଓ ଚନ୍ଦ୍ରଭାଗା ପ୍ରତି ବିରାଗ ଶର ନିକ୍ଷେପ କରିଛି। ଫଳରେ ସୂର୍ଯ୍ୟଙ୍କୁ ଭୟକରି ଚନ୍ଦ୍ରଭାଗା ସମୁଦ୍ର ଗର୍ଭରେ ଆତ୍ମହତ୍ୟା କରିଛି। ଏ କଥା ସୁମନ୍ୟୁ ଋଷି ଧ୍ୟାନ ବଳରେ ଜାଣିପାରି ଅଭିଶାପ ଦେବାରୁ ସୂର୍ଯ୍ୟଙ୍କର ମନୋରମ ମନ୍ଦିର ଭାଙ୍ଗିଯାଇଛି। ବିଦେଶୀ କତାବସ୍ତୁ ଛା ରେ ଏପରି ଗଳ୍ପାଂଶର ପରିକଳ୍ପନା ହେତୁ ରାଧାନାଥ ନିନ୍ଦିତ ହୋଇଥିଲେ ମଧ୍ୟ କାବ୍ୟକଳା ଦୃଷ୍ଟିରୁ 'ଚନ୍ଦ୍ରଭାଗା'ର ମହତ୍ୱ ସ୍ୱୀକାର୍ଯ୍ୟ।

ନନ୍ଦିକେଶ୍ୱରୀ – ବୀରତ୍ୱ ବିମୁଗ୍ଧା ନାୟିକା ନନ୍ଦିକେଶ୍ୱରୀ ପିତା ସୁବର୍ଣ୍ଣ କେଶରୀଙ୍କ ଶତ୍ରୁ ଚୋଡ଼ଗଙ୍ଗଙ୍କ ପ୍ରତି ପ୍ରଣୟାସକ୍ତ ହୋଇ ଦେଶଦ୍ରୋହ, ଜାତିଦ୍ରୋହ ଓ ପିତୃଦ୍ରୋହ ପାପରେ କିଭଳି ଲିପ୍ତ ରହି ଆତ୍ମବିସର୍ଜନ କରିଛନ୍ତି, ତାହାର କରୁଣ ଚିତ୍ର 'ନନ୍ଦିକେଶ୍ୱରୀ' କାବ୍ୟର କଥାବସ୍ତୁ। ମାଦଳାପାଞ୍ଜିର କିମ୍ବଦନ୍ତୀ ଉପରେ ନିର୍ଭର କରି ରାଧାନାଥ 'ନନ୍ଦିକେଶ୍ୱରୀ'ରେ ଯେଉଁ କାହାଣୀ କଳ୍ପନା କରିଛନ୍ତି, ତାହାର ମୂଳ ଓଭିଡ୍‌ଙ୍କ ମେଟାମରଫୋସିସ୍ କାବ୍ୟର ଅଷ୍ଟମକବିତା 'ଦି କିଙ୍ଗ୍ ମିନସ୍ ଏଣ୍ଡ ସିଲା'ରେ ଯେଉଁ କାହାଣୀ କଳ୍ପନା କରିଛନ୍ତି, ତାହାର ମୂଳ ଓଭିଡ୍‌ଙ୍କ ମେଟାମରଫୋସିସ୍ କାବ୍ୟର ଅଷ୍ଟମକବିତା 'ଦି କିଙ୍ଗ୍ ମିନସ୍ ଏଣ୍ଡ ସିଲା'ରେ ନିହିତ। ତତ୍ ସହିତ ବାଇରନ୍‌ଙ୍କ 'ଦି ସିକ୍ ଅଫ୍, କୋରିନ୍ଥ' ଗ୍ରନ୍ଥରୁ ଆଖ୍ୟାନ ଗ୍ରହଣ କରି କବି ସେଥିରେ ସମନ୍ୱୟ କରିଛନ୍ତି। ଉତ୍କଳୀୟ ଜାତୀୟତାର ପ୍ରତୀକ ଭାବରେ କବି ଯେଉଁ ପ୍ରାକୃତିକ ଶୋଭାର ବର୍ଣ୍ଣନା ଏଥିରେ ପ୍ରଦାନ କରିଛନ୍ତି, ତାହା ପାଠକ ପ୍ରାଣକୁ ଆପ୍ଲୁତ କରିଥାଏ। ଇତିହାସର ଚରିତ୍ର ନ ହୋଇ ମଧ୍ୟ ନନ୍ଦିକେଶ୍ୱରୀ ରାଧାନାଥଙ୍କ ଅପୂର୍ବ କବିତ୍ୱ ସ୍ପର୍ଶରେ ଐତିହାସିକ ପାଲଟିଯାଇଛି। ଓଡ଼ିଆ ସାହିତ୍ୟରେ ଏହି ନୂତନ କାହାଣୀ ପରବ ୀ ସମୟରେ ଏକ ପରମ୍ପରା ସୃଷ୍ଟି କରିଛି, ଯାହାର ପ୍ରଭାବ ଅଶ୍ୱିନୀକୁମାର ଘୋଷଙ୍କ 'କେଶରୀଗଙ୍ଗା', ମନୋରଞ୍ଜନ ଦାସଙ୍କ 'ନନ୍ଦିକେଶ୍ୱରୀ' ନାଟକ, ହରେକୃଷ୍ଣ ମହତାବଙ୍କ 'ଚାରିଚକ୍ଷୁ' କାବ୍ୟ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅସମାପିକା' ଓ ବୈଷ୍ଣବ ପାଣିଙ୍କ 'ନନ୍ଦିକେଶ୍ୱରୀ' ଗୀତାଭିନୟ ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଥିବାର ଜଣାଯାଏ।

ଉଷା – 'କେଦାରଗୌରୀ', 'ଚନ୍ଦ୍ରଭାଗା' ଓ 'ନନ୍ଦିକେଶ୍ୱରୀ' ପରେ କବି ରାଧାନାଥ 'ଉଷା' କବ୍ୟ ରଚନା କଲାବେଳେ ମଧ୍ୟ ବିଦେଶୀ କଥାବସ୍ତୁକୁ ଆଶ୍ରୟ କରିଛନ୍ତି। ରୋମାନ୍ କବି ଓଭିଡ୍‌ଙ୍କ 'ହିପେ ମିନସ୍ ଏଣ୍ଡ ଆଟଲା ।' କାବ୍ୟ ଏବଂ ଇଂରାଜୀ କବି ଉଇଲିୟମ୍ ମରିସଙ୍କ 'ଦି ଆର୍ଥଲି ପାରାଡାଇଜ୍' କାବ୍ୟ ଅନ୍ତର୍ଗତ 'ଆଟଲା । ରେସ୍' ଅବଲମ୍ବନରେ 'ଉଷା' ପରିକଳ୍ପିତ। ଆହରଣକୁ ସ୍ୱକୀୟ ଶୈଳୀରେ କବି ଏପରି ପରିବେଷଣ କରିଛନ୍ତି ଯେ 'ଉଷା' କାବ୍ୟର ଚରିତ୍ର, ଘଟଣା ଓ ପରିବେଶ ଓଡ଼ିଶାର ଏକାନ୍ତ ନିଜସ୍ୱ ପରି ପ୍ରତୀତି ଆସେ। ଏହାର କଥାବସ୍ତୁ ରୀତିକାବ୍ୟ ପରି ବହୁ ଶାଖା ପ୍ରଶାଖାଯୁକ୍ତ ତଥା ଦୈବୀ ପ୍ରଭାବରେ ଭାରାକ୍ରାନ୍ତ। ଅଲୌକିକ ଭାବେ ସମ୍ଭୂତା ରାଜକନ୍ୟା ଉଷା ଓ ରାଜକୁମାର ଜୟନ୍ତର ମିଳନ ପର୍ବ ଛଳରେ ଏକ ଭିନ୍ନ ସ୍ୱାଦ ଏ କାବ୍ୟକୁ କରିଛି ଅଧିକ ଚମତ୍କୃତ।

**ପାର୍ବତୀ –** ରାଧାନାଥ କାବ୍ୟ ସଂସାରରେ 'ପାର୍ବତୀ' ଏକ ବ୍ୟତିକ୍ରମ। ଭାରତୀୟ ପରମ୍ପରାରେ ପିତାପୁତ୍ରୀର ସମ୍ଭୋଗ ଚିତ୍ର ଏହାର ଏକ ବିବାଦୀୟ ବକ୍ତବ୍ୟ। ରାଜା ଗଙ୍ଗେଶ୍ୱର ଦେବ ମୟୂରଭଞ୍ଜର ରତ୍ନପୁର ଦୁର୍ଗ ଜୟ କରିବାପାଇଁ ଏହାକୁ ବହୁକାଳ ଅବରୋଧ କରି ରଖିଲେ। ଏହି ଅବସରରେ ସାଙ୍ଗରେ ଥିବା ତାଙ୍କର ଲାସ୍ୟମୟୀ କନ୍ୟା କୌଶଲ୍ୟା ପ୍ରତି ସେ କାମାସକ୍ତ ହୋଇ ତାକୁ ଉପଭୋଗ କରିଛନ୍ତି। କୌଶଲ୍ୟା ଅନ୍ତଃସ ୍ୱ ହୋଇ ପୁତ୍ରସନ୍ତାନ ଜନ୍ମଦେବା, ରାଜା ଆଦେଶରେ ଉଭୟ ମାତା ପୁତ୍ରଙ୍କୁ ଏକ କୂପ ମଧ୍ୟକୁ ନିକ୍ଷେପ କରି ନିଶେଷ କରିବା, ମାତା ପାର୍ବତୀଙ୍କୁ ଶୂନ୍ୟବାଣୀହେବା ଏବଂ ତାଙ୍କ ସମ୍ମୁଖରେ କୌଶଲ୍ୟାର ପ୍ରେତାତ୍ମା ପିତାଙ୍କ ନିଷ୍ଠୁରତା ବର୍ଣ୍ଣନା କରିବା, ଗଙ୍ଗେଶ୍ୱର ପରପୁର ବିଜୟ କରି ଉତ୍ସବ ପାଳନ ବେଳେ ରାଣୀ ପାର୍ବତୀ ଉଗ୍ରଚଣ୍ଡୀ ବେଶ ଧାରଣ କରି ରାଜାଙ୍କୁ ହତ୍ୟା କରିବା ଆଦି ଘଟଣା ଅସମ୍ପୂର୍ଣ୍ଣ 'ପାର୍ବତୀ' କାବ୍ୟର ବିଷୟ ନିର୍ଯ୍ୟାସ। ଗ୍ରୀକ୍ କବି ହୋମରଙ୍କ 'ଇଲିୟାଡ୍', ଆସ୍‌କାଇଲାସଙ୍କ 'ଆଗାମେମନନ୍' ନାଟକ, ସେକ୍ସପିଅରଙ୍କ 'ହାମଲେଟ୍', ନାଟକର ଭି ିରେ ମାଦଳା ପାଞ୍ଜିରେ ବର୍ଣ୍ଣିତ ରାଜା ଗଙ୍ଗେଶ୍ୱର ଦେବ କାହାଣୀକୁ ସମନ୍ୱୟ କରି କବି ରଚନା କରିଥିବା 'ପାର୍ବତୀ' କାବ୍ୟ ପାଇଁ ବହୁ ମାତ୍ରାରେ ସମାଲୋଚିତ ହୋଇଛନ୍ତି। ଏହି ବିଜାତୀୟ କଥାବସ୍ତୁର ଆରୋପଣ

କରିଥିଲେ ମଧ୍ୟ ସେ ଏହାର ଉଚିତ ଶାସ୍ତି ସ୍ୱରୂପ ରାଣୀ ପାର୍ବତୀଙ୍କ ଦ୍ୱାରା ପାପାଚାରୀ ଗଙ୍ଗେଶ୍ୱର ଦେବଙ୍କୁ ହତ୍ୟା କରାଇ ଏକ ସୁସ୍ଥ ସାମାଜିକ ଓ ପାରିବାରିକ ଜୀବନ ପାଇଁ ଇଙ୍ଗିତ ନିର୍ଦ୍ଦେଶ କରିଛନ୍ତି।

ଚିଲିକା – ରାଧାନାଥୀ ପ୍ରତିଭାର ଉତ୍କର୍ଷ ବହନ କରେ 'ଚିଲିକା' ଖଣ୍ଡକାବ୍ୟ। ଚିଲିକା ପରି ଏକ ନିର୍ବେଦ ହ୍ରଦକୁ କାବ୍ୟନାୟିକା ରୂପେ ଗ୍ରହଣ କରି କବି ଯେଉଁ ରୂପତୃଷ୍ଣା ଓ ଜାତୀୟତାର ଜାଜ୍ୱଲ୍ୟମାନ ଚିତ୍ର ବାଢ଼ିଛନ୍ତି, ତାହା ଚିଲିକା କାବ୍ୟକୁ ଯେତିକି ମହିମାନ୍ୱିତ କରିଛି, କବି ଜୀବନକୁ ସେତିକି ଧନ୍ୟ କରିଛି।

"ଉତ୍କଳ-କମଳା-ବିଳାସ-ଦୀର୍ଘିକା,<br>
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା।<br>
ଉତ୍କଳର ତହିଁ ଚାରୁ ଅଳଙ୍କାର,<br>
ଉତ୍କଳ ଭୁବନେ ଶୋଭାର ଭଣ୍ଡାର।<br>
ସ୍ୱଭାବେ ଭାବୁକ ମାନସ ଉଲ୍ଲାସୀ,<br>
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି।"

ଇତ୍ୟାଦି ପଦଗୁଡ଼ିକ ପାଠ କଲାବେଳେ ସୌନ୍ଦର୍ଯ୍ୟପ୍ରାଣ ରାଧାନାଥଙ୍କ ପ୍ରକୃତି ପ୍ରତି ଥିବା ଆବେଗ ସ୍ୱତଃ ଉଦ୍‌ଭାସିତ ହୁଏ। ଚିଲିକାର ରୂପଶୋଭାରେ ମୋହାବିଷ୍ଟ କବି ଏହାର ତଟଦେଶର କାନ୍ତି, ସନ୍ଧ୍ୟାର ସୁନ୍ଦରତା, ନୀଳ ଜଳର ନ ର୍ନ, ଭାଲେଣୀ, ସୋଲରୀ, ଘ ଶିଳା ଆଦି ପାହାଡର ପ୍ରକାଶ କ୍ଷମତା ଆଦିରୁ କବିତ୍ୱର କମନୀୟତାରେ ମନମୁଗ୍ଧ କରିବା ସହିତ ଉତ୍କଳର ଐତିହ୍ୟ ପ୍ରଖ୍ୟାପନ କରି ଯଶସ୍ୱୀ ହୋଇଛନ୍ତି।

ମହାଯାତ୍ରା – ଅମିତ୍ରାକ୍ଷର ଛନ୍ଦରେ ବିରଚିତ 'ମହାଯାତ୍ରା' ତାଙ୍କ ପ୍ରତିଭାର ଜୟଯାତ୍ରା। ଆଧୁନିକ ମହାକାବ୍ୟର ମାନ୍ୟତା ଲାଭ କରିଥିବା ମହାଯାତ୍ରା ସାତଟି ସର୍ଗରେ ଅସମ୍ପୂର୍ଣ୍ଣ ଭାବେ ସୀମିତ। ଏହାର କଥାବସ୍ତୁ ଦେଶୀୟ ଇତିହାସ ଓ ପୁରାଣରୁ ସଂଗୃହୀତ। ଏ ମହାକାବ୍ୟର ପରିବେଷଣ ଓ ବର୍ଣ୍ଣନା ଛଟାରେ କେତେକ ପାଶ୍ଚାତ୍ୟ କବିଙ୍କ ପ୍ରଭାବ ପଡ଼ିଥିଲେ ମଧ୍ୟ ମହାଭାରତୀୟ କଥାଂଶ ଏବଂ ଐତିହାସିକ ଇତିବୃ ର କାବ୍ୟିକ ପରିପ୍ରକାଶରେ ରାଧାନାଥଙ୍କ କୃତିତ୍ୱ ପ୍ରଣିଧାନ ଯୋଗ୍ୟ। ମୂଳ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତରୁ କଥାବସ୍ତୁ ଗ୍ରହଣ କରି କବି ପୌରାଣିକ କାନଭାସ୍ ଉପରେ ସମଗ୍ର କାବ୍ୟଟିକୁ ସୁସଜ୍ଜିତ କରିଛନ୍ତି।

ତିନି ଦସନ୍ଧିରେ ମହାଯାତ୍ରାର ଗଳ୍ପାଂଶ ପରିବେଷିତ। ଦ୍ୱାପରର ବିଦାୟ ଓ କଳିର ଆଗମନରେ ଯେଉଁ ସନ୍ଧିକ୍ଷଣ ସୃଷ୍ଟି ହୋଇଛି, ସେତିକିବେଳେ ପାଣ୍ଡବ ପା ଭାଇ ପରୀକ୍ଷିତଙ୍କୁ ହସ୍ତିନା-ସିଂହାସନରେ ବସାଇ ପତ୍ନୀ ଦ୍ରୌପଦୀଙ୍କ ସହିତ ସ୍ୱର୍ଗାରୋହଣରେ ବାହାରିଛନ୍ତି। ପାଣ୍ଡବମାନେ ପୁରୀରେ ପହ୍ ବା ପରେ ମହୋଦଧିରୁ ଅଗ୍ନି ଆବିର୍ଭୂତ ହୋଇ ସେମାନଙ୍କର ପ୍ରଥପ୍ରଦର୍ଶକ ସାଜିଲେ। ନାନାସ୍ଥାନ ପରିଭ୍ରମଣ ପରେ ସହ୍ୟାଦ୍ରି ପର୍ବତ ଉପରେ ଅଗ୍ନି ଯୁଧିଷ୍ଠିରଙ୍କୁ ଯେଉଁ ଅଞ୍ଜନ ଦେଲେ, ତାହାରି ବଳରେ ସେ ଭାରତର ଅତୀତ, ବ ର୍ମାନ ଓ ଭବିଷ୍ୟତକୁ ଦେଖିପାରିଲେ। ପୌରାଣିକ ଭାରତବର୍ଷର ଧର୍ମ, ସାହସ, ସତ୍ୟ, ନ୍ୟାୟ, କ୍ଷମା ଇତ୍ୟାଦି ଦେବୋପମ ଗୁଣାବଳୀ କିପରି ଅପହୃତ ହୋଇ କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ମିଥ୍ୟା, କଳହ ଆଦି ପ୍ରାଧାନ୍ୟ ଲାଭ କରୁଛି, ସେ ସବୁ ଯୁଧିଷ୍ଠିରଙ୍କ ଚକ୍ଷୁରେ ଉନ୍ମୀଳିତ ହେଲା। ପୌରାଣିକ ଭାରତବର୍ଷରୁ କ୍ରମେ ଐତିହାସିକ ଭାରତବର୍ଷକୁ ସେ ଦେଖିବାରେ ସକ୍ଷମ ହୋଇଛନ୍ତି। ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କର ସିଂହାସନ ପାଇଁ ସଂଘର୍ଷ, ଜୟଚନ୍ଦ୍ରଙ୍କ ବିଶ୍ୱାସଘାତକତା, ପ୍ରଥମ ଓ ଦ୍ୱିତୀୟ ତିରୋରୀ ଯୁଦ୍ଧ, ଯୁଦ୍ଧକ୍ଷେତ୍ରରେ ଉଦାସୀନ ସୈନିକମାନଙ୍କୁ ପୃଥ୍ୱୀରାଜ, ସଂଯୁକ୍ତା ଓ ସେନାପତି ଅମର୍ଷୀଙ୍କ ଉତ୍ସାହ ପ୍ରଦାନ, ତତ୍ପରେ ଯବନ ଶାସନର ଉତ୍‌ଥାନ ଆଦି ଅବଲୋକନ କରି ଯୁଧିଷ୍ଠିର

ଭାରତବର୍ଷର କ୍ଷୟିଷ୍ଣୁ ଚିତ୍ରପଟ ହୃଦୟଙ୍ଗମ କରିପାରିଛନ୍ତି। ପରାଧୀନ ଭାରତ ବର୍ଷରେ ଜାତୀୟ ଭାବନା ସୃଷ୍ଟି କରିବା ପାଇଁ କବି ଏଭଳି ଏକ କାବ୍ୟର ପରିକଳ୍ପନା କରି ସ୍ୱଦେଶ ପ୍ରେମର ପ୍ରକୃଷ୍ଟ ପରିଚୟ ଦେଇଛନ୍ତି।

ଦରବାର – ବ୍ୟଙ୍ଗାତ୍ମକ କାବ୍ୟ ଭାବରେ 'ଦରବାର' ସୁପ୍ରସିଦ୍ଧ। ପ୍ରେମ-ପରିଣୟ, ପ୍ରକୃତି ପ୍ରୀତି, ରୂପାନୁଭୂତି ତଥା ସୌନ୍ଦର୍ଯ୍ୟ ଦୃଷ୍ଟିଭଳି ଯେଉଁ କେତେକ ସାଧାରଣ ବିଭବକୁ ନେଇ ରାଧାନାଥ କାବ୍ୟମାନ ସଂରଚନା କରିଥିଲେ। ଏଥିରେ ତାହାର ବ୍ୟତିକ୍ରମ ପରିଦୃଷ୍ଟ ହୁଏ। ସାମାଜିକ ଅଧପତନ ପ୍ରତି ଅଂଗୁଳି ନିର୍ଦ୍ଦେଶ କରବା ସହିତ ତଥାକଥିତ ଅହଂପ୍ରମ  ରାଜା, ଜମିଦାର ତଥା ଅନ୍ୟ ଉଚ୍ଚବର୍ଗର ମଣିଷମାନଙ୍କୁ ସେ ଶାଣିତ ଭାବରେ ବ୍ୟଙ୍ଗ ଓ ବିଦ୍ରୂପ କରିବାର ଯେଉଁ ଅଦମ୍ୟ ସାହସ ଏଥିରେ ବ୍ୟକ୍ତ କରିଛନ୍ତି, ତାହା ଓଡ଼ିଆ କାବ୍ୟ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ ବିଭବ। ୧୮୯୪ ସାଲ ଅଗଷ୍ଟ ୨୯ ତାରିଖରେ କଟକ ସହରର ବାରବାଟୀ ପଡ଼ିଆରେ ସାମନ୍ତ ଚନ୍ଦ୍ରଶେଖରଙ୍କୁ ମହାମହୋପାଧ୍ୟାୟ ଓ କାଉପୁର ଜମିଦାର ଗୋବିନ୍ଦବଲ୍ଲଭ ରାୟଙ୍କୁ ରାୟବାହାଦୂର ଉପାଧି ପ୍ରଦାନ ନିମନ୍ତେ ଏକ ଦରବାର ଅନୁଷ୍ଠିତ ହୋଇଥିଲା। ଏହି ଦରବାରକୁ ନିମନ୍ତ୍ରିତ ହୋଇଥିବା ରଜନ୍ୟବର୍ଗଙ୍କ ଠାଣି କବି ହୃଦୟରେ ଯେଉଁ ବ୍ୟଥା ସୃଷ୍ଟି କରିଛି, ତାହାର ସାରସ୍ୱତ ପ୍ରତିଦାନ ହିଁ 'ଦରବାର' କାବ୍ୟର ମୁଖ୍ୟ ଭାବବସ୍ତୁ।

ଉପର୍ଯୁକ୍ତ କାବ୍ୟାବଳୀ ବ୍ୟତୀତ କବି ଯଯାତିକେଶରୀ, ଉର୍ବଶୀ ନାମକ ଯେଉଁ ଦୁଇଟି କାବ୍ୟରଚନା କରିଛନ୍ତି, ତାହିଁରେ ତାଙ୍କ ପ୍ରତିଭାର ବୈଚିତ୍ର୍ୟ ଅନୁପଲବ୍ଧ। ଏତଦ୍‌ଭିନ୍ନ 'ଭାରତ ଗୀତିକା', 'ସତୀପ୍ରତି ସତୀଦ୍ରୋହୀ ପତିର ଉକ୍ତି', 'ତିନିବନ୍ଧୁ', 'ଶ୍ମଶାନ ଦୃଶ୍ୟ' ଓ 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ଆଦି ତାଙ୍କ ଶେଷ ଜୀବନର କବିତା ସମୂହରେ କବିପ୍ରାଣର ଜାତ୍ୟଭିମାନ ଓ ସୂକ୍ଷ୍ମ ଅନୁଚିନ୍ତାର କଳାତ୍ମକ ପରିପ୍ରକାଶ ଲକ୍ଷ୍ୟ କରାଯିବ। ତେବେ ରାଧାନାଥ କାବ୍ୟର କବି ଭାବରେ ଯେତିକି ପ୍ରତିଷ୍ଠା ଅର୍ଜନ କରିଛନ୍ତି, କ୍ଷୁଦ୍ର କବିତାର ସ୍ରଷ୍ଟା ଭାବରେ ସେତିକି ସଫଳତା ପାଇ ନାହାନ୍ତି।

### ୭.୧.୬ କବି ରାଧାନାଥଙ୍କ ବିଶେଷତ୍ୱ

ନୂତନ ଯୁଗର ବା ର୍ତ୍ତାବହ ଭାବରେ ସ୍ୱକୀୟ ସୃଷ୍ଟିସମୂହରେ ଯେଉଁ ଅଭିନବ ଉପାଦାନମାନ ସଂଯୋଜନା କରି ରାଧାନାଥ ଓଡ଼ିଆ କାବ୍ୟକାନନକୁ ଋଦ୍ଧିମନ୍ତ କରିଛନ୍ତି, ତାହାହିଁ ତାଙ୍କର ଚରମ ବିଶେଷତ୍ୱ। ପ୍ରଜ୍ଞା, ପାଣ୍ଡିତ୍ୱ ଓ ପ୍ରତିଭାର ମୂ ର୍ତ୍ତିମନ୍ତ ବିଗ୍ରହ ଏହି ଉଦ୍ଦେଶ୍ୟ ଶିଳ୍ପୀଙ୍କ ସୃଷ୍ଟିଧାରାରେ ସନ୍ନିବେଶିତ ସ୍ୱତନ୍ତ୍ରତା ଅବଶ୍ୟ ଅବଧାରଣୀୟ।

### ୭.୧.୭ କାବ୍ୟ କଥାବସ୍ତୁରେ ଆହରଣ ଓ ସମୀକରଣ –

କଥାବସ୍ତୁ ଆହରଣ କରି ନିଜସ୍ୱ ଢଙ୍ଗରେ ପରିବେଷଣ କରିବାର କଳା ସାରଳା ଦାସଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ରାଧାନାଥ ପ୍ରେମ ବ୍ୟକ୍ତି ଯିଏ ପାଶ୍ଚାତ୍ୟ ସାହିତ୍ୟରୁ କାହାଣୀ ବା କାହାଣୀ ଅଂଶ ଗ୍ରହଣ କରି ଓଡ଼ିଶା ପାଣିପାଗରେ ପ୍ରଲେପିତ କରିଛନ୍ତି। ଓଡ଼ିଶାର କିମ୍ବଦନ୍ତୀ ବା ଇତିହାସ ସହିତ କେଉଁଠି ସାମାନ୍ୟ ସାଦୃଶ୍ୟ ଥାଉ ବା ନଥାଉ ସେ ବିଦେଶୀ ପ୍ରସଙ୍ଗକୁ ଏପରି ଭାବରେ ଚିତ୍ରଣ କରିଛନ୍ତି ଯେ ତାହା ଇତିହାସର ଭ୍ରମ ସୃଷ୍ଟି କରିଛି। ଭୁବନେଶ୍ୱରର କେଦାରେଶ୍ୱର ମନ୍ଦିର ଓ ଗୌରୀ ମନ୍ଦିରର ଭୌଗୋଳିକ ଅବସ୍ଥିତି ତଥା ଏହାର ପ୍ରସିଦ୍ଧିକୁ ଲକ୍ଷ୍ୟକରି ଓଭିଡ୍‌ଙ୍କ ମେଟାମରଫସିସ୍‌ର କାହାଣୀକୁ ଏହା ସହିତ ସଂଯୋଗ କରି କେଦାରଗୌରୀ ରଚନା କରିଛନ୍ତି। କାବ୍ୟ ବର୍ଣ୍ଣିତ ଲଲାଟକେଶରୀ ଭୁବନେଶ୍ୱର ସହର ପ୍ରତିଷ୍ଠା ବିଷୟ ଓଭିଡ୍‌ଙ୍କ କାବ୍ୟରେ ରାଜା ସେମିରାମିସ୍‌ଙ୍କ ବେବିଲନ୍ ସହର ପ୍ରତିଷ୍ଠା ସହିତ ତୁଳନୀୟ। ଉଭିଡ୍‌ଙ୍କ ଆପୋଲୋ ଓ ଡାଫନୀ ଗଳ୍ପ ଛାୟାରେ 'ଚନ୍ଦ୍ରଭାଗା' ରଚିତ ହୋଇଥିଲେ ହେଁ ଏ କାବ୍ୟର ପ୍ରଥମ ଭାଗରେ ପ୍ରଦ  ଜଗନ୍ନାଥଙ୍କ ପୁଷ୍ୟାଭିଷେକ ଓ ଶେଷ ଭାଗରେ ସଂଯୁକ୍ତ କୋଣାର୍କ ମନ୍ଦିର ପତନର ଚିତ୍ର କବିଙ୍କ କଳ୍ପନା ପ୍ରସୂତ। ଅନୁସରଣରେ କେତେକ ପରିବ ର୍ତ୍ତନ ,କ ସ୍ୱକଳ୍ପନାରୁ କଥାବସ୍ତୁ ସଂଯୋଜନ ଫଳରେ ମୂଳ ଗ୍ରୀକ୍ କଥାବସ୍ତୁଟି ଏକ ସ୍ୱତନ୍ତ୍ର କାନ୍ତିରେ ବିଭୂଷିତ ହୋଇପାରିଛି। 'ଚନ୍ଦ୍ରଭାଗା' କାବ୍ୟରେ ଜଗନ୍ନାଥଙ୍କ ରାମାଭିଷେକ ଦର୍ଶନକୁ କେନ୍ଦ୍ରକରି ସୂର୍ଯ୍ୟ ଓ କାମଦେବଭ୍‌କ କଳି ବର୍ଣ୍ଣନା ଯେତିକି

ନାଟକୀୟ, କାବ୍ୟ ଗଠନ ପରିପାଟୀରେ ଏହାର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟଦେବତା ମଦନଙ୍କୁ କଟାକ୍ଷ କରିବାର ଚିତ୍ର ଦ୍ରଷ୍ଟବ୍ୟ –

"ସ୍ତ୍ରୈଣ ଜନ ମନ ସକାର
    ତୋର ଏଡ଼େ ଗୁମାନ,
ତେଜସ୍ୱି-ଧର୍ଷଣ-ପ୍ରମାଦେ
    ଦିନେ ଯିବ ତୋ ପ୍ରାଣ।
ହର କୋପାନଳେ ଥରେ ତୁ
    ଜଳିଥିଲୁ ମଦନ,
ପୁଣି ଜଳିବାକୁ ଏ ଦେହେ
    ପରା ବଢ଼ିଛି ମନ।
ସଂସାରେ ଯାବତ କଳଙ୍କ
    ତା'ର ଅଟୁ କରତା,
ନାରୀ, ନାରୀରଙ୍କ ନରଙ୍କ
    ତୁହି ଅଟୁ ଦେବତା।"

ନନ୍ଦିକେଶ୍ୱରୀ, ଉଷା ଓ ପାର୍ବତୀ ଯଥାକ୍ରମେ ଓଭିଡ୍‌ଙ୍କ ସିଲା – ମିନସ୍, ଆଟଲା । ରେସ୍ ଓ ଏସକାଇଲସ୍‌ଙ୍କ ଆଗାମେନନ୍ ନାଟକ ଅବଲମ୍ବନରେ ସୃଷ୍ଟ। ଉଷା କାବ୍ୟରେ ଉଇଲିୟମ୍ ମରିସ୍‌ଙ୍କ 'ଆଟଲା । ରେସ୍'ର ପ୍ରାଧାନ୍ୟ ଅନୁଭୂତ। ଏପରିକି ତାଙ୍କର ମୌଳିକ କାବ୍ୟରୂପେ ଖ୍ୟାତି ଲାଭ କରିଥିବା 'ଚିଲିକା' କାବ୍ୟରେ ମଧ ସେ କେତେକ ସ୍ଥଳରେ ଇଂରାଜୀ କବି ୱାଲଟର ସ୍କଟ୍ ଓ ବାଇରନ୍‌ଙ୍କୁ ଅନୁସରଣ କରିଥିବାର ଅନୁମିତ ହେବ। ସ୍କଟ୍‌ଙ୍କ 'ଲେହି ଅଫ୍ ଦି ଲେକ୍' କାବ୍ୟର ଠାଏ ଉଲ୍ଲିଖିତ –

How sweet, at eve the lover's lute
Chime, when the groves were still and mute!
And when the midnight moon should lave
Her forehead in the silver wave,
How solemn on the ear would come
The holy Matins' distant hum.

ରାଧାନାଥ 'ଚିଲିକା'ରେ ଅନୁରୂପ ବର୍ଣ୍ଣନା ଦେଇ ଲେଖିଛନ୍ତି –

ପଶ୍ଚିମା ସନ୍ଧ୍ୟାରେ ବନ୍ଦାପନା ପାଇଁ
    ଯତିଏ ଆସନ୍ତି ଶଇଲୁଁ ଓହ୍ଲାଇ।
ଦିଗ୍‌ବଳୟ ବ୍ୟାପି–ନୀଳ ଜଳାରଣ୍ୟେ
    ରଞ୍ଜିଲା ଚନ୍ଦ୍ରିକା ନିଜେ ଶୁଭ୍ରବର୍ଣ୍ଣେ।

ଉଲ୍ଲାସର ଆତ୍ମା ପ୍ରାୟେ ଗୀତତାନ

ହ୍ରଦନୀଳ ବକ୍ଷେ କରେ ଅଧିଷ୍ଠାନ।

'ମହାଯାତ୍ରା' ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ମାନସ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ କବି ଏହାକୁ ଏକ ମୌଳିକ ମହାକାବ୍ୟ ରୂପେ ଏପରି ଚିତ୍ରଣ କରିଛନ୍ତି ଯେ ତାହା ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଏକ ଉଚ୍ଚାଙ୍ଗ ସମ୍ମାନ ଲାଭକରେ। ସଂସ୍କୃତ ଓ ସାରଳା ମହାଭାରତ, ମିଲ୍‌ଟନଙ୍କ 'ପାରାଡାଇଜ୍ ଲଷ୍ଟ', ଟେନିସ୍‌ଙ୍କ 'ପାସିଙ୍ଗଅଫ୍ ଆର୍ଥାର' କାବ୍ୟରୁ ଉପାଦାନ ଗୃହୀତ ହୋଇ ଏହା ପରିକଳ୍ପିତ। ଓଡ଼ିଆ ମହାଭାରତରେ ପାଣ୍ଡବମାନେ ସ୍ୱର୍ଗାରୋହଣ ପୂର୍ବରୁ ତୀର୍ଥଭ୍ରମଣ ଉଦ୍ଦେଶ୍ୟରେ ଓଡ଼ିଶାକୁ ଆସିଥିବା ବିଷୟ ବର୍ଣ୍ଣିତ। 'ମହାଯାତ୍ରା'ରେ ସେହିଭଳି ପ୍ରସଙ୍ଗ ସଂରକ୍ଷିତ। 'ମହାଯାତ୍ରା'ରେ ଅର୍ଜ୍ଜୁନଙ୍କ ଗାଣ୍ଡିବ ଧନୁ ନିକ୍ଷେପ ସହ 'ପାସିଙ୍ଗ ଅଫ୍ ଆର୍ଥାର' କାବ୍ୟର ଏକ୍ସ କାଲିନର ଖଡଗ କ୍ଷେପଣର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ। ପାରାଡାଇଜ୍ ଲଷ୍ଟ କାବ୍ୟରେ ବର୍ଣ୍ଣନାନୁସାରେ ଦେବଦୂତ ମାଇକେଲ୍ ପର୍ବତ ଶିଖର ଉପରେ ଆଦାମଙ୍କୁ ବସାଇ ତାଙ୍କର ଚକ୍ଷୁରେ ଅଞ୍ଜନ ବୋଳିବା ଫଳରେ ସେ ଭବିଷ୍ୟତ ସମାଜର ଅଧୋଗତି ତଥା ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବ ପ୍ରଭୃତି ଘଟଣାବଳୀ ଦେଖିପାରିଛନ୍ତି। ସେହିପରି ଅଗ୍ନି 'ମହାଯାତ୍ରା' କାବ୍ୟରେ ଦିବ୍ୟାଞ୍ଜନ ଲଗେଇବାରୁ ପାଣ୍ଡବଗଣ ଭାରତବର୍ଷର ଭବିଷ୍ୟତ ଦୁର୍ଗତି ଦେଖି ଚକିତ ହୋଇଛନ୍ତି।

ଏହିପରି କାବ୍ୟ କଥାବସ୍ତୁ ଓ ବର୍ଣ୍ଣନା ଛଟାରେ ରାଧାନାଥ କେତେକ ଆହରଣକୁ ସ୍ୱୀକରଣ କରି ନିଜ କାବ୍ୟକଳାକୁ ଯେଉଁ ପ୍ରତିଷ୍ଠା ଦେଇଛନ୍ତି, ତାହା ତାଙ୍କ ମୌଳିକ କବିପ୍ରତିଭାର ପରିଚୟ ଦିଏ।

ଚରିତ୍ରାୟନର ବିଚିତ୍ର ଚୌହଦି – ରାଧାନାଥ ମଧ୍ୟଯୁଗୀୟ କାବ୍ୟମାନଙ୍କ ପରି କେବଳ ପୌରାଣିକ ଦେବଦେବୀ ବା ରାଜକୁମାର ରାଜକୁମାରୀଙ୍କ ଚରିତ୍ର ଚିତ୍ରଣରେ ନିଜକୁ ସୀମାବଦ୍ଧ କରିନାହାନ୍ତି, ଅଧିକନ୍ତୁ ସେ ପୁରାଣରେ କେତେକ ଚରିତ୍ରକୁ ଗ୍ରହଣ କରିଥିଲେ ମଧ୍ୟ ସେ ସବୁକୁ ନୂତନ ଢଙ୍ଗରେ ପ୍ରକାଶ କରିଛନ୍ତି। ଐତିହାସିକ ଓ ସାମାଜିକ ଚରିତ୍ରାୟନରେ ମଧ୍ୟ ସେ ନୂତନ ସରଣୀର ନିର୍ମାତା। ଏଥି ସହିତ 'କେଦାରଗୌରୀ' କାବ୍ୟର କେଦାର ଓ ଗୌରୀ, 'ଚନ୍ଦ୍ରଭାଗା' କାବ୍ୟର ଚନ୍ଦ୍ରଭାଗା, ସୁମନ୍ୟୁ ଋଷି, 'ନନ୍ଦିକେଶ୍ୱରୀ' କାବ୍ୟର ନନ୍ଦିକା, 'ଉଷା' କାବ୍ୟର ଉଷା ଓ ଜୟନ୍ତ, 'ପାର୍ବତୀ' କାବ୍ୟର ପାର୍ବତୀ, 'ଯଯାତିକେଶରୀ' କାବ୍ୟର ବିମଳା, ଲତିକା ପ୍ରମୁଖ କାଳ୍ପନିକ ଚରିତ୍ରମାନ ସୃଷ୍ଟିକରି କବି ସେମାନଙ୍କୁ କାବ୍ୟକୀର୍ତ୍ତିରେ ପ୍ରସିଦ୍ଧ କରିବାରେ ପ୍ରୟାସୀ।

ସୂର୍ଯ୍ୟ ଓ କନ୍ଦର୍ପ ପୌରାଣିକ ଚରିତ୍ର ହେଲେ ମଧ୍ୟ 'ଚନ୍ଦ୍ରଭାଗା'ରେ ବର୍ଣ୍ଣିତ ସେମାନଙ୍କର କାର୍ଯ୍ୟକଳାପ ପୁରାଣ ସମ୍ମତ ନୁହେଁ। 'ମହାଯାତ୍ରା'ରେ ପାଣ୍ଡବମାନଙ୍କୁ ଅଗ୍ନିଙ୍କର ଦିବ୍ୟାଞ୍ଜନ ପ୍ରଦାନ, ଉଷା କାବ୍ୟରେ କାଳିଙ୍କ ଅଭିଶାପ ଫଳରେ ଚିତ୍ରରଥ ଗନ୍ଧର୍ବ ଓ ଅପ୍ସରା ତିଳୋ ମା ପୃଥିବୀ ପୃଷ୍ଠରେ ଉଷା ଓ ଜୟନ୍ତ ରୂପେ ଅବତୀର୍ଣ୍ଣ ହେବା, 'ଚନ୍ଦ୍ରଭାଗା' କାବ୍ୟରେ ସୁମନ୍ୟୁ ଋଷିଙ୍କ ଅଭିଶାପ ଯୋଗୁ କୋଣାର୍କସୂର୍ଯ୍ୟ ମନ୍ଦିର ଭୁଶୁଡ଼ି ପଡ଼ିବା ଇତ୍ୟାଦି ଅପୌରାଣିକ ଉପାଖ୍ୟାନ ବର୍ଣ୍ଣନାରେ ରାଧାନାଥଙ୍କ କଳ୍ପନାର ଯାଦୁକାରୀ ଶକ୍ତି ସନ୍ନିହିତ। ସୁବର୍ଣ୍ଣକେଶରୀ,ଚୋଡ଼ଗଙ୍ଗ ଦେବ, ଗଙ୍ଗେଶ୍ୱର ଦେବ, ଲଲାଟକେଶରୀ, ଯଯାତିକେଶରୀ ପ୍ରମୁଖ ଚରିତ୍ରମାନେ ଓଡ଼ିଶା ଇତିହାସର ହେଲେ ହେଁ କବି ରଚନାରେ ଏମାନେ ଐତିହାସିକ ସତ୍ୟତା ଅପେକ୍ଷା କାଳ୍ପନିକ ରୋମା ରୁ ଅଧିକ ମାତ୍ରାରେ ଗ୍ରହଣ କରି ସ୍ୱତନ୍ତ୍ର ରୂପେ ଚିତ୍ରିତ।

କଳ୍ପନାର ପୁଟ ଦେଲାବେଳେ ପାଶ୍ଚାତ୍ୟ କଥାବସ୍ତୁର ଓଡ଼ିଶୀକରଣ କରିବାର ଦାୟବଦ୍ଧତାରେ ସେ ପୁରାଣ ଓ ଇତିହାସ ପ୍ରସିଦ୍ଧ ଚରିତ୍ରମାନଙ୍କର ଯେଉଁ ନୈତିକ ଅଧଃପତନ ଘଟାଇଛନ୍ତି, ତାହା କେତେକାଂଶରେ ପାଠକୀୟ ବିରାଗର କାରଣ ହୋଇଛି। କେଦାର, ଗୌରୀ, ସୂର୍ଯ୍ୟ, ନନ୍ଦିତା, ଜୟନ୍ତ, ଗଙ୍ଗେଶ୍ୱର ପ୍ରମୁଖଙ୍କ ପ୍ରେମ ପାଗଳାମି ଏ ଦେଶର ପରମ୍ପରାରେ ସ୍ୱୀକୃତ ନୁହେଁ। ତେବେ ରାଧାନାଥା ରୂପପ୍ରାଣତାର ରମଣୀୟ ବର୍ଣ୍ଣନାରେ ଏମାନେ ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇଛନ୍ତି।

ଦରବାର କାବ୍ୟରେ କୌଣସି ଚରିତ୍ର ଚିତ୍ରଣ ପ୍ରତି କବି ଗୁରୁତ୍ୱ ଦେଇନଥିଲେ ମଧ୍ୟ ବକ୍ତବ୍ୟ ବର୍ଣ୍ଣନାବେଳେ ଅନେକ ଆଧୁନିକ ମଣିଷଙ୍କର ଯେଉଁ ତ୍ରୁଟି ବିଚ୍ୟୁତି ପ୍ରକାଶ କରିଛନ୍ତି, ତାହା ତାଙ୍କର ସାମାଜିକ ଦୃଷ୍ଟିଭଙ୍ଗୀର ପ୍ରତୀକ। ପୋଲିସ କର୍ମଚାରୀ, ସରକାରୀ ଚପରାସୀଠାରୁ ଆରମ୍ଭ କରି ରାଜା, ସମ୍ଭ୍ରାନ୍ତବ୍ୟକ୍ତିମାନଙ୍କର ବିଭିନ୍ନ ଦିଗ ଉନ୍ମୋଚନରେ ସେ ଯତ୍ନଶୀଳ ହୋଇଛନ୍ତି।

ତାଙ୍କ କାବ୍ୟର ପ୍ରକୃତି ମଣିଷ ପରି ଏକ ଜୀବନ୍ତ ଚରିତ୍ର ରୂପେ ଆତ୍ମପ୍ରକାଶ କରିଛି। 'ଚିଲିକା' କାବ୍ୟରେ ଚିଲିକାକୁ ନାୟିକା ରୂପେ ନିର୍ବାଚିତ କରି କବି ରାଧାନାଥ ଚରିତ୍ର ଚିତ୍ରଣର ଅଭିନବ ଦୃଷ୍ଟାନ୍ତ ସାବ୍ୟସ୍ତ କରିଛନ୍ତି। ମାନବୀୟ ଗୁଣର ବିଚିତ୍ରତା ଚିଲିକା ନିକଟରେ ସଂଗୁପ୍ତ। ସେ କେତେବେଳେ ବନ୍ଧୁ ତ କେତେବେଳେ ସହଚରୀ ପୁରି କେତେବେଳେ ଗୁରୁ ଆସନରେ ଅଧିଷ୍ଠିତ। ପୁନଶ୍ଚ କେତେବେଳେ ପ୍ରତିହିଂସା ପରାୟଣ ଜଣେ ଦେଶପ୍ରେମୀ ସୈନିକର ଭୂମିକା ସେ ତୁଲାଇବା ପାଇଁ ପ୍ରସ୍ତୁତ। ଯବନ ରକ୍ତବାହୁ ଉତ୍କଳ ଆକ୍ରମଣ କରି ଚିଲିକା ବକ୍ଷ ଦେଇ ସ୍ୱଦେଶକୁ ପ୍ରତ୍ୟାବ ର୍ନ କରିବା ସମୟରେ ଭୀଷଣ ଝଡ଼ର ସମ୍ମୁଖୀନ ହୋଇ ପରାହତ ହୋଇଥିଲା। ଏହି ପ୍ରସଙ୍ଗ ବର୍ଣ୍ଣନାରେ କବି ଚିଲିକାର ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରି ଲେଖିଛନ୍ତି -

"ବିଜୟ-ଉଲ୍ଲାସ-ମଦେ ବାହି ତରୀ

ବାହୁଡ଼ିଲା ଯେବେ ସ୍ୱଦେଶେ ମସ୍ତରୀ।

ତା' ଉଲ୍ଲାସ-ଗୀତ ତୋହରି ପ୍ରତାପେ

ପରିଣତ ହେଲା ପଲକ ବିଳାପେ।

ଉ ରଳେ ଯାଇ ଓଗାଳିଲୁ ବାଟ

ଆକାଶ ପାତାଳ ଛାଡ଼ିଲେ କୁହାଟ।

କାଳିଜାଇ ଶୈଳେ ଦେବୀ ହୈମବତୀ

ଉଭାହୋଇ କଲେ ସଂକେତ ତୋ ପ୍ରତି।" - ଚିଲିକା

**୭.୧.୮ ଅନ୍ତୀହୀନ ସୌନ୍ଦର୍ଯ୍ୟ ପିପାସା -** ରାଧାନାଥ ରୂପାନ୍ୱେଷୀ ସ୍ରଷ୍ଟା। ସହଜେ କବିମାତ୍ରେ ହିଁ ରୂପ ପ୍ରଲୋଭନର ଦାସ। କବି ରାଧାନାଥଙ୍କ କାବ୍ୟ ସଂସାରରେ ଆଘ୍ରାଣର ଅହେତୁକ ପ୍ରାଚର୍ଯ୍ୟ ଯେ କେହି ପାଠକ ସହଜେ ଉପଲବ୍ଧି କରିପାରିବ। ବହିଃ ପ୍ରକୃତି ସହିତ ଅନ୍ତଃପ୍ରକୃତିେ କବି ଯେଉଁ ସୌନ୍ଦର୍ଯ୍ୟ ପିପାସାର ପରିଚୟ ଦେଇଛନ୍ତି, ତାହା ତାଙ୍କ କାବ୍ୟ ବିଭବର ଅନ୍ୟତମ ଆକର୍ଷଣ। ପ୍ରକୃତିର ରସଘନ ଚିତ୍ରଣରେ ତାଙ୍କ ଲେଖନୀ ଯେପରି ଶତମୁଖ ହୋଇଉଠିଛି, ନାୟିକା ନା ନାୟକର ରୂପଲାବଣ୍ୟ ବର୍ଣ୍ଣନାରେ ସେପରି କଳାସ୍ନିଗ୍ଧ ହୋଇପାରିଛି।

ପ୍ରକୃତିର ମୋହିନୀ ମାୟାରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ପ୍ରଲୁବ୍ଧ ହୋଇଥିଲେ ହେଁ ରାଧାନାଥ ପ୍ରଥମକରି ପ୍ରକୃତିର ଚରିତ୍ରାୟିତ ରୂପ ଦେଇ ଏକ ଭିନ୍ନ ଉଦ୍ୟମ ଆରମ୍ଭ କରିଛନ୍ତି। 'ଚିଲିକା' କାବ୍ୟ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସୁନ୍ଦରତାର ପୂଜାରୀ କବି ଏଥିରେ କହିଛନ୍ତି -

"ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି

ସୁନ୍ଦର ପଣର ଚିରନ୍ତନ ରୀତି।

ସୁନ୍ଦରେ ତୃପ୍ତିର ଅବସାଦ ନାହିଁ

ଯେତେ ଦେଖୁଲେ ହେଁ ନୂଆ ଦିଶୁଥାଇ।"

ଚିଲିକା ହ୍ରଦର ନୀଳ ଜଳରାଶି, ତା’ ଉପରେ ଉଡ଼ିବୁଲୁଥିବା ପକ୍ଷୀକୁଳଙ୍କ କଳରବ, ତା’ ଭିତରେ ଶୋଭା ପାଉଥିବା ପାହାଡ଼ ପର୍ବତର ଶିରୀ, ତା’ ତଟଦେଶର ମାଧୁର୍ଯ୍ୟ, ତା’ ସନ୍ଧ୍ୟାର ସମ୍ମୋହିନୀ ଦୃଶ୍ୟ ଦର୍ଶନରେ କାବ୍ୟମାନସର ଉଲ୍ଲାସ ଅନୁଭବ୍ୟ। ଚିଲିକାର ଚାରୁଚିତ୍ରରେ ପ୍ରଗଳ୍ଭ କବିଚି  ର ଉଚ୍ଚାରଣ –

“ଆହା ଏ ଶୋଭାର କାହିଁ ପଟାନ୍ତର ?

ଥିଲେ ଥିବ ସ୍ୱର୍ଗେ ମର୍ ୍ୟ ଅଗୋଚର,

ପାସୋରିବ ଦେଖି କହ କେହୁ ଜନ

ଏଶୋକ-ପାସୋରା ଅପ୍‌ସରା ଭୁବନ ?

ଭାରତୀ ଭକତ କେଉଁ ରୂପପାୟୀ

ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟୀ ?

ବଚନ ବିଷୟ ନୁହଁଇ ଏ ଛବି

ହୃଦ ସେ କେବଳ ପାରେ ଅନୁଭବି।”

ପ୍ରତ୍ୟେକ ପାଠକ ଚି  କୁ ଆହ୍ଲାଦିତ କରିବାରେ ସତତ ସମର୍ଥ। ‘ମହାଯାତ୍ରା’, ‘ଚନ୍ଦ୍ରଭାଗା’, ‘ଯଯାତିକେଶରୀ’, ‘ନନ୍ଦିକେଶ୍ୱରୀ’ ଆଦି କାବ୍ୟମାନଙ୍କରେ ଓଡ଼ିଶାର ବହୁ ଭୌଗୋଳିକ ସ୍ଥାନର ସୁନ୍ଦର ବର୍ଣ୍ଣନା ମଧ୍ୟରେ କବିଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟି ଲକ୍ଷ୍ୟ କରାଯାଇପାରେ।

କେବଳ ସ୍ଥାନ ବା ସମୟ ଚିତ୍ରଣରେ ନୁହେଁ, ନାୟକ ନାୟିକାଙ୍କ ରୂପମାଧୁରୀ ତଥା ସେମାନଙ୍କ କ୍ରିୟା ପ୍ରତିକ୍ରିୟାର ମନ୍ମୟଛଟା ପ୍ରକାଶରେ ଏହି ପ୍ରତିଭାର ସାରବ  । ନିହିତ। ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ଉ  ରଳ ଯୌବନା ଚନ୍ଦ୍ରଭାଗାର କନ୍ଦୁକ କ୍ରୀଡ଼ା ବର୍ଣ୍ଣନା ଦେବାକୁ ଯାଇ ରାଧାନାଥ ଯେଉଁ ଚିତ୍ର ଦେଇଛନ୍ତି, ତାହାର ଦୃଷ୍ଟାନ୍ତ ଲକ୍ଷଣୀୟ।

“ତୁଟେ ଯୁବା ଧୈର୍ଯ୍ୟ କବତ

ପ୍ରତି କଟାକ୍ଷ ତୀରେ,

ଉଠେ ନବ ଶୋଭା-ତରଙ୍ଗ

ପ୍ରତି ଅଙ୍ଗଭଙ୍ଗୀରେ।

ଅସମ୍ଭାଳେ ଫିଟେ କୁନ୍ତଳ

ଭୂମିଯାଏ ପରଶି,

ଯେଣେ ଅନାଉଛି ଲଳନା

ଫୁଲ ଯାଏ ବରଷି,

ଦୁକୂଳ କବରୀ ସମ୍ଭାଳୁ-

ଅଛି ଦକ୍ଷିଣ ତରେ,

ଫିଙ୍ଗୁଛି ଧରୁଛି କନ୍ଦୁକ

ବାମା ଦକ୍ଷିଣ କରେ” (ଚନ୍ଦ୍ରଭାଗା)

ରୂପତୃଷ୍ଣାର ପ୍ରାବଲ୍ୟ ତାଙ୍କ କବିତ୍ୱକୁ କରିଛି ଶ୍ରୀମନ୍ତ। ଭାଷା ଓ ଭାବର ମଧୁମୟ ବିଳାସ ପାଇଁ ତାଙ୍କ ରୂପସନ୍ଧାନୀ କାବ୍ୟମାନସର ଗୁରୁତ୍ୱ ଏକାନ୍ତ ଅନୁଭବ୍ୟ। ଏହି ରସିକ କବି ରୂପାକର୍ଷଣ ସମ୍ପର୍କରେ ଯଥାର୍ଥରେ କହିଛନ୍ତି –

"କିନ୍ତୁ ରୂପ ଥିଲେ ପ୍ରଚ୍ଛନ୍ନେ

 କେବେ ରସିକ ଛାଡ଼େ ?

ମଧୁ ଥିଲେ ପୁଷ୍ପେ ଯତନେ

 ଖୋଜି ମଧୁପ କାଢ଼େ।" (ଚନ୍ଦ୍ରଭାଗା)

ଦେଶାତ୍ମବୋଧର ଜୟଗାନ – ଉତ୍କଳୀୟ ଭାବନା ଓ ମହାଭାରତୀୟ ଜାତୀୟତା ପ୍ରଦର୍ଶନରେ ରାଧାନାଥ ଆଧୁନିକ ସାହିତ୍ୟରେ ଅଗ୍ରଦୂତର ଭୂମିକା ତୁଲାଇଛନ୍ତି। 'ଚିଲିକା', 'ଦରବାର', 'ମହାଯାତ୍ରା' ପ୍ରଭୃତି କାବ୍ୟରେ ପ୍ରତ୍ୟକ୍ଷ ଭାବରେ ଦେଶ ଓ ଜାତିର ଅବକ୍ଷୟ ପାଇଁ ବିଳାପ କରିବା ସହିତେ ଏହାର ଅଭ୍ୟୁତ୍‌ଥାନ ପାଇଁ ଆଶା ପ୍ରକଟ କରିଛନ୍ତି। ଉତ୍କଳର ନଦ-ନଦୀ, ଭୂମି-ଭୂଗୋଳ, ଅତୀତ-ଐତିହ୍ୟ, ବିଶ୍ୱାସ-ବିଭବକୁ ଆଦରି ନେଇ କାବ୍ୟ ପରିକଳ୍ପନାରେ କବିଙ୍କର ଓଡ଼ିଶୀ ପ୍ରାଣ ପ୍ରକଟିତ ହୁଏ। ଏ ଦେଶର ସାମାଜିକ ଓ ସାଂସ୍କୃତିକ ପାଣି ପବନ ପ୍ରତିକୂଳ କେତେ ପାଶ୍ଚାତ୍ୟ କାହାଣୀକୁ କବି ଗ୍ରହଣ କରିଥିଲେ ମଧ୍ୟ ଜାତୀୟତାବୋଧର ଜୟଯାତ୍ରା ତାଙ୍କ ସୃଷ୍ଟିରେ ବିକଶିତ ହୋଇଥିବାର ଲକ୍ଷ୍ୟ କରାଯିବ। ଉତ୍କଳର ଦୈନ୍ୟ ଦର୍ଶନରେ କବି କଲମରୁ ନିର୍ଗତ ହୋଇଛି –

"ଦେବୀ ବୀଣାପାରି ! କେଉଁ ପାପ ଫଳେ

କରୁଣା ତୋହର ଊଣା ଏ ଉତ୍କଳେ ?

ସ୍ୱଭାବେ ଉତ୍କଳ ଶୋଭାର ନିଧାନ

ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ-

ବିନୁ ସିନା ମାତ ହୋଇଛି ବିବଶା

ଭଜିଛି ଅରଣ୍ୟ ପ୍ରସୂନର ଦଶା।" (ଚିଲିକା)

ଓଡ଼ିଶାର କିମ୍ବଦନ୍ତୀ, ଇତିହାସ ଓ ପୁରାଣରୁ କଥନିକା ନେଇ ନୂତନ ରୂପରେ ପ୍ରକାଶ କରିବା ତାଙ୍କ ଉତ୍କଳ ପ୍ରୀତିର ନମୁନା। 'ଦରବାର' କାବ୍ୟରେ ବାରବାଟୀ ଦୁର୍ଗର ଐତିହ୍ୟ, ପ୍ରାଚୀନ ଉତ୍କଳରେ କୀର୍ତ୍ତିମାଳା, ରାଜା ମହାରାଜାମାନଙ୍କ ବୀରତ୍ୱ ବର୍ଣ୍ଣନାରେ ସେ ଆବେଗ ପ୍ରବଣ ହୋଇ ଉଠିଛନ୍ତି।

"ଗୋଦାବରୀ ଠାରୁ ଗଙ୍ଗାଯାଏ ବ୍ୟାପି

କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି।

ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର

ଯୋଗ୍ୟ ପୁତ୍ର ତୁମ୍ଭେ ସେହି ଉତ୍କଳର।" (ଦରବାର)

ଉତ୍କଳୀୟ ଅନୁଚିନ୍ତା ସହିତ ଭାରତୀୟ ଜାତୀୟତା ପ୍ରଦର୍ଶନରେ ଯେ ଅକୁଣ୍ଠ ଆଗ୍ରହ ପ୍ରକାଶ କରିଛନ୍ତି। ତାଙ୍କର 'ଭାରତ ଗୀତିକା' କବିତାଟି ଏହି ଭାବର ଏକ ଉଜ୍ଜ୍ୱଳତମ ଦୃଷ୍ଟାନ୍ତ। ମହାକାବ୍ୟ 'ମହାଯାତ୍ରା'ରେ ଦେଶ ପ୍ରେମର ପ୍ରକୃଷ୍ଟ ନିଦର୍ଶନ ମିଳେ। ବ୍ରିଟିଶ୍ ଶାସିତ ପରାଧୀନ ଭାରତବର୍ଷରେ ହୀନବଳ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ 'ମହାଯାତ୍ରା'

କାବ୍ୟରେ ଥିବା ସଚେତନତା ସୃଷ୍ଟିକାରୀ ପଦଗୁଡ଼ିକର ଆବେଦନ ଯେ କୌଣସି ଦେଶ ପାଇଁ ଚିରକାଳର ସମ୍ପଦ। ଯୁଦ୍ଧବିମୁଖ ସୈନିକମାନଙ୍କୁ ସେନାପତି ଅମର୍ଷୀଙ୍କ ଉଦ୍‌ବୋଧନ ଏକ ଜ୍ୱଳାମୁଖୀ ଜାତୀୟତାର ଆହ୍ୱାନ।

"ଏହି କି ସେ ଆର୍ଯ୍ୟଭୂମି! ଏ ଭୂମିର ସୂତ
ତୁମ୍ଭେଟିକି ଆର୍ଯ୍ୟ ନାମ ଦାୟାଦ ଜଗତେ ?
ବିନା ଯୁଦ୍ଧେ ନ ଦେବାର ସୂଚ୍ୟଗ୍ର ମେଦିନୀ
ପଣ ଯେଉଁ ଆର୍ଯ୍ୟଙ୍କର, ତାଙ୍କରି ଶୋଣିତ
ବହେଟିକି ଆହେ ଯୋଦ, ତୁମ୍ଭ ଧମନୀରେ
ଧିକ! ଧିକ! ଶତଧିକ! ଧିକ, ମନ୍ତ୍ରଣା
ଏ ହୀନ ମନ୍ତ୍ରଣା ଭୀରୁ ପାମର ଉଚିତ
ଉଚ୍ଚାରି ଯା କଲ ସ୍ୱରେ ଅପବିତ୍ର ଆଜ
ନିଜ ମୁଖ, ଶ୍ରୋତା କର୍ଣ୍ଣ, ଆର୍ଯ୍ୟ ବଂଶଧର।" (ମହାଯାତ୍ରା)

ଭାଗ୍ୟବାଦୀ ଓ ବିଷାଦବାଦୀ ଜୀବନ ଦର୍ଶନ – କବି ରାଧାନାଥ ଭାଗ୍ୟବାଦରେ ବିଶ୍ୱାସୀ। ନୈରାଶ୍ୟବାଦ ହିଁ ଏ ବିଶ୍ୱାସର ମୂଳ ହେତୁ। ତାଙ୍କର ବ୍ୟକ୍ତି ଜୀବନ କାବ୍ୟ ଜୀବନଠାରୁ ସ୍ୱତନ୍ତ୍ର ନୁହେଁ। ବ୍ୟକ୍ତିଗତ ଜୀବନରେ କବି ବହୁ ପ୍ରତିଷ୍ଠା, ପ୍ରଶଂସା ଓ ସମ୍ମାନର ଅଧିକାରୀ ହୋଇଥିଲେ ମଧ୍ୟ ନାନା କାରଣରୁ ଅତୀବ ସନ୍ତାପିତ ଓ ଉଦାସୀନ ମୁହୂର୍ତ୍ତକୁ ସେ ସାମ୍ନା କରିଥିଲେ। ବାଲ୍ୟକାଳରୁ ମାତୃ ବିୟୋଗର କ୍ଷତ, ନିଜର ଶାରୀରିକ ଦୂରବସ୍ଥା, ପୁତ୍ର ଶଶୀଭୂଷଣଙ୍କ ରୋଗଗ୍ରସ୍ତ ଜୀବନ, ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ଦ୍ୱନ୍ଦ୍ୱରେ ଶରବ୍ୟ, ପ୍ରଶାସନିକ ଜୀବନରେ ପାଠ୍ୟ ପୁସ୍ତକକୁ ନେଇ ସମ୍ମୁଖୀନ ହୋଇଥିବା ଦୁର୍ଦ୍ଦିନ ଆଦି ତାଙ୍କ ମାନସ ଭୂମିକୁ ଏପରି ଆନ୍ଦୋଳିତ କରିଥିଲା ଯେ ସେ ଭାଗ୍ୟ ଓ ଭବିତବ୍ୟର ସର୍ବଗ୍ରାସୀ ପ୍ରଭାବକୁ ସ୍ୱୀକାର କରିଥିଲେ। ଦୁଃଖ ଓ ହତାଶାର ଅମା ଅନ୍ଧକାରରେ ଅବଗାହନକରି ସେ ହୋଇଥିଲେ ବିଷାଦକାରୀ। ତାଙ୍କ ଜୀବନ ଦର୍ଶନର ଏ ଦୁଇ ବିଶିଷ୍ଟ ଦିଗ ବହୁ କ୍ଷେତ୍ରରେ ଉତ୍କୀର୍ଣ୍ଣ।

"ଇଛନ୍ତି ଦାୟିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ ଡୋରି
ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା
ପକାନ୍ତି ହେଳେ ପାଶୋରି।
ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା' କରିବ ଆନ
କିଏ ଅବା ଏହି ଜ୍ୟୋତିଶ୍ଚକ୍ର-ଗତି
ରୋଧିବାକୁ ବଳବାନ।" (ପାର୍ବତୀ)

'ଦରବାର' କାବ୍ୟରେ କବି ବ୍ୟାପକ ଭାବରେ ସଂସାରର ନଶ୍ୱରତା, ଗର୍ବର କରୁଣ ପରିଣତି, ଯମରାଜଙ୍କ ଦରବାର ଓ ମହାକାଳର ପ୍ରଭାବକୁ ବ୍ୟକ୍ତ କରିଛନ୍ତି। 'ଚିଲିକା'ରେ ଭାଗ୍ୟ ଓ ନୈରାଶ୍ୟବୋଧ ଯେଉଁ କମନୀୟ ବର୍ଣ୍ଣନା ପାଟବରେ ମୁଖରିତ, ତାହା ଅନେକ ଓଡ଼ିଆଙ୍କ ମୁହଁରେ 'ଭାଗବତ'ର ପଦ ପରି ସୂକ୍ତିରେ ପରିଣତ।

"ଛାର ଭାଗ୍ୟ ମୋର ପିହିତ ପାଷାଣେ,
ମୋ ଜୀବନ ଗମା ଅନ୍ୟ ଉପାଦାନେ।
ଚିର ହାହାମୟ ଏ ଛାର ଜୀବନ,
ଜୀବନ ନୁହଁଇ ଜୀବନ୍ତ ମରଣ।
ଚିରଦିନ ଦୁଃଖ ପ୍ରହାରେ ଜର୍ଜର,
ପଟ୍ଟଶିଷ୍ୟ ମୁହଁ ଦୁଃଖ ଗୁରୁଙ୍କର।
ଦୁଃଖତ ଜ୍ଞାନ-ଚକ୍ଷୁରେ ଜଗତ,
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ।
ସୁଖ ବୋଲି ଯାକୁ ବୋଇଲ ସଂସାର,
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର।
ସୁଖ ରୂପେ ଯାହା ଜନ ନେତ୍ରେ ଦିଶେ,
ହାତେ ଆସେ, ହାତୁଁ ପଡ଼ିବା ପାଇଁ ସେ।
ବସ୍ତୁ ନୁହଁଇ ସେ ଅଟଇଟି ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ।" (ଚିଲିକା)

'ସଂସାରୀ ସଙ୍ଗତେ ସଙ୍ଗୀ ହେବା ପାଇଁ' ଆଗ୍ରହ ପ୍ରକାଶ କରି ନଥିବା ଏହି ଉଦାସୀନ କବିମାନସ ଭୋଗତୃଷ୍ଣାର ଅଳୀକତା ଅନୁଭବ କରିଛନ୍ତି। ଯଦିଓ ରୂପ ଓ ସୌନ୍ଦର୍ଯ୍ୟର ସେ ଥିଲେ ପରମପୂଜାରୀ, ତଥାପି ମହାକାଳର ମହାନିୟମକୁ ମାନିନେବାରେ ତାଙ୍କର କାର୍ପଣ୍ୟ ପରିଲକ୍ଷିତ ହୁଏ ନାହିଁ। ଜଞ୍ଜାଳଗ୍ରସ୍ତ ଜୀବନର ଜ୍ୱାଳା ଓ ପାଶ୍ଚାତ୍ୟ ଦୁଃଖବାଦୀ ଦର୍ଶନର ପ୍ରଭାବ ତାଙ୍କୁ ବିଶେଷ ଭାବରେ ଭାଗ୍ୟବାଦୀ ଓ ବିଷାଦବାଦୀ କରି ଗଢ଼ି ତୋଳିଥିଲା।

**୭.୧.୯ ନୂତନ କାବ୍ୟଶିଳ୍ପ (ଆଙ୍ଗିକ ଦିଗ) -** ଭିନ୍ନ କଥାବସ୍ତୁ, ବହୁମୁଖୀ ଚରିତ୍ର, ସୌନ୍ଦର୍ଯ୍ୟାନୁଭୂତି, ଦେଶାତ୍ମବୋଧ, ବିଷାଦବାଦୀ ଦୃଷ୍ଟି ପରି ନୂତନ ଆତ୍ମିକ ଔଦାର୍ଯ୍ୟରେ ରାଧାନାଥଙ୍କ କାବ୍ୟକୋଣାର୍କ ଯେପରି ସୁଗଠିତ, ସେହିପରି ଟ୍ରାଜେଡି, ବ୍ୟଙ୍ଗ, ସରଳ ଛନ୍ଦ, ସହଜ ଭାଷା ଓ ଅଳଙ୍କାରର ଆଙ୍ଗିକ ବିଭବରେ ତାହା ସୁଶୋଭିତ। ରାଧାନାଥ ସାହିତ୍ୟର ବୈଶିଷ୍ଟ୍ୟ ଆକଳନ ବେଳେ ଏହି ନୂତନ କାବ୍ୟ କୌଶଳର ପରିଚିତି ଏକାନ୍ତ ଆବଶ୍ୟକ।

**ଟ୍ରାଜେଡି ସୃଷ୍ଟି -** ପ୍ରାଚ୍ୟ କାବ୍ୟକାରମାନେ ମିଳନାତ୍ମକ କାବ୍ୟ ପରିକଳ୍ପନାରେ ବିଶ୍ୱାସୀ। ଏହାହିଁ ଭାରତୀୟ ସାହିତ୍ୟର ପରମ୍ପରା ଏବଂ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ଏହି ଧାରାର ଅନୁବର୍ତ୍ତୀ ହୋଇଥିବାବେଳେ ରାଧାନାଥ ପ୍ରଥମ କରି ବିୟୋଗାତ୍ମକ କାବ୍ୟ (Tragedy)ସୃଷ୍ଟିକରି ଦେଶୀୟ ପାଠକମାନଙ୍କୁ ନୂତନ ସ୍ୱାଦ ପ୍ରଦାନପାଇଁ ପ୍ରୟାସ କରିଛନ୍ତି। କେଦାରଗୌରୀ କାବ୍ୟରେ କେଦାର ଓ ଗୌରୀଙ୍କ ବିଭୀଷିକାମୟ ମୃତ୍ୟୁ, 'ଚନ୍ଦ୍ରଭାଗା'ରେ ଚନ୍ଦ୍ରଭାଗାର ସମୁଦ୍ର ମଧ୍ୟରେ ଆତ୍ମବିସର୍ଜନ, 'ନନ୍ଦିକେଶ୍ୱରୀ'ରେ ନନ୍ଦିକେଶ୍ୱରୀଙ୍କ ଆତ୍ମହତ୍ୟା, 'ଉଷା' କାବ୍ୟରେ ଉଷା ଓ ଜୟନ୍ତ ମିଳନ ମାତ୍ରେ ସେମାନଙ୍କ ମୃତ୍ୟୁ ହେବା, 'ପାର୍ବତୀ' କାବ୍ୟରେ କୌଶଲ୍ୟା ଓ ଗଙ୍ଗେଶ୍ୱର ଦେବଙ୍କ ହତ୍ୟା ତଥା 'ମହାଯାତ୍ରା'ରେ ଯୁଧିଷ୍ଠିରଙ୍କ ଦୁର୍ଦ୍ଦିନମୟ ଭାରତର ଭବିଷ୍ୟତ ଦର୍ଶନ ଆଦି ଚିତ୍ରଣ କରି କବି କରୁଣ ରସର ପ୍ରବାହ ସୃଷ୍ଟି କରିଛନ୍ତି। କଥାବସ୍ତୁରେ ଏହି ପରମ୍ପରାହୀନ

ନୂତନ ଧାରକୁ ସେ ପ୍ରଥମ କରି ପ୍ରୟୋଗ କଲେ। ତାଙ୍କ କାବ୍ୟ ଗଠନ କୌଶଳର ଏହା ଏକ ଚାତୁର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ବ୍ୟଙ୍ଗ ଓ ବିଦ୍ରୂପ –** ବ୍ୟଙ୍ଗ ବା ସାଟାୟାର (Satire)କୁ ଆଶ୍ରୟ କରି ସାମାଜିକ ଓ ବ୍ୟକ୍ତିକ ସ୍ଖଳନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାର କଳା ପ୍ରଥମ କରି ରାଧାନାଥ ତାଙ୍କ 'ଦରବାର' କାବ୍ୟରେ ପ୍ରୟୋଗ କରି ଅଧୁନିକ କାବ୍ୟକାରମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି। ସମାଜ ଓ ସମୟ ସଚେତନ ଶିଳ୍ପୀସ । ଏହି କାବ୍ୟରେ ତତ୍କାଳିକ କ୍ଷମତାପ୍ରିୟ, ଅହଂମନ୍ୟ ମଣିଷମାନଙ୍କୁ ତୀକ୍ଷ୍ଣ ବ୍ୟଙ୍ଗ ଓ ବିଦ୍ରୂପ କରି କବି ସାହସିକତାର ପରିଚୟ ଦେବା ସହିତ ନୂତନ ଶୈଳୀ ବ୍ୟବହାରରେ ସଫଳତା ଲାଭ କରିଛନ୍ତି। ଫଳରେ ତାଙ୍କର ସମସାମୟିକ ଓ ପରବର୍ତ୍ତୀ ବହୁ କବି ବ୍ୟଙ୍ଗାତ୍ମକ ଶୈଳୀ ପ୍ରୟୋଗରେ ଆଗ୍ରହ ଦେଖାଇଛନ୍ତି। ଦରବାର ନିକଟରେ ସମବେତ ବ୍ୟକ୍ତିମାନଙ୍କ ଚରିତ୍ରରେ ପ୍ରକଟିତ ହୋଇଥିବା ଶୁଭଗମନ୍ୟତା ଓ ଅହଂକାରକୁ ଲକ୍ଷ୍ୟକରି କବି ଲେଖିଛନ୍ତି –

"ସାହେବୀ ପୋଷାକେ କେହୁଅବା ପିନ୍ଧି,
ସସ୍ମିତେ କହଇ ବଙ୍କା ବଙ୍କା ହିନ୍ଦୀ।
ଥରେ ଥରେ କାଶି ସାହେବୀ ଠାଣିରେ,
ପୋଛଇ ବଦନ ରୋମାଲ କାନିରେ।" (ଦରବାର)

ତତ୍କାଳୀନ ଲାଲ୍ ପଗଡ଼ି ପିନ୍ଧା ପୋଲିସମାନଙ୍କର ଆଧିପତ୍ୟକୁ କଟାକ୍ଷ କରି କବି ଠାଏ ପ୍ରକାଶ କରିଛନ୍ତି –

"ଆନ ବୋଲେ ମୁହିଁ ଅଟି ପୁଲିସ୍
ବିନା ମେଘେ ସୃଜି ପାରଇ କୁଳିଶ।
କି ଦୋଷୀ, କି ଅବା ଦୋଷହୀନ ନର,
ମୋ ପ୍ରତାପେ ରାଜ୍ୟେ ସଦା ଥରହର।
x x x
ରାଜାଙ୍କ ଅଟଳ ବିଶ୍ୱାସ ମୋ' ଠାରେ,
ମୋହଠାରୁ କିଏ ବଡ଼ ଦରବାରେ ?" (ଦରବାର)

**ଛନ୍ଦ ପ୍ରୟୋଗ –** ମଧ୍ୟଯୁଗୀୟ କାବ୍ୟାବଳୀରେ ବ୍ୟବହୃତ ବହୁ ପ୍ରକାର ଛନ୍ଦ ବୃ କୁ ପରିହାରକରି ରାଧାନାଥ ଏକ ଏକ କାବ୍ୟକୁ ଗୋଟିଏ ପ୍ରକାର ଛନ୍ଦରେ ବର୍ଣ୍ଣନା କରିଛନ୍ତି। ରୀତି ସାହିତ୍ୟର ବହୁ ଜଟିଳ ରାଗ ତାଳଯୁକ୍ତ ଛନ୍ଦଗୁଡ଼ିକ ପାଠକ ଓ ଶ୍ରୋତା ପାଇଁ ବିରକ୍ତିକର ହୋଇପଡ଼ିଥିବା ଅନୁଭବକରି ସେ ପ୍ରାଚୀନ ସାହିତ୍ୟର ବଙ୍ଗଳାଶ୍ରୀ, ନଟବାଣୀ, କଳହଂସ କେଦାର, ରାମକେରୀ ପ୍ରଭୃତି ସରଳ ସମବୃ ଛନ୍ଦଗୁଡ଼ିକୁ ନେଇ କାବ୍ୟ ରଚନା କରିଛନ୍ତି। 'ଚିଲିକା', 'ଦରବାର' ଓ 'ମହାଯାତ୍ରା'ର ଜନପ୍ରିୟତା ମୂଳରେ ନିର୍ବାଚିତ ଛନ୍ଦ ବ୍ୟବହାର ଏକ କାରଣ ଭାବେ ପରିଗଣିତ ହେବ। ପ୍ରଥମ ଦୁଇଟି କାବ୍ୟ ନଟବାଣୀ ବା ବିଭାସ କେଦାର ଛନ୍ଦରେ ରଚିତ ହୋଇଥିବାବେଳେ 'ମହାଯାତ୍ରା' ବିଦେଶୀ ଅମିତ୍ରାକ୍ଷର ଛନ୍ଦରେ ବିରଚିତ।

ଚତୁର୍ଭୁଜ ପଟ୍ଟନାୟକ ନାମକ ଜଣେ କବି ପ୍ରଥମ କରି ଅମିତ୍ରାକ୍ଷର ଛନ୍ଦରେ କବିତା ଲେଖିଥିଲେ ହେଁ ଏହାର ସଫଳ ପ୍ରୟୋଗକାରୀ ଭାବେ ରାଧାନାଥ ପ୍ରଶଂସନୀୟ। ଯତିପାତ ବିହୀନ ପଦରେ ଛନ୍ଦର ପ୍ରବହମାନତା, ପଂକ୍ତି ପର୍ବର ଲାଳିତ୍ୟ, ଭାବାନୁସାରୀ ଭାଷା ପ୍ରୟୋଗ ହେଉଛି ଅମିତ୍ରାକ୍ଷର ଛନ୍ଦ ନିର୍ମାରର କୌଶଳ। ପାଶ୍ଚାତ୍ୟ ସାହିତ୍ୟରୁ ଆହୃତ ଏହି ଛନ୍ଦକୁ ଇଂରାଜୀରେ Blank verse କୁହାଯାଏ। ଇଂରାଜୀ କବି ମିଲଟନ ଓ ବଙ୍ଗଳା କବି ମାଇକେଲ ମଧୁସୂଦନ ଦ ଙ୍କ ଦ୍ୱାରା

ଗଭୀର ଭାବେ ପ୍ରଭାବିତ ହୋଇ ରାଧାନାଥ ତାଙ୍କ ଶ୍ରେଷ୍ଠ କାବ୍ୟ 'ମହାଯାତ୍ରା'ରେ ଏହି ଛନ୍ଦର ବ୍ୟବହାର କରିଛନ୍ତି। ଗୋଟିଏ ପଦ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଇପାରେ।

"ପଙ୍କଜ ବାସିନୀ ଦେବୀ, ଉତ୍କଳ ଭାରତୀ
ସାରଳେ କି କଲେ କହ କୁରୁଚୂଡ଼ାମଣି
ଶୁଣିଲେ ଯେ କାଳେ ବୀର ବା । ବହ ମୁଖେ
ପ୍ରଭାସେ ଯାଦବଙ୍କର ଜ୍ଞାତି କ୍ଷୟକାରୀ
ମହାହବ, ଧୀରମଣି ଧୈର୍ଯ୍ୟଧରି ଆହା,
କେମନେ ଶୁଣିଲେ ସେହି ଦାରୁଣ ବାରତା ?"

ଉପଦା ମିଳନ ରୀତି ମଧ୍ୟ ରାଧାନାଥ କୃତିତ୍ୱର ସହ ପରୀକ୍ଷା କରି ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି।

**ଅଳଙ୍କାର ଓ ଭାଷା ବିନ୍ୟାସ –** ରୀତିଯୁଗୀୟ କାବ୍ୟ ଅତ୍ୟଧିକ ଅଳଙ୍କାର ବିମଣ୍ଡିତ ହୋଇ ଅନେକତ୍ର ନିଜସ୍ୱ ପ୍ରଭାବ ହରାଇଥିବାର ଲକ୍ଷ୍ୟ କରାଯାଏ। ସେହିପରି ଶବ୍ଦାଡମ୍ବରର ଗଭୀର ଗଡ଼ଖାଇ ଭେଦକରି ରସ ଆସ୍ୱାଦନ କରିବା ସମୟେ ସମୟେ ଦୁରୂହ ସାଧନାର ଅପେକ୍ଷା ରଖେ। ଅପର ପକ୍ଷରେ ରାଧାନାଥଙ୍କ କାବ୍ୟକୃତିରେ ସରଳ ଅଳଙ୍କାର ଓ ଭାଷାରୀତିର ବ୍ୟବହାର ଦେଖିବାକୁ ମିଳେ। ଉଭୟ ଶବ୍ଦ ଓ ଅର୍ଥାଳଙ୍କାର ପ୍ରୟୋଗରେ କବି ଯଥାସମ୍ଭବ ସହଜ ଓ ସରଳ ହେବା ପାଇଁ ଚେଷ୍ଟିତ। ଅନୁପ୍ରାସ, ଉତ୍ପ୍ରେକ୍ଷା, ରୂପକ, ଉପମା, ବିଭାବନା, ବ୍ୟତିରେକ ଆଦି ଅଳଙ୍କାରରେ ସ୍ୱଚ୍ଛନ୍ଦତା ରକ୍ଷାକରି କବି ସ୍ୱକାବ୍ୟ ସୃଷ୍ଟିକୁ ମଞ୍ଜୁଳ କରିଛନ୍ତି।

**କେତେକ ଦୃଷ୍ଟାନ୍ତ –**

ଅନୁପ୍ରାସ – "ଉତ୍କଳ-କମଳା-ବିଳାସ ଦୀର୍ଘିକା, ମଳାନ ମାଳିନୀ ନୀଳାମ୍ବୁ ଚିଲିକା"। (ଚିଲିକା)

ଉପମା – "ମିଶିଯାଏ ଯଥା ପ୍ରଭାତୀ
ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା
ବିଶ୍ୱ-ଆତ୍ମା ଚରଣେ।
ମିଶିଯାଏ ଯଥା ଚପଳା
ନୀଳ ଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା
ସେହି ନୀଳ ତରଙ୍ଗେ।" (ଚନ୍ଦ୍ରଭାଗା)

ଉତ୍ପ୍ରେକ୍ଷା – "ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ
ନୀରଭେଦି କିବା ଉଠେ ଐରାବତ।" (ଚିଲିକା)

ତତ୍ସମ ଶବ୍ଦ ସହିତ କବି ସରଳ ତଦ୍‌ଭବ ଓ ଦେଶଜ ଶବ୍ଦର ବହୁଳ ବ୍ୟବହାର କରି ସାଧାରଣ ଭାଷା ଯେ କାବ୍ୟ ଭାଷାର ସମ୍ମାନ ଲାଭ କରିପାରିବ – ଏ ପ୍ରତୀତି ରାଧାନାଥ ଦେଇଛନ୍ତି। ତାଙ୍କର ଭାଷା ଭାବର ବାଧକ ନ ହୋଇ ବାହକ

ସାଜିଛି । ସାଧୁ ଶବ୍ଦ ସହିତ ଦେଶଜ ଶବ୍ଦର ମଧୁର ସମନ୍ୱୟ ତାଙ୍କ କୃତିରେ ପରିଦୃଷ୍ଟ ହୁଏ । ଶବ୍ଦ ଯୋଜନାରେ ଓ ନୂତନ ଶବ୍ଦ ନିର୍ମାଣରେ ତାଙ୍କର ନୈପୁଣ୍ୟ ବେଶ୍ ଉଲ୍ଲେଖଯୋଗ୍ୟ ।

ଏହିପରି ଅନେକ ଦିଗରେ ନୂତନତାର ନିର୍ଣ୍ଣାୟକ ସାଜି କବି ରାଧାନାଥ ଓଡ଼ିଆ କାବ୍ୟ ସାହିତ୍ୟକୁ ଆଧୁନିକତାର ଅଞ୍ଜନ ଦେବାରେ ଯେଉଁ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ତାଙ୍କୁ ଚିରକାଳ ଅମର କରି ରଖିବ । ଉତ୍କଳୀୟ ରେନେସାଁର ଅମୃତମୟ ପରିଣତି ଏହିକାବ୍ୟ ପ୍ରତିଭା ଯୋଗୁ ଆଧୁନିକ ସାହିତ୍ୟ ଗୌରବାନ୍ୱିତ ହେଇପାରିଛି ।

**୭.୧.୧୦. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ -**

୧. ରାଧାନାଥଙ୍କ କାବ୍ୟ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିଶେଷତ୍ୱ ଦର୍ଶାଅ ।

୨. ରାଧାନାଥଙ୍କୁ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା କହିବାର ଯଥାର୍ଥତା ପ୍ରତିପାଦନ କର ।

୩. ଆହରଣରେ ନୂତନତା ଓ ଆରୋପଣରେ ମୌଳିକତା ହିଁ ରାଧାନାଥଙ୍କ ବୈଶିଷ୍ଟ୍ୟର - ସମୀକ୍ଷା କର ।

୪. ରୂପ ଓ ସୌନ୍ଦର୍ଯ୍ୟର କବି ରାଧାନାଥ - ଆକଳନ କର ।

୫. ରାଧାନାଥଙ୍କ କାବ୍ୟ ସାହିତ୍ୟର ବିଶେଷତ୍ୱ ଦର୍ଶାଅ ।

୬. ରାଧାନାଥଙ୍କ କାବ୍ୟ ଶୈଳୀ ବିଚାର କର ।

**୭.୧.୧୧ ଅଧିକ ଅଧ୍ୟୟନ ପାଇଁ ସହାୟକ ପୁସ୍ତକାବଳୀ -**


୧. ଓଡ଼ିଆ ସନ୍ଥ (ଭକ୍ତ) ସାହିତ୍ୟ - ଚି ରଂଜନ ଦାସ

୨. ଭଜନରେ ଭୀମ ଭୋଇ - ଡ. ତୀର୍ଥାନନ୍ଦ ମିଶ୍ର

୩. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି - ଓଡ଼ିଆ ସାହିତ୍ୟ ଏକାଡେମୀ

୪. ମୋ ଜୀବନ ପଛେ ନର୍କେ ପଡ଼ିଥାଉ - (ସଂ) ଡ. ଅନନ୍ତ କିଶୋର ଜେନା

୫. ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ - ଡଃ ନଟବର ସାମନ୍ତରାୟ

୬. ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡଃ କ୍ଷେତ୍ରବାସୀ ନାୟକ

୭. ନବ ଯୁଗର କବି ଓ କାବ୍ୟଧାରା - ଡଃ ଜାନକୀ ବଲ୍ଲଭ ମହାନ୍ତି

୮. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ - ଡଃ ବୈଷ୍ଣବ ଚରଣ ସାମଲ

୯. ମଧୁସୃଷ୍ଟି ଅମୂର୍ତ୍ତ ଦୃଷ୍ଟି - ଡଃ ଶରଦ ଚନ୍ଦ୍ର ପ୍ରଧାନ ।

# ଅଷ୍ଟମ ଏକକ- ବର୍ଣ୍ଣନା ବୈଚିତ୍ର୍ୟ

### ୮.୦. ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଏହି ୟୁନିଟ୍ ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି –

* ଓଡ଼ିଆ ନବ ଜାଗରଣକାଳର ସ୍ରଷ୍ଟା ମଧୁସୂଦନ ରାଓଙ୍କ ବିଷୟରେ ସ୍ଥୂଳ ପରିଚିତି ଲାଭ କରିବା।
* କବି ମଧୂସୂଦନ ରାଓଙ୍କ ଜନ୍ମ ଓ ଜୀବନୀ ବିଷୟରେ ଜାଣିହେବ।
* ତାଙ୍କର ବ୍ୟାପକ ସୃଷ୍ଟି ସମ୍ପର୍କରେ ସବିଶେଷ ପରିଚୟ ପ୍ରାପ୍ତ ହେବ।
* ଭକ୍ତକବି ମଧୁସୂଦନଙ୍କ କାବ୍ୟ ଜିଜ୍ଞାସା ଓ ଆଙ୍ଗିକ ଆଦର୍ଶର ଅବଧାରଣା କରିବା।
* ଆଲୋଚ୍ୟ ୟୁନିଟ୍‌ର ସମ୍ଭାବ୍ୟ ପ୍ରଶ୍ନାବଳୀ ଓ ଅଧିକ ଜାଣିବାପାଇଁ ସହାୟକ ପୁସ୍ତକ ସମ୍ପର୍କରେ ସାଧାରଣ ଧାରଣା ଜନ୍ମିବ।

### ୮.୧.୦ ଭକ୍ତିକବି ମଧୁସୂଦନ ରାଓ :

ପ୍ରାଗଭାଷ – ମଧୁସୂଦନ ରାଓ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା। ରାଧାନାଥଙ୍କ ସମସାୟମିକ ପ୍ରତିଭାଦୀପ୍ତ ଓ ପ୍ରଭାବଶାଳୀ କବି ଭାବରେ ସେ ଓଡ଼ିଆ ସାହିତ୍ୟରେ ସୁପ୍ରତିଷ୍ଠିତ। ରୂପ ଓ ସୌନ୍ଦର୍ଯ୍ୟର ଉପାସକ ରାଧାନାଥ ବିଷାଦବାଦୀ। ଅପରପକ୍ଷରେ ଆଧ୍ୟାତ୍ମିକ ଚେତନାର ଚିତ୍ରକର ମଧୁସୂଦନ ପୂରାପୂରି ଆଶାବାଦୀ। ରାଧନାଥ ଆଧୁନିକ ଓଡ଼ିଆ କାବ୍ୟର ସଫଳ ସ୍ରଷ୍ଟା, କିନ୍ତୁ ମଧୁସୂଦନ ଓଡ଼ିଆ ଗୀତିକବିତାର ଗୌରବମୟ ବିଦ୍ଧାଣି। ପାଠ୍ୟ ପୁସ୍ତକ, ଅନୁବାଦ, ଶିଶୁସାହିତ୍ୟ, ପ୍ରବନ୍ଧ, କବିତା ଇତ୍ୟାଦି ମଧୁସୂଦନଙ୍କ ବହୁମୁଖୀ ରଚନା ସମ୍ଭାରରେ ଓଡ଼ିଆ ଭାଷା ସାହିତ୍ୟ ଋଦ୍ଧିମନ୍ତ ହେଲେ ହେଁ 'ସାହିତ୍ୟ କୁସୁମ', 'ସାହିତ୍ୟ ପ୍ରସଙ୍ଗ' 'ପ୍ରବନ୍ଧାବଳୀ' ପରି କଳାତ୍ମକ ଗଦ୍ୟ ଓ ବହୁ କାଳଜୟୀ କବିତା ସୃଷ୍ଟିରେ ତାଙ୍କ ପ୍ରତିଭାର ଉତ୍କର୍ଷ ପ୍ରତିପାଦିତ। ପାଶ୍ଚାତ୍ୟ କାବ୍ୟ ଆଙ୍ଗିକ ଆଶ୍ରୟରେ ବିରଚିତ ତାଙ୍କ ଅନେକ କବିତାରେ ଉପନିଷଦୀୟ ଚିନ୍ତାଧାରା, ଐଶ୍ୱରିକ ଶକ୍ତି ପ୍ରତି ପ୍ରଚଣ୍ଡ ବିଶ୍ୱାସ, ମାନବୀୟ ଅଭିରୁଚିରେ ପ୍ରଚୁର ସମ୍ବେଦନା, ବ୍ରହ୍ମଧର୍ମ ପ୍ରତି ଗଭୀର ଅନୁରାଗ ଲକ୍ଷ୍ୟ କରାଯାଏ। ଭକ୍ତିଭାବର ପ୍ରାବଲ୍ୟ ତାଙ୍କ କାବ୍ୟମାନସକୁ ରସାଣିତ କରିଥିବାରୁ ସେ ଯଥାର୍ଥରେ ଭକ୍ତକବି ଭାବେ ସୁପରିଚିତ।

### ୮.୧.୧. ମଧୁସୂଦନଙ୍କ ପରିଚୟ :

ଏକ ମରହଟ୍ଟା ପରିବାରର ଦାୟାଦ ଭାବରେ ୧୮୫୩ ମସିହା ଜାନୁଆରୀ ମାସ ୨୯ ତାରିଖ ବସନ୍ତ ପ ମୀ ତିଥିରେ ମଧୁସୂଦନ ପୁରୀରେ ଜନ୍ମଗ୍ରହଣ କରିଥିଲେ। ମାତା ଅମ୍ବିକା ବାଈ ଓ ପିତା ଭାଗୀରଥି ରାଓଙ୍କ ସ୍ନେହ ଯତ୍ନରେ ପ୍ରତିପାଳିତ ହୋଇଥିଲେ ହେଁ ମାତ୍ର ପା ବର୍ଷ ବୟସରୁ ସେ ମାତୃବିୟୋଗ ଦୁଃଖକୁ ବରଣକରି ନେଇଥିଲେ। କନେଷ୍ଟବଳ ପିତାଙ୍କ ତ ୍ୱାବଧାନରେ ମାଟି ବଂଶ ଅବଧାନଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଭୁବନେଶ୍ୱରର ମଧ୍ୟମ ଶ୍ରେଣୀ ବିଦ୍ୟାଳୟରେ ଅଧ୍ୟୟନ କଲେ। ପରେ ମେଧାବୀ ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନରତ ଥିବାବେଳେ ପଦ୍ମା ଦେବୀଙ୍କ ସହ ତାଙ୍କର ବିବାହ ସମ୍ପାଦିତ ହେଲା। ତେବେ ଉଚ୍ଚଶିକ୍ଷାଲାଭରୁ ଏହା ତାଙ୍କୁ ବ ୍ତ କରି ନଥିଲା। ଏହି ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷକ କବି ରାଧାନାଥଙ୍କ ସହିତ ତାଙ୍କର ଯେଉଁ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା, ତାହା ଥିଲା ମଣିକା ନ ସଂଯୋଗ ସଦୃଶ ଏକାନ୍ତ ଉପାଦେୟ। ପରବ ୀ ଜୀବନରେ ସାହିତ୍ୟ ସାଧନାକୁ ବରିନେଇଥିବା କବି ମଧୁସୂଦନ ରାଧାନାଥଙ୍କ ସଖ୍ୟ ଲାଭକରି ସ୍ୱତନ୍ତ୍ର ସରଣୀ ନିର୍ବାଚନରେ ସଫଳ ହୋଇଥିଲେ। ଏ ଉଭୟ କବିଙ୍କ ଯୁଗ୍ମ ସଂକଳନରେ କବିତାବଳୀ ୧ମ ଭାଗ (୧୮୭୩) ଓ

କବିତାବଳୀ ୨ୟ ଭାଗ (୧୮୭୪) ପ୍ରକାଶିତ ହୋଇ ସେମାନଙ୍କ ସୃଷ୍ଟି ପ୍ରତିଭାର ଶକ୍ତି ପରୀକ୍ଷିତ ହୋଇଥିବାର ଉପଲବ୍ଧ ହୁଏ।

୧୮୬୬ ମସିହାରେ ଏକାଦଶ ଶ୍ରେଣୀର ଛାତ୍ର ଥିବାବେଳେ ଓଡ଼ିଶାର ସର୍ବଗ୍ରାସୀ ନ'ଅଙ୍କ ଦୁର୍ଭିକ୍ଷର ଭୟଙ୍କର ରୂପ ଦେଖି ସେ ଚକିତ ଓ ମର୍ମାହତ ହୋଇଥିଲେ। ଏହି ଜାତୀୟ ଦୁଃସ୍ଥିତି ତାଙ୍କ ମନରେ ଏପରି ଆଘାତ ସୃଷ୍ଟିକଲା ଯେ ସେ ତିନିବର୍ଷ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଦେଇପାରି ନଥିଲେ। ଏହି ସମୟରେ ବଙ୍ଗୀୟମାନଙ୍କ ଦ୍ୱାର ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତର ପ୍ରଭାବ ମଧ୍ୟ ତାଙ୍କୁ ବ୍ୟଥିତ କରିଥିଲା। ୧୮୬୯ ମସିହାରେ ସେ ଏ_ାନ୍ସ ପରୀକ୍ଷାରେ ଉ ୀର୍ଣ୍ଣ ହୋଇ କଟକ ରେଭେନ୍ସା କଲେଜରେ ଏଫ.ଏ. ଅଧ୍ୟୟନ କଲେ। ସେଠାରେ ଅଧ୍ୟାପକ ବ୍ରାହ୍ମଧର୍ମାବଲମ୍ବୀ ହରନାଥ ପଟ୍ଟନାୟକଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ବାଲ୍ୟକାଳରୁ ଈଶ୍ୱର-ବିଶ୍ୱାସୀ ଥିବା ମଧୁସୂଦନଙ୍କ ବ୍ରାହ୍ମଧର୍ମ ଗ୍ରହଣ ଭବିଷ୍ୟତରେ ତାଙ୍କ ବ୍ୟକ୍ତିଗତ ଜୀବନ ସହିତ ସାହିତ୍ୟିକ ଜୀବନକୁ ବହୁକାଂଶରେ ପ୍ରଭାବିତ କରିଥିଲା। ସେତେବେଳେ ରେଭେନ୍ସା କଲେଜରେ ବି.ଏ କ୍ଲାସ ଖୋଲି ନଥିବାରୁ ସେ ଏଫ. ଏ ପାସ୍ ପରେ ଉଚ୍ଚତର ଅଧ୍ୟୟନ ପାଇଁ କଲିକତା ଯିବା ପାଇଁ ମନସ୍ଥ କରିଥିଲେ, ମାତ୍ର ଦୂର ଦେଶକୁ ପିତା ନ ଛାଡ଼ିବାରୁ ତାଙ୍କର ଶିକ୍ଷା ସେତିକିରେ ସୀମିତ ହେଲା।

ରାଧାନାଥଙ୍କ ପରି ସେ ଶିକ୍ଷକତାକୁ ଆଦରି ନେଇଥିଲେ। ୧୮୭୧ରେ ଯାଜପୁର ମଧ୍ୟ ଇଂରାଜୀ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରି ବାଲେଶ୍ୱର ଜିଲ୍ଲା ସ୍କୁଲ, କଟକ ହାଇସ୍କୁଲ, କଟକ ଟ୍ରେନିଂ ସ୍କୁଲ ପ୍ରଭୃତିରେ ଶିକ୍ଷକତା କରିଥିଲେ। ୧୯୦୭ ମସିହାରେ ସେ ଓଡ଼ିଶା ସ୍କୁଲ ସମୂହର ଇନ୍‌ସପେକ୍ଟର ପଦବୀ ଅଳଙ୍କୃତ କରିଥିଲେ। ୧୯୦୯ ମସିହାରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବାର ତିନିବର୍ଷ ପରେ ଅର୍ଥାତ୍ ୧୯୧୨ ମସିହା ଡିସେମ୍ବର ମାସ ୨୮ ତାରିଖରେ ଏହି ଯୋଗଜନ୍ମା ପୁରୁଷ ଇହଲୋକ ସମ୍ବରଣ କରିଥିଲେ।

ଶିକ୍ଷା ବିଭାଗରେ ଚାକିରି କରିବାରୁ ସେ ଶିକ୍ଷା ସମସ୍ୟା ବିଶେଷ କରି ପାଠ୍ୟପୁସ୍ତକ ଅଭାବ ସମ୍ପର୍କରେ ଅବଗତ ହେଲେ। ତେଣୁ ଶିଶୁବୋଧଗମ୍ୟ ଭାଷାରେ ପାଠ୍ୟ ପୁସ୍ତକ ତଥା ଶିଶୁ ସାହିତ୍ୟ ରଚନାରେ ସେ ବ୍ରତୀ ହୋଇ ଏ ଜାତିର ଅଶେଷ କଲ୍ୟାଣ ସାଧନ କରିଛନ୍ତି। ତାଙ୍କର 'କବିତାବଳୀ' ସମେତ ପ୍ରବନ୍ଧମାଳା, ବର୍ଣ୍ଣବୋଧ, ସାହିତ୍ୟ କୁସୁମ, ସାହିତ୍ୟ ପ୍ରସଙ୍ଗ ଆଦି ପୁସ୍ତକଗୁଡ଼ିକରେ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ସାଙ୍ଗକୁ ସାହିତ୍ୟିକ ମର୍ଯ୍ୟାଦା ରକ୍ଷା କରାଯାଇପାରିଛି। ତାଙ୍କ ପ୍ରଣୀତ 'ବର୍ଣ୍ଣବୋଧ' ଓଡ଼ିଆ ପରିବାରମାନଙ୍କରେ ବହୁକାଳ ଧରିରେ 'ଶିକ୍ଷାଗୁରୁ'ର ଭୂମିକା ତୁଲାଇ ପାରିଥିଲା। ଊନବିଂଶ ଶତାବ୍ଦୀରେ ରଚିତ ବର୍ଣ୍ଣବୋଧ (୧୮୮୫) ଆଜି ମଧ୍ୟ ଶିଶୁମାନସରେ ଗଭୀର ରେଖାପାତ କରିଥାଏ। ମନରେ ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ ସୃଷ୍ଟିକରି ନୀତିଗତ ଜୀବନ ଯାପନ କରିବା ପାଇଁ ମଧୁସୂଦନଙ୍କ ଅନେକ ଶିଶୁକବିତାରେ ଯେଉଁ ବା ୀ ସନ୍ନିହିତ, ତା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାପ୍ରଦ ହୋଇପାରିଛି। 'ଶିଶୁଗୀତି' ପୁସ୍ତକର ପ୍ରଥମ କବିତା 'ପରମେଶ୍ୱର'ରେ ସେ ଲେଖିଛନ୍ତି -

"ଯାହା ମୁଁ କରଇ, ଯାହା ମୁଁ ଚିନ୍ତଇ ମନେ,
ଜଗତର କ ୀ, ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ।
ମୋ ପାଶେ ଅଛନ୍ତି ଦିବସେ ରଜନୀ ମହାପ୍ରଭୁ ପରାତ୍ପର,
ଏ କଥା ସୁମରି ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର।"

ଶ୍ରେଣୀଗୃହ ବା ଘରେ ବିଦ୍ୟା ଅଧ୍ୟୟନକୁ ଅବହେଳା ନ କରି ଏହାର ଗୁରୁତ୍ୱ ଅନୁଭବ କରିବାକୁ ସେ ପରାମର୍ଶ ଦେଇଛନ୍ତି ବିଦ୍ୟା କବିତାରେ -

"ବିଦ୍ୟା ଅଟଇ ମହାଧନ /ବାଳକେ କର ଉପାର୍ଜନ,

ବିଦ୍ୟା ଅଟଇ ମହାରତ୍ନ / ହୃଦୟେ ଘେନ କରି ଯତ୍ନ ।"

କର୍ମମୟ ଜୀବନ କାଳରେ କବି କେତେକ ସାରସ୍ୱତ ଅନୁଷ୍ଠାନ ଗଢ଼ି ଓଡ଼ିଶାର ସାଂସ୍କୃତିକ ଜୀବନକୁ ପ୍ରଭାବିତ କରିଥିଲେ । କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଥିବାବେଳେ ସେ ଆଲୋଚନା ସଭା (୧୮୯୩)ନାମକ ଏକ ଅନୁଷ୍ଠାନ ଗଢ଼ି ବହୁ ଆଲୋଚନାର ଆସର ସୃଷ୍ଟିକରିଥିଲେ । ୧୯୦୩ ମସିହାରେ ଏହା 'ଉତ୍କଳ ସାହିତ୍ୟ ସମାଜ' ନାମରେ ନାମିତ ହୋଇ ଓଡ଼ିଶାରେ ପ୍ରାଚୀନତମ ସାରସ୍ୱତ ପୀଠରେ ପରଣିତ ହୋଇଛି । କଟକର ପ୍ରତିଷ୍ଠିତ ବ୍ରାହ୍ମ ସମାଜର ସମ୍ପାଦକ ଓ କ୍ରମେ ସଭାପତି ପଦରେ ରହି ନବ୍ୟ ଶିକ୍ଷିତ ସମାଜକୁ ସଂସ୍କାରମୁଖୀ ପତରେ ପରିଚାଳିତ ହେବାପାଇଁ ଅନେକ ଉଦ୍ୟମ କରିଥିଲେ । ଏଥିସହିତ ଟାଉନ ଭିକ୍ଟୋରିଆ ସ୍କୁଲ (ପରବ ୍ତୀ କାଳରେ ଏହା ଭକ୍ତମଧୁ ବିଦ୍ୟାପୀଠ ନାମରେ ନାମିତ) ପ୍ରତିଷ୍ଠା ତାଙ୍କରି ଉଦ୍ୟମର ପରିଣତି । ନୀତିନିଷ୍ଠ ମଦୁସୂଦନଙ୍କ ଚରିତ୍ରବ ।, କ ର୍ତ୍ତବ୍ୟ ପାଳନରେ କଠୋରତା, ଜାତୀୟ ଅଭ୍ୟୁତ୍‌ଥାନ ପାଇଁ ଅଭିଳାଷ ଆଦି ତାଙ୍କ ସାହିତ୍ୟିକ ସୃଷ୍ଟି ପ୍ରକ୍ରିୟାକୁ ବିଶେଷକରି କାବ୍ୟମାନସକୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

### ୮.୧.୨. ମଧୁସୂଦନଙ୍କ କବିତାର ପରିଚୟ :

କବି ମଧୁସୂଦନ ରାଧାନାଥଙ୍କ ପରି ପାରମ୍ପରିକ ବିଷୟବସ୍ତୁ ପରିହାର କରି ନୂତନ ବିଷୟ ଭି ିରେ କବିତାମାନ ସୃଷ୍ଟି କରିଛନ୍ତି । ତାଙ୍କର କବିତା ସଂସାର ବୈଚିତ୍ର୍ୟପୂର୍ଣ୍ଣ । ଶିଶୁଗୀତି, ସଂଗୀତ, ଅନୁବାଦ, ସ୍ତବ, ସମ୍ବୋଧଗୀତି, ବ୍ୟଙ୍ଗ ଆଦି ନାନା ପ୍ରକାର କ୍ଷୁଦ୍ର କବିତାର ସେ ସଫଳ ସ୍ରଷ୍ଟା । ତାଙ୍କର ପ୍ରଥମ କବିତା 'ଶ୍ମଶାନ' ୧୮୭୩ ମସିହାରେ 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇବା ପରଠାରୁ ଜୀବନର ଶେଷକାଳ ଯାଏ ସର୍ଜନ କର୍ମରେ ଲିପ୍ତ ରହି ଆଧୁନିକ ଓଡ଼ିଆ ଗୀତିକବିତାର ଜନକ ଭାବେ ସେ ପରିପୂଜିତ ହୋଇଛନ୍ତି । କବିତାବଳୀ (ରାଧାନାଥଙ୍କ ସହିତ ମିଳିତ ଭାବେ ପ୍ରକାଶିତ) ୧ମ ଭାଗ (୧୮୭୩), ୨ୟ ଭାଗ (୧୮୭୪), ଛାନ୍ଦମାଳା - ୧ମ ଭାଗ (୧୮୮୦), ଚାନ୍ଦମାଳା -୨ୟ ଭାଗ (୧୮୯୫), କୁସୁମାଞ୍ଜଳି (୧୯୦୩), ଉତ୍କଳଗାଥା (୧୯୦୩), ଉ ର ରାମଚରିତ (ଅନୁବାଦ-୧୯୦୭), ବସନ୍ତଗାଥା (୧୯୦୮), ହିମାଚଳେ ଉଦୟ ଉତ୍ସବ (୧୯୧୨) ପ୍ରଭୃତି ବିପୁଳାୟତନ କବିତା ସଂକଳନର ସେ ସୁନିପୁଣ କାରିଗର । ଏଥି ସହିତ ବାଳ ରାମାୟଣ, ବିବିଧ କବିତା, ଶିଶୁଗୀତି ସାଙ୍ଗକୁ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର ବିବାଦ ପୃଷ୍ଠଭୂମିରେ ରଚିତ 'ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍', 'ଭଣ୍ଡ ରସାୟନ କାବ୍ୟ' ପରି ବ୍ୟଙ୍ଗାତ୍ମକ କାବ୍ୟରେ କବିପ୍ରତିଭା ଅନୁସନ୍ଧେୟ ।

**କବିତାବଳୀ (୧ମ ଓ ୨ୟ ଭାଗ) –** କବି ରାଧାନାଥ ରାୟଙ୍କ ସହ ଯୁଗ୍ମ ସଂକଳନରେ ପ୍ରକାଶିତ କବିତାବଳୀ ୧ମ ଭାଗ ଓ ୨ୟ ଭାଗ ମଧୁସୂଦନଭ୍କ ପ୍ରତିଭାର ଆଦ୍ୟ ସ୍ମାରକୀ । ପ୍ରଥମ ଭାଗରେ 'ସ୍ତୋତ୍ର', 'ଭାରତୀ ବନ୍ଦନା', 'ନିର୍ବାସିତର ବିଳାପ', 'ଶ୍ମଶାନ୩, 'ଭାରତ ପ୍ରଭାତ୩ 'ସୀତା ବନବାସ' ଓ 'ନିଶୀତ ଚିନ୍ତନତା' ପ୍ରଭୃତି ସାତୋଟି କବିତା ସଂଯୋଜିତ ହୋଇଥିବା ସ୍ଥଳେ ଦ୍ୱିତୀୟ ଭାଗରେ 'ଆକାଶ ପ୍ରତି', 'ଜୀବନ ଚିନ୍ତା' ଓ 'ଅଯୋଧ୍ୟା ପ୍ରତ୍ୟାଗମନ' ସ୍ଥାନିତ । ଏହି ଦଶଟିଯାକ କବିତାରେ କବିଙ୍କ ଭଗବତ୍ ପ୍ରୀତିର ଅମଳିନ ନିଦର୍ଶନ ରହିଛି । ଏଥି ସହିତ ଐତିହ୍ୟବୋଧ, ବନ୍ଧୁତାରା ଜୟଗାନ, ସତ୍ୟ ଓ ପ୍ରେମର ପ୍ରଖ୍ୟାପନରେ କବିଶକ୍ତି ଉ ୍ଳିତ । ପ୍ରଥମ ଭାଗର 'ନିର୍ବାସିତ ବିଳାପ' ଓ ଦ୍ୱିତୀୟ ଭାଗରେ 'ଆକାଶ ପ୍ରତି' ଓ 'ଜୀବନ ପ୍ରତି' ଓ 'ଜୀବନ ଚିନ୍ତା' କବିତାତ୍ରୟୀ ଅନ୍ୟାନ୍ୟ ରଚନା ଅପେକ୍ଷା ଅଧିକ ପାଠକୀୟତା ଗ୍ରହଣ କରିଥିବାର ଅନୁଭୂତ ହୁଏ ।

'ନିର୍ବାସିତର ବିଳାପ' ଉଇଲିୟମ କାଉପରଙ୍କ Solitude of Alexander Selkark କବିତାର ମର୍ମାନୁବାଦ । ଜଣେ ନିର୍ବାସିତ ମଣିଷର ବ୍ୟଥା ଓ ବେଦନା ସହ କଳାତ୍ମକ କାରୁଣ୍ୟ ପ୍ରକାଶ ପାଠକ ପ୍ରାଣରେ ସମବେଦନା ସୃଷ୍ଟି କରେ । ଏଥିରେ ବନ୍ଧୁତା ଓ ପ୍ରେମର ଜୟଗାନ କରି କୁହାଯାଇଛି –

"କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର,
ଯା'ର ପ୍ରାପତି ଯୋଗୁଁ ଦେବତା ନର ।

ଥାଆନ୍ତା ଯେବେ ମୋର ବିହଙ୍ଗ ପକ୍ଷ,

ଲଙ୍ଘି ଭୀଷଣ ଗିରି ସମୁଦ୍ର ବକ୍ଷ।

ଦେଖନ୍ତି ପ୍ରିୟଜନ ମୁଖ କମଳ,

ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ।"

ସମ୍ବୋଧଗୀତିକା 'ଆକାଶ ପ୍ରତି' କବିତାରେ ଉପନିଷଦୀୟ ମହାଜାଗତିକ ଭାବ ଉଚ୍ଚାଟିତ। ବାଇଶିଗୋଟି ପଦ ମଧ୍ୟରେ ଅନ୍ତହୀନ ଆକାଶର ମହିମା ବର୍ଣ୍ଣନା ସହିତ ସକଳ ସୃଷ୍ଟି, ସ୍ଥିତି ଓ ବିଲୟର ସାକ୍ଷୀ ପଣକୁ କବି ସନ୍ଦର୍ଶନ କରିଛନ୍ତି। ପରମାତ୍ମା ପରମେଶ୍ୱରଙ୍କ ଅପୂର୍ବ ସାନ୍ନିଧ୍ୟ ଉଦାର ଆକାଶ କୋଳରେ ମିଳିପାରିବ ବୋଲି ସେ ବିଶ୍ୱାସ ରଖିଛନ୍ତି। 'ଜୀବନ ଚିନ୍ତା' ପରି ଦାର୍ଶନିକ ତ୍ୱ ସମ୍ୱଳିତ କବିତାରେ ଜୀବନ ଜିଜ୍ଞାସାର ଗହନ କଥା ପ୍ରକାଶିତ ହୋଇଅଛି। ବୈଦିକ ଆତ୍ମ ଅନୁସନ୍ଧାନ ପରମ୍ପରାର ଏହା ଏକ କମନୀୟ ଅଭିବ୍ୟକ୍ତି। ଜୀବନ ସ୍ରୋତ ମୃତ୍ୟୁ ସିନ୍ଧୁର କରାଳ ଲହରୀ ଆଡ଼କୁ ପ୍ରଧାବିତ ହେବାବେଳେ କବି ସଚେତନ ହୋଇଛନ୍ତି।

"ରେ ଆତ୍ମନ୍ ନିଦ୍ରା ପରିହରି

ଫେଡ଼ି ଚିନ୍ତାର ଲୋଚନ କର କର ନିରିକ୍ଷଣ

ନିଃଶବ୍ଦେ ଜୀବନ-ସ୍ରୋତ ଧାଉଁଛି କିପରି

ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ।"

ଜୀବନର ଅନ୍ତିମ ସତ୍ୟ ମୃତ୍ୟୁ। ଏ ମୃତ୍ୟୁ ଜୀତିପ୍ରଦ ନୁହେଁ, ଈଶ୍ୱରଙ୍କ ସଙ୍ଗେ ମିଳନର ଏହା ମହାପର୍ବ ବୋଲି କବି ସ୍ୱୀକାର କରିଛନ୍ତି। ମିଥ୍ୟା ବଡ଼ପଣ, ସ୍ୱପ୍ନର ମାୟାଜାଲ, ଯୌବନର ସକଳ ତେଜ, ବୀର୍ଯ୍ୟ, ଧନ-ମାନ-ଯଶ, ରାଜପଦ ସବୁକିଛି ମହାକାଳର ମହାନ୍ଧକାରରେ ଦିନେ ନା ଦିନେ ଲୀନ ହେବ। କ୍ଷୟଶୀଳ ସଂସାରରେ ଜୀବନର ନଶ୍ୱରତା ଅନୁଭବ କରି କାବ୍ୟପୁରୁଷ ପରିଶେଷରେ ତ୍ରାଣକ ର୍ା ପରମାତ୍ମାଙ୍କଠାରେ ଉଦ୍ଧାର ପାଇଁ ଆକୁତି ଜଣାଇଛନ୍ତି। 'ଜୀବନ ଚିନ୍ତା'ର ଏହି ମର୍ମବାଣୀ କବିଙ୍କ ବିଭୁପ୍ରୀତିର ଅନ୍ୟତମ ଦୃଷ୍ଟାନ୍ତ।

ଛାନ୍ଦମାଳା (୧ମ ଓ ୨ୟ ଭାଗ) - ଶିଶୁ ଓ କିଶୋରମାନଙ୍କ ଉଦ୍ଦେଶ୍ୟରେ ରଚିତ ଛାନ୍ଦମାଳାର କବିତାଗୁଡ଼ିକ ମଧ୍ୟରୁ ଅନେକ ସବୁ କାଳର ସାରସ୍ୱତ ସମ୍ପଦ ରୂପେ ବିବେଚିତ ହେବ। ପ୍ରଥମ ଭାଗରେ ଥିବା ୨୦ଟି ଓ ଦ୍ୱିତୀୟ ଭାଗରେ ଥିବା ୮ଟି କବିତା ଜନ୍ମଭୂମି, ପ୍ରକୃତି, ସତ୍ୟ, ସୌନ୍ଦର୍ଯ୍ୟ, ସରଳତା, ପ୍ରେମ ଓ ବିଭୁବୋଧରେ ମିଶ୍ରିତ ଚେତନାରେ ଛନ୍ଦାୟିତ। ପ୍ରଥମ ଭାଗରେ ଥିବା ପ୍ରକୃତି ମୂଳକ କବିତାଗୁଡ଼ିକ ମଧ୍ୟରେ ଋତୁକବିତାଗୁଡ଼ିକ କାଳିଦାସୀୟ 'ଋତୁସଂହାର' ପରି ସ୍ୱତନ୍ତ୍ରତା ରକ୍ଷା କରିପାରିଛି। ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଆଦି ଷଡ଼ଋତୁର କ୍ରମିକ ବର୍ଣ୍ଣନା ଦେଇ କବି ବାଳକମାନଙ୍କ ମନରେ ଏଗୁଡ଼ିକର ବୈଶିଷ୍ଟ୍ୟ ସୂଚାଇବାକୁ ଚେଷ୍ଟା କରିଛନ୍ତି। ସରଳ ଓ ସାବଲୀଳ ଶିଶୁବୋଧ ଭାଷାରେ ରଚିତ ଏହି ଋତୁକବିତାଗୁଡ଼ିକ ସକଳ ଶ୍ରେଣୀ ପାଠକଙ୍କ ଶ୍ରଦ୍ଧାଲାଭ କରିଥାଏ। ଓଡ଼ିଆ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ବିଭିନ୍ନ ଋତୁ ବର୍ଣ୍ଣନାରେ ଶତମୁଖ ହୋଇଥିଲେ ହେଁ ଋତୁଚକ୍ର କ୍ରମେ ଏହାର ସରଳ ବର୍ଣ୍ଣନା ମଧୁସୂଦନଙ୍କ ସ୍ୱାତନ୍ତ୍ୟ।

ଏ ସଂକଳନସ୍ଥ ପୃଥିବୀ ପ୍ରତି, ଜନ୍ମଭୂମି, ମୋ ଜନନୀ କବିତା ତିନୋଟିର ବକ୍ତବ୍ୟ ସ୍ମରଣ କରାଯାଇପାରେ। ଉପନିଷଦୀୟ ଅମୃତ ଚେତନାରେ 'ପୃଥିବୀ ପ୍ରତି' କବିତା ରଚିତ। ପୃଥିବୀ ମାତାର ସରିତ, ସିନ୍ଧୁ, ଆକାଶ, ପ୍ରଭାତ, ସନ୍ଧ୍ୟା, ପାହାଡ଼ ପର୍ବତ ସବୁଠି ମଧୁର ଅମୃତର ଅବାରିତ ଧାରା ବର୍ଷଣ ହେଉଛି ବୋଲି କବି ବିଶ୍ୱାସ କରିଛନ୍ତି। ମଧୁକ୍ଷରା ବସୁନ୍ଧରାର ମହାଭାବ ହିଁ ଏହାର ବା ର୍ା। ଭାରତର ଐତିହ୍ୟ, ପରମ୍ପରା ଓ ଐଶ୍ୱର୍ଯ୍ୟ ମଣ୍ଡନରେ 'ଜନ୍ମଭୂମି' କବିତାଟି କାଳୋତୀର୍ଣ୍ଣ

ହୋଇପାରିଛି। ଚୋଖି ରାଗରେ ଲିଖିତ ଏହାର ଗାନମାଧୁରୀ ଯୋଗୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହାକୁ ମୁଖସ୍ଥ କରିବା ପାଇଁ ପ୍ରୟାସ କରିଥାନ୍ତି। 'ମୋ ଜନନୀ' କବିତାରେ ମାତୃହରା ହୃଦୟର କରୁଣ ଭାବନା ବ୍ୟକ୍ତ ହୋଇଅଛି।

ଦ୍ୱିତୀୟ ଭାଗର ସ୍ତବ, ଧ୍ୱନି ଓ ପଦ୍ମ କବିତା ତିନୋଟି ସ୍ୱତନ୍ତ୍ର ଆଲୋଚନା ଦାବି କରେ। ଏହି କବିତାଗୁଡ଼ିକରେ ବିଭୁଭାବନାର ଯେଉଁ ଚିତ୍ର କବି ଦେଇଛନ୍ତି, ତାହାର ମାଧୁର୍ଯ୍ୟ ଏଡ଼ିଦେବାର ନୁହେଁ।

"ଅଖିଳ ବ୍ରହ୍ମାଣ୍ଡ ପତି ମୋ ଜୀବନ ସ୍ୱାମୀ

ହେ ପରମ ପିତା ମାତା ପ୍ରଭୁ ଅନ୍ତର୍ଯ୍ୟାମୀ

ଧନ୍ୟ କରୁଣା ତୋହର

ହେ କରୁଣା ସିନ୍ଧୁ, କାହିଁ ତା'ର ପଟାନ୍ତର।"

'ସ୍ତବ' କବିତାରେ ବିଶ୍ୱପିତାଙ୍କର ଏ ସ୍ତୁତି ହୃଦୟରେ ଅନିର୍ବଚନୀୟ ଭକ୍ତି ଭରିଦେବାର ସାମର୍ଥ୍ୟ ରଖେ।

ମେଘର ବର୍ଷଣ, ଜଳଧିର ଘୋଷ, ନିର୍ଝରିଣୀର ଜଳସ୍ୱନ, କାନନର ମର୍ମର, ବାତ୍ୟାର ଗର୍ଜନ, ମଦୁପର ଗୁଞ୍ଜନ, କୋଇଲିର କୁହୁତାନ ଇତ୍ୟାଦିରୁ ଯେଉଁ ଧ୍ୱନି ବିଚ୍ଛୁରିତ ହୁଏ, ତାହା ଅନ୍ୟ କିଛି ନୁହେଁ। ସେହିପରମ କାରୁଣିକଙ୍କର ପରମ ଧ୍ୱନି। ଏହିପରମାର୍ଥ ଭାବ 'ଧ୍ୱନି' କବିତାରେ ନିହିତ। ମଧୁ ସନ୍ଧାନୀ କବି 'ପଦ୍ମ'ର ଲାବଣ୍ୟରେ ମଧ୍ୟ ଈଶ୍ୱରସ । ଅନୁଭବ କରିଛନ୍ତି। ଛାନ୍ଦମାଳାର ଅଧିକାଂଶ କବିତାରେ କବିଙ୍କ ଶିଶୁସୁଲଭ ସରଳ ପ୍ରାଣର କଳ କଳ ନିନାଦ ଲକ୍ଷିତ ହୁଏ।

କୁସୁମାଞ୍ଜଳି – ପୂର୍ବବ ୀ କବିତା ସମୂହରେ ପ୍ରକଟିତ ଆଧାତ୍ମିକ ଚିନ୍ତନର ପରିପକ୍ୱ ପରିବେଷଣ 'କୁସୁମାଞ୍ଜଳି' କବିତା ଗ୍ରନ୍ଥରେ ପରିଦୃଷ୍ଟ ହୁଏ। ନବ ବସନ୍ତ ଭାବନା, ଏ ସୃଷ୍ଟି ଅମୃତମୟ ହେ, ନବଯୁଗର ଅଭିଷେକ, ଧରଣୀ ପ୍ରତି ସମୁଦ୍ରର ଭକ୍ତି,  ଆଶା, ଆତ୍ମସମର୍ପଣ, ଭାରତ ଭାବନା, ଉଦ୍‌ବୋଧନ, ଋଷିପ୍ରାଣେ ଦେବାବତରଣ, ମହାଦେବୀ ବିକ୍ଟୋରିଆ, ଶୋକ ଲହରି ଆଦି ଏଗାରଟି କବିତାର ସମାହାର ହେଉଛି ଏ ପୁସ୍ତକ। ଜଗତର ମଧୁମୟତା କବି ଚକ୍ଷୁରେ ସର୍ବତ୍ର ବିଦ୍ୟମାନ। ଦ୍ୱେଷ, କାତରତା, ସଂକୀର୍ଣ୍ଣତା, ଈର୍ଷା ଆଦି ପରିତ୍ୟାଗ କରି ମଣିଷ ବିଭୁଆଶିଷ କାମନା କଲେ ଜୀବନ ସ୍ୱତଃ ମଧୁସିକ୍ତ ହେବ ବୋଲି କବି ଆଶା ପ୍ରକଟ କରିଛନ୍ତି।  ବ୍ରହ୍ମବାଦୀ ଓ ଆନନ୍ଦବାଦୀ କବିଙ୍କର ଏ ଅମୃତ ଉଚ୍ଛ୍ୱାସ 'କୁସୁମାଞ୍ଜଳି'ର ଅନେକ କବିତାରେ ଉଚ୍ଚାରିତ। ଆଶାବାଦର ଉଜ୍ଜ୍ୱଳ ଆଲୋକରେ ଏଗୁଡ଼ିକ ଯେତିକି ଜାଜ୍ୱଲ୍ୟମାନ, ବିଶ୍ୱାସବୋଧର ବାରିଦାରାରେ ସେତିକି ଶ୍ରଦ୍ଧାସିକ୍ତ। ଜଗତର ନରନାରୀଙ୍କୁ କବି ମୁକ୍ତକଣ୍ଠରେ ଅମୃତପାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

'ମଧୁମୟ ସୃଷ୍ଟି     ସୁଧାମୟ ସୃଷ୍ଟ

ଏ ସୃଷ୍ଟି ଅମୃତମୟ ହେ

ଜାଗ ନରନାରୀ     ଅମୃତ-ସନ୍ତତି

ପିଅ ସେ ଅମୃତପୟ ହେ।' (ଏ ସୃଷ୍ଟି ଅମୃତମୟ ହେ)

ଏହି ପର୍ଯ୍ୟାୟରେ 'ଋଷିପ୍ରାଣେ ଦେବାବତରଣ' କବିତାର ଦୃଷ୍ଟି ଅଧିକ ପ୍ରଖର। ଋଷିବାଣୀର ମହିମାମୟ ଉଚ୍ଚାରଣର ସ୍ମରଣୀୟ ଓ ବରଣୀୟ ସ୍ୱାକ୍ଷର ଏଥିରେ ସନ୍ନିହିତ। ଦେଶ କାଳାତୀତ ଅମାପ୍ୟ ଅଗୋଚର ପରମାତ୍ମାଙ୍କ ଦିବ୍ୟ ଜ୍ୟୋତି ସରସ୍ୱତୀ ନଦୀ ତୀରରେ ପ୍ରାତଃକାଳରେ ବିରାଜିତ ଋଷିଙ୍କ ଅନ୍ତର ଭିତରେ ପ୍ରବେଶ କରିବା ଅପୂର୍ବ ଶିହରଣ କବିତାର କଥାବସ୍ତୁ। ସେହି ମହୀୟାନ ଦୃଶ୍ୟର ଚିନ୍ମୟ ବିଭବ ଦର୍ଶାଇ କବି ଲେଖିଛନ୍ତି –

"କେମନ୍ତେ ବର୍ଣ୍ଣିବି ସେହି ଭାଷାତୀତ ଭାବ,

ଜୀବାତ୍ମାରେ ପରମାତ୍ମା ଭୂମା ଆବିର୍ଭାବ।

ନୁହେଁ ସେ ଧରାର ଦୃଶ୍ୟ, ଧରାର ଶବଦ,

ସେ ଭାବ ନୁହିଁ କ୍ଷୁଦ୍ର ଧରାର ସମ୍ପଦ।

ମହୀୟାନ ମହିମାର ଚିନ୍ମୟ ବିଭବ,

ଦେଶରେ ଜଗତ ଆଜି ଦୃଶ୍ୟ ଅଭିନବ।" (ଋଷିପ୍ରାଣେ ଦେବାବତରଣ)

କବିଙ୍କ ଅମୃତ ଦୃଷ୍ଟିର ଦିବ୍ୟ ଚେତନାରେ କୁସୁମାଞ୍ଜଳି କାବ୍ୟଗ୍ରନ୍ଥ ସୁଶୋଭିତ ହୋଇଥିଲେ ହେଁ 'ମହାଦେବୀ ଭିକ୍ଟୋରିଆ' ଏହାର ଏକ ବ୍ୟତିକ୍ରମ। ବ୍ରିଟିଶ୍ ରାଣୀ ଭିକ୍ଟୋରିଆର ବନ୍ଦନା କରି କବି ପରବର୍ ୀ କାଳରେ ନିନ୍ଦିତ ହୋଇଥିଲେ। 'ଶୋକ ଲହରୀ' ବାମଣ୍ଡାଧିପତି ସୁଡ଼ଳ ଦେବଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି।

ବସନ୍ତ ଗାଥା - ଏ ଗ୍ରନ୍ଥର ଭୂମିକାରେ କବି ସ୍ୱୀକାର କରିଛନ୍ତି "ଏହି ଚତୁର୍ଦ୍ଦଶପଦୀ କବିତାଗୁଡ଼ିକର ଅଧିକାଂଶ ବସନ୍ତ କାଳରେ ରଚିତ ବୋଲି ତାହା 'ବସନ୍ତଗାଥା' ନାମରେ ଆଖ୍ୟାତ ହେଲା।" ରଚନାର କାଳକୁ ନେଇ ସୃଷ୍ଟିର ନାମକରଣରେ କୌଣସି ହେତୁ ନ ଥିଲେ ହେଁ ମଧୁସୂଦନ ତାହା ହିଁ କରିଛନ୍ତି। ପାଠକୀୟ ସନ୍ଦେହ ଦୂର କରିବାକୁ ଯାଇ କବି ତେଣୁକରିଁ ଭୂମିକାରେ ଏ ସମ୍ପର୍କୀୟ ସୂଚନା ପ୍ରଦାନ କରିବା ପାଇଁ ବାଧ ହୋଇଛନ୍ତି ବୋଲି କୁହାଯାଇପାରେ। ତେବେ ସେ ଯାହାହେଉ ଏଥିରେ ଥିବା ୨୭ଟି ଯାକ କବିତା ସନେଟ ବା ଚତୁର୍ଦ୍ଦଶପଦୀ କବିତା। ଗାଥା ନାମିତ ହୋଇଥିଲେ ହେଁ କୌଣସି କବିତା ବାଲାଡ- ବା ଗାଥା କବିତା ନୁହେଁ। ଅମୃତ ଦୃଷ୍ଟି, ବ୍ୟକ୍ତିତ୍ୱ ଉପାସନା, ସଂସ୍କାର ଭାବନାର ମିଶ୍ରିତ ଚେତନାରେ ଏହାର କାବ୍ୟଭୂମି ପରିକଳ୍ପିତ।

'ବାଣୀ', 'ସତ', 'ପାପୀର ତ୍ରାସ', 'ନବବର୍ଷ', 'ଶ୍ରୀପ ମୀ', 'ଶଙ୍ଖଧ୍ୱନି' ଆଦି କବିତାଗୁଡ଼ିକ ବ୍ରହ୍ମବାଦୀ ଦର୍ଶନ ଗ୍ରହଣ କରିଥିବାବେଳେ 'ଦେବାତ୍ମା ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ', 'ବାନଣ୍ଡେଶ ଶ୍ରୀ ଶ୍ରୀ ସୁଡ଼ଳ ଦେବ', 'କବି ଶ୍ରୀ ରଧାନାଥ ରାୟ ବାହାଦୂର' 'କବି ଶ୍ରୀ ଫକୀର ମୋହନ ସେନାପତି' ଆଦି ବ୍ୟକ୍ତିତ୍ୱ ବନ୍ଦନାରେ ସନ୍ନିବିଷ୍ଟ। 'ପତିତା ରମଣୀ' କବିଙ୍କର ସଂସ୍କାର ମାନସର ପ୍ରତିଲିପି। ଜନୈକ ବନ୍ଧୁଙ୍କ ପତ୍ନୀ ବିୟୋଗରେ ରଚିତ 'ବିଚ୍ଛେଦେ' ସନେଟ୍‌ଟି ଏକ ଉତ୍କୃଷ୍ଟ କୃତି।

"ହଜି ନାହିଁ ଯାର କେବେ କିଛି ହିଁ ରତନ,

ଏ ମ ୍ୟ ସଂସାରେ ସେହି ଦୀନ ଅକି ନ।

ସେ ପୁଣି ଦରିଦ୍ରତର, ହରାଇ ରତନ,

ଏ ଭବଭବନେ ତାହା ପାଶୋରେ ଯେ ଜନ।

ସେ ପୁଣି ଦରିଦ୍ରତମ କୃପାପାତ୍ର ଅତି,

ହରାଇ ପାଶୋରିବାକୁ ବଳେ ଯାର ମତି।" (ବିଚ୍ଛେଦ)

ଏହି ଉଚ୍ଚାରଣ ମାଧ୍ୟମରେ ମାନବୀୟ ଅନୁଭୂତିର ଏକ ସାର୍ବକାଳିକ ସତ୍ୟ ଉନ୍ମୋଚିତ ହୋଇଥିବାର ଲକ୍ଷ୍ୟ କରାଯାଏ।

**ଉତ୍କଳ ଗାଥା -** 'ବସନ୍ତଗାଥା' ପରି ଏହା ମଧ୍ୟ ଗାଥା ନ ହୋଇ ସେପରି ନାମରେ ନାମିତ। 'ଉତ୍କଳଗାଥା'ରେ ଉତ୍କଳୀୟ ।ଜତୀୟତାର ମନ୍ଦ୍ରଧ୍ୱନି ନିନାଦିତ। ଉତ୍କଳ ସମ୍ମିଳନୀ (୧୯୦୩)ରୁ ପ୍ରେରଣା ପାଇ ମଧୁସୂଦନ ଉତ୍କଳ ଭୂମି ଓ ଉତ୍କଳ ଭାଷାର ମହତ୍ୱ ପ୍ରଖ୍ୟାପନ ପୂର୍ବକ ଦେଶାତ୍ମବୋଧର ଜୟଗାନ କରିବାକୁ ଆଗଭର। ଉତ୍କଳ ସଂଗୀତ, ଉତ୍କଳ ବନ୍ଦନା, ଉତ୍କଳ ଜନନୀ ପ୍ରତି, ନବଯୁଗ, ଜୟଗାନ, ସଂଗୀତ ଓ ଜାତୀୟ ସଂଗୀତ ଆଦି କବିତାଗୁଡ଼ିକରେ ଓଡ଼ିଶାର ଅତୀତ ଗୌରବର ମହିମା ବର୍ଣ୍ଣନା ସହିତ ବା ମାନିକ ଦୁଃସ୍ଥିତି ପ୍ରତି ରହିଛି ପ୍ରଚଣ୍ଡ କ୍ଷୋଭ। ଓଡ଼ିଶାର ଜନସାଧାରଣଙ୍କୁ ଐକ୍ୟ ରଜ୍ଜୁରେ ବାନ୍ଧି

ଦୁର୍ଦ୍ଦିନର ସମ୍ମୁଖୀନ ହେବାପାଇଁ ସେ ପ୍ରବ ାଇଛନ୍ତି। ଉତ୍କଳ ଗୌରବ ମଧୁସୂଦନଙ୍କ ଦ୍ୱାର ଅନୁପ୍ରାଣିତ ହୋଇ ସେ ଏଭଳି ଏକ ବିତା ସଂକଳନ ରଚନା କରିଛନ୍ତି। ଏହାର ଋଣ ସ୍ୱୀକାର ସ୍ୱରୂପ କବି କାବ୍ୟଗ୍ରନ୍ଥଟିକୁ ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରିଛନ୍ତି।

ହିମାଚଳେ ଉଦୟ ଉତ୍ସବ – କବିଙ୍କ ପରିଣତ ବୟସରେ ସୃଷ୍ଟ ଏହା ଏକ ଦୀର୍ଘ କବିତା। ସମଗ୍ର ଜୀବନକାଳ ମଧ୍ୟରେ ସେ ଯେଉଁ ବିଭୁଚିନ୍ତାରେ ନିମଜ୍ଜିତ ରହୁଥିଲେ, ତାହାର ପୂର୍ଣ୍ଣ ପରିଭାଷା ହେଉଛି ହିମାଚଳେ ଉଦୟ ଉତ୍ସବ କବିତା। 'ଋଷିପ୍ରାଣେ ଦେବା ବିତରଣ' ପରି ଅନନ୍ତ ପ୍ରାଣଅମୃତମୟ ବନ୍ଧନ ପ୍ରତି ଏଥିରେ ଭରି ରହିଛି ହୃଦୟର ମୁକ୍ତ ଅନୁରାଗ।

"ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ

ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ

ଦୁହେଁ ମିଶି କି ଅଦ୍ଭୁତ ଦିବ୍ୟ-ପରିଣୟେ,

ପରିଣତ ସ୍ୱୟମ୍ବରା କୁମାରୀ-ହୃଦୟେ।"

ହିମାଚଳରେ ଉଦୟ ଉତ୍ସବ ପର୍ବର ନିବିଡ଼ ବିଦ୍ୟାନୁଭୂତିରେ ପ୍ରାପ୍ତ ହୋଇ ଭକ୍ତକବି ପରିଶେଷରେ ଋଷିକବି ରୂପେ ଆବିର୍ଭୂତ ହୋଇଛନ୍ତି।

ଅନ୍ୟାନ୍ୟ କବିତା – 'ବିବିଧ କବିତା', 'ଶୋକ ଶ୍ଳୋକ', 'ସଙ୍ଗୀତମାଳା', 'ମହର୍ଷି ଦେବେନ୍ଦ୍ରନାଥ ଠାକୁର', 'ବାମଣ୍ଡା ରାଜପ୍ରଶସ୍ତି' ଆଦି ଅନ୍ୟ କେତେକ ରଚନା ମଧୁସୂଦନଙ୍କ ସୃଷ୍ଟି। 'ବିବିଧ କବିତା' ଅନ୍ତର୍ଗତ ନୀତିରତ୍ନମାଳା, ଦୃଷ୍ଟାନ୍ତ ମାଳା, ମଣିମାଳା, ଧର୍ମ, ପବନ ଆଦି କବିତା ଉପଦେଶାତ୍ମକ ହୋଇଥିବାରୁ ଏଗୁଡ଼ିକର କଳାପକ୍ଷ ସେତେ ସୁନ୍ଦର ହୋଇପାରିନି। ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତି ସଶ୍ରଦ୍ଧ ଶୋକାଞ୍ଜଳି ହେଉଛି 'ଶୋକ-ଶ୍ଳୋକ' କବିତାର ନିର୍ଯାସ। 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ମସୀଯୁଦ୍ଧକୁ କେନ୍ଦ୍ରକରି ତାଙ୍କ ଦ୍ୱାରା ବିରଚିତ 'ସାବାସ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍' ଓ 'ଭଣ୍ଡ ରସାୟନ କାବ୍ୟ' ଦୁଇଟି ବ୍ୟଙ୍ଗାତ୍ମକ ରଚନା ସୁପ୍ରସିଦ୍ଧ। ଏତଦ୍‌ଭିନ୍ନ ଆଉ କେତେକ ଅନୁବାଦ ଓ ଅନୁସରଣାତ୍ମକ ସୃଷ୍ଟିରେ ତାଙ୍କର କବିତ୍ୱ ନିହିତ ହୋଇଥିବାର ଜଣାଯାଏ।

### ୮.୧.୩.- ମଧୁସୂଦନଙ୍କ କବିତାର ବିଶେଷତ୍ୱ

ଧର୍ମପ୍ରାଣତା – ମଧୁସୂଦନ ସ୍ୱଭାବତଃ ଧର୍ମପ୍ରାଣ। ବ୍ରାହ୍ମଧର୍ମ ଗ୍ରହଣପରେ ତାଙ୍କର ଧର୍ମୀୟ ଅନୁଚିନ୍ତା ବହୁଭାବରେ ପ୍ରଭାବିତ ଓ ପରିପକ୍ୱ ହୋଇଅଛି। ଛାତ୍ରାବସ୍ଥାରୁ ବ୍ରାହ୍ମଧର୍ମ ଅବଲମ୍ବନ କରିବାରୁ ସେ ନାନାବିଧ ଦେବାଦେବୀ ପୂଜା ଓ ଉପଚାର ବିଧି ପରିତ୍ୟାଗ କରି ଏକେଶ୍ୱର ଉପାସନାରୁ ଆଦରି ନେଇଛନ୍ତି। ଏ ବିଚିତ୍ର ବିଶ୍ୱର ସ୍ରଷ୍ଟା ପରଂବ୍ରହ୍ମ ହିଁ ସକଳ ବସ୍ତୁ, ସକଳ କାର୍ଯ୍ୟ ଓ ଦୃଶ୍ୟରେ ଆତଜାତ ହୁଅନ୍ତି। ତାଙ୍କରି ପରମ ପ୍ରସାଦରୁ ମଣିଷ ଅମୃତ ସନ୍ତାନ ରୂପେ ନିଜ ଜୀବନ ନିର୍ବାହ କରିବାର ସାମର୍ଥ୍ୟ ଅର୍ଜିପାରିଛି। ଏହି ଉପନିଷଦୀୟ ଚିନ୍ତାଧାରା ବ୍ରାହ୍ମଧର୍ମର ମୌଳିକ ଭି । ଏ ଭି ଉପରେ ମଧୁସୂଦନ କାବ୍ୟମାନସର ଅବସ୍ଥିତି ଆଧୁନିକ ଓଡ଼ିଆ କବିତା ପାଇଁ ଶୁଭପ୍ରଦ ହୋଇଥିଲା। ସତ୍ୟ, ପ୍ରେମ, ଜ୍ଞାନ, କର୍ମ, ନୀତି, ଦୟା, ସେବା ଆଦି ମହନୀୟ ଗୁଣାବଳୀର ପରିପ୍ରଚାର ତାଙ୍କ କାବ୍ୟସାଧନାକୁ ଯେତିକି ମହିମାମୟ କରିଛି, ପରମାତ୍ମା ପିପାସା ସେତିକି ସ୍ପୃହଣୀୟ ହୋଇଛି। ତାଙ୍କର ପ୍ରତ୍ୟେକ ରଚନାଧାରା ଯଥା ିଶୁ ସାହିତ୍ୟ, ଅନୁବାଦ, ପ୍ରବନ୍ଧ ଓ ସର୍ବୋପରି କବିତାରେ ଏହି ବିଭୁଭାବନାର ବାଙ୍ମୟ ବିଳାସ ଅନୁଭୂତ। 'ଛାନ୍ଦମାଳା' ଦ୍ୱିତୀୟ ଭାଗର 'ସ୍ତବ' କବିତାରେ ସେ ଲେଖିଛନ୍ତି –

ହେ ଆନନ୍ଦମୟ କୋଟି ଭୁବନ ପାଳକ

ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ

ଜ୍ଞାନଦାତା ଭଗବାନ

ଦିଅ ମୋତେ ଶୁଭବୁଦ୍ଧି ଦିଅ ଦିବ୍ୟ ଜ୍ଞାନ।
ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୋ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।

ଶିଶୁମାନଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ପଂକ୍ତି ଗୁଡ଼ିକରେ ଦିବ୍ୟପ୍ରେମର ପରମ ସ୍ରୋତରେ ପ୍ରାଣ ମିଶିବାର ଯେଉଁ ବ୍ୟାକୁଳତା ପ୍ରକାଶ ପାଇଛି, ତାହା ତାଙ୍କର ପରବର୍ତ୍ତୀ ବହୁ କବିତାରେ ପୁଷ୍କଳ ହୋଇଛି। ଛାନ୍ଦମାଳା, ବିବିଧ କବିତା, କୁସୁମାଞ୍ଜଳି, ବସନ୍ତ ଗାଥାର ଅନେକ କବିତା ବିଭୁଚେତନାରେ ପରିପୂର୍ଣ୍ଣ। ଜୀବନ ଚିନ୍ତା, ନବବସନ୍ତ, ଏ ସୃଷ୍ଟି ଅମୃତମୟ ହେ, ଆଶା, ଋଷିପ୍ରାଣେ ଦେବାବତରଣ, ଧ୍ୱନି, ପଦ୍ମ, ଶଙ୍ଖଧ୍ୱନି, ହୃଦୟସଙ୍ଗୀତ ପ୍ରଭୃତି କବିତା ଏହାର ଦ୍ୟୋତକ। 'ଶୁଣନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା' ବାଣୀର ବରେଣ୍ୟ ବିଶ୍ୱାସୀ କବି ସକଳ କ୍ଷେତ୍ରରେ ଅମୃତର ସନ୍ଧାନ କରିଛନ୍ତି। ବ୍ରହ୍ମବାଦୀ ମଧୁସୂଦନଙ୍କ ମଧୁଦୃଷ୍ଟିର ଏକ ଉଜ୍ଜ୍ୱଳ ନିଦର୍ଶନ 'ହିମାଚଳେ ଉଦୟ ଉତ୍ସବ'। ବିଭୁବୋଧ ଅନ୍ୱେଷାରେ ପରିସମାପ୍ତି ଘଟିଛି ଏ କବିତାରେ। ନିଜ ଭିତରେ ଦିବ୍ୟତ୍ୱରେ ଉନ୍ମୀଳନ ଅନୁଭବ କରି ସେ ନିଜେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ପୂର୍ଣ୍ଣତା ପ୍ରାପ୍ତ ହୋଇଛନ୍ତି।

"ଦେଖି ଏହି ମହାଭୁତ ଉଦୟ ଉତ୍ସବ
ଜ୍ୟୋତିର ପରମାଶ୍ଚର୍ଯ୍ୟ ଶୋଭାର ବିଭବ
ଏ ଦେହର ଅଙ୍ଗେ ଅଙ୍ଗେ ପ୍ରତି ଲୋମକୂପେ
ସଂଚରିଲା ନବପ୍ରାଣ ମହାହର୍ଷ - ରୂପେ।"

ପ୍ରାଚୀନ କାବ୍ୟ କବିତାରେ ଈଶ୍ୱରାନୁଚିନ୍ତା ଓ ଧର୍ମୀୟ ବିଶ୍ୱାସର ବାହୁଲ୍ୟ ଥିଲେ ମଧ୍ୟ ମଧୁସୂଦନଙ୍କ ସୃଷ୍ଟିରେ ଏହା ଯେପରି ସୂକ୍ଷ୍ମ ଦର୍ଶନ ଭାବେ ପ୍ରତିଭାତ ହୋଇଛି, ତାହା ତାଙ୍କୁ ଭକ୍ତକବି ବା ଋଷିକବି ରୂପେ ଆଖ୍ୟାୟିତ କରିବାରେ ସହାୟକ ହୋଇଛି।

**ଜାତୀୟତା ;**

ମଧୁସୂଦନ ରାଧାନାଥଙ୍କ ପରି ଜାତିପ୍ରାଣତାର ପ୍ରମୂର୍ତ୍ତ ରୂପକାର। ଜନ୍ମଭୂମି, ଭାରତୀ ବନ୍ଦନା, ଭାରତ ଭାବନା ଆଦି କବିତାରେ ଭାରତୀୟ ଦେଶପ୍ରେମ ପ୍ରତିଫଳିତ ହେବାସ୍ଥଳେ 'ଉତ୍କଳ ଗାଥା' କବିତା ସଂକଳନରେ ଉତ୍କଳୀୟ ଦେଶପ୍ରେମ ପରିସ୍ଫୁଟିତ। 'ଜନ୍ମଭୂମି' କବିତାରେ ଜନ୍ମଭୂମିକୁ ମା' ବୋଲି ସମ୍ବୋଧନ କରି ଏହାର ଗୁଣଗାନ କରିଛନ୍ତି। ଏହି ସ୍ତୁତି ମଧ୍ୟରେ ଅତୀତର ଐତିହ୍ୟଦୀପ୍ତ ଚରିତ୍ର ଓ ଭୌଗୋଳିକ ମାହାତ୍ମ୍ୟ ସୂଚିତ ହୋଇଛି। ଭାରତର ଅଭ୍ୟୁଦୟ ପାଇଁ ଦେବୀ ଭାରତୀଙ୍କୁ ବନ୍ଦନା କବିଙ୍କ ଜାତିପ୍ରେମର ପ୍ରତୀକତା କରେ।

ଦିଅ ମା' ଫିଟାଇ ସ୍ୱରଗର ଦ୍ୱାର,
ଉଜ୍ଜ୍ୱଳ କର ମା ଭାରତ ସଂସାର,
"ସ୍ୱରଗର ପ୍ରେମ ପୁଣ୍ୟ ଜ୍ୟୋତି ରାଶି
ଭାରତ ଲଲାଟ ଧୌତ କରୁ ଆସି,

ପୁଣ୍ୟ ଜଳେ ଧୁଅ ଭାରତର ତନୁ

ପାପ ତାପ ଯାଉ ଭାରତେ ଭବନୁ,

କର ମା କରୁଣା ଭାରତ ପ୍ରତି।" (ଭାରତୀ ବନ୍ଦନା)

ରାଧାନାଥଙ୍କ ମହାଯାତ୍ରାରେ ଭାରତର ଦୁର୍ଦ୍ଦିନ ପାଇଁ ବ୍ୟଥା ପ୍ରକଟ ପରି ମଧୁସୂଦନ ଭାରତ - ଭାବନା କବିତାରେ ଶୋଚନା ସନ୍ତପ୍ତ ସ୍ୱର ଶୁଣାଇଛନ୍ତି।

ଉତ୍କଳଗାଥାରେ ଦେଶପ୍ରେମର ସ୍ୱରୂପ ଆହୁରି ପ୍ରଖର। ଅବଶ୍ୟ ଏହା ଉତ୍କଳୀୟ ଭାବନାର ଦ୍ୟୋତକ ପୂର୍ବରୁ କୁହାଯାଇଛି ଯେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଜରିଆରେ ଓଡ଼ିଶାବାସୀ ଯେଉଁ ସ୍ୱରାଜ୍ୟ ବିକାଶର ମନ୍ତ୍ର ଜପିଛନ୍ତି, ତାହାର ଜୟଗାନରେ ଉତ୍କଳଗାଥା ମୁଖରିତ। ଭକ୍ତକବି ମାତୃଭୂମି ଓ ମାତୃଭାଷାକୁ ଜନନୀ ରୂପେ କଳ୍ପନା କରି ସେମାନଙ୍କର ସେବା ପାଇଁ ମନପ୍ରାଣ ଭରି ଦେଇଥିଲେ।

"ମାତୃଭୂମି ମାତୃଭାଷା ଉଭୟେ ଜନନୀ

ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ

ଏ ମାନବ ଜନ୍ମ ହେଉ ସଫଳ ମୋହର

ଏ ଭାଷା କରନ୍ତୁ ପୂର୍ଣ୍ଣ ପ୍ରଭୁ ମହେଶ୍ୱର।"

ଏହି ଉତ୍କଳୀୟ ପ୍ରୀତିରେ ଉତ୍କଳଗାଥାର କବିତାଗୁଡ଼ିକ ଉର୍ଜ୍ଜସ୍ୱଳଜାତୀୟ ସଂଗୀତ କବିତାରେ ସେ ଆହ୍ୱାନ ଦେଇଛନ୍ତି –

"ବାବୁ ମିଳନର ଶୁଭ ସଙ୍ଖଧ୍ୱନି,

ଜାଗୁ ଆନନ୍ଦରେ ଉତ୍କଳ ଧରଣୀ।

ପାହିଲାଣି ଏବେ ନିରାଶ-ଶର୍ବରୀ,

ଡାକୁଛନ୍ତି ମାତା କେତେ ଆଶାକରି।"

ମଧୁସୂଦନ ଯେଉଁ ଉତ୍କଳୀୟ ଜାତୀୟତାରେ ଶତମୁଖ ହୋଇଛନ୍ତି, ତାହା ପରବ ୀ ସତ୍ୟବାଦୀ ଯୁଗୀୟ ସାହିତ୍ୟରେ ଉଗ୍ର ରୂପରେ ଆବିର୍ଭୂତ ହୋଇଅଛି।

ପ୍ରକୃତି ପ୍ରାଣତା ;

ପ୍ରକୃତିର ମନମୋହିନୀ ମାଧୁରୀ ଯୁଗେ ଯୁଗେ କବି ଓ କଳାକାରଙ୍କୁ ଉଦ୍‌ବୁଦ୍ଧ କରିଥାଏ। ନୀଳସାଗରର ବିସ୍ତୃତ ଜଳରାଶି, ଅନ୍ତହୀନ ଆକାଶର ଦିଗନ୍ତବିସ୍ତାରୀ ବ୍ୟାପ୍ତି, ଶସ୍ୟକେଦାରର କମନୀୟ କାନ୍ତି, ସ୍ୱଚ୍ଛ ସକାଳର ଦୀପ୍ତି, ଶୁଭ ସାୟଂକାଳର ରକ୍ତିମ ଜ୍ୟୋତି, ଋତୁଚକ୍ରର ବିଚିତ୍ର ବିଭବର କବିସ । ଉଦ୍‌ବେଳିତ ଓ ଉନ୍ମାଦିତ ହେବା ଏକ ସ୍ୱାଭାବିକ ଘଟଣା।େ ମଧୁସୂଦନଙ୍କ କବିତାରେ ଏହି ପ୍ରକୃତି ବହୁଭାବରେ ବିଳସିତ। ସେ ପ୍ରାକୃତିକ ଶୋଭା ଦର୍ଶନରେ ଆଧୁନିକ ଦୃଷ୍ଟି ଦେଇ ଏହାକୁ ଜୀବନ୍ତ କରି ଗଢ଼ିଛନ୍ତି। କବି ବ୍ରହ୍ମବାଦୀ ହୋଇଥିବାରୁ ଅନେକତ୍ର ପ୍ରକୃତିର ପ୍ରକାଣ୍ଡ କଳେବରରେ ଐଶୀଚେତନାର ଅମୃତଧାରା ଅନ୍ୱେଷଣ କରିଛନ୍ତି।

ପ୍ରଭାତ, ସନ୍ଧ୍ୟା, ଶରତ ପ୍ରଭାତ, ନିଶୀଥ ଚିନ୍ତା, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ ଭାବନା, ପୃଥିବୀ ପ୍ରତି, ଆକାଶ ପ୍ରତି, ନଦୀ ପ୍ରତି, ପଦ୍ମ, ଋଷିପ୍ରାଣେ ଦେବାବତରଣ, ହିମାଚଳେ ଉଦୟ ଉତ୍ସବ ଆଦି କବିତାଗୁଡ଼ିକ ପ୍ରକୃତିର ବିବିଧ ରୂପ ପ୍ରଦାନରେ ଉନ୍ମୁଖ।

"ଆସଇ ବସନ୍ତ ଶିଶିର ଅନ୍ତେ,

ଦିଶଇ ଧରଣୀ ଚାରୁ କେମନ୍ତେ।

ସୌନ୍ଦର୍ଯ୍ୟ ତରଙ୍ଗେ ଭାସଇ ମହୀ,

ଭୁବନ ଆନନ୍ଦ ନୁହଇ କହି।" (ବସନ୍ତ)

କେବଳ ବସନ୍ତ ନୁହେଁ ପ୍ରତ୍ୟେକ ଋତୁର ବର୍ଣ୍ଣନା ମଧ୍ୟ ଦେଇ ସୌନ୍ଦର୍ଯ୍ୟର ନିରାଜନା କରିବାକୁ ସେ ଆଗଭର। ଆକାଶ ପ୍ରତି କବିତାର ଗୋଟିଏ ପଦ ଗ୍ରହଣ କରାଯାଇପାରେ।

"ଆଦି ସୃଷ୍ଟିକାଳକୁ ଅବଗାହି ଜ୍ୟୋତି ଢ଼ଳେ

କି ସୁନ୍ଦର କି ଉଦାର ଦେହଶ୍ରୀ ତୋହର

କହ ବ୍ୟୋମ, କିଏ ଅଛି ଏ ବିଶ୍ୱ ମଣ୍ଡଳେ

ତୋ ରୂପେ ନୁହଁଇ ମୁଗ୍ଧ ଯାହାର ଅନ୍ତର।"

ନୀଳ ଆକାଶର ସୁନ୍ଦର ଦେହଶ୍ରୀ କବିଙ୍କୁ ମୁଗ୍ଧ ଚକିତ କରିବା ସହିତ ତାଙ୍କ ମନରେ ଦେବଭାବ ସୃଷ୍ଟି କରିଛି। ଅନୁରୂପ ଭାବେ ପଦ୍ମ କବିତାରେ ରୂପାନ୍ୱେଷଣ ସହିତ ଅମୃତ ଭାବର ସମନ୍ୱୟ ସାଧିତ।

"ଢ଼ଳ ଢ଼ଳ ସୁନୀଳ ସରସୀ ଜଳ

ଢ଼ଳ ଢ଼ଳ ଶ୍ୟାମଳ ନଳିନୀ ଦଳ

ଢ଼ଳ ଢ଼ଳ ଭାସ୍କର ରଶ୍ମି ଉଜ୍ଜ୍ୱଳ

ତା ମଧ୍ୟେ ଢ଼ଳ ଢ଼ଳ ତୁହି କମଳ।"

ଋଷିପ୍ରାଣେ ଦେବାବତରଣ ଓ ହିମାଚଳେ ଉଦୟ ଉତ୍ସବ କବିତା ଦ୍ୱୟରେ ଜ୍ୟୋତି ଆଚ୍ଛାଦିତ ଉଷା କାଳର ବର୍ଣ୍ଣମୟ ମହୋତ୍ସବ ମଧ୍ୟ ଦେଇ ଚାରୁତା ଲକ୍ଷ୍ୟ କରିହେବ। ଏ ବର୍ଣ୍ଣନା ପ୍ରକୃତି ପ୍ରତି ଭକ୍ତି ଓ ଅନୁରାଗ ସୃଷ୍ଟିରେ ପାଠକୀୟ ହୃଦୟବ  ।କୁ ଉଦାର ଆଲୋକର ଉଦ୍ଭାସିତ କରିଥାଏ।

### ୮.୧.୪. ମଧୁସୂଦନଙ୍କ କବିତାର ଆଙ୍ଗିକ ବିଚାର ;

ପୂର୍ବରୁ କୁହାଯାଇଛି ଯେ ମଧୁସୂଦନ ଆଧୁନିକ ଓଡ଼ିଆ ଗୀତିକବିତାର ସୁଦକ୍ଷ ଶିଳ୍ପୀ। ନୂତନ ଭାବବସ୍ତୁ ସହିତ ନୂତନ କାବ୍ୟ ଆଙ୍ଗିକ ବିଶେଷକରି ପାଶ୍ଚାତ୍ୟ କଳା ଚାତୁରୀ ଗ୍ରହଣ କରି ସେ ଯେଉଁ ବିପୁଳାୟତନ ସୃଷ୍ଟି ସୌଧ ନିର୍ମାଣ କରିଛନ୍ତି, ତାହା ଓଡ଼ିଆ କ୍ଷୁଦ୍ରକବିତା ଧାରାରେ ନୂତନ ପ୍ରାଣ ସ୍ପନ୍ଦନ ସୃଷ୍ଟି କରିଛି। ପ୍ରାଚୀନ ଓ ବୈଷ୍ଣବୀୟ କାବ୍ୟ ପ୍ରବାହରେ ପରିପୁଷ୍ଟ ଗୀତିକବିତାର ପରମ୍ପରାକୁ ବିଚ୍ୟୁତ ହୋଇ ସ୍ୱତନ୍ତ୍ର ସ୍ରୋତ ସୃଷ୍ଟିରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ପାଶ୍ଚାତ୍ୟ କାବ୍ୟରୀତି ଯଥା ସମ୍ବୋଧନ ଗୀତି, ଶୋକଗୀତି, ସମ୍ବୋଧନୀ ଗୀତି, ଶୋକ, ଚତୁର୍ଦ୍ଦଶପଦୀ ଆଦି ଶୈଳୀର ବ୍ୟାପକ ବ୍ୟବହାର କରିବା ସହିତ ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ ଛନ୍ଦରୀତି ଗ୍ରହଣ କରି ଆଧୁନିକ ଓଡ଼ିଆ ଗୀତିକବିତାକୁ ପ୍ରାରମ୍ଭିକ ପ୍ରତିଷ୍ଠା ଦେବାରେ ମଧୁସୂଦନଙ୍କ ମହତ୍ୱ ସୂଚିତ।

**ସମ୍ବୋଧନ ଗୀତ –** ଯେଉଁ ଗୀତିକବିତାରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବବସ୍ତୁର ଆତ୍ମଗତ ଅନୁଭବ ଓଜସ୍ୱୀ ଛନ୍ଦରେ ପ୍ରକାଶିତ ହୋଇଥାଏ, ତାହାକୁ ସମ୍ବୋଧନ ଗୀତି କୁହାଯାଏ। ପାଶ୍ଚାତ୍ୟ କାବ୍ୟ ଶୈଳୀ ଅଧାରିତ ଏହି ରଚନାର ଇଂରାଜୀ ପରିଭାଷା ode। ଏ କବିତାର ବିଶେଷତ୍ୱ ହେଉଛି ଉଦ୍ଦିଷ୍ଟ ବସ୍ତୁ ବା ଭାବକୁ ସମ୍ବୋଧନ କରି ନିଜ ଅଭିବ୍ୟକ୍ତି ପ୍ରକାଶ କରିବା। ପ୍ରାଚୀନ କୋଇଲି, ଚଉତିଶା ଆଦି ରଚନାରେ ସମ୍ବୋଧନାତ୍ମକ ବିଷୟ ନିର୍ଯାସ ରହିଥିଲେ ହେଁ ଏହା ନିର୍ଦ୍ଦିଷ୍ଟ ରୀତିରେ ଆବଦ୍ଧ। ମାତ୍ର ଓଡ୍ ରଚନାର ଯତି ପ୍ରବାହ ନିୟମିତ ବା ଅନିୟମିତ ହେବାରେ ବାଧା ନାହିଁ। ମଧୁସୂଦନଙ୍କ ଛାନ୍ଦମାଳା, କବିତାବଳୀ, କୁସୁମାଞ୍ଜଳୀ ଇତ୍ୟାଦି କବିତାଗ୍ରନ୍ଥର ଅନେକ କବିତା ସମ୍ବୋଧନଗୀତି ପର୍ଯ୍ୟାୟର। 'ମୋ ଜନନୀ', 'ପୃଥିବୀ ପ୍ରତି', 'ପଦ୍ମ', 'ଋଷିପ୍ରାଣେ ଦେବାବତରଣ', 'ଜନ୍ମଭୂମି', 'ଭାରତୀ ବନ୍ଦନା', 'ଜନନୀ ପ୍ରତି' ଆଦି ଏହାର ସାକ୍ଷ୍ୟ ଦେବାରେ ଯଥେଷ୍ଟ।

ସନେଟ୍ – ଚତୁର୍ଦ୍ଦଶପଦୀ କବିତା ବା ସନେଟ୍ (sonnet) ଏକ ପାଶ୍ଚାତ୍ୟ କବ୍ୟଶୈଳୀ। ସନେଟରେ ଚଉଦ ଗୋଟି ପଦର ସମାହାର ହେତୁ କବି ମଧୁସୂଦନ ଏହାକୁ ପ୍ରଥମ କରି ଓଡ଼ିଆରେ ଚତୁର୍ଦ୍ଦଶପଦୀ କବିତା ନାମରେ ଅଭିହିତ କଲେ ଏବଂ ତାହା ଅଦ୍ୟାବଧି ସେହି ନାମରେ ପରିଚିତ। ଏହାର ଦୁଇଟି ସ୍ତବକ ଅଷ୍ଟକ (octave) ଓ ଷଷ୍ଟକ (sestet)ରେ ଆବେଗର ସାନ୍ଦ୍ରତା ଅବିଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଥାଏ। ପ୍ରଥମ ଆଠପଦରେ ଭାବର ଅବତାରଣା କରାଯାଇ ଶେଷ ଛଅ ପଦରେ ପରିଣତି ଦର୍ଶାଯାଇଥାଏ। ତେବେ କେତେକ ପାଶ୍ଚାତ୍ୟ କବି ଯଥା ମିଲଟନ, ସେକ୍ସପିଅର, ଶେଲି, ୱାର୍ଡସୱାର୍ଥ, କିଟ୍ସ ପ୍ରମୁଖ ସନେଟ ରଚନାର ସ୍ତବକ ଭେଦ ଓ ଯତିପାତ ନିମୟରେ ମିଶ୍ରିତ ଶୈଳୀ ବ୍ୟବହାର କରିଥିଲେ ହେଁ ଏହାକୁ ଜନପ୍ରିୟ କାବ୍ୟ ଅଙ୍ଗିକର ମାନ୍ୟତା ଦେଇଥିଲେ।

ମଧୁସୂଦନଙ୍କ ପୂର୍ବରୁ ରୁଦ୍ରନାରାୟଣ ପଟ୍ଟନାୟକ ଓ ଗୋପାଳ ବଲ୍ଲଭ ଦାସ ଏହି ରୀତିରେ ସ୍ୱଳ୍ପ କେତୋଟି କବିତା ରଚନା କରିଥିଲେ ହେଁ ମଧୁସୂଦନ ବିଧିବଦ୍ଧଭାବେ ଏହାକୁ ଓଡ଼ିଆ କବିତାରେ ପ୍ରତିଷ୍ଠା ଦେଇଥିଲେ। ତାଙ୍କର ବସନ୍ତଗାଥା ଚତୁର୍ଦ୍ଦଶପଦୀ କବିତାବଳୀର ଏକ ସାର୍ଥକ ସମାହାର ବାଣୀ, ସତ୍ୟ, ପାପୀର ତ୍ରାସ, କ୍ଷମାସାଗର, ବିଚ୍ଛେଦେ ଆଦି ସନେଟଗୁଡ଼ିକ ଗୋଟିଏ ଗୋଟିଏ ଉତ୍କୃଷ୍ଟ ନମୁନା। କବି ତାଙ୍କର ଅଧିକାଂଶ ସନେଟରେ ସେକ୍ସପିଅରଙ୍କ ଶୈଳୀ ଅନୁସରଣ କରିଛନ୍ତି।

**ଶୋକଗୀତି –** ଶୋକଗୀତି ବା ଏଲିଜି (Elegy)ରେ ବ୍ୟକ୍ତିଗତ ବା ଜାତୟ ଶୋକ ଆବେଗସିକ୍ତ ଭାବେ ପ୍ରକାଶ ପାଇଥାଏ। ତେବେ ଏହି ବେଦନା ବା ସନ୍ତାପ ସାର୍ବଜନୀନ ଆବେଦନରେ ଶୋକଚ୍ଛ୍ୱାସ ସୃଷ୍ଟି କରିଥାଏ। ବିଶେଷକରି କୌଣସି ବ୍ୟକ୍ତିର ବିୟୋଗରେ ଯେଉଁ ଶୋକବାଣୀ ରଚିତ ହୁଏ, ତାହା ଶୋକଗୀତିର ଗାମ୍ଭୀର୍ଯ୍ୟ ବୃଦ୍ଧି କରିଥାଏ। ମଧୁସୂଦନଙ୍କ ମହାଦେବୀ ଭିକ୍ଟୋରିଆ, ଶୋକଶ୍ଳୋକ, ମହର୍ଷି ଦେବେନ୍ଦ୍ରନାଥ ଠାକୁର, ପରଲୋକଗତା ସୁଲକ୍ଷଣା ଦେବୀ, ରାଧାନାଥ ବିୟୋଗ ଇତ୍ୟାଦି କବିତା ଏହି ପର୍ଯ୍ୟାୟର ରଚନା।

**ବ୍ୟଙ୍ଗ –** ଆନନ୍ଦବାଦୀ ବିଭୁପ୍ରାଣ ମଧୁସୂଦନ ସ୍ୱକବିତା ସମୂହରେ ଉପନିଷଦୀୟ ଦର୍ଶନର ବିଦଗ୍ଧ ବିଚାର ଅବତାରଣା କରିଥିଲେ ହେଁ ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍ ଓ ଭଣ୍ଡ ରସାୟନ କବିତା ଦ୍ୱୟରେ ବ୍ୟଙ୍ଗାତ୍ମକ ଦୃଷ୍ଟି ନିବଦ୍ଧ କରିଛନ୍ତି।

"ବ୍ରଜରାଜ ପ୍ରାୟେ କାହାର ଅଙ୍କ ଉଜଳି ଭଲେ
ଭଣ୍ଡ ଭାଗବତ ଭାଷୁଛି ମିଶି ରସିକ ପଲେ !
ମାଙ୍କଡସା ପ୍ରାୟେ କେହି ବା ନିଜ ଜାଲେ ଜଡ଼ିତ,
ଜଟିଳ କୁଟିଳ ଗୋଲକ-ଧନ୍ଦା ରଚି ତ୍ୱରିତ।"

ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ଦ୍ୱୟର ଭଂଜ -ରାଧାନାଥ ବିବାଦ ଭି ିରେ ରଚିତ ଏ କବିତାରେ କଟାକ୍ଷ ତତ୍କାଳରେ ବହୁ ଆଲୋଡ଼ନ ସୃଷ୍ଟି କରିଥିଲା।

ଉପର୍ଯ୍ୟୁକ୍ତ ପାଶ୍ଚାତ୍ୟ କାବ୍ୟ ଆଙ୍ଗିକ ବ୍ୟତୀତ ଭକ୍ତକବି ଭାରତୀୟ କାବ୍ୟ ଶୈଳୀରେ ଅନୁବ୍ରତୀ ହୋଇ ସ୍ତୋତ୍ର, ସ୍ତବ, ସଙ୍ଗୀତ ଇତ୍ୟାଦି ରଚନା ମାଧ୍ୟମରେ ସ୍ୱକୀୟ ଭାବ ପ୍ରକାଶ କରିବାକୁ କୁଣ୍ଠିତ ହୋଇନାହାନ୍ତି।

ଛନ୍ଦ ଓ ଭାଷା – ଦେଶୀୟ ଓ ପାଶ୍ଚାତ୍ୟ ଉଭୟ ଛନ୍ଦରୀତି ତାଙ୍କ କବିତାବଳୀରେ ଅନୁସୃତ। ରସକୁଲ୍ୟା, କେଦାର ଚକ୍ରକେଳି, ଚୋଖି, ବଙ୍ଗଳାଶ୍ରୀ, ଶଙ୍କରାଭରଣ, କଳହଂସ କେଦାର, ଭାଗବତ, ନଟବାଣୀ ଇତ୍ୟାଦି ପ୍ରାଚୀନ ରୀତିଯୁଗୀୟ ଛନ୍ଦବୃ  ତାଙ୍କ  କବିତାରେ ବ୍ୟବହୃତ। ଅପରପକ୍ଷରେ ପାଶ୍ଚାତ୍ୟ ଯତିପାତ ନିୟମକୁ ମଧ୍ୟ ସେ କେତେକ କବିତାରେ ଆଦରି ନେଇଥିବାର ଅନୁଭୂତ ହୁଏ। ଉଭୟ ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଛନ୍ଦର ସେ ପ୍ରୟୋଗକାରୀ। ସେହିପରି ଭାଷା ବ୍ୟବହାରରେ କବି ଯେତିକି ସଂଯତ ସେତିକି ସରଳ। ତାଙ୍କ ପ୍ରବନ୍ଧ ସାହିତ୍ୟରେ ତତ୍ସମ ଶବ୍ଦର ପ୍ରତୁଳତା ଲକ୍ଷିତ ହେଲେ ହେଁ କବିତାରେ ଭାବାନୁସାରୀ ନିୟନ୍ତ୍ରିତ ଶବ୍ଦ ବସାଣରେ କବି ସଚେତନ।

ସତ୍ୟ, ଶିବ ଓ ସୁନ୍ଦରର ଚରମ ଉପାସକ ଭକ୍ତକବି ମଧୁସୂଦନଙ୍କ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସାରସ୍ୱତ ସାଧନା ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ସମ୍ପଦ। ଆଧୁନିକ ଗଦ୍ୟ ସାହିତ୍ୟ ତାଙ୍କ ଲେଖନୀରେ ଯେପରି ମହିମାନ୍ୱିତ ହୋଇଛି ପଦ୍ୟ ସାହିତ୍ୟ ସେହିପରି ହୋଇଛି ଗୌରବାନ୍ୱିତ। ତାଙ୍କର ନୂତନ କଳାକର୍ମ ପାଇଁ ସେ କାଳଜୟୀ ସ୍ରଷ୍ଟାର ଯେଉଁ ମୁକୁଟ ପରିଧାନ କରିଛନ୍ତି, ତାହା ଯଥାର୍ଥ ମନେହୁଏ।

### ୮.୧.୫. ମଧୁସୂଦନଙ୍କ ଅନୁବାଦ

ସେ ଇଂରାଜୀ ଓ ସଂସ୍କୃତ ଭାଷାରୁ ଉତ୍ସ ଗ୍ରହଣ କରି ଅନୁବାଦରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ନିର୍ଜନ ଦୀପରେ ନିର୍ବାସିତର ବିଳାପ, ଆତ୍ମସମର୍ପଣ, ଅଯୋଧ୍ୟା ପ୍ରତ୍ୟାବ ର୍ନ ସୀତା ବନବାସ, ଶ୍ରୀରାମ ବନବାସ, ବାଳ ରାମାୟଣ, ଉ ର ରାମଚରିତ ଏବଂ ଗଦ୍ୟ ରଚନା 'ପ୍ରେମର ଅଦ୍ଭୁତ ପରିଣାମ' ଆଦି ତାଙ୍କ ଅନୁବାଦର ଆଲେଖ୍ୟ। ଉଇଲିୟମ୍ କାଉପରଙ୍କ କବିତା The solutude of Alexander Seekirk' ର ଅନୁବାଦ 'ନିର୍ଜନ ଦୀପରେ ନିର୍ବାସିତର ବିଳାପ' ପ୍ରସଙ୍ଗରେ ପୂର୍ବରୁ ଆଲୋଚନା କରାଯାଇଛି। 'ଅଯୋଧ୍ୟା ପ୍ରତ୍ୟାବ ର୍ନ' ତାଙ୍କର ପ୍ରଥମ ସଂସ୍କୃତରୁ ଅନୁଦିତ କବିତା। ଏହା କାଳିଦାସଙ୍କ ରଘୁବଂଶର ତ୍ରୟୋଦଶ ସର୍ଗର ମନୋଜ୍ଞ ଅନୁବାଦ। ପାଠ୍ୟ ପୁସ୍ତକ ଉଦ୍ଦେଶ୍ୟରେ ଅନୁଦିତ ହୋଇଥିବାରୁ ଯଥା ସମ୍ଭବ ସରଳ ଭାଷାରେ ଏହା ଲିଖିତ।

ଭବଭୂତିଙ୍କ ଉ ର ରାମଚରିତର ଅସଂମ୍ପୂର୍ଣ୍ଣ ଅନୁବାଦରେ ମଧ୍ୟ ତାଙ୍କ କବି ଶକ୍ତିର ପରାକାଷ୍ଠା ଉପଲବ୍ଧ ହୁଏ। ରଘୁବଂଶକୁ ଆଧାର କରି 'ସୀତା ବନବାସ' ଓ ରାମାୟଣର ଅଯୋଧ୍ୟା କାଣ୍ଡକୁ ଅବଲମ୍ବନ କରି ବାଳ ରାମାୟଣ ଅନୁବାଦ କରି ମଧୁସୂଦନ ଆହରଣ ଆତ୍ମସ୍ପୃହାର ପରିଚୟ ଦେଇଛନ୍ତି। ଏଥି ସହିତ କେତେକ ଇଂରେଜୀ କବିତା ଓ ସଂସ୍କୃତ ଶ୍ଳୋକ ମଧ୍ୟ ସେ ପିଲାମାନଙ୍କ ଉଦ୍ଦେଶ୍ୟରେ ଅନୁବାଦ କରିଥିଲେ।

### ୮.୧.୬. ତାଙ୍କର ଗଦ୍ୟ ରଚନା

ଗୀତି କବି ଓ ଅନୁବାଦକ ମଧୁସୂଦନଙ୍କ ଅନ୍ୟତମ ପରିଚୟ ହେଉଛି, ସେ ଜଣେ ଉତ୍କୃଷ୍ଟ ଗଦ୍ୟଶିଳ୍ପୀ। ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆତ୍ମପ୍ରକାଶ କାଳରେ ସେ ରଚନା କରିଛନ୍ତି 'ପ୍ରବନ୍ଧମାଳା' (୧୮୮୦)। ଏହାର ଅଧିକାଂଶ ପ୍ରବନ୍ଧ ଉତ୍କଳ ଦର୍ପଣରେ ପ୍ରକାଶିତ ହୋଇ ପାଠକମାନଙ୍କ ଦୃଷ୍ଟିଆକର୍ଷଣ କରିଥିଲା। 'ବୁଦ୍ଧଦେବ', 'ସୂର୍ଯ୍ୟ', 'ଉଲ୍‌କାପିଣ୍ଡ', 'ଶାସନ ପ୍ରଣାଳୀ', 'ଚନ୍ଦ୍ର ଓ ତାରା', 'ରାଣୀ ଦୁର୍ଗାବତୀ', 'ଲିସବନ ଭୂମିକମ୍ପ', 'ସାର୍ ଆଇଜାକ୍ ନିଉଟନ', 'ନେପୋଲିୟନ' ଆଦି ପ୍ରବନ୍ଧ ତଥ୍ୟ ପ୍ରଦାନରେ ଯେତିକି ଉନ୍ମୁଖ, ଗଦ୍ୟରଲାଳିତ୍ୟ ବହନକରି ସେତିକି ସୁଖପାଠ୍ୟ। ବଙ୍ଗଳା ଲେଖକ ଇଶ୍ୱରଚନ୍ଦ୍ର ବିଦ୍ୟା ସାଗରଙ୍କ ତୁଲ୍ୟ ସେ ବହୁ ନୈତିକତା ଆଧାରିତ ଆଳଙ୍କାରିକ ପ୍ରବନ୍ଧ ରଚନାକରି ଓଡ଼ିଆ ନବଜାଗରଣର ବା ର୍କୁ

ଋଦ୍ଧିମନ୍ତ କରିଥିଲେ। ମୁକ୍ତଚିନ୍ତନ, ବକ୍ତବ୍ୟରେ ଚମତ୍କାରିତା, ଭାବସାନ୍ଦ୍ରତା ସଂସ୍କାର ପ୍ରାଣତା ଓ ବୈଜ୍ଞାନିକ ଦୃଷ୍ଟିକୋଣରେ ତାଙ୍କ ପ୍ରବନ୍ଧ ସମୂହ ସ୍ୱତନ୍ତ୍ର ମର୍ଯ୍ୟଦା ଦାବି କରିଥାନ୍ତି।

ମଧୁସୂଦନଙ୍କ ଗଦ୍ୟଧାରା ମଧ୍ୟ ଦେଖିବାକୁ ମିଳେ ଅନ୍ୟ କେତୋଟି ସମୀକ୍ଷାତ୍ମକ ରଚନାରେ। ରାଧାନାଥଙ୍କ 'ମହାଯାତ୍ରା' ମହାକାବ୍ୟର ମୁଖବନ୍ଧରେ ତାଙ୍କ ବିଚାରଶୀଳ ଦୃଷ୍ଟିକୋଣ ଲକ୍ଷ୍ୟ କରିହୁଏ। "ମହାଯାତ୍ରାର କବି ବର୍ଣ୍ଣନା ବିଷୟରେ ସର୍ବତ୍ର ଯେଉଁ ଶକ୍ତି, ସୌନ୍ଦର୍ଯ୍ୟ ଓ କୌଶଳ ଦେଖାଇଛନ୍ତି, ତାହା ଅସାମାନ୍ୟ ଏବଂ ସମଗ୍ର ଉକ୍ରଳ ସାହିତ୍ୟ ମଧ୍ୟରେ ଅତୁଲ୍ୟ ବୋଇଲେ ଅତ୍ୟୁକ୍ତି ହେବନାହିଁ, କିନ୍ତୁ ସେ ବର୍ଣ୍ଣନାଗୁଡ଼ିକ ମଧ୍ୟରୁ କତିପୟ ଅଂଶ ସରସତା ସ ୍ୱ ମହାକବ୍ୟର ଅନୁପଯୁକ୍ତ ଅଥବା ବ ର୍ମାନ ଯୁଗର ଜ୍ଞାନୋଚ୍ଛଳା ବିଶ୍ୱାସରେ ବିରୋଧୀ।"

ମଧୁସୂଦନଙ୍କ ଗଦ୍ୟସୃଷ୍ଟିର ନିରପେକ୍ଷ ଆକଳନ କରି "ମଧୁସୃଷ୍ଟି ଅମୂ ର୍ ଦୃଷ୍ଟି" ପୁସ୍ତକରେ ଡଃ ଶରତଚନ୍ଦ୍ର ପ୍ରଧାନ ଲେଖିଛନ୍ତି "ମଧୁସୂଦନ ରାଓ ହିଁ ଆଧୁନିକ ଓଡ଼ିଶାର ଜ୍ଞାନବିଜ୍ଞାନ ଭି ିକ ଗଦ୍ୟ ସାହିତ୍ୟର ପ୍ରଥମ ସାର୍ଥକ ଶିଳ୍ପୀ। ତାଙ୍କର ଗଦ୍ୟ କୃତି ଭିତରେ ଆଧୁନିକ ଜ୍ଞାନ ବିଜ୍ଞାନ ଭାବମୂ ର୍ି ପ୍ରଥମ କରି ମନୋଜ୍ଞ ରୂପେ ପ୍ରତିଷ୍ଠିତ ହେଲା। ସେ କାବ୍ୟ ବହୁଳ ସାରସ୍ୱତ ମନ୍ଦିର ପ୍ରାଙ୍ଗଣରେ ଠିଆ ହୋଇ ଗଦ୍ୟ ସ୍ଥାପତ୍ୟଭରା ଅନୁରୂପ ସାରସ୍ୱତ ମନ୍ଦିରଟିଏ ଯେ ତୋଳା ଯାଇପାରେ, ତାର ନିଦର୍ଶନ ଦେଖାଇ ଦେଇଗଲେ।"

ତାଙ୍କ ଦ୍ୱାରା ପ୍ରଦ  ଭ୍ରମଣ, ବୃ ାନ୍ତ, ଅଭିଭାଷଣ ଓ ଚିଠି ପତ୍ରରେ ମଧ୍ୟ ରେନେସାଁ ଯୁଗର ଓଡ଼ିଆ ଗଦ୍ୟଚିତ୍ର ଅବଲୋକନ କରାଯାଇପାରେ।

**୮.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ -**

୧. ମଧୁସୂଦନ ରାଓ ଆଧୁନିକ ଓଡ଼ିଆ ଗୀତି କବିତାର ପ୍ରାଣ ପ୍ରତିଷ୍ଠାତା - ଏ ଉକ୍ତିର ସାରବ  । ନିରୂପଣ କର।

୨. ମଧୁସୂଦନଙ୍କ କବିତାରେ ଆଧ୍ୟାତ୍ମବାଦ ଦର୍ଶାଅ।

୩. ମଧୁସୃଷ୍ଟି ଅମୂ ର୍ ଦୃଷ୍ଟି କହିବାର ହେତୁ ବର୍ଣ୍ଣନା କର।

୪. ମଧୁସୂଦନଙ୍କ କବିତ୍ୱର ବୈଶିଷ୍ଟ୍ୟ ଆକଳନ କର।

୫. ମଧୁସୂଦନଙ୍କ କାବ୍ୟଶୈଳୀ ଉପରେ ଆଲୋକପାତ କର।

**ଅଧିକ ଅଧ୍ୟନ ପାଇଁ ସହାୟକ ପୁସ୍ତକାବଳୀ -**


୧. ଓଡ଼ିଆ ସନ୍ଥ (ଭକ୍ତ) ସାହିତ୍ୟ - ଚି  ରଂଜନ ଦାସ

୨. ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡଃ କ୍ଷେତ୍ରବାସୀ ନାୟକ

୩. ନବ ଯୁଗର କବି ଓ କାବ୍ୟଧାରା - ଡଃ ଜାନକୀ ବଲ୍ଲଭ ମହାନ୍ତି

୪. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ - ଡଃ ବୈଷ୍ଣବ ଚରଣ ସାମଲ

୫. ମଧୁସୃଷ୍ଟି ଅମୂ ର୍ ଦୃଷ୍ଟି - ଡଃ ଶରଦ ଚନ୍ଦ୍ର ପ୍ରଧାନ।

# ନବମ ଏକକ - ଆଳଙ୍କାରିକତା

### ୯.୦. ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଏହି ୟୁନିଟ୍ ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି –

* ଆଳଙ୍କାରିକତା ବିଷୟରେ ସ୍ଥୁଳ ପରିଚିତି ଲାଭ କରିବା।
* ଆଳଙ୍କାରିକତା ପ୍ରସଙ୍ଗରେ ସବିଶେଷ ତଥ୍ୟ ଉପଲବ୍ଧ ହେବ।
* ଆଳଙ୍କାରିକତା ସମ୍ପର୍କରେ ଅବଧାରଣା କରିହେବ।
* ଆଳଙ୍କାରିକତା ର ସଂକ୍ଷିପ୍ତ ପରିଚୟ ମିଳିବ।
* ଭୀମ ଭୋଇଙ୍କ ବ୍ୟାପକ କାବ୍ୟକୃତି ଓ ଅନ୍ୟାନ୍ୟ ରଚନା ସମ୍ପର୍କରେ ସୂଚନା ମିଳେ।
* ଭୀମ ଭୋଇଙ୍କ ସୃଷ୍ଟି ସମୂହର ବୈଶିଷ୍ଟ୍ୟ ସମ୍ପର୍କରେ ପାଠକ ଅବଗତ ହେବେ।
* ଆଲୋଚ୍ୟ ୟୁନିଟ୍‌ର ସମ୍ଭାବ୍ୟ ପ୍ରଶ୍ନାବଳୀ ଓ ଅଧିକ ଜାଣିବାପାଇଁ ସହାୟକ ପୁସ୍ତକ ସମ୍ପର୍କରେ ସାଧାରଣ ଧାରଣା ଜନ୍ମିବ।

### ୯.୧ ଆଳଙ୍କାରିକତା

ଓଡ଼ିଆ ସାହିତ୍ୟରେ ନୂତନ ଅଭ୍ୟୁଦୟର ଅୟମାରମ୍ଭ କାଳରେ ସନ୍ଥକପି ଭୀମଭୋଇଙ୍କ ଆବିର୍ଭାବ ଏକ ମହତ୍ୱପୂର୍ଣ୍ଣ ଘଟଣା। ଏକଥା ଅବଶ୍ୟ ସ୍ୱୀକାରଯୋଗ୍ୟ ଯେ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ମୂଳରେ ଯେଉଁ ସବୁ ପ୍ରମୁଖ କାରଣ ପୂର୍ବରୁ ଆଲୋଚିତ ହୋଇଛି, ସେଥିରେ ଭୀମ ଭୋଇଙ୍କ ପ୍ରତ୍ୟକ୍ଷ ସମ୍ପର୍କ ନଥିଲା। ସେ କୌଣସି ଆନୁଷ୍ଠାନିକ ଶିକ୍ଷାଳୟରେ ଅଧ୍ୟୟନ କରିଥିବାର ପ୍ରମାଣ ନାହିଁ। ମୁଦ୍ରଣଯନ୍ତ୍ର ଓ ପତ୍ରପତ୍ରିକା ପ୍ରକାଶନ ସହିତ ତାଙ୍କର ସମ୍ପର୍କ ନଥିଲା। ଏପରିକି ସେ କୌଣସି ସାହିତ୍ୟ ସଂଗଠନ ବା ଗୋଷ୍ଠୀରେ ନିଜକୁ ସାମିଲ ମଧ୍ୟ କରି ନଥିଲେ। ଅଥଚ ଆଧୁନିକ ଯୁଗର ଅନ୍ୟତମ ବା ର୍ତ୍ତାବହ ଭାବରେ ତାଙ୍କର କବିତ୍ୱ ବିଚାର ସାପେକ୍ଷ।

ମହିମା ଧର୍ମର ପରମ ଉପାସକ ସନ୍ଥ ଭୀମ ହୋଇ ଆଦିବାସୀ କନ୍ଧ ସମ୍ପ୍ରଦାୟର ଦାୟାଦ। ଗୁରୁ ଅଲେଖ ଗୋସେଇଁଙ୍କ କୃପା ଲାଭ କରି ସେ ଅପୂର୍ବ କବିତ୍ୱର ଅଧିକାରୀ ହୋଇପାରିଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା କବି ରାଧନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର ତଥା ନନ୍ଦକିଶୋର ବଳଙ୍କ ପରି ଭୀମ ଭୋଇ ମଧ୍ୟ ଜଣେ ପ୍ରତିସ୍ପର୍ଦ୍ଧୀ ପ୍ରତିଭା ଭାବରେ ପରିଚର୍ଚ୍ଚିତ। ତତ୍କାଳୀନ ସମୟ ଓ ସମାଜର ବାସ୍ତବ ଆଲେଖ୍ୟ ଉନ୍ମୋଚନରେ ତାଙ୍କର ଅଭୂତପୂର୍ବ କବିଶକ୍ତି ସତତ ବିନିଯୋଗ ହୋଇଥିବାର ଅନୁମେୟ। କୁସଂସ୍କାରପୂର୍ଣ୍ଣ ରୂଢ଼ିବାଦୀ ବ୍ୟବସ୍ଥାରେ ପ୍ରଚଳିତ କଠୋର ଜାତିବାଦ ପରିହାର ପୂର୍ବକ ମାନବବାଦୀ ଚେତନାର ବିକାଶ ପାଇଁ ସେ ବଦ୍ଧ ପରିକର ଥିଲେ। ତାଙ୍କର ବିବୁଳାୟତନ ରଚନାବଳୀ ଭିତରେ ଏକ ଧାର୍ମିକ ତଥା ସାଂସ୍କୃତିକ ରେନେସାଁ ଚିତ୍ର ଉଦ୍‌ଭାସିତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଭୀମଭୋଇ ମହିମା ଧର୍ମର କେବଳ ନୀରବ ଉପାସକ ନଥିଲେ, ସେ ଏହି ଧର୍ମର ପ୍ରଚାର, ପ୍ରସାର ଓ ପ୍ରତିଷ୍ଠା ପାଇଁ ସାଜିଥିଲେ ଜଣେ ସରବ ସାଧକ। ତାଙ୍କ କବିତ୍ୱରେ ତେଣୁ ସଚରାଚର ଦେଖିବାକୁ ମିଳେ ସନ୍ଥତ୍ୱର ସହାବସ୍ଥାନ। ଦୁଃଖ, ଦୈନ୍ୟ, ଯାତନା ଜର୍ଜରିତ ଜୀବନରୁ ମୁକ୍ତି ଆକାଙ୍କ୍ଷା ତାଙ୍କ ଧର୍ମପଣ୍ଡିତ କବିତାର ମର୍ମବାଣୀ। ଜଣେ ସନ୍ଥକବିଙ୍କର ଏ ଆକାଂକ୍ଷା କୌଣସି ବ୍ୟକ୍ତି ବା ଗୋଷ୍ଠୀ ପାଇଁ ଅଭିପ୍ରେତ ନୁହେଁ, ଅଧିକନ୍ତୁ ସମଗ୍ର ବିଶ୍ୱର ପ୍ରାଣୀଜଗତ ପାଇଁ ତାହା ଉଦ୍ଦିଷ୍ଟ।

### ୯.୧.୧. ଭୀଭ ଭୋଇଙ୍କ ଜନ୍ମ ଓ ଜୀବନୀ

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହିଁ ଭୀମ ଭୋଇଙ୍କ ଜନ୍ମ – ଜୀବନୀ, ସାଧନା ସିଦ୍ଧିର କାଳ। ତାଙ୍କ ସମ୍ପର୍କରେ ଆଲୋଚକ – ଗବେଷକମାନେ ଅନେକ ଆଲୋଚନା କରିଛନ୍ତି, ମାତ୍ର ଜନ୍ମ ଓ ଜୀବନଦାରକୁ ନେଇ ଏକାଧିକ ମତାମତ ପ୍ରକାଶିତ ହୋଇଛି। ଭୀମଭୋଇ ଆଧୁନିକ ଯୁଗର ସ୍ରଷ୍ଟା ହେଲେ ମଧ୍ୟ ତାଙ୍କ ସମ୍ପର୍କରେ ସନ୍ନିହିତ ମତବିବିଧତା ପାଇଁ ମୁଖ୍ୟତଃ ତିନୋଟି କାରଣକୁ ଦାୟୀ କରାଯାଇପାରେ। ପ୍ରଥମତଃ ମହିମା ଧର୍ମର ପରମ୍ପରା ଅନୁଯାୟୀ ଭୀମଭୋଇ ନିଜର ଜନ୍ମ-ଜାତକ-ଜାତି ସମ୍ପର୍କରେ ଅନେକ ତଥ୍ୟ ଗୋପନ ରଖିବାକୁ ଉଚିତ ମନେ କରିଛନ୍ତି। ଆତ୍ମ ପ୍ରଚାର ଅପେକ୍ଷା ଗୁରୁ ମହିମା ପ୍ରସାର ଏକମାତ୍ର ଧ୍ୟେୟ ହୋଇଥିବାରୁ ସେ ଏପରି ପଥ ଗ୍ରହଣ କରିବାରେ କାର୍ପଣ୍ୟ କରିନାହାନ୍ତି। ଦ୍ୱିତୀୟତଃ ଭୀମ ଭୋଇଙ୍କ ବିରାଟତା ପ୍ରତିପାଦନରେ ତାଙ୍କର ଅନୁଗତମାନେ ବହୁ କପୋଳକଳ୍ପିତ କାହାଣୀମାନ ସଂଯୋଜନା କରି ଜନସାଧାରଣରେ ପ୍ରଚାର କରିଥିବାରୁ ଅନେକ ମୌଳିକ ତଥ୍ୟ କାଳକ୍ରମେ ବଦଳିଯାଇଚ୍ଛିବାର ଅନୁମାନ କରାଯାଇପାରେ। ତୃତୀୟତଃ ବଣଜଙ୍ଗଲ ପରିବେଶ ଭିତରେ ଭୀମ ନିଜ ସାଧନା ଜାରି ରଖିଥିବାରୁ ସମସାମୟିକ ଶିକ୍ଷିତ ଅଭିଜାତ ବର୍ଗ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଅବହିତ ନ ଥିଲେ। ହୁଏତ ସେଥିପାଇଁ ତାଙ୍କର ରଚନା ସମୂହ ତତ୍କାଳୀନ ପତ୍ରପତ୍ରିକା ପୃଷ୍ଠା ମଣ୍ଡନ କରିନଥିଲା କି ତାଙ୍କ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଦେବାରେ ଆଗ୍ରହ ପ୍ରକାଶ କରି ନଥିଲା। ତେବେ ସେ ଯାହାବି ହେଉ ଭୀମ ଭୋଇ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧାର କରାଯାଇ ପୁସ୍ତକାକରରେ ପ୍ରକାଶ ପାଇବା ପରେ ହିଁ ବିଜ୍ଞ ଆଲୋଚକମାନଙ୍କର ଦୃଷ୍ଟି ସ୍ୱତଃ ଆକର୍ଷିତ ହୋଇଥିବାର ଜଣାଯାଏ।

ବଂଗୀୟ ସମାଲୋଚକ ବିଜୟଚନ୍ଦ୍ର ମଜୁମ୍ଦାରଙ୍କ ମତର ଭୀମ ଭୋଇ ୧୮୫୫ ଖ୍ରୀଷ୍ଟାବ୍ଦରେ ରେଢ଼ାଖୋଲର ଏକ ଗରୀବ କନ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟ ଏକ ମତ ଅନୁଯାୟୀ ବଲାଙ୍ଗୀର ଜିଲାର ଜଟାସିଂହା ଗ୍ରାମ (ସମ୍ପ୍ରତି ସୋନପୁର ଜିଲା ବୀର ମହାରାଜପୁର ଥାନା ଅନ୍ତର୍ଗତ) ନିକଟସ୍ଥ ଜଙ୍ଗଲରୁ ଦନାର ଓ ଗୁରୁବାରୀ ନାମକ କନ୍ଧ ଦମ୍ପ ି ଯେଉଁ ଶିଶୁକୁ ପାଇ ଲାଳନ ପାଳନ କରିଥିଲେ, ପରବ ୀ ସମୟରେ ସେ ହିଁ ଭୀମ ଭୋଇ ଭାବରେ ପ୍ରଖ୍ୟାତ ହେଲେ। ଦନାରଙ୍କ ଆକସ୍ମିକ ମୃତ୍ୟୁ ପରେ ଗୁରୁବାରୀ ଦେବର ଧନେଶ୍ୱରଙ୍କୁ ପୁନର୍ବାର ବିବାହ କରି 'କନ୍ଧରା' ନାମକ ଗ୍ରାମରେ ବସବାସ କଲେ। ପରେ ଗୁରୁବାରୀ ଓ ଧନେଶ୍ୱରଙ୍କ ଅନ୍ୟ ଦୁଇପୁତ୍ର ଜନ୍ମ ହେବାରୁ ସାବତ ପୁତ୍ର ଭାବରେ ଭୀମ ଭୋଇଙ୍କୁ ଅନେକ କଷଣ ଭିତରେ କାଳାତିପାତ କରିବାକୁ ପଡ଼ିଥିଲା। ମାତ୍ର ସାତ ବର୍ଷ ବୟସରେ ସେ ଗୃହ ତ୍ୟାଗ କରି ପରଘରେ କାମ କରି ପେଟ ପୋଷୁଥିବାର କୁହାଯାଏ। ବିଶ୍ୱାସ ଅଛି, ବାରବର୍ଷ ବୟସେ ଭୀମ ଗାଈ ଚରାଉଥିବା ସମୟରେ ହଠାତ୍ ଦିନେ କୂପ ଭିତରେ ପଡ଼ିଗଲେ। ସେତେବେଳେ ମହିମା ଧର୍ମର ପ୍ରବ ିକ ଅଲେଖ ଗୋସେଁ ସେ ବାଟଦେଇ ଯାଉଥିଲେ। ଭୀମ ଭୋଇଙ୍କୁ ସେ କୂପ ଭିତରୁ ଉଦ୍ଧାର କରି ଦିବ୍ୟଜ୍ଞାନ ପ୍ରଦାନ ପୂର୍ବକ ମହିମା ଧର୍ମରେ ଦୀକ୍ଷିତ କରାଇଥିଲେ।

କନ୍ଧ ଜାତିର ଅନ୍ଧ କବି ଭାବରେ ଚର୍ଚ୍ଚିତ ହେଉଥିବା ଭୀମଭୋଇଙ୍କ ଅନ୍ଧତ୍ୱକୁ ନେଇ ସେଭଳି ବହୁ ବିତର୍କ ପରିଲକ୍ଷିତ ହୁଏ। ବିଜୟଚନ୍ଦ୍ର ମଜୁମଦାର, ନଗେନ୍ଦ୍ରନାଥ ବସୁ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆ ିବଲ୍ଲଭ ମହାନ୍ତି, ଚି ରଂଜନ ଦାସ ପ୍ରମୁଖ ଐତିହାସିକ ଓ ଆଲୋଚକମାନେ ଭୀମଙ୍କୁ ଜନ୍ମାନ୍ଧ ବା ଜନ୍ମର କିଛି ବର୍ଷ ପରେ ଅନ୍ଧ ବୋଲି ସ୍ୱୀକାର କରିଥିବା ବେଳେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବୈଷ୍ଣବ ଚରଣ ସାମଲ, ଦାଶରଥି ଦାସ ପ୍ରମୁଖ ଏ ମନ୍ତବ୍ୟର ବିରୋଧୀ।

ସ୍ତୁତି ଚିନ୍ତାମଣିର ଏକବିଂଶ ବୋଲିରେ ଭୀମ ଭୋଇ ନିଜେ ସ୍ୱୀକାର କରିଛନ୍ତି ଯେ କନ୍ଥା-କଉପିନ ଚଢ଼ାଇ ନିତାନ୍ତ ଅପ୍ରଚ୍ଛନ୍ନ ଦେଖାଯାଇଥିବା ଜଣେ ଯୋଗୀଙ୍କୁ ଚାରିବର୍ଷ ବୟସରେ ସେ ନିଜ ଆଖିରେ ଦେଖିଥିଲେ। ପୁନଶ୍ଚ ସେଇ ଏକ ବିଂଶ ବୋଲିରେ ଅଛି –

"ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା
ବାର ବରଷରୁ ବସ୍ତାଙ୍କ ସଙ୍ଗତେ ବନେ ବୁଲି ଦିନଗଲା।"

ଏଥିରୁ ଜଣାଯାଏ ବାରବର୍ଷ ବୟସରୁ ସେ ବଣରେ ଗୋଚାରଣ କରି ପେଟ ପୋଷୁଥିଲେ। ଜଣେ ଅନ୍ଧ ପକ୍ଷରେ ବଣରେ ବୁଲି ଗୋରୁ ଚାରଣ କରିବା ଅସମ୍ଭବ ମନେହୁଏ।

ଭୀମ ଭୋଇ ନିରକ୍ଷର ଥିଲେ ବୋଲି ଜଣେ ସ୍ୱୀକାର କରିଛନ୍ତି। ସ୍ତୁତି ଚିନ୍ତାମଣିରେ ସେ କହିଛନ୍ତି, "ମୋ ଠାରୁ ଅଧିକ ପାପୀ ଜନ ମୂର୍ଖ ନ ଥିଲେ ତିନି ବ୍ରହ୍ମାଣ୍ଡେ।" ତାଙ୍କ କବିତାର ଆହୁରି ଅନେକ ଅଂଶରେ ସେ ମଧ୍ୟ ନିଜକୁ ମୂର୍ଖ ଓ ଅପଣ୍ଡିତ ବୋଲି ସ୍ୱୀକାର କରିଛନ୍ତି। ମହିମା ସ୍ୱାମୀଙ୍କ କରୁଣା ପ୍ରାପ୍ତ ହୋଇ ସେ ଯାହା ସବୁ ପଦ ଆବୃ ି କରୁଥିଲେ, ତାଙ୍କର ଦୁଇଜଣ ଶିଷ୍ୟ ହରିପଣ୍ଡା ଓ ବାସୁଦେବ ପଣ୍ଡା ତାହା ତାଳପତ୍ର ପୋଥିରେ ଲିପିବଦ୍ଧ କରୁଥିଲେ। ବାସ୍ତବ ଦିଗରୁ ବିଚାର କଲେ ଭୀମ ଯେ ଅତ୍ୟନ୍ତ ଗଜ ମୂର୍ଖ ଓ ନିରକ୍ଷର ଥିଲେ ତାହା କୁହାଯାଇ ନପାରେ। ସେ ପ୍ରାଚୀନ ଓଡ଼ିଆ କବି-ପରମ୍ପରାର ଦାୟାଦ ଭାବରେ ଭାକ୍ତିକ ଦୟିନୀ ସୂତ୍ରରେ ନିଜକୁ ଅପଣ୍ଡିତ ଓ ଅନକ୍ଷର ବୋଲି କହିଥାଇ ପାରନ୍ତି, ମାତ୍ର ପୁରାଣ ଇତ୍ୟାଦି ଶ୍ରବଣ କରି ସେ ଶାସ୍ତ୍ରଜ୍ଞାନ ଆହରଣ କରିଥିଲେ। ପୁଣି ଭୀମ ନିଜେ ଲେଖିଛନ୍ତି -

ତିନି ତୈଲୋକ ବାରତା

ତାଳପତ୍ରେ ଲେଖୁଅଛି ବୁଝିବ ବାରତା (ଚତୁତିଶା ମଧୁଚକ୍ର)

ପୁଣି

ଆହୁରି ରହିଲା ବର୍ଣ୍ଣ ନ ସରିଲା ସଂସାର ବିଷୟ କଥା

ଲେଖନୀ ପତର ଧରି ନିରନ୍ତର କେତେ ମୁଁ କରିବି ପୋଥା। (ସ୍ତୁତି ଚିନ୍ତାମଣି)

ଉପର୍ଯ୍ୟୁକ୍ତ ପଦମାନଙ୍କୁ ଯଦି ବିଚାରକୁ ନିଆଯାଏ, ତେବେ ଭୀମ ଯେ ପୂରାପୂରି ଅନ୍ଧ ଓ ଅଜ୍ଞାନ ଥିଲେ, ବିଶ୍ୱାସ କରିବା କଷ୍ଟ। ଏକଥା ସତ ଯେ ମହିମା ଗୋସେଇଁଙ୍କ ସାନ୍ନିଧ୍ୟ ଲାଭ ହିଁ ଭୀମ ଭୋଇଙ୍କ ଜୀବନର ସବୁଠାରୁ ମହାର୍ଘ ଓ ପ୍ରତିଷ୍ଠିତ ଘଟଣା। ଅଲେଖ ସ୍ୱାମୀଙ୍କ କୃପାବଳୟରେ ରହି ସାଧାରଣ ଗୋପାଳକ ଭୀମ ଯେପରି ସନ୍ଥ କବି ଭାବରେ ଅସାଧାରଣ ପ୍ରତିଭାର ନିଦର୍ଶନ ଛାଡ଼ିଯାଇଛନ୍ତି, ସେହିପରି ତାଙ୍କର ଏହି ଐଶୀଦ  କାବ୍ୟ - କର୍ଷଣ ଦ୍ୱାରା ଅଜ୍ଞଜ୍ଞାତ ମହିମା ଧର୍ମ ବହୁଳ ଭାବରେ ପ୍ରସାର ଲାଭ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରିଥିଲା।

### ୯.୧.୨ ମହିମା ଗୋସେଇଁ, ମହିମା ଧର୍ମ ଓ ଭୀମ ଭୋଇ

ପୂର୍ବରୁ କୁହାଯାଇଛି ଯେ ମହିମା ଗୋସେଇଙ୍କ ସାନ୍ନିଧ୍ୟ ବିନା କବି ଭୀମ ଭୋଇ ଅକଳ୍ପନୀୟ। ମହିମାଟେ ଗୋସେଇଟେ ମହିମା ଧର୍ମର ପ୍ରତିଷ୍ଠାତା। ଭକ୍ତମାନେ ତାଙ୍କୁ ଅବତାର ଓ ଅଯୋନିସମ୍ଭୂତ ବୋଲି ପରିକଳ୍ପନା କରିଥାନ୍ତି। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହିମା ସ୍ୱାମୀ ଢ଼େଙ୍କାନାଳର କପିଳାସଠାରେ ଦୁଗ୍ଧ ଓ ଫଳ ମୂଳାଦି ଆହରଣ କରି ବାରବର୍ଷ ତପସ୍ୟାରତ ରହିବା ପରେ ଜ୍ଞାନପ୍ରାପ୍ତ ହୋଇଥିଲେ। ପରେ ପରେ ସେ ଉତ୍କଳର ବିଭିନ୍ନ ଅ ଳ ପରିଭ୍ରମଣ କରି ନିଜ ଧର୍ମର ବା  ପ୍ରଚାର କରିଥିଲେ। ସେ ନିଜକୁ ବୁଦ୍ଧ ସ୍ୱାମୀ ଓ ପ୍ରବୁଦ୍ଧ ସ୍ୱାମୀ ବୋଲି କହୁଥିଲେ। ସେଥିପାଇଁ କେହି କେହି ମହିମା ଧର୍ମକୁ ବୌଦ୍ଧ ଧର୍ମର ଏକ ଅଂଶ ବୋଲି କହିଥାନ୍ତି। ମହିମା ଧର୍ମ ହିନ୍ଦୁ ଧର୍ମରୁ ସମ୍ଭୂତ ଏକ ସଂସ୍କାର ସର୍ବସ୍ୱ ବିଚାରଧାରା। ଏଥିରେ ଜାତିପ୍ରଥା ଜନିତ ଭେଦଭାବକୁ ସ୍ୱୀକାର କରାଯାଉଥିଲା। ବ୍ରାହ୍ମଣ, ପୁରୋହିତ, ପ୍ରତିମା ପୂଜା, କର୍ମକାଣ୍ଡ ଓ ଯାଗଯଜ୍ଞର ପ୍ରାଦୁର୍ଭାବ ମଧ୍ୟ ନ ଥିଲା। କେବଳ ଶୂନ୍ୟ ପୁରୁଷର ସାଧନା ଦ୍ୱାରା ମୋକ୍ଷ ସମ୍ଭବ। ସେହି ଶୂନ୍ୟବ୍ରହ୍ମ ହେଉଛନ୍ତି ନିଜେ ମହିମା ଗୋସେଇଁ। ତାଙ୍କର ଚରିତ ବର୍ଣ୍ଣନା କରିବା ବା ଲେଖିବା ସହଜ କଥା ନୁହେଁ, ତେଣୁ ମହିମା ଗୋସେଇଁଙ୍କର ଅନ୍ୟନାମ ହେଉଛି ଅଲେଖ ଗୋସେଇଁ।

ଏହି ମହିମା ସ୍ୱାମୀଙ୍କ ସଂସ୍ପର୍ଶରେ ଭୀମ ଭୋଇ କେବେ କିପରି ଆସିଲେ, ତାହାର କୌଣସି ସୈଦ୍ଧାନ୍ତିକ ତଥ୍ୟ ଉପଲବ୍ଧ ହୁଏ ନାହିଁ। ତେବେ ବହୁ ଆଲୋଚକ ଅନୁମାନ କରନ୍ତି ଯେ ପ୍ରାୟ ଷୋହଳ ବର୍ଷ ବୟସରେ ଭୀମ ଭୋଇ

ରେଢ଼ାଖୋଲ ଅ ଳରେ ସର୍ବପ୍ରଥମେ ମହିମା ସ୍ୱାମୀଙ୍କ ଦର୍ଶନ ପ୍ରାପ୍ତ ହୋଇ ଦୀକ୍ଷା ଗ୍ରହଣ କରିଥିଲେ। ପରେ ସେ ମହିମା ସ୍ୱାମୀଙ୍କ ମୂଳ ଗାଦି ଯୋରନ୍ଦା ଆସି କିଛି କାଳ ଅବସ୍ଥାନ କରିଥିଲେ ଏବଂ ୧୮୭୬ ମସିହାରେ ଗୁରୁ ସାମଧିପ୍ରାପ୍ତ ହେବା ପରେ ସେ ନିଜେ ରେଢ଼ାଖୋଲକୁ ପ୍ରତ୍ୟାବ ର୍ନ କରି ମହିମା ଧର୍ମ ବ୍ୟାପକ ଭାବରେ ପ୍ରଚାର କଲେ। ଶୁଣାଯାଏ, ଏତଦ୍ୱାରା ରେଢ଼ାଖୋଲ ରାଜାଙ୍କ ରୋଷର ଶିକାର ହୋଇ ସେ ସୋନପୁର ଗଡ଼ଜାତକୁ ପଳାଇଯାଇ ଖଲିଆପାଲିରେ ନିଜ ନୂତନ ଗାଦି ସ୍ଥାପନ କରିଥିଲେ। ସେହି ଖାଲିଆପାଲିରେ ହିଁ ଭୀମଭୋଇ ଜୀବନର ଶେଷ ସମୟ ଅର୍ଥାତ୍ ୧୮୯୫ ପର୍ଯ୍ୟନ୍ତ ରହି ମହିମା ଧର୍ମର ପ୍ରଚାର କରିବା ସହିତ ରାଶି ରାଶି କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମହିମାଙ୍କ ମୂଳ ଗାଦି ଢ଼େଙ୍କାନାଳର ଯୋରନ୍ଦା ଯେପରି ସୁପ୍ରସିଦ୍ଧ ସୋନପୁରର ଖଳିଆପାଲିଠାରେ ପ୍ରତିଷ୍ଠିତ ଭୀମଭୋଇଙ୍କ ମନ୍ଦିର ଓ ଆଶ୍ରମ ସେହିପରି ସୁବିଖ୍ୟାତ। ଏମେ ମଧ୍ୟ ଅଲେଖପନ୍ଥୀମାନେ ଏ ଉଭୟ କ୍ଷେତ୍ରରେ ଗାରିମା ପ୍ରଖାପନରେ ଶତମୁଖ ହୋଇଥାନ୍ତି।

ଏଠାରେ ଅନ୍ୟ ଏକ ପ୍ରସଙ୍ଗ ଉଲ୍ଲେଖ କରିବା ସମୀଚୀନ ମନେହୁଏ, ଯେଉଁ ସମୟରେ ଓଡ଼ିଶାରେ ବଙ୍ଗଳାରୁ ଆହୂତ ବ୍ରାହ୍ମଧର୍ମ କାୟା ବିସ୍ତାର କରୁଥିଲା, ସେହି ସମୟରେ ସମାନ୍ତରାଳ ଭାବରେ ମହିମାଧର୍ମ ମଧ୍ୟ ଓଡ଼ିଶାର ଜନମାନସକୁ ପ୍ରଭାବିତ କରୁଥିଲା। ଉଭୟ ଧର୍ମରେ ସଂସ୍କାର ଓ ମାନବଧର୍ମର ନିରାଜନା କରାଯାଉଥିଲା। ତେବେ ପ୍ରଥମଟି ଏକ ଶିକ୍ଷ ଓ ସମ୍ଭ୍ରାନ୍ତ ଦର୍ଶନ ଭାବରେ ମଧ୍ୟବି  ବର୍ଗକୁ ଆକୃଷ୍ଟ କରିଥିବାବେଳେ ଦ୍ୱିତୀୟଟି ଥିଲା ଦଳିତ ବର୍ଗର ଆକର୍ଷଣ ଜାତି ନାଁରେ, ବୃ ି ନିଆଁରେ, ଗୋତ୍ର ନାଆଁରେ ବିଭେଦତାକୁ ଅସ୍ୱୀକାର କରୁଥିବା ମହିମା ଧର୍ମ ହଜାର ହଜାର ନିମ୍ନବର୍ଗର ନରନାରୀଙ୍କ ପାଇଁ ମୁକ୍ତିର ସ୍ୱାଦ ଦେବାରେ ସମର୍ଥ ହୋଇପାରିଥିଲା। ଏହି ପ୍ରସାର ମୂଳରେ ଗଣ ଭାଷାରେ ଗଣଭାବକୁ କେନ୍ଦ୍ରୀଭୂତ କରିପାରିଥିବା ସନ୍ଥକବି ଭୀମ ଭୋଇଙ୍କ ରଚନା ସମୂହର ଭୂମିକା ଏଡ଼ାଇ ଦିଆଯାଇ ନ ପାରେ।

**୯.୧.୩. ଭୀମ ଭୋଇଙ୍କ ରଚନାବଳୀ**

ଗୁରୁକୃପାରୁ ଜ୍ଞାନପ୍ରାପ୍ତି ଓ କବିତ୍ୱପ୍ରାପ୍ତି ହାସଲ କରିଥିବା ଭୀମ ଭୋଇ ଓଡ଼ିଆ ସନ୍ଥ ପରମ୍ପରାର ଏକ ମନ୍ମୟ ସଂଯୋଜନ। କବି ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ପ୍ରମୁଖଙ୍କ ପରି ସେ ସ୍ୱୀୟ ଧର୍ମ ଦର୍ଶନର ବ୍ୟାଖ୍ୟା ବର୍ଣ୍ଣନା ପାଇଁ ଯେଉଁ କବିତାମାନ ରଚନା କରିଛନ୍ତି, ତାହା ପ୍ରତିଟି ମଣିଷ ହୃଦୟକୁ ଆପ୍ଳୁତ କରିଥାଏ। ତାଙ୍କ ଲେଖନୀ ନିସୃତ –

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
        ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
        ଜଗତ ଉଦ୍ଧାର ହେଉ।'

(ସ୍ତୁତି ଚିନ୍ତାମଣିର ସପ୍ତବିଂଶ ବୋଲି) ବାଣୀର ବିଶ୍ୱ ମାନବିକତା ହିଁ ତାଙ୍କ ସମଗ୍ର ସୃଷ୍ଟି ସମୂହର ମର୍ମବାଣୀ।

ଭୀମଭୋଇ ଅନେକ ବୋଲି, ଛାନ୍ଦ, ଉଚପଦୀ, ଚଉତିଶା, ଡାଲଖାଇ, ରସରକେଳି, ବହଳି, ଭଜନ, ଜଣାଣ ଇତ୍ୟାଦି ରଚନା କରିଛନ୍ତି। ସ୍ୱଳ୍ପ ଜୀବନକାଳ ଭିତରେ ବିପୁଳ କବି – କୃତି ଏକ ବିସ୍ମୟ ବ୍ୟତୀତ ଅନ୍ୟ କିଛି ନୁହେଁ। ସୋନପୁରର ରାଜା ବୀର ମିତ୍ରୋଦୟ ସିଂହଦେଓ, ଆ ର୍ବଲ୍ଲଭ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଭୀମଭୋଇଙ୍କ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧୃତ ହୋଇ ପ୍ରକାଶ ପାଇବାପରେ ସାଧାରଣ ପାଠକମାନେ କବିକୃତିର ପରିଚୟ ପାଇବାରୁ ସକ୍ଷମ ହୋଇପାରିଛନ୍ତି।

**ତାଙ୍କର ସୃଷ୍ଟି ସମ୍ଭାର –**

ସ୍ତୁତି ଚିନ୍ତାମଣି    ଭୀମଭୋଇ ମାଳିକା

ନିର୍ବେଦ ସାଧନ    କଳିଯୁଗ ଗୀତା

ଚଉତିଶା ମଧୁଚକ୍ର  ଭଜନମାଳା

ଶ୍ରୁତିନିଷେଧ ଗୀତା  ମହିମା ଗୋପନ

ଆଦିଅନ୍ତ ଗୀତା     ଶୂନ୍ୟ ରାହାସ

ଅଷ୍ଟକବିବହାରୀ ଗୀତା        କଳି ଭାଗବତ

ବ୍ରହ୍ମନିରୂପଣ ଗୀତା ପଦ୍ମ କଳ୍ପ

ମହିମା ବିନୋଦ    କଳ୍ପ ସଂହିତା

ଅନାଦି ସଂହିତା ଇତ୍ୟାଦି।

**ସ୍ତୁତିଚିନ୍ତାମଣି –** ଭୀମ ଭୋଇଙ୍କର ସର୍ବଶ୍ରେଷ୍ଠ ରଚନା ହେଉଛି ସ୍ତୁତି ଚିନ୍ତାମଣି। ଏଥିରେ ଏକ ଶତ ବୋଲି ସ୍ଥାନିତ ହୋଇଛି ଏବଂ ପ୍ରତି ବୋଲିରେ ପ୍ରାୟ କୋଡ଼ିଏ ଲେଖାଏଁ ପଦ ସଂଯୋଜିତ ହୋଇଛି। ମହିମା ଧର୍ମର ମହିମା ବର୍ଣ୍ଣନା ସହିତ ସାଂସାରିକ ଜୀବନର ଆକୁତି ଅତି ମାର୍ମିକ ଭାବରେ ଏହାର କଳେବର ମଣ୍ଡନ କରିଥିବାର ଅନୁଭୂତି ମହିମା ଭକ୍ତମାନଙ୍କର ରୀତିନୀତି, ଉଦ୍ଦେଶ୍ୟ, ଗୁରୁ ମାହାତ୍ମ୍ୟ, ଭକ୍ତିର ପ୍ରକାରଭେଦ ଶୂନ୍ୟତ୍ୱର ଚିତ୍ର ସାଙ୍ଗରେ ପ୍ରାଣୀମାନଙ୍କର ଦୁଃଖ-ଦୁର୍ଦ୍ଦଶା ଓ ତାହାର ନିବାରଣର ପନ୍ଥାମାନ ଦର୍ଶାଇବାରେ ଭୀମଭୋଇ ସିଦ୍ଧହସ୍ତ। ଜଣେ ଗୃହୀ ସନ୍ନ୍ୟାସୀ ହୋଇଥିବାରୁ ସେ ସାଂସାରିକ ଅନୁଭବର ଚମତ୍କାର ବ୍ୟାଖ୍ୟା କରି ଜନ ସାଧାରଣଙ୍କୁ ନୈତିକ ଓ ଧର୍ମାନୁମୋଦିତ ଜୀବନଶୈଳୀ ଆପଣାର କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସ୍ତୁତି ଚିନ୍ତାମଣିରେ କବି ନିଜ ଜୀବନ ଇତିହାସର ଅନେକ ତଥ୍ୟ ପ୍ରଦାନ କରିଛନ୍ତି। ଦୁଃଖ ଦାରିଦ୍ର୍ୟ ଭିତରେ ତାଙ୍କର ବାଲ୍ୟ ଓ କୈଶୋର କିପରି ସତତ ହା ହାକାର କରିଥିଲା, ତାହାର କରୁଣ ଚିତ୍ର ନିମ୍ନୋକ୍ତ ପଙ୍‌କ୍ତିରୁ ଜାଣିହୁଏ।

"କ୍ଷୁଧା ତୃଷା କଲେ ଭାଳଇ ବିକଳେ

    ଦଗ୍‌ଧି ହୁଅଇ କାଏ,

ଅତି ଦୁଃଖେ ମୁହିଁ ଦିନ ବ ୁଅଛି

    କସ୍ତୁରି ଜୀବନ ପ୍ରାଏ।

ଲୁହ ନାହି ରକ୍ତ ବହୁଥାଇ ମୋର

    ଶ୍ରୀହସ୍ତେ ଦିଅଇ ପୋଛି,

କେହି ନଜାଣନ୍ତି, ଶ୍ରୀଗୁରୁ ଜାଣନ୍ତି

    ଯେତେ କଷ୍ଟପାଇଅଛି।"

ତଥାକଥିତ ସମାଜର ବଡ଼ପଣ୍ଡାମାନେ ତାଙ୍କୁ ଓ ତାଙ୍କର କବିତାକୁ ଯେତେବେଳେ ଅନାଦର କରିଛନ୍ତି, ସେତେବେଳେ କବି ଗୁରୁ ସାମ୍ନାରେ ଅଭିଯୋଗ ବାଢ଼ିଛନ୍ତି –

ଜଗତ ଭିତରେ ସଂସାର ହିତରେ

    ବଖାଣିଲି କବି କୃତ

ଯେତେ ବୁଝାଇଲି ନ ବୁଝିଲେ କେହି

କୋପ କରିେ ଅପ୍ରମିତ।

ମହିମା ଧର୍ମର ନର୍ଗୁଣ ଉପାସନା ଓ ଶୂନ୍ୟ ସାଧନା ସମ୍ପର୍କରେ ସ୍ତୁତି ଚିନ୍ତାମଣିରେ ବ୍ୟାପକ ଚିତ୍ର ପ୍ରଦ  ହୋଇଛି। ଏଥିରେ ଅଛି ଯେତେବେଳେ ପୃଥିବୀ ନଥିଲା, ନଥିଲା ଜଳପବନ, ରୂପରେଖ ନ ଥିଲା। ସେତେବେଳେ କେବଳ ଥିଲା ଅଜନ୍ମ ଅଜପ ନାମ କରୁଥିଶ ମହାଶୂନ୍ୟ। ଏହି ଶୂନ୍ୟ ଆରାଧନା ହିଁ ଜୀବନର ମୌଳିକ ଲକ୍ଷ୍ୟ ହେବା ଉଚିତ। କୌଣସି ପ୍ରତିମା ବା ମୂ ି ପୂଜାର ପ୍ରୟୋଜନ ନାହିଁ। କାରଣ ମୂ ି ହେଉଛି ନିର୍ଜୀବ ଓ ଜଡ଼। ଜଡ଼ ସହିତ ଜୀବନକୁ ଜୀବାତ୍ମାକୁ ଯୋଡ଼ିବା ସମ୍ଭବ ନୁହେଁ। ତେଣୁ କବି ଗାଇଛନ୍ତି – "ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେତେ ଅଜ୍ଞାନ / ଶୂନ୍ୟରୁ ଯେହୁ ପିଣ୍ଡପ୍ରାଣ ଦେଲା ନାହିଁ ତାକୁ ଅନୁମାନ।" ଏଥି ସହିତ ସତ୍ୟବାଦିତା, ଶୁଚିନିଷ୍ଠତା, ମାନବିକତାର ଜୟଗାନ କରିବାର ଉକ୍ତ ଗ୍ରନ୍ଥଟିର ସାର୍ବଜନୀନ ଆବେଦନ ସବୁକାଳ ପାଇଁ ମହାର୍ଘ ହୋଇ ରହିବ। ପୁନଶ୍ଚ ନାରୀ ଜାତିର ମାନ, ର୪ା କରିବାକୁ କବି ଏଥିରେ ଅତି ସାବଲୀଳ ଭାବରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ନିର୍ବେଦ ସାଧନ – ନବାକ୍ଷରୀ ବୃ ରେ ରଚିତ ଏହି କାବ୍ୟରେ ଭୀମଭୋଇ ନାମ ମାହାତ୍ମ୍ୟର ଗୌରବ ବର୍ଣ୍ଣନା କରିଛନ୍ତି। ପ ସଖା କବିମାନଙ୍କ ପରି ସେ ଶୂନ୍ୟବ୍ରହ୍ମର ଶରଣ ଯିବା ପାଇଁ ଲୋକମାନଙ୍କୁ ନିବେଦନ କରିଛନ୍ତି। ଜଗତର ସକଳ ପାପତାପରୁ ମୁକ୍ତି ପାଇବାର ଏକମାତ୍ର ପଥ ହେଉଛି ଶୁନ୍ୟପୁରୁଷଙ୍କ ନାମ ସ୍ମରଣ। ସେ ଶୂନ୍ୟ ପୁରୁଷ ଆଉ କେହି ନୁହଁନ୍ତି। ସେ ହେଉଛନ୍ତି ଅଲେଖ ନିରଞ୍ଜନ। ପ୍ରକାରାନ୍ତରେ ମହିମା ଗୋସେଇଁ।

ଦୈନନ୍ଦିନ ଜୀବନରେ କଥିତ ଭାଷାକୁ ଅବଲମ୍ବନ କରି କଥକ ଭାବରେ ମହିମା ଧର୍ମର ବିଶେଷତ୍ୱ ବର୍ଣ୍ଣନା ସହିତ ଗୁରୁ ବନ୍ଦନାରେ ଏ କାବ୍ୟଟି ଶତମୁଖ ହୋଇଥିବାର ଲକ୍ଷ୍ୟ କରାଯାଏ। ମହିମା ଧର୍ମର ବହୁ ନିଗୂଢ଼ ଦର୍ଶନକୁ ଅତି ସହଜ ଭାବରେ ପ୍ରକାଶ କରିବାରେ ଏହାର ବୈଶିଷ୍ଟ ଉପଲବ୍ଧ ହୋଇଥାଏ। ନାମର ମହାନତା ଦର୍ଶାଇବାକୁ ଯାଇ ଏଥିରେ କବି ଲେଖିଛନ୍ତି –

ନାମଟି ଚାରି ଯୁଗେ ସତ୍ୟ। ନାମ ନଥାଇ କେଉଁ କୃତ୍ୟ।।

ଜଗତ ଜନ କଲେ ନିନ୍ଦା । ଭୁଲି ନୋହିବୁ ଚି  ଧନ୍ଦା।।

ନାମକୁ ଧରିଥିଲେ ରଟି। ସଂଶୟ ପକାଇବୁ କାଟି।।

ନାମଟି ଅମୂଲ୍ୟ ରତନ। ସରି ନୁହଇ ତ୍ରିଭୁବନ ।।

ଶ୍ରୁତି ନିଷେଧ ଗୀତା – ଅହଂବିନିର୍ମୁକ୍ତ ଉଦାରପ୍ରାଣ କବି ଭୀମଭୋଇଙ୍କର ଶ୍ରୁତି ନିଷେଧ ଗୀତା ଅନ୍ୟତମ ପ୍ରସିଦ୍ଧ ରଚନା। ଏଥିରେ ମଧ୍ୟ ମହିମା ଧର୍ମର ପ୍ରଖ୍ୟାପନର ବା ା ଉଜ୍ଜ୍ୱଳ ଅକ୍ଷରରେ ଉଦ୍‌ଭାସିତ। ଏହାର ନାମକରଣ ଯେତିକି କୌତୂହଳୋଦ୍ଦୀପକ, ଭାବାର୍ଥ ସେତିକି ମନନଶୀଳ। ଗୁରୁମନ୍ତ୍ର ଅତି ଉନ୍ମୁକ୍ତ ଭାବରେ ଯତ୍ରତତ୍ର ଆଲୋଚନା ସବାଦୌ ଶାସ୍ତ୍ର ବିରୋଧୀ। ଏହାକୁ ଶ୍ରବଣ କରିବା ପାଇଁ କାୟମନୋବାକ୍ୟରେ ଏକାନ୍ତ ଏକାଗ୍ରତା ଲୋଡ଼ା। ବାହ୍ୟ ଆଡ଼ମ୍ବର ଓ ଆଚାରର କୋଳାହଳ ପରିହାର ପୂର୍ବକ ଆତ୍ମମଗ୍ନ ରହିପାରିଲେ ଯାଇ ଅନ୍ତରରେ ଅନାଦିର ନାଦ ଗୁଞ୍ଜରିତ ହୋଇପାରିବ।

ଗହନ ତ ୍ୱ ସମ୍ବଳିତ ଏ ଆଧ୍ୟାତ୍ମିକ ଉଦାର ବାଣୀ କେହି ଶ୍ରବଣ କର ନାହିଁ କହି କବି ସମସ୍ତଙ୍କର ମନ ଓ ଚି  କୁ ପ୍ରକୃତରେ ସେଇ ଆଡ଼କୁ ଟାଣି ନେବାରେ ସଚେଷ୍ଟ। ନିଷେଧ ଗୀତାରେ ପ୍ରବେଶ ଆଗ୍ରହ ରହିବ ହିଁ ରହିବ। ସେଇ ଚରମ ଆଗ୍ରହ ହିଁ ପରମ ପୁରୁଷଙ୍କ ନିକଟକୁ ଆକର୍ଷିତ କରିପାରିବ। ଅଲେଖ ଧର୍ମର ପୌ  ଳିକତା ବିରୋଧୀ ଦର୍ଶନ ଏଥିରେ ଅତି ଚମତ୍କାର ଢ଼ଙ୍ଗରେ ପ୍ରକାଶିତ।

**ଆଦିଅନ୍ତ ଗୀତା –** ଶୂନ୍ୟ ବ୍ରହ୍ମଙ୍କୁ ପ୍ରାପ୍ତ ହେବାର ସାଧନା ପଥ ଏଥିରେ ବର୍ଣ୍ଣନା କରାଯାଇଛି। ଜୀବମାନଙ୍କ ପ୍ରତି କରୁଣା ଓ ଦୟା ପୋଷଣ କରୁଥିବା ମଣିଷଠାରେ ଶୂନ୍ୟବ୍ରହ୍ମ ସ୍ୱୟଂ ବଶୀଭୂତ ହୋଇଥାନ୍ତି। ସକଳ ପ୍ରାଣୀଙ୍କ ପ୍ରତି ଯେ ସମଚି ପୋଷଣ କରେ, ତାହା ପ୍ରତି ବିଶ୍ୱନିୟନ୍ତା ସ୍ୱତଃ ପ୍ରସନ୍ନ ହୁଅନ୍ତି। ପୃଥିବୀ ପରି ସହିଷ୍ଣୁ ଓ ଧୈର୍ଯ୍ୟବନ୍ତ ହୋଇପାରିଲେ ଅଲେଖ ପୁରୁଷ ଲୀଳା କରିବା ପାଇଁ ଅବତରି ଆସିବେ। –

ସକଳ ଜୀବେ ଗୋ ଦୟା ଥାଇ

ତାହାଠାରେ ଶୂନ୍ୟବ୍ରହ୍ମ ଗୋ ବଶ ହୋଇ

ସର୍ବଭୂତେ କରେ ଯେହୁ ଗୋ ସମଚି

ତାକୁ ପ୍ରସନ୍ନ ହୁଅନ୍ତି ଗୋ ଅବଧୂତ। (୨୨ଶ ଅଧ୍ୟାୟ)

**ଅଷ୍ଟକ ବିହାରୀ ଗୀତା –** ଏହା ସେଇ ଭାଗବତ ଛନ୍ଦରେ ରଚିତ ତାଙ୍କର ଅନ୍ୟତମ ଗୀତା। କବି ଯେହେତୁ ଜଣେ ଉଦାର ବାନବବାଦୀ ସନ୍ଥ, ସେଥିପାଇଁ ସେ ମହିମା ପୁରୁଷଙ୍କ ସାନ୍ନିଧ ସକଳ ପ୍ରାଣୀଙ୍କ ନିକଟରେ ପହ ।ଇବା ପାଇଁ ତତ୍ପର। ଧର୍ମ ପ୍ରତି ଘରେ ଘରେ ସ୍ଥାପିତ ହୋଇ ପାରିଲେ ଯାଇ ପୃଥିବୀକୁ ସକଳ ଦୂରିତ ଅପସରି ଯିବ। ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ଦୈନ୍ୟ ବିନିର୍ମୁକ୍ତ ଏକ ମଙ୍ଗଳମୟ ଧରିତ୍ରୀର ସ୍ୱପ୍ନ ସାକାର କରିବାପାଇଁ କବି ଭଙ୍ଗିତ ଦେଇଛନ୍ତି –

ଧର୍ମପଥକୁ କର ଆଶା। ନାହିଁବା ଅନ୍ୟଯି ଭରସା।।

ଧର୍ମେ ଯେ ଆତ ଯାତ ହେବ। ସେ ପ୍ରାଣୀ ସଂସାରେ ରହିବ।।

ଧରିବ ଯେବେ ଦୃଢ଼କରି। କଳିଯୁଗକୁ ହେବ ପାରି।।

**ବ୍ରହ୍ମ ନିରୂପଣ ଗୀତା –** ବ୍ରହ୍ମମୟ ବ୍ରହ୍ମାଣ୍ଡର ନିର୍ଗୁଣତ୍ୱ ଦର୍ଶାଇବାରେ ଉକ୍ତ ଗୀତାଟି ପରିକଳ୍ପିତ। ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟ ଦର୍ଶନର ପିଣ୍ଡବ୍ରହ୍ମାଣ୍ଡ ତ ୍ୱଟିର ମହିମା ପ୍ରଖ୍ୟାପନ ହିଁ ଗ୍ରନ୍ଥଟିର ନିର୍ଯ୍ୟା। ମହିମାପନ୍ଥୀମାନେ ଉକ୍ତ ଗ୍ରନ୍ଥକୁ ଅତି ଉଚ୍ଚ ଆସନରେ ରଖି ସ୍ୱାଧ୍ୟାୟ କରିଥାନ୍ତି। ଉଚ୍ଚନୀଚ, ଜାତିଅଜାତି, ପାପପୁଣ୍ୟ, ଛୁଆଁଅଛୁଆ, ବ୍ରାହ୍ମଣ-ଚଣ୍ଡାଳ କୌଣସି ବିଭେଦ ନ ରଖି ଯିଏ ମୁକ୍ତିପ୍ରଦାନ କରନ୍ତି, ସେ ହେଉଛନ୍ତି ସଚରାଚରର ଚରମ ପ୍ରିୟତମ ବ୍ରହ୍ମ। ତାଙ୍କର ପାବନ ଅଧିଷ୍ଠାନ ସ୍ଥଳ ହେଉଛି ମଣିଷର ପାର୍ଥିବ ପିଣ୍ଡ। ସାଧନା ଅଭାବରୁ ସେ କସ୍ତୁରି ମୃଗ ସମ ଦିବ୍ୟ ସାନ୍ନିଧ ପାଇଁ ଏଣେତେଣେ ଭ୍ରମଣ କରିଥାଏ। ସ୍ୱାଧ୍ୟାୟ, ସତସଙ୍ଗ ଓ ସଦାଚାର ପୂର୍ବକ କଠୋର ପିଣ୍ଡ ସାଧନ କରିପାରିଲେ ଯାଇ ବ୍ରହ୍ମାଣ୍ଡ ଅନୁଭୂତ ହୋଇପାରିବ ବୋଲି ଏଥିରେ ବର୍ଣ୍ଣିତ।

**ଚଉତିଶା ଓ ଭଜନମାଳା –** କବି ଭୀମଭୋଇ ଅସଂଖ୍ୟ ଭଜନ ଓ ଚଉତିଶାର ସ୍ରଷ୍ଟା। ନିଜର ଭାକ୍ତିକ ଚେତନାକୁ ଅତି ଭାବଗର୍ଭକ ଭାବରେ ବ୍ୟକ୍ତ କରିବାରେ ସେ ଭଜନ, ଜଣାଣ ସହିତ ଚଉତିଶା ରଚନା କରି ଓଡ଼ିଆ ଭକ୍ତିସାହିତ୍ୟକୁ ବିପୁଳ ମାତ୍ରାରେ ସମୃଦ୍ଧ କରିଛନ୍ତି। ସେ ପାରମ୍ପରିକ ଚଉତିଶା ଶୈଳୀକୁ ଗ୍ରହଣ କରିବା ସହିତ 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ଓଲଟ ଅକ୍ଷର କ୍ରମରେ ଓଲଟ ଚଉତିଶା ରଚନା କରି ନିଜ ଶୈଳୀଚାତୁର୍ଯ୍ୟର ପରିଚୟ ଦେଇଛନ୍ତି। 'ଚଉତିଶା ମଧୁଚକ୍ର'ରେ ପ୍ରକାଶିତ ଗୀତିକାଗୁଡ଼ିକରେ ସେହି ମହିମାଙ୍କ ମହତ୍ୱ ସହିତ ବ୍ୟକ୍ତିଗତ ଓ ସାମୂହିକ ଦୁଃଖ ଦୁର୍ଦ୍ଦଶାରୁ ଚିରମୁକ୍ତି ପାଇଁ ନିରନ୍ତର ଅକୂତି ଲକ୍ଷ୍ୟ କରାଯାଏ।

ଭୀମ ଭୋଇଙ୍କ ଭଜନମାଳା ଓଡ଼ିଆ ଭଜନ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ପ୍ରତିଭୂତ। ଭୀମଭୋଇଙ୍କୁ ଜଣେ ଗଣମୁଖୀ କବିର ମାନ୍ୟତା ଦେବାରେ ଏଗୁଡ଼ିକର ଅବଦାନ ସ୍ୱୀକାର ଯୋଗ୍ୟ। କେବଳ ମହିମାପନ୍ଥୀମାନେ ନୁହଁନ୍ତି, ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ସାଧାରଣ ଜନତା ତାଙ୍କ ଭଜନର ମାର୍ମିକ ଆବେଦନରେ ଉଚ୍ଚାଟିତ ହୋଇଥାନ୍ତି। ପ୍ରକାଶିତ ପ୍ରାୟ ତିନି ଶତରୁ ଊର୍ଦ୍ଧ୍ୱ ଚଉତିଶା ଓ ଭଜନ ସାଙ୍ଗୀତିକତା, ମାନବିକ ଅଭୀପ୍ସା, ଆଧ୍ୟାମିକ ଉ ।ଳତାର ମହିମାନ୍ୱିତ।

### ୯.୧.୪. ଭୀମଭୋଇଙ୍କ କବିତାର ବିଶେଷତ୍ୱ

ଭୀମଭୋଇ ସନ୍ଥକବି ଭାବରେ ସମ୍ମାନିତ। ତାଙ୍କର କାବ୍ୟଧାରାରେ ତେଣୁ ରହସ୍ୟବାଦର ପ୍ରାଚୁର୍ଯ୍ୟ ସ୍ୱତଃ ପରିଦୃଷ୍ଟହୁଏ। ତେବେ ଜଣେ ନାନ୍ଦନିକ କବି ଭାବରେ ମଧ୍ୟ ତାଙ୍କର କୃତିତ୍ୱ ଅବଧାରିତ। ଆଧୁନିକ ସମୟର କବି ରାଧାନାଥ, ମଧୁସୂଦନ, ଫକୀରମୋହନ ବା ଗଙ୍ଗାଧର ପ୍ରମୁଖଙ୍କ ନୂତନ ଶୈଳୀକୁ ସେ ଆପଣାର କରି ନାହାନ୍ତି କି ପ୍ରାଚୀନ ବା ମଧ୍ୟଯୁଗୀୟ କବିମାନଙ୍କ ଧାରାରେ ସେ ନିଜକୁ ହଜେଇ ଦେଇନାହାନ୍ତି। ଲୋକଧର୍ମ ମହିମା ସଂସ୍କୃତିର ଜୟ ଜୟକାର ପାଇଁ ଉଦ୍ଦିଷ୍ଟ ତାଙ୍କ କବିତ୍ୱରେ ଭରି ରହିଛି ବହୁ ବିବିଧ ଅନୁଷଙ୍ଗର ବର୍ଣ୍ଣାଳି। ନୈତିକତା ଓ ଆଧାତ୍ମିକତା ସହିତ କବିତ୍ୱର ଅଭୂତପୂର୍ବ ସଂଯୋଜନ ହେଉଛି ଭୀମଭୋଇ ସାହିତ୍ୟର ମଞ୍ଜି। ଏହି ମହାନ୍ କବିଙ୍କର ମୁଗ୍ଧ ଉପାସକ ଭାବରେ ବିଜୟଚନ୍ଦ୍ର ମଜୁମଦାର ସେତେବେଳେ ଲେଖିଥିଲେ –

I am personally a great admirer of the saint Bhima Bhoi, and consider his life and writings to be highly interesting and educative. xxx In my humble opinion, he is a genius, and for his moral courage and clearness of thought, he is a unique personality in Orissa. (Typical Selections from Oriya Literature Vol - II)

ତାଙ୍କ କବିତାର କେତେକ ଉଲ୍ଲେଖନୀୟ ବିଭୂତି ସମ୍ପର୍କରେ ଆଲୋକପାତ କରାଯାଇପାରେ।

ଭକ୍ତିପ୍ରାଣତା ଓ ଧାର୍ମିକତା – ଅଲେଖ ସ୍ୱାମୀଙ୍କର ପରମ ଶିଷ୍ୟ ଓ ମହିମା ଧର୍ମର ଚରମ ଉପାସକ ଭୀଭ ଭୋଇଙ୍କ କବିତା ସମଗ୍ରରେ ସରଳ ଓ ଅନାଡ଼ମ୍ବର ଭକ୍ତି ଉଲ୍ଲାସ ଏବଂ ଧର୍ମୀୟ ଅନୁଶାସନର ବିଜୟ ବୀଣା ଅନୁରଣିତ। ଆରାଧ୍ୟ ଗୁରୁ ଅଲେଖଙ୍କ ଠାରୁ ଆଶିଷ ପାଇ ଭୀମ ଷୋହଳ ବର୍ଷ ବୟସରେ ଧର୍ମ, ଦର୍ଶନ କବିତ୍ୱରେ ଉଲ୍ଲେଖନୀୟ ପରାକାଷ୍ଠା ଲାଭ କରିଛନ୍ତି।

ଯେତେବେଳେ ଗୁରୁ କହି ଯେ ଦ୍ୟନ୍ତି ଭେଦ

ତେଣୁ ସେ ଯୋଡ଼ି କବି ଯେ କୃତ୍ୟ ପଦ।

ଗୁରୁ ନ କହିଲେ ମୋତେ ଯେ ନ ଆସଇ

ଶ୍ରୀଗୁରୁ ବ୍ୟତୀତେ ଅନ୍ୟ ଯେ ଆଶ୍ରା ନାହିଁ। (୪ର୍ଥ ଅଧ୍ୟାୟ ଆଦିଅନ୍ତ ଗୀତା)

ଗୁରୁ ପ୍ରେମର ଦିନର୍ଶନ ସ୍ୱରୂପ ସେ ତମାମ ଜୀବନ ଅଲେଖମୟତାର ଅକ୍ଷର ସାଉଁଟି କବିତ୍ୱର କମନୀୟତା ବାଢ଼ିବାରେ ପ୍ରଯତ୍ନ କରିଛନ୍ତି। ଶୂନ୍ୟସାଧନା, ପିଣ୍ଡବ୍ରହ୍ମାଣ୍ଡ ତ ୍ୱ, ନିର୍ଗୁଣ ନିରାଜନା, ଅନାଦି ଉପାସନା, ସତ୍ୟ ସଂକଳ୍ପ, ମୋକ୍ଷ ପରିକଳ୍ପନା, ନାମ ମହାତ୍ମ୍ୟ, ଗୁରୁ ବନ୍ଦନା ଆଦି ଧର୍ମୀୟ ଉପଦେଶରେ ତାଙ୍କ କବିତା ଗତିଶୀଳ। ସ୍ତୁତି ଚିନ୍ତାମଣି, ଶ୍ରୁତି ବିଷେଧ ଗୀତା, ବ୍ରହ୍ମନିରୂପଣ ଗୀତା, ଆଦିଅନ୍ତ ଗୀତା, ନିର୍ବେଦସାଧନା ପ୍ରଭୃତି ଗ୍ରନ୍ଥର କବିତାମାଳାରେ ମହିମା ଧର୍ମର ଆଚାର ଲିପିବଦ୍ଧ ହୋଇରହିଛି। କବିତ୍ୱର କାଉଁରି ସ୍ପର୍ଶରେ ଏକ ଧର୍ମର ବିଜୟ ଅଭିଯାନହିଁ ଭୀମଭୋଇଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥାଏ।

ଜଣେ ସନ୍ଥ ବା ଦାର୍ଶନିକ ଭାବରେ କେବଳ ତାଙ୍କ କବିତାକୁ ଅଧ୍ୟୟନ କଲେ ଚଳିବ ନାହିଁ। ଅଧିକନ୍ତୁ ଜଣେ ସରଳ ଓ ସଙ୍କୋଚ ଭକ୍ତର ଆବେଗମୟତା ତାଙ୍କ କାବ୍ୟସାଧନାର ଛତ୍ରେ ଛତ୍ରେ ପରିଲକ୍ଷିତ ହୋଇଥାଏ। ବ୍ୟକ୍ତିଗତ ଦୁଃଖ ଓ ଦୈନ୍ୟରୁ ମୁକ୍ତି ପାଇଁ ଶୂନ୍ୟବ୍ରହ୍ମ ନିକଟରେ କରୁଣା ଭିକ୍ଷା କରିବାର ସପ୍ରେମ ଉଚ୍ଚାରଣ ହିଁ ତାଙ୍କ ଭକ୍ତି ନୈବେଦ୍ୟର ଅର୍ଘ୍ୟ। ବିଶେଷକରି ଭୀମଭୋଇ ଚଉତିଶା ଓ ଭଜନମାଳାରେ ଏହି ଆ ର୍ ପାଠକ ପ୍ରାଣକୁ ଆର୍ଦ୍ର କରିବାର ସାମର୍ଥ୍ୟ ରଖେ। ଖଞ୍ଜଣି ତାଳରେ ଯେବେ ଭୀମଭୋଇଙ୍କ ଭଜନ କାନରେ ବାଜେ, ସେତେବେଳେ ବିଭୁବୋଧରେ ପ୍ରାଣ ପରମାନନ୍ଦ ଲାଭ କରେ।

ଶୂନ୍ୟ ମନ୍ଦିର ବିହାର / ରୂପରେଖ ନାହିଁ ଯାର

ଦୁତି ପାଦା ନ ମିଶଇ ଏକପାଦ ଧରଧର ଅଲେଖ ପ୍ରାଣପୁର

ସେ ଠାବରେ ତାଙ୍କ ଘର / ନାହିଁ ଶବଦ ଉଷୁମ ସାଧୁ ଜନେ ହେତୁ କର। (ଭଜନମାଳା)

ମାନବବାଦ ଓ ବିଶ୍ୱପ୍ରାଣତା – ଭୀମ କବିତାରେ ଦେଖିବାକୁ ମିଳେ ଉଦାର ମାନବିକତା ଓ ବସୁଧୈବକୁଟୁମ୍ବକତ୍ୱ। ତାଙ୍କ ସ୍ୱପ୍ନ ଓ ସାଧନା ଏକାନ୍ତ ଆପଣାର ସିଦ୍ଧି ପାଇଁ ଉନ୍ମୁଖ ନୁହେଁ, ବରଂ ବିଶ୍ୱର ଜୀବ ସକଳ ପାଇଁ ତାହା ଉଦ୍ଦିଷ୍ଟ। ବୈଦିକ ମହାମନ୍ତ୍ର 'ସମସ୍ତ ଲୋକାଃ ସୁଖୀନୋ ଭବନ୍ତୁ'ର ସେ ଅନାବିଳ ବାହକ। 'ଶ୍ରୀଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ / ଜଣାଣ କରୁଛି ହାତେ' – ତାଙ୍କର ବହୁ ଉଚ୍ଚାରିତ ଭାବନା। ସାରା ପୃଥିବୀର ପାପ ବହନ କରି ସେ ନିଜେ ନରକଗାମୀ ହୋଇଯାଆନ୍ତୁ, ମାତ୍ର ବିଶ୍ୱର ପ୍ରାଣୀ ସକଳ ଦୁଃଖ, ଦୁଃସ୍ଥିତିରୁ ଉଦ୍ଧାର ପ୍ରାପ୍ତ ହୁଅନ୍ତୁ। ଏ କାମନା ଜଣେ ବିଶ୍ୱସ୍ତରୀୟ କବିସ ।ର କାମନା, ଜଣେ ଉଦାରପନ୍ଥୀ ମାନବାଦୀ କବିର ଯାଚନା। ସେଥିପାଇଁ ସେ ଅଲେଖ ସ୍ୱାମୀଙ୍କୁ ପ୍ରାର୍ଥନା କରନ୍ତି –

ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାର୍ବିନ୍ଦେ

ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ।

ସମ୍ପ ି ବିପ ି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି

ପାପ ଦୁଃଖ ଭାର କେ ତୁମ୍ଭ ବହିବ ପାଦ ତଳେ ଥାଉ ପଡ଼ି।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। (ସ୍ତୁତି ଚିନ୍ତାମଣି – ୨୭୫ ବୋଲି)

ସମାଜ ସଂସ୍କାର ଓ ନୈତିକତା – ଭୀମ ଭୋଇ କଳା ପାଇଁ କଳାର କବି ନଥିଲେ। ସେ ଜୀବନ ପାଇଁ କବିତା କଳାର ଆଶ୍ରୟ ନେଇଛନ୍ତି। ଜୀବନରେ ସବୁ ମଣିଷ ଶୁଚିନୀଷ୍ଠତା ଓ ନ୍ୟାୟବାଦିତାକୁ ଆଦରି ନେଲେ ସମାଜ ସୁଦ୍ଧ ସୁବର୍ଣ୍ଣ ଭାବରେ ଦ୍ୟୋତିତ ହେବ। ଶୋଷଣ, କଷଣ, ପାପାଚାର, ପରଦାରା, ଚୋରି, ହିଂସା, ଅସହିଷ୍ଣୁତା, ପରଶ୍ରୀକାତରତା ଆଦି ଅବିଗୁଣ ଆପେ ଆପେ ଅପସରି ଯିବ। ଧର୍ମ-ଜାତି-ରାଜା-ସାମନ୍ତ ନାନା ବର୍ଗର ବିଭ୍ରାନ୍ତିରେ ତଳଶ୍ରେଣୀର ମଣିଷ ନିର୍ଯାତିତ ହୋଇଥାଏ। ପାପୀମଣିଷମାନେ ମିଥ୍ୟାଚାରକୁ ଅବଲମ୍ବନ କରିଥାନ୍ତି। ତେଣୁ କବି ଲୋକମାନଙ୍କୁ ସତ୍ୟ ପଥର ଆଶ୍ରୟ ନେବା ପାଇଁ ଉପଦେଶ ଦେଇ ଗାଇଛନ୍ତି – ସତ୍ୟରେ କହିବ ସତ୍ୟେ ରହିଥିବ ସତ୍ୟରେ ଯିବ ଆସିବ / ସତ୍ୟ କର୍ମରେ ଯେତେ ବୀରତିମାନ ଯୁଗେ ଯୁଗେ ରହିଥିବ। ମହିମା ଧର୍ମ ଉଭୟ ସନ୍ନ୍ୟାସ ଓ ଗାର୍ହ୍ୟସ୍ଥ ପନ୍ଥାର ଅନୁପୂରକ। ତେଣୁ କବି ସନ୍ନ୍ୟାସୀମାନଙ୍କ ପାଇଁ ଯେପରି ନୀତିନିର୍ଦ୍ଧାରଣ କରିଛନ୍ତି, ସେହିପରି ସଂସାରୀମାନଙ୍କ ପାଇଁ ସଂସ୍କାରଧର୍ମୀ ନିର୍ଦ୍ଦେଶ ଶୁଣାଇଛନ୍ତି।

**କର୍ମବାଦ ଓ ଜାତିହୀନତା –** ଭାରତୀୟ ସମାଜରେ ବହୁ ପୁରାତନ କାଳରୁ ପ୍ରଚଳିତ ଜାତିପ୍ରଥା ଏକ ବିରାଟ ସାମାଜିକ ବ୍ୟାଧି। ହୁଏତ ଅତୀତରେ ବୃ ିକୁ ଆଧାରକରି ଜାତି ବା ବର୍ଣ୍ଣର ପରିକଳ୍ପନା କରାଯାଇଥିଲା, ମାତ୍ର ପରବ ୀ ସମୟରେ ଏହା ସଂକୀର୍ଣ୍ଣତାକୁ ଆଧାର କରି ମାନବୀୟ ସୌକର୍ଯ୍ୟକୁ ଧୂଳିସାତ୍ କରିଦେଇଛି। ଏହି ବ୍ୟାଧିରୁ ମୁକ୍ତି ପାଇବା ପାଇଁ ମହିମା ଧର୍ମ ଦର୍ଶନରେ ଜାତିବାଦକୁ କଠୋର ଭାବରେ ଅସ୍ୱୀକାର କରାଯାଇଛି। ବିଶେଷ କରିବେ ବ୍ରାହ୍ମଣ ଓ ଅନ୍ୟ ଉଚ୍ଚ ବର୍ଗର ପ୍ରାଧାନ୍ୟକୁ ବିରୋଧ କରାଯାଇଛି। ସେହି ଦର୍ଶନ ଭୀମଙ୍କ କାବ୍ୟ – ସମ୍ଭାରରେ ପ୍ରମୂ ି ହୋଇ ଉଠିଛି। ଜୀବିକା ନିର୍ବାହ ପାଇଁ ଯିଏ ଯେଉଁ କାମ କରୁନା କାହିଁକି, ତାକୁ କୌଣସି ସ୍ୱତନ୍ତ୍ର ଜାତି ବା ଶ୍ରେଣୀ କହି ଅନ୍ୟଠାରୁ ଉଚ୍ଚ ବା ନୀଚ ବୋଲି କହିବା ମହାପାପ। ପୁନଶ୍ଚ ଧର୍ମ ନାଁରେ କର୍ମ ପ୍ରତି ଉଦାସୀନତା ମଧ୍ୟ ସେ ନାପସନ୍ଦ କରିଛନ୍ତି।

ଧୀବର ହୋଇଣ ମୀନ ମାରୁ ପଛେ ମହିମାକୁ ଥାଉଧ୍ୟାୟି

ତାହାର ବୃ ି ତାକୁ ଦିଆ ହୋଇଛି କେମନ୍ତେ ଛାଡ଼ିବ ସେହି।

ମୋଚି ହୋଇ କର୍ମ କାଟୁଥାଉ ପଛେ ନାମରେ ଆଶ୍ରିତ ହେଉ

ତାହାର ବୃ ି ସେ କେମନ୍ତେ ଛାଡ଼ିବ ରୋଜଗାର କରୁଥାଉ । ଇତ୍ୟାଦି.... (ସ୍ତୁତି ଚିନ୍ତାମଣି – ୯୧ ବୋଲି)

**ନାରୀ ପ୍ରତି ସ୍ୱତନ୍ତ୍ର ସମ୍ମାନବୋଧ –** ଭୀମଭୋଇଙ୍କ କାବ୍ୟ ଦର୍ଶନର ଅନ୍ୟତମ ବିରବ ହେଉଛି ନାରୀ ଜାତି ପ୍ରତି ଏହାର ସ୍ୱତନ୍ତ୍ର ସମ୍ମାନବୋଧ । ଯୁଗେ ଯୁଗେ ନାରୀ ସମାଜରେ ନିନ୍ଦିତା – ନିର୍ଯ୍ୟାତିତା ହୋଇଆସିଛି । ଅପର ପକ୍ଷରେ ନାରୀ ମଧ୍ୟ ନାରାୟଣୀ ରୂପେ ପୂଜିତା ଓ ବନ୍ଦିତା ହେବାର ଗୌରବ ଲାଭ କରିଛି । ଭୀମ ଭୋଇ ଦେଖୁଥିଲେ ସମାଜରେ ନାରୀଜାତି ପ୍ରତି ଲୋକମାନଙ୍କର ସମ୍ମାନ କ୍ଷୟ ହୋଇଚାଲିଛି । ପୁରୁଷର କାମନାସିକ୍ତ ଜୁଇରେ ନାରୀର ସତୀତ୍ୱ ନିଃଶେଷ ହୋଇଯାଉଛି । ତେଣୁ ତାଙ୍କର ବିପ୍ଳବୀ କବି ପ୍ରାଣ ଏହାର ତୀବ୍ର ବିରୋଧ କରି ସମାଜକୁ ସଚେତନ କରିବାପାଇଁ ଆଗଭର ହୋଇଛି ।

ପରସ୍ତ୍ରୀ ପରଦ୍ରବ୍ୟକୁ ଦେଖିଲେ ନ ବଳାଇବ ପ୍ରକୃତି

ଏକ ପାଦ ବ୍ରହ୍ମ ଗୁରୁସେବା କଲେ ତବେ ବୋଲାଇବ ଯତି । (ସ୍ତୁତି ଚିନ୍ତାମଣି–୮୩ବୋଲି)

ସେ ଗୃହୀମାନଙ୍କୁ ନାରୀ ପୁରୁଷ ଉଭୟ ସମାନ ବୋଲି ଇଙ୍ଗିତ ଦେଇଛନ୍ତି –

ଯେସନେକ କ୍ଷୁଧା ତୃଷା ଛନ୍ତି ଦୁଇଭୂ ି/ଏକ ପାଖୁଡ଼ା ଗୋଟିକେ ହୃଦେ ଫଳିଛନ୍ତି ।

ସେହିପରିେ ପତିପତ୍ନୀ ଏକ ବ୍ରହ୍ମେଜାତ / ଭିନ୍ନାଭିନ୍ନ ଯେ କରିବ କୁଳେ ଯିବ ହତ ।

**୯.୧.୫ ତାଙ୍କ କବିତାର ଆଙ୍ଗିକ ବିଚାର**

ଭୀମ ଭୋଇଙ୍କ କବିତାର ସୌଷ୍ଠବ ଆଲୋଚନା କଲାବେଳେ ଏହାର ସରଳତା ହିଁ ବାରିହୋଇପଡ଼େ । ଭକ୍ତିକ ଆକାଂକ୍ଷା ଓ ଧର୍ମୀୟ ଗୂଢ଼ତାକୁ ଅତି ନିରାଡ଼ମ୍ବର ଭାବରେ ପ୍ରକାଶ କରିବାରେ ତାଙ୍କ କବିତ୍ୱର ମହାତ୍ମ୍ୟ ପ୍ରକଟିତ ହୋଇଛି । ଉପମା, ରୂପକ ଅନୁପ୍ରାସ ଆଦି ଅଳଙ୍କାର ଓ ପ୍ରତୀକ ପ୍ରୟୋଗରେ ଆଗ୍ରହ ତାଙ୍କ ପଙ୍କ୍ତିମାନଙ୍କରେ ସଚରାଚର ଉପଲବ୍ଧ । ପଲ୍ଲୀମୁଖର ସାଧାରଣ ଶବ୍ଦରେ ପଦ ସଂରଚନା ସହିତ ଅଧିକାଂଶ କବିତା ଗ୍ରନ୍ଥରେ ନବାକ୍ଷରୀ ଛନ୍ଦ ବା ଭାବଗତ ବୃ ର ବ୍ୟବହାର ତାଙ୍କ କବିତ୍ୱର ଅନ୍ୟତମ ବିଶେଷତ୍ୱ । କେତୋଟି ଦୃଷ୍ଟାନ୍ତ ଦ୍ରଷ୍ଟବ୍ୟ – ଉପମା ଅଳଙ୍କାର –

ପିତାମାତା ଦୁହିଁଙ୍କର ଯୁଗଳ ବେଳେ / ମୁଦ୍ରିତ ହୋଇଲା ବ୍ରହ୍ମ ପଦ୍ମର ଫୁଲେ ।

ମୀନ ପରାୟେ ବୁଲୁଥିଲି ଗର୍ଭ ଭିତରେ / ଊର୍ଦ୍ଧ୍ୱମୁଖେ ମୁଁ ଧ୍ୟାନ କରୁଥିଲି ନିରୋଳେ ।

ଯେତେବେଳେ ଗର୍ଭ ଗର୍ଭୁ ପଡ଼ିଲି ମୁହିଁ / ତିରଣ ପରାୟେ ଦିଶୁଥିଲା ମହୀ । –ଭଜନମାଳା–

ରୂପକ ଅଳଙ୍କାର –

ସ୍ତିରୀ ତଇଳକୁ ନିଷେଧ କରିବ ହସ୍ତରେ ଛୁଇଁବ ନାହିଁ

କର୍ମ ଯୋଗରେ ଅକର୍ମ ସେ ବୋଲାଇ ବ୍ରହ୍ମମତ ତୁଟିଯାଇ । (ସ୍ତୁତି ଚିନ୍ତାମଣି–୮୪ ବୋଲି)

ଅନୁପ୍ରାସ ଅଳଙ୍କାର ଓ ପଦଲାଳିତ୍ୟ –

ମଦ ମାଂସ ଖିଆ ମ   ଗରବିଆ ହୀନ ପାପୀ ନୀଚଜନ

ଗୁମାନୀ ଗାଲୁଆ ମୂରୁଖେ ଚାଣ୍ଡାଳ କହୁଛନ୍ତି କେତେ ଟାଣ ।

x x x x

ନରକଖିଆ ଅଳପ ଆୟୁଷିୟା କୁଳବୁଡ଼ା ଯେତେଲୋକ

ଜନମ ହଳିଆ ବ୍ରହ୍ମରାକ୍ଷସିଆ ନିନ୍ଦୁଛନ୍ତି କେତେ ଦେଖ। (ସ୍ତୁତିଚିନ୍ତାମଣି-୬୩ ବୋଲି)

ଭୀମଭୋଇ ବୋଲି, ଚାନ୍ଦ, ଚଉପଦୀ, ଚଉତିଶା ଆଦି ପ୍ରାଚୀନ ଗୀତିକବିତାର ବହୁ ପରିଚିତ କାବ୍ୟ ଆଙ୍ଗିକକୁ ପୁନର୍ବାର ପରୀକ୍ଷାକରି ସଫଳ ହୋଇଛନ୍ତି। ପ୍ରାଚୀନତା ଓ ଆଧୁନିକତାର ସଂଯୋଗ କାଳରେ ଭୀମଭୋଇଙ୍କ ଏ କାବ୍ୟ ଆଙ୍ଗିକରେ ପ୍ରମୂ ର୍ ବିପ୍ଳବାତ୍ମକ ବାରୀ ହିଁ ତାଙ୍କୁ ଅଧିକ ଆଦରଣୀୟ କରିଛି। ଚଉତିଶା ମଧୁଚନ୍ଦ୍ର ଓଡ଼ିଆ ଚଉତିଶା ସାହିତ୍ୟର ଅନ୍ୟତମ ମହାର୍ଘ ନିଦର୍ଶନ।

ଭୀମଭୋଇ କାବ୍ୟ କଳନା ସମ୍ପର୍କରେ ସମୀକ୍ଷକ ସର୍ବେଶ୍ୱର ଦାଶଙ୍କ ଦ୍ୱାରା ପ୍ରଦ  ମତାମତ ଏଠାରେ ଉଲ୍ଲେଖ ଯୋଗ୍ୟ। "ଭଞ୍ଜଙ୍କ କଳାକୌଶଳ, ବିଦଗ୍ଧର ଅର୍ଥ ଗୌରବ, ରାଧାନାଥାଙ୍କ ପ୍ରକାଶ ସଂଯମ ଏବଂ ଶିଳ୍ପ ପାଟବ ଓ କବିସୂର୍ଯ୍ୟଙ୍କ ବୀଣା ନିକଣ୍ ସମକ୍ଷରେ ଭୀଭ ଭୋଇଙ୍କ କବିତା ସମୂହ ଠିଆ ହୋଇପାରିବ ନାହିଁ ସତ୍ୟ କିନ୍ତୁ ଜଗନ୍ନାଥଙ୍କ ପ୍ରା ଳତା ଓ ସ୍ୱଷ୍ଟତା, ଦୀନକୃଷ୍ଣଙ୍କ ଆବେଗ ଓ ଉଚ୍ଛ୍ୱାସ ଏବଂ ଶାରଳାଙ୍କ ସହଜ ମନୋହାରିତ୍ୱ ଓ ଉଦାମ ପ୍ରାଣବଲ୍ଲୀର ସୁମଧୁର ସମନ୍ୱୟ ତାଙ୍କର କବିତା ରାଜିକୁ ଅବଦ୍ୟ ସୁଷମାମଣ୍ଡିତ କରିଛି। ଉତ୍କଳର ବାଣୀଭବନରେ ବନରେ ସତ୍ୟ ଓ ସାଧନାର ପୂତ ପୂଜା କୁସୁମ ରୂପେ ଏଗୁଡ଼ିକ ଚିରନ୍ତନ ହୋଇ ରହିବ।"

**୯.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ -**

୧. କବିଭୀମ ଭୋଇଙ୍କ କବିତାରୁ ମାନବବାଦର ପରିଚୟ ଦିଅ।

୨. ମହିମା ଧର୍ମ ଓ କବି ଭୀମ ଭୋଇଙ୍କ ସମ୍ପର୍କରେ ଆକଳନ କର।

୩. ଭୀମ ଭୋଇଙ୍କୁ ସନ୍ଥକବି କହିବାର ତାତ୍ପର୍ଯ୍ୟ ବୁଝାଇ ଦିଅ।

୪. ଭୀମ ଭୋଇଙ୍କ ରଚନାବଳୀର ଏକ ସଂକ୍ଷିପ୍ତ ପରିଚୟ ଦିଅ।

୫. ଭୀମଭୋଇଙ୍କ କବିତାର ବୈଶିଷ୍ଟ୍ୟ ଦର୍ଶାଅ।

**ଅଧିକ ଅଧ୍ୟନ ପାଇଁ ସହାୟକ ପୁସ୍ତକାବଳୀ -**

୧. ଓଡ଼ିଆ ସନ୍ଥ (ଭକ୍ତ) ସାହିତ୍ୟ - ଚି  ରଂଜନ ଦାସ

୨. ଭଜନରେ ଭୀମ ଭୋଇ - ଡ. ତୀର୍ଥାନନ୍ଦ ମିଶ୍ର

୩. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି - ଓଡ଼ିଆ ସାହିତ୍ୟ ଏକାଡେମୀ

୪. ମୋ ଜୀବନ ପଛେ ନର୍କେ ପଡ଼ିଥାଉ - (ସଂ) ଡ. ଅନନ୍ତ କିଶୋର ଜେନା

୫. ଯୁଗ ପ୍ରବ ର୍କ ସ୍ରଷ୍ଟା ରାଧାନାଥ - ଡଃ ନଟବର ସାମନ୍ତରାୟ

୬. ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡଃ କ୍ଷେତ୍ରବାସୀ ନାୟକ

୭. ନବ ଯୁଗର କବି ଓ କାବ୍ୟଧାରା - ଡଃ ଜାନକୀ ବଲ୍ଲଭ ମହାନ୍ତି

୮. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ - ଡଃ ବୈଷ୍ଣବ ଚରଣ ସାମଲ

୯. ମଧୁସୃଷ୍ଟି ଅମୂ ର୍ ଦୃଷ୍ଟି - ଡଃ ଶରଦ ଚନ୍ଦ୍ର ପ୍ରଧାନ।

# ଦଶମ ଏକକ – **ଛନ୍ଦ ବୈଚିତ୍ର୍ୟ**

**୧୦.୦. ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଏହି ୟୁନିଟ୍ ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି –

* ଓଡ଼ିଆ ନବ ଜାଗରଣକାଳର ସ୍ରଷ୍ଟା ଭୀମଭୋଇଙ୍କ ବିଷୟରେ ସ୍ଥୁଳ ପରିଚିତି ଲାଭ କରିବା।
* ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ଓ ଗୁରୁ ଅଲେଖ ଗୋସେଇଁଙ୍କ ସହିତ ତାଙ୍କର ସାନ୍ନିଧ ପ୍ରସଙ୍ଗରେ ସବିଶେଷ ତଥ୍ୟ ଉପଲବ୍ଧ ହେବ।
* ଅଲେଖ ବା ମହମା ଧର୍ମ ଦର୍ଶନ ଓ ଭୀମ ଭୋଇଙ୍କ କାବ୍ୟାଦର୍ଶ ସମ୍ପର୍କରେ ଅବଧାରଣା କରିହେବ।
* ଭୀମ ଭୋଇଙ୍କ ଜନ୍ମ ଓ ଜୀବନୀର ସଂକ୍ଷିପ୍ତ ପରିଚୟ ମିଳିବ।
* ଭୀମ ଭୋଇଙ୍କ ବ୍ୟାପକ କାବ୍ୟକୃତି ଓ ଅନ୍ୟାନ୍ୟ ରଚନା ସମ୍ପର୍କରେ ସୂଚନା ମିଳେ।
* ଭୀମ ଭୋଇଙ୍କ ସୃଷ୍ଟି ସମୂହର ବୈଶିଷ୍ଟ୍ୟ ସମ୍ପର୍କରେ ପାଠକ ଅବଗତ ହେବେ।
* ଆଲୋଚ୍ୟ ୟୁନିଟ୍‌ର ସମ୍ଭାବ୍ୟ ପ୍ରଶ୍ନାବଳୀ ଓ ଅଧିକ ଜାଣିବାପାଇଁ ସହାୟକ ପୁସ୍ତକ ସମ୍ପର୍କରେ ସାଧାରଣ ଧାରଣା ଜନ୍ମିବ।

**୧୦.୧ ସନ୍ଥକବି ଭୀମ ଭୋଇ**

ଓଡ଼ିଆ ସାହିତ୍ୟରେ ନୂତନ ଅଭ୍ୟୁଦୟର ଅୟମାରମ୍ଭ କାଳରେ ସନ୍ଥକପି ଭୀମଭୋଇଙ୍କ ଆବିର୍ଭାବ ଏକ ମହତ୍ୱପୂର୍ଣ୍ଣ ଘଟଣା। ଏକଥା ଅବଶ୍ୟ ସ୍ୱୀକାରଯୋଗ୍ୟ ଯେ ଓଡ଼ିଆ ସାହିତ୍ୟରେ ରେନେସାଁ ସମ୍ଭବ ମୂଳରେ ଯେଉଁ ସବୁ ପ୍ରମୁଖ କାରଣ ପୂର୍ବରୁ ଆଲୋଚିତ ହୋଇଛି, ସେଥିରେ ଭୀମ ଭୋଇଙ୍କ ପ୍ରତ୍ୟକ୍ଷ ସମ୍ପର୍କ ନଥିଲା। ସେ କୌଣସି ଆନୁଷ୍ଠାନିକ ଶିକ୍ଷାଳୟରେ ଅଧ୍ୟୟନ କରିଥିବାର ପ୍ରମାଣ ନାହିଁ। ମୁଦ୍ରଣଯନ୍ତ୍ର ଓ ପତ୍ରପତ୍ରିକା ପ୍ରକାଶନ ସହିତ ତାଙ୍କର ସମ୍ପର୍କ ନଥିଲା। ଏପରିକି ସେ କୌଣସି ସାହିତ୍ୟ ସଂଗଠନ ବା ଗୋଷ୍ଠୀରେ ନିଜକୁ ସାମିଲ ମଧ୍ୟ କରି ନଥିଲେ। ଅଥଚ ଆଧୁନିକ ଯୁଗର ଅନ୍ୟତମ ବା ର୍ତ୍ତିବହ ଭାବରେ ତାଙ୍କର କବିତ୍ୱ ବିଚାର ସାପେଷ।

ମହିମା ଧର୍ମର ପରମ ଉପାସକ ସନ୍ଥ ଭୀମ ହୋଇ ଆଦିବାସୀ କନ୍ଧ ସମ୍ପ୍ରଦାୟର ଦାୟାଦ। ଗୁରୁ ଅଲେଖ ଗୋସେଇଁଙ୍କ କୃପା ଲାଭ କରି ସେ ଅପୂର୍ବ କବିତ୍ୱର ଅଧିକାରୀ ହୋଇପାରିଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା କବି ରାଧନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର ତଥା ନନ୍ଦକିଶୋର ବଳଙ୍କ ପରି ଭୀମ ଭୋଇ ମଧ ଜଣେ ପ୍ରତିସ୍ପର୍ଦ୍ଧୀ ପ୍ରତିଭା ଭାବରେ ପରିଚର୍ଚ୍ଚିତ। ତତ୍କାଳୀନ ସମୟ ଓ ସମାଜର ବାସ୍ତବ ଆଲେଖ୍ୟ ଉନ୍ମୋଚନରେ ତାଙ୍କର ଅଭୂତପୂର୍ବ କବିଶକ୍ତି ସତତ ବିନିଯୋଗ ହୋଇଥିବାର ଅନୁମେୟ। କୁସଂସ୍କାରପୂର୍ଣ୍ଣ ରୂଢ଼ିବାଦୀ ବ୍ୟବସ୍ଥାରେ ପ୍ରଚଳିତ କଠୋର ଜାତିବାଦ ପରିହାର ପୂର୍ବକ ମାନବବାଦୀ ଚେତନାର ବିକାଶ ପାଇଁ ସେ ବଦ୍ଧ ପରିକର ଥିଲେ। ତାଙ୍କର ବିବୁଳାୟତନ ରଚନାବଳୀ ଭିତରେ ଏକ ଧାର୍ମିକ ତଥା ସାଂସ୍କୃତିକ ରେନେସାଁ ଚିତ୍ର ଉଦ୍‌ଭାସିତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଭୀମଭୋଇ ମହିମା ଧର୍ମର କେବଳ ନୀରବ ଉପାସକ ନଥିଲେ, ସେ ଏହି ଧର୍ମର ପ୍ରଚାର, ପ୍ରସାର ଓ ପ୍ରତିଷ୍ଠା ପାଇଁ ସାଜିଥିଲେ ଜଣେ ସରବ ସାଧକ। ତାଙ୍କ କବିତ୍ୱରେ ତେଣୁ ସଚରାଚର ଦେଖିବାକୁ ମିଳେ ସନ୍ଥତ୍ୱର ସହାବସ୍ଥାନ। ଦୁଃଖ, ଦୈନ୍ୟ, ଯାତନା ଜର୍ଜରିତ ଜୀବନରୁ ମୁକ୍ତି ଆକାଙ୍କ୍ଷା ତାଙ୍କ ଧର୍ମପଣ୍ଡିତ କବିତାର ମର୍ମବାଣୀ। ଜଣେ ସନ୍ଥକବିଙ୍କର ଏ ଆକାଂକ୍ଷା କୌଣସି ବ୍ୟକ୍ତି ବା ଗୋଷ୍ଠୀ ପାଇଁ ଅଭିପ୍ରେତ ନୁହେଁ, ଅଧିକନ୍ତୁ ସମଗ୍ର ବିଶ୍ୱର ପ୍ରାଣୀଜଗତ ପାଇଁ ତାହା ଉଦ୍ଦିଷ୍ଟ।

## ୧୦.୧.୧. ଭୀଭ ଭୋଇଙ୍କ ଜନ୍ମ ଓ ଜୀବନୀ

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହିଁ ଭୀମ ଭୋଇଙ୍କ ଜନ୍ମ - ଜୀବନୀ, ସାଧନା ସିଦ୍ଧିର କାଳ। ତାଙ୍କ ସମ୍ପର୍କରେ ଆଲୋଚକ - ଗବେଷକମାନେ ଅନେକ ଆଲୋଚନା କରିଛନ୍ତି, ମାତ୍ର ଜନ୍ମ ଓ ଜୀବନଦାରକୁ ନେଇ ଏକାଧିକ ମତାମତ ପ୍ରକାଶିତ ହୋଇଛି। ଭୀମଭୋଇ ଆଧୁନିକ ଯୁଗର ସ୍ରଷ୍ଟା ହେଲେ ମଧ୍ୟ ତାଙ୍କ ସମ୍ପର୍କରେ ସନ୍ନିହିତ ମତବିବିଧତା ପାଇଁ ମୁଖ୍ୟତଃ ତିନୋଟି କାରଣକୁ ଦାୟୀ କରାଯାଇପାରେ। ପ୍ରଥମତଃ ମହିମା ଧର୍ମର ପରମ୍ପରା ଅନୁଯାୟୀ ଭୀମଭୋଇ ନିଜର ଜନ୍ମ-ଜାତକ-ଜାତି ସମ୍ପର୍କରେ ଅନେକ ତଥ୍ୟ ଗୋପନ ରଖିବାକୁ ଉଚିତ ମନେ କରିଛନ୍ତି। ଆତ୍ମ ପ୍ରଚାର ଅପେକ୍ଷା ଗୁରୁ ମହିମା ପ୍ରସାର ଏକମାତ୍ର ଧ୍ୟେୟ ହୋଇଥିବାରୁ ସେ ଏପରି ପଥ ଗ୍ରହଣ କରିବାରେ କାର୍ପଣ୍ୟ କରିନାହାନ୍ତି। ଦ୍ୱିତୀୟତଃ ଭୀମ ଭୋଇଙ୍କ ବିରାଟତା ପ୍ରତିପାଦନରେ ତାଙ୍କର ଅନୁଗତମାନେ ବହୁ କପୋଳକଳ୍ପିତ କାହାଣୀମାନ ସଂଯୋଜନା କରି ଜନସାଧାରଣରେ ପ୍ରଚାର କରିଥିବାରୁ ଅନେକ ମୌଳିକ ତଥ୍ୟ କାଳକ୍ରମେ ବଦଳିଯାଇଥିବାର ଅନୁମାନ କରାଯାଇପାରେ। ତୃତୀୟତଃ ବଣଜଙ୍ଗଲ ପରିବେଶ ଭିତରେ ଭୀମ ନିଜ ସାଧନା ଜାରି ରଖିଥିବାରୁ ସମସାମୟିକ ଶିକ୍ଷିତ ଅଭିଜାତ ବର୍ଗ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଅବହିତ ନ ଥିଲେ। ହୁଏତ ସେଥିପାଇଁ ତାଙ୍କର ରଚନା ସମୂହ ତତ୍କାଳୀନ ପତ୍ରପତ୍ରିକା ପୃଷ୍ଠା ମଣ୍ଡନ କରିନଥିଲା କି ତାଙ୍କ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଦେବାରେ ଆଗ୍ରହ ପ୍ରକାଶ କରି ନଥିଲା। ତେବେ ସେ ଯାହାବି ହେଉ ଭୀମ ଭୋଇ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧାର କରାଯାଇ ପୁସ୍ତକାକାରରେ ପ୍ରକାଶ ପାଇବା ପରେ ହିଁ ବିଜ୍ଞ ଆଲୋଚକମାନଙ୍କର ଦୃଷ୍ଟି ସ୍ୱତଃ ଆକର୍ଷିତ ହୋଇଥିବାର ଜଣାଯାଏ।

ବଂଗୀୟ ସମାଲୋଚକ ବିଜୟଚନ୍ଦ୍ର ମଜୁମ୍‌ଦାରଙ୍କ ମତର ଭୀମ ଭୋଇ ୧୮୫୫ ଖ୍ରୀଷ୍ଟାବ୍ଦରେ ରେଢ଼ାଖୋଲର ଏକ ଗରୀବ କନ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟ ଏକ ମତ ଅନୁଯାୟୀ ବଲାଙ୍ଗୀର ଜିଲାର ଜଟାସିଂହା ଗ୍ରାମ (ସମ୍ପ୍ରତି ସୋନପୁର ଜିଲା ବୀର ମହାରାଜପୁର ଥାନା ଅନ୍ତର୍ଗତ) ନିକଟସ୍ଥ ଜଙ୍ଗଲରୁ ଦନାଇ ଓ ଗୁରୁବାରୀ ନାମକ କନ୍ଧ ଦମ୍ପତି ଯେଉଁ ଶିଶୁକୁ ପାଇ ଲାଳନ ପାଳନ କରିଥିଲେ, ପରବର୍ତ୍ତୀ ସମୟରେ ସେ ହିଁ ଭୀମ ଭୋଇ ଭାବରେ ପ୍ରଖ୍ୟାତ ହେଲେ। ଦନାଇଙ୍କ ଆକସ୍ମିକ ମୃତ୍ୟୁ ପରେ ଗୁରୁବାରୀ ଦେବର ଧନେଶ୍ୱରଙ୍କୁ ପୁନର୍ବାର ବିବାହ କରି 'କନ୍ଧରା' ନାମକ ଗ୍ରାମରେ ବସବାସ କଲେ। ପରେ ଗୁରୁବାରୀ ଓ ଧନେଶ୍ୱରଙ୍କ ଅନ୍ୟ ଦୁଇପୁତ୍ର ଜନ୍ମ ହେବାରୁ ସାବତ ପୁତ୍ର ଭାବରେ ଭୀମ ଭୋଇଙ୍କୁ ଅନେକ କଷଣ ଭିତରେ କାଳାତିପାତ କରିବାକୁ ପଡ଼ିଥିଲା। ମାତ୍ର ସାତ ବର୍ଷ ବୟସରେ ସେ ଗୃହ ତ୍ୟାଗ କରି ପରଘରେ କାମ କରି ପେଟ ପୋଷୁଥିବାର କୁହାଯାଏ। ବିଶ୍ୱାସ ଅଛି, ବାରବର୍ଷ ବୟସେ ଭୀମ ଗାଈ ଚରାଉଥିବା ସମୟରେ ହଠାତ୍ ଦିନେ କୂପ ଭିତରେ ପଡ଼ିଗଲେ। ସେତେବେଳେ ମହିମା ଧର୍ମର ପ୍ରବର୍ତ୍ତକ ଅଲେଖ ଗୋସେଁ ସେି ବାଟଦେଇ ଯାଉଥିଲେ। ଭୀମ ଭୋଇଙ୍କୁ ସେ କୂପ ଭିତରୁ ଉଦ୍ଧାର କରି ଦିବ୍ୟଜ୍ଞାନ ପ୍ରଦାନ ପୂର୍ବକ ମହିମା ଧର୍ମରେ ଦୀକ୍ଷିତ କରାଇଥିଲେ।

କନ୍ଧ ଜାତିର ଅନ୍ଧ କବି ଭାବରେ ଚର୍ଚ୍ଚିତ ହେଉଥିବା ଭୀମଭୋଇଙ୍କ ଅନ୍ଧତ୍ୱକୁ ନେଇ ସେଭଳି ବହୁ ବିତର୍କ ପରିଲକ୍ଷିତ ହୁଏ। ବିଜୟଚନ୍ଦ୍ର ମଜୁମଦାର, ନଗେନ୍ଦ୍ରନାଥ ବସୁ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆର୍ତ୍ତବଲ୍ଲଭ ମହାନ୍ତି, ଚିତ୍ତରଂଜନ ଦାସ ପ୍ରମୁଖ ଐତିହାସିକ ଓ ଆଲୋଚକମାନେ ଭୀମଙ୍କୁ ଜନ୍ମାନ୍ଧ ବା ଜନ୍ମର କିଛି ବର୍ଷ ପରେ ଅନ୍ଧ ବୋଲି ସ୍ୱୀକାର କରିଥିବା ବେଳେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବୈଷ୍ଣବ ଚରଣ ସାମଲ, ଦାଶରଥି ଦାସ ପ୍ରମୁଖ ଏ ମନ୍ତବ୍ୟର ବିରୋଧୀ।

ସ୍ତୁତି ଚିନ୍ତାମଣିର ଏକବିଂଶ ବୋଲିରେ ଭୀମ ଭୋଇ ନିଜେ ସ୍ୱୀକାର କରିଛନ୍ତି ଯେ କନ୍ଥା-କଉପିନ ଚଢ଼ାଇ ନିତାନ୍ତ ଅପ୍ରଚ୍ଛନ୍ନ ଦେଖାଯାଇଥିବା ଜଣେ ଯୋଗୀଙ୍କୁ ଚାରିବର୍ଷ ବୟସରେ ସେ ନିଜ ଆଖିରେ ଦେଖିଥିଲେ। ପୁନଶ୍ଚ ସେଇ ଏକ ବିଂଶ ବୋଲିରେ ଅଛି -

"ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା
ବାର ବରଷରୁ ବସ୍ତାଙ୍କ ସଙ୍ଗତେ ବନେ ବୁଲି ଦିନଗଲା।"

ଏଥିରୁ ଜଣାଯାଏ ବାରବର୍ଷ ବୟସରୁ ସେ ବଣରେ ଗୋଚାରଣ କରି ପେଟ ପୋଷୁଥିଲେ। ଜଣେ ଅନ୍ଧ ପକ୍ଷରେ ବଣରେ ବୁଲି ଗୋରୁ ଚାରଣ କରିବା ଅସମ୍ଭବ ମନେହୁଏ।

ଭୀମ ଭୋଇ ନିରକ୍ଷର ଥିଲେ ବୋଲି ଜଣେ ସ୍ୱୀକାର କରିଛନ୍ତି। ସ୍ତୁତି ଚିନ୍ତାମଣିରେ ସେ କହିଛନ୍ତି, "ମୋ ଠାରୁ ଅଧିକ ପାପୀ ଜନ ମୂର୍ଖ ନ ଥିଲେ ତିନି ବ୍ରହ୍ମାଣ୍ଡେ।" ତାଙ୍କ କବିତାର ଆହୁରି ଅନେକ ଅଂଶରେ ସେ ମଧ୍ୟ ନିଜକୁ ମୂର୍ଖ ଓ ଅପଣ୍ଡିତ ବୋଲି ସ୍ୱୀକାର କରିଛନ୍ତି। ମହିମା ସ୍ୱାମୀଙ୍କ କରୁଣା ପ୍ରାପ୍ତ ହୋଇ ସେ ଯାହା ସବୁ ପଦ ଆବୃି କରୁଥିଲେ, ତାଙ୍କର ଦୁଇଜଣ ଶିଷ୍ୟ ହରିପଣ୍ଡା ଓ ବାସୁଦେବ ପଣ୍ଡା ତାହା ତାଳପତ୍ର ପୋଥିରେ ଲିପିବଦ୍ଧ କରୁଥିଲେ। ବାସ୍ତବ ଦିଗରୁ ବିଚାର କଲେ ଭୀମ ଯେ ଅତ୍ୟନ୍ତ ଗଜ ମୂର୍ଖ ଓ ନିରକ୍ଷର ଥିଲେ ତାହା କୁହାଯାଇ ନପାରେ। ସେ ପ୍ରାଚୀନ ଓଡ଼ିଆ କବି-ପରମ୍ପରାର ଦାୟାଦ ଭାବରେ ଭାକ୍ତିକ ଦୟିନୀ ସୂତ୍ରରେ ନିଜକୁ ଅପଣ୍ଡିତ ଓ ଅନକ୍ଷର ବୋଲି କହିଥାଇ ପାରନ୍ତି, ମାତ୍ର ପୁରାଣ ଇତ୍ୟାଦି ଶ୍ରବଣ କରି ସେ ଶାସ୍ତ୍ରଜ୍ଞାନ ଆହରଣ କରିଥିଲେ। ପୁଣି ଭୀମ ନିଜେ ଲେଖିଛନ୍ତି -

ତିନି ତୈଲୋକ ବାରତା

ତାଳପତ୍ରେ ଲେଖୁଅଛି ବୁଝିବ ବାରତା (ଚତୁତିଶା ମଧୁଚକ୍ର)

ପୁଣି

ଆହୁରି ରହିଲା ବର୍ଣ୍ଣ ନ ସରିଲା ସଂସାର ବିଷୟ କଥା

ଲେଖନୀ ପତର ଧରି ନିରନ୍ତର କେତେ ମୁଁ କରିବି ପୋଥା। (ସ୍ତୁତି ଚିନ୍ତାମଣି)

ଉପର୍ଯ୍ୟୁକ୍ତ ପଦମାନଙ୍କୁ ଯଦି ବିଚାରକୁ ନିଆଯାଏ, ତେବେ ଭୀମ ଯେ ପୂରାପୂରି ଅନ୍ଧ ଓ ଅଜ୍ଞାନ ଥିଲେ, ବିଶ୍ୱାସ କରିବା କଷ୍ଟ। ଏକଥା ସତ ଯେ ମହିମା ଗୋସେଇଁଙ୍କ ସାନ୍ନିଧ୍ୟ ଲାଭ ହିଁ ଭୀମ ଭୋଇଙ୍କ ଜୀବନର ସବୁଠାରୁ ମହାର୍ଘ ଓ ପ୍ରତିଷ୍ଠିତ ଘଟଣା। ଅଲେଖ ସ୍ୱାମୀଙ୍କ କୃପାବଳୟରେ ରହି ସାଧାରଣ ଗୋପାଳକ ଭୀମ ଯେପରି ସନ୍ଥ କବି ଭାବରେ ଅସାଧାରଣ ପ୍ରତିଭାର ନିଦର୍ଶନ ଛାଡ଼ିଯାଇଛନ୍ତି, ସେହିପରି ତାଙ୍କର ଏହି ଐଶୀଦ କାବ୍ୟ - କର୍ଷଣ ଦ୍ୱାରା ଅଜ୍ଞାତ ମହିମା ଧର୍ମ ବହୁଳ ଭାବରେ ପ୍ରସାର ଲାଭ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରିଥିଲା।

### ୧୦.୧.୨ ମହିମା ଗୋସେଇଁ, ମହିମା ଧର୍ମ ଓ ଭୀମ ଭୋଇ

ପୂର୍ବରୁ କୁହାଯାଇଛି ଯେ ମହିମା ଗୋସେଇଙ୍କ ସାନ୍ନିଧ୍ୟ ବିନା କବି ଭୀମ ଭୋଇ ଅକଳ୍ପନୀୟ। ମହିମାେ ଗୋସେଇେ ମହିମା ଧର୍ମର ପ୍ରତିଷ୍ଠାତା। ଭକ୍ତମାନେ ତାଙ୍କୁ ଅବତାର ଓ ଅଯୋନିସମ୍ଭୂତ ବୋଲି ପରିକଳ୍ପନା କରିଥାନ୍ତି। ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହିମା ସ୍ୱାମୀ ଢ଼େଙ୍କାନାଳର କପିଳାସଠାରେ ଦୁଗ୍ଧ ଓ ଫଳ ମୂଳାଦି ଆହରଣ କରି ବାରବର୍ଷ ତପସ୍ୟାରତ ରହିବା ପରେ ଜ୍ଞାନପ୍ରାପ୍ତ ହୋଇଥିଲେ। ପରେ ପରେ ସେ ଉତ୍କଳର ବିଭିନ୍ନ ଅ ଳ ପରିଭ୍ରମଣ କରି ନିଜ ଧର୍ମର ବା ର୍ପ୍ରଚାର କରିଥିଲେ। ସେ ନିଜକୁ ବୁଦ୍ଧ ସ୍ୱାମୀ ଓ ପ୍ରବୁଦ୍ଧ ସ୍ୱାମୀ ବୋଲି କହୁଥିଲେ। ସେଥିପାଇଁ କେହି କେହି ମହିମା ଧର୍ମକୁ ବୌଦ୍ଧ ଧର୍ମର ଏକ ଅଂଶ ବୋଲି କହିଥାନ୍ତି। ମହିମା ଧର୍ମ ହିନ୍ଦୁ ଧର୍ମରୁ ସମ୍ଭୂତ ଏକ ସଂସ୍କାର ସର୍ବସ୍ୱ ବିଚାରଧାରା। ଏଥିରେ ଜାତିପ୍ରଥା ଜନିତ ଭେଦଭାବକୁ ସ୍ୱୀକାର କରାଯାଉଥିଲା। ବ୍ରାହ୍ମଣ, ପୁରୋହିତ, ପ୍ରତିମା ପୂଜା, କର୍ମକାଣ୍ଡ ଓ ଯାଗଯଜ୍ଞର ପ୍ରାଦୁର୍ଭାବ ମଧ୍ୟ ନ ଥିଲା। କେବଳ ଶୂନ୍ୟ ପୁରୁଷର ସାଧନା ଦ୍ୱାରା ମୋକ୍ଷ ସମ୍ଭବ। ସେହି ଶୂନ୍ୟବ୍ରହ୍ମ ହେଉଛନ୍ତି ନିଜେ ମହିମା ଗୋସେଇଁ। ତାଙ୍କର ଚରିତ ବର୍ଣ୍ଣନା କରିବା ବା ଲେଖିବା ସହଜ କଥା ନୁହେଁ, ତେଣୁ ମହିମା ଗୋସେଇଁଙ୍କର ଅନ୍ୟନାମ ହେଉଛି ଅଲେଖ ଗୋସେଇଁ।

ଏହି ମହିମା ସ୍ୱାମୀଙ୍କ ସଂସ୍ପର୍ଶରେ ଭୀମ ଭୋଇ କେବେ କିପରି ଆସିଲେ, ତାହାର କୌଣସି ସୈଦ୍ଧାନ୍ତିକ ତଥ୍ୟ ଉପଲବ୍ଧ ହୁଏ ନାହିଁ। ତେବେ ବହୁ ଆଲୋଚକ ଅନୁମାନ କରନ୍ତି ଯେ ପ୍ରାୟ ଷୋହଳ ବର୍ଷ ବୟସରେ ଭୀମ ଭୋଇ

ରେଢ଼ାଖୋଲ ଅ ଳରେ ସର୍ବପ୍ରଥମେ ମହିମା ସ୍ୱାମୀଙ୍କ ଦର୍ଶନ ପ୍ରାପ୍ତ ହୋଇ ଦୀକ୍ଷା ଗ୍ରହଣ କରିଥିଲେ। ପରେ ସେ ମହିମା ସ୍ୱାମୀଙ୍କ ମୂଳ ଗାଦି ଯୋରନ୍ଦା ଆସି କିଛି କାଳ ଅବସ୍ଥାନ କରିଥିଲେ ଏବଂ ୧୮୭୬ ମସିହାରେ ଗୁରୁ ସାମଧିପ୍ରାପ୍ତ ହେବା ପରେ ସେ ନିଜେ ରେଢ଼ାଖୋଲକୁ ପ୍ରତ୍ୟାବ ନ କରି ମହିମା ଧର୍ମ ବ୍ୟାପକ ଭାବରେ ପ୍ରଚାର କଲେ। ଶୁଣାଯାଏ, ଏତଦ୍ୱାରା ରେଢ଼ାଖୋଲ ରାଜାଙ୍କ ରୋଷର ଶିକାର ହୋଇ ସେ ସୋନପୁର ଗଡ଼ଜାତକୁ ପଳାଇଯାଇ ଖଲିଆପାଲିରେ ନିଜ ନୂତନ ଗାଦି ସ୍ଥାପନ କରିଥିଲେ। ସେହି ଖାଲିଆପାଲିରେ ହିଁ ଭୀମଭୋଇ ଜୀବନର ଶେଷ ସମୟ ଅର୍ଥାତ୍ ୧୮୯୫ ପର୍ଯ୍ୟନ୍ତ ରହି ମହିମା ଧର୍ମର ପ୍ରଚାର କରିବା ସହିତ ରାଶି ରାଶି କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମହିମାଙ୍କ ମୂଳ ଗାଦି ଢେଙ୍କାନାଳର ଯୋରନ୍ଦା ଯେପରି ସୁପ୍ରସିଦ୍ଧ ସୋନପୁରର ଖଳିଆପାଲିଠାରେ ପ୍ରତିଷ୍ଠିତ ଭୀମଭୋଇଙ୍କ ମନ୍ଦିର ଓ ଆଶ୍ରମ ସେହିପରି ସୁବିଖ୍ୟାତ। ଏମେ ମଧ୍ୟ ଅଲେଖପନ୍ଥୀମାନେ ଏ ଉଭୟ କ୍ଷେତ୍ରରେ ଗାରିମା ପ୍ରଖାପନରେ ଶତମୁଖ ହୋଇଥାନ୍ତି।

ଏଠାରେ ଅନ୍ୟ ଏକ ପ୍ରସଙ୍ଗ ଉଲ୍ଲେଖ କରିବା ସମୀଚୀନ ମନେହୁଏ, ଯେଉଁ ସମୟରେ ଓଡ଼ିଶାରେ ବଙ୍ଗଳାରୁ ଆହୃତ ବ୍ରାହ୍ମଧର୍ମ କାୟା ବିସ୍ତାର କରୁଥିଲା, ସେହି ସମୟରେ ସମାନ୍ତରାଳ ଭାବରେ ମହିମାଧର୍ମ ମଧ୍ୟ ଓଡ଼ିଶାର ଜନମାନସକୁ ପ୍ରଭାବିତ କରୁଥିଲା। ଉଭୟ ଧର୍ମରେ ସଂସ୍କାର ଓ ମାନବଧର୍ମର ନିରାଜନା କରାଯାଉଥିଲା। ତେବେ ପ୍ରଥମଟି ଏକ ଶିକ୍ଷ ଓ ସମ୍ଭ୍ରାନ୍ତ ଦର୍ଶନ ଭାବରେ ମଧ୍ୟବି ବର୍ଗକୁ ଆକୃଷ୍ଟ କରିଥିବାବେଳେ ଦ୍ୱିତୀୟଟି ଥିଲା ଦଳିତ ବର୍ଗର ଆକର୍ଷଣ ଜାତି ନାଁରେ, ବୃ ନିଆଁରେ, ଗୋତ୍ର ନାଆଁରେ ବିଭେଦତାକୁ ଅସ୍ୱୀକାର କରୁଥିବା ମହିମା ଧର୍ମ ହଜାର ହଜାର ନିମ୍ନବର୍ଗର ନରନାରୀଙ୍କ ପାଇଁ ମୁକ୍ତିର ସ୍ୱାଦ ଦେବାରେ ସମର୍ଥ ହୋଇପାରିଥିଲା। ଏହି ପ୍ରସାର ମୂଳରେ ଗଣ ଭାଷାରେ ଗଣଭାବକୁ କେନ୍ଦ୍ରୀଭୂତ କରିପାରିଥିବା ସନ୍ଥକବି ଭୀମ ଭୋଇଙ୍କ ରଚନା ସମୂହର ଭୂମିକା ଏଡ଼ାଇ ଦିଆଯାଇ ନ ପାରେ।

**୧୦.୧.୩. ଭୀମ ଭୋଇଙ୍କ ରଚନାବଳୀ**

ଗୁରୁକୃପାରୁ ଜ୍ଞାନପ୍ରାପ୍ତି ଓ କବିତ୍ୱପ୍ରାପ୍ତି ହାସଲ କରିଥିବା ଭୀମ ଭୋଇ ଓଡ଼ିଆ ସନ୍ଥ ପରମ୍ପରାର ଏକ ମନ୍ମୟ ସଂଯୋଜନ। କବି ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ପ୍ରମୁଖଙ୍କ ପରି ସେ ସ୍ୱୀୟ ଧର୍ମ ଦର୍ଶନର ବ୍ୟାଖ୍ୟା ବର୍ଣ୍ଣନା ପାଇଁ ଯେଉଁ କବିତାମାନ ରଚନା କରିଛନ୍ତି, ତାହା ପ୍ରତିଟି ମଣିଷ ହୃଦୟକୁ ଆପ୍ଳୁତ କରିଥାଏ। ତାଙ୍କ ଲେଖନୀ ନିସୃତ –

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ।'

(ସ୍ତୁତି ଚିନ୍ତାମଣିର ସପ୍ତବିଂଶ ବୋଲି) ବାଣୀର ବିଶ୍ୱ ମାନବିକତା ହିଁ ତାଙ୍କ ସମଗ୍ର ସୃଷ୍ଟି ସମୂହର ମର୍ମବାଣୀ।

ଭୀମଭୋଇ ଅନେକ ବୋଲି, ଛାନ୍ଦ, ଉଚପଦୀ, ଚଉତିଶା, ଡାଲଖାଇ, ରସରକେଳି, ବହଳି, ଭଜନ, ଜଣାଣ ଇତ୍ୟାଦି ରଚନା କରିଛନ୍ତି। ସ୍ୱଳ୍ପ ଜୀବନକାଳ ଭିତରେ ବିପୁଳ କବି – କୃତି ଏକ ବିସ୍ମୟ ବ୍ୟତୀତ ଅନ୍ୟ କିଛି ନୁହେଁ। ସୋନପୁରର ରାଜା ବୀର ମିତ୍ରୋଦୟ ସିଂହଦେଓ, ଆ ବଲ୍ଲଭ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଭୀମଭୋଇଙ୍କ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧୃତ ହୋଇ ପ୍ରକାଶ ପାଇବାପରେ ସାଧାରଣ ପାଠକମାନେ କବିକୃତିର ପରିଚୟ ପାଇବାରୁ ସକ୍ଷମ ହୋଇପାରିଛନ୍ତି।

**ତାଙ୍କର ସୃଷ୍ଟି ସମ୍ଭାର –**

ସ୍ତୁତି ଚିନ୍ତାମଣି ଭୀମଭୋଇ ମାଳିକା

ନିର୍ବେଦ ସାଧନ    କଳିଯୁଗ ଗୀତା

ଚଉତିଶା ମଧୁଚକ୍ର  ଭଜନମାଳା

ଶ୍ରୁତିନିଷେଧ ଗୀତା  ମହିମା ଗୋପନ

ଆଦିଅନ୍ତ ଗୀତା     ଶୂନ୍ୟ ରାହାସ

ଅଷ୍ଟକବିହାରୀ ଗୀତା        କଳି ଭାଗବତ

ବ୍ରହ୍ମନିରୂପଣ ଗୀତା ପଦ୍ମ କଳ୍ପ

ମହିମା ବିନୋଦ    କଳ୍ପ ସଂହିତା

ଅନାଦି ସଂହିତା ଇତ୍ୟାଦି ।

**ସ୍ତୁତିଚିନ୍ତାମଣି –** ଭୀମ ଭୋଇଙ୍କର ସର୍ବଶ୍ରେଷ୍ଠ ରଚନା ହେଉଛି ସ୍ତୁତି ଚିନ୍ତାମଣି । ଏଥିରେ ଏକ ଶତ ବୋଲି ସ୍ଥାନିତ ହୋଇଛି ଏବଂ ପ୍ରତି ବୋଲିରେ ପ୍ରାୟ କୋଡ଼ିଏ ଲେଖାଏଁ ପଦ ସଂଯୋଜିତ ହୋଇଛି । ମହିମା ଧର୍ମର ମହିମା ବର୍ଣ୍ଣନା ସହିତ ସାଂସାରିକ ଜୀବନର ଆକୁତି ଅତି ମାର୍ମିକ ଭାବରେ ଏହାର କଳେବର ମଣ୍ଡନ କରିଥିବାର ଅନୁଭୂତି ମହିମା ଭକ୍ତମାନଙ୍କର ରୀତିନୀତି, ଉଦ୍ଦେଶ୍ୟ, ଗୁରୁ ମାହାତ୍ମ୍ୟ, ଭକ୍ତିର ପ୍ରକାରଭେଦ ଶୂନ୍ୟତ୍ୱର ଚିତ୍ର ସାଙ୍ଗରେ ପ୍ରାଣୀମାନଙ୍କର ଦୁଃଖ-ଦୁର୍ଦ୍ଦଶା ଓ ତାହାର ନିବାରଣର ପନ୍ଥାମାନ ଦର୍ଶାଇବାରେ ଭୀମଭୋଇ ସିଦ୍ଧହସ୍ତ । ଜଣେ ଗୃହୀ ସନ୍ନ୍ୟାସୀ ହୋଇଥିବାରୁ ସେ ସାଂସାରିକ ଅନୁଭବର ଚମତ୍କାର ବ୍ୟାଖ୍ୟା କରି ଜନ ସାଧାରଣଙ୍କୁ ନୈତିକ ଓ ଧର୍ମାନୁମୋଦିତ ଜୀବନଶୈଳୀ ଆପଣାର କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ସ୍ତୁତି ଚିନ୍ତାମଣିରେ କବି ନିଜ ଜୀବନ ଇତିହାସର ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ଦୁଃଖ ଦାରିଦ୍ର୍ୟ ଭିତରେ ତାଙ୍କର ବାଲ୍ୟ ଓ କୈଶୋର କିପରି ସତତ ହା ହାକାର କରିଥିଲା, ତାହାର କରୁଣ ଚିତ୍ର ନିମ୍ନୋକ୍ତ ପଙ୍କ୍ତିରୁ ଜାଣିହୁଏ ।

"କ୍ଷୁଧା ତୃଷା କଲେ ଭାଳଇ ବିକଳେ

        ଦଗ୍ଧି ହୁଅଇ କାଏ,

ଅତି ଦୁଃଖେ ମୁହିଁ ଦିନ ବ ୁଅଛି

        କସ୍ତୁରି ଜୀବନ ପ୍ରାଏ ।

ଲୁହ ନାହି ରକ୍ତ ବହୁଥାଇ ମୋର

        ଶ୍ରୀହସ୍ତେ ଦିଅଇ ପୋଛି,

କେହି ନଜାଣନ୍ତି, ଶ୍ରୀଗୁରୁ ଜାଣନ୍ତି

        ଯେତେ କଷ୍ଟପାଇଅଛି ।"

ତଥାକଥିତ ସମାଜର ବଡ଼ପଣ୍ଡାମାନେ ତାଙ୍କୁ ଓ ତାଙ୍କର କବିତାକୁ ଯେତେବେଳେ ଅନାଦର କରିଛନ୍ତି, ସେତେବେଳେ କବି ଗୁରୁ ସାମ୍ନାରେ ଅଭିଯୋଗ ବାଢ଼ିଛନ୍ତି –

ଜଗତ ଭିତରେ ସଂସାର ହିତରେ

        ବଖାଣିଲି କବି କୃତ

ଯେତେ ବୁଝାଇଲି ନ ବୁଝିଲେ କେହି

କୋପ କରିଲେ ଅପ୍ରମିତ ।

ମହିମା ଧର୍ମର ନର୍ଗୁଣ ଉପାସନା ଓ ଶୂନ୍ୟ ସାଧନା ସମ୍ପର୍କରେ ସ୍ତୁତି ଚିନ୍ତାମଣିରେ ବ୍ୟାପକ ଚିତ୍ର ପ୍ରଦ  ହୋଇଛି । ଏଥିରେ ଅଛି ଯେତେବେଳେ ପୃଥିବୀ ନଥିଲା, ନଥିଲା ଜଳପବନ, ରୂପରେଖ ନ ଥିଲା । ସେତେବେଳେ କେବଳ ଥିଲା ଅଜନ୍ମ ଅଜପ ନାମ କରୁଥିଲେ ମହାଶୂନ୍ୟ । ଏହି ଶୂନ୍ୟ ଆରାଧନା ହିଁ ଜୀବନର ମୌଳିକ ଲକ୍ଷ୍ୟ ହେବା ଉଚିତ । କୌଣସି ପ୍ରତିମା ବା ମୂର୍ ି ପୂଜାର ପ୍ରୟୋଜନ ନାହିଁ । କାରଣ ମୂର୍ ି ହେଉଛି ନିର୍ଜୀବ ଓ ଜଡ଼ । ଜଡ଼ ସହିତ ଜୀବନକୁ ଜୀବାତ୍ମାକୁ ଯୋଡ଼ିବା ସମ୍ଭବ ନୁହେଁ । ତେଣୁ କବି ଗାଇଛନ୍ତି – "ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେତେ ଅଜ୍ଞାନ / ଶୂନ୍ୟରୁ ଯେହୁ ପିଣ୍ଡପ୍ରାଣ ଦେଲା ନାହିଁ ତାକୁ ଅନୁମାନ ।" ଏଥି ସହିତ ସତ୍ୟବାଦିତା, ଶୁଚିନିଷ୍ଠତା, ମାନବିକତାର ଜୟଗାନ କରିବାର ଉକ୍ତ ଗ୍ରନ୍ଥଟିର ସାର୍ବଜନୀନ ଆବେଦନ ସବୁକାଳ ପାଇଁ ମହାର୍ଘ ହୋଇ ରହିବ । ପୁନଶ୍ଚ ନାରୀ ଜାତିର ମାନ, ର୪ା କରିବାକୁ କବି ଏଥିରେ ଅତି ସାବଲୀଳ ଭାବରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ନିର୍ବେଦ ସାଧନ – ନବାକ୍ଷରୀ ବୃ ରେ ରଚିତ ଏହି କାବ୍ୟରେ ଭୀମଭୋଇ ନାମ ମାହାତ୍ମ୍ୟର ଗୌରବ ବର୍ଣ୍ଣନା କରିଛନ୍ତି । ପ ସଖା କବିମାନଙ୍କ ପରି ସେ ଶୂନ୍ୟବ୍ରହ୍ମର ଶରଣ ଯିବା ପାଇଁ ଲୋକମାନଙ୍କୁ ନିବେଦନ କରିଛନ୍ତି । ଜଗତର ସକଳ ପାପତାପରୁ ମୁକ୍ତି ପାଇବାର ଏକମାତ୍ର ପଥ ହେଉଛି ଶୁନ୍ୟପୁରୁଷଙ୍କ ନାମ ସ୍ମରଣ । ସେ ଶୂନ୍ୟ ପୁରୁଷ ଆଉ କେହି ନୁହଁନ୍ତି । ସେ ହେଉଛନ୍ତି ଅଲେଖ ନିରଞ୍ଜନ । ପ୍ରକାରାନ୍ତରେ ମହିମା ଗୋସେଇଁ ।

ଦୈନନ୍ଦିନ ଜୀବନରେ କଥିତ ଭାଷାକୁ ଅବଲମ୍ବନ କରି କଥକ ଭାବରେ ମହିମା ଧର୍ମର ବିଶେଷତ୍ୱ ବର୍ଣ୍ଣନା ସହିତ ଗୁରୁ ବନ୍ଦନାରେ ଏ କାବ୍ୟଟି ଶତମୁଖ ହୋଇଥିବାର ଲକ୍ଷ୍ୟ କରାଯାଏ । ମହିମା ଧର୍ମର ବହୁ ନିଗୂଢ଼ ଦର୍ଶନକୁ ଅତି ସହଜ ଭାବରେ ପ୍ରକାଶ କରିବାରେ ଏହାର ବୈଶିଷ୍ଟ ଉପଲବ୍ଧ ହୋଇଥାଏ । ନାମର ମହାନତା ଦର୍ଶାଇବାକୁ ଯାଇ ଏଥିରେ କବି ଲେଖିଛନ୍ତି –

ନାମଟି ଚାରି ଯୁଗେ ସତ୍ୟ । ନାମ ନଥାଇ କେଉଁ କୃତ୍ୟ ।।

ଜଗତ ଜନ କଲେ ନିନ୍ଦା । ଭୁଲି ନୋହିବୁ ଚି  ଧନ୍ଦା ।।

ନାମକୁ ଧରିଥିଲେ ରଟି । ସଂଶୟ ପକାଇବୁ କାଟି ।।

ନାମଟି ଅମୂଲ୍ୟ ରତନ । ସରି ନୁହଇ ତ୍ରିଭୁବନ ।।

ଶ୍ରୁତି ନିଷେଧ ଗୀତା – ଅହଂବିନିର୍ମୁକ୍ତ ଉଦାରପ୍ରାଣ କବି ଭୀମଭୋଇଙ୍କର ଶ୍ରୁତି ନିଷେଧ ଗୀତା ଅନ୍ୟତମ ପ୍ରସିଦ୍ଧ ରଚନା । ଏଥିରେ ମଧ୍ୟ ମହିମା ଧର୍ମର ପ୍ରଖ୍ୟାପନର ବା ା ଉଜ୍ଜ୍ୱଳ ଅକ୍ଷରରେ ଉଦ୍‌ଭାସିତ । ଏହାର ନାମକରଣ ଯେତିକି କୌତୂହଳୋଦ୍ଦୀପକ, ଭାବାର୍ଥ ସେତିକି ମନନଶୀଳ । ଗୁରୁମନ୍ତ୍ର ଅତି ଉନ୍ମୁକ୍ତ ଭାବରେ ଯତ୍ରତତ୍ର ଆଲୋଚନା ସବାଦୌ ଶାସ୍ତ୍ର ବିରୋଧୀ । ଏହାକୁ ଶ୍ରବଣ କରିବା ପାଇଁ କାୟମନୋବାକ୍ୟରେ ଏକାନ୍ତ ଏକାଗ୍ରତା ଲୋଡ଼ା । ବାହ୍ୟ ଆଡ଼ମ୍ବର ଓ ଆଚାରର କୋଳାହଳ ପରିହାର ପୂର୍ବକ ଆତ୍ମମଗ୍ନ ରହିପାରିଲେ ଯାଇ ଅନ୍ତରରେ ଅନାଦିର ନାଦ ଗୁଞ୍ଜରିତ ହୋଇପାରିବ ।

ଗହନ ତ ୍ୱ ସମ୍ବଳିତ ଏ ଆଧାତ୍ମିକ ଉଦାର ବାଣୀ କେହି ଶ୍ରବଣ କର ନାହିଁ କହି କବି ସମସ୍ତଙ୍କର ମନ ଓ ଚି  କୁ ପ୍ରକୃତରେ ସେଇ ଆଡ଼କୁ ଟାଣି ନେବାରେ ସଚେଷ୍ଟ । ନିଷେଧ ଗୀତାରେ ପ୍ରବେଶ ଆଗ୍ରହ ରହିବ ହିଁ ରହିବ । ସେଇ ଚରମ ଆଗ୍ରହ ହିଁ ପରମ ପୁରୁଷଙ୍କ ନିକଟକୁ ଆକର୍ଷିତ କରିପାରିବ । ଅଲେଖ ଧର୍ମର ପୌ  ଳିକତା ବିରୋଧୀ ଦର୍ଶନ ଏଥିରେ ଅତି ଚମତ୍କାର ଢ଼ଙ୍ଗରେ ପ୍ରକାଶିତ ।

**ଆଦିଅନ୍ତ ଗୀତା -** ଶୂନ୍ୟ ବ୍ରହ୍ମଙ୍କୁ ପ୍ରାପ୍ତ ହେବାର ସାଧନା ପଥ ଏଥିରେ ବର୍ଣ୍ଣନା କରାଯାଇଛି । ଜୀବମାନଙ୍କ ପ୍ରତି କରୁଣା ଓ ଦୟା ପୋଷଣ କରୁଥିବା ମଣିଷଠାରେ ଶୂନ୍ୟବ୍ରହ୍ମ ସ୍ୱୟଂ ବଶୀଭୂତ ହୋଇଥାନ୍ତି । ସକଳ ପ୍ରାଣୀଙ୍କ ପ୍ରତି ଯେ ସମଚି ପୋଷଣ କରେ, ତାହା ପ୍ରତି ବିଶ୍ୱନିୟନ୍ତା ସ୍ୱତଃ ପ୍ରସନ୍ନ ହୁଅନ୍ତି । ପୃଥିବୀ ପରି ସହିଷ୍ଣୁ ଓ ଧୈର୍ଯ୍ୟବନ୍ତ ହୋଇପାରିଲେ ଅଲେଖ ପୁରୁଷ ଲୀଳା କରିବା ପାଇଁ ଅବତରି ଆସିବେ । -

ସକଳ ଜୀବେ ଗୋ ଦୟା ଥାଇ

ତାହାଠାରେ ଶୂନ୍ୟବ୍ରହ୍ମ ଗୋ ବଶ ହୋଇ

ସର୍ବଭୂତେ କରେ ଯେହୁ ଗୋ ସମଚି

ତାକୁ ପ୍ରସନ୍ନ ହୁଅନ୍ତି ଗୋ ଅବଧୂତ । ( ୨ ୨ଶ ଅଧ୍ୟାୟ)

**ଅଷ୍ଟକ ବିହାରୀ ଗୀତା -** ଏହା ସେଇ ଭାଗବତ ଛନ୍ଦରେ ରଚିତ ତାଙ୍କର ଅନ୍ୟତମ ଗୀତା । କବି ଯେହେତୁ ଜଣେ ଉଦାର ବାନବବାଦୀ ସନ୍ଥ, ସେଥିପାଇଁ ସେ ମହିମା ପୁରୁଷଙ୍କ ସାନ୍ନିଧ ସକଳ ପ୍ରାଣୀଙ୍କ ନିକଟରେ ପହ ।ଇବା ପାଇଁ ତତ୍ପର । ଧର୍ମ ପ୍ରତି ଘରେ ଘରେ ସ୍ଥାପିତ ହୋଇ ପାରିଲେ ଯାଇ ପୃଥିବୀକୁ ସକଳ ଦୂରିତ ଅପସରି ଯିବ । ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ଦୈନ୍ୟ ବିନିର୍ମୁକ୍ତ ଏକ ମଙ୍ଗଳମୟ ଧରିତ୍ରୀର ସ୍ୱପ୍ନ ସାକାର କରିବାପାଇଁ କବି ଭଙ୍ଗିତ ଦେଇଛନ୍ତି -

ଧର୍ମପଥକୁ କର ଆଶା । ନାହିଁବା ଅନ୍ୟଯି ଭରସା । ।

ଧର୍ମେ ଯେ ଆତ ଯାତ ହେବ । ସେ ପ୍ରାଣୀ ସଂସାରେ ରହିବ । ।

ଧରିବ ଯେବେ ଦୃଢ଼କରି । କଳିଯୁଗକୁ ହେବ ପାରି । ।

**ବ୍ରହ୍ମ ନିରୂପଣ ଗୀତା -** ବ୍ରହ୍ମମୟ ବ୍ରହ୍ମାଣ୍ଡର ନିର୍ଗୁଣତ୍ୱ ଦର୍ଶାଇବାରେ ଉକ୍ତ ଗୀତାଟି ପରିକଳ୍ପିତ । ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟ ଦର୍ଶନର ପିଣ୍ଡବ୍ରହ୍ମାଣ୍ଡ ତ ୍ୱଟିର ମହିମା ପ୍ରଖ୍ୟାପନ ହିଁ ଗ୍ରନ୍ଥଟିର ନିର୍ଯ୍ୟା । ମହିମାପନ୍ଥୀମାନେ ଉକ୍ତ ଗ୍ରନ୍ଥକୁ ଅତି ଉଚ୍ଚ ଆସନରେ ରଖି ସ୍ୱାଧ୍ୟାୟ କରିଥାନ୍ତି । ଉଚ୍ଚନୀଚ, ଜାତିଅଜାତି, ପାପପୁଣ୍ୟ, ଛୁଆଁଅଛୁଆ, ବ୍ରାହ୍ମଣ-ଚଣ୍ଡାଳ କୌଣସି ବିଭେଦ ନ ରଖି ଯିଏ ମୁକ୍ତିପ୍ରଦାନ କରନ୍ତି, ସେ ହେଉଛନ୍ତି ସଚରାଚରର ଚରମ ପ୍ରିୟତମ ବ୍ରହ୍ମ । ତାଙ୍କର ପାବନ ଅଧିଷ୍ଠାନ ସ୍ଥଳ ହେଉଛି ମଣିଷର ପାର୍ଥିବ ପିଣ୍ଡ । ସାଧନା ଅଭାବରୁ ସେ କସ୍ତୁରି ମୃଗ ସମ ଦିବ୍ୟ ସାନ୍ନିଧ ପାଇଁ ଏଣେତେଣେ ଭ୍ରମଣ କରିଥାଏ । ସ୍ୱାଧ୍ୟାୟ, ସତସଙ୍ଗ ଓ ସଦାଚାର ପୂର୍ବକ କଠୋର ପିଣ୍ଡ ସାଧନ କରିପାରିଲେ ଯାଇ ବ୍ରହ୍ମାଣ୍ଡ ଅନୁଭୂତ ହୋଇପାରିବ ବୋଲି ଏଥିରେ ବର୍ଣ୍ଣିତ ।

**ଚଉତିଶା ଓ ଭଜନମାଳା -** କବି ଭୀମଭୋଇ ଅସଂଖ୍ୟ ଭଜନ ଓ ଚଉତିଶାର ସ୍ରଷ୍ଟା । ନିଜର ଭାକ୍ତିକ ଚେତନାକୁ ଅତି ଭାବଗର୍ଭକ ଭାବରେ ବ୍ୟକ୍ତ କରିବାରେ ସେ ଭଜନ, ଜଣାଣ ସହିତ ଚଉତିଶା ରଚନା କରି ଓଡ଼ିଆ ଭକ୍ତିସାହିତ୍ୟକୁ ବିପୁଳ ମାତ୍ରାରେ ସମୃଦ୍ଧ କରିଛନ୍ତି । ସେ ପାରମ୍ପରିକ ଚଉତିଶା ଶୈଳୀକୁ ଗ୍ରହଣ କରିବା ସହିତ 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ଓଲଟ ଅକ୍ଷର କ୍ରମରେ ଓଲଟ ଚଉତିଶା ରଚନା କରି ନିଜ ଶୈଳୀଚାତୁର୍ଯ୍ୟର ପରିଚୟ ଦେଇଛନ୍ତି । 'ଚଉତିଶା ମଧୁଚକ୍ର'ରେ ପ୍ରକାଶିତ ଗୀତିକାଗୁଡ଼ିକରେ ସେହି ମହିମାଙ୍କ ମହତ୍ୱ ସହିତ ବ୍ୟକ୍ତିଗତ ଓ ସାମୂହିକ ଦୁଃଖ ଦୁର୍ଦ୍ଦଶାରୁ ଚିରମୁକ୍ତି ପାଇଁ ନିରନ୍ତର ଅକୂତି ଲକ୍ଷ୍ୟ କରାଯାଏ ।

ଭୀମ ଭୋଇଙ୍କ ଭଜନମାଳା ଓଡ଼ିଆ ଭଜନ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ପ୍ରତିଭୂତ । ଭୀମଭୋଇଙ୍କୁ ଜଣେ ଗଣମୁଖୀ କବିର ମାନ୍ୟତା ଦେବାରେ ଏଗୁଡ଼ିକର ଅବଦାନ ସ୍ୱୀକାର ଯୋଗ୍ୟ । କେବଳ ମହିମାପନ୍ଥୀମାନେ ନୁହଁନ୍ତି, ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ସାଧାରଣ ଜନତା ତାଙ୍କ ଭଜନର ମାର୍ମିକ ଆବେଦନରେ ଉଚ୍ଚାଟିତ ହୋଇଥାନ୍ତି । ପ୍ରକାଶିତ ପ୍ରାୟ ତିନି ଶତରୁ ଊର୍ଦ୍ଧ୍ୱ ଚଉତିଶା ଓ ଭଜନ ସାଙ୍ଗୀତିକତା, ମାନବିକ ଅଭୀପ୍ସା, ଆଧ୍ୟାମିକ ଉ ।ଳତାର ମହିମାନ୍ୱିତ ।

### ୧୦.୧.୪. ଭୀମଭୋଇଙ୍କ କବିତାର ବିଶେଷତ୍ୱ

ଭୀମଭୋଇ ସନ୍ଥକବି ଭାବରେ ସମ୍ମାନିତ। ତାଙ୍କର କାବ୍ୟଧାରାରେ ତେଣୁ ରହସ୍ୟବାଦର ପ୍ରାଚୁର୍ଯ୍ୟ ସ୍ୱତଃ ପରିଦୃଷ୍ଟହୁଏ। ତେବେ ଜଣେ ନାନ୍ଦନିକ କବି ଭାବରେ ମଧ୍ୟ ତାଙ୍କର କୃତିତ୍ୱ ଅବଧାରିତ। ଆଧୁନିକ ସମୟର କବି ରାଧାନାଥ, ମଧୁସୂଦନ, ଫକୀରମୋହନ ବା ଗଙ୍ଗାଧର ପ୍ରମୁଖଙ୍କ ନୂତନ ଶୈଳୀକୁ ସେ ଆପଣାର କରି ନାହାନ୍ତି କି ପ୍ରାଚୀନ ବା ମଧ୍ୟଯୁଗୀୟ କବିମାନଙ୍କ ଧାରାରେ ସେ ନିଜକୁ ହଜେଇ ଦେଇନାହାନ୍ତି। ଲୋକଧର୍ମ ମହିମା ସଂସ୍କୃତିର ଜୟ ଜୟକାର ପାଇଁ ଉଦ୍ଦିଷ୍ଟ ତାଙ୍କ କବିତ୍ୱରେ ଭରି ରହିଛି ବହୁ ବିବିଧ ଅନୁଷଙ୍ଗର ବର୍ଣ୍ଣାଳି। ନୈତିକତା ଓ ଆଧାତ୍ମିକତା ସହିତ କବିତ୍ୱର ଅଭୂତପୂର୍ବ ସଂଯୋଜନ ହେଉଛି ଭୀମଭୋଇ ସାହିତ୍ୟର ମଞ୍ଜି। ଏହି ମହାନ୍ କବିଙ୍କର ମୁଗ୍ଧ ଉପାସକ ଭାବରେ ବିଜୟଚନ୍ଦ୍ର ମଜୁମଦାର ସେତେବେଳେ ଲେଖିଥିଲେ –

I am personally a great admirer of the saint Bhima Bhoi, and consider his life and writings to be highly interesting and educative. xxx In my humble opinion, he is a genius, and for his moral courage and clearness of thought, he is a unique personality in Orissa. (Typical Selections from Oriya Literature Vol - II)

ତାଙ୍କ କବିତାର କେତେକ ଉଲ୍ଲେଖନୀୟ ବିଭୂତି ସମ୍ପର୍କରେ ଆଲୋକପାତ କରାଯାଇପାରେ।

ଭକ୍ତିପ୍ରାଣତା ଓ ଧାର୍ମିକତା – ଅଲେଖ ସ୍ୱାମୀଙ୍କର ପରମ ଶିଷ୍ୟ ଓ ମହିମା ଧର୍ମର ଚରମ ଉପାସକ ଭୀଭ ଭୋଇଙ୍କ କବିତା ସମଗ୍ରରେ ସରଳ ଓ ଅନାଡ଼ମ୍ୱର ଭକ୍ତି ଉଲ୍ଲାସ ଏବଂ ଧର୍ମୀୟ ଅନୁଶାସନର ବିଜୟ ବୀଣା ଅନୁରଣିତ। ଆରାଧ୍ୟ ଗୁରୁ ଅଲେଖଙ୍କ ଠାରୁ ଆଶିଷ ପାଇ ଭୀମ ଷୋହଳ ବର୍ଷ ବୟସରେ ଧର୍ମ, ଦର୍ଶନ କବିତ୍ୱରେ ଉଲ୍ଲେଖନୀୟ ପରାକାଷ୍ଠା ଲାଭ କରିଛନ୍ତି।

ଯେତେବେଳେ ଗୁରୁ କହି ଯେ ଦ୍ୟନ୍ତି ଭେଦ

ତେଣୁ ସେ ଯୋଡ଼ି କବି ଯେ କୃତ୍ୟ ପଦ।

ଗୁରୁ ନ କହିଲେ ମୋତେ ଯେ ନ ଆସଇ

ଶ୍ରୀଗୁରୁ ବ୍ୟତୀତେ ଅନ୍ୟ ଯେ ଆଶ୍ରା ନାହିଁ। (୪ର୍ଥ ଅଧ୍ୟାୟ ଆଦିଅନ୍ତ ଗୀତା)

ଗୁରୁ ପ୍ରେମର ଦିନର୍ଶନ ସ୍ୱରୂପ ସେ ତମାମ ଜୀବନ ଅଲେଖମୟତାର ଅକ୍ଷର ସାଉଁଟି କବିତ୍ୱର କମନୀୟତା ବାଢ଼ିବାରେ ପ୍ରଯତ୍ନ କରିଛନ୍ତି। ଶୂନ୍ୟସାଧନା, ପିଣ୍ଡବ୍ରହ୍ମାଣ୍ଡ ତ ୍ୱ, ନିର୍ଗୁଣ ନିରାଜନା, ଅନାଦି ଉପାସନା, ସତ୍ୟ ସଂକଳ୍ପ, ମୋକ୍ଷ ପରିକଳ୍ପନା, ନାମ ମହାତ୍ମ୍ୟ, ଗୁରୁ ବନ୍ଦନା ଆଦି ଧର୍ମୀୟ ଉପଦେଶରେ ତାଙ୍କ କବିତା ଗତିଶୀଳ। ସ୍ତୁତି ଚିନ୍ତାମଣି, ଶ୍ରୁତି ବିଷେଧ ଗୀତା, ବ୍ରହ୍ମନିରୂପଣ ଗୀତା, ଆଦିଅନ୍ତ ଗୀତା, ନିର୍ବେଦସାଧନା ପ୍ରଭୃତି ଗ୍ରନ୍ଥର କବିତାମାଳାରେ ମହିମା ଧର୍ମର ଆଚାର ଲିପିବଦ୍ଧ ହୋଇରହିଛି। କବିତ୍ୱର କାଉଁରି ସ୍ପର୍ଶରେ ଏକ ଧର୍ମର ବିଜୟ ଅଭିଯାନହିଁ ଭୀମଭୋଇଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥାଏ।

ଜଣେ ସନ୍ଥ ବା ଦାର୍ଶନିକ ଭାବରେ କେବଳ ତାଙ୍କ କବିତାକୁ ଅଧ୍ୟୟନ କଲେ ଚଳିବ ନାହିଁ। ଅଧିକନ୍ତୁ ଜଣେ ସରଳ ଓ ସଚ୍ଚୋଟ ଭକ୍ତର ଆବେଗମୟତା ତାଙ୍କ କାବ୍ୟସାଧନାର ଛତ୍ରେ ଛତ୍ରେ ପରିଲକ୍ଷିତ ହୋଇଥାଏ। ବ୍ୟକ୍ତିଗତ ଦୁଃଖ ଓ ଦୈନ୍ୟରୁ ମୁକ୍ତି ପାଇଁ ଶୂନ୍ୟବ୍ରହ୍ମ ନିକଟରେ କରୁଣା ଭିକ୍ଷା କରିବାର ସପ୍ରେମ ଉଚ୍ଚାରଣ ହିଁ ତାଙ୍କ ଭକ୍ତି ନୈବେଦ୍ୟର ଅର୍ଘ୍ୟ। ବିଶେଷକରି ଭୀମଭୋଇ ଚଉତିଶା ଓ ଭଜନମାଳାରେ ଏହି ଆ ି ପାଠକ ପ୍ରାଣକୁ ଆର୍ଦ୍ର କରିବାର ସାମର୍ଥ୍ୟ ରଖେ। ଖଞ୍ଜଣି ତାଳରେ ଯେବେ ଭୀମଭୋଇଙ୍କ ଭଜନ କାନରେ ବାଜେ, ସେତେବେଳେ ବିଭୁବୋଧରେ ପ୍ରାଣ ପରମାନନ୍ଦ ଲାଭ କରେ।

ଶୂନ୍ୟ ମନ୍ଦିର ବିହାର / ରୂପରେଖ ନାହିଁ ଯାର

ଦୁତି ପାଦା ନ ମିଶଇ ଏକପାଦ ଧରଧର ଅଲେଖ ପ୍ରାଣପୁର

ସେ ଠାବରେ ତାଙ୍କ ଘର / ନାହିଁ ଶବଦ ଉଷୁମ ସାଧୁ ଜନେ ହେତୁ କର । (ଭଜନମାଳା)

ମାନବବାଦ ଓ ବିଶ୍ୱପ୍ରାଣତା – ଭୀମ କବିତାରେ ଦେଖିବାକୁ ମିଳେ ଉଦାର ମାନବିକତା ଓ ବସୁଧୈବକୁଟୁମ୍ବକତ୍ୱ । ତାଙ୍କ ସ୍ୱପ୍ନ ଓ ସାଧନା ଏକାନ୍ତ ଆପଣାର ସିଦ୍ଧି ପାଇଁ ଉନ୍ମୁଖ ନୁହେଁ, ବରଂ ବିଶ୍ୱର ଜୀବ ସକଳ ପାଇଁ ତାହା ଉଦ୍ଦିଷ୍ଟ । ବୈଦିକ ମହାମନ୍ତ୍ର 'ସମସ୍ତ ଲୋକାଃ ସୁଖୀନୋ ଭବନ୍ତୁ'ର ସେ ଅନାବିଳ ବାହକ । 'ଶ୍ରୀଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ / ଜଣାଣ କରୁଛି ହାତେ' – ତାଙ୍କର ବହୁ ଉଚ୍ଚାରିତ ଭାବନା । ସାରା ପୃଥିବୀର ପାପ ବହନ କରି ସେ ନିଜେ ନରକଗାମୀ ହୋଇଯାଆନ୍ତୁ, ମାତ୍ର ବିଶ୍ୱର ପ୍ରାଣୀ ସକଳ ଦୁଃଖ, ଦୁଃସ୍ଥିତିରୁ ଉଦ୍ଧାର ପ୍ରାପ୍ତ ହୁଅନ୍ତୁ । ଏ କାମନା ଜଣେ ବିଶ୍ୱସ୍ତରୀୟ କବିସ ।ର କାମନା, ଜଣେ ଉଦାରପନ୍ଥୀ ମାନବାଦୀ କବିର ଯାଚନା । ସେଥିପାଇଁ ସେ ଅଲେଖ ସ୍ୱାମୀଙ୍କୁ ପ୍ରାର୍ଥନା କରନ୍ତି –

ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାର୍ବିନ୍ଦେ

ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ ।

ସମ୍ପ ି ବିପ ି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି

ପାପ ଦୁଃଖ ଭାର କେ ତୁମ୍ଭ ବହିବ ପାଦ ତଳେ ଥାଉ ପଡ଼ି ।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ । (ସ୍ତୁତି ଚିନ୍ତାମଣି – ୨୭୫ ବୋଲି)

ସମାଜ ସଂସ୍କାର ଓ ନୈତିକତା – ଭୀମ ଭୋଇ କଳା ପାଇଁ କଳାର କବି ନଥିଲେ । ସେ ଜୀବନ ପାଇଁ କବିତା କଳାର ଆଶ୍ରୟ ନେଇଛନ୍ତି । ଜୀବନରେ ସବୁ ମଣିଷ ଶୁଚିନୀଷ୍ଠତା ଓ ନ୍ୟାୟବାଦିତାକୁ ଆଦରି ନେଲେ ସମାଜ ସୁଦ୍ଧ ସୁବର୍ଣ୍ଣ ଭାବରେ ଦ୍ୟୋତିତ ହେବ । ଶୋଷଣ, କଷଣ, ପାପାଚାର, ପରଦାରା, ଚୋରି, ହିଂସା, ଅସହିଷ୍ଣୁତା, ପରଶ୍ରୀକାତରତା ଆଦି ଅବିଗୁଣ ଆପେ ଆପେ ଅପସରି ଯିବ । ଧର୍ମ-ଜାତି-ରାଜା-ସାମନ୍ତ ନାନା ବର୍ଗର ବିଭ୍ରାନ୍ତିରେ ତଳଶ୍ରେଣୀର ମଣିଷ ନିର୍ଯାତିତ ହୋଇଥାଏ । ପାପୀମଣିଷମାନେ ମିଥ୍ୟାଚାରକୁ ଅବଲମ୍ବନ କରିଥାନ୍ତି । ତେଣୁ କବି ଲୋକମାନଙ୍କୁ ସତ୍ୟ ପଥର ଆଶ୍ରୟ ନେବା ପାଇଁ ଉପଦେଶ ଦେଇ ଗାଇଛନ୍ତି – ସତ୍ୟରେ କହିବ ସତ୍ୟେ ରହିଥିବ ସତ୍ୟରେ ଯିବ ଆସିବ / ସତ୍ୟ କର୍ମରେ ଯେତେ ବୀରତିମାନ ଯୁଗେ ଯୁଗେ ରହିଥିବ । ମହିମା ଧର୍ମ ଉଭୟ ସନ୍ନ୍ୟାସ ଓ ଗାର୍ହ୍ୟସ୍ଥ ପନ୍ଥାର ଅନୁପୂରକ । ତେଣୁ କବି ସନ୍ନ୍ୟାସୀମାନଙ୍କ ପାଇଁ ଯେପରି ନୀତିନିର୍ଦ୍ଧାରଣ କରିଛନ୍ତି, ସେହିପରି ସଂସାରୀମାନଙ୍କ ପାଇଁ ସଂସ୍କାରଧର୍ମୀ ନିର୍ଦ୍ଦେଶ ଶୁଣାଇଛନ୍ତି ।

**କର୍ମବାଦ ଓ ଜାତିହୀନତା –** ଭାରତୀୟ ସମାଜରେ ବହୁ ପୁରାତନ କାଳରୁ ପ୍ରଚଳିତ ଜାତିପ୍ରଥା ଏକ ବିରାଟ ସାମାଜିକ ବ୍ୟାଧି । ହୁଏତ ଅତୀତରେ ବୃ ିକୁ ଆଧାରକରି ଜାତି ବା ବର୍ଣ୍ଣର ପରିକଳ୍ପନା କରାଯାଇଥିଲା, ମାତ୍ର ପରବ ୀ ସମୟରେ ଏହା ସଂକୀର୍ଣ୍ଣତାକୁ ଆଧାର କରି ମାନବୀୟ ସୌକର୍ଯ୍ୟକୁ ଧୂଳିସାତ୍ କରିଦେଇଛି । ଏହି ବ୍ୟାଧିରୁ ମୁକ୍ତି ପାଇବା ପାଇଁ ମହିମା ଧର୍ମ ଦର୍ଶନରେ ଜାତିବାଦକୁ କଠୋର ଭାବରେ ଅସ୍ୱୀକାର କରାଯାଇଛି । ବିଶେଷ କରିଠେ ବ୍ରାହ୍ମଣ ଓ ଅନ୍ୟ ଉଚ୍ଚ ବର୍ଗର ପ୍ରାଧାନ୍ୟକୁ ବିରୋଧ କରାଯାଇଛି । ସେହି ଦର୍ଶନ ଭୀମଙ୍କ କାବ୍ୟ – ସମ୍ଭାରରେ ପ୍ରମୂ ି ହୋଇ ଉଠିଛି । ଜୀବିକା ନିର୍ବାହ ପାଇଁ ଯିଏ ଯେଉଁ କାମ କରୁନା କାହିଁକି, ତାକୁ କୌଣସି ସ୍ୱତନ୍ତ୍ର ଜାତି ବା ଶ୍ରେଣୀ କହି ଅନ୍ୟଠାରୁ ଉଚ୍ଚ ବା ନୀଚ ବୋଲି କହିବା ମହାପାପ । ପୁନଶ୍ଚ ଧର୍ମ ନାଁରେ କର୍ମ ପ୍ରତି ଉଦାସୀନତା ମଧ୍ୟ ସେ ନାପସନ୍ଦ କରିଛନ୍ତି ।

ଧୀବର ହୋଇଣ ମୀନ ମାରୁ ପଛେ ମହିମାକୁ ଥାଉଧ୍ୟାୟି

ତାହାର ବୃ ି ତାକୁ ଦିଆ ହୋଇଛି କେମନ୍ତେ ଛାଡ଼ିବ ସେହି ।

ମୋଚି ହୋଇ କର୍ମ କାଟୁଥାଉ ପଛେ ନାମରେ ଆଶ୍ରିତ ହେଉ

ତାହାର ବୃ ି ସେ କେମନ୍ତେ ଛାଡ଼ିବ ରୋଜଗାର କରୁଥାଉ। ଇତ୍ୟାଦି.... (ସ୍ତୁତି ଚିନ୍ତାମଣି – ୯୧ ବୋଲି)

**ନାରୀ ପ୍ରତି ସ୍ୱତନ୍ତ୍ର ସମ୍ମାନବୋଧ –** ଭୀମଭୋଇଙ୍କ କାବ୍ୟ ଦଶର୍ନର ଅନ୍ୟତମ ବିରବ ହେଉଛି ନାରୀ ଜାତି ପ୍ରତି ଏହାର ସ୍ୱତନ୍ତ୍ର ସମ୍ମାନବୋଧ। ଯୁଗେ ଯୁଗେ ନାରୀ ସମାଜରେ ନିନ୍ଦିତା – ନିର୍ଯ୍ୟାତିତା ହୋଇଆସିଛି। ଅପର ପକ୍ଷରେ ନାରୀ ମଧ୍ୟ ନାରାୟଣୀ ରୂପେ ପୂଜିତା ଓ ବନ୍ଦିତା ହେବାର ଗୌରବ ଲାଭ କରିଛି। ଭୀମ ଭୋଇ ଦେଖୁଥିଲେ ସମାଜରେ ନାରୀଜାତି ପ୍ରତି ଲୋକମାନଙ୍କର ସମ୍ମାନ କ୍ଷୟ ହୋଇଚାଲିଛି। ପୁରୁଷର କାମନାସିକ୍ତ ଜୁଇରେ ନାରୀର ସତୀତ୍ୱ ନିଃଶେଷ ହୋଇଯାଉଛି। ତେଣୁ ତାଙ୍କର ବିପ୍ଳବୀ କବି ପ୍ରାଣ ଏହାର ତୀବ୍ର ବିରୋଧ କରି ସମାଜକୁ ସଚେତନ କରିବାପାଇଁ ଆଗଭର ହୋଇଛି।

ପରସ୍ତ୍ରୀ ପରଦ୍ରବ୍ୟକୁ ଦେଖିଲେ ନ ବଳାଇବ ପ୍ରକୃତି

ଏକ ପାଦ ବ୍ରହ୍ମ ଗୁରୁସେବା କଲେ ତବେ ବୋଲାଇବ ଯତି। (ସ୍ତୁତି ଚିନ୍ତାମଣି–୮୩ବୋଲି)

ସେ ଗୃହୀମାନଙ୍କୁ ନାରୀ ପୁରୁଷ ଉଭୟ ସମାନ ବୋଲି ଇଙ୍ଗିତ ଦେଇଛନ୍ତି –

ଯେସନେକ କ୍ଷୁଧା ତୃଷା ଛନ୍ତି ଦୁଇଭୂ ି/ଏକ ପାଖୁଡ଼ା ଗୋଟିକେ ହୃଦେ ଫଳିଛନ୍ତି।

ସେହିପରିେ ପତିପତ୍ନୀ ଏକ ବ୍ରହ୍ମେଜାତ / ଭିନ୍ନାଭିନ୍ନ ଯେ କରିବ କୁଳେ ଯିବ ହତ।

### ୧୦.୧.୫ ତାଙ୍କ କବିତାର ଆଙ୍ଗିକ ବିଚାର

ଭୀମ ଭୋଇଙ୍କ କବିତାର ସୌଷ୍ଠବ ଆଲୋଚନା କଲାବେଳେ ଏହାର ସରଳତା ହିଁ ବାରିହୋଇପଡ଼େ। ଭକ୍ତିକ ଆକାଂକ୍ଷା ଓ ଧର୍ମୀୟ ଗୂଢ଼ତାକୁ ଅତି ନିରାଡ଼ମ୍ବର ଭାବରେ ପ୍ରକାଶ କରିବାରେ ତାଙ୍କ କବିତ୍ୱର ମହାତ୍ମ୍ୟ ପ୍ରକଟିତ ହୋଇଛି। ଉପମା, ରୂପକ ଅନୁପ୍ରାସ ଆଦି ଅଳଙ୍କାର ଓ ପ୍ରତୀକ ପ୍ରୟୋଗରେ ଆଗ୍ରହ ତାଙ୍କ ପଙ୍କ୍ତିମାନଙ୍କରେ ସଚରାଚର ଉପଲବ୍ଧ। ପଲ୍ଲୀମୁଖର ସାଧାରଣ ଶବ୍ଦରେ ପଦ ସଂରଚନା ସହିତ ଅଧିକାଂଶ କବିତା ଗ୍ରନ୍ଥରେ ନବାକ୍ଷରୀ ଛନ୍ଦ ବା ଭାବଗତ ବୃ ର ବ୍ୟବହାର ତାଙ୍କ କବିତ୍ୱର ଅନ୍ୟତମ ବିଶେଷତ୍ୱ। କେତୋଟି ଦୃଷ୍ଟାନ୍ତ ଦ୍ରଷ୍ଟବ୍ୟ – ଉପମା ଅଳଙ୍କାର –

ପିତାମାତା ଦୁହିଁଙ୍କର ଯୁଗଳ ବେଳେ / ମୁଦ୍ରିତ ହୋଇଲା ବ୍ରହ୍ମ ପଦ୍ମର ଫୁଲେ।

ମୀନ ପରାୟେ ବୁଲୁଥିଲି ଗର୍ଭ ଭିତରେ / ଉର୍ଦ୍ଧ୍ୱମୁଖେ ମୁଁ ଧ୍ୟାନ କରୁଥିଲି ନିରୋଳେ।

ଯେତେବେଳେ ଗର୍ଭ ଗର୍ଭୁ ପଡ଼ିଲି ମୁହିଁ / ତିରଣ ପରାୟେ ଦିଶୁଥିଲା ମହୀ। –ଭଜନମାଳା–

ରୂପକ ଅଳଙ୍କାର –

ସ୍ତିରୀ ତଇଳକୁ ନିଷେଧ କରିବ ହସ୍ତରେ ଛୁଇଁବ ନାହିଁ

କର୍ମ ଯୋଗରେ ଅକର୍ମ ସେ ବୋଲାଇ ବ୍ରହ୍ମମତ ତୁଟିଯାଇ। (ସ୍ତୁତି ଚିନ୍ତାମଣି–୮୪ ବୋଲି)

ଅନୁପ୍ରାସ ଅଳଙ୍କାର ଓ ପଦଲାଳିତ୍ୟ –

ମଦ ମାଂସ ଖିଆ ମ   ଗରବିଆ ହୀନ ପାପୀ ନୀଚଜନ

ଗୁମାନୀ ଗାଲୁଆ ମୂରୁଖେ ଚାଣ୍ଡାଳ କହୁଛନ୍ତି କେତେ ଟାଣ।

x x x x

ନରକଖିଆ ଅଳପ ଆୟୁଷିୟା କୁଳବୁଡ଼ା ଯେତେଲୋକ

ଜନମ ହଳିଆ ବ୍ରହ୍ମରାକ୍ଷସିଆ ନିନ୍ଦୁଛନ୍ତି କେତେ ଦେଖ। (ସ୍ତୁତିଚିନ୍ତାମଣି-୬୩ ବୋଲି)

ଭୀମଭୋଇ ବୋଲି, ଚାନ୍ଦ, ଚଉପଦୀ, ଚଉତିଶା ଆଦି ପ୍ରାଚୀନ ଗୀତିକବିତାର ବହୁ ପରିଚିତ କାବ୍ୟ ଆଙ୍ଗିକକୁ ପୁନର୍ବାର ପରୀକ୍ଷାକରି ସଫଳ ହୋଇଛନ୍ତି। ପ୍ରାଚୀନତା ଓ ଆଧୁନିକତାର ସଂଯୋଗ କାଳରେ ଭୀମଭୋଇଙ୍କ ଏ କାବ୍ୟ ଆଙ୍ଗିକରେ ପ୍ରମୂ ି ବିପ୍ଳବାତ୍ମକ ବାରୀ ହିଁ ତାଙ୍କୁ ଅଧିକ ଆଦରଣୀୟ କରିଛି। ଚଉତିଶା ମଧୁଚନ୍ଦ୍ର ଓଡ଼ିଆ ଚଉତିଶା ସାହିତ୍ୟର ଅନ୍ୟତମ ମହାର୍ଘ ନିଦର୍ଶନ।

ଭୀମଭୋଇ କାବ୍ୟ କଳନା ସମ୍ପର୍କରେ ସମୀକ୍ଷକ ସର୍ବେଶ୍ୱର ଦାଶଙ୍କ ଦ୍ୱାରା ପ୍ରଦ  ମତାମତ ଏଠାରେ ଉଲ୍ଲେଖ ଯୋଗ୍ୟ। "ଭଞ୍ଜଙ୍କ କଳାକୌଶଳ, ବିଦଗ୍ଧର ଅର୍ଥ ଗୌରବ, ରାଧାନାଥାଙ୍କ ପ୍ରକାଶ ସଂଯମ ଏବଂ ଶିଳ୍ପ ପାଟବ ଓ କବିସୂର୍ଯ୍ୟଙ୍କ ବୀଣା ନିକଣ୍ୱ ସମକ୍ଷରେ ଭୀଭ ଭୋଇଙ୍କ କବିତା ସମୂହ ଠିଆ ହୋଇପାରିବ ନାହିଁ ସତ୍ୟ କିନ୍ତୁ ଜଗନ୍ନାଥଙ୍କ ପ୍ରା ଳତା ଓ ସ୍ୱଷ୍ଟତା, ଦୀନକୃଷ୍ଣଙ୍କ ଆବେଗ ଓ ଉଚ୍ଛ୍ୱାସ ଏବଂ ଶାରଳାଙ୍କ ସହଜ ମନୋହାରିତ୍ୱ ଓ ଉଦ୍ଦାମ ପ୍ରାଣବଲ୍ଲୀର ସୁମଧୁର ସମନ୍ୱୟ ତାଙ୍କର କବିତା ରାଜିକୁ ଅବଦ୍ୟ ସୁଷମାମଣ୍ଡିତ କରିଛି। ଉତ୍କଳର ବାଣୀଭବନରେ ବନରେ ସତ୍ୟ ଓ ସାଧନାର ପୂତ ପୂଜା କୁସୁମ ରୂପେ ଏଗୁଡ଼ିକ ଚିରନ୍ତନ ହୋଇ ରହିବ।"

**୧୦.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକ**

**ପ୍ରଶ୍ନାବଳୀ -**

୧. କବିଭୀମ ଭୋଇଙ୍କ କବିତାରୁ ମାନବବାଦର ପରିଚୟ ଦିଅ।

୨. ମହିମା ଧର୍ମ ଓ କବି ଭୀମ ଭୋଇଙ୍କ ସମ୍ପର୍କରେ ଆକଳନ କର।

୩. ଭୀମ ଭୋଇଙ୍କୁ ସନ୍ଥକବି କହିବାର ତାତ୍ପର୍ଯ୍ୟ ବୁଝାଇ ଦିଅ।

୪. ଭୀମ ଭୋଇଙ୍କ ରଚନାବଳୀର ଏକ ସଂକ୍ଷିପ୍ତ ପରିଚୟ ଦିଅ।

୫. ଭୀମଭୋଇଙ୍କ କବିତାର ବୈଶିଷ୍ଟ୍ୟ ଦର୍ଶାଅ।

**ଅଧିକ ଅଧନ ପାଇଁ ସହାୟକ ପୁସ୍ତକାବଳୀ -**


୧. ଓଡ଼ିଆ ସନ୍ଥ (ଭକ୍ତ) ସାହିତ୍ୟ - ଚି  ରଂଜନ ଦାସ

୨. ଭଜନରେ ଭୀମ ଭୋଇ - ଡ. ତୀର୍ଥାନନ୍ଦ ମିଶ୍ର

୩. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି - ଓଡ଼ିଆ ସାହିତ୍ୟ ଏକାଡେମୀ

୪. ମୋ ଜୀବନ ପଛେ ନର୍କେ ପଡ଼ିଥାଉ - (ସଂ) ଡ. ଅନନ୍ତ କିଶୋର ଜେନା

୫. ଯୁଗ ପ୍ରବ କ ସ୍ରଷ୍ଟା ରାଧାନାଥ - ଡଃ ନଟବର ସାମନ୍ତରାୟ

୬. ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - ଡଃ କ୍ଷେତ୍ରବାସୀ ନାୟକ

୭. ନବ ଯୁଗର କବି ଓ କାବ୍ୟଧାରା - ଡଃ ଜାନକୀ ବଲ୍ଲଭ ମହାନ୍ତି

୮. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ - ଡଃ ବୈଷ୍ଣବ ଚରଣ ସାମଲ

୯. ମଧୁସୃଷ୍ଟି ଅମୂ ି ଦୃଷ୍ଟି - ଡଃ ଶରଦ ଚନ୍ଦ୍ର ପ୍ରଧାନ।

## ବ୍ଲକ୍ -୩ : ମଧ୍ୟଯୁଗୀୟ କାବ୍ୟର ଆତ୍ମିକ ବିଭବ

**ଏକାଦଶ** ଏକକ - ରସ ଚେତନା

**ଦ୍ୱାଦଶ** ଏକକ-ସୌନ୍ଦର୍ଯ୍ୟ ଚେତନା

**ତ୍ରୟୋଦଶ** ଏକକ- ବ୍ୟଞ୍ଜନଧର୍ମିତା

**ଚତୁର୍ଦ୍ଦଶ** ଏକକ - ଭାବାଦର୍ଶ

**ପଂଚଦଶ ଏକକ– ଧ୍ୱନିବାଦ ଓ ରୀତିସାହିତ୍ୟ**

## **ଏକାଦଶ** ଏକକ - ରସ ଚେତନା

୧୧.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

* ବ୍ୟାସକବି ଫକୀର ମୋହନଙ୍କ ଜନ୍ମ ଓ ଜୀବନୀ ଜାଣିହେବ।

* ଫକୀର ମୋହନଙ୍କ କାବ୍ୟ ବୈଚିତ୍ର୍ୟ ଓ କାବ୍ୟାଦର୍ଶ ସମ୍ପର୍କରେ ସୂଚନା ପ୍ରାପ୍ତ ହେବ।

* ତାଙ୍କ ଗଦ୍ୟ ସାହିତ୍ୟ ବିଶେଷକରି ଗଳ୍ପ ଓ ଉପନ୍ୟାସ ସୃଷ୍ଟି ପରିଧିର ପରିଚୟ ମିଳିବ।

* ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଓ ଜୀବନୀର ପରିଚୟ ଜାଣିହେବ।

* କବି ଗଙ୍ଗାଧରଙ୍କ କାବ୍ୟର ଆତ୍ମିକ ଓ ଆଙ୍ଗିକ ଆଦର୍ଶ ସମ୍ପର୍କରେ ଏକ ସ୍ଥୁଳ ଧାରଣା ସୃଷ୍ଟି ହେବ

* ତାଙ୍କ ଗଦ୍ୟ ସୃଷ୍ଟିର ପରିଧି ଉନ୍ମୋଚିତ ହେବ।

* ପଲ୍ଲୀକବି ନନ୍ଦକିଶୋରଙ୍କ ଜନ୍ମ ଓ ଜୀବନର ସୂଚନା ମିଳିବ।

* ନନ୍ଦିକିଶୋରଙ୍କ କାବ୍ୟ ବିଭା ସମ୍ପର୍କରେ ଆଭାସ ପ୍ରାପ୍ତ ହେବା ସହିତ ଏହାର ବ୍ୟାପକ ଚୌହଦି ସମ୍ପର୍କରେ ଅବଗତି ଆସିବ।

* ସେହିପରି ତାଙ୍କ ଗଦ୍ୟ ରଚନାର ବୈଚିତ୍ର୍ୟ ମଧ୍ୟ ଉଦ୍‌ଘାଟିତ ହେବ।

୮ ପଠିତ ୟୁନିଟ୍‌ର ଆଦର୍ଶ ପ୍ରଶ୍ନାବଳୀ ଏବଂ ଅଧିକ ଅଧ୍ୟୟନ ପାଇଁ ସହାୟକ ଗ୍ରନ୍ଥାବଳୀ ବିଷୟରେ ଅବଧାରଣା କରିହେବ।

### **୧୧.୧ ବ୍ୟାସକବି ଫକୀର ମୋହନ ସେନାପତି**

ପ୍ରାଗଭାଷ – ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରତିଷ୍ଠାତା ଭାବେ ବିପୁଳ ଯଶ ଓ ସମ୍ମାନର ଅଧିକାରୀ। ଜାତୀୟ ସଂକଟରୁ ସମ୍ଭୂତ ଏହି ପ୍ରଥିତଯଶା ଶିଳ୍ପୀଙ୍କ ଜୀବନ ଥିଲା ରାଧାନାଥ ଓ ମଧୁସୂଦନଙ୍କ ଅପେକ୍ଷା ଅଧିକ ଘଟାବହୁଳ। ଅନେକ ରୁକ୍ଷ ଓ ନିଷ୍ଠୁର ଅନୁଭୂତିର ସମ୍ମୁଖୀନ ହୋଇଥିବାରୁ ସେ କଳ୍ପନାବିଳାସୀ ବା ସୌନ୍ଦର୍ଯ୍ୟ ବିହାରୀ ନହୋଇ ବାସ୍ତବରେ ବାତାୟନ ଦେଇ ଜୀବନ ଓ ଜଗତକୁ ଦର୍ଶନ କରିଛନ୍ତି। ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ଓ ଉପନ୍ୟାସର ପ୍ରପ୍ରାଣ ପ୍ରତିଷ୍ଠାତା ଫକୀର ମୋହନଙ୍କ ବହୁମୁଖୀ ପ୍ରତିଭାଦ୍ୱାରା ଓଡ଼ିଆ ସାହିତ୍ୟ ଅନେକ ଦିଗରୁ ପରିପୁଷ୍ଟ। ଗଳ୍ପ, ଉପନ୍ୟାସ ବ୍ୟତୀତ କାବ୍ୟ, କବିତା, ଅନୁବାଦ, ପାଠ୍ୟପୁସ୍ତକ, ଆତ୍ମଜୀବନୀ, ପ୍ରବନ୍ଧ ଆଦି ରଚନା କରି ସେ ନବଯୁଗ ଓଡ଼ିଆ ସାହିତ୍ୟରେ ପ୍ରତ୍ୟୟ ଭରିଦେଇଛନ୍ତି। ପ୍ରଥମକରି ସମାଜମୁଖୀ ବିଷୟ ନିର୍ବାଚନ ସହ ଲୋକ ଭାଷାରେ ସାହିତ୍ୟ ସୃଷ୍ଟି କରିବାର ଅପୂର୍ବ ଗୌରବ ତାଙ୍କର ପ୍ରାପ୍ୟ। କ୍ରାନ୍ତିକାରୀ ଗଦ୍ୟସ୍ରଷ୍ଟା ଭାବେ ସେ ସୁ-ପ୍ରତିଷ୍ଠିତ ହେଲେ ହେଁ ତାଙ୍କ କାବ୍ୟିକ ସାଫଲ୍ୟ କୌଣସି ଦିଗରୁ ନ୍ୟୁନ ନୁହେଁ।

### **୧୧.୧.୨ ଫକୀର ମୋହନଙ୍କ ପରିଚୟ :**

ବାଲେଶ୍ୱର ମଲ୍ଲିକାଶପୁରଠାରେ ୧୮୪୩ ମସିହା ଜାନୁଆରୀ ମାସ ମକର ସଂକ୍ରାନ୍ତି ତିଥିରେ ଏହି ସଂକ୍ରାନ୍ତି ପୁରୁଷଙ୍କ ଜନ୍ମ। ଶୈଶବରେ ପିତାମାତାଙ୍କୁ ହରାଇବା ଫଳରେ ପିତାମହୀ କୁଚିଲା ଦେଈ ତାଙ୍କର ଲାଳନ ପାଳନ ଭାରି ବହନ କରିଥିଲେ। ପିତା ଲକ୍ଷ୍ମଣ ଚଣର ସେନାପତି ପୁତ୍ରର ନାମ ରଖିଥିଲେ ବ୍ରଜମୋହନ। ମାତ୍ର ଶୈଶବରେ ଦୁରାରୋଗ୍ୟ ବ୍ୟାଧି କବଳିତ ହୋଇ ଜୀବନ ଆଶା ପରିତ୍ୟାଗ କରିବାରୁ ବୁଢ଼ୀମା' ତାଙ୍କୁ ଫକୀରଙ୍କୁ ସମର୍ପଣ କରି ନାମ ରଖିଲେ ଫକୀର ମୋହନ। ପରବର୍ତ୍ତୀ କାଳରେ ସେ ଏହି ନାମରେ ହିଁ ପ୍ରସିଦ୍ଧ ହେଲେ। ଦାରିଦ୍ର୍ୟ, ପିତୃ ମାତୃ ଶୂନ୍ୟତା କୁଟୁମ୍ବର ଅବହେଳା

ଯୋଗୁ ସେ ପ୍ରାଇମେରୀ ପାଠରେ ହିଁ ଆନୁଷ୍ଠାନିକ ଶିକ୍ଷାର ସମାପ୍ତ କଲେ। ପରବର୍ତ୍ତୀ କାଳରେ ସେ ନିଜ ସାଧନା ବଳରେ ବଙ୍ଗଳା, ସଂସ୍କୃତ, ଇଂରାଜୀ ଭାଷା ଶିକ୍ଷା ସହ ସେହିସବୁ ଭାଷାର ପୁସ୍ତକମାନ ଅଧ୍ୟୟନ କଲେ।

ପାରିବାରିକ ଦୂରବସ୍ଥା ଯୋଗୁ ପିଲାଦିନେ ସେ ନିମକ-ମାହାଲ, ଅଝାଲ ସିଲାଇ ଓ କଚେରିରେ କିଛି କାଳ କାର୍ଯ୍ୟ କଲାପରେ ବାଲେଶ୍ୱର ମିସ୍‌ନାରୀ ସ୍କୁଲରେ ଶିକ୍ଷକତା କଲେ। ଏହି ସମୟରେ ଓଡ଼ିଆ ଜାତିର ଦୁଇ ଦୁଃଖଦ ଘଟଣା ନ'ଙ୍କ ଦୁର୍ଭିକ୍ଷ ଓ ବଙ୍ଗାଳୀମାନଙ୍କ ଦ୍ୱାରା ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତର ସମ୍ମୁଖୀନ ହୋଇ ସେ ବ୍ୟଥିତ ଓ ମର୍ମାହତ ହେଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଅ ।ଭିଡ଼ି ବାହାରିଲେ। ଏହି କାର୍ଯ୍ୟରେ ତାଙ୍କୁ ବାଲେଶ୍ୱର ତତ୍କାଳୀନ କଲେକ୍ଟର ଜନ ବିମ୍‌ସ୍ ବହୁମାତ୍ରାରେ ସହଯୋଗ କରିଥିଲେ। ୧୮୬୮ ମସିହାରେ ପ୍ରଥମ ପତ୍ନୀ ଲୀଳାବତୀଙ୍କ ମୃତ୍ୟୁ ହେବାରୁ ସେ କୃଷ୍ଣକୁମାରୀଙ୍କୁ ପୁନର୍ବିବାହ କଲେ। ଏହି କୃଷ୍ଣକୁମାରୀ ତାଙ୍କ ସାହିତ୍ୟିକ ଜୀବନକୁ ନାନା ଭାବରେ ବିକଶିତ କରିଥିଲେ।

ଶିକ୍ଷକତା ଛାଡ଼ି ସେ ହେଲେ ଷ୍ଟେଟ ଏଡ଼ମିନିଷ୍ଟ୍ରେଟର। ନୀଳଗିରି, ଡମପଡ଼ା, ଢ଼େଙ୍କାନାଳ, କେନ୍ଦୁଝର, ଦଶପଲ୍ଲା, ପାଲଲହଡ଼ା କେନ୍ଦ୍ରାପଡ଼ା ଆଦି ସ୍ଥାନରେ ସେ ମ୍ୟାନେଜର, ଦେଓ୍ୱାନ, ଆସିଷ୍ଟାଣ୍ଟ ମ୍ୟାନେଜର ରୂପେ କାର୍ଯ୍ୟକରି ବହୁ ଅଭିଜ୍ଞତା ଗ୍ରହଣ କଲେ। ୧୮୯୯ ମସିହାରେ ସେ ଅବସର ଗ୍ରହଣ କରି ସମ୍ପୂର୍ଣ୍ଣ ସାହିତ୍ୟ ସେବାରେ ନିଜକୁ ସମର୍ପଣ କଲେ। ପୂର୍ବରୁ ତାଙ୍କ ପ୍ରତିଭାର ଯେଉଁ ଉନ୍ମେଷ ଘଟିଥିଲା, ତାହା ଅବସର କାଳରେ ପୂର୍ଣ୍ଣ ବିକଶିତ ହୋଇଥିବାର ଲକ୍ଷ୍ୟ କରାଯାଏ। ବାମଣ୍ଡା ରାଜ ଦରବାରରୁ 'ସରସ୍ୱତୀ' ଉପାଧିପ୍ରାପ୍ତ ଏହି ମହାନ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା ୧୯୧୮ ମସିହାରେ।

**୧୧.୧.୩ ଫକୀର ମୋହନଙ୍କ ରଚନା ସମ୍ଭାର**

ଫକୀର ମୋହନଙ୍କ ସାହିତ୍ୟ କର୍ମର ପରିଧି ଖୁବ ବ୍ୟାପକ। ତାଂକ ରଚନା ସମ୍ଭାରକୁ ମୁଖ୍ୟତଃ (କ) ପାଠ୍ୟପୁସ୍ତକ (ଖ) ଅନୁବାଦ (ଗ) ଗଦ୍ୟକୃତି ଓ (ଘ) କାବ୍ୟକବିତା ଭିତ୍ତିରେ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ସମସାମୟିକ ଅନ୍ୟ ଲେଖକମାନଙ୍କ ପରି ସେ ଭାଷା ସୁରକ୍ଷା ଅଭିଯାନ କାଳରେ ପାଠ୍ୟପୁସ୍ତକ ଅଭାବ ଦୂର କରିବାପାଇଁ ଯତ୍ନବାନ ହୋଇଛନ୍ତି। ଭାରତ ଇତିହାସ ୧ମ ଓ ୨ୟ ଭାଗ, ରାଜପୁତ୍ର ଇତିହାସ, ଜୀବନ ଚରିତ, ଅଙ୍କମାଳା ଇତ୍ୟାଦି ଏହି ଯତ୍ନର ପ୍ରତିରୂପ। ପୁତ୍ର ବିୟୋଗ ଜନିତ ଦୁଃଖ ବିମୋଚନ ପାଇଁ ପତ୍ନୀ କୃଷ୍ଣକୁମାରୀଙ୍କ ଉଦ୍ଦେଶ୍ୟରେ ଅନୁବାଦ କ୍ରିୟାରେ ହାତ ଦେଇ ସେ ରାମାୟଣ, ମହାଭାରତ, ଶ୍ରୀମଦ୍‌ଭଗବତ ଗୀତା, ଖିଳ ହରିବଂଶ ସମେତ କେତେକ ଉପନିଷଦକୁ ସ୍ୱଭାଷାର ସମ୍ପଦ କରିଛନ୍ତି। ପରବର୍ତ୍ତୀ କାଳରେ ସେ ସାହିତ୍ୟିକ ପ୍ରତିଷ୍ଠାର ଯେଉଁ ଉତ୍ତୁଙ୍ଗ ଶିଖର ଆରୋହଣ କଲେ, ତାହା ମୂଳରେ ଥିଲା ତାଙ୍କ ଅନୁବାଦ – ଆଗ୍ରହର ଶାଶ୍ୱତ ପ୍ରତିଲିପି।

ଗଦ୍ୟ ସ୍ରଷ୍ଟା ଫକୀର ମୋହନଙ୍କ 'ରେବତୀ' (୧୮୯୮) ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। ସମୁଦାୟ କୋଡ଼ିଏଟି ଗଳ୍ପ ରଚନା କରି ସେ ନିଜକୁ ଜଣେ ସାର୍ବକାଳିକ ଗାଳ୍ପିକ ଭାବେ ପ୍ରତିଷ୍ଠିତ କରିଛନ୍ତି। ରେବତୀ ବ୍ୟତୀତ ପେଟେଣ୍ଟ ମେଡିସିନ୍, ଧୂଳିଆ ବାବା, ଡାକମୁନ୍‌ସୀ, ଅଧର୍ମ ବିତ୍ତ, ରାଣ୍ଡୀପୁଅ ଅନନ୍ତା ଆଦି ବହୁପଠିତ ଓ ବହୁଚର୍ଚ୍ଚିତ ଗଳ୍ପ। ଛ'ମାଣ ଆଠଗୁଣ୍ଠ (୧୮୯୭), ଲଛମା (୧୯୦୧), ମାମୁଁ (୧୯୧୩), ପ୍ରାୟଶ୍ଚିତ (୧୯୧୫) ପ୍ରଭୃତି ଚାରୋଟି ଉପନ୍ୟାସର ସେ ସଫଳ ସ୍ରଷ୍ଟା। ଫକୀର ମୋହନଙ୍କ କଥାସାହିତ୍ୟରୁ ତାଙ୍କର ଅଭିନବ ପ୍ରଚେଷ୍ଟା ବାରି ହୋଇଥାଏ। ତାଙ୍କ ଆତ୍ମଜୀବନ ଚରିତ ଲେଖକଙ୍କ ମୃତ୍ୟୁପରେ ପୁତ୍ର ମୋହିନୀ ମୋହନଙ୍କ ଦ୍ୱାରା ୧୯୨୭ରେ ପ୍ରକାଶ ପାଇଥିଲା। ଏତଦ୍‌ବ୍ୟତୀତ 'ନନାଙ୍କ ପାଞ୍ଜି' (୧୯୦୩) ସମେତ ଅନ୍ୟ କେତେକ ପ୍ରବନ୍ଧ ତାଙ୍କ ଗଦ୍ୟସାହିତ୍ୟର ବିଶାଳତାକୁ ପ୍ରଦର୍ଶିତ କରେ।

କହିବା ନିଷ୍ପ୍ରୟୋଜନ, କଥାକାର ଭାବରେ ଖ୍ୟାତି ଅର୍ଜନ କରିବା ପୂର୍ବରୁ କବି ମୌଳିକ କାବ୍ୟକବିତା ରଚନାରେ ନିଜକୁ ନିୟୋଜିତ କରି ଓଡ଼ିଆ କାବ୍ୟଧାରାରେ ନିଜକୁ ସାମିଲ କରିସାରିଥିଲେ। ଉତ୍କଳ ଭ୍ରମଣ (୧୮୯୧), ପୁଷ୍ପମାଳା (୧୮୯୪), ଉପହାର (୧୮୯୫), ଅବସର ବାସରେ (୧୯୦୮), ପୂଜାଫୁଲ (୧୯୧୨), ଧୂଳି (୧୯୧୨) ଆଦି କବିତାଗ୍ରନ୍ଥରେ ଯେଉଁ ସ୍ୱତନ୍ତ୍ରତା ସୃଷ୍ଟି କରାଉଛନ୍ତି, ତାହା ଆଲୋଚନା ସାପେକ୍ଷ।

## ୧୧.୧.୪ ତାଙ୍କ କାବ୍ୟ କବିତାର ପରିଚୟ

ଉତ୍କଳ ଭ୍ରମଣଂ - କେନ୍ଦୁଝରର ଐତିହାସିକ ଭୂୟାଁମେଳି (୧୮୯୧), ଦମନ ପରେ ସେ ସମ୍ପର୍କୀୟ କେତେକ କାର୍ଯ୍ୟ ସାରି ଦେଓ୍ୱାନ ଫକୀର ମୋହନ ହାତୀ ପିଠିରେ ଭଦ୍ରକରୁ ଆନନ୍ଦପୁର ଫେରିବା ବାଟରେ 'ଉତ୍କଳ ଭ୍ରମଣଂ' ଦୀର୍ଘ କବିତାଟି ରଚନା କରିଛନ୍ତି। ଏହି ବ୍ୟଙ୍ଗାତ୍ମକ ରଚନାରେ ବାଗ୍‌ଦେବୀ ସାରଳାଙ୍କଠାରୁ ଆରମ୍ଭ କରି ସେ କାଳର ବହୁ ଶାସକ, ଓକିଲ, ସମାଜପତି, ରାଜା ଓ ଶିକ୍ଷିତ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କୁ କବି ବିଦ୍ରୂପ କରିଛନ୍ତି। ଏଥିସହିତ ସମସାମୟିକ କବି ଓ ଲେଖକମାନଙ୍କ ପ୍ରତି କବି ଅନ୍ତରର ଶ୍ରଦ୍ଧା ଏଥିରେ ଉଚ୍ଚାରିତ। ରାଧାନାଥଙ୍କ 'ଦରବାର' ପୂର୍ବରୁ ଲିଖିତ ଏହି ସାଟାୟରଧର୍ମୀ କବିତାରେ ବହୁ ପଂକ୍ତି ହାସ୍ୟରସ ଉଦ୍ରେକ କରିବାରେ ସମର୍ଥ। ପଦେ ଦୃଷ୍ଟାନ୍ତ -

"ଦର୍ଶନ ସକାଶେ ଗଲି ବିମଳା ମନ୍ଦିରେ

ତହିଁ ମଧ୍ୟ ପଡ଼ିଗଲି ସେବକ ଫନ୍ଦିରେ

ଦେଖିଲି ବସିଛି ଘୃତ ଦୀପ ଧାଡ଼ି ଧାଡ଼ି

ଘିଅରେ ହେଲାଣି ପୂର୍ଣ୍ଣ ସେବକଙ୍କ ଘଡ଼ି

ମୋ ଅ ।ରେ ଥିଲା ଯେତେ ପଇସା କଉଡ଼ି

ମହାମାୟା ମାୟାବଳେ ଗଲା ସବୁ ଉଡ଼ି।"

ପୁଷ୍ପମାଳା - ୫୫ଟି ଗୀତି କବିତାରେ ଏହା ଏକ ମଧୁର ସଂକଳନ। 'କୁଟୀର ରାଣୀ କୃଷ୍ଣକୁମାରୀ ସୁନ୍ଦରୀ'ଙ୍କ ମୃତ୍ୟୁପରେ ପୁଷ୍ପମାଳା ପ୍ରକାଶିତ ଓ ତାଙ୍କରି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। କାହିଁଛନ୍ତି ବନ୍ଧୁ ମୋର କିଏ ଦେବ କହି, ପୁଣି କି ଦେଖିବି ସେହି ସହାସ୍ୟ ବଦନ, ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ, ସାହାଡ଼ା ଗଛର କ୍ରନ୍ଦନ, ମୋ କ୍ଷୁଦ୍ର ତାରା ଇତ୍ୟାଦି କବିତାମାନଙ୍କରେ ପତ୍ନୀ-ବିୟୋଗ ଜନିତ କାରୁଣ୍ୟ ବଡ଼ ମାର୍ମିକ ଭାବେ ପ୍ରକାଶିତ।

"ଜୀବନ-ପ୍ରଭାତେ ମୋର ବିଭାଷ ରାଗିଣୀ

ଦାରୁଣ ନିଦାଘେ ପୁଣ୍ୟ ତୋୟା ତରଙ୍ଗିଣୀ

ଦରିଦ୍ର ପରଶମଣି କେ ନେଲା ଛଡ଼ାଇ

ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ।"

କବିଙ୍କର ଏ ଶୋକ ଉଚ୍ଛ୍ୱାସ ବ୍ୟକ୍ତିଗତ ହେଲେ ବି ତା' ସାର୍ବଜନୀନ ହୋଇପାରିଛି। ଅନ୍ୟାନ୍ୟ କବିତାରେ ଜାତୀୟତା, ବିଭୁବୋଧ, ମାନବ ବନ୍ଦନା ଆଦି ପ୍ରକଟିତ।

ଅବସର ବାସରେ - କବି ଆତ୍ମଜୀବନୀରେ ଲେଖିଛନ୍ତି - "ତାଙ୍କର (କୃଷ୍ଣକୁମାରୀ) ମୃତ୍ୟୁପରେ ମୋ ମନର ଆକୁଳତା ନିବାରଣ ନିମନ୍ତେ ମୁଁ କବିତା ଲେଖେ। ମୋର ଅଧିକାଂଶ କବିତା, ଦାରୁଣ ପୀଡ଼ା, ବିପଦ ଓ ମନର ଅସ୍ଥିରତା ସମୟରେ ଲେଖା।" ତାଙ୍କ ହୃଦୟର ଏହି କାରୁଣ୍ୟ ଅନ୍ୟାନ୍ୟ କାବ୍ୟଗ୍ରନ୍ଥ ପରି ଅବସର ବାସରେ ଗ୍ରନ୍ଥରେ ମଧ୍ୟ ପ୍ରତିଫଳିତ। ମାତୃସ୍ତବ ଠାରୁ ଆରମ୍ଭ କରି ଆଦେଶ ପର୍ଯ୍ୟନ୍ତ ୧୯୬ଟି କବିତା ସାତୋଟି ଅଧ୍ୟାୟରେ ସଂକଳିତ। ଭଗବାନ, ବ୍ୟକ୍ତି ବିଶେଷ, ପ୍ରାକୃତିକ ବସ୍ତୁ, ମାନବ ଜୀବନ, ଜରା ଓ ମୃତ୍ୟୁ ଓ ବିବିଧ ପର୍ଯ୍ୟାୟରେ ସ୍ଥାନିତ ହୋଇଥିବା କବିତାଗୁଡ଼ିକରେ କାବ୍ୟମାନସର ବିଚିତ୍ରାନୁଭୂତି ସଂଯୋଜିତ ହୋଇଛି। ହରିସର୍ବସ୍ୱ, କାହିଁ ଯିବି, ପ୍ରେମ, କପୋତ ସଙ୍ଗୀତ, ଉପେନ୍ଦ୍ର ଭଞ୍ଜଙ୍କ ସ୍ୱପ୍ନ ଦର୍ଶନ, ମୋ ଗ୍ରାମ ମଲ୍ଲିକାଶପୁର, ପାତୁଆ, ମୁଁ ହାଟ ବାହୁଡ଼ା, ବାରବିଳାସିନୀ, ଅନନ୍ତ ବିଶ୍ରାମ, ମହାନିମନ୍ତ୍ରଣ, ଜନନୀ ଉତ୍କଳ ଭାଷା, କବିର କଳିହୁଡ଼ି ସ୍ତ୍ରୀ ଆଦି ବହୁ ପ୍ରସିଦ୍ଧ ସୁଖପାଠ୍ୟ କବିତାର ସମାହାର ଏହି ସଂକଳନଟିକୁ କରିଛି ମହିମାନ୍ୱିତ।

ପୂଜାଫୁଲ - ୨୬ଟି କବିତାକୁ ନେଇ ରଚିତ ଏ କାବ୍ୟଗ୍ରନ୍ଥରେ କବିମନର ବିଭୁବୋଧ, ଦାର୍ଶନିକତା ଓ ଜାତୀୟତା ଆଦି ଭାବ ଦ୍ୟୋତିତ। ପୂଜାଫୁଲ, ଚିତ୍ରକର, କପୋତ ଦମ୍ପତି, ଶାନ୍ତିକାନନ ଆଦି କବିତା ଏହାର ସାକ୍ଷ୍ୟଦେବ। 'ବିଧବାର ଅଭିଶାପ' କବିତାରେ ଯେଉଁ ସମ୍ବେଦନଶୀଳତା ପ୍ରକାଶ ପାଇଛି, ତାହା ଫକୀର ମୋହନଙ୍କ ମାନବବାଦୀ ଦୃଷ୍ଟିର ପରିଚୟ ମାତ୍ର।

ଧୂଳି - ୩୧ଟି କବିତାର ମିଳନରେ 'ଧୂଳି' ପୁସ୍ତକ ରଚିତ। ଏହା ପ୍ରଥମ କବିତା 'ଧୂଳି'ରେ ଅହଂବାଦୀ ମଣିଷକୁ କବି ସଚେତନ କରାଇ ବିନୟ ଭୂଷଣ ପରିଧାନ କରିବାକୁ ପ୍ରବ  ାଇଛନ୍ତି। ଆତ୍ମୀୟସ୍ୱଜନଙ୍କ ସୌହାର୍ଦ୍ଦ୍ୟ ବିନା କବି ହୃଦୟରେ ସୃଷ୍ଟ ବେଦନାର ଚିତ୍ର 'ଦିଅ ଦେଖା' କବିତାର ମର୍ମବାଣୀ। ଦୁର୍ଜନ ସଜନ ପ୍ରୀତି, ଜୀବନର ଗତି ଭଳି ଅଣୁକବିତା ଏଥିରେ ସନ୍ନିବେଶିତ।

ବୌଦ୍ଧାବତାର କାବ୍ୟ - ବଙ୍ଗୀୟ କବି ନବୀନ ଚନ୍ଦ୍ର ସେନ୍‌ଙ୍କ ଅମିତାଭ କାବ୍ୟ ଅବଲମ୍ବନରେ 'ବୌଦ୍ଧାବତାର କାବ୍ୟ' ରଚିତ ହୋଇଥିଲେ ହେଁ କବିଙ୍କ ମୌଳିକ ସୃଷ୍ଟି ପ୍ରତିଭାରେ ଏହା ଉର୍ଜସ୍ୱଳ। ୧୮ଟି ସର୍ଗରେ ବିଭାଜିତ ଏ କାବ୍ୟ ବୁଦ୍ଧଦେବଙ୍କ ଜୀବନ ଯାତ୍ରାର ଏକ ବାଙ୍ମୟ ପ୍ରତିରୂପ। ଜୀବନ ହୀନ, ଶୁଷ୍କ, ନିର୍ବେଦ ଇତିହାସର ଏହ କେବଳ ଛନ୍ଦୋବଦ୍ଧ ଉଚ୍ଚାରଣ ନୁହେଁ ବର୍ଣ୍ଣନା ପାଟବ, ରୂପାନ୍ୱେଷଣ, ଆଧ୍ୟାତ୍ମିକ ତଥା ମାନବୀୟ ମୂଲ୍ୟବୋଧରେ ଏ କାବ୍ୟ ବହୁ ଉଚ୍ଚତାରେ ଉପବିଷ୍ଟ। ଏ କାବ୍ୟରେ ଉଷ୍ମ ଆବେଗର ପ୍ରାଣ ପ୍ରାଚୁର୍ଯ୍ୟଭରା ବର୍ଣ୍ଣନା ସର୍ବତ୍ର ବିଳସିତ। ଦୃଷ୍ଟାନ୍ତ ସ୍ୱରୂପ ଗୋଟିଏ ପଦ ଗ୍ରହଣ କରାଯାଇପାରେ। ଗୌତମଙ୍କ ବିବାହ ପାଇଁ ଅନୁଷ୍ଠିତ ଅଶୋକ ଉତ୍ସବରେ ସେ ଗୋପାଙ୍କୁ ହସ୍ତମୁଦ୍ରିକ ପ୍ରଦାନ କଲାବେଳେ, ଗୋପା ଯେଉଁ ଉ  ର ଦେଇଛନ୍ତି ଦେଖିବାର କଥା -

"ନାହିଁ ପ୍ରୟୋଜନ ରତ୍ନ ବିନିମୟ କିମ୍ବା ତୃଣ ଅକି  ନେ
ଅଧୀନା ଚରଣ ଦାସୀ ନୁହେଁ ରତନ ପ୍ରୟାସୀ
ଥାଉ ପ୍ରଭୁ ଅଙ୍ଗୁରୀୟ ତବ ପଦ୍ମକରେ
ତବ କୃପା ପାଏ ଯେହ୍ନେ ଜନ୍ମ ଜନ୍ମାନ୍ତରେ।" - ୪ର୍ଥ ସର୍ଗ

ଏହି ସବୁ କାବ୍ୟ କବିତା ବ୍ୟତୀତ ଉପହାର, ବ୍ରାହ୍ମଣାନାଂ ସନ୍ଧ୍ୟା ପଦ୍ଧତି, ସମବାୟ ଋଣ ସମିତି ପ୍ରସଙ୍ଗ, ଅନ୍ୟ କେତେକ କ୍ଷୁଦ୍ରକବିତା, ରାମାୟଣ, ମହାଭାରତ, ଶ୍ରୀମଦ୍‌ଭଗବତ ଗୀତା ଓ ଉପନିଷଦ୍ ପ୍ରଭୃତି ଅନୁବାଦରେ କବି ନିଜ ଶକ୍ତିର ପରୀକ୍ଷା କରିଛନ୍ତି।

### ୧୧.୧.୫ ଫକୀରମୋହନଙ୍କ କାବ୍ୟ କବିତାର ବିଶେଷତ୍ୱ

#### ବିଷାଦବୋଧ ଓ ଆଧ୍ୟାତ୍ମିକ ଅଭୀପ୍‌ସା

ପୂର୍ବରୁ କଥିତ ଯେ ଫକୀର ମୋହନ ନିଜ ପତ୍ନୀ କୃଷ୍ଣାକୁମାରୀଙ୍କ ବିୟୋଗ ପରେ ଗୀତିକବିତା ରଚନା ଆରମ୍ଭ କରିଛନ୍ତି। ପ୍ରାଣର ଆକୃତି ଓ ଆକୁଳତା ନିବାରଣ ନିମନ୍ତେ ଅଭିପ୍ରେତ କାବ୍ୟକକ୍ଷରେ ତାଙ୍କ ଦୁଃଖାନୁଭୂତିର ବ୍ୟାପକ ପରିଚର୍ଚ୍ଚା ପରିଲକ୍ଷିତ ହୁଏ। 'ପୁଷ୍ପମାଳା' ପୁସ୍ତକକୁ ପରଲୋକଗତା ପତ୍ନୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି କବି ଝୁରି ହୋଇଛନ୍ତି -

"ମୋ କୁଟୀର ରାଣୀ କୃଷ୍ଣ କୁମାରୀ ସୁନ୍ଦରୀ
ଜୀବନ ବଲ୍ଲଭା ପ୍ରାଣ ପ୍ରିୟା ସହଚରୀ,
ଛାଡ଼ି ଯାଇଅଛ ମୋର ନୟନ ପ୍ରତିମା
ମିଶାଇ ହୃଦୟରକ୍ତେ ସେ ଗୁଣଗାରିମା।"

ପତ୍ନୀ ପ୍ରୀତି ସ୍ମରଣ ସହିତ ଆବେଗମୟ ହୃଦୟାଭିବ୍ୟକ୍ତି ହସି ହସି ଗଲାମୋତେ କନ୍ଦାଇ କନ୍ଦାଇ, ପୁଣି କି ଦେଖିବି ସେହି ସହାସ୍ୟ ବଦନ, ପାଶୋରିବା, ଭୁଲିବାର, ଲାବଣ୍ୟମୟୀ, ଭବଭାବନା ଇତ୍ୟାଦି କବିତାମାନଙ୍କରେ ସ୍ପଷ୍ଟ ଅନୁଭବ କରିହୁଏ। ଏଥିସହିତ ପୁତ୍ର ବିୟୋଗ ଜନିତ କାରୁଣ୍ୟ ମଧ କେତେକ କବିତାର ନିହିତ। ଦାମ୍ପତ୍ୟ ପ୍ରେମର ମଧୁମୟ ବର୍ଣ୍ଣନା ଦେଇ କବି ଅତୀତକୁ ସାଉଁଟିବାବେଳେ ଯେଉଁ ଶୋକଚ୍ଛ୍ୱାସ ସୃଷ୍ଟି କରିଛନ୍ତି, ତାହା ଦରଦୀ କାବ୍ୟମୋଦୀକୁ ବେଦନାସିକ୍ତ କରିଥାଏ।

"ଚକୁଆ ଚକୋଇ ପରି ଥିଲୁଁ ଦୁଇଜଣ
ଏକକୁ ଆରେକ କରି ଆତ୍ମସମର୍ପଣ,
ସୁଖେ ଦୁଃଖେ ହୋଇ ସାହା
ସ୍ୱର୍ଗସୁଖ ମଣି ଆହା
କୋଡ଼ିଏ ବରଷ କାଳ ଗଲା କାଲି ପରି
ଦିନକ ବିଚ୍ଛେଦ ମଣେଁ ଯୁଗ ଯୁଗ ସରି।" (ପୁଣି କି ଦେଖିବି ସେହି ସହାସ୍ୟ ବଦନ)

ଦୈହିକ କଷଣ ଓ ମାନସିକ ଅବସାଦରେ ବିଦଗ୍ଧ କବିସ । ଈଶ୍ୱର ବିଶ୍ୱାସୀ ଓ ଆଧ୍ୟାତ୍ମବାଦୀ ହେବା ସ୍ୱାଭାବିକ। କିଏ ମୋ ?/ବର, ସାର୍ଥକତା, ଈଶ୍ୱର କାହାନ୍ତି, ଗୋଲାପ ସୁନ୍ଦରୀ, ପ୍ରାର୍ଥନା, ଦିଅ ଦରଶନ, ପାନ୍ଥ, କାଳ ଶ୍ମଶାନ, ମୁଁ ଆଦି ବହୁ କବିତା ଓ ବୌଦ୍ଧବତାର କାବ୍ୟ ତାଙ୍କ ଈଶ୍ୱରାନୁଭବର ଉଜ୍ଜ୍ୱଳ ଦୃଷ୍ଟାନ୍ତ। 'ଧୂଳି' ଓ 'ଅବସର ବାସରେ' ଗ୍ରନ୍ଥର ଅନେକ କବିତାରେ ଧର୍ମୀୟ ଅନୁଚିନ୍ତା ସହ ବିଶ୍ୱସ୍ରଷ୍ଟାଙ୍କ ପ୍ରତି ଅଜସ୍ର ଆସ୍ଥା ପ୍ରକାଶ ପାଇଛି।

ଦେଖି ନାହିଁ ଶୁଣି ନାହିଁ ତୁମ୍ଭେ ଅଛ କାହିଁ,
ନିୟତ ମୋ ଚି   ତୁମ୍ଭ ପାଶେ ଅଛି ଧାଇଁ
ଭାଳେଁ ଯେବେ ଏକାନ୍ତରେ ତୁମେ କି ପ୍ରକାର ?
ଅନନ୍ତ ଅନ୍ଧାରେ ଦେଖେ ଅନନ୍ତ ଆକାର। (ତୁମ୍ଭଙ୍କୁ ଅନାଇ)

ମଧୁସୂଦନଙ୍କ ପରି ଫକୀରମୋହନ ଅନନ୍ତ ଈଶ୍ୱରଙ୍କ ନିରାଜନା କରି ତାଙ୍କ ଗୀତିକବିତାର ଗଢ଼ଣକୁ ସାର୍ଥକ କରିଛନ୍ତି।

**ସଂସ୍କାର ପ୍ରବଣତା ଓ ବାସ୍ତବବାଦୀ ଦୃଷ୍ଟି**

ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତାମାନଙ୍କ ମଧ୍ୟରେ ଫକୀର ମୋହନ ଥିଲେ ଅଧିକ ସମାଜ ସଚେତନ। ତାଙ୍କ କଥା ସାହିତ୍ୟ ପରି କାବ୍ୟ ସାହିତ୍ୟରେ ଏହି ସମାଜ ଦୃଷ୍ଟିର ଦାୟବଦ୍ଧତାରୁ ସଂସ୍କାର ପ୍ରୟାସ ଓ ବାସ୍ତବତା ସ୍ୱତଃ ସଂଶ୍ଳିଷ୍ଟ ହୋଇଅଛି। କହିବାରେ ଦ୍ୱିଧା ନାହିଁ ଯେ ବ୍ୟଙ୍ଗ ଓ ବିଦ୍ରୁପ ମାଧ୍ୟମରେ ସମାଜ ସଜଡ଼ା କାମଟି ସହଜସାଧ୍ୟ ହୁଏ। ସେହିହେତୁ ଫକୀର ମୋହନ 'ଉତ୍କଳ ଭ୍ରମଣଂ' କାବ୍ୟରେ ବ୍ୟକ୍ତି ଚରିତ୍ର ଓ ସମାଜ ଚରିତ୍ର ସଂଶୋଧନ ପାଇଁ ଏଭଳି ଏକ ମାଧ୍ୟମ ବାଛିନେଇ ତତ୍କାଳରେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ମାତୃଭାଷା ବିମୁଖ ଶିକ୍ଷକ ସମାଜକୁ ଲକ୍ଷ୍ୟକରି ସେ କହିଛନ୍ତି –

"କେତେ ବାବୁମାନଙ୍କର ଦେଖିଛି ଦୁର୍ଦ୍ଦଶା
ଲାଜମାଡ଼େ କହିବାକୁ ନିଜ ମାତୃଭାଷା
ନାଚାର ହାଲତେ ହୁଏ ଯେବେ କହିବାକୁ

ବଡ଼ ହସମାଡ଼େ କିନ୍ତୁ ତାହା ଶୁଣିବାକୁ

ଓଡ଼ିଆ ଏଗାରାପଣି ବାକି ଇଂରାଜୀ

ଅଦ୍ଭୁତ ଖେଚୁଡ଼ି ଏକ ହୁଏ ମିଶି ସାଜି।"

ମୁଁ ହାଟବାହୁଡ଼ା, ଗର୍ଦ୍ଦଭର ସୂକ୍ଷ୍ମ ବୁଦ୍ଧି, ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ, ବାର ବିଳାସିନୀ ପ୍ରତି କବିତାରେ ସେ ସାମାଜିକ ବିଧି ବ୍ୟବସ୍ଥାର କଠୋର ଦିଗ ପ୍ରତି କଟାକ୍ଷ କରିଛନ୍ତି। ବିଭିନ୍ନ ଶ୍ରେଣୀର ଲୋକ ଯଥା ବ୍ୟବସାୟୀ, ଧର୍ମଯାଜକ, ପୁରୋହିତ, ଗୁରୁ, ଭକ୍ତ, ମଦ୍ୟଶାଳାର ମାଲିକ ଏପରିକି ସାହିତ୍ୟିକ ଯେଉଁସବୁ ଭଣ୍ଡ ବୃ ିରେ ଲିପ୍ତ ରହି ସମାଜକୁ ଠକୁଛନ୍ତି, ତାହାର ବ୍ୟାପକ ଚିତ୍ର  ପ୍ରଦାନରେ ମୁଁ ହାଟବାହୁଡ଼ା କବିତା ଏହି ପର୍ଯ୍ୟାୟର ଏକ ବିଶେଷ ରଚନା। ପ୍ରତିବନ୍ଧ ଶିଳ୍ପୀ ଭାବେ ଏପରି ଅନେକ କବିତାର ସମାଜ ମୁଖୀ ବାସ୍ତବାୟନ ଉତ୍କୀର୍ଣ୍ଣ।

**ମାନବତାବାଦ ଓ ଜାତୀୟତାବାଦ**

ପ୍ରଥମେ ଫକୀର ମୋହନ ଓଡ଼ିଆ ସାହିତ୍ୟରେ ବିଧିବଦ୍ଧ ଭାବେ ସମାଜର ସାଧାରଣ ଚିତ୍ରମାନଙ୍କୁ  ସାହିତ୍ୟର କୁକ୍ଷୀଗତ କଲେ। କୃଷକ, ପାତୁଆ, ବେଶ୍ୟା, ବିଧବା, ଦରିଦ୍ର ରମଣୀ, ନାବିକ, ଯୋଗୀ ଭିକାରୀ ପ୍ରଭୃତ ନିମ୍ନବର୍ଗର ଚରିତ୍ରମାନଙ୍କୁ ସାଉଁଟି ଆଣି ସେମାନଙ୍କ ପ୍ରତି ନିଜ କବିତାରେ ଯେଉଁ ସମ୍ବେଦନଶୀଳ ସହୃଦୟତା ପ୍ରଦର୍ଶନ କରିଛନ୍ତି, ତାହିଁରେ ତାଙ୍କ ମାନବପ୍ରୀତି ପ୍ରକଟିତ। ହିନ୍ଦୁ ବିଧବା, ଦରିଦ୍ର କୃଷକ, ଯୋଗୀ,େ ଭିକାରୀ, ବିପନ୍ନ ନାବିକ, ପାତୁଆପାତୁଇ, ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ, ଉତ୍କଳ କଷକ ଇତ୍ୟାଦି ପାଠକଲେ ଏହାର ସତ୍ୟତା ମିଳେ। ପତ୍ନୀ ବିୟୋଗ ପରେ ଷାଠିଏ ବର୍ଷ ବୟସ୍କ ବିଶୁ ରଥ ଆଉଥରେ ବିବାହ କରିବାକୁ ମନ ବଳାଏ ଏବଂ ଆଠବର୍ଷର କନ୍ୟା ଚନ୍ଦ୍ରଭାଗାକୁ କନ୍ୟା ସୁନା ଦେଇ ଗ୍ରହଣ କରେ। ମାତ୍ର ବର୍ଷକ ଭିତରେ ବୃଦ୍ଧ ବିଶୁ ରଥ ପ୍ରାଣତ୍ୟାଗ କରିବାରୁ ଚନ୍ଦ୍ରଭାଗା ବୈଧବ୍ୟକୁ ବରଣ କରି ଯେଉଁ ଦୁଃକ ସହିଛି ଏବଂ ଯେଉଁ ଅନୁଶାସନ ମାନିବାକୁ ବାଧ ହୋଇଛି, ତାହାର କରୁଣୋଦ୍ଦୀପକ ଚିତ୍ର 'ଚନ୍ଦ୍ରଭାଗାର ନିର୍ଜଳା ଏକାଦଶୀ' କବିତାରେ ବେଶ୍ ମାର୍ମିକ।

"ଆଜିଠାରୁ ସେ ବିଧବା କରିବ ହବିଷ୍ୟ,

ନ ଖାଇବ ଭଲ ଭଲ ଦ୍ରବ୍ୟ ବା ଆମିଷ।

ନ ପିନ୍ଧିବ ଭଲ ଲୁଗା ନ ଖାଇବ ପାନ,

ଏହିପରି ଅଛି ପରା ଶାସ୍ତ୍ରରେ ବିଧାନ।

ନିର୍ଜଳା ରହିବ ଏକାଦଶୀ ଦିବସରେ

ମୁନିମାନେ ଲେଖିଯାଇ ଅଛନ୍ତି ଶାସ୍ତ୍ରରେ।" (ଚନ୍ଦ୍ରଭାଗାର ନିର୍ଜଳା ଏକାଦଶୀ)

ଉନିବିଂଶ ଶତାବ୍ଦୀ ରେନେସାଁ କାଳର ପ୍ରତ୍ୟେକ ସ୍ରଷ୍ଟା ନ୍ୟୁନାଧିକେ ମାତୃଭୂମି ଓ ମାତୃଭାଷାର ବନ୍ଦନା କରିଛନ୍ତି। ଫକୀର ମୋହନଙ୍କ କବିତାରେ ମଧ ସ୍ୱଦେଶ ପ୍ରୀତିର ସ୍ପନ୍ଦନ ପରିଲକ୍ଷିତ ହୁଏ।

"ପଢ଼ିଲି ନାନା ଦେଶ ଭାଷା। କାହିଁ ତ ନ ପୂରିଲା ଆଶା।

ହେଉ ପଛକେ ସେ ନିକୃଷ୍ଟ। ମୋ ମାତୃଭାଷା ମୋତେ ଶ୍ରେଷ୍ଠ।

ଦେଖିଲି ବୁଲି ବହୁ ଦୂର। କା୍ କାମାକ୍ଷା କାନପୁର।

ପାଇଲି ନାହିଁ ଘୂରି ଘୂରି। ମୋ ମାତୃଭୂମିର ମାଧୁରୀ।" (ପଦ୍ୟମାଳା)

'ଜନ୍ମଭୂମି', 'ଉତ୍କଳ କୃଷକ', 'ଉତ୍କଳା ଯୁବକ', 'ଉତ୍କଳ ଭାଷା' ଆଦି କବିତାରେ ଏହି ଚେତନା ଆହୁରି ଘନିଷ୍ଠ। 'ଉତ୍କଳେ ଭ୍ରମଣ' ଦୀର୍ଘ କବିତାରେ ଓଡ଼ିଶାର ତତ୍କାଳୀନ ବରେଣ୍ୟ ପୁରୁଷମାନଙ୍କୁ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିବା ମଧ୍ୟ କବିଙ୍କର ଜାତୀୟ ଭାବର ଦ୍ୟୋତକ।

**ପ୍ରକୃତିବୋଧ ଓ ପଲ୍ଲୀପ୍ରାଣତା**

ରାଧାନାଥ, ଗଙ୍ଗାଧର ଓ ନନ୍ଦକିଶୋରଙ୍କ କାବ୍ୟ ସାହିତ୍ୟରେ ପ୍ରକୃତିର ବର୍ଣ୍ଣାଢ଼୍ୟ ବିଭବ ଯେଭଳି ଆତ୍ମିକ ଐଶ୍ୱର୍ଯ୍ୟରେ ରସାଣିତ, ଫକୀର ମୋହନଙ୍କ ସୃଷ୍ଟିରେ ସେପରି ଶୌର୍ଯ୍ୟ ଗ୍ରହଣ କରିଥିଲେ ହେଁ ତାହାର କେତେକ ସରଳ ପ୍ରତୀତିକୁ ଏଡ଼ାଇ ଦିଆଯାଇ ନପାରେ। ଗୋଲାପ ସୁନ୍ଦରୀ, ଗଙ୍ଗଶିଉଳି, ଗିରିନଳୀ, ରଜନୀଗନ୍ଧା, ଶାନ୍ତିକାନନ, ଚନ୍ଦ୍ରବର୍ଣ୍ଣନା, କପୋତ କପୋତୀ ଆଦି କବିତାରେ ପ୍ରକୃତିର ନିରାଜନା ନିହିତ। ଅପୂର୍ବ ଶ୍ରୀ ଓ ସୌରଭଯୁକ୍ତ ଗୋଲାପ ଫୁଲଟିକୁ ଯେତେବେଳେ କେହି ତୋଳିଆଣି ଠାକୁରଙ୍କୁ ସମର୍ପଣ କରେ, ସେତେବେଳେ ସୌନ୍ଦର୍ଯ୍ୟ ବିଭୋର କବି ତାକୁ ଆଦୌ ସହ୍ୟ କରିପାରନ୍ତି ନାହିଁ।

"ଫୁଟିଛି ଗୋଲାପ ସୁନ୍ଦରୀ ଶୋଭା ମେଲି ଉଦ୍ୟାନେ

ପ୍ରଫୁଲ୍ଲ କୁସୁମ ମଣ୍ଡଳେ ପାଟରାଣୀ ସମାନେ

ଛୁଅଁ ନାଁ ଛୁଅଁ ନା ତାହାକୁ ବଡ଼ କୋମଳ ଦେହୀ

ତା' ଅଙ୍ଗେ କଳଙ୍କ ଲାଗିବ ଯେବେ ଛୁଇଁବ କେହି।" (ଗୋଲାପ ସୁନ୍ଦରୀ)

ସେହିପରି ରଜନୀଗନ୍ଧାକୁ କବି କୁଳଭୁଆସୁଣୀ ସହିତ ତୁଳନା କରି ଏହାର ନୀବ ବାସ ବିତରଣ ଓ ଭଅଁର ସ୍ପର୍ଶ ରହିତ ସତୀତ୍ୱ ପ୍ରତି ସମ୍ମାନ ଜଣାଇବା ତାଙ୍କ ସ୍ୱତନ୍ତ୍ର ଦୃଷ୍ଟିର ସାର୍ଥକତା। ଏହି ପରିପ୍ରେକ୍ଷୀରେ ଫକୀର ମୋହନଙ୍କ ଗ୍ରାମ୍ୟ ବା ପଲ୍ଲୀଭି ିକ ପ୍ରକୃତି ଆଲୋଚନା କରାଯାଇପାରେ। ଭଗ୍ନ ଶିମ ମନ୍ଦିର, ମୋ ଗ୍ରାମ ମଲ୍ଲିକାଶପୁର, କୋଇଲି ନାନୀ, ବେଙ୍ଗ ଭାଇ, ଡାଆଣୀ ଆଲୁଅ ଆଦି କବିତା ରଚି ଗ୍ରାମ୍ୟ ପ୍ରକୃତି ଚିହ୍ନିବାରେ ସେ ପଲ୍ଲୀକବି ନନ୍ଦକିଶୋରଙ୍କ ମାର୍ଗଦର୍ଶକ ସାଜିଛନ୍ତି।

"କେତେ ନଦ କେତେ ନଦୀ ଗିରି ଅରଣ୍ୟାନୀ

ହାଟ ଗ୍ରାମ ଲୋକ ପରିପୂର୍ଣ୍ଣ ରାଜଧାନୀ

ସ୍ଥାନେ ସ୍ଥାନେ ଭ୍ରମି ଭ୍ରମି ଦେଖିଲି ଜୀବନେ

ସେ ଗ୍ରାମ ଚିତ୍ରଟି ମାତ୍ର ଭାସୁଛି ନୟନେ

X X X

ଧନହୀନ ଶୋଭାହୀନ ସୌନ୍ଦର୍ଯ୍ୟ ବିହୀନ

ତଥାପି ସେ ଗ୍ରାମ ମନେ ପଡ଼େ ପ୍ରତିଦିନ।" - (ମୋ ଗ୍ରାମ ମଲ୍ଲୀକାଶପୁର)

**ତାଙ୍କ କାବ୍ୟକବିତାର ଶିଳ୍ପ କଳା**

ଫକୀର ମୋହନଙ୍କ ରାଶି ରାଶି କ୍ଷୁଦ୍ରକବିତା, ଖଣ୍ଡକବିତା ବା ଦୀର୍ଘକବିତା ଓ ଖଣ୍ଡିଏ ମାତ୍ର ସର୍ଜନଶୀଳ କାବ୍ୟରୁ ତାଙ୍କର ଶିଳ୍ପ ନୈପୁଣ୍ୟ ବିଚାର କରାଯାଇପାରେ। ସେ ରାଧାନାଥ ଓ ମଧୁସୂଦନଙ୍କ ନବ ପ୍ରବ ିତ କାବ୍ୟରୀତି ସହିତ ପାରମ୍ପରିକ ଗୀତି ରଚନା ଧାରାକୁ ଆଦରି ନେଇଛନ୍ତି। ବିଶେଷକରି ମଧୁସୂଦନଙ୍କ ପରି ସେ ସନେଟ ଓ ଏଲିଜି ସହିତ ଗାଥା ବା କଥାକବିତାର ନୂତନ ଶୈଳୀରେ କେତେକ କବିତା ଅନୁବନ୍ଧିତ କରିଛନ୍ତି। ହରିସର୍ବସ୍ୱ, ମାନବ ଅବସ୍ଥା, ତୁମ୍ଭଙ୍କୁ ଅନାଇ, ଦୟାବତୀ, ଶେଷଦିନ ଆଦି କବିତାଗୁଡ଼ିକ ଗୋଟିଏ ଗୋଟିଏ ସନେଟ୍। ଏକଥା ସ୍ୱୀକାର୍ଯ୍ୟ ଯେ ଫକୀର ମୋହନଙ୍କ ସନେଟ୍

ବା ଚତୁର୍ଦ୍ଦଶପଦୀ ରଚନାରେ ମଧୁସୂଦନଙ୍କ ପରି ମିଶ୍ର ଶୈଳୀ ଅନୁସୃତ। ପତ୍ନୀ ତିରୋହିତ ସ୍ମୃତି ଉଦ୍ଦେଶ୍ୟରେ କବିଙ୍କର ଏକାଧିକ ସନେଟ୍ ଅଭିପ୍ରେତ।

ପୁଣି ସେହି ପତ୍ନୀ ଶୂନ୍ୟ ହୃଦୟର କେତୋଟି ଅଭିବ୍ୟକ୍ତି ଶୋକଶ୍ଳୋକ ବା ଏଲିଜିର ଶିଳ୍ପକଳା ଗ୍ରହଣ କରିଛି। ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ, ପୁଣି କି ଦେଖିବି ସେହି ସହାସ୍ୟ ବଦନ, ପାଶୋରିବା ପ୍ରଭୃତି ଏହାର ପ୍ରତିନିଧିତ୍ୱ କରନ୍ତି। ଇତିହାସ ଓ କିମ୍ବଦନ୍ତୀ ଆଧାରିତ ଜଗାଇମାଧାଇ, କଳାପାହାଡ଼, ତୁକାରାମ, ତାରାବାଇ, କ୍ଲିଓପାଟ୍ରା ଇତ୍ୟାଦି କଥା ବା ଗାଥାକବିତା ଏବଂ ରଜନୀଗନ୍ଧା, ନଭ, ପାନ୍ଥ, ସନ୍ନ୍ୟାସିନୀ, ହିନ୍ଦୁବିଧବା ଭଳି ସମ୍ବୋଧଗୀତି ବା ଓଡ଼ ବ୍ୟାସକବିଙ୍କ କାବ୍ୟଶିଳ୍ପର ଭିନ୍ନ ଭିନ୍ନ ଦିଗନ୍ତ। ମୁଁ ହାଟବାହୁଡ଼ା, ସତୀ ଲୁକ୍ରେସିଆ ପରି ଦୀର୍ଘ କବିତା ଅଥବା ଉତ୍କଳ ଭ୍ରମଣଂ ପରି ଖଣ୍ଡକବିତା ଅବା ବୌଦ୍ଧାବତାର ପରି କାବ୍ୟ ମଧ୍ୟ ତାଙ୍କ ଶିଳ୍ପସିଦ୍ଧିର ସୂଚନା ପ୍ରଦାନରେ ସମର୍ଥ। ପାରମ୍ପରିକ ରାଗ ଓ ବୃ ର ଅନୁସରଣ କରିବାରେ ବି ସେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି। ରାଗ ମଙ୍ଗଳ, ଚକ୍ରକେଳି, କଳସା ନଟବାଣୀ, ବଙ୍ଗଳାଶ୍ରୀ, କେଦାର ଆଦିର ବହୁଳ ବ୍ୟବହାର ସହିତ ସରଳ ଉପମା ଓ ରୂପକାଦି ଅଳଙ୍କାରରେ ଭୂଷିତ ଫକୀର ମୋହନଙ୍କ କାବ୍ୟ ସଂସାରରେ ରସାନ୍ୱେଷଣ ଆଦୌ କଷ୍ଟସାଧ୍ୟ ନୁହେଁ। ପାତୁଆ ପାତୁଇ, କକ୍ଷଭ୍ରଷ୍ଟ ତାରକା ଓ ସାହାଡ଼ାଗଛର କ୍ରନ୍ଦନ ଭଳି କବିତାରେ ସେ ପ୍ରତୀକ ପ୍ରୟୋଗ କରି ଆଧୁନିକ ଓଡ଼ିଆ କବିତାର କଳାପକ୍ଷକୁ ଗୋଟିଏ ପାଦ ଆଗେଇ ନେଇଛନ୍ତି।

"ନାହିଁ କିଛି ରୂପକାନ୍ତି ନାହିଁ ପୁଷ୍ପ ଫଳ
ଉଦ୍ୟାନ ମଧ୍ୟରେ ମୁହିଁ ବୃକ୍ଷଟି କେବଳ

X X X

ଲାଜକୁଳୀ ପଡ଼ିଥାଏ ମୋର ଗୋଡ଼ ତଳେ
ଗୋଲ ଗୋଲ ଦୁଇଗୋଟି ଫୁଲ ଧରି କୋଳେ
ସବୁବେଳେ ମୋତେ ଚାହିଁଥାଏ ଶିର ଟେକି
ପାଖକୁ ଅଇଲେ କେହି ପଡ଼ଇ ଝାଉଁଳି।" (ସାହାଡ଼ା ଗଛର କ୍ରନ୍ଦନ)

ଏଠାରେ କବି ନିଜେ ସାହାଡ଼ାଗଛ, ତାଙ୍କର ପତ୍ନୀ ଲାଜକୁଳୀ ଲତା ଓ ଦୁଇପୁତ୍ର ଦୁଇଟି ଫୁଲ - ଏଭଳି ଅଣପାରମ୍ପରିକ ପ୍ରତୀକ ପ୍ରୟୋଗ କବିଙ୍କର ବୈଶିଷ୍ଟ୍ୟ।

ଭାଷା ବ୍ୟବହାରରେ ସେ ସମ୍ପୂର୍ଣ୍ଣ ଭାବରେ ଲୋକମୁଖୀ। ଆବରଣହୀନ ପ୍ରତ୍ୟକ୍ଷ ପ୍ରକାଶଭଙ୍ଗୀ ଦ୍ୱାରା ଶିଳ୍ପ ବିଧିର ଚାରୁତା ଅନେକାଂଶରେ ଖଣ୍ଡିତ ହୋଇଥିଲେ ହେଁ ବିପୁଳ ପରିଧିଯୁକ୍ତ ତାଙ୍କ ସ୍ରଷ୍ଟାମାନସର ବା ର୍ବୈଚିତ୍ର୍ୟ ଓଡ଼ିଆ କବିତାର ପରମ ସଂପଦ ରୂପେ ଆଦୃତି ଲଭା କରିଛି।

### ୧୧.୨ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକାବଳୀ

### ଆଦର୍ଶ ପ୍ରଶ୍ନାବଳୀ

୧. ଫକୀର ମୋହନଙ୍କ କାବ୍ୟ କବିତାର ପରିଚୟ ଦିଅ।
୨. ଫକୀର ମୋହନଙ୍କ ସାହିତ୍ୟରେ ବାସ୍ତବବାଦର ସ୍ୱରୂପ ଦର୍ଶାଅ।
୩. ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରୁ ଓଡ଼ିଶାର ସାମାଜିକ ଓ ଐତିହାସିକ ଚିତ୍ରର ସୂଚନା ଦିଅ।
୪. ଆଦର୍ଶବାଦ ହିଁ ଗଙ୍ଗାଧର କାବ୍ୟମାନସର ପ୍ରଧାନ ଅବଲମ୍ବନ - ଏହା ପ୍ରମାଣ କର।
୫. ପ୍ରାଚୀନତା ଓ ନୂତନତାର ସମନ୍ୱୟରେ ଗଙ୍ଗାଧର କାବ୍ୟସୌଧ ଗଠିତ — ଏହାର ସତ୍ୟତା ନିରୂପଣ କର।
୬. ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତିର ପ୍ରଭାବ ଦର୍ଶାଅ।

୭. ଗୀତିକବି ଗଙ୍ଗାଧରଙ୍କ ମହ ୍ଵ ଦର୍ଶାଅ ।

୮. ନନ୍ଦ କିଶୋରଙ୍କ କାବ୍ୟ କବିତାରେ ପଲ୍ଲୀଚେତନା ଉପରେ ଆଲୋକପାତ କର ।

୯. ନନ୍ଦ କିଶୋରଙ୍କ ସାହିତ୍ୟରୁ ଦେଶପ୍ରୀତିର ପରିଚୟ ଦିଅ ।

୧୦. ନନ୍ଦକିଶୋରଙ୍କ ଗଦ୍ୟ ବିଭବ ଉପରେ ଏକ ଆକଳନା କର ।

**ଅଧିକ ଜାଣିବା ପାଇଁ ସହାୟକ ଗ୍ରନ୍ଥାବଳୀ –**


୧. ଫକୀର ମୋହନ ସମୀକ୍ଷା – ସୁରେନ୍ଦ୍ର ମହାନ୍ତି

୨. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ – ଡ. ବୈଷ୍ଣବ ଚରଣ ସାମଲ

୩. କାବ୍ୟ ଶିଳ୍ପୀ ଗଙ୍ଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

୪. ଯୁଗଲଘ୍ନୀ କବି ଗଙ୍ଗାଧର – ଡ. କେଶବ ଚନ୍ଦ୍ର ମେହେର

୫. ପଲ୍ଲୀକବି ସୃଷ୍ଟି ପରିଧି – ଓଡ଼ିଶା ସାହିତ୍ୟ ଏକାଡେମୀ

୬. ପଲ୍ଲୀକବି ନନ୍ଦକିଶୋର ବଳ – ଡ. ସୁରେନ୍ଦ୍ର କୁମାର ମହାରଣା ।

## **ଦ୍ୱାଦଶ** ଏକକ-ସୌନ୍ଦର୍ଯ୍ୟ ଚେତନା

୧୨.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

* ବ୍ୟାସକବି ଫକୀର ମୋହନଙ୍କ ଜନ୍ମ ଓ ଜୀବନୀ ଜାଣିହେବ।

* ଫକୀର ମୋହନଙ୍କ କାବ୍ୟ ବୈଚିତ୍ର୍ୟ ଓ କାବ୍ୟାଦର୍ଶ ସମ୍ପର୍କରେ ସୂଚନା ପ୍ରାପ୍ତ ହେବ।

* ତାଙ୍କ ଗଦ୍ୟ ସାହିତ୍ୟ ବିଶେଷକରି ଗଳ୍ପ ଓ ଉପନ୍ୟାସ ସୃଷ୍ଟି ପରିଧିର ପରିଚୟ ମିଳିବ।

* ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଓ ଜୀବନୀର ପରିଚୟ ଜାଣିହେବ।

* କବି ଗଙ୍ଗାଧରଙ୍କ କାବ୍ୟର ଆତ୍ମିକ ଓ ଆଙ୍ଗିକ ଆଦର୍ଶ ସମ୍ପର୍କରେ ଏକ ସ୍ଥୁଳ ଧାରଣା ସୃଷ୍ଟି ହେବ

* ତାଙ୍କ ଗଦ୍ୟ ସୃଷ୍ଟିର ପରିଧି ଉନ୍ମୋଚିତ ହେବ।

* ପଲ୍ଲୀକବି ନନ୍ଦକିଶୋରଙ୍କ ଜନ୍ମ ଓ ଜୀବନର ସୂଚନା ମିଳିବ।

* ନନ୍ଦିକିଶୋରଙ୍କ କାବ୍ୟ ବିଭା ସମ୍ପର୍କରେ ଆଭାସ ପ୍ରାପ୍ତ ହେବା ସହିତ ଏହାର ବ୍ୟାପକ ଚୌହଦି ସମ୍ପର୍କରେ ଅବଗତି ଆସିବ।

* ସେହିପରି ତାଙ୍କ ଗଦ୍ୟ ରଚନାର ବୈଚିତ୍ର୍ୟ ମଧ୍ୟ ଉଦ୍‌ଘାଟିତ ହେବ।

୮ ପଠିତ ୟୁନିଟ୍‌ର ଆଦର୍ଶ ପ୍ରଶ୍ନାବଳୀ ଏବଂ ଅଧିକ ଅଧ୍ୟୟନ ପାଇଁ ସହାୟକ ଗ୍ରନ୍ଥାବଳୀ ବିଷୟରେ ଅବଧାରଣା କରିହେବ।

### **୧୨.୧ ଫକୀର ମୋହନଙ୍କ ଉପନ୍ୟାସ**

କବି ଫକୀର ମୋହନଙ୍କ ଅପେକ୍ଷା ଗଦ୍ୟଶିଳ୍ପୀ ଫକୀର ମୋହନ ଅଧିକ ସିଦ୍ଧହସ୍ତ ଓ ପ୍ରସିଦ୍ଧ। ଆଧୁନିକ ସାହିତ୍ୟର ବହୁବର୍ଣ୍ଣା ଗଦ୍ୟ ବିଭବ ରେନେସାଁ ଯୁଗର ପରିଣାମ। ଫକୀର ମୋହନ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ରମ୍ୟରଚନା, ଆତ୍ମଚରିତ ଇତ୍ୟାଦି ରଚନା କରି ଏକ ବଳିଷ୍ଠ ଗଦ୍ୟସ୍ରୋତ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ। ତାଙ୍କ ପୂର୍ବରୁ ଜନ୍ ଷ୍ଟିବିନ୍‌ସ୍‌ଙ୍କ 'ଫୁଲମଣି ଓ କରୁଣାର ବିବରଣ' (୧୮୫୮-ଅନୂଦିତ), ରାମଶଙ୍କର ରାୟଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସ ସୌଦାମିନୀ (୧୮୭୮), ଉମେଶ ଚନ୍ଦ୍ର ସରକାରଙ୍କ ପ୍ରଥମ ମୌଳିକ ଉପନ୍ୟାସ 'ପଦ୍ମମାଳୀ' (୧୮୮୮) ରାମଶଙ୍କର ରାୟଙ୍କ ବିବାସିନୀ' (୧୮୯୧) ଉପନ୍ୟାସ ପ୍ରକାଶ ପାଇଥିଲା। ଉପନ୍ୟାସ ରଚନାର ଏହି କ୍ଷୀଣ ଆଦର୍ଶକୁ ଅବଲମ୍ବନ କରି ଫକୀରମୋହନ 'ଛ'ମାଣ ଆଠଗୁଣ୍ଠ' (୧୮୯୭/୯୯), 'ଲଛମା' (୧୯୦୩), 'ମାମୁଁ' (୧୯୧୩) ଓ 'ପ୍ରାୟଶ୍ଚିତ' (୧୯୧୫) ଉପନ୍ୟାସ ସୃଷ୍ଟିକରି ସଫଳ ଔପନ୍ୟାସିକର ପଥିକୃତ ନାୟକ ଭାବରେ ପରିଚିତ ହେଲେ। ଛ'ମାଣ ଆଠଗୁଣ୍ଠ ପ୍ରଥମେ 'ଉକ୍ରଳ ସାହିତ୍ୟ' ପତ୍ରିକାର ୧୮୯୭ ଅକ୍ଟୋବର ସଂଖ୍ୟାରେ ଆରମ୍ଭ ହୋଇ ୧୮୯୯ ମସିହାରେ ଶେଷ ହେଲା। ଲେଖକଙ୍କ 'ଧୂର୍ଜଟୀ' ଛଦ୍ମନାମରେ ଏହା ପ୍ରକାଶ ପାଇଥିଲା। ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଲଛମା' ପ୍ରଥମେ ୧୯୦୧ରେ ଅପୂର୍ବ ମିଳନ ଭାବରେ ଆତ୍ମପ୍ରକାଶ କଲା ଏବଂ ପରେ ୧୯୦୩ରେ ଏହା ଲଛମା ନାମ ବହନ କରି ପୁସ୍ତକ ଆକାରରେ ପ୍ରକାଶିତ ହେଲା। ତାଙ୍କର ଉପନ୍ୟାସ ଚତୁଷ୍ଟୟ ଓଡ଼ିଶାର ଦୀର୍ଘ ଦୁଇଶହ ବର୍ଷର ସାମାଜିକ ଇତିହାସ ଭାବରେ ସେ ସମୟର ଚିତ୍ର ଓ ଚରିତ୍ରଗୁଡ଼ିକୁ ଯଥାର୍ଥ ଭାବରେ ଉ ାଳନ କରିଛନ୍ତି। ଲଛମା (୧୭୪୦-୧୮୦୦), ଛ'ମାଣ ଆଠଗୁଣ୍ଠ (୧୮୦୧-୧୮୪୦) ମାମୁ (୧୮୪୧-୧୮୮୦) ଓ ପ୍ରାୟଶ୍ଚିତ (୧୮୦୧-୧୯୨୦) ଓଡ଼ିଶାର ଐତିହାସିକ, ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ବିବ ର୍ନର ମନ୍ମୟ ଆଲେଖ୍ୟ।

**ଛ'ମାଣ ଆଠଗୁଣ୍ଠ** – ଶୋଷକ–ଶୋଷିତର କାଳଜୟୀ କାହାଣୀଙ୍କୁ ନେଇ ଏହା ପରିକଳ୍ପିତ। ଉପନ୍ୟାସର ମୁଖ୍ୟ ଚରିତ୍ର ରାମଚନ୍ଦ୍ର ମଙ୍ଗରାଜ ପରମ୍ପରାହୀନ ଜମିଦାର ଶ୍ରେଣୀର ପ୍ରତୀକ। ନିଜର ଧନ ଲାଳସାକୁ ଚରିତାର୍ଥ କରିବା ପାଇଁ ସେ ରାଣ୍ଡି-ଖଣ୍ଡି ଓ ନିରୀହ ଲୋକମାନଙ୍କ ସମ୍ପ ି ଅପହରଣ କରିଛି। ସରଳ ତନ୍ତୀ ଦମ୍ପତି ଭଗିଆ ଓ ସାରିଆଙ୍କ ଛ'ମାଣ ଆଠଗୁଣ୍ଠ କଳିନ୍ଦ ଜମିଟି ମଧ୍ୟ ତା'ର ଲୋଲୁପ ଦୃଷ୍ଟିରେ ପଡ଼ିଛି। ଉଦ୍‌ବାସ୍ତୁ ଦାସୀ ଚମ୍ପା ସହାୟତାରେ ସେ ଏହି କ୍ରୁର ଆକାଂକ୍ଷାକୁ ଚରିତାର୍ଥ କରିଛି। ସାରିଆର ମନ ଭିତରେ ମଙ୍ଗଳାଙ୍କ ମନ୍ଦିର ନିର୍ମାଣ କଲେ ମାତୃତ୍ୱ ସମ୍ଭବ ହେବ ବୋଲି ବିଶ୍ୱାସ ଜନ୍ମାଇ ତାଙ୍କର ଜମି ଖଣ୍ଡକ କ  କବଲା କରାଇ ନେଇଛନ୍ତି। ଋଣ ପରିଶୋଧ କରି ନ ପାରିବାରୁ ମଙ୍ଗରାଜ ପୂରା ଜମିଟିର ମାଲିକ ସାଜିଛି। ଏଥିରେ ମର୍ମାହତ ହୋଇ ଭଗିଆ ପାଗଳ ହୋଇଛି ଏବଂ ସାରିଆ ଅନାହାରରେ ମୃତ୍ୟୁବରଣ କରିଛି। କେବଳ ଜମି ନୁହେଁ ସାରିଆର ଦୁଧିଆଳୀ ଗାଈ ନେତକୁ ମଧ୍ୟ ମଙ୍ଗରାଜ କରଗତ କରିଛି। ପରିଶେଷରେ ପାପର ଫଳ ଭୋଗ କରିବାକୁ ପଡ଼ିଛି ରାମଚନ୍ଦ୍ର ମଙ୍ଗରାଜଙ୍କୁ। ଧର୍ମପ୍ରାଣା ପତ୍ନୀଙ୍କ ମୃତ୍ୟୁ ପରେ ତାର ପତନ ଆରମ୍ଭ ହୁଏ। ସାରିଆର ମୃତ୍ୟୁ ଅଭିଯୋଗରେ ସେ ଜେଲ୍‌ରେ ସଜା ଭୋଗିଛି। ଏତିକିବେଳେ ଜେଲ୍‌ରେ ଥିବା ପାଗଳ ଭଗିଆ ରାମଚନ୍ଦ୍ରଙ୍କୁ କାମୁଡ଼ି ପକାଇଛି। ସମୟକ୍ରମେ ଅନୁତାପାନଳରେ ଦଗ୍ଧ ହୋଇ ସେ ଥା-ମା-ଆ-ଗୁ କହି ମୃତ୍ୟୁବରଣ କରିଛି। ଚମ୍ପା ମଧ୍ୟ ଘଟଣାକ୍ରମେ ମୃତ୍ୟୁର ଶିକାର ହୋଇଛି।

ଓଡ଼ିଶା ଗ୍ରାମ୍ୟ ଜୀବନର ଏହା ଏକ ବାସ୍ତବ ଆଲେଖ୍ୟ। ଧର୍ମ ନାମରେ ନାନା ଅନ୍ଧବିଶ୍ୱାସ, ନୂତନ ଜମିଦାରମାନଙ୍କ ଶୋଷଣ, ଦାସୀ ପୋଇଲିଙ୍କ ସହ ଅବୈଧ ପ୍ରଣୟ, ଓକିଲ-ପୋଲିସ ଚୌକିଦାରମାନଙ୍କର ଶଠତା, ଗରୀବ ଚାଷୀମାନଙ୍କର ଧର୍ମଭୀରୁତା ଓ ଦାରିଦ୍ର୍ୟ, ଗ୍ରାମ୍ୟ ସରୋବର ତୁଠର ଦୃଶ୍ୟ, କର୍ମଫଳ ଉପରେ ବିଶ୍ୱାସ, ଅଧର୍ମବି  ର କରୁଣ ପରିଣତି ଇତ୍ୟାଦି ଉପନ୍ୟାସଟିକୁ ପ୍ରାଣବନ୍ତ କରିବାରେ ସହାୟକ ହୋଇଛି। ଗଳ୍ପ ଗୁମ୍ଫନ, ଚରିତ୍ର ଚିତ୍ରଣ, ବର୍ଣ୍ଣନା ପାଟବ, ଭାଷାଶୈଳୀ – ପ୍ରତିଟି ଦିଗରୁ ବିଚାର କଲେ ଛ'ମାଣ ଆଠଗୁଣ୍ଠ ଏକ କ୍ଲାସିକ୍ ଉପନ୍ୟାସ ଭାବରେ ବହୁ ସମ୍ମାନ ଦାବି କରିଥାଏ। ଏକ ଶୋଷିତ ସମାଜର କରୁଣ ଚିତ୍ର ପ୍ରଦାନରେ ଫକୀରମୋହନଙ୍କ କୃତିତ୍ୱ ଅବଶ୍ୟ ପ୍ରଶଂସନୀୟ। ଏହି ଉପନ୍ୟାସରେ ହାସ୍ୟ, ବ୍ୟଙ୍ଗ ଓ କରୁଣ ରସର ତ୍ରିବେଣୀ ସଙ୍ଗମ ସାଧିତ ହୋଇଛି। ଏହାର ଅକପଟ ଭାଷାଶୈଳୀ ଓ ବାସ୍ତବଧର୍ମୀ ପରିବେଶ ବର୍ଣ୍ଣନା ମଧ୍ୟ ବେଶ୍ ଉପଭୋଗ୍ୟ। 'ହିତୋପଦେଶ' ଶୀର୍ଷକ ତ୍ରୟୋଦଶ ପରିଚ୍ଛେଦରେ ଚମ୍ପା ଓ ସାରିଆ ସମ୍ପର୍କରେ ତାଙ୍କର ଗୋଟିଏ ବର୍ଣ୍ଣନା ଲକ୍ଷ୍ୟ କରାଯାଇପାରେ।" ଯାଉଁଳ ଗଛ ଉହାଡ଼ରେ ଦିଓଟି ସ୍ତ୍ରୀ ବସି କ'ଣ କୁହାକୁହି ହେଉଛନ୍ତି। ମଲା ଯା ! X XX ଗୋଟିଏ ଧୂ ୍ । ନଷ୍ଟ ପ୍ରକୃତି ଶୃଗାଳୀ, ଆଉ ଗୋଟିଏ ଠିକ୍ ବିପରୀତ – ନିତାନ୍ତ ନିରୀହ ମେଣ୍ଢୀ। ଦୁହିଁଙ୍କ ମଧ୍ୟରୁ ଜଣେ ନାକବସଣି ଟେକି ସାପୁଣୀ ଫଣା ଟେକି ସାବଧାନତା ସହିତ ଅନାଇଲା ପରି ଚାରିଆଡ଼କୁ ଅନାଇ ଅନର୍ଗଳ ବକ୍ତୃତା ଉଜାଡ଼ି ପକାଉଛି। ଦ୍ୱିତୀୟାର ପାଖରେ ପାଣିମାଠିଆଏ ଥୁଆ, ଡାହାଣ ହାତରେ ଦାନ୍ତକାଠି ଖଣ୍ଡିଏ ମୁଠା, କପାଳଯାଏଁ ଓଢ଼ଣାଟଣା।"

**ଲଛମା** – ଫକୀର ମୋହନଙ୍କ ଦ୍ୱିତୀୟ ଉପନ୍ୟାସ 'ଲଛମା' ଐତିହାସିକ କଥାବସ୍ତୁକୁ ନେଇ ପରିକଳ୍ପିତ। ମରହଟ୍ଟା ବର୍ଗୀମାନଙ୍କର ଅତ୍ୟାଚାରୀ ଶାସନର ଏହା ଏକ ଅମୂ ଁ ଦଲିଲ୍। ସେମାନଙ୍କ ରାହାଜାନୀରୁ 'ଲଛମା'ର କଥାବସ୍ତୁ ଆରମ୍ଭ। ମୁଖ୍ୟ ନାୟିକା ଲଛମା ଜଣେ ପଶ୍ଚିମା ରମଣୀ। ସ୍ୱାମୀ ଓ ପିତାମାତାଙ୍କ ସହ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସିଥିବା ଏହି ରମଣୀ ବାଟରେ ବର୍ଗୀମାନଙ୍କର ଆକ୍ରମଣର ଶିକାର ହୋଇ ପରିବାରଠାରୁ ବିଚ୍ଛିନ୍ନ ହୋଇଛି ରାଇବଣିଆ ଦୁର୍ଗରେ ଆଶ୍ରୟ ନେଇଛି। ଏହି ଦୁର୍ଗର ଅଧିପତି ମାନଧାତା ଓ ରାଣୀ ମହାଦେବୀ ନିଃସନ୍ତାନ ଥିବାରୁ ସେମାନେ ଲଛମାକୁ କନ୍ୟାରୂପେ ଅତି ଆଦରରେ ଗ୍ରହଣ କରିଛନ୍ତି। ବର୍ଗୀମାନଙ୍କ ଦ୍ୱାରା ରାଇବଣିଆ ଦୁର୍ଗ ପତନ ହେଲାପରେ ମାନଧାତାଙ୍କୁ ହତ୍ୟା କରାଯାଇଛି ଏବଂ ସ୍ୱାମୀଙ୍କ ଚିତାଗ୍ନିରେ ରାଣୀ ଝାସ ଦେଇଛନ୍ତି। ଲଛମା ମରହଟ୍ଟାବର୍ଗୀମାନଙ୍କର ପ୍ରତିଶୋଧ ନେବା ପାଇଁ ପାନାରା ବେଶ ସାଜିଛି। ସଇତାନ ବର୍ଗୀମାନଙ୍କର ଦଳପତି ଭାସ୍କର ପଣ୍ଡିତକୁ ହତ୍ୟା କରିବା ପାଇଁ ସେ ବଦ୍ଧ ପରିକର। ଅପରପକ୍ଷରେ ଲଛମାର ସ୍ୱାମୀ ବାଦଲା ସିଂହ ମଧ୍ୟ ଘଟଣାକ୍ରମେ ଆଲିବର୍ଦ୍ଦି ଖାଁଙ୍କର ନିକଟତର ହେବାର ସୁଯୋଗ ଲାଭ କରିଛି ଏବଂ ଭାସ୍କର ପଣ୍ଡିତକୁ ହତ୍ୟା କରିବା ପାଇଁ ଯୋଜନା କରିଛି। ପରିଶେଷରେ ନବାବ ଆଲିବର୍ଦ୍ଦି ଖାଁଙ୍କ ମନ୍ତ୍ରଣାକକ୍ଷରେ ପାନରା ବେଶରେ ଥିବା ଲଛମା ଓ

ବାଦଲ ସିଂହ ଉଭୟ ଭାସ୍କର ପଣ୍ଡିତଙ୍କୁ ହତ୍ୟା କରିଛନ୍ତି । ଗୟା କ୍ଷେତ୍ରରେ ପିଣ୍ଡଦାନ ଅବସରରେ ଉଭୟଙ୍କର ଅପୂର୍ବ ମିଳନ ଘଟିଛି । ଏହାହିଁ ଉପନ୍ୟାସର ସଂକ୍ଷିପ୍ତ କଥାବସ୍ତୁ ।

ରାଇବଣିଆ ଦୁର୍ଗର ଅଧିପତି ବୈରୀଗଞ୍ଜନ ମାନଧାତା, ଲଛମା, ବାଦଲ ସିଂହ, ଜଗା ଫତେ ସିଂହ ମା ଇତ୍ୟାଦି ଐତିହାସିକ ଚରିତ୍ର ନୁହଁନ୍ତି । ମାତ୍ର ଔପନ୍ୟାସିକ ଫକୀର ମୋହନ ଏମାନଙ୍କୁ ଇତିହାସର ଘଟଣା ସହିତ ଏପରି ଯୋଡ଼ି ଦେଇଛନ୍ତି ଯେ ଏମାନେ ପୂରାପୁରି ଐତିହାସିକ ମନେ ହୁଅନ୍ତି । ବର୍ଗୀ ଅତ୍ୟାଚାରର ଅନ୍ଧାରି ଅତୀତକୁ ଜୀବନ୍ତ କରି ତୋଳିବାରେ ଲେଖକଙ୍କ କଳ୍ପନା ପଟୁତା ଶ୍ଳାଘ୍ୟ ବିବେଚିତ ହୁଏ । ଘଟଣାର ନାଟକୀୟତା, ପରିବେଶର ପ୍ରାଞ୍ଜଳତା, ଚରିତ୍ରମାନଙ୍କର ବାସ୍ତବାୟନ ଉପନ୍ୟାସକୁ ସୁଖପାଠ୍ୟ କରିବା ସହିତ ଓଡ଼ିଆ ସାମାଜିକ ଓ ଐତିହାସିକ ଜୀବନର ଏକ ଜୀବନ୍ତ ଇତିହାସ ରୂପେ ଉଦ୍‌ଭାସିତ ହୋଇପାରିଛି ।

**ମାମୁ** – 'ମାମୁ' ଉପନ୍ୟାସରେ 'ଛ'ମାଣ ଆଠଗୁଣ୍ଠ' ପରି ଶୋଷକ-ଶୋଷିତର ଚିତ୍ର ପ୍ରକଟିତ । ଏହାର ଶୋଷକ ନାଜର ନଟବର ନୂଆ କରି ମୁଣ୍ଡ ଟେକୁଥିବା ଅମଲାତନ୍ତ୍ରର ପ୍ରତୀକ । ମିଥ୍ୟା, ଛଳନା ଓ ପ୍ରତାରଣାକୁ ପାଥେୟ କରି ନଗରୀ ମଣିଷ ନଟବର କିଭଳି ନିଜ ଭଉଣୀ ଚାନ୍ଦମଣିର ସମ୍ପ ି ହାସଲ କରିବା ପାଇଁ ହୀନ ଉଦ୍ୟମ କରିଛି ଏବଂ ଶେଷରେ ତା'ର କୁପରିଣତି ଭୋଗ କରିଛି ତା'ର ନିଛକ ଚିତ୍ର ଏ ଉପନ୍ୟାସର କଥାବସ୍ତୁ । ଦାଶରଥୀ ଦାସଙ୍କର ଦୁଇପୁତ୍ର ବାନାମ୍ବର ଓ ନଟବର ଆଉ ଏକମାତ୍ର କନ୍ୟା ଚାନ୍ଦମଣି । ଚାନ୍ଦମଣି ବିବାହ କରନ୍ତି ଜମିଦାର ପୁତ୍ର ପ୍ରତାପ ଉଦିତ ମଲ୍ଲଙ୍କୁ । ସେମାନଙ୍କ ମଧୁମୟ ଦାମ୍ପତ୍ୟର ଅନ୍ତଘଟିଲା ଯେତେବେଳେ ପ୍ରତାପ ଉଦିତଙ୍କର ଅକାଳ ବିୟୋଗ ହେଲା । ଚାନ୍ଦମଣିଙ୍କ ନିଜ ଭାଇ ନାଜର ନଟବରର ଜମିଦାରି ପ୍ରତି ଲୋଲୁପ ଦୃଷ୍ଟି ହିଁ ତାଙ୍କ ପାଇଁ ସବୁ ଦୁର୍ଦ୍ଦଶା ଟାଣି ଆଣି ଆଣିଲା । ଛ'ମାଣ ଆଠଗୁଣ୍ଠର ଚମ୍ପା ପରି ଏଥିରେ ଚିତ୍ରକଳା ଓରଫ ଲଳିତା ଏକ ସଇତାନ ଚରିତ୍ର ଭାବରେ ନଟବରକୁ ସହଯୋଗ କରିଛି । ନିଜ ଭଣଜାର ସମସ୍ତ ସମ୍ପ ି ଭୋଗ କରିବାରା କୁଅଭିଳାଷ ଯୋଗୁ ସେ ଜମିଦାରିର ପ୍ରଜାମାନଙ୍କ ଆନ୍ଦୋଳନର ସମ୍ମୁଖୀନ ହୋଇଛି ଏବଂ ପରିଶେଷରେ କାରାକକ୍ଷରେ କାଳାତିପାତ କରି ତା'ର ଚୈ ିକ ପରିବ ର୍ନ ଘଟିଛି ।

ସହରୀକରଣର କୁପ୍ରଭାବ ସାଙ୍ଗକୁ ନବ୍ୟ ଶିକ୍ଷିତ ଅମଲା ସମାଜର ଔଦ୍ଧତ୍ୟ ବର୍ଣ୍ଣନାରେ ଏ ଉପନ୍ୟାସ ଏକ ସାର୍ଥକ ପ୍ରତିଲିପି । ମେନକା ଦେଈ, ସରସ୍ୱତୀ ଦେଈ, ଚାନ୍ଦମଣି, ଚିତ୍ରକଳା, ମଙ୍ଗଳା ଦେଈ, ନାକଫୋଡ଼ିଆ ମାଆ, ପ୍ରଭୁ ଦୟାଲ୍, ରାଘୋ ମହାନ୍ତି ପ୍ରମୁଖ ବହୁ ଚରିତ୍ର ସମାବେଶରେ ଲେଖକ ଊନବିଂଶ ଶତାବ୍ଦୀରେ ଗଢ଼ି ଉଠୁଥିବା ସହରୀ ସଭ୍ୟତା କିଭଳି ଗ୍ରାମ୍ୟ ଜୀବନର ନିରୀହତାକୁ ଶୋଷଣ କରୁଥିଲା, ତାହାର ମାର୍ମିକ ଚିତ୍ର ଦେବାରେ ଉଦ୍ୟମ କରିଛନ୍ତି । ଏହି ସାମାଜିକ ଉପନ୍ୟାସରେ ମଧ୍ୟ ଔପନ୍ୟାସିକ ଦାମ୍ପତ୍ୟ ପ୍ରେମର ଫଲ୍‌ଗୁ ସହିତ ଚିରନ୍ତନ ମାନବିକ ଆବେଦନର ସୌନ୍ଦର୍ଯ୍ୟ ଫୁଟାଇଛନ୍ତି । ପ୍ରତାପ ଉଦିତ ମଲ୍ଲ ଓ ଚାନ୍ଦମଣିଙ୍କ ଦିବ୍ୟ ଦାମ୍ପତ୍ୟ ପ୍ରେମ ଏହାର ସାକ୍ଷ୍ୟ ବହନ କରେ । ଏକ ବିସ୍ତୃତ କାନ୍‌ଭାସ୍ ଉପରେ ପାତ୍ରୋପଯୋଗୀ ଭାଷା ଓ ସ୍ୱକୀୟ ଶୈଳୀରେ ଫକୀର ମୋହନ ଉପନ୍ୟାସଟିକୁ ମହିମାନ୍ୱିତ କରିଛନ୍ତି ।

**ପ୍ରାୟଶ୍ଚିତ** - ଫକୀର ମୋହନ ଶେଷ ଉପନ୍ୟାସ 'ପ୍ରାୟଶ୍ଚିତ'ରେ ସମାଜ ସଂସ୍କାର ନାଆଁରେ ନବ୍ୟ ଶିକ୍ଷିତ ଯୁବ ସମାଜର ଯଥେଚ୍ଛାଚାରକୁ ପ୍ରଦର୍ଶନ କରିବା ସହିତ ଏହାର ଦୁଃଖଦ ପରିଣତି ବି ସୂଚାଇଛନ୍ତି । ନାୟକ ଗୋବିନ୍ଦଚନ୍ଦ୍ର ନିଜକୁ ନବ୍ୟ ଚେତନାର ବାହକ ଭାବରେ ପ୍ରତିପାଦିତ କରିବାକୁ ଯାଇ ସକଳ କୌଳିନ୍ୟ ଓ ପ୍ରତିଷ୍ଠିତ ପରମ୍ପରାକୁ ଉପେକ୍ଷା କରିଛି । ପିତାମାତାଙ୍କ ଅସମ୍ମତିରେ ପ୍ରତିବାଦୀ ଜମିଦାର ସଂକର୍ଷଣଙ୍କ ଝିଅ ଇନ୍ଦୁମତୀକୁ ବିବାହ କରିବା, ଘଟଣାକ୍ରମରେ ଶଶୁର ଘରକୁ ନିଶାଭିଯାନ ସମୟରେ ଗାଁ ଲୋକଙ୍କ ଦ୍ୱାରା ପ୍ରହାର ପାଇ ଆଘାତ ପ୍ରାପ୍ତ ହେବା ଓ ଡାକ୍ତରଖାନାରୁ ସମସ୍ତଙ୍କ ଅଲକ୍ଷ୍ୟରେ ସନ୍ନ୍ୟାସୀ ହୋଇ ଚାଲିଯିବା ଭଳି ଘଟଣା ଉପନ୍ୟାସରେ ନାଟକୀୟ ବ୍ୟାପ୍ତି ଘଟାଇଛି । ପତ୍ନୀ ଇନ୍ଦୁମତୀର ଆତ୍ମ ବିସର୍ଜନ, ପିତା ଓ ଶ୍ୱଶୁର ଉଭୟେ ସନ୍ନ୍ୟାସୀ ହୋଇ ବୃନ୍ଦାବନ ଯିବା ଏବଂ ସେଠାରେ ସନ୍ନ୍ୟାସୀ ସାଜିଥିବା ପୁତ୍ର ଗୋବିନ୍ଦକୁ ଭେଟିବା ଅତୀତ ରୋମା କର ମନେହୁଏ । ଶେଷରେ ପିତା ବୈଷ୍ଣବ ଚରଣ ଓ ଶ୍ୱଶୁର ଶଙ୍କର୍ଷଣଙ୍କ ଉପଦେଶକ୍ରମେ ଜମିଦାରିକୁ ପ୍ରତ୍ୟାବ ର୍ନ

କରି ଗୋବିନ୍ଦଚନ୍ଦ୍ର ଲୋକ କଲ୍ୟାଣରେ ବ୍ରତୀ ହେବା ଭଳି ଧର୍ମଭି ିକ ସମାଜବାଦର ବା ା ଦେଇ ଫକୀରମୋହନ ଏକ ନୂତନ ପରମ୍ପରା ସୃଷ୍ଟି କରିଛନ୍ତି।

ସାମାଜିକ ବାସ୍ତବବାଦରେ ଭାଷ୍ୟକାର ଭାବରେ ଫକୀର ମୋହନ ତାଙ୍କ ଉପନ୍ୟାସଗୁଡ଼ିକରେ ସାମାଜିକ ଜୀବନର ସଂଘାତ-ସଂଘର୍ଷ, ହାନିଲାଭ, ସୁଖ-ଦୁଃଖ, ପାପ-ପୁଣ୍ୟ, ପ୍ରତିହିଂସା-ପ୍ରାୟଶ୍ଚିତର ଯେଉଁ ନିରୋଳାଚିତ୍ର ଦେଇଯାଇଛନ୍ତି, ତାହା ତାଙ୍କୁ ଜଣେ ଉଚ୍ଚକୋଟୀର ବିନ୍ଧାଣୀ ଭାବରେ ଚିରକାଳ ପାଇଁ ଅମର କରି ରଖିବ।

**୧୨.୧.୧- ଫକୀର ମୋହନଙ୍କ ଗଳ୍ପ ସମ୍ଭାର** – ସେ କୋଡ଼ିଏଟି କ୍ଷୁଦ୍ରଗଳ୍ପର ସ୍ରଷ୍ଟା। 'ଲଛମନିଆ' (୧୮୬୮) ନାମକ କ୍ଷୁଦ୍ର ଗଳ୍ପ ସେ ପ୍ରଥମେ ଲେଖିଥିଲେ ମଧ ତାହା ଦୁଷ୍ପ୍ରାପ୍ୟ। ୧୮୯୮ରେ ଉତ୍କଳ ସାହିତ୍ୟରେ ପ୍ରକାଶିତ 'ରେବତୀ' ହିଁ ଫକୀର ମୋହନଙ୍କର ଓ ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ। ନାରୀ ଶିକ୍ଷା ପ୍ରତି ସେ ସମୟର ରକ୍ଷଣଶୀଳ ସମାଜର ମନୋଭାବ ଜେଜୀମା ଚରିତ୍ର ମାଧମରେ ଏହି ଗଳ୍ପରେ ପ୍ରକାଶିତ। ରେବତୀର ପାଠପଢ଼ା ଯୋଗୁ ପରିବାରରେ ସବୁ ବିପର୍ଯ୍ୟୟ ଘଟିଛି ବୋଲି ଜେଜୀମାର ବିଶ୍ୱାସ। ପରିଶେଷରେ ରେବତୀର ଜୀବନ ଦୀପ ନିର୍ବାପିତ ହେବା ମଧ ଏହାରି ଯୋଗୁ ବୋଲି ସେ ଧରିନେଇଛି। ଜେଜୀମାର 'ଲୋ ରେବତୀ, ଲୋ ରେବୀ, ଲୋ ନିଆଁ ଲୋ ଚୁଲି' ଡାକ ଭିତରେ ଅନନ୍ତ ବେଦନା ଓ ଗଭୀର ବାତ୍ସଲ୍ୟ ଯେଭଳି ଶ୍ରବିତ ହୋଇଛି, ସେହିପରି ଅନ୍ଧବିଶ୍ୱାସର କ୍ରୋଧ ମଧ ମର୍ମରିତ ହୋଇଛି।

ଐତିହାସିକ କଥାବସ୍ତୁକୁ ନେଇ 'ବାଲେଶ୍ୱର ରାଜାହାନୀ', 'ବାଲେଶ୍ୱର ପଙ୍ଗାଲୁଣ, 'କମଳା ପ୍ରସାଦ ଗୋରାପ', 'କାଳିକା ପ୍ରସାଦ ଗୋରାପ', ଗଳ୍ପ ସେ ଲେଖିଛନ୍ତି। 'ରେବତୀ', 'ପାଠୋଇ ବୋହୂ', ସୂନାବୋହୂ', 'ମାଧ ମହାନ୍ତିଙ୍କ କନ୍ୟା ସୁନା', 'ପେଟେ  ମେଡିସିନ୍', 'ପୁନର୍ମୂଷିକୋ ଭବ', 'ବୀରେଇ ବିଶାଳ' ଓ 'ଗାରୁଡ଼ି ମନ୍ତ୍ର' ଗଳ୍ପରେ ତତ୍କାଳୀନ ସମାଜରେ ପ୍ରଚଳିତ ବିଶ୍ୱାସ-ଅନ୍ଧବିଶ୍ୱାସ, ରୀତିନୀତି, ଆଚାର-ଅନାଚାରର ମାର୍ମିକ ଚିତ୍ର ଅତି କଳାତ୍ମକ ଶୈଳୀରେ ଉଦ୍‌କୀର୍ଣ୍ଣ ହୋଇଛି। ଅଜାନାତି କଥା, ମୌନାମୌନୀ, 'ବଗୁଲା ବଗୁଲୀ' ତିନୋଟି କାହାଣୀ ଧର୍ମୀ ଗଳ୍ପ। କଥାବସ୍ତୁ ତତ୍କାଳିକ ସମାଜରୁ ସଂଗୃହୀତ, ହେଲେ ହେଁ ପୁରାତନ କାହାଣୀ ଧର୍ମୀ ଶୈଳୀରେ ଏଗୁଡ଼ିକ ଲିଖିତ ଏବଂ ଅତ୍ୟଧିକ ଦୀର୍ଘ। ସମକାଳୀନ ସଭ୍ୟତା ଓ ସଂସ୍କୃତି ଉପରେ ତାଙ୍କର 'ଧୂଳିଆ ବାବା', 'ସଭ୍ୟ ଜମିଦାର', 'ଅଧର୍ମ ବି  ', 'ଡାକମୁନ୍‌ସି' ଓ 'ରାଣ୍ଡିପୁଅ ଅନନ୍ତା' ବିରଚିତ।

ଧର୍ମ ନାମରେ ଭାଣ୍ଡାମି, ମଦ୍ୟପାନ ଓ ବେଶ୍ୟାସକ୍ତି, ନବ୍ୟ ଶିକ୍ଷିତ ସମାଜରୁ ମିଥ୍ୟା ଅହଂକାର ଓ ଅଭିମାନ, କନ୍ୟାସୁନା ପ୍ରଥାର ବିଭୀଷିକା, ଅସାଧୁ ଉପାୟରେ ଧନ ଅର୍ଜନ ଓ ତାର ପରିଣତି, ଗୁଣିଗାରେଡ଼ି ନାଁରେ ପ୍ରଚଳିତ କୁସଂସ୍କାର, ନାରୀ ଶିକ୍ଷା ପ୍ରତି ପ୍ରଗତିକାମୀ ଇଙ୍ଗିତ, ଜାହାଜରେ କର୍ମଜୀବୀମାନଙ୍କର ସମସ୍ୟା ଆଦି ନାନା ସାମାଜିକ ପ୍ରସଙ୍ଗକୁ କାହାଣୀ ମାଧମରେ ସ୍ଥାନ ଦେବାରେ ଫକୀର ମୋହନ ଭଗୀରଥର ଭୂମିକା ନିଭାଇଛନ୍ତି। ଲୋକମୁଖର ଭାଷାରେ ଲୋକ ଜୀବନର କଥା ନୂଆ ଢଙ୍ଗରେ କହିବା ହିଁ ତାଙ୍କ କ୍ଷୁଦ୍ରଗଳ୍ପ ରଚନାର ବୈଶିଷ୍ଟ୍ୟ।

**୧୨.୧.୨. ତାଙ୍କର 'ଆତ୍ମଚରିତ' ଓ ଅନ୍ୟାନ୍ୟ ଗଦ୍ୟ ରଚନା**

ବହୁମୁଖୀ ପ୍ରତିଭାର ମୃତ୍ୟୁଞ୍ଜୟ ଶିଳ୍ପୀ ଫକୀର ମୋହନ ଉପନ୍ୟାସ, କ୍ଷୁଦ୍ରଗଳ୍ପ ସମେତ କେତେକ ଉତ୍କୃଷ୍ଟ ପ୍ରବନ୍ଧ, ରମ୍ୟରଚନା ସମାଲୋଚନା ପ୍ରବନ୍ଧ ସୃଷ୍ଟି କରିବା ସହିତ ଜୀବନୀ ସାହିତ୍ୟରେ ହାତ ଦେଇ ସଫଳ ହୋଇଥିଲେ। ତାଙ୍କର 'ଆତ୍ମଚରିତ' ତାଙ୍କ ଜୀବନ ଓ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଏକ ଐତିହାସିକ ପ୍ରତିଲିପି। ତତ୍କାଳୀନ ଓଡ଼ିଶାର ଶିକ୍ଷା, ସଂସ୍କୃତି, ଚଳଣି, ରାଜନୀତି, ଶାସନ, ଧର୍ମଧାରା ଇତ୍ୟାଦିର କେତେକ ଚିତ୍ର ଏଥିରୁ ସ୍ୱତଃ ଉପଲବ୍‌ଧ ହୋଇଥାଏ। ବିଶେଷକରି ଫକୀର ମୋହନଙ୍କ ସଂଘର୍ଷ – ସଂଘାତମୟ ଜୀବନର ଉପନ୍ୟାସ ସୁଲଭ ବର୍ଣ୍ଣନା ଆତ୍ମଚରିତକୁ ଯେତିକି ସୁଖପାଠ୍ୟ କରିଛି, ତା'ର କଳାଧର୍ମିତା ସେତିକି ରସମୁଗ୍ଧ ହୋଇପାରିଛି। ପାରିବାରିକ ଅବସ୍ଥା, ପିତୃମାତୃହୀନ ଜୀବନରେ ଠାକୁରମାଆଙ୍କ ଆଦର ଯତ୍ନ, ବଡ଼ବାପାଙ୍କର ନିଷ୍ଠୁରତା, ବିଦ୍ୟାଳୟରେ ଅବଧାନଙ୍କ ଦ୍ୱାରା କଷଣ, ଅଝାଳ ସିଲାଇ ଓ ନିମକ ମାହଲରେ ଚାକିରି, ସ୍କୁଲରେ ଶିକ୍ଷକତା, ପ୍ରଥମ ପତ୍ନୀ ବିୟୋଗ, କୃଷ୍ଣ କୁମାରୀଙ୍କ ସହିତ ଦ୍ୱିତୀୟ ବିବାହ, ବିଭିନ୍ନ ଗଡ଼ଜାତରେ ଦେୱାନ

ଓ ମ୍ୟାନେଜର ଭାବରେ କର୍ମମୟ ଜୀବନ ଆଦିର ଅନ୍ତରଙ୍ଗ ଉଚ୍ଚାରଣ ଭିତରେ ତାଙ୍କ ବ୍ୟକ୍ତିଗତ ଜୀବନ ଉଦ୍‌ଭାସିତ ହୋଇଛି।

ସେହିପରି ତତ୍କାଳୀନ ଓଡ଼ିଶାର ନୌବାଣିଜ୍ୟ ଚିତ୍ର, ଲବଣ ବ୍ୟବସାୟ, ଶିକ୍ଷାବ୍ୟବସ୍ଥା, ଅମଲାମାନଙ୍କର ଦୁର୍ନୀତି, ସାମନ୍ତମାନଙ୍କର ସ୍ୱେଚ୍ଛାଚାର, ନ'ଙ୍କ ଦୁର୍ଭିକ୍ଷର କରୁଣ ପରିଣତି, ମିଶ୍‌ନାରୀମାନଙ୍କର ଧର୍ମପ୍ରଚାର, ଓଡ଼ିଆ ଭାଷା ବିଲୋପ ପାଇଁ ବଙ୍ଗାଳୀମାନଙ୍କର ହୀନ ଉଦ୍ୟମ ଓ ଏହାକୁ ପ୍ରତିହତ କରିବାରେ ତାଙ୍କର ଭୂମିକା, ବାଲେଶ୍ୱରରେ ଛାପାଖାନା ପ୍ରତିଷ୍ଠା ଓ ପତ୍ରିକା ପ୍ରକାଶନ ସହିତ ଜନ୍‌ବୀମ୍‌ସ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ସମ୍ପର୍କ ବିଷୟରେ ଟିକିନିଖି ବର୍ଣ୍ଣନା ଦେଇ ଫକୀରମୋହନ ଆତ୍ମଜୀବନୀ ରଚନା କ୍ଷେତ୍ରରେ ଏକ ଅଭିନବ ଉଦାହରଣ ସୃଷ୍ଟି କରିଛନ୍ତି। 'ନନାଙ୍କ ପାଞ୍ଜି' ତାଙ୍କର ଏକ ଉତ୍କୃଷ୍ଟ ରମ୍ୟରଚନା। ଯୋଗଶାସ୍ତ୍ର, ଶୂଦ୍ର ଓ ବେଦାଧିକାର, ଉତ୍କଳ ଭାଷାର ଭୂତ ଭବିଷ୍ୟତ, କବି ଗୋପାଳକୃଷ୍ଣ ପଟ୍ଟନାୟକ, କବି ମାଇକେଲ ମଧୁସୂଦନ ଦ   ଓ ମେଘନାଦ, ଶ୍ରୀକ୍ଷେତ୍ରରେ ଚୈତନ୍ୟ ମହାପ୍ରଭୁ, ବାଲ୍ଲେର ବନ୍ଦରରେ ଓଲନ୍ଦାଜ୍ ଜାତି ଓ ଅଭିଭାଷଣଗୁଡ଼ିକରେ ମଧ ତାଙ୍କ ଗଦ୍ୟ ଶିଳ୍ପବୋଧର ପରିଚୟ ମିଳିଥାଏ।

## ୧୨.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକାବଳୀ

### ଆଦର୍ଶ ପ୍ରଶ୍ନାବଳୀ

୧୧. ଫକୀର ମୋହନଙ୍କ କାବ୍ୟ କବିତାର ପରିଚୟ ଦିଅ।

୧୨. ଫକୀର ମୋହନଙ୍କ ସାହିତ୍ୟରେ ବାସ୍ତବବାଦର ସ୍ୱରୂପ ଦର୍ଶାଅ।

୧୩. ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରୁ ଓଡ଼ିଶାର ସାମାଜିକ ଓ ଐତିହାସିକ ଚିତ୍ରର ସୂଚନା ଦିଅ।

୧୪. ଆଦର୍ଶବାଦ ହିଁ ଗଙ୍ଗାଧର କାବ୍ୟମାନସର ପ୍ରଧାନ ଅବଲମ୍ବନ – ଏହା ପ୍ରମାଣ କର।

୧୫. ପ୍ରାଚୀନତା ଓ ନୂତନତାର ସମନ୍ୱୟରେ ଗଙ୍ଗାଧର କାବ୍ୟସୌଧ ଗଠିତ – ଏହାର ସତ୍ୟତା ନିରୂପଣ କର।

୧୬. ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତିର ପ୍ରଭାବ ଦର୍ଶାଅ।

୧୭. ଗୀତିକବି ଗଙ୍ଗାଧରଙ୍କ ମହ  ଦର୍ଶାଅ।

୧୮. ନନ୍ଦ କିଶୋରଙ୍କ କାବ୍ୟ କବିତାରେ ପଲ୍ଲୀଚେତନା ଉପରେ ଆଲୋକପାତ କର।

୧୯. ନନ୍ଦ କିଶୋରଙ୍କ ସାହିତ୍ୟରୁ ଦେଶପ୍ରୀତିର ପରିଚୟ ଦିଅ।

୨୦. ନନ୍ଦକିଶୋରଙ୍କ ଗଦ୍ୟ ବିଭବ ଉପରେ ଏକ ଆକଳନା କର।

### ଅଧିକ ଜାଣିବା ପାଇଁ ସହାୟକ ଗ୍ରନ୍ଥାବଳୀ –


୭. ଫକୀର ମୋହନ ସମୀକ୍ଷା – ସୁରେନ୍ଦ୍ର ମହାନ୍ତି

୮. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ – ଡ. ବୈଷ୍ଣବ ଚରଣ ସାମଲ

୯. କାବ୍ୟ ଶିଳ୍ପୀ ଗଙ୍ଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

୧୦. ଯୁଗଲଘ୍ନୀ କବି ଗଙ୍ଗାଧର – ଡ. କେଶବ ଚନ୍ଦ୍ର ମେହେର

୧୧. ପଲ୍ଲୀକବି ସୃଷ୍ଟି ପରିଧି – ଓଡ଼ିଶା ସାହିତ୍ୟ ଏକାଡେମୀ

୧୨. ପଲ୍ଲୀକବି ନନ୍ଦକିଶୋର ବଳ – ଡ. ସୁରେନ୍ଦ୍ର କୁମାର ମହାରଣା।

## ତ୍ରୟୋଦଶ ଏକକ- ବ୍ୟଞ୍ଜନଧର୍ମିତା

୧୩.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

* ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଓ ଜୀବନୀର ପରିଚୟ ଜାଣିହେବ।
* କବି ଗଙ୍ଗାଧରଙ୍କ କାବ୍ୟର ଆତ୍ମିକ ଓ ଆଙ୍ଗିକ ଆଦର୍ଶ ସମ୍ପର୍କରେ ଏକ ସ୍ଥୁଳ ଧାରଣା ସୃଷ୍ଟି ହେବ
* ତାଙ୍କ ଗଦ୍ୟ ସୃଷ୍ଟିର ପରିଧି ଉନ୍ମୋଚିତ ହେବ।
* ସେହିପରି ତାଙ୍କ ଗଦ୍ୟ ରଚନାର ବୈଚିତ୍ର୍ୟ ମଧ୍ୟ ଉଦ୍‌ଘାଟିତ ହେବ।

 ପଠିତ ୟୁନିଟ୍‌ର ଆଦର୍ଶ ପ୍ରଶ୍ନାବଳୀ ଏବଂ ଅଧିକ ଅଧ୍ୟୟନ ପାଇଁ ସହାୟକ ଗ୍ରନ୍ଥାବଳୀ ବିଷୟରେ ଅବଧାରଣା କରିହେବ।

### ୧୩.୧ ସ୍ୱଭାବକବି ଗଙ୍ଗାଧର ମେହେର

**ପ୍ରାଗ୍‌ଭାଷ-** ପ୍ରାଚୀନତା ଓ ଆଧୁନିକତାର ସମନ୍ୱୟବାଦୀ ଶିଳ୍ପୀ ଗଙ୍ଗାଧର ମେହେର ଆଧୁନିକ ଓଡ଼ିଆ କାବ୍ୟକାଶର ଅନ୍ୟତମ ଉଜ୍ଜ୍ୱଳ ତାରକା। ନବଯୁଗ ସାହିତ୍ୟର ପ ମହାରଥୀ ରାଧାନାଥ, ମଧୁସୂଦନ, ଫକୀର ମୋହନ, ଗଙ୍ଗାଧର ଓ ନନ୍ଦକିଶୋରଙ୍କ ମଧ୍ୟରେ ଗଙ୍ଗାଧରଙ୍କ ବିଶେଷତ୍ୱ ହେଉଛି ସେ ପ୍ରାଚ୍ୟ ପରମ୍ପରାର ପ୍ରମୂ ର୍ ରୂପକାର। ପ୍ରକୃତିର ନୈସର୍ଗିକ ଶୋଭା ସନ୍ଦର୍ଶନରେ, ବିଶ୍ୱତୋମୁଖୀ ଭାବନାର ବ୍ରତ ଧାରଣାରେ, ଆଦର୍ଶବାଦୀ ମାନସଭୂମି ଅଧିଗ୍ରହଣରେ ଓ ଦେଶପ୍ରେମର ପ୍ରଦୀପ ପ୍ରଜ୍ଜ୍ୱଳନରେ ସେ ଯେଉଁ ଚମତ୍କାରିତା ସୃଷ୍ଟି କରିଛନ୍ତି, ତାହା ହିଁ ତାଙ୍କ 'ସ୍ୱଭାବ କବି ନାମକୁ ସାର୍ଥକ କରିଛି। ଗଙ୍ଗାଧର ସ୍ୱଳ୍ପ କେତେକ ଗଦ୍ୟ ରଚନାର ସ୍ରଷ୍ଟା ହେଲେ ହେଁ କାବ୍ୟାବଳୀ ଓ ଗୀତିଗୁଚ୍ଛ ହିଁ ତାଙ୍କ ପ୍ରତିଭାର ପରମ ପ୍ରତିଶ୍ରୁତି।

### ୧୩.୧.୧ ଗଙ୍ଗାଧରଙ୍କ ପରିଚୟ

କବି ଗଙ୍ଗାଧର ଅବିଭକ୍ତ ସମ୍ବଲପୁର ଏବଂ ବ ର୍ମାନର ବରଗଡ଼ ଜିଲ୍ଲାର ବରପାଲିଠାରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣମୀ ତିଥିରେ ଏକ ତନ୍ତୁବାୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀଙ୍କ ପ୍ରଯତ୍ନରେ ପ୍ରତିପାଳିତ ଏହି ବାଳକ ୭/୮ ବର୍ଷରେ ଚାଟଶାଳୀ ଶିକ୍ଷା ଆରମ୍ଭ କରି ଭର୍ଣ୍ଣାକୁଲାର ସ୍କୁଲରେ ମାତ୍ର ପ ମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ଦାରିଦ୍ର୍ୟ ତାଙ୍କ ପରିବାରର ଚିର ସହଚର ହୋଇଥିବାରୁ ସେ ବାଲ୍ୟକାଳରୁ ବାପାଙ୍କୁ ବସ୍ତ୍ରବୟନରେ ସହଯୋଗ କରୁଥିଲେ। ୧୮୫୫ରୁ ୧୮୯୯ ମସିହା ପର୍ଯ୍ୟନ୍ତ ବରପାଲି ଜମିଦାର ରାୟବାହାଦୁର ଲାଲ ନୃପରାଜ ସିଂହଦେବଙ୍କ ସିରସ୍ତା ମାସିକ ୭ ଟଙ୍କା ଦରମାରେ ସେ ଅମିନ କାର୍ଯ୍ୟ କଲେ। ପରେ ସେ ଜୁଡ଼ିସିଏଲ୍ ମୋହରିର ପଦକୁ ଉନ୍ନୀତ ହୋଇ ଉକ୍ତ ଜମିଦାରୀ ସହିତ ସମ୍ବଲପୁର, ପଦ୍ମପୁର, ବିଜେପୁର ପ୍ରଭୃତି ସ୍ଥାନରେ କାର୍ଯ୍ୟକରି ୧୯୧୭ ମସିହାରେ ପେନ୍‌ସନ ଗ୍ରହଣ କଲେ। ଅବସର ଗ୍ରହଣ ପରେ ମଧ୍ୟ ଗଙ୍ଗାଧର ବରପାଲିରେ କିଛିଦିନ ମୋହରିର କାର୍ଯ୍ୟ କଲେ ଏବଂ ଜାତି ଭୁଲିଆ ସମ୍ପ୍ରଦାୟ ପାଇଁ କେତେକ ହିତକର କାର୍ଯ୍ୟ କରି ସେ ୧୯୧୪ ମସିହା ଏପ୍ରିଲ ୪ ତାରିଖରେ ଚୈତ୍ର ଅମାବାସ୍ୟା ତିଥିରେ ପାର୍ଥିବ ଜୀବନ ପରିହାର କଲେ। ଏହାହିଁ ତାଙ୍କ କର୍ମମୟ ଜୀବନର ସରଳ କାହାଣୀ।

ସ୍ୱଳ୍ପପାଠୀ ଗଙ୍ଗାଧର ନିଜ ଉଦ୍ୟମରେ ସାମାନ୍ୟ ଇଂରାଜୀ ସହିତ ବଙ୍ଗଳା, ହିନ୍ଦୀ ଓ ସଂସ୍କୃତ ଆୟ କରିଥିଲେ। ଭାଷାଜ୍ଞାନ ପରିବୃଦ୍ଧି ତାଙ୍କ ପଠନ ପିପାସାକୁ ଓ ସର୍ଜନକ୍ରିୟାକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିଥିଲା। ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରିବା ଯୋଗୁ ସେ କାବ୍ୟସୃଷ୍ଟିରେ ଆଗ୍ରହ ପ୍ରକାଶ କରି 'ରସ ରତ୍ନାକର ରଚନା

କଲେ। ଆଦ୍ୟ ଓ ପ୍ରାନ୍ତ 'ର' ଅକ୍ଷର ନିୟମରେ ତାଙ୍କର ଏହି କାବ୍ୟ ଉପେନ୍ଦ୍ର ଭଞ୍ଜଙ୍କ ଅନୁସରଣରେ ଲିଖିତ। ମାତ୍ର ବରପାଲି ଯୁବରାଜଙ୍କ ଗୃହଶିକ୍ଷକ ସୂର୍ଯ୍ୟକୁମାର ମିତ୍ର ତାଙ୍କୁ ପ୍ରାଚୀନ ରୀତି ପରିବର୍ ନୂତନ ରୀତିରେ କାବ୍ୟ ରଚନା ଲାଗି ପରାମର୍ଶ ଦେଲେ। ତତ୍‌ପରେ କବି ନୂତନ ଢଙ୍ଗରେ କାବ୍ୟକବିତା ରଚି ଓଡ଼ିଆ ସାହିତ୍ୟକୁ ଯେଉଁ ଉ ଙ୍ଗତାରେ ଭରି ଦେଇଛନ୍ତି, ତାହା ଆଲୋଚନାର ବିଷୟ।

**୧୩.୧.୨ ଗଙ୍ଗାଧର କାବ୍ୟ ସଂସାର**

୧୮୮୨ ମସିହାରେ ରଚିତ ତାଙ୍କର ପ୍ରଥମ ସୃଷ୍ଟି 'ରସରତ୍ନାକର' ଓ ଦ୍ୱିତୀୟ ସୃଷ୍ଟି 'ଅହଲ୍ୟାସ୍ତବକ' (୧୮୯୨)ରେ ରୀତି କାବ୍ୟାଦର୍ଶ ସମ୍ପୂର୍ଣ୍ଣ ସଂରକ୍ଷିତ ହୋଇଥିବାରୁ 'ଇନ୍ଦୁମତୀ (୧୮୯୪)କୁ ତାଙ୍କ ପ୍ରତିଭାର ଆଦ୍ୟ ବିକାଶ ଧରାଯାଏ। ତତ୍‌ପରେ ତାଙ୍କ ଚିରସ୍ରାବୀ ଲେଖନୀରୁ ପ୍ରକାଶ ପାଏ ଉତ୍କଳ ଲକ୍ଷ୍ମୀ (୧୮୯୪), କୀଚକବଧ (୧୯୦୩), ପ୍ରଣୟବଲ୍ଲରୀ (୧୯୧୫), ତପସ୍ୱିନୀ (୧୯୧୫), ପଦ୍ମିନୀ (୧୯୦୩), ଅଯୋଧ୍ୟା ଦୃଶ୍ୟ (୧୯୧୪) ପ୍ରଭୃତି କାବ୍ୟ ଏବଂ କବିତା କଲ୍ଲୋଳ (୧୯୧୨), ଅର୍ଘ୍ୟଥାଳୀ (୧୯୧୮), କୃଷକ ସଙ୍ଗୀତ (୧୯୨୧) ଓ କବିତାମାଳା ପ୍ରଭୃତି କବିତାଗ୍ରନ୍ଥ। ଈଶ୍ୱରାନୁରାଗ, ନୈତିକତା, ସାଧୁତା, ନିର୍ମଳତା, ମାତୃଭାଷା ଓ ପ୍ରୀତି ପ୍ରଭୃତି ଭାବାଦର୍ଶ ସକଳର ମନୋଜ୍ଞ ବିଳାସ ଏସବୁରେ ଲକ୍ଷ୍ୟ କରାଯାଏ। ଗଙ୍ଗାଧରଙ୍କ କାବ୍ୟମାନସର ସ୍ଥୂଳ ପରିଚୟ ନିମି ତାଙ୍କର କେତେକ ପ୍ରମୁଖ ସୃଷ୍ଟିର ଆକଳନ ଅନିବାର୍ଯ୍ୟ।

**ଇନ୍ଦୁମତୀ** – କାଳିଦାସଙ୍କ 'ରଘୁବଂଶ' କାବ୍ୟର ୫ମ ସର୍ଗଠାରୁ ୮ମ ସର୍ଗ ପର୍ଯ୍ୟନ୍ତ ବିଷୟବସ୍ତୁକୁ ଉପଜୀବ୍ୟ କରି ରଚିତ ଗଙ୍ଗାଧରଙ୍କ 'ଇନ୍ଦୁମତୀ' ଦୁଇଟି ସର୍ଗ ପୂର୍ବଭାଗ ଓ ଉ ର ଭାଗରେ ବିଭକ୍ତ। ବିଦର୍ଭ ରାଜାଙ୍କ ଭଗ୍ନୀ ଇନ୍ଦୁମତୀଙ୍କ ସ୍ୱୟମ୍ବର, ରାଜକୁମାର ଅଜଙ୍କୁ ପତି ରୂପେ ବରଣ, ପୁତ୍ର ଦଶରଥଙ୍କ ଜନ୍ମ, ଇନ୍ଦୁମତୀଙ୍କ ମୃତ୍ୟୁ ଓ ଅଜଙ୍କ ବିଳାପ, କୁଳଗୁରୁ ବଶିଷ୍ଠଙ୍କ ସାନ୍ତ୍ୱନା ଲାଭ ପ୍ରସଙ୍ଗ ହେଉଛି ଏହି ଅନୁସରିତ କାବ୍ୟର କଥାବସ୍ତୁ। ବଙ୍ଗଳାଶ୍ରୀ ରାଗରେ ରଚିତ ଏହି କାବ୍ୟରେ ଦାମ୍ପତ୍ୟପ୍ରୀତିର ଦୀପ୍ତି, ପତ୍ନୀ ବିରହ ସ୍ୱାମୀର ଆକୁଳ ଆ , ଜନନୀର ବାତ୍ସଲ୍ୟ, କର୍ମଫଳ ଓ ଭାଗ୍ୟବାଦରେ ବିଶ୍ୱାସ ବର୍ଣ୍ଣିତ ହୋଇଛି।

**ଉତ୍କଳ ଲକ୍ଷ୍ମୀ** - ରାଧାନାଥଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗଙ୍ଗାଧର ଉତ୍କଳ ଲକ୍ଷ୍ମୀ ରଚନା କରିଥିଲେ। ଏଥିରେ ବର୍ଣ୍ଣିତ ପ୍ରକୃତି, ସ୍ଥାନ ଓ ଚରିତ୍ରମାନଙ୍କ ମହ ରେ ତାଙ୍କ ଜାତୀୟତାଭାବ ପ୍ରକାଶ ପାଇଛି।

"ଜୟ ଗୋ ଉତ୍କଳ ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା ରାଶି ରହିଛନ୍ତି
ତୋ ଅଙ୍ଗରେ ଏକାଧାରେ।"

ବସୁଧାରେ ଏକମାତ୍ର ସୁନ୍ଦରୀ ବୋଲି ଉତ୍କଳ ଲକ୍ଷ୍ମୀଙ୍କୁ ସମ୍ବୋଧନ କରି କବି ଏହାର ଐତିହ୍ୟ କୀ ନରେ ଯେଉଁ ଆବେଗ ପ୍ରକଟ କରିଛନ୍ତି ସମଗ୍ର କାବ୍ୟରେ, ତାହା ଯେ କୌଣସି ଓଡ଼ିଆଙ୍କୁ ଆମୋଦିତ କରିବ।

**କୀଚକବଧ** – କାବ୍ୟ ସାଫଲ୍ୟ ନେଇ ଏହାର ସ୍ଥାନ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର। ସାତ ସର୍ଗ ବିଶିଷ୍ଟ ଏହି କାବ୍ୟରେ ବିରାଟ ନଗରର ବର୍ଣ୍ଣନା ଓ ପ ପାଣ୍ଡବଙ୍କ ଛଦ୍ମବେଶରେ ଅବସ୍ଥାନ, ବସନ୍ତ ବର୍ଣ୍ଣନା, ବନଦୁର୍ଗା ପୂଜା ସମୟରେ କୀଚକର ସୁନ୍ଦରୀ ଦ୍ରୌପଦୀଙ୍କ ଉପରେ ଲୋଲୁପ ଦୃଷ୍ଟିପାତ ଦ୍ରୌପଦୀଙ୍କୁ ଉପଭୋଗ କରିବା ପାଇଁ କୀଚକର ଚପଳା ନାମ୍ନୀ ଦାସୀଙ୍କୁ ବ୍ୟବହାର, ସୈରିନ୍ଧ୍ରୀ ବେଶରେ ରହିଥିବା ଦ୍ରୌପଦୀଙ୍କ ଦୃଢ଼ ଚରିତ୍ରବ ାର ପ୍ରଦର୍ଶନ, ପରିଶେଷରେ ଯୋଜନା ଓ ଘଟଣାଚକ୍ରରେ ଭୀମଙ୍କ ଦ୍ୱାରା କାମୁକ କୀଚକର ମୃତ୍ୟୁ ଆଦି ପ୍ରସଙ୍ଗ ସନ୍ନିବେଶିତ। ମହାଭାରତ ବିରାଟ ପର୍ବ ଅନ୍ତର୍ଗତ

'କୀଚକବଧ' ବିଷୟ ଏହାର ମୁଖ୍ୟ ଅବଲମ୍ବନ ହେଲେ ହେଁ କବିଙ୍କ ମୌଳିକତା ଏଥିରେ ଦ୍ରଷ୍ଟବ୍ୟ। ଦାମ୍ଭିକତା, ଲମ୍ପଟତା, ଚରିତ୍ରହୀନତାର କରୁଣ ପରିସ୍ଥିତି ଅତ୍ୟନ୍ତ ଗ୍ରହଣୀୟ।

**ପ୍ରଣୟବଲ୍ଲରୀ** – କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର ଛାୟାରେ ରଚିତ ଏହି ପ୍ରଣୟ କାବ୍ୟରେ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ପ୍ରେମ, ପରିଣୟ, ବିରହ ଓ ପୁନର୍ମିଳନର ଚିନ୍ମୟ ଚିତ୍ର ପ୍ରଦ । ବଙ୍ଗଳାଶ୍ରୀ ରାଗରେ ଲିଖିତ ଏହି କାବ୍ୟର ସର୍ଗଗୁଡ଼ିକର ନାମକରଣରେ କବିଙ୍କ ସ୍ୱତନ୍ତ୍ରତା ବାରି ହୋଇପଡ଼େ। କବି ସାତଟି ସର୍ଗର ନାମକରଣ କରିଛନ୍ତି ଏହିପରି - ପ୍ରଣୟାଙ୍କୁର, ପ୍ରଣୟବଲ୍ଲବ, ପ୍ରଣୟ - ପ୍ରସୂନ, ପ୍ରଣୟ ସୌରଭ, ପୁଷ୍ପେ-କୀଟ, ପ୍ରଣୟ ଫଳ ଓ ପ୍ରଣୟ ଛାୟା। ଏହି ପ୍ରେମୋପାଖ୍ୟାନମୂଳକ କାବ୍ୟରେ ପ୍ରଣୟ ପ୍ରଣୟୀ ପ୍ରୀତିଭାବର ଚିତ୍ର ନେଇ ଶକୁନ୍ତଳା ମୁଖରେ କବି କହିଛନ୍ତି –

"କାନ୍ତ ପ୍ରେମ ଯେବେ ସାଗର,
ମୋ ପ୍ରେମ ହେବ ତ ସରିତ ସରି
ସାଗର ଅଙ୍କକୁ ସରିତ ଯିବାକୁ
ନ ଡାଏ ତ ଅପସରି
ଉଚ୍ଚ ଲୋକଠାରେ ଭବ ଆଶା କଲେ
ନ ହୁଏ କେବେ ନିଷ୍ଫଳ
ଜଳସ୍ତମ୍ଭ ଯେବେ ଉର୍ଦ୍ଧ୍ୱକୁ ଉଠଇ
ଭରିନିଏ ମେଘ ଜଳ।"

**ତପସ୍ୱିନୀ** – ଗଙ୍ଗାଧର କବି ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ ହେଉଛି 'ତପସ୍ୱିନୀ' କାବ୍ୟ। ରାମାୟଣର ଉ ରାକାଣ୍ଡ ଓ ଭବଭୂତିଙ୍କ 'ଉ ର ରାମଚରିତ' ନାଟକ ବର୍ଣ୍ଣିତ ସୀତାଙ୍କ ନିର୍ବାସନ ପରର ଦିବ୍ୟ ଓ କରୁଣ ଗାଥାକୁ ନେଇ ବିରଚିତ ଏହି କାବ୍ୟ କଳ୍ପନାବିଳାସ, କଥାବସ୍ତୁ ପରିବେଷଣ, ନାଟକୀୟ ଛଟା, ବର୍ଣ୍ଣନାପାଟବ, ଶୈଳୀ ସୌନ୍ଦର୍ଯ୍ୟ ଆଦି ପ୍ରତ୍ୟେକ ଦିଗରୁ ଏକ ଉଚ୍ଚାଙ୍ଗ ସୃଷ୍ଟି। ମୁଖବନ୍ଧରେ କବି ସ୍ୱୀକାର କରିଛନ୍ତି – "ପିତୃସତ୍ୟ ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ସୌରଭମୟ ହେଲା।" ତପସ୍ୱିନୀ'ର ୧୧ଟି ସର୍ଗରେ ସେହି ସୌରଭମୟ କାହାଣୀ ଲିପିବଦ୍ଧ। କାବ୍ୟାରମ୍ଭରେ ବାଗ୍‌ଦେବୀଙ୍କ ବନ୍ଦନା ପରେ କବି ମନ ବାଲ୍ମୀକି ଆଶ୍ରମ ଅଭିମୁଖୀ ହୋଇଛି। ତେଣୁ କୃପାମୟୀ ସରସ୍ୱତୀଙ୍କୁ କବି ପ୍ରାର୍ଥନା କରିଛନ୍ତି –

"ବାଲମୀକି ଆଶ୍ରମକୁ ଧାଇଁଅଛି ମନ,
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ,
କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ସୀବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?
କୃପାବହି କୃପାମୟୀ, ଶକ୍ତି ଦାନ କର
ପବିତ୍ର ହେଉ ମୋ ମନ ଦେଖି ଲେଖି କର।"

ଘୋର ଅରଣ୍ୟ ମଧ୍ୟରେ ଲକ୍ଷ୍ମଣ କର୍ତ୍ତୃକ ସୀତାଙ୍କୁ ପରିତ୍ୟାଗ, ସମ୍ବେଦନଶୀଳ ବନପ୍ରକୃତିର ପ୍ରତିକ୍ରିୟା, ବାଲ୍ମୀକି ଆଶ୍ରମରେ ସୀତାଙ୍କ ରହଣି, ପତ୍ନୀଗତପ୍ରାଣ ସ୍ୱାମୀ ରାମଚନ୍ଦ୍ରଙ୍କ ଅନୁଶୋଚନା, ଏପଟେ ଆଶ୍ରମରେ ଲବକୁଶଙ୍କ ଜନ୍ମ ଓ

ପାଳନ, ଅଶ୍ୱମେଧ ଯଜ୍ଞରେ ଯୋଗଦାନ ପାଇଁ ସେମାନଙ୍କୁ ନିମନ୍ତ୍ରଣ, ରାମଚନ୍ଦ୍ର ସ୍ୱର୍ଣ୍ଣସୀତା ବସାଇ ଯଜ୍ଞ ଆୟୋଜନ କରୁଥିବା କଥା ଶୁଣି ସୀତା ଆନନ୍ଦରେ ଅଧୀରା ହେବା ପ୍ରସଙ୍ଗ ହେଉଛି ଏହି କ୍ଲାସିକ୍ କାବ୍ୟର କଥାବସ୍ତୁ। ଦାମ୍ପତ୍ୟ ପ୍ରେମର ଅମଳିନ ଦ୍ୟୁତି ସହିତ ବହୁରୂପୀ ପ୍ରକୃତିର ଜୀବନ୍ତ ଚିତ୍ରଣ ପାଇଁ ଏ କାବ୍ୟ ସୁପ୍ରସିଦ୍ଧ।

**ପଦ୍ମିନୀ** – କେବଳ ପୌରାଣିକ ବିଷୟ ଅବଲମ୍ବନ କରି ଗଙ୍ଗାଧର କାବ୍ୟ ଲେଖିନାହାନ୍ତି, ଐତିହାସିକ ଉପାଦାନ ମଧ୍ୟ ତାଙ୍କ ପ୍ରତିଭାରେ ଉନ୍ମୁଖ। ପା  ସର୍ଗ ବିଶିଷ୍ଟ 'ପଦ୍ମିନୀ' କାବ୍ୟ ଏହାର ନିଦର୍ଶନ। ଚିତୋର ଦୁର୍ଗର ଅଧିପତି ମିବାରରେ ରାଣା ଭୀମ ସିଂହଙ୍କ ପତ୍ନୀ ପଦ୍ମିନୀଙ୍କୁ ପାଇବା ପାଇଁ ଦିଲ୍ଲୀର ସମ୍ରାଟ ଆଲ୍ଲାଉଦ୍ଦିନଙ୍କର ନାନା ପ୍ରକାର ଚକ୍ରାନ୍ତ ତଥା ଚିତୋର ଆକ୍ରମଣ ଏବଂ ଏସବୁଥିରେ ପରାହତ ହେବା ପ୍ରସଙ୍ଗ 'ପଦ୍ମିନୀ' କାବ୍ୟର କଥାବସ୍ତୁ। ମଧ୍ୟଯୁଗୀୟ ଭାରତରେ ଯବନ ଶାସନର ଅତ୍ୟାଚାର, ଲୁଣ୍ଠନ, ଶୋଷଣ, ନାରୀ ଧର୍ଷଣର ବହୁ କରୁଣ ଚିତ୍ରଣରେ କାବ୍ୟଟି ଯେତିକି ବିଶ୍ୱସ୍ତ, ଆର୍ଯ୍ୟ ଜାତୀୟତା ଓ ନାରୀର ସତୀତ୍ୱ ବର୍ଣ୍ଣନାରେ ସେତିକି ମହୋଜ୍ଜ୍ୱଳ।

'ରସରତ୍ନାକର', 'ଅହଲ୍ୟାସ୍ତବ', 'ଅଯୋଧ୍ୟା ଦୃଶ୍ୟ' ଆଦି ଅନ୍ୟ କେତୋଟି କାବ୍ୟ ଗଙ୍ଗାଧରଙ୍କ ଦ୍ୱାରା ପ୍ରଣୀତ ହୋଇଥିଲେ ହେଁ ସେଗୁଡ଼ିକ ଅନ୍ୟ କାବ୍ୟ ପରି କବି ଚାତୁର୍ଯ୍ୟରେ ମହିମାନ୍ୱିତ ହୋଇପାରି ନାହାନ୍ତି।

ଗଙ୍ଗାଧରଙ୍କ କବି ପ୍ରତିଭାର ଅନ୍ୟତମ ବିଭବ ହେଉଛି, ତାଙ୍କର ଗୀତିକବିତା। ସେ ସମ୍ପର୍କରେ ପରବ ୀ ପର୍ଯ୍ୟାୟରେ ସ୍ୱତନ୍ତ୍ର ଆଲୋଚନା ସନ୍ନିବେଶିତ।

### ୧୩.୧.୩. ଗଙ୍ଗାଧରଙ୍କ କାବ୍ୟରେ ଆଦର୍ଶବାଦ

ପ୍ରାଚୀନତାରେ ନୂତନତା ସୃଷ୍ଟି ମେହେର ମାନସର ବୈଶିଷ୍ଟ୍ୟ। ପୌରାଣିକ କଥାବସ୍ତୁକୁ ନୂତନ କାବ୍ୟରୂପ ଦେଇ ପ୍ରାଚ୍ୟ ଆଦର୍ଶବୋଧର ଜୟଗାନ କରିବା ତାଙ୍କର ସର୍ବଶ୍ରେଷ୍ଠ ସାଧନା। ଅଗ୍ରଜ କବି ରାଧାନାଥ ବିଜାତୀୟ ଭାବବସ୍ତୁ ଦେଶୀୟ ମାଟିରେ ପ୍ରତିରୋପଣ କରି କେତେକାଂଶରେ ସଂସ୍କୃତିହୀନ ଅନାଦର୍ଶକୁ ଆବୋରି ନେଇଥିବା ସ୍ଥଳେ କବି ଗଙ୍ଗାଧର ଆର୍ଯ୍ୟାବ ର ଉତ୍କଳ ସଂସ୍କୃତିକୁ ପୁନଃସ୍ଥାପନ ପାଇଁ ଆଗଭର। ରାଧାନାଥୀ ପ୍ରତିଭା ପ୍ରତିଷ୍ଠିତ ହେବା ପରେ ପୁରୁଣା କଥାବସ୍ତୁ ସମ୍ବଳିତ କାବ୍ୟରଚନା କରି ସାଫଲ୍ୟ ଅର୍ଜନ କରିବା ସହଜସାଧ୍ୟ ବ୍ୟାପାର ନ ଥିଲା। ସେତେବେଳେକୁ ପାଠକୀୟ ରୁଚି ନୂତନ କାହାଣୀ ସନ୍ଧାନରେ ଅଭିନିବିଷ୍ଟ ହୋଇସାରିଥିଲା। ତେବେ ଗଙ୍ଗାଧର ସ୍ୱଭାବ କବି ପଣରେ କୌରାଣିକ ଓ ଐତିହାସିକ କଥାକଳ୍ପ ମଧ୍ୟ ଦେଇ ସାର୍ବକାଳିକ ମୂଲ୍ୟବୋଧର ଯେଉଁ ସାବଲୀଳ ପରିପ୍ରକାଶ ଘଟାଇଛନ୍ତି, ତାହା ହିଁ ତାଙ୍କ ପ୍ରତିଷ୍ଠାର ପ୍ରମୁଖ କାରଣ। ଅହଲ୍ୟା ସ୍ତବଠାରୁ ଆରମ୍ଭ କରି, ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟବଲ୍ଲରୀ, ପଦ୍ମିନୀ ଆଦି ପ୍ରତ୍ୟେକ କାବ୍ୟରେ ଭାରତୀୟ ନୀତିବୋଧ, ପ୍ରୀତିବୋଧ, ଦୃଢ଼ ଚରିତ୍ରବ ।, ତପୋବନ ଜୀବନର ମାଧୁର୍ଯ୍ୟ ଆଦି ଅନ୍ତରଙ୍ଗ ଭାବେ ଉନ୍ମୋଚିତ ହୋଇଛି।

ତପସ୍ୱିନୀ କାବ୍ୟରେ ରାମ ସୀତାଙ୍କର ଯେଉଁ ପବିତ୍ର ପ୍ରେମର ଚିତ୍ର କବି ଦେଖିଛନ୍ତି, ତାହାର ପଟାନ୍ତର ନାହିଁ। ରାଜା ଭାବେ ପ୍ରଜାସମାଜର କଥାକୁ ସମ୍ମାନ ଜଣାଇ ରାମଚନ୍ଦ୍ର ପତ୍ନୀ ସୀତାଙ୍କୁ ନିର୍ବାସିତା କରିଥିଲେ ହେଁ ତାଙ୍କ ପ୍ରତି ଅନୁରାଗ ସାମାନ୍ୟ ଊଣା ହୋଇନାହିଁ। ଅନୁରୂପ ଭାବେ ପ୍ରାଣପ୍ରିୟା ସୀତା ପତି ହୃଦୟର ଏ ଅନାବିଳତା ସମ୍ପର୍କରେ ବେଶ୍ ସଚେତନ। ତେଣୁ ନିର୍ବାସନ ଜନିତ ଯନ୍ତ୍ରଣାରେ କାତର ହେଲେ ହେଁ ସେ ରାମଚନ୍ଦ୍ରଙ୍କୁ ଆଦୌ ଦୋଷାରୋପ ନ କରି ନିଜ ଭାଗ୍ୟକୁ ଏଥିପାଇଁ ଦାୟୀ କରିଛନ୍ତି। ଅଧିକନ୍ତୁ ସୀତାଙ୍କ କଣ୍ଠରୁ ସ୍ୱତଃ ଝରିଆସିଛି –

"ଜୀବନେ ନ ପାରିଲେ ମୋତେ ମରଣେ
ସେବିକା କରିଦେବ ପ୍ରଭୁ ଚରଣେ ହେ !
ମୋ ତନୁ ଦଗଧ ହେଲେ ହେବ ତ ଖାର

ତାହାକୁ କରାଇବ ପାଦପେ ସାର,

ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତ

କରାଇଦେବ ପ୍ରଭୁ ପାଦୁକା ମତେ ହେ।" (ତପସ୍ୱିନୀ)

ସ ହୀନ ନିଃସ୍ୱାର୍ଥ ପ୍ରେମର ଏ ଯେଉଁ ପରିପୂର୍ଣ୍ଣ ଚିତ୍ରଣ, ତାହା ଆଦର୍ଶବାଦୀ ଗଙ୍ଗାଧର ହିଁ ଆଙ୍କି ପାରନ୍ତି। 'ପ୍ରଣୟବଲ୍ଲରୀ'ରେ ଦୁଷ୍ମନ୍ତ ଓ ଶକୁନ୍ତଳା, 'ପଦ୍ମିନୀ'ରେ ରାଣା ଭୀମ ସିଂହ ଓ ପଦ୍ମିନୀ ପ୍ରମୁଖଙ୍କ ପ୍ରୀତି ପରାଗର ସୌରଭ ସେହି ଉଚ୍ଚତାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର। ଏଭଳି ପ୍ରେମର ସୁରକ୍ଷା ପାଇଁ ବିଶ୍ୱବିଧାତା ଆଶୀର୍ବାଦ ଢାଳିଥାନ୍ତି ବୋଲି ତାଙ୍କର ବିଶ୍ୱାସଟି ପ୍ରାଚ୍ୟ ଆଦର୍ଶ ସମ୍ଭୂତ।

"ପବିତ୍ର ପ୍ରେମ ହିଁ ରହିଅଛି ସେହି

ପୁଷ୍ପଗର୍ଭେ ହୋଇ ମଧୁ

ହିମବିନ୍ଦୁ ରୂପେ ଆଶୀର୍ବାଦ ତହିଁ

ଢାଳିଛନ୍ତି ବିଶ୍ୱବନ୍ଧୁ।" (ପ୍ରଣୟବଲ୍ଲରୀ)

ପତିବ୍ରତା ସୀତା, ପ୍ରଜାନୁରଞ୍ଜନ ରାମ, ପ୍ରେମିକ ଦୁଷ୍ମନ୍ତ, ପ୍ରଣୟୀ ଶକୁନ୍ତଳା, ସତୀ ସାଧ୍ୱୀ ଇନ୍ଦୁମତୀ ଓ ପଦ୍ମିନୀ, ଦୃଢ଼ ଚରିତ୍ରର ଅଧିକାରିଣୀ ଦ୍ରୌପଦୀ, ଦୟା ଓ କରୁଣାର ମୂ ିମନ୍ତ ବିଗ୍ରହ ଅନୁକମ୍ପା ପ୍ରଭୃତି ଆଦର୍ଶନିଷ୍ଠ ଚରିତ୍ରମାନଙ୍କୁ ସମ୍ବଳ କରିବା ଦ୍ୱାରା କବିଙ୍କ ଆଦର୍ଶବାଦୀ ଉଦ୍ଦେଶ୍ୟଟି ସଫଳ ହୋଇପାରିଛି। ଶାନ୍ତି, ଶ୍ରଦ୍ଧା, ଦୟା, କ୍ଷମା, ତିତିକ୍ଷା ଆଦି ସ୍ୱର୍ଗୀୟ ଗୁଣାବଳୀର ମହ୍ ପ୍ରଚାରରେ ଏହି ସବୁ ଚରିତ୍ରମାନ ଯୁଗ ଯୁଗ ଧରି ଭାରତୀୟ ସମାଜକୁ ଉଦ୍‌ବୁଦ୍ଧ କରୁଥିବେ। ପ୍ରଣୟବଲ୍ଲରୀ କାବ୍ୟର ସପ୍ତମ ସର୍ଗରେ ଆସୁରିକ ଅବିଗୁଣ ଉପରେ ଶାଶ୍ୱତ ଦିବ୍ୟଗୁଣର ବିଜୟ ବର୍ଣ୍ଣନାରେ କବି ଶତମୁଖ। ଶ୍ରଦ୍ଧା ପରି ଉଚ୍ଚଗୁଣ ସମ୍ପର୍କରେ ତାପସୀ କନ୍ୟା ଅନୁକମ୍ପା କହନ୍ତି –

ଅନୁକମ୍ପା ତହିଁ ବୋଇଲେ "ସୀତେ,

କାର୍ଯ୍ୟକରେ ଲୋକ ଶ୍ରଦ୍ଧା ସହିତେ

ଫୁଲେ ଫୁଲେ ଯଥା ବିଭିନ୍ନ ବାସ

ଜୀବନେ ଜୀବନେ ଶ୍ରଦ୍ଧା ନିବାସ

ଶରଧା ସ୍ୱଭାବ ବଶୁ

ଦଇବୀ ମାନବୀ ଆସୁରୀ ଭେଦରେ

ହୋଇଥାଏ ଫଳପ୍ରସୂ।" – ତପସ୍ୱିନୀ

ନ୍ୟାୟ, ନୀତି, ପ୍ରୀତି, ମୈତ୍ରୀ ଆଦି ମହ ର ଗୁଣାବଳୀ ଯେଉଁଠି ପରାହତ ହୋଇଛି, ସେଠି ପରିଣତି ଖୁବ୍ ଭୟଙ୍କର। 'କୀଚକବଧ'ରେ କାମାନ୍ଧ କୀଚକର ମୃତ୍ୟୁ ହେଉ କି 'ପଦ୍ମିନୀ'ରେ କ୍ଷମତାପ୍ରିୟ ଅସଂଯତ ଆଲ୍ଲାଉଦ୍ଦିନଙ୍କ ବିଫଳତା ହେଉ ବା ପ୍ରଣୟବଲ୍ଲରୀରେ ଆସୁରିକ ଅପଶକ୍ତିମାନଙ୍କର ତିରୋଧାନ ହେଉ ପ୍ରତିଟି ପ୍ରକଟନରେ କବି ଆତ୍ମାର ଆଦର୍ଶବୋଧ ନିହିତ। ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ମଣିଷ ଯେତିକି ମାତ୍ରାରେ ଆଦର୍ଶକୁ ଆଧାର କରି, ସେ ସେହି ପରିମାଣରେ ସ୍ୱର୍ଗୀୟ ସୁଷମାରେ ବିଭୂଷିତ ହେବ। ଗଙ୍ଗାଧର କାବ୍ୟ ତପୋବନର ତାହା ହିଁ ନିର୍ଦ୍ଦେଶ।

**୧୩.୧.୪. ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି**

ଗଙ୍ଗାଧର କାବ୍ୟମାନସ ପ୍ରସିଦ୍ଧିର ଅନ୍ୟତମ ଆକର୍ଷଣ ଏହାର ପ୍ରକୃତି ନିରାଜନା। ଉଭୟ ଅନ୍ତଃପ୍ରକୃତି ଓ ବହିଃ ପ୍ରକୃତିର ମଧୁର ସଂଯୋଗ ତାଙ୍କ ସୃଷ୍ଟିରେ ସତତ ସଂରକ୍ଷିତ। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ ଥିବା ପ୍ରକୃତିର ଫଟୋଗ୍ରାଫିକ୍ ଚିତ୍ର ପରିବର୍ ୍ତ ଏହାର ଆତ୍ମିକ ସ୍ୱରୂପ ଉଦ୍‌ଘାଟନରେ ରାଧାନାଥ ଯେଉଁ ସାରଣୀ ପ୍ରବର୍ ୍ତନ କଲେ, ତହିଁରେ ଗଙ୍ଗାଧର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବାର ଜଣାଯାଏ। ପ୍ରକୃତିଠାରେ ବ୍ୟକ୍ତିତ୍ୱାରୋପ ସହ ତନ୍ମଧ୍ୟରେ ଜୀବନ ସଂଚାର କରି କବି ଯେଉଁ ଉ ୍ଙ୍ଗତା ସ୍ପର୍ଶ କରିଛନ୍ତି, ତାହା ତାଙ୍କୁ ଓଡ଼ିଆ କାବ୍ୟ ସାହିତ୍ୟରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଏ। ସବୁଠାରୁ ବଡ଼ କଥା ହେଲା ମେହେର ପ୍ରକୃତି କାବ୍ୟର ଚରିତ୍ର ଭାବେ କଥାବସ୍ତୁକୁ ଆଗେଇ ନେବାରେ ଯେପରି ଭୂମିକା ନିଭାଇଛି, ସେପରି ଚିତ୍ର ସମଗ୍ର ଓଡ଼ିଆ ସାହିତ୍ୟରେ ବିରଳ।

ଅନ୍ୟାନ୍ୟ କାବ୍ୟ ଅପେକ୍ଷା ‘ପ୍ରଣୟବଲ୍ଲରୀ’ ଓ ‘ତପସ୍ୱିନୀ’ରେ ପ୍ରକୃତି ଓ ମାନବର ନିବିଡ଼ ଘନିଷ୍ଠତା ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିଛି। ଏ ଉଭୟ କାବ୍ୟରେ ପ୍ରକୃତି କେତେବେଳେ ସହାନୁଭୂତିଶୀଳ ତ କେତେବେଳେ ପ୍ରତିକ୍ରିୟାଶୀଳ। କ୍ଷୁଦ୍ର ନିଅଳୀ ଫୁଲ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ପ୍ରେମ ପ୍ରବାହକୁ ପୂର୍ଣ୍ଣତା ପ୍ରଦାନ କରିଛି। ଶକୁନ୍ତଳାଙ୍କ ପତିଗୃହ ଗମନ କାଳରେ ପ୍ରକୃତି ଅତୀବ ଦୁଃଖ ଓ ବେଦନାରେ ମ୍ରିୟମାଣ –

କେତେକ ଶିଶିର ଛଳେ କେତେ ଅବା
କୁସୁମ ବର୍ଷଣ ଛଳେ
ଶକୁନ୍ତଳା କର ସ୍ପରଶ ମାତ୍ରକେ
ଲୋତକ ମୋଚନ କଲେ।
ଯେଉଁସବୁ ତରୁଲତାକୁ ସୁଶୀଳା
ଛାଡ଼ିଯାଉଥାଏ କ୍ରମେ
ଇରହ ବେଦନା ଅନୁଭବ ଯେହ୍ନେ
କରୁଥାନ୍ତି ମର୍ମେ ମର୍ମେ। - ପ୍ରଣୟବଲ୍ଲରୀ

‘ତପସ୍ୱିନୀ’ ପ୍ରକୃତିର ଆତ୍ମୀୟତା ଓ ସୌହାର୍ଯ୍ୟ ଅଧିକ ବ୍ୟାପକ। ସୀତାଙ୍କ ନିର୍ବାସନରେ ବନପ୍ରକୃତି ଦୁଃଖ କରିବା ସହିତ କିଭଳି ପ୍ରତିବାଦ ପରାୟଣ ହୋଇଛି, ତା’ର ବର୍ଣ୍ଣନା ଉପଭୋଗ୍ୟ।

“କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍‌ଗକରେ ଗର୍ଜିଲା ପ୍ରଖର।
ବାୟାବସା ତୂଣୀରକୁ ଝାଡ଼ି ବାରମ୍ବାର,
ପତ୍ରକଙ୍କ ପତ୍ର କଲା କି ଅବା ବାହାର
କମ୍ପିତ-ସରିତ-ବୀଚି-ଉତ୍‌ଥିତ ଶୀକର
ପଡ଼ିଲା ପୂଳିନେ ତେଜି ତରଙ୍ଗ – ଶିଖର।” ଇତ୍ୟାଦି – (ତପସ୍ୱିନୀ)

ସୀତା ବାଲ୍ମୀକି ଆଶ୍ରମରେ ରହିବା ପରେ ତପୋବନ ଉଷାର ସାହଚର୍ଯ୍ୟ ବର୍ଣ୍ଣନା ଅତ୍ୟନ୍ତ ହୃଦୟଗ୍ରାହୀ। ଜାନକୀଙ୍କୁ ଉପହାର ଦେବା ପାଇଁ କରପଲ୍ଲବରେ ନୀହାରମୁକ୍ତା ଧରି ଅତି ସନ୍ତର୍ପଣରେ ଉଷା ସତୀଙ୍କର ବାସ-ବାହାର-ପ୍ରାଙ୍ଗଣରେ

ଦଣ୍ଡାୟମାନ ହୋଇ କଳକଣ୍ଠ କଣ୍ଠରେ କହିଛି – "ଦରଶନ ଦିଅ ସତୀ ରାତି ପାହିଲା।" ସୀତାଙ୍କ ମନରୁ କାରୁଣ୍ୟ ପୋଛିଦେଇ ତାଙ୍କ ପ୍ରାଣରେ ସୁଖ ଓ ସନ୍ତୋଷ ଭରିଦେବା ପାଇଁ ସମଗ୍ର ତପୋବନ ପ୍ରକୃତି ତତ୍ପର।

"ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ
ସୁରଭି ନ ର୍ତନେ ଥାଏ ଉଷା ନିର୍ଦ୍ଦେଶେ
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ-ମଗଧ ବେଶେ
ଲଳିତ ମଧୁରେ କହିଲା
ଉଠ ସତୀ-ରାଜ୍ୟ-ରାଣୀ, ରାତି ପାହିଲା।" – ତପସ୍ୱିନୀ

ଋତୁମାନଙ୍କର ମୂ ର୍ତିମନ୍ତ ରୂପ ଚିତ୍ରଣରେ କବି ଆହୁରି ଯତ୍ନଶୀଳ। ସୀତାଙ୍କ ଗର୍ଭବେଦନା ଲାଘବ ପାଇଁ ମେଘ ସଖୀର ଭୂମିକା ତୁଲାଇଛି। 'କୀଚକବଧ' କାବ୍ୟରେ ବସନ୍ତ ବର୍ଣ୍ଣନା ଦେବାବେଳେ କବି ପଦ୍ମିନୀକୁ ଚରିତ୍ର କରି ସତୀ ନାରୀର ମହ ୍ୱ ସୂଚାଇଛନ୍ତି।

ସ୍ରୋତ - "ଭାନୁ ଯମାଳୟ ଗମନ ଦେଖି ପଦ୍ମିନୀ ସତୀ
ବିଷ୍ଣୁପଦସ୍ରୁତ ଜଳରେ ଝାସିଥିଲା ଝଟତି
ତପଫଳେ ଏବେ ସୁନ୍ଦରୀ ନବ ଜନମ ଲଭି
ଧ୍ରୁବ ସମ୍ମୁଖୀନ ପତିଙ୍କ ହେଲା ପ୍ରିୟ ବଲ୍ଲଭୀ।" (କୀଚକବଧ)

ଉପସଂହାରରେ ଗଙ୍ଗାଧର ପ୍ରକୃତି ସମ୍ପର୍କରେ କବି ରାଧାନାଥ ରାୟ ଦେଇଥିବା ମନ୍ତବ୍ୟ ଉଦ୍ଧାର ଯଥେଷ୍ଟ ହେବ। "ଗଙ୍ଗାଧର ଉଚ୍ଚଶ୍ରେଣୀର କବି। କି ବହିଃପ୍ରକୃତି, କି ଅନ୍ତଃପ୍ରକୃତି, ଉଭୟଙ୍କର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ। ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇପାରନ୍ତି, ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ, ପ୍ରକୃତି ଗ୍ରନ୍ଥାୟନ ମଧ୍ୟ ଅନୁରୂପେ ଆବଶ୍ୟକ। ଗଙ୍ଗାଧର ଯେତେବେଳେ ଯାହା ଲେଖିଛନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି। ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ। ଏହାର ଭୂରି ଭୂରି ପ୍ରମାଣ ତାହାଙ୍କ ରଚନାରେ ସୁଲଭ।"

### ୧୩.୧.୫. ଗଙ୍ଗାଧରଙ୍କ କାବ୍ୟର ଶିଳ୍ପ ବିଧି

କବି ରୀତି କାବ୍ୟାଦର୍ଶରେ ବେଶି ଅନୁପ୍ରାଣିତ ହୋଇ କାବ୍ୟ ରଚନା କରିଥିଲେ ହେଁ ତାଙ୍କୁ ରୀତିଯୁଗୀୟ ଭଗ୍ନାଂଶ କୁହାଯାଇପାରିବ ନାହିଁ। ରୀତିଯୁଗୀୟ ଶେଷ ଭଗ୍ନାଂଶ କୁହାଯାଇପାରିବ ନାହିଁ। ରୀତିଯୁଗୀୟ ଅକ୍ଷର ନିୟମ ଶୈଳୀରେ ତାଙ୍କର ଆଦ୍ୟ ସୃଷ୍ଟି ରସନରତ୍ନାକର ଆଦ୍ୟ ପ୍ରାନ୍ତ 'ର'କୁ ନେଇ ରଚିତ। ତେବେ ପରବ ର୍ତୀ କାଳରେ କବି ଏପରି କଠୋରତା ପରିହାର କରିଛନ୍ତି। ଭାଷାଶିଳ୍ପ, ଛନ୍ଦ ସୌନ୍ଦର୍ଯ୍ୟ ଓ ଅଳଙ୍କାର ବିମଣ୍ଡନରେ ପ୍ରାଚୀନ-ଆଧୁନିକ ମିଶ୍ରଶୈଳୀ ତାଙ୍କ କାବ୍ୟରେ ଅନୁସୃତ।

"ବାଲମୀକି ଆଶ୍ରମକୁ ଧାଇଁଅଛି ମନ / କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ" – ଏପରି ବିଷୟ ନିର୍ଦ୍ଦେଶରୁ 'ତପସ୍ୱିନୀ' ମହାକାବ୍ୟର ଗତି ଆରମ୍ଭ ରୀତି ଆଦର୍ଶ ପ୍ରଭାବିତ ହୋଇଥିବା ସ୍ଥଳେ, 'ଇନ୍ଦୁମତୀ' ଓ 'କୀଚକବଧ' ଆଦି କାବ୍ୟର ପ୍ରଥମ ସର୍ଗରେ ନୂଆ ଯୁଗର ଶୈଳୀ ଅନୁସୃତ।

ଗଙ୍ଗାଧରଙ୍କ ଭାଷା ପ୍ରୟୋଗ ସଂଯତ ଓ ମାର୍ଜିତ। ଅନାବଶ୍ୟକ ଓ ଅନୁଚିତ ଶବ୍ଦ ପରିହାର କରି କେତେବେଳେ ତତ୍ସମ, କେତେବେଳେ ଗ୍ରାମୀଣ ଅବା କେତେବେଳେ ଉଭୟର ମିଶ୍ରିତ ରୂପରେ ସେ କାବ୍ୟ ଗଠନ କରିଛନ୍ତି। ଗୌଡ଼ୀୟ ରୀତି ଅନୁମୋଦିତ ଦୀର୍ଘ ସମାସଯୁକ୍ତ ପଦମାନ କବି ଗଙ୍ଗାଧରଙ୍କ ଭାଷା ସୌଷ୍ଠବର ଏକ ବିଶେଷତ୍ୱ। ଦୁଇଟି ମାତ୍ର ଦୃଷ୍ଟାନ୍ତ ଦ୍ରଷ୍ଟବ୍ୟ।

(କ) କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଦ୍ଧ-ଶୁଭ୍ର ବେଶା

ଇନ୍ଦ୍ରନୀଳ -ଦ୍ୟୁତି–ଜିତ–ମନୋହର-କେଶା ?

(ଖ) ନିଦ୍ରା-ମହୋଦଧି-ସ୍ୱପନ-ତରଙ୍ଗେ

ଭାସି ଭାସି ଜୀବଗଣ

କଲେ କେତେ ମହା-ଅଦ୍ଭୁତ ବିଷୟ

ପ୍ରତିବିମ୍ବ ଦରଶନ

ଏଥିସହିତ "ଭାବୁଥାଏ ମନ ଏକ, ଫଳ ହୁଏ ଆନ / ବୁଝି ନୁହେଁ ସଖି, ଭବେ ବିଧିର ବିଧାନ" (ତପସ୍ୱିନୀ) ପରି ପଦରେ ସରଳତାର ଦ୍ୟୋତନା ତାଙ୍କ କାବ୍ୟଭାଷାକୁ କରିଛି ପ୍ରାଣବନ୍ତ।

ଛନ୍ଦ ବ୍ୟବହାରରେ କବି ପ୍ରାଚୀନ ରୀତି ଗ୍ରହଣ କରିଛନ୍ତି – ରାମକେରୀ, ବଙ୍ଗଳାଶ୍ରୀ, ଚୋଖି, ରସକୂଲ୍ୟା, ଚଉଦ ଅକ୍ଷରୀ ବୃ , କଳହଂସ କେଦାର ଆଦି ଛନ୍ଦବୃ  ତାଙ୍କ କାବ୍ୟରେ ବ୍ୟବହୃତ। 'ତପସ୍ୱିନୀ' ଓ 'କୀଚକବଧ'ରେ ବିବିଧ ଛାନ୍ଦର ପ୍ରୟୋଗ ହୋଇଥିବା ବେଳେ 'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ', 'ଉତ୍କଳ ଲକ୍ଷ୍ମୀ' ଏକ ଛନ୍ଦ ବଙ୍ଗଳାଶ୍ରୀ ବୃ  ରେ ଲିଖିତ। ନାନା ପ୍ରକାର ସରଳ ଛନ୍ଦ ଯୋଗୁ ଗଙ୍ଗାଧର କାବ୍ୟ ସାହିତ୍ୟର ସାଙ୍ଗୀତିକ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି।

କାବ୍ୟ ସୌଷ୍ଠବ ବୃଦ୍ଧି କରୁଥିବା କେତେକ ପରିଚିତ ଅଳଙ୍କାରରେ ଗଙ୍ଗାଧରଙ୍କ କାବ୍ୟାଙ୍ଗନା ଅଳଙ୍କୃତ। ସେ ମଧ୍ୟଯୁଗୀୟ କବିମାନଙ୍କ ପରି କୃତ୍ରିମ ଅଳଙ୍କାର ସଂରଚନା ନ କରି ରାଧାନାଥଙ୍କ ପରି ବୋଧଗମ୍ୟ, ସ୍ୱଚ୍ଛନ୍ଦ ଓ ଭାବବହନକାରୀ ଅଳଙ୍କାରମାନ ପ୍ରୟୋଗ କରିଛନ୍ତି। ଅନେକ କ୍ଷେତ୍ରରେ ଜଣାଶୁଣା ଦୃଶ୍ୟ ଓ ସ୍ୱଅନୁଭୂତିରୁ ଅଳଙ୍କାରର ଉପାଦାନ ଗ୍ରହଣ କରି ବକ୍ତବ୍ୟର ଜୀବନ୍ତ ରୂପ ଅବତାରଣରେ କବି ଧୂରୀଣତା ପ୍ରକାଶ କରିଛନ୍ତି। ଉପମା, ରୂପକ, ଉତ୍ପ୍ରେକ୍ଷା, ଅପହ୍ନୁତି, ଶ୍ଳେଷ, ବକ୍ରୋକ୍ତି ପ୍ରକୃତି ଅର୍ଥାଳଙ୍କାର ଏବଂ ଅନୁପ୍ରାସ, ଯମକ ଆଦି ଶବ୍ଦାଳଙ୍କାର ସଂଯତ ପ୍ରୟୋଗରେ ତାଙ୍କ କାବ୍ୟ ଗଠିତ। କେତୋଟି ଦୃଷ୍ଟାନ୍ତ -

ରୂପକ- ନାହିଁ ସିନା ଘରେ ହୃଦ - ପ୍ରେମ ସରେ

ମୋ ପ୍ରିୟା କମଳ କଳି

ପଡ଼ିଛନ୍ତି ଫୁଟି ମକରନ୍ଦ ଲୁଟି

କରୁଅଛି ମନ ଅଳି। (ତପସ୍ୱିନୀ)

ଉପମା – ଜୀବନ ଯଉବନ ବଢ଼ିଲା ସମ

ବସନ୍ତ ବଢ଼ି ବନେ ହେଲା ଗ୍ରୀଷମ

ଯୁବା ଶକତି ଯଥା ହୁଏ ପ୍ରଖରା

ପ୍ରଚଣ୍ଡତର ହୋଇ ଆସିଲା ଖରା। (ତପସ୍ୱିନୀ)

ଉତ୍ପ୍ରେକ୍ଷା- ଜଣେ ଜଣେ ହୋଇ ସଭାଗତ ହେଲେ

କ୍ରମେ ସର୍ବ ନରପତି

ସନ୍ଧ୍ୟା ଦେବୀ କୋଳେ ଉଇଁ ଆସିଲେ କି

ଉଜ୍ଜ୍ୱଳ ତାରକା ପନ୍ତି। (ଇନ୍ଦୁମତୀ)

**୧୩.୧.୬. ଗୀତିକବି ଗଙ୍ଗାଧର**

ରାଧାନାଥ ମୁଖ୍ୟତଃ କାବ୍ୟର କବି, ମଧୁସୂଦନ ଗୀତି କବି ମାତ୍ର ଗଙ୍ଗାଧର ଏ ଉଭୟର ସ୍ରଷ୍ଟା। ଉଚ୍ଚାଙ୍ଗ କାବ୍ୟ ସୃଷ୍ଟି ବ୍ୟତୀତ ମଧୁର ଗୀତିକବିତା ସର୍ଜନା ତାଙ୍କ କବିପଣର ଅନ୍ୟତମ ସ୍ୱଭାବ। କାବ୍ୟାବଳୀରେ କବିଙ୍କର ଯେଉଁ ଉଚ୍ଚାଦର୍ଶ ନିହିତ, କ୍ଷୁଦ୍ର କବିତାଗୁଡ଼ିକରେ ମଧ୍ୟ ସେହି ଭାବନା ପ୍ରସାରିତ। 'କବିତା କଲ୍ଲୋଳ', 'ଅର୍ଘ୍ୟଥାଳି', 'କବିତାମାଳା', 'କୃଷକ ସଙ୍ଗୀତ', ଆଦି ଗୀତିକବିତା ଗ୍ରନ୍ଥରେ ଗଙ୍ଗାଧରଙ୍କ ଜୀବନ ଦର୍ଶନ ସନ୍ଧାନ କରାଯାଇପାରେ। ନୈତିକତା, ବିଭୁବୋଧ, ଦେଶପ୍ରେମ ଓ ମାନବିକ ଆବେଦନରେ କବି ପ୍ରତିଭାର ଶ୍ରେୟ ସନ୍ନିହିତ।

ଶୁଚିବାଦିତା ଥିଲା ଗଙ୍ଗାଧରଙ୍କ ସଂକଳ୍ପ। କାବ୍ୟପରି କବିତାମାନଙ୍କରେ ମଧ୍ୟ ସେ ନୀତିନିଷ୍ଠ ଜୀବନଯାପନ ପାଇଁ ମାର୍ଗ ଦେଖାଇଛନ୍ତି। "ପାପ କରିବାକୁ ଯିବି କାହିଁକି / ବାପ ଯା' ଅଛନ୍ତି ଜଗତର ପତି / ତା'ର କେଉଁ କଥା ନାହିଁ କି ?" – ଏହି ଭାବନିଷ୍ଠତା ଉପରେ କବିଙ୍କର ଆତଯାତ ସମ୍ଭବ ହୋଇଛି।

"ଯା' ମନ ଯେପିର ତା ପାଇଁ ସେପରି

ଫଳ ରଖିଥାଏ ବିଶ୍ୱ

ଉଚ୍ଚମନା ଭବେ ଅମୃତ ଲଭଇ

ନୀଚମନା ଲଭେ ବିଷ।"

ଏପରି ଉଦାରତା ଓ ଅମୃତ ଭାବ ଧାରଣ କଲେ ଈଶ୍ୱର ତ ସ୍ୱତଃ ଆଶିଷ ଢାଳିବେ ବୋଲି ତାଙ୍କର ବିଶ୍ୱାସ। ତେଣୁ ଧର୍ମାନୁମୋଦିତ ସାମାଜିକ ଚଳଣି ପାଇଁ ସେ ଇଙ୍ଗିତ ଦେଇଯାଇଛନ୍ତି –

"ଧାର୍ମିକ ସୁଜନ ଦେଖି କଲେ ପ ।ୟତ

ନିଶ୍ଚୟ ସମାଜ ହେବ ଧର୍ମର ଆୟ ।"

ନୈତିକତା ଓ ଧାର୍ମିକ ଚିନ୍ତାର ପ୍ରଚାର ସହିତ ବିଶ୍ୱଜନୀନ ସର୍ବମୟ କ ୍ଙ୍କ ନିକଟରେ ନିଜକୁ ପୂର୍ଣ୍ଣ ସମର୍ପଣ କରିବା ତାଙ୍କ ଭଗବତବୋଧର ଚରମ ବିଳାସ। ଭକ୍ତି, ଅମୃତମୟ, ମଧୁମୟ, ପ୍ରଭାତ ପ୍ରାର୍ଥନା, ଅର୍ପଣ, ଭରସା, ପ୍ରାର୍ଥନା ଆଦି କବିତାରେ କବିଙ୍କ ବିଶ୍ୱାସର ତୁଙ୍ଗତା, ଭକ୍ତିର ପ୍ରଗାଢ଼ତା ଓ ଆସ୍ଥା ସ୍ଥାପନରେ ଅବିଚଳତା ପ୍ରାଣମୟୀ ଭାଷାରେ ଯେଭଳି ଉଚ୍ଚାରିତ, ତାହା ପାଠକକୁ ନୂତନ ଜୀବନ୍ୟାସ ଦେଇଥାଏ। ମଧୁସୂଦନଙ୍କ ପରି ଏହି ଅମୃତ ସନ୍ଧାନୀ କବି ଗାଇଛନ୍ତି –

"ବିଶ୍ୱ ଦେଖ ମଧୁମୟରେ ଜୀବନ

ବିଶ୍ୱ ଦେଖ ମଧୁମୟ

ମଧୁର ଝରଣ କରିବ ହରଣ

ତୋ ପାପ ମରଣ ଭୟରେ ଜୀବନ।" (ମଧୁମୟ)

ତଥାକଥିତ ପୁରୋହିତ ବା ଧର୍ମଯାଜକମାନଙ୍କର ଧର୍ମରେ ଈଶ୍ୱର ଯେପରି ସୀମିତତା ମଧ୍ୟରେ ଆବଦ୍ଧ ହୋଇଥାନ୍ତି, ଗଙ୍ଗାଧରଙ୍କ ଈଶ୍ୱର ସେପରି ନୁହନ୍ତି। ସେ ପୃଥିବୀର ସକଳ ମଣିଷର ବନ୍ଧୁ। ତାଙ୍କ ବିଶାଳତାକୁ କିଏ ବା ବାନ୍ଧିପାରିବ କୌଣସି ନିଗଡ଼ ମଧ୍ୟରେ !

"ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ
ସର୍ଷପ ଗରଭେ ରହି କି ପାରଇ
ହିମାଳୟ ସାନୁମାନ ?" (ଭକ୍ତି)

ମାତୃଭୂମି ମାତୃଭାଷାର ବନ୍ଦନା କବିଙ୍କ ଦେଶାତ୍ମବୋଧର ପରିଚାୟକ। 'ଭାରତୀ ଭାବନା' ଗାନ୍ଧି ମୁକ୍ତି ସଂଗ୍ରାମର ନାନ୍ଦିଗାନରେ ବିହ୍ୱଳ ଏକ ସାର୍ଥକ ଜାତୀୟବାଦୀ କବିତା। ଏହି ପର୍ଯ୍ୟାୟରେ 'ଉତ୍କଳ ଭାରତୀଙ୍କ ଉକ୍ତି', 'ମାତୃଭୂମି', 'ଭାରତୀ ରୋଦନ', 'ଉଦ୍‌ବୋଧନ' ଆଦି କବିତାଗୁଡ଼ିକ ବିଚାର କରାଯାଇପାରେ। ଲିପି ସଂସ୍କାର ଆଳରେ ଓଡ଼ିଆ ଭାଷା ଉପରେ ହେଉଥିବା ଦୌରାତ୍ମ୍ୟକୁ କବି ସହି ନ ପାରି ନିବେଦନ କରିଛନ୍ତି-

"ମସ୍ତକେ ମୋ ଟୋପି ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ
ସିନ୍ଦୂର ବିନ୍ଦୁ ମୋ ଭାଲେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ।" (ଉତ୍କଳ ଭାରତୀଙ୍କ ଉକ୍ତି)

ଦେଶ ଓ ଭାଷା ବିମୁଖ ମଣିଷଙ୍କୁ ଚେତାଇ ଦେବାକୁ ଯାଇ ଯେଉଁ ଶାଶ୍ୱତ ବାଣୀ ସେ ଉଚ୍ଚାରଣ କରିଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରଣିଧାନଯୋଗ୍ୟ।

"ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ।" (ମାତୃଭୂମି)

"ଯା' ଭାଷା ଦୁର୍ବଳ କାହିଁ ତ'ର ଜ୍ଞାନ
କାହିଁ ତା'ର ରାଜ ଦୁଆରେ ସମ୍ମାନ
ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା।" (ଉଦ୍‌ବୋଧନ)

ଓଡ଼ିଆ ହୋଇ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟକୁ ହେୟ ଦୃଷ୍ଟିରେ ଦେଖୁଥିବା ଉନ୍ମୂଳ ଶିକ୍ଷିତ ସମାଜ ପାଇଁ ଏହି ପଦ ଆଜି ବି ପ୍ରଯୁଜ୍ୟ।

ଗଙ୍ଗାଧର ଥିଲେ ସମାଜ ସଚେତନ ଶିଳ୍ପୀ। କୁସଂସ୍କାର, ଅନ୍ଧବିଶ୍ୱାସ, ଅତ୍ୟାଚାର, ଅନୀତି ଏବଂ ପ୍ରତାରଣା ବିନିର୍ମୁକ୍ତ ସମାଜର ପରିକଳ୍ପନା ତାଙ୍କ କାବ୍ୟସ୍ୱରର ଆଉ ଏକ ଦିଗ। 'ପ ାୟତ', 'ତାକୁ ମଧ୍ୟ ବୋଲିଥା'ନ୍ତି ଧର୍ମ ଅବତାର', ପ୍ରେତର ଅନୁତାପ' ପରି କବିତାରେ ସମାଜର ନାନା ଦୋଷ ଦୁର୍ବଳତା ଦେଖାଇ ଦେବାରେ କବି ଆଗୁସାର।

"ମନ ଯା'ର ବ୍ୟସ୍ତ ସଦା ପରସ୍ୱ ହରଣେ
ଧନ ଯା'ର ବିଦଳିତ ଗଣିକା ଚରଣେ
ଜୀବନ ଯା' ଲକ୍ଷ କୋଟି ଲୋକଙ୍କର ଭାର
ତାକୁ ମଧ୍ୟ ବୋଲିଥା'ନ୍ତି ଧର୍ମ ଅବତାର।" (ତାକୁ ମଧ୍ୟ ବୋଲିଥା'ନ୍ତି ଧର୍ମ ଅବତାର)

କୃଷିଜୀବୀ ଜୀବନର ବହୁ ବାସ୍ତବ ଚିତ୍ର ଓ କୃଷି ସମ୍ବନ୍ଧୀୟ ଅନେକ ଉପାଦାନକୁ ନେଇ ପ୍ରକାଶିତ ତାଙ୍କର 'କୃଷକ ସଙ୍ଗୀତ' କବିତାଗ୍ରନ୍ଥ ସେହି ସମାଜ ପାଇଁ କବିଙ୍କ ଅଙ୍ଗୀକାରବଦ୍ଧତାର ନିଦର୍ଶନ।

ତାଙ୍କ କବିତାର ଆଧୁନିକ କାବ୍ୟଶୈଳୀ ଯଥା ସମ୍ବୋଧଗୀତି, ସନେଟ୍, ସ୍ତୋତ, ଶୋକଗୀତି ଓ ଗାଥା ଆଦି ଅନୁବର୍ିତ। 'ମଳୟ ଆବାହନ', 'ବର୍ଷାଋତୁ ପ୍ରତି', 'ସମଲାଇ ଦେବୀ ପ୍ରତି' ଇତ୍ୟାଦି ସମ୍ବୋଧଗୀତି, 'ଖଦ୍ୟୋତର ଖେଦ', 'ସୂର୍ଯ୍ୟପ୍ରତି ଦୀପ', 'ବାଳପାଦପ' ଆଦି ସନେଟ୍, 'ଭକ୍ତି', ମଧୁମୟ' ଭଳି ସ୍ତୋତ୍ର, 'ସ୍ୱର୍ଗୀୟ କବିବର ରାଧାନାଥ ରାୟ', 'ମଧୁସୂଦନଙ୍କ ସ୍ୱର୍ଗାରୋହଣ' ଆଦି ଶୋକଗୀତି, 'ସୂର୍ଯ୍ୟପ୍ରତି ଦୀପ', 'ନର ଓ ମୟୂର', 'ଅମୂଲ୍ୟ ଓ ମୂଲ୍ୟାୟନ' ଆଦି ଗାଥାକବିତାରେ ଗଙ୍ଗାଧର ଲେଖନୀର ବିଚିତ୍ର କାବ୍ୟରୂପର ଆଧୁନିକତା ଅନୁସନ୍ଧେୟ। ତାଙ୍କ କବିତାର ଭାଷା କାବ୍ୟଭାଷା ଅପେକ୍ଷା ଅଧିକ ସରଳ ଓ ସାବଲୀଳ।

ଗଙ୍ଗାଧର କାବ୍ୟମାନସର ସାମଗ୍ରିକ ଆକଳନରୁ ତାଙ୍କ ପ୍ରତିଭାର କାଳେ ୀର୍ଣ୍ଣତା ଲକ୍ଷ୍ୟ କରାଯାଏ। ବିଶୁଦ୍ଧ କବିତ୍ୱର ଏହି ବରେଣ୍ୟ ବ୍ୟକ୍ତିତ୍ୱ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ।

### ୧୩.୧.୭. – ଗଙ୍ଗାଧରଙ୍କ ଗଦ୍ୟ ରଚନା

ଗଙ୍ଗାଧରଙ୍କ କବିତ୍ୱ ନୈସର୍ଗିକ। କାବ୍ୟ କବିତାର ସୃଜନ ପ୍ରାଚୁର୍ଯ୍ୟ ତାଙ୍କର ସହଜାତ ପ୍ରତିଭା। ତଥାପି ସ୍ୱଳ୍ପ କେତେକ ଗଦ୍ୟ ରଚନା ତାଙ୍କ ଦ୍ୱାରା ଲିଖିତ ହୋଇଥିବାର ଜଣାଯାଏ। 'ଶ୍ରୀନୃପରାଜ ସିଂହ', 'ପୁରାଣକବି ଫକୀରମୋହନ', 'ସ୍ୱର୍ଗୀୟ କାଶୀନାଥ ପଣ୍ଡା', 'ଏହା କି ପୃଥିବୀର ଶବ୍ଦ', 'ଶିକ୍ଷିତ ଅଶିକ୍ଷିତ ଓ ଶିକ୍ଷାଭିମାନୀ', 'ବଭେଦ, ର ଓ ରୁ ଭେଦ ଜୀବନୀମୂଳକ ସମାଲୋଚନାତ୍ମକ ଅଳ୍ପ କେତୋଟି ପ୍ରବନ୍ଧ ଗଙ୍ଗାଧରଙ୍କ ଗଦ୍ୟ ଆସ୍ପୃହାର ସଙ୍କେତ ଦେଇଥାନ୍ତି। ଏଥିସହିତ ସଂକ୍ଷିପ୍ତ 'ଆତ୍ମଜୀବନୀ' ନିଜ ଜୀବନଚର୍ଯ୍ୟାର ଏକ ପ୍ରାମାଣିକ ଗଦ୍ୟସୃଷ୍ଟି। ତାଙ୍କର ବାଲ୍ୟ ଜୀବନ, ଆର୍ଥିକ ସ୍ଥିତି, ଶିକ୍ଷା, ବସ୍ତ୍ରବୟନ, ବିବାହ ଓ ଚାକିରି ସମ୍ପର୍କରେ କେତେକ ତଥ୍ୟ ଏଥିରେ ଉପଲବ୍ଧ। ତାଙ୍କର ଗଦ୍ୟସୃଷ୍ଟି ପ୍ରତୁଳ ନ ହେଲେ ମଧ୍ୟ ଏ ଦିଗରେ ଯେଉଁ ପ୍ରଚେଷ୍ଟା, ତାହା ତାଙ୍କ ସ୍ରଷ୍ଟା ଜୀବନର ବ୍ୟାପ୍ତିକୁ ପ୍ରକାଶ କରିଥାଏ।

## ୧୩.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକାବଳୀ

### ଆଦର୍ଶ ପ୍ରଶ୍ନାବଳୀ

୧. ଫକୀର ମୋହନଙ୍କ କାବ୍ୟ କବିତାର ପରିଚୟ ଦିଅ।
୨. ଫକୀର ମୋହନଙ୍କ ସାହିତ୍ୟରେ ବାସ୍ତବବାଦର ସ୍ୱରୂପ ଦର୍ଶାଅ।
୩. ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରୁ ଓଡ଼ିଶାର ସାମାଜିକ ଓ ଐତିହାସିକ ଚିତ୍ରର ସୂଚନା ଦିଅ।
୪. ଆଦର୍ଶବାଦ ହିଁ ଗଙ୍ଗାଧର କାବ୍ୟମାନସର ପ୍ରଧାନ ଅବଲମ୍ବନ - ଏହା ପ୍ରମାଣ କର।
୫. ପ୍ରାଚୀନତା ଓ ନୂତନତାର ସମନ୍ୱୟରେ ଗଙ୍ଗାଧର କାବ୍ୟସୌଧ ଗଠିତ – ଏହାର ସତ୍ୟତା ନିରୂପଣ କର।

୬. ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତିର ପ୍ରଭାବ ଦର୍ଶାଅ।

୭. ଗୀତିକବି ଗଙ୍ଗାଧରଙ୍କ ମହ ୍ୱ ଦର୍ଶାଅ।

୮. ନନ୍ଦ କିଶୋରଙ୍କ କାବ୍ୟ କବିତାରେ ପଲ୍ଲୀଚେତନା ଉପରେ ଆଲୋକପାତ କର।

୯. ନନ୍ଦ କିଶୋରଙ୍କ ସାହିତ୍ୟରୁ ଦେଶପ୍ରୀତିର ପରିଚୟ ଦିଅ।

୧୦. ନନ୍ଦକିଶୋରଙ୍କ ଗଦ୍ୟ ବିଭବ ଉପରେ ଏକ ଆକଳନା କର।

**ଅଧିକ ଜାଣିବା ପାଇଁ ସହାୟକ ଗ୍ରନ୍ଥାବଳୀ –**


୧୩. ଫକୀର ମୋହନ ସମୀକ୍ଷା – ସୁରେନ୍ଦ୍ର ମହାନ୍ତି

୧୪. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ – ଡ. ବୈଷ୍ଣବ ଚରଣ ସାମଲ

୧୫. କାବ୍ୟ ଶିଳ୍ପୀ ଗଙ୍ଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

୧୬. ଯୁଗଲଘ୍ନୀ କବି ଗଙ୍ଗାଧର – ଡ. କେଶବ ଚନ୍ଦ୍ର ମେହେର

୧୭. ପଲ୍ଲୀକବି ସୃଷ୍ଟି ପରିଧି – ଓଡ଼ିଶା ସାହିତ୍ୟ ଏକାଡେମୀ

୧୮. ପଲ୍ଲୀକବି ନନ୍ଦକିଶୋର ବଳ – ଡ. ସୁରେନ୍ଦ୍ର କୁମାର ମହାରଣା।

## **ଚତୁର୍ଦ୍ଦଶ** ଏକକ – ଭାବାଦର୍ଶ

୧୪.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

* ପଲ୍ଲୀକବି ନନ୍ଦକିଶୋରଙ୍କ ଜନ୍ମ ଓ ଜୀବନର ସୂଚନା ମିଳିବ।

* ନନ୍ଦିକିଶୋରଙ୍କ କାବ୍ୟ ବିଭା ସମ୍ପର୍କରେ ଆଭାସ ପ୍ରାପ୍ତ ହେବା ସହିତ ଏହାର ବ୍ୟାପକ ଚୌହଦି ସମ୍ପର୍କରେ ଅବଗତି ଆସିବ।

* ସେହିପରି ତାଙ୍କ ଗଦ୍ୟ ରଚନାର ବୈଚିତ୍ର୍ୟ ମଧ୍ୟ ଉଦ୍‌ଘାଟିତ ହେବ।

୮ ପଠିତ ୟୁନିଟ୍‌ର ଆଦର୍ଶ ପ୍ରଶ୍ନାବଳୀ ଏବଂ ଅଧିକ ଅଧ୍ୟୟନ ପାଇଁ ସହାୟକ ଗ୍ରନ୍ଥାବଳୀ ବିଷୟରେ ଅବଧାରଣା କରିହେବ।

### **୧୪.୧. - ପଲ୍ଲୀକବି ନନ୍ଦକିଶୋର ବଳ**

**ପ୍ରାଗ୍‌ଭାଷ** – ଓଡ଼ିଆ ସାହିତ୍ୟ ଇତିହାସରେ ନନ୍ଦକିଶୋର ବଳ ପଲ୍ଲୀ କବି ଭାବରେ ସୁବିଦିତ। ରାଧାନାଥ, ମଧୁସୂଦନ, ଫକୀରମୋହନ ଓ ଗଙ୍ଗାଧରଙ୍କ ପରେ ସେ ହିଁ ଆଧୁନିକ ସାହିତ୍ୟର ଅନ୍ୟତମ ଅଗ୍ରଜ ବିନ୍ଧାଣି। ଓଡ଼ିଶାର ପଲ୍ଲୀ ପ୍ରକୃତି, ପଲ୍ଲୀ ଜୀବନ, ପଲ୍ଲୀ ଭାଷାକୁ ପ୍ରଥମ କରି କଳାତ୍ମକ ଆଟୋପ ଭିତରେ ପ୍ରକାଶ କରିବାରେ ନନ୍ଦକିଶୋରଙ୍କ ସ୍ୱାତନ୍ତ୍ର୍ୟ ଉପଲବ୍‌ଧି। ଗ୍ରାମ୍ୟଜୀବନରେ ପ୍ରଚଳିତ ବିଶ୍ୱାସ-ଅବିଶ୍ୱାସର ଧାରା, ପଲ୍ଲୀର ସଞ୍ଜ-ସକାଳ, ବର୍ଷା-ବୈଶାଖ, କାନନ-କେଦାର, ହସ-କାନ୍ଦ ଓ କଥା-କାହାଣୀକୁ ନେଇ କାବ୍ୟରୂପ ଦେବାରେ ତାଙ୍କର ପ୍ରତିଭା ଶତମୁଖ ହୋଇଉଠିଥିଲା। ଏଥିସହିତ ଜାତୀୟତା ବାଦର ଜୟଗାନ, ସମାଜ-ସଂସ୍କାରର ଉଚ୍ଚାରଣ ଓ ମାନବତାବାଦର ବନ୍ଦନା ପାଇଁ ମଧ୍ୟ ସେ ଥିଲେ ଅଶେଷ ଶ୍ରଦ୍ଧାଶୀଳ। 'ଶର୍ମିଷ୍ଠା', 'କୃଷ୍ଣକୁମାରୀ', 'ସୀତା ବନବାସ', 'ନାନାବାୟାଗୀତ', 'ନିର୍ଝରିଣୀ', 'ପଲ୍ଲୀଚିତ୍ର', 'ବସନ୍ତ କୋକିଳ' ଆଦି କାବ୍ୟଗ୍ରନ୍ଥ, 'କନକଲତା' ଉପନ୍ୟାସ, 'ଲକ୍ଷ୍ମୀ' ଶୀର୍ଷକ କ୍ଷୁଦ୍ରଗଳ୍ପ ଓ ସ୍ୱଳ୍ପ ସମାଲୋଚନାତ୍ମକ ପ୍ରବନ୍ଧରେ ତାଙ୍କ ସ୍ରଷ୍ଟା-ବ୍ୟକ୍ତିତ୍ୱର ପ୍ରତିଭୂ ଅନୁସନ୍ଧେୟ।

### **୧୪.୧.୧. ନନ୍ଦକିଶୋରଙ୍କ ପରିଚୟ**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ଏକ ସମ୍ଭ୍ରାନ୍ତ ଖଣ୍ଡାୟତ ପରିବାରରେ ନନ୍ଦକିଶୋରଙ୍କ ଜନ୍ମ। ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କର ଏହି ଚତୁର୍ଥ ସନ୍ତାନଙ୍କ ବାଲ୍ୟନାମ ଥିଲା ରସାନନ୍ଦ। ପରେ ଆଲମଗିରିଗଡ଼ର ବଳ ବଂଶୀୟ ଜମିଦାର ଘରକୁ ପୋଷ୍ୟପୁତ୍ର ହୋଇ ଆସିବାରୁ ତାଙ୍କର ନାମ ହେଲା ନନ୍ଦକିଶୋର ବଳ। ସେ ଗାଁ ଚାଟଶାଳୀରେ କିଛି କାଳ ଶିକ୍ଷାଲାଭ କଲାପରେ ନୂଆ କରି ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଲା। ଏଠାରେ ଅଧ୍ୟୟନ ପୂର୍ବକ ସେ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବୃି ପାଇବାକୁ ଯୋଗ୍ୟ ବିବେଚିତ ହେଲେ ଏବଂ ମାଇନର ପଢ଼ିବା ପାଇଁ କଟକ ଟାଉନ୍ ସ୍କୁଲରେ ଯାଇ ନାମ ଲେଖାଇଲେ। କୃତିତ୍ୱର ସହ ମାଇନର ଉ ୀର୍ଣ୍ଣ ହୋଇ ସେ କଟକ କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କଲାବେଳେ ବାଗ୍ମୀ ବିଶ୍ୱନାଥ କର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସଂସ୍ପର୍ଶରେ ଆସି ବ୍ରାହ୍ମଧର୍ମ ଗ୍ରହଣ କରିବା ପାଇଁ ମନ ବଳାଇଲେ। ଫଳରେ ତାଙ୍କର ଜ୍ୟେଷ୍ଠଭ୍ରାତା ତାଙ୍କୁ କଟକରୁ ନେଇ କେନ୍ଦ୍ରାପଡ଼ା ହାଇସ୍କୁଲରେ ନାଁ ଲେଖାଇଦେଲେ। ସେଠାରୁ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉ ୀର୍ଣ୍ଣ ହୋଇ ପୁଣି କଟକ ଆସି ରେଭେନ୍ସା କଲେଜରେ ଅଧ୍ୟୟନ କଲାବେଳେ କୋକିଳା ଦେବୀଙ୍କ ସହିତ ତାଙ୍କ ବିବାହ ସମ୍ପାଦିତ ହେଲା।

ବି.ଏ. ପାଶ୍ ପରେ ୧୮୯୯ ମସିହାରେ ସେ ଶିକ୍ଷକତା କଲେ। ଶିକ୍ଷକତାରୁ ଆସିଷ୍ଟା ଇନ୍ସପେକ୍ଟର, ଡେପୁଟି ଇନ୍ସପେକ୍ଟର ଓ ଇନ୍ସପେକ୍ଟର ଭାବରେ କର୍ମମୟ ଜୀବନରେ ନାନା ଘାତ ପ୍ରତିଘାତ ତାଙ୍କ ଜୀବନକୁ ପରିପୁଷ୍ଟ କରିଥିଲା। ଜଣେ ନିଷ୍ଠାପର କୃତୀ ଶିକ୍ଷକ ଭାବରେ ସେ କେବଳ ଛାତ୍ରଛାତ୍ରୀଙ୍କ ସମସ୍ୟା ଅଧ୍ୟୟନ କରି ନ ଥିଲେ, ଅଧିକନ୍ତୁ ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତିକ ବିଶେଷକରି ପଲ୍ଲୀ-ନଗର ମଧ୍ୟରେ ଦ୍ରୁତ ଭାବେ ବୃଦ୍ଧି ପାଉଥିବା ଦୂରତାକୁ ସେ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଭବ କରିପାରିଥିଲେ। ତାହାର ଅକପଟ ସାକ୍ଷ୍ୟ ଦେବାରେ ତାଙ୍କ ସାରସ୍ୱତ ରଚନାବଳୀ ସଚେଷ୍ଟ। ଛାତ୍ର ଜୀବନରୁ ସେ ମଧୁସୂଦନ ଓ ବିଶ୍ୱନାଥ କରଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ। କର୍ମମୟ ଜୀବନରେ ଫକୀର ମୋହନ ସେନାପତି, ନୀଳମଣି ବିଦ୍ୟାରତ୍ନ, ସୁଢ଼ଳଦେବ, ଗୋପାଳଚନ୍ଦ୍ର ପ୍ରହରାଜ, ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ ସାବତ ପ୍ରମୁଖଙ୍କ ସହ ସଂଯୋଗ ସ୍ଥାପନ ତାଙ୍କ ସ୍ରଷ୍ଟା ମାନସକୁ ବହୁଳ ଭାବରେ ପୁଷ୍କଳ କରିଥିବାର ଜଣାଯାଏ। ପୁନଶ୍ଚ ପତ୍ନୀ କୋକିଳ ଦେବୀ ଓ ସନ୍ତାନ ସନ୍ତତିଙ୍କର ସାନ୍ନିଧ୍ୟରେ ମଧ ତାଙ୍କର ରଚନାରାଜି ଅନେକାଂଶରେ ପରିକଳ୍ପିତ ହୋଇଥିବାର ଲକ୍ଷ୍ୟ କରାଯିବ। ଚାକିରୀ ସରିବା ପୂର୍ବରୁ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସ୍ୱେଚ୍ଛାକୃତ ଅବସର ନେଇଥିବା କାଳଜୟୀ ସ୍ରଷ୍ଟା ୧୯୨୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ।

### ୧୪.୧.୨. ନନ୍ଦକିଶୋରଙ୍କ କାବ୍ୟ କବିତା

ନନ୍ଦକିଶୋରଙ୍କ କବି-ପ୍ରତିଭା ବହୁମୁଖୀ। କାବ୍ୟ, କବିତା, ସଙ୍ଗୀତ, ଶିଶୁଗୀତ ଇତ୍ୟାଦି ରଚନା କରିବାରେ ତାଙ୍କର କୃତିତ୍ୱ ଅନସ୍ୱୀକାର୍ଯ୍ୟ। ରାଧାନାଥୀ କାବ୍ୟ ଶୈଳୀରେ ବିରଚିତ ତାଙ୍କର ତିନି କାବ୍ୟ 'ଶର୍ମିଷ୍ଠା', 'କୃଷ୍ଣକୁମାରୀ' ଓ 'ସୀତା ବନବାସ'କୁ ବାଦ୍ ଦେଲେ ଅନ୍ୟସମସ୍ତ ରଚନା ଗୀତିକବିତା। ଏଥିସହିତ ସେ ଗଦ୍ୟ ରଚନାରେ ମନୋନିବେଶ କରି 'ଲକ୍ଷ୍ମୀ' ନାମକ ଗଳ୍ପ, 'କନକଲତା' ଉପନ୍ୟାସ ସହିତ କେତେକ ମୌଳିକ ପ୍ରବନ୍ଧ ଓ ସମାଲୋଚନା ସୃଷ୍ଟି କରିଛନ୍ତି। ନିମ୍ନରେ ତାଙ୍କ ସୃଷ୍ଟି ରାଜିର ସଂକ୍ଷିପ୍ତ ପରିଚୟ ଅବଲୋକନ କରାଯାଇପାରେ।

**ସୀତାବନବାସ (୧୯୦୧)** – ଚଉଦଟି ସର୍ଗରେ ରଚିତ ସୀତା ବନବାସରେ ସରସ୍ୱତୀ ଆବାହନ, ରାମରାଜ୍ୟ, ଶୁଦ୍ଧାନ୍ତ ସୁଖ, ଜନାପବାଦ, ବନ ବିବାସନ, ଶ୍ରୀରାମଙ୍କ ଅନୁଶୋଚନା, ବନବାସ, ଅଶ୍ୱମେଧ ଯଜ୍ଞ, ଯଜ୍ଞପ୍ରଭା, ରାମାୟଣ ଗୀତ, ଲବକୁଶ ପରିଚୟ, ଜନନୀ ପ୍ରତ୍ୟାଗମନ, ବୈଦେହୀ ବିୟୋଗ ଓ ଶ୍ରୀରାମଙ୍କ ଅନ୍ତିମ ଜୀବନ ଶୀର୍ଷକ ପ୍ରସଙ୍ଗଗୁଡ଼ିକ ଅତି ଚମତ୍କାର ଭାବରେ ବର୍ଣ୍ଣିତ। ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟର ପ୍ରତ୍ୟକ୍ଷ ପ୍ରଭାବ ଏହି କାବ୍ୟରେ ପରିଲକ୍ଷିତ ହୁଏ। କଥାବସ୍ତୁ ଓ ବର୍ଣ୍ଣନାଶୈଳୀରେ ତାହାର ଦୃଷ୍ଟାନ୍ତ ଲକ୍ଷଣୀୟ। ଏକନିଷ୍ଠ ଦାମ୍ପତ୍ୟ ପ୍ରେମର ଗୁରୁତ୍ୱ ଦେବା ସହିତ ଭାରତୀୟ ସଂସ୍କୃତିର ଜୟ ଜୟକାର କରିବା ପାଇଁ ଏ କାବ୍ୟ ବିରଚିତ।

ଲୋକାପବାଦ ପାଇଁ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କରିଛନ୍ତି। ତାଙ୍କ ମୁହଁରେ ଗଙ୍ଗାଧରଙ୍କ ତୁଲ୍ୟ ନନ୍ଦ କିଶୋର କୁହାଇଛନ୍ତି – "ପ୍ରଜାତୁଷ୍ଟି ପାଇଁ / ତେଜିପାରେ ପ୍ରାଣ ପ୍ରାଣାଧିକ ତିନି ଭାଇ / ରାଜ୍ୟର ଜୀବନ ଧନ ସର୍ବ ପ୍ରଜା ପାଇଁ / ଆତ୍ମ ପରିବାର ସ୍ୱାର୍ଥ ନୃପତିର ନାହିଁ / ରାଜାର ପ୍ରକୃତି ଭାଇ ପ୍ରକୃତି ରଂଜନ / କ ର୍ବ୍ୟ ବିଭଷ୍ଟ ହେଲେ ବିଫଳ ଜୀବନ।"

**କୃଷ୍ଣକୁମାରୀ (୧୯୦୧)** – ଏହା ଏକ ଐତିହାସିକ କାବ୍ୟ ଏବଂ ଏଥିରେ ଜାତିପ୍ରେମର ଆହ୍ୱାନ ଲକ୍ଷ୍ୟ କରିହୁଏ। ୫ଟି ସର୍ଗରେ ସଂଯୋଜିତ ଏହି କାବ୍ୟରେ ଚୌହାନବଂଶୀୟ ରାଜା ଭୀମ ସିଂହଙ୍କ କନ୍ୟା କୃଷ୍ଣକୁମାରୀଙ୍କ ଆତ୍ମବିସର୍ଜନର କରୁଣ କାହାଣୀ ଏହାର କଥାବସ୍ତୁ। ଯୋଧପୁରର ରାଜା ମାନସିଂହ, ରାଜଜେମା କୃଷ୍ଣକୁମାରୀଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଚିତୋର ବିରୋଧରେ ସଂଗ୍ରାମ କଲେ। ଏହି ସମୟରେ ମାନସିଂହଙ୍କ ଶତ୍ରୁ ଅମୀର ଖାଁ ଭୀମ ସିଂହକୁ ସମର୍ଥନ କରିବାକୁ ଆଗେଇ ଆସିଲେ। ମାନସିଂହଙ୍କର ପରାଜୟ ହେଲା ସତ, ମାତ୍ର ଅମୀର ଖାଁ କାମାନଳରେ ଦଗ୍ଧ ହୋଇ କୃଷ୍ଣକୁମାରୀଙ୍କୁ ବିବାହ ପାଇଁ ଲୋଭ କଲେ। ଅସହାୟ ପିତା ରାମସିଂହ ବାଧ୍ୟ ହୋଇ କନ୍ୟାଙ୍କୁ ବିଷପାନ କରି ମୃତବରଣ କରିବାକୁ ଇଙ୍ଗିତ ଦେଲେ। ଏଭଳି ଏକ ବିୟୋଗାନ୍ତକ ବିଷୟ କାବ୍ୟଟିକୁ କରୁଣ ରସାପ୍ଲୁତ କରିଛି।

**ଶର୍ମିଷ୍ଠା (୧୯୦୮)** – ୧୧ ସର୍ଗ ବିଶିଷ୍ଟ **'ଶର୍ମିଷ୍ଠା'** ଏକ ପୌରାଣିକ କାବ୍ୟ। ତ୍ୟାଗ ଓ ତିତିକ୍ଷାର ଏହା ଏକ ଅପୂର୍ବ କାବ୍ୟରୂପ। ଦାନବଗୁରୁ ଶୁକ୍ରାଚାର୍ଯ୍ୟ ନିଜର କନ୍ୟା ଦେବଯାନୀଙ୍କ ସହ ରାଜା ବୃଷପର୍ବାଙ୍କ ରାଜା ନଅରରେ ଅବସ୍ଥାନ କରୁଥିଲେ। ଏକଦା ଗୁରୁକନ୍ୟା ଦେବଯାନୀ ଓ ରାଜକନ୍ୟା ଶର୍ମିଷ୍ଠା ପୁଷ୍କରିଣୀରେ ସ୍ନାନ କରୁଥିବାବେଳେ ଇନ୍ଦ୍ର କପଟ କରି ପବନ ଦ୍ୱାରା ସେମାନଙ୍କ ବସ୍ତ୍ରକୁ ଅଦଳ ବଦଳ କରିଦେଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିତର୍କ ହେବା ସହିତ ଶର୍ମିଷ୍ଠାଙ୍କ ଦାସୀ ଦେବଯାନୀକୁ ଟଣାଓଟରା କରୁ କରୁ ସେ ଏକ କୂପ ମଧ୍ୟରେ ପଡ଼ିଗଲେ। ଶର୍ମିଷ୍ଠା ଗୃହକୁ ପ୍ରତ୍ୟାବ ର୍ନ କରି ପିତା ବୃଷପର୍ବାଙ୍କୁ ସବୁକଥା ଜଣାଇ କୂପପତିତା ଦେବଯାନୀଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କଲେ। ଅପରପକ୍ଷରେ ଘଟଣାକ୍ରମେ ନହୁଷଙ୍କ ପୁତ୍ର ଯଯାତି କୂପ ମଧ୍ୟରୁ ଦେବଯାନୀଙ୍କୁ ଉଦ୍ଧାର କଲେ ଏବଂ ଶର୍ମିଷ୍ଠାର ଅପରାଧ ବିଷୟ ପିତା ଶୁକ୍ରାଚାର୍ଯ୍ୟଙ୍କୁ ଜଣାଇବାରୁ ସେମାନେ କ୍ରୋଧ ଜର୍ଜରିତ ହୋଇ ରାଜ ନଅର ତ୍ୟାଗ କରିବାକୁ ଉଦ୍ୟତ ହେଲେ। ବୃଷପର୍ବା କନ୍ୟାର ଅପରାଧ ମାର୍ଜନା କରିବାକୁ ଗୁରୁଙ୍କ ନିବେଦନ କରିବାରୁ ଦେବଯାନୀ ସ ର୍ ରଖିଲେ ଶର୍ମିଷ୍ଠା ତାଙ୍କର ଦାସୀ ରୂପେ କାର୍ଯ୍ୟ କରିବା ପାଇଁ। ପରିସ୍ଥିତିକ୍ରମେ ଦେବଯାନୀଙ୍କ ସହିତ ଯଯାତିଙ୍କ ବିବାହ ସମ୍ପନ୍ନ ହେଲା। ଶର୍ମିଷ୍ଠା ଦେଶ ଓ ଜାତିର କଲ୍ୟାଣ ପାଇଁ ଏବଂ ପିତୃ ସତ୍ୟକୁ ସମ୍ମାନ ଜଣାଇ ଦେବଯାନୀଙ୍କର ଦାସୀ ରୂପେ କାର୍ଯ୍ୟ କରିବାରୁ ମାତା ଶୋକ କଲେ। ଜନ୍ମଦାତ୍ରୀଙ୍କୁ ପ୍ରବୋଧନା ଦେବାକୁ ଯାଇ ଶର୍ମିଷ୍ଠା କହିଲେ –

ଶୋଚନା ନାହିଁ ଲୋ ଜନନୀ ତହିଁ ମୋ
ସ୍ୱଜାତି ସ୍ୱଧର୍ମ ପାଇଁ
ଦିଏ ଯେହୁ ନିଜ ଜୀବନ, ତାଠାରୁ
ପୁଣ୍ୟବତୀ କେହି ନାହିଁ।
ପିତୃ ସତ୍ୟ, ଜାତି ସ୍ୱାଧୀନତା ଲାଗି
ସମର୍ପିଛି ଏ ଜୀବନ
ଦାନବ କୁଳରେ ଲାଗିବ କଳଙ୍କ
ନ ଦେଖା ମା ପ୍ରଲୋଭନ।

ଦେବଯାନୀଙ୍କୁ ବିବାହ ପରେ ଶର୍ମିଷ୍ଠାଙ୍କ ପ୍ରତି ଯଯାତିଙ୍କ ଆକର୍ଷଣ ଓ ଶର୍ମିଷ୍ଠାଙ୍କ ତ୍ୟାଗପୂତ ଆଦର୍ଶ ଭିତରେ ପ୍ରେମର ଚାରୁଚିତ୍ରପଟ୍ଟ ପ୍ରକାଶ କରିବାରେ ନନ୍ଦକିଶୋରଙ୍କ ଲେଖନୀ ଯେଉଁ ଶାଶ୍ୱତ ପଦ ସଂରଚନା କରିଛନ୍ତି, ତାହା ପ୍ରଶଂସନୀୟ।

ଚଉଦ ଭୁବନ ପୂର୍ଣ୍ଣ କରେ ପ୍ରେମ
କିଛି ଶୂନ୍ୟ ନ ଦିଶଇ
ପ୍ରେମିକ ପ୍ରେମିକା ପରସ୍ପରେ ଭୁଲି
ନ ପାରନ୍ତି କାହିଁ ରହି।
ପ୍ରୀତି ନମାଇ ଜାତି ସଜନୀଲୋ
ପ୍ରୀତି ନ ଲୋଡ଼ଇ ପଦ
ଦେଶ କାଳ ପାତ୍ର ବିଚାର ନ ରହେ
ପିଇଦେଲେ ପ୍ରୀତି ମଦ। (୬ଷ୍ଠ ସର୍ଗ)

ଏହି କାବ୍ୟରେ ରାଧାନାଥଙ୍କ ଶୈଳୀ ଦ୍ୱାରା ନନ୍ଦକିଶୋର ପ୍ରଭାବିତ ହୋଇଥିଲେ ମଧ୍ୟ ତାଙ୍କର ବିଜାତୀୟ ପ୍ରେମ ଭାବନାକୁ ଏଥିରେ ମୌନ ପ୍ରତିବାଦ କରାଯାଇଛି। ପ୍ରେମର ଶାଶ୍ୱତ ସ୍ୱରୂପ ଦର୍ଶାଇବାରେ କବିଦ୍ୱର କମନୀୟ ବିଭା ବିଚ୍ଛୁରିତ ହୋଇଛି 'ଶର୍ମିଷ୍ଠା' କାବ୍ୟରେ।

**ପଲ୍ଲୀଚିତ୍ର (୧୮୯୮)** - ପୂର୍ବୋକ୍ତ କାବ୍ୟତ୍ରୟୀର ସ୍ରଷ୍ଟା ନନ୍ଦକିଶୋରଙ୍କ ସ୍ୱତନ୍ତତା ପ୍ରକଟିତ ହୋଇଛି ତାଙ୍କର ପଲ୍ଲୀକୈନ୍ଦ୍ରିକ ଗୀତିଗୁଚ୍ଛ ଗୁଡ଼ିକରେ। ଏହାର ଆଦ୍ୟ ସଙ୍କେତ ବହନ କରେ ତାଙ୍କର 'ପଲ୍ଲୀଚିତ୍ର' କବିତାଗ୍ରନ୍ଥ। ପଲ୍ଲୀବାସୀ, ଗ୍ରାମ ଖଳା, ଗ୍ରାମ ଚାଟଶାଳୀ, ଗ୍ରାମ ତୋଟା, ଗ୍ରାମ ଦେବତା, ଗ୍ରାମ ମହାଦେବ, ଗ୍ରାମ ଶ୍ମଶାନ ଓ ଗ୍ରାମ ହାଟ ଶୀର୍ଷକ ୮ଟି କବିତା ୮ଟି ଦୃଶ୍ୟରେ ସନ୍ନିବେଶିତ। ଗାଁର ଜନସମାଜ, କୃଷି, ଧର୍ମବିଶ୍ୱାସ, ବେପାର ବଣିଜ, ଇତ୍ୟାଦିକୁ ନେଇ ଏଥିରେ ଯେଉଁ କାବ୍ୟିକ ଉଚ୍ଚାରଣ କରାଯାଇଛି, ତାହା ଯେତିକି କଳାତ୍ମକ ସେତିକି ପ୍ରଭାଦୀପ୍ତ।

ପରବ ୀ କାଳରେ କବି 'ପଲ୍ଲୀଚିତ୍ର' – ୨ୟ ଭାଗ ଓ 'ପଲ୍ଲୀଚିତ୍ର' – ତୃତୀୟ ଭାଗ ରଚନା କରି ଗ୍ରାମ୍ୟ ସୌନ୍ଦର୍ଯ୍ୟର ବ୍ୟାପକ ବିଭବ ତୋଳି ଧରିବାରେ ସକ୍ଷମ ହୋଇଛନ୍ତି। 'ପଲ୍ଲୀଚିତ୍ର'ର ଦ୍ୱିତୀୟ ଭାଗରେ ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଋତୁ ସମ୍ପର୍କରେ ବାଙ୍ମୟ ପରିପ୍ରକାଶ ସଂଘଟିତ ହୋଇଛି। ଏହି ଋତୁ ଚିତ୍ରରେ ଚିନ୍ମୟ ବର୍ଣ୍ଣନାରେ ପଲ୍ଲୀଚିତ୍ରର ଦ୍ୱିତୀୟ ଖଣ୍ଡ ମହିମାନ୍ୱିତ। ପ୍ରତିଟି ଋତୁରେ ପଲ୍ଲୀ ପ୍ରକୃତି କିଭଳି ସ୍ୱତନ୍ତ୍ର ଆଭା ନେଇ ଉଦ୍‌ଭାସିତ ହୁଏ, ପ୍ରତିଟି ଋତୁ କିଭଳି ଗ୍ରାମ ଜୀବନର ଅନ୍ତରଙ୍ଗ ବନ୍ଧୁ ପାଲଟିଯାଏ ତାହାର ବାସ୍ତବ ଚିତ୍ର ପ୍ରକାଶ ପାଇଛି କେବଳ ବାହ୍ୟ ରୂପ ନୁହେଁ ଅନ୍ତଃରୂପ ମଧ୍ୟ ସମସ୍ୱରରେ କାବ୍ୟଗ୍ରନ୍ଥକୁ ସମୃଦ୍ଧ କରିଛି। 'ବର୍ଷା' କବିତାର ଏକ ଦୃଶ୍ୟ –

ଘଡ଼ଘଡ଼ି ଶୁଣି କାଂକଣ ହାଣ୍ଡିରୁ
କାଂକଣ ମାରଇ ଗଜା
ଓଲରା ବାଡ଼କୁ ମଡ଼ାଏ କୃଷକ
ଘରଣୀ ଦେଇଣ ରଞ୍ଜା।

'ପଲ୍ଲୀଚିତ୍ର' ତୃତୀୟ ଭାଗରେ କବିଙ୍କ ଦାର୍ଶନିକ ଅନୁଚିନ୍ତାର ପରିପ୍ରକାଶ ହୋଇଥିବାର ଲକ୍ଷ୍ୟ କରାଯାଏ।

**ନିର୍ଝରିଣୀ (୧୯୦୦)** – 'ନିର୍ଝରିଣୀ' କବିଙ୍କର ଅନ୍ୟତମ ଉଚ୍ଚାଙ୍ଗ ସୃଷ୍ଟି। ଅଦିନ ମେଘ, ବର୍ଷା ମଙ୍ଗଳ, ଅତୀତ ଚିନ୍ତା, ବାଲ୍ୟ ସ୍ମୃତି, ଉପବନ ଭାବନା, ଦୁଃଖୀର ସଂସାର, ଡାଆଣିଆ ଖରା, ପ୍ରଭାତ ଅବକାଶ, ନିର୍ଝରିଣୀ ଆଦି କବିତା ଏଥିରେ ସ୍ଥାନିତ। ନବବର୍ଷର ଭାବନା, କାକ ବାରତା, ଡାଆଣିଆ ଖରାଭଳି ବହୁ ଜନପ୍ରିୟ କବିତା ଏ ଗ୍ରନ୍ଥରେ ସଂକଳିତ। ଭାଷାର ସ୍ନିଗ୍ଧ ସଲିଳ ଫଲଗୁରେ ଭାବର ମାଧୁର୍ଯ୍ୟ 'ନିର୍ଝରିଣୀ'କୁ ସୁଖପାଠ୍ୟ କରିପାରିଛି। କେତୋଟି ଦୃଷ୍ଟାନ୍ତ -

"ଡାମରା କାଉରେ ଡାମରା କାଉ
ଉ   ପରବତେ ବୋବାଉଥାଉ।
ଉ   ପରବତ କୁ   କୁ୍‌କା
ତହିଁରେ ବସିଛି ତିନି ମଞ୍ଜିକା।
ତିନି ତିନି ପଣ ଅଠର ପଣ
ଭାଇଙ୍କି ହଜାଇ କଉଡ଼ି ଗଣ।
କଉଡ଼ି ଗଣାରେ ପାହିଲା ରାତି

ଚୋର ନେଇଗଲା କଜଳପାତି ।" – କାକବାରତା

ଅନ୍ୟ ଏକପଦ ଦ୍ରଷ୍ଟବ୍ୟ –

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି
କିସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ ରସ ।
ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି ।" – (ଡାଆଣିଆ ଖରା)

**ବସନ୍ତ - କୋକିଳ (୧୯୦୧)** – 'ନବ ଶତାବ୍ଦୀର ନିମନ୍ତ୍ରଣ', ଶ୍ରୀକ୍ଷେତ୍ର, ବନପ୍ରିୟ, ମଧୁଶଯ୍ୟା, ନୟନର ଭାଷା, ମାନସୀ ମୂ ର୍ତ୍ତି, ଉତ୍କଳ ଭାରତୀ ଆଦି କବିତାର ସମାହାରରେ 'ବସନ୍ତ କୋକିଳ' ବିରଚିତ । ଏଥିରେ ବ୍ୟକ୍ତି ବିଶ୍ୱ ଓ ବିଶ୍ୱବ୍ୟକ୍ତିର ମଧୁର ସମନ୍ୱୟ ସାଧିତ ହୋଇଛି । କେତେକ ଇଂରେଜୀ କବିତାର ମର୍ମାନୁବାଦ ମଧ୍ୟ ସଙ୍କଳନଟିର କାବ୍ୟ ବିଭାଗକୁ ଋଦ୍ଧିମନ୍ତ କରିଥିବାର ଜଣାଏ । ଏଥି ସହିତ ନନ୍ଦକିଶୋର ଯେ ଜଣେ ସଫଳ ସନେଟ ସ୍ରଷ୍ଟା, ତାହାର ପ୍ରମାଣ ମଧ୍ୟ 'ବସନ୍ତ-କୋକିଳ'ର ଅନେକ କବିତାରୁ ମିଳିଥାଏ । ଉତ୍କଳ କବି ରାୟ ରାଧାନାଥ ରାୟ ବାହାଦୁର' ଭଳି ପ୍ରସିଦ୍ଧ ଚତୁର୍ଦ୍ଦଶପଦୀ କବିତା ଏହି ସଂକଳନର ଶ୍ରୀବୃଦ୍ଧି କରିଛି ।

**ତରଙ୍ଗିଣୀ (୧୯୦୩) –** ପ୍ରେମ, ପ୍ରକୃତି, ଜାତୀୟତା ଓ ମାନବତାକୁ ନେଇ କେତେକ କବିତାର ସମାହାର ହେଉଛି 'ତରଙ୍ଗିଣୀ' କାବ୍ୟଗ୍ରନ୍ଥ । ପ୍ରଣୟସ୍ମୃତି, ହତାଶା ପ୍ରଣୟୀ, ନିରାମ ପ୍ରଣୟସ୍ମୃତି, ଶେଫାଳିକା ପ୍ରତି, ସ୍ମୃତି ଓ ପ୍ରଣୟ, କାୟା ଓ ଛାୟା, ପ୍ରୀତିର କପଟତା, କଳଙ୍କିନୀ, ଚମ୍ପାବତୀ ରାଜକନ୍ୟା ସ୍ୱପ୍ନ, ରାଜପୁତ୍ରର ସ୍ୱପ୍ନ ଆଦି କବିତାରେ ପ୍ରେମ, ପ୍ରଣୟ ଓ ବିରହର ଚିତ୍ର ଉତ୍କୀର୍ଣ୍ଣ । ଗ୍ରାମ୍ୟ ଅନୁଭୂତି, ଦାର୍ଶନିକ ଅନୁଚିନ୍ତା, କବିତାର ତା ତ୍ତ୍ୱିକ ବ୍ୟାଖ୍ୟା ଇତ୍ୟାଦି ବର୍ଣ୍ଣନାରେ ମଧ୍ୟ କେତୋଟି କବିତା ଏଥିରେ ସ୍ଥାନିତ ।

ନାନାବାୟା ଗୀତ - ନାନା ବାୟା ଗୀତ ୧ମ ଓ ୨ୟ ଭାଗରେ ନନ୍ଦକିଶୋର କବି ପ୍ରତିଭାର ଭିନ୍ନ ଦିଗନ୍ତ ଉନ୍ମୋଚିତ । ଜଣେ ଶିଶୁ ସାହିତ୍ୟିକ ଭାବରେ ନିଜର ପରିଚୟ ସାବ୍ୟସ୍ତ କରିବାରେ ଏ କବିତାଗ୍ରନ୍ଥ ଦ୍ୱୟ ସାର୍ଥକ ସାକ୍ଷ୍ୟ ବହନ କରିଥାନ୍ତି । ପ୍ରଥମ ଭାଗରେ ବାୟାଚଢ଼େଇ, ବଣି ଚଢ଼େଇ, ପୋଷାକୁକୁର, ଚୁଟିଆ ମୂଷା, ବେଙ୍ଗୁଲିରାଣୀ, ବିଲୁଆ ଭାଇ, ବାଘ ଗୀତ ଆଦି ଜୀବଜନ୍ତୁ ସମ୍ବଳିତ କବିତା ସ୍ଥାନ ପାଉଥିବା ସ୍ଥଳେ ଦ୍ୱିତୀୟ ଭାଗରେ କୁଜିକାଉ, ଘରଛାଆଳି, ପଥିକ ଓ ବରଗଛ, ଅଦିନମେଘ, ଘରଚଟିଆ, ବାଳିକା ଓ ପକ୍ଷୀ, ଗଛ ଓ କାଠୁରିଆ, ନିଦମାଉସୀ ଆଦି ବିଭିନ୍ନ ସ୍ୱାଦର କବିତା ସଂକଳିତ । ଶିଶୁମନସ୍ତ ତ୍ତ୍ୱକୁ ଦୃଷ୍ଟିରେ ରଖି ଏ କବିତାଗୁଡ଼ିକ ଅତୀବ ସରଳ ଭାଷାରେ ଏବଂ ସ୍ଥାନେ ସ୍ଥାନେ କଉତୁକ ଭଙ୍ଗୀରେ ପରିପ୍ରକାଶିତ ହୋଇଛି ।

ଅନ୍ୟାନ୍ୟ କବିତା ଗ୍ରନ୍ଥ – ଉପର୍ଯ୍ୟୁକ୍ତ କାବ୍ୟ କବିତା ବ୍ୟତୀତ ତାଙ୍କର 'ଚାରୁଚିତ୍ର' (୧୯୦୨), ଜନ୍ମଭୂମି ୧ମ ଭାଗ (୧୯୦୩), ଜନ୍ମଭୂମି – ୨ୟ ଭାଗ (୧୯୦୮) ନିର୍ମାଲ୍ୟ (୧୯୦୩) ପ୍ରଭାତ ସଙ୍ଗୀତ, ସନ୍ଧ୍ୟା ସଙ୍ଗୀତ ଆଦି କବିତାଗ୍ରନ୍ଥ ପ୍ରକାଶ ପାଇଛି । ପ୍ରକୃତି, ପ୍ରଣୟ, ଜାତୀୟତା, ମାନବ ବନ୍ଦନା, ଈଶ୍ୱର ପ୍ରାଣତା ସହିତ ପଲ୍ଲୀବୋଧର ମିଶ୍ର କାବ୍ୟାନୁରାଗରେ ଏ କବିତାଗୁଡ଼ିକ ମର୍ମରିତ । ଚତୁର୍ଦ୍ଦଶପଦୀ କବିତା, ଗାଥାଗୀତି, ଶୋକଗୀତି ସହିତ ପ୍ରାଚୀନ କାବ୍ୟଶୈଳୀ ଯଥା କୋଇଲି, ଚଉତିଶା ଆଦି ଢା ଞ୍ଚାରେ କବିତା ରଚନା କରିବାର ପରୀକ୍ଷା ନିରୀକ୍ଷା କରିଛନ୍ତି ନନ୍ଦକିଶୋର । ଏଥିସହିତ ଅମିତ୍ରାକ୍ଷର ଓ ମିତ୍ରାକ୍ଷର ଛାନ୍ଦ ସାଙ୍ଗକୁ କେତେକ ସରଳ ରାଗରାଗିଣୀ ମଧ୍ୟ ସେ କବିତାରେ ପ୍ରୟୋଗ କରିଛନ୍ତି ।

**୧୪.୧.୩. ନନ୍ଦକିଶୋରଙ୍କ କବିତାରେ ପଲ୍ଲୀପ୍ରାଣତା :**

ନନ୍ଦକିଶୋର ପଲ୍ଲୀପ୍ରାଣତାର ପ୍ରମୂର୍ତ୍ତ ରୂପକାର। ପଲ୍ଲୀଜନମର ଅନାବିଳ ଜୀବନର ବାସ୍ତବ ଆଲେଖ୍ୟ ଅଙ୍କନ କରିବାରେ ସେ ଅଗ୍ରଣୀ ପ୍ରତିଭା। 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', 'ଚାରୁଚିନ୍ତା', 'ନିର୍ମାଲ୍ୟ', 'ନାନାବାୟାଗୀତ' ଆଦି କବିତା ସଂକଳନରେ ଅବହେଳିତ ଗ୍ରାମ୍ୟ ଜୀବନର ଅଫୁରନ୍ତ ସୌନ୍ଦର୍ଯ୍ୟ ପ୍ରତିଭାତ ହୋଇଛି। ଲୋକକଥା, ଲୋକବିଶ୍ୱାସ, ଲୋକ ବୋଲି ସର୍ବୋପରି ଲୋକ ଭାଷାରେ ପଲ୍ଲୀସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ କରାଇବାରେ ତାଙ୍କ କବି ସର୍ଜନାଶକ୍ତିର ନବଦିଗନ୍ତ ଓଡ଼ିଆ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

'ପଲ୍ଲୀଚିତ୍ର'ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗରେ ସଂଯୋଜିତ ପ୍ରସ୍ତାବନାଗୁଡ଼ିକରେ ଅଭିବ୍ୟକ୍ତ ଆକୁତିରୁ ହିଁ ପଲ୍ଲୀଜୀବନ ବୋଧର ପରିଚୟ ମିଳିଥାଏ। ପ୍ରଥମ ଭାଗର ପ୍ରସ୍ତାବନାରେ ସେ ଘୋଷଣା କରିଛନ୍ତି –

"ଶାନ୍ତିପୂର୍ଣ୍ଣ ଆରେ ପଲ୍ଲୀଗ୍ରାମ
ମାଧୁରିମାୟମୟ ତୋର ନାମ,
ନଗରୀର ରାଜସୁଖ          ମୋର ପକ୍ଷେ ଘୋର ଦୁଃଖ
ଆଗୋ ପ୍ରିୟ ପଲ୍ଲି ! ତୋ ପଲ୍ଲବମୟ ଅଙ୍କ
ଛାୟାତଳ ଆଣିବାକୁ ମୁହିଁ ସଦା ରଙ୍କ।"

ନଗରୀର ରାଜସୁଖ ଭିତରେ କବି କୃତ୍ରିମତାର କଣ୍ଟକକୁ ହିଁଦେଖିଛନ୍ତି। ଶିକ୍ଷ ସଭ୍ୟତାର ଧୂମାଭ ଦିଗନ୍ତ ଭିତରେ ଶାନ୍ତି ଓ ସଦ୍‌ଭାବନାର ଅରୁଣିମା ହଜିଯାଇଥାଏ। ତେଣୁ ପ୍ରିୟ ପଲ୍ଲୀର ପଲ୍ଲବମୟ ଅଙ୍କ କବିଙ୍କ ପାଇଁ ଆପଣାର ହୋଇଉଠେ।

ପଲ୍ଲୀବାସୀ, ଗ୍ରାମଖଳା, ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ହାଟ ଆଦି କବିତାଗୁଡ଼ିକର କାଳୋତୀର୍ଣ୍ଣତା ଅବଶ୍ୟ ଅନୁଭବ୍ୟ। ଗାଁ ଲୋକମାନଙ୍କର ଚାଲିଚଳଣୀ, ପୂଜାପର୍ବ, ବେପାରବଣିଜ, ଜାନିଯାତ୍ରା, ହାଟ ବଜାର, ଦେଉଳ ଦେବତା, କ୍ରୀଡ଼ା କଉତୁକର ଯଥାର୍ଥ ରୂପକାର ଭାବରେ କବି ସାଉଁଟିଛନ୍ତି ନିଛକ ଅନୁଭବର ମାର୍ମିକ ଉଚ୍ଚାରଣ। ସମାଜକୁ ଆହାର ଯୋଗାଇବାରେ ଯେଉଁ କୃଷକ ନିଜ ଜୀବନକୁ ପଣ କରିଥାଏ, ତାହାର ସେ ଜୟଜୟ କାର କରିଛନ୍ତି।

"ଧନ୍ୟ ଧନ୍ୟ କୃଷକରେ ତୋତେ
ଖଟି ଖଟି ପୋଷୁଅଛୁ ମୋତେ,
ହେୟ ତୋତେ ମଣେ ଯେହୁ          ଅବଶ୍ୟ ନିର୍ମମ ସେହୁ
ତାର ଗର୍ବେ ସଂସାରର କି ଲାଭ ହୋଇବ
ତୋ ବିହୁନେ ଏ ସଂସାର କ୍ଷଣେ ନାଶ ଯିବ।" – (ଗ୍ରାମଖଳା)

କେବଳ କୃଷକ ନୁହେଁ ଅନ୍ୟାନ୍ୟ ଜାତିର ବ୍ୟବସାୟ ସମ୍ପର୍କରେ ସେ ନିଖୁଣ ଚିତ୍ର ଦେବାରେ କାର୍ପଣ୍ୟ କରିନାହାନ୍ତି। କେନ୍ଦେରା ଗୀତରେ ମର୍ମରିତ ଯୋଗୀର ବୃତ୍ତି, ଦହି, ଦହି ଡାକରେ ଉଚ୍ଛୁଳି ପଡୁଥିବା ଗଉଡୁଣୀର ଡାକ, କେଳା କେଲୁଣୀଙ୍କ ଧୁଡୁକିନାଚ, କେଉଟୁଣୀର ଚୁଡ଼ାମୁଢ଼ି ପସରା – ପ୍ରତିଟି ଗ୍ରାମ ଦୃଶ୍ୟ ଓ ଦୃଶ୍ୟାନ୍ତରର କାବ୍ୟରୂପ ଦେବାରେ ଏହି କବି ପ୍ରତିଭା ସତତ ଆଗୁସାର। କେବଳ ସେତିକି ନୁହେଁ, ଗ୍ରାମର ପ୍ରାକୃତିକ ଶୋଭା, ଋତୁପାଟବ, ସାମାଜିକ ବିଧି ବ୍ୟବସ୍ଥାର ବର୍ଣ୍ଣନା ସେ ଦେଇଛନ୍ତି। ଛଅ ଋତୁକୁ ନେଇ ସେ ରଚନା କରିଛନ୍ତି 'ଗ୍ରୀଷ୍ମ', 'ବର୍ଷା', 'ଶରତ', 'ହେମନ୍ତ', 'ଶୀତ' ଓ 'ବସନ୍ତ'। ବିଭିନ୍ନ ଋତୁରେ ପାଳିତ ହେଉଥିବା ବିଭିନ୍ନ ପୂଜାବ୍ରତର ଟିକିନିଖି ବର୍ଣ୍ଣନା ଦେଇ ପଲ୍ଲୀଜୀବନ ଧାରାର ଅନ୍ତଃରଙ୍ଗ ସ୍ୱରୂପ ସହିତ ବହିଃରଙ୍ଗ ଚିତ୍ରଣର ସଂଯୋଗ କରାଯାଇଛି।

ପ୍ରଭାତ, ଦିବସ, ସନ୍ଧ୍ୟା ଓ ରାତିର ବର୍ଣ୍ଣନାରେ ମଧ୍ୟ ସେଇ ପଲ୍ଲୀମୟତାର ବିଭା। ସକାଳର ସଙ୍ଗୀତ କେତେ ଲୋଭନୀୟ, ତାହା ଦ୍ରଷ୍ଟବ୍ୟ –

"ସୁଲୁ ସୁଲୁ ପବନ ବହି ଘନ ଘନ
ଲତାପତ୍ର ମରମର ଥର ଥର କମ୍ପନ।
ନୀଡ଼ଛାଡ଼ି ଚଢ଼େଇ ପିଢ଼ା ବାଢ଼େ ବସଇ
ଗଛେ ଗଛେ ଉଡ଼ି କରେ ମଧୁତାଳେ ଗାୟନ।
ବାଡ଼ିଧରି ହାତରେ ବଳୀ ବର୍ଦ୍ଧ କାନ୍ଧରେ
ହଳ ଯୋଖି କୃଷକ କରେ ବିଲେ ଗମନ।
ଖଡ଼ି ଧରି କରରେ ମୁଢ଼ି ଧରି ଅିରେ
କରୁଛନ୍ତି ପିଲାମାନେ ଚାଟଶାଳୀ ଗମନ। (ପ୍ରଭାତ ସଙ୍ଗୀତ)

'ନାନାବାୟା ଗୀତ'ରେ ସେଇ ପ୍ରଭାତର ଅନ୍ୟତମ ସରଳ ଚିତ୍ର ଦେଇ କବି ଲେଖିଛନ୍ତି –

"ନୂଆ ବୋହୂମାନେ ପିଣ୍ଡା ଦୁଆର
ଖରକି ପକାନ୍ତି ପାଣି ଗୋବର।
ବାସନ ମାଜିଣ ଚଉକା ଦେଇ
ସାତ ପା ମିଳି ଯାନ୍ତି ଗାଧୋଇ।
ଚଷାମାନେ ହଳ ବଳଦ ନେଇ,
ବିଲକୁ ଯାଆନ୍ତି ହଳ ବୁଲେଇ।"

ନନ୍ଦକିଶୋର ହିଁ ପ୍ରଥମ କରି ଓଡ଼ିଆ କବିତାରେ ପଲ୍ଲୀ ପ୍ରକୃତି, ପଲ୍ଲୀଜୀବନ, ପଲ୍ଲୀବିଶ୍ୱାସ, ପଲ୍ଲୀସମାଜ, ପଲ୍ଲୀସ୍ୱରକୁ ଯଥାର୍ଥ ଭାବରେ ରୂପଦେଇ ଏ ଦିଗରେ ସ୍ୱତନ୍ତ୍ର ଧାରାଟିଏ ସୃଷ୍ଟି କରିଛନ୍ତି। ସେଥିପାଇଁ ସେ ଯଥାର୍ଥରେ 'ପଲ୍ଲୀକବି' ରୂପେ ସୁବିଖ୍ୟାତ। 'ଉତ୍କଳ ଭ୍ରମଣ' କବିତାରେ ଫକୀର ମୋହନ ତେଣୁ ନନ୍ଦକିଶୋରଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ତାଙ୍କ ପ୍ରତି ଯଥାର୍ଥ ସମ୍ମାନ କହିଲେ ଅତ୍ୟୁକ୍ତି ହେବ ନାହିଁ –

"ପଡ଼ିଗଲି ବେଳେ ପଲ୍ଲୀ ପ୍ରସଙ୍ଗ ବାରତା
କେହି କବି କହ ନାହିଁ ଏ ପ୍ରକାର କଥା।"

### ୧୪.୧.୪. ନନ୍ଦକିଶୋରଙ୍କ କବିତାରେ ଦେଶାତ୍ମବୋଧ ଓ ସଂସ୍କାରପ୍ରାଣତା

ନନ୍ଦକିଶୋର ପ୍ରତୃତିପ୍ରାଣ ଓ ପଲ୍ଲୀପ୍ରାଣ କବି ହେଲେ ହେଁ ଦେଶାତ୍ମବୋଧକୁ ନେଇ ସର୍ଜନାତ୍ମକ ପରାକାଷ୍ଠା ପ୍ରଦର୍ଶନରେ ଅବହେଳା କରିନାହାନ୍ତି। ତତ୍କାଳୀନ ସମୟର ଏହି ନବ ଆହ୍ୱାନକୁ ଅନ୍ୟ ସମସାମୟିକ କବିମାନଙ୍କ ପରି ସେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଜଣେ ସରକାରୀ ଚାକିରିଆ ହୋଇ ମଧ୍ୟ ସେ ଦେଶର ସ୍ୱାର୍ଥ ଯେଉଁଠି ପରାହତ ହୋଇଛି, ସେଠି ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏହି ପ୍ରତିକ୍ରିୟାର ମାନସ ମନ୍ଥନ ତାଙ୍କର କାବ୍ୟ କବିତାରେ ପ୍ରତିଫଳିତ ହୋଇଛି।

'ଜନ୍ମଭୂମି' ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ କବିତାର ନାମକରଣରୁ ହିଁ ତାଙ୍କ ଦେଶପ୍ରୀତିର ନିଦର୍ଶନ ବାରିହୁଏ। 'ସପ୍ତମ ଏଡଓ୍ୱାର୍ଡଙ୍କୁ ଦୁଃଖିନୀ ଉତ୍କଳ ମାତାର ଗୁହାରୀ' ଶୀର୍ଷକ ଲେଖାରେ ବିଦେଶୀ ସରକାରଙ୍କ ଲବଣ ଆଇନର କଳାଦିଗ ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନର ବହୁ ପୂର୍ବରୁ ଦୂରଦ୍ରଷ୍ଟା କବି ନନ୍ଦକିଶୋର ଏ ସମ୍ପର୍କରେ ଲେଖନୀ ଚାଳନା କରିବା ତାଙ୍କ ଦେଶ ଭାବନାର ପରିଚାୟକ। 'ଜନ୍ମଭୂମି'ର ଦ୍ୱିତୀୟ ଭାଗରେ ସନ୍ନିବେଶିତ ତେଇଶଗୋଟି କବିତା ଉତ୍କଳୀୟତାର ବାହକ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ କବିତା ଗଞ୍ଜାମ ଜାତୀୟ ସମିତି, ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ସମ୍ମିଳନୀ ସଭା ପ୍ରଭୃତିରେ ଗାନ କରାଯାଇଥିଲା। ଏହି ଗ୍ରନ୍ଥର ଉତ୍ସର୍ଗ ପତ୍ରରେ ଉତ୍କଳ ଗୌରବ ମଧୁସୂଦନଙ୍କ ଉଦ୍ଦେଶ୍ୟରେ କବି ଲେଖିଛନ୍ତି –

"ସ୍ୱଦେଶ-ପ୍ରେମିକ, ଉତ୍କଳର ବିବିଧ ହିତାନୁଷ୍ଠାତା, ଚିର ଜୀବନ ସ୍ୱଦେଶ ସେବାରେ ନିଯୁକ୍ତ, ଉତ୍କଳ ସମ୍ମିଳନୀ ସଭାର ପ୍ରତିଷ୍ଠାତା ଓ ପ୍ରଧାନ ଅବଲମ୍ବନ, ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ. ମହୋଦୟଙ୍କ ଗୌରବାନ୍ୱିତ ନାମରେ ଲେଖକ ପ୍ରତି ତାଙ୍କର ଅଯାଚିତ ସ୍ନେହ ନିମି   ଯତ୍କିଂଚିତ୍ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏହି 'ଜନ୍ମଭୂମି' ପୁସ୍ତିକା ଉତ୍ସୃଷ୍ଟ ହେଲା।"

ଏହି କବିତା ଗ୍ରନ୍ଥର ପ୍ରତିଟି ପୃଷ୍ଠାରେ ଦେଶପ୍ରତି ବିଶେଷକରି ଉତ୍କଳମାତା ପ୍ରତି ରହିଛି ଗଭୀର ଆବେଗ ଓ ଅକୁଣ୍ଠ ଆଗ୍ରହ। ଏ ଦେଶର ଅତୀତ ଗୌରବାବହ କାହାଣୀକୁ ସ୍ମରଣ କରାଇବା ସହିତ ତତ୍କାଳୀନ ଦୁର୍ଦ୍ଦିନର ପୀଡ଼ାକୁ ଅତି ନମ୍ର ଭାବରେ ପ୍ରକାଶ କରିଛନ୍ତି ଏହି ଜାତୀୟ ପ୍ରାଣ ସ୍ରଷ୍ଟା।

"ଡାକନ୍ତି ଉତ୍କଳ ମାତା କୋଟି ସନ୍ତାନେ ତାଙ୍କର
କେ ରହିପାରିବ ଦୂରେ ଶୁଣି ଡାକ ମାତାଙ୍କର।
କହନ୍ତି ଡାକିଣ ମାତା 'ମୋର ପ୍ରାଣ-ସୁତସୁତା'
କିମ୍ପା ହେଲ ଅରକ୍ଷିତ ତେଜି ନିଜ ପ୍ରିୟ ଘର।
X X X
ମିଳିଲେ ସକଳ ଭାଇ ମୋ ଦୁଃଖ ରହିବ ନାହିଁ
ଭୁଲିଣ ସକଳ ଭେଦ ପୋଛ ମୋ ନୟନ ନୀର।" –(ଉତ୍କଳ ଜନନୀଙ୍କ ଆହ୍ୱାନ)

ଉତ୍କଳ ଗୌରବଙ୍କ ତୁଲ୍ୟ ସେ ମଧ୍ୟ ଓଡ଼ିଶାର ନରନାରୀଙ୍କୁ ଏକାଠି ହେବା ପାଇଁ ଆହ୍ୱାନ କରିଛନ୍ତି। ଆଗଙ୍ଗାଗୋଦାବରୀ ବିସ୍ତୃତ ଅତୀତ ଉତ୍କଳର ସୌର୍ଯ୍ୟ ଓ ବୀର୍ଯ୍ୟ ଫେରାଇ ଆଣିବା ପାଇଁ ତାଙ୍କ ନିବେଦନରେ ସ୍ୱଦେଶବତ୍ସଳତା ହିଁ ନିହିତ। ଅନ୍ୟ ଏକ କବିତାରେ ସେ ଗାଇଛନ୍ତି –

"ଜୟ ମା ଉତ୍କଳ ପୁରାଣ ପବିତ୍ର"
ଜୟ ମା ଉତ୍କଳ ସୁନ୍ଦର ବିଚିତ୍ର,
ଗଙ୍ଗା ଗୋଦାବରୀ ମହେନ୍ଦ୍ର-ନୀରଧି
ଚୌଦିଗେ କୀ   ତୋ ଘୋଷେ ନିରବଧି,
କଳ ନାଦିନୀ ତୋ ଶତ ସ୍ରୋତସ୍ୱତୀ
ପଦଧୌତ କରେ ତୋ ନୀଳାମ୍ବୁ ନିତି। – (ଉତ୍କଳ ବନ୍ଦନା)

ଐତିହାସିକ କାବ୍ୟ 'କୃଷ୍ଣକୁମାରୀ' ଓ ଓଡ଼ିଶାର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ବିରଚିତ କବିତାଗୁଡ଼ିକରେ ମଧ୍ୟ ନନ୍ଦକିଶୋର ଜାତୀୟତାର ମନ୍ତ୍ର ଉଚ୍ଚାରଣ କରି ଯଶସ୍ୱୀ ହୋଇଛନ୍ତି।

ନବଯୁଗ କାବ୍ୟଧାରାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ସଂସ୍କାରମୁଖୀ ସଂଚରଣ। ନନ୍ଦକିଶୋର ଏହି ଧାରାର ଜଣେ ସଫଳ ବାହକ। ତତ୍କାଳୀନ ଓଡ଼ିଶାରେ ବିଶେଷ କରି ପଲ୍ଲୀସମାଜ ବ୍ୟବସ୍ଥାରେ ଧର୍ମ, ଜାତି, ବୃ ି, ବିବାହ, ଶିକ୍ଷା ନାଁରେ ଅନେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂରି ରହିଥିଲା। ସେସବୁର ମୂଳୋତ୍ପାଟନ ପାଇଁ ତାଙ୍କର କାବ୍ୟ ଜିଜ୍ଞାସା ନନ୍ଦକିଶୋରଙ୍କୁ ଉଚ୍ଚ ଆସନରେ ଅଧିଷ୍ଠିତ କରିଛି। ହିନ୍ଦୁ ଧର୍ମର କଠୋର ଜାତିପ୍ରଥା କିଭଳି ପ୍ରଗତିର ପରିପନ୍ଥୀ, ତାହା ତାଙ୍କର 'ଶର୍ମିଷ୍ଠା' କାବ୍ୟରେ ଲିପିବଦ୍ଧ -

"ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏକ ଜାତି
ଭେଦ ବୁଦ୍ଧି ଅନୁଚିତ
ଏ ଭେଦ ବୁଦ୍ଧିରେ ନଷ୍ଟ ହେବ କାଳେ
ସ୍ୱର୍ଣ୍ଣପ୍ରସୂ ଭୂଭାରତ।"

ବ୍ରାହ୍ମଧର୍ମ ପ୍ରଭାବରେ ସେତେବେଳେ ବାଲ୍ୟ ବିବାହ ବିରୁଦ୍ଧରେ ଓ ବିଧବା ବିବାହ ସପକ୍ଷରେ ଆନ୍ଦୋଳନ ଜାଗରିତ ହେଲା। ଶିକ୍ଷିତ କୁସଂସ୍କାର ମୁକ୍ତ ମଧ୍ୟବି  ସମାଜ ଏହାର ଗୁରୁତ୍ୱ ଅନୁଭବ କଲେ। ନନ୍ଦକିଶୋର ଏହି ସଂସ୍କାରର ବିଶ୍ୱାସୀ। ସେ ବୃଦ୍ଧ ବିବାହ ଭଳି ଏକ ଘୃଣ୍ୟ ପ୍ରଥା ବିରୋଧରେ ତୀବ୍ର ସ୍ୱର ଉଠାଇଛନ୍ତି –

ବୃଦ୍ଧକୁ ବିବାହ – ବିବାହ ବିଧି, ବାଳିକାକୁ ନାହିଁ
କେଉଁ ନ୍ୟାୟ-ନୀତି ଏହା ସାମାଜିକ ଭାଇ।
ଏସନ ବୈଷମ୍ୟପୂର୍ଣ୍ଣ ଏ ଯେଉଁ ସମାଜ
ସଂସ୍କାର ନ କରି ଜୟ ଗାଅ, ନାହିଁ ଲାଜ ? –(ବୃଦ୍ଧ ବିବାହ)

ସ୍ୱଳ୍ପ ବୟସର ନାବାଳିକା ପରିସ୍ଥିତି ଦାୟରେ ବୟସ୍କ ବ୍ୟକ୍ତି ବିବାହ କରିବାର ପ୍ରଥା ସେତେବେଳେ ପ୍ରଚଳିତ ଥିଲା। ଶାଶୁଘରେ ପହ୍ ସଂସାର କ'ଣ ଜାଣିବା ବେଳକୁ ବୃଦ୍ଧ ସ୍ୱାମୀର ମୃତ୍ୟୁରେ ସେ ବୈଧବ୍ୟର ଶିକାର ହୁଏ। ତମାମ ଜୀବନ କେବଳ ଲୋକାଚାର ଭିତରେ ବୁଡ଼ି ରହି ନାରୀଟିଏ ଜୀବନର ହା ହା କାରକୁ ସାମ୍ନା କରିଥାଏ। ଏହି ଅମାନବୀୟ ପ୍ରଥା ପ୍ରତି କବି କଟାକ୍ଷ କରିଛନ୍ତି। 'ଜେମାଦେଈ' କବିତାରେ ଜେମାଦେଈ ଅଶୀବର୍ଷର ବୃଦ୍ଧକୁ ବିବାହ କରି ଅଳ୍ପ ଦିନରେ ବିଧବା ହୋଇଛି। ତାର କୋହ ଭରା କଣ୍ଠରେ କବି କହିଛନ୍ତି –

ମୋର ବାପ ଭାଇ ମାଆ ଜନ୍ମ-କଂସେଇ,
ଅକାତ ପାଣିରେ ମୋତେ ଦେଲେ ଗୋ ଭସାଇ।
ନିଷ୍ଠୁର ସମାଜ ତୋର କି ଦୋଷ ମୁଁ କଲି
ଏ ବୟସେ ଏ ବେଶକୁ କିମ୍ବା ମୁଁ ବହିଲି। (ଜେମାଦେଈ)

ନାରୀ ଶିକ୍ଷାର କଣ୍ଠରୋଧ କରୁଥିବା ସାମାଜିକ ଅନ୍ଧବିଶ୍ୱାସର ମର୍ମାନ୍ତିକ ଚିତ୍ର ଦେଇ ଫକୀର ମୋହନ 'ରେବତୀ' ଗଳ୍ପରେ ଯେଉଁ କ୍ରାନ୍ତି ବା'ା କରିଛନ୍ତି, ତାହାର ପ୍ରଭାବ ନନ୍ଦକିଶୋରଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା। ସେ ଜଣେ ଶିକ୍ଷକ ଭାବରେ

ସ୍ପଷ୍ଟ ଅନୁଭବ କରିଥିଲେ ନାରୀ ଓ ପୁରୁଷ ଉଭୟଙ୍କ ପ୍ରଗତିରେ ସମାଜର ପ୍ରଗତି ସମ୍ଭବ। ଅଧିକନ୍ତୁ ନାରୀଟିଏ ଶିକ୍ଷିତ ହେଲେ ଦେଶଟିଏ ବି ଶିକ୍ଷିତ ହୋଇପାରିବ। ତେଣୁ ନାରୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ସେ ଗାଇଛନ୍ତି –

"ଉଠିଲେ ରମଣୀ ଉଠିବେ ପୁରୁଷେ
ସମାଜର ଚକ୍ର ବେନି
ଉନ୍ନତି-ସ୍ୟନ୍ଦନ ଚାଲିବ ନାହିଁଟି
ଏକ ନର-ଚକ୍ର ଘେନି।" – (ଉତ୍କଳ-ଲଳନା)

**୧୪.୧.୫. ନନ୍ଦକିଶୋରଙ୍କ କବିତାରେ ଆଧାତ୍ମିକ ଚେତନା**

ପଲ୍ଲୀ, ପ୍ରକୃତି, ମାନବ ଓ ଦେଶକୁ ଶ୍ରଦ୍ଧା କରୁଥିବା କବି ପ୍ରାଣ ବିଭୁବୋଧରେ ବିସ୍ମୟାଭିଭୂତ ହେବା ସ୍ୱାଭାବିକ। ତାଙ୍କର ବିଭିନ୍ନ କବିତା ଗ୍ରନ୍ଥରେ ସ୍ଥାନିତ କେତେକ କବିତାରେ ଈଶ୍ୱରାନୁରାଗର ଅମଳିନ ଦ୍ୟୁତି ପାଠକ ପ୍ରାଣରେ ମହାଭାବର ସ ାର କରାଇବାରେ ସମର୍ଥ ହୋଇଥାଏ। 'ନିଶୀଥ', 'ପୁଷ୍ପ', 'ନିର୍ମାଲ୍ୟ', 'ମୋ ଦେବତା', 'ପ୍ରଭାତ ସଙ୍ଗୀତ', 'ସନ୍ଧ୍ୟା ସଙ୍ଗୀତ', 'ସରସ୍ୱତୀ ଆବାହନ' ଆଦି କବିତା ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ। ନିସ୍ତବ୍ଧ ନିଶୀଥ ଅବଲୋକନ କରି କବି ଚି ଭୂମିରୁ ଭୂମା ପର୍ଯ୍ୟନ୍ତ ପ୍ରସାରିତ ହୋଇଛି।

ଅନନ୍ତ ଅପାର ଏ ଯେ ସୁନୀଳ ଗଗନ
ଏ ବିଶ୍ୱ ସୃଷ୍ଟି - ପ୍ରାରମ୍ଭୁ ପ୍ରସାରିଛି କାୟା।
କି ଅଶବ୍ଦ ସୀମାଗତି କରେ ସେ ଗାୟନ
ଭୂମା ବରେଣ୍ୟ ଦେବର କି ବିରାଟ ଛାୟା।
ଏ ସର୍ବ କେବଳ କି ହେ ଅଣୁର ସଂସାର
ନୁହଇ କି ପ୍ରାଣମୟ ଚୈତନ୍ୟ - ଆଗାର ? (ନିଶୀଥ)

ଈଶ୍ୱରଙ୍କ ଚମତ୍କାରିତାର ନିଗୂଢ଼ ନିଦର୍ଶନ ହେଉଛି ମନୁଷ୍ୟତା। ଯିଏ ଏହା ଅନୁଭବ ନ କରି ଏଣେ ତେଣେ ଭଗବାନଙ୍କୁ ଖୋଜେ, ସିଏ ପ୍ରକୃତ ସତ୍ୟଠାରୁ ଦୂରେଇଯାଏ। ମଣିଷର ବୁଦ୍ଧି, ଇଚ୍ଛା, ଭାବ, ବୃି, ଜ୍ଞାନ, କର୍ମ, ପ୍ରୀତି ରୂପେ ଭଗବାନଙ୍କ ଆବିର୍ଭାବ ହୋଇଥାଏ। ସତ୍ୟ ଶିବ ସୁନ୍ଦର ସେହି ଦେବତାଙ୍କ ଉପସ୍ଥିତି ଏକାନ୍ତ ଅନୁଭବ୍ୟ। କବିଙ୍କ ଭାଷାରେ –

"ବୁଦ୍ଧି-ଇଚ୍ଛା-ଭାବ-ବୃି ଆଦର୍ଶ ରୂପରେ
ଅଛନ୍ତି ଦେବତା ନିଜେ ଏ ମମ ଅନ୍ତରେ
ଗାନ, କର୍ମ, ପ୍ରୀତି ରୂପେ ପ୍ରଭୁ ଭଗବାନ
ସତ୍ୟ, ଶିବ, ସୁନ୍ଦର ସେ ଦେବତା ସମାନ।" – (ମୋ ଦେବତା)

କବି କି ପ୍ରକୃତି କି ମାନବ କି ମହାକାଳ ସବୁଠି ଈଶ୍ୱର ବୋଧର ସନ୍ଧାନ କରିଛନ୍ତି। ତାଙ୍କ କାବ୍ୟ ସୁସୁମର ଏହି ବିଭୁବୋଧ ଏକ ସତେଜ ପାଖୁଡ଼ା।

**୧୪.୧.୬. – ତାଙ୍କ କାବ୍ୟ କବିତାର ଆଙ୍ଗିକ ବିଚାର –**

ଶର୍ମିଷ୍ଠା, ସୀତା ବନବାସ, କୃଷ୍ଣ କୁମାରୀ କାବ୍ୟତ୍ରୟ ସମେତ ଅନ୍ୟ କବିତା ସଂକଳନଗୁଡ଼ିକରେ ଭାଷାର କମନୀୟ ଗତିଶୀଳତା ଲକ୍ଷ୍ୟ କରିହୁଏ। ଇଂରାଜୀ କାବ୍ୟଶୈଳୀ ଆଧାରରେ ସେ ଗାଥା କବିତା, ଚତୁର୍ଦ୍ଦଶ ପଦୀ କବିତା, ଶୋକାଗୀତିକା, ସମ୍ବୋଧନ ଗୀତିକା ରଚନା କରି କାବ୍ୟ ବୈଚିତ୍ର୍ୟ ଦର୍ଶାଇଛନ୍ତି। 'ନିଶିଥ', 'ମଧୁଶଯ୍ୟା', 'ନୟନର ଭାଷା', ମାନସୀ ମୂର୍ତ୍ତି ଇତ୍ୟାଦି କବିତାଗୁଡ଼ିକ ଉଚ୍ଚକୋଟିର ସନେଟ ବା ଚତୁର୍ଦ୍ଦଶପଦୀ କବିତା। 'କାକବାରତା', 'କୋକିଳ ପ୍ରତି', 'ଶେପାଳିକା ପ୍ରତି ଅଳି' ପରି ସମ୍ବୋଧଗୀତି ଓ ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଲିଖିତ କବିତାଗୁଡ଼ିକ ତାଙ୍କର ଶୋକଗୀତି ପର୍ଯ୍ୟାୟର।

ନନ୍ଦକିଶୋର ଅନେକ ପ୍ରାଚୀନ ଛନ୍ଦର ପ୍ରୟୋଗକର୍ତ୍ତା। ଗୁଜରୀ, ମୁଖାରୀ, କେଦାର, ଚକ୍ରକେଳି, ରାମକେରୀ, କଳହଂସ, କେଦାର, ଶଙ୍କରା ଭରଣ, ଆଷାଢ଼ଶୁକ୍ଳ ଆଦି ବୃତ୍ତ ଗୁଡ଼ିକ ବିଭିନ୍ନ କବିତାରେ ସଫଳ ଭାବରେ ବ୍ୟବହାର କରି ସେ ନିଜ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି।

ତାଙ୍କ କାବ୍ୟ-ଆଙ୍ଗିକର ଅନ୍ୟତମ ବିଭବ ହେଉଛି ଲୋକଗୀତ, ବୋଲି, ଲୋକୋକ୍ତି ଓ ଲୋକ କାହାଣୀର ପ୍ରୟୋଗ। ଡାମରା କାଉରେ ଡାମରା କାଉ / ଉ ପରବତେ ବୋବାଉ ଥାଉ, ଚୁଟିଆ ମୂଷାରେ ଚୁଟେଇ ମୂଷି / ଧାନ ଭରଣକ ଖାଉଥା ବସି, ବିଲୁଆ ନନାରେ ବିଲୁଆ ନନା / ଘର ପୋଡ଼ିଗଲା ପଛକୁ ଅନା, ହୋରେ ବାଇଆ ହୋ / ଯେଉଁ କିଆରିରେ ବହୁତ ଧାନ ତୁ ସେଇ କିଆରିରେ ଶୋଅ, ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଇ ପକ୍ଷୀ / ଜେମାଦେଈ କାନ୍ଦୁଛନ୍ତି ବୁଢ଼ାବର ଦେଖି ଇତ୍ୟାଦି ପଦ ଭିତରେ ଲୋକ ଜୀବନର ଭାବ ଓ ଭାଷାର ମଧୁର ସଂଯୋଗ ପରିଲକ୍ଷିତ ହୁଏ।

### ୧୪.୧.୭. - ନନ୍ଦକିଶୋରଙ୍କ ଗଦ୍ୟ ବିଭବ

ଜଣେ କବି ଭାବରେ ନନ୍ଦକିଶୋର ପ୍ରସିଦ୍ଧି ଅର୍ଜନ କରିଥିଲେ ମଧ୍ୟ ତାଙ୍କ ଗଦ୍ୟ ସୃଷ୍ଟିକୁ ଅଣହେଳା କରାଯାଇ ନ ପାରେ। ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସମାଲୋଚନା ଆଦି ବିଭାଗରେ ସେ ଲେଖନୀ ଚାଳନା କରି ସୁଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ଏକ ମାତ୍ର ଉପନ୍ୟାସ 'କନକଲତା' ଏକ ସାମାଜିକ କଥାବସ୍ତୁକୁ ନେଇ ପରିକଳ୍ପିତ। ଉପନ୍ୟାସର ନାୟିକା କନକଲତା ଓ ନାୟକ ଧନଞ୍ଜୟଙ୍କ ମଧ୍ୟରେ ସାକ୍ଷାତ, ପ୍ରେମ, ବିବାହ ପ୍ରସ୍ତାବ ଆଗତ, ବର ପିତାଙ୍କ ଅତ୍ୟଧିକ ଯୌତୁକ ଦାବିରେ ନାୟକ - ନାୟିକାଙ୍କ ଯନ୍ତ୍ରଣା, କନକର ଭାଇ ରାଜେନ୍ଦ୍ରଙ୍କ ତ୍ୟାଗ ଇତ୍ୟାଦିକୁ ନେି କାହାଣୀ ଗତିଶୀଳ। ଯୌତୁକ ପ୍ରଥାର ବିରୋଧ ପୂର୍ବକ ବିଧବା ବିବାହ ସପକ୍ଷରେ ଉପନ୍ୟାସଟିର ବାର୍ତ୍ତା ଏହାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥାଏ। 'କନକଲତା'ର ମାତ୍ର ଆଠଟି ପରିଚ୍ଛେଦ ୧୯୧୩ ମସିହାରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା। ପରେ ୧୯୨୫ରେ ଏହାର ଅବଶିଷ୍ଟାଂଶ ରଚିତ ହୋଇଥିଲା।

'ଲକ୍ଷ୍ମୀ' (୧୯୧୩) ନନ୍ଦକିଶୋରଙ୍କର ମଧ୍ୟ ଏକ ମାତ୍ର କ୍ଷୁଦ୍ରଗଳ୍ପ। କନ୍ୟାସୁନା ପ୍ରଥାକୁ ନେଇ ଏହା ପରିକଳ୍ପିତ। ଫକୀର ମୋହନଙ୍କ 'ବୀରେଇ ବିଶାଳ' ଓ 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପର ସମମର୍ମୀ କାହାଣୀ ହେଉଛି 'ଲକ୍ଷ୍ମୀ'ର କାହାଣୀ। ଧନି ମିଶ୍ର କନ୍ୟାକୁ ଲକ୍ଷ୍ମୀକୁ ବିବାହ ଦେବା ପାଇଁ ଅତ୍ୟଧିକ ଟଙ୍କା ଦାବି କରେ। ଫଳରେ ଉପଯୁକ୍ତ ପାତ୍ରଟିଏ ପାଇବା ପାଇଁ ଲକ୍ଷ୍ମୀ ପକ୍ଷରେ ସମ୍ଭବ ହୁଏ ନାହିଁ। ଶେଷରେ ନାରାୟଣ ନାମକ ବୟସ୍କ ଛୋଟ ବ୍ୟବସାୟୀ ସାତ ଶହ ଟଙ୍କା ପିତା ଧନି ମିଶ୍ରଙ୍କୁ ଦେଇ ଲକ୍ଷ୍ମୀକୁ ବିବାହ କରେ। ମାତ୍ର ଚତୁରୀ ଲକ୍ଷ୍ମୀ ସେ ଟଙ୍କାକୁ ଚୋରେଇ ନେଇ ସ୍ୱାମୀଙ୍କୁ ଫେରାଇ ଦିଏ। ଲୋଭୀ ପିତାଙ୍କୁ ଏହା ଏକ ସମୁଚିତ ଶିକ୍ଷା। ଅନ୍ୟ ପକ୍ଷରେ ତତ୍କାଳୀନ ସମାଜରେ ପ୍ରଚଳିତ କନ୍ୟାସୁନା ପ୍ରଥା ବିରୁଦ୍ଧରେ ଏହା ଏକ ଆହ୍ୱାନ। 'ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟରେ ମଧ୍ୟ ତାଙ୍କର କୃତିତ୍ୱ ବିଚାର୍ଯ୍ୟ।' ଉତ୍କଳ 'ପଲ୍ଲୀଜୀବନ', 'ଭାରତ ଭବିଷ୍ୟତ ଭାଷା', 'କର୍ମ', 'ସଂଗ୍ରାମ ଓ ଜୀବନ', 'ଉତ୍କଳ ସାହିତ୍ୟ' 'ମହାରାଜା ଚନ୍ଦ୍ରଗୁପ୍ତ' ଇତ୍ୟାଦି ପ୍ରବନ୍ଧ, 'କବି ରାଧାନାଥ ଓ ତଦୀୟ କବିତା', 'ରାଓ ମଧୁସୂଦନ ରାଓ ବାହାଦୁର', 'ଉତ୍କଳ କବି ଫକୀର ମୋହନ', 'ଛାନ୍ଦମାଳା-୧ମ ଭାଗ ସମାଲୋଚନା', 'ଛାନ୍ଦମାଳା – ୨ୟ ଭାଗ ସମାଲୋଚନା' ଆଦି ସମୀକ୍ଷାମୂଳକ ରଚନା ମଧ୍ୟରେ ତାଙ୍କର ବ୍ୟକ୍ତିନିଷ୍ଠ ବିଚାରବୋଧର ପରିଚୟ ମିଳିଥାଏ।

## ୧୪.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକାବଳୀ

### ଆଦର୍ଶ ପ୍ରଶ୍ନାବଳୀ

୧୧. ଫକୀର ମୋହନଙ୍କ କାବ୍ୟ କବିତାର ପରିଚୟ ଦିଅ।

୧୨. ଫକୀର ମୋହନଙ୍କ ସାହିତ୍ୟରେ ବାସ୍ତବବାଦର ସ୍ୱରୂପ ଦର୍ଶାଅ।

୧୩. ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରୁ ଓଡ଼ିଶାର ସାମାଜିକ ଓ ଐତିହାସିକ ଚିତ୍ରର ସୂଚନା ଦିଅ।

୧୪. ଆଦର୍ଶବାଦ ହିଁ ଗଙ୍ଗାଧର କାବ୍ୟମାନସର ପ୍ରଧାନ ଅବଲମ୍ବନ - ଏହା ପ୍ରମାଣ କର।

୧୫. ପ୍ରାଚୀନତା ଓ ନୂତନତାର ସମନ୍ୱୟରେ ଗଙ୍ଗାଧର କାବ୍ୟସୌଧ ଗଠିତ – ଏହାର ସତ୍ୟତା ନିରୂପଣ କର।

୧୬. ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତିର ପ୍ରଭାବ ଦର୍ଶାଅ।

୧୭. ଗୀତିକବି ଗଙ୍ଗାଧରଙ୍କ ମହ ୍ୱ ଦର୍ଶାଅ।

୧୮. ନନ୍ଦ କିଶୋରଙ୍କ କାବ୍ୟ କବିତାରେ ପଲ୍ଲୀଚେତନା ଉପରେ ଆଲୋକପାତ କର।

୧୯. ନନ୍ଦ କିଶୋରଙ୍କ ସାହିତ୍ୟରୁ ଦେଶପ୍ରୀତିର ପରିଚୟ ଦିଅ।

୨୦. ନନ୍ଦକିଶୋରଙ୍କ ଗଦ୍ୟ ବିଭବ ଉପରେ ଏକ ଆକଳନା କର।

### ଅଧିକ ଜାଣିବା ପାଇଁ ସହାୟକ ଗ୍ରନ୍ଥାବଳୀ –

୧୯. ଫକୀର ମୋହନ ସମୀକ୍ଷା – ସୁରେନ୍ଦ୍ର ମହାନ୍ତି

୨୦. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ – ଡ. ବୈଷ୍ଣବ ଚରଣ ସାମଲ

୨୧. କାବ୍ୟ ଶିଳ୍ପୀ ଗଙ୍ଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

୨୨. ଯୁଗଲଘ୍ନୀ କବି ଗଙ୍ଗାଧର – ଡ. କେଶବ ଚନ୍ଦ୍ର ମେହେର

୨୩. ପଲ୍ଲୀକବି ସୃଷ୍ଟି ପରିଧି – ଓଡ଼ିଶା ସାହିତ୍ୟ ଏକାଡେମୀ

୨୪. ପଲ୍ଲୀକବି ନନ୍ଦକିଶୋର ବଳ – ଡ. ସୁରେନ୍ଦ୍ର କୁମାର ମହାରଣା।

## ପଂଚଦଶ ଏକକ – ଧ୍ୱନିବାଦ ଓ ରୀତିସାହିତ୍ୟ

୧୫.୦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

* ପଲ୍ଲୀକବି ନନ୍ଦକିଶୋରଙ୍କ ଜନ୍ମ ଓ ଜୀବନର ସୂଚନା ମିଳିବ।

* ନନ୍ଦିକିଶୋରଙ୍କ କାବ୍ୟ ବିଭା ସମ୍ପର୍କରେ ଆଭାସ ପ୍ରାପ୍ତ ହେବା ସହିତ ଏହାର ବ୍ୟାପକ ଚୌହଦି ସମ୍ପର୍କରେ ଅବଗତି ଆସିବ।

* ସେହିପରି ତାଙ୍କ ଗଦ୍ୟ ରଚନାର ବୈଚିତ୍ର୍ୟ ମଧ୍ୟ ଉଦ୍‌ଘାଟିତ ହେବ।

୮ ପଠିତ ୟୁନିଟ୍‌ର ଆଦର୍ଶ ପ୍ରଶ୍ନାବଳୀ ଏବଂ ଅଧିକ ଅଧ୍ୟୟନ ପାଇଁ ସହାୟକ ଗ୍ରନ୍ଥାବଳୀ ବିଷୟରେ ଅବଧାରଣା କରିହେବ।

### ୧୫.୧. - ପଲ୍ଲୀକବି ନନ୍ଦକିଶୋର ବଳ

**ପ୍ରାଗ୍‌ଭାଷ** – ଓଡ଼ିଆ ସାହିତ୍ୟ ଇତିହାସରେ ନନ୍ଦକିଶୋର ବଳ ପଲ୍ଲୀ କବି ଭାବରେ ସୁବିଦିତ। ରାଧାନାଥ, ମଧୁସୂଦନ, ଫକୀରମୋହନ ଓ ଗଙ୍ଗାଧରଙ୍କ ପରେ ସେ ହିଁ ଆଧୁନିକ ସାହିତ୍ୟର ଅନ୍ୟତମ ଅଗ୍ରଜ ବିଦ୍ଧାଣି। ଓଡ଼ିଶାର ପଲ୍ଲୀ ପ୍ରକୃତି, ପଲ୍ଲୀ ଜୀବନ, ପଲ୍ଲୀ ଭାଷାକୁ ପ୍ରଥମ କରି କଳାତ୍ମକ ଆଟୋପ ଭିତରେ ପ୍ରକାଶ କରିବାରେ ନନ୍ଦକିଶୋରଙ୍କ ସ୍ୱାତନ୍ତ୍ର୍ୟ ଉପଲବ୍ଧ। ଗ୍ରାମ୍ୟଜୀବନରେ ପ୍ରଚଳିତ ବିଶ୍ୱାସ-ଅବିଶ୍ୱାସର ଧାରା, ପଲ୍ଲୀର ସଞ୍ଜ-ସକାଳ, ବର୍ଷା-ବୈଶାଖ, କାନନ-କେଦାର, ହସ-କାନ୍ଦ ଓ କଥା-କାହାଣୀକୁ ନେଇ କାବ୍ୟରୂପ ଦେବାରେ ତାଙ୍କର ପ୍ରତିଭା ଶତମୁଖ ହୋଇଉଠିଥିଲା। ଏଥିସହିତ ଜାତୀୟତା ବାଦର ଜୟଗାନ, ସମାଜ-ସଂସ୍କାରର ଉଚ୍ଚାରଣ ଓ ମାନବତାବାଦର ବନ୍ଦନା ପାଇଁ ମଧ୍ୟ ସେ ଥିଲେ ଅଶେଷ ଶ୍ରଦ୍ଧାଶୀଳ। 'ଶର୍ମିଷ୍ଠା', 'କୃଷ୍ଣକୁମାରୀ', 'ସୀତା ବନବାସ', 'ନାନାବାୟାଗୀତ', 'ନିର୍ଝରିଣୀ', 'ପଲ୍ଲୀଚିତ୍ର', 'ବସନ୍ତ କୋକିଳ' ଆଦି କାବ୍ୟଗ୍ରନ୍ଥ, 'କନକଲତା' ଉପନ୍ୟାସ, 'ଲକ୍ଷ୍ମୀ' ଶୀର୍ଷକ କ୍ଷୁଦ୍ରଗଳ୍ପ ଓ ସ୍ୱଳ୍ପ ସମାଲୋଚନାତ୍ମକ ପ୍ରବନ୍ଧରେ ତାଙ୍କ ସ୍ରଷ୍ଟା-ବ୍ୟକ୍ତିତ୍ୱର ପ୍ରତିଭୂ ଅନୁସନ୍ଧେୟ।

### ୧୫.୧.୧. ନନ୍ଦକିଶୋରଙ୍କ ପରିଚୟ

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ଏକ ସମ୍ଭ୍ରାନ୍ତ ଖଣ୍ଡାୟତ ପରିବାରରେ ନନ୍ଦକିଶୋରଙ୍କ ଜନ୍ମ। ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କର ଏହି ଚତୁର୍ଥ ସନ୍ତାନଙ୍କ ବାଲ୍ୟନାମ ଥିଲା ରସାନନ୍ଦ। ପରେ ଆଲମଗିରିଗଡ଼ର ବଳ ବଂଶୀୟ ଜମିଦାର ଘରକୁ ପୋଷ୍ୟପୁତ୍ର ହୋଇ ଆସିବାରୁ ତାଙ୍କର ନାମ ହେଲା ନନ୍ଦକିଶୋର ବଳ। ସେ ଗାଁ ଚାଟଶାଳୀରେ କିଛି କାଳ ଶିକ୍ଷାଲାଭ କଲାପରେ ନୂଆ କରି ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଲା। ଏଠାରେ ଅଧ୍ୟୟନ ପୂର୍ବକ ସେ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବୃ ି ପାଇବାକୁ ଯୋଗ୍ୟ ବିବେଚିତ ହେଲେ ଏବଂ ମାଇନର ପଢ଼ିବା ପାଇଁ କଟକ ଟାଉନ୍ ସ୍କୁଲରେ ଯାଇ ନାମ ଲେଖାଇଲେ। କୃତିତ୍ୱର ସହ ମାଇନର ଉ ୀର୍ଣ୍ଣ ହୋଇ ସେ କଟକ କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କଲାବେଳେ ବାଗ୍ମୀ ବିଶ୍ୱନାଥ କର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସଂସ୍ପର୍ଶରେ ଆସି ବ୍ରାହ୍ମଧର୍ମ ଗ୍ରହଣ କରିବା ପାଇଁ ମନ ବଳାଇଲେ। ଫଳରେ ତାଙ୍କର ଜ୍ୟେଷ୍ଠଭ୍ରାତା ତାଙ୍କୁ କଟକରୁ ନେଇ କେନ୍ଦ୍ରାପଡ଼ା ହାଇସ୍କୁଲରେ ନାଁ ଲେଖାଇଦେଲେ। ସେଠାରୁ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉ ୀର୍ଣ୍ଣ ହୋଇ ପୁଣି କଟକ ଆସି ରେଭେନ୍ସା କଲେଜରେ ଅଧ୍ୟୟନ କଲାବେଳେ କୋକିଳା ଦେବୀଙ୍କ ସହିତ ତାଙ୍କ ବିବାହ ସମ୍ପାଦିତ ହେଲା।

ବି.ଏ. ପାଶ୍ ପରେ ୧୮୯୯ ମସିହାରେ ସେ ଶିକ୍ଷକତା କଲେ। ଶିକ୍ଷକତାରୁ ଆସିଷ୍ଟାଣ୍ଟ ଇନ୍ସପେକ୍ଟର, ଡେପୁଟି ଇନ୍ସପେକ୍ଟର ଓ ଇନ୍ସପେକ୍ଟର ଭାବରେ କର୍ମମୟ ଜୀବନରେ ନାନା ଘାତ ପ୍ରତିଘାତ ତାଙ୍କ ଜୀବନକୁ ପରିପୁଷ୍ଟ କରିଥିଲା। ଜଣେ ନିଷ୍ଠାପର କୃତୀ ଶିକ୍ଷକ ଭାବରେ ସେ କେବଳ ଛାତ୍ରଛାତ୍ରୀଙ୍କ ସମସ୍ୟା ଅଧ୍ୟୟନ କରି ନ ଥିଲେ, ଅଧିକନ୍ତୁ ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତିକ ବିଶେଷକରି ପଲ୍ଲୀ-ନଗର ମଧ୍ୟରେ ଦ୍ରୁତ ଭାବେ ବୃଦ୍ଧି ପାଉଥିବା ଦୂରତାକୁ ସେ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଭବ କରିପାରିଥିଲେ। ତାହାର ଅକପଟ ସାକ୍ଷ୍ୟ ଦେବାରେ ତାଙ୍କ ସାରସ୍ୱତ ରଚନାବଳୀ ସଚେଷ୍ଟ। ଛାତ୍ର ଜୀବନରୁ ସେ ମଧୁସୂଦନ ଓ ବିଶ୍ୱନାଥ କରଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ। କର୍ମମୟ ଜୀବନରେ ଫକୀର ମୋହନ ସେନାପତି, ନୀଳମଣି ବିଦ୍ୟାରତ୍ନ, ସୁଢ଼ଳଦେବ, ଗୋପାଳଚନ୍ଦ୍ର ପ୍ରହରାଜ, ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ ସାବତ ପ୍ରମୁଖଙ୍କ ସହ ସଂଯୋଗ ସ୍ଥାପନ ତାଙ୍କ ସ୍ରଷ୍ଟା ମାନସକୁ ବହୁଳ ଭାବରେ ପୁଷ୍କଳ କରିଥିବାର ଜଣାଯାଏ। ପୁନଶ୍ଚ ପତ୍ନୀ କୋକିଳ ଦେବୀ ଓ ସନ୍ତାନ ସନ୍ତତିଙ୍କର ସାନ୍ନିଧ୍ୟରେ ମଧ୍ୟ ତାଙ୍କର ରଚନାରାଜି ଅନେକାଂଶରେ ପରିକଳ୍ପିତ ହୋଇଥିବାର ଲକ୍ଷ୍ୟ କରାଯିବ। ଚାକିରୀ ସରିବା ପୂର୍ବରୁ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସ୍ୱେଚ୍ଛାକୃତ ଅବସର ନେଇଥିବା କାଳଜୟୀ ସ୍ରଷ୍ଟା ୧୯୨୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ।

**୧୫.୧.୨. ନନ୍ଦକିଶୋରଙ୍କ କାବ୍ୟ କବିତା**

ନନ୍ଦକିଶୋରଙ୍କ କବି-ପ୍ରତିଭା ବହୁମୁଖୀ। କାବ୍ୟ, କବିତା, ସଙ୍ଗୀତ, ଶିଶୁଗୀତ ଇତ୍ୟାଦି ରଚନା କରିବାରେ ତାଙ୍କର କୃତିତ୍ୱ ଅନସ୍ୱୀକାର୍ଯ୍ୟ। ରାଧାନାଥୀ କାବ୍ୟ ଶୈଳୀରେ ବିରଚିତ ତାଙ୍କର ତିନି କାବ୍ୟ 'ଶର୍ମିଷ୍ଠା', 'କୃଷ୍ଣକୁମାରୀ' ଓ 'ସୀତା ବନବାସ'କୁ ବାଦ୍ ଦେଲେ ଅନ୍ୟସମସ୍ତ ରଚନା ଗୀତିକବିତା। ଏଥିସହିତ ସେ ଗଦ୍ୟ ରଚନାରେ ମନୋନିବେଶ କରି 'ଲକ୍ଷ୍ମୀ' ନାମକ ଗଳ୍ପ, 'କନକଲତା' ଉପନ୍ୟାସ ସହିତ କେତେକ ମୌଳିକ ପ୍ରବନ୍ଧ ଓ ସମାଲୋଚନା ସୃଷ୍ଟି କରିଛନ୍ତି। ନିମ୍ନରେ ତାଙ୍କ ସୃଷ୍ଟି ରାଜିର ସଂକ୍ଷିପ୍ତ ପରିଚୟ ଅବଲୋକନ କରାଯାଇପାରେ।

**ସୀତାବନବାସ (୧୯୦୧)** – ଚଉଦଟି ସର୍ଗରେ ରଚିତ ସୀତା ବନବାସରେ ସରସ୍ୱତୀ ଆବାହନ, ରାମରାଜ୍ୟ, ଶୁଦ୍ଧାନ୍ତ ସୁଖ, ଜନାପବାଦ, ବନ ବିବାସନ, ଶ୍ରୀରାମଙ୍କ ଅନୁଶୋଚନା, ବନବାସ, ଅଶ୍ୱମେଧ ଯଜ୍ଞ, ଯଜ୍ଞପ୍ରଭା, ରାମାୟଣ ଗୀତ, ଲବକୁଶ ପରିଚୟ, ଜନନୀ ପ୍ରତ୍ୟାଗମନ, ବୈଦେହୀ ବିୟୋଗ ଓ ଶ୍ରୀରାମଙ୍କ ଅନ୍ତିମ ଜୀବନ ଶୀର୍ଷକ ପ୍ରସଙ୍ଗଗୁଡ଼ିକ ଅତି ଚମତ୍କାର ଭାବରେ ବର୍ଣ୍ଣିତ। ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟର ପ୍ରତ୍ୟକ୍ଷ ପ୍ରଭାବ ଏହି କାବ୍ୟରେ ପରିଲକ୍ଷିତ ହୁଏ। କଥାବସ୍ତୁ ଓ ବର୍ଣ୍ଣନାଶୈଳୀରେ ତାହାର ଦୃଷ୍ଟାନ୍ତ ଲକ୍ଷଣୀୟ। ଏକନିଷ୍ଠ ଦାମ୍ପତ୍ୟ ପ୍ରେମର ଗୁରୁତ୍ୱ ଦେବା ସହିତ ଭାରତୀୟ ସଂସ୍କୃତିର ଜୟ ଜୟକାର କରିବା ପାଇଁ ଏ କାବ୍ୟ ବିରଚିତ।

ଲୋକାପବାଦ ପାଇଁ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କରିଛନ୍ତି। ତାଙ୍କ ମୁହଁରେ ଗଙ୍ଗାଧରଙ୍କ ତୁଲ୍ୟ ନନ୍ଦ କିଶୋର କୁହାଇଛନ୍ତି – "ପ୍ରଜାତୁଷ୍ଟି ପାଇଁ / ତେଜିପାରେ ପ୍ରାଣ ପ୍ରାଣାଧିକ ତିନି ଭାଇ / ରାଜ୍ୟର ଜୀବନ ଧନ ସର୍ବ ପ୍ରଜା ପାଇଁ / ଆତ୍ମ ପରିବାର ସ୍ୱାର୍ଥ ନୃପତିର ନାହିଁ / ରାଜାର ପ୍ରକୃତି ଭାଇ ପ୍ରକୃତି ରଂଜନ / କର୍ତ୍ତବ୍ୟ ବିଭଷ୍ଟ ହେଲେ ବିଫଳ ଜୀବନ।"

**କୃଷ୍ଣକୁମାରୀ (୧୯୦୧)** – ଏହା ଏକ ଐତିହାସିକ କାବ୍ୟ ଏବଂ ଏଥିରେ ଜାତିପ୍ରେମର ଆହ୍ୱାନ ଲକ୍ଷ୍ୟ କରିହୁଏ। ୫ଟି ସର୍ଗରେ ସଂଯୋଜିତ ଏହି କାବ୍ୟରେ ଚୌହାନବଂଶୀୟ ରାଜା ଭୀମ ସିଂହଙ୍କ କନ୍ୟା କୃଷ୍ଣକୁମାରୀଙ୍କ ଆତ୍ମବିସର୍ଜନର କରୁଣ କାହାଣୀ ଏହାର କଥାବସ୍ତୁ। ଯୋଧପୁରର ରାଜା ମାନସିଂହ, ରାଜଜେମା କୃଷ୍ଣକୁମାରୀଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଚିତୋର ବିରୋଧରେ ସଂଗ୍ରାମ କଲେ। ଏହି ସମୟରେ ମାନସିଂହଙ୍କ ଶତ୍ରୁ ଅମୀର ଖାଁ ଭୀମ ସିଂହଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଲେ। ମାନସିଂହଙ୍କର ପରାଜୟ ହେଲା ସତ, ମାତ୍ର ଅମୀର ଖାଁ କାମାନଳରେ ଦଗ୍ଧ ହୋଇ କୃଷ୍ଣକୁମାରୀଙ୍କୁ ବିବାହ ପାଇଁ ଲୋଭ କଲେ। ଅସହାୟ ପିତା ରାମସିଂହ ବାଧ୍ୟ ହୋଇ କନ୍ୟାଙ୍କୁ ବିଷପାନ କରି ମୃତବରଣ କରିବାକୁ ଇଙ୍ଗିତ ଦେଲେ। ଏଭଳି ଏକ ବିୟୋଗାନ୍ତକ ବିଷୟ କାବ୍ୟଟିକୁ କରୁଣ ରସାପ୍ଲୁତ କରିଛି।

**ଶର୍ମିଷ୍ଠା (୧୯୦୮)** – ୧୧ ସର୍ଗ ବିଶିଷ୍ଟ **'ଶର୍ମିଷ୍ଠା'** ଏକ ପୌରାଣିକ କାବ୍ୟ। ତ୍ୟାଗ ଓ ତିତିକ୍ଷାର ଏହା ଏକ ଅପୂର୍ବ କାବ୍ୟରୂପ। ଦାନବଗୁରୁ ଶୁକ୍ରାଚାର୍ଯ୍ୟ ନିଜର କନ୍ୟା ଦେବଯାନୀଙ୍କ ସହ ରାଜା ବୃଷପର୍ବାଙ୍କ ରାଜା ନଅରରେ ଅବସ୍ଥାନ କରୁଥିଲେ। ଏକଦା ଗୁରୁକନ୍ୟା ଦେବଯାନୀ ଓ ରାଜକନ୍ୟା ଶର୍ମିଷ୍ଠା ପୁଷ୍କରିଣୀରେ ସ୍ନାନ କରୁଥିବାବେଳେ ଇନ୍ଦ୍ର କପଟ କରି ପବନ ଦ୍ୱାରା ସେମାନଙ୍କ ବସ୍ତ୍ରକୁ ଅଦଳ ବଦଳ କରିଦେଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିତର୍କ ହେବା ସହିତ ଶର୍ମିଷ୍ଠାଙ୍କ ଦାସୀ ଦେବଯାନୀକୁ ଟଣାଓଟରା କରୁ କରୁ ସେ ଏକ କୂପ ମଧ୍ୟରେ ପଡ଼ିଗଲେ। ଶର୍ମିଷ୍ଠା ଗୃହକୁ ପ୍ରତ୍ୟାବ ର୍ନ କରି ପିତା ବୃଷପର୍ବାଙ୍କୁ ସବୁକଥା ଜଣାଇ କୂପପତିତା ଦେବଯାନୀଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କଲେ। ଅପରପକ୍ଷରେ ଘଟଣାକ୍ରମେ ନହୁଷଙ୍କ ପୁତ୍ର ଯଯାତି କୂପ ମଧ୍ୟରୁ ଦେବଯାନୀଙ୍କୁ ଉଦ୍ଧାର କଲେ ଏବଂ ଶର୍ମିଷ୍ଠାର ଅପରାଧ ବିଷୟ ପିତା ଶୁକ୍ରାଚାର୍ଯ୍ୟଙ୍କୁ ଜଣାଇବାରୁ ସେମାନେ କ୍ରୋଧ ଜର୍ଜରିତ ହୋଇ ରାଜ ନଅର ତ୍ୟାଗ କରିବାକୁ ଉଦ୍ୟତ ହେଲେ। ବୃଷପର୍ବା କନ୍ୟାର ଅପରାଧ ମାର୍ଜନା କରିବାକୁ ଗୁରୁଙ୍କ ନିବେଦନ କରିବାରୁ ଦେବଯାନୀ ସ ର୍ ରଖିଲେ ଶର୍ମିଷ୍ଠା ତାଙ୍କର ଦାସୀ ରୂପେ କାର୍ଯ୍ୟ କରିବା ପାଇଁ। ପରିସ୍ଥିତିକ୍ରମେ ଦେବଯାନୀଙ୍କ ସହିତ ଯଯାତିଙ୍କ ବିବାହ ସମ୍ପନ୍ନ ହେଲା। ଶର୍ମିଷ୍ଠା ଦେଶ ଓ ଜାତିର କଲ୍ୟାଣ ପାଇଁ ଏବଂ ପିତୃ ସତ୍ୟକୁ ସମ୍ମାନ ଜଣାଇ ଦେବଯାନୀଙ୍କର ଦାସୀ ରୂପେ କାର୍ଯ୍ୟ କରିବାରୁ ମାତା ଶୋକ କଲେ। ଜନ୍ମଦାତ୍ରୀଙ୍କୁ ପ୍ରବୋଧନା ଦେବାକୁ ଯାଇ ଶର୍ମିଷ୍ଠା କହିଲେ –

ଶୋଚନା ନାହିଁ ଲୋ ଜନନୀ ତହିଁ ମୋ
ସ୍ୱଜାତି ସ୍ୱଧର୍ମ ପାଇଁ
ଦିଏ ଯେହୁ ନିଜ ଜୀବନ, ତାଠାରୁ
ପୁଣ୍ୟବତୀ କେହି ନାହିଁ।
ପିତୃ ସତ୍ୟ, ଜାତି ସ୍ୱାଧୀନତା ଲାଗି
ସମର୍ପିଛି ଏ ଜୀବନ
ଦାନବ କୁଳରେ ଲାଗିବ କଳଙ୍କ
ନ ଦେଖା ମା ପ୍ରଲୋଭନ।

ଦେବଯାନୀଙ୍କୁ ବିବାହ ପରେ ଶର୍ମିଷ୍ଠାଙ୍କ ପ୍ରତି ଯଯାତିଙ୍କ ଆକର୍ଷଣ ଓ ଶର୍ମିଷ୍ଠାଙ୍କ ତ୍ୟାଗପୂତ ଆଦର୍ଶ ଭିତରେ ପ୍ରେମର ଚାରୁଚିତ୍ରପଟ୍ଟ ପ୍ରକାଶ କରିବାରେ ନନ୍ଦକିଶୋରଙ୍କ ଲେଖନୀ ଯେଉଁ ଶାଶ୍ୱତ ପଦ ସଂରଚନା କରିଛନ୍ତି, ତାହା ପ୍ରଶଂସନୀୟ।

ଚଉଦ ଭୁବନ ପୂର୍ଣ୍ଣ କରେ ପ୍ରେମ
କିଛି ଶୂନ୍ୟ ନ ଦିଶଇ
ପ୍ରେମିକ ପ୍ରେମିକା ପରସ୍ପରେ ଭୁଲି
ନ ପାରନ୍ତି କାହିଁ ରହି।
ପ୍ରୀତି ନମାଇ ଜାତି ସଜନୀଲୋ
ପ୍ରୀତି ନ ଲୋଡ଼ଇ ପଦ
ଦେଶ କାଳ ପାତ୍ର ବିଚାର ନ ରହେ
ପିଇଦେଲେ ପ୍ରୀତି ମଦ। (୬ଷ୍ଠ ସର୍ଗ)

ଏହି କାବ୍ୟରେ ରାଧାନାଥଙ୍କ ଶୈଳୀ ଦ୍ୱାରା ନନ୍ଦକିଶୋର ପ୍ରଭାବିତ ହୋଇଥିଲେ ମଧ୍ୟ ତାଙ୍କର ବିଜାତୀୟ ପ୍ରେମ ଭାବନାକୁ ଏଥିରେ ମୌନ ପ୍ରତିବାଦ କରାଯାଇଛି। ପ୍ରେମର ଶାଶ୍ୱତ ସ୍ୱରୂପ ଦର୍ଶାଇବାରେ କବିଦ୍ୱର କମନୀୟ ବିଭା ବିଚ୍ଛୁରିତ ହୋଇଛି 'ଶର୍ମିଷ୍ଠା' କାବ୍ୟରେ।

**ପଲ୍ଲୀଚିତ୍ର (୧୮୯୮)** - ପୂର୍ବୋକ୍ତ କାବ୍ୟତ୍ରୟୀର ସ୍ରଷ୍ଟା ନନ୍ଦକିଶୋରଙ୍କ ସ୍ୱତନ୍ତତା ପ୍ରକଟିତ ହୋଇଛି ତାଙ୍କର ପଲ୍ଲୀକୈନ୍ଦ୍ରିକ ଗୀତିଗୁଚ୍ଛ ଗୁଡ଼ିକରେ। ଏହାର ଆଦ୍ୟ ସଙ୍କେତ ବହନ କରେ ତାଙ୍କର 'ପଲ୍ଲୀଚିତ୍ର' କବିତାଗ୍ରନ୍ଥ। ପଲ୍ଲୀବାସୀ, ଗ୍ରାମ ଖଳା, ଗ୍ରାମ ଚାଟଶାଳୀ, ଗ୍ରାମ ତୋଟା, ଗ୍ରାମ ଦେବତା, ଗ୍ରାମ ମହାଦେବ, ଗ୍ରାମ ଶ୍ମଶାନ ଓ ଗ୍ରାମ ହାଟ ଶୀର୍ଷକ ୮ଟି କବିତା ୮ଟି ଦୃଶ୍ୟରେ ସନ୍ନିବେଶିତ। ଗାଁର ଜନସମାଜ, କୃଷି, ଧର୍ମବିଶ୍ୱାସ, ବେପାର ବଣିଜ, ଇତ୍ୟାଦିକୁ ନେଇ ଏଥିରେ ଯେଉଁ କାବ୍ୟିକ ଉଚ୍ଚାରଣ କରାଯାଇଛି, ତାହା ଯେତିକି କଳାତ୍ମକ ସେତିକି ପ୍ରଭାଦୀପ୍ତ।

ପରବର୍ତ୍ତୀ କାଳରେ କବି 'ପଲ୍ଲୀଚିତ୍ର' – ୨ୟ ଭାଗ ଓ 'ପଲ୍ଲୀଚିତ୍ର' – ତୃତୀୟ ଭାଗ ରଚନା କରି ଗ୍ରାମ୍ୟ ସୌନ୍ଦର୍ଯ୍ୟର ବ୍ୟାପକ ବିଭବ ଟୋଳି ଧରିବାରେ ସକ୍ଷମ ହୋଇଛନ୍ତି। 'ପଲ୍ଲୀଚିତ୍ର'ର ଦ୍ୱିତୀୟ ଭାଗରେ ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଋତୁ ସମ୍ପର୍କରେ ବାଙ୍ମୟ ପରିପ୍ରକାଶ ସଂଘଟିତ ହୋଇଛି। ଏହି ଋତୁ ଚିତ୍ରରେ ଚିନ୍ମୟ ବର୍ଣ୍ଣନାରେ ପଲ୍ଲୀଚିତ୍ରର ଦ୍ୱିତୀୟ ଖଣ୍ଡ ମହିମାନ୍ୱିତ। ପ୍ରତିଟି ଋତୁରେ ପଲ୍ଲୀ ପ୍ରକୃତି କିଭଳି ସ୍ୱତନ୍ତ୍ର ଆଭା ନେଇ ଉଦ୍‌ଭାସିତ ହୁଏ, ପ୍ରତିଟି ଋତୁ କିଭଳି ଗ୍ରାମ ଜୀବନର ଅନ୍ତରଙ୍ଗ ବନ୍ଧୁ ପାଲଟିଯାଏ ତାହାର ବାସ୍ତବ ଚିତ୍ର ପ୍ରକାଶ ପାଇଛି କେବଳ ବାହ୍ୟ ରୂପ ନୁହେଁ ଅନ୍ତଃରୂପ ମଧ୍ୟ ସମସ୍ୱରରେ କାବ୍ୟଗ୍ରନ୍ଥକୁ ସମୃଦ୍ଧ କରିଛି। 'ବର୍ଷା' କବିତାର ଏକ ଦୃଶ୍ୟ –

ଘଡ଼ଘଡ଼ି ଶୁଣି କାଂକଣ ହାଣ୍ଡିରୁ
କାଂକଣ ମାରଇ ଗଜା
ଓଲରା ବାଡ଼କୁ ମଡ଼ାଏ କୃଷକ
ଘରଣୀ ଦେଇଣ ରଞ୍ଜା।

'ପଲ୍ଲୀଚିତ୍ର' ତୃତୀୟ ଭାଗରେ କବିଙ୍କ ଦାର୍ଶନିକ ଅନୁଚିନ୍ତାର ପରିପ୍ରକାଶ ହୋଇଥିବାର ଲକ୍ଷ୍ୟ କରାଯାଏ।

**ନିର୍ଝରିଣୀ (୧୯୦୦)** – 'ନିର୍ଝରିଣୀ' କବିଙ୍କର ଅନ୍ୟତମ ଉଚ୍ଚାଙ୍ଗ ସୃଷ୍ଟି। ଅଦିନ ମେଘ, ବର୍ଷା ମଙ୍ଗଳ, ଅତୀତ ଚିନ୍ତା, ବାଲ୍ୟ ସ୍ମୃତି, ଉପବନ ଭାବନା, ଦୁଃଖୀର ସଂସାର, ଡାଆଣିଆ ଖରା, ପ୍ରଭାତ ଅବକାଶ, ନିର୍ଝରିଣୀ ଆଦି କବିତା ଏଥିରେ ସ୍ଥାନିତ। ନବବର୍ଷର ଭାବନା, କାକ ବାରତା, ଡାଆଣିଆ ଖରାଭଳି ବହୁ ଜନପ୍ରିୟ କବିତା ଏ ଗ୍ରନ୍ଥରେ ସଂକଳିତ। ଭାଷାର ସ୍ନିଗ୍ଧ ସଳିଳ ଫଲ୍‌ଗୁରେ ଭାବର ମାଧୁର୍ଯ୍ୟ 'ନିର୍ଝରିଣୀ'କୁ ସୁଖପାଠ୍ୟ କରିପାରିଛି। କେତୋଟି ଦୃଷ୍ଟାନ୍ତ -

"ଡାମରା କାଉରେ ଡାମରା କାଉ
ଉ  ପରବତେ ବୋବାଉଥାଉ।
ଉ  ପରବତ କୁ  କୁ ୍କା
ତହିଁରେ ବସିଛି ତିନି ମଞ୍ଜିକା।
ତିନି ତିନି ପଣ ଅଠର ପଣ
ଭାଇଙ୍କି ହଜାଇ କଉଡ଼ି ଗଣ।
କଉଡ଼ି ଗଣାରେ ପାହିଲା ରାତି

ଚୋର ନେଇଗଲା କଜଳପାତି।" – କାକବାରତା

ଅନ୍ୟ ଏକପଦ ଦ୍ରଷ୍ଟବ୍ୟ –

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି
କିସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ ରସ।
ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି।" – (ଡାଆଣିଆ ଖରା)

**ବସନ୍ତ - କୋକିଳ (୧୯୦୧)** – 'ନବ ଶତାବ୍ଦୀର ନିମନ୍ତ୍ରଣ', ଶ୍ରୀକ୍ଷେତ୍ର, ବନପ୍ରିୟ, ମଧୁଶଯ୍ୟା, ନୟନର ଭାଷା, ମାନସୀ ମୂ ର୍ି, ଉତ୍କଳ ଭାରତୀ ଆଦି କବିତାର ସମାହାରରେ 'ବସନ୍ତ କୋକିଳ' ବିରଚିତ। ଏଥିରେ ବ୍ୟକ୍ତି ବିଶ୍ୱ ଓ ବିଶ୍ୱବ୍ୟକ୍ତିର ମଧୁର ସମନ୍ୱୟ ସାଧିତ ହୋଇଛି। କେତେକ ିଂରେଜୀ କବିତାର ମର୍ମାନୁବାଦ ମଧ୍ୟ ସଙ୍କଳନଟିର କାବ୍ୟ ବିଭାଗକୁ ଋଦ୍ଧିମନ୍ତ କରିଥିବାର ଜଣାଏ। ଏଥି ସହିତ ନନ୍ଦକିଶୋର ଯେ ଜଣେ ସଫଳ ସନେଟ ସ୍ରଷ୍ଟା, ତାହାର ପ୍ରମାଣ ମଧ୍ୟ 'ବସନ୍ତ-କୋକିଳ'ର ଅନେକ କବିତାରୁ ମିଳିଥାଏ। ଉତ୍କଳ କବି ରାୟ ରାଧାନାଥ ରାୟ ବାହାଦୁର' ଭଳି ପ୍ରସିଦ୍ଧ ଚତୁର୍ଦ୍ଦଶପଦୀ କବିତା ଏହି ସଂକଳନର ଶ୍ରୀବୃଦ୍ଧି କରିଛି।

**ତରଙ୍ଗିଣୀ (୧୯୦୩) –** ପ୍ରେମ, ପ୍ରକୃତି, ଜାତୀୟତା ଓ ମାନବତାକୁ ନେଇ କେତେକ କବିତାର ସମାହାର ହେଉଛି 'ତରଙ୍ଗିଣୀ' କାବ୍ୟଗ୍ରନ୍ଥ। ପ୍ରଣୟସ୍ମୃତି, ହତାଶା ପ୍ରଣୟୀ, ନିରାମ ପ୍ରଣୟସ୍ମୃତି, ଶେଫାଳିକା ପ୍ରତି, ସ୍ମୃତି ଓ ପ୍ରଣୟ, କାୟା ଓ ଛାୟା, ପ୍ରୀତିର କପଟତା, କଳଙ୍କିନୀ, ଚମ୍ପାବତୀ ରାଜକନ୍ୟା ସ୍ୱପ୍ନ, ରାଜପୁତ୍ରର ସ୍ୱପ୍ନ ଆଦି କବିତାରେ ପ୍ରେମ, ପ୍ରଣୟ ଓ ବିରହର ଚିତ୍ର ଉତ୍କୀର୍ଣ୍ଣ। ଗ୍ରାମ୍ୟ ଅନୁଭୂତି, ଦାର୍ଶନିକ ଅନୁଚିନ୍ତା, କବିତାର ତା ି୍ୱକ ବ୍ୟାଖ୍ୟା ଇତ୍ୟାଦି ବର୍ଣ୍ଣନାରେ ମଧ୍ୟ କେତୋଟି କବିତା ଏଥିରେ ସ୍ଥାନିତ।

ନାନାବାୟା ଗୀତ - ନାନା ବାୟା ଗୀତ ୧ମ ଓ ୨ୟ ଭାଗରେ ନନ୍ଦକିଶୋର କବି ପ୍ରତିଭାର ଭିନ୍ନ ଦିଗନ୍ତ ଉନ୍ମୋଚିତ। ଜଣେ ଶିଶୁ ସାହିତ୍ୟିକ ଭାବରେ ନିଜର ପରିଚୟ ସାବ୍ୟସ୍ତ କରିବାରେ ଏ କବିତାଗ୍ରନ୍ଥ ଦ୍ୱୟ ସାର୍ଥକ ସାକ୍ଷ୍ୟ ବହନ କରିଥାନ୍ତି। ପ୍ରଥମ ଭାଗରେ ବାୟାଚଢ଼େଇ, ବଣି ଚଢ଼େଇ, ପୋଷାକୁକୁର, ଚୁଟିଆ ମୂଷା, ବେଙ୍ଗୁଲିରାଣୀ, ବିଲୁଆ ଭାଇ, ବାଘ ଗୀତ ଆଦି ଜୀବଜନ୍ତୁ ସମ୍ବଳିତ କବିତା ସ୍ଥାନ ପାଉଥିବା ସ୍ଥଳେ ଦ୍ୱିତୀୟ ଭାଗରେ କୁଜିକାଉ, ଘରଛାଆଳି, ପଥିକ ଓ ବରଗଛ, ଅଦିନମେଘ, ଘରଚଟିଆ, ବାଳିକା ଓ ପକ୍ଷୀ, ଗଛ ଓ କାଠୁରିଆ, ନିଦମାଉସୀ ଆଦି ବିଭିନ୍ନ ସ୍ୱାଦର କବିତା ସଂକଳିତ। ଶିଶୁମନସ୍ତ ୍ୱକୁ ଦୃଷ୍ଟିରେ ରଖି ଏ କବିତାଗୁଡ଼ିକ ଅତୀବ ସରଳ ଭାଷାରେ ଏବଂ ସ୍ଥାନେ ସ୍ଥାନେ କଉତୁକ ଭଙ୍ଗୀରେ ପରିପ୍ରକାଶିତ ହୋଇଛି।

ଅନ୍ୟାନ୍ୟ କବିତା ଗ୍ରନ୍ଥ – ଉପର୍ଯ୍ୟୁକ୍ତ କାବ୍ୟ କବିତା ବ୍ୟତୀତ ତାଙ୍କର 'ଚାରୁଚିତ୍ର' (୧୯୦୨), ଜନ୍ମଭୂମି ୧ମ ଭାଗ (୧୯୦୩), ଜନ୍ମଭୂମି – ୨ୟ ଭାଗ (୧୯୦୮) ନିର୍ମାଲ୍ୟ (୧୯୦୩) ପ୍ରଭାତ ସଙ୍ଗୀତ, ସନ୍ଧ୍ୟା ସଙ୍ଗୀତ ଆଦି କବିତାଗ୍ରନ୍ଥ ପ୍ରକାଶ ପାଇଛି। ପ୍ରକୃତି, ପ୍ରଣୟ, ଜାତୀୟତା, ମାନବ ବନ୍ଦନା, ଈଶ୍ୱର ପ୍ରାଣତା ସହିତ ପଲ୍ଲୀବୋଧର ମିଶ୍ର କାବ୍ୟାନୁରାଗରେ ଏ କବିତାଗୁଡ଼ିକ ମର୍ମରିତ। ଚତୁର୍ଦ୍ଦଶପଦୀ କବିତା, ଗାଥାଗୀତି, ଶୋକଗୀତି ସହିତ ପ୍ରାଚୀନ କାବ୍ୟଶୈଳୀ ଯଥା କୋଇଲି, ଚଉତିଶା ଆଦି ଢା ାରେ କବିତା ରଚନା କରିବାର ପରୀକ୍ଷା ନିରୀକ୍ଷା କରିଛନ୍ତି ନନ୍ଦକିଶୋର। ଏଥିସହିତ ଅମିତ୍ରାକ୍ଷର ଓ ମିତ୍ରାକ୍ଷର ଛାନ୍ଦ ସାଙ୍ଗକୁ କେତେକ ସରଳ ରାଗରାଗିଣୀ ମଧ୍ୟ ସେ କବିତାରେ ପ୍ରୟୋଗ କରିଛନ୍ତି।

### ୧୫.୧.୩. ନନ୍ଦକିଶୋରଙ୍କ କବିତାରେ ପଲ୍ଲୀପ୍ରାଣତା :

ନନ୍ଦକିଶୋର ପଲ୍ଲୀପ୍ରାଣତାର ପ୍ରମୁ ଁ ରୂପକାର। ପଲ୍ଲୀଜନମର ଅନାବିଳ ଜୀବନର ବାସ୍ତବ ଆଲେଖ୍ୟ ଅଙ୍କନ କରିବାରେ ସେ ଅଗ୍ରଣୀ ପ୍ରତିଭା। 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', 'ଚାରୁଚିନ୍ତା', 'ନିର୍ମାଲ୍ୟ', 'ନାନାବାୟାଗୀତ' ଆଦି କବିତା ସଂକଳନରେ ଅବହେଳିତ ଗ୍ରାମ୍ୟ ଜୀବନର ଅଫୁରନ୍ତ ସୌନ୍ଦର୍ଯ୍ୟ ପ୍ରତିଭାତ ହୋଇଛି। ଲୋକକଥା, ଲୋକବିଶ୍ୱାସ, ଲୋକ ବୋଲି ସର୍ବୋପରି ଲୋକ ଭାଷାରେ ପଲ୍ଲୀସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ କରାଇବାରେ ତାଙ୍କ କବି ସର୍ଜନାକ୍ତିର ନବଦିଗନ୍ତ ଓଡ଼ିଆ ସାହିତ୍ୟର ଅନ୍ୟତମ ଆକର୍ଷଣୀୟ ବିଭବ।

'ପଲ୍ଲୀଚିତ୍ର'ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗରେ ସଂଯୋଜିତ ପ୍ରସ୍ତାବନାଗୁଡ଼ିକରେ ଅଭିବ୍ୟକ୍ତ ଆକୁତିରୁ ହିଁ ପଲ୍ଲୀଜୀବନ ବୋଧର ପରିଚୟ ମିଳିଥାଏ। ପ୍ରଥମ ଭାଗର ପ୍ରସ୍ତାବନାରେ ସେ ଘୋଷଣା କରିଛନ୍ତି –

"ଶାନ୍ତିପୂର୍ଣ୍ଣ ଆରେ ପଲ୍ଲୀଗ୍ରାମ
ମାଧୁରିମାୟମୟ ତୋର ନାମ,
ନଗରୀର ରାଜସୁଖ          ମୋର ପକ୍ଷେ ଘୋର ଦୁଃଖ
ଆଗୋ ପ୍ରିୟ ପଲ୍ଲି ! ତୋ ପଲ୍ଲବମୟ ଅଙ୍କ
ଛାୟାତଳ ଆଣିବାକୁ ମୁହିଁ ସଦା ରଙ୍କ।"

ନଗରୀର ରାଜସୁଖ ଭିତରେ କବି କୃତ୍ରିମତାର କ  ।କୁ ହିଁଦେଖିଛନ୍ତି। ଶିକ୍ଷ ସଭ୍ୟତାର ଧୂମାଭ ଦିଗନ୍ତ ଭିତରେ ଶାନ୍ତି ଓ ସଦ୍‌ଭାବନାର ଅରୁଣିମା ହଜିଯାଇଥାଏ। ତେଣୁ ପ୍ରିୟ ପଲ୍ଲୀର ପଲ୍ଲବମୟ ଅଙ୍କ କବିଙ୍କ ପାଇଁ ଆପଣାର ହୋଇଉଠେ।

ପଲ୍ଲୀବାସୀ, ଗ୍ରାମଖଳା, ଗ୍ରାମ ଚାଟଶାଳୀ, ଗ୍ରାମ ଶ୍ମଶାନ, ଗ୍ରାମ ହାଟ ଆଦି କବିତାଗୁଡ଼ିକର କାଳୋତୀର୍ଣ୍ଣତା ଅବଶ୍ୟ ଅନୁଭବ୍ୟ। ଗାଁ ଲୋକମାନଙ୍କର ଚାଲିଚଳଣୀ, ପୂଜାପର୍ବ, ବେପାରବଣିଜ, ଜାନିଯାତ୍ରା, ହାଟ ବଜାର, ଦେଉଳ ଦେବତା, କ୍ରୀଡ଼ା କଉତୁକର ଯଥାର୍ଥ ରୂପକାର ଭାବରେ କବି ସାଉଁଟିଛନ୍ତି ନିଛକ ଅନୁଭବର ମାର୍ମିକ ଉଚ୍ଚାରଣ। ସମାଜକୁ ଆହାର ଯୋଗାଇବାରେ ଯେଉଁ କୃଷକ ନିଜ ଜୀବନକୁ ପଣ କରିଥାଏ, ତାହାର ସେ ଜୟଜୟ କାର କରିଛନ୍ତି।

"ଧନ୍ୟ ଧନ୍ୟ କୃଷକରେ ତୋତେ
ଖଟି ଖଟି ପୋଷୁଅଛୁ ମୋତେ,
ହେୟ ତୋତେ ମଣେ ଯେହୁ          ଅବଶ୍ୟ ନିର୍ମମ ସେହୁ
ତାର ଗର୍ବେ ସଂସାରର କି ଲାଭ ହୋଇବ
ତୋ ବିହୁନେ ଏ ସଂସାର କ୍ଷଣେ ନାଶ ଯିବ।" – (ଗ୍ରାମଖଳା)

କେବଳ କୃଷକ ନୁହେଁ ଅନ୍ୟାନ୍ୟ ଜାତିର ବ୍ୟବସାୟ ସମ୍ପର୍କରେ ସେ ନିଖୁଣ ଚିତ୍ର ଦେବାରେ କାର୍ପଣ୍ୟ କରିନାହାନ୍ତି। କେନ୍ଦେରା ଗୀତରେ ମର୍ମରିତ ଯୋଗୀର ବୃ ି, ଦହି, ଦହି ଡାକରେ ଉଛୁଳି ପଡୁଥିବା ଗଉଡୁଣୀର ଡାକ, କେଳା କେଲୁଣୀଙ୍କ ଧୁଡୁକିନାଚ, କେଉଟୁଣୀର ଚୁଡ଼ାମୁଢ଼ି ପସରା – ପ୍ରତିଟି ଗ୍ରାମ ଦୃଶ୍ୟ ଓ ଦୃଶ୍ୟାନ୍ତରର କାବ୍ୟରୂପ ଦେବାରେ ଏହି କବି ପ୍ରତିଭା ସତତ ଆଗୁସାର। କେବଳ ସେତିକି ନୁହେଁ, ଗ୍ରାମର ପ୍ରାକୃତିକ ଶୋଭା, ଋତୁପାଟବ, ସାମାଜିକ ବିଧି ବ୍ୟବସ୍ଥାର ବର୍ଣ୍ଣନା ସେ ଦେଇଛନ୍ତି। ଛଅ ଋତୁକୁ ନେଇ ସେ ରଚନା କରିଛନ୍ତି 'ଗ୍ରୀଷ୍ମ', 'ବର୍ଷା', 'ଶରତ', 'ହେମନ୍ତ', 'ଶୀତ' ଓ 'ବସନ୍ତ'। ବିଭିନ୍ନ ଋତୁରେ ପାଳିତ ହେଉଥିବା ବିଭିନ୍ନ ପୂଜାବ୍ରତର ଟିକିନିଖି ବର୍ଣ୍ଣନା ଦେଇ ପଲ୍ଲୀଜୀବନ ଧାରାର ଅନ୍ତଃରଙ୍ଗ ସ୍ୱରୂପ ସହିତ ବହିଃରଙ୍ଗ ଚିତ୍ରଣର ସଂଯୋଗ କରାଯାଇଛି।

ପ୍ରଭାତ, ଦିବସ, ସନ୍ଧ୍ୟା ଓ ରାତିର ବର୍ଣ୍ଣନାରେ ମଧ୍ୟ ସେଇ ପଲ୍ଲୀମୟତାର ବିଭା। ସକାଳର ସଙ୍ଗୀତ କେତେ ଲୋଭନୀୟ, ତାହା ଦ୍ରଷ୍ଟବ୍ୟ –

"ସୁଲୁ ସୁଲୁ ପବନ ବହି ଘନ ଘନ
ଲତାପତ୍ର ମରମର ଥର ଥର କମ୍ପନ।
ନୀଡ଼ଛାଡ଼ି ଚଢ଼େଇ ପିଢ଼ା ବାଢ଼େ ବସଇ
ଗଛେ ଗଛେ ଉଡ଼ି କରେ ମଧୁତାଳେ ଗାୟନ।
ବାଡ଼ିଧରି ହାତରେ ବଳୀ ବର୍ଦ୍ଧ କାନ୍ଧରେ
ହଳ ଯୋଖି କୃଷକ କରେ ବିଲେ ଗମନ।
ଖଡ଼ି ଧରି କରରେ ମୁଢ଼ି ଧରି ଅ ିରେ
କରୁଛନ୍ତି ପିଲାମାନେ ଚାଟଶାଳୀ ଗମନ। (ପ୍ରଭାତ ସଙ୍ଗୀତ)

'ନାନାବାୟା ଗୀତ'ରେ ସେଇ ପ୍ରଭାତର ଅନ୍ୟତମ ସରଳ ଚିତ୍ର ଦେଇ କବି ଲେଖିଛନ୍ତି –

"ନୂଆ ବୋହୂମାନେ ପିଣ୍ଡା ଦୁଆର
ଖରକି ପକାନ୍ତି ପାଣି ଗୋବର।
ବାସନ ମାଜିଣ ଚଉକା ଦେଇ
ସାତ ପା ମିଳି ଯାନ୍ତି ଗାଧୋଇ।
ଚଷାମାନେ ହଳ ବଳଦ ନେଇ,
ବିଲକୁ ଯାଆନ୍ତି ହଳ ବୁଲେଇ।"

ନନ୍ଦକିଶୋର ହିଁ ପ୍ରଥମ କରି ଓଡ଼ିଆ କବିତାରେ ପଲ୍ଲୀ ପ୍ରକୃତି, ପଲ୍ଲୀଜୀବନ, ପଲ୍ଲୀବିଶ୍ୱାସ, ପଲ୍ଲୀସମାଜ, ପଲ୍ଲୀସ୍ୱରକୁ ଯଥାର୍ଥ ଭାବରେ ରୂପଦେଇ ଏ ଦିଗରେ ସ୍ୱତନ୍ତ୍ର ଧାରାଟିଏ ସୃଷ୍ଟି କରିଛନ୍ତି। ସେଥିପାଇଁ ସେ ଯଥାର୍ଥରେ 'ପଲ୍ଲୀକବି' ରୂପେ ସୁବିଖ୍ୟାତ। 'ଉତ୍କଳ ଭ୍ରମଣ' କବିତାରେ ଫକୀର ମୋହନ ତେଣୁ ନନ୍ଦକିଶୋରଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ତାଙ୍କ ପ୍ରତି ଯଥାର୍ଥ ସମ୍ମାନ କହିଲେ ଅତ୍ୟୁକ୍ତି ହେବ ନାହିଁ –

"ପଢ଼ିଗଲି ବେଳେ ପଲ୍ଲୀ ପ୍ରସଙ୍ଗ ବାରତା
କେହି କବି କହ ନାହିଁ ଏ ପ୍ରକାର କଥା।"

### ୧୫.୧.୪. ନନ୍ଦକିଶୋରଙ୍କ କବିତାରେ ଦେଶାତ୍ମବୋଧ ଓ ସଂସ୍କାରପ୍ରାଣତା

ନନ୍ଦକିଶୋର ପ୍ରକୃତିପ୍ରାଣ ଓ ପଲ୍ଲୀପ୍ରାଣ କବି ହେଲେ ହେଁ ଦେଶାତ୍ମବୋଧକୁ ନେଇ ସର୍ଜନାତ୍ମକ ପରାକାଷ୍ଠା ପ୍ରଦର୍ଶନରେ ଅବହେଳା କରିନାହାନ୍ତି। ତତ୍କାଳୀନ ସମୟର ଏହି ନବ ଆହ୍ୱାନକୁ ଅନ୍ୟ ସମସାମୟିକ କବିମାନଙ୍କ ପରି ସେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଜଣେ ସରକାରୀ ଚାକିରିଆ ହୋଇ ମଧ୍ୟ ସେ ଦେଶର ସ୍ୱାର୍ଥ ଯେଉଁଠି ପରାହତ ହୋଇଛି, ସେଠି ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏହି ପ୍ରତିକ୍ରିୟାର ମାନସ ମନ୍ଥନ ତାଙ୍କର କାବ୍ୟ କବିତାରେ ପ୍ରତିଫଳିତ ହୋଇଛି।

'ଜନ୍ମଭୂମି' ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ କବିତାର ନାମକରଣରୁ ହିଁ ତାଙ୍କ ଦେଶପ୍ରୀତିର ନିଦର୍ଶନ ବାରିହୁଏ। 'ସପ୍ତମ ଏଡଓ୍ୱାର୍ଡଙ୍କୁ ଦୁଃଖିନୀ ଉତ୍କଳ ମାତାର ଗୁହାରୀ' ଶୀର୍ଷକ ଲେଖାରେ ବିଦେଶୀ ସରକାରଙ୍କ ଲବଣ ଆଇନର କଳାଦିଗ ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନର ବହୁ ପୂର୍ବରୁ ଦୂରଦ୍ରଷ୍ଟା କବି ନନ୍ଦକିଶୋର ଏ ସମ୍ପର୍କରେ ଲେଖନୀ ଚାଳନା କରିବା ତାଙ୍କ ଦେଶ ଭାବନାର ପରିଚାୟକ। 'ଜନ୍ମଭୂମି'ର ଦ୍ୱିତୀୟ ଭାଗରେ ସନ୍ନିବେଶିତ ତେଇଶଗୋଟି କବିତା ଉତ୍କଳୀୟତାର ବାହକ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ କବିତା ଗଞ୍ଜାମ ଜାତୀୟ ସମିତି, ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ସମ୍ମିଳନୀ ସଭା ପ୍ରଭୃତିରେ ଗାନ କରାଯାଇଥିଲା। ଏହି ଗ୍ରନ୍ଥର ଉତ୍ସର୍ଗ ପତ୍ରରେ ଉତ୍କଳ ଗୌରବ ମଧୁସୂଦନଙ୍କ ଉଦ୍ଦେଶ୍ୟରେ କବି ଲେଖିଛନ୍ତି –

"ସ୍ୱଦେଶ-ପ୍ରେମିକ, ଉତ୍କଳର ବିବିଧ ହିତାନୁଷ୍ଠାତା, ଚିର ଜୀବନ ସ୍ୱଦେଶ ସେବାରେ ନିଯୁକ୍ତ, ଉତ୍କଳ ସମ୍ମିଳନୀ ସଭାର ପ୍ରତିଷ୍ଠାତା ଓ ପ୍ରଧାନ ଅବଲମ୍ବନ, ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ. ମହୋଦୟଙ୍କ ଗୌରବାନ୍ୱିତ ନାମରେ ଲେଖକ ପ୍ରତି ତାଙ୍କର ଅଯାଚିତ ସ୍ନେହ ନିମି   ଯତ୍‌କିଂଚିତ୍ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏହି 'ଜନ୍ମଭୂମି' ପୁସ୍ତିକା ଉତ୍ସୃଷ୍ଟ ହେଲା।"

ଏହି କବିତା ଗ୍ରନ୍ଥର ପ୍ରତିଟି ପୃଷ୍ଠାରେ ଦେଶପ୍ରତି ବିଶେଷକରି ଉତ୍କଳମାତା ପ୍ରତି ରହିଛି ଗଭୀର ଆବେଗ ଓ ଅକୁଣ୍ଠ ଆଗ୍ରହ। ଏ ଦେଶର ଅତୀତ ଗୌରବାବହ କାହାଣୀକୁ ସ୍ମରଣ କରାଇବା ସହିତ ତତ୍କାଳୀନ ଦୁର୍ଦ୍ଦିନର ପୀଡ଼ାକୁ ଅତି ନମ୍ର ଭାବରେ ପ୍ରକାଶ କରିଛନ୍ତି ଏହି ଜାତୀୟ ପ୍ରାଣ ସ୍ରଷ୍ଟା।

"ଡାକନ୍ତି ଉତ୍କଳ ମାତା କୋଟି ସନ୍ତାନେ ତାଙ୍କର
କେ ରହିପାରିବ ଦୂରେ ଶୁଣି ଡାକ ମାତାଙ୍କର।
କହନ୍ତି ଡାକିଣ ମାତା 'ମୋର ପ୍ରାଣ-ସୁତସୁତା'
କିମ୍ପା ହେଲ ଅରକ୍ଷିତ ତେଜି ନିଜ ପ୍ରିୟ ଘର।
X X X
ମିଳିଲେ ସକଳ ଭାଇ ମୋ ଦୁଃଖ ରହିବ ନାହିଁ
ଭୁଲିଣ ସକଳ ଭେଦ ପୋଛ ମୋ ନୟନ ନୀର।" –(ଉତ୍କଳ ଜନନୀଙ୍କ ଆହ୍ୱାନ)

ଉତ୍କଳ ଗୌରବଙ୍କ ତୁଲ୍ୟ ସେ ମଧ୍ୟ ଓଡ଼ିଶାର ନରନାରୀଙ୍କୁ ଏକାଠି ହେବା ପାଇଁ ଆହ୍ୱାନ କରିଛନ୍ତି। ଆଗଙ୍ଗାଗୋଦାବରୀ ବିସ୍ତୃତ ଅତୀତ ଉତ୍କଳର ସୌର୍ଯ୍ୟ ଓ ବୀର୍ଯ୍ୟ ଫେରାଇ ଆଣିବା ପାଇଁ ତାଙ୍କ ନିବେଦନରେ ସ୍ୱଦେଶବତ୍ସଳତା ହିଁ ନିହିତ। ଅନ୍ୟ ଏକ କବିତାରେ ସେ ଗାଇଛନ୍ତି –

"ଜୟ ମା ଉତ୍କଳ ପୁରାଣ ପବିତ୍ର"
ଜୟ ମା ଉତ୍କଳ ସୁନ୍ଦର ବିଚିତ୍ର,
ଗଙ୍ଗା ଗୋଦାବରୀ ମହେନ୍ଦ୍ର-ନୀରଧି
ଚୌଦିଗେ କୀ   ତୋ ଘୋଷେ ନିରବଧି,
କଳ ନାଦିନୀ ତୋ ଶତ ସ୍ରୋତସ୍ୱତୀ
ପଦଧୌତ କରେ ତୋ ନୀଳମ୍ବୁ ନିତି। – (ଉତ୍କଳ ବନ୍ଦନା)

ଐତିହାସିକ କାବ୍ୟ 'କୃଷ୍ଣକୁମାରୀ' ଓ ଓଡ଼ିଶାର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ବିରଚିତ କବିତାଗୁଡ଼ିକରେ ମଧ୍ୟ ନନ୍ଦକିଶୋର ଜାତୀୟତାର ମନ୍ତ୍ର ଉଚ୍ଚାରଣ କରି ଯଶସ୍ୱୀ ହୋଇଛନ୍ତି।

ନବଯୁଗ କାବ୍ୟଧାରାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ସଂସ୍କାରମୁଖୀ ସଂଚରଣ। ନନ୍ଦକିଶୋର ଏହି ଧାରାର ଜଣେ ସଫଳ ବାହକ। ତତ୍କାଳୀନ ଓଡ଼ିଶାରେ ବିଶେଷ କରି ପଲ୍ଲୀସମାଜ ବ୍ୟବସ୍ଥାରେ ଧର୍ମ, ଜାତି, ବୃି, ବିବାହ, ଶିକ୍ଷା ନାଁରେ ଅନେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂରି ରହିଥିଲା। ସେସବୁର ମୂଳୋତ୍ପାଟନ ପାଇଁ ତାଙ୍କର କାବ୍ୟ ଜିଜ୍ଞାସା ନନ୍ଦକିଶୋରଙ୍କୁ ଉଚ୍ଚ ଆସନରେ ଅଧିଷ୍ଠିତ କରିଛି। ହିନ୍ଦୁ ଧର୍ମର କଠୋର ଜାତିପ୍ରଥା କିଭଳି ପ୍ରଗତିର ପରିପନ୍ଥୀ, ତାହା ତାଙ୍କର 'ଶର୍ମିଷ୍ଠା' କାବ୍ୟରେ ଲିପିବଦ୍ଧ -

"ବ୍ରାହ୍ମଣ କ୍ଷତ୍ରିୟ          ବୈଶ୍ୟ ଏକ ଜାତି<br>
          ଭେଦ ବୁଦ୍ଧି ଅନୁଚିତ<br>
ଏ ଭେଦ ବୁଦ୍ଧିରେ          ନଷ୍ଟ ହେବ କାଳେ<br>
          ସ୍ୱର୍ଣ୍ଣପ୍ରସୂ ଭୂଭାରତ।"

ବ୍ରାହ୍ମଧର୍ମ ପ୍ରଭାବରେ ସେତେବେଳେ ବାଲ୍ୟ ବିବାହ ବିରୁଦ୍ଧରେ ଓ ବିଧବା ବିବାହ ସପକ୍ଷରେ ଆନ୍ଦୋଳନ ଜାଗରିତ ହେଲା। ଶିକ୍ଷିତ କୁସଂସ୍କାର ମୁକ୍ତ ମଧ୍ୟବି  ସମାଜ ଏହାର ଗୁରୁତ୍ୱ ଅନୁଭବ କଲେ। ନନ୍ଦକିଶୋର ଏହି ସଂସ୍କାରର ବିଶ୍ୱାସୀ। ସେ ବୃଦ୍ଧ ବିବାହ ଭଳି ଏକ ଘୃଣ୍ୟ ପ୍ରଥା ବିରୋଧରେ ତୀବ୍ର ସ୍ୱର ଉଠାଇଛନ୍ତି –

ବୃଦ୍ଧକୁ ବିବାହ – ବିବାହ ବିଧି, ବାଳିକାକୁ ନାହିଁ<br>
କେଉଁ ନ୍ୟାୟ-ନୀତି ଏହା ସାମାଜିକ ଭାଇ।<br>
ଏସନ ବୈଷମ୍ୟପୂର୍ଣ୍ଣ ଏ ଯେଉଁ ସମାଜ<br>
ସଂସ୍କାର ନ କରି ଜୟ ଗାଅ, ନାହିଁ ଲାଜ ? –(ବୃଦ୍ଧ ବିବାହ)

ସ୍ୱଳ୍ପ ବୟସର ନାବାଳିକା ପରିସ୍ଥିତି ଦାୟରେ ବୟସ୍କ ବ୍ୟକ୍ତି ବିବାହ କରିବାର ପ୍ରଥା ସେତେବେଳେ ପ୍ରଚଳିତ ଥିଲା। ଶାଶୁଘରେ ପହ୍ ସଂସାର କ'ଣ ଜାଣିବା ବେଳକୁ ବୃଦ୍ଧ ସ୍ୱାମୀର ମୃତ୍ୟୁରେ ସେ ବୈଧବ୍ୟର ଶିକାର ହୁଏ। ତମାମ ଜୀବନ କେବଳ ଲୋକାଚାର ଭିତରେ ବୁଡ଼ି ରହି ନାରୀଟିଏ ଜୀବନର ହା ହା କାରକୁ ସାମ୍ନା କରିଥାଏ। ଏହି ଅମାନବୀୟ ପ୍ରଥା ପ୍ରତି କବି କଟାକ୍ଷ କରିଛନ୍ତି। 'ଜେମାଦେଈ' କବିତାରେ ଜେମାଦେଈ ଅଶୀବର୍ଷର ବୃଦ୍ଧକୁ ବିବାହ କରି ଅଳ୍ପ ଦିନରେ ବିଧବା ହୋଇଛି। ତାର କୋହ ଭରା କଣ୍ଠରେ କବି କହିଛନ୍ତି –

ମୋର ବାପ ଭାଇ ମାଆ ଜନ୍ମ-କଂସେଇ,<br>
ଅକାତ ପାଣିରେ ମୋତେ ଦେଲେ ଗୋ ଭସାଇ।<br>
ନିଷ୍ଠୁର ସମାଜ ତୋର କି ଦୋଷ ମୁଁ କଲି<br>
ଏ ବୟସେ ଏ ବେଶକୁ କିମ୍ବା ମୁଁ ବହିଲି। (ଜେମାଦେଈ)

ନାରୀ ଶିକ୍ଷାର କଣ୍ଠରୋଧ କରୁଥିବା ସାମାଜିକ ଅନ୍ଧବିଶ୍ୱାସର ମର୍ମାନ୍ତିକ ଚିତ୍ର ଦେଇ ଫକୀର ମୋହନ 'ରେବତୀ' ଗଳ୍ପରେ ଯେଉଁ କ୍ରାନ୍ତି ବା'। କରିଛନ୍ତି, ତାହାର ପ୍ରଭାବ ନନ୍ଦକିଶୋରଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା। ସେ ଜଣେ ଶିକ୍ଷକ ଭାବରେ

ସ୍ପଷ୍ଟ ଅନୁଭବ କରିଥିଲେ ନାରୀ ଓ ପୁରୁଷ ଉଭୟଙ୍କ ପ୍ରଗତିରେ ସମାଜର ପ୍ରଗତି ସମ୍ଭବ। ଅଧିକନ୍ତୁ ନାରୀଟିଏ ଶିକ୍ଷିତ ହେଲେ ଦେଶଟିଏ ବି ଶିକ୍ଷିତ ହୋଇପାରିବ। ତେଣୁ ନାରୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ସେ ଗାଇଛନ୍ତି –

"ଉଠିଲେ ରମଣୀ ଉଠିବେ ପୁରୁଷେ

ସମାଜର ଚକ୍ର ବେନି

ଉନ୍ନତି-ସ୍ୟନ୍ଦନ ଚାଲିବ ନାହିଁଟି

ଏକ ନର-ଚକ୍ର ଘେନି।" – (ଉତ୍କଳ-ଲଳନା)

**୧୫.୧.୫. ନନ୍ଦକିଶୋରଙ୍କ କବିତାରେ ଆଧ୍ୟାତ୍ମିକ ଚେତନା**

ପଲ୍ଲୀ, ପ୍ରକୃତି, ମାନବ ଓ ଦେଶକୁ ଶ୍ରଦ୍ଧା କରୁଥିବା କବି ପ୍ରାଣ ବିଭୁବୋଧରେ ବିସ୍ମୟାଭିଭୂତ ହେବା ସ୍ୱାଭାବିକ। ତାଙ୍କର ବିଭିନ୍ନ କବିତା ଗ୍ରନ୍ଥରେ ସ୍ଥାନିତ କେତେକ କବିତାରେ ଈଶ୍ୱରାନୁରାଗର ଅମଳିନ ଦ୍ୟୁତି ପାଠକ ପ୍ରାଣରେ ମହାଭାବର ସ ାର କରାଇବାରେ ସମର୍ଥ ହୋଇଥାଏ। 'ନିଶୀଥ', 'ପୁଷ୍ପ', 'ନିର୍ମାଲ୍ୟ', 'ମୋ ଦେବତା', 'ପ୍ରଭାତ ସଙ୍ଗୀତ', 'ସନ୍ଧ୍ୟା ସଙ୍ଗୀତ', 'ସରସ୍ୱତୀ ଆବାହନ' ଆଦି କବିତା ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ। ନିସ୍ତବ୍ଧ ନିଶୀଥ ଅବଲୋକନ କରି କବି ଚି ଭୂମିରୁ ଭୂମା ପର୍ଯ୍ୟନ୍ତ ପ୍ରସାରିତ ହୋଇଛି।

ଅନନ୍ତ ଅପାର ଏ ଯେ ସୁନୀଳ ଗଗନ

ଏ ବିଶ୍ୱ ସୃଷ୍ଟି - ପ୍ରାରମ୍ଭୁ ପ୍ରସାରିଛି କାୟା।

କି ଅଶବ୍ଦ ସୀମାଗତି କରେ ସେ ଗାୟନ

ଭୂମା ବରେଣ୍ୟ ଦେବର କି ବିରାଟ ଛାୟା।

ଏ ସର୍ବ କେବଳ କି ହେ ଅଣୁର ସଂସାର

ନୁହଇ କି ପ୍ରାଣମୟ ଚୈତନ୍ୟ - ଆଗାର ? (ନିଶୀଥ)

ଈଶ୍ୱରଙ୍କ ଚମତ୍କାରିତାର ନିଗୂଢ଼ ନିଦର୍ଶନ ହେଉଛି ମନୁଷ୍ୟତା। ଯିଏ ଏହା ଅନୁଭବ ନ କରି ଏଣେ ତେଣେ ଭଗବାନଙ୍କୁ ଖୋଜେ, ସିଏ ପ୍ରକୃତ ସତ୍ୟଠାରୁ ଦୂରେଇଯାଏ। ମଣିଷର ବୁଦ୍ଧି, ଇଚ୍ଛା, ଭାବ, ବୃ ି, ଜ୍ଞାନ, କର୍ମ, ପ୍ରୀତି ରୂପେ ଭଗବାନଙ୍କ ଆବିର୍ଭାବ ହୋଇଥାଏ। ସତ୍ୟ ଶିବ ସୁନ୍ଦର ସେହି ଦେବତାଙ୍କ ଉପସ୍ଥିତି ଏକାନ୍ତ ଅନୁଭବ୍ୟ। କବିଙ୍କ ଭାଷାରେ –

"ବୁଦ୍ଧି-ଇଚ୍ଛା-ଭାବ-ବୃ ି ଆଦର୍ଶ ରୂପରେ

ଅଛନ୍ତି ଦେବତା ନିଜେ ଏ ମମ ଅନ୍ତରେ

ଗାନ, କର୍ମ, ପ୍ରୀତି ରୂପେ ପ୍ରଭୁ ଭଗବାନ

ସତ୍ୟ, ଶିବ, ସୁନ୍ଦର ସେ ଦେବତା ସମାନ।" – (ମୋ ଦେବତା)

କବି କି ପ୍ରକୃତି କି ମାନବ କି ମହାକାଳ ସବୁଠି ଈଶ୍ୱର ବୋଧର ସନ୍ଧାନ କରିଛନ୍ତି। ତାଙ୍କ କାବ୍ୟ ସୁଷମାର ଏହି ବିଭୁବୋଧ ଏକ ସତେଜ ପାଖୁଡ଼ା।

**୧୫.୧.୬. – ତାଙ୍କ କାବ୍ୟ କବିତାର ଆଙ୍ଗିକ ବିଚାର –**

ଶର୍ମିଷ୍ଠା, ସୀତା ବନବାସ, କୃଷ୍ଣ କୁମାରୀ କାବ୍ୟତ୍ରୟ ସମେତ ଅନ୍ୟ କବିତା ସଂକଳନଗୁଡ଼ିକରେ ଭାଷାର କମନୀୟ ଗତିଶୀଳତା ଲକ୍ଷ୍ୟ କରିହୁଏ। ଇଂରାଜୀ କାବ୍ୟଶୈଳୀ ଆଧାରରେ ସେ ଗାଥା କବିତା, ଚତୁର୍ଦ୍ଦଶ ପଦୀ କବିତା, ଶୋକାଗୀତିକା, ସମ୍ବୋଧନ ଗୀତିକା ରଚନା କରି କାବ୍ୟ ବୈଚିତ୍ର୍ୟ ଦର୍ଶାଇଛନ୍ତି। 'ନିଶିଥ', 'ମଧୁଶଯ୍ୟା', 'ନୟନର ଭାଷା', ମାନସୀ ମୂର୍ ଇତ୍ୟାଦି କବିତାଗୁଡ଼ିକ ଉଚ୍ଚକୋଟିର ସନେଟ ବା ଚତୁର୍ଦ୍ଦଶପଦୀ କବିତା। 'କାକବାରତା', 'କୋକିଳ ପ୍ରତି', 'ଶେପାଳିକା ପ୍ରତି ଅଳି' ପରି ସମ୍ବୋଧଗୀତି ଓ ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଲିଖିତ କବିତାଗୁଡ଼ିକ ତାଙ୍କର ଶୋକଗୀତି ପର୍ଯ୍ୟାୟର।

ନନ୍ଦକିଶୋର ଅନେକ ପ୍ରାଚୀନ ଛନ୍ଦର ପ୍ରୟୋଗକର୍ା। ଗୁଜରୀ, ମୁଖାରୀ, କେଦାର, ଚକ୍ରକେଳି, ରାମକେରୀ, କଳହଂସ, କେଦାର, ଶଙ୍କରା ଭରଣ, ଆଷାଢ଼ଶୁକ୍ଳ ଆଦି ବୃ ଗୁଡ଼ିକ ବିଭିନ୍ନ କବିତାରେ ସଫଳ ଭାବରେ ବ୍ୟବହାର କରି ସେ ନିଜ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି।

ତାଙ୍କ କାବ୍ୟ-ଆଙ୍ଗିକର ଅନ୍ୟତମ ବିଭବ ହେଉଛି ଲୋକଗୀତ, ବୋଲି, ଲୋକୋକ୍ତି ଓ ଲୋକ କାହାଣୀର ପ୍ରୟୋଗ। ଡାମରା କାଉରେ ଡାମରା କାଉ / ଉ ପରବତେ ବୋବାଉ ଥାଉ, ଚୁଟିଆ ମୂଷାରେ ଚୁଟେଇ ମୂଷି / ଧାନ ଭରଣକ ଖାଉଥା ବସି, ବିଲୁଆ ନନାରେ ବିଲୁଆ ନନା / ଘର ପୋଡ଼ିଗଲା ପଛକୁ ଅନା, ହୋରେ ବାଇଆ ହୋ / ଯେଉଁ କିଆରିରେ ବହୁତ ଧାନ ତୁ ସେଇ କିଆରିରେ ଶୋଅ, ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଇ ପକ୍ଷୀ / ଜେମାଦେଈ କାନ୍ଦୁଛନ୍ତି ବୁଢ଼ାବର ଦେଖି ଇତ୍ୟାଦି ପଦ ଭିତରେ ଲୋକ ଜୀବନର ଭାବ ଓ ଭାଷାର ମଧୁର ସଂଯୋଗ ପରିଲକ୍ଷିତ ହୁଏ।

### ୧୫.୧.୭. - ନନ୍ଦକିଶୋରଙ୍କ ଗଦ୍ୟ ବିଭବ

ଜଣେ କବି ଭାବରେ ନନ୍ଦକିଶୋର ପ୍ରସିଦ୍ଧି ଅର୍ଜନ କରିଥିଲେ ମଧ୍ୟ ତାଙ୍କ ଗଦ୍ୟ ସୃଷ୍ଟିକୁ ଅଣଦେଖା କରାଯାଇ ନ ପାରେ। ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସମାଲୋଚନା ଆଦି ବିଭାଗରେ ସେ ଲେଖନୀ ଚାଳନା କରି ସୁଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ଏକ ମାତ୍ର ଉପନ୍ୟାସ 'କନକଲତା' ଏକ ସାମାଜିକ କଥାବସ୍ତୁକୁ ନେଇ ପରିକଳ୍ପିତ। ଉପନ୍ୟାସର ନାୟିକା କନକଲତା ଓ ନାୟକ ଧନଞ୍ଜୟଙ୍କ ମଧ୍ୟରେ ସାକ୍ଷାତ, ପ୍ରେମ, ବିବାହ ପ୍ରସ୍ତାବ ଆଗତ, ବର ପିତାଙ୍କ ଅତ୍ୟଧିକ ଯୌତୁକ ଦାବିରେ ନାୟକ - ନାୟିକାଙ୍କ ଯନ୍ତ୍ରଣା, କନକର ଭାଇ ରାଜେନ୍ଦ୍ରଙ୍କ ତ୍ୟାଗ ଇତ୍ୟାଦିକୁ ନେଇ କାହାଣୀ ଗତିଶୀଳ। ଯୌତୁକ ପ୍ରଥାର ବିରୋଧ ପୂର୍ବକ ବିଧବା ବିବାହ ସପକ୍ଷରେ ଉପନ୍ୟାସଟିର ବାର୍ା ଏହାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥାଏ। 'କନକଲତା'ର ମାତ୍ର ଆଠଟି ପରିଚ୍ଛେଦ ୧୯୧୩ ମସିହାରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା। ପରେ ୧୯୨୫ରେ ଏହାର ଅବଶିଷ୍ଟାଂଶ ରଚିତ ହୋଇଥିଲା।

'ଲକ୍ଷ୍ମୀ' (୧୯୧୩) ନନ୍ଦକିଶୋରଙ୍କର ମଧ୍ୟ ଏକ ମାତ୍ର କ୍ଷୁଦ୍ରଗଳ୍ପ। କନ୍ୟାସୁନା ପ୍ରଥାକୁ ନେଇ ଏହା ପରିକଳ୍ପିତ। ଫକୀର ମୋହନଙ୍କ 'ବୀରେଇ ବିଶାଳ' ଓ 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପର ସମମର୍ମୀ କାହାଣୀ ହେଉଛି 'ଲକ୍ଷ୍ମୀ'ର କାହାଣୀ। ଧନି ମିଶ୍ର କନ୍ୟାକୁ ଲକ୍ଷ୍ମୀକୁ ବିବାହ ଦେବା ପାଇଁ ଅତ୍ୟଧିକ ଟଙ୍କା ଦାବି କରେ। ଫଳରେ ଉପଯୁକ୍ତ ପାତ୍ରଟିଏ ପାଇବା ପାଇଁ ଲକ୍ଷ୍ମୀ ପକ୍ଷରେ ସମ୍ଭବ ହୁଏ ନାହିଁ। ଶେଷରେ ନାରାୟଣ ନାମକ ବୟସ୍କ ଛୋଟ ବ୍ୟବସାୟୀ ସାତ ଶହ ଟଙ୍କା ପିତା ଧନି ମିଶ୍ରଙ୍କୁ ଦେଇ ଲକ୍ଷ୍ମୀକୁ ବିବାହ କରେ। ମାତ୍ର ଚତୁରୀ ଲକ୍ଷ୍ମୀ ସେ ଟଙ୍କାକୁ ଚୋରେଇ ନେଇ ସ୍ୱାମୀଙ୍କୁ ଫେରାଇ ଦିଏ। ଲୋଭୀ ପିତାଙ୍କୁ ଏହା ଏକ ସମୁଚିତ ଶିକ୍ଷା। ଅନ୍ୟ ପକ୍ଷରେ ତତ୍କାଳୀନ ସମାଜରେ ପ୍ରଚଳିତ କନ୍ୟାସୁନା ପ୍ରଥା ବିରୁଦ୍ଧରେ ଏହା ଏକ ଆହ୍ୱାନ। 'ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟରେ ମଧ୍ୟ ତାଙ୍କର କୃତିତ୍ୱ ବିଚାର୍ଯ୍ୟ।' ଉତ୍କଳ 'ପଲ୍ଲୀଜୀବନ', 'ଭାରତ ଭବିଷ୍ୟତ ଭାଷା', 'କର୍ମ', 'ସଂଗ୍ରାମ ଓ ଜୀବନ', 'ଉତ୍କଳ ସାହିତ୍ୟ' 'ମହାରାଜା ଚନ୍ଦ୍ରଗୁପ୍ତ' ଇତ୍ୟାଦି ପ୍ରବନ୍ଧ, 'କବି ରାଧାନାଥ ଓ ତଦୀୟ କବିତା', 'ରାଓ ମଧୁସୂଦନ ରାଓ ବାହାଦୁର', 'ଉତ୍କଳ କବି ଫକୀର ମୋହନ', 'ଛାନ୍ଦମାଳା-୧ମ ଭାଗ ସମାଲୋଚନା', 'ଛାନ୍ଦମାଳା – ୨ୟ ଭାଗ ସମାଲୋଚନା' ଆଦି ସମୀକ୍ଷାମୂଳକ ରଚନା ମଧ୍ୟରେ ତାଙ୍କର ବ୍ୟକ୍ତିନିଷ୍ଠ ବିଚାରବୋଧର ପରିଚୟ ମିଳିଥାଏ।

## **୧୫.୨. ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ପୁସ୍ତକାବଳୀ**

### **ଆଦର୍ଶ ପ୍ରଶ୍ନାବଳୀ**

୨୧. ଧ୍ୱନିବାଦ ଓ ରୀତିସାହିତ୍ୟ ର ପରିଚୟ ଦିଅ।

୨୨. ଧ୍ୱନିବାଦ ଓ ରୀତିସାହିତ୍ୟ ର ସ୍ୱରୂପ ଦର୍ଶାଅ।

୨୩. ଧ୍ୱନିବାଦ ଓ ରୀତିସାହିତ୍ୟ ର ମହ ୍ୱ ଦର୍ଶାଅ।

୨୪. ଗଙ୍ଗାଧରଙ୍କ କାବ୍ୟ କବିତାରେ ଧ୍ୱନିବାଦ ଓ ରୀତିସାହିତ୍ୟ ର ପ୍ରଭାବ ଦର୍ଶାଅ।

୨୫. ଧ୍ୱନିବାଦ ଓ ରୀତିସାହିତ୍ୟ ର ମହ ୍ୱ ଦର୍ଶାଅ।

୨୬. ଧ୍ୱନିବାଦ ଓ ରୀତିସାହିତ୍ୟ  ଉପରେ ଆଲୋକପାତ କର।

୨୭. ଧ୍ୱନିବାଦ ଓ ରୀତିସାହିତ୍ୟ ପରିଚୟ ଦିଅ।

୨୮. ଧ୍ୱନିବାଦ ଓ ରୀତିସାହିତ୍ୟ ଉପରେ ଆକଳନ କର।

### **ଅଧିକ ଜାଣିବା ପାଇଁ ସହାୟକ ଗ୍ରନ୍ଥାବଳୀ –**


୨୫. ଫକୀର ମୋହନ ସମୀକ୍ଷା – ସୁରେନ୍ଦ୍ର ମହାନ୍ତି

୨୬. ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ – ଡ. ବୈଷ୍ଣବ ଚରଣ ସାମଲ

୨୭. କାବ୍ୟ ଶିଳ୍ପୀ ଗଙ୍ଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

୨୮. ଯୁଗଲଘ୍ନୀ କବି ଗଙ୍ଗାଧର – ଡ. କେଶବ ଚନ୍ଦ୍ର ମେହେର

୨୯. ପଲ୍ଲୀକବି ସୃଷ୍ଟି ପରିଧି – ଓଡ଼ିଶା ସାହିତ୍ୟ ଏକାଡେମୀ

୩୦. ପଲ୍ଲୀକବି ନନ୍ଦକିଶୋର ବଳ – ଡ. ସୁରେନ୍ଦ୍ର କୁମାର ମହାରଣା।

## ବ୍ଲକ୍ -୪ : ମଧ୍ୟଯୁଗୀୟ ଓଡ଼ିଆ ରୀତି ପରଂପରା

**ଷୋଡ଼ଶ** ଏକକ - ଚମ୍ପୂ

**ସପ୍ତଦଶ** ଏକକ- ଚଉପଦୀ

**ଅଷ୍ଟାଦଶ** ଏକକ- ଚଉତିଶା

**ଊନବିଂଶ** ଏକକ - ଭଜନ

**ବିଂଶ ଏକକ**- ଜଣାଣ

## **ଷୋଡ଼ଶ** ଏକକ - ଚମ୍ପୂ

୧୬.୦ ସୂଚନା

୧୬.୧ ପଠନର ଉଦ୍ଦେଶ୍ୟ

୧୬.୨ ଆଲୋଚ୍ୟ ସାହିତ୍ୟର ସମୟସୀମା

୧୬.୩ ସମକାଳୀନ ରାଜନୀତିକ ଓ ସାଂସ୍କୃତିକ ଚିତ୍ରପଟ

୧୬.୪ ପ୍ରାକ୍ ରୀତିଯୁଗୀୟ କବି ଓ କାବ୍ୟ

- ୧୬.୪.୧ ଅର୍ଜ୍ଜୁନ ଦାସ
- ୧୬.୪.୨ ନରସିଂହ ସେଣ
- ୧୬.୪.୩ ଦାମୋଦର ଦାସ
- ୧୬.୪.୪ ବୃନ୍ଦାବନ ଦାସ
- ୧୬.୪.୫ କପିଳେଶ୍ୱର ଦାସ
- ୧୬.୪.୬ ପାର୍ଥ ଶ୍ରୀଚନ୍ଦନ
- ୧୬.୪.୭ ବିଷ୍ଣୁ ଦାସ
- ୧୬.୪.୮ ଶିଶୁଶଙ୍କର ଦାସ
- ୧୬.୪.୯ ବନମାଳୀ ଦାସ
- ୧୬.୪.୧୦ କାର୍ତ୍ତିକ ଦାସ
- ୧୬.୪.୧୧ ଦେବଦୁର୍ଲ୍ଲଭ ଦାସ
- ୧୬.୪.୧୨ ଚାନ୍ଦ ଦାସ
- ୧୬.୪.୧୩ ସାଲବେଗ
- ୧୬.୪.୧୪ ପ୍ରତାପ ରାୟ
- ୧୬.୪.୧୫ ଦିବାକର ଦାସ

୧୬.୫ ନିଷ୍କର୍ଷ

୧୬.୬ ପରିଶିଷ୍ଟ: ଆଦର୍ଶ ପ୍ରଶ୍ନାବଳୀ

୧୬.୭ ସହାୟକ ଗ୍ରନ୍ଥସୂଚୀ

## ୧୬.୦ ସୂଚନା :

ସାରଳାଦାସଙ୍କ ଆବିର୍ଭାବ କାଳରୁ ଅର୍ଥାତ୍ ପ ଦଶ ଶତାବ୍ଦୀବେଳକୁ ଓଡ଼ିଆ ସାହିତ୍ୟର ଅବିକଶିତ ଅବସ୍ଥା, ସଂସ୍କୃତ ଭାଷା-ସାହିତ୍ୟର ଅସପନ୍ ରାଜତ୍ୱ। ସଂସ୍କୃତିର ପ୍ରାବଲ୍ୟ ଯୋଗୁଁ ଓଡ଼ିଆ ସାହିତ୍ୟ ମୁଣ୍ଡ ଟେକିପାରୁ ନଥିଲା; ଫଳରେ କୌଣସି ମୌଳିକ ତଥା ଦୃଷ୍ଟି ଆକର୍ଷକ ଗ୍ରନ୍ଥ ରଚିତ ହୋଇପାରୁ ନଥିଲା। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସାରଳା ଦାସ ଆଗେଇ ଆସିଲେ ଏବଂ ବିପୁଳକାୟ ସାହିତ୍ୟ-କୃତିଦ୍ୱାରା ଓଡ଼ିଆ ସାହିତ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଲେ। ଓଡ଼ିଆ ସାହିତ୍ୟକୁ ଆଉ ପାଦେ ଆଗେଇ ନେଲେ ପରବ ୀକାଳୀନ ପ ସଖା ଗୋଷ୍ଠୀ। କିନ୍ତୁ ସେମାନଙ୍କ ସୃଷ୍ଟିରାଜି ଶୁଷ୍କତ ୍ ଓ ଧର୍ମୀୟ ଚେତନାଦ୍ୱାରା ଏପରି ଭାରାକ୍ରାନ୍ତ ହୋଇପଡ଼ିଲା ଯେ ଓଡ଼ିଆ ସାହିତ୍ୟ ଏକ ରସାଳ ତଥା କମନୀୟ ରୂପ ଲାଭ କରିବା ନିମି  କିଛି ରସିକ ସ୍ରଷ୍ଟାଙ୍କ ଅପେକ୍ଷାରେ ରହିଲା। ଏହିପରି ଏକ ଘଡ଼ିସନ୍ଧି ମୁହୂ ର୍ରେ କେତେଜଣ କବିଙ୍କ ଆବିର୍ଭାବ ଘଟିଲା, ଯେଉଁମାନେ ଛନ୍ଦୋବଦ୍ଧ ପୌରାଣିକ କାବ୍ୟ ଓ କାଳ୍ପନିକ କାବ୍ୟମାନ ରଚନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ପୁଷ୍ଟ କରିବା ସଙ୍ଗେ ସଙ୍ଗେ ଅନାଗତ ରୀତି ସାହିତ୍ୟକୁ ଆବାହନ କଲେ। ଅନ୍ୟ ଭାଷାରେ, ସେମାନେ ଥିଲେ ରୀତି ସାହିତ୍ୟର ଆଦି ବା ୀବହ। ସେମାନଙ୍କ କୃତିରାଜିକୁ ପ୍ରାକ୍-ରୀତି ସାହିତ୍ୟ ଭାବରେ ଗ୍ରହଣ କରି ପ୍ରସ୍ତୁତ ୟୁନିଟ୍‌ରେ ସେ ବିଷୟକ ଆଲୋଚନାର ଅୟମାରମ୍ଭ କରିବା ହେଉଛି ଆମର ଲକ୍ଷ୍ୟ।

ସେହିପରି ପରବ ୀକାଳୀନ ସାହିତ୍ୟ ବା ରୀତିସାହିତ୍ୟ ପ୍ରାକ୍-ରୀତିସାହିତ୍ୟର ଏକ ବିକଶିତ ପର୍ଯ୍ୟାୟର ସାହିତ୍ୟ। ରୀତିର ଅର୍ଥ 'ବିଶିଷ୍ଟ ପଦଯୋଜନା ବା ପଦ-ସଂଘଟନା'। ଏହି ଯୁଗରେ 'ବିଶିଷ୍ଟ ପଦ-ସଂଘଟନା' ବା 'ରୀତି' ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏହାର ଏପରି ନାମକରଣ। ଓଡ଼ିଆ ସାହିତ୍ୟର ଇତିହାସରେ ରୀତି-ପ୍ରାବଲ୍ୟ କାଳକୁ ରୀତିଯୁଗ ଭାବରେ ଅଭିହିତ କରାଯାଏ। ଉପେନ୍ଦ୍ରଭଞ୍ଜ ଏ ଯୁଗର ସର୍ବଶ୍ରେଷ୍ଠ କବି। ତେଣୁ ତାଙ୍କ ନାମାନୁସାରେ ଏହି ଯୁଗ 'ଭଞ୍ଜଯୁଗ' ଭାବରେ ମଧ୍ୟ ପରିଚିତ। ଏ ଯୁଗରେ କବିମାନେ ଆଳଙ୍କାରିକ ଚାତୁରୀ ଦେଖାଇବାକୁ ସର୍ବାଧିକ ଯତ୍ନବାନ ଥିବାରୁ ଏ ଯୁଗର ଅନ୍ୟନାମ 'ଅଳଙ୍କାର ଯୁଗ'।

## ୧୬.୧ ସଂରଚନା ପ୍ରଣାଳୀ :

ଏହି ୟୁନିଟ୍‌ରେ ପ୍ରାକ୍-ରୀତିଯୁଗୀୟ ସାହିତ୍ୟ ଓ ରୀତିଯୁଗୀୟ ସାହିତ୍ୟର ଆକଳନ କରାଯାଇଛି ବିଭିନ୍ନ ଦୃଷ୍ଟିରୁ। ଫଳରେ ଏ ଯୁଗର ବ୍ୟାପ୍ତି, ରାଜନୀତିକ ଓ ସାଂସ୍କୃତିକ ପାଣିପାଗ, କାବ୍ୟାଦର୍ଶ ଓ ସାରସ୍ୱତ ସାଧକମାନଙ୍କ କୃତିରାଜି ଉପରେ ଦୃଷ୍ଟିପାତ କରାଯାଇଛି। ଏଥିନିମନ୍ତେ ନିମ୍ନ ସଂରଚନା ବିଧିର ଆଶ୍ରୟ ନିଆଯାଇଛି।

ଆଲୋଚ୍ୟ ସାହିତ୍ୟର ସମୟସୀମା।
ସମକାଳୀନ ରାଜନୀତିକ ଓ ସାଂସ୍କୃତିକ ଚିତ୍ରପଟ।
ପ୍ରାକ୍-ରୀତିଯୁଗୀୟ କବି ଓ କାବ୍ୟ।
ରୀତିସାହିତ୍ୟ।
ଆଳଙ୍କାରିକମାନଙ୍କ ମତରେ ରୀତି।
ରୀତିଯୁଗର କବି ଓ କାବ୍ୟ।
ନିଷ୍କର୍ଷ।
ପରିଶିଷ୍ଟ - ଆଦର୍ଶ ପ୍ରଶ୍ନାବଳୀ।
ସହାୟକ ଗ୍ରନ୍ଥସୂଚୀ।

## ୧୬.୨ ଆଲୋଚ୍ୟ ସାହିତ୍ୟର ସମୟସୀମା :

ପ୍ରାକ୍-ରୀତିସାହିତ୍ୟର ସ୍ରଷ୍ଟାଭାବରେ ଯେଉଁ କବିମାନଙ୍କୁ ଗ୍ରହଣ କରାଯାଏ ସେମାନେ ଓଡ଼ିଆ ସାହିତ୍ୟର ଇତିହାସରେ ପ ସଖା ଯୁଗର ଦ୍ୱିତୀୟ ଭାଗର କବି ଏବଂ ସେମାନେ ପରବ ୀ ରୀତିଯୁଗର ଉନ୍ମେଷ ପାଇଁ ଅନୁକୂଳ ସାହିତ୍ୟିକ ପାଣିପାଗର ସ୍ରଷ୍ଟା। ସେମାନଙ୍କ ସୃଷ୍ଟିକାଳକୁ ୧୬ଶ ଶତାବ୍ଦୀର ଶେଷଭାଗ ଓ ୧୭ଶ ଶତାବ୍ଦୀର ଆଦ୍ୟଭାଗ (୧୫୫୦-୧୬୫୦) ମଧ୍ୟରେ ସୀମିତ ରଖାଯାଇପାରେ। ସେହିପରି ରୀତିଯୁଗୀୟ ସାହିତ୍ୟର ବ୍ୟାପ୍ତିକାଳ ୧୭ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ୧୯ଶ ଶତାବ୍ଦୀର ୮ମ ଦଶକ ପର୍ଯ୍ୟନ୍ତ (୧୬୫୦-୧୬୮୦) ବୋଲି ସାଧାରଣତଃ ଗୃହୀତ ହୋଇଥାଏ। ରୀତିସାହିତ୍ୟର ଏହି କାଳସୀମା ମଧ୍ୟରେ ପରବ ୀ ସଙ୍ଗୀତ ଯୁଗର କବିମାନେ ମଧ୍ୟ ଅନ୍ତର୍ଭୁକ୍ତ। ସେମାନଙ୍କ ସାହିତ୍ୟିକ କୃତିରାଜି ପରବ ୀ ୟୁନିଟ୍‌ରେ ଆଲୋଚିତ।

## ୧୬.୩ - ସମକାଳୀନ ରାଜନୀତିକ ଓ ସାଂସ୍କୃତିକ ଚିତ୍ରପଟ :

### ରାଜନୀତିକ ପରିବେଶ :

ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ରଦେବ ଓ ତଦୀୟ ପୁତ୍ର ପୁରୁଷୋ ମଦେବ ଯେଉଁ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ, ତାହା ପ୍ରତାପରୁଦ୍ର (ପୁରୁଷୋ ମଦେବଙ୍କ ପୁତ୍ର) ଙ୍କ ସମୟରେ ଅତୁଟ ରହିପାରି ନଥିଲା। ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁପରେ ତାଙ୍କର ଦୁର୍ବଳ ବଂଶଧରଗଣ ରାଜ୍ୟ ଶାସନ କରିପାରିଲେ ନାହିଁ। ଓଡ଼ିଶାରେ ଅସ୍ଥିର ଓ ଅଶାନ୍ତ ରାଜନୀତିକ ପରିବେଶ ଘୋଟି ରହିଲା। ମନ୍ତ୍ରୀ ଓ ସେନାପତିମାନେ ସିଂହାସନାଧିକାର କରିବା ଉଦ୍ଦେଶ୍ୟରେ ସାମରିକ ବିପ୍ଳବର ସୂତ୍ରପାତ କଲେ। ଏହି ରାଜନୀତିକ ଅସ୍ଥିରତାର ସୁଯୋଗ ନେଇ ମୁସଲମାନ ଶାସକମାନେ ଓଡ଼ିଶାକୁ ତିନି ଦିଗରୁ ଆକ୍ରମଣ କରି କିଛି ଅଂଶ ଦଖଲ କରିନେଲେ। ଆକ୍ରମଣ କାଳରେ ସେମାନେ ବହୁ ହିନ୍ଦୁ କୀ ିର ଧ୍ୱଂସ ସାଧନ କରୁଥିଲେ: ଏହି କାରଣରୁ ପୁରୀ ମନ୍ଦିରର ସେବକମାନଙ୍କୁ ବହୁବାର ହିନ୍ଦୁମାନଙ୍କ ଗର୍ବ ଓ ଗୌରବର ପ୍ରତୀକ ଜଗନ୍ନାଥଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖିବାକୁ ହୋଇଥିଲା। ଏହି ସମୟରେ ହିନ୍ଦୁମାନଙ୍କ ସାମାଜିକ ଜୀବନରେ ଦାରୁଣ ସଙ୍କଟ ଦେଖାଦେଲା। ମୁସଲମାନ ରାଜତ୍ୱକାଳରେ ମୁସଲମାନ ଶାସକମାନଙ୍କ ମଧ୍ୟରେ ଅନ୍ତର୍ଯୁଦ୍ଧ ଲାଗିରହିଲା। ଦିଲ୍ଲୀର ବାଦଶାହ ଆକବର (୧୫୬୮-୧୬୦୫ ଖ୍ରୀଷ୍ଟାବ୍ଦ) ଙ୍କ ମୁସଲମାନ ଶାସକଗଣ ସାଂପ୍ରଦାୟିକ ଉଦାର ମନୋଭାବ ପରିବାର କରି ହିନ୍ଦୁମାନଙ୍କ ପ୍ରତି କଠୋର ନୀତି ଅବଲମ୍ବନ କଲେ।

ଆକବରଙ୍କ ପୁତ୍ର ଜାହାଙ୍ଗୀର (୧୬୦୫-୧୬୨୭ ଖ୍ରୀଷ୍ଟାବ୍ଦ) ଙ୍କ ଅମଳରେ ଓଡ଼ିଶାରେ ମୋଗଲ ଶାସନ ବିଧିବଦ୍ଧ ଭାବରେ ଆରମ୍ଭ ହୋଇଥିଲା। ପ୍ରଥମେ ବଙ୍ଗସୁବାର ଅଧୀନରେ ଥିବା ଓଡ଼ିଶା ୧୬୦୭ ଖ୍ରୀଷ୍ଟାବ୍ଦରେ ମୋଗଲ ସାମ୍ରାଜ୍ୟର ଏକ ସ୍ୱତନ୍ତ୍ର ସୁବା ବା ପ୍ରଦେଶ ଭାବରେ ପରିଣତ ହେଲା ଓ ହାସିମ୍ ଖାଁ ଓଡ଼ିଶାର ସୁବାଦାର ଭାବରେ ନିଯୁକ୍ତି ପାଇଲେ। ସେ ଓଡ଼ିଶାରେ ନିର୍ମମ ଅତ୍ୟାଚାର ଚଳାଇଲେ। ତାଙ୍କ ସାହାଯ୍ୟ କଲା କେଶୋଦାସ ନାମକ ଜଣେ ରାଜପୁତ୍ର, ଯେ ଓଡ଼ିଶାରେ ପୂର୍ବରୁ ଜାଗିରିଦାର ହୋଇ ରହିଥିଲା। ସେ ଜଗନ୍ନାଥଙ୍କ ମନ୍ଦିର ଭିତରକୁ ଦର୍ଶନ କରିବା ଆଳରେ ପଶି ଭିତରୁ କବାଟ କିଳି ମନ୍ଦିର ଦଖଲ କଲା। ତା'ର ଛଳନାର ଶିକାର ହୋଇ ଗଜପତି ରାଜା ପୁରୁଷୋ ମଦେବ ପରାଜିତ ହେଲେ। କେଶୋଦାସ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ କୋଟି କୋଟି ଟଙ୍କା ମୂଲ୍ୟର ସମ୍ପ ି ଲୁଣ୍ଠନ କଲା। ତା' ସହିତ ରାଜାଙ୍କର ସନ୍ଧି ସ୍ୱାକ୍ଷରିତ ହେଲା। ସନ୍ଧି ଅନୁସାରେ ଓଡ଼ିଶାର ରାଜଜେମା ଦିଲ୍ଲୀରେ ବାଦଶାହଙ୍କ ଅନ୍ତଃପୁରକୁ ଗଲେ ଓ ରାଜାଙ୍କ ଭଗ୍ନୀଙ୍କୁ କେଶୋଦାସ ବିବାହ କଲା। ସଲାମୀରୂପେ ଦିଲ୍ଲୀ ଖଜଣା ଖାନାକୁ ତିନିଲକ୍ଷ ଟଙ୍କା ଓ ବିଶ୍ୱାସଘାତକ କେଶୋଦାସକୁ ଏକ ଲକ୍ଷ ଟଙ୍କା ଦେବାକୁ ପଡ଼ିଲା ଓଡ଼ିଶାର ରାଜାଙ୍କୁ।

୧୬୪୧ ଖ୍ରୀଷ୍ଟାବ୍ଦରେ ଶାହାଜାହାନ (୧୬୨୮-୧୬୫୭ ଖ୍ରୀଷ୍ଟାବ୍ଦ) ନିଜର ପୁତ୍ର ସୁଜାକୁ ବଙ୍ଗ ସୁବାଦାର କରି ପଠାଇଲେ ପ ୍ତୁଗୀଜ ଜଳଦସ୍ୟୁମାନଙ୍କୁ ଦମନ କରିବା ପାଇଁ। ଏହି ଜଳଦସ୍ୟୁମାନେ ଓଡ଼ିଶା ଓ ବଙ୍ଗ ଉପକୂଳରେ ଲୁଣ୍ଠନ କରୁଥିଲେ ଏବଂ ଫଳରେ ସାମୁଦ୍ରିକ ବାଣିଜ୍ୟରେ ବହୁ କ୍ଷତି ଘଟୁଥିଲା। ଓଡ଼ିଶାକୁ ସୁଜାଙ୍କ ପ୍ରତ୍ୟକ୍ଷ ଶାସନରେ ରଖିବାପାଇଁ ଏହାକୁ ବଙ୍ଗସୁବାର ଅଧୀନରେ ରଖାଯାଇଥିଲା। ମରହଟ୍ଟାମାନଙ୍କ ଓଡ଼ିଶା ଅଧିକାର ପର୍ଯ୍ୟନ୍ତ ଓଡ଼ିଶା ବଙ୍ଗ ସୁବାଦାରଙ୍କ ଅଧୀନରେ ଜଣେ ନାଏବ ସୁବାଦାରଙ୍କ ଦ୍ୱାରା ଶାସିତ ହେଉଥିଲା।

୧୬୫୭ ଖ୍ରୀଷ୍ଟାବ୍ଦରେ ଶାହାଜାହାନ ରୋଗାକ୍ରାନ୍ତ ହୋଇପଡ଼ିବାରୁ ଦିଲ୍ଲୀ ସିଂହାସନ ନିମନ୍ତେ ତାଙ୍କ ପୁତ୍ରମାନଙ୍କ ମଧ୍ୟରେ ବିବାଦ ଦେଖାଦେଲା। ଦିଲ୍ଲୀ ଶାସନରେ ବିଶୃଙ୍ଖଳା ଲକ୍ଷ୍ୟକରି ମୋଗଲ ସାମ୍ରାଜ୍ୟ ମଧ୍ୟରେ ବିଭିନ୍ନ ସ୍ଥାନରେ ବିଦ୍ରୋହ ଦେଖାଦେଲା।

ଓଡ଼ିଶାରେ ସର୍ବତ୍ର ମଧ୍ୟ ଏହି ବିଦ୍ରୋହ ବ୍ୟାପିଲା । ଆଉରଙ୍ଗଜେବ (୧୬୫୮-୧୭୦୭ ଖ୍ରୀଷ୍ଟାବ୍ଦ) ସବୁ ଭାଇମାନଙ୍କୁ ହତ୍ୟାକରି ଓ ପିତା ଶାହାଜାହାନଙ୍କୁ ବନ୍ଦୀକରି ଦିଲ୍ଲୀ ସିଂହାସନ ଅଧିକାର କଲେ । ସେ କାଳବିଳମ୍ବ ନକରି ପ୍ରଧାନ ସେନାପତି ମିର୍‌ଜୁମଲାଙ୍କୁ ବଙ୍ଗଳ ସୁବାଦାର ଭାବରେ ପଠାଇଲେ । ଏହି ସମୟରେ ଓଡ଼ିଶାର ସୁବାଦାର ଭାବରେ ନିଯୁକ୍ତି ପାଇଲେ ଖାନି ଦଉରାଣୀ । ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ବସୁଠାରୁ ବେଶୀ ନିର୍ଦ୍ଦୟ ଥିଲେ ଆଉରଙ୍ଗଜେବ । ତାଙ୍କର ହିନ୍ଦୁଦଳନ ନୀତି ଓ ଧର୍ମାନ୍ଧତା ଏତେ ପ୍ରବଳ ଥିଲା ଯେ ହିନ୍ଦୁ ଜନସାଧାରଣ ତ୍ରାହି ତ୍ରାହି ଡ଼ାକଦେଲେ । ସେ ସମୟରେ ଦେବଦେବୀ ମନ୍ଦିର ପ୍ରଭୃତି ହିନ୍ଦୁ କୀ ିମାନ ଧ୍ୱଂସ କରାଯାଇ ସେସବୁ ସ୍ଥାନରେ ମୁସଲମାନଙ୍କର ସମଜିଦ୍‌ମାନ ନିର୍ମିତ ହେଲା । ବାଧ୍ୟ କରାଯାଇ ହିନ୍ଦୁମାନଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରାଗଲା । ଓଡ଼ିଆ ସାହିତ୍ୟ ଇତିହାସରେ ରୀତିଯୁଗର ଆରମ୍ଭରେ ଏହା ଥିଲା ଓଡ଼ିଶାର ରାଜନୀତିକ ପରିବେଶ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (୧୬୭୦-୧୭୨୦ ଖ୍ରୀଷ୍ଟାବ୍ଦ) ଥିଲେ ଏହି ସମୟର କବି ।

ଉପେନ୍ଦ୍ର ଭଞ୍ଜଙ୍କ ସମକାଳୀନ ଉତ୍କଳର ରାଜା ଥିଲେ ଦିବ୍ୟସିଂହଦେବ (୧୬୯୩-୧୭୨୦ ଖ୍ରୀଷ୍ଟାବ୍ଦ) । ତାଙ୍କ ରାଜତ୍ୱ କାଳରେ ୧୬୯୮ ଖ୍ରୀଷ୍ଟାବ୍ଦରେ କଟକଠାରେ ଅବସ୍ଥାପିତ ନାଏବ ନବାବ ଏକରାମ ଖାଁ ଜଗନ୍ନାଥ ମନ୍ଦିର ଆକ୍ରମଣ କରି ଶ୍ରୀଜଗନ୍ନାଥଙ୍କ ସମେତ ବହୁ ଧନରତ୍ନ ହସ୍ତଗତ କଲା । ମନ୍ଦିର ସେବକମାନେ କୌଶଳକ୍ରମେ ଜଗନ୍ନାଥଙ୍କ ବ୍ରହ୍ମଙ୍କୁ ବିମଳାଙ୍କ ମନ୍ଦିର ପଛପଟେ ଲୁଚାଇ ରଖିଲେ । ଉତ୍କଳର ରାଜା ରାମଚନ୍ଦ୍ରଦେବ (୧୭୩୨-୧୭୪୩ ଖ୍ରୀଷ୍ଟାବ୍ଦ) ଙ୍କ ଶାସନ କାଳରେ କଟକଠାରେ ଅବସ୍ଥାପିତ ନାଏବ ଦୁରାତ୍ମା ତକି ଖାଁ ଦେଶରେ ଅତ୍ୟାଚାର ଚଳାଇଲା । ଶେଷରେ ତା'ର ରାମଚନ୍ଦ୍ରଦେବଙ୍କ ସହିତ ଯୁଦ୍ଧ ହେଲା । ରାମଚନ୍ଦ୍ରଦେବ ପରାସ୍ତ ହୋଇ ମୁର୍ସିଦ କୁଲିଖାଁଙ୍କ କନ୍ୟାକୁ ବିବାହ କଲେ ଓ ଏହିପରି ମୁସଲମାନ ହୋଇଯିବାରୁ ଶ୍ରୀମନ୍ଦିର ଭିତରକୁ ଯାଇ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନଲାଭରୁ ବ ୍ତ ହେଲେ । ରାମଚନ୍ଦ୍ରଦେବଙ୍କ ସମୟରେ ମରହଟ୍ଟା ଆକ୍ରମଣ ହୋଇଥିଲା । ରାମଚନ୍ଦ୍ରଦେବ ମରହଟ୍ଟମାନଙ୍କୁ ମୁସଲମାନଙ୍କ ବିରୋଧରେ ସାହାଯ୍ୟ କରୁଥିଲେ । ବୀରକେଶରୀଦେବ (୧୭୪୩-୧୭୮୦ ଖ୍ରୀଷ୍ଟାବ୍ଦ) ଙ୍କ ରାଜତ୍ୱକାଳରେ ମହହଟ୍ଟାଙ୍କ ସହିତ ମୁସଲମାନ ଶାସକ ଆଲିବର୍ଦ୍ଦି ଖାଁ ସନ୍ଧିକରି ଓଡ଼ିଶା ତ୍ୟାଗ କରିବାରୁ ଓଡ଼ିଶା ମରହଟ୍ଟାମାନଙ୍କ ଶାସନାଧୀନ ହେଲା ।

୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ମୁସଲମାନ ସାମ୍ରାଜ୍ୟ ଲୋପପାଇ ମରହଟ୍ଟା ଶାସନ ଚାଲିଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାରେ ମୁସଲମାନ ରାଜତ୍ୱ ସଂପୂର୍ଣ୍ଣତଃ ଲୋପପାଇ ନଥିଲା । ସେଠାରେ ମୁସଲମାନ ଶାସକମାନଙ୍କଦ୍ୱାରା ନିଯୁକ୍ତ ଆନ୍ଧ୍ର ଅ ଳର ବହୁ ସରକାରୀ କର୍ମଚାରୀ ସର୍ବଦା ବିଶୃଙ୍ଖଳା ସୃଷ୍ଟି କରୁଥିଲେ । ଓଡ଼ିଶାର ଅଧିବାସୀଗଣ ମୁସଲମାନ ଓ ମରହଟ୍ଟା ଶାସନାଧୀନ ରହି ଅତିଷ୍ଠ ହୋଇପଡ଼ିଥିଲେ । ଅଧୀନରାଜା ଓ ସାମନ୍ତମାନେ ସର୍ବଦା ରାଜସ୍ୱ ଆଦାୟ କ୍ଷେତ୍ରରେ ପ୍ରଜାପୀଡ଼ନ ନୀତି ଗ୍ରହଣ କରୁଥିଲେ । ରାଜସ୍ୱ ଆଦାୟର ନିଷ୍ଠୁର ବ୍ୟବସ୍ଥାଯୋଗୁଁ ଶାସିତମାନଙ୍କୁ ସର୍ବଦା ଭୟ ଓ ଅଶାନ୍ତି ମଧ୍ୟରେ କାଳ କାଟିବାକୁ ପଡୁଥିଲା । ଗଡ଼ଜାତ ରାଜା ଓ ପ୍ରଜାମାନେ ଅପେକ୍ଷାକୃତ ଶାନ୍ତିରେ ବାସ କରୁଥିଲେ । ସରକାରୀ ପେସ୍‌କସ୍ ବା ଖଜଣା ନିୟମିତ ଭାବରେ ଦେଶର ସରକାରଙ୍କଠାରେ ପୈଠକରି ସେମାନେ ଅଶାନ୍ତି ଓ ଭୟକୁ ଦୂରେଇ ଦେଉଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ ମରହଟ୍ଟା ଶାସନର ସ୍ଥିତି ଥିଲା । ୧୮୦୩ ଖ୍ରୀଷ୍ଟାବ୍ଦଠାରୁ ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନ ହେଲା ।

## ସାଂସ୍କୃତିକ ପରିବେଶ :

ସୂର୍ଯ୍ୟବଂଶର ଶାସକମାନଙ୍କ ସମୟରେ ଓଡ଼ିଶା ସାଂସ୍କୃତିକ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ମହାକବି ସାରଳାଦାସ ଓ ପରବ ୀପ ସଖା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ସ୍ୱ ସ୍ୱ ରଚନାବଳୀଦ୍ୱାରା । ଏହି ସମୟର ଉତ୍କଳ ତେଣୁ ଓଡ଼ିଆ ସାହିତ୍ୟର ଇତିହାସରେ ସୁବର୍ଣ୍ଣଯୁଗ ଭାବରେ ନାମିତ ହେବା ଏକାନ୍ତ ଯଥାର୍ଥ । ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁପରଠାରୁ ଓଡ଼ିଶାର ସ୍ୱାଧୀନତା ଲୋପ ହେବାପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡ଼ିଶାରେ ରାଜନୀତିକ ଅସ୍ଥିରତାର ଉତ୍କଟ ରୂପ ଦେଖିବାକୁ ମିଳୁଥିଲେ ହେଁ, ଏ ସମୟରେ ଓଡ଼ିଶାର ସାଂସ୍କୃତିକ ଧାରା ଏକାବେଳକେ ଶୁଷ୍କ ହୋଇଟାଇ ନଥିଲା । ଗୋବିନ୍ଦଦେବ ଓ ମୁକୁନ୍ଦଦେବ ସାହିତ୍ୟାନୁରାଗୀ ଥିଲେ ଓ ସେମାନଙ୍କ ପୃଷ୍ଠପୋଷକତାରେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଭୂୟୋବିକାଶ ସାଧିତ ହୋଇଥିଲା ।

ମୁସଲମାନଙ୍କ ରାଜତ୍ୱକାଳରେ ଅନ୍ତର୍ଦ୍ୱନ୍ଦ୍ୱ ଶାସନକଳକୁ ଦୁର୍ବଳ କରିଦେଇଥିଲା । ଆକବରଙ୍କ ମୃତ୍ୟୁପରେ ମୁସଲମାନ ଶାସକମାନେ ସାଂପ୍ରଦାୟିକ ଉଦାରତା ପ୍ରତି ଭ୍ରୂକ୍ଷେପ କଲେ ନାହିଁ । ଫଳରେ ହିନ୍ଦୁମାନେ ସର୍ବଦା ଉଦ୍‌ବିଗ୍ନ ତଥା ଶଙ୍କାକୁଳ

ଅବସ୍ଥାରେ ରହିଲେ। ସାହିତ୍ୟପ୍ରତି ସେମାନଙ୍କର କିଛି କ ର୍ବ୍ୟ ଥିଲା ବୋଲି ସେମାନେ ବିଚାର କରୁ ନଥିଲେ। କେବଳ ଦେଶୀୟ ରାଜା ଓ ଜମିଦାରଗଣ ସାହିତ୍ୟ ଓ ସଂସ୍କୃତିକୁ ବ ।ଇ ରଖିବାକୁ ଯାହା ଚେଷ୍ଟା କରୁଥିଲେ।

ମରହଟ୍ଟା ଶାସନ ସମୟରେ ଓଡ଼ଶାବାସୀଙ୍କୁ ପ୍ରକୃତ ରାଜନୀତିକ ଓ ଆର୍ଥିକ ଶାନ୍ତି ମିଳି ନ ଥିଲେ ମଧ୍ୟ ସାଂସ୍କୃତିକ ସୁଫଳ ମିଳିଥିଲା ମୁସଲମାନ ଶାସକମାନଙ୍କ ଭଳି ମରହଟ୍ଟା ଶାସକଗଣ ବିଧର୍ମୀ ଓ ଧର୍ମାନ୍ଧ ନ ଥିଲେ। ସେମାନେ ଦେଶରେ ଧର୍ମାନୁଷ୍ଠାନଗୁଡ଼ିକର ସୁରକ୍ଷା ଓ  ଅଭିବୃଦ୍ଧି ପାଇଁ ଯତ୍ନଶୀଳ ହୋଇଥିଲେ। ସେମାନଙ୍କ ଶାସନାଧୀନ ଓଡ଼ିଆ ରାଜା ଓ ଜମିଦାରମାରେ ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକତା କରୁଥିଲେ। ପୃଷ୍ଠପୋଷକତା ଲାଭକରି ସାହିତ୍ୟ ଓ ସଂସ୍କୃତି ପ୍ରଗତି ପଥରେ ଆଗେଇ ଚାଲିଲା। ବହୁ ସଂସ୍କୃତ କବି ସେମାନଙ୍କ ସଂସ୍କୃତ ରଚନା ପାଇଁ ଓଡ଼ିଶା ବାହାରେ ମଧ୍ୟ ଯଶ ଅର୍ଜନ କରିପାରିଲେ।

କେବଳ ସଂସ୍କୃତ ସାହିତ୍ୟ ନୁହେଁ, ତା' ସହିତ ସମତାଳରେ ଆଗେଇ ଚାଲିଲା ଓଡ଼ିଆ ସାହିତ୍ୟ। ସାରଳାଦାସ, ପ ସଖା ଆଦି ପୂର୍ବବ ୀକାଳୀନ କବି ସଂସ୍କୃତ ସାହିତ୍ୟର ସମକକ୍ଷ ହେବାପାଇଁ ଯେଉଁ ଉଦ୍ୟମ କରିଯାଇଥିଲେ ଓ ଭବିଷ୍ୟତ କବିମାନଙ୍କ ପାଇଁ ଯେଉଁ ମାର୍ଗ ପ୍ରଦର୍ଶନ କରିଯାଇଥିଲେ, ସେଥିରେ ସଦର୍ପ ଗତିକରି ଓଡ଼ିଆ କବିଗଣ ଓଡ଼ିଆ ସାହିତ୍ୟକୁ ଏକ ଉନ୍ନତ ତଥା ବଳିଷ୍ଠ ରୂପ ପ୍ରଦାନ କରିଥିଲେ। କୈଶୋର ଅତିକ୍ରମ କରି ନ ଥିବା ଭାଗତବର୍ଷର ଏକ କ୍ଷୁଦ୍ର ଆ ଳିକ ସୀମା ମଧ୍ୟରେ ଆବଦ୍ଧ ଓଡ଼ିଆ ଭାଷାକୁ ଆକୁମାରୀ-ହିମାଚଳ-ବିସ୍ତୃତ ଓ ବହୁ ପ୍ରାଚୀନ କାଳରୁ ବିକାଶପ୍ରାପ୍ତ ସଂସ୍କୃତ ଭାଷାର ସମକକ୍ଷ କରାଇବାକୁ ଏ ଯୁଗର କବିଗଣ ଯେଉଁ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଥିଲେ ସେଥିପାଇଁ ସେମାନେ ଚିରସ୍ମରଣୀୟ। ସଂସ୍କୃତ ପରି ଉଚ୍ଚ  ଭାବ ପ୍ରକାଶ କ୍ଷମତା ଓ ଅଳଙ୍କାର-ନିୟମାବଦ୍ଧ ସାହିତ୍ୟ ରଚନା ଶକ୍ତି ଯେ ଓଡ଼ିଆ ଭାଷାର ରହିଛି, ସତେ ଯେପରି ଏହାହିଁ ପ୍ରମାଣ କରିଗଲେ ଏହି ଯୁଗର କବିଗଣ। ସଂସ୍କୃତର ପ୍ରତି-ଆହ୍ୱାନରେ  କାବ୍ୟମାନ୍ୟ ରଚନା କରିଥିବା କବିମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ମହାକବି ଉପେନ୍ଦ୍ର ଭଞ୍ଜ। ପିତାମହ ଧନଞ୍ଜୟ ଭଞ୍ଜ ଓ ଘୁମୁସର ଦରବାର ଦ୍ୱାରା ପ୍ରତିଷ୍ଠିତ ଭି ି ଉପରେ ସେ ବିରାଟ ସାହିତ୍ୟସୌଧ ନିର୍ମାଣ କଲେ କାବ୍ୟ-ପୁରାଣ,  ଅଳଙ୍କାର-କାମସୂତ୍ର, ଅଭିଧାନ-ବ୍ୟାକରଣାଦି ଶାସ୍ତ୍ରମାନ ରଚନା କରି। କେବଳ ସେତିକି ନୁହେଁ, ନିଜ ରଚନାବଳୀ ମାଧ୍ୟମରେ ମଧ୍ୟରେ ଅଳିକ ପାଣ୍ଡିତ୍ୟ ପ୍ରଦର୍ଶନ କରୁଥିବା ଅଳ୍ପବ୍ୟୁତ୍ପନ୍ନ ଓ ଆଯୋଗ୍ୟ ବ୍ୟକ୍ତିଗଣଙ୍କ ଦର୍ପ ଚୂର୍ଣ୍ଣ କଲେ। ଉଦାହରଣ ସ୍ୱରୂପ ଗୋଟିଏ ପଦ -

'ବିଜ୍ଞ ସୁଜନ ରଞ୍ଜନ ପଦମାନ ମାନସେ କରିବ ବିଚାର
ଅଳ୍ପବ୍ୟୁତ୍ ି ନରପନ୍ତି ବାନର ମୁଷ୍ଟି ପରକାର।
ଛାଡ଼ନ୍ତି-ନାହିଁ ଆମ୍ଭେ ବଡ଼ ଏ ଗର୍ବ,
ଏ ଗୀତ ସବିତା ପଦ ପ୍ରଭାବରେ ତାମସ ତମସ ନାଶିବ।' (କୋଟିବ୍ରହ୍ମାଣ୍ଡସୁନ୍ଦରୀ, ୨୮/୧)

ଉପେନ୍ଦ୍ରଙ୍କ ପୂର୍ବସୂରୀ ଧନଞ୍ଜୟ, ଦୀନକୃଷ୍ଣ ଓ ଲୋକନାଥ ଏବଂ ଉପେନ୍ଦ୍ରଙ୍କ ଅନୁସାରୀ ସଦାନନ୍ଦ, ଅଭିମନ୍ୟୁ, ବ୍ରଜନାଥ, ବନମାଳୀ, ବଳଦେବ, ଯଦୁମଣି ପ୍ରମୁଖ କବିଗଣ ଏହି ଯୁଗରେ କାବ୍ୟକବିତାମାନ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।

## ୧୬.୪ ପ୍ରାକ୍-ରୀତିଯୁଗୀୟ କବି ଓ କାବ୍ୟ :

ପ୍ରସଙ୍ଗର ଅନୁରୋଧରେ ଏଠାରେ ପ୍ରାକ୍-ରୀତିଯୁଗୀୟ କେତେଜଣ କବି ଓ ସେମାନଙ୍କ କୃତିରାଜିର ଆଲୋଚନା କରାଯାଇପାରେ।

### ୧୬.୪.୧ ଅର୍ଜ୍ଜୁନ ଦାସ :

ଅର୍ଜ୍ଜୁନ ଦାସ 'ରାମବିଭା' ଓ 'କଳ୍ପଲତା' କାବ୍ୟଦ୍ୱୟର ରଚୟିତା। ୧୬ଶ-୧୭ଶ ଶତାବ୍ଦୀର କବି କା ିକ ଦାସଙ୍କ 'ରୁକ୍ମିଣୀ ବିଭା', ନରସିଂହ ସେଣଙ୍କ 'ପରିମଳା' ଓ ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମ ବିଳାସ' କାବ୍ୟମାନଙ୍କରେ ଅର୍ଜ୍ଜୁନ ଦାସଙ୍କ 'ରାମବିଭା' କାବ୍ୟର ବିଭିନ୍ନ ଛାନ୍ଦର ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଥିବାରୁ ସେ ୧୬ଶ ଶତାବ୍ଦୀର ପ୍ରଥମ ଭାଗ ବା ୧୫ଶ ଶତାବ୍ଦୀର ଶେଷ ଭାଗର କବି ଭାବରେ ଗୃହୀତ ହୁଅନ୍ତି 'ରାମବିଭା'ର ସୁଯୋଗ୍ୟ ସମ୍ପାଦକ ଡକ୍ଟର ଆ ିବଲ୍ଲଭ ମହାନ୍ତିଙ୍କ ଦ୍ୱାରା (ମୁଖବନ୍ଧ, ପୃ:ଅଣାଏ)। 'କଳ୍ପଲତା' ର ସୁଯୋଗ୍ୟ ସମ୍ପାଦକ ଶ୍ରୀ କେଦାର ନାଥ ମହାପାତ୍ର ଏହାର ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧରେ ଅର୍ଜ୍ଜୁନ ଦାସଙ୍କ

ଆବିର୍ଭାବକାଳକୁ ୧୫୨୦ ରୁ ୧୫୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ଦ୍ଧାରଣ କରିଛନ୍ତି (ପୃ: ସାତଅଣା)। ଅର୍ଜ୍ଜୁନ ଦାସ ନିଜକୁ ଏହି ଗ୍ରନ୍ଥଦ୍ୱୟରେ ଶିଶୁ ଅର୍ଜ୍ଜୁନ ଦାସ ନାମରେ ପରିଚିତ କରାଇଛନ୍ତି। 'ଶିଶୁ' ଏକ ବୈଷ୍ଣବ ସଂପ୍ରଦାୟ, ଯାହାର ପ୍ରବ ର୍କ ପ ସଖା ମଣ୍ଡଳୀର ଶିଶୁ ଅନନ୍ତ ଦାସ। ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ' ଅନୁସାରେ ଶିଶୁ ଅନନ୍ତ ଦାସ ପୁରୁଷୋ ମ ଦେବଙ୍କ ରାଜତ୍ୱର ୨୫ ଅଙ୍କରେ ବା ୧୪୮୬ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ। ନିଶ୍ଚିତ ଭାବରେ ସେ ପରିଣତ ବୟସରେ ଏହି ସଂପ୍ରଦାୟ ସୃଷ୍ଟି କରିଥିବେ। ଏହି ସଂପ୍ରଦାୟର ଶିଷ୍ୟ ବା ପ୍ରଶିଷ୍ୟ ଅର୍ଜ୍ଜୁନ ଦାସଙ୍କୁ ତେଣୁ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟ ଭାଗର କବି ହିସାବରେ ନିର୍ବିବାଦରେ ଗ୍ରହଣ କରାଯାଇପାରେ।

'ରାମବିଭା' ଓଡ଼ିଆ ସାହିତ୍ୟର ସର୍ବପ୍ରଥମ ଛନ୍ଦୋବଦ୍ଧ କାବ୍ୟଭାବରେ ଗୃହୀତ। କାରଣ ଏହା ପୂର୍ବରୁ ରଚିତ କୌଣସି ଛନ୍ଦୋବଦ୍ଧ କାବ୍ୟ ଅଦ୍ୟାବଧି ଲୋକଲୋଚନକୁ ଆସି ନାହିଁ। ଏଥିରେ ବାରଟି ଛାନ୍ଦ ରହିଛି। କବି ଜଗନ୍ନାଥଙ୍କୁ ବନ୍ଦନା କରି ଗ୍ରନ୍ଥ ଆରମ୍ଭ କରିଛନ୍ତି। ସେ ଗ୍ରନ୍ଥର କଥାବସ୍ତୁ ଗ୍ରହଣ କରିଛନ୍ତି 'ସାରଳା ମହାଭାରତ' ଓ 'ରାମାୟଣ'ରୁ। ଏହାର ବକ୍ତା ମାର୍କଣ୍ଡେୟ ଋଷି ଓ ଶ୍ରୋତା ଯୁଧିଷ୍ଠିର। ଗ୍ରନ୍ଥରେ କ୍ରମାନ୍ୱୟରେ ବର୍ଣ୍ଣିତ ହୋଇଛି ଦଶରଥଙ୍କ ପୁତ୍ରଲାଭ, ରାକ୍ଷସମାନଙ୍କ ଦାଉରୁ ଯଜ୍ଞ ରକ୍ଷା କରିବା ନିମନ୍ତେ ବିଶ୍ୱାମିତ୍ରଙ୍କ ସହିତ ରାମ-ଲକ୍ଷ୍ମଣଙ୍କ ବନଗମନ, ରାକ୍ଷସ ନିଧନ, ପ୍ରତ୍ୟାବ ର୍ନ ମାର୍ଗରେ ଅହଲ୍ୟାକୁ ମୁକ୍ତିପ୍ରଦାନ ଓ ସୀତାଙ୍କ ସ୍ୱୟଂବରରେ ଯୋଗଦାନ କରି ଶିବଧନୁ ଭଙ୍ଗ ପୂର୍ବକ ସୀତାଙ୍କ ପାଣିଗ୍ରହଣ ପ୍ରସଙ୍ଗମାନ।

ବର୍ଣ୍ଣନା ଓ ରସସୃଷ୍ଟିରେ କବିଙ୍କର କବିତ୍ୱର ସମ୍ୟକ୍ ସ୍ଫୁରଣ ଘଟିଛି ଏହି କାବ୍ୟରେ। ସୀତାଙ୍କର ବେଶ ବର୍ଣ୍ଣନାରେ କବିଙ୍କର କଳ୍ପନା-ପ୍ରବଣତାର ନିଛକ ସ୍ୱର୍ଶ କାବ୍ୟଟିକୁ ଅଧିକ କାବ୍ୟିକ କରିଛି। ଏହାର ପ୍ରଥମ ଛାନ୍ଦରେ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବାପୂଜା ବିସ୍ତୃତାକାରରେ ବର୍ଣ୍ଣିତ ହୋଇଥିବାରୁ କବି ଅର୍ଜ୍ଜୁନ ଦାସ ଶ୍ରୀକ୍ଷେତ୍ର ପୁରୀର ଅଧିବାସୀ ଥିବା ମନେହୁଏ।

ଗ୍ରନ୍ଥଟିର ଭାଷା ସରଳ। ଏଥିରେ ବହୁ ପ୍ରାଚୀନ ଓଡ଼ିଆ ଶବ୍ଦ ପରିଦୃଷ୍ଟ ହୁଏ।

'କଳ୍ପଲତା' ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମ ବିଧିବଦ୍ଧ କାଳ୍ପନିକ ପ୍ରେମୋଖ୍ୟାନମୂଳକ ବା ଅଖ୍ୟାୟିକା କାବ୍ୟ। ଫଳତଃ କବି ଅର୍ଜ୍ଜୁନ ଦାସ ଓଡ଼ିଆ ସାହିତ୍ୟରେ ଆଉ ଏକ ସର୍ବଜ୍ୟେଷ୍ଠ ଆସନର ଅଧିକାରୀ। ଜଗନ୍ନାଥ-ଭକ୍ତ କବି ଏହି କାବ୍ୟରେ ଶ୍ରୀଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମା ଉତ୍ସବ ବର୍ଣ୍ଣନ କରି ବିଷୟବସ୍ତୁ ଅବତାରଣା କରିଛନ୍ତି।

ଏକଦା ନୃତ୍ୟରତା ଅପ୍ସରା ସୁରେଖାର ତାଳଭଙ୍ଗ ହୋଇଛି ତା'ର ପ୍ରଣୟୀ ବସନ୍ତକ ଗନ୍ଧର୍ବର ଅବଲୋକନରେ। ଇନ୍ଦ୍ର ସେ ଦ୍ୱୟଙ୍କୁ ଅଭିଶାପ ଦେଇଛନ୍ତି ମ ର୍ୟଲୋକରେ ଜନ୍ମ ଗ୍ରହଣ କରିବା ପାଇଁ। ବସନ୍ତକ ମଲ୍ଲାଳ ଦେଶରେ ରାଜପୁତ୍ର ଅମରଶିଖର ଭାବରେ ଓ ସୁରେଖା କର୍ଣ୍ଣାଟ ଦେଶରେ ରାଜକନ୍ୟା କଳ୍ପଲତା ଭାବରେ ଜନ୍ମ ଲାଭ କରିଛନ୍ତି। ସେମାନଙ୍କର ବିବାହ ହୋଇଛି ବିବାହ ପରେ ବିଚ୍ଛେଦ ଓ ପରେ ପୁନର୍ମିଳନ ଘଟିଛି।

ଏଥିରେ ତତ୍‌କାଳୀନ ସମାଜର ବହୁ ଚିତ୍ର ଦେଖିବାକୁ ମିଳେ। ଏକ ଆଦିରସାତ୍ମକ ତଥା ମିଳନାନ୍ତକ କାବ୍ୟ ହେଲେହେଁ ଏଥିରେ ପରବ ୀକାଳୀନ କାବ୍ୟଗୁଡ଼ିକରେ ରହିଥିବା ଉତ୍କଟ ଶୃଙ୍ଗାର ବର୍ଣ୍ଣନା ନାହିଁ। ଏଥିରେ ନାୟିକାର ପର୍ଯ୍ୟାପ୍ତ ସୌନ୍ଦର୍ଯ୍ୟ ବର୍ଣ୍ଣନା ନାହିଁ; ମାତ୍ର ଯେଉଁ ସ୍ୱଳ୍ପ ବର୍ଣ୍ଣନା ରହିଛି, ତାହା ଏକାନ୍ତ ମନୋରମ ଓ ତୃପ୍ତିଦାୟକ।

କବି ଅର୍ଜ୍ଜୁନ ଦାସଙ୍କର 'ମିଳନ ଚଉତିଶା' ନାମକ ଅନ୍ୟ ଏକ ରଚନା ରହିଛି। ଏଥିରେ ସଖୀ ମାଧ୍ୟମରେ କାମଜର୍ଜରିତା ଚନ୍ଦ୍ରାବଳୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ମିଳନ ଘଟିଥିବାରୁ ଏହାର ଏପରି ନାମକରଣ। ତାଙ୍କ 'ଫୁଲମାଳ ବୋଲି' ଓଡ଼ିଆ ବୋଲି ସାହିତ୍ୟର ପ୍ରଥମ ରଚନା ଓ ତାଙ୍କ 'ଚତୁର୍ଥୀ ମଙ୍ଗଳ' ରଚନାଟି ମଧ୍ୟ ଓଡ଼ିଆ ମଙ୍ଗଳଗୀତ ରଚନା-ଧାରାରେ ପ୍ରଥମ।

## ୧୬.୪.୨ ନରସିଂହ ସେଣ :

ନରସିଂହ ସେଣ 'ପରିମଳା' କାବ୍ୟର ରଚୟିତା। ଏହି କାବ୍ୟର ପ ମ ଛାନ୍ଦକୁ ଅର୍ଜ୍ଜୁନ ଦାସଙ୍କ 'ରାମବିଭା' କାବ୍ୟର ୩ୟ ଛାନ୍ଦ ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତଏବ ସେ ଅର୍ଜ୍ଜୁନ ଦାସଙ୍କ ସମକାଳୀନ ବା ସାମାନ୍ୟ ପରବ ୀକାଳୀନ କବି। ସେ ଏହି ଗ୍ରନ୍ଥର ବିଂଶ ଛାନ୍ଦର ଶେଷ ପଦରେ ତପନ ସେଣଙ୍କ ପୁତ୍ରରୂପେ ନିଜର ପରିଚୟ ପ୍ରଦାନ କରିଛନ୍ତି। ଉକ୍ତ ତପନ ସେଣ ସ୍ୱନାମଧନ୍ୟ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ର (୧୪୯୬-୧୫୩୫ ଖ୍ରୀଷ୍ଟାବ୍ଦ)ଙ୍କ ରାଜସଭାର ଜଣେ ପ୍ରସିଦ୍ଧ କବି ତଥା

ବୈଦ୍ୟ ଥିଲେ ଓ ନରସିଂହ ସେଣଙ୍କ ପୁତ୍ର ବିଶ୍ୱନାଥ ସେଣ ତେଲେଙ୍ଗ ମୁକୁନ୍ଦଦେବ (୧୫୫୯-୧୫୬୮ ଖ୍ରୀଷ୍ଟାବ୍ଦ)ଙ୍କ ସମକାଳୀନ ଥିଲେ। ଏହି ଦୁଇଟି ଐତିହାସିକ ତଥ୍ୟବଳରେ ନରସିଂହ ସେଣଙ୍କୁ ଷୋଡ଼ଶ ଶାତାବ୍ଦୀର ମଧ୍ୟଭାଗରେ ଅବସ୍ଥାପିତ କରାଯାଇପାରେ। ଏକ ବିଶିଷ୍ଟ ବିଦ୍ୟାନ ପରିବାରରେ ଜନ୍ମ ହୋଇଥିବାରୁ ସଂସ୍କୃତ ଭାଷାରେ ସେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଥିଲେ। ତଥାପି ମାତୃଭାଷା ବା ଦେଶୀଭାଷା ପ୍ରତି ତାଙ୍କର ଆଗ୍ରହ କମ୍ ନ ଥିଲା। ସମସ୍ତେ ବୁଝିପାରିବା ପାଇଁ ସେ ଏହି ଭାଷାରେ 'ପରିମଳା' କାବ୍ୟ ରଚନା କରିଥିଲେ। ତାଙ୍କ ଭାଷାରେ – 'ଦେଶ ଭାଷାରେ ମୁଁ ଗୀତ ର୍‌ଲଇଂ ସବୁଙ୍କର ବୁଝିବା ପାଇଁ।' (୭ମ ଛାନ୍ଦ)

'ପରିମଳା' ଏକ କାଳ୍ପନିକ ଛନ୍ଦ। ଏହା ଐତିହାସିତ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କଦ୍ୱାରା ସଂପାଦିତ ହୋଇ ପ୍ରକାଶ ଲାଭକରିଛି। ଏହା ୨୪ଟି ଛାନ୍ଦରେ ବିଭକ୍ତ ଓ ବିଭିନ୍ନ ରାଗରାଗିଣୀରେ ରଚିତ। ପ୍ରତ୍ୟେକ ଛାନ୍ଦର ନାମକରଣ କରାଯାଇଥିବା ଜଣାଯାଏ; ମାତ୍ର ସ୍ୱର୍ଗତ ମହାପାତ୍ରଙ୍କ ସଂପାଦିତ କାବ୍ୟରେ ଏହି ନାମଗୁଡିକର ଉଲ୍ଲେଖ ନାହିଁ। କାବ୍ୟର କଥାବସ୍ତୁ ଚି ।କର୍ଷକ ହେଲେହେଁ ଅଲୌକିକତାରେ ଭାରାକ୍ରାନ୍ତ। ଏଥିରେ ସମକାଳୀନ ସାମାଜିକ ରୀତିନୀତିର ନିଖୁଣ ଚିତ୍ରାବଳୀ ପରିବେଷିତ। କାବ୍ୟର ପ୍ରତିପଦ କବିଙ୍କ କବିତ୍ୱର ପରିଚୟ ପ୍ରଦାନ କରେ। ତାଙ୍କ ବର୍ଣ୍ଣନାଚାତୁରୀ ମଧ୍ଯ ଅତୁଳନୀୟ। କବିଙ୍କର ଷଡ଼ରତୁ, ନାୟିକାର ଯୌବନକାଳୀନ ଶୋଭା, ରତିରହସ୍ୟ, ଚନ୍ଦ୍ରଉପାଳମ୍ଭ ପ୍ରଭୃତି ବର୍ଣ୍ଣନା ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ' ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ। ସଂସ୍କୃତ କାବ୍ୟଶୈଳୀର ଆଦର୍ଶନରେ ଓଡ଼ିଆ କାବ୍ୟ ନିମନ୍ତେ ନୂତନ ମାର୍ଗ ଉନ୍ମୋଚନ କରିବା ଦିଗରେ ସେ ଯେ ପ୍ରୟାସୀ ଥିଲେ, ଏହର ସ୍ୱଷ୍ଟ ସଙ୍କେତ ଏଥିରୁ ଉପଲବ୍ଧ ହୁଏ। ଏହା ଏକ ଆଦିରସାତ୍ମକ କାବ୍ୟ। ଏଥିରେ ନାୟକ ନାୟିକାଙ୍କ ରତିବିଳାସ ଅନାବୃତ ଭାବରେ ବର୍ଣ୍ଣିତ, ଯାହା ପୂର୍ବବର୍ି କାବ୍ୟମାନଙ୍କରେ ଦେଖିବାକୁ ମିଳେନା। ଏଥିରେ ଅଳ୍ପ କେତେକ ସ୍ଥଳରେ ସୁନ୍ଦର ଉପମାର ପ୍ରୟୋଗ ରହିଛି। ନାୟକ-ନାୟିକାଙ୍କର ମାନସିକ ବିଶ୍ଳେଷଣ କାବ୍ୟଟିର ଅନ୍ୟତମ ବୈଶିଷ୍ଟ୍ୟ।

ଏହି କାବ୍ୟଟି ଉପେନ୍ଦ୍ର ଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଓ 'ଲାବଣ୍ୟବତୀ'ର ପଥ ପ୍ରଦର୍ଶକ ଭାବରେ ଗୃହୀତ ହୋଇପାରେ। କଥାବସ୍ତୁ ଆହରଣ ଓ ତା'ର ସଫଳ ପରିବେଷଣ ଦୃଷ୍ଟିରୁ 'ପରିମଳା' କାବ୍ୟକାର ଉଚ୍ଚତର କାବ୍ୟ ରଚନା ନିମି ପଥ ପରିଷ୍କାର କରିଦେଇଛନ୍ତି ଓ ପରବର୍ି କବିମାନଙ୍କ ନିମନ୍ତେ ପ୍ରେରଣାର ଉତ୍ସବ ହୋଇ ରହିଛନ୍ତି।

'ଗୋପକେଳି' ଶୀର୍ଷକ ଅନ୍ୟ ଏକ କାବ୍ରର ରଚୟିତା ହେଉଛନ୍ତି ନରସିଂହ ସେଣ। 'ଭାଗବତ'ରେ ଶରତ ରାସର ବର୍ଣ୍ଣନା ରହିଛି; ମାତ୍ର 'ଗୋପକେଳି'ରେ ରହିଛି ବସନ୍ତରାସର ବର୍ଣ୍ଣନା। ଶ୍ରୀରାଧା ଓ ଗୋପାଙ୍ଗନାମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ବସନ୍ତକାଳୀନ ରାସଲୀଳା ଏଥିରେ ଅତି ଚମତ୍କାର ଭାବରେ ବର୍ଣ୍ଣିତ। ବିଷୟବସ୍ତୁ ନିମନ୍ତେ ଏହା ବିଶିଷ୍ଟ ଉତ୍କଳୀୟ ସଂସ୍କୃତ କବି ଜୟଦେବଙ୍କ 'ଗୀତଗୋବିନ୍ଦ' ଉପରେ ଏକାନ୍ତ ନିର୍ଭରଶୀଳ।

'ଢଗ ମାଳିକା' ଶୀର୍ଷ ଏକ କ୍ଷୁଦ୍ର ରଚନା ଆଲୋଚ୍ୟ କବିଙ୍କ ନାମରେ ମିଳେ।

## ୧୬.୪.୩ ଦାମୋଦର ଦାସ :

ଦାମୋଦର ଦାସଙ୍କ ନାମରେ 'ରସକୁଲ୍ୟା ଚଉତିଶା' ଶୀର୍ଷକ ଏକ ଚଉତିଶା ରହିଛି। ଏଇଟିକୁ ସଂଗ୍ରହ କରି ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକ ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶିତ 'ଚଉତିଶା ମଧୁଚକ୍ର' ୪ର୍ଥ ଖଣ୍ଡରେ ସ୍ଥାନିତ କରିଛନ୍ତି। ଏହା ରସକୁଲ୍ୟା ବା ରସକୋଇଲା ବାଣୀର ମୂଳଗୀତ ବୋଲି ଗ୍ରହଣ କରି ସ୍ୱର୍ଗତ ପଟ୍ଟନାୟକ ଏହାର ରଚୟିତାଙ୍କୁ ଶ୍ରୀଚୈତନ୍ୟ ଓ ପ ସଖାଙ୍କ ପୂର୍ବବର୍ିକାଳୀନ ବୋଲି କହିଛନ୍ତି। କାରଣ ପ ସଖାଙ୍କ କେତେକ ରଚନା ଏହି ରାଗରେ ରଚିତ। ଡକ୍ଟର ଆର୍ିବଲ୍ଲଭ ମହାନ୍ତି 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ'ର ମୁଖବନ୍ଧରେ ଦାମୋଦର ଦାସଙ୍କୁ ପ ସଖା ମଣ୍ଡଳୀର ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ପୂର୍ବବର୍ି ବୋଲି ପ୍ରକାଶ କରିଛନ୍ତି। 'ରସକୁଲ୍ୟା' ଏକ ଛନ୍ଦୋବିଶେଷ ହୋଇଥିବାରୁ ଏଥିରେ ରଚିତ ଏହି ଚଉତିଶାର ଏପରି ନାମକରଣ ହୋଇଛି ଓ ଦାମୋଦର ଦାସ 'ରସକୁଲ୍ୟା' ଛନ୍ଦର ଜନକ ବୋଲି ଅନୁମାନ କରିବାରେ ଯଥାର୍ଥତା ଥିଲାଭଳି ମନେହୁଏ ନାହିଁ। ରାଧାକୃଷ୍ଣ ପ୍ରେମରସର ଏହା ଏକ କୁଲ୍ୟା ବା ତଟିନୀ ହୋଇଥିବାରୁ ଏବଂ ଚଉତ୍ରିଶ ବର୍ଣ୍ଣନିୟମରେ ରଚିତ ହୋଇଥିବାରୁ ଏହାର ନାମ 'ରସକୁଲ୍ୟା' ଚଉତିଶା'। ସେ ଯାହାହେଉ, ଦାମୋଦର ଦାସ ପ ସଖା ଯୁଗର ଶେଷଭାଗର କବି।

'ରସକୁଲ୍ୟା ଚଉତିଶା' ଏକ ଜନପ୍ରିୟ ଚଉତିଶା। ରାଧାକୃଷ୍ଣଙ୍କର ବିରହ, ମିଳନ ଓ ବିହାର ଏହାର ଉପଜୀବ୍ୟ ବିଷୟବସ୍ତୁ। ଏହା ଭକ୍ତିକାବ୍ୟ ପରମ୍ପରାର ପ୍ରଥମ ଅର୍ଘ୍ୟ। ପଦ ସଂଯୋଜନା, ବାକ୍ୟ ବିନ୍ୟାସ ଓ ଉପମା ନିର୍ବାଚନରେ କବି ଅପୂର୍ବ କୁଶଳତା

ପ୍ରଦର୍ଶନ କରିଛନ୍ତି। ରାଧାଙ୍କର ବେଶ ବର୍ଣ୍ଣନାରେ ତାଙ୍କ କବିତ୍ୱର ଯଥାର୍ଥ ପରିପ୍ରକାଶ ଘଟିଛି। ରାଧାକୃଷ୍ଣ ପ୍ରେମମୂଳକ ବିଷୟବସ୍ତୁକୁ ଗ୍ରହଣ କରି ଚଉତିଶାଟି ରଚନା କରିଥିବାରୁ କବିଙ୍କ ଭକ୍ତିମ ।ର ପରିଚୟ ମିଳିଥାଏ। ଚଉତିଶାର ଛତ୍ରେ ଛତ୍ରେ ତଦାନୀନ୍ତନ ସାମାଜିକ ଆଚାର-ବ୍ୟବହାରର ଚିତ୍ର ଆଭାସିତ। ଏଥିରେ ରାହୀ (ରାଇ), ନିଚେଁ (ନିଶ୍ଚୟେ), ତିରୀ (ସ୍ତ୍ରୀ), ଝିମ  (ଶୀଘ୍ର), ପୋଇ (ପୁଅ), ଦୂତାଇ (ଦୂତୀ) ଇତ୍ୟାଦି କେତେକ ପ୍ରାଚୀନ ଶବ୍ଦର ପ୍ରୟୋଗ ରହିଛି।

ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର ଦାମୋଦର ଦାସ ନାମକ ଅନ୍ୟ ଜଣେ କବି ‘ତ୍ରିପୁରା ସ୍ତୁତି’ ରଚନା କରିଥିଲେ। ଏହା ଅଦ୍ୟାବଧି ଅପ୍ରକାଶିତ। ଏହାର ପୋଥି ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ।

## ୧୬.୪.୪ ବୃନ୍ଦାବନ ଦାସ :

ବୃନ୍ଦାବନ ଦାସ ସଂସ୍କୃତ ‘ଗୀତଗୋବିନ୍ଦ’ କାବ୍ୟର ପ୍ରଥମ ଓଡ଼ିଆ ଅନୁବାଦକ। ତାଙ୍କର ଏହି ଅନୂଦିତ ଗ୍ରନ୍ଥଟି ହେଉଛି ‘ରସବାରିଧି’। ‘ଗୀତଗୋବିନ୍ଦ’ର ପ୍ରଥମ ସଫଳ ଅନୁବାଦକ ଭାବରେ ଧରଣୀଧର ମିଶ୍ରଙ୍କୁ ଗ୍ରହଣ କରନ୍ତି ଅଧ୍ୟାପକ ଡକ୍ଟର ଆ ର୍ବଲ୍ଲଭ ମହାନ୍ତି; ମାତ୍ର ଧରଣୀଧର ନିଜ ଗ୍ରନ୍ଥରେ ‘ରାମବିଭା’ ସପ୍ତମ ଛାନ୍ଦ ବାଣୀରେ ଗାଇବାକୁ ନିର୍ଦ୍ଦେଶ ଦେଇଥିବାର ସେ ଅର୍ଜ୍ଜୁନ ଦାସଙ୍କ ପରବ ର୍ୀ କବି। ତେଣୁ ‘ଗୀତଗୋବିନ୍ଦ’ର ପ୍ରଥମ ଓଡ଼ିଆ ଅନୁବାଦକ ଧରଣୀଧର ନୁହନ୍ତି, ଏ ସମ୍ମାନର ଅଧିକାରୀ ହେବାପାଇଁ ବୃନ୍ଦାବନ ଦାସହିଁ ଯୋଗ୍ୟ। ଅଧ୍ୟାପକ ମହାନ୍ତି ବୃନ୍ଦାବନ ଦାସଙ୍କ କାଳ ନିରୂପଣ କରିବାକୁ ଯାଇ ତାଙ୍କୁ ୧୬ଶ ଶତାବ୍ଦୀର ବହୁ ପୂର୍ବବ ର୍ୀ କବି ବୋଲି କହିଛନ୍ତି (ରସବାରିଧି, ମୁଖବନ୍ଧ, ପୃଷ୍ଠ: ସାତଅଣା), ମାତ୍ର ସେ ଆନୁମାନିକ ୧୬ଶ ଶତାବ୍ଦୀର ମଧ୍ୟ ଭାଗରେ ଜୀବିତ ଥିଲେ। (ଓଡ଼ିଆ ଲେଖକ ପରିଚୟ, ପୃ: ୧୦୧)।

‘ଗୀତଗୋବିନ୍ଦ’ର ସୁଲଳିତ ପଙ୍କ୍ତିଗୁଡ଼ିକର  ଅନୁବାଦରେ ବୃନ୍ଦବନ ଦାସ ନିଜର ସିଦ୍ଧହସ୍ତତା ପ୍ରଦର୍ଶନ କରିଛନ୍ତି। ଏହି ଅନୁବାଦରେ କବି ମୂଳ ଗୀତଗୋବିନ୍ଦର ସରଳ ଭାଷା ବିନ୍ୟାସ  ରକ୍ଷାକରି ପାରିଛନ୍ତି। ଏଥିରେ ଅନେକ ପ୍ରାଚୀନ ଓଡ଼ିଆ ଶବ୍ଦର ପ୍ରୟୋଗ ଦେଖାଯାଏ। ଯଥା- ଛିତି (କ୍ଷିତି), ତୀଖ (ତୀକ୍ଷଣ), ଚକ୍ଷୁ (ଚକ୍ଷୁ), ବ୍ରିଖଭାନୁ (ବୃଷଭାନୁ), ମୟାଣ (ମଦନ), ଜହନ (ଜଘନ), ଉଧଟ (ଉଦ୍ଧତ), ଖେଳନ୍ତି, ରମୟନ୍ତି, ଭୟେଣ, ଚଳସି, ଭଜସି, ରୋଦସି ଇତ୍ୟାଦି।

ବୃନ୍ଦାବନ ଦାସ ନାମଧେୟ ଅନ୍ୟଜଣେ କବି ‘ଶିଶୁଦେବ ଭକ୍ତି ଜ୍ଞାନୋଦୟ’ ଶୀର୍ଷକ ଗ୍ରନ୍ଥର ରଚୟିତା। ଏହାଙ୍କ ବ୍ୟତୀତ ଅନ୍ୟଜଣେ ବୃନ୍ଦାବନ ଦାସ ‘ଦୁର୍ଗାସ୍ତୁତି’ ଓ ‘ଗହନ ଗୀତା’ ରଚନା କରିଥିଲେ। ଶ୍ରୀଚୈତନ୍ୟଙ୍କ ଅନ୍ୟତମ ଗୃହୀପନ୍ଥୀ ଗୌଡ଼ୀୟ ବୈଷ୍ଣବ ଶିଷ୍ୟ ବୃନ୍ଦାବନ ଦାସ ଶ୍ରୀଚୈତନ୍ୟଙ୍କ ଦେହରକ୍ଷାର ୫୦ ବର୍ଷପରେ ବଙ୍ଗଳା ଭାଷାରେ ଓ ପୁରାଣାକାରରେ ‘ଶ୍ରୀଚୈତନ୍ୟ ଭାଗବତ’ ନାମକ ଏକ ଉପାଦେୟ ଗ୍ରନ୍ଥ ରଚନା କରିଥିଲେ।

## ୧୬.୪.୫ କପିଳେଶ୍ୱର ଦାସ :

କବିଳେଶ୍ୱର ଦାସ ‘କପଟ କେଳି’ ଶୀର୍ଷକ ଏକ କ୍ଷୁଦ୍ର କାବ୍ୟର ରଚୟିତା। ସରଳ ଭାଷା ତଥା ସଂକ୍ଷିପ୍ତାକାରରେ ସେ ରାଧାକୃଷ୍ଣ ପ୍ରେମଲୀଳାକୁ ଏଥିରେ ରୂପାୟିତ କରିଛନ୍ତି। କପଟିଆ କୃଷ୍ଣ ନାରୀବେଶରେ ରାଧାଙ୍କ ସହିତ ଗୋଟିଏ ରାତି କଟାଇବା ପରେ ଶେଷରେ ନିଜର ଅସଲ ରୂପ ରାଧାଙ୍କୁ ଦେଖାଇଛନ୍ତି। କବିଙ୍କର କବିତ୍ୱପୂର୍ଣ୍ଣ ବର୍ଣ୍ଣନା କାବ୍ୟଟିକୁ ରସାଳ ତଥା ରସିକଜନଗ୍ରାହ୍ୟ କରିପାରିଛି।

## ୧୬.୪.୬ ପାର୍ଥ ଶ୍ରୀଜନ୍ଦନ :

ସାତ ଛାନ୍ଦବିଶିଷ୍ଟ ଏକ କ୍ଷୁଦ୍ରକାବ୍ୟ ‘କଳାବତୀ’ର ପ୍ରତି ଛାନ୍ଦରେ ପାର୍ଥ ଶ୍ରୀଚନ୍ଦନଙ୍କ ନାମୋଲ୍ଲେଖ ରହିଛି। ଏହି ପାର୍ଥ ଶ୍ରୀଚନ୍ଦନ ରଣପୁରର ରାଜା ଥିଲେ। ‘କଳାବତୀ’ କାବ୍ୟଟି ତାଙ୍କଦ୍ୱାରା ରଚିତ ନୁହେଁ, ତାଙ୍କ ସଭାକବି ବିଷ୍ଣୁଦାସଙ୍କ ଦ୍ୱାରା ରଚିତ ହୋଇ ତାଙ୍କ ନାମରେ ଭଣିତ ହୋଇଛି ବୋଲି କେହି କେହି ମତବ୍ୟକ୍ତ କରନ୍ତି। ଶ୍ରୀ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇ ଏହା ରାଜ୍ୟ ସଂଗ୍ରହାଳୟଦ୍ୱାରା ପ୍ରକାଶିତ। ଶ୍ରୀ ମହାପାତ୍ର କିନ୍ତୁ ଏହାର ରଚୟିତା ଭାବରେ ବିଷ୍ଣୁଦାସଙ୍କୁ ଗ୍ରହଣ କରିଛନ୍ତି। ତାଙ୍କର ଯୁକ୍ତି ହେଉଛି କବିସୂର୍ଯ୍ୟ ବଳଦେବ ରଥ ନିଜ ରଚିତ ପ୍ରସିଦ୍ଧ ‘କିଶୋର ଚନ୍ଦ୍ରାନନ ଚମ୍ପୂ’କୁ ନିଜ ପୃଷ୍ଠପୋଷକ ଅଷ୍ଟଦୁର୍ଗାଧିପ ବାଲୁକେଶ୍ୱରଙ୍କ ନାମରେ ଭଣିତ କରିଥିବା ଭଳି ବିଷ୍ଣୁଦାସ ନିଜ କୃତି ‘କଳାବତୀ’କୁ ପାର୍ଥ ଶ୍ରୀଚନ୍ଦନଙ୍କ ନାମରେ ଭଣିତ କରିଥିଲେ; ମାତ୍ର ଏହା ପ୍ରମାଣିତ ନହେଲା ପର୍ଯ୍ୟନ୍ତ ଏ କାବ୍ୟଟିର ପିତୃତ୍ୱ ପାର୍ଥ ଶ୍ରୀଚନ୍ଦନଙ୍କର ପ୍ରାପ୍ୟ।

ଏକ କାଳ୍ପନିକ କଥାବସ୍ତୁକୁ ଆଧାର କରି କାବ୍ୟଟି ରଚିତ। ଯୁଗରୁଚିକୁ ସମ୍ମାନ ଦିଆଯାଇ ଏଥିରେ ତନ୍ତ୍ର ଓ କେତେକ ଅଲୌକିକ ଘଟଣାର ଅବତାରଣା କରାଯାଇଛି। ଆଦିରସାପ୍ଳୁତ ବର୍ଣ୍ଣନା ନିମନ୍ତେ କବି ସଂସ୍କୃତ କାବ୍ୟ ସାହିତ୍ୟଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ। ଏହା ସରଳ ଭାଷାରେ ରଚିତ ଓ ଅଳଙ୍କାର ରହିତ ହେଲେ ହେଁ ମଧୁର ପଦଯୋଜନା ଏହାର କାବ୍ୟୋଚିତ ଗୁଣକୁ କ୍ଷୁର୍ଣ୍ଣକରେ ନାହିଁ।

## ୧୬.୪.୭ ବିଷ୍ଣୁଦାସ :

ବିଷ୍ଣୁଦାସ ପ୍ରଥମେ ରଣପୁରର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ପୁତ୍ର ପୂର୍ବାଲୋଚିତ ପାର୍ଥ ଶ୍ରୀଚନ୍ଦନଙ୍କ ସଭାକବି ଥିଲେ ଓ ପରେ ବାଣପୁର ଯାଇ ସେଠାରେ ରାଜା ରୁଘୁନାଥ ରାଜ ରଘୁଚନାଥ ରାଜ ହରିଚନ୍ଦନଙ୍କ ରାଜସଭା ମଣ୍ଡନ କରିଥିଲେ। ସେ ଷୋଡ଼ଶ ଶତାବ୍ଦୀର ଶେଷଭାଗ ବା ସପ୍ତଦଶ ଶତାବ୍ଦୀର ଆଦ୍ୟଭାଗରେ ଜୀବିତ ଥିଲେ। 'କଳାବତୀ' ପାର୍ଥ ଶ୍ରୀଚନ୍ଦନଙ୍କ ନାମରେ ଭଣିତ ହୋଇଥିବାରୁ ଏହାର କବି ପ୍ରକୃତରେ ବିଷ୍ଣୁଦାସ କିମ୍ବା ପାର୍ଥ ଶ୍ରୀଚନ୍ଦନ, ତାହା ଠିକ୍ ଭାବରେ ଜଣାଯାଉ ନ ଥିବାରୁ ଏ ସମ୍ବନ୍ଧୀୟ ଉପଯୁକ୍ତ ପ୍ରମାଣ ମିଳିବା ପର୍ଯ୍ୟନ୍ତ ଏହା ପାର୍ଥ ଶ୍ରୀଚନ୍ଦନଙ୍କ ରଚନା ଭାବରେ ଆମେ ଗ୍ରହଣ କରୁ। ସେ ଯାହାହେଉ, ବିଷ୍ଣୁଦାସ 'ପ୍ରେମଲୋଚନା' ଓ 'ଲୀଳାବତୀ' ନାମକ ଅନ୍ୟ କେତେଖଣ୍ଡ କାବ୍ୟ ରଚନା କରିଥିଲେ।

'ପ୍ରେମଲୋଚନା' କାବ୍ୟଟି ପ୍ରାକ୍-ରୀତିଯୁଗର ଏକ ଅମଳିନ କୀର୍ତ୍ତି। ଏକ କାଳ୍ପନିକ ବିଷୟବସ୍ତୁକୁ ଆଧାର କରି ଏହି କାବ୍ୟଟି ରଚିତ। ପଦ୍ମକର ରାଜ୍ୟର ରାଜକୁମାରୀ ପ୍ରେମଲୋଚନା ଓ ମଧୁବତୀପୁରର ରାଜକୁମାର ସୁଧାକର ଏକ ହଂସୀ କରିଆରେ ପରସ୍ପରକୁ ଜାଣିଲେ ଓ ଶେଷରେ ସେମାନେ ପରସ୍ପରକୁ ସ୍ୱାମୀ ଓ ସ୍ତ୍ରୀ ରୂପରେ ପାଇଲେ। ଦୁର୍ଭାଗ୍ୟବଶତଃ ସେମାନଙ୍କୁ ଚଉଦମାସ କାଳ ବିଚ୍ଛେଦ ଭୋଗିବାକୁ ପଡ଼ିଲା। ପରେ ଭଗବାନ ଶ୍ରୀରାମଙ୍କ କରୁଣାବଳରୁ ସେମାନଙ୍କ ମଧ୍ୟରେ ମିଳନ ଘଟିଲା। କାବ୍ୟଟିରେ ସଂସ୍କୃତ ଭାଷାରେ ରଚିତ କେତେକ ସ୍ତୁତି ସାମାନ୍ୟ ପରିବର୍ତ୍ତିତ ହୋଇ ସ୍ଥାନିତ ହୋଇଛି। ଏହା ସଂସ୍କୃତରେ କବିଙ୍କର ବିଶେଷ ପାଣ୍ଡିତ୍ୟ ଥିବାର ସୂଚନା ଦିଏ। କାବ୍ୟଟିର ଭାଷା ସଂସ୍କୃତବହୁଳ ହେଲେହେଁ ବିନୋଇ, ଚିତୋଇ, ଘଟଣ, ନିଉଛାଳୀ, ଲହୁଡ଼ୀ ହୁଡ଼ ପ୍ରଭୃତି କେତେକ ପ୍ରାଚୀନ ଓଡ଼ିଆ ଶବ୍ଦ ଏବଂ ସଉଖ (ସୌଖ), ଲାଏକ (ନାୟକ) ଘୁମାଇ (ବୁଲାଇବା ଅର୍ଥରେ) ଓ କାକତ (କାଗଜ) ପ୍ରଭୃତି ଯାବନିକ ଶବ୍ଦ ଏଥିରେ ଦେଖିବାକୁ ମିଳେ।

କବିଙ୍କ ନାମରେ 'ପ୍ରବାସ ବାହୁଡ଼ା ଚଉତିଶା', 'ମନ୍ଦାକିନୀ ଚଉତିଶା', 'ମାଲ୍ୟବନ୍ତ ଚଉତିଶା' ଓ 'ରଘୁବୀର ଚଉତିଶା' ଆଦି କେତୋଟି ଚଉତିଶା ମଧ୍ୟ ପରିଦୃଷ୍ଟ ହୁଏ।

## ୧୬.୪.୮ ଶିଶୁଶଙ୍କର ଦାସ :

'ଉଷାଭିଳାଷ' ଶିଶୁଶଙ୍କର ଦାସଙ୍କର ଏକମାତ୍ର କୃତି। ଏହାଙ୍କର ଅନ୍ୟ କିଛି ରଚନା ଏ ଅବଧି ଲୋକଲୋଚନକୁ ଆସିନାହିଁ। କାର୍ତ୍ତିକ ଦାସଙ୍କର 'ରୁକ୍ମିଣୀ ବିଭା', ପ୍ରତାପ ରାୟଙ୍କ 'ଶଶୀସେଣା', ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଶଶୀରେଖା', ଲୋକନାଥଙ୍କ 'ଚିତ୍ରକଳା', ରଘୁନାଥ ହରିଚନ୍ଦନଙ୍କ 'ଲୀଳାବତୀ' ଓ ଧନଞ୍ଜୟଙ୍କ 'ରତ୍ନମଞ୍ଜରୀ' କାବ୍ୟଗୁଡ଼ିକର ବିଭିନ୍ନ ଛାନ୍ଦ 'ଉଷାଭିଳାଷ'ର କେତୋଟି ରାଗରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଶିଶୁଶଙ୍କରଙ୍କୁ ଏହି କବିମାନଙ୍କଠାରୁ ପ୍ରାଚୀନତର ବୋଲି ପ୍ରମାଣିତ କରିବା ସଙ୍ଗେ ସେଙ୍ଗେ 'ଉଷାଭିଳାଷ'ର ଲୋକପ୍ରିୟତା ମଧ୍ୟ ପ୍ରତିପାଦନ କରେ। ଶିଶୁଶଙ୍କର ଦାସ ପ ସଖା ମଣ୍ଡଳୀର ଶିଶୁ ଅନନ୍ତ ଦାସ ପ୍ରବର୍ତ୍ତିତ 'ଶିଶୁ' ସଂପ୍ରଦାୟର ଅନ୍ତର୍ଭୁକ୍ତ ବୋଲି ମନେକରାଯାଏ।

'ଉଷାଭିଳାଷ' ବାରଟି ଛାନ୍ଦରେ ସମାପ୍ତ। ପ୍ରଥମ ଛାନ୍ଦରେ କବି ଶ୍ରୀଜଗନ୍ନାଥଙ୍କର ସ୍ତୁତିଗାନ କରି ଜଣେ ଭକତ ଭାବରେ ନିଜର ପରିଚୟ ଦେଇଛନ୍ତି। 'ଭାଗବତ' ଓ 'ହରିବଂଶ'ର ଭାଷା-ଅନିରୁଦ୍ଧ ଉପାଖ୍ୟାନରୁ କବିଙ୍କର ଆଲୋଚ୍ୟ କାବ୍ୟର କଥାବସ୍ତୁ ଆହରିତ। 'ସାରଳା ମହାଭାରତ'ର ମଧ୍ୟପର୍ବରେ ମଧ୍ୟ ଉଷାହରଣ ପ୍ରସଙ୍ଗ ଦେଖିବାକୁ ମିଳେ। କାମନନ୍ଦନ ଅନିରୁଦ୍ଧର ଗୋପନ ପ୍ରଣୟ ହୋଇଛି ବାଣାସୁର ନନ୍ଦିନୀ ଉଷା ସହିତ। ସେହି କାରଣରୁ ଅନିରୁଦ୍ଧ ଓ ବାଣାସୁର ମଧ୍ୟରେ ଘୋର ସମରର ସୂତ୍ରପାତ ହୋଇଛି। ପରେ ପରେ ଶ୍ରୀକୃଷ୍ଣ, ବଳରାମ ଓ ଯାଦବ ସେନା ସହିତ ବାଣାସୁର ଓ ତା'ର ରାକ୍ଷସସେନାର ମଧ୍ୟ ଘୋର ଯୁଦ୍ଧ ହୋଇଛି। ବାଣାସୁର ଯୁଦ୍ଧରେ ହାରିଛି ଓ ଶେଷରେ ଅନିରୁଦ୍ଧର ବିବାହ ସମ୍ପନ୍ନ ହୋଇଛି ଉଷା ସହିତ। ଏହାହିଁ କାବ୍ୟର ମୁଖ୍ୟ ବିଷୟବସ୍ତୁ। ଉଷାର ଅନିରୁଦ୍ଧକୁ ପାଇବାର ଅଭିଳାଷ ପୂରଣ ହୋଇଥିବାରୁ କାବ୍ୟର ଏତାଦୃଶ ନାମକରଣ।

କାବ୍ୟଟି କ୍ଷୁଦ୍ର ହେଲେହେଁ ଏଥିରେ କବିଙ୍କ ଅସାଧାରଣ ପ୍ରତିଭା ପରିସ୍ଫୁଟ। ମୁଖ୍ୟତଃ ଏହା ଶୃଙ୍ଗାରରସାତ୍ମକ ହେଲେ ହେଁ ବୀରରସ ଓ କରୁଣରସଦ୍ୱୟ ଏଥିରେ ଗୌଣଭାବରେ ରହିଛି। ଋତୁବର୍ଣ୍ଣନାରେ କବିଙ୍କ ସିଦ୍ଧହସ୍ତତାର ପରିଚୟ ମିଳେ। ଉଷାର ରୂପବର୍ଣ୍ଣନାରେ କବିଙ୍କ ଭାଷାଚାତୁରୀ ଓ ପ୍ରକାଶଭଙ୍ଗୀର ଚମତ୍କାରିତା ପ୍ରଦର୍ଶିତ। ସ୍ଥଳବିଶେଷରେ ଉପମା, ଉତ୍‌ପ୍ରେକ୍ଷା ପ୍ରଭୃତିର ଚଟୁଳ ରୀତିବିନ୍ୟାସ କାବ୍ୟଟକୁ ରସାଳ କରିଅଛି।

ପରବର୍ତ୍ତୀ କବିମାନଙ୍କ ଉପରେ ଏହି କାବ୍ୟର ପ୍ରଭୂତ ପ୍ରଭାବ ପରିଲକ୍ଷିତ ହୁଏ। ଉପେନ୍ଦ୍ର ଭଞ୍ଜଙ୍କ ଭଳି ରୀତିଯୁଗର ସର୍ବଶ୍ରେଷ୍ଠ କବି ମଧ୍ୟ ପ୍ରତ୍ୟକ୍ଷ ଭାବରେ ଏହି କାବ୍ୟଦ୍ୱାରା ପ୍ରଭାବିତ ହୋଇଛନ୍ତି।

କାବ୍ୟଟିରେ ମୟାଣ (ମଦନ), ଶୟଳ (ଶଇଳ), ନହେ (ନଖେ), କିଛୁ, କରହ, ହେନ, ଯାହାଁ, ଆଲଣି, ରତା ପ୍ରଭୃତି କେତେକ ପ୍ରାଚୀନ ଓଡ଼ିଆ ଶବ୍ଦର ପ୍ରୟୋଗ ରହିଛି।

## ୧୬.୪.୯ ବନମାଳୀ ଦାସ :

ମନମାଳୀ ଦାସ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଜୀବିତ ଥିଲେ। 'ଚାଟ ଇଚ୍ଛାବତୀ' କାବ୍ୟ ତାଙ୍କ ଲେଖନୀନିଃସୃତ। ଦିବାକର ଦାସଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ'ରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କର ଜଣେ ଶିଷ୍ୟ ବନମାଳୀ ଦାସଙ୍କ ନାମୋଲ୍ଲେଖ ରହିଛି। ମନେହୁଏ, ଏ ବନମାଳୀ ଓ 'ଚାଟ ଇଚ୍ଛାବତୀ'ର ରଚୟିତା ବନମାଳୀ ଉଭୟେ ଏକ ଓ ଅଭିନ୍ନ। 'ଚାଟ ଇଚ୍ଛାବତୀ' ଏକ କ୍ଷୁଦ୍ରକାବ୍ୟ, ମାତ୍ର ଛଅଟି ଛାନ୍ଦର ସମଷ୍ଟି। ଦର୍ପକ ଦେଶର ରାଜକୁମାର ଚାରୁବ୍ରହ୍ମ ଘଟଣାକ୍ରମେ ଭୋଜନଗରର ରାଜକନ୍ୟା ଇଚ୍ଛାବତୀ ସହିତ ଏକତ୍ର ବିଦ୍ୟାଧ୍ୟୟନ କରିଛି। ଇଚ୍ଛାବତୀ ଓ ଚାରୁବ୍ରହ୍ମ ମଧ୍ୟରେ ସମୟକ୍ରମେ ପ୍ରେମାଙ୍କୁର ଜାତ ହୋଇଛି। ଏକଦା ପୁଷ୍ପୋଦ୍ୟାନରେ ସେମାନଙ୍କ ମଧ୍ୟରେ ଦୈହିକ ସମ୍ପର୍କ ସ୍ଥାପିତ ହୋଇଛି। ଏ ଘଟଣା ପରେ ଉଭୟଙ୍କର ବିଦ୍ୟାଧ୍ୟୟନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଇଚ୍ଛାବତୀର ସଖୀ ଅମ୍ବୁବତୀ ଗୋପନରେ ଚାରୁବ୍ରହ୍ମଙ୍କୁ କନ୍ୟାନ୍ତଃପୁରରେ ଛାଡ଼ିଛି; ମାତ୍ର ଚାରୁବ୍ରହ୍ମ ଭୋଜଙ୍କ କର୍ମଚାରୀଙ୍କ ହାତରେ ଧରାପଡ଼ିଛି। ଶେଷରେ ରାଜା ଭୋଜ ଚାରୁବ୍ରହ୍ମର ପରିଚୟ ପାଇ ଓ ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସ୍ୱକନ୍ୟାକୁ ତା ହସ୍ତରେ ପ୍ରଦାନ କରିଛନ୍ତି।

ଏହି ପ୍ରଣୟପ୍ରଧାନ କାବ୍ୟଟିରେ ଶୁଦ୍ଧ ଔପନ୍ୟାସିକ କଥାବସ୍ତୁର ପରିଚୟ ମିଳିଥାଏ। ତେଣୁ ପରବର୍ତ୍ତୀ ରୀତିକାଳୀନ ଦୁଇଜଣ କବି ଧନଞ୍ଜୟ ଭଞ୍ଜ ଓ ପଦ୍ମନାଭ ହରିଚନ୍ଦନ ଏହି କଥାବସ୍ତୁର ଅବଲମ୍ବନରେ ନିଜ ନିଜର 'କଳାବତୀ' ଶୀର୍ଷକ କାବ୍ୟ ରଚନା କରିଛନ୍ତି।

ଆଲୋଚ୍ୟ କାବ୍ୟଟିର ଛାନ୍ଦଗୁଡ଼ିକ ଭିନ୍ନ ଭିନ୍ନ ରାଗରାଗିଣୀରେ ରଚିତ। ଏହାର ବର୍ଣ୍ଣନାଶୈଳୀ ଅନାଳଙ୍କାରିକ ହେଲେ ମଧ୍ୟ କବିତ୍ୱର ସ୍ପର୍ଶ ପ୍ରତି ଛତ୍ରରେ ଅନୁଭୂତ ହୁଏ। ଏଥିରେ କେସନକେ, ଭିଖ୍ୟାସୀ, ମୋଣୋହି, ମଝା, କନ୍ୟାନ୍ତ, କାରେଣୀ, ଦୋସାଧି ଇତ୍ୟାଦି ବହୁ ପ୍ରାଚୀନ ଦେଶଜ ଓଡ଼ିଆ ପଦର ପ୍ରୟୋଗ ପରିଦୃଷ୍ଟ ହୁଏ। ଏହି କାବ୍ୟଟି ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ରଙ୍କଦ୍ୱାରା ସମ୍ପାଦିତ ଓ ଓଡ଼ିଶା ରାଜ୍ୟ ସଂଗ୍ରାହଳୟଦ୍ୱାରା ପ୍ରକାଶିତ।

ବନମାଳୀ ଦାସ ନାମରେ ଆଉ କେତେଜଣ କବି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଜଣାଯାଏ। ଶିଶୁ ବନମାଳୀ ଦାସ ଆଲୋଚ୍ୟ କବିଙ୍କ ସମକାଳୀନ ବା ସାମାନ୍ୟ ପରବର୍ତ୍ତୀ; ସେ ବିରାଟ 'ରାସ' ଗ୍ରନ୍ଥର ରଚୟିତା। ଏହା ତିନିଟି ଭାଗରେ ବିଭକ୍ତ। ଅଷ୍ଟାଦଶ ଶତାବ୍ଦୀରେ ଦୁଇଜଣ ବନମାଳୀ ଦାସଙ୍କ ସମ୍ବନ୍ଧରେ ବିବରଣୀ ମିଳିଥାଏ। ଜଣେ ପୁରୀ ଦୋଳମଣ୍ଡପ ସାହି ନିବାସୀ ଏବଂ 'ସୁଚିତ୍ର ରାମାୟଣ' ଓ 'ମଥୁରାଲୀଳା' କାବ୍ୟର ପ୍ରଣେତା। ଅନ୍ୟ ଜଣେ ଗୀତିକବି ବନମାଳୀ, ଯେ 'ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ' ଇତ୍ୟାଦି ବହୁ ଲୋକପ୍ରିୟ ଭଜନ ଓ ଜଣାଣର ରଚୟିତା; ମାତ୍ର ଏ ଦୁଇଜଣ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ ହୋଇସାରିଛି। (କବି ବନମାଳୀ ଓ ତାଙ୍କ ପଦ୍ୟାବଳୀ, ସଂ-ଡକ୍ଟର ରତ୍ନାକର ଚଇନି. ପୃ: ଦଶ) ଠିକଣା ଜାଗାରେ ଏହି ବନମାଳୀଙ୍କ ସମ୍ପର୍କରେ ଆଲୋଚନା ହେବ।

## ୧୬.୪.୧୦ କାର୍ତ୍ତିକ ଦାସ :

କାର୍ତ୍ତିକ ଦାସଙ୍କର 'ରୁକ୍ମିଣୀ ବିଭା' କାବ୍ୟଟିରେ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କର ବିବାହ ବର୍ଣ୍ଣିତ। ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ରଚିତ ଏହି କାବ୍ୟ ରାଧାକୃଷ୍ଣ ପ୍ରୀତିଭଳି ପରକୀୟା ଭାବନା ଅପେକ୍ଷା ସ୍ୱକୀୟା ପ୍ରୀତିର ମହତ୍ତ୍ୱରେ ପରିପୁଷ୍ଟ। କାରଣ

ସେହି ସମୟରେ ବୈଷ୍ଣବାଚାର୍ଯ୍ୟ ନିମ୍ବାର୍କ ପ୍ରଚାରିତ ବୈଷ୍ଣବଧର୍ମରେ ରାଧାଙ୍କର ପରକୀୟାତ୍ୱ ଅପେକ୍ଷା ରୁକ୍ମିଣୀଙ୍କର ସ୍ୱକୀୟତାରହିଁ ଅଧିକ ପ୍ରାଧାନ୍ୟ ଥିଲା। ଏହି କାବ୍ୟଟି ଦଶଟି ଛାନ୍ଦରେ ବିଭକ୍ତ। ଏହା 'ଭାଗବତ' ଓ 'ପଦ୍ମପୁରାଣ' ଅବଲମ୍ୱନରେ ରଚିତ ବୋଲି କବି ସୂଚନା ଦେଇଛନ୍ତି। କାବ୍ୟର ଆରମ୍ଭ ଓ ସମାପ୍ତି ହୋଇଛି ନୀଳାଚଳନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦ ବନ୍ଦନାରେ। କାବ୍ୟର କଥାବସ୍ତୁ ପୌରାଣିକ ଶୈଳୀରେ ପରିବେଷିତ ହୋଇଅଛି। ଶିଶୁପାଳ ଓ ଜରାସନ୍ଧଙ୍କୁ ଯୁଦ୍ଧରେ ପରାସ୍ତକରି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ଲାଭ କରିଛନ୍ତି। କାବ୍ୟର ନାୟିକା ରୁକ୍ମିଣୀ କାବ୍ୟନାୟକ ଶ୍ରୀକୃଷ୍ଣଙ୍କ ନିକଟକୁ ଚିଟାଉ ଲେଖି ପ୍ରେମ ନିବେଦନ କରିବା କାବ୍ୟର ଏକ ଲକ୍ଷଣୀୟ ବିଶେଷତ୍ୱ, ଯେଉଁଥିରୁ ପରବର୍ତ୍ତୀ ରୀତିଯୁଗୀୟ ସଙ୍କେତ ମିଳିଥାଏ। ରୁକ୍ମିଣୀ ଓ ଶ୍ରୀକୃଷ୍ଣଙ୍କ ବିବାହ ପ୍ରସଙ୍ଗରେ କବି ତତ୍‌କାଳୀନ ସମାଜରେ ପ୍ରଚଳିତ ନାନା ସାମାଜିକ ବିଧିବିଧାନର ଉଲ୍ଲେଖ କରିଛନ୍ତି। ଋତୁବର୍ଣ୍ଣନାରେ କବିଙ୍କ ସିଦ୍ଧହସ୍ତତା ଏକାନ୍ତ ସ୍ପଷ୍ଟ। କାବ୍ୟରେ ସ୍ଥାନେ ସ୍ଥାନେ ପ୍ରଯୁକ୍ତ ଆଳଙ୍କାରିକ ସୌନ୍ଦର୍ଯ୍ୟ ଏହାକୁପ୍ରସାଦଗୁଣଯୁକ୍ତ କରିଛି।

'ନବାନୁରାଗ' ଶୀର୍ଷକ ଏକ କାବ୍ୟ କାର୍ତ୍ତିକ ଦାସଙ୍କ ଦ୍ୱାରା ରଚିତ। ଏହା ଏପର୍ଯ୍ୟନ୍ତ ଅପ୍ରକାଶିତ। ଏଥିରେ ମଧ୍ୟ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣିତ। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ କେନ୍ଦ୍ରକରି ରଚିତ ଏହି କାବ୍ୟ ଦ୍ୱାରକା ଲୀଳାକୁ କେନ୍ଦ୍ରକରି ରଚିତ 'ରୁକ୍ମିଣୀ ବିଭା' କାବ୍ୟର ପୂର୍ବରୁ ରଚିତ ବୋଲି ମନେହୁଏ। ଏହା ପାଞ୍ଚଟି ଛାନ୍ଦବିଶିଷ୍ଟ ଏକ କ୍ଷୁଦ୍ର କାବ୍ୟ। ଏଥିରେ ରାଧାକୃଷ୍ଣ ପରକୀୟା ପ୍ରୀତିର ଚର୍ଚ୍ଚା ରହିଛି।

'ରାମରାବଣ ଯୁଦ୍ଧ' ମଧ୍ୟ କାର୍ତ୍ତିକ ଦାସଙ୍କର ଏକ କ୍ଷୁଦ୍ର କାବ୍ୟ। ଦଶଟି ଛାନ୍ଦର ସମାପ୍ତ ଏହି କାବ୍ୟ ବିଭିନ୍ନ ରାଗରାଗିଣୀରେ ରଚିତ। ଶ୍ରୀଗଣେଶଙ୍କ ବନ୍ଦନାରେ କାବ୍ୟଟି ଆରମ୍ଭ ହୋଇଛି। ଏହାର ଭାଷା ସରଳ ଓ ଏଥିରେ ଅଳଙ୍କାରର ବ୍ୟବହାର ନ ଥିବାରୁ ଏହାକୁ କବିଙ୍କ ପ୍ରଥମ ରଚନା ଭାବରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଗ୍ରହଣ କରନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ୨ୟ, ପୃ: ୧୧୪)

## ୧୬.୪.୧୧ ଦେବଦୁର୍ଲ୍ଲଭ ଦାସ :

ଦେବଦୁର୍ଲଭ ଦାସ 'ରହସ୍ୟ ମଞ୍ଜରୀ' ରଚୟିତା। ଏହି କବିଙ୍କ କାଳ ନିର୍ଦ୍ଧାରଣ ଅଦ୍ୟାବଧି ଆଲୋଚନାର ସାମଗ୍ରୀ। ନିଜ ରଚନାରେ ସେ ନିଜ ବିଷୟରେ କିଛି କହି ନ ଥିବାରୁ ତାଙ୍କ ସମ୍ୱନ୍ଧରେ କିଛି ଜାଣିବା ଏକାନ୍ତ କଷ୍ଟସାଧ୍ୟ। ନିଜର ପରିଚୟ ପ୍ରଦାନ ନ କରିବା ବୋଧହୁଏ ତାଙ୍କ ବୈଷ୍ଣବଜନୋଚିତ ନମ୍ରତାର ପରିଚାୟକ। ତାଙ୍କ କାବ୍ୟର ବିଭିନ୍ନ ଛାନ୍ଦକୁକଳସାବାଣୀ, ତୁଳାଭିଣା-ବାଣୀ ଆଦି ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଥିବାରୁ ଦେବଦୁର୍ଲଭଙ୍କୁ ବଚ୍ଛାଦାସ ଓ ଜଗନ୍ନାଥ ଦାସଙ୍କ ସାମାନ୍ୟ ପରବର୍ତ୍ତୀ କବିଭାବରେ ଗ୍ରହଣ କରାଯାଇପାରେ। ଏହି କବିଦ୍ୱୟ ଷୋଡ଼ଶ ଶତାବ୍ଦୀର ହୋଇଥିବାରୁ ଦେବଦୁର୍ଲଭ ଦାସ ସେହି ଷୋଡ଼ଶ ଶତାବ୍ଦୀର ଶେଷଭାଗର କବି ଭାବରେ ଗୃହୀତ ହୋଇପାରନ୍ତି।

'ରହସ୍ୟ ମଞ୍ଜରୀ' କାବ୍ୟ ୨୪ଟି ଛାନ୍ଦରେ ବିଭକ୍ତ। ଏଥିରେ ଶ୍ରୀରାଧାଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦିତ ହେବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ଆରୋପିତ। ଏହାର ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରାଯାଇଛି। ସାରଳାଦାସଙ୍କ ସଦୃଶ ସେ ଶ୍ରୀକ୍ଷେତ୍ର ପୁରୀକୁ ଯାମନିକ ତୀର୍ଥ ଭାବରେ ଗ୍ରହଣ କରିନେଇଛନ୍ତି। ଐଶ୍ୱର୍ଯ୍ୟ ଲୀଳାଠାରୁ ମାଧୁର୍ଯ୍ୟଲୀଳା ଶ୍ରେଷ୍ଠ ବୋଲି ସେ ଏହି କାବ୍ୟରେ ପ୍ରତିପାଦନ କରିଛନ୍ତି। ଜୟଦେବ, ବିଦ୍ୟାପତି, ଚଣ୍ଡୀଦାସ, ରାୟ ରାମାନନ୍ଦ ପ୍ରମୁଖ ଭକ୍ତକବିଗଣ ଏହି ଲୀଳାରେ ଆତ୍ମବିସ୍ମୃତ।

'ରହସ୍ୟ ମଞ୍ଜରୀ' ଏକ ତାତ୍ତ୍ୱିକ ଗ୍ରନ୍ଥ ହେଲେହେଁ କାବ୍ୟ-ବିଭୂତିରେ ଐଶ୍ୱର୍ଯ୍ୟମୟ। କବିଙ୍କ ବର୍ଣ୍ଣନାଶୈଳୀ ଓ ଶବ୍ଦ ସଂଯୋଜନା ତାଙ୍କୁ କବିତ୍ୱର ଉଚ୍ଚ ଶିଖରରେ ଆସୀନ କରାଏ। ଏଥିରେ ସନ୍ନିବେଶିତ ରାଧାଙ୍କ ରୂପବର୍ଣ୍ଣନା ଓ ଗରୁଡ଼ର ରୂପବର୍ଣ୍ଣନା ଓଡ଼ିଆ ସାହିତ୍ୟରେ ଅନନ୍ୟ। ପ୍ରକୃତି ବର୍ଣ୍ଣନାରେ କବିଙ୍କ ସିଦ୍ଧହସ୍ତତାର ପରିଚୟ ମିଳେ।

ଏହି କାବ୍ୟର ଭାଷା ସରଳ ଓ ମଧୁର। ପଦଲାଳିତ୍ୟ ଏହାର ଏକ ବୈଶିଷ୍ଟ୍ୟ।

## ୧୬.୪.୧୨ ଚାନ୍ଦ ଦାସ :

ଭକ୍ତକବି ଚାନ୍ଦଦାସ ୧୬ଶ ଶତାବ୍ଦୀର ଶେଷ ଭାଗର କବି। ତାଙ୍କଦ୍ୱାରା ରଚିତ 'ଗୋପୀଚନ୍ଦନ' କାବ୍ୟ ଆକାରରେ କ୍ଷୁଦ୍ର, ମାତ୍ର ସାତଟି ଛାନ୍ଦର ସମାହାର। କବି ଯେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ସେ ବିଷୟରେ କୌଣସି ସୂଚନା ଛାଡ଼ିଯାଇ ନାହାନ୍ତି।

ତାଙ୍କ ଗ୍ରନ୍ଥରୁ ମଙ୍ଗଳାଚରଣରେ ପ୍ରଦ  ଜଗନ୍ନାଥ ଜଣାଣରୁ ପ୍ରକାଶିତ ହୁଏ ଯେ, ସେ ଶ୍ରୀକ୍ଷେତ୍ର ପୁରୀଠାରେ ରହି ଏହି ଗ୍ରନ୍ଥ ରଚନା କରିଥିଲେ।

'ଗୋପୀଚନନ୍ଦନ' କାବ୍ୟ ଓ ଦେବଦୁର୍ଲଭଙ୍କ 'ରହସ୍ୟ ମ ରୀ' କାବ୍ୟଦ୍ୱୟର ବିଷୟବସ୍ତୁ ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଶ୍ରୀକୃଷ୍ଣ ଏକଦା ନିଜର ବିବାହିତା ଅଷ୍ଟପାଟବଂଶୀ ରାଣୀମାନଙ୍କ ଆଗରେ ଗୋପୀମାନଙ୍କ ପ୍ରଶଂସା ଶୁଣାଇଲେ। ଈର୍ଷ୍ୟାପରାୟଣା ହୋଇ ସେମାନେ ଗୋପୀମାନଙ୍କୁ ଦେଖିବାକୁ ଚାହିଁଲେ। ଶ୍ରୀକୃଷ୍ଣ ପୁଷ୍ପକ ବିମାନ ସହିତ ଉଦ୍ଧବଙ୍କୁ ଗୋପପୁର ପଠାଇଲେ ଏବଂ ଗୋପୀମାନଙ୍କୁ ଦ୍ୱାରକା ନେଇଆସିଲେ। ଅଷ୍ଟପାଯବଂଶୀମାନେ ଗୋପୀମାନଙ୍କୁ ଦେଖି ପ୍ରଶଂସା କଲେ ଓ ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ ରାସକ୍ରୀଡ଼ା ଦେଖିବାପାଇଁ ଆଗ୍ରହ ପ୍ରକାଶ କଲେ। ଶ୍ରୀକୃଷ୍ଣ ଅନନ୍ତ ରୂପ ହୋଇ ପ୍ରତ୍ୟୋକ ଗୋପୀ ସହିତ ରାସକ୍ରୀଡ଼ାରେ ମଜ୍ଜିଗଲେ। ଏହି କାବ୍ୟରେ ଗୋପୀପ୍ରେମର ପରାକାଷ୍ଠା ପ୍ରଦ  ହେବା ସଙ୍ଗେ ସଙ୍ଗେ ରାଗାନୁଗା ଭକ୍ତିଧର୍ମର ପ୍ରାଧାନ୍ୟ ମଧ୍ୟ ସୂଚିତ।

କାବ୍ୟଟିର ଭାଷା ସରଳ। ସାବଲୀଳ ପଦଯୋଜନାରେ କାବ୍ୟଟି ହୃଦୟଗ୍ରାହୀ ହୋଇପାରିଛି। ସ୍ଥଳବିଶେଷରେ ସଫଳ ଅଳଙ୍କାର ପରିବେଷଣ ଗ୍ରନ୍ଥଟିକୁ ବେଶ ଉପଭୋଗ୍ୟ ହେବାରେ ସହାୟକ ହୋଇଛି।

ଚାନ୍ଦଦାସ 'ଗୋପଜୀବନ ଚଉତିଶା'ର ମଧ୍ୟ ରଚୟିତା। ଗୋପଜୀବନ ଶ୍ରୀକୃଷ୍ଣ ମଥୁରାକୁ ଗମନ କରିବା ସମୟରେ ଗୋପୀମାନଙ୍କର କ୍ରନ୍ଦନ ଓ ଶ୍ରୀକୃଷ୍ଣଙ୍କର ଶୀଘ୍ର ଫେରିଆସିବାର ପ୍ରତିଶ୍ରୁତି ଏହି ଚଉତିଶାର ମୁଖ୍ୟ ଉପଜୀବ୍ୟ।

### ୧୬.୪.୧୩ ସାଲବେଗ :

ସାଲବେଗ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ଦଶକରେ ବା ସପ୍ତଦଶ ଶତାବ୍ଦୀର ପ୍ରଥମ ଦଶକରେ ଜନ୍ମଗ୍ରହଣ କରିଥିଲେ। ସେ ଯବନ ପିତାଙ୍କ ଔରସରୁ ଓ ବ୍ରାହ୍ମଣୀ ମାତାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଲାଲବେଗ ମୋଗଲ ବାଦଶାହା ଜାହାଙ୍ଗୀରଙ୍କଦ୍ୱାରା ବଙ୍ଗଳାର ସୁବେଦାର ଭାବରେ ନିଯୁକ୍ତି ପାଇଥିଲେ। ସାଲବେଗ ପିତାଙ୍କ ମୃତ୍ୟୁପରେ ମୋଗଲ ସେନାବାହିନୀରେ ଯୋଗ ଦେଇଥିଲେ। କିଂବଦନ୍ତୀ ଅନୁସାରେ ଯୁଦ୍ଧରେ ଆହତ ହୋଇ ସେ ଏପରି ଭାବରେ ପୀଡ଼ିତ ହେଲେ ଯେ, ତାଙ୍କର ବ ୍ବାର ଆଶା ଆଉ ରହିଲା ନାହିଁ। ଶେଷରେ ମାତାଙ୍କ ଉପଦେଶରେ ସେ ନୀଳାଦ୍ରିବିହାରୀ ପ୍ରଭୁ ଜଗନ୍ନାଥଙ୍କୁ ଆରାଧନା କରି ସୁସ୍ଥ ହେଲେ। ତାପରେ ସେ ବୃନ୍ଦାବନ ଯାତ୍ରାକରି ସେଠାରେ କିଛିଦିନ ରହିବାପରେ ଶ୍ରୀକ୍ଷେତ୍ରକୁ ଫେରିଆସିଲେ ଓ ଶ୍ରୀକ୍ଷେତ୍ରରେ ଶେଷ ଜୀବନ କଟାଇଲେ। ସେ ଜଗନ୍ନାଥଙ୍କର ଜଣେ ଶ୍ରେଷ୍ଠ ଭକ୍ତ ଥିଲେ। ଶୁଣାଯାଏ, ଥରେ ସେ ରଥଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ପହ ୍ ନ ପାରିବାରୁ ଜଗନ୍ନାଥଙ୍କ ରଥ ଚଳିଲା ନାହିଁ। ସେ ଶ୍ରୀକ୍ଷେତ୍ରରେ ପହ ୍ବା ପରେ ରଥା ଚାଲିଲା। ସେ ଓଡ଼ିଆ ଭାଷାରେ 'ଆହେ ନୀଳ ଶଇଳ ପ୍ରବଳ ମ ବାରଣ', 'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ', 'ଆହେ ନୀଳଗିରି, ତୁମ୍ଭ ଶ୍ରୀଭୁଜେ ଦୟଣା କେରି' ଆଦି ବହୁ ଲୋକପ୍ରିୟ ଭଜନ ଓ ଜଣାଣ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।

### ୧୬.୪.୧୪ ପ୍ରତାପ ରାୟ :

ପ୍ରତାପ ରାୟ ପ ସଖା ଯୁଗର ଶେଷଭାଗର ଅର୍ଥାତ୍ ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧର କବି ଭାବରେ ଅନୁମିତ ହୁଅନ୍ତି। ତାଙ୍କଦ୍ୱାରା ରଚିତ 'ଶଶିସେଣା' କାବ୍ୟଟି ତାଙ୍କ ପୂର୍ବରୁ ରଚିତ କାବ୍ୟଗୁଡ଼ିକ ଭଳି ସଂସ୍କୃତ-ପ୍ରଭାବିତ ନୁହେଁ। ଏହା ପ୍ରଥମ ନିରୋଳା ଓଡ଼ିଆ କାବ୍ୟର ଗୌରବ ଦାବି କରେ। ଏଥିରେ ସ୍ଥାନେ ସ୍ଥାନେ ଅବଶ୍ୟ ଶ୍ଳେଷ ପ୍ରଭୃତି ରୀତି ରହିଛି; ମାତ୍ର ଏହା (ଶ୍ଳେଷ) ଯେଉଁଠାରେ ନାହିଁ ସେଠାରେ କବିଙ୍କ କବିତ୍ୱର ପ୍ରକୃଷ୍ଟ ପରିଚୟ ମଧ୍ୟ ଉପଲବ୍ଧ ହୋଇଥାଏ।

ଗ୍ରନ୍ଥଟିର ଚଉଦଟି ଛାନ୍ଦ ରହିଛି। କାବ୍ୟର ଆରମ୍ଭରେ କବି ଶ୍ରୀଜଗନ୍ନାଥ ବନ୍ଦନା ଗାନକରି ବିଷୟବସ୍ତୁ ପରିବେଷଣ କରିଛନ୍ତି। ପ୍ରାଚୀନ କାହାଣୀର ଧାରାରେ ବିଷୟବସ୍ତୁ ଅଗ୍ରଗତି କରିଛି। ଲୌକିକ ପ୍ରଣୟ-ଗାଥାରୁ ଏାର କଥାବସ୍ତୁ ଗୃହୀତ; ଫଳରେ ଏଥିରେ ଅଲୌକିକ ତନ୍ତ୍ରବିଦ୍ୟାର ଆଶ୍ରୟ ନିଆଯାଇଛି ନାୟକ-ନାୟିକାଙ୍କ ଜୀବନର ଗତି ନିୟନ୍ତ୍ରଣ କରିବା କାର୍ଯ୍ୟରେ। ଏଣୁ ବାସ୍ତବତା ପରିବର୍ ଅଲୌକିକତାରେ ଏହାର ଗଳ୍ପାଂଶ ସଂକ୍ରମିତ ହୋଇଅଛି।

### ୧୬.୪.୧୫ ଦିବାକର ଦାସ :

ଦିବାକର ଦାସ ଅତିବଡ଼ୀ ବୈଷ୍ଣବ ସଂପ୍ରଦାୟର ଶିଷ୍ୟ। ସେ ଆନୁମାନିକ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥ ରଚନା କରିଥିଲେ। ଏହି ଗ୍ରନ୍ଥଟିରେ ଭକ୍ତିପୂର୍ଣ୍ଣ ଜଗନ୍ନାଥ ଦାସଗୋସ୍ୱାମୀଙ୍କ ଜୀବନୀ ରହିଛି। ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ପ୍ରକାଶିତ ନ ହେଲା ପର୍ଯ୍ୟନ୍ତ ଏହାକୁ ସାଲୋଚକମାନେ ଓଡ଼ିଆ ଭାଷାର ପ୍ରଥମ ଚରିତ ଗ୍ରନ୍ଥଭାବରେ ଗ୍ରହଣ କରୁଥିଲେ। ଜଗନ୍ନାଥ ଦାସଙ୍କ ଜୀବନୀ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ଯେତେ ଯାହା ଆଲୋଚିତ ହୋଇଛି ସେସବୁର ମୂଳ ହେଉଛି ଆଲୋଚ୍ୟ 'ଜଗନ୍ନାଥ ଚରିତାମୃତ'। ଏଥିରେ ଜଗନ୍ନାଥ ଦାସଙ୍କ ଜୀବନୀ ବ୍ୟତୀତ ଶ୍ରୀଚୈତନ୍ୟଙ୍କ ଜୀବନୀରୁ କିଛି, ଓଡ଼ିଶୀ ବୈଷ୍ଣବଧର୍ମର ରୀତିନୀତି ଓ ତ୍ୱ, ନୀଳାଚଳ କ୍ଷେତ୍ର ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ।

ଚବିଶଟି ଅଧ୍ୟାୟର ସମଷ୍ଟିରେ ଗ୍ରନ୍ଥଟିର କଳେବର ପୁଷ୍ଟ। ନବାକ୍ଷରୀ ବୃ ରେ ରଚିତ ହୋଇଥିବାରୁ 'ଓଡ଼ିଆ ଭାଗବତ' ଭଳି ଏହା ଶ୍ରୁତିମଧୁର। ଏଥିରେ ସ୍ଥଳବିଶେଷରେ ସଂସ୍କୃତ ଶ୍ଳୋକମାନ ଖଞ୍ଜାଯାଇ ସେଗୁଡ଼ିକର ପଦ୍ୟାନୁବାଦ କରାଯାଇଛି।

ଆଲୋଚନାର ଆଭିମୁଖ୍ୟ ଦୃଷ୍ଟିରୁ ଆଲୋଚ୍ୟ ସମୟସୀମା ମଧ୍ୟରେ ଆଉ ଯେଉଁ କେତେଜଣ ବିଶିଷ୍ଟ କବିଙ୍କ ଆବିର୍ଭାବ ହୋଇଥିଲା, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାମୋଲ୍ଲେଖ ଏଠାରେ କରାଯିବା ଆବଶ୍ୟକ। ଗୋପୀନାଥ ଦାସ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶିଷ୍ୟ ଥିଲେ। ସେ ନବାକ୍ଷରୀ ଛାନ୍ଦରେ 'ଖୁଦୁରୁକୁଣୀ ଓଷା', 'ଗୋବିନ୍ଦ ବିଳାସ', 'ଗୁରୁତ୍ୱସାର' ଇତ୍ୟାଦି ରଚନା କରିଥିବା ଜଣାଯାଏ। କବି ଗୋବିନ୍ଦ ବିଦ୍ୟାଧର କେତେକ ପ୍ରେମକବିତାର ରଚୟିତା। ସେ ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ହୋଇପାରନ୍ତି। କବି ତ୍ରିଲୋଚନ ଦାସ 'ଗୀତ ଗୋବିନ୍ଦ'ର ପଦ୍ୟାନୁବାଦ। କରିଛନ୍ତି 'ଗୋବିନ୍ଦ ଗୀତା' ଶୀର୍ଷକ ଗ୍ରନ୍ଥରେ। ଗୀତଗୋବିନ୍ଦର କଥାବସ୍ତୁ ତାଙ୍କରଚନାରେ ଜୀବ-ପରମ ଲୀଳାରୂପେ ବର୍ଣ୍ଣିତ। ଭକ୍ତକବି ବୀର ସିଂହ ବହୁ ଜ୍ଞାନମାର୍ଗୀୟ ଚଉତିଶା ରଚନା କରିଛନ୍ତି। ତନ୍ମଧ୍ୟରେ 'ବୀରସିଂହ ଚଉତିଶା' ଅନ୍ୟତମ। ଭଉଁରୀ ଦାସ ଏ ସମୟର ଅନ୍ୟତମ ସନ୍ଥକବି। 'ଜ୍ଞାନ ଚୂଡ଼ାମଣି' ତାଙ୍କର ଏକ ତାତ୍ତ୍ୱିକ ଗ୍ରନ୍ଥ। ଏତଦ୍‌ବ୍ୟତୀତ 'କ୍ଷିତି ଚଉତିଶା' ଓ 'ଛାନ୍ଦ ଚଉତିଶା' ନାମରେ ତାଙ୍କର ଦୁଇଟି ଚଉତିଶା ଅଛି। ରଘୁ ଅରକ୍ଷିତ ଆଉ ଜଣେ କବି, ଯେ ପ୍ରତାପରୁଦ୍ରଦେବଙ୍କ ସମୟରେ ଜୀବିତ ଥିବା ଅନୁମାନ କରାଯାଏ। 'ଜ୍ଞାନେ ଉଦେ ଚଉତିଶା' ଓ 'ଗୋଚର ଗୀତା' ଗ୍ରନ୍ଥଦ୍ୱୟ ତାଙ୍କଦ୍ୱାରା ରଚିତ। ଏହା ବ୍ୟତୀତ ସେ ବହୁ 'ମଙ୍ଗଳଗୀତି'ର ରଚୟିତା ମଧ୍ୟ। ଲୋହି ଦାସ ଯଶୋବନ୍ତ ଦାସଙ୍କ ଶିଷ୍ୟ। ସେ 'ଲୋହିଗୀତା' ରଚାନା କରିଥିଲେ। ଶଙ୍କର ଦାସ ଶିଶୁଶଙ୍କର ଦାସଙ୍କଠାରୁ ଭିନ୍ନ। 'ବାରମାସୀ କୋଇଲି' ଗୀତଟି ତାଙ୍କ ନାମରେ ମିଳେ। କବି ହରିହର ନରେନ୍ଦ୍ର 'ମଦାଳସା' ନାମକ ଏକ ୧୩ଶ ଛାନ୍ଦବିଶିଷ୍ଟ କାବ୍ୟର ରଚୟିତା। 'ମାର୍କଣ୍ଡେୟ ପୁରାଣ'ର ୧୮ଶ ଅଧ୍ୟାୟରୁ ୨୨ଶ ଅଧ୍ୟାୟ ପର୍ଯ୍ୟନ୍ତ ୫ଟି ଅଧ୍ୟାୟରେ ବର୍ଣ୍ଣିତ ମଦାଳସା ଉପାଖ୍ୟାନକୁ ସେ ଏହି କାବ୍ୟର କଥାବସ୍ତୁ ରୂପେ ଗ୍ରହଣ କରିଛନ୍ତି। ଗଜପତି ମୁକୁନ୍ଦଦେବଙ୍କ ସମକାଳୀନ ଅର୍ଥାତ୍ ସପ୍ତଦଶ ଶତାବ୍ଦୀର ଆରମ୍ଭରେ କେନ୍ଦୁଝର ରାଜ୍ୟର ରାଜା ଗୋବିନ୍ଦ ଭଞ୍ଜ ଜଣେ ଭକ୍ତକବି ଥିଲେ। କୃଷ୍ଣୋପାସନା ମୂଳକ 'କୃଷ୍ଣଭକ୍ତି ରସାମୃତ', 'ଚରଣ ସୁଧାନିଧି' ଓ 'ଭକ୍ତିବିନୋଦ' କାବ୍ୟତ୍ରୟ ସେ ରଚନା କରିଥିଲେ। ଏସବୁ ବ୍ୟତୀତ 'ରାମଗାଥା' ଓ 'ବଉଳା ଚରିତ' ନାମକ ଦୁଇଟି ଗ୍ରନ୍ଥ ମଧ୍ୟ ତାଙ୍କ ଲେଖନୀ ପ୍ରସୂତ।

## ୧୬.୫ ନିଷ୍କର୍ଷ :

ଏହି ୟୁନିଟ୍‌ରେ ପ୍ରାକ୍ - ରୀତିଯୁଗୀୟ ଓ ରୀତିଯୁଗୀୟ ବିଶିଷ୍ଟ କବିଗଣ ଓ ସେମାନଙ୍କ ପ୍ରଧାନ ପ୍ରଧାନ କୃତିଗୁଡ଼ିକ ଉପରେ ବିଭିନ୍ନ ଦୃଷ୍ଟିରେ ଆଲୋକପାତ କରାଯାଇଛି। ମୋଟ ଉପରେ ଏହି ଆଲୋଚନାର ନିଷ୍କର୍ଷ ହେଉଛି -

୧. ପ୍ରାକ୍-ରୀତିଯୁଗର ସାହିତ୍ୟ ଅନାଗତ ରୀତିସାହିତ୍ୟ ପାଇଁ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଥିଲା, ଯାହା ଫଳରେ ସଂସ୍କୃତ ସାହିତ୍ୟର ପ୍ରତିସ୍ପର୍ଦ୍ଧାରେ ଓଡ଼ିଆ ରୀତିକାବ୍ୟମାନ ରଚିତ ହେବା ପାଇଁ ଅନୁକୂଳ ବାତାବରଣ ଓ ଅନୁପ୍ରେରଣା ଉପଲବ୍ଧ ହୋଇପାରିଲା।

୨. ଏହି ରୀତିଯୁଗର ସାହିତ୍ୟକୃତିମାନ ସଂସ୍କୃତ ସାହିତ୍ୟର ପ୍ରତିସ୍ପର୍ଦ୍ଧାରେ ରଚିତ ହୋଇଥିବାରୁ ସଂସ୍କୃତ ରୀତି, ଶୈଳୀ ଓ କାବ୍ୟଧର୍ମକୁ ବ ।ଇରଖି ଅନୁରୂପ ଢ଼ଙ୍ଗରେ ରଚିତ ହେଉଥିଲା ଓ ସ୍ଥଳବିଶେଷରେ ସଂସ୍କୃତ ସାହିତ୍ୟର ଶୈଳୀ ଓ ଆଦର୍ଶକୁ ଅତିକ୍ରମ କରିବା ନିମି   ଚେଷ୍ଟିତ ଥିଲା।

୩. ସମକାଳୀନ କବିମାନଙ୍କ ମଧ୍ୟରେ ଶାସ୍ତ୍ରଗତ ପାଣ୍ଡିତ୍ୟ ପ୍ରଦର୍ଶନ କରିବା ଦିଗରେ ପ୍ରତିଯୋଗିତା ହେଉଥିଲା। ଅର୍ଥାତ୍ ବେଦ, ଉପନିଷଦ, ଷଡ଼୍‌ଦର୍ଶନ, ଅଷ୍ଟାଦଶ ପୁରାଣ, ଶିଳ୍ପଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ସଂସ୍କୃତଶାସ୍ତ୍ର, କାମଶାସ୍ତ୍ର, ସାମୁଦ୍ରିକଶାସ୍ତ୍ର, ଧର୍ମଶାସ୍ତ୍ର ପ୍ରଭୃତିରୁ ଆହରିତ ଜ୍ଞାନର ପର୍ଯ୍ୟାପ୍ତ ବିନିଯୋଗ ହେଉଥିଲା ଏ ଯୁଗର ସାହିତ୍ୟରେ।

୪. ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ, ଏ ଯୁଗ ଥିଲା କାଳ୍ପନିକ କାବ୍ୟର ଯୁଗ। ଏ ଯୁଗରେ ପୌରାଣିକ ବିଷୟବସ୍ତୁକୁ ନେଇ କାବ୍ୟମାନ ରଚିତ ହେଉଥିଲେ ହେଁ ରାଜପୁତ୍ର ଓ ରାଜପୁତ୍ରୀଙ୍କୁ ନେଇ ରଚିତ ହେଉଥିବା କାଳ୍ପନିକ କାବ୍ୟଗୁଡ଼ିକର ସଂଖ୍ୟା ଥିଲା ଅଧିକ। ବେଳେବେଳେ ଅତିକଳ୍ପନା ବା ଉଦ୍ଭଟ କଳ୍ପନା କାବ୍ୟକୁ ଭାରାକ୍ରାନ୍ତ କରୁଥିଲା।

୫. ସମକାଳୀନ କାଳ୍ପନିକ କାବ୍ୟମାନ ପ୍ରାୟ ଗୋଟିଏ ଡା ।ରେ ଗଠିତ ହେଉଥିଲା। ନାୟକ-ନାୟିକାମାନଙ୍କ ପୂର୍ବଜନ୍ମ ବୃ ।ନ୍ତ ବର୍ଣ୍ଣନା, ସେମାନଙ୍କ ରୂପବର୍ଣ୍ଣନା, ପରସ୍ପର ପ୍ରତି ଅନୁରକ୍ତି, ମିଳନ, ବିରହ, ପୁନର୍ମିଳନ ଇତ୍ୟାଦି ପ୍ରାୟ ପ୍ରତ୍ୟେକ କାବ୍ୟର ବିଷୟବସ୍ତୁ ସହିତ ସଂଯୁକ୍ତ ଥିଲା।

୬. ରସକାବ୍ୟର ଆତ୍ମା ହୋଇଥିବାରୁ ରୀତିକାବ୍ୟଗୁଡ଼ିକର ବିଭିନ୍ନ ରସର ପରିବେଷଣ ପ୍ରାୟ ପରିଦୃଷ୍ଟ ହୁଏ; ମାତ୍ର ଶୃଙ୍ଗାରରସର ପ୍ରାବଲ୍ୟ ପ୍ରାୟ ଅଧିକାଂଶ କାବ୍ୟରେ ଅନୁଭୂତ ହୁଏ।

୭. ରୀତିଯୁଗୀୟ କାବ୍ୟମାନ ଆମୂଳଚୂଳ କୌଣସି ଏକ ନିର୍ଦ୍ଦିଷ୍ଟ ରାଗରେ ରଚିତ ନ ହୋଇ ବିଭିନ୍ନ ରାଗ-ରାଗିଣୀର ପ୍ରୟୋଗରେ ଅପୂର୍ବ ଛନ୍ଦମୟୀ ହୋଇଉଠୁଥିଲା। ସେସବୁ ଯେପରି ପାଠ୍ୟ ଥିଲା ସେହିପରି ଗାନଯୋଗ୍ୟ ଥିଲା।

୮. ଆଲୋଚ୍ୟ ସାହିତ୍ୟ ଯୁଗ ଥିଲା ଅଳଙ୍କାରଶାସ୍ତ୍ରର ଯୁଗ। ଏଣୁ ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ଶବ୍ଦଚିତ୍ର ଏ ଯୁଗର କାବ୍ୟଗୁଡ଼ିକରେ ପ୍ରୟୋଗ କରାଯାଉଥିଲା। ଅନ୍ୟ ଭାଷାରେ, ପ୍ରଚୁର ଅଳଙ୍କାର ଆଭୂଷଣଦ୍ୱାରା କାବ୍ୟମାନସୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଏ ଯୁଗର କବିମାନେ ପ୍ରୟାସୀ ଥିଲେ।

୯. ବର୍ଣ୍ଣବିନ୍ୟାସରେ କାବ୍ୟମାନ ରଚନାକରି ନିଜ ନିଜ କବିତ୍ୱ ପ୍ରଦର୍ଶନ କରିବା ନିମି   ଏ ଯୁଗର କବିମାନେ 'କ', 'ବ', 'ସ' ଇତ୍ୟାଦି ବର୍ଣ୍ଣକୁ ପ୍ରତି ପାଦ ଓ ପ୍ରତି ପଦର ଆରମ୍ଭରେ ରଖି କାବ୍ୟମାନ ରଚନା କରୁଥିଲେ।

୧୦. ପ୍ରକୃତି - ଚିତ୍ରଣରେ ଏ ଯୁଗର ସାହିତ୍ୟ ସମୃଦ୍ଧ ଥିଲା। ପ୍ରକୃତି - ଚିତ୍ରଣରେ ଏ ଯୁଗର କବିଗୋଷ୍ଠୀ ନିଷ୍ଠାବାନ ଥିଲେ।

୧୧. ସମାକାଳୀନ କବିମାନେ ମୁଖ୍ୟତଃ ସ୍ୱଦେଶପ୍ରେମୀ ଥିବାରୁ ସେମାନଙ୍କ କାବ୍ୟରାଜିରେ ପବିତ୍ର ପୀଠ ଶ୍ରୀକ୍ଷେତ୍ର ଓ ପରମାରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ମହ ୍ୱ ଫୁଟିଉଠୁଥିଲା ଓ ପାଠକମାନଙ୍କ ପ୍ରାଣରେ ଭକ୍ତିଭାବ ଓ ସ୍ୱଦେଶପ୍ରୀତି ଜାଗ୍ରତ କରୁଥିଲା।

## ୧୬.୬ ପରିଶିଷ୍ଟ :

### ଆଦର୍ଶ ପ୍ରଶ୍ନାବଳୀ :

୧. ଅର୍ଜୁନ ଦାସଙ୍କ କାଳ ନିରୂପଣ କରି ତାଙ୍କ ରଚିତ 'ରାମବିଭା' ବା 'କଳ୍ପଲତା' କାବ୍ୟ ସମ୍ବନ୍ଧରେ ଆଲୋକପାତ କର।

୨. 'ପରିମଳା' କାବ୍ୟର ରଚୟିତା ନରସିଂହ ସେଣଙ୍କ ସଂକ୍ଷିପ୍ତ ପରିଚୟ ସହିତ ତାଙ୍କ କାଳ୍ପନିକ କାବ୍ୟ 'ପରିମଳା' ସମ୍ବନ୍ଧରେ ଆଲୋଚନା କର।

୩. ନିମ୍ନଲିଖିତ କୌଣସି ଦୁଇଗୋଟିର ସାହିତ୍ୟିକ ସମୀକ୍ଷା କର।

କଳାବତୀ, ଉପାଭିଳାଷ, ଚାଟ ଇଚ୍ଛାବତୀ, ରୁକ୍ମିଣୀବିଭା, ରହସ୍ୟମଞ୍ଜରୀ, ଗୋପୀଚନ୍ଦନ, ଶଶିସେଣା, ଜଗନ୍ନାଥ ଚରିତାମୃତ, ସରକଲ୍ଲୋଳ, ଅନଙ୍ଗରେଖା, ସର୍ବାଙ୍ଗସୁନ୍ଦରୀ, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଗୋପୀଭାଷା, ପୂର୍ଣ୍ଣତମ ଚନ୍ଦ୍ରୋଦୟ, ମଥୁରାମଙ୍ଗଳ, ବିଦଗ୍ଧ ଚିନ୍ତାମଣି, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର।

୪. ନିମ୍ନଲିଖିତ ଯେକୌଣସି ଦୁଇଜଣ କବିଙ୍କ ବିଷୟରେ ଆଲୋଚନା କର।

ଦାମୋଦର ଦାସ, ବୃନ୍ଦାବନ ଦାସ, ପାର୍ଥ ଶ୍ରୀଚନ୍ଦନ, ବିଷ୍ଣୁଦାସ, ଶିଶୁଶଙ୍କର ଦାସ, କାର୍ିକ ଦାସ, ଦେବଦୁର୍ଲଭ ଦାସ, ଚାନ୍ଦ ଦାସ, ସାଲବେଗ, ଦିବାକର ଦାସ, ପ୍ରତାପ ରାୟ, ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, ଲୋକନାଥ ବିଦ୍ୟାଧର, ବିଶ୍ୱନାଥ ଖୁିଆ, ଭୂପତି ପଣ୍ଡିତ, ଦନାଇ ଦାସ, ବୃନ୍ଦାବତୀ ଦାସୀ, ଭକ୍ତଚରଣ ଦାସ, ବ୍ରଜନାଥ ବଡ଼ଜେନା।

୫. ରୀତିସାହିତ୍ୟ - କାଳୀନ ରାଜନୀତିକ ବା ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ଆଲୋଚନା କର।

୬. ରୀତିଯୁଗୀୟ କାବ୍ୟାଦର୍ଶ ମଧ୍ୟରୁ ଯେକୌଣସି ଚାରିଗୋଟି ସମ୍ବନ୍ଧରେ ଆଲୋଚନା କର।

୭. ରୀତିଯୁଗର ଅନ୍ୟ ନାମ ଭଞ୍ଜଯୁଗ କାହିଁକି ?

୮. ରୀତିଯୁଗକୁ ଅଳଙ୍କାର ଯୁଗ ନାମରେ ନାମିତ କରିବା ଯଥାର୍ଥ କି ?

୯. ଉପେନ୍ଦ୍ରଭଞ୍ଜଙ୍କ ଯେ କୌଣସି ଗୋଟିଏ କାବ୍ୟର ସାହିତ୍ୟିକ ମୂଲ୍ୟାୟନ କର।

୧୦. ନିମ୍ନଲିଖିତ ଯେକୌଣସି ଦୁଇଟି ପ୍ରସଙ୍ଗ ଆଲୋଚନା କର।

(କ) ରାମଚରିତସମ୍ବଳିତ ଓଡ଼ିଆ ରୀତିକାବ୍ୟ, (ଖ) କୃଷ୍ଣଚରିତସମ୍ବଳିତ ଓଡ଼ିଆ ରୀତିକାବ୍ୟ, (ଗ) ଓଡ଼ିଆରୀତିକାବ୍ୟରେ ଅଳଙ୍କାର, (ଘ) ଓଡ଼ିଆ ରୀତିକାବ୍ୟରେ ପ୍ରକୃତି ଚିତ୍ରଣର ବୈଶିଷ୍ଟ୍ୟ, (ଙ) ପ୍ରଥମ ଓଡ଼ିଆ କାଳ୍ପନିକ କାବ୍ୟ, (ଚ) ପ୍ରଥମ ଓଡ଼ିଆ ଛନ୍ଦୋବଦ୍ଧ କାବ୍ୟ, (ଛ) ଗୀତଗୋବିନ୍ଦର ପ୍ରଥମ ଓଡ଼ିଆ ଅନୁବାଦ, (ଜ) ରୀତିଯୁଗୀୟ ସାହିତ୍ୟରେ ରସଚର୍ଚ୍ଚା।

୧୧. ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କବିତ୍ୱ ଓ ପାଣ୍ଡିତ୍ୟର ଏକ ସୁମଧୁର ସମନ୍ୱୟ - ପ୍ରତିପାଦନ କର।

## ୧୬.୭ ସହାୟକ ଗ୍ରନ୍ଥସୂଚୀ :


* ଉପେନ୍ଦ୍ର ଭଞ୍ଜ : ଏକ ସମୀକ୍ଷା – ପ୍ରଫେସର୍ ଜୟକୃଷ୍ଣ ମିଶ୍ର, ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର।
* ଓଡ଼ିଆ ସାହିତ୍ୟର ଇତିହାସ – ପଣ୍ଡିତ ବିନାୟକ ମିଶ୍ର, ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର, କଟକ।
* ଓଡ଼ିଆ ସାହିତ୍ୟର ଇତିହାସ (୨ୟ, ୩ୟ ଓ ୪ର୍ଥ ଭାଗ – ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଗ୍ରନ୍ଥମନ୍ଦିର, କଟକ।
* ଓଡ଼ିଆ ସାହିତ୍ୟର ଇତିହାସ – ଅଧ୍ୟାପକ ପଠାଣି ପଟ୍ଟନାୟକ, ନାଳନ୍ଦା, କଟକ।
* ଓଡ଼ିଆ ସାହିତ୍ୟର ଇତିହାସ – ଡକ୍ଟର ସୁରେନ୍ଦ୍ରକୁମାର ମହାରଣା, ଓଡ଼ିଆ ବୁକ୍ ଷ୍ଟୋର, କଟକ।
* ଓଡ଼ିଆ ସାହିତ୍ୟର କ୍ରମବିକାଶ – ସୁରେନ୍ଦ୍ର ମହାନ୍ତି, ଅଗ୍ରଦୂତ, କଟକ।
* ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ – ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥମନ୍ଦିର, କଟକ।
* କବିସମ୍ରାଟ ଉପେନ୍ଦ୍ର ଭଞ୍ଜ – ଅନନ୍ତ ପଦ୍ମନାଭ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର।
* କହେ କୃଷ୍ଣଦାସ କବି – ଡକ୍ଟର କୃଷ୍ଣଚରଣ ସାହୁ, ବିଦ୍ୟାପୁରୀ, କଟକ।
* ପ୍ରବନ୍ଧାବଳୀ – ଶ୍ୟାମସୁନ୍ଦର ରାଜଗୁରୁ, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର।
* ପ୍ରାଚୀନ ଉତ୍କଳ – ଜଗବନ୍ଧୁ ସିଂହ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର।
* ଭଞ୍ଜୀୟ କାବ୍ୟଭାବନା – ଡକ୍ଟର ବେଣୀମାଧବ ପାଢ଼ୀ, ଗ୍ରନ୍ଥମନ୍ଦିର, କଟକ।
* ଲାବଣ୍ୟବତୀ (୧ମ ଭାଗ) (ସଂ) – ଡକ୍ଟର ଆ ର୍ବିଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର।
* ଯଦୁମଣି ଗ୍ରନ୍ଥାବଳୀ (ସଂ) – ଚକ୍ରଧର ମହାପାତ୍ର, ଦାସ ବ୍ରଦର୍ସ, କଟକ।
* ରୀତି ବିଚାର ଓ ଭଞ୍ଜୀୟ କାବ୍ୟକଳା – ଡକ୍ଟର ନିଶାମଣି ମିଶ୍ର, ବିଦ୍ୟାପୁରୀ, କଟକ।

## **ସପ୍ତଦଶ** ଏକକ- ଚଉପଦୀ


୧୭.୦ ସୂଚନା

୧୭.୧ ପଠନର ଉଦ୍ଦେଶ୍ୟ

୧୭.୨ ରୀତି ସାହିତ୍ୟ

୧୭.୩ ଆଳଙ୍କାରିକମାନଙ୍କ ମତରେ ରୀତି

୧୭.୩.୧ ରୀତିର ପ୍ରକାରଭେଦ

୧୭.୩.୨ ରୀତି କାବ୍ୟାଦର୍ଶ

୧୭.୪ ରୀତିଯୁଗର କବି ଓ କାବ୍ୟ

୧୭.୫ ନିଷ୍କର୍ଷ

୧୭.୬ ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

୧୭.୭ ସହାୟକ ଗ୍ରନ୍ଥସୂଚୀ


### **୧୭.୦ ସୂଚନା :**

ସାରଳାଦାସଙ୍କ ଆବିର୍ଭାବ କାଳରୁ ଅର୍ଥାତ୍ ପ ଦଶ ଶତାବ୍ଦୀବେଳକୁ ଓଡ଼ିଆ ସାହିତ୍ୟର ଅବିକଶିତ ଅବସ୍ଥା, ସଂସ୍କୃତ ଭାଷା-ସାହିତ୍ୟର ଅସପନ୍ ରାଜତ୍ୱ। ସଂସ୍କୃତିର ପ୍ରାବଲ୍ୟ ଯୋଗୁଁ ଓଡ଼ିଆ ସାହିତ୍ୟ ମୁଣ୍ଡ ଟେକିପାରୁ ନଥିଲା; ଫଳରେ କୌଣସି ମୌଳିକ ତଥା ଦୃଷ୍ଟି ଆକର୍ଷକ ଗ୍ରନ୍ଥ ରଚିତ ହୋଇପାରୁ ନଥିଲା। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସାରଳା ଦାସ ଆଗେଇ ଆସିଲେ ଏବଂ ବିପୁଳକାୟ ସାହିତ୍ୟ-କୃତିଦ୍ୱାରା ଓଡ଼ିଆ ସାହିତ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଲେ। ଓଡ଼ିଆ ସାହିତ୍ୟକୁ ଆଉ ପାଦେ ଆଗେଇ ନେଲେ ପରବର୍ତ୍ତୀକାଳୀନ ପ ସଖା ଗୋଷ୍ଠୀ। କିନ୍ତୁ ସେମାନଙ୍କ ସୃଷ୍ଟିରାଜି ଶୁଷ୍କତ ୍ୱ ଓ ଧର୍ମୀୟ ଚେତନାଦ୍ୱାରା ଏପରି ଭାରାକ୍ରାନ୍ତ ହୋଇପଡ଼ିଲା ଯେ ଓଡ଼ିଆ ସାହିତ୍ୟ ଏକ ରସାଳ ତଥା କମନୀୟ ରୂପ ଲାଭ କରିବା ନିମି କିଛି ରସିକ ସ୍ରଷ୍ଟାଙ୍କ ଅପେକ୍ଷାରେ ରହିଲା। ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କେତେଜଣ କବିଙ୍କ ଆବିର୍ଭାବ ଘଟିଲା, ଯେଉଁମାନେ ଛନ୍ଦୋବଦ୍ଧ ପୌରାଣିକ କାବ୍ୟ ଓ କାଳ୍ପନିକ କାବ୍ୟମାନ ରଚନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ପୁଷ୍ଟ କରିବା ସଙ୍ଗେ ସଙ୍ଗେ ଅନାଗତ ରୀତି ସାହିତ୍ୟକୁ ଆବାହନ କଲେ। ଅନ୍ୟ ଭାଷାରେ, ସେମାନେ ଥିଲେ ରୀତି ସାହିତ୍ୟର ଆଦି ବାର୍ତ୍ତାବହ। ସେମାନଙ୍କ କୃତିରାଜିକୁ ପ୍ରାକ୍-ରୀତି ସାହିତ୍ୟ ଭାବରେ ଗ୍ରହଣ କରି ପ୍ରସ୍ତୁତ ୟୁନିଟ୍‌ରେ ସେ ବିଷୟକ ଆଲୋଚନାର ଅୟମାରମ୍ଭ କରିବା ହେଉଛି ଆମର ଲକ୍ଷ୍ୟ।

ସେହିପରି ପରବର୍ତ୍ତୀକାଳୀନ ସାହିତ୍ୟ ବା ରୀତିସାହିତ୍ୟ ପ୍ରାକ୍-ରୀତିସାହିତ୍ୟର ଏକ ବିକଶିତ ପର୍ଯ୍ୟାୟର ସାହିତ୍ୟ। ରୀତିର ଅର୍ଥ 'ବିଶିଷ୍ଟ ପଦଯୋଜନା ବା ପଦ-ସଂଘଟନା'। ଏହି ଯୁଗରେ 'ବିଶିଷ୍ଟ ପଦ-ସଂଘଟନା' ବା 'ରୀତି' ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ଏପରି ନାମକରଣ। ଓଡ଼ିଆ ସାହିତ୍ୟର ଇତିହାସରେ ରୀତି-ପ୍ରାବଲ୍ୟ କାଳକୁ ରୀତିଯୁଗ ଭାବରେ ଅଭିହିତ କରାଯାଏ। ଉପେନ୍ଦ୍ରଭଞ୍ଜ ଏ ଯୁଗର ସର୍ବଶ୍ରେଷ୍ଠ କବି। ତେଣୁ ତାଙ୍କ ନାମାନୁସାରେ ଏହି ଯୁଗ 'ଭଞ୍ଜଯୁଗ' ଭାବରେ ମଧ୍ୟ ପରିଚିତ। ଏ ଯୁଗରେ କବିମାନେ ଆଳଙ୍କାରିକ ଚାତୁରୀ ଦେଖାଇବାକୁ ସର୍ବାଧିକ ଯତ୍ନବାନ ଥିବାରୁ ଏ ଯୁଗର ଅନ୍ୟନାମ 'ଅଳଙ୍କାର ଯୁଗ'।

### **୧୭.୧ ସଂରଚନା ପ୍ରଣାଳୀ :**

ଏହି ୟୁନିଟ୍‌ରେ ପ୍ରାକ୍-ରୀତିଯୁଗୀୟ ସାହିତ୍ୟ ଓ ରୀତିଯୁଗୀୟ ସାହିତ୍ୟର ଆକଳନ କରାଯାଇଛି ବିଭିନ୍ନ ଦୃଷ୍ଟିରୁ। ଫଳରେ ଏ ଯୁଗର ବ୍ୟାପ୍ତି, ରାଜନୀତିକ ଓ ସାଂସ୍କୃତିକ ପାଣିପାଗ, କାବ୍ୟାଦର୍ଶ ଓ ସାରସ୍ୱତ ସାଧକମାନଙ୍କ କୃତିରାଜି ଉପରେ ଦୃଷ୍ଟିପାତ କରାଯାଇଛି। ଏଥିନିମନ୍ତେ ନିମ୍ନ ସଂରଚନା ବିଧିର ଆଶ୍ରୟ ନିଆଯାଇଛି।

- o ରୀତି ସାହିତ୍ୟ
- o ଆଳଙ୍କାରିକମାନଙ୍କ ମତରେ ରୀତି
  - ରୀତିର ପ୍ରକାରଭେଦ

- ରୀତି କାବ୍ୟାଦର୍ଶ

o ରୀତିଯୁଗର କବି ଓ କାବ୍ୟ

o ନିଷ୍କର୍ଷ

o ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

o ସହାୟକ ଗ୍ରନ୍ଥସୂଚୀ

## ୧୭.୨ ରୀତିସାହିତ୍ୟ :

ରୀତିର ବ୍ୟୁତ୍ପତ୍ତିଗତ ଅର୍ଥ ମାର୍ଗ। ପନ୍ଥା, ବୀଥି, ଗତି, ପ୍ରସ୍ଥାନ, ପଦ୍ଧତି ଇତ୍ୟାଦି ଶବ୍ଦଗୁଡ଼ିକ ରୀତିର ପର୍ଯ୍ୟାୟବାଚକ ଶବ୍ଦ ରୀତି ମଧ୍ୟ କବିମାନଙ୍କର ବିଶିଷ୍ଟ ଶୈଳୀକୁ ବୁଝାଏ। ଅର୍ଥ ସମାନ ଥିଲେ ମଧ୍ୟ କବିମାନଙ୍କ ରଚନା ମଧ୍ୟରେ ଶୈଳୀର ତାରତମ୍ୟ ଦେଖାଯାଏ। ଜଣେ କବି ସାଧାରଣ ଅର୍ଥ ପ୍ରତିପାଦନ ନିମିତ୍ତ ଅସାଧାରଣ ଶବ୍ଦମାନ ପ୍ରୟୋଗ କରୁଥିବାବେଳେ ଅନ୍ୟ ଜଣେ ଅସାଧାରଣ ଅର୍ଥ ନିମିତ୍ତ ସାଧାରଣ ଶବ୍ଦମାନ ପ୍ରୟେଗା କରନ୍ତି। କାବ୍ୟ ରଚନା କରିବା ସମୟରେ କବିମାନେ ପାରମ୍ପରିକ ଶବ୍ଦଭଣ୍ଡାରରୁ ଶବ୍ଦ ଚୟନ କରନ୍ତି। ମାତ୍ର ସେମାନଙ୍କ ଶବ୍ଦ-ସଂଯୋଜନାବିଧି ଓ ପ୍ରକାଶଭଙ୍ଗୀରେ ବୈଷମ୍ୟ ପରିଦୃଷ୍ଟ ହୁଏ। ଏହାର କାରଣ, ପ୍ରତ୍ୟେକ କବିଙ୍କ ଏକ ନିର୍ଦ୍ଦିଷ୍ଟ ତଥା ମୌଳିକ ରୁଚି ରହିଥାଏ। ଭାବପ୍ରକାଶ ନିମନ୍ତେ ନିଜ ରୁଚି ଅନୁଯାୟୀ ପ୍ରୟୋଗ କରାଯାଉଥିବା ଶୈଳୀ ହିଁ ରୀତି। ରୀତିକାଳୀନ କବିମାନଙ୍କଦ୍ୱାରା ରଚିତ କାବ୍ୟକୃତିରାଜିହିଁ ରୀତିସାହିତ୍ୟ।

## ୧୭.୩ ଆଳଙ୍କାରିକମାନଙ୍କ ମତରେ ରୀତି :

ଆଳଙ୍କାରିକଙ୍କ ଭେଦରେ ରୀତିର ସଂଜ୍ଞା ଭିନ୍ନ ଭିନ୍ନ। ରୀତି ସଂପ୍ରଦାୟର ମୁଖ୍ୟ ପ୍ରବର୍ତ୍ତକ ଆଚାର୍ଯ୍ୟ ବାମନ 'ରୀତିରାତ୍ମା କାବ୍ୟସ୍ୟ' ବା ରୀତିକୁ କାବ୍ୟର ଆତ୍ମା ବୋଲି କହି ରୀତିତତ୍ତ୍ୱର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ ପୁଣି 'ବିଶିଷ୍ଟ ପଦରଚନା ରୀତିଃ', ଅର୍ଥାତ୍ ପଦରଚନାର ବୈଶିଷ୍ଟ୍ୟ ହେଉଛି ରୀତି। ବାମନଙ୍କ ମତରେ ରୀତିର ପରିଭାଷା କାବ୍ୟର ଶୋଭା ବର୍ଦ୍ଧନକାରୀ ଏକ ଗୁଣ। ଶବ୍ଦ ଓ ଅର୍ଥର ଚମତ୍କାର ପ୍ରୟୋଗଦ୍ୱାରା ଏହି ଗୁଣର ଅଧିକାରୀ ହୋଇ କବି ଏକ ରୀତି ସୃଷ୍ଟି କରିପାରେ। ବାମନଙ୍କ ପରେ ଆଚାର୍ଯ୍ୟ ରୁଦ୍ରଟ 'କାବ୍ୟାଳଙ୍କାର' ରେ ରୀତିର ନୂତନ ରୂପ ପ୍ରଦାନ କଲେ। ତାଙ୍କ ମତରେ ରୀତିର ନିୟମାକ ହେଉଛି ସମାସ ଏବଂ ସମାସର ସମାବେଶଦ୍ୱାରାହିଁ କାବ୍ୟ ଏବଂ ରସ ମର୍ମସ୍ପର୍ଶୀ, ସରଳ ଓ ସୁବୋଧ ହୋଇପାରେ। ରାଜଶେଖର ସମାସ ସହିତ ଅନୁପ୍ରାସକୁ ରୀତିର ମୂଳତତ୍ତ୍ୱ ବୋଲି ସ୍ୱୀକାର କଲେ। ରାଜଶେଖରଙ୍କ ମତକୁ ଭୋଜରାଜ ଅନୁମୋଦନ କରିବା ସଙ୍ଗେ ସଙ୍ଗେ ସମାସ ଓ ଗୁଣକୁ ରୀତିର ମୂଳତତ୍ତ୍ୱ ଭାବରେ ଗ୍ରହଣ କଲେ। ଆଚାର୍ଯ୍ୟ କୁନ୍ତକ ପ୍ରସ୍ଥାନ ପଦ୍ଧତି ବା ପ୍ରସ୍ଥାନ ମାର୍ଗକୁ ରୀତିଭାବରେ ଗ୍ରହଣ କରନ୍ତି। ତାଙ୍କ ମତରେ କବିର ସ୍ୱାଭାବିକ ଅଭିବ୍ୟକ୍ତିହିଁ ରୀତି। ଆଚାର୍ଯ୍ୟ ମମ୍ମଟ ଗୁଣାନୁସାରେ ରୀତିର ସ୍ୱରୂପ ନିରୂପତି ହୁଏ ବୋଲି ମତ ଦିଅନ୍ତି। କିନ୍ତୁ ଧ୍ୱନି ସଂପ୍ରଦାୟର ପ୍ରତିଷ୍ଠାତା ଆନନ୍ଦବର୍ଦ୍ଧନଙ୍କ ମତରେ 'ବିଶିଷ୍ଟ ପଦସଂଘଟନା ରୀତିଃ'। ଅର୍ଥାତ୍ ଶବ୍ଦ ବା ପଦର ଯଥାର୍ଥ ପ୍ରୟୋଗରେହିଁ ସାର୍ଥକ ସାହିତ୍ୟ-ରଚନା ସମ୍ଭବ ହୁଏ।

### ୧୭.୩.୧ ରୀତିର ପ୍ରକାରଭେଦ :

ଆଚାର୍ଯ୍ୟ ଦଣ୍ଡୀ ରୀତିକୁ ବର୍ତ୍ମ ବା ମାର୍ଗ ବୋଲି ଅଭିହିତ କରିଛନ୍ତି। ସେ ରୀତିର କେବଳ ବୈଦର୍ଭ ଓ ଗୌଡ଼ୀ ମାର୍ଗଦ୍ୱୟକୁ ସ୍ୱୀକାର କରି ଉଭୟ ପାରସ୍ପରିକ ପାର୍ଥକ୍ୟ ନିର୍ଦ୍ଦେଶ କରିଛନ୍ତି। ଆଚାର୍ଯ୍ୟ ବାମନ ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀ ଭେଦରେ ରୀତି ତ୍ରିବିଧ ବୋଲି ପ୍ରକାଶ କରିଛନ୍ତି; ମାତ୍ର ବିଶ୍ୱନାଥ କବିରାଜ ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ ଓ ଲାଟୀ ଭେଦରେ ଚତୁର୍ବିଧ ରୀତିକୁ ସ୍ୱୀକାର କରିଛନ୍ତି।

### ୧୭.୩.୨ ରୀତି - କାବ୍ୟାଦର୍ଶ :

ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟର ବିକାଶଧାରାରେ ସଂସ୍କୃତ କାବ୍ୟାବଳୀ ଓ ଆଳଙ୍କାରିକମାନଙ୍କ କାବ୍ୟାଦର୍ଶର ଅନବଦ୍ୟ ଅବଦାନ ଅବଶ୍ୟ ସ୍ୱୀକାର୍ଯ୍ୟ। ୧୫ଶ ଶତାବ୍ଦୀରୁ ୧୭ ଶ ଶତାବ୍ଦୀ ମଧ୍ୟରେ ତେଲୁଗୁ ସାହିତ୍ୟରେ କୃଷ୍ଣଦେବ ରାୟଙ୍କର 'ଅମୁକ୍ତ

ମଲ୍ୟଦ', ସୁରନ୍ନଙ୍କର 'ରାଘବ ପାଣ୍ଡବୀୟମ୍', ଶ୍ରୀନାଥରଙ୍କର 'ଶୃଙ୍ଗାର ନୈଷଧ' ଆଦି ରୀତିକାବ୍ୟମାନ ରଚିତ ହୋଇଥିଲା। ସମସାମୟିକ ମାଲାୟାଲମ୍ ସାହିତ୍ୟରେ 'କୃଷ୍ଣଗାଥା', 'ଭାରତଗାଥା', ଇତ୍ୟାଦି ରୀତିକାବ୍ୟ ଆତ୍ମପ୍ରକାଶ କରିଥିଲା। ମରାଠୀ ସାହିତ୍ୟରେ ଶରପନ୍ତଙ୍କର 'ଚିତ୍ରବନ୍ଧମ୍', ହିନ୍ଦୀ ସାହିତ୍ୟରେ 'କବିତ୍ୱ ରତ୍ନାକର', 'ଯମକ ଶତକ', 'ଶ୍ଳେଷ ତରଙ୍ଗ', ପ୍ରଭୃତି କାବ୍ୟମାନଙ୍କରେ ରୀତିକାବ୍ୟର ଆଦର୍ଶ ପ୍ରତିଫଳିତ ହୋଇଥିବା ଲକ୍ଷିତ ହୁଏ। ଓଡ଼ିଆ ସାହିତ୍ୟରେ ପୂର୍ବରୁ ଆଲୋଚିତ ପ ସଖାଯୁଗର ଦ୍ୱିତୀୟାର୍ଦ୍ଧର କବିମାନଙ୍କ ରଚନାବଳୀରେ ଅର୍ଥାତ୍ ପ୍ରାକ୍-ରୀତିଯୁଗରେ ରୀତିଯୁଗର ଭି ି ପଡ଼ିଥିଲା। ସେହି ଭି ି ଉପରେ ପରବ ୀକାଳୀନ ପ୍ରମୁଖ କବିଗଣ ରୀତିଯୁଗର ସୌଧ ନିର୍ମାଣ କରିଥିଲେ। ଏ ଯୁଗର ସର୍ବଶ୍ରେଷ୍ଠ କବି ଥିଲେ ଉପେନ୍ଦ୍ର ଭଞ୍ଜ।

ରୀତିଯୁଗୀୟ କାବ୍ୟକୁ ଆଳଙ୍କାରିକମାନେ ଏକ ନାରୀ ସହିତ ତୁଳନା କରନ୍ତି। ସେମାନଙ୍କ ଭାଷାରେ - ''କାନ୍ତା ସମ୍ମିତ ପଦାବଳୀ ଇତି କାବ୍ୟ''; ଅର୍ଥାତ୍ କାବ୍ୟ ଏକ କାନ୍ତା ପରି। କାନ୍ତା ପରି କାବ୍ୟ ମଧ ମନୋରଞ୍ଜନ କରେ। ତା'ର ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ହେଉଛି ଧ୍ୱନି, ବର୍ଣ୍ଣ, ପଦ, କାବ୍ୟ, ଗୁଣ ଇତ୍ୟାଦି। ତା'ର ଅଙ୍ଗଭୂଷଣ ବା ଅଳଙ୍କାର ହେଉଛି ଅନୁପ୍ରାସ, ଯମକ ପ୍ରଭୃତି ଅଳଙ୍କାର।

**ଧ୍ୱନି -** ରୀତିଯୁଗୀୟ କାବ୍ୟମାନଙ୍କର ଧ୍ୱନିବାଦର ପ୍ରାଧାନ୍ୟ ଦେଖିବାକୁ ମିଳେ। ଆନନ୍ଦବର୍ଦ୍ଧନ ଧ୍ୱନିବାଦର ପ୍ରବ କ ହେଲେହେଁ ଅଭିନବଗୁପ୍ତଙ୍କଦ୍ୱାରା ଏହା ପ୍ରଚାର ଓ ପ୍ରସାର ଲାଭ କରିଅଛି। ବିଭିନ୍ନ ଶାସ୍ତ୍ରକାରଙ୍କ ମତରେ ଧ୍ୱନିଯୁକ୍ତ କାବ୍ୟହିଁ ଉତ୍କୃଷ୍ଟ କାବ୍ୟ ଭାବରେ ବିବେଚିତ। ଧ୍ୱନିମୂଳକ କାବ୍ୟରେ ବାଚ୍ୟାର୍ଥ ଅପେକ୍ଷା ବ୍ୟଙ୍ଗ୍ୟାର୍ଥ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଏ; ଅର୍ଥାତ୍ କାବ୍ୟ ପାଠକରିବା ସମୟରେ ଅଭିଧା ବା ସାକ୍ଷାତ ସାଙ୍କେତିକ ଅର୍ଥ ବ୍ୟତୀତ ପାଠକ ଯେଉଁ ଅନ୍ୟ ଏକ ଚମତ୍କାର ଅର୍ଥ ନିଜ ଚି ରେ ଅନୁଭବ କରେ, ତାହା ହେଉଛି କାବ୍ୟର ଧ୍ୱନ୍ୟାର୍ଥ। ଧ୍ୱନିବାଦୀ କବିଗଣ ପ୍ରକୃତି-ଚିତ୍ରଣ, ନାରୀ ସୌନ୍ଦର୍ଯ୍ୟ ବର୍ଣ୍ଣନା, ନଗରାଦି ବର୍ଣ୍ଣନାରେ ସେମାନଙ୍କ ଚିନ୍ତାଶକ୍ତି ଅନୁଯାୟୀ ବିଭିନ୍ନ ପ୍ରକାର ଧ୍ୱନିର ପ୍ରୟୋଗ କରିଥାନ୍ତି। ମୁଖ୍ୟତଃ ଧ୍ୱନି ତ୍ରିବିଧ; ଯଥା - ବସ୍ତୁଧ୍ୱନି, ରସଧ୍ୱନି ଓ ଅଳଙ୍କାରଧ୍ୱନି। ଯେଉଁଠାରେ ରସ ଓ ଅଳଙ୍କାର ନଥାଇ କାବ୍ୟ କେବଳ ବସ୍ତୁବ୍ୟଞ୍ଜିତ ହୋଇଥାଏ, ଅର୍ଥାତ୍ ଯେଉଁଠାରେ ବାସ୍ତବ ପ୍ରତୀତି ଜନ୍ମେ ସେଠାରେ 'ବସ୍ତୁଧ୍ୱନି', ଯେଉଁଠାରେ ରସର ପ୍ରତୀତି ଜନ୍ମେ ସେଠାରେ 'ରସଧ୍ୱନି' ଓ ଯେଉଁଠାରେ ବାଚ୍ୟାର୍ଥ ପରିବ େ ବ୍ୟଙ୍ଗ୍ୟାର୍ଥରୁ ଅଳଙ୍କାରର ପ୍ରତୀତି ଜନ୍ମେ ସେଠାରେ 'ଅଳଙ୍କାର ଧ୍ୱନି' ହୁଏ। ଓଡ଼ିଆ ରୀତିଯୁଗର କବିଗଣ କାବ୍ୟର ଅଭ୍ୟାନ୍ତରୀଣ ସୌନ୍ଦର୍ଯ୍ୟ ପ୍ରକଟନ ଉଦ୍ଦେଶ୍ୟରେ ଏହି ତିନି ପ୍ରକାର ଧ୍ୱନିର ଯଥାସମ୍ଭବ ପ୍ରୟୋଗ କରିଥିଲେ ମଧ ସେମାନଙ୍କ କାବ୍ୟରାଜି 'ଅଳଙ୍କାର ଧ୍ୱନି' ର ପ୍ରାବଲ୍ୟରେ ଭାରାକ୍ରାନ୍ତ ହୋଇଥିବା ଲକ୍ଷ୍ୟ କରାଯାଏ।

**ରସ** - ରୀତିଯୁଗୀୟ କବିଗଣ କାବ୍ୟରେ ରସସୃଷ୍ଟି ଲାଗି ଅଧିକ ଆଗ୍ରହୀ ଥିଲାଭଳି ମନେହୁଏ। କାରଣ ସାହିତ୍ୟରେ ସୌନ୍ଦର୍ଯ୍ୟ ବିତରଣ କରିବା ନିମନ୍ତେ ରସ ଏକ ଅପରିହାର୍ଯ୍ୟ ବିଭବ। ରସଚର୍ଚ୍ଚାର ପରମ୍ପରା ବହୁ ପ୍ରାଚୀନ ହୋଇଥିଲେହେଁ ଭରତ ମୁନି ଏହାକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରଦାନ କଲେ। ଫଳରେ ତାଙ୍କୁ ରସ ସମ୍ପ୍ରଦାୟର ପ୍ରବ କ ଭାବରେ ଗ୍ରହଣ କରାଯାଏ। ତାଙ୍କ 'ନାଟ୍ୟଶାସ୍ତ୍ର' ରେ ସେ ପ୍ରକାଶ କରିଛନ୍ତି - ''ନ ହି ରସାଦୃତେ କଶ୍ଚିତ୍ ଅର୍ଥଃ ପ୍ରବ ତେ ଇତି''; ଅର୍ଥାତ୍ ରସ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ଆନନ୍ଦଦାୟକ ହୋଇ ନ ପାରେ। ଆଳଙ୍କାରିକ ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ' ରେ ରସକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରି କହନ୍ତି - 'ବାକ୍ୟଂ ରସାତ୍ମକଂ କାବ୍ୟମ୍'। ଭରତଙ୍କ ନାଟ୍ୟଶାସ୍ତ୍ରରେ ରସର ତା ିକ ବିଶ୍ଳେଷଣ କରାଯାଇଛି। ଭରତଙ୍କ ମତରେ ରସ ଆଠ ପ୍ରକାର - ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ। ପରବ ୀ କାଳରେ ବିଶ୍ୱନାଥ କବିରାଜ ଏଥିରେ ଶାନ୍ତ ଓ ବାତ୍ସଲ୍ୟ ରସଦ୍ୱୟ ସଂଯୋଗ କରି ଦଶରସର ପରିକଳ୍ପନା କଲେ। ଶୃଙ୍ଗାରରସର ଦଶରସ ମଧ୍ୟରେ ଆଦିରସ, ମଧୁରରସ ବା ଶ୍ରେଷ୍ଠରସ ରୂପେ ଗୃହୀତ ହୁଏ। ଭୋଜରାଜ 'ସରସ୍ୱତୀ କଣ୍ଠାଭରଣ' କାବ୍ୟରେ 'ଶୃଙ୍ଗାରୀଚେତ୍ କବିଃ କାବ୍ୟେ ଜାତଂ ରସମୟଂ ଜଗତ୍' ବୋଲି ପ୍ରକାଶ କରି କବିର ଶୃଙ୍ଗାର-ଚେତନାକୁ ପରିସ୍ଫୁଟ କରିବା ସଙ୍ଗେ ସଙ୍ଗେ ଶୃଙ୍ଗାର ରସର ମହ କୁ ସ୍ୱୀକାର କରିଛନ୍ତି। 'ଧ୍ୱନ୍ୟାଲୋକ' ରେ ଆନନ୍ଦବର୍ଦ୍ଧନ ମଧ ଶୃଙ୍ଗାର ରସ ମାଧ୍ୟମରେ କାବ୍ୟର ଉତ୍କର୍ଷ ସାଧିତ ହୋଇପାରେ ବୋଲି ପ୍ରକାଶ କରିଛନ୍ତି। ସଂସ୍କୃତ ସାହିତ୍ୟର ବହୁ ସ୍ୱନାମଧନ୍ୟ କବି ନିଜ ନିଜ କାବ୍ୟମାନଙ୍କରେ ଶୃଙ୍ଗାରକୁ ମୁଖ୍ୟସ୍ଥାନ ଦେଇ ରୀତିସାହିତ୍ୟର ବୈଶିଷ୍ଟ୍ୟକୁ ବଜାୟ ରଖିଛନ୍ତି। ସେହିପରି ରୀତିଯୁଗୀୟ ଓଡ଼ିଆ କବିଗଣ ସ୍ୱରଚିତ

କାବ୍ୟମାନଙ୍କରେ ବିଭିନ୍ନ ରସର ପରିବେଷଣ କରିଥିଲେ ମଧ୍ୟ ଶୃଙ୍ଗାର ରସର ପରିବେଷଣ କରିଥିଲେ ମଧ୍ୟ ଶୃଙ୍ଗାର ରସର ପ୍ରାଧାନ୍ୟକୁ ଅକ୍ଷୁର୍ଣ୍ଣ ରଖିଛନ୍ତି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'ଶୃଙ୍ଗାରୀଚେତ୍ କବିଃ' ର ଆଦର୍ଶକୁ ସର୍ବଦା ଅନୁସରଣ କରିଛନ୍ତି।

**ଗୁଣ** - କାବ୍ୟରେ ରସ ଆତ୍ମାରୂପରେ ବିଦ୍ୟମାନ। ଗୁଣ ହେଉଛି ରସର ଧର୍ମ। ପ୍ରାଣୀର ଶରୀରରେ ଶୌର୍ଯ୍ୟ ପ୍ରଭୃତି ଯେପରି ଆତ୍ମାର ଗୁଣ, ସେହିପରି ଶବ୍ଦାର୍ଥବିଶିଷ୍ଟ କାବ୍ୟ - ଶରୀରରେ ମାଧୁର୍ଯ୍ୟ, ଓଜଃ ପ୍ରଭୃତି କାବ୍ୟାତ୍ମା ରସର ଗୁଣ। ରସ ବ୍ୟତୀତ ଏହି ଗୁଣଗୁଡ଼ିକର ଅବସ୍ଥିତି ସମ୍ଭବ ନୁହେଁ। ଏମାନେ ରସ ସହିତ ନିତ୍ୟରୂପେ ଅବସ୍ଥାନ କରି ରସର ଉପକାର ସାଧନ କରନ୍ତି। ଗୁଣ ରସୋତ୍କର୍ଷର ହେତୁ ହୋଇଥିବାରୁ, ଏହା ରସର ଧର୍ମ। ଆଚାର୍ଯ୍ୟ ଦଣ୍ଡୀ କାବ୍ୟରେ ଗୁଣର ଦଶଟି ଗୁଣ ପ୍ରକାଶିତ ହୁଏ ବୋଲି ମତ ଦିଅନ୍ତି। ଯଥା - ଶ୍ଳେଷଃ, ପ୍ରସାଦ, ସମତା, ମାଧୁର୍ଯ୍ୟ, ସୌକୁମାର୍ଯ୍ୟ, ଅର୍ଥବ୍ୟକ୍ତି, ଓଦାର୍ଯ୍ୟ, ଓଜଃ, କାନ୍ତି ଓ ସମାଧି। ଆଚାର୍ଯ୍ୟ ସମ୍ମଟ ଏହି ଦଶଗୁଣକୁ ବିଚାରକୁ ନେଇ ମାତ୍ର ତିନିଗୋଟି ଗୁଣର ପ୍ରାଧାନ୍ୟ ସ୍ୱୀକାର କରିଛନ୍ତି; ସେଗୁଡ଼ିକ ହେଲେ ମାଧୁର୍ଯ୍ୟ, ଓଜଃ ଓ ପ୍ରସାଦ। ଅନ୍ୟ ଗୁଣଗୁଡ଼ିକ ଏହି ତିନିଗୁଣର ଅନ୍ତର୍ଭୁକ୍ତ। ରୀତିଯୁଗୀୟ ଓଡ଼ିଆ କାବ୍ୟକବିତାରେ ଆବଶ୍ୟକ ସ୍ଥଳରେ ଏହି ଗୁଣଗୁଡ଼ିକ ଅଭିବ୍ୟକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଅଳଙ୍କାର - ରୀତିଯୁଗୀୟ କାବ୍ୟରେ 'ଅଳଙ୍କାର'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଭାମହ, ଦଣ୍ଡୀ ପ୍ରଭୃତି ପ୍ରାଚୀନ ଆଳଙ୍କାରିକମାନେ ଅଳଙ୍କାରକୁ କାବ୍ୟଶୋଭାର ଉତ୍ପାଦକ ବୋଲି ପ୍ରକାଶ କରିଛନ୍ତି। କାବ୍ୟର ସୌନ୍ଦର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରୁଥିବା ଉପାଦାନମାନ ଅଳଙ୍କାର ଭାବରେ ପରିଚିତ (କାବ୍ୟ ଶୋଭାକାରାନ ଧର୍ମାନ୍ ଅଳଙ୍କାରାନ୍ ପ୍ରଚକ୍ଷତେ) ବୋଲି ଆଚାର୍ଯ୍ୟ ଦଣ୍ଡୀ ମତବ୍ୟକ୍ତ କରନ୍ତି। ଆଚାର୍ଯ୍ୟ ବାମନଙ୍କ ମତରେ - 'କାବ୍ୟଂ ଗ୍ରାହ୍ୟମ୍ ଅଳଂକାରାତ୍'; ଅର୍ଥାତ୍ ଅଳଙ୍କାର ହେତୁ କାବ୍ୟତ୍ୱ ସିଦ୍ଧ ହୋଇଥାଏ। ଧ୍ୱନି ପ୍ରସ୍ଥାନବାଦୀମାନଙ୍କ ମତରେ କାବ୍ୟରେ ରସର ଅଭିବ୍ୟକ୍ତି ହୁଏ ଶବ୍ଦ ଓ ଅର୍ଥଦ୍ୱାରା ଏବଂ ଏହି ଶବ୍ଦ ଓ ଅର୍ଥର ସୌନ୍ଦର୍ଯ୍ୟ ଗୁଣ ଓ ଅଳଙ୍କାରଦ୍ୱାରା ମଣ୍ଡିତ। ଅନ୍ୟଭାବରେ କହିଲେ, କାବ୍ୟରେ ଅଳଙ୍କାର ଓ ଗୁଣର ଉପଯୋଗିତା ମଧ୍ୟ ରହିଛି। ରୀତିଯୁଗୀୟ କବିମାନଙ୍କର ଲକ୍ଷ୍ୟ ଥିଲା ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରାଚୁର୍ଯ୍ୟ ମଧ୍ୟରେ କାବ୍ୟକୁ ଅଧିକ ଶ୍ରୁତିମଧୁର କରିବା ସଙ୍ଗେ ସଙ୍ଗେ ନିଜ ନିଜ କଳ୍ପନାବିଳାସର ମହ ୍ ପ୍ରତିପାଦନ କରିବା। ଏହି ସମୟ ମଧ୍ୟରେ କାବ୍ୟସୁନ୍ଦରୀକୁ ଅଳଙ୍କାରମଣ୍ଡିତ କରିବା ନିମନ୍ତେ ଭାରତର ଅଧିକାଂଶ ପ୍ରାନ୍ତୀୟ କବିଗଣ ଯତ୍ନବାନ ଥିଲେ ମଧ୍ୟ ନିଜ କୃତିରେ ଅଳଙ୍କାରର ସଂଯୋଜନ ପାଇଁ ସର୍ବଭାରତୀୟ ସ୍ତରରେ ସର୍ବାଧିକ ଗୌରବ ଅର୍ଜନ କରିପାରିଛନ୍ତି ଉତ୍କଳୀୟ କବିଗଣ।

**ମଙ୍ଗଳାଚରଣ** - ସଂସ୍କୃତ ଆଳଙ୍କାରିକଗଣ କାବ୍ୟ ରଚନା କରିବା ନିମନ୍ତେ କେତେକ ଲକ୍ଷଣ ନିର୍ଦ୍ଦିଷ୍ଟ କରିଛନ୍ତି। କାବ୍ୟାରମ୍ଭରେ ଆଶୀର୍ନମସ୍କ୍ରିୟା ବା ମଙ୍ଗଳାଚରଣ ରହିବ ଏବଂ ଏଥିରେ ଇଷ୍ଟବନ୍ଦନା, ଆଶୀର୍ବାଦ ଭିକ୍ଷା, କାବ୍ୟବିବୃତ ବିଷୟବସ୍ତୁର ସୂଚନା, ସାଧୁସ୍ତୁତି ଓ ଖଳନିନ୍ଦା ଇତ୍ୟାଦି ବିଶେଷ କଥାମାନ ସ୍ଥାନ ପାଇବ ବୋଲି 'ସାହିତ୍ୟ ଦର୍ପଣ'ରେ ସୂଚିତ ହୋଇଛି। ରୀତିଯୁଗର ଉତ୍କଳୀୟ କବିଗଣ ସଂସ୍କୃତ କାବ୍ୟାନୁସରଣରେ ଅନୁରୂପ ବର୍ଣ୍ଣନାରେ ସେମାନଙ୍କ କାବ୍ୟ ଆରମ୍ଭ କରିଛନ୍ତି।

**ଗତାନୁଗତିକତା** - ରୀତିକାବ୍ୟର ପାତ୍ର-ପାତ୍ରୀ ସାଧାରଣତଃ ଉଚ୍ଚକୁଳ ଜାତ। ନାୟକ-ନାୟିକା ସାଧାରଣତଃ ରାଜବଂଶଜ। ବିଷୟବସ୍ତୁର ଅଂଶବିଶେଷରୂପେ ନାୟକ-ନାୟିକାଙ୍କ ଜନ୍ମବୃ ାନ୍ତ, ସେମାନଙ୍କ ବାଲ୍ୟ, କୈଶୋର ଓ ଯୌବନାବସ୍ଥାର ବର୍ଣ୍ଣନା, ଏକ ମଧ୍ୟସ୍ଥି ମାଧ୍ୟମରେ ଉଭୟଙ୍କର ଚିତ୍ରପଟ ପ୍ରେରଣ, ସ୍ୱପ୍ନରେ ସେମାନଙ୍କ ମିଳନ, ବିବାହ ବନ୍ଧନରେ ଆବଦ୍ଧ, ପରେ କୌଣସି କାରଣରୁ ବିଚ୍ଛେଦ ଓ ସର୍ବଶେଷରେ ମିଳନ ଇତ୍ୟାଦି ଘଟନାମାନ କାବ୍ୟରେ ବର୍ଣ୍ଣିତ ହୋଇଥାଏ। ସ୍ଥଳବିଶେଷରେ ଏ ରୀତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଯାଉଥିଲେ ମଧ୍ୟ ସାଧାରଣତଃ ଏହାହିଁ ରୀତିକାବ୍ୟରେ କଥାବସ୍ତୁ ଗ୍ରନ୍ଥନର କୌଶଳ।

ପୌରାଣିକତା - ପୌରାଣିକତା ରୀତିଯୁଗୀୟ କାବ୍ୟର ଅନ୍ୟତମ ପ୍ରଧାନ ଲକ୍ଷଣ। ସମକାଳୀନ ଶାସ୍ତ୍ରଜ୍ଞ ପଣ୍ଡିତଗଣ ସଂସ୍କୃତ ଅଷ୍ଟାଦଶ ପୁରାଣ ଅଧ୍ୟୟନ ଓ ଆଲୋଚନା କରୁଥିଲେ। ସମକାଳୀନ କାବ୍ୟକାରଗଣ ପୁରାଣଶୈଳୀ ଅନୁସରଣ ନ କରି ଆଳଙ୍କାରିକ କାବ୍ୟଶୈଳୀ ଅନୁସରଣ କରୁଥିଲେ ହେଁ କାବ୍ୟ ରଚନା କ୍ଷେତ୍ରରେ ସେମାନେ ପୁରାଣର କଥାବସ୍ତୁକୁ ଗ୍ରହଣ କରି ଚମତ୍କାର କାବ୍ୟମାନ ରଚନା କରିପାରିଛନ୍ତି। ସ୍ଥଳବିଶେଷରେ ସେମାନେ ପୁରାଣର ଦୃଷ୍ଟାନ୍ତମାନ ଗ୍ରହଣ କରି ସେମାନଙ୍କ କାଳ୍ପନିକ ରଚନାବଳୀ ମଧ୍ୟ ପୁଷ୍ଟ କରିଛନ୍ତି।

**ସାଙ୍ଗୀତିକତା** – ସାଙ୍ଗୀତିକତା ରୀତିଯୁଗୀୟ କାବ୍ୟର ଅନ୍ୟ ଏକ ପ୍ରମୁଖ ବିଶେଷତ୍ୱ। ଯୁଗଯୁଗ ଧରି ସଙ୍ଗୀତର ଅଲୌକିକ ପ୍ରଭାବ ଜୀବଜଗତକୁ ମୋହିତ କରିଆସିଛି। ତେଣୁ ସଙ୍ଗୀତକୁ ଭଗବାନଙ୍କର ଏକ ଶ୍ରେଷ୍ଠ ଦାନରୂପେ ଗ୍ରହଣ କରାଯାଏ। ସାମାଜିକ ପର୍ବପର୍ବାଣୀରେ, ଯୁଦ୍ଧାଭିଯାନରେ, ରାଜାଭିଷେକ ଓ ରାଜଦରବାରରେ ସଙ୍ଗୀତ ତା'ର ପ୍ରତିଷ୍ଠା ବଜାୟ ରଖିଆସିଛି। ଏ ଦୃଷ୍ଟିରୁ ସଙ୍ଗୀତଶାସ୍ତ୍ରର ଚର୍ଚ୍ଚା ମଧ୍ୟ ଅତି ପ୍ରାଚୀନ। ରୀତିଯୁଗୀୟ କବିଗଣ ସଙ୍ଗୀତଶାସ୍ତ୍ରସମ୍ମତ ଛାନ୍ଦ, ବୃ , ସ୍ୱର, ବୃତି, ତାଳ, ଲୟ, ଯତିପାତ ନିୟମ ଇତ୍ୟାଦିରେ ସେମାନଙ୍କ କାବ୍ୟରାଜିକୁ ମଣ୍ଡିତ କରି ସେଗୁଡ଼ିକୁ ଗାନପ୍ରଧାନ କରିଛନ୍ତି। ଗଣବୋଧ ଭାଷାରେ ରୀତିଯୁଗୀୟ କାବ୍ୟମାନ ପ୍ରାୟତଃ ରଚିତ ହୋଇ ନଥିଲେ ହେଁ, ଏଗୁଡ଼ିକର ସଙ୍ଗୀତଧର୍ମିତା ଓ ଭାଷାଲାଳିତ୍ୟ ଜନଗଣଙ୍କୁ କାଳେ କାଳେ ଆକର୍ଷଣ କରିଆସିଛି। ଏହି ପରିପ୍ରେକ୍ଷୀରେ ରଚିତ ବିଶାଳ ଛାନ୍ଦସାହିତ୍ୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି।

**ପ୍ରକୃତିଚିତ୍ର** – ପ୍ରକୃତି ସହିତ ମଣିଷର ସମ୍ପର୍କ ଚିରନ୍ତନ। ଫଳରେ ପ୍ରାକୃତିକ ଚିତ୍ରରେ ସାହିତ୍ୟ ବହୁ ପୁରାକାଳରୁ ପୁଷ୍ଟ ହୋଇଆସୁଛି। ବେଦ ଓ ରାମାୟଣରେ ମଧ୍ୟ ପ୍ରକୃତି ବର୍ଣ୍ଣନା ପରିଦୃଷ୍ଟ ହୁଏ। ସଂସ୍କୃତ କାବ୍ୟ-ସାହିତ୍ୟରେ କାଳିଦାସ, ମାଘ, ଶ୍ରୀହର୍ଷ, ଭବଭୂତି ପ୍ରମୁଖ ମହାକବିମାନେ ପ୍ରକୃତିଚିତ୍ର ବର୍ଣ୍ଣନ କରି ସେମାନଙ୍କ ପ୍ରକୃତିପ୍ରୀତିର ପରିଚୟ ଦେଇଛନ୍ତି। ପ୍ରକୃତିଚିତ୍ର ଚିତ୍ରଣ ରୀତିଯୁଗୀୟ କାବ୍ୟାଦର୍ଶଗୁଡ଼ିକ ମଧ୍ୟରେ ଅନ୍ୟତମ ଭାବରେ ପରିଗଣିତ ହୁଏ। ଏ ଯୁଗର କବିଗଣ ପ୍ରକୃତିକୁ ପଶ୍ଚାତ୍‌ପଟରେ ରଖି ନାୟକ-ନାୟିକାଙ୍କ ହାବ-ଭାବ, ସୁଖ-ଦୁଃଖ, ମିଳନ-ବିରହର ମାନସିକ ଚିତ୍ର ପ୍ରଦାନ କରିଛନ୍ତି। ଋତୁଚକ୍ରର ବର୍ଣ୍ଣନା ଏମାନଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି। ସେମାନେ ନାୟକ-ନାୟିକାଙ୍କ ମନରେ ମିଳନର ସୌଗନ୍ଧିକ ବାତାବରଣ ସୃଷ୍ଟି କରିବା ନିମନ୍ତେ ବସନ୍ତଋତୁର ବର୍ଣ୍ଣନା କରିବାବେଳେ ବର୍ଷାଋତୁର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ମାଧ୍ୟମରେ ସେମାନଙ୍କ ପ୍ରାଣକୁ ବିରହାନଳରେ ଦଗ୍ଧୀଭୂତ କରିଛନ୍ତି। ଏତଦ୍‌ବ୍ୟତୀତ ପ୍ରକୃତିର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସହିତ କାବ୍ୟ-ନାୟକ-ନାୟିକାଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ତୁଳନା କରିବାରେ ରୀତିଯୁଗୀୟ କବିଗଣ ଅଦ୍ଭୁତ କଳ୍ପନା-କୌଶଳର ଆଶ୍ରୟ ନେଇଛନ୍ତି। ପ୍ରକୃତିର ଶୋଭା ଚିତ୍ରଣକାଳରେ ସେମାନେ ସେମାନଙ୍କ ବିଦଗ୍ଧ ଭଙ୍ଗୀ, ପାଣ୍ଡିତ୍ୟ, ଶବ୍ଦସଂଯୋଜନା, ବର୍ଣ୍ଣନାପାଟବ ଓ ବିଭିନ୍ନ ଅଳଙ୍କାରରେ ପ୍ରୟୋଗଦ୍ୱାରା ପ୍ରକୃତିକୁ ସ୍ୱତନ୍ତ୍ର ଐଶ୍ୱର୍ଯ୍ୟରେ ବିଭୂଷିତ କରିଛନ୍ତି।

ରୀତିଯୁଗୀୟ ଉତ୍କଳୀୟ କବିଗଣ ଭାଷା ପ୍ରୟୋଗ କ୍ଷେତ୍ରରେ ସ୍ୱତନ୍ତ୍ରତା ପ୍ରଦର୍ଶନ କରିଛନ୍ତି। ପୂର୍ବବ ୀ କବିମାନଙ୍କ ଦ୍ୱାରା ପ୍ରଯୁକ୍ତ ସରଳ ଓ କୋମଳ ଭାଷା ଏ ଯୁଗରେ ଉପେକ୍ଷିତ ହୋଇଛି। ଆଳଙ୍କାରିକ ବାହୁଲ୍ୟକୁ ପ୍ରଶୟ ଦେଇ ସେମାନେ ସରଳଭାଷା ବା ଲୋକକଥିତ ଭାଷା ସହିତ ତତ୍‌ସମ ଭାଷାର ମିଶ୍ରଣ ଘଟାଇଛନ୍ତି ଓ ଏହା ଫଳରେ ସୃଷ୍ଟ କୃତ୍ରିମ ଭାଷାକୁ କାବ୍ୟମାନଙ୍କରେ ପ୍ରୟୋଗ କରିଛନ୍ତି। ଏହି ସମ୍ମିଶ୍ରିତ ଭାଷାକୁ କେହି କେହି 'ଦିବ୍ୟ-ଅଦିବ୍ୟ' ଭାଷା ନାମରେ ନାମିତ କରିଛନ୍ତି। ଏହି ଭାଷାର ପ୍ରୟୋଗରେ ରୀତିକବିଗଣ ଅସାଧାରଣ ନୈପୁଣ୍ୟ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ରୀତିକାବ୍ୟର ଭାଷାଶୈଳୀକୁ ଅଧିକରୁ ଅଧିକ ମନୋହାରୀ ଓ ରୁଚିସମ୍ପନ୍ନ କରିପାରିଛନ୍ତି।

ଓଡ଼ିଶାର ରୀତିଯୁଗୀୟ କବିଗଣ ସଂସ୍କୃତ ଆଳଙ୍କାରିକ ଓ କାବ୍ୟକାରମାନଙ୍କ କାବ୍ୟାଦର୍ଶର ଅନୁସରଣରେ ବିଶାଳ କାବ୍ୟସାହିତ୍ୟ ସୃଷ୍ଟି କରିଥିଲେ ହେଁ ସ୍ୱକୀୟତା ବା ସ୍ୱାତନ୍ତ୍ର୍ୟକୁ ଉପେକ୍ଷା କରିପାରି ନାହାନ୍ତି। ସୁବିଧା ଦେଖି ସେମାନେ ସ୍ୱୀୟ ପାଣ୍ଡିତ୍ୟ ଓ ସ୍ୱତନ୍ତ୍ର ରୁଚି କାବ୍ୟରେ ପ୍ରଦର୍ଶନ କରିବା ଫଳରେ ରସବୋଧ ଅପେକ୍ଷା ଶିଳ୍ପକଳାର ପ୍ରାଧାନ୍ୟ ସେମାନଙ୍କ କାବ୍ୟରେ ଅନୁଭୂତ ହୋଇଛି ଓ ସେମାନଙ୍କ କାବ୍ୟ ଆବେଗଧର୍ମୀ ନ ହୋଇ ପ୍ରଦର୍ଶନଧର୍ମୀ ହୋଇଛି। ଏହି କାରଣରୁ ସମକାଳୀନ ଓଡ଼ିଆ ସାହିତ୍ୟରେ ରୀତିଯୁଗ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲେ ମଧ୍ୟ ପରିବ ିତ ପରିସ୍ଥିତିରେ ଏହାର ଜନପ୍ରିୟତା କ୍ରମଶଃ ହ୍ରାସପ୍ରାପ୍ତ ହୋଇଛି।

## ୧୭.୪ ରୀତିଯୁଗର କବି ଓ କାବ୍ୟ :

### ୧୭.୪.୧ ଧନଞ୍ଜୟ ଭଞ୍ଜ :

ଧନଞ୍ଜୟ ଭଞ୍ଜ ରୀତିଯୁଗର ସର୍ବଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜଙ୍କ ପିତାମହ ଏବଂ ତାଙ୍କୁ ରୀତିଯୁଗର ଆଲୋଚନା କାଳରେ ସର୍ବପ୍ରଥମ କବି ଭାବରେ ଗ୍ରହଣ କରାଯାଇପାରେ। ସେ ୧୬୧୧ ଖ୍ରୀଷ୍ଟାବ୍ଦରେ ଭୂମିଷ୍ଠ ହୋଇଥିଲେ ଓ ୧୬୩୬ ଖ୍ରୀଷ୍ଟାବ୍ଦରୁ ୧୭୦୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୬୫ ବର୍ଷ ଘୁମୁସରର ରାଜସିଂହାସନ ଅଳଂକୃତ କରିଥିଲେ। ତାଙ୍କର ଏକାଧିକ ରାଣୀ ଓ ବାରଟି

ସନ୍ତାନ ଥିଲେ। ତାଙ୍କ ଦ୍ୱିତୀୟ ରାଣୀ ମଣ୍ଡାଦେବୀ ପରମ ରୂପବତୀ ଓ ଚତୁରୀ ଥିଲେ। ରାଜା ଧନଞ୍ଜୟ ତାଙ୍କରି ଇଙ୍ଗିତରେ ପରିଚାଳିତ ହେଉଥିଲେ। ଧନଞ୍ଜୟ ବୃଦ୍ଧ ବୟସରେ ବହୁ ବର୍ଷ ଧରି ଶାସନ କରୁଥିବାରୁ ମଣ୍ଡାଦେବୀଙ୍କର ପୁତ୍ର ନୀଳକଣ୍ଠ କ୍ରମେ ବୃଦ୍ଧ ହୋଇପଡୁଥିଲେ ମଧ୍ୟ ରାଜା ହୋଇପାରୁନଥିଲେ। ନିଜର ପୁତ୍ରକୁ ରାଜାରୂପେ ଦେଖିବାର ଲାଳସା ଚରିତାର୍ଥ କରିବା ପାଇଁ ମଣ୍ଡାଦେବୀ ଧନଞ୍ଜୟଙ୍କୁ ଖାଦ୍ୟରେ ବିଷ ପ୍ରୟୋଗ କରି ହତ୍ୟା କରିଥିଲେ।

ସମକାଳୀନ ଓଡ଼ିଶାରେ ଘୁମୁସର ରାଜବଂଶ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରିଥିଲା। ଘୁମୁସର ରାଜଦରବାର ଥିଲା କାବ୍ୟ-ସାହିତ୍ୟ ଚର୍ଚ୍ଚା ଓ ଅନୁଶୀଳନର ଏକ ପ୍ରଧାନ କେନ୍ଦ୍ର। ଘୁମୁସର ଦରବାର ମଣ୍ଡନ କରୁଥିବା ପଣ୍ଡିତମଣ୍ଡଳୀ କେବଳ ରସାଳ କାବ୍ୟ-କବିତା ରଚନା କରୁ ନଥିଲେ, ସେମାନଙ୍କ ପୃଷ୍ଠପୋଷକ ଘୁମୁସର ଭଞ୍ଜବଂଶୀୟ ରାଜାମାନେ ମଧ୍ୟ ରସିକ ଓ ପଣ୍ଡିତ ଥିଲେ ଏବଂ ଛନ୍ଦ, ଅଳଙ୍କାରମିଶ୍ରିତ ଉଚ୍ଚକୋଟୀର କାବ୍ୟମାନ ରଚନା କରୁଥିଲେ। ଏହି ରାଜାମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ଧନଞ୍ଜୟ। ସେ 'ଇଚ୍ଛାବତୀ', 'ଅନଙ୍ଗରେଖା', 'ତ୍ରିପୁରମୋହିନୀ', 'ମଦନ ମଞ୍ଜରୀ' ଓ 'ଶ୍ରୀରାମ ବିଳାସ' ନାମକ ପା ଖଣ୍ଡ ଉତ୍କୃଷ୍ଟ କାବ୍ୟ ରଚନା କରିଥିଲେ। ଏଥିମଧ୍ୟରୁ ପ୍ରଥମ ଚାରିଖଣ୍ଡ କାଳ୍ପନିକ କାବ୍ୟ ଓ ଶେଷଟି ରାମାୟଣର କଥାବସ୍ତୁର ଅବଲମ୍ବନରେ ଲିଖିତ ଏକ ପୌରାଣିକ କାବ୍ୟ। ଏସବୁ ବ୍ୟତୀତ ସେ ଅନେକ ଚଉତିଶା ରଚନା କରିଥିଲେ, ଯାହା ମଧ୍ୟରେ 'କେଳିକଳ୍ପଦ୍ରୁମ' ଚଉତିଶା ଅନ୍ୟତମ। 'ଶାଳୀହୋତ୍ର' ନାମକ ଅଶ୍ୱଶାସ୍ତ୍ରର ଓଡ଼ିଆ ପଦ୍ୟାନୁବାଦ ମଧ୍ୟ ସେ କରିଥିବା ଜଣାଯାଏ।

'ଇଚ୍ଛାବତୀ' କାବ୍ୟଟି ଦଶଟି ଛାନ୍ଦର ସମାହାର। ଏହାର ପ୍ରଥମ ପା ଟି ଛାନ୍ଦ କବିଙ୍କ ନିଜସ୍ୱ ରଚନା। ଶେଷ ପା ଟି ଛାନ୍ଦ ଦୁଇଟି ସଂସ୍କୃତ ରଚନା 'ପ ାଶିକା' ଓ ବିଲ୍‌ହଣଙ୍କ 'ଚୌର ପ ାଶିକା'ସ୍ଥ ଶ୍ଳୋକସମୂହର ଅନୁବାଦ ମାତ୍ର। ଏହାର ସଂକ୍ଷିପ୍ତ ବିଷୟବସ୍ତୁ ହେଉଛି - ଇନ୍ଦ୍ରସଭାର ଶାପଗ୍ରସ୍ତ ଗନ୍ଧର୍ବ କଳାକାନ୍ତ ଓ ଅପ୍‌ସରୀ କଳାବତୀ ମ ର୍ୟରେ ମଧୁକର ଓ ଇଚ୍ଛାବତୀ ନାମରେ ଦୁଇଟି ରାଜପରିବାରରେ ଜନ୍ମଗ୍ରହଣ କରିଛନ୍ତି। ବିଦ୍ୟାଧ୍ୟୟନକାଳରେ ସେମାନଙ୍କ ମଧ୍ୟରେ ପ୍ରଣୟ ଜାତ ହୋଇଛି ଓ ସେମାନେ ପତି-ପତ୍ନୀ ହେବା ପାଇଁ ପ୍ରତିଜ୍ଞା କରିଛନ୍ତି। ଇଚ୍ଛାବତୀ ସ୍ତ୍ରୀତ୍ୱ ପ୍ରାପ୍ତ ହେବା ପରେ ବିଦ୍ୟାଧ୍ୟୟନ ନିମନ୍ତେ ଚାଟଶାଳୀକୁ ଆଉ ଆସିନାହିଁ। ମଧୁକର ବହୁ ଚେଷ୍ଟାକରି ଗୁପ୍ତରେ ତା ସହିତ ଅନ୍ତଃପୁରରେ ପ୍ରେମାଳାପ କରିଛି। ଶେଷରେ ସେ ଧରାପଡିଛି ଓ ଇଚ୍ଛାବତୀର ପିତାଙ୍କଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛି। ନାରଦ ସେଠାରେ ଉପସ୍ଥିତ ହୋଇ ନାୟକ-ନାୟିକାଙ୍କ ପୂର୍ବଜନ୍ମ ବୃ ାନ୍ତ ବର୍ଣ୍ଣନା କରିଛନ୍ତି। ଫଳରେ ମଧୁକର ରକ୍ଷା ପାଇଛି ଓ ଇଚ୍ଛାବତୀ ସହିତା ତା'ର ବିବାହ ଅନୁଷ୍ଠିତ ହୋଇଛି। କାବ୍ୟଟି ଶୃଙ୍ଗାରରସାତ୍ମକ। ଶୃଙ୍ଗାରରସ ପରିବେଷିତ ଶ୍ଳୋକଗୁଡ଼ିକର ମର୍ମାନୁବାଦ କରିବାରେ କବି ଅପୂର୍ବ ସଫଳତା ହାସଲ କରିଛନ୍ତି। ୧୬ଶ ଶତାବ୍ଦୀର ଶେଷ ଭାଗରେ କବି ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ'ର ବିଷୟବସ୍ତୁ ସହିତ ଆଲୋଚ୍ୟ କାବ୍ୟର ବିଷୟବସ୍ତୁ ପ୍ରାୟଶଃ ସମାନ।

'ଅନଙ୍ଗରେଖା' କାବ୍ୟଟି 'ଇଚ୍ଛାବତୀ' ପରେ ରଚିତ। କାରଣ ଏହାର ୧୬ଶ ଛାନ୍ଦଟିକୁ 'ଇଚ୍ଛାବତୀବାଣୀ'ରେ ଆବୃ ି କରାଯିବାର ନିର୍ଦ୍ଦେଶ ରହିଛି। ପଚିଶଟି ଛାନ୍ଦରେ ଏହାର କଳେବର ପୁଷ୍ଟ। ଇନ୍ଦ୍ରଙ୍କ ରାଜସଭାର ଅପ୍‌ସରା ମଦାଳସା ଇନ୍ଦ୍ରଙ୍କ ପୁତ୍ର ପୁଷ୍ପଦନ୍ତ ଗନ୍ଧର୍ବର ରୂପରେ ମୁଗ୍ଧ ହୋଇ ନୃତ୍ୟ ସମୟରେ ଭାରସାମ୍ୟ ରକ୍ଷାକରିପାରି ନାହିଁ। ଫଳରେ ଇନ୍ଦ୍ରଙ୍କ ଅଭିଶାପରୁ ମ ର୍ୟରେ ଜନ୍ମଗ୍ରହଣ କରିଛି କର୍ଣ୍ଣାଟ ଦେଶର ରାଜକନ୍ୟାଶ ଅନଙ୍ଗରେଖା ଭାବରେ। ସମୟକ୍ରମେ ଅନଙ୍ଗରେଖା ଯୌବନରେ ପଦାର୍ପଣ କରିଛି। ଅନଙ୍ଗରେଖାର ପିତା ସ୍ୱୟଂବର ସଭା ଆୟୋଜନ କରିଛନ୍ତି। ଏଣେ ଇନ୍ଦ୍ରପୁତ୍ର ପୁଷ୍ପଦନ୍ତ ନିଜର ପ୍ରେମିକାକୁ ମ ର୍ୟରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ତାକୁ ବିବାହ କରିବାପାଇଁ ଇଚ୍ଛା କରିଛି ଓ ଗୁପ୍ତରେ ତା ନିକଟକୁ ବା ା ପଠାଇଛି; ମାତ୍ର ଅନଙ୍ଗରେଖା କୁସୁମକେତୁ ବ୍ୟତୀତ ଅନ୍ୟ କାହାକୁ ବରଣ କରିବ ନାହିଁ ବୋଲି ନିଜର ସିଦ୍ଧାନ୍ତ ଶୁଣାଇ ଦେଇଛି। ଏହାଦ୍ୱାରା ପୁଷ୍ପଦନ୍ତ କ୍ରୁଦ୍ଧ ହୋଇ ଚାରିମେଘକୁ ନିର୍ଦ୍ଦେଶ ଦେଇଛି ସ୍ୱୟଂବର ସଭାକୁ ଭଣ୍ଡୁର କରିବାପାଇଁ । ପ୍ରବଳ ବର୍ଷା ଓ ବତାସ ହେବାଫଳରେ ନିମନ୍ତ୍ରିତ ରାଜନ୍ୟବର୍ଗ ସ୍ୱୟଂବର ସଭା ତ୍ୟାଗକରି ପଳାୟନ କରିଛନ୍ତି। ପରେ କାଶୀନଗର ରାଜକୁମାର କୁସୁମକେତୁ ସହିତ ଅନଙ୍ଗରେଖାର ବିବାହ ଅନୁଷ୍ଠିତ ହୋଇଛି। ପୁଷ୍ପଦନ୍ତ ଈର୍ଷାନ୍ୱିତ ହୋଇ ମୋହାସ୍ତ୍ର ପ୍ରୟୋଗ କରି କୁସୁମକେତୁକୁ ନେଇଯାଇଛି ସୁଦୂର ରତ୍ନକୂଟ ପର୍ବତକୁ। କୁସୁମକେତୁ ନାରଦଙ୍କ ଦୟାରୁ ନିଜ ରାଜ୍ୟକୁ ଫେରି ଆସିଛି; ମାତ୍ର ଅନଙ୍ଗରେଖାର

ସନ୍ଧାନ ପାଇ ନାହିଁ। ପୁନଶ୍ଚ ନାରଦ ସହାୟତା ଲାଭକରି ସେ ସ୍ୱର୍ଗକୁ ଯାଇ ଇନ୍ଦ୍ର ଅପ୍ସରାମେଳରେ ମଦାଳସାରୂପୀ ଅନଙ୍ଗରେଖାକୁ ଦେଖିଛି। କୁସୁମକେତୁ ବୀଣାବାଦନ କରି ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରିଛି ଓ ଫଳ ସ୍ୱରୂପ ମଦାଳସାକୁ ଲାଭକରିଛି।

ଏହି କାବ୍ୟର ଆରମ୍ଭରେ ଓ ପ୍ରତ୍ୟେକ ଛାନ୍ଦ ଶେଷରେ କବି ନୀଳାଚଳାଧିପତି ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନକରିଛନ୍ତି। ଏ କାବ୍ୟଟି ଶୃଙ୍ଗାରରସପ୍ରଧାନ। ଏଥିରେ ରସବ୍ୟଞ୍ଜନ, ଲଳିତ ଓ କୋମଳ ପଦାବଳୀ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ କରି ଏହାକୁ ଶବ୍ଦାଳଙ୍କାରଦ୍ୱାରା ମଣ୍ଡିତ କରିଛନ୍ତି। ପ୍ରକୃତିବର୍ଣ୍ଣନାରେ କବିଙ୍କ ପାଣ୍ଡିତ୍ୟ ଓ ବର୍ଣ୍ଣନାଚାତୁରୀର ସ୍ପଷ୍ଟ ପରିଚୟ ମିଳେ।

'ଶ୍ରୀରାମ ବିଳାସ' କବିଙ୍କର ଅନ୍ୟ ଏକ ଶ୍ରେଷ୍ଠକୃତି। ମର୍ଯ୍ୟାଦା ପୁରୁଷୋ ମ ରାମଚନ୍ଦ୍ରଙ୍କ ଚରିତ୍ରକୁ ଉପଜୀବ୍ୟ କରି ଏହା ରଚିତ। ପ୍ରକୃତି ବର୍ଣ୍ଣନାରେ କବିଙ୍କ କୃତିତ୍ୱର ସମ୍ୟକ୍ ପରିପ୍ରକାଶ ଘଟିଛି। 'ବୈଦେହୀଶ ବିଳାସ' ରଚନା କରିବା ପାଇଁ ଏହି କାବ୍ୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା। କବିଙ୍କ 'କେଳିକଳ୍ପଦ୍ରୁମ ଚଉତିଶା'ଷର ରାଧାକୃଷ୍ଣଙ୍କ ପ୍ରେମଲୀଳା ବର୍ଣ୍ଣିତ। କବିଙ୍କ ବର୍ଣ୍ଣନାଚାତୁରୀ, କଳ୍ପନାବିଳାସ, ଅଳଙ୍କାରଛଟା ଇତ୍ୟାଦିରେ ମଣ୍ଡିତ ଏହି ରଚନାଟି କାବ୍ୟ ସୌନ୍ଦର୍ଯ୍ୟର ଅଧିକାରୀ। ଧନଞ୍ଜୟ 'ଚଉପଦୀଭୂଷଣ'ର ରଚୟିତା ମଧ୍ୟ। ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଗୀତ ରହିଛି। ଉପେନ୍ଦ୍ରଭଞ୍ଜଙ୍କ 'ଚଉପଦୀଭୂଷଣ' ଧନଞ୍ଜୟଙ୍କ ଅନୁକରଣରେ ରଚିତ ବୋଲି ମନେହୁଏ।

### ୧୭.୪.୨ ଦୀନକୃଷ୍ଣ ଦାସ :

ଦୀନକୃଷ୍ଣ ଦାସ ଆଲୋଚ୍ୟକାଳର ଜଣେ ଶକ୍ତିଶାଳୀ କବି। ସେ ପୁରୁଷୋ ମ ବା ପୁରୀ ନିବାସୀ ଥିଲେ ଓ କରଣକୁଳରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଅନନ୍ତ ଦାସ। ସେ ଗଜପତି ମହାରାଜା ଦ୍ୱିତୀୟ ମୁକୁନ୍ଦଦେବ (୧୬୫୧-୮୬ ଖ୍ରୀଷ୍ଟାବ୍ଦ) ଓ ଦିବ୍ୟସିଂହ ଦେବ (୧୬୮୬-୧୭୧୩ ଖ୍ରୀଷ୍ଟାବ୍ଦ)ଙ୍କ ସମକାଳୀନ ଥିଲେ। ଅଷ୍ଟାଦଶ ଶତାବ୍ଦୀର ଭକ୍ତକବି ରାମଦାସ 'ଦାର୍ଢ୍ୟତାଭକ୍ତି'ରେ ଦୀନକୃଷ୍ଣଙ୍କ ଚରିତ ସ୍ଥାନିତ କରିଛନ୍ତି। ଏଥିରେ ମନେହୁଏ, ଅଷ୍ଟାଦଶ ଶତାବ୍ଦୀବେଳକୁ ଦୀନକୃଷ୍ଣ ଦାସ ଜଣେ ଭକ୍ତ ଓ କବି ହିସାବରେ ସମାଜରେ ସୁପ୍ରତିଷ୍ଠିତ ହୋଇସାରିଥିଲେ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବହୁ କଅଣେ ବା ଦୀନକୃଷ୍ଣ ଦାସ ଦେଖାଯାଆନ୍ତି। କେତେକଙ୍କ ମତରେ ଦୁଇଜଣ ଦୀନକୃଷ୍ଣ କାବ୍ୟ-କବିତା ରଚନା କରୁଥିଲେ, ମାତ୍ର କବିଭାବରେ ଅନ୍ୟୂନ ବାରଜଣ ଦୀନକୃଷ୍ଣ ବା କୃଷ୍ଣଦାସ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପରିଚିତ ଥିବା କଥା ଡକ୍ଟର କୃଷ୍ଣଚରଣ ସାହୁ ମତ ଦିଅନ୍ତି। ('କହେ କୃଷ୍ଣଦାସ କବି', କଟକ, ୧୯୭୬)। ଡକ୍ଟର ଆ ର୍ବଲ୍ଲଭ ମହାନ୍ତି 'ରସବିନୋଦ' କାର ତଥା 'ରସକଲ୍ଲୋଳ'କାର ଦୀନକୃଷ୍ଣଙ୍କୁ ଏକ ବ୍ୟକ୍ତିଭାବରେ ଗ୍ରହଣ କରିଛନ୍ତି; ମାତ୍ର ତାଙ୍କ ପୂର୍ବରୁ ଶ୍ରୀ ତାରିଣୀଚରଣ ରଥ ଓ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଏ କାବ୍ୟଦ୍ୱୟର ରଚୟିତା ଦୁଇଜଣ ଓ ଉଭୟେ ଦୀନକୃଷ୍ଣ ନାମଧାରୀ ବୋଲି ପ୍ରକାଶ କରିଛନ୍ତି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଆ ର୍ବାବୁଙ୍କ ମତର ସମର୍ଥକ। 'ରସବିନୋଦ'ରେ କବି ସୁବର୍ଣ୍ଣରେଖା ନଦୀତଟର ଜଳେଶ୍ୱର ଗ୍ରାମ ନିବାସୀ ଓ ଆଲୋଚ୍ୟ ଦୀନକୃଷ୍ଣ ପୁରୀ ନିବାସୀ ହୋଇଥିବାରୁ ଏ ଉଭୟଙ୍କୁ ଦୁଇ ସ୍ୱତନ୍ତ୍ର କରି ଭାବରେ ଗ୍ରହଣ କରିନେବାରେ ଯେପରି ଯୁକ୍ତି ରହିଛି, ଦୁଇଜଣଙ୍କ ଗ୍ରନ୍ଥ 'ରସକଲ୍ଲୋଳ' ଓ 'ରସବିନୋଦ' ମଧ୍ୟରେ ଥିବା ବିପୁଳ ସାମଞ୍ଜସ୍ୟ ଦୃଷ୍ଟିରୁ ଏ ଦୁହିଁଙ୍କୁ ଏକ ଓ ଅଭିନ୍ନ କହିବା ପଛରେ ମଧ୍ୟ ସେହିପରି ଯୁକ୍ତି ରହିଛି। ଦୀନକୃଷ୍ଣଙ୍କ ସଂପର୍କରେ ଏପର୍ଯ୍ୟନ୍ତ ବାଦ-ପ୍ରତିବାଦର ଅନ୍ତ ନ ଥିବାରୁ ତାଙ୍କ ନାମରେ ମିଳୁଥିବା ଗ୍ରନ୍ଥଗୁଡ଼ିକ ମଧ୍ୟରୁ କେଉଁଟି କେଉଁ ଦୀନକୃଷ୍ଣଙ୍କର ତାହା ନିର୍ଦ୍ଦିଷ୍ଟ କରିବା ସମ୍ଭବ ନୁହେଁ। ଯେ ଯାହାହେଉ, ଆମର ଆଲୋଚ୍ୟ ଦୀନକୃଷ୍ଣ ହେଉଛନ୍ତି 'ରସକଲ୍ଲୋଳ'ର ରଚୟିତା ଏବଂ 'ଜଗମୋହନ ଛାନ୍ଦ' ସମେତ ବହୁ ଚଉତିଶା ତାଙ୍କ ଲେଖନୀରୁ ନିଃସୃତ। ଏହି ଚଉତିଶାଗୁଡ଼ିକ ମଧ୍ୟରେ 'ଆ ର୍ତ୍ରାଣ ଚଉତିଶା'ଟି ଗୋଟିଏ, ଯେଉଁଟିକୁ ସେ ପ୍ରତିଦିନ ଗରୁଡ଼ସ୍ତମ୍ଭ ନିକଟରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଆବୃ ି କରି କୁଷ୍ଠରୋଗରୁ ମୁକ୍ତି ପାଇଥିବାର ଜନଶ୍ରୁତି ରହିଛି।

ଦୀନକୃଷ୍ଣ ଓଡ଼ିଶାର ବୈଷ୍ଣବଧର୍ମୀ ଆନ୍ଦୋଳନର ଇତିହାସରେ ଜଣେ ସମନ୍ୱୟବାଦୀ କବି। ଏକପକ୍ଷରେ ଜଗନ୍ନାଥଙ୍କ ଅବତାରିତ୍ୱ ପ୍ରତିପାଦନ କରି ଉତ୍କଳୀୟ ବୈଷ୍ଣବଧର୍ମାବଲମ୍ବୀଙ୍କ ମନୋରଞ୍ଜନ କରିବା ସଙ୍ଗେ ସଙ୍ଗେ ଅନ୍ୟପକ୍ଷରେ ଗୌଡ଼ୀୟ ମତର ଅନୁରୂପ ଶ୍ରୀକୃଷ୍ଣଙ୍କର ବିଷ୍ଣୁତ୍ୱ ପ୍ରତିପାଦନ କରିବା ଥିଲା ତାଙ୍କର ଚରମ ଲକ୍ଷ୍ୟ।

'ରସକଲ୍ଲୋଳ' ରାଧା-କୃଷ୍ଣ ଓ ଗୋପୀ-କୃଷ୍ଣ ଲୀଳା ଆଧାରିତ। ଗ୍ରନ୍ଥ ଆରମ୍ଭ ହୋଇଛି କମ୍ବୁ କଟକ (ଶଙ୍ଖକ୍ଷେତ୍ର ବା ପୁରୁଷୋ ମ ଧାମ)ର ନାୟକ ଶ୍ରୀଜଗନ୍ନାଥଙ୍କ ବନ୍ଦନାରେ। ତାପରେ ଗ୍ରନ୍ଥର ବିଷୟବସ୍ତୁ ଆଗେଇ ଚାଲିଛି। କଂସାଦି ରାକ୍ଷସମାନଙ୍କ

ପ୍ରକୋପରୁ ପୃଥିବୀକୁ ରକ୍ଷା କରିବାପାଇଁ ଭଗବାନ ବିଷ୍ଣୁ, କୃଷ୍ଣରୂପରେ ଦେବକୀଙ୍କ ଗର୍ଭରେ ଜନ୍ମ ହୋଇଛନ୍ତି। ଘଟଣାକ୍ରମେ ସେ ଗୋପପୁରର ନନ୍ଦ ଯଶୋଦାଙ୍କ ପୁତ୍ରରୂପେ ଲାଳିତପାଳିତ ହୋଇଛନ୍ତି। ଏହି ସମୟରେ କୃଷ୍ଣଙ୍କର ଗୋପୀମାନଙ୍କ ସହିତ ବିବିଧ ବାଲ୍ୟଲୀଳା ଚାଲିଛି। କଂସ କୌଶଳରେ କୃଷ୍ଣଙ୍କୁ ହତ୍ୟାକରିବା ପାଇଁ ଧନୁଉତ୍ସବର ଆୟୋଜନ କରିଛି ଓ ଦୂତ ଅକ୍ରୂରଙ୍କୁ ଗୋପପୁରକୁ ପଠାଇ କୃଷ୍ଣ ଓ ବଳରାମଙ୍କ ମଥୁରା ନେଇଯାଇଛି। ଏହିଠାରୁ ଆରମ୍ଭ ହୋଇଛି ମଥୁରା ଲୀଳା। କଂସ ନିଧନ ପରେ କବି ଦ୍ୱାରକାଲୀଳାର ସୂଚନା ଦେଇଛନ୍ତି। ଗୋପୀ-କୃଷ୍ଣଚରିତ ଗ୍ରନ୍ଥର ମୁଖ୍ୟ ବିଷୟବସ୍ତୁ ହୋଇଥିବାରୁ ଏଥିରେ ମଥୁରାଲୀଳା ଓ ଦ୍ୱାରକାଲୀଳା ସଂକ୍ଷିପ୍ତାକାରରେ ବର୍ଣ୍ଣିତ। ଗୋପୀମାନଙ୍କ ନିକଟକୁ ଶ୍ରୀକୃଷ୍ଣ ଦୂତରୂପେ ପଠାଇଥିବା ଉଦ୍ଧବଙ୍କ ମୁଖରେ କୃଷ୍ଣଙ୍କ ଅବ ର୍ମାନରେ ଗୋପୀମାନେ ଭୋଗ କରୁଥିବା ବିରହ-ବେଦନାର ବର୍ଣ୍ଣନା କରାଯାଇ ଗ୍ରନ୍ଥ ସମାପ୍ତ କରାଯାଇଛି।

ଏହି କାବ୍ୟ 'କ' ଅକ୍ଷର ନିୟମରେ ରଚିତ, ଅର୍ଥାତ୍ ଏହାର ରଚନାରେ 'କ' ଅକ୍ଷରକୁ ପ୍ରତ୍ୟେକ ପଙ୍କ୍ତିର ଆଦ୍ୟରେ ରଖାଯାଇଛି। ଏ ଗ୍ରନ୍ଥଟି ନିର୍ଦ୍ଦିଷ୍ଟ ଭାବରେ ଦିବ୍ୟ ବା ଅଦିବ୍ୟ ଭାଷା ଓ ଶୈଳୀରେ ରଚିତ ନ ହୋଇ ବୃହ ର ସ୍ୱାର୍ଥଦୃଷ୍ଟିରୁ ଏ ଦ୍ୱୟର ସମନ୍ୱୟରେ ଏକ ସମ ଓ ସୁଷମ ଭାଷାରେ ରଚିତ ହୋଇଛି। ଏହାର ଶ୍ରୁତିସୁଖଦ କାନ୍ତ-କୋମଳ ପଦ ସଂଯୋଜନା ପାଇଁ କବି ପ୍ରଶଂସା ଦାବି କରନ୍ତି। 'ରସକଲ୍ଲୋଳ'କାର ସାଙ୍ଗୀତିକତା ଓ ପଦଲାଳିତ୍ୟର ସମ୍ମିଶ୍ରଣରେ ଏକ ଅଭିନବ ଓ ଅପୂର୍ବ କାବ୍ୟଶୈଳୀ ନିର୍ମାଣ କରିଛନ୍ତି; ସେଥିପାଇଁ ବିଦଗ୍ଧ ପାଠକଗୋଷ୍ଠୀ 'କଲ୍ଲୋଳେ ପଦଲାଳିତ୍ୟମ୍' ବୋଲି ମନ୍ତବ୍ୟ ପ୍ରଦାନ କରି 'ରସକଲ୍ଲୋଳ'ର ସ୍ୱାତନ୍ତ୍ର୍ୟ ନିରୂପଣ କରନ୍ତି।

ସୁବର୍ଣ୍ଣରେଖା ନଦୀ ତୀରବ ୀ ଜଳେଶ୍ୱର ଦୀନକୃଷ୍ଣ 'ରସବିନୋଦ' ଗ୍ରନ୍ଥର ରଚୟିତା। ଏହି ଗ୍ରନ୍ଥ ରଚିତ ହେବା ପୂର୍ବରୁ ତାଙ୍କଦ୍ୱାର ରଚିତ ଗ୍ରନ୍ଥଗୁଡ଼ିକର ନାମୋଲ୍ଲେଖ ରହିଛି ଏହି ଗ୍ରନ୍ଥର ଅବତରଣିକାରେ। ସେଗୁଡ଼ିକ ହେଉଛି 'ଗୁଣସାଗର', 'ରସସମୁଦ୍ର', 'ସଂସାରବୋଧନ', 'ଅମୃତସାଗର', 'ମୁକ୍ତିସାଗର', 'କଳିଯୁଗଶାସ୍ତ୍ର', 'ପ୍ରସ୍ତାବସାଗର', 'ଜଗମୋହନ ଛାନ୍ଦ', 'ଜାମ୍ବବତୀବିଭା', 'ବୃନ୍ଦାବନରାସ', 'କଂସବିଭା', 'ଜ୍ଞାନସାଗର', 'ଧର୍ମସାଗର', 'ନାମରତ୍ନଗୀତା', 'ରସବିନୋଦ', 'ନାରକାସୁର ବଧ', 'ରୁକ୍ମଣବଧ', 'ବାଣାସୁର ଯୁଦ୍ଧ', 'ଜ୍ଞାନଚୂଡ଼ାମଣି', 'ସ୍ତ୍ରୀପୁରୁଷ ଲକ୍ଷଣ', 'ଭକ୍ତିସାଗର', ଶ୍ରୀୟା, ସତ୍ୟବତୀ ପ୍ରଭୃତିଙ୍କ ବିଭା ଓ କେତେକ ଚଉତିଶା। (ଜଗମୋହନ ଛାନ୍ଦ, ଡକ୍ଟର ଆ ର୍ବଲ୍ଲଭ ମହାନ୍ତିଙ୍କ ମୁଖବନ୍ଧ, ପୃ. ତିନିଅଣା)।

### ୧୭.୪.୩ ଲୋକନାଥ ବିଦ୍ୟାଧର :

ଲୋକନାଥ ବିଦ୍ୟାଧର ରୀତିଯୁଗର ଜଣେ ପ୍ରତିଭାଶାଳୀ କବି। ସେ ବାଣପୁର ନିକଟବ ୀ ସ୍ଥାନର ଅଧିବାସୀ ଥିଲେ। ସେ ଗଜପତି ଦିବ୍ୟସିଂହଦେବ (୧୬୬୮-୧୭୨୦ ଖ୍ରୀଷ୍ଟାବ୍ଦ)ଙ୍କ ପାତ୍ର ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ପୁତ୍ର ବୋଲି ସ୍ୱରଚିତ 'ନୀଳାଦ୍ରିମହୋତ୍ସବ' ଗ୍ରନ୍ଥରେ ପ୍ରକାଶ କରିଛନ୍ତି। 'ଚିତ୍ରକଳା', 'ସର୍ବାଙ୍ଗ ସୁନ୍ଦରୀ', 'ପଦ୍ମାବତୀ ପରିଣୟ', 'ରସକଳା', 'ବୃନ୍ଦାବନ ବିହାର', 'ନୀଳାଦ୍ରି ମହୋତ୍ସବ', 'ଚିତ୍ରୋତ୍ପଳା' ଓ 'ପରିମଳା' ଗ୍ରନ୍ଥଗୁଡ଼ିକ ତାଙ୍କ ଦ୍ୱାରା ରଚିତ। ଏଥିମଧ୍ୟରୁ ପ୍ରଥମ ଦୁଇଖଣ୍ଡ ଓ 'ନୀଳାଦ୍ରି ମହୋତ୍ସବ' ପ୍ରକାଶିତ, ଅନ୍ୟଗୁଡ଼ିକ ଅପ୍ରକାଶିତ ଓ ଶେଷୋକ୍ତ ଦୁଇଟିର ପାଣ୍ଡୁଲିପି ଏପର୍ଯ୍ୟନ୍ତ ଦୃଷ୍ଟିକୁ ଆସିନାହିଁ। ତାଙ୍କ ନାମରେ 'ଗୋପାଲୀଳା ସପ୍ତରାଗ ଚଉତିଶା' ଓ 'ବା-ଚଉତିଶା' ନାମରେ ଦୁଇଟି ଚଉତିଶା ମିଳେ।

'ଚିତ୍ରକଳା' କାବ୍ୟଟି ପନ୍ଦର ଅଧ୍ୟାୟବିଶିଷ୍ଟ। ଏହାର ମଙ୍ଗଳାଚରଣରେ କବି ଭଗବାନ ଶ୍ରୀକୃଷ୍ଣଙ୍କ ବନ୍ଦନା ଗାନ କରିଛନ୍ତି। ଏହା ଏକ ପ୍ରେମକାବ୍ୟ। କାବ୍ୟର ନାୟକ କୃଷ୍ଣବେଣୀର ରାଜା ସୁଦର୍ଶନ ଓ ନାୟିକା ଅଶୋକବତୀର ରାଜକନ୍ୟା ଚିତ୍ରକଳା। ସ୍ୱୟଂବର ସଭାରେ ଚିତ୍ରକଳା ସୁଦର୍ଶନଙ୍କୁ ବରଣ କରେ। ତାପରେ ସେମାନେ ଆନନ୍ଦରେ କାଳାତିପାତ କରନ୍ତି। ଏଥିରେ ନାୟକ-ନାୟିକାଙ୍କ କେଳି, ବିରହ ଓ ମିଳନ ଇତ୍ୟାଦି ଅତି ଜୀବନ୍ତ ଭାବରେ ବର୍ଣ୍ଣିତ। ପ୍ରାକୃତିକ ବର୍ଣ୍ଣନା କବିଙ୍କ କବିତ୍ୱର ଯଥାର୍ଥ ପରିଚାୟକ। କାବ୍ୟଟି ଆଦିରସର ଉତ୍କଟ ବର୍ଣ୍ଣନାରେ ଭାରାକ୍ରାନ୍ତ। କାବ୍ୟର ଶେଷରେ କବି ପ୍ରଭୁ ରାମଚନ୍ଦ୍ରଙ୍କୁ ବନ୍ଦନା କରିଛନ୍ତି ଯଦୁନନ୍ଦନ ଶ୍ରୀକୃଷ୍ଣ ରୂପରେ। ଏଥିରେ ତେଣୁ ରାମ-କୃଷ୍ଣଙ୍କର ଏକୀଭୂତ ରୂପ ପ୍ରକାଶ ଘଟିଥିବା ଲକ୍ଷ୍ୟ କରାଯାଏ।

'ସର୍ବାଙ୍ଗ ସୁନ୍ଦରୀ' କାବ୍ୟରେ ନାୟକ ଅବନୀତିଳକ ଓ ନାୟିକା ସର୍ବାଙ୍ଗ ସୁନ୍ଦରୀଙ୍କ ପ୍ରଣୟ ଚିତ୍ର ସ୍ଥାନ ପାଇଛି। ଅନ୍ୟାନ୍ୟ ରୀତିକାବ୍ୟ ଭଳି ଏଥିରେ ପ୍ରକୃତିବର୍ଣ୍ଣନା, ନାୟିକାର ରୂପବର୍ଣ୍ଣନା, ସ୍ୱପ୍ନବର୍ଣ୍ଣନା, ମିଳନ-ବିରହ ବର୍ଣ୍ଣନା ଇତ୍ୟାଦି ରହିଛି। ଏଥିରେ ଉଭୟ ହରି ଓ ହରଙ୍କ ଅଭେଦତ୍ୱ ପରିକଳ୍ପିତ ହୋଇଛି କବିଙ୍କଦ୍ୱାରା ତାଙ୍କ ଦ୍ୱ୍ୟର୍ଥବୋଧକ ବନ୍ଦନାରେ। ଏଥିରୁ ତାଙ୍କ ଅସାଧାରଣ

ଶାବ୍ଦିକତା ଓ ପାଣ୍ଡିତ୍ୟର ପରିଚୟ ମିଳେ। ଏହି କାବ୍ୟଟି ବାଣପୁର ରାଜା ଜଗନ୍ନାଥ ହରିଚନ୍ଦନଙ୍କ ପୃଷ୍ଠପୋଷକତାରେ କବି ରଚନା କରିଥିଲେ ପ୍ରାୟ ୧୬୯୨-୯୩ ଖ୍ରୀଷ୍ଟାବ୍ଦରେ। ଏହା ୧୬୯୯-୧୭୦୦ ଖ୍ରୀଷ୍ଟାବ୍ଦରେ କବିଙ୍କ ପୁରୀ ଅବସ୍ଥାନ କାଳରେ ରଚିତ ହୋଇଥିଲା। ଏଥିରେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ସୁନ୍ଦର ବର୍ଣ୍ଣନା ରହିଛି ଛବିଶଟି ଦୀର୍ଘ ଛନ୍ଦରେ। ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା ଏ କାବ୍ୟର ଏକ ପ୍ରଧାନ  ଆକର୍ଷଣ। ଏହି ଯାତ୍ରାର ନାୟକ ପ୍ରଭୁ ଜଗନ୍ନାଥ ଓ ନାୟିକା ହେଉଛନ୍ତି ଏହି ଯାତ୍ରାରୁ ବ଼୍‌ଚିତା ମହାଲକ୍ଷ୍ମୀ। ଜଗନ୍ନାଥଙ୍କ ବିବିଧ ମହୋତ୍ସବର ବର୍ଣ୍ଣନା ଏହାର ମୁଖ୍ୟ ବିଷୟ ହୋଇଥିବାରୁ ଏଥିରେ ଭକ୍ତିରସର ପ୍ରାଧାନ୍ୟ ପ୍ରକଟିତ ହେବା ଏକାନ୍ତ ସ୍ୱାଭାବିକ, ମାତ୍ର କେତେକ ସ୍ଥଳରେ କବି ଆଦିରସ ପରିବେଷଣ କରିବାକୁ ଭୁଲି ନାହାନ୍ତି। ଯମକ, ଉପମା, ଅନୁପ୍ରାସ, ଶ୍ଳେଷ ଇତ୍ୟାଦିର ବହୁଳ ପ୍ରୟୋଗ ଏଥିରେ ଉପଲବ୍ଧ ହୁଏ। କବିଙ୍କ ରଚିତ 'ବା-ଚଉତିଶା'ଟି ପ୍ରାଚୀ ସମିତି ପ୍ରକାଶ କରିଥିବା 'ଚଉତିଶା ମଧୁଚକ୍ର' ୪ର୍ଥ ଖଣ୍ଡ (୧୯୩୧)ରେ ସଙ୍କଳିତ ହୋଇଅଛି। ଏଥିରେ କବି ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ନିଜର ବ୍ୟାକୁଳ ନିବେଦନ ଜଣାଇଛନ୍ତି।

### ୧୭.୪.୪ ଉପେନ୍ଦ୍ର ଭଞ୍ଜ :

ରୀତିଯୁଗର ସର୍ବଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜ ଘୁମୁସରର ପ୍ରସିଦ୍ଧ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ସେ ଘୁମୁସରର ପ୍ରସିଦ୍ଧ ରାଜକବି ଧନଞ୍ଜୟ ଭଞ୍ଜଙ୍କ ପୌତ୍ର। ତାଙ୍କ ପିତା ନୀଳକଣ୍ଠ ଭଞ୍ଜ ଘୁମୁସରର ରାଜା ହୋଇଥିଲେ ୧୭୦୧ ଖ୍ରୀଷ୍ଟାବ୍ଦରେ ଓ ଘୁମୁସର ସିଂହାସନରୁ ବିତାଡ଼ିତ ହୋଇଥିଲେ ୧୭୦୪ ଖ୍ରୀଷ୍ଟାବ୍ଦରେ ତାଙ୍କ କକାପୁଅ ଭାଇ ଘନ ଭଞ୍ଜଙ୍କ ଦ୍ୱାରା। ନୀଳକଣ୍ଠ ଭଞ୍ଜ ପୁତ୍ର ଉପେନ୍ଦ୍ରଙ୍କ ସହିତ ନୟାଗଡ଼ର ତତ୍‌କାଳୀନ ରାଜା ପୁରୁଷୋ ମ ସିଂହ ମାନଧାତାଙ୍କ ଆଶ୍ରୟ ଗ୍ରହଣ କଲେ। ଶୁଣିବାକୁ ମିଳେ ଯେ, ଉପେନ୍ଦ୍ର ଭଞ୍ଜ ବୁଗୁଡ଼ାର ସିଦ୍ଧଗୁମ୍ଫାରେ କିଛିଦିନ ସାହିତ୍ୟ ସାଧନା କରିଥିଲେ ଓ ପରେ ପ୍ରସିଦ୍ଧ ବିଷ୍ଣୁକ୍ଷେତ୍ର ଓଡ଼ଗାଁର ରଘୁନାଥଙ୍କ ପୀଠରେ 'ରାମତାରକ' ମନ୍ତ୍ର ଜପକରି ଅପୂର୍ବ କବିତ୍ୱ ଲାଭ କରିଥବଲେ। ନୟାଗଡ଼ର ରାଜା ତାଙ୍କ କବିତ୍ୱରେ ମୁଗ୍ଧ ହୋଇ ତାଙ୍କୁ 'ବୀରବର' ଉପାଧିରେ ଭୂଷିତ କରିଥିଲେ ଓ ନିଜ କନ୍ୟା ସହିତ ବିବାହ ଦେଇଥିଲେ। ସେ ନୟାଗଡ଼ର ମାଳିସାହି ମୃତ୍ୟୁଞ୍ଜୟପୁର ଶାସନରେ ତାଙ୍କ ପାଇଁ ବସବାସ କରିବାର ସମସ୍ତ ବ୍ୟବସ୍ଥା ମଧ କରିଥିଲେ। କିଛିଦିନ ପରେ ଉପେନ୍ଦ୍ରଙ୍କ ପିତୃ-ବିୟୋଗ ଘଟିଲା ଓ ପରେ ପରେ ସେ ନିଜ ପତ୍ନୀଙ୍କୁ ମଧ ହରାଇଥିଲେ। ଦାରୁଣ ଦୁଃଖରେ ଅଭିଭୂତ ଉପେନ୍ଦ୍ର ଶେଷରେ ଫେରିଥିଲେ ସ୍ୱରାଜ୍ୟ ଘୁମୁସରକୁ। ନିଜ ପରିବାରବର୍ଗଙ୍କ ପରାମର୍ଶକ୍ରମେ ସେ ବାଣପୁରର ରାଜା ଅଚ୍ୟୁତ ହରିଚନ୍ଦନ ରାୟଙ୍କ ଜ୍ୟେଷ୍ଠାକନ୍ୟାଙ୍କ ପାଣିଗ୍ରହଣ କରିଥିଲେ। ତାଙ୍କର ଏହି ଦ୍ୱିତୀୟା ପତ୍ନୀଙ୍କର ମଧ ଅକାଳ ବିୟୋଗ ହୋଇଥିବା ଶୁଣାଯାଏ। ଜୀବନର ଶେଷ ସମୟରେ ସେ ପୁରୀରେ ଅବସ୍ଥାନ କରିଥିବା ଅନୁମାନ କରାଯାଏ।

ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମକାଳ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ପ୍ରମାଣର ଅଭାବ ରହିଛି। ସ୍ୱକୃତ 'ରସଲେଖା'ରେ ସେ ଏହି ଗ୍ରନ୍ଥ ଦିବ୍ୟସିଂହ ଦେବଙ୍କ ସପ୍ତବିଂଶତି ଅଙ୍କରେ ସମାପ୍ତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଅଙ୍କ ଗଣନା ଅନୁସାରେ ଏହା ୧୭୧୪ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଥିଲା। ଏହା କବିଙ୍କ ପ୍ରୌଢ଼ ବୟସର ରଚନା। ଏହାପରେ ସେ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ରଚନା କରିଥିଲେ ଓ ଏହା ସମାପ୍ତ ହେବାପୂର୍ବରୁ ପ୍ରାଣତ୍ୟାଗ କରିଥିଲେ। ଏହି ଗ୍ରନ୍ଥର ପ୍ରଥମ ଛାନ୍ଦରେ ଶ୍ରୀକ୍ଷେତ୍ରରେ ବିସ୍ତୃତ ବର୍ଣ୍ଣନା ଥିବାରୁ ଏହା କବିଙ୍କ ଶ୍ରୀକ୍ଷେତ୍ର ଅବସ୍ଥାନ କାଳରେ ରଚିତ ହୋଇଥିବା ମନେହୁଏ। ସେ ପୁରୀର ଗଜପତି ମହାରାଜା ଦିବ୍ୟସିଂହଦେବଙ୍କଠାରୁ ମଧ ସମ୍ମାନ ଲାଭ କରିଥିଲେ। ତେଣୁ ଅନୁମିତ ହୁଏ ଯେ, ସେ ୧୭୨୦ ଖ୍ରୀଷ୍ଟାବ୍ଦରେ ଇହଧାମ ତ୍ୟାଗ କରିଥିଲେ। ଜନଶ୍ରୁତି ଅନୁସାରେ ସେ ମାତ୍ର ୫୦ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କର ଜନ୍ମକାଳ ତେଣୁ ୧୬୭୦ ଖ୍ରୀଷ୍ଟାବ୍ଦ।

ଉପେନ୍ଦ୍ର ରାଜପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ବାଲ୍ୟକାଳରେ ସେ ଉପଯୁକ୍ତ ଶିକ୍ଷା ପାଇଥିଲେ। ତାଙ୍କଦ୍ୱାରା ରଚିତ ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ସେ ନାଟକ, କାବ୍ୟ, ପୁରାଣ, ଅଳଙ୍କାର, ଜ୍ୟୋତିଷ, କାମଶାସ୍ତ୍ର, ଧନୁର୍ବେଦ, ଅଭିଧାନ, ତନ୍ତ୍ର, ଦର୍ଶନ ଇତ୍ୟାଦି ସଂସ୍କୃତ ଗ୍ରନ୍ଥମାନ ଆୟ  କରିଥିଲେ। ସେ ୨୬ଗୋଟିଏ ଗ୍ରନ୍ଥର ରଚୟିତା ବୋଲି ସ୍ୱରଚିତ 'ଚିତ୍ରକାବ୍ୟ ବନ୍ଧୋଦୟ' କାବ୍ୟପରେ ସେ ଆଉ କେତୋଟି ରଚନାକୁ ଜନ୍ମ ଦେଇଥିଲେ। ତେଣୁ ତାଙ୍କର ସମସ୍ତ ରଚନା ଯେ ଲୋକଲୋଚନକୁ ଆସିଛି, ଏହା କୁହାଯାଇ ନ ପାରେ। ଅଦ୍ୟାବଧି ଲୋକଲୋଚନକୁ ଆସିଥିବା ତାଙ୍କ ରଚନାବଳୀକୁ ନିମ୍ନମତେ ପା ଟି ଭାଗରେ ତାଲିକାଭୁକ୍ତ କରାଯାଇପାରେ।

(କ) ପୌରାଣିକ କାବ୍ୟ - ଅବନାରସ ତରଙ୍ଗ, କଳାକଉତୁକ, କୁଞ୍ଜବିହାର, ବୈଦେହୀଶ ବିଳାସ, ବ୍ରଜଲୀଳା, ରାମଲୀଳାମୃତ, ରାହାସଲୀଳା ଓ ସୁଭଦ୍ରା ପରିଣୟ।

(ଖ) କାଳ୍ପନିକ କାବ୍ୟ - କଳାବତୀ, କାମକଳା, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଚନ୍ଦ୍ରକଳା, ଚନ୍ଦ୍ରରେଖା, ଚିତ୍ରଲେଖା, ତ୍ରୈଲୋକ୍ୟମୋହିନୀ, ପ୍ରେମଲତା, ପ୍ରେମସୁଧାନିଧି, ଭାବବତୀ, ମନୋରମା, ମୁକ୍ତାବତୀ, ରସଲେଖା, ରସମଞ୍ଜରୀ, ରସିକ ହାରାବଳୀ, ଲାବଣ୍ୟବତୀ, ଶୋଭାବତୀ, ସୁବର୍ଣ୍ଣରେଖା ଓ ହେମମଞ୍ଜରୀ।

(ଗ) ଆଳଙ୍କାରିକ କାବ୍ୟ - ଚିତ୍ରକାବ୍ୟ ବନ୍ଧୋଦୟ, ଛାନ୍ଦଭୂଷଣ, ରସପ କ ଓ ରସ ମଞ୍ଜରୀ।

(ଘ) ଗୀତିକା - ଚଉତିଶାଚନ୍ଦ୍ର ଇତ୍ୟାଦି ବହୁ ଚଉତିଶା, ଚଉପଦୀଭୂଷଣ, ଗାହା, ଦୋହା, ଛ ପୋଇ, ଷୋଳ ପୋଇ ଇତ୍ୟାଦି।

(ଙ) ବିବିଧ ରଚନା - ଗୀତାଭିଧାନ, ଛତିଶ ରାସ, ନାରଦ ପୁରାଣ, ପୁରୁଷୋ ମ ମାହାତ୍ମ୍ୟ, ବିଚିତ୍ର ତରଙ୍ଗିଣୀ, ଷଡ଼ଋତୁ ଇତ୍ୟାଦି।

ବ ର୍ମାନ ଉପେନ୍ଦ୍ରଭଞ୍ଜଙ୍କ କେତୋଟି ବିଶିଷ୍ଟ ରଚନା ଉପରେ ସାମାନ୍ୟ ଆଲୋକପାତ କରାଯାଇପାରେ।

ବୈଦେହୀଶ ବିଳାସ - ଏହି ଗ୍ରନ୍ଥଟି ରାମଚରିତକୁ କେନ୍ଦ୍ରକରି ରଚିତ। ପ୍ରଥମ ଛାନ୍ଦର ପ୍ରଥମ ଦୁଇପଦରେ ମଙ୍ଗଳାଚରଣ କରାଯାଇଛି। ଏହି ମଙ୍ଗଳାଚରଣ କବିଙ୍କ ପାଣ୍ଡିତ୍ୟର ଯଥାର୍ଥ ପରିପ୍ରକାଶ। ଏହାକୁ ଅର୍ଥ କଲେ ବିଷ୍ଣୁଙ୍କୁ ବୁଝାଇବ, ଶିବଙ୍କୁ ବୁଝାଇବ, ଦୁର୍ଗାଙ୍କୁ ବୁଝାଇବ, ଜଗନ୍ନାଥଙ୍କୁ ବୁଝାଇବ, ରାମଚନ୍ଦ୍ରଙ୍କୁ ବୁଝାଇବ ଏବଂ ସୂର୍ଯ୍ୟବଂଶୀ ରାମଚନ୍ଦ୍ରଙ୍କ ଚରିତ ଏଥିରେ ରୂପାୟିତ ହୋଇଥିବାରୁ ସୂର୍ଯ୍ୟଦେବତାଙ୍କୁ ମଧ୍ୟ ବୁଝାଇବ। ଅର୍ଥ କରିବାପାଇଁ କେବେଳ ଗଭୀର ବିଦ୍ୟାବ। ଆବଶ୍ୟକ। ସମଗ୍ର ରାମାୟଣର ବିଷୟବସ୍ତୁ ଏଥିରେ ରୂପାୟିତ ହୋଇଛି। କବି ଏହି କାବ୍ୟଟି ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ' କାବ୍ୟଦ୍ୱାରା ପ୍ରଭାବିତ ହୋଇ ରଚନା କରିଥିବାର ଜନଶ୍ରୁତି ରହିଛି। କବି କାବ୍ୟରେ ବିଭିନ୍ନ ଦେବଦେବୀଙ୍କ ବନ୍ଦନା ଗାନକରି ନିଜକୁ ଗଭୀର ଅଧ୍ୟାତ୍ମବାଦୀ ହିସାବରେ କେବଳ ପରିଚିତ କରାଇ ନାହାନ୍ତି, ବିବିଧ ପ୍ରସଙ୍ଗର ବର୍ଣ୍ଣନାରେ ବିରୋଜା, ଋଷିକୁଲ୍ୟା, ପ୍ରାଚୀ, ମହୋଦଧି, ପୁରୁଷୋ ମକ୍ଷେତ୍ର ଇତ୍ୟାଦିର ଉଲ୍ଲେଖକରି ସ୍ୱଦେଶପ୍ରୀତିର ପରିଚୟ ମଧ୍ୟ ଦେଇଛନ୍ତି। 'ବ' ଅକ୍ଷର ନିୟମାନୁସାରେ ରଚିତ ଏହି କାବ୍ୟଟି ବାଉନ ଛାନ୍ଦବିଶିଷ୍ଟ। ଏହା ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ବିଶାଳ ବାରିଧିସଦୃଶ। ଏଥିରେ ଆଦ୍ୟଯମକ, ଆଦ୍ୟ-ମଧ୍ୟଯମକ, ମଧ୍ୟ-ପ୍ରାନ୍ତଯମକ, ଆଦ୍ୟ-ପ୍ରାନ୍ତଯମକ, ମାଳଯମକ, ଶୃଙ୍ଖଳାଯମକ, ସିଂହାବଲୋକନ, ବ୍ୟାଘ୍ରଗତିଛନ୍ଦ, ସଭଙ୍ଗ-ଅଭଙ୍ଗ ଶ୍ଳେଷ, ଅନୁପ୍ରାସ, ଅନ୍ତର୍ଲିପି, ବହିର୍ଲିପ ଇତ୍ୟାଦିର ବହୁଳ ଉଦାହରଣ ଦେଖିବାକୁ ମିଳେ। ଏହି ବିସ୍ମୟକର ସୃଷ୍ଟିରେ ଉପେନ୍ଦ୍ରଭଞ୍ଜଙ୍କର ସମସ୍ତ ଶ୍ରମ ବ୍ୟୟିତ ହୋଇଥିବା ମନେହୁଏ। ତେଣୁ କେବଳ ଏହି କାବ୍ୟଟି ଉପେନ୍ଦ୍ରଭଞ୍ଜଙ୍କୁ 'କବିସମ୍ରାଟ' ଉପାଧିରେ ଭୂଷିତ କରିବାପାଇଁ ଯଥେଷ୍ଟ।

**ଲାବଣ୍ୟବତୀ** - ବୈଦେହୀ ବିଳାସ ଭଳି ଏହା କବିଙ୍କର ଏକ ଜନପ୍ରିୟ କାବ୍ୟ। ମହାକାବ୍ୟର ରୀତି ଅନୁସରଣରେ କବି କାବ୍ୟାରମ୍ଭରେ ମର୍ଯ୍ୟାଦା ପୁରୁଷୋ ମ ଶ୍ରୀରାମଚନ୍ଦ୍ରଙ୍କୁ ନମସ୍କାର କରିବା ସଙ୍ଗେ ସଙ୍ଗେ ଖଳନିନ୍ଦା ଓ ସାଧୁପ୍ରଶଂସା କରିଛନ୍ତି। ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ପ୍ରଣୟ କାହାଣୀକୁ ନେଇ ଏହି କାଳ୍ପନିକ କାବ୍ୟଟି ଗଢ଼ିଉଠିଛି। ପାର୍ବତୀଙ୍କ ମାନସକନ୍ୟା ବାଞ୍ଛାବତୀ ନିୟମ ଲଙ୍ଘନକରି ମ ର୍ତ୍ୟରେ ସିଂହଳ ଦେଶରେ ରାଜକନ୍ୟା ଲାବଣ୍ୟବତୀ ରୂପେ ଜନ୍ମଗ୍ରହଣ କରିଛି। ତା'ର ପ୍ରଣୟପ୍ରାର୍ଥୀ ପ୍ରଭାକର ନାମକ କ୍ଷତ୍ରିୟ ଯୁବକ ଗଙ୍ଗାସାଗରରେ ନିଜକୁ ଝାସ ଦେଇ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ରୂପେ ଜନ୍ମ ଗ୍ରହଣ କରିଛି। ସେ ଦୁହେଁ ଆଲୋଚ୍ୟ କାବ୍ୟର ନାୟିକା-ନାୟକ। ଲାବଣ୍ୟବତୀ ଯୌବନରେ ପାଦ ଦେଲାପରେ ତା' ପାଇଁ ଉପଯୁକ୍ତ ବରର ସନ୍ଧାନ କରିବା ନିମନ୍ତେ ତା'ର ପିତା ତା'ର ଚିତ୍ରପଟ ସହିତ ଜଣେ ସନ୍ନ୍ୟାସୀକୁ ବିଭିନ୍ନ ଦେଶକୁ ପଠାଇଛନ୍ତି। କର୍ଣ୍ଣାଟକ ରାଜପୁତ୍ର ଚନ୍ଦ୍ରଭାନୁ ଚିତ୍ରପଟଟି ଦେଖି ଲାବଣ୍ୟବତୀକୁ ପାଇବାକୁ ଆଗ୍ରହ ପ୍ରକାଶ କରିଛି। ସନ୍ନ୍ୟାସୀଙ୍କ ସହାୟତାରେ ଲାବଣ୍ୟବତୀ ସହିତ ତା'ର ପୁତ୍ର ବିନିମୟ ସମ୍ଭବ ହୋଇଛି। ରାମେଶ୍ୱର ମନ୍ଦିରରେ ସିଂହଳର ରାଜା ସପରିବାର ଉପସ୍ଥିତ ଥିବା ସମୟରେ ଚନ୍ଦ୍ରଭାନୁ ନାରୀ ବେଶରେ ଲାବଣ୍ୟବତୀ ସହିତ ସାକ୍ଷାତ କରିଛି। ପିତାମାତା କୁମାର-କୁମାରୀଙ୍କ ମଧ୍ୟରେ ଅନୁରାଗ ଓ ପ୍ରୀତି ଥିବାର ଜାଣି ସେ ଦୁହିଁଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଛନ୍ତି। ପରବ ର୍ୀ କେତୋଯି ଛାନ୍ଦରେ ନବଦମ୍ପ ିଙ୍କ ସମ୍ଭୋଗମୁଖୀ ବିଳାସର ବର୍ଣ୍ଣନା ପ୍ରଦ । ଦେବଗଣଙ୍କ ଅଭିଶାପ ଫଳରେ ଏ ଦୁଇଜଣଙ୍କ ମଧ୍ୟରେ ପ୍ରାୟ ଏକ ବର୍ଷକାଳ ବିଚ୍ଛେଦ ଦେଖାଦେଇଛି। ଶେଷରେ ଏମାନଙ୍କ

ମଧ୍ୟରେ ମିଳନ ସଂଘଟିତ ହୋଇଛି। କର୍ଣ୍ଣାଟର ରାଜା ଚନ୍ଦ୍ରଭାନୁ ହସ୍ତରେ ରାଜ୍ୟର ଶାସନଭାର ଅର୍ପଣକରି ପୁରୁଷୋ ମ କ୍ଷେତ୍ର ଯାତ୍ରା କରିଛନ୍ତି।

କାବ୍ୟଟିରେ ୪୮ଟି ଗୋଟି ଛାନ୍ଦ ରହିଛି। ଏହା ୨୩୬୧ ପଦବିଶିଷ୍ଟ ବୋଲି କବି ନିଜେ ବ୍ୟକ୍ତ କରିଛନ୍ତି। ନାୟକ ନାୟିକାଙ୍କ ବିଚ୍ଛେଦ କାଳରେ ପ୍ରଦ ଋତୁ ବର୍ଣ୍ଣନା କବିଙ୍କ ପାଣ୍ଡିତ୍ୟ, କବିତ୍ୱ ତଥା ବର୍ଣ୍ଣନାଚାତୁରୀର ଶ୍ରେଷ୍ଠ ନିଦର୍ଶନ। ଏହାର ଶବ୍ଦଯୋଜନାର ଚମତ୍‌କାରିତା, ଅନୁପ୍ରାସମୟ ପଦାବଳୀର ମନୋହାରିତା ଓ ପ୍ରାଣସ୍ପର୍ଶୀ ଭାବବ୍ୟଞ୍ଜନାର ସ୍ୱାଭାବିକ ଆକର୍ଷଣ ରସଗ୍ରାହୀ ପାଠକକୁ ମନ୍ତ୍ରମୁଗ୍ଧ କରେ।

**କୋଟିବ୍ରହ୍ମାଣ୍ଡ ସୁନ୍ଦରୀ** - କବିଙ୍କର ଏହା ଅନ୍ୟ ଏକ କାଳ୍ପିକ କାବ୍ୟ। ପରମ୍ପରା ରକ୍ଷାକରି ସେ ଏହାର ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବନ୍ଦନା ଗାନ କରିଛନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ମଧ୍ୟ ଏଥିରେ କୀ ିତ। ଚମ୍ପାନଗରୀର ରାଜା ବିଶ୍ୱାନନ୍ଦଙ୍କ କୁମାରୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀସହିତ ପାଟଳୀପୁତ୍ରର ରାଜା ଦୀପ୍ତିସାରଙ୍କ ପୁତ୍ର ପୁଷ୍ପକେତୁର ପ୍ରଣୟଲୀଳା ଏଥବରେ ରୂପାୟିତ। ଦୈବଯୋଗେ ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସିଛନ୍ତି। ଦେବମାୟାବଳରେ ସେମାନଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ପରସ୍ପରକୁ ସ୍ମରଣ କରି ଦୁହେଁ କାମଜ୍ୱାଳାରେ ପୀଡ଼ିତ ହୋଇଛନ୍ତି। ଶେଷରେ ନିଜ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ପୁଷ୍ପକେତୁ ନିଜ ପ୍ରଣୟିନୀକୁ ଲାଭ କରିଛି।

ଏହି କାବ୍ୟଟି ପ ତିରିଶ ଛାନ୍ଦ ବିଶିଷ୍ଟ। ପ୍ରାୟ ପ୍ରତ୍ୟେକ ଛାନ୍ଦ ଭିନ୍ନ ଭିନ୍ନ ରାଗରେ ରଚିତ। ବିଷୟବସ୍ତୁରେ ପରିବେଷିତ ରସର ପରିପ୍ରକାଶ ନିମି  କେତୋଟି ଛାନ୍ଦ କେତେକ ନିର୍ଦ୍ଦିଷ୍ଟ ରାଗରେ ରଚିତ। କବିଙ୍କ ବର୍ଣ୍ଣନାଚାତୁରୀ ଅତୀବ ମନୋହର। ପ୍ରକୃତିବର୍ଣ୍ଣନା, ନାୟକ-ନାୟିକାଙ୍କ ରୂପବର୍ଣ୍ଣନା ଇତ୍ୟାଦି କବିଙ୍କ ଲେଖନୀରେ ଅତି ଜୀବନ୍ତ ପରିପ୍ରକାଶ ଲାଭକରିଛି। ଏହାର ପ୍ରତ୍ୟେକ ପଦ ରସପୂର୍ଣ୍ଣ। ବିଭିନ୍ନ  ଅଳଙ୍କାର ପ୍ରୟୋଗରେ କାବ୍ୟସୁନ୍ଦରୀ ଅପରୂପ ସୌନ୍ଦର୍ଯ୍ୟ ଧାରଣ କରେ। ଗୋଟିଏ ଛାନ୍ଦରେ ଏକାବେଳକେ ବର୍ଷ, ଶୀତ ଓ ଗ୍ରୀଷ୍ମଋତୁର ବର୍ଣ୍ଣନା ରହିଛି। ତେର ଅକ୍ଷରବିଶିଷ୍ଟ ଚାରିଗୋଟି ଧାଡ଼ି ପଢ଼ିଗଲେ ଗୋଟିଏ ଋତୁର ବର୍ଣ୍ଣନା, ପ୍ରତ୍ୟେକ ଧାଡ଼ିରୁ ଗୋଟିଏ କରି ଅକ୍ଷର ବାଦ ଦେଇ ପଢ଼ିଗଲେ ଅନ୍ୟ ଗୋଟିଏ ଋତୁର ବର୍ଣ୍ଣନା, ପୁନଶ୍ଚ ପ୍ରତ୍ୟେକ ଧାଡ଼ିର ପ୍ରଥମ ଦୁଇଟି ଅକ୍ଷରକୁ ବାଦ୍ ଦେଇ ପଢ଼ିଗଲେ ଅନ୍ୟ ଏକ ଋତୁର ବର୍ଣ୍ଣନା ହେବ। ରଚନାଶୈଳୀର ଏହି କୌଶଳ ପାଇଁ ସେ ଅବଶ୍ୟ ସଂସ୍କୃତ ସାହିତ୍ୟ ନିକଟରେ ଋଣୀ। ଏହି କାବ୍ୟରେ ସେ 'ଘେନ ନୈଷକ୍ଷ ପରାୟେ' (ଅର୍ଥାତ୍ ତାଙ୍କର ଏହି ବାକ୍ୟ ସଂସ୍କୃତ କାବ୍ୟ ସାହିତ୍ୟର ମହାମହିମ ନୈଷଧ କାବ୍ୟର ସମକକ୍ଷ) ବୋଲି ଯାହା କହିଛନ୍ତି, ତାହା ଏକାନ୍ତ ଯଥାର୍ଥ।

**ପ୍ରେମସୁଧାନିଧି** - ଏହି ଗ୍ରନ୍ଥଟି ରାମଭକ୍ତ କବି ଆରମ୍ଭ କରିଛନ୍ତି ରାମଚନ୍ଦ୍ରଙ୍କ ସ୍ତୁତିରେ। ସମଗ୍ର ପ୍ରଥମ ଛାନ୍ଦଟି ଆଦ୍ୟଯମକରେ ଲିଖିତ। ଏହାର କେରଳ-ସମ୍ଭୂତା ନାୟିକା ପ୍ରେମସୁଧାନିଧି ଲାଗି ଉପଯୁକ୍ତ ପାତ୍ର ହେଲେ କୋଶଳ ଯୁବରାଜ। ସେମାନଙ୍କର ବିବାହ ପରେ ନବବିବାହିତ ରାଜପୁତ୍ରର ବିଦେଶ ଗମନ ଓ ବିଭିନ୍ନ ଋତୁ ପର୍ଯ୍ୟାୟର ଉଭୟଙ୍କର ବୀରହୋଦ୍ଦୀପନା ଓ ପରିଶେଷରେ ପୁନର୍ମିଳନ ଅତି ଚି ାକର୍ଷକ ଭାବରେ ଏଥିରେ ବର୍ଣ୍ଣିତ। ବିବାହ, ମିଳନ, ବିରହାଦିର ଚିତ୍ର ପ୍ରଦାନ ନିମନ୍ତେ କବି ନିଜର ଅନ୍ୟାନ୍ୟ କଳ୍ପନାପ୍ରସୂତ କାବ୍ୟଭଳି ଗତାନୁଗତିକତା ଅନୁସରଣ କରିଥିଲେ ହେଁ ଏଥିରେ କେତେକ ସ୍ୱାତନ୍ତ୍ୟ ରହିଛି। କାବ୍ୟର ନାୟକ-ନାୟିକାଙ୍କ ପୂର୍ବଜନ୍ମ ବୃ ାନ୍ତ ଏଥିରେ ପ୍ରଦ  ହୋଇନାହିଁ। ସେମାନଙ୍କ ପିତାମାତାଙ୍କ ପରିଚୟ ପ୍ରଦାନ ଓ ସେମାନଙ୍କ ବାଲ୍ୟଲୀଳା ବର୍ଣ୍ଣନାରେ କବି ସମୟ ନଷ୍ଟ କରି ନାହାନ୍ତି। ନଗର, ଉପବନ, ସରୋବର, ସନ୍ଧ୍ୟା, ପ୍ରଭାତ, ଋତୁବର୍ଣ୍ଣନାର ବିସ୍ତୃତ ବର୍ଣ୍ଣନାକୁ ମଧ୍ୟ ପ୍ରଶ୍ରୟ ଦିଆଯାଇନାହିଁ। ପାତ୍ରପାତ୍ରୀଙ୍କ ସଂଖ୍ୟା ଯେପରି ସ୍ୱଳ୍ପ, କାବ୍ୟର କଥାବସ୍ତୁ ମଧ୍ୟ ସେହିପରି ସଂକ୍ଷିପ୍ତ। ବିରହାନୁଚିନ୍ତା କାବ୍ୟରେ ବିଶେଷ ସ୍ଥାନ ଅଧିକାର କରିଛି। କାବ୍ୟର ନାୟକ ନାମହୀନ, ସମଗ୍ର କାବ୍ୟରେ 'ପ୍ରେମସୁଧାନିଧି' ନାମଟି ଦୃଷ୍ଟିଗୋଚର ହୁଏ।

କାବ୍ୟଟି ଷୋଳ ଛାନ୍ଦବିଶିଷ୍ଟ। ଏହାର ଆକାର ତୁଳନାରେ ଅଳଙ୍କାର ଭାର ଅଧିକ। ଅର୍ଥଗୌରବ, ପଦଲାଳିତ୍ୟ ଓ ସଙ୍ଗୀତଧର୍ମିତା ଏହି କାବ୍ୟଟିକୁ ଭଞ୍ଜଙ୍କ କୃତିମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ କରାଏ।

**ରସଲେଖା** - ଏହି କାବ୍ୟଟି କବିଙ୍କର ଅନ୍ୟତମ ସଫଳ କୃତି। କାବ୍ୟର ପ୍ରଥମ ଛାନ୍ଦରେ କବି ବିଷ୍ଣୁ (ନାରାୟଣ) ଓ ଶିବ (ସ୍ୱୟଂ ମଙ୍ଗଳ)ଙ୍କ ପଦାରବିନ୍ଦରେ ଭକ୍ତି ଅର୍ଘ୍ୟ ନିବେଦନ କରିଛନ୍ତି। ତା'ପରେ ପରିବେଷଣ କରିଛନ୍ତି କଥାବସ୍ତୁ।

ନୈମିଷ୍ୟାରଣ୍ୟରେ ବାସ କରୁଥିବା ଋଷି କପିସାଞ୍ଜଙ୍କର ସାତଶହ ଶିଷ୍ୟ ଏକଦା ତୀର୍ଥାଟନରେ ବାହାରି ଚୋଳଦେଶର ମଳୟଗିରି ନିକଟବର୍ତ୍ତୀ ରସୋଦୟ ବନରେ ପ୍ରବେଶ କରିବା ମାତ୍ରେ କାମପ୍ରପୀଡ଼ିତ ହୋଇଛନ୍ତି ଓ କାମପୀଡ଼ାରୁ ରକ୍ଷା ପାଇବା ପାଇଁ ନିକଟବର୍ତ୍ତୀ ଜନପଦମାନଙ୍କରେ ଗୃହସ୍ଥ ଜୀବନଯାପନ କରିଛନ୍ତି। ଏହିପରି ବାରବର୍ଷ ବିତିଯାଇଛି। ଋଷି କପିସାଞ୍ଜ ଶିଷ୍ୟମାନଙ୍କୁ ଖୋଜିବାକୁ ଯାଇ ନିଜେ ମଧ୍ୟ ରସୋଦୟ ବନରେ ଅନୁରୂପ ଦଶା ଭୋଗ କରିଛନ୍ତି। ସେ ଚୋଳଦେଶକୁ ଯାଇ ସେହି ରାଜ୍ୟର ରାଜକନ୍ୟା ଲୀଳାବତୀଙ୍କ ପାଣିଗ୍ରହଣ କରିଛନ୍ତି। ଲୀଳାବତୀଙ୍କ ଗର୍ଭରୁ ଜନ୍ମ ନେଇଛି ରସଲେଖା କନ୍ୟା। ଯୌବନରେ ପଦାର୍ପଣ କରିବା ପରେ ତା'ର ବିବାହ ପାଇଁ ବରପାତ୍ର ଖୋଜା ଚାଲିଛି। ସୁଧାନିଧି ନଗରର ରାଜପୁତ୍ର ବିଶ୍ୱଭୂତି ସହିତ ଦିନେ ହଠାତ୍ ଫୁଲ ତୋଳିବାବେଳେ ରସଲେଖାର ସାକ୍ଷାତ ହୋଇଛି। କେତେକ ଅସୁବିଧା ଦୂର ହେବା ପରେ ଦୁହିଙ୍କ ମଧ୍ୟରେ ବିବାହ ସମ୍ପାଦିତ ହୋଇଛି। ତାପରେ ରାକ୍ଷସଗଣ ବିଶ୍ୱଭୂତିକୁ ଲୁଚାଇ ଆଣି ତା ନିଜ ରାଜ୍ୟରେ ଛାଡ଼ି ଦେଇଛନ୍ତି। ପ୍ରିୟ ପ୍ରିୟାକୁ ଓ ପ୍ରିୟା ପ୍ରିୟକୁ ଖୋଜି ଆତୁର ହୋଇଛନ୍ତି। ଶେଷରେ ସେମାନଙ୍କ ମଧ୍ୟରେ ପତ୍ରର ଆଦାନ ପ୍ରଦାନ ହୋଇଛି। ରସଲେଖା ଶ୍ୱଶୁର ଗୃହକୁ ଆସିଛି। ବିଚ୍ଛେଦ ପରେ କାନ୍ତ-କାନ୍ତାଙ୍କ ମଧ୍ୟରେ ମିଳନ ଘଟିଛି।

ଏହି କାବ୍ୟଟି କ୍ଷୁଦ୍ର କ୍ଷୁଦ୍ର ବାଇଶଟି ଛାନ୍ଦର ସମଷ୍ଟିରେ ସୃଷ୍ଟ। ଏହି କାବ୍ୟରେ କବିଙ୍କ ବର୍ଣ୍ଣନା ବୈଚିତ୍ର୍ୟର ଅବସାନ ନାହିଁ। ପ୍ରଣୟ-ପ୍ରଣୟିନୀଙ୍କ ବିରହାକୁଳ ଚିତ୍ର ଅଙ୍କନରେ ଅପୂର୍ବ ସ୍ୱାତନ୍ତ୍ର୍ୟ ଓ ବୈଚିତ୍ର୍ୟ ପରିଲକ୍ଷିତ ହୁଏ। ଶୃଙ୍ଗାରରସ ଏହାର ମୁଖ୍ୟରସ ଏବଂ ସମ୍ଭୋଗ ଓ ବିପ୍ରଲମ୍ଭ ଉଭୟର ସମନ୍ୱୟରେ କାବ୍ୟଟି ଏକାନ୍ତ ଚି ।କର୍ଷକ ହୋଇଛି। ଋତୁବର୍ଣ୍ଣନାରେ ମଧ୍ୟ କବି ଅସାଧାରଣ ପାଣ୍ଡିତ୍ୟ ପ୍ରଦର୍ଶନ କରିଛନ୍ତି।

**ସୁଭଦ୍ରା ପରିଣୟ** କବିଙ୍କର ଏକ ପୌରାଣିକ କାବ୍ୟ। ଶ୍ରୀକ୍ଷେତ୍ରର ବର୍ଣ୍ଣନା, ପୁରୁଷୋ ମ ଜଗନ୍ନାଥଙ୍କ ମହିମା କୀର୍ତ୍ତିତ ହେବା ପରେ ଦ୍ୱାରକାପୁରର ବର୍ଣ୍ଣନା ଓ ସୁଭଦ୍ରାଙ୍କ ଜନ୍ମବିବରଣୀ ନାନାବିଧ ରଚନାଶୈଳୀରେ ପ୍ରଦ । 'ବୈଦେହୀଶ ବିଳାସ' 'ବ' ଅକ୍ଷର ନିୟମରେ ରଚିତ ହେଲାଭଳି ଏହାର ପ୍ରତିପାଦ ଆରମ୍ଭ ହୋଇଛି 'ସ'ରେ। ଅବଶ୍ୟ 'ସ' ସ୍ଥାନରେ 'ଶ' ଓ 'ଷ' ମଧ୍ୟ ବ୍ୟବହୃତ। ଏହାର ପଦସଂଯୋଜନା, ରସବିନ୍ୟାସ, ଭାବଗର୍ଭକତା, ଆଳଙ୍କାରିକତା ଓ ବର୍ଣ୍ଣନାବିଳାସ ବାସ୍ତବିକ ଅତୁଳନୀୟ।

**କଳାକଉତୁକ** 'କ' ଅକ୍ଷର ନିୟମରେ ରଚିତ। ମାତ୍ର ଏହାର ପ୍ରତି ପାଦର ପ୍ରଥମ ଅକ୍ଷର କେବଳ 'କ' ନୁହେଁ, ଶେଷ ଅକ୍ଷରଟି ମଧ୍ୟ 'କ'। ଏହା ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ'ର ପ୍ରତିସ୍ପର୍ଦ୍ଧାରେ ରଚିତ ବୋଲି ଶୁଣିବାକୁ ମିଳେ। କାବ୍ୟର ପରିସମାପ୍ତି ହୋଇଛି ମାତ୍ର ଦଶଟି ଛାନ୍ଦରେ ଓ ପ୍ରତି ଛାନ୍ଦ ରଚିତ ହୋଇଛି ଭିନ୍ନ ଭିନ୍ନ ରାଗରେ। କୃଷ୍ଣଙ୍କର ବ୍ରଜଲୀଳା ଓ ଗୋପଲୀଳା ଏହାର ପ୍ରଧାନ ଉପଜୀବ୍ୟ ବିଷୟବସ୍ତୁ। ଏହାର କଥାବସ୍ତୁ କୃଷ୍ଣ ଓ ଚନ୍ଦ୍ରାବଳୀଙ୍କ ମଧ୍ୟରେ ହୋଇଥିବା କେଳି ଓ କୌତୁକ ଉପରେ ଆଧାରିତ ହୋଇଥିବାରୁ ଏହାର ଏପରି ନାମକରଣ ହୋଇଛି। ଅଳଙ୍କାର ବିନ୍ୟାସର ମନୋହାରିତା, ପଦାବଳୀର ସରସ ସଂଯୋଜନା ଓ ବର୍ଣ୍ଣନାବଳୀର ଚମତ୍କାରିତା କାବ୍ୟଟିକୁ ମର୍ଯ୍ୟାଦାବନ୍ତ କରିଛି।

**ଅବନାରସତରଙ୍ଗ** କାବ୍ୟଟିରେ କୌଣସି ଅକ୍ଷର ବନାନଯୁକ୍ତ ହୋଇ ନାହିଁ। ବିଭିନ୍ନ ରାଗରେ ରଚିତ ଓ ଦ୍ୱାଦଶ ଛାନ୍ଦରେ ସମାପ୍ତ ଏହି କାବ୍ୟଟିର ବିଶେଷତ୍ୱ ହେଉଛି, ଏଥିରେ ଅବନା ଅକ୍ଷରକ୍ରମ କୁତ୍ରାପି ଭଙ୍ଗ ହୋଇନାହିଁ। ଏହାର ବିଶେଷତ୍ୱ ଅବଧାରଣ କରିବା ପାଇଁ ଏଥିରୁ କେତୋଟି ପଙ୍କ୍ତି ଉଦାହୃତ ହୋଇପାରେ - ''ଜୟ ଜୟ ଭକତ ବତ୍ସଳ ଜଗତ ଈଶ୍ୱର / ଦଶରଥନନ୍ଦନ ବନ୍ଦନ ଜନଙ୍କର / ବରଧନ ଅନନ୍ତ ଯଶ ଏ ଜଗତର / ବରଧକ ଅଦନ୍ତ ସହଜ ଭକତର।'' ସମୃଦ୍ଧ ସଂସ୍କୃତ ସାହିତ୍ୟ ଓ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ ଏହିପରି ରଚନା ନିଶ୍ଚିତ ଭାବରେ ବିରଳ। କବି କିପରି ପ୍ରତିଭାବନ୍ତ ଥିଲେ, ତାହା ଏହି ରଚନା ପ୍ରଦର୍ଶନ କରେ।

**ଛାନ୍ଦଭୂଷଣ** ଚଉତିରିଶ ଛାନ୍ଦଯୁକ୍ତ ଏକ ସରସ କାବ୍ୟ। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷରକୁ କ୍ରମାନ୍ୱୟରେ ଆଦ୍ୟରେ ରଖି ଗୋଟିଏ ଗୋଟିଏ ଛାନ୍ଦ ରଚିତ। ଏଥିରେ କୃଷ୍ଣଲୀଳା ବିବୃତ। କୃଷ୍ଣଙ୍କ ବାଲ୍ୟ, ପୌଗଣ୍ଡ ଓ ପ୍ରାଥମିକ ଯୌବନର ବର୍ଣ୍ଣନା ଦେବା ସଙ୍ଗେ ସଙ୍ଗେ କବି ଗୋପାଙ୍ଗନାମାନଙ୍କ ଶୁଦ୍ଧ ଓ ଅନାବିଳ ପ୍ରେମାନୁରାଗର ପରାକାଷ୍ଠା ଏଥିରେ ପ୍ରଦର୍ଶନ କରିଛନ୍ତି। ଏହି କାବ୍ୟରେ କବି ନିଜ ବଂଶପରିଚୟ ପ୍ରଦାନ କରିଛନ୍ତି।

ଗୀତାଭିଧାନ ନାମକ ଏହି ଗ୍ରନ୍ଥଟି ଏକ ଅଭିଧାନ। ଉପେନ୍ଦ୍ରଙ୍କ ପୂର୍ବରୁ ଏପରି ଓଡ଼ିଆ ଗ୍ରନ୍ଥ ନ ଥିଲା। ପଣ୍ଡିତମାନେ ସଂସ୍କୃତରେ ରଚିତ 'ଅମରକୋଷ', 'ତ୍ରିକାଣ୍ଡ', 'ମେଦିନୀ' ଓ 'ବିଶ୍ୱକୋଷ' ପ୍ରଭୃତି ଅଭିଧାନ ଗ୍ରନ୍ଥଗୁଡ଼ିକର ସାହାଯ୍ୟ ନେଉଥିଲେ। ସେ ଏହି ଅଭିଧାନ ଗ୍ରନ୍ଥଟି ଓଡ଼ିଆରେ ରଚନା କରି ନିଜ ମାତୃଭାଷା ଓଡ଼ିଆର ମହ ୍ୱ ପ୍ରଦର୍ଶନ କରିଛନ୍ତି।

ଘୁମୁସରର ଭଞ୍ଜବଂଶୀୟ ରାଜାମାନଙ୍କ ମଧ୍ୟରେ ଧନଞ୍ଜୟ ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ କବି ଥିଲେ। ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରେ ସମୃଦ୍ଧ ଘୁମୁସର ଦରବାର ଭଞ୍ଜବଂଶରେ ବହୁ କବି ସୃଷ୍ଟି କରିଥିଲା। ଧନଞ୍ଜୟଙ୍କ ପୂର୍ବରୁ ବଳଭଦ୍ର ଭଞ୍ଜ 'ଭାବବତୀ' ନାମକ ଏକ କାବ୍ୟ ରଚନା କରିଥିଲେ। ଧନଞ୍ଜୟଙ୍କ ପୁତ୍ର ବିକ୍ରମ ବା ତ୍ରିବିକ୍ରମ ଭଞ୍ଜ 'କନକଲତା' ନାମକ ଖଣ୍ଡିଏ କାବ୍ୟ ରଚନା କରିଥିବା ଜଣାଯାଏ। ଉପେନ୍ଦ୍ର ଭଞ୍ଜଙ୍କ ପିତା ଓ ତ୍ରିବିକ୍ରମ ଭଞ୍ଜଙ୍କ ଭାଇ ନୀଳକଣ୍ଠ ଭଞ୍ଜ ନାନା ରାଗ-ରାଗିଣୀଯୁକ୍ତ କେତେକ ଚଉତିଶା ଓ ଚଉପଦୀ ରଚନା କରିଥିଲେ। ସେଗୁଡ଼ିକ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରରେ ମଣ୍ଡିତ ହୋଇ ରୀତିଯୁଗର ପରମ୍ପରା ବଜାୟ ରଖିପାରିଛନ୍ତି। ନୀଳକଣ୍ଠଙ୍କୁ ରାଜ୍ୟଚ୍ୟୁତ କରି ରାଜା ହୋଇଥିବା ଉପେନ୍ଦ୍ରଙ୍କ ପିତୃବ୍ୟ ଘନ ଭଞ୍ଜ 'ତ୍ରୈଲୋକ୍ୟ ମୋହିନୀ' ଓ 'ରସନିଧି' ନାମକ ଦୁଇଖଣ୍ଡି କାଳ୍ପନିକ କାବ୍ୟର ସ୍ରଷ୍ଟା। ଏ ଦ୍ୱୟରେ ଆଳଙ୍କାରିକ ଚାତୁରୀ ଓ ଶବ୍ଦାଡ଼ମ୍ବରର ପ୍ରାଚୁର୍ଯ୍ୟ ସହିତ ଶୃଙ୍ଗାର ରସର ବ୍ୟାପକ ଚର୍ଚ୍ଚା ରହିଛି। ଏହି ରାଜବଂଶର ସାରସ୍ୱତ ଭି ିକୁ ନୀଳକଣ୍ଠ ଭଞ୍ଜଙ୍କ ପୁତ୍ର ବୀରବର ଉପେନ୍ଦ୍ର ଭଞ୍ଜ କିପରି ସମୃଦ୍ଧ ଓ ସୁଦୃଢ଼ କରିପାରିଥିଲେ, ତାହା ଏହା ପୂର୍ବରୁ ଆଲୋଚିତ ହୋଇସାରିଛି।

## ୧୭.୪.୫ ବିଶ୍ୱନାଥ ଖୁ ିଆ :

ବିଶ୍ୱନାଥ ଖୁ ିଆ ଥିଲେ ଉପେନ୍ଦ୍ର, ଦୀନକୃଷ୍ଣ ଓ ଲୋକନାଥଙ୍କ ସମସାମୟିକ। ସେ ଶ୍ରୀକ୍ଷେତ୍ର ପୁରୀ ନିବାସୀ ଓ ଜଗନ୍ନାଥ ମହାପ୍ରଭୁଙ୍କ ସେବକ ଥିଲେ ଏବଂ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମୟରେ 'ବିଚିତ୍ର ରାମାୟଣ' ନାମକ ଏକ ବିଚିତ୍ର କାବ୍ୟ ରଚନା କରିଥିଲେ। ବିଭିନ୍ନ ରାଗ-ରାଗିଣୀଯୁକ୍ତ ଏହି କାବ୍ୟଟିର କ୍ରମରକ୍ଷା କରାଯାଇ ରାମଚରିତ ପରିବେଷିତ ହୋଇଛି। ବ ର୍ମାନ ବଜାରରେ ଉପଲବ୍ଧ ଏହି କାବ୍ୟରେ ୨୮୯ଟି ଛାନ୍ଦ ରହିଅଛି; ଏଥିରୁ ମାତ୍ର ୨୩୭ ଟି ଆଲୋଚ୍ୟ କବିଙ୍କଦ୍ୱାରା ରଚିତ ଓ ଅନ୍ୟ ୫୨ଟି ପ୍ରକ୍ଷିପ୍ତ। ଏହାର ଭାଷା ସହଜ ଓ ସରଳ। ଏହାର ଛତ୍ରେ ଛତ୍ରେ କୋମଳ କବିତ୍ୱର ବିଳାସ ଦୃଷ୍ଟିଗୋଚର ହୁଏ। ମଧୁର ଆଳଙ୍କାରିକ କାବ୍ୟଶୈଳୀ ଏହାର ଅନ୍ୟତମ ବିଶେଷତ୍ୱ। ଏହାର କର୍ଣ୍ଣପ୍ରୀତିପଦ ଛନ୍ଦମାଧୁରୀ ଏହାକୁ ଜନପ୍ରିୟତାର ଶିଖରକୁ ଉନ୍ନୀତ କରିଛି। 'ବିଚିତ୍ର ରାମାୟଣ' ନାମକ ଏକ କ୍ଷୁଦ୍ରରଚନା ଏହାଙ୍କ ନାମରେ ମିଳେ।

## ୧୭.୪.୬ ଭୂପତି ପଣ୍ଡିତ :

ଭୂପତି ପଣ୍ଡିତ ମଧ୍ୟ ରାଜା ଦିବ୍ୟସିଂହ ଦେବଙ୍କ ସମକାଳୀନ। ସେ ଥିଲେ ଜାତିରେ ପଶ୍ଚିମା ସାରସ୍ୱତ ବ୍ରାହ୍ମଣ। ସେ ତୀର୍ଥାଟନରେ ଓଡ଼ିଶା ଆସିଥିବା ସମୟରେ ଗଜପତି ରାଜା ଦିବ୍ୟସିଂହ ଦେବ ତାଙ୍କ କବିତ୍ୱର ପରିଚୟ ପାଇଥିଲେ ଓ ତାଙ୍କୁ ରଥିପୁର କଟକରେ ସମ୍ପ ିବାଡ଼ି ଦାନକରି ରଖାଇଥିଲେ। ପୁରୀ ଜିଲ୍ଲାର ଜଟଣୀ ନିକଟରେ ରଥିପୁର କଟକ ବା ଗଡ଼ ଅବସ୍ଥିତ। ଏହା ମୁସଲମାନ ଓ ମରହଟ୍ଟା ଶାସନକାଳରେ ଖୋର୍ଦ୍ଧା ରାଜାମାନଙ୍କର ରାଜଧାନୀ ଥିଲା। ସେ ପୁରୀର ତତ୍କାଳୀନ ଜନୈକ ମହନ୍ତ ଚୈତନ୍ୟ ଦାସଙ୍କଦ୍ୱାରା ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି ସ୍ୱଗ୍ରନ୍ଥ 'ପ୍ରେମପ ାମୃତ' ରେ । ଏହା ବୈଷ୍ଣବମାନଙ୍କର ଏକ ଅତି ଆଦରଣୀୟ ଗ୍ରନ୍ଥ। ଓଡ଼ିଶାରେ ରହିବାପରେ ଓଡ଼ିଆ ଭାଷା ଶିକ୍ଷାକରି ସେ ଏହା ରଚନା କରିଥିଲେ। ଦଶଟି ଅଧ୍ୟାୟରେ ସମାପ୍ତ ଏଇ ଗ୍ରନ୍ଥଟି ଦିବ୍ୟସିଂହ ଦେବଙ୍କ ୮ମ ଅଙ୍କ ଅର୍ଥାତ୍ ୧୬୯୫-୯୬ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଥିଲା ବୋଲି ଜଣାଯାଏ କବିଙ୍କ ନିଜ ଉକ୍ତିରୁ। ଏଥିରେ କବି ବ୍ରଜାଙ୍ଗନାମାନଙ୍କୁ ଗୋପକନ୍ୟା, ଦେବକନ୍ୟା, ଦେବକନ୍ୟା ଓ ମୁନିକନ୍ୟା ଭେଦରେ ଚାରିଭାଗରେ ବିଭକ୍ତ କରିଛନ୍ତି ଓ କୃଷ୍ଣଚନ୍ଦ୍ରଙ୍କ ଅନ୍ୱେଷଣରେ ସେମାନେ ଯଥାକ୍ରମେ ପୂର୍ବ, ଦକ୍ଷିଣ, ଉ ର ଓ ପଶ୍ଚିମ ଦିଗକୁ ଗମନ କରିଥିବା ବର୍ଣ୍ଣନା କରିଛନ୍ତି – ଏହାହିଁ କାବ୍ୟର ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ। କେବଳ 'ଭାଗବତ ବାଣୀ' ରେ ସେ ଗ୍ରନ୍ଥଟିକୁ ରଚନା କରିନାହାନ୍ତି, ଏଥିରେ ଭାଗବତର ଅନେକ ପଦ ଅବିକଳ ଭାବରେ ବ୍ୟବହାର କରିଛନ୍ତି। ଭଞ୍ଜଯୁଗର ପ୍ରଭାବରେ ଏଥିରେ ନାନା ଅଳଙ୍କାର ବ୍ୟବହୃତ ହୋଇଥିଲେହେଁ, ଏହା କ୍ଲିଷ୍ଟ ହୋଇନାହିଁ। କୋମଳ ଶବ୍ଦାବଳୀର ପ୍ରୟୋଗରେ ଏହା ଯେପରି ସହଜ ବୋଧଗମ୍ୟ ସେହିପରି ଶ୍ରୁତିମଧୁର। ତାଙ୍କଦ୍ୱାରା 'ଉଦ୍ଧବ ଚଉତିଶା' ଓ 'ଭୂପତି ଚଉତିଶା' ନାମରେ ଦୁଇଗୋଟି ଚଉତିଶା ମଧ୍ୟ ରଚିତ।

## ୧୭.୪.୭ ଦ୍ୱାରକା ଦାସ :

ଭକ୍ତକବି ଦ୍ୱାରକା ଦାସ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜୀବିତ ଥିଲେ। ତାଙ୍କର ବାସସ୍ଥାନ ଥିଲା କାଠଯୋଡ଼ୀ ନଦୀକୂଳସ୍ଥ ଧୂଳିସର ଗ୍ରାମ ଓ ସେ ଜାତିରେ ଥିଲେ ଶୂଦ୍ର। ସେ ଏକ ସିଦ୍ଧ ବୈଷ୍ଣବ ବଂଶରେ ଜନ୍ମଗ୍ରହଣ କରିଥିଲେ। ପୁରୁଷାନୁକ୍ରମେ ଦୀକ୍ଷା ପ୍ରଦାନ କରିବାର ପ୍ରଥା ଏହି ବଂଶରେ ପ୍ରଚଳିତ ଥିଲା। ତାଙ୍କ ଦ୍ୱାରା ପ୍ରଣୀତ ବହୁ ଗ୍ରନ୍ଥ ମଧ୍ୟରେ 'ପରଚେ ଗୀତା', 'ଶିବପୁରାଣ', 'ପରଚେ ଚୂଡ଼ାମଣି', 'ଗୁପ୍ତଗୀତା', 'ଗୋବିନ୍ଦ ଗୀତା', 'ଜ୍ଞାନସାଗର ଗୀତା', 'ଭାଗବତ' (ତ୍ରୟୋଦଶ ସ୍କନ୍ଧ), 'ମହାଭାରତ', 'ରାମାୟଣ', 'ବ୍ରହ୍ମମୁଦ୍‌ଗର', 'ମନଷା ମଙ୍ଗଳ', 'ଗୀତାତ ୍ୱ', 'ଛ ପୋଇ', 'ନ ପୋଇ', 'ତେର ପୋଇ', 'ଭକ୍ତି ରସାମୃତ', 'ସଂସ୍କାରବୋଧ ଚଉତିଶା', 'ଗୁଣ୍ଡିଚାକେଳି', 'ପ୍ରେମରସ ଚନ୍ଦ୍ରିକା' ଇତ୍ୟାଦି ପ୍ରଧାନ। ଏସବୁ ଗ୍ରନ୍ଥ ବ୍ୟତୀତ ତାଙ୍କ ଲେଖନୀ ଭଜନ, ଜଣାଣ, ଚଉପଦୀ ଓ ଚଉତିଶା ଆଦି ବହୁ କ୍ଷୁଦ୍ର ରଚନାର ସ୍ରଷ୍ଟା ମଧ୍ୟ। ତାଙ୍କ ରଚନାବଳୀରେ ସୃଷ୍ଟିତ ୍ୱ, ଶୂନ୍ୟବାଦ, ଷଟ୍‌ଚକ୍ର, ଗୋଲାହାଟ, ଅଷ୍ଟାଙ୍ଗଯୋଗ ଇତ୍ୟାଦି ବିବୃତ ହୋଇଥିବାରୁ ତାଙ୍କୁ ଜଣେ ପରମ ବୈଷ୍ଣବ ସାଧକ ଭାବରେ ଗ୍ରହଣ କରାଯାଇପାରେ।

## ୧୭.୪.୮ ପୁରୁଷୋ ମ ଦାସ :

'କା ୍ କାବେରୀ' କାବ୍ୟର ରଚୟିତା ପୁରୁଷୋ ମ ଦାସ ସପ୍ତଦଶ ଶତାବ୍ଦୀର କବି। ତାଙ୍କ ପିତାଙ୍କ ନାମ ଭାଗୀରଥି ଓ ପିତାମହଙ୍କ ନାମ ବରୁଣ ଦାସ। ସେ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ତାଙ୍କ 'କା ୍କାବେରୀ' କାବ୍ୟଟି ରଚିତ ହୋଇଛି ସୂର୍ଯ୍ୟବଂଶୀ ରାଜା ପୁରୁଷୋ ମ ଦେବଙ୍କ କା ୍ ଅଭିଯାନ ଅବଲମ୍ବନରେ। ଗଜପତି ପୁରୁଷୋ ମ ଦେବଙ୍କ କା ୍ ଅଭିଯାନ ଏକ ଐତିହାସିକ ଘଟଣା। ଏହା ସହିତ ମାଣିକ ଗଉଡୁଣୀ ଉପାଖ୍ୟାନକୁ ଯୋଗକରି ସେ ଏହି କାବ୍ୟଟି ରଚନା କରିଥିବାରୁ ଏଥିରେ ଐତିହାସିକତା ଓ କାଳ୍ପନିକତାର ଅପୂର୍ବ ସମନ୍ୱୟ ଘଟିଛି। ଏହି ମିଶ୍ରିତ କଥାବସ୍ତୁ ପାଇ କବି 'ମାଦଳାପାଞ୍ଜି' ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ। ଏହାକୁ ଆଲୋଚକମାନେ ପ୍ରଥମ ଐତିହାସିକ କାବ୍ୟ ଭାବରେ ଗ୍ରହଣ କରନ୍ତି। ଚତୁର୍ଦ୍ଦଶାକ୍ଷରୀ ବୃ ରେ ରଚିତ ଏହି କାବ୍ୟଟିରେ କ୍ଷୁଦ୍ର କ୍ଷୁଦ୍ର ସାତଟି ଛାନ୍ଦ ରହିଛି। କବିଙ୍କ ବର୍ଣ୍ଣନାଶୈଳୀରେ କେତେକ ଲକ୍ଷଣୀୟ ବିଶେଷତ୍ୱ ରହିଛି। ସ୍ଥାନେ ସ୍ଥାନେ କବିତ୍ୱର ପରିପ୍ରକାଶ ମଧ୍ୟ ଘଟିଛି। 'ଗଙ୍ଗା ମାହାତ୍ମ୍ୟ' ଓ 'କାଞ୍ଜିଓଳା ବ୍ରତ' କ୍ଷୁଦ୍ର ଗ୍ରନ୍ଥଦ୍ୱୟ ଆଲୋଚ୍ୟ କବିଙ୍କ ନାମରେ ଦେଖିବାକୁ ମିଳେ। ପୁରୁଷୋ ମ ଦାସ ନାମଧେୟ ଆଉ ଜଣେ ପରବ ୀକାଳୀନ କବି (ସମ୍ଭବତଃ ୧୮ଶ ଶତାବ୍ଦୀର) 'ଗୋପୀପ୍ରେମ ପ୍ରକାଶ' ଶୀର୍ଷକ କୃଷ୍ଣକାବ୍ୟ, 'ଗୁଣ୍ଡିଚା ବିଜୟ' କାବ୍ୟ ଓ 'ପୁରୁଷୋ ମ ଜଣାଣ' ରଚନା କରିଥିବା ଜଣାଯାଏ।

## ୧୭.୪.୯ ଶ୍ରୀଧର (ଦ୍ୱିଜ):

ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଏହି କବି 'କା ନଲତା' ନାମକ କାଳ୍ପନିକ କାବ୍ୟର ରଚୟିତା। ତାଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ କେନ୍ଦୁବିଲ୍ୱ ବା କେନ୍ଦୁଲୀ ଗ୍ରାମ। ଏହି କାବ୍ୟଟି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ଦ୍ୱାରା ପ୍ରଭାବିତ ହେଲା ଭଳି ମନେହୁଏ। ଶ୍ରୀଧର ଦାସ ନାମକ ସମକାଳୀନ ଅନ୍ୟ ଜଣେ କବି 'ଧନୁଭଙ୍ଗ ଚଉତିଶା' ରଚନା କରିଥିଲେ। ଅନ୍ୟ ଜଣେ ସମକାଳୀନ ଶ୍ରୀଧର 'ନବଘନ ଚଉତିଶା', 'ଚାଟୁ ଚଉତିଶା' ଓ 'ସାତପୁରା' ନାମକ କାବ୍ୟର କବି ବୋଲି ଜାଣିବାକୁ ମିଳେ।

## ୧୭.୪.୧୦ ଦନାଇ ଦାସ :

'ଗୋପୀଭାଷା'ର ରଚୟିତା ଦନାଇ ଦାସ ବା ଜନାର୍ଦ୍ଦନ ଦାସ ୧୮ଶ ଶତାବ୍ଦୀର କବି। ସେ ପୁରୀ ଜିଲ୍ଲାର ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଶୁଣିବାକୁ ମିଳେ। ଜଗନ୍ନାଥ ଦାସଙ୍କ 'ଭାଗବତ'ରୁ କଥାବସ୍ତୁ ଗ୍ରହଣ କରି କବି ଏହି ଗ୍ରନ୍ଥଟି ରଚନା କରିଛନ୍ତି। ଶ୍ରୀକୃଷ୍ଣ ଗୋପପୁର ତ୍ୟାଗ କରି ମଥୁରା ଗମନ କରିବା ସମୟରେ ଗୋପାଙ୍ଗନାମାନଙ୍କୁ ଫେରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ; କିନ୍ତୁ ଫେରି ନ ପାରିବାରୁ ଗୋପୀଙ୍କ ବିରହଜ୍ୱାଳା ବଢ଼ିବାରେ ଲାଗିଲା। ଏହି କଥା ଶ୍ରୀକୃଷ୍ଣ ହୃଦୟଙ୍ଗମ କରି ଉଦ୍ଧବଙ୍କୁ ଗୋପପୁର ପଠାଇଲେ। ଉଦ୍ଧବ ଗୋପୀମାନଙ୍କୁ ସାନ୍ତ୍ୱନା ପ୍ରଦାନ କରି ମଥୁରା ଫେରିଗଲେ -

ଏହାହିଁ ଏହି ଗ୍ରନ୍ଥରେ ବର୍ଣ୍ଣିତ ବିଷୟବସ୍ତୁ। ଏଥିରେ ଜଗନ୍ନାଥ ଦାସଙ୍କ ଭାଗବତରେ ପ୍ରଦର୍ଶିତ ଗୋପୀଭାବ ଓ ପ୍ରେମଭକ୍ତିର ନିଖୁଣ ଚିତ୍ର ପ୍ରଦ । 'ଭାଗବତ'ର କେତେକ ପଦ ସହିତ 'ଗୋପୀଭାଷା'ର କେତେକ ପଦର ସାମଞ୍ଜସ୍ୟ ଥିବା ଲକ୍ଷ୍ୟ କରାଯାଏ। ଏ ଗ୍ରନ୍ଥଟି ଓଡ଼ିଆ ପୁରପଲ୍ଲୀରେ ବହୁ ଆଦୃତ। ପୂର୍ବେ ଚାଟଶାଳୀରେ ଏହା ପଢ଼ା ଯାଉଥିଲା। ଏହା ସରଳ ଭାଷା, ନବାକ୍ଷରୀ ବୃ ଓ ଅନାଳଙ୍କାରିକ ଶୈଳୀରେ ରଚିତ ଏକ କୃଷ୍ଣକାବ୍ୟ। ଏହା ମାତ୍ର ୩ଟି ଛାନ୍ଦରେ ବିଭକ୍ତ : କିନ୍ତୁ ପ୍ରାଚୀ ସମିତିଦ୍ୱାରା ପ୍ରକାଶିତ 'ଗୋପୀଭାଷା' ଆକାରରେ ବିରାଟ। କବି 'ସାନ କନଡ଼ା ଚଉତିଶା', 'ବଡ଼ କନଡ଼ା ଚଉତିଶା', 'ପହଲି ଚଉତିଶା' ଆଦି କେତୋଟି ଚଉତିଶା ମଧ୍ୟ ରଚନା କରିଥିଲେ। 'ଯଶୋଦା କୋଇଲି' କବିଙ୍କର ଅନ୍ୟତମ ଗୀତିକବିତା।

### ୧୭.୪.୧୧ ଚନ୍ଦ୍ରଶେଖର ଭଞ୍ଜ :

୧୭୨୫-୬୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବୌଦରାଜ୍ୟରେ ରାଜତ୍ୱ କରୁଥିବା ରାଜା ଚନ୍ଦ୍ରଶେଖର ଭଞ୍ଜ ଜଣେ କବି ଥିଲେ। କାଳ୍ପନିକ କାବ୍ୟ 'ପ୍ରେମମଞ୍ଜରୀ' ତାଙ୍କ କବି ପ୍ରତିଭାର ସମୁଜ୍ଜ୍ୱଳ ନିଦର୍ଶନ। ବିଷୟବସ୍ତୁ ଆହରଣରେ କବି ରୀତିଯୁଗୀୟ ଗତାନୁଗତିକତାକୁ ତ୍ୟାଗ କରିପାରି ନାହାନ୍ତି। ଗ୍ରନ୍ଥାରମ୍ଭରେ ମଙ୍ଗଳାଚରଣ କରାଯାଇଛି ପ ଦେବତାଙ୍କ ବନ୍ଦନାରେ। ଏହା ଏକ ଆଳଙ୍କାରିକ କାବ୍ୟ ଏବଂ ଏହି ଦୃଷ୍ଟିରୁ କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ଆଦର୍ଶ କରିଛନ୍ତି। କେରଳର ରାଜକୁମାରୀ ପ୍ରେମମଞ୍ଜରୀ ସହିତ ମଲ୍ଲାର ଦେଶର ରାଜା ବିଶ୍ୱକେତୁଙ୍କ ବିବାହ, ବିଚ୍ଛେଦ ଓ ପୁନର୍ମିଳନ ଏହାର ଉପଜୀବ୍ୟ କଥାବସ୍ତୁ। ନାୟକ-ନାୟିକାଙ୍କ ରୂପବର୍ଣ୍ଣନା, ବନବିହାର-ବର୍ଣ୍ଣନା ଓ ମଧୁଶଯ୍ୟା-ବର୍ଣ୍ଣନାରେ 'ଲାବଣ୍ୟବତୀ'ର ସ୍ପଷ୍ଟ ପ୍ରଭାବ ଏଥିରେ ଦୃଷ୍ଟିଗୋଚର ହୁଏ। କାବ୍ୟରେ ଶବ୍ଦାଳଙ୍କାରର ଆଧିକ୍ୟ ଲକ୍ଷ୍ୟ କରାଯାଏ ଓ କାବ୍ୟ ପାଠ କରିବା ସମୟରେ ଉପେନ୍ଦ୍ରଭଞ୍ଜଙ୍କ 'ଲାବଣ୍ୟବତୀ'ର ପଦମାନ ମନେପଡ଼େ।

### ୧୭.୪.୧୨ ରଘୁନାଥ ଭଞ୍ଜ :

୧୭୨୮ ଖ୍ରୀଷ୍ଟାବ୍ଦରୁ ୧୭୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୟୂରଭଞ୍ଜର ଶାସକ ଥିବା ରଘୁନାଥ ଭଞ୍ଜ 'ରସଲହରୀ' କାବ୍ୟର ପ୍ରଣେତା। ତ୍ରୟୋଦଶ ଛାନ୍ଦର ସମଷ୍ଟି ଏହି କାବ୍ୟର ଆରମ୍ଭରେ କବି ଦ୍ୱ୍ୟର୍ଥବୋଧକ ଶବ୍ଦ ପ୍ରୟୋଗ କରି ହରି ଓ ହର ଉଭୟଙ୍କୁ ସ୍ତୁତି କରିଛନ୍ତି। ଶୃଙ୍ଗାରରସ ପ୍ରଧାନ ଏହି କାବ୍ୟଟିରେ ଯମକ, ଅନୁପ୍ରାସ, ଉପମା, ଶ୍ଳେଷ ଇତ୍ୟାଦି ଅଳଙ୍କାର ସୁଷମଭାବେ ପ୍ରଯୁକ୍ତ। ଏଥିରେ ନିଷଧ ରାଜ୍ୟର ରାଜା ଚନ୍ଦ୍ରବଂଶୀଙ୍କ ପୁତ୍ର ପୁଷ୍ପତିଳକ ସହିତ କା୍ ରାଜଜେମା ରସଲହରୀର ପ୍ରେମକାହାଣୀ ବର୍ଣ୍ଣିତ। ଏହି କାବ୍ୟର ରଚନାରେ କବି ରୀତିଯୁଗୀୟ କାବ୍ୟଶୈଳୀ ଓ ଗତାନୁଗତିକତା ଅନୁସରଣ କରିଛନ୍ତି। ନାୟକ-ନାୟିକାଙ୍କ ରୂପବର୍ଣ୍ଣନା, ଜଳକେଳି ବର୍ଣ୍ଣନା ପ୍ରଭୃତି ବର୍ଣ୍ଣନାରେ କବି ସିଦ୍ଧହସ୍ତତା ପ୍ରଦର୍ଶନ କରିଛନ୍ତି। ଭାଷାର ଲାଳିତ୍ୟ ଏହି ବର୍ଣ୍ଣନାକୁ ଜୀବନ୍ତ କରିଛି। କାବ୍ୟର କ୍ଷୁଦ୍ର କଳେବର ମଧ୍ୟରେ ଘଟଣା ବହୁଳତାର ଅଭାବ ପରିଲକ୍ଷିତ ହେଲେ ହେଁ ରତିକ୍ରୀଡ଼ା ବର୍ଣ୍ଣନାକୁ କବି ବ୍ୟାପକ କରିଛନ୍ତି। ଆଦିରସର ମାତ୍ରାଧିକତା ଶ୍ଳୀଳତା ଦୃଷ୍ଟିରେ ଅକ୍ଷମଣୀୟ ହେଲେ ହେଁ ପରମ୍ପରା ତାଙ୍କ ପାଇଁ ରକ୍ଷାକବଚର କାର୍ଯ୍ୟ କରିଛି।

### ୧୭.୪.୧୩ ବୃନ୍ଦାବତୀ ଦାସୀ :

ବୃନ୍ଦାବତୀ ଦାସୀ ବୈଷ୍ଣବଧର୍ମରେ ଦୀକ୍ଷିତା ଜଣେ ନାରୀକବି। ସେ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ନାମକ ବୈଷ୍ଣବ-ଭକ୍ତିକାବ୍ୟର ରଚୟିତ୍ରୀ। ଏହି କାବ୍ୟର ରଚନା କାର୍ଯ୍ୟ ୧୬୧୧ ଶକାବ୍ଦ ବା ୧୬୯୯ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିବା କଥା ସେ ଏଥିରେ ପ୍ରକାଶ କରିଛନ୍ତି। ଏଥିରୁ ମନେହୁଏ ଯେ ଏହି ନାରୀକବି ୧୭ଶ-୧୮ଶ ଶତାବ୍ଦୀରେ ଜୀବିତ ଥିଲେ। ପୁରୀ ଜିଲ୍ଲା ଖୋର୍ଦ୍ଧା ସବଡ଼ିଭିଜନର ମଳିପଡ଼ା ଗ୍ରାମରେ ସେ ବାସ କରୁଥିଲେ। ତାଙ୍କ ସ୍ୱାମୀଙ୍କ ପରିବାର ବଂଶାନୁକ୍ରମେ ଗୃହୀ ବୈଷ୍ଣବ ଥିଲେ। ଏହି କାବ୍ୟଟି କୋଡ଼ିଏଟି ଅଧ୍ୟାୟରେ ସମାପ୍ତ। ଏହାର ପ୍ରଥମ ଅଧ୍ୟାୟରେ ଶ୍ରୀକୃଷ୍ଣ ଓ ଶ୍ରୀଗୁରୁଚରଣରେ ବନ୍ଦନା ଗାନ କରାଯାଇଛି। କାବ୍ୟରେ କବୟିତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏକଦା ସେ ନିଜ ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ବିଷ୍ଣୁଙ୍କ ପୂର୍ଣ୍ଣତମ ଲୀଳାର ତାତ୍ପର୍ଯ୍ୟ ସମ୍ବନ୍ଧରେ ପୁଚ୍ଛା କରିଛନ୍ତି। ତାଙ୍କ ପରମବୈଷ୍ଣବ ବିଦ୍ୱାନ ସ୍ୱାମୀ ପ୍ରକାଶ କରିଛନ୍ତି ଯେ, ଶ୍ରୀକୃଷ୍ଣଙ୍କ ଦ୍ୱାରକାଲୀଳା ପୂର୍ଣ୍ଣ, ମଥୁରାଲୀଳା ପୂର୍ଣ୍ଣତର ଓ ଗୋପଲୀଳା ପୂର୍ଣ୍ଣତମ। ଏହାଦ୍ୱାରା ଶ୍ରୀକୃଷ୍ଣଙ୍କ ଗୋପଲୀଳାର ଶ୍ରେଷ୍ଠତ୍ୱ ପ୍ରକଟନ କରାଯାଇଛି ଓ ତାଙ୍କ ପରଂବ୍ରହ୍ମତ୍ୱ ପ୍ରତିପାଦନ କରାଯାଇଛି। ଗ୍ରନ୍ଥଟି ଭାଗବତ ବାଣୀ ବା ନବାକ୍ଷରୀ ଛନ୍ଦରେ ରଚିତ। ପ୍ରତି ଅଧ୍ୟାୟ ଶେଷରେ ଭାଗବତ ଭଳି ''ଇତିଶ୍ରୀ ପୂର୍ଣ୍ଣତମ ଚନ୍ଦ୍ରୋଦୟ....'' ବୋଲି ଉଲ୍ଲେଖ କରାଯାଇ ଅଧ୍ୟାୟର ସମାପ୍ତି ସୂଚିତ ହୋଇଛି। ଏହାର ଭାଷା ସରଳ ଓ

ମାର୍ଜିତ। ଚମତ୍କାର ବର୍ଣ୍ଣନାଶୈଳୀ ଓ ଅପୂର୍ବ ପଦସଂଯୋଜନା କବୀଙ୍କ ଉଚ୍ଚକୋଟୀର କବିତ୍ୱ ପ୍ରମାଣିତ କରିବା ପାଇଁ ଯଥେଷ୍ଟ। ତ ୍ୱ ବିଚାର ପ୍ରସଙ୍ଗରେ କବୀ ବହୁ ସଂସ୍କୃତ ଗ୍ରନ୍ଥ ସମ୍ବନ୍ଧରେ ସୂଚନା ଦେଇଛନ୍ତି, ଯେଉଁଥିରୁ ତାଙ୍କ ଗଭୀର ପାଣ୍ଡିତ୍ୟ ଓ ବହୁ ଶାସ୍ତ୍ରାଧ୍ୟୟନର ପରିଚୟ ମିଳେ।

କବୟିତ୍ରୀ ବୃନ୍ଦାବତୀ ଦାସୀଙ୍କର ବଂଶରେ ସମସ୍ତେ କବି ଥିଲେ। ପୁରୁଷାନୁକ୍ରମେ କୃଷ୍ଣଭକ୍ତ ଥିବାରୁ ସେମାନଙ୍କ ଗ୍ରନ୍ଥମାନ କୃଷ୍ଣଙ୍କୁ କେନ୍ଦ୍ର କରି ରଚିତ। କବୟିତ୍ରୀଙ୍କ ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ର 'ଶ୍ରୀକୃଷ୍ଣତ ୍ୱ ଚନ୍ଦ୍ରୋଦୟ' କାବ୍ୟ ରଚନା କରିଥିଲେ। ତାଙ୍କ ପୁତ୍ର ଭୀମଦାସ ରଚନା କରିଥିଲେ 'ଭକ୍ତି ଚନ୍ଦ୍ରୋଦୟ' ବା 'ହରିଭକ୍ତି ଚନ୍ଦ୍ରୋଦୟ' କାବ୍ୟ। ଏଥିରେ ସେ ନିଜର ଯେଉଁ ପରିଚୟ ଦେଇଛନ୍ତି, ତାହା ତାଙ୍କ ମାତାଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ରେ ଥିବା ପରିଚୟ ସହିତ ସମତା ରକ୍ଷା କରେ। କବି କେତେକ ସ୍ଥାନରେ ନିଜକୁ ଶିଶୁ ଭୀମଦାସ ବୋଲି ଅଭିହିତ କରିଛନ୍ତି। 'ଭକ୍ତି ରତ୍ନାବଳୀ' କାବ୍ୟଟି ମଧ୍ୟ ଭୀମଦାସଙ୍କ ଲେଖନୀ ନିସୃତ। ଭୀମଦାସଙ୍କ ପୁତ୍ର ତଥା କବୟିତ୍ରୀ ବୃନ୍ଦାବତୀଙ୍କ ନାତି କୃପାସିନ୍ଧୁ ଦାସ କବି ଥିବା ଓ ସେ ୨୫ଛାନ୍ଦ ବିଶିଷ୍ଟ 'ଉପାସନା ଚନ୍ଦ୍ରୋଦୟ' ଲେଖିଥିବାର ସୂଚନା 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ରୁ ଲବ୍ଧ ହୁଏ। ଏଥିରୁ ମନେହୁଏ କୃପାସିନ୍ଧୁଙ୍କ ଏହି ଗ୍ରନ୍ଥଟି ତାଙ୍କ ପିତାମହୀ ନାରୀକବି ବୃନ୍ଦାବତୀଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ପୂର୍ବରୁ ରଚିତ ହୋଇଥିଲା।

କୃପାସିନ୍ଧୁ ଦାସ ନାମରେ ଆଉ ଦୁଇଜଣ କବି ଓଡ଼ିଆ ସାହିତ୍ୟରେ ଜଣାଶୁଣା। ଉଭୟେ ଅଷ୍ଟାଦଶ ଶତାବ୍ଦୀର। ଜଣେ କଟକ ଜିଲ୍ଲାର ଡାଳିଯୋଡ଼ା ଗ୍ରାମର; ତାଙ୍କ ପିତାଙ୍କ ନାମ ଭାଗୀରଥି ଖରସୁଧା ପଟ୍ଟନାୟକ। ସେ 'ବ୍ରଜବିହାର' ନାମକ ଏକ କୃଷ୍ଣଭକ୍ତିରସାଣିତ କାବ୍ୟର ରଚୟିତା। ୨୧ଛାନ୍ଦ ଓ ୯୯୮ ପଦବିଶିଷ୍ଟ ଏହି କାବ୍ୟଟିକୁ ସେ ୧୭୪୫ ଖ୍ରୀଷ୍ଟାବ୍ଦରେ ଶେଷ କରିଥିଲେ। ଏଥିର ରାଧାକୃଷ୍ଣଙ୍କ ପ୍ରଣୟ, ମାନ, ବିଚ୍ଛେଦ, ମିଳନ ଇତ୍ୟାଦି ବିଷୟମାନ ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଥିରେ ବିଶେଷ ରଚନାଚାତୁରୀ ଓ ଶବ୍ଦସୌଷ୍ଠବ ଦୃଷ୍ଟିଗୋଚର ହୁଏ। ସେ 'ଜଗନ୍ନାଥ ଭଜନା', 'ବଳଭଦ୍ର ଭଜନା', 'ସୁଭଦ୍ରା ଭଜନା' ଓ 'ସୁଦର୍ଶନ ଭଜନା' ନାମକ ଚାରୋଟି ଭଜନା ରଚନା କରିଥିଲେ, ଯେଉଁଗୁଡ଼ିକ ମାନ୍ଦ୍ରାଜ ସଂଗ୍ରହାଳୟରେ ସଂରକ୍ଷିତ। ଆଉ ଜଣେ କୃପାସିନ୍ଧୁ ଏହାଙ୍କ ସମକାଳୀନ। ଧରାକୋଟ ଅନ୍ତର୍ଗତ ଋଷିକୁଲ୍ୟା ତୀରବ ର୍ା ମଙ୍ଗଳପୁର ଗ୍ରାମରେ ସେ ଭୂମିଷ୍ଠ ହୋଇଥିଲେ। ସେ 'କୃପାସିନ୍ଧୁ ରାମାୟଣ' ପ୍ରଣେତା। ଏହା 'ସିନ୍ଧୁ ରାମାୟଣ' ନାମରେ ପରିଚିତ।

### ୧୭.୪.୧୪ ଭୀମା ଧୀବର :

'କପଟପାଶା'ର ରଚୟିତା ଭୀମା ଧୀବରଙ୍କ ଜନ୍ମସ୍ଥାନ ସମ୍ବନ୍ଧରେ ତଥ୍ୟ ମିଳେ ନାହିଁ। 'କପଟପାଶା'ରେ ଥିବା ସାରଳାଙ୍କ ସ୍ତୁତିରୁ ଏବଂ ଭାଷାଗତ କେତେକ ବୈଶିଷ୍ଟ୍ୟରୁ ତାଙ୍କୁ କଟକ ଜିଲ୍ଲା ବା ବାଲେଶ୍ୱର ଜିଲ୍ଲାର ବ୍ୟକ୍ତିଭାବରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଗ୍ରହଣ କରନ୍ତି। ଦୃଢ଼ ଯୁକ୍ତି ଅଭାବରୁ ଏ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ମତ ଗ୍ରହଣ କରିବା କଷ୍ଟକର। ସେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଜନ୍ମଗ୍ରହଣ କରିଥିଲେ ବୋଲି ଗ୍ରହଣ କରାଯାଇପାରେ ଐତିହାସିକ ଶିବପ୍ରସାଦ ଦାଶଙ୍କ 'ସମ୍ବଲପୁର ଇତିହାସ' ର ଏକ ପରୋକ୍ଷ ବିବରଣୀବଳରେ। ରୀତିଯୁଗର କବି ହେଲେହେଁ ସେ ରୀତିଯୁଗୀୟ କାବ୍ୟ ସାହିତ୍ୟରେ ଏକ ବ୍ୟତିକ୍ରମ ଓ ବିସ୍ମୟକର ପ୍ରତିଭା। ତାଙ୍କ କାବ୍ୟ 'କପଟପାଶା' ରେ ସେ ପ୍ରଥମେ ଗଜାନନ ଓ ପରେ ସାରଳାଙ୍କ ବନ୍ଦନା ଗାନ କରିଥିଲେହେଁ ସେ ଯେ ଜଣେ ଏକନିଷ୍ଠ କୃଷ୍ଣଭକ୍ତ ଥିଲେ, ତାହା ତାଙ୍କ କାବ୍ୟର ଛତ୍ରେ ଛତ୍ରେ ପ୍ରକାଶିତ। କ୍ଷୁଦ୍ର କ୍ଷୁଦ୍ର ଦଶଟି ଛାନ୍ଦରେ ସମାପ୍ତ ଏହି ଗ୍ରନ୍ଥରେ ମହାଭାରତ ଅନ୍ତର୍ଗତ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିରଙ୍କ ମଧ୍ୟରେ ହୋଇଥିବା ପଶାଖେଳର ଚରିତ ବିବୃତ। ଧୀବର କୁଳରେ ଜନ୍ମଗ୍ରହଣ କରିଥିବାରୁ କବିଙ୍କର ବିଶେଷ ଶିକ୍ଷାଗତ ଯୋଗ୍ୟତା ଥିବା ମନେହୁଏ ନାହିଁ; କିନ୍ତୁ ତାଙ୍କ କାବ୍ୟରେ ଭାଷାର ବ୍ୟବହାର, ରଚନାଶୈଳୀ, ଉପମା ଓ ଯମକର ପ୍ରୟୋଗ ତାଙ୍କୁ ଜଣେ ପାଣ୍ଡିତ୍ୟସମ୍ପନ୍ନ କବିଭାବରେ ପରିଚିତ କରାଏ।

### ୧୭.୪.୧୫ ଦାଶରଥି ଦାସ :

ଦାଶରଥି ଦାସ ରଣପୁରର ଏକ ଶିଷ୍ଟ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ରଚିତ 'ବ୍ରଜବିହାର' କାବ୍ୟ ୧୭୧୭ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୭୩୧ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିବାରୁ ସେ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗର କବି। କାଶ୍ୟପ ଗୋତ୍ରୀ ଏହି କବି ନିଜ ଗୁରୁ ବିପ୍ର କଣ୍ଠଦାସଙ୍କଦ୍ୱାରା ଅନୁପ୍ରାଣିତ ଓ ଉତ୍ସାହିତ ହୋଇ 'ବ୍ରଜବିହାର'

କାବ୍ୟ ରଚନା କରଥିଲେ। କବି ଏହାର ବିଷୟବସ୍ତୁ 'ଭାଗବତ' ଓ 'ବ୍ରହ୍ମବୈବର୍ତ୍ତ ପୁରାଣ' ରୁ ଆହରଣ କରିଛନ୍ତି। ଏଥିରେ ଲୀଳା ପୁରୁଷୋ ମ ଶ୍ରୀକୃଷ୍ଣଙ୍କର ରାଧାଙ୍କ ସହିତ, ଚନ୍ଦ୍ରାବଳୀ ସହିତ ଓ ଗୋପାଙ୍ଗନାଙ୍କ ସହିତ ପ୍ରୀତିଲୀଳା ବର୍ଣ୍ଣିତ। ଏହା ଦଶଟି ଛାନ୍ଦ ଓ ୧୩,୧୪୧ ପଦର ସମଷ୍ଟିରେ ରଚିତ ଏକ ବିରାଟ ଗ୍ରନ୍ଥ। ଏହାର ପ୍ରତ୍ୟେକ ଛାନ୍ଦ 'ବୋଲି' ନାମରେ ଅଭିହିତ। ଏହି କାବ୍ୟରେ ଆଳଙ୍କାରିକ ଶୈଳୀ ପରିଦୃଷ୍ଟ ହୁଏ। ପ୍ରଥମରେ ଏହି କାବ୍ୟ କୃଷ୍ଣଙ୍କ ପରକୀୟା ପ୍ରୀତି ଉପରେ ଆଧାରିତ ଓ ଦ୍ୱିତୀୟରେ ଏଥିରେ ଗଦାଧର ସ୍ୱାମୀ, ରାୟ ରାମାନନ୍ଦ, ନିତ୍ୟାନନ୍ଦ ମହାପ୍ରଭୁ, ହରିଦାସ ପ୍ରଭୃତି ବୈଷ୍ଣବ ଗୋସ୍ୱାମୀମାନଙ୍କର ବନ୍ଦନା ସ୍ଥାନିତ ହୋଇଥିବାରୁ କାବ୍ୟକାର ଶୁଦ୍ଧାରାଗାନୁଗା ଭକ୍ତିମାର୍ଗୀ ବୈଷ୍ଣବ ଥିବା ସ୍ପଷ୍ଟ ଭାବରେ ଜଣାଯାଏ।

## ୧୭.୪.୧୬ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା :

ନୈସର୍ଗିକ କବିପ୍ରତିଭାଧନ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ସମ୍ଭବତଃ ୧୭୨୦ ଖ୍ରୀଷ୍ଟାବ୍ଦ ଆଖପାଖ ସମୟରେ ପୁରୀଜିଲ୍ଲା ଶରଣକୁଳ ନିକଟବର୍ତ୍ତୀ ଭିକାରୀପଡ଼ା ବ୍ରାହ୍ମଣ ଶାସନରେ ସାମବେଦୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ପରମାନନ୍ଦ ଓତା ଓ ମାତାଙ୍କ ନାମ ଭବାନୀ ଦେବୀ। ସେ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ। ସେ ସଂସାରୀ ଜୀବନରେ ସାଧୁଚରଣ ଓତା ନାମରେ ପରିଚିତ ଥିଲେ। ବୈଷ୍ଣବ ଦୀକ୍ଷା ଗ୍ରହଣ କରିବାପରେ ସେ ସଦାନନ୍ଦ ନାମ ଗ୍ରହଣ କରିଥିବା ଓ ଗଜପତି ମହାରାଜା ବୀରକେଶରୀ ଦେବଙ୍କଠାରୁ 'କବିସୂର୍ଯ୍ୟ ବ୍ରହ୍ମା' ପଦବୀ ପ୍ରାପ୍ତ ହୋଇଥିବା ଜଣାଯାଏ। ବୈଷ୍ଣବଧର୍ମ ଗ୍ରହଣ କରିବାପରେ ସେ ଏହି ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କରି ମଠମାନ ସ୍ଥାପନ କରିଥିଲେ। କଟକ ଜିଲ୍ଲାର ବାଲିଆ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରଜିତ ସାମନ୍ତସିଂହାର ତାଙ୍କ କୃପାରୁ ପୁତ୍ରସନ୍ତାନ ଲାଭ କରିଥିଲେ। ଏହି ପୁତ୍ର ହେଉଛନ୍ତି ପରବର୍ତ୍ତୀକାଳରେ ବହୁ ସୁଖ୍ୟାତିର ଅଧିକାରୀ ଅଭିମନ୍ୟୁ ସାମନ୍ତସିଂହାର। ଇନ୍ଦ୍ରଜିତ ସାମନ୍ତସିଂହାର ବାଲିଆ ନିକଟବର୍ତ୍ତୀ ଦୀକ୍ଷିତପଡ଼ାଠାରେ ତାଙ୍କପାଇଁ ମଠଟିଏ ନିର୍ମାଣ କରିଦେଇଥିଲେ। ଏହା ବର୍ତ୍ତମାନ 'କବିସୂର୍ଯ୍ୟ ମଠ' ନାମରେ ପରିଚିତ। ଏଠାରେ କବିଙ୍କ ସମାଧି ଅଛି। ବର୍ତ୍ତମାନ ଏହି ମଠରେ ଥିବା ମହନ୍ତଙ୍କଠାରୁ ଶୁଣିବାକୁ ମିଳେ ଯେ କବି ଜୀବନର ଶେଷ ସମୟ ବ୍ରଜଧାମରେ କଟାଇଥିଲେ। ସେଠାରେ ତାଙ୍କର ଦେହାନ୍ତ ହେବାପରେ ସେଠାରୁ ତାଙ୍କ ଅସ୍ଥି ସଂଗ୍ରହ କରାଯାଇ ଏହି ମଠରେ ସମାଧି ନିର୍ମିତ ହୋଇଛି। ବାବାଜୀ ଶ୍ରୀ କିଶୋର ଦାସ ସଦାନନ୍ଦଙ୍କ ଗୁରୁ ଥିଲେ। 'ପ୍ରେମ ତରଙ୍ଗିଣୀ' କାବ୍ୟରେ ସେ ନିଜ ଗୁରୁପରମ୍ପରାର ସୂଚନା ଦେଇଛନ୍ତି।

ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଏହି ବୈଷ୍ଣବ କବିଙ୍କର ଅସାଧାରଣ ଦଖଲ ଥିଲା। ସ୍ୱରଚିତ ଓ ଏ ଅବଧି ଅପ୍ରକାଶିତ 'ମୋହନଲତା' ବା 'ମୋହନ କଳ୍ପଲତା' କାବ୍ୟରେ କବି ନିଜର ୨୩ଖଣ୍ଡ ଗ୍ରନ୍ଥର ନାମୋଲ୍ଲେଖ କରିଛନ୍ତି। ଏହି ତାଲିକାରେ ତାଙ୍କଦ୍ୱାରା ରଚିତ, ଅନୂଦିତ ଓ ଅପ୍ରକାଶିତ ଗ୍ରନ୍ଥମାନ ଅନ୍ତର୍ଭୁକ୍ତ। କେତୋଟି ଜଣାଣ, ଚଉତିଶା ଓ ଚଉପଦୀ ମଧ୍ୟ ତାଙ୍କ ନାମରେ ଉପଲବ୍ଧ। ତାଙ୍କଦ୍ୱାରା ରଚିତ ପ୍ରଧାନ ଗ୍ରନ୍ଥଗୁଡ଼ିକ ହେଉଛି – 'ଯୁଗଳ ରସାମୃତ ଲହରୀ', 'ଯୁଗଳ ରସାମୃତ ଭଉଁରୀ', 'ଲଳିତଲୋଚନା', 'ପ୍ରେମକଳ୍ପଲତା', 'ପ୍ରେମତରଙ୍ଗିଣୀ', 'ନିଷ୍ଠାନୀଳମଣି', 'ତ ୍ୱତରଙ୍ଗିଣୀ', 'ବ୍ରଜଲୀଳାମୃତ ସମୁଦ୍ର', 'ବିଶ୍ୱମ୍ଭରବିହାର', 'ମୋହନକଳ୍ପଲତା', 'ଯୁଗଳ ରସାମୃତ ବିନ୍ଦୁ', 'ପ୍ରେମଲହରୀ', 'ପ୍ରେମଭଉଁରୀ', 'ନାମଚିନ୍ତାମଣି', 'ସ୍ମୃତି ଚିନ୍ତାମଣି', 'ଗୌର ଚିନ୍ତାମଣି' ପ୍ରଭୃତି। ଏସବୁ ବ୍ୟତୀତ କବିଙ୍କର ଅନେକ ରଚନା ଜନସାଧାରଙ୍କ ଦୃଷ୍ଟି ଅନ୍ତରାଳରେ ରହିଅଛି।

## ୧୭.୪.୧୭ ଭକ୍ତଚରଣ ଦାସ :

ଭକ୍ତକବି ଭକ୍ତଚରଣ ଦାସ ସମ୍ଭବତଃ ୧୭୨୯ ଖ୍ରୀଷ୍ଟାବ୍ଦରେ ପୁରୀଜିଲ୍ଲାର ରଣପୁର ଅ ଳରେ ଭୂମିଷ୍ଠ ହୋଇଥିଲେ। ଗାର୍ହସ୍ଥ୍ୟ ଜୀବନରେ ତାଙ୍କର ନାମ ଥିଲା ବୈରାଗୀ ଚରଣ ଓ ସନ୍ନ୍ୟାସ ଗ୍ରହଣ କରିବାପରେ ସେ ପରିଚିତ ହେଲେ ଭକ୍ତଚରଣ ନାମରେ। ତାଙ୍କ ରଚନାବଳୀରେ ତାଙ୍କ ବିଷୟରେ ବିଶେଷ କିଛି ଜାଣିବାକୁ ମିଳେନା। ସେ ଥିଲେ ମଧ୍ୱାଚାର୍ଯ୍ୟ ସଂପ୍ରଦାୟର ବୈଷ୍ଣବ ଓ ତାଙ୍କର ଆରାଧ୍ୟ ଦେବତା ଥିଲେ ବୃନ୍ଦାବନଚନ୍ଦ୍ର। ସେ ଅପୂର୍ବ କବିତ୍ୱର ଅଧିକାରୀ ଥିଲେ। ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା 'ମଥୁରାମଙ୍ଗଳ', 'ଗୋପମଙ୍ଗଳ', ମନଃଶିକ୍ଷା', 'କଳାକଳେବର ଚଉତିଶା' ଓ 'ମନବୋଧ ଚଉତିଶା'। ଏତଦ୍‌ବ୍ୟତୀତ ତାଙ୍କଦ୍ୱାରା 'ବୈଦ୍ୟଶାସ୍ତ୍ର' ଶୀର୍ଷକ ଏକ ଗ୍ରନ୍ଥ ରଚିତ ହୋଇଥିବା ଜଣାଯାଏ। 'ଗୋପମଙ୍ଗଳ' ଓ 'ବୈଦ୍ୟଶାସ୍ତ୍ର' ଗ୍ରନ୍ଥଦ୍ୱୟ ଅଦ୍ୟାବଧି ଅପ୍ରକାଶିତ।

'ମଥୁରାମଙ୍ଗଳ' କବିଙ୍କର ସର୍ବଶ୍ରେଷ୍ଠ ରଚନା। ମଥୁରା ବା ପକ୍ଷାନ୍ତରରେ ପୃଥିବୀର ମଙ୍ଗଳ କାମନା କାବ୍ୟକାରଙ୍କ ଲକ୍ଷ୍ୟ ଥିବାରୁ, ଏହାର ଏପରି ନାମକରଣ ହୋଇଥିବା ମନେହୁଏ। କଂସ କୃଷ୍ଣ -ବଳରାମଙ୍କୁ ହତ୍ୟାକରିବା ଉଦ୍ଦେଶ୍ୟରେ ମନ୍ତ୍ରୀ ଅକ୍ରୂର ସାହାଯ୍ୟରେ ସେମାନଙ୍କୁ ମଥୁରାକୁ ନେଇଯାଇଛି। କୃଷ୍ଣ ମଥୁରାରେ କଂସକୁ ବିନାଶ କରି ସେଠାରେ ଶାନ୍ତି ପ୍ରତିଷ୍ଠା କରିଛନ୍ତି। ଶୀଘ୍ର ଗୋପପୁର ଫେରିଆସିବାର ପ୍ରତିଶ୍ରୁତି ପାଳନରେ ବିଳମ୍ବ ହେବାରୁ ସେ ଉଦ୍ଧବଦ୍ୱାରା ଗୋପପୁରକୁ ସମ୍ବାଦ ପ୍ରେରଣ କରିଛନ୍ତି – ଏହାହିଁ ଦୀର୍ଘ ତିରିଶଟି ଛାନ୍ଦରେ ବିବୃତ ଏହାର କଥାବସ୍ତୁ। ଭାବବିଦଗ୍ଧତା ଓ ଭକ୍ତିପ୍ରାଣତା ଏହି ଭକ୍ତିକାବ୍ୟଟିର ରଚନାଶୈଳୀକୁ ନିୟନ୍ତ୍ରିତ କରିଥିବାର ଲକ୍ଷ୍ୟ କରାଯାଏ। ରୀତିଯୁଗୀୟ କାବ୍ୟଭଳି ଏଥିରେ କଳ୍ପନାର ଚମତ୍କାରିତା ପରିଦୃଷ୍ଟ ହୁଏ। କେତେକ ସ୍ଥଳରେ ଏହା ଆଳଙ୍କାରକତା ପରିପୁଷ୍ଟ ହେଲେ ହେଁ ଶବ୍ଦକଠିନତା ଓ ଜଟିଳ ପଦବିନ୍ୟାସଠାରୁ ବହୁ ଦୂରରେ। ଶବ୍ଦସରଳତା ଓ ପଦଲାଳିତ୍ୟ କବିଙ୍କ କାବ୍ୟଗଠନର ଏକ ପ୍ରଧାନ ବିଶେଷତ୍ୱ। ଏହା ଏକାଧାରରେ ବାତ୍ସଲ୍ୟ, ଭକ୍ତି, କରୁଣ, ଶାନ୍ତ ଓ ଶୃଙ୍ଗାର ରସରେ ସମୃଦ୍ଧ। ଏହି କାବ୍ୟରେ ପ୍ରେମଭକ୍ତିମାର୍ଗୀ କବି ଜ୍ଞାନଠାରୁ ପ୍ରେମର ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିଛନ୍ତି। ଭକ୍ତିକବିଙ୍କ 'ଗୋପମଙ୍ଗଳ' କାବ୍ୟରେ ଗୋଲୀରା, ଗୋପକେଳି ଓ ବୃନ୍ଦାବନ ଲୀଳାର ଗୁଣ କୀ ର୍ନ କରାଯାଇଛି। ବାଲ୍ୟକାଳରେ ଶ୍ରୀକୃଷ୍ଣ ଗୋପପୁରର ଯେଉଁ ହିତକର କାର୍ଯ୍ୟମାନ କରିଥିଲେ, ଏଥିରେ ସେସବୁର ବର୍ଣ୍ଣନା ଥିବାରୁ ଏହାର ଏପରି ନାମକରଣ।

'ମନଃଶିକ୍ଷା' ଗ୍ରନ୍ଥରେ ଶ୍ରୀକୃଷ୍ଣ-ଚୈତନ୍ୟଙ୍କ ବୈଦ୍ୟରୂପେ ଚିତ୍ରଣ କରାଯାଇ ଉପମା ଛଳରେ ବହୁରୋଗ, ସେଗୁଡ଼ିକର ଚିକିତ୍ସାପ୍ରଣାଳୀ ଓ ସେଥିପାଇଁ ଔଷଧର ବ୍ୟବସ୍ଥା ଇତ୍ୟାଦିର ବର୍ଣ୍ଣନା ରହିଛି। 'କଳାକଳେବର ଚଉତିଶା' ଚଉତିଶା ରୀତିରେ ରଚିତ ଏକ ସରସ ଓ ସର୍ବଜନାଦୃତ କବିତା। ବଳରାମଙ୍କ ସହିତ କୃଷ୍ଣ ଗୋପଦାଣ୍ଡରେ ମଥୁରା ଯାତ୍ରା କରିବାବେଳେ ଗୋପୀମାନଙ୍କର ମୁଗ୍ଧଦୃଷ୍ଟିରେ କୃଷ୍ଣଙ୍କ ରୂପବର୍ଣ୍ଣନା, ଏହି ଚଉତିଶାର ବିଷୟବସ୍ତୁ। କବିଙ୍କ କବିତ୍ୱ, ପଦ ସଂଯୋଜନା, କଳ୍ପନାବିଳାସ, ସ୍ୱଭାବିକ ବର୍ଣ୍ଣନାଚାତୁରୀ ବାସ୍ତବିକ ଅତୁଳନୀୟ। ସଙ୍ଗୀତଧର୍ମିତା ମଧ୍ୟ ଏହାର ଅନ୍ୟ ଏକ ବିଶେଷତ୍ୱ। 'ମନବୋଧ ଚଉତିଶା' କବିଙ୍କର ଆଉ ଏକ ବହୁ ଜନପ୍ରିୟ ଚଉତିଶା। ଏହା ଏକ ଦାର୍ଶନିକ ଓ ତ୍ୱପୂର୍ଣ୍ଣ କବିତା, ଯେଉଁଥିରେ କବି ମନକୁ ଉପଦେଶ ଶୁଣାଇଛନ୍ତି। ଏହାର ସରଳ ତରଳ ପଦାବଳୀ ଓ ଦାର୍ଶନିକ ଅନୁଚିନ୍ତା ମୋହମାୟାଗ୍ରସ୍ତ ସଂସାରୀ ମଣିଷକୁ ସତର୍କ କରାଇ ଦିଏ। ଏ ଚଉତିଶାଦ୍ୱୟ ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ ଏବଂ ଏଥିପାଇଁ କବି ଚିର

ଅମର। ପୂର୍ବେ ଗ୍ରାମ ଚାଟଶାଳୀମାନଙ୍କରେ ଏହି ଚଉତିଶା ଦୁଇଟି ଓ 'ମଥୁରାମଙ୍ଗଳ' କାବ୍ୟଟି ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେଉଥିଲା। କବି ୮୪ ବର୍ଷ ବୟସରେ ଶ୍ରୀକ୍ଷେତ୍ର ପୁରୀଠାରେ ପରଲୋକ ଗମନ କରିଥିଲେ।

## ୧୭.୪.୧୮ ରାମଚନ୍ଦ୍ର ପଟ୍ଟନାୟକ :

ସମକାଳୀନ ଅନ୍ୟତମ କବି ରାମଚନ୍ଦ୍ର ପଟ୍ଟନାୟକ 'ହାରାବତୀ' ଓ 'ଅନୁରାଗବତୀ' ନାମକ ଦୁଇଟି ଛନ୍ଦକାବ୍ୟର ସ୍ରଷ୍ଟା। ଏ କାବ୍ୟଦ୍ୱୟ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ରଚିତ ହୋଇଥିଲା। ମଧ୍ୟଯୁଗୀୟ ପ୍ରଥାସିଦ୍ଧ ଶୈଳୀର ବ୍ୟତିକ୍ରମରେ ରଚିତ ଏହି ଦୁଇଟି କାବ୍ୟରେ ନାୟକ - ନାୟିକା ସାଧାରଣ ପରିବାରରେ ଜନ୍ମ। ଏଥିରେ ସମକାଳୀନ ଆଳଙ୍କାରିକ କ୍ଲିଷ୍ଟଶୈଳୀ ପରିତ୍ୟକ୍ତ ଏବଂ ସରଳ, ସୁବୋଧ, ଅନାଳଙ୍କାରିକ ଶୈଳୀରେ କଥାବସ୍ତୁ ପରିବେଷିତ। ପ୍ରଥମୋକ୍ତ କାବ୍ୟଟିରେ ପାରଦାରିକ ପ୍ରାକୃତ ପ୍ରଣୟଚିତ୍ରକୁ କାବ୍ୟବିଷୟରେ ଅନ୍ତର୍ଭୁକ୍ତ କରି ତତ୍କାଳୀନ ରକ୍ଷଣଶୀଳ ସାମାଜିକ ବ୍ୟବସ୍ଥାର ଏକ ଅନାଲୋଚିତ ଦିଗକୁ ଯେପରି ଉନ୍ମୋଚିତ କରାଯାଇଛି, ତାହା ବାସ୍ତବ ହେଲେହେଁ ଏକ ଦୁଃସାହସିକ ପଦକ୍ଷେପ। ବସ୍ତୁପରିକଳ୍ପନାରେ ଏବଂ ତାହାର ପରିବେଷଣ ଶୈଳୀରେ କବି ଯେଉଁ ପରମ୍ପରାଚ୍ୟୁତ ନୂତନ ଦିଗନ୍ତର ସନ୍ଧାନ ଦେଇଛନ୍ତି ତାହା ତାଙ୍କ ବୈପ୍ଳବିକ ଆଭିମୁଖ୍ୟର ପରିଚୟ କେବଳ ନୁହେଁ ପରବ ର୍ତ୍ତୀକାଳୀନ କବିମାନଙ୍କପାଇଁ ପ୍ରେରଣାର ଉତ୍ସ ମଧ୍ୟ।

## ୧୭.୪.୧୯ ବ୍ରଜନାଥ ବଡ଼ଜେନା :

ବ୍ରଜନାଥ ବଡ଼ଜେନା ରୀତିଯୁଗର ଜଣେ ଶ୍ରେଷ୍ଠ କବି। ସେ ଢେଙ୍କାନାଳରେ ୧୭୩୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଓ ୧୮୦୦ ଖ୍ରୀଷ୍ଟାବ୍ଦରେ ଶରୀର ତ୍ୟାଗ କରିଥିଲେ। ତାଙ୍କ ପିତାଙ୍କ ନାମ ବାଲୁଙ୍କେଶ୍ୱର ପଟ୍ଟନାୟକ। 'ବଡ଼ଜେନା' ବ୍ରଜନାଥଙ୍କର ରାଜଦ ଉପାଧି। ବ୍ରଜନାଥ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଏକାଧାରାରେ କବି, ଶିଳ୍ପୀ, ବୈଦ୍ୟଶାସ୍ତ୍ର ନିପୁଣ, ଜ୍ୟୋତିଷଶାସ୍ତ୍ର ଧୂରୀଣ, ସଙ୍ଗୀତଜ୍ଞ ଓ ବହୁଶାସ୍ତ୍ରବିତ୍। ସେ ସାହିତ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତୂଳିକାଦ୍ୱାରା ଅତି ସୁନ୍ଦର ଚିତ୍ରପଟ ଅଙ୍କନ କରିବାରେ ସିଦ୍ଧହସ୍ତ ଥିଲେ। ପୁଣି ସେ ହାତୀଦାନ୍ତ, ତାଳପତ୍ର, ବାଉଁଶପତ୍ର, ବଉଳମଞ୍ଜି, ଅଭ୍ର ଓ କଟକଡ଼ା ଉପରେ ଚିତ୍ରାଙ୍କନ କରିପାରୁଥିଲେ। ତାଙ୍କ ରଚନାଗୁଡ଼ିକ ହେଉଛି - (କ) କାବ୍ୟସଂଗ୍ରହ - 'କେଳିକଳାନିଧି', 'ବିଦେଶ ଅନୁଚିନ୍ତା', 'ଦଶପୋଇ', 'ଗୋପୀବିଳାସ', 'ଶ୍ୟାମ ରାସୋତ୍ସବ', 'ବିଚକ୍ଷଣା', 'ଅମ୍ବିକା ବିଳାସ' ଓ 'ସମର ତରଙ୍ଗ' (ଖ) କ୍ଷୁଦ୍ର କବିତାବଳୀ - 'ଚଣ୍ଡୀମାଳଶ୍ରୀ', 'ରାଜନଙ୍କୁ ଛଳ ଭକ୍ତି', 'ରାଜସଭା', କେତୋଟି ଜଣାଣ ଓ ସଙ୍ଗୀତ (ଗ) ଗଦ୍ୟରଚନା 'ଚତୁର ବିନୋଦ' (ଘ) ହିନ୍ଦୀ ରଚନା - 'ଗୁଣ୍ଡିଚା ବିଜେ' ଓ (ଙ) ସଂସ୍କୃତ ରଚନା 'ମନୋଦୂତ'।

'କେଳି-କଳାନିଧି' କବିଙ୍କର ଏକ ବିଶିଷ୍ଟ ରଚନା। ଏହି କାବ୍ୟଟି ଷୋଳ ଛାନ୍ଦରେ ସମାପ୍ତ ଓ ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମସୁଧାନିଧି'ର ଅନୁକରଣରେ ଲିଖିତ। ରୀତିଯୁଗର ଆଦର୍ଶରେ ରଚିତ ଏହି କାବ୍ୟଟି ସ୍ଥଳବିଶେଷରେ ଉପେନ୍ଦ୍ର ଭଞ୍ଜଙ୍କୁ ମଧ୍ୟ ଅତିକ୍ରମ କରିଯାଇଛି। 'ଶ୍ୟାମ ରାସୋତ୍ସବ'ରେ ବାରଗୋଟି ଛାନ୍ଦ ସ୍ଥାନ ପାଇଛି। ଏହା 'ଶ' ଅକ୍ଷର ନିୟମରେ ରଚିତ। 'ଶ୍ରୀମଦ୍ ଭାଗବତ'ର ରାସପ ।ଧ୍ୟାୟୀର କଥାବସ୍ତୁକୁ ଆଧାର କରି ଏହା ରଚିତ। ଗ୍ରନ୍ଥର ଶେଷରେ ଗୋପୀଭକ୍ତିର ଉତ୍କର୍ଷ ପ୍ରତିପାଦିତ ହୋଇଛି। 'ଅମ୍ବିକାବିଳାସ' କାବ୍ୟଟି 'ଅ' ବର୍ଣ୍ଣ ନିୟମରେ ରଚିତ। ଶିବ-ପାର୍ବତୀଙ୍କ ବିବାହ ଏହି କାବ୍ୟର ଉପଜୀବ୍ୟ ବିଷୟବସ୍ତୁ। ଏହା କେନ୍ଦୁଝରର ରାଜା ପ୍ରତାପ ବଳଭଦ୍ର ଭଞ୍ଜଙ୍କ ନାମରେ ଭଣିତ ହୋଇଥିବାରୁ କେହି କେହି ତାଙ୍କୁ ଏ ଗ୍ରନ୍ଥର ରଚୟିତା ଭାବରେ ଗ୍ରହଣ କରନ୍ତି; କିନ୍ତୁ କବି ନିଜର ଅନ୍ୟ ଏକ କୃତି 'ରାଜସଭା'ରେ ଏହା ତାଙ୍କ ନିଜ ରଚନା ବୋଲି

ପ୍ରକାଶ କରିଛନ୍ତି। 'ସମର ତରଙ୍ଗ' ଏକ ସମର କାବ୍ୟ। ଏଥିରେ ୧୭୮୧ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ନରପତି ଓ ମରହଟ୍ଟାମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ବର୍ଣ୍ଣନା ରହିଛି। ଗ୍ରନ୍ଥଟି ସରସ ସୁନ୍ଦର ହୋଇପାରିଛି କବିଙ୍କ ବର୍ଣ୍ଣନାଚାତୁରୀ ଓ ପ୍ରତିଭା ଯୋଗୁଁ। 'ଗୁଣ୍ଡିଚାବିଜେ' ତାଙ୍କର ଏକ ହିନ୍ଦୀ ରଚନା, ଯେଉଁଥିରେ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା ରହିଛି। 'ବିଚକ୍ଷଣା' ଏକ କାଳ୍ପନିକ କାବ୍ୟ। ଦଶଛାନ୍ଦ ବିଶିଷ୍ଟ ଏହି କାବ୍ୟଟି ଅସମ୍ପୂର୍ଣ୍ଣ। 'ବ' ଅକ୍ଷରକୁ ପ୍ରତିପାଦର ଆଦ୍ୟରେ ରଖାଯାଇ ଏହା ରଚିତ। କବି ଏଥିରେ ସଂସ୍କୃତ ଆଳଙ୍କାରିକ ଶୈଳୀର ଅନୁସରଣ କରି ସ୍ୱପାଣ୍ଡିତ୍ୟର ପରିଚୟ ଦେଇଛନ୍ତି। 'ଚତୁର ବିନୋଦ' କବିଙ୍କର ଏକ ଗଦ୍ୟ ରଚନା। ଏହାର ନାମକରଣ ସମ୍ବନ୍ଧରେ କବି କହନ୍ତି – ''ହାସ୍ୟବିନୋଦ, ରସବିନୋଦ, ନୀତିବିନୋଦ, ପ୍ରୀତିବିନୋଦ, ଚତୁରବିନୋଦ।'' ଗଦ୍ୟରେ ଲିଖିତ ହେଲେ ହେଁ ଏହାର ରଚନା ଶୈଳୀ ପଦ୍ୟାତ୍ମକ। ରୀତିକାଳୀନ କବିମାନଙ୍କ ରଚନାବଳୀ ଶୃଙ୍ଗାରରସପ୍ରଧାନ ହେଲା ଭଳି ଏହା ଏକ ଶୃଙ୍ଗାରରସପ୍ରଧାନ କାବ୍ୟ। କବିଙ୍କର ବହୁ ଭଜନ ଓ ଜଣାଣ ଥିବା ଜଣାଯାଏ; କିନ୍ତୁ ବହୁ କଷ୍ଟରେ ମାତ୍ର ପନ୍ଦରଟି ଭଜନ ଓ ଜଣାଣ ସଂଗ୍ରହ କରି 'ବ୍ରଜନାଥ ଗ୍ରନ୍ଥାବଳୀ'ରେ ସ୍ଥାନିତ କରିଛନ୍ତି ଏହାର ସୁଯୋଗ୍ୟ ସମ୍ପାଦକ ସ୍ୱର୍ଗତ ସୁଧାକର ପଟ୍ଟନାୟକ।

## ୧୭.୪.୨୦ ପଦ୍ମନାଭ ଶ୍ରୀଚନ୍ଦନ :

ରାଜକବି ପଦ୍ମନାଭ ଶ୍ରୀଚନ୍ଦନ ବାଙ୍କି ରାଜ୍ୟରେ ୧୭୩୫ ଖ୍ରୀଷ୍ଟାବ୍ଦଠାରୁ ୧୭୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତାଙ୍କଦ୍ୱାରା ରଚିତ 'ଶଶିରେଖା' ଏକ କାଳ୍ପନିକ କାବ୍ୟ। ଏ କାବ୍ୟ ରଚନାରେ ସେ ରୀତିଯୁଗର କାବ୍ୟାଦର୍ଶକୁ ଅନୁସରଣ କରିଛନ୍ତି। କାଳ୍ପନିକ କଥାବସ୍ତୁ ସହିତ ଶିବ-ପାର୍ବତୀଙ୍କ ଆବିର୍ଭାବ ଇତ୍ୟାଦି ଶିବପୁରାଣର କେତେକ ପୌରାଣିକ ଆଖ୍ୟାନକୁ ମିଶାଇ କାବ୍ୟଟିକୁ ସୁଖପାଠ୍ୟ କରାଇଛନ୍ତି। ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ ସ୍ତୁତିକରି କବି କାବ୍ୟ ଆରମ୍ଭ କରିଛନ୍ତି। ଶିବ-ପାର୍ବତୀଙ୍କ ଦ୍ୱାରା ସୃଷ୍ଟ ପୁରୁଷ ଓ ନାରୀ ମ ର୍ ୟରେ ଯଥାକ୍ରମେ ପୁଷ୍କର ଦେଶର ରାଜକୁମାର ପଦ୍ମଧ୍ୱଜ ଭାବରେ ଓ ଇନ୍ଦ୍ରବତୀପୁରର ରାଜକୁମାରୀ ଶଶିରେଖା ଭାବରେ ଜନ୍ମଗ୍ରହଣ କରିଛନ୍ତି। ସେମାନଙ୍କ ପ୍ରେମ, ପ୍ରଣୟ, ବିରହ, ବିଚ୍ଛେଦ, ମିଳନ ଇତ୍ୟାଦିକୁ ପୁଞ୍ଜିକରି ଏହି ଗ୍ରନ୍ଥର କଳେବର ଗଠିତ। ୩୬ଟି ଛାନ୍ଦରେ ବିଭକ୍ତ ଏହି କଥାବସ୍ତୁର ପରିବେଷଣ ପାଇଁ କବି ଭଞ୍ଜଙ୍କ 'ଲାବଣ୍ୟବତୀ' ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଛନ୍ତି। ଏଥିରେ ପ୍ରକୃତିବର୍ଣ୍ଣନା ଓ ନାରୀ ରୂପବର୍ଣ୍ଣନା ଉପମାଯୁକ୍ତ ଓ ସରସ ପଦବିନ୍ୟାସରେ କରାଯାଇଛି। ଆଦିରସର ପ୍ରାବଲ୍ୟ ଏଥିରେ ପରିଦୃଷ୍ଟ ହୁଏ। କାବ୍ୟୋତ୍କର୍ଷ ସମ୍ବନ୍ଧରେ ଏହି କାବ୍ୟର ସୁଯୋଗ୍ୟ ସମ୍ପାଦକ ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଅଭିମତ ଏଠାରେ ଉଦ୍ଧାର କରାଯାଇପାରେ – ''ଯେଉଁସବୁ ରସର ମଧୁର ସମାବେଶରେ କାବ୍ୟର କଳେବର ଗଠିତ ହୁଏ, ଶଶିରେଖା କାବ୍ୟରେ ସେସବୁ ସସଜ୍ଜରୂପେ ବିଦ୍ୟମାନ। ବୀର କହ, ବିଭତ୍ସ କହ, ଶୃଙ୍ଗାର କହ, କୌଣସି ରସ ଏ କାବ୍ୟରେ ତା'ର ପ୍ରାପ୍ୟ ସ୍ଥାନରୁ ବ ୍ତ ହୋଇନାହିଁ। ପୁନଶ୍ଚ ପଦଲାଳିତ୍ୟ ଓ ନାନାବିଧ କାବ୍ୟୋପଯୋଗୀ ଅଳଙ୍କାରର ନିଯୋଜନରେ କବି ଶଶିରେଖାକୁ ସୁଚାରୁ ରୂପେ ମଣ୍ଡନ କରି ଉତ୍କଳୀୟଙ୍କ ଉପଭୋଗ ନିମନ୍ତେ ଗୋଟିଏ ମଧୁମୟ ରସଚକ୍ର ରଖି ଯାଇଛନ୍ତି। ଭାଷା ଉପରେ ତାଙ୍କର ଅଧିକାର ଅସାଧାରଣ।'' (ପ୍ରାଚୀ ସଂସ୍କରଣ, ପୃ:୧) ତାଙ୍କ ଦ୍ୱାରା ରଚିତ 'ଇଚ୍ଛାବତୀ' ନାମକ ଅନ୍ୟ ଏକ କାବ୍ୟର ସନ୍ଧାନ ଏବେ ମିଳିଅଛି।

## ୧୭.୪.୨୧ ତ୍ରିପୁରାରୀ ଦାସ :

ଭକ୍ତକବି ତ୍ରିପୁରାରୀ ଦାସ କଟକ ଜିଲ୍ଲା ଅନ୍ତର୍ଗତ ଡମ୍ପଡ଼ା ଜମିଦାରୀର କୁସିନ୍ଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଜାତିରେ କରଣ ଥିଲେ ଓ ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଜୀବିତ ଥିଲେ। 'ରାମକୃଷ୍ଣ କେଳିକଲ୍ଲୋଳ' କାବ୍ୟଟି ତାଙ୍କ ଲେଖନୀ ନିଃସୃତ। ଏଥିରେ ଅଠେଇଶଟି ଛାନ୍ଦରେ ରାମକୃଷ୍ଣଙ୍କର ଗୋପଲୀଳା ଓ ମଥୁରାଲୀଳା ବର୍ଣ୍ଣିତ। ବିଭିନ୍ନ ଅଳଙ୍କାରରେ ସମାବେଶରେ ଏହାର ବର୍ଣ୍ଣନାଶୈଳୀ ଓ ପଦବିନ୍ୟାସ ରମଣୀୟ ହୋଇଛି। ଗୋଟିଏ ଗୋଟିଏ ଛାନ୍ଦରେ ଦୁଇ ଦୁଇଟି ଋତୁରେ ସାର୍ଥକ ବର୍ଣ୍ଣନା କରି କବି ସ୍ୱୀୟ କବିତ୍ୱ ଓ ପାଣ୍ଡିତ୍ୟ ପ୍ରଦର୍ଶନ କରିଛନ୍ତି। ଅବଶ୍ୟ ରୀତିଯୁଗୀୟ କେତୋଟି ଉଚ୍ଚକୋଟୀର କାବ୍ୟ ସହିତ ଏହା ସମକକ୍ଷ ନୁହେଁ।  ସମଗ୍ର କାବ୍ୟଟିରେ ଅତି ସୁନ୍ଦର ଯମକ ଓ ଉପମା ମିଳନ ପରିଦୃଷ୍ଟ ହୁଏ। ମୂଳରୁ ଶେଷଯାଏଁ ଉପଧା ମିଳନ ରକ୍ଷା କରାଯାଇ ଲିଖିତ ହୋଇଥିବା ଏପରି ଖଣ୍ଡିଏ ଗ୍ରନ୍ଥ ବୋଧହୁଏ ଓଡ଼ିଆ ସାହିତ୍ୟରେ ବିରଳ। କାବ୍ୟଟିରେ କବି ଶ୍ରୀକୃଷ୍ଣଙ୍କୁ ବିଷ୍ଣୁଙ୍କର ଅବତାର ରୂପେ ଚିତ୍ରଣ କରିଛନ୍ତି। ଶ୍ରୀ ଗୌରଚନ୍ଦ୍ରଙ୍କ କୃପାରୁ ଏହି ଗ୍ରନ୍ଥର ରଚନା କେବଳ ସମ୍ଭବ ହେଲା ବୋଲି ସେ ଶେଷ ଛାନ୍ଦରେ ପ୍ରକାଶ କରିଛନ୍ତି।

## ୧୭.୪.୨୨ ଅଭିମନ୍ୟୁ ସାମନ୍ତସିଂହାର :

ଅଭିମନ୍ୟୁ ସାମନ୍ତସିଂହାର କଟକ ଜିଲ୍ଲାର ଯାଜପୁର ସନ୍ନିକଟସ୍ଥ ବାଲିଆ ଜମିଦାରୀ ଅନ୍ତର୍ଗତ ଗୋଳକୁଣ୍ଡ ଗ୍ରାମରେ ଏକ ଅଭିଜାତ ଖଣ୍ଡାୟତ ପରିବାରରେ ଜନ୍ମଗ୍ରହଣ କରିଥିଲେ। 'ପ୍ରେମଚିନ୍ତାମଣି'ରେ କବିଙ୍କଦ୍ୱାରା ପ୍ରଦ   ବିବରଣୀ ଅନୁସାରେ ସେ ୧୭୬୦ ଖ୍ରୀଷ୍ଟାବ୍ଦ ଫେବୃଆରୀ ୨୩ ତାରିଖରେ ଭୂମିଷ୍ଟ ହୋଇଥିଲେ। ତାଙ୍କ ପିତା ଇନ୍ଦ୍ରଜିତ ସାମନ୍ତସିଂହାର ଓ ମାତା ତୁଳସୀ ଦେବୀ। ତାଙ୍କ ପିତା ବାଲିଆର ଜମିଦାର ଥିଲେ। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଥିଲେ ଅଭିମନ୍ୟୁଙ୍କର ଶିକ୍ଷାଗୁରୁ ଓ ଦୀକ୍ଷାଗୁରୁ। ବାଲ୍ୟକାଳରୁ ଅଭିମନ୍ୟୁଙ୍କ କବିତ୍ୱର ସ୍ଫୁରଣ ଘଟିଥିଲା। ସେ ମାତ୍ର ବାର-ଚଉଦ ବର୍ଷ ବୟସରେ 'ବାଘଗୀତ', 'ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ' ଆଦି କେତୋଟି ଗୀତ ରଚନା କରିଥିଲେ। ତାଙ୍କ ରଚନାବଳୀ ମଧ୍ୟରେ 'ପ୍ରେମଚିନ୍ତାମଣି' (୧୭୮୮-୮୯), 'ପ୍ରେମକଳା' (୧୭୮୯-୯୦), 'ରସବତୀ' (୧୭୯୧-୯୨), 'ସୁଲକ୍ଷଣା' (୧୭୯୬), 'ବିଦଗ୍ଧ ଚିନ୍ତାମଣି' ଇତ୍ୟାଦି କେତୋଟି ପୌରାଣିକ ଓ ଆଖ୍ୟାୟିକା କାବ୍ୟ ପ୍ରଧାନ। ଏତଦ୍‌ବ୍ୟତୀତ ସେ ବହୁ ଗୀତିକବିତାର ରଚୟିତା ମଧ୍ୟ। ଜୀବନର ଶେଷଭାଗରେ ସେ କେତେକ ଭଜନ ଓ ଜଣାଣ ମଧ୍ୟ ରଚନା କରିଥିଲେ। ୧୮୦୭ ଖ୍ରୀଷ୍ଟାବ୍ଦରେ ତାଙ୍କର ଦେହାନ୍ତ ହୋଇଥିଲା।

'ପ୍ରେମ ଚିନ୍ତାମଣି' ଏକ ପୌରାଣିକ କାବ୍ୟ। ଏହା ଓଡ଼ିଆ ରୀତି ସାହିତ୍ୟ ତଥା ବୈଷ୍ଣବ ସାହିତ୍ୟ ଭଣ୍ଡାରରେ ଏକ ସମୁଜ୍ଜ୍ୱଳ ରତ୍ନ। ଏହା ଅଡ଼ଷଠିଟି ଛାନ୍ଦରେ ସମାପ୍ତ। ଶ୍ରୀରାଧାଙ୍କର ବିଚିତ୍ର ପ୍ରେମାନୁଭୂତି ଏହି କାବ୍ୟର ବିଷୟ ବସ୍ତୁ। ଶ୍ରୀରାଧାଙ୍କର କୃଷ୍ଣାନୁରାଗକୁ ଅତି ଜୀବନ୍ତ ଭାବରେ କବି ବର୍ଣ୍ଣନ କରିଛନ୍ତି। ଏଥିରେ ନାୟକ-ନାୟିକା ଭେଦ, ଚଉଷଠି କାମକଳା, ଷୋଳ ଶୃଙ୍ଗାର, ମାଧୁର୍ଯ୍ୟ ଭକ୍ତି ଆଦି କେତେକ ବୈଷ୍ଣବ ଦର୍ଶନ ପରିବେଷିତ ହୋଇଛି। ଫଳରେ ଗୌଡ଼ୀୟ ବୈଷ୍ଣବଧର୍ମ ଓ ଦର୍ଶନ ଦୃଷ୍ଟିରୁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ବିଭିନ୍ନ ରାଗରାଗିଣୀରେ ରଚିତ। ବିଭିନ୍ନ ଶୃଙ୍ଖଳା, ନିୟମ, ଚିତ୍ରବନ୍ଧ, ଅଳଙ୍କାର ଇତ୍ୟାଦି ଦ୍ୱାରା ସେ ଏହାକୁ ରୀତିରୂପ ଦେବାରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

'ପ୍ରେମକଳା' ଏକ କାଳ୍ପନିକ କାବ୍ୟ। ଏହାର ଛାନ୍ଦସଂଖ୍ୟା ଚଉଷଠି। ଏହା ଏ ଅବଧି ଅମୁଦ୍ରିତ। ଏହାର ନାୟିକା ପ୍ରେମକଳା ଦେବୀଙ୍କ କୃପାରୁ ନାୟକ ଶ୍ୟାମସୁନ୍ଦରକୁ ସ୍ୱାମୀରୂପେ ପାଇଛି। ତାପରେ ସେମାନଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ଅନ୍ୟାନ୍ୟ ରୀତିଯୁଗୀୟ କାବ୍ୟଭଳି ପ୍ରେମ-ପ୍ରଣୟ ଓ ମିଳନ-ବିଚ୍ଛେଦ ଏହି କାବ୍ୟର କଥାବସ୍ତୁରେ ମୁଖ୍ୟସ୍ଥାନ ଅଧିକାର କରିଛି। ତାଙ୍କର

ଅନ୍ୟତମ କାଳ୍ପନିକ କାବ୍ୟ 'ରସବତୀ' ବତିଶଗୋଟି ଛାନ୍ଦରେ ରଚିତ। ଲାବଣ୍ୟବତୀର ଅନୁକରଣରେ ଏହା ରଚିତ ଏପରିକି ଲାବଣ୍ୟବତୀର ଘଟନାବଳୀ ସହିତ ଏହାର ଘଟନାବଳୀ ମଧ୍ୟ ସମତା ରକ୍ଷା କରେ। ଅଙ୍ଗଦେଶର ରାଜକନ୍ୟା ରସବତୀ ସ୍ୱୟମ୍ୱର ସଭାରେ ମାଳବ ରାଜାଙ୍କୁ ସ୍ୱାମୀରୂପେ ବରଣ କରିଛି। ମାତ୍ର ଯକ୍ଷ ଚିତ୍ରସେନ ରାଜାଙ୍କୁ ଅପହରଣ କରି ନାୟକ-ନାୟିକାଙ୍କ ମଧ୍ୟରେ ବିରହ ବେଦନା ସୃଷ୍ଟି କରିଛି। ତାପରେ କିଛି ଦିନ ପରେ ହଂସ-ଦୂତ ସାହାଯ୍ୟରେ ସେମାନେ ପରସ୍ପରର ସ୍ଥିତି ଜାଣିପାରିଛନ୍ତି ଓ ଶେଷରେ ହଂସ ରାଜାଙ୍କୁ ପିଠିରେ ବସାଇନେଇ ରସବତୀ ସହିତ ମିଳନ କରାଇଛି। ଏ କାବ୍ୟର ଋତୁବର୍ଣ୍ଣନା ପାଇଁ ସେ ଉପେନ୍ଦ୍ର ଭଞ୍ଜଙ୍କୁ ମଧ୍ୟ ପଦେ ପଦେ ଅନୁସରଣ କରିଛନ୍ତି। 'ସୁଲକ୍ଷଣା' କାବ୍ୟଟି ପୌରାଣିକ ବିଷୟବସ୍ତୁକୁ ନେଇ ରଚିତ। ଦୁର୍ଯ୍ୟୋଧନଙ୍କ କନ୍ୟା ସୁଲକ୍ଷଣା ସହିତ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ୱଙ୍କର ପ୍ରଣୟ କାହାଣୀ ହେଉଛି ଏହି କାବ୍ୟର ବିଷୟବସ୍ତୁ। ଏହା ଷୋଳଟି ଛାନ୍ଦରେ ଓ ଷୋଳଟି ବିଭିନ୍ନ ରାଗରେ ରଚିତ।

'ବିଦଗ୍ଧ ଚିନ୍ତାମଣି' କାବ୍ୟଟି କବିଙ୍କ ଜୀବନରେ ଶେଷ ପର୍ଯ୍ୟାୟରେ ରଚିତ। ଏଥିରେ ସର୍ବମୋଟ ଛୟାନବେଟି ଛାନ୍ଦ ରହିଛି। ତଥାପି ଏହା ଅସମ୍ପୂର୍ଣ୍ଣ। ଶୁଣିବାକୁ ମିଳେ ଯେ, କବି ଏହାକୁ ୧୦୮ ଛାନ୍ଦରେ ସମାପ୍ତ କରିବାର ଅଭିଳାଷ ପୋଷଣ କରିଥିଲେ; ମାତ୍ର କାବ୍ୟଟି ସମ୍ପୂର୍ଣ୍ଣ କରିବା ପୂର୍ବରୁ ବୃନ୍ଦାବନ ଯାତ୍ରା ପଥରେ ୧୮୦୬ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ। ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା, ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ବାତ୍ସଲ୍ୟଭାବ, ରାଧାଜନ୍ମ, କୃଷ୍ଣ-ଚନ୍ଦ୍ରାବଳୀ ପ୍ରେମଲୀଳା, କୃଷ୍ଣ-ରାଧିକା ପ୍ରେମଲୀଳା, ରାଧା-କୃଷ୍ଣଙ୍କ ମଧ୍ୟରେ ମନୋମାଳିନ୍ୟ, ପୌର୍ଣ୍ଣମାସୀର ମଧ୍ୟସ୍ଥତା ଓ ଶେଷରେ ରାଧା-କୃଷ୍ଣ ମିଳନାଦି ପ୍ରସଙ୍ଗ ଏଥିରେ ବର୍ଣ୍ଣିତ। ଅନ୍ୟ ଭାଷାରେ 'ଅପ୍ରାକୃତ ପ୍ରେମମୂ ି' ରାଧା - ହରିଙ୍କର ଅବ୍ୟକ୍ତ ପ୍ରେମଲୀଳା ଏଥିରେ ବ୍ୟକ୍ତ। ଶବ୍ଦବିନ୍ୟାସ, ଛାନ୍ଦଲାଳିତ୍ୟ, ପ୍ରକାଶଭଙ୍ଗୀ ଓ ବର୍ଣ୍ଣନାଚାତୁରୀରେ କବିଙ୍କ ସ୍ୱତନ୍ତ୍ରତା ପରିଦୃଷ୍ଟ ହୁଏ। ଏହି କାବ୍ୟ ସମ୍ବନ୍ଧରେ ସ୍ୱର୍ଗତ ଐତିହାସିକ ଜଗବନ୍ଧୁ ସିଂହ କହନ୍ତି - ''କବିଙ୍କ ଭାଷା ସରଳ ଓ ସୁନ୍ଦର ଏବଂ ସୁନ୍ଦର ଭାବଗର୍ଭକ। କବିଙ୍କ 'ବିଦଗ୍ଧ ଚିନ୍ତାମଣି' ସର୍ବାପେକ୍ଷା ଉତ୍କୃଷ୍ଟ। 'ବିଦଗ୍ଧ ଚିନ୍ତାମଣି' ପାଠକଲେ ଭକ୍ତହୃଦୟ ବିଗଳିତ ହୁଏ ଏବଂ ଆନନ୍ଦାଶ୍ରୁ ବିନିର୍ଗତ ହୁଏ। ଗୋଟିଏ ଗୋଟିଏ ଛାନ୍ଦ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ସ୍ୱରୂପ। କବି ସ୍ଥାନେ ସ୍ଥାନେ ଛାନ୍ଦର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି; ମାତ୍ର ବର୍ଣ୍ଣନାଗୁଡ଼ିକରେ କିଛି ମାତ୍ର ଅତିଶୟୋକ୍ତି ନାହିଁ।'' (ପ୍ରାଚୀନ ଉତ୍କଳ, ପୃ:୧୫୦) ସେ ଆହୁରି କହିଛନ୍ତି - ''ବିଦଗ୍ଧ ଚିନ୍ତାମଣି ଉତ୍କଳ ଭାଷାରେ ଗୋଟିଏ ଅମୂଲ୍ୟ ରତ୍ନ। ଉତ୍କଳ ଭାଷା ଅଭିମନ୍ୟୁଙ୍କ ହସ୍ତରେ କେତେଦୂର ଉନ୍ନତାବସ୍ଥା ପ୍ରାପ୍ତ ହୋଇଥିଲା 'ବିଦଗ୍ଧ ଚିନ୍ତାମଣି' ତହିଁର ଜ୍ୱଳନ୍ତ ଉଦାହରଣ।'' (ପ୍ରାଚୀନ ଉତ୍କଳ, ପୃ:୧୪୬) ଏହା ଏକାଧାରରେ ଉପମା, ଅର୍ଥଗୌରବ ଓ ପଦଲାଳିତ୍ୟରେ ସମୃଦ୍ଧ ହୋଇଥିବାରୁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଯଥାର୍ଥରେ କହିଛନ୍ତି -''ବିଦଗ୍ଧ ଚିନ୍ତାମଣି ଅନ୍ୟାନ୍ୟ ଗ୍ରନ୍ଥ ଆଦର୍ଶରେ ବିରଚିତ ହୋଇଥିଲେହେଁ ଏଥିରେ କବିଙ୍କ ପ୍ରତିଭାର ଯଥେଷ୍ଟ ପରିଚୟ ମିଳେ। ଏଥିରେ ପାଣ୍ଡିତ୍ୟ ଓ କବିତ୍ୱ, ଗାମ୍ଭାର୍ଯ୍ୟ ଓ ମାଧୁର୍ଯ୍ୟ, ଲାଳିତ୍ୟ ଓ ସାରଲ୍ୟ ଏକାଧାରରେ ଠୁଳ ହୋଇଅଛି। ''ଉପମା କାଳିଦାସସ୍ୟ ଭାରବେରର୍ଥ ଗୌରବଂ/ନୈଷଧେ ପଦଲାଳିତଂ ମାଘେ ସନ୍ତି ତ୍ରୟୋଗୁଣାଃ।'' - ସଂସ୍କୃତର ଏହି ଉକ୍ତିକୁ ଉତ୍କଳର କବିସମାଜରେ ପ୍ରୟୋଗ କଲେ ଆମ୍ଭେମାନେ ଅକୁଣ୍ଠିତ ଚି ରେ ଏହା କରିପାରିବୁ ଯେ - ''ଉପମା ଭଞ୍ଜବୀରସ୍ୟ ତସ୍ୟୈ ବଚାର୍ଥଗୌରବଂ / କଲ୍ଲୋଳେ (ରସକଲ୍ଲୋଳ) ପଦଲାଳିତ୍ୟଂ ସନ୍ତି ଚିନ୍ତାମଣୌ (ବିଦଗ୍ଧ ଚିନ୍ତାମଣୌ) ତ୍ରୟଃ।'' (ଉତ୍କଳ ସାହିତ୍ୟ, ୧୮ଶ ଭାଗ, ୨ ୟ ସଂଖ୍ୟା)।

## ୧୭.୪.୨୩ ନିଶଙ୍କ ରାୟରାଣୀ :

'ପଦ୍ମାବତୀ ଅଭିଳାଷ' କାବ୍ୟ ପ୍ରଣେତ୍ରୀ ନିଶଙ୍କ ରାୟରାଣୀ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବା ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାନ୍ତର୍ଗତ ଜରଡ଼ା ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ। ସେ ଜରଡ଼ା ଥାଟରାଜା (ରାଜାଙ୍କ ସାନଭାଇ)ଙ୍କ କନ୍ୟା। ବୁଢ଼ାଶିଙ୍ଗୀର ରାଜା ଶ୍ରୀଗୌରଚନ୍ଦ୍ର ନିଶଙ୍କରାୟଦେଉଙ୍କୁ ସେ ୧୭୮୮ ଖ୍ରୀଷ୍ଟାବ୍ଦରେ ବିବାହ କରିଥିଲେ। ବିବାହର ଅଳ୍ପ କେତୋଟି ବର୍ଷ ପରେ ସେ ଅକାଳ ବୈଧବ୍ୟ ବରଣ କରିଥିଲେ। ନିଜର ଏହି ପରିଚୟ ସେ ଆଲୋଚ୍ୟ କାବ୍ୟରେ ପ୍ରଦର୍ଶନ କରିଛନ୍ତି। ଏଥିରେ ଜରଡ଼ା ରାଜବଂଶର ଆରାଧ୍ୟ ଦେବତା ଦୁର୍ଗାମାଧବଙ୍କ ନାମୋଲ୍ଲେଖ ଅନେକ ସ୍ଥଳରେ ଦେଖିବାକୁ ମିଳେ। ଗ୍ରନ୍ଥାରମ୍ଭରେ ସରସ୍ୱତୀଙ୍କୁ ବନ୍ଦନା କରାଯାଇ ବିଷୟବସ୍ତୁ ଉପସ୍ଥାପନ କରାଯାଇଛି। ଉପେନ୍ଦ୍ର ଭଞ୍ଜଙ୍କୁ ଆଦର୍ଶ କରି ତାଙ୍କରି ଶୈଳୀରେ ସେ ଏହି କାବ୍ୟ ରଚନା କରିଥିବା ଭଳି ମନେହୁଏ। ପଦ୍ମାବତୀଙ୍କ ବିବାହ ଏଥିରେ ଅତି ଜୀବନ୍ତ ଭାବରେ ବିବୃତ। ଓଡ଼ିଆ ସମାଜରେ ହେଉଥିବା ବିବାହ ଓ ତତ୍‌ସହିତ ସଂପୃକ୍ତ ନାନା ବିଧିବିଧାନକୁ ପଦ୍ମାବତୀଙ୍କ ବିବାହ ବର୍ଣ୍ଣନାରେ ସେ ନିୟୋଜିତ କରିଛନ୍ତି। ବାଲ୍ୟକାଳରେ ଶୁଣିଥିବା ସାଧବପୁଅଙ୍କ ବୋଇତଯାତ୍ରା, ରାକ୍ଷସୀର ଆୟୁଷତୁମ୍ବା ଭଗ୍ନ କରିବା ଫଳରେ ତା'ର ମୃତ୍ୟୁ ଇତ୍ୟାଦି ଗଳ୍ପାଂଶମାନ ସେ ଏଥିରେ ଗୁମ୍ଫନ କରିଛନ୍ତି। ଏହି କାବ୍ୟର ବର୍ଣ୍ଣନାମାନ ଅତି ସୁନ୍ଦର ଏବଂ ଏହାର ଭାଷା ସରଳ, ଶୁଦ୍ଧ ଓ ପ୍ରାଞ୍ଜଳ।

## ୧୭.୪.୨୪ ଯଦୁମଣି ମହାପାତ୍ର :

'ଅଣକ ଫୋଡ଼ି ପେଟ କଣକ ପୋଷୁଥିବା' ଆଶୁକବି ଯଦୁମଣି ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୮ ତାରିଖ (୧୧୮୮ ସାଲ ପୌଷ ଶୁକ୍ଳ ତ୍ରୟୋଦଶୀ ସୋମବାର)ରେ ଗଞ୍ଜାମ ଜିଲ୍ଲାର ଆଠଗଡ଼ ତାଲୁକାସ୍ଥିତ ମଥୁରା ଗ୍ରାମରେ ବିଶ୍ୱକର୍ମା (ବଢ଼େଇ) କୁଳରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୁକୁନ୍ଦ ମହାପାତ୍ର ଓ ମାତାଙ୍କ ନାମ ଶୋଭାଦେବୀ। 'ଯଦୁକୃଷ୍ଣ'ଙ୍କ କୃପାରୁ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ନାମ ରଖାଯାଇଥିଲା ଯଦୁମଣି। ଯଦୁମଣିଙ୍କୁ ଦଶବର୍ଷ ବୟସବେଳେ ତାଙ୍କର ପିତାମାତା କୌଣସି କାରଣରୁ ଆଠଗଡ଼ ତ୍ୟାଗ କରି ନୟାଗଡ଼ର ଇଟାମାଟି ଗ୍ରାମରେ ବାସ କଲେ। ଆଠଗଡ଼ର ପଣ୍ଡିତ ଭଗବାନ ବାହିନୀପତି ଥିଲେ କବିଙ୍କ ଶିକ୍ଷାଗୁରୁ। ପିତାଙ୍କର ଦାରିଦ୍ର୍ୟ ଯୋଗୁଁ କବି ବିଦ୍ୟାଶିକ୍ଷା ଦିଗରେ ବେଶୀ ଦୂର ଅଗ୍ରସର ହୋଇପାରି ନଥିଲେ। ଘୋର ଅଭାବ ଓ ଅନଟନରେ ଥାଇ ମଧ୍ୟ ସେ ଅମରକୋଷ, ବିଶ୍ୱକୋଷ, ମେଦିନୀ ଇତ୍ୟାଦି ବହୁ ଶବ୍ଦକୋଷ ଆୟତ୍ତ କରିପାରିଥିଲେ। ସ୍ଥାନୀୟ ପଣ୍ଡିତମାନଙ୍କ ସାହାଯ୍ୟରେ ସେ କାଳିଦାସତ୍ରୟୀ, ଭବଭୂତିଙ୍କ 'ଉ ର ରାମଚରିତ', ଶ୍ରୀହର୍ଷଙ୍କର 'ନୈଷଧ', ମାଘଙ୍କର 'ଶିଶୁପାଳବଧ' ଇତ୍ୟାଦି ମହାକାବ୍ୟ ଏବଂ 'ସାହିତ୍ୟ ଦର୍ପଣ' ଓ 'କାବ୍ୟ ପ୍ରକାଶ' ପ୍ରଭୃତି ଅଳଙ୍କାର ଗ୍ରନ୍ଥ ଅଧ୍ୟୟନ କରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇପାରିଥିଲେ। 'ରାଘବ ବିଳାସ', 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଓ 'ଅନ୍ୟାନ୍ୟ କବିତାବଳୀ' ଏହି ପାଣ୍ଡିତ୍ୟର ପରିଚାୟକ। 'ହୟଗ୍ରୀବମନ୍ତ୍ର' ସାଧନ କରି କବିତ୍ୱପ୍ରାପ୍ତ ହୋଇଛନ୍ତି ବୋଲି କବି ନିଜେ ସୂଚନା ଦେଇଛନ୍ତି।

'ରାଘବ ବିଳାସ' କବିଙ୍କର ୫୨ଛାନ୍ଦ ବିଶିଷ୍ଟ ଏକ କାବ୍ୟ। ରାଜା ବିନାୟକ ସିଂହଙ୍କ ନାମରେ ଭଣିତା କରି କବି ଏହାକୁ ରାଜାଙ୍କ ପାଟରାଣୀଙ୍କୁ ଭେଟି ଦେଇଥିଲେ। ରାଣୀ ଏହାକୁ ନିଜ ଠାକୁର ଘରେ ରଖି ପୂଜା କରୁଥିଲେ। ପ୍ରତିବର୍ଷ ଚୈତ୍ରମାସର ରାମନବମୀଠାରୁ ୨୧ଦିନ ପର୍ଯ୍ୟନ୍ତ ଲୀଳାକାରରେ ଏହା ପଠିତ ହେଉଥିଲା ଓ ସହସ୍ର ସହସ୍ର ଜନତା ତାହା ଶ୍ରବଣ କରି ପୁଣ୍ୟାର୍ଜନ କରୁଥିଲେ; ମାତ୍ର କିଛି ବର୍ଷ ପରେ ଏହା ଗୃହ ଦଗ୍‌ଧରେ ଲୁପ୍ତ ହୋଇଗଲା। ପୂର୍ବରୁ ଶୁଣିଶୁଣି ଏଥିରୁ କେତେ ଛାନ୍ଦ ଟିପି ରଖିଥିବା ବା ମୁଖସ୍ଥ କରିଥିବା ରସଗ୍ରାହୀ ପାଠକମାନଙ୍କଠାରୁ ଏହା ସଂଗ୍ରହ କରାଯାଇ ପ୍ରକାଶିତ ହୋଇଅଛି ୧୯୫୯

ଖ୍ରୀଷ୍ଟାବ୍ଦରେ; କିନ୍ତୁ ଏଥିରେ ସମ୍ପୂର୍ଣ୍ଣ ପାଠ ନାହିଁ ଏ ପର୍ଯ୍ୟନ୍ତ ମଧ୍ୟ ସମ୍ପୂର୍ଣ୍ଣ ପାଠ ମିଳିନାହିଁ, ମିଳିଛି ମାତ୍ର ୩୭ଟି ଛାନ୍ଦ। ପୁଣି ଏହି ୩୭ ଛାନ୍ଦରୁ ମଧ୍ୟ କେତୋଟି ସମ୍ପୂର୍ଣ୍ଣ ନୁହେଁ। ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମ ବିଳାସ' ଓ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' ଭଳି ଏଥିରେ ରାମଚରିତ ବିବୃତ। ମାତ୍ର ଶୈଳୀଗତ ବୈଶିଷ୍ଟ୍ୟ ହେତୁ ଏହା ପୂର୍ବୋକ୍ତ ଗ୍ରନ୍ଥଦ୍ୱୟଠାରୁ ଉତ୍କୃଷ୍ଟତର ବୋଲି କେତେକ ଆଲୋଚକ ମତବ୍ୟକ୍ତ କରନ୍ତି। ବାସ୍ତବିକ ଏକ ତୁଳନାତ୍ମକ ଦୃଷ୍ଟିରେ ବିଚାର କଲେ ଯଦୁମଣିଙ୍କ ରଚନା ଅଧିକ ଆଳଙ୍କାରିକ ଓ ଚାତୁର୍ଯ୍ୟସମ୍ପନ୍ନ ବୋଲି ଯେକେହି ସ୍ୱୀକାର କରିବ। ଗ୍ରନ୍ଥର ଆରମ୍ଭରେ ବିଘ୍ନବିନାଶକ ବିନାୟକଙ୍କୁ ପ୍ରାର୍ଥନା କରି ସମଗ୍ର କାବ୍ୟରେ ରାବଣର ଦୌରାତ୍ମ୍ୟ, ଋଷ୍ୟଶୃଙ୍ଗ ବୃ ାନ୍ତ, ସୀତାଜନ୍ମ, ରାମଚନ୍ଦ୍ରଙ୍କ ଯଜ୍ଞରକ୍ଷା, ଶିବଧନୁ ଭଙ୍ଗ, ରାମସୀତା ବିବାହ, ସ୍ୱତନ୍ତ୍ର ଶିବିରରେ ସୀତାଙ୍କ ମଧୁଶଯ୍ୟା, ରାମଚନ୍ଦ୍ରଙ୍କର ପରଶୁରାମ ଦଳନ, ଅଯୋଧ୍ୟା ପ୍ରତ୍ୟାଗମନ, ସୀତାହରଣ, ସୁଗ୍ରୀବ ସହିତ ଶ୍ରୀରାମଙ୍କ ମିତ୍ରତା, ପ୍ରାଥମିକ ଯୁଦ୍ଧ ଇତ୍ୟାଦିର ବିବରଣୀମାନ ସୁଚାରୁରୂପେ ପରିବେଷିତ।

'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କବିଙ୍କର ଦ୍ୱିତୀୟ କାବ୍ୟ। ଏହା ଆଠଟି କଳା ବା ଛାନ୍ଦରେ ସମ୍ପୂର୍ଣ୍ଣ। ଏଥିରେ ଶ୍ରୀକୃଷ୍ଣ-ରୁକ୍ମିଣୀ ବିବାହ ବର୍ଣ୍ଣିତ। ଦ୍ୱାରକାର ପ୍ରାଚୁର୍ଯ୍ୟ ବର୍ଣ୍ଣନାରେ କବି ଯେଉଁ ଅତିରଞ୍ଜନର ଆଶ୍ରୟ ନେଇଛନ୍ତି, ତହିଁରୁ ତାଙ୍କ କଳ୍ପନାବିଳାସର ସମ୍ୟକ୍ ପରିଚୟ ମିଳେ। ଏଥିରେ କବି ଶୃଙ୍ଗାର, ଶାନ୍ତ, କରୁଣ, ରୌଦ୍ର, ବୀର, ବୀଭତ୍ସ, ଅଦ୍ଭୁତ, ହାସ୍ୟ, ଭୟାନକ ରସମାନଙ୍କୁ ସ୍ଥଳବିଶେଷରେ ଅତି ନିପୁଣତା ସହକାରେ ଖଞ୍ଜି ଦେଇଛନ୍ତି। ଏଥିରେ ପାଣିନିଙ୍କ ବ୍ୟାକରଣଠାରୁ ଆରମ୍ଭ କରି ଅଳଙ୍କାରଶାସ୍ତ୍ର, ଭେଷଜଶାସ୍ତ୍ର, ଜ୍ୟୋତିଃଶାସ୍ତ୍ର, ଭକ୍ତିଶାସ୍ତ୍ର ଏବଂ ନିଗୂଢ଼ ଦର୍ଶନ ଆଦିର ଯେଉଁ ଉଦାହରଣମାନ ସେ ପ୍ରଦାନ କରିଛନ୍ତି, ତାହା ତାଙ୍କ ପାଣ୍ଡିତ୍ୟର ଯଥାର୍ଥ ପରିଚାୟକ। ଉପମା, ଅନୁପ୍ରାସ, ଯମକ, ଶ୍ଳେଷ, ଅଦ୍ଭୁତୋପମା, ଅନ୍ତର୍ଲିପି, ବହିର୍ଲିପି ଇତ୍ୟାଦି ମାଧ୍ୟମରେ କବି ଗ୍ରନ୍ଥରେ ସୌନ୍ଦର୍ଯ୍ୟ, ଚାତୁର୍ଯ୍ୟ ଓ ବୈଶିଷ୍ଟ୍ୟ ସୃଷ୍ଟି କରିଛନ୍ତି। ସ୍ୱରଚିତ କାବ୍ୟ-କବିତା ପାଇଁ କବିଙ୍କର ଅହଙ୍କାର ଓ ଅଭିମାନ ଥିଲା। ଅତୁଟ ଆତ୍ମବିଶ୍ୱାସ ହେତୁ ସେ କହିପାରିଥିଲେ –

''ଶୂଦ୍ରମୁଖୁଁ ଏ ହୋଇଛି ବାହାର
ରୌଦ୍ରତା ବହି କେହି ନ ବିଚାର,
ବିଧୁ ବିଧୁଦନ୍ତ ଉଚ୍ଛିଷ୍ଟ ଜଣା
ଶିବେ ବାଜେ ଚନ୍ଦ୍ରଚୂଡ଼ ବାଜଣା, ସେ
ପଦ୍ମାପତିଙ୍କର ପଦ, ଯେ
ସମ୍ଭବ ସମ୍ପଦ ପଦାର୍ଥରେ ବ୍ୟର୍ଥ
ଖଣ୍ଡିବାର ଅପବାଦ, ଯେ।'' (୧/୭)

ଅର୍ଥାତ୍, ଜଣେ ଶୂଦ୍ର (ବଢ଼େଇ)ର ମୁଖରୁ ଏହା ବାହାରିଛି ବୋଲି କ୍ରୋଧ (ରୌଦ୍ରତା) ବହି ଏହାକୁ ବିଚାର କରନାହିଁ। ଅନ୍ୟ ଭାଷାରେ, ଶୂଦ୍ର ବା ବଢ଼େଇ ମୁହଁରୁ ଏହା ବାହାରିଥିବାରୁ 'ବଢ଼େଇ ଅଇଁଠା' ମନେ କରି କେହି ଉଚ୍ଚବର୍ଣ୍ଣର ବ୍ୟକ୍ତି ଘୃଣା ପ୍ରକାଶ କର ନାହିଁ। ଯେପରି ଚନ୍ଦ୍ର ରାହୁର ଉଚ୍ଛିଷ୍ଟ ହେଲେ ମଧ୍ୟ ଶିବ ଚନ୍ଦ୍ରଙ୍କୁ ମୁଣ୍ଡରେ ବହି ଚନ୍ଦ୍ରଚୂଡ଼ ନାମରେ (ବାଜେ ବାଜଣା) ଖ୍ୟାତ, ସେହିପରି (ପଦ୍ମାପତି) ବିଷ୍ଣୁଙ୍କ ବିଷୟରେ ଏହି ପଦମାନ ପରମ ପଦାର୍ଥ। ଏଥିରେ (ଅପବାଦ) ମିଥ୍ୟା ନିନ୍ଦାବାଦ ବ୍ୟର୍ଥ ହେବ।

ଏ କାବ୍ୟଦ୍ୱୟ ବ୍ୟତୀତ କବି ବହୁ ଭଜନ, ଜଣାଣ ଓ ଚଉପଦୀ ରଚନା କରିଥିଲେ। ବହୁ ରହସ୍ୟମୟ ଓ ପ୍ରହେଳିକାପୂର୍ଣ୍ଣ କୌତୁକ ପ୍ରଶ୍ନ ମଧ୍ୟ ସେ ପଦ୍ୟାକାରରେ ରଚନା କରିଥିଲେ, ଯେଉଁଥିରୁ ୩୬ଗୋଟି ପଣ୍ଡିତ ବିନାୟକ ମିଶ୍ରଙ୍କଦ୍ୱାରା ସଂଗୃହୀତ ହୋଇ 'ନାମମାଳା' ଶୀର୍ଷକରେ ତାଙ୍କ ସମ୍ପାଦିତ 'ଯଦୁମଣି ଗ୍ରନ୍ଥାବଳୀ'ରେ ସ୍ଥାନିତ ହୋଇଛି।

ଯଦୁମଣି ହାସ୍ୟରସିକ ଭାବରେ ଓଡ଼ିଶାର ଘରେ ଘରେ ପରିଚିତ। ତାଙ୍କ ଜୀବନର ବହୁ ହୃଦୟସ୍ପର୍ଶୀ ତଥା ବିଶିଷ୍ଟ ଘଟଣାବଳୀ କାଳକ୍ରମେ ଗଳ୍ପାକାରରେ ଲୋକମୁଖରେ ପ୍ରଚଳିତ। ଏଗୁଡ଼ିକ 'ଯଦୁମଣି ରହସ୍ୟ' ନାମରେ ପରିଚିତ। ଏଗୁଡ଼ିକ ଶୁଣିଲେ ମଣିଷ ହସି ହସି ବେଦମ ହୋଇଯାଏ। ସେ ହାସ୍ୟରସ ପରିବେଷଣ କରୁଥିଲେ ନିଜର ପ୍ରତ୍ୟୁତ୍ପନ୍ନମତିତ୍ୱ ଓ ଉପସ୍ଥିତ ବୁଦ୍ଧି ବଳରେ। ତାଙ୍କ ମନୋଭାବକୁ ସେ ତତ୍‌କ୍ଷଣାତ୍ ପ୍ରକାଶ କରିପାରୁଥିଲେ ଚାତୁର୍ଯ୍ୟପୂର୍ଣ୍ଣ ଚଟୁଳ କବିତ୍ୱରେ। ତେଣୁ ତାଙ୍କ କୁହାଯାଉଥିଲା ଆଶୁକବି। ତାଙ୍କର ପୃଷ୍ଠପୋଷକ ରାଜାମାନେ ତାଙ୍କୁ ତାଙ୍କର ବାକ୍ୟ-ଅନର୍ଗଳତା ପାଇଁ ସ୍ୱାଧୀନତା ଦେଇଥିଲେ ଏବଂ ତାଙ୍କର ପ୍ରଚଣ୍ଡ ବିଦ୍ରୁପ, ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ଓ ଚଟୁଳ କବିତ୍ୱରେ କ୍ଷୁଣ୍ଣ ବା ଆହତ ହେଉ ନଥିଲେ। ହାସ୍ୟରସର ପୁଟଦେଇ ବ୍ୟଙ୍ଗ ବିଦ୍ରୁପ ପ୍ରକାଶ କରିବାରେ ତାଙ୍କର ଯେଉଁ ଅଦ୍ଭୁତ ଶୈଳୀ, ତାହା ତାଙ୍କୁ ଦୋଷଦୁଷ୍ଟ ନ କରାଇ କରିଥିଲା ଶ୍ରଦ୍ଧାଭାଜନ। ନିଜର ପ୍ରତ୍ୟୁତ୍ପନ୍ନମତିତ୍ୱରେ ସେ ବହୁ ସ୍ୱନାମଧନ୍ୟ ବିଚକ୍ଷଣ ପଣ୍ଡିତଙ୍କୁ ପରାସ୍ତ କରିଥିଲେ।

## ୧୭.୫ ନିଷ୍କର୍ଷ :

ଏହି ୟୁନିଟ୍‌ରେ ପ୍ରାକ୍ - ରୀତିଯୁଗୀୟ ଓ ରୀତିଯୁଗୀୟ ବିଶିଷ୍ଟ କବିଗଣ ଓ ସେମାନଙ୍କ ପ୍ରଧାନ ପ୍ରଧାନ କୃତିଗୁଡ଼ିକ ଉପରେ ବିଭିନ୍ନ ଦୃଷ୍ଟିରେ ଆଲୋକପାତ କରାଯାଇଛି। ମୋଟ ଉପରେ ଏହି ଆଲୋଚନାର ନିଷ୍କର୍ଷ ହେଉଛି -

୧. ପ୍ରାକ୍-ରୀତିଯୁଗର ସାହିତ୍ୟ ଅନାଗତ ରୀତିସାହିତ୍ୟ ପାଇଁ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଥିଲା, ଯାହା ଫଳରେ ସଂସ୍କୃତ ସାହିତ୍ୟର ପ୍ରତିସ୍ପର୍ଦ୍ଧାରେ ଓଡ଼ିଆ ରୀତିକାବ୍ୟମାନ ରଚିତ ହେବା ପାଇଁ ଅନୁକୂଳ ବାତାବରଣ ଓ ଅନୁପ୍ରେରଣା ଉପଲବ୍ଧ ହୋଇପାରିଲା।

୨. ଏହି ରୀତିଯୁଗର ସାହିତ୍ୟକୃତିମାନ ସଂସ୍କୃତ ସାହିତ୍ୟର ପ୍ରତିସ୍ପର୍ଦ୍ଧାରେ ରଚିତ ହୋଇଥିବାରୁ ସଂସ୍କୃତ ରୀତି, ଶୈଳୀ ଓ କାବ୍ୟଧର୍ମକୁ ବ ।ଇରଖି ଅନୁରୂପ ଢ଼ଙ୍ଗରେ ରଚିତ ହେଉଥିଲା ଓ ସ୍ଥଳବିଶେଷରେ ସଂସ୍କୃତ ସାହିତ୍ୟର ଶୈଳୀ ଓ ଆଦର୍ଶକୁ ଅତିକ୍ରମ କରିବା ନିମି   ଚେଷ୍ଟିତ ଥିଲା।

୩. ସମକାଳୀନ କବିମାନଙ୍କ ମଧ୍ୟରେ ଶାସ୍ତ୍ରଗତ ପାଣ୍ଡିତ୍ୟ ପ୍ରଦର୍ଶନ କରିବା ଦିଗରେ ପ୍ରତିଯୋଗିତା ହେଉଥିଲା। ଅର୍ଥାତ୍ ବେଦ, ଉପନିଷଦ, ଷଡ୍‌ଦର୍ଶନ, ଅଷ୍ଟାଦଶ ପୁରାଣ, ଶିଳ୍ପଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ସଂସ୍କୃତଶାସ୍ତ୍ର, କାମଶାସ୍ତ୍ର, ସାମୁଦ୍ରିକଶାସ୍ତ୍ର, ଧର୍ମଶାସ୍ତ୍ର ପ୍ରଭୃତିରୁ ଆହରିତ ଜ୍ଞାନର ପର୍ଯ୍ୟାପ୍ତ ବିନିଯୋଗ ହେଉଥିଲା ଏ ଯୁଗର ସାହିତ୍ୟରେ।

୪. ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ, ଏ ଯୁଗ ଥିଲା କାଳ୍ପନିକ କାବ୍ୟର ଯୁଗ। ଏ ଯୁଗରେ ପୌରାଣିକ ବିଷୟବସ୍ତୁକୁ ନେଇ କାବ୍ୟମାନ ରଚିତ ହେଉଥିଲେ ହେଁ ରାଜପୁତ୍ର ଓ ରାଜପୁତ୍ରୀଙ୍କୁ ନେଇ ରଚିତ ହେଉଥିବା କାଳ୍ପନିକ କାବ୍ୟଗୁଡ଼ିକର ସଂଖ୍ୟା ଥିଲା ଅଧିକ। ବେଳେବେଳେ ଅତିକଳ୍ପନା ବା ଉଦ୍ଭଟ କଳ୍ପନା କାବ୍ୟକୁ ଭାରାକ୍ରାନ୍ତ କରୁଥିଲା।

୫.	ସମକାଳୀନ କାଳ୍ପନିକ କାବ୍ୟମାନ ପ୍ରାୟ ଗୋଟିଏ ଢା ।ରେ ଗଠିତ ହେଉଥିଲା। ନାୟକ-ନାୟିକାମାନଙ୍କ ପୂର୍ବଜନ୍ମ ବୃ ।ନ୍ତ ବର୍ଣ୍ଣନା, ସେମାନଙ୍କ ରୂପବର୍ଣ୍ଣନା, ପରସ୍ପର ପ୍ରତି ଅନୁରକ୍ତି, ମିଳନ, ବିରହ, ପୁନର୍ମିଳନ ଇତ୍ୟାଦି ପ୍ରାୟ ପ୍ରତ୍ୟେକ କାବ୍ୟର ବିଷୟବସ୍ତୁ ସହିତ ସଂଯୁକ୍ତ ଥିଲା।

୬.	ରସକାବ୍ୟର ଆତ୍ମା ହୋଇଥିବାରୁ ରୀତିକାବ୍ୟଗୁଡ଼ିକର ବିଭିନ୍ନ ରସର ପରିବେଷଣ ପ୍ରାୟ ପରିଦୃଷ୍ଟ ହୁଏ; ମାତ୍ର ଶୃଙ୍ଗାରରସର ପ୍ରାବଲ୍ୟ ପ୍ରାୟ ଅଧିକାଂଶ କାବ୍ୟରେ ଅନୁଭୂତ ହୁଏ।

୭.	ରୀତିଯୁଗୀୟ କାବ୍ୟମାନ ଆମୂଳଚୂଳ କୌଣସି ଏକ ନିର୍ଦ୍ଦିଷ୍ଟ ରାଗରେ ରଚିତ ନ ହୋଇ ବିଭିନ୍ନ ରାଗ-ରାଗିଣୀର ପ୍ରୟୋଗରେ ଅପୂର୍ବ ଛନ୍ଦମୟୀ ହୋଇଉଠୁଥିଲା। ସେସବୁ ଯେପରି ପାଠ୍ୟ ଥିଲା ସେହିପରି ଗାନଯୋଗ୍ୟ ଥିଲା।

୮.	ଆଲୋଚ୍ୟ ସାହିତ୍ୟ ଯୁଗ ଥିଲା ଅଳଙ୍କାରଶାସ୍ତ୍ରର ଯୁଗ। ଏଣୁ ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ଶବ୍ଦଚିତ୍ର ଏ ଯୁଗର କାବ୍ୟଗୁଡ଼ିକରେ ପ୍ରୟୋଗ କରାଯାଉଥିଲା। ଅନ୍ୟ ଭାଷାରେ, ପ୍ରଚୁର ଅଳଙ୍କାର ଆଭୂଷଣଦ୍ୱାରା କାବ୍ୟମାନସୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଏ ଯୁଗର କବିମାନେ ପ୍ରୟାସୀ ଥିଲେ।

୯.	ବର୍ଣ୍ଣବିନ୍ୟାସରେ କାବ୍ୟମାନ ରଚନାକରି ନିଜ ନିଜ କବିତ୍ୱ ପ୍ରଦର୍ଶନ କରିବା ନିମି   ଏ ଯୁଗର କବିମାନେ 'କ', 'ବ', 'ସ' ଇତ୍ୟାଦି ବର୍ଣ୍ଣକୁ ପ୍ରତି ପାଦ ଓ ପ୍ରତି ପଦର ଆରମ୍ଭରେ ରଖି କାବ୍ୟମାନ ରଚନା କରୁଥିଲେ।

୧୦.	ପ୍ରକୃତି - ଚିତ୍ରଣରେ ଏ ଯୁଗର ସାହିତ୍ୟ ସମୃଦ୍ଧ ଥିଲା। ପ୍ରକୃତି - ଚିତ୍ରଣରେ ଏ ଯୁଗର କବିଗୋଷ୍ଠୀ ନିଷ୍ଠାବାନ ଥିଲେ।

୧୧.	ସମାକାଳୀନ କବିମାନେ ମୁଖ୍ୟତଃ ସ୍ୱଦେଶପ୍ରେମୀ ଥିବାରୁ ସେମାନଙ୍କ କାବ୍ୟରାଜିରେ ପବିତ୍ର ପୀଠ ଶ୍ରୀକ୍ଷେତ୍ର ଓ ପରମାରାଧ ଦେବତା ଶ୍ରୀଜଗନ୍ନାଥଙ୍କର ମହ ୍ୱ ଫୁଟିଉଠୁଥିଲା ଓ ପାଠକମାନଙ୍କ ପ୍ରାଣରେ ଭକ୍ତିଭାବ ଓ ସ୍ୱଦେଶପ୍ରୀତି ଜାଗ୍ରତ କରୁଥିଲା।

## ୧୭.୬ ପରିଶିଷ୍ଟ :

## (କ) - ଆଦର୍ଶ ପ୍ରଶ୍ନାବଳୀ :

୧.	ଅର୍ଜୁନ ଦାସଙ୍କ କାଳ ନିରୂପଣ କରି ତାଙ୍କ ରଚିତ 'ରାମବିଭା' ବା 'କଳ୍ପଲତା' କାବ୍ୟ ସମ୍ବନ୍ଧରେ ଆଲୋକପାତ କର।

୨.	'ପରିମଳା' କାବ୍ୟର ରଚୟିତା ନରସିଂହ ସେଣଙ୍କ ସଂକ୍ଷିପ୍ତ ପରିଚୟ ସହିତ ତାଙ୍କ କାଳ୍ପନିକ କାବ୍ୟ 'ପରିମଳା' ସମ୍ବନ୍ଧରେ ଆଲୋଚନା କର।

୩.	ନିମ୍ନଲିଖିତ କୌଣସି ଦୁଇଗୋଟିର ସାହିତ୍ୟିକ ସମୀକ୍ଷା କର।

କଳାବତୀ, ଉପାଭିଳାଷ, ଚାଟ ଇଚ୍ଛାବତୀ, ରୁକ୍ମିଣୀବିଭା, ରହସ୍ୟମଞ୍ଜରୀ, ଗୋପୀଚନ୍ଦନ, ଶଶିସେଣା, ଜଗନ୍ନାଥ ଚରିତାମୃତ, ସରକଲ୍ଲୋଳ, ଅନଙ୍ଗରେଖା, ସର୍ବାଙ୍ଗସୁନ୍ଦରୀ, ଲାବଣ୍ୟବତୀ, କୋଟିବ୍ରହ୍ମଣ୍ଡ ସୁନ୍ଦରୀ, ଗୋପୀଭାଷା, ପୂର୍ଣ୍ଣତମ ଚନ୍ଦ୍ରୋଦୟ, ମଥୁରାମଙ୍ଗଳ, ବିଦଗ୍ଧ ଚିନ୍ତାମଣି, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର।

୪. ନିମ୍ନଲିଖିତ ଯେକୌଣସି ଦୁଇଜଣ କବିଙ୍କ ବିଷୟରେ ଆଲୋଚନା କର।

ଦାମୋଦର ଦାସ, ବୃନ୍ଦାବନ ଦାସ, ପାର୍ଥ ଶ୍ରୀଚନ୍ଦନ, ବିଷ୍ଣୁଦାସ, ଶିଶୁଶଙ୍କର ଦାସ, କାର୍ତ୍ତିକ ଦାସ, ଦେବଦୁର୍ଲଭ ଦାସ, ଚାନ୍ଦ ଦାସ, ସାଲବେଗ, ଦିବାକର ଦାସ, ପ୍ରତାପ ରାୟ, ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, ଲୋକନାଥ ବିଦ୍ୟାଧର, ବିଶ୍ୱନାଥ ଖୁଣ୍ଟିଆ, ଭୂପତି ପଣ୍ଡିତ, ଦନାଇ ଦାସ, ବୃନ୍ଦାବତୀ ଦାସୀ, ଭକ୍ତଚରଣ ଦାସ, ବ୍ରଜନାଥ ବଡ଼ଜେନା।

୫. ରୀତିସାହିତ୍ୟ - କାଳୀନ ରାଜନୀତିକ ବା ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ଆଲୋଚନା କର।

୬. ରୀତିଯୁଗୀୟ କାବ୍ୟାଦର୍ଶ ମଧ୍ୟରୁ ଯେକୌଣସି ଚାରିଗୋଟି ସମ୍ବନ୍ଧରେ ଆଲୋଚନା କର।

୭. ରୀତିଯୁଗର ଅନ୍ୟ ନାମ ଭଞ୍ଜଯୁଗ କାହିଁକି ?

୮. ରୀତିଯୁଗକୁ ଅଳଙ୍କାର ଯୁଗ ନାମରେ ନାମିତ କରିବା ଯଥାର୍ଥ କି ?

୯. ଉପେନ୍ଦ୍ରଭଞ୍ଜଙ୍କ ଯେ କୌଣସି ଗୋଟିଏ କାବ୍ୟର ସାହିତ୍ୟିକ ମୂଲ୍ୟାୟନ କର।

୧୦. ନିମ୍ନଲିଖିତ ଯେକୌଣସି ଦୁଇଟି ପ୍ରସଙ୍ଗ ଆଲୋଚନା କର।

(କ) ରାମଚରିତସମ୍ବଳିତ ଓଡ଼ିଆ ରୀତିକାବ୍ୟ, (ଖ) କୃଷ୍ଣଚରିତସମ୍ବଳିତ ଓଡ଼ିଆ ରୀତିକାବ୍ୟ, (ଗ) ଓଡ଼ିଆରୀତିକାବ୍ୟରେ ଅଳଙ୍କାର, (ଘ) ଓଡ଼ିଆ ରୀତିକାବ୍ୟରେ ପ୍ରକୃତି ଚିତ୍ରଣର ବୈଶିଷ୍ଟ୍ୟ, (ଙ) ପ୍ରଥମ ଓଡ଼ିଆ କାଳ୍ପନିକ କାବ୍ୟ, (ଚ) ପ୍ରଥମ ଓଡ଼ିଆ ଛନ୍ଦୋବଦ୍ଧ କାବ୍ୟ, (ଛ) ଗୀତଗୋବିନ୍ଦର ପ୍ରଥମ ଓଡ଼ିଆ ଅନୁବାଦ, (ଜ) ରୀତିଯୁଗୀୟ ସାହିତ୍ୟରେ ରସଚର୍ଚ୍ଚା।

୧୧. ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କବିତ୍ୱ ଓ ପାଣ୍ଡିତ୍ୟର ଏକ ସୁମଧୁର ସମନ୍ୱୟ - ପ୍ରତିପାଦନ କର।

## ୧୭.୭ ସହାୟକ ଗ୍ରନ୍ଥସୂଚୀ :


* ଉପେନ୍ଦ୍ର ଭଞ୍ଜ : ଏକ ସମୀକ୍ଷା - ପ୍ରଫେସର୍ ଜୟକୃଷ୍ଣ ମିଶ୍ର, ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର।

* ଓଡ଼ିଆ ସାହିତ୍ୟର ଇତିହାସ - ପଣ୍ଡିତ ବିନାୟକ ମିଶ୍ର, ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର, କଟକ।

* ଓଡ଼ିଆ ସାହିତ୍ୟର ଇତିହାସ (୨ୟ, ୩ୟ ଓ ୪ର୍ଥ ଭାଗ - ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଗ୍ରନ୍ଥମନ୍ଦିର, କଟକ।

* ଓଡ଼ିଆ ସାହିତ୍ୟର ଇତିହାସ – ଅଧ୍ୟାପକ ପଠାଣି ପଟ୍ଟନାୟକ, ନାଳନ୍ଦା, କଟକ ।

* ଓଡ଼ିଆ ସାହିତ୍ୟର ଇତିହାସ – ଡକ୍ଟର ସୁରେନ୍ଦ୍ରକୁମାର ମହାରଣା, ଓଡ଼ିଆ ବୁକ୍ ଷ୍ଟୋର, କଟକ ।

* ଓଡ଼ିଆ ସାହିତ୍ୟର କ୍ରମବିକାଶ – ସୁରେନ୍ଦ୍ର ମହାନ୍ତି, ଅଗ୍ରଦୂତ, କଟକ ।

* ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ – ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥମନ୍ଦିର, କଟକ ।

* କବିସମ୍ରାଟ ଉପେନ୍ଦ୍ର ଭଞ୍ଜ – ଅନନ୍ତ ପଦ୍ମନାଭ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ।

* କହେ କୃଷ୍ଣଦାସ କବି – ଡକ୍ଟର କୃଷ୍ଣଚରଣ ସାହୁ, ବିଦ୍ୟାପୁରୀ, କଟକ ।

* ପ୍ରବନ୍ଧାବଳୀ – ଶ୍ୟାମସୁନ୍ଦର ରାଜଗୁରୁ, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ।

* ପ୍ରାଚୀନ ଉତ୍କଳ – ଜଗବନ୍ଧୁ ସିଂହ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ।

* ଭଞ୍ଜୀୟ କାବ୍ୟଭାବନା – ଡକ୍ଟର ବେଣୀମାଧବ ପାଢ଼ୀ, ଗ୍ରନ୍ଥମନ୍ଦିର, କଟକ ।

* ଲାବଣ୍ୟବତୀ (୧ମ ଭାଗ) (ସଂ) – ଡକ୍ଟର ଆ ର୍ବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ।

* ଯଦୁମଣି ଗ୍ରନ୍ଥାବଳୀ (ସଂ) – ଚକ୍ରଧର ମହାପାତ୍ର, ଦାସ ବ୍ରଦର୍ସ, କଟକ ।

* ରୀତି ବିଚାର ଓ ଭଞ୍ଜୀୟ କାବ୍ୟକଳା – ଡକ୍ଟର ନିଶାମଣି ମିଶ୍ର, ବିଦ୍ୟାପୁରୀ, କଟକ ।

## ଅଷ୍ଟାଦଶ ଏକକ- ଚଉତିଶା


୧୮.୦ ସୂଚନା

୧୮.୧ ପଠନର ଉଦ୍ଦେଶ୍ୟ

୧୮.୨ ପଦାବଳୀ ସାହିତ୍ୟ ଓ ଚମ୍ପୂ ସାହିତ୍ୟର ସମୟସୀମା

୧୮.୩ କେତେଜଣ ପଦାବଳୀ ରଚୟିତା

୧୮.୩.୧ ବନମାଳୀ ଦାସ

୧୮.୩.୨ ଗୋପାଳକୃଷ୍ଣ

୧୮.୩.୩ କବିସୂର୍ଯ୍ୟ ବଳଦେବ ରଥ

୧୮.୩.୪ ଗୌରହରି

୧୮.୩.୫ ଗୌରଚରଣ

୧୮.୩.୬ ହରିବନ୍ଧୁ

୧୮.୪ ପଦାବଳୀ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

୧୮.୪.୧ ବ୍ରଜବବୋଲି ଭାଷା ଓ ପଦାବଳୀ ସାହିତ୍ୟ

୧୮.୪.୨ ପଦାବଳୀର ସ୍ୱରୂପ

୧୮.୪.୩ ପଦାବଳୀର ପ୍ରକାରଭେଦ

୧୮.୫ ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶଧାରା

୧୮.୬ ପଦାବଳୀ ସାହିତ୍ୟରେ ପ୍ରେମର ବୈଚିତ୍ର୍ୟ

୧୮.୭ ପଦାବଳୀ ସାହିତ୍ୟରେ ଭକ୍ତିର ସ୍ୱରୂପ

୧୮.୮ ପଦାବଳୀ ସାହିତ୍ୟରେ ଭକ୍ତିର ସ୍ୱରୂପ

୧୮.୮.୧ ଶାନ୍ତ ରସ

୧୮.୮.୨ ଦାସ୍ୟ ରସ

୧୮.୮.୩ ସଖ୍ୟ ରସ

୧୮.୮.୪ ବାତ୍ସଲ୍ୟ ରସ

୧୮.୮.୫ ମଧୁର ରସ

୧୮.୯ ପଦାବଳୀ ସାହିତ୍ୟର ସାଙ୍ଗୀତିକ ମୂଲ୍ୟ

୧୮.୧୦ ନିଷ୍କର୍ଷ

୧୮.୧୧ ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

୧୮.୧୨ ସହାୟକ ଗ୍ରନ୍ଥପୁଞ୍ଜ


### ୧୮.୦ ସୂଚନା :

ଓଡ଼ିଆ ସାହିତ୍ୟର ଇତିହାସରେ ରୀତିଯୁଗର ଏକ ବିଶେଷ ଭୂମିକା ରହିଛି। ଏ ଯୁଗର କବିମାନେ ବହୁ ଉଚ୍ଚାଙ୍ଗ କାବ୍ୟ ରଚନା କରି ଉତ୍କଳଭାରତୀଙ୍କ ଗନ୍ତାଘରକୁ ସମୃଦ୍ଧ କରିଥିଲେ। କାବ୍ୟକୌଶଳ ପ୍ରଦର୍ଶନ, ଶବ୍ଦବସାଣଗତ କସରତ,

ଆଳଙ୍କାରିକ ଚାତୁରୀର ପ୍ରାବଲ୍ୟ ଆଦିରେ ଭାରାକ୍ରାନ୍ତ ସେହି କାବ୍ୟସବୁ ଥିଲା ରସିକ, ପ୍ରାଜ୍ଞ, ବିଜ୍ଞମାନଙ୍କ ନିମନ୍ତେ ଉଦ୍ଦିଷ୍ଟ। ଏହାର ସାଙ୍ଗୀତିକତାରେ ମୁଗ୍ଧ ହେଉଥିଲେହେଁ ସାଧାରଣ ପାଠକ ଏହାର ଭାବଗ୍ରହଣ କରିବାରେ ସମର୍ଥ ନଥିଲା। ତେଣୁ ଉପେନ୍ଦ୍ରଭଞ୍ଜଙ୍କ ପରେ ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା ଓ ଯଦୁମଣି ମହାପାତ୍ର ପ୍ରମୁଖ ଏହି କାବ୍ୟ-ପରମ୍ପରାକୁ କିଛିକାଳ ବ ।ଇ ରଖିପାରିଥିଲେ ମଧ୍ୟ ସେମାନଙ୍କ ପରେ ଗଣ-ଆଦୃତି ଅଭାବରୁ ରୀତିଧାରା ଅନାହତ ରହିପାରିଲା ନାହିଁ। ସାଧାରଣ ଲୋକେ ରୀତିସାହିତ୍ୟଠାରୁ ମୁହଁ ଫେରାଇ ନେଲେ ଏବଂ ସରଳ-ତରଳ ରସଢ଼ଳଢ଼ଳ ଓ ସଙ୍ଗୀତର୍ଧର୍ମୀ କିଛି ରଚନାର ଅପେକ୍ଷାରେ ରହିଲେ। ସେମାନଙ୍କ ଅପେକ୍ଷାର ଅବସାନ ଘଟାଇ ରୀତିଯୁଗର ଶେଷଭାଗରେ ପଦାବଳୀ-ସାହିତ୍ୟ ଓ ଚମ୍ପୂ-ସାହିତ୍ୟ ସୃଷ୍ଟି ହେଲା। ରାଧାକୃଷ୍ଣ ପ୍ରେମସମ୍ବଳିତ, ଭାବ ଓ ଭାଷାରେ ସରଳ ଏବଂ ସଙ୍ଗୀତର ମୂର୍ଚ୍ଛନାରେ ଝଙ୍କୃତ ଏହି ନୂତନ ସୃଷ୍ଟିରାଜି ସାଧାରଣ ଜନତାଙ୍କୁ ବିମୋହିତ କରିପାରିଥିଲା। ପଦାବଳୀ-ସାହିତ୍ୟ ଓ ଚମ୍ପୂ-ସାହିତ୍ୟକୁ ଯେଉଁମାନେ ବିପୁଳ ସୃଷ୍ଟିରେ ଭରିଦେଲେ ସେମାନଙ୍କ ମଧ୍ୟରେ ବନମାଳୀ, ଗୋପାଳକୃଷ୍ଣ, କବିସୂର୍ଯ୍ୟ, ଗୌରହରି, ଗୌରଚରଣ, ହରିବନ୍ଧୁ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। କବିସୂର୍ଯ୍ୟ କେବଳ ପଦାବଳୀ-ରଚୟିତା ନଥିଲେ, ସେ କେତୋଟି ଚମ୍ପୂକାବ୍ୟ ମଧ୍ୟ ରଚନା କରିଥିଲେ। କିନ୍ତୁ 'ଚମ୍ପୂ' କହିଲେ କେବଳ ତାଙ୍କ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' କୁହିଁ ବୁଝାଏ। ପ୍ରସ୍ତୁତ ୟୁନିଟ୍‌ରେ ସେମାନଙ୍କର କୃତିରାଜି (ପଦାବଳୀ ଓ ଚମ୍ପୂ) କୁ  ବିଭିନ୍ନ ଦିଗ ଓ ବାଗରୁ ଆଲୋଚନା କରିବା ଆମର ଲକ୍ଷ୍ୟ।

## ୧୮.୧ ପଠନର ଉଦ୍ଦେଶ୍ୟ :

ଏହି ୟୁନିଟରେ ପଦାବଳୀ ସାହିତ୍ୟ ଓ ଚମ୍ପୂ ସାହିତ୍ୟର ଆକଳନ କରାଯାଇଛି। ଏଥିପାଇଁ ନିମ୍ନଲିଖିତ ସଂରଚନା ପଦ୍ଧତି ଅନୁସୃତ ହୋଇଛି।

ପଦାବଳୀ ସାହିତ୍ୟ ଓ ଚମ୍ପୂ ସାହିତ୍ୟର ସମୟସୀମା

କେତେଜଣ ପଦାବଳୀ ରଚୟିତା

ବନମାଳୀ ଦାସ

ଗୋପାଳକୃଷ୍ଣ

କବିସୂର୍ଯ୍ୟ ବଳଦେବ ରଥ

ଗୌରହରି

ଗୌରଚରଣ

ହରିବନ୍ଧୁ

ପଦାବଳୀ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

ବ୍ରଜବୋଲି ଭାଷା ଓ ପଦାବଳୀ ସାହିତ୍ୟ

ପଦାବଳୀର ସ୍ୱରୂପ

ପଦାବଳୀର ପ୍ରକାରଭେଦ

ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶଧାରା

ପଦାବଳୀ ସାହିତ୍ୟରେ ପ୍ରେମର ବୈଚିତ୍ର୍ୟ

ପଦାବଳୀ ସାହିତ୍ୟରେ ଭକ୍ତିର ସ୍ୱରୂପ

ପଦାବଳୀ ସାହିତ୍ୟରେ ଭାବ ଓ ରସାଭିବ୍ୟକ୍ତି

ଶାନ୍ତ ରସ

ଦାସ୍ୟ ରସ

ସଖ୍ୟ ରସ

ବାତ୍ସଲ୍ୟ ରସ

ମଧୁର ରସ

ପଦାବଳୀ ସାହିତ୍ୟର ସାଙ୍ଗୀତିକ ମୂଲ୍ୟ

ନିଷ୍କର୍ଷ

ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

ସହାୟକ ଗ୍ରନ୍ଥପୁଞ୍ଜି

## ୧୮.୨ ପଦାବଳୀ –ସାହିତ୍ୟ ଓ ଚମ୍ପୂ – ସାହିତ୍ୟର ସମୟସୀମା :

ଓଡ଼ିଆ ସାହିତ୍ୟର ଇତିହାସରେ ରୀତିଯୁଗ ୧୬୫୦ ଖ୍ରୀଷ୍ଟାବ୍ଦରୁ ୧୮୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି କାଳଖଣ୍ଡର ଶେଷଭାଗରେ ସାଧାରଣ ପାଠକକୁ ରୀତିକାବ୍ୟର କ୍ଳିଷ୍ଟତାଠାରୁ ଅବ୍ୟାହିତ ଦେବା ଉଦ୍ଦେଶ୍ୟରେ ସର୍ବଜନବୋଧ୍ୟ ଓ ସଙ୍ଗୀତ – ମୂର୍ଚ୍ଛନାମଣ୍ଡିତ ପଦାବଳୀ ଓ ଚମ୍ପୂ ରଚିତ ହେଲା। ଏହି ସ୍ୱତନ୍ତ୍ର ପ୍ରକାରର ଗୀତିକବିତା ରଚିତ ହୋଇଥିଲା ରୀତିଯୁଗ ଓ ବାଞ୍ଛାଯୁଗର ଶେଷଭାବରେ ଓ ଫକୀରମୋହନ ଯୁଗ ବା ଆଧୁନିକ ଯୁଗର ଆଗମନ ପୂର୍ବରୁ। ଏହି ସନ୍ଧିକ୍ଷଣ (୧୭୮୦ ଖ୍ରୀଷ୍ଟାବ୍ଦରୁ ୧୮୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୦୦ ବର୍ଷ) କୁ କେହି କେହି ସଙ୍ଗୀତ ଯୁଗ (ପଦାବଳୀ ଓ ଚମ୍ପୂ) ଭାବରେ ମଧ୍ୟ ଗ୍ରହଣ କରନ୍ତି। ରୀତିକାଳୀନ ସାହିତ୍ୟକୁ ପ୍ରାକ୍-ରୀତି ସାହିତ୍ୟ, ରୀତିସାହିତ୍ୟ ଓ ସଙ୍ଗୀତ ସାହିତ୍ୟ ଭାବରେ ଗ୍ରହଣ କରାଯାଇ ପ୍ରଥମ ଦୁଇଭାଗକୁ ପୂର୍ବ ୟୁନିଟ୍ (୪ର୍ଥ ୟୁନିଟ୍) ରେ ଆଲୋଚନା କରାଯାଇଛି।

## ୧୮.୩ କେତେଜଣ ପଦାବଳୀ ରଚୟିତା :

ଓଡ଼ିଆ ବୈଷ୍ଣବ ପଦାବଳୀ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା କବିମାନଙ୍କ ମଧ୍ୟରେ ଦୀନକୃଷ୍ଣ, ଉପେନ୍ଦ୍ର ସାଲବେଗ, ବନମାଳୀ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ଗୌରହରି, ଗୌରଚରଣ, ହରିବନ୍ଧୁ ପ୍ରମୁଖ କବିଙ୍କ ନାମୋଲ୍ଲେଖ କରାଯାଇପାରେ। ଆଲୋଚନାର ଅନୁରୋଧରେ ଆମେ ପ୍ରସ୍ତୁତ ୟୁନିଟ୍‌ରେ ଯେଉଁ କେତେଜଣ ପଦାବଳୀକାରଙ୍କୁ ଆଲୋଚନାଭୁକ୍ତ କରିଛୁଁ, ସେମାନଙ୍କ ସଂକ୍ଷିପ୍ତ ପରିଚୟାତ୍ମକ ବିବରଣୀ ନିମ୍ନରେ ପ୍ରଦ ।

### ୧୮.୩.୧ ବନମାଳୀ ଦାସ :

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଓ ବୀରକେଶରୀ ଦେବ (୧୭୪୩-୮୦ ଖ୍ରୀଷ୍ଟାବ୍ଦ) ଙ୍କ ସମକାଳୀନ କବି ବନମାଳୀ ଓଡ଼ିଆ ସାହିତ୍ୟରେ ଏକ ଅନନ୍ୟ ପ୍ରତିଭା। ସେ 'ସୁଚିତ୍ର ରାମାୟଣ' ଓ ଭଜନ, ଜଣାଣ ଆଦି ବହୁ ଗୀତିକବିତାର ସ୍ରଷ୍ଟା। 'ସୁଚିତ୍ର ରାମାୟଣ' କାର ଓ ଗୀତିକବି ବନମାଳୀ ଦୁଇଜଣ ସ୍ୱତନ୍ତ୍ର କବି ବୋଲି ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ର, 'ଖୁରୁଧା ଇତିହାସ' ରେ ପ୍ରକାଶ କରିଛନ୍ତି; ମାତ୍ର କେଉଁ ଦୃଷ୍ଟିରୁ ବନମାଳୀ ଦୁଇଜଣ, ତାହା ସେ ପ୍ରକାଶ କରିନାହାନ୍ତି। ଯେଉଁ ଦୁଇଜଣ ବନମାଳୀଙ୍କ କଥା ସେ ପ୍ରକାଶ କରିଛନ୍ତି, ସେମାନେ ଉଭୟେ ସମକାଳୀନ, ପୁରୀ ଅଧିବାସୀ ଓ

ଜାତିରେ କରଣ। ଏଥିରୁ ସ୍ପଷ୍ଟ ହୁଏ ଯେ, ଏ ଦୁହେଁ ଏକ ଓ ଅଭିନ୍ନ। ସେ ଆନୁମାନିକ ୧୭୨୯ ଖ୍ରୀଷ୍ଟାବ୍ଦରେ ପୁରୀ ଦୋଳମଣ୍ଡପ ସାହିରେ ଏକ କରଣ ପରିବାରରେ ଭୂମିଷ୍ଠ ହୋଇଥିଲେ। ପ୍ରଥମେ ସେ ଓଡ଼ିଆରେ କେତୋଟି ସରସ ଗ୍ରାମ୍ୟଗୀତି ରଚନା କରିବାରେ ମନୋନିବେଶ କରିଥିଲେ। ପରେ ଜଗନ୍ନାଥ ସେବକ ଭାବରେ ସେ ବହୁ ଭଜନ ଓ ଜଣାଣ ରଚନା କରିଥିଲେ। ଏଗୁଡ଼ିକରେ ତାଙ୍କ ଉତ୍କଟ ଦାରିଦ୍ର୍ୟର ପ୍ରତିଫଳନ ଲକ୍ଷ୍ୟ କରାଯାଏ। ସେ ପ୍ରଥମେ ଗୃହସ୍ଥ ଓ ପରେ ବୈଷ୍ଣବ ହୋଇଥିଲେ; ତେଣୁ 'ପଟ୍ଟନାୟକ' ସଂଜ୍ଞା ତ୍ୟାଗକରି 'ଦାସ' ସଂଜ୍ଞାଭୂଷିତ ହୋଇଥିଲେ। ତାଙ୍କର କେତୋଟି କବିତାରେ 'ବନମାଳୀ ପଟ୍ଟନାୟକ' ନାମରେ ଭଣିତା ମଧ୍ୟ ଦେଖିବାକୁ ମିଳେ। ଭାଷାର ସରଳତା ସହିତ ସାଙ୍ଗୀତିକତାର ମଧୁର ସମନ୍ୱୟହିଁ ତାଙ୍କ ସଙ୍ଗୀତଗୁଡ଼ିକୁ ଏତେ ଲୋକପ୍ରିୟ କରିପାରିଛି। ସେ ନିଜର କେତୋଟି ଗୀତକୁ ତତ୍‌କାଳୀନ ଗଜପତି ରାଜା ବୀରକେଶରୀ ଦେବଙ୍କ ନାମରେ ମଧ୍ୟ ଭଣିତ କରିଛନ୍ତି। ତାଙ୍କ 'ସୁଚିତ୍ର ରାମାୟଣ' ବୀରକେଶରୀ ଦେବଙ୍କ ୨୩ ଅଙ୍କରେ ଅର୍ଥାତ୍ ୧୭୫୪ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା। ଶ୍ରୀକ୍ଷେତ୍ରରେ ଶେଷ ନିଃଶ୍ୱାସ ତ୍ୟାଗ କରିବାପାଇଁ କବିଙ୍କର ପ୍ରବଳ ଆକାଙ୍‌କ୍ଷା ଥିଲା; ମାତ୍ର ଶୁଣାଯାଏ ଯେ, ତୀର୍ଥାଟନରେ ବୃନ୍ଦାବନ ଯାଇଥିବା ସମୟରେ ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା।

## ୧୮.୩.୨ ଗୋପାଳକୃଷ୍ଣ :

ଗୋପାଳକୃଷ୍ଣ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଏକ ପ୍ରସିଦ୍ଧ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଆବିର୍ଭାବ କାଳ ଓ ତିରୋଭାବ କାଳ ଯଥାକ୍ରମେ ୧୭୮୫ ଖ୍ରୀଷ୍ଟାବ୍ଦ ଓ ୧୮୬୨ ଖ୍ରୀଷ୍ଟାବ୍ଦ। ତାଙ୍କ ପିତାଙ୍କ ନାମ ଶ୍ରୀ ବନବାସୀ ପଟ୍ଟନାୟକ ଓ ମାତାଙ୍କ ନାମ ଶ୍ରୀମତୀ ଲଳିତା ଦେବୀ। ଏକ ଜନଶ୍ରୁତି ଅନୁସାରେ ତାଙ୍କର ପୂର୍ବପୁରୁଷ ଯାଜପୁରର କଂସାକବାଟୀରୁ ପାରଳାଖେମୁଣ୍ଡିକୁ ଚାଲିଆସିଥିଲେ। ସେମାନେ ପୁରୁଷାନୁକ୍ରମେ ପାରଳାଖେମୁଣ୍ଡି ରାଜାଙ୍କର ପାଞ୍ଜିଆ କରଣ କାର୍ଯ୍ୟ କରୁଥିଲେ। କବି ରାଗାନୁଗାପନ୍ଥୀ ବୈଷ୍ଣବ ଥିଲେ। ତେଣୁ ତାଙ୍କ ରଚନାବଳୀ ସାଧାରଣତଃ ରାଧାକୃଷ୍ଣଙ୍କୁ କେନ୍ଦ୍ରକରି ରଚିତ। ସେ କୌଣସି ପୂର୍ଣ୍ଣାଙ୍ଗ କାବ୍ୟ ରଚନା କରିନାହାନ୍ତି। ତାଙ୍କ ରଚନାବଳୀ ମଧ୍ୟରେ କୀ ର୍ନ, ପ୍ରାର୍ଥନା, ସ୍ତବ, ସ୍ତୋତ୍ର ପ୍ରଭୃତି ଭକ୍ତିମୂଳକ ସଙ୍ଗୀତ; କୋଇଲି, ଦୋଳଗୀତ ପ୍ରଭୃତି ବାତ୍ସଲ୍ୟ ରସାଶ୍ରିତ ସଙ୍ଗୀତ; ନବାନୁରାଗ, ପ୍ରେମାନୁରାଗ, ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥା ବର୍ଣ୍ଣନା ଓ ରାଧା-କୃଷ୍ଣ ଭକ୍ତିସମ୍ବଳିତ ପ୍ରେମମୂଳକ କବିତାମାନ ଉଲ୍ଲେଖ୍ୟ। ଏହି ରଚନାଗୁଡ଼ିକର କବିଙ୍କ ବହୁଶାସ୍ତ୍ରଦର୍ଶିତା ଓ ପାଣ୍ଡିତ୍ୟର କେବଳ ପରିପ୍ରକାଶ ଘଟିନାହିଁ, ଘଟିଛି ସହଜାତ ପ୍ରତିଭାର, ସହଜ, ସୁନ୍ଦର ଓ ଆନ୍ତରିକ ସ୍ୱରର। ଏଗୁଡ଼ିକରେ ଶବ୍ଦାଡ଼ମ୍ବରର ଘନଘଟା, ଅଳଙ୍କାର ସଂଯୋଜନାର କଠୋର ଶୃଙ୍ଖଳା ଓ କ୍ଳିଷ୍ଟ କବି – କଳ୍ପନାର ଦୁର୍ବୋଧତାକୁ ପରିହାର କରାଯାଇଛି। ନିର୍ମଳ କବିତ୍ୱ ଓ ଭକ୍ତିରସର ମଧୁର ସମନ୍ୱୟରେ ତାଙ୍କ ରଚନାମାନ ଅତ୍ୟନ୍ତ ମର୍ମସ୍ପର୍ଶୀ। ମଧୁର ଭାବରାଜିକୁ କୋମଳ ଶବ୍ଦାବଳୀ ଓ ଶ୍ରୁତିମଧୁର ରାଗରାଗିଣୀରେ ପ୍ରକାଶ କରି ସେ ତାଙ୍କ ପଦାବଳୀକୁ ଏକ ସମ୍ମୋହନ ଲାଳିତ୍ୟ ପ୍ରଦାନ କରିଛନ୍ତି। କବି ଗୋପାଳକୃଷ୍ଣ ନିଜର ନିର୍ମଳ କବିତ୍ୱ ଓ ପୁଣ୍ୟମୟ ବ୍ୟକ୍ତିତ୍ୱପାଇଁ ବୈଷ୍ଣବଗୋଷ୍ଠୀ ମଧ୍ୟରେ ବିଶେଷ ସମ୍ମାନର ଅଧିକାରୀ ଏବଂ ତାଙ୍କ ମୃତ୍ୟୁପରେ ମଧ୍ୟ ତାଙ୍କ ପ୍ରତି ବୈଷ୍ଣବମାନଙ୍କର ଭକ୍ତି ଓ ଶ୍ରଦ୍ଧାଭାବ ହ୍ରାସପାଇନାହିଁ।

## ୧୮.୩.୩ କବିସୂର୍ଯ୍ୟ ବଳଦେବ ରଥ :

କବିସୂର୍ଯ୍ୟ ବଳଦେବ ରଥ ୧୭୮୯ ଖ୍ରୀଷ୍ଟାବ୍ଦରେ ମାଘମାସ ଶ୍ରୀପ ମୀ ତିଥିରେ ଗଞ୍ଜାମ ଜିଲାର ବଡ଼ଖେମୁଣ୍ଡିଠାରେ ଜନ୍ମ ଗ୍ରହଣ କରିଥିଲେ ଓ ପ୍ରାୟ ୧୮୪୫ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ପିତା ଉଜ୍ଜ୍ୱଳ ରଥ ପୁରୀ ଜିଲ୍ଲା ମଣିପୁର

ଶାସନରୁ ଆସି ବଡ଼ଖେମୁଣ୍ଡି ଗଡ଼ରେ ବାସ କରୁଥିଲେ। ଦଶବର୍ଷ ବୟସରେ ତାଙ୍କର ମାତୃବିୟୋଗ ଘଟିଲା। ଏହାପରେ ତାଙ୍କ ଅଜା ତ୍ରିପୁରାରୀ ଓ ତାଙ୍କୁ ଆଠଗଡ଼ ନେଇଗଲେ, ସେଠାରେ ଅଜାଙ୍କ ତ୍ୱାବଧାନରେ ସେ ସଂସ୍କୃତ କାବ୍ୟ, ଅଳଙ୍କାର, ଦର୍ଶନ ଓ ସ୍ମୃତି ପ୍ରଭୃତିରେ ପାଣ୍ଡିତ୍ୟ ଲାଭକଲେ। ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟ ବଳଦେବଙ୍କ ଅସାଧାରଣ ପାଣ୍ଡିତ୍ୟ ଓ ଶକ୍ତିମ ।ରେ ନିଃସନ୍ଧିଗ୍ଧ ହୋଇ ତାଙ୍କୁ 'କବିସୂର୍ଯ୍ୟ' ଉପାଧି ପ୍ରଦାନ କରିଥିଲେ। ପୁରୀ ଅବସ୍ଥାନ କାଳରେ ସେ ନିଜର ପାଣ୍ଡିତ୍ୟ ଯୋଗୁଁ ଗଜପତି ମୁକୁନ୍ଦଦେବଙ୍କଦ୍ୱାରା 'କବିସୂର୍ଯ୍ୟ' ରାଜଗୁରୁ ମହାପାତ୍ର' ଉପାଧିରେ ଭୂଷିତ ହୋଇଥିଲେ। 'ଚନ୍ଦ୍ରକଳା' କାବ୍ୟ, 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ', ଚୌପଦୀ ରତ୍ନାକର' ବା 'ରତ୍ନାକର ଚମ୍ପୂ', 'ଚୌପଦୀ ଚନ୍ଦ୍ରୋଦୟ' ବା 'ପ୍ରେମୋଦୟ ଚମ୍ପୂ', 'ହାସ୍ୟକଲ୍ଲୋଳ' ବ୍ୟତୀତ ଚଉପଦୀ, ଭଜନ ଓ ଜଣାଣ ଆକାରରେ ଅସଂଖ୍ୟ ସଙ୍ଗୀତ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା।

'ଚନ୍ଦ୍ରକଳା' ତାଙ୍କର ଏକ କାଞ୍ଚନିକ କାବ୍ୟ। କାବ୍ୟାରମ୍ଭରେ କବି ଓଡ଼ିଶାର ଇଷ୍ଟଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ତବ କରିଛନ୍ତି। ପ୍ରଥମ ଛାନ୍ଦଟି ଜଗନ୍ନାଥଙ୍କ ମନ୍ଦିର ଅନ୍ତର୍ଗତ ଦେବଦେବୀମାନଙ୍କ ବର୍ଣ୍ଣନାରେ ପରିପୂର୍ଣ୍ଣ। ଦ୍ୱିତୀୟ ଛାନ୍ଦଠାରୁ ବିଷୟବସ୍ତୁ ପରିବେଷିତ। କାବ୍ୟନାୟିକା ପୂର୍ବଜନ୍ମ ବୃ ।ନ୍ତ, ତା'ର ଜନ୍ମ, ବାଲ୍ୟଲୀଳା, କଳାବିଦ୍ୟାର ଅନୁଶୀଳନ, ଉଦ୍ୟାନ ବିହାର, ଜଳକେଳି, ବେଶବିନ୍ୟାସ, ଯୌବନାରମ୍ଭ, ସ୍ୱପ୍ନଦର୍ଶନ ଇତ୍ୟାଦି ଏହି କାବ୍ୟରେ ଅତି ମନୋରମ ଢ଼ଙ୍ଗରେ ବର୍ଣ୍ଣିତ। ଏହାର ବର୍ଣ୍ଣନାକ୍ରମ ଭଞ୍ଜଙ୍କ ଲାବଣ୍ୟବତୀରୁ ଗୃହୀତ ହୋଇଥିଲେହେଁ କବିସୂର୍ଯ୍ୟ ଏଥିରେ ଅଲୌକିକ ରଚନାଚାତୁରୀ, ବିଚିତ୍ର ଅଳଙ୍କାର ସୃଷ୍ଟି ଓ ଯଥୋପଯୋଗୀ ଶବ୍ଦ ପ୍ରୟୋଗ କରି ନିଜ ପାଣ୍ଡିତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଏକବିଂଶ ଛାନ୍ଦବିଶିଷ୍ଟ ଏହି କାବ୍ୟଟି ଅସମ୍ପୂର୍ଣ୍ଣ ଅଟେ।

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ରଚିତ ହୋଇଥିଲା କବି ଆଠଗଡ଼ରେ ଅବସ୍ଥାନ କରୁଥିବା କାଳରେ। ଏହାକୁ ସେ ତାଙ୍କ ପୃଷ୍ଠପୋଷକ ଆଠଗଡ଼ରେ ରାଜା ହରିଚନ୍ଦନ ଜଗଦେବଙ୍କ ନାମରେ ଭଣତି କରିଛନ୍ତି। ଏହା କବିଙ୍କର ଶ୍ରେଷ୍ଠକୃତି। ରାଧାକୃଷ୍ଣ ପ୍ରେମଲୀଳାସମ୍ବଳିତ କଥାବସ୍ତୁ ଏହାର ଉପଜୀବ୍ୟ। ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷର ମଧ୍ୟରୁ ପ୍ରତ୍ୟେକକୁ ନେଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗୀତ ରଚିତ ହୋଇଛି। ଶ୍ରୀକୃଷ୍ଣ ଏହାର ନାୟକ, ରାଧା ନାୟିକା ଓ ଲଳିତା ଦୂତୀ। ଏମାନଙ୍କ ଉକ୍ତି - ପ୍ରତ୍ୟୁକ୍ତିରେ ସମଗ୍ର ବିଷୟବସ୍ତୁ ଉପସ୍ଥାପିତ। ଗ୍ରନ୍ଥର ଉପକ୍ରମଣିକାରେ କବି ଏହା ନିର୍ବିଘ୍ନରେ ସମାପ୍ତ କରିବା ଉଦ୍ଦେଶ୍ୟରେ ଲୀଳାପୁରୁଷୋ ମ ଶ୍ରୀକୃଷ୍ଣଙ୍କ କରୁଣାପ୍ରାର୍ଥୀ ହୋଇଛନ୍ତି। ଏହାର ଗୀତଗୁଡ଼ିକ ଅଖ୍ୟାତ ଜନପଦରୁ ବିଖ୍ୟାତ ସଙ୍ଗୀତ ଆସର ପର୍ଯ୍ୟନ୍ତ ସବୁଠାରେ ଆଦୃତ ହୁଏ। ଶୃଙ୍ଗାର ଏହାର ମୁଖ୍ୟରସ। କରୁଣ ରସର ସାମୟିକ ପ୍ରବାହ ମଧ୍ୟ ଲକ୍ଷ୍ୟ କରାଯାଏ। ନାଟକୀୟ ଶୈଳୀରେ ଏଥିରେ ଚରିତ୍ରମାନ ଉପସ୍ଥାପିତ। ଲଳିତ ପଦବିନ୍ୟାସ ସେମାନଙ୍କର କଥୋପକଥନକୁ ରସାଣିତ କରେ। ସଙ୍ଗୀତଧର୍ମିତା ଏହି ଗ୍ରନ୍ଥର ଅନ୍ୟତମ ଆକର୍ଷଣୀୟ ଦିଗ। ଏଣୁ ନାଟକ ଓ ସଙ୍ଗୀତ ଉଭୟ ଦୃଷ୍ଟିରୁ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଏକ ସାର୍ଥକ ସୃଷ୍ଟି।

'କବିତା କଲ୍ଲୋଳିନୀ' ରେ କବିଙ୍କଦ୍ୱାରା ରଚିତ ଚଉତିଶା, ଜଣାଣ ଇତ୍ୟାଦି ଦୀର୍ଘ କବିତାକୁ ସ୍ଥାନିତ କରାଯାଇଛି। 'ଚଉପଦୀ ରତ୍ନାକର' ତିରିଶଟି ଚଉପଦୀର ସମାହାର। ଏହା ରାଧା-କୃଷ୍ଣ-ଲଳିତାଙ୍କ ଉକ୍ତି - ପ୍ରତ୍ୟୁକ୍ତି ସମ୍ବଳିତ ଏକ ଲୀଳାକାବ୍ୟ। 'କବିସୂର୍ଯ୍ୟ ଗୀତାବଳୀ' ଓ 'ଚୌପଦୀ ଚନ୍ଦ୍ରୋଦୟ' ନାମରେ ଗ୍ରନ୍ଥ ଦୁଇଟିକୁ ସଂଗ୍ରହ କରି ପ୍ରକାଶ କରିଛନ୍ତି କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ। 'ହାସ୍ୟକଲ୍ଲୋଳ' କବିଙ୍କର ଏକ ଚମତ୍କାର ଗଦ୍ୟକୃତି। ଗଦ୍ୟ -ପଦ୍ୟ ଓ ଓଡ଼ିଆ – ସଂସ୍କୃତ ମିଶ୍ରିତ ଭାଷାରେ ରଚିତ କବିଙ୍କ ଏହି କୃତି ହାସ୍ୟରସାତ୍ମକ। ଏହିପରି କାଳଜୟୀ ପ୍ରତିଭାର ଅଧିକାରୀ କବିସୂର୍ଯ୍ୟ ବାସ୍ତବିକ ଓଡ଼ିଆ ସାହିତ୍ୟରେ ଏକ ବିସ୍ମୟ।

## ୧୮.୩.୪ ଗୌରହରି :

ପାରଳାଖେମୁଣ୍ଡିର ଅନ୍ୟତମ ଭକ୍ତିକବି ଓ ସଙ୍ଗୀତକାର ଏବଂ ଗୋପାଳକୃଷ୍ଣ ସମକାଳୀନ ବ୍ୟକ୍ତି ଗୌରହରି ପରିଚ୍ଛା ୧୭୯୪ ଖ୍ରୀଷ୍ଟାବ୍ଦରେ ଭୂମିଷ୍ଠ ହୋଇଥିଲେ। ସଙ୍ଗୀତ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା। ସେ ରାଗରାଗିଣୀଯୁକ୍ତ ବହୁ କବିତାର ରଚୟିତା। ଶୁଦ୍ଧ ରାଗାନୁଗା ପ୍ରେମଭକ୍ତିର ଜଣେ ଏକନିଷ୍ଠ ସାଧକ ଥିବାରୁ ସେ ରାଧାକୃଷ୍ଣ ପ୍ରେମଲୀଳାକୁ କେନ୍ଦ୍ରକରି ଅନେକ ସଙ୍ଗୀତ ରଚନା କରିଥିଲେ। ଅନେକ ରସପୂର୍ଣ୍ଣ ଚଉପଦୀ ବ୍ୟତୀତ ସେ 'ବସ୍ତ୍ରାପହରଣ' ଚଉତିଶା ଓ 'ପ୍ରହ୍ଲାଦ' ନାଟକ ରଚନା କରିଥିଲେ। 'ବସ୍ତ୍ରାପହରଣ' ଚଉତିଶାରେ ସେ ଗୋପୀମାନଙ୍କ ବସ୍ତ୍ରାପହରଣର ବର୍ଣ୍ଣନା ମାଧ୍ୟମରେ କୃଷ୍ଣଲୀଳାର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। 'ଗୀତଗୋବିନ୍ଦ' ର କେତେକ ଶ୍ଳୋକକୁ ସେ ଓଡ଼ିଆ ପଦ୍ୟରୂପ ପ୍ରଦାନ କରିଛନ୍ତି 'ଭାଷା ସଙ୍ଗୀତ ବିନୋଦ' ରେ। ସେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ତେଲୁଗୁ ଭାଷାରେ ବିଦ୍ୱାନ ଥିଲେ ଓ ଏହିସବୁ ଭାଷାକୁ ଏକତ୍ର କରି କେତେକ ଚାତୁର୍ଭାଷିକ କବିତା ରଚନା କରିଥିଲେ। ବଙ୍ଗଳା ଭାଷାରେ ସେ 'ଅଷ୍ଟକାଳ ସେବା' ରଚନା କରିଥିଲେ। ସଂସ୍କୃତ ଭାଷାରେ ମଧ୍ୟ ତାଙ୍କର ବ୍ୟୁତ୍ପ ି ଥିଲା। କେତେକ କବିତାରେ ପ୍ରଥମେ ସଂସ୍କୃତ ଶ୍ଳୋକ ଲେଖି ପରେ ତା'ର ଭାବକୁ ସେ ଓଡ଼ିଆରେ ପ୍ରକାଶ କରିଛନ୍ତି। ତାଙ୍କର ରଚନାବଳୀ ସରଳ, ସାବଲୀଳ ଏବଂ ଗଭୀର ଭାବପୂର୍ଣ୍ଣ। ସେ ୧୮୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜୀବିତ ଥିଲେ।

## ୧୮.୩.୫ ଗୌରଚରଣ :

ସଙ୍ଗୀତକାର ଗୌରଚରଣ ଅଧିକାରୀ ଖୋର୍ଦ୍ଧା ନିକଟବ ର୍ୀ ଲେହଙ୍ଗ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ୧୮୧୪ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଓ ୧୮୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜୀବିତ ଥିଲେ। ଅନେକ ଗୀତିକାରେ ସେ ନିଜକୁ ଦ୍ୱିଜ ବା ବିପ୍ର ଗୌର, ଗୌରଚରଣ, ଗୌରକୃଷ୍ଣ ଓ ଗୌରହରି ଭାବରେ ମଧ୍ୟ ପରିଚିତ କରାଇଛନ୍ତି। ସେ ଥିଲେ ବୈଷ୍ଣବ କବି। ଏଣୁ ତାଙ୍କ ଲେଖନୀରୁ ନିଃସୃତ ହେଉଥିଲା ରାମ, କୃଷ୍ଣ ବା ଜଗନ୍ନାଥ ଲୀଳାତ୍ମକ ଚଉପଦୀ, ଜଣାଣ, ଭଜନ, କୀ ର୍ନ, ଚଉତିଶା ଇତ୍ୟାଦି। 'ଗୌରକୃଷ୍ଣ ଭଜନ ଶତକ' ଓ 'ଗୌରଚରଣ ଗୀତାବଳୀ' ରେ ତାଙ୍କର ବହୁ କବିତା ସ୍ଥାନିତ ହୋଇଛି। ଏତଦ୍‌ବ୍ୟତୀତ 'ଆଠରସ', 'ପ ସ୍ପୃହ', 'ପଶାଖେଳ', 'ଚମତ୍କାର ଚନ୍ଦ୍ରିକା', 'ଶରତରାସ', ଓ 'ଅଦ୍ୱୈତ ମଙ୍ଗଳ' (ବଙ୍ଗଳା) ଇତ୍ୟାଦି ତାଙ୍କର କେତୋଟି ରଚନା ଏପର୍ଯ୍ୟନ୍ତ ଅପ୍ରକାଶିତ। ସେ ବଙ୍ଗଳା ଭାଷାରେ ମଧ୍ୟ ପାଣ୍ଡିତ୍ୟ ଅର୍ଜନ କରିଥିଲେ ଓ ଏଥିରେ କେତେକ ଭକ୍ତିସଙ୍ଗୀତ ରଚନା କରିଥିଲେ। ସେ ଅନୁପ୍ରାସ, ଯମକ ଇତ୍ୟାଦି ବିଭିନ୍ନ ଅଳଙ୍କାର ପ୍ରୟୋଗପୂର୍ବକ ନିଜ କବିତାରାଜିକୁ ସେ ମନୋମୁଗ୍ଧକର ଓ ହୃଦୟସ୍ପର୍ଶୀ ଶୈଳୀରେ ରଚନା କରିଛନ୍ତି। ସେଗୁଡ଼ିକ ଭାବ ଓ ଭାଷା ସହଜ ଓ ସରଳ।

## ୧୮.୩.୬ ହରିବନ୍ଧୁ :

ପାରଳାଖେମୁଣ୍ଡିରେ ଜନ୍ମ ଗ୍ରହଣ କରିଥିବା ଅନ୍ୟ ଜଣେ ସଙ୍ଗୀତକାର ହରିବନ୍ଧୁ ବେବ ର୍ା ପଟ୍ଟନାୟକ (୧୮୨୬-୯୬) ବହୁ ସୁଲଳିତ ସଙ୍ଗୀତର ରଚୟିତା। ତାଙ୍କର କେତେକ ରଚନା ଆଜି ବିଲୁପ୍ତ। ତାଙ୍କ ସଙ୍ଗୀତଗୁଡ଼ିକୁ ମୁଖ୍ୟତଃ ରାଧାକୃଷ୍ଣ ପ୍ରୀତିମୂଳକ। କବି ଗୋପାଳକୃଷ୍ଣ ଥିଲେ ତାଙ୍କର ଗୁରୁ। ଗୀତିକାର ଗୌରହରି ପରିଚ୍ଛାଙ୍କ ଦ୍ୱାରା ମଧ୍ୟ ସେ ଉତ୍ସାହିତ ହୋଇଥିଲେ। ଗୁରୁ ଗୋପାଳକୃଷ୍ଣଙ୍କ ପ୍ରଭାବ ପରିଲକ୍ଷିତ ହେଲେହେଁ ତାଙ୍କ ରଚନାବଳୀ ସ୍ୱକୀୟତାରେ ଉଦ୍‌ଭାସିତ।

## ୧୮.୪ ପଦାବଳୀ ସାହିତ୍ୟର ସଂଜ୍ଞା, ସ୍ୱରୂପ ପ୍ରକାରଭେଦ :

ସାଧାରଣତଃ ପଦ+ଆବଳୀ ବା ପଦସମୂହକୁ ପଦାବଳୀ କୁହାଯାଏ। ପୂର୍ବ – ଭାରତୀୟ ରାଜ୍ୟମାନଙ୍କରେ ଏହା ସାହିତ୍ୟର ଏକ ବିଶିଷ୍ଟ ବିଭାଗରୂପେ ବିକାଶ ଲାଭ କରିଛି। ସର୍ବପ୍ରଥମେ ୧୨ଶ ଶତାବ୍ଦୀର ଉତ୍କଳୀୟ କବି ଜୟଦେବ

ରାଧାମାଧବ ଲୀଳାତ୍ମକ ନିଜ 'ଗୀତିଗୋବିନ୍ଦ' କାବ୍ୟକୁ 'ମଧୁର କୋମଳକାନ୍ତ ପଦାବଳୀ' ଯୁକ୍ତ ବୋଲି ଅଭିହିତ କଲେ। ତାଙ୍କ ଭାଷାରେ

"ଯଦି ହରିସ୍ମରଣେ ସରସଂ ମନୋ ଯଦି ବିଳାସକଳାସୁ କୁତୂହଳମ୍।
ମଧୁର କୋମଳକାନ୍ତବଦାବଳୀ ଶୃଣୁ ତଦା ଜୟଦେବସରସ୍ୱତୀମ୍।" (୧/୩)

ଅର୍ଥାତ୍ ଯଦି ରାଧାମାଧବ ସ୍ମରଣରେ ମନ ରସାଣିତ ହୋଇଛି, ଯଦି ବିଳାସକଳା (ନୃତ୍ୟଗୀତ ଆଦି) ପ୍ରତି ମନରେ କୌତୂହଳ ଜାତ ହୋଇଛି, ତେବେ ମଧୁର, କୋମଳ ତଥା ସୁନ୍ଦର ପଦାବଳୀଦ୍ୱାରା ରଚିତ ଜୟଦେବଙ୍କ ବାଣୀ (ଗୀତଗୋବିନ୍ଦ) ଶ୍ରବଣ କର। ଏଠାରେ ସଙ୍ଗୀତ ଅର୍ଥରେ 'ପଦାବଳୀ' ଶବ୍ଦର ସର୍ବପ୍ରଥମ ପ୍ରୟୋଗ ଲକ୍ଷ୍ୟ କରାଯାଏ। ତାଙ୍କୁ ଅନୁସରଣ କରି ପରବର୍ତ୍ତୀକାଳୀନ ବୈଷ୍ଣବ କବିଗଣ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଆଧାରିତ ଶ୍ରୁତିମଧୁର ଓ ସଙ୍ଗୀତଧର୍ମୀ କବିତାକୁ 'ପଦାବଳୀ' ଆଖ୍ୟା ଦେଲେ। ଏ ଦୃଷ୍ଟିରୁ ପଦାବଳୀ – ସାହିତ୍ୟ ଅନ୍ତର୍ଗତ 'ପଦାବଳୀ' ଶବ୍ଦଟି ଆଭିଧାନିକ ଅର୍ଥରେ ନୁହେଁ ଏକ ସାଂକେତିକ ଅର୍ଥରେ ବ୍ୟବହୃତ। ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଅର୍ଥାତ୍ ବ୍ରଜପୁରର ରାଧା, ଗୋପୀ, ବ୍ରଜବାଳକ ଓ ଯଶୋଦାଙ୍କ ସହିତ ଶ୍ରୀକୃଷ୍ଣଙ୍କର ମଧୁର ଭାବକୁ କେନ୍ଦ୍ରକରି ସରଳ ପଦରେ ରଚିତ ଓ ବିଭିନ୍ନ ରାଗରାଗିଣୀଯୁକ୍ତ କ୍ଷୁଦ୍ର ଗୀତିହିଁ ପଦାବଳୀ ଏବଂ ପଦାବଳୀ ସମୂହରେ ପୁଷ୍ଟ ସାହିତ୍ୟହିଁ ପଦାବଳୀ ସାହିତ୍ୟ।

କେତେକ ସମାଲୋଚକ 'ପଦାବଳୀ' ଓ 'ପଦ୍ୟାବଳୀ' ଶବ୍ଦ ଦୁଇଟି ମଧ୍ୟରେ ଅର୍ଥଗତ ପାର୍ଥକ୍ୟ ନାହିଁ ବୋଲି ମତ ଦିଅନ୍ତି। କିନ୍ତୁ ଏହା ଯଥାର୍ଥ ମନେହୁଏ ନାହିଁ। କାରଣ ପଦାବଳୀ (ପଦ+ଆବଳୀ) କେତେଗୁଡ଼ିଏ ପଦର ସମାହାର ହୋଇଥିବାବେଳେ ପଦ୍ୟାବଳୀ (ପଦ୍ୟ+ଆବଳୀ) ହେଉଛି କେତେଗୁଡ଼ିଏ ପଦ୍ୟର ସମଷ୍ଟି। ସଂଜ୍ଞା ଅନୁସାରେ ପଦ୍ୟାବଳୀ ଯେକୌଣସି ଛନ୍ଦୋବଦ୍ଧ ପଦ୍ୟର ସମଷ୍ଟି : କିନ୍ତୁ ପଦାବଳୀ କହିଲେ କେବଳ ବୈଷ୍ଣବୀୟ ଭକ୍ତିସଙ୍ଗୀତକୁ ବୁଝାଇଥାଏ। ଏ ଦୃଷ୍ଟିରୁ ଏହି ଶବ୍ଦ ଦୁଇଟି ମଧ୍ୟରେ ରୂପଗତ ସାମ୍ୟ ଥିଲେହେଁ ଅର୍ଥଗତ ପାର୍ଥକ୍ୟ ବାରିହୋଇପଡ଼େ।

ଓଡ଼ିଆ ସାହିତ୍ୟରେ ବହୁଳ ପରିମାଣରେ ବୈଷ୍ଣବୀୟ ଭକ୍ତିସଙ୍ଗୀତ ରଚିତ ହୋଇଛି ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ। କିନ୍ତୁ ରୀତିଯୁଗର ଶେଷଭାଗରେ ଅର୍ଥାତ୍ ୧୭୮୦ ଖ୍ରୀଷ୍ଟାବ୍ଦଠାରୁ ୧୮୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିବା ଏହି ପ୍ରକାର ଭକ୍ତିସଙ୍ଗୀତ ବା ପଦାବଳୀର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଏହି କାଳଖଣ୍ଡକୁ ଓଡ଼ିଆ ସାହିତ୍ୟ ଇତିହାସରେ ସଙ୍ଗୀତଯୁଗ ଭାବରେ ଅଭିହିତ କରାଯାଏ। ଏହାକୁ କେହି କେହି ପଦାବଳୀ-ଯୁଗ ନାମରେ ମଧ୍ୟ ନାମିତ କରନ୍ତି। ଏହି ସମୟସୀମା ମଧ୍ୟରେ ଯେଉଁମାନେ ଓଡ଼ିଆ ପଦାବଳୀ-ସାହିତ୍ୟକୁ ସମୃଦ୍ଧ କରିଥିଲେ ସେମାନଙ୍କ ମଧ୍ୟରେ ବନମାଳୀ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ଗୌରହରି, ଗୌରଚରଣ, ହରିବନ୍ଧୁ ଇତ୍ୟାଦିଙ୍କର ନାମ ଉଲ୍ଲେଖଯୋଗ୍ୟ।

## ୧୮.୪.୧ ବ୍ରଜବୋଲି ଭାଷା ଓ ପଦାବଳୀ – ସାହିତ୍ୟ :

ପ୍ରଥମେ ସଂସ୍କୃତ ଭାଷାରେ ପଦାବଳୀମାନ ରଚିତ ହେଉଥିଲା। ୧୨ଶ ଶତାବ୍ଦୀର ଉତ୍କଳୀୟ କବି ଜୟଦେବଙ୍କ 'ଗୀତଗୋବିନ୍ଦ' ରେ ପଦାବଳୀ ଶବ୍ଦର ଉଲ୍ଲେଖ ଥିବା ପୂର୍ବରୁ କୁହାଯାଇଛି। ଗୋପୀଭାବ ସମ୍ବଳିତ ଗୀତଗାନ ପ୍ରତି ଶ୍ରୀଚୈତନ୍ୟଙ୍କର ଗଭୀର ଶ୍ରଦ୍ଧା ଥିଲା। ତାଙ୍କ ପୂର୍ବରୁ ମିଥିଳାର ବିଦ୍ୟାପତି, ବଙ୍ଗଳାର ଚଣ୍ଡୀଦାସ ଓ ଓଡ଼ିଶାର ରାୟ ରାମାନନ୍ଦଙ୍କ ଲେଖନୀରେ ବୈଷ୍ଣବ ପଦାବଳୀ ରଚିତ ହୋଇଥିଲା। ସେମାନଙ୍କର ରଚନାର ଭାଷା ଥିଲା ବ୍ରଜବୋଲି ବା ବ୍ରଜବୁଲି। ବ୍ରଜବୋଲି ବଙ୍ଗଳା, ଓଡ଼ିଶା, ଆସାମ ପ୍ରଭୃତି ଆଞ୍ଚଳିକ ଭାଷାର ସମ୍ମିଶ୍ରଣରେ ଗଠିତ ଏକ କୃତ୍ରିମ ଭାଷା। ଏଣୁ ଏକଦା ବ୍ରଜବୋଲି ପଦାବଳୀ ଓଡ଼ିଶା, ବଙ୍ଗଳା, ବିହାର, ଆସାମ, ମଥୁରା, ବୃନ୍ଦାବନ ପ୍ରଭୃତି ଅଞ୍ଚଳର କବିମାନଙ୍କଦ୍ୱାରା ବେଶ୍

ଆଦୃତି ଲାଭକରିଥିଲା। ତେଣୁ ବ୍ରଜବୋଲି ଭାଷାରେ ରଚିତ କୃଷ୍ଣଲୀଳାତ୍ମକ ପଦାବଳୀରେହିଁ ବୈଷ୍ଣବ ପଦବାଳୀ – ସାହିତ୍ୟର ଆଦିରୂପ ନିହିତ ବୋଲି କେହି କେହି ସମାଲୋଚନ ମତ ଦିଅନ୍ତି।

## ୧୮.୪.୨ ପଦାବଳୀର ସ୍ୱରୂପ :

ଓଡ଼ିଆ ପଦାବଳୀ ବା କୃଷ୍ଣଲୀଳାତ୍ମକ ଗୀତ ଭକ୍ତି, ସଙ୍ଗୀତ ଓ କବିତାର ସମ୍ମିଶ୍ରିତ ରୂପ। ଏହା ଓଡ଼ିଆର ପାରମ୍ପରିକ ସଙ୍ଗୀତ ବା ଚଉପଦୀର ଆଙ୍ଗିକଦ୍ୱାରା ପରିଚିହ୍ନିତ। ଏଥିରେ ପ୍ରଥମେ ଘୋଷା ବା ଧ୍ରୁବପଦ ଓ ପରେ ଚାରି-ପା ଟି ଅନ୍ତରାପଦ ରହିବା ହେଉଛି ସାଧାରଣ ବିଧି। ଶେଷପଦରେ ପଦକ ର୍ଙ୍କ ନାମ ଭଣିତା ଆକାରରେ ଥାଏ। କେତେକ ପଦାବଳୀରେ ଉକ୍ତି-ପ୍ରତ୍ୟୁକ୍ତି ମାଧ୍ୟମରେ ଭାବ ପ୍ରକାଶିତ ହୋଇଥାଏ। ସଙ୍ଗୀତଯୁଗ ଭାବରେ କଥିତ ରୀତିଯୁଗର ଶେଷଭାଗରେ ଓଡ଼ିଆ ପଦାବଳୀ ରଚିତ ହେତୁ କେତେକରେ ଆଳଙ୍କାରିକ ଛଟା ମଧ୍ୟ ଲକ୍ଷ୍ୟ କରାଯାଏ। ଯେଉଁଥିରେ ଆଳଙ୍କାରିକତାର ପ୍ରାବଲ୍ୟ ଥାଏ ତାହାର ସାଙ୍ଗୀତିକତା ବ୍ୟାହତ ହୋଇଥାଏ ଏବଂ ଯେଉଁଥିରେ ଅଳଙ୍କାରର ପରିମିତ ପ୍ରୟୋଗ ଥାଏ, ତାହା ଅଧିକ ରସାଳ ଓ ଶ୍ରୁତିମଧୁର ହୋଇଥାଏ। ପଦାବଳୀର ସଙ୍ଗୀତର ସ୍ୱରମୂର୍ଚ୍ଛନା ଓ କବିତାର ଭାବମୂର୍ଚ୍ଛନା ଉପଲବ୍ଧ ହେଉଥିବାରୁ ଏହା ସଙ୍ଗୀତ ଓ କବିତାର ଏକ ଅପୂର୍ବ ସମନ୍ୱୟ। ପୁଣି ଏହା ଭକ୍ତିମୂଳକ ହେତୁ ଭକ୍ତିସ ।ର ଅଖଣ୍ଡ ପ୍ରବାହ ମଧ୍ୟ ଏଥିରେ ସଦା ଉପସ୍ଥିତ। ଏ ଦୃଷ୍ଟିରୁ ପଦାବଳୀ ଭକ୍ତି, ସଙ୍ଗୀତ ଓ କବିତାର ସମ୍ମିଳିତ ରୂପରେ ଏକ ରସଘନ ଗୀତିକବିତା ମଧ୍ୟ।

## ୧୮.୪.୩ ପଦାବଳୀର ପ୍ରକାରଭେଦ :

ଉତ୍କଳୀୟ କବି ଜୟଦେବ ୧୨ଶ ଶତାବ୍ଦୀରେ ସଂସ୍କୃତରେ ପଦାବଳୀ ରଚନାର ଅୟମାରମ୍ଭ କଲେ। ତାପରେ ଏହାର ବିକାଶ ଘଟିଲା, ଲୋକପ୍ରିୟତା ମଧ୍ୟ ବଢ଼ିଲା। ଲୀଳାପୁରୁଷୋ ମ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ମଧ୍ୟରୁ କେବଳ ବ୍ରଜଲୀଳାର ଆଧାରରେ ରଚିତ ଏହି ଭକ୍ତି ଭକ୍ତିକବିତା ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ଆବଦ୍ଧ ରହିଲା। ଜୀବନାନୁଭୂତି ଏଥିରେ ବ୍ୟାପକତା ଲାଭ କରିପାରିଲା ନାହିଁ। ପ୍ରେମ, ବାତ୍ସଲ୍ୟ, ସଖ୍ୟ, ଦାସ୍ୟ ଓ ଭକ୍ତିଭାବ ପ୍ରକାଶରେ ଏହା କେବଳ ସୀମିତ ରହିଲା। କଥାବସ୍ତୁ ଦୃଷ୍ଟିରୁ ଏହାର ପ୍ରକାରଭେଦ ହେଉଛି –

(କ) ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାବିଷୟକ (ଯଶୋଦାଙ୍କ ବାତ୍ସଲ୍ୟ ସ୍ନେହ ଆଧାରିତ),

(ଖ) ଶ୍ରୀକୃଷ୍ଣଙ୍କ କୈଶୋର – ଲୀଳାବିଷୟକ (କ୍ରୀଡ଼ାସାଥୀଙ୍କ ସହ ଶ୍ରୀକୃଷ୍ଣଙ୍କ ଗୋଚାରଣ, ଲବଣୀଚୋରି ଆଦି ଘଟଣା ଆଧାରିତ),

(ଗ) ଶ୍ରୀକୃଷ୍ଣଙ୍କ ପ୍ରେମଲୀଳାବିଷୟକ (ଗୋପବାଳୀଙ୍କ ସହ ଶରଦରାସ, ବସନ୍ତରାସ, ରାଧାକୃଷ୍ଣ ପରକୀୟା ପ୍ରୀତି ଇତ୍ୟାଦି) ଏବଂ

(ଘ) କୃଷ୍ଣଭକ୍ତି ବିଷୟକ (କୃଷ୍ଣଙ୍କ ସଗୁଣ ଲୀଳା ଇତ୍ୟାଦି)

## ୧୮.୫ ଓଡ଼ିଆ ପଦାବଳୀ – ସାହିତ୍ୟର ବିକାଶଧାରା :

୧୨ ଶ ଶତାବ୍ଦୀର ଉତ୍କଳୀୟ କବି ଜୟଦେବ ଶ୍ରୀକୃଷ୍ଣଲୀଳାକୁ ଭି ି କରି ଲଳିତ – କୋମଳ – କାନ୍ତ - ପଦାବଳୀ ସମନ୍ୱିତ ସଂସ୍କୃତ କାବ୍ୟ 'ଗୀତଗୋବିନ୍ଦ' ରଚନା କରିଥିଲେ। 'ପଦାବଳୀ' ଶବ୍ଦ ପ୍ରୟୋଗ କରିବାରେ ସେ ହେଉଛନ୍ତି ପ୍ରଥମ କବି। ତାଙ୍କ ଅନୁସରଣରେ ମୈଥିଳୀ କବି ବିଦ୍ୟାପତି ଓ ବଙ୍ଗୀୟ କବି ଚଣ୍ଡୀଦାସ ପଦାବଳୀମାନ ରଚନା କଲେ ବ୍ରଜବୋଲି ଭାଷାରେ। ପଦାବଳୀ ସାହିତ୍ୟର ବିକଶକ୍ରମରେ ୧୬ ଶ ଶତାବ୍ଦୀରେ ଓଡ଼ିଶାର ରାୟ ରାମାନନ୍ଦ, ମାଧବୀ ଦାସୀ, କହ୍ନାଇ ଖୁ ିଆ ପ୍ରମୁଖ କବି ବ୍ରଜବୋଲି ଭାଷାରେ ମଧ୍ୟ ପଦାବଳୀ ରଚନା କଲେ। ସମକାଳୀନ ପ ସଖା ମଣ୍ଡଳୀର ଅଚ୍ୟୁତାନନ୍ଦ ଦାସ

ସର୍ବପ୍ରଥମେ ପଦ ପଦାବଳୀ ଶବ୍ଦର ବ୍ୟବହାର କଲେ ସ୍ୱରଚିତ 'ଅଣାକାର ସଂହିତା' ରେ (ପଦ-ପଦାବଳୀ ଲକ୍ଷେକ ଯେ ଗ୍ରନ୍ଥ ସବୁ ଶ୍ରୀକୃଷ୍ଣ ମହିମା)। କିନ୍ତୁ ପ ସଖାଙ୍କ ଗୀତିରଚନାମାନଙ୍କରେ ରାଧାକୃଷ୍ଣଙ୍କ ପ୍ରଣୟଲୀଳାର ବର୍ଣ୍ଣନା ସ୍ଥାନ ପାଇନାହିଁ। କାରଣ ସେମାନେ ଥିଲେ ଜ୍ଞାନମାର୍ଗର ଉପାସକ। ସେମାନଙ୍କର ପରମ ଉପାସ୍ୟ ଦେବତା ଥିଲେ ଶ୍ରୀଜଗନ୍ନାଥ। ସେହି ସମୟରେ ଶ୍ରୀଚୈତନ୍ୟ ଓଡ଼ିଶା  ଆସିଲେ। ସେ ଥିଲେ ଗୌଡ଼ୀୟ ବୈଷ୍ଣବ ଏବଂ ରାଗାନୁଗାଭକ୍ତି ବା ଶୁଦ୍ଧାଭକ୍ତିର ଉପାସକ। ଗୌଡ଼ୀୟ ବୈଷ୍ଣବମାନଙ୍କର ଉପାସ୍ୟ ଦେବତା ହେଉଛନ୍ତି ଶ୍ରୀକୃଷ୍ଣ। ପ ସଖା ସେମାନଙ୍କ ରଚନାରେ ରୂପକ ସାହାଯ୍ୟରେ ଶରୀର ମଧ୍ୟରେ ନିତ୍ୟ ବୃନ୍ଦାବନ, ଶ୍ରୀମନ୍ଦିର, ଚତୁର୍ଦ୍ଧାମୂ ି ଆଦିର ପରିକଳ୍ପନା କଲେ। ସେମାନେ ଜ୍ଞାନମିଶ୍ରା ଭକ୍ତିମାର୍ଗର ସାଧକ ଥିବାରୁ ଶ୍ରୀକୃଷ୍ଣଙ୍କୁ ସେମାନେ ନିତ୍ୟ ପରଂବ୍ରହ୍ମ ଜଗନ୍ନାଥ ବା ଗୋଲୋକ କୃଷ୍ଣ ରୂପେ ଗ୍ରହଣପୂର୍ବକ ଶ୍ରୀକ୍ଷେତ୍ରରେ ନିତ୍ୟ୍ୟ ଗୋଲୋକ ଲୀଳାର ପରିକଳ୍ପନା କଲେ। କିନ୍ତୁ ସେଥିରେ ମହାଭାବମୟୀ ରାଧା ଓ କୃଷ୍ଣଙ୍କ ମଧ୍ୟରେ ପ୍ରେମଲୀଳା ରଚନାର ବର୍ଣ୍ଣନା ରହିଲା ନାହିଁ। ଶ୍ରୀଜଗନ୍ନାଥ ଦାସଙ୍କ 'ଭାଗବତ'ରେ ମଧ୍ୟ ଶ୍ରୀରାଧା ଅନୁପସ୍ଥିତ।

ଶ୍ରୀଚୈତନ୍ୟଙ୍କ  ଆଗମନ ଫଳରେ  ଓଡ଼ିଆ ବୈଷ୍ଣବସାହିତ୍ୟ ଶୁଦ୍ଧାଭକ୍ତି ରସରେ ପ୍ଲାବିତ ହେଲା। ଫଳରେ ଓଡ଼ିଆ ବୈଷ୍ଣବସାହିତ୍ୟରେ ସମନ୍ୱୟ ସାଧିତ ହେଲା। ଓଡ଼ିଶାର କବିମାନେ କୃଷ୍ଣଲୀଳା ଆଧାରିତ କାବ୍ୟକବିତାମାନ ରଚନା କରିବାରେ ଆଗ୍ରହୀ ହେଲେ। କୃଷ୍ଣଲୀଳାତ୍ମକ ଗୀତି ରଚନା ପରିବର୍ତ୍ତେ  କୃଷ୍ଣଲୀଳାତ୍ମକ କାବ୍ୟ ରଚନା ଦିଗରେ ଓଡ଼ିଆ କବିମାନେ ଅଧିକ ଅନୁରାଗୀ ହେଲେ। ପ୍ରାକ୍-ରୀତିଯୁଗୀୟ ଓ ରୀତିଯୁଗୀୟ କବିଗଣଙ୍କ ଲେଖନୀରେ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାକୁ ଭି ିକରି ଦେବଦୁର୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ', ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଉପେନ୍ଦ୍ର ଭଞ୍ଜ 'କଳା କଉତୁକ', ଭୂପତି ପଣ୍ଡିତଙ୍କ 'ପ୍ରେମ ପ ାମୃତ', ଦନାଇ ଦାସଙ୍କ 'ଗୋପୀଭାଷା', ବୃନ୍ଦାବତୀ ଦାସୀଙ୍କ  'ପୂର୍ଣ୍ଣତମ ଚନ୍ଦ୍ରୋଦୟ', ତାଙ୍କ ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ରଙ୍କ 'ଭକ୍ତି ଚନ୍ଦ୍ରୋଦୟ' କାବ୍ୟ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ 'ଯୁଗଳ ରସାମୃତ ଲହରୀ', 'ଯୁଗଳ ରସାମୃତ ଭଉଁରୀ', 'ବ୍ରଜଲୀଳାମତ', ଭକ୍ତଚରଣଙ୍କ 'ମଥୁରାମଙ୍ଗଳ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦ୍‌ଗଧ ଚିନ୍ତାମଣି', ବ୍ରଜନାଥ ବଡ଼ଜେନାଙ୍କ 'ଶ୍ୟାମରାସୋତ୍ସବ', ଜଗନ୍ନାଥ ନାରାୟଣ ଦେବଙ୍କ 'ବୃନ୍ଦାବନ ବିହାର' କାବ୍ୟମାନ ରଚିତ ହେଲା।

ଉପର ବର୍ଣ୍ଣିତ କାବ୍ୟଗୁଡ଼ିକ ବ୍ୟତୀତ ବହୁ ଗୀତିକବିତା ମଧ୍ୟ ବିଭିନ୍ନ ରାଗରାଗିଣୀରେ ରଚିତ ହୋଇଛି ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାର ଅବଲମ୍ବନରେ। ରଚନାଶୈଳୀର ବିଭିନ୍ନତା ଦୃଷ୍ଟିରୁ ସେଗୁଡ଼ିକ କୋଇଲି, ଚଉତିଶା, ପଦିଆ, ବୋଲି, ଚମ୍ପୂ ଓ ଚଉପଦୀ ଆଦି ରୂପରେ  ଆତ୍ମପ୍ରକାଶ କରିଛି। ଏସବୁ ମଧ୍ୟରେ ରହିଛି-   ବଳରାମ ଦାସଙ୍କ 'ବାରମାସୀ କୋଇଲି' ଓ ' କମଳଲୋଚନ ଚଉତିଶା', ଅଚ୍ୟୁତାନନ୍ଦ ଦାସଙ୍କ 'ଦୂତିବୋଧ ଚଉତିଶା', ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଅର୍ଜୁନ ଦାସଙ୍କ 'ମିଳନ ଚଉତିଶା', ଦୀନକୃଷ୍ଣ ଦାସଙ୍କ 'ରାଧାଦର୍ଶନ ଚଉତିଶା', ଦନେଇ ଦାସଙ୍କ 'ଗୋପୀଭାଷା', ଭୂପତି ପଣ୍ଡିତଙ୍କ 'ଉଦ୍ଧବ ଚଉତିଶା', ଦାମୋଦର ଦାସଙ୍କ 'ରସକୋଇଲା ଚଉତିଶା', କଣ୍ଠଦାସଙ୍କ 'ପୋଲ', 'ଛ ପୋଇ' ଇତ୍ୟାଦି। ଏ ସବୁ କ୍ଷୁଦ୍ର ରଚନାରେ ପଦାବଳୀ-ସାହିତ୍ୟର ବିକାଶକ୍ରମ ଲକ୍ଷ୍ୟ କରାଯାଏ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କାମିନୀଙ୍କୁ ନେଇ ପ୍ରୀତିପଦ କାବ୍ୟମାନ ରଚନା କରିବା ପରେ କୃଷ୍ଣଲୀଳାତ୍ମକ ଯେଉଁ କାବ୍ୟଟି ରଚନା କରିବାକୁ ମନସ୍ଥ କଲେ, ସେଇଟି ଥିଲା 'କଳା କଉତୁକ', ଏହି କାବ୍ୟ ଆରମ୍ଭରେ ସେ ଲେଖିଲେ – "କେଉଁ କାର୍ଯ୍ୟ ଅଛି ତହିଁ କୃଷ୍ଣକଥା ଥଉ"। କେବଳ ଏହି କୃଷ୍ଣକାବ୍ୟଟି ରଚନା କରି ସେ ସନ୍ତୁଷ୍ଟ ହେଲେ ନାହିଁ, କୃଷ୍ଣଲୀଳାତ୍ମକ ଆଠଦଶଗୋଟି ଗୀତ ମଧ୍ୟ ସେ ରଚନା କରିଥିଲେ। ସେସବୁ ମଧ୍ୟରୁ କେତୋଟି ହେଲା – 'ଶ୍ରୀପତି ଶ୍ରୀମତୀ ବୃନ୍ଦାବନେ କେଳି ରଚିଲେ', 'କମଳଲୋଚନ କରିଛ ମାନ', 'ସଙ୍ଗାତ ମନାକଲୁ ପରା', 'କାଲି ରଜନୀ ଗୋ', 'ମଲ୍ଲୀମାଳ ଶ୍ୟାମକୁ ଦେବି', 'ପରମାନନ୍ଦଙ୍କୁ ପଚାରିବୁ ସଖୀ' ଇତ୍ୟାଦି। "ଏହି ଯୁଗର ରାଜନୀତିକ ଓ ସାମାଜିକ ପରିବେଶ ମଧ୍ୟ

ଏତାଦୃଶ ଗୀତ ରଚନା ଓ ତାହାର ପ୍ରସାର ଜାଗି କେତେକ ପରିମାଣରେ ସହାୟତା କରିଥିଲେ। ଅଳସ ସାମନ୍ତ ରାଜାମାନଙ୍କ କଥାକଥିତ ଦରବାରରେ ଗାୟକମାନେ ଏହି ଲୀଳାସମ୍ବଳିତ ଗୀତ ଗାନ କରିଥିଲେ। କୀର୍ତ୍ତନ, ରାସ, ଝୁଲଣ ପ୍ରଭୃତିର ପ୍ରଚଳନ ମଧ୍ୟ ଏହି ସମୟରେ ହୋଇଥିଲା ଓ ଏହି ଉପଲକ୍ଷେ ବହୁ କବି ବିବିଧ ରଚନାରେ ମନୋବିବେଶ କରିଥିଲେ।" (ବୈଷ୍ଣବ ପଦାବଳୀ, ମୁଖବନ୍ଧ, ପୃ:୭)

ରୀତିଯୁଗ (୧୬୫୦-୧୮୮୦) ଶେଷଭାଗର ପ୍ରାୟ ଏକଶତ ବର୍ଷ ସଙ୍ଗୀତଯୁଗର ମାନ୍ୟତାପ୍ରାପ୍ତ। ଏହି ସମୟସୀମା ମଧ୍ୟରେ ଯଥାର୍ଥତଃ ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶ ସାଧିତ ହୋଇଥିଲା। "ନାନା ରୀତି, ରାଗ ଓ କଳ୍ପନାବିଳାସରେ ଏହା ହୋଇଥିଲା ସୁସମୃଦ୍ଧ। ଅଷ୍ଟାଦଶ ଶତକର ଶେଷଭାଗର କବି ବନମାଳୀଙ୍କଠାରୁ ଆରମ୍ଭ କରି ରାମକୃଷ୍ଣ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ (୧୭୮୫-୧୮୬୨), କବିସୂର୍ଯ୍ୟ ବଳଦେବ ରଥ (୧୭୭୯-୧୮୪୫), 'କୀର୍ତ୍ତନପଦୀ' ରଚୟିତା ଭୁବନେଶ୍ୱର କବିଚନ୍ଦ୍ର, ସୋମନାଥ ସିଂହ (୧୮୧୪-୧୮୫୩), ଗୌରଚରଣ ଅଧିକାରୀ (୧୮୧୪-୧୮୯୦), ହନୁମାନ ରାୟଗୁରୁ (୧୮୨୭-୧୮୯୧), ଗୋବିନ୍ଦ ରାୟଗୁରୁ (୧୮୬୧-୧୯୦୧), ହରିବନ୍ଧୁ ବେବର୍ତ୍ତା ପଟ୍ଟନାୟକ (୧୮୨୬-୧୮୯୬), କିଶୋରଚନ୍ଦ୍ର ରାଜେନ୍ଦ୍ର (୧୮୮୭-୧୯୦୩?), 'ରାଧାମାଧବ ବିଳାସ', 'ସଙ୍ଗୀତ କୃଷ୍ଣଲୀଳା', 'ଗୋପୀନାଥବଲ୍ଲଭ ନାଟକ' ପ୍ରଣେତା ରଘୁନାଥ ପରିଚ୍ଛା (୧୮୦୨-୬୨), 'ରାଧା ପ୍ରେମଲୀଳା', 'କୃଷ୍ଣ ପ୍ରେମଲୀଳା', ରଚୟିତା ବିଶ୍ୱମ୍ଭର ରାଜେନ୍ଦ୍ର (୧୮୫୧-୫୫ରା: କାଳ), ଗୌରହରି ପରିଚ୍ଛା 'ରାଧାକୃଷ୍ଣଲୀଳା ଚଉପଦୀ', 'ଶରତକେଳି', 'ବସନ୍ତକ୍ରୀଡ଼ା' ପ୍ରଭୃତି ଗୀତିଗୁଚ୍ଛ ପ୍ରଣେତା। ଶ୍ୟାମସୁନ୍ଦର ଭଞ୍ଜ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ। ଏତଦ୍‌ବ୍ୟତୀତ ଏହି ଶତକରେ ନାରାୟଣ ପଟ୍ଟନାୟକ, ନିତ୍ୟାନନ୍ଦ, ନୀଳମଣି ରାୟ, ପଙ୍କଜଚରଣ, ମହେନ୍ଦ୍ର ସିଂହସାମନ୍ତ, ମାନଗୋବିନ୍ଦ ହୋତା ପ୍ରଭୃତି ବହୁ ଗୀତିକାର ରାଧାକୃଷ୍ଣଲୀଳାସମ୍ବଳିତ ବହୁ ସଂଗୀତ ରଚନା କରିଥିଲେ। ଏହି ସମୟରେ ହିଁ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ପଦାବଳୀ ରଚୟିତା ଗୋପାଳକୃଷ୍ଣ ଅନୁପମ ସଙ୍ଗୀତାବଳୀ ରଚିତ।

"ଏ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପଦାବଳୀ ରଚନା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର କବିମାନଙ୍କ ଦାନ ସର୍ବାଧିକ। ବସ୍ତୁତଃ ଦକ୍ଷିଣ ଓଡ଼ିଶାରେହିଁ ଏହା ଅଧିକ ସମାଦୃତ ଓ ଏହି ଅଞ୍ଚଳକୁ ଗୀତିନାଟ୍ୟଭାବେ ରାଧାପ୍ରେମଲୀଳା ଓ କୃଷ୍ଣଚନ୍ଦ୍ରଲୀଳାର ଉଦ୍ଭବ ହୋଇଛି। ଦକ୍ଷିଣ ଓଡ଼ିଶାର ବହୁ ସ୍ୱନାମଧନ୍ୟ କବି ଏହି ଉପଲକ୍ଷେ ବହୁ ସଙ୍ଗୀତ ରଚନା କରିଛନ୍ତି।

"ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ପ୍ରସାର, ସାମାଜିକ ଓ ରାଜନୀତିକ ଅବସ୍ଥାର ପରିବର୍ତ୍ତନ, ନୂତନ ଶିକ୍ଷା ଓ କବିତାର ପ୍ରଚଳନ ଫଳରେ ପାଠକରୁଚିର ପରିବର୍ତ୍ତନ ଯୋଗୁଁ ରାଧାକୃଷ୍ଣ ଲୀଳାତ୍ମକ ଗୀତିରଚନା ପ୍ରତି ଲେଖକ ତଥା ପାଠକମଣ୍ଡଳୀ କ୍ରମେ ବୀତସ୍ପୃହ ହେଲେ ଓ ଏହା ଧୀରେ ଧୀରେ ଅନ୍ତରାଳକୁ ଚାଲିଗଲା। ତଥାପି ଚଳିତ (ବିଂଶ) ଶତାବ୍ଦୀରେ ପାର୍ବତୀଚରଣ ଦାସ (ବେଣୁଧର ପଟ୍ଟନାୟକ), କାଳୀଚରଣ ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ ପ୍ରଭୃତି ଏତାଦୃଶ ଗୀତି ରଚନାରେ ମନୋନିବେଶ କରିଥିଲେ।" (ବୈଷ୍ଣବ ପଦାବଳୀ, ଭୂମିକା, ପୃ:୭-୮)

ଏବେ ବି ଓଡ଼ିଆ ପଦାଳବୀ-ସାହିତ୍ୟର ଲୋକପ୍ରିୟତା ମଉଳି ଯାଇନି। କେହି କେହି ବୈଷ୍ଣବକବି ଓଡ଼ିଆ ପଦାବଳୀ ସାହିତ୍ୟକୁ ଉଦ୍ଭିମନ୍ତ କରୁଛନ୍ତି ସେମାନଙ୍କ ରଚନାବଳୀରେ। କିନ୍ତୁ ସଙ୍ଗୀତଯୁଗରେ ପଦାବଳୀ-ସାହିତ୍ୟର ଯେଉଁଭଳି ଭୟୋବିକାଶ ସାଧିତ ହୋଇଥିଲା ତାହା ପୂର୍ବରୁ କେବେ ହୋଇ ନଥିଲା କି ପରେ ହୋଇନାହିଁ। ଏ ଦୃଷ୍ଟିରୁ ସଙ୍ଗୀତଯୁଗକୁ ଓଡ଼ିଆ ପଦାବଳୀ-ସାହିତ୍ୟର ସବୁର୍ଣ୍ଣ ଯୁଗ ବୋଲି ଅଭିହିତ କରାଯାଇପାରେ।

## ୧୮.୬ ପଦାବଳୀ – ସାହିତ୍ୟରେ ପ୍ରେମର ବୈଚିତ୍ର୍ୟ:

ରାଧାକୃଷ୍ଣଙ୍କ ପ୍ରେମଲୀଳା ପଦାବଳୀ-ସାହିତ୍ୟର ମୂଳପିଣ୍ଡ। ବୈଷ୍ଣବତ ୍ୱ ଅନୁସାରେ ଶ୍ରୀକୃଷ୍ଣ ହେଉଛନ୍ତି ପ୍ରେମର ଅସରନ୍ତି ଉତ୍ସ, ପ୍ରୀତିର ମୂ ର୍ିମନ୍ତ ବିଗ୍ରହ। ପଦାବଳୀ ରଚୟିତାମାନେ ଗୌଡ଼ୀୟ ବୈଷ୍ଣବ। ତେଣୁ ସେମାନଙ୍କ ଦୃଷ୍ଟିରେ ସ୍ୱକୀୟା ପ୍ରେମ ଅପେକ୍ଷା ପରକୀୟା ପ୍ରେମ ଶ୍ରେଷ୍ଠ। କାରଣ ସ୍ୱକୀୟା ପ୍ରୀତିରେ ସମ୍ଭୋଗ ଆକାଙ୍କ୍ଷା ଥାଏ; କିନ୍ତୁ ପରକୀୟା ପ୍ରୀତି ହେଉଛି ଭୋଗରହିତ ନିଷ୍କାମ ପ୍ରେମ। ଗୋପୀ ଓ ରାଧାଙ୍କର କୃଷ୍ଣଙ୍କ ସହିତ ନିବିଡ଼ ପ୍ରେମସଂପର୍କ ମଧ୍ୟରେ ଏହା ପ୍ରତିଷ୍ଠିତ। ରାଧା ଓ ଗୋପୀମାନେ ହେଉଛନ୍ତି ଶ୍ରୀକୃଷ୍ଣର ପରକୀୟା ନାୟିକା ଓ ଶ୍ରୀକୃଷ୍ଣଙ୍କ ପ୍ରତି ସେମାନେ ପୋଷଣ କରୁଥିବା ପ୍ରୀତି ହେଉଛି ପରକୀୟା ପ୍ରୀତି। ପରକୀୟା ପ୍ରୀତିର ଜୟଗାନ କରାଯାଇଛି 'ଶ୍ରୀଚୈତନ୍ୟ ଚରିତାମୃତ' ରେ ଏହିପରି –

"ପରକୀୟା ଭାବେ ଅଛି ରସେର ଉଲ୍ଲାସ।
ବ୍ରଜବିନା ଇହାର ଅନ୍ୟତ୍ର ନାଇଁ ବାସ।"

ପରକୀୟା ପ୍ରୀତିର ନାୟକ ହେଲେ ପ୍ରୀତିଜଗତର ମଉଡ଼ମଣି ଶ୍ରୀକୃଷ୍ଣ ଓ ନାୟିକା ହେଲେ ପ୍ରୀତିଶିରୋମଣି ଶ୍ରୀରାଧା। ବାସ୍ତବରେ ସେମାନଙ୍କ ପ୍ରେମ ତୁଳନାବିହୀନ।

ପଦାବଳୀ ସାହିତ୍ୟରେ ପ୍ରକାଶିତ ପ୍ରେମର ବୈଚିତ୍ର୍ୟ ଅବଧାରଣା କରିବା ଯେତିକି ସହଜ, ସେତିକି କଷ୍ଟ। ପଦାବଳୀକାରମାନେ ଭାଷାର ସାରଲ୍ୟ ଓ ସଙ୍ଗୀତର ମଧୁର ମୂର୍ଚ୍ଛନା ମଧ୍ୟରେ ପ୍ରେମର ବୈଚିତ୍ର୍ୟ ଦର୍ଶାଇବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି। ବନମାଳୀଙ୍କ ଭାଷାରେ -

"ଦେଖୁଥିଲେ ମନ ତୃପତ ନୁହଇ
ନ ଦେଖିଲେ ଫୁଟିଯାଏ ଆଖି........."

ସେହିପରି କବିସୂର୍ଯ୍ୟ ଲେଖିଛନ୍ତି –

"କେ ନ କରେ ପ୍ରେମର ରୀତିରେ ସଜନୀ ।
ସେ ଶ୍ୟାମ ଅନୁସରଣେ ସଖି,
ମୋର ହେଉଛି ଯେତେ ଅନୀତିରେ।"

ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧାଙ୍କର ପ୍ରେମଜନିତ ଅନୁରାଗ ବୈଷ୍ଣବଶାସ୍ତ୍ରରେ ଉଜ୍ଜ୍ୱଳରସ ବା ମଧୁରରସ ଭାବରେ ସ୍ୱୀକୃତ। ଏହି ଅନୁରାଗର କ୍ରମବିକଶିତ ଧାରା ଗୋପାଳକୃଷ୍ଣଙ୍କ ପଦାବଳୀରେ ଲକ୍ଷ୍ୟ କରାଯାଏ। ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କ ନବାନୁରାଗ ଜାତର ପୃଷ୍ଠଭୂମି ଏହିପରି - ଦିନେ ଅପରାହ୍ଣରେ ଲଳିତାଙ୍କ ମୁଖରୁ କୃଷ୍ଣନାମ ଉଚ୍ଚାରଣ ଶୁଣିପାରିଛନ୍ତି ପ୍ରେମମୟୀ ରାଧିକା। କୃଷ୍ଣନାମର ପ୍ରଥମ ଶ୍ରବଣରେ ରାଧିକାଙ୍କ ମନରେ ପ୍ରେମଭାବ ଜାତ ହୋଇଛି, ତାଙ୍କ ପ୍ରାଣ ବ୍ୟାକୁଳ-ବିଧୁର ହୋଇଉଠିଛି। ତେଣୁ ସେ ଲଳିତାକୁ ପ୍ରଶ୍ନ ପେର ପ୍ରଶ୍ନ ପଚାରି ଶ୍ରୀକୃଷ୍ଣଙ୍କ ବିଷୟରେ ସବିଶେଷ ଜାଣିବାକୁ ଚାହିଛନ୍ତି। ଲଳିତାଙ୍କ ଉଦ୍ଦେଶ୍ୟରେ ତାଙ୍କର ପ୍ରଥମ ପ୍ରଶ୍ନ - କି ନାମ ହୋଇଲୁ ତୁହି ?

ସଖୀ ଲଳିତା ଚାତୁରୀପୂର୍ଣ୍ଣ ଭାଷାରେ ଉ ର ଫେରାଇଛନ୍ତି –

ପୁଣି ଶୁଣିବାକୁ ମନ ବଳିଲା କି ?
'କୃଷ୍ଣ' ବୋଲି ଥିଲି କହି ରେ ପ୍ରାଣମିତ।

ପୁଣି ପ୍ରଶ୍ନ –

କେମନ୍ତେ ସେ ଦେଖିବାକୁ ?

ଲଳିତା – କୋଟିଏ କନ୍ଦର୍ପ ଗୋଟିଏ ହୋଇଲେ

ସମାନ ନୋହିବେ ତାଙ୍କୁରେ ପ୍ରାଣମିତ।

ରାଧା – ବୟସ କେତେ ତାଙ୍କର ?

ଲଳିତା - ନବତରୁଣିମା ଅବସ୍ଥା, ବୟସ

ହୋଇଥିବ ବାର ତେରରେ ପ୍ରାଣମିତ।

ଏହିପରି ଉକ୍ତି - ପ୍ରତ୍ୟୁକ୍ତି ମଧ୍ୟରେ ଫୁଟିଉଠିଛି ଶ୍ରୀକୃଷ୍ଣଙ୍କ ରୂପ-ଲାବଣ୍ୟ, ବୟସ, ସ୍ୱଭାବ, ଶୌର୍ଯ୍ୟ, ବୀର୍ଯ୍ୟ ଆଦିର ରସାଳ ବର୍ଣ୍ଣନା। ଶ୍ରୀକୃଷ୍ଣଙ୍କୁ ଭଲଭାବରେ ଜାଣିବାର ଇଚ୍ଛାରୁ ଜାତ ବିଭିନ୍ନ ପ୍ରଶ୍ନର ଉ ର ଶୁଣି ରାଧା ଶ୍ରୀକୃଷ୍ଣଙ୍କୁ ଦେଖିବାକୁ, ତାଙ୍କ ସହିତ ମିଶିବାକୁ ବ୍ୟାକୁଳ ହୋଇଉଠିଛନ୍ତି। ଏହାହିଁ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କ ମନରେ ନବାନୁରାଗ (ପୂର୍ବରାଗ)। ଗୋପାଳକୃଷ୍ଣ ଏହିପରି ଶତାଧିକ ପଦରେ 'ନବନୁରାଗ ବୋଲି' ସମାପ୍ତ କରିଛନ୍ତି। କିଶୋର କୃଷ୍ଣଙ୍କ ପ୍ରତି କିଶୋରୀ ରାଧିକାଙ୍କ ନବାନୁରାଗ କବିଙ୍କ ଭାଷାରେ ଜୀବନ୍ତ ରୂପ ଲାଭ କରିଛି।

ରାଧିକା ଭାଳିହୋଇଛନ୍ତି କୃଷ୍ଣଙ୍କୁ। ପୂର୍ବରାଗ କ୍ରମେ ନିବିଡ଼ ହୋଇଛି। କୃଷ୍ଣଙ୍କ ମୁରଲୀଧ୍ୱନି ରାଧାଙ୍କ ମନକୁ ଉଚ୍ଚାଟ କରିଛି। ଏକଦା ସେ ଗୁରୁଜନଙ୍କ ସହିତ ଆଳାପରତ ଥିବାବେଳେ ମୁରଲୀଧ୍ୱନି ଶୁଣି କିପରି ଉଲ୍ଲସିତ ହୋଇଛନ୍ତି ତାହାର ନିଛକ ବର୍ଣ୍ଣନା ଗୋପାଳକୃଷ୍ଣଙ୍କ ଲେଖନୀରେ –

"ଶ୍ୟାମସୁନ୍ଦର ମୁରଲୀ ନିନାଦ

ଜାତି ନେବ ବୋଲି ମଣିଲି

ଗୁରୁଜନ ସଙ୍ଗେ କଥା ପରସଙ୍ଗେ

ବସିଥିଲି କି ଚମକି ପଡ଼ିଲି

ପୂରିଲା ପୁଲକ ଦେହ ଗୋଟାଯାକ

ବିନା ଶୀତରେ ମୁଁ ଥରିଲି।"

ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବାପାଇଁ ରାଧାଙ୍କ ମନରେ ଘୋର ଉତ୍କଣ୍ଠା। କିନ୍ତୁ ରାଧାଙ୍କ ଉତ୍କଣ୍ଠାକୁ ଅଧିକ ଘନୀଭୂତ କରି ହଟିଆ ନାଗର ଆସିବାରେ ବିଳମ୍ବ କରୁଛନ୍ତି। ତେଣୁ ପ୍ରେମପାଗଳୀ ରାଧିକାଙ୍କ କଣ୍ଠରେ –

"କିଂପା ନ ଆସିଲେ ପ୍ରାଣବନ୍ଧୁ ହରି ଗୋ, ସହଚରୀ !

ଦେଖ ଅର୍ଦ୍ଧ ଆସି ହୋଇଲା ଶର୍ବରୀ ଗୋ।"

ଶ୍ରୀକୃଷ୍ଣଙ୍କୁ ସେ ପାସୋରି ପାରୁନାହାନ୍ତି। ଅନୁରାଗର ଦୀପାଳି ତାଙ୍କ ମନଗହନରେ ସଦା ପ୍ରଜ୍ୱଳିତ। ତେଣୁ ତାଙ୍କ କଣ୍ଠରୁ ଝରିଆସିଛି –

'ମନେ ପଡୁଛିରେ ସେହି ଚନ୍ଦ୍ରମୁଖ

ପାସୋରିବାପାଇଁ ହେଲେ କେତେ ମୁଁ ବିମୁଖ।"

ଶ୍ରୀକୃଷ୍ଣଙ୍କ ରୂପଲାବଣ୍ୟ ରାଧାଙ୍କ ମନରେ ସଦା ଉଜ୍ଜୀବିତ ଥିଲେହେଁ ତାଙ୍କ ସହିତ ସାକ୍ଷାତ ହୋଇଗଲେ ରାଧାଙ୍କ ମନରେ ଯେଉଁ ଭାବାନ୍ତର ଜାତ ହୁଏ ତାହା ଯେକୌଣସି କିଶୋରୀ ପାଇଁ ଏକାଭଳି। ନାନା ବେଶଭୂଷାରେ ସଜ୍ଜିତ ଶ୍ରୀକୃଷ୍ଣଙ୍କ ଅପରୂପ ଲାବଣ୍ୟ ରାଧାଙ୍କ ମନକୁ ଏପରି ମାରାତ୍ମକ ଭାବରେ ଚହଲାଇ ଦିଏ ଯେ ସେ ଶ୍ରୀକୃଷ୍ଣଙ୍କୁ ଏଭଳି ବେଶ ନ ହେବାକୁ ଅନୁରୋଧ କରନ୍ତି। ଏ ଅନୁରୋଧ କେବଳ ଶ୍ରୀମତୀ ରାଧିକାଙ୍କର ନୁହେଁ, ଏହା କୃଷ୍ଣପ୍ରେମରେ ନିମଜ୍ଜିତ ଏକାନ୍ତ ବୈଷ୍ଣବପ୍ରାଣ ଭକ୍ତକବି ବନମାଳୀଙ୍କର ମଧ୍ୟ। ତେଣୁ ତାଙ୍କ ଲେଖନୀରେ ଫୁଟିଉଠେ –

"ଶ୍ୟାମନାଗର ହେ ଏ ବେଶ ହୋଇବ ନାହିଁ
ଏ ବେଶ ହୋଇଲେ ପାଷାଣ ତରଳେ ଯୁବତୀ ବ ୍ବେ କାହିଁ।
ଉଭା ହୋଇଥିବ କଦମ୍ବର ମୂଳେ ନଟବର ବେଶ ହୋଇ
ଘେନି ଥିବ ଯେବେ ମୋହନ ମୁରଲୀ ଅଧରେ ଚୁମ୍ବିବ ନାହିଁ।" ଇତ୍ୟାଦି

ବୈଷ୍ଣବ ପଦାବଳୀ – ସାହିତ୍ୟରେ ହେତୁରହିତ ବା ଅହେତୁକ ପ୍ରେମର ମହନୀୟ ଚିତ୍ର ପରିଦୃଷ୍ଟ ହୁଏ। ଶ୍ରୀରାଧା ଏହି ଅହେତୁକ ପ୍ରେମର ଅଧିକାରିଣୀ। ଏହି ପ୍ରେମରେ ଦାନ-ପ୍ରତିଦାନର ପ୍ରଶ୍ନ ଉଠେନାହିଁ, ଅହଂଭାବ ରହେନାହିଁ; ଅହଂଭାବର ବିନାଶ ହେଲେ ଆତ୍ମସମର୍ପଣର ଭାବ ଉଦ୍ରେକ ହୁଏ। ସେତେବେଳେ ଅଭିମାନ, ଭୟ ଓ ନିଜର ସମସ୍ତ ସ । ହଜିଯାଏ। କୃଷ୍ଣଙ୍କ ବିରହରେ ରାଧା ଯେତେ କଷ୍ଟ ପାଇଥିଲେ ବି ନିଜ ଆଚରଣରେ କୃଷ୍ଣଙ୍କପ୍ରତି ଏମିତି କିଛି କରିବାକୁ ସେ ଇଚ୍ଛା କରିନାହାନ୍ତି, ଯାହା ପ୍ରିୟତମ କୃଷ୍ଣଙ୍କୁ କଷ୍ଟଦେବ। ତେଣୁ ନିଜେ ରଷି କୃଷ୍ଣଙ୍କୁ କଷ୍ଟ ଦେବାପାଇଁ ସଖୀର ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ଗୋପାଳକୃଷ୍ଣଙ୍କ ଭାଷାରେ –

"ଦୟା ନ କରନ୍ତୁ ମୁଁ ଦାସୀ ସିନାରେ।
ଦୁଃଖ ଦେଇ ଶ୍ୟାମଙ୍କୁ ରାଧା ସୁଖୀ ହେବାକୁ
ଭୁଷିବ କଲୁ କି ଏ ଆଲୋଚନାରେ।"

କୃଷ୍ଣଙ୍କ ପାଖରେ ଆତ୍ମସମର୍ପଣ କରିଥିବା ରାଧା କୃଷ୍ଣଙ୍କଠାରୁ ଅଲଗା ହେବେ ବା କିପରି ? ଯେତେ ବାଧାବିଘ୍ନ ଆସୁ, ଯେତେ ଅପବାଦର ନାଗରା ବାଜୁ ପଛେ କୃଷ୍ଣପ୍ରାପ୍ତି ହିଁ ତାଙ୍କର ଏକାନ୍ତ କାମନା। ତେଣୁ ବନମାଳୀଙ୍କ ଲେଖନୀରେ –

"ନ ତେଜିବି ମୁରଲୀଧରା
ବାଜୁ ପଛେ ଅପବାଦ ନାଗରା।

ଗୁରୁ ଗୁରୁଜନ ଗଞ୍ଜଣା ଦେଲେ ଦେବେ ପଛକେ ସିନା
ଏକା ଶ୍ୟାମବନ୍ଧୁ ସଙ୍ଗ କାମନା, ହେଲେ ହେବି ଜାତି ପାଟକେ ମନା।"

କବିସୂର୍ଯ୍ୟଙ୍କ ଲେଖନୀରେ ରାଧାଙ୍କର ଅନୁରୂପ ଉକ୍ତିରେ ମଧ୍ୟ ଆତ୍ମସମର୍ପଣ ଭାବଟି ପ୍ରକାଶିତ। ଯଥା –

"ଅରଜିବି ପଛେ ଜନ ଅପଖ୍ୟାତି କି ଗୋ
ବରଜିତ କେହି ଘନ ଶ୍ୟାମ ପ୍ରୀତି କି ଗୋ।" କିମ୍ବା
"ନିନ୍ଦିଲେ ନିନ୍ଦନ୍ତୁ ଜନେ ତା ପଛେ ମୁଁ ବନେ ବନେ
ଏରେ ଘେନି ବୁଲୁଥିବି ତା କଠାଉ।"

ପଦାବଳୀକାର ହରିବନ୍ଧୁ ମଧ୍ୟ ନିଜର ପୂର୍ବବ ୍ତୀ କବିମାନଙ୍କ ସହିତ ସ୍ୱରମିଳାଇ ରାଧାଙ୍କ କଣ୍ଠରେ ଅନୁରୂପ ଭାବରେ କୃଷ୍ଣାନୁରକ୍ତି ଫୁଟାଇଛନ୍ତି।

"ଗଞ୍ଜନ୍ତୁ ବା ମୁ ନ୍ତୁ ମୋତେ
ଗୁରୁଜନମାନେ ଦୂରୁ ସନ୍ତତେ

ନିନ୍ଦନ୍ତୁ ସ୍ୱଜନ ମନ୍ଦପଣେ ପୁଣ

ଗଣନ୍ତୁ କୁଳରୁ କାଢ଼ନ୍ତୁ କହି।"

ଗୋପାଳକୃଷ୍ଣଙ୍କ ଲେଖନୀରେ କୃଷ୍ଣୈକପ୍ରାଣା ଶ୍ରୀରାଧା ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ ନୁହନ୍ତି। ତେଣୁ ସଖାର ଭ୍ରମ ଦୂର କରିବାପାଇଁ କବି ଶ୍ରୀରାଧାଙ୍କ କଣ୍ଠରେ ପ୍ରକାଶ କରିଛନ୍ତି –

"ସେ ଦେହ ତ ଏ ଜୀବନ ତହିଁରେ ଅଛି କି ଭିନ୍ନ

ଆନ ଘେନା ଘେନ ପରି ମଣୁଛୁ ତୁ ନା ରେ।"

ଏଠାରେ ଶ୍ରୀକୃଷ୍ଣଙ୍କ ସହିତ ଏକାତ୍ମ ହେବାର ଭାବ ମଧ୍ୟରେ ଆତ୍ମସମର୍ପଣର ଭାବଟି ନିହିତ।

ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତି ରାଧାଙ୍କୁ ଖୁବ୍ ବାଧେ, ସେ ମୃତ୍ୟୁବତ୍ ଯନ୍ତ୍ରଣା ଅନୁଭବ କରନ୍ତି। ତାଙ୍କ ପ୍ରାଣାଧିକ ଶ୍ରୀକୃଷ୍ଣ ତାଙ୍କ ପାଖକୁ ନ ଫେରିଲେ ସେ ଜୀବନ ହାରିଦେବାର ସଂକଳ୍ପ ମଧ୍ୟ ନିଅନ୍ତି। ତାଙ୍କର ଏହି ମନୋଭାବ ବନମାଳୀଙ୍କ ବୈଷ୍ଣବକବିଙ୍କୁ ଲେଖନୀ ଏହିପରି ରୂପ ଦିଅନ୍ତି –

"କହ ଗୋ କି ବୁଦ୍ଧି କରିବି ?

ପ୍ରାଣନାଥ ନଇଲେ ତ ଜୀବନ ହାରିବି।"

କଥାଦେଇ ଶ୍ରୀକୃଷ୍ଣ କଥା ରଖନ୍ତି ନାହିଁ। ଅଭିସାର ସ୍ଥଳରେ ଅପେକ୍ଷାରତା ରାଧାଙ୍କ କଥା ସେ ଭୁଲିଯାଆନ୍ତି। ତାଙ୍କୁ ନ ଦେଖି ଅଭିସାରିକା ରାଧା ଅଭିମାନରେ ଭାଙ୍ଗିପଡ଼ନ୍ତି। ବୈଷ୍ଣବ – ସାହିତ୍ୟରେ ମାନ-ଅଭିମାନର ସ୍ଥାନ ସ୍ୱତନ୍ତ୍ର। ମାନ ପ୍ରଣୟପଥରେ ବାଧା ସୃଷ୍ଟିକରେ। ପ୍ରକୃତରେ ବାଧାହୀନ ପ୍ରେମ ଆଦୌ ପ୍ରେମ ପଦବାଚ୍ୟ ନୁହେଁ। ତେଣୁ (ବୈଷ୍ଣବସାହିତ୍ୟ ସଂପର୍କିତ) ବିପ୍ରଲମ୍ଭ ଶୃଙ୍ଗାରରେ ମାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଧାଙ୍କ ମାନକାଳୀନ ଅବସ୍ଥାରେ ବର୍ଣ୍ଣନା ସଖୀମୁଖରେ ବନମାଳୀ ଏହିପରି ଦେଇଛନ୍ତି –

"କାହିଁକି ଏତେ ରୁଷାଣି, କିଶୋରୀ ମଣି

ନୟନୁ ଝରାଉ ପାଣି।

ନୋହେ କି ସେ ତୋର ନୋହୁ କି ତୁ ତା'ର

ବୃଥା ସିନା ଏ ଭାଳେଣିରେ।"

ନାୟିକାର ମାନଭଞ୍ଜନ ପାଇଁ କେତେବେଳେ ସଖୀମାନଙ୍କ ସାହାଯ୍ୟ ନିଆଯାଏ ବା କେତେବେଳେ ନାୟକ ନିଜେ ନାୟିକାର ମାନଭଞ୍ଜନ ପାଇଁ ଚେଷ୍ଟା କରନ୍ତି। ବନମାଳୀଙ୍କ ପଦାବଳୀରେ ରାଧାଙ୍କ ମାନଭଙ୍ଗ ପାଇଁ ନିଜେ ଶ୍ରୀକୃଷ୍ଣ ଆଗେଇ ଆସିଛନ୍ତି। ବନମାଳୀ ଶ୍ରୀକୃଷ୍ଣଙ୍କ ମୁଖରେ ଏହିପରି ଚାଟୁବାଣୀ ଖଞ୍ଜି ଦେଇଛନ୍ତି –

"ମୋ ଧନରେ ! ମନରୁ ମାନ ତୁ ବରଜ ବରଜ॥

କାହିଁକି ମଥା ପୋତି ବସିଛୁ କୁନ୍ଦଦନ୍ତୀ

ଧରା ଚିରୁ ତୁ କରଜ କରଜ କରଜ॥

ଦୁଃଖୀ ଜନର ପାଇଁ ଶୁଖିଯାଇଛି କାହିଁ

ତୋର ବଦନ ସରୋଜ ସରୋଜ ସରୋଜ॥"

ରାଧାଙ୍କ ମାନଭଙ୍ଗ ପାଇଁ ଶ୍ରୀକୃଷ୍ଣଙ୍କ ଚାଟୂକ୍ତି ଗୌରଚରଣଙ୍କ ଲେଖନୀରେ ଏହିପରି –

"ସଖୀରେ ମୁ ମନୁ ଏ ମାନ

ମୁଁ ପରା ସୁଧୀରା ତୋ କିଣା ଜନ

ରସକଳାକର ପ୍ରକାଶ କରି

ହଟାଇ ଦିଅ ଏ ସ୍ମରତିମିରି।"

ରାଧା ବୋଧେ ମାନ ତେଜିବା ପାଇଁ ଟିକିଏ ବିଳମ୍ବ କରିଛନ୍ତି। ତେଣୁ ଶ୍ରୀକୃଷ୍ଣଙ୍କୁ ନିଜ ଦୋଷ ପାଇଁ କ୍ଷମା ମାଗିବାକୁ ପଡ଼ିଛି। ଏଥିପାଇଁ କବି ଗୋପାଳକୃଷ୍ଣ ଯେଉଁ ପଦାବଳୀଟି ରଚନା କରିଛନ୍ତି ସେଥିରୁ ପଦଟିଏ ମାତ୍ର –

ସଙ୍ଗିନୀରେ ରସରଙ୍ଗିନୀରେ !

ଦୋଷ କ୍ଷମାକର ଜୀବବନ୍ଧୁ ରୁଷନାରେ। ପଦ।

ଯୋଡ଼ି ପାଣି ଜଣାଉଛି ରାମାମଣି

ଧରଣୀରେ ନଖଗାର କାଟନା ରେ

କିଣିଲା ଜନ ମୁଁ ତୋର ଆଜନମୁ

ତଳୁ ତୋଳ ଚାରୁବେଣୀ ଲୋଟାନା ରେ।"

ମାନରତା ରାଧାଙ୍କ ଦମ୍ଭଶିଖରୀ ଭାଜି ଯାଇଛି। ଆରମ୍ଭ ହୋଇଛି ମିଳନ ପର୍ବ। ସଖୀମାନଙ୍କ ମନରେ ସୀମାତୀତ ଆନନ୍ଦ ଆଉ କଣ୍ଠରେ –

"ଦେଖ ଗୋ, ରାଧାମାଧବ ରଙ୍ଗ।

ମଧୁର ମିଳନ ଯୁଗଳ ଅଙ୍ଗ।"

ରାଧାକୃଷ୍ଣଙ୍କ ମଧୁର ମିଳନରେ ବୈଷ୍ଣବକବି ବନମାଳୀ ବି କମ୍ ଆନନ୍ଦିତ ନୁହଁନ୍ତି। ସେ ସଖୀମାନଙ୍କ କଣ୍ଠରେ କଣ୍ଠମିଳାଇ ପୁଣି ଗାଇଉଠନ୍ତି –

"ଆହା କି ନୟନ ଆନନ୍ଦକାରୀ।

ଘନେ ସୌଦାମିନୀ ଲୀଳାଲହରୀ।।

ଗୋରୀ ଉରଜେ କଳା ଉର ଲାଗି।

କି ଶୋଭା ଦିଶନ୍ତି ପରାଣସଙ୍ଗୀ।।... ଇତ୍ୟାଦି।"

ପଦାବଳୀ –ସାହିତ୍ୟରେ ଯଥାର୍ଥରେ ରାଧାକୃଷ୍ଣ-ପ୍ରେମର ବନ୍ୟା ଉତ୍କୂଳିତ। ବୈଷ୍ଣବପ୍ରେମର ସମସ୍ତ ବୈଭବ, ଯଥା - ପୂର୍ବରାଗ, ଅଭିସାର, ମିଳନ, ବିରହ, ମାନଭଂଜନ, ପୁନର୍ମିଳନ ଇତ୍ୟାଦିର ଚିତ୍ର ପଦାଳବୀ ରଚୟିତାମାନଙ୍କ ଲେଖନୀରେ ଫୁଟିଉଠେ ଅପୂର୍ବ ଆବେଗରେ ବୈଷ୍ଣବବୋଚିତ ପରକୀୟା ପ୍ରୀତିର ଜୟଗାନ କରି। ସେଥିରେ ପ୍ରଚ୍ଛନ୍ନ ଥାଏ ସେମାନଙ୍କର ଗୋପୀଭାବରେ କୃଷ୍ଣଙ୍କୁ ପାଇବାର ଅଦମ୍ୟ ଲାଳସା। ସେଇଥିରେ ହିଁ ସେମାନଙ୍କ ଇଚ୍ଛିତ ମୁକ୍ତି।

## ୧୮.୭ ପଦାବଳୀ – ସାହିତ୍ୟରେ ଭକ୍ତିର ସ୍ୱରୂପ :

ବୈଷ୍ଣବ ପଦାବଳୀ ରଚୟିତାବୃନ୍ଦ ସାଧାରଣତଃ ଗୌଡ଼ୀୟ ବୈଷ୍ଣବଧର୍ମାବଲମ୍ବୀ। ବୈଷ୍ଣବଗଣ – ସଂସ୍କୃତ ଭାଗବତର ଆଦର୍ଶରେ ଅନୁପ୍ରାଣିତ ହୋଇ ଶ୍ରୀକୃଷ୍ଣଙ୍କୁ ପୂର୍ଣ୍ଣବ୍ରହ୍ମ ଓ ଅବତାରୀ ରୂପରେ ପରିକଳ୍ପନା କରିଥାନ୍ତି। ସଂସ୍କୃତ ଭାଗବତ ସହିତ ସ୍ୱର ମିଳାଇ ସେମାନେ କହନ୍ତି – "ଏତେ ଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍।" ପୁନଶ୍ଚ ଗୌଡ଼ୀୟ ବୈଷ୍ଣବମାନଙ୍କ ପାଇଁ ଶ୍ରୀକୃଷ୍ଣ ଯେପରି ଭଗବାନ ତାଙ୍କ ନିତ୍ୟଲୀଳା ଧାମ ବୃନ୍ଦାବନ ମଧ୍ୟ ସେହିପରି ପବିତ୍ର। ("ଆରାଧ୍ୟୋ

ଭଗବାନ୍  ବ୍ରଜେଶ ତନୟୋ ତାଦ୍ଧାମ ବୃନ୍ଦାବନମ୍।") ପରଂବ୍ରହ୍ମ ଶ୍ରୀକୃଷ୍ଣ ଓ ମହାଭାବରୂପିଣୀ ଶ୍ରୀରାଧାଙ୍କ ଅଲୌକିକ ଲୀଳାମାନ ପ୍ରକାଶକର ସେମାନେ ନିଜ ରାଗାନୁଗା ଭକ୍ତିମାର୍ଗୀ ବୈଷ୍ଣବତ୍ୱ ପ୍ରତିପାଦନ କରିଯାଇଛନ୍ତି ଓ ନିଜ ନିଜକୁ ଉଚ୍ଚକୋଟୀର ବୈଷ୍ଣବକବି ଭାବରେ ପରିଚିତ କରିପାରିଛନ୍ତି। ରାଧାକୃଷ୍ଣଙ୍କ ସାକାର ଉପାସନାରେ ବା ଦେହ ମାଧ୍ୟମରେ ଦେହାତୀତର ବର୍ଣ୍ଣନା ମାଧ୍ୟମରେ ପରମ ତୃପ୍ତି ଲାଭ କରନ୍ତି। ସେମାନଙ୍କ ଦୃଷ୍ଟିରେ ରାଧା – କୃଷ୍ଣ ସାଧାରଣ ବା ସାମାନ୍ୟ ପ୍ରେମିକା-ପ୍ରେମିକ ନୁହନ୍ତି। ସେମାନେ ଜୀବାତ୍ମା ଓ ପରମାତ୍ମା; ପ୍ରକୃତି ଓ ପୁରୁଷ। ସେମାନଙ୍କ ନିତ୍ୟଲୀଳାକୁ ମାନସ-ଚକ୍ଷୁରେ ଦେଖି ସେହି ବିଷୟକୁ ଅଜସ୍ର ପଦାବଳୀ ରଚନା କରିଛନ୍ତି ଏହି ବୈଷ୍ଣବ କବିଗଣ।

ବୈଷ୍ଣବକବିମାନେ ମନ-ବିବେକ, ଉକ୍ତି-ପ୍ରତ୍ୟୁକ୍ତି ଛଳରେ କିଛି କିଛି ମନଃଶିକ୍ଷା ଓ ମାନଓ ଭଜନ ରଚନା କରିଛନ୍ତି। ସେଥିରେ ମନକୁ ଆକଟ, ଶିକ୍ଷା, ଉପଦେଶ ଦିଆଯାଇଥାଏ। ସଂସାରର ଅଳୀକତା ଓ ନିଃସାରତା ବିଷୟରେ ସଚେତନ କରାଇ ରାଧାକୃଷ୍ଣଙ୍କ ନାମକୀ ର୍ନରେ ସଦା ମଜ୍ଜି ରହିବାକୁ ଉପଦେଶ ଥାଏ। ତତ୍‌ସଙ୍ଗେସଙ୍ଗେ ସ୍ଥଳବିଶେଷରେ ଶ୍ରୀକୃଷ୍ଣ, ଶ୍ରୀରାଧା ଓ ଶ୍ରୀଚୈତନ୍ୟଙ୍କ ଉଦ୍ଦେଶ୍ୟରେ ସ୍ତୁତି, ଭଜନ, ଜଣାଣ ଆଦି ସ୍ଥାନ ପାଇଥାଏ। ଏ ପ୍ରକାର ରଚନା ଭକ୍ତିଗୀତିକା ଭାବରେ ମଧ୍ୟ ଗ୍ରହଣଯୋଗ୍ୟ। ଏହାର ରଚନାରେ ପ୍ରତ୍ୟେକ ପଦାବଳୀକ ର୍। ହାତଦେଇ ସଫଳ ହୋଇଛନ୍ତି। ବନମାଳୀଙ୍କ ମନଃଶିକ୍ଷାରୁ କେତୋଟି ପଦ -

"ମାନଓ ଘେନି ହିତ ବାଣୀ କି।        ଆନନ୍ଦେ ଭଜ ଶ୍ରୀବଂଶୀ ପାଣିକି॥
ମାନକିନୀ ଗୁରୁଦ   ଆଦେଶ।ଆନ ସଙ୍ଗତିକି ଦୂରେ ନିବେଶ॥
ପାନକରି ସଦା ଶ୍ରୀନାମାମୃତ।           ଗାନ କର ରାଧାକୃଷ୍ଣ ଚରିତ॥"

କବି ବନମାଳୀ ମଧ୍ୟ କେତୋଟି ମନଃଶିକ୍ଷାର ରଚୟିତା। ସେଥିମଧ୍ୟରୁ କେତୋଟି ପଦର ଉଦାହରଣ –

(କ) "ଆନ ରସରେ ରସନାରେ, ରସନା।
କୃଷ୍ଣ ନାମାମୃତ                ମଧୁର କେମନ୍ତ
ଆସ୍ୱାଦୁଁ ଜାଣିବୁ ସିନା ରେ।

(ଖ) "ରସ ମାନସ, ରାଧିକେଶ ଜାର – ରସ କଥାରେ
ସେବିତ ଶୁକ ସନକ ମୁନୀଶ ଅନିଶ ନତ ମଥାରେ।
ଭ୍ରମନା ଭବ ଭୋଗ ଲୋଭରେ ଲଭି ଧନ ପ୍ରମଦାରେ
ଭବ, ସରସିଜ-ଭବ ଦୁର୍ଲ୍ଲଭ ପ୍ରେମ-ଭକ୍ତି ଦ୍ୱାରେ।"

ଶୁଦ୍ଧାଭକ୍ତିମାର୍ଗୀ ପଦାବଳୀକାରମାନେ ଗୁରୁ-କୃଷ୍ଣ-ବୈଷ୍ଣବ ପରଂପରାରେ ବିଶ୍ୱାସୀ। ସେମାନେ କୃଷ୍ଣଙ୍କ ପାଖରେ ପହ୍ ବା ଉଦ୍ଦେଶ୍ୟରେ ଗୁରୁପାଦରେ ଆଶ୍ରୟ ନେବାକୁ ଶ୍ରେୟ ମଣନ୍ତି। ସେମାନଙ୍କ ବିଶ୍ୱାସ, ନବଧାଭକ୍ତି – ସୋପାନ ଅତିକ୍ରମ ପାରିଲେହିଁ କୃଷ୍ଣପ୍ରାପ୍ତ ଘଟେ। ଗୋପାଙ୍ଗନାମାନେ ବିଶେଷକରି ରାଧା ଏହି ସୋପାନମାନ ଅତିକ୍ରମ କରିସାରି କୃଷ୍ଣଙ୍କ ସହିତ ଏକାତ୍ମ ହୋଇଥିବାରୁ ପ୍ରେମମାର୍ଗୀ ବୈଷ୍ଣବମାନଙ୍କ ପାଇଁ ସେ ବାସ୍ତବରେ ଆଦର୍ଶ, ବାସ୍ତବରେ ଗୁରୁ। 'ଭାଗବତ' ଅନୁସାରେ ସେମାନଙ୍କ ନବଧା-ଭକ୍ତିର ସୋପାନମାନ ହେଉଛି ଶ୍ରବଣ, କୀ ର୍ନ (ବିଷ୍ଣୁଙ୍କ), ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ ସଖ୍ୟ ଓ ଆତ୍ମନିବେଦନ। ସଂପୃକ୍ତ ଶ୍ଳୋକଟି ହେଉଛି –

"ଶ୍ରବଣଂ କୀ ର୍ନଂ ବିଷ୍ଣୋଃ ସ୍ମରଣଂ ପଦସେବନମ୍
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍।"

ଏହି ନଅଗୋଟି ଭକ୍ତିମାର୍ଗରୁ ଗୌଡ଼ୀୟ ବୈଷ୍ଣବ କବିମାନେ ସାଧାରଣତଃ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର – ଏହି ଚତୁର୍ବିଧ ଭକ୍ତିମାର୍ଗକୁ ଶ୍ରେଷ୍ଠ ଭକ୍ତିମାର୍ଗ ବୋଲି ବିବେଚନ କରନ୍ତି। ଏହି ଚତୁର୍ବିଧ ଭକ୍ତି ପ୍ରସଙ୍ଗରେ 'ଚୈତନ୍ୟ ଚରିତାମୃତ' ରେ ଉଲ୍ଲେଖ ରହିଛି। ଯଥା –

"ଦାସ୍ୟ ସଖ୍ୟ ବାତ୍ସଲ୍ୟ ଆର ଯେ ଶୃଙ୍ଗାର
ଚାରିପ୍ରେମ ଚତୁର୍ବିଧା ଭକ୍ତିର ଆଧାର।"

ଏହି ଚତୁର୍ବିଧ ଭକ୍ତିମାର୍ଗର ପ୍ରତୀକ ସ୍ୱରୂପ ଦାସୀ, ସଖୀ, ମାତା ଓ ପ୍ରେମିକା, ଇତ୍ୟାଦି ଚାରିପ୍ରକାର ଚରିତ୍ରର ପରିପ୍ରକାଶ ସେମାନଙ୍କ କାବ୍ୟକବିତାରେ ଦେଖାଯାଏ। କୃଷ୍ଣଲାଭ ନିମନ୍ତେ ତାଙ୍କ ଦାସାନୁଦାସ ହେବାକୁ ଅଧିକାଂଶ ବୈଷ୍ଣବକବି ସାଧାରଣତଃ ଇଚ୍ଛା ପୋଷଣ କରନ୍ତି। କୃଷ୍ଣଙ୍କ ନିକଟରେ ସିଧାସଖଳ ପହ୍‌ଞ୍ଚିବା ସମ୍ଭବ ହୋଇ ନଥିବାରୁ ସେମାନେ ରାଧାଙ୍କର ସେବିକା ହେବାପାଇଁ ଆକୁଳ ହୁଅନ୍ତି। କାରଣ ସେବିକା ହେଉଛି ପ୍ରକୃଷ୍ଟ ବ୍ୟକ୍ତି ଯେ ରାଧା ଓ କୃଷ୍ଣଙ୍କ ମଧ୍ୟରେ ମିଳନ ଘଟାଇବାରେ ସହାୟକ ହୋଇଥାଆନ୍ତି। ଗୌଡ଼ୀୟ ବୈଷ୍ଣବ ପରଂପରାରେ ଏହି ଭାବଟି ବହୁ ଆଗରୁ ଚଳିଆସିଛି। ଅଭିମନ୍ୟୁ ସାମନ୍ତସିଂହାର ମଧ୍ୟ ଦାସୀଭାବାପନ୍ନ ହୋଇ ଗାଇଛନ୍ତି –

"ଓଷଧୀନାଶନ ହେ ମାଗୁଛି କରଧରି
ଓ କରିବି ଆଲେ ଦାସୀ, ଡ଼ାକିଲେ କିଶୋରୀ।"

ଏହି ଭାବରେ ଉଦ୍‌ବୁଦ୍ଧ କବି ବନମାଳୀ ଗାଇଛନ୍ତି –

"କରୁଣାମୟୀ ଗୋ ଅରୁଣାଧରୀ। ମଣିବ ସଖୀଙ୍କ କିଙ୍କରୀ କରି॥
କୃଷ୍ଣ ଅଭିସାରେ ଥି ଷଅଗହଣେ। ନ ହୋଇବି ଛାମୁଛଡ଼ା ମୁଁ କ୍ଷଣେ॥
ପହଣ୍ଡମଣା ନଉକାରୀ ପଣେ। ଆଳିଗଣେ ମୋତେ ଗଣିବ ଜଣେ॥
ରବିପୂଜା କାଳେ ଘେନିବ ସଙ୍ଗେ। ଅଙ୍ଗରାଗ ଲେପିବାକୁ ଶ୍ରୀଅଙ୍ଗେ॥"

ବୈଷ୍ଣବ ଶିରୋମଣି ଗୋପାଳକୃଷ୍ଣଙ୍କ ମୁଖରେ ମଧ୍ୟ ଫୁଟିଉଠିଛି –

(କ) "ହେ ସ୍ୱାମିନୀ ବୃନ୍ଦାରଣ୍ୟ ଅଧିଶ୍ୱରୀ
କେବେ ଶୁଭଦୃଷ୍ଟି ହେବ ହେବି ପଦାବ୍ଜ କିଙ୍କରୀ।"

(ଖ) "ଏଡ଼େ ଭାଗ୍ୟ ମୋର କି ?
ହେବି ବୃନ୍ଦାବନେଶ୍ୱରୀ ସେବକୀ।"
ଶ୍ରୀଗୁରୁଦ ବୀଜମନ୍ତ୍ର କଳ୍ପ – ବଲ୍ଲୀରେ ପ୍ରେମଫଳ ଫଳିବ କି ?"

ଭକ୍ତକବି ଗୌରଚରଣ ଅଧିକାରୀ ମଧ୍ୟ ସମଭାବାପନ୍ନ ହୋଇ ଅନୁରୂପ ଇଚ୍ଛା ପୋଷଣ କରନ୍ତି –

"ମନେ ହେଉନାହିଁ ପରତେ ଏମନ୍ତ ସୁଭାଗ୍ୟ ଘଟିବ ମୋତେ
ତୁଙ୍ଗବିଦ୍ୟା ସଖୀଙ୍କ ଯୂଥେ, ଗୁଣ ଚୂଡ଼ାମଞ୍ଜରୀ ମତେ
ମୋ ଶ୍ରୀଗୁରୁ କୃପା ସଙ୍ଗିନୀଙ୍କ କୃପା ଅପାଙ୍ଗେ ସ୍ୱସେବା ପାଇବି ସତେ।"

ଦାସ୍ୟ, ସଖା ଓ ବାତ୍ସଲ୍ୟ ପ୍ରେମରେ ନିଷ୍ଠା ଓ ତ୍ୟାଗ ସହ ବୈଷ୍ଣବ କବିମାନଙ୍କର ଆତ୍ମସମର୍ପଣର ଭାବଟି ମଧ୍ୟ ହୃଦୟରେ ସର୍ବଦା ଜାଗରୁକ ଥାଏ। ଇଷ୍ଟଦେବଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ଭାବ ଥିବାରୁହିଁ ଏହି କବିମାନଙ୍କ କବିତା ଏତେ ସୁନ୍ଦର ଓ ହୃଦୟଗ୍ରାହୀ ହୋଇପାରିଛି। ନିଜକୁ ବିଭୁପଦରେ ସମର୍ପଣ କରିଦେବା ପୂର୍ବରୁ ନିଜକୁ, ନିଜ ଆତ୍ମାକୁ ନାରୀ

ସୁଲଭ କରିବା ଓ ବିଶ୍ୱଭାବରେ ଉଦ୍‌ବୁଦ୍ଧ କରିବା ଏକାନ୍ତ ଆବଶ୍ୟକ। ନଚେତ୍ ମନରେ ଶ୍ରୀରାଧାଙ୍କ କିଙ୍କୀ ହେବାର ଭାବ ଜାତହେବ ନାହିଁ ଏବଂ ମାନଭଞ୍ଜନ ପରେ ପରମାତ୍ମାରୂପୀ ଶ୍ରୀକୃଷ୍ଣଙ୍କଠାରେ ରାଧାରୂପୀ ଆତ୍ମାର ମିଳନ ସମ୍ଭବ ହେବନାହିଁ। ଏଣୁ ପ୍ରାୟ ସମସ୍ତ ପଦାବଳୀକ ର୍ତ୍ତାଙ୍କ ରଚନାରେ ଏ ପ୍ରକାର ଭାବଟିର ଅଭାବ ନଥାଏ।

ବୈଷ୍ଣବ ପ୍ରେମଭକ୍ତିମାର୍ଗୀ ଆଲୋଚ୍ୟ ବୈଷ୍ଣବ କବିଗଣ ପ୍ରଥମେ ଉତ୍କଳୀୟ, ତାପରେ କବି ବା ବୈଷ୍ଣବ। ତେଣୁ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ପ୍ରାଣପିଣ୍ଡ ଶ୍ରୀଜଗନ୍ନାଥଙ୍କର ସେମାନେ ପରମ ଭକ୍ତ। ଦୀକ୍ଷାଗ୍ରହଣ କରିବାପରେ ଗୌଡ଼ୀୟ ବୈଷ୍ଣବ ହେଲେ ବି ସେମାନେ ଜଗନ୍ନାଥଙ୍କୁ ପାସୋରିପାରି ନାହାନ୍ତି। କାରଣ ଜଗନ୍ନାଥ ସର୍ବଧର୍ମର ସମନ୍ୱିତ ରୂପ। ଜୈନ, ବୌଦ୍ଧ, ଶୈବ, ଶାକ୍ତ,  ସୌର, ଗାଣପତ୍ୟ, ଦ୍ୱୈତ, ଅଦ୍ୱୈତ ଆଦି ମତବାଦୀମାନଙ୍କର ସେ ଉପାସ୍ୟ ଦେବତା। ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରମୁଖ ଧର୍ମାଚାର୍ଯ୍ୟମାନେ ପୁରୀଧାମକୁ ଆସି ଯେ ଯାହାର ମତବାଦକୁ ଶ୍ରୀଜଗନ୍ନାଥଙ୍କଠାରେ ସମର୍ପି ଦେଇ ଶ୍ରୀକ୍ଷେତ୍ରକୁ ପରମଧାମ ଭାବରେ ଜ୍ଞାନ କଲେ। ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ଜ୍ଞାନକରି ଓ ଶ୍ରୀକ୍ଷେତ୍ରକୁ ବୃନ୍ଦାବନଠାରୁ ଅଧିକ ମହନୀୟ ଭାବି ଜୀବନର ଶେଷଭାଗ ପୁରୀରେ କଟାଇଥିଲେ। ଫଳରେ ଚୈତନ୍ୟ ଅନୁଗାମୀ ବୈଷ୍ଣବମାନଙ୍କ ପାଇଁ ଶ୍ରୀଜଗନ୍ନାଥ ପାଲଟିଗଲେ ପରମାରାଧ୍ୟ ଦେବତା ଓ ଶ୍ରୀକ୍ଷେତ୍ର ହୋଇଉଠିଲା ପରମପ୍ରିୟ କ୍ଷେତ୍ର।

ସାଲବେଗ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ। ଶୁଣାଯାଏ, ସେ ଜଗନ୍ନାଥଙ୍କ ନାମକୀ ର୍ତ୍ତନରେ ମଜ୍ଜି ଦୁଃସହ ଶାରୀରିକ ପୀଡ଼ାରୁ ରକ୍ଷା ପାଇଥିଲେ। ତାଙ୍କ ଶ୍ରୀଜଗନ୍ନାଥୈକ ପ୍ରାଣରୁ ଝରି ଆସିଥିଲା –

(କ) "ଆହେ ନୀଳଶଇଳ ପ୍ରବଣ ମ  ବାରଣ
ମୋ ଆରତ ନଳିନୀ-ବନକୁ କର ଦଳନ.....।"

(ଖ) ଆହେ ନୀଳଗିରି
ତୁମ୍ଭ ଶ୍ରୀଭୁଜେ ଦୟଣା କେରିକେରି.....।"

(ଗ) ଜଗବନ୍ଧୁ ହେ ଗୋସାଇଁ
ମୋ ଯିବା ଯାଏଁ ନନ୍ଦିଘୋଷେ ଥିବ ରହି....।" ଭଳି ବହୁ ଭକ୍ତିରସାଣିତ ମନଛୁଆଁ ଭକ୍ତିସଙ୍ଗୀତ।

ଭକ୍ତକବି ବନମାଳୀ ଶ୍ରୀକ୍ଷେତ୍ରର ବାସିନ୍ଦା। ତେଣୁ ଜଗନ୍ନାଥଚେତନା ତାଙ୍କର ଅସ୍ଥିମଜ୍ଜାଗତ। ସେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗାଇଲେ –

(କ) "ଚକାଡ଼ୋଳା ଚିକ୍‌କଣ କାଳିଆ ହେ, ବକାରି ମୋ କଥା ଶୁଣ
ଠକାଠକି କଥା ଚଳିବ ନାହିଁଟି ପକାଇ କହୁଛି ରାଣ।"

(ଖ) "ମହାବାହୁ, ଏହି କଥାରେ ମୋ ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ ହେ।"

କବିଙ୍କ ମନରେ ମଧ୍ୟ ଶ୍ରୀକ୍ଷେତ୍ର ଶରଧାବାଲି ପ୍ରତି ଗଭୀର ମୋହ। ଜଗନ୍ନାଥଙ୍କୁ ସେ ଧନ, ଜନ ଆଦି କିଛି ମାଗୁ ନାହାନ୍ତି, ଶରଧାବାଲିରୁ ହାତେ ବ୍ୟତୀତ। ତାଙ୍କ କଣ୍ଠରେ ଏହିଭାବ ଫୁଟିଉଠିଛି –

"ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ।"

କବିସୂର୍ଯ୍ୟ ବଳଦେବ ରଥ ଜଗନ୍ନାଥ ମହାପ୍ରଭୁଙ୍କର ପରମ ଭକ୍ତ। ସେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରି ଗାଇଛନ୍ତି –

କୃପାସିନ୍ଧୁ ବଦନ          କହି ଅବଲୋକନ
କେଉଁ କରମହୀନ ଜନ
କାକୁସ୍ତଭର ହୋଇ          କରଯୋଡ଼ି ଜଣାଇ
ଗରୁଡ଼ ସ୍ତମ୍ଭ ସନ୍ନିଧାନ, ହେ ମହାବାହୁ......."

ଜଗନ୍ନାଥଙ୍କୁ ପ୍ରତି ଓଡ଼ିଆ ପ୍ରାଣଭରି ଭଲପାଏ। ତାଙ୍କୁ ପରିବାରର ମୁରବୀ ବୋଲି ଭାବେ। ସେ ତାଙ୍କ ଉପରେ ରାଗିପାରେ, ଊଷିପାରେ, ଗାଳି ବି ଦେଇପାରେ। ଜଗନ୍ନାଥଙ୍କର ପ୍ରିୟଭକ୍ତ କବିସୂର୍ଯ୍ୟ ଜଗନ୍ନାଥଙ୍କୁ ଗାଳିଦେବାକୁ ଧମକାଇ ପାରନ୍ତି ଗାଳି ବି ଦିଅନ୍ତି। ତାଙ୍କ ଭାଷାରେ –

"ବାଧିଲା ଜାଣି କ୍ଷମା କର ନୋହିଲେ ରମା
ରମଣ ଦଣ୍ଡେ ଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ
ଭରତି କରିବି ଦେଇ ଗାଳି, ହେ କୃପାନିଧି....।"

ପଦବଳୀକାର ଭକ୍ତକବି ଗୌରଚରଣ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କରନ୍ତି ଏହିପରି –

"ଭଜ ଶ୍ରୀ ନୀଳାଚଳ ନାହାକୁ ରେ, ଶରଣ ରକ୍ଷଣ ବାହାକୁ ରେ।
ଟେକିଛନ୍ତି ଶ୍ରୀଭୁଜ ଦେବାଧି ଦେବରାଜ ପତିତ ଜନେ କରି ଆହାକୁ ରେ।"

ଓଡ଼ିଶାରେ ବୈଷ୍ଣବଧର୍ମ ତିନୋଟି ପ୍ରବାହିତ, ଯଥା- ରାମ-ଉପାସନା, କୃଷ୍ଣ-ଉପାସନା ଓ ଜଗନ୍ନାଥ-ଉପାସନା। ଉତ୍କଳୀୟ ଭକ୍ତ ଶ୍ରୀଜଗନ୍ନାଥ, ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ମଧ୍ୟରେ ପ୍ରଭେଦ ଦେଖିପାରେ ନାହିଁ। ତା'ପାଇଁ ଯେ ଜଗନ୍ନାଥ, ସେହି କୃଷ୍ଣ, ସେ ବି ରାମ। ବୈଷ୍ଣବ କବି ଦୀନକୃଷ୍ଣ ଦାସ ନିଜ ରଚନାରେ ଶ୍ରୀଜଗନ୍ନାଥ, ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କୁ ମଧ୍ୟ ମନେପକାନ୍ତି ସେମାନଙ୍କ ମଧ୍ୟରେ ଏକାତ୍ମତା ଥିବା ହୃଦୟଙ୍ଗମ କରି। ପ୍ରଥମେ ସେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତିଅର୍ଘ୍ୟ ବାଢ଼ନ୍ତି ଏହିପରି –

"ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ
ଚଉଦ ଭୁବନ ବାରତା ଜାଣନ୍ତି ଚକ୍ରରେ ଛେଦନ୍ତି ଆରତ।"

ଏହାର ପରବର୍ତ୍ତୀ ପଦରେ ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ସ୍ୱତଃ ଆରୋପିତ ହୋଇଯାଏ ଓ ସେ ଗାଆନ୍ତି –

"ଯେତେବେଳେ କୃଷ୍ଣ ଗୋପପୁରେ ଥିଲେ ଅକ୍ରୁର ଆଣିଣ ଗଲାତ
ଗାଇ ଦୁହୁଁ ଦୁହୁଁ କେଶ ଫିଟିଗଲା, ଚତୁର୍ଭୁଜ ହେଲେ ଅନନ୍ତ।"

ପୁଣି ପରବର୍ତ୍ତୀ ପଦରେ ଜଗନ୍ନାଥଙ୍କଠାରେ ରାମତ୍ୱର ଆରୋପଣ କରି ସେ ଗାଆନ୍ତି –

"ସୁଗ୍ରୀବର ସଙ୍ଗେ ମଇତ୍ର ହୋଇଣ ବାଳିକି ବିନାଶ କଲେ ତ
ରାବଣ ଭ୍ରାତା ଯେ ଶରଣ ପଶିଲା ଲଙ୍କାଗଡ଼ ତାକୁ ଦେଇ ତ।"

ସେହିପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ ଚରଣରେ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କରିବା କାଳରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କୁ ମଧ୍ୟ ମନେପକାଇଛନ୍ତି।

ବାରମାସରେ ତେର ଯାତ୍ରା ଦେଖିବାକୁ, ଶ୍ରୀକ୍ଷେତ୍ରରେ ଭିକାରୀ ହୋଇ ବୁଲିବାକୁ, ନୀଳାଚଳ ବାନାକୁ ଚାହିଁ ଦିନ କାଟିବାକୁ ଏବଂ ଜୀବନର ଅନ୍ତିମ ପର୍ଯ୍ୟାୟରେ ଶରଧାବାଲିରୁ ହାତେ ପାଇବାକୁ ଶ୍ରୀଜଗନ୍ନାଥଙ୍କୁ ଅଳି କରୁଥିବା କବି ବନମାଳୀ ତାଙ୍କୁ ଡାକୁ ଡାକୁ ଶ୍ରୀକୃଷ୍ଣଙ୍କ ଲୀଳା ତାଙ୍କ ମନକୁ ଆସିଯାଉଛି। ସେ ଗାଉଛନ୍ତି –

"ଜୟ ଜଗନ୍ନାଥ ହେ, ଯଶୋଦା କୁମର
ଶ୍ରୀମତି ଚି -ଚାତକ ନୂତନ ଜଳଧର।"

ପୁଣି ଜଗନ୍ନାଥଙ୍କୁ ସେ ଶ୍ରୀରାମ ଭାବରେ ଜ୍ଞାନକରି ଗାଉଛନ୍ତି –

"ଜଗନ୍ନିବାସ ହେ, ରଘୁବଂଶେ ତୁମ୍ଭେ ହୋଇଲ ଜାତ
କେବେ କୃପାଳୁ ହୋଇଥିଲେ ଆପଣ ଏବେ ହେଲ ତ କର୍କଶ ଚି ।"

ଅନ୍ୟତମ ପଦାବଳୀକାର ଗୌରଚରଣ ଗୌଡ଼ୀୟ ବୈଷ୍ଣବ ହେଲେହେଁ ଏବଂ ଶେଷ ଜୀବନ ବ୍ରଜବାସରେ କଟାଇଦେବାକୁ କାମନା କରିଥିଲେ ହେଁ ସେ ଜଗନ୍ନାଥଙ୍କୁ ଭୁଲିପାରି ନାହାନ୍ତି। ଜଗନ୍ନାଥଙ୍କୁ ସେ କେଉଁଠି କୃଷ୍ଣ ତ କେଉଁଠି ରାମ ରୂପରେ ଦେଖିଛନ୍ତି। ଜଗନ୍ନାଥଙ୍କ ପହଣ୍ଡିବିଜେ ଦର୍ଶନ କାଳରେପ୍ରେମଭାବରେ ମଜ୍ଜି ସେ ଗାଇଛନ୍ତି –

"କାଳିଆ କାହ୍ନୁ ! ଆଉ ବିଳମ୍ବ କର କାହିଁକି ?
ବରଷକେ ଥରେ ବିଜୟ ରଥରେ ପତିତ ତାରିବା ପାଇଁକି।"

ରାମନାମକୁ ସକଳ ପାପବିନାଶକ ବୋଲି ସେ ପ୍ରକାଶ କରିଛନ୍ତି ଏବଂ ରାମନାମ ଜପ କରିବାକୁ ଉପଦେଶ ଦେଇଛନ୍ତି – "ଘୋଷ ଗୋବିନ୍ଦ ନାମ ଶ୍ରୀରାମ ହରି।"

ପୁଣି ଅନ୍ୟତ୍ର –

"ହାସ ଭାଷ ଚାଷ ବାସ ଆଶରୁ ନିବରତରେ
ଦାଶରଥି ଦାସ ହୋଇ ଉଦାସରେ ଦିନ ହରତରେ।"

ଶୁଦ୍ଧାଭକ୍ତିମାର୍ଗୀ ପାଦବଳୀ ରଚୟିତା ଏହି ଗୌଡ଼ୀୟ ବୈଷ୍ଣବକବିଗଣ ରାଧାକୃଷ୍ଣ-ଆରାଧନାରେ ଏକାନ୍ତ ଭାବରେ ନିମଜ୍ଜିତ ଏବଂ ସର୍ବଧର୍ମ ସମନ୍ୱୟ-ଭାବରେ ଉଦ୍‌ବୁଦ୍ଧ ଉତ୍କଳୀୟ ହୋଇଥିବାରୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ରଚନାରେ ତେଣୁ ରାମ-କୃଷ୍ଣ-ଜଗନ୍ନାଥଙ୍କ ଅଭେଦତ୍ୱ ପ୍ରତିପାଦିତ। ଏହାହିଁ ଏହି ଉତ୍କଳୀୟ ବୈଷ୍ଣବ କବିମାନଙ୍କର ଭକ୍ତିଭାବନା ଓ ଭକ୍ତିମାର୍ଗ ସମ୍ବଳିତ ପଦାବଳୀ ସାହିତ୍ୟ-ସ୍ୱରୂପ, ବିଶେଷତ୍ୱ ଓ ନିଆରାତ୍ୱ।

## ୧୮.୮ ପଦାବଳୀ-ସାହିତ୍ୟରେ ଭାବ ଓ ରସାଭିବ୍ୟକ୍ତି :

ପଦାବଳୀ-ସାହିତ୍ୟ ପ୍ରଧାନତଃ ରସର ସାହିତ୍ୟ। ଏହାର ନାୟକ ରସରାଜ ଶ୍ରୀକୃଷ୍ଣ ଓ ନାୟିକା ରସମୟୀ ଶ୍ରୀରାଧା। ସେମାନଙ୍କ ପ୍ରେମଲୀଳା ହିଁ ପଦାବଳୀ-ସାହିତ୍ୟର ମୂଳପିଣ୍ଡ। ଏହି ସାହିତ୍ୟର ବିଭିନ୍ନ ରସର ସମାବେଶର ଆଲୋଚନାକାଳରେ ଆମକୁ ଏହାର ଆଉ ଦୁଇଟି ଦିଗ ଭାବ ଓ ପ୍ରେମକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ। କାରଣ ଭାବରୁ ପ୍ରଥମେ ରସର ସୃଷ୍ଟି ରସରୁ ପ୍ରେମର ସ ାର ହୁଏ। ଏ ଦୃଷ୍ଟିରୁ ଏହି ସାହିତ୍ୟରେ ଭାବ, ରସ ଓ ପ୍ରେମ ପରସ୍ପର ଆପେକ୍ଷିକ। ଗୋଟିଏକୁ ବାଦ ଦେଇ ଅନ୍ୟ ଗୋଟିକର ଆଲୋଚନା କରିବା ସହଜ ନୁହେଁ। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ପ୍ରେମର ଆଲୋଚନା କରାଯାଇଛି। ଏଠାରେ ଭାବ ମାଧ୍ୟମରେ ରସର ଉଦ୍‌ବୋଧନ କିପରି ଘଟେ ତାହା ଆଲୋଚ୍ୟ।

ରସର ଅନୁକୂଳ ବିକାରକୁ ଭାବ କୁହାଯାଏ। ବିଭିନ୍ନ ଭାବର କ୍ରମିକ ସଂଯୋଗ ଦ୍ୱାରାହିଁ ରସର ଉତ୍ପ ି ହୋଇଥାଏ। ଭାବ ଚତୁର୍ବିଧ। ଯଥା- (କ) ବିଭାବ (କାରଣ ବା ନିମି  ଭାବ), (ଖ) ଅନୁଭାବ (ବାହ୍ୟ ଭାବ), (ଗ) ସ ାରୀ ଭାବ (ଅନ୍ତରରେ ସୃଷ୍ଟି ହେଉଥିବା ଗୌଣ ଭାବ) ଓ (ଘ) ସ୍ଥାୟୀଭାବ (ଅନ୍ତରରେ ସୃଷ୍ଟି ହେଉଥିବା ମୁଖ୍ୟ ଭାବ)।

ବିଭାବ ଓ ସ ାରୀଭାବର ସହଯୋଗରେ ସ୍ଥାୟୀଭାବ ରସ ରୂପରେ ଅଭିବ୍ୟକ୍ତ ହୁଏ। ସ୍ଥାୟୀଭାବର ସଂଖ୍ୟା ଉପରେ ରସର ସଂଖ୍ୟା ନିର୍ଭର କରିଥାଏ। "ନାଟ୍ୟଶାସ୍ତ୍ର'ରେ ଏହାର ପ୍ରଣେତା ଭରତମୁନିଙ୍କ ଆଠଗୋଟି ସ୍ଥାୟୀଭାବର ଉଲ୍ଲେଖ କରିଥିଲେ। ସେସବୁ ହେଲା – ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ। ପରେ ଏଥିରେ ନିର୍ବେଦ ସ୍ଥାୟୀଭାବର ଶାନ୍ତରସ ଓ ବତ୍ସଳ ସ୍ଥାୟୀଭାବରୁ ବାତ୍ସଲ୍ୟ ରସ ଯୋଗକରାଯାଇ ରସର ସଂଖ୍ୟା ଦଶ କରାଗଲା। ରାଗାନୁଗା ଭକ୍ତିମାର୍ଗାଶ୍ରୟୀ ବୈଷ୍ଣବମାନେ ଏଥିରେ ଭକ୍ତିରସ ଯୋଗକରିବା ଦ୍ୱାରା ରସର ସଂଖ୍ୟା ହେଲା ଏଗାର। ଭକ୍ତିମାର୍ଗୀ ଆଚାର୍ଯ୍ୟଗଣ ଭକ୍ତିକୁ ଏକମାତ୍ର ରସ ଭାବରେ ଗ୍ରହଣ କରି ଅନ୍ୟ ରସସବୁକୁ ଏଥିରେ ଅନ୍ତର୍ଭୁକ୍ତ କରିଦେଲେ।

"ବୈଷ୍ଣବ ପଦାବଳୀର ମୌଳରସ ଭକ୍ତିରସ। ଏହି ରସର ସ୍ଥାୟୀଭାବ ହେଉଛି 'କୃଷ୍ଣରତି'। କୃଷ୍ଣେନ୍ଦ୍ରିୟ ପ୍ରୀତିବା ।ହିଁ କୃଷ୍ଣରତି। ଅଳଙ୍କାର ଶାସ୍ତ୍ରରେ ନଅଟି ରସ ସ୍ୱୀକୃତ ହୋଇଥିଲେ ମଧ୍ୟ ବୈଷ୍ଣବ – ରସସିଦ୍ଧାନ୍ତରେ ରସର ସଂଖ୍ୟା ପା । ଯଥା – ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର। ମଧୁରରସ ହିଁ ସର୍ବୋତ୍କୃଷ୍ଟ। ଏହାପରେ ଯଥାକ୍ରମେ ବାତ୍ସଲ୍ୟ ଓ ସଖ୍ୟରସର ପ୍ରାଧାନ୍ୟ। ଶାନ୍ତ ଓ ଦାସ୍ୟର ଭୂମିକା ଅତ୍ୟନ୍ତ ଗୌଣ। ସ୍ତୁତିମୂଳକ ପଦାବଳୀରେ ଶାନ୍ତ ଓ ଦାସ୍ୟରସ ପରିଲକ୍ଷିତ।" (ଓଡ଼ିଆ ବୈଷ୍ଣବ ପଦାବଳୀ, ପୃ:୩୨)

## ୧୮.୮.୧ ଶାନ୍ତରସ :

ଏହା ଜ୍ଞାନଭକ୍ତିମୟ ରସ। ବିଷୟବାସନା ତ୍ୟାଗକରି କୃଷ୍ଣଙ୍କ ନିକଟରେ ପରିପୂର୍ଣ୍ଣ ଆତ୍ମସମର୍ପଣର ଭାବ ଏହି ରସରେ ନିହିତ। ପଦାବଳୀ କ ାମାନଙ୍କଦ୍ୱାରା ରଚିତ "ମନଃଶିକ୍ଷା' ମୂଳକ ପଦାବଳୀଗୁଡ଼ିକ ସାଧାରଣତଃ ଶାନ୍ତରସ ଆଧାରିତ। ସ୍ଥଳବିଶେଷରେ ରାଧା-କୃଷ୍ଣ, ଶ୍ରୀଚୈତନ୍ୟଙ୍କ ନାମଭଜନ ଓ ଚିନ୍ତନ ଉଦ୍ଦେଶ୍ୟରେ ରଚିତ ସ୍ତୁତି, ଭଜନ ଇତ୍ୟାଦିରେ ଶାନ୍ତରସର ଉପସ୍ଥିତି ଅନୁଭୂତ ହୁଏ।

ଗୋପାଳକୃଷ୍ଣଙ୍କର 'ଅନୁସରିତ, ପ୍ରଭୋ କାଳଯାକ ଗଲା ସରିତ,', ବନମାଳୀଙ୍କର 'ଆହେ ପ୍ରଭୁ କଳାଶ୍ରୀମୁଖ', ଗୌରହରିଙ୍କର 'ଗୋରେ ଏହି ଅନୁଗ୍ରହ କର ହେ ରାଧାକର', ଗୌରଚରଣଙ୍କର 'ମନେ ହେଉନାହିଁ ପରତେ' ଇତ୍ୟାଦି ରଚନାମାନ ଏହାର କେତୋଟି ଉଦାହରଣ। ପଦାବଳୀକାରମାନଙ୍କ ମନଃଶିକ୍ଷା ଜାତୀୟ ରଚନାଗୁଡ଼ିକ ମଧ୍ୟ ଶାନ୍ତରସରର ଗୋଟିଏ ଗୋଟିଏ ଉଦାହରଣ। (ସୂଚନା : ପୂର୍ବରୁ ପ୍ରଦ  ମନଃଶିକ୍ଷାର ଉଦ୍ଧୃତାଂଶଗୁଡ଼ିକ ମଧ୍ୟ ଏଠାରେ ଉଦ୍ଧାରଯୋଗ୍ୟ)

## ୧୮.୮.୨ ଦାସ୍ୟରସ :

ସେବାଦ୍ୱାରା ଭଗବାନଙ୍କର ପ୍ରୀତିବିଧାନ କରିବା ହେଉଛି ଦାସ୍ୟରସର ମୂଳକଥା। ଏଥିରେ ଦାସ୍ୟ-ମନୋଭାବ ସର୍ବଦା ଫୁଟିଉଠିଥାଏ। ଗୋପାଳକୃଷ୍ଣଙ୍କ 'ଏଡ଼େ ଭାଗ୍ୟ ମୋର ହେବ କି', ବନମାଳୀଙ୍କର 'କରୁଣାମୟୀ ଗୋ ଅରୁଣାଧର ?' ଗୌରଚରଣଙ୍କର 'ମନେ ହେଉନାହିଁ ପରତେ' ଇତ୍ୟାଦି ରଚନାମାନ ଏହାର ଉଦାହରଣ। (ସୂଚନା : ପୂର୍ବରୁ ପ୍ରଦ  ଏହି ଉଦ୍ଧୃତାଂଶଗୁଡ଼ିକ ଏଠାରେ ମଧ୍ୟ ଉଦ୍ଧାରଯୋଗ୍ୟ)

ସଖ୍ୟରସ ମୈତ୍ରୀରସଭାବରେ ସ୍ୱୀକୃତ। ଶ୍ରୀକୃଷ୍ଣଙ୍କୁ ସଖାଭାବରେ ପାଇ ଅର୍ଜୁନ, ସୁଦାମ, ସୁବଳ ପ୍ରଭୃତିଙ୍କ ଜୀବନ ଧନ୍ୟ ହୋଇଛି। ସେମାନେ ଏକାନ୍ତ କୃଷ୍ଣଗତପ୍ରାଣ। ବୈଷ୍ଣବ ପଦାବଳୀକାରମାନଙ୍କ ଲେଖନୀରୁ ନିଃସୃତ ସଖ୍ୟରସାଶ୍ରୟୀ

ଗୀତର  ଅଭାବ ନ ଥିଲେହେଁ ସେସବୁର ସଂଖ୍ୟା ବହୁତ କମ୍। ଗୋପାଳକୃଷ୍ଣଙ୍କ ରଚିତ ସଖା ସୁବଳ ପ୍ରତି କୃଷ୍ଣଙ୍କ ସଖ୍ୟମୂଳକ 'ଶୁଣରେ ସୁବଳ ସଖା ମୋ ମରମ କଥା' ଗୀତଟି ଏହାର ଉଦାହରଣ।

ସଖୀ ଓ ସହଚରୀଙ୍କ ହାତରେ ଶ୍ରୀକୃଷ୍ଣଙ୍କ ନିକଟକୁ ପଠାଉଥିବା ରାଧାଙ୍କ ସନ୍ଦେଶମୂଳକ କେତୋଟି ଗୀତ ବନମାଳୀଙ୍କ ଲେଖନୀରେ ରୂପ ପାଇଛି ସଖ୍ୟରସର ଉଦ୍‌ବୋଧନରେ। ସେଥିମଧ୍ୟରୁ କୋଟୋଟି ଧାଡ଼ି –

ସଜନୀ ତୋର ଧରୁଛି କର ଗୋ।
ଆଣି ଦିଅ ମୋ ଶ୍ୟାମସୁନ୍ଦର ଗୋ।

ବନମାଳୀ ବୋଲେ ଚିନ୍ତା ନ କର
ଅବଶ୍ୟ ଆସିବେ ମୁରଲୀଧର ଗୋ।"

## ୧୮.୮.୪ ବାତ୍ସଲ୍ୟ ରସ

ଭକ୍ତ କୃଷ୍ଣଙ୍କୁ ସନ୍ତାନ ଭାବରେ ଗ୍ରହଣ କରିନେବାବେଳେ ବାତ୍ସଲ୍ୟରସ ସୃଷ୍ଟି ହୁଏ। ଭକ୍ତ ତାଙ୍କର ବିଭିନ୍ନ କାର୍ଯ୍ୟଶୈଳୀ ପ୍ରତି ଦୃଷ୍ଟି ରଖେ, ତାଙ୍କର ଅବ ର୍ମାନରେ ବିଳାପ କରେ। "ବାତ୍ସଲ୍ୟରସାନୁଗା ଭକ୍ତର ମାତା ବା ପିତାପରି ଶ୍ରୀକୃଷ୍ଣଙ୍କୁ ଲାଳନପାଳନ ଓ ତାଡ଼ନା, ଭର୍ତ୍ସନା କରିବାର ଅଧିକାର ପାଏ। ଏହି ରସରେ ଶାନ୍ତର କୃଷ୍ଣରତି, ଦାସର ସେବା, ସଖ୍ୟର ସମତାବୋଧ ସହିତ ଲାଳନପାଳନ ଭାବ ବ ର୍ମାନ।" (ଓଡ଼ିଆ ବୈଷ୍ଣବ ପଦାବଳୀ, ଭୂମିକା, ପୃ:୩୪) ପଦକାର ବୈଷ୍ଣବ କବିଗଣ ନିଜ ନିଜକୁ ବାଳୁତ ଶ୍ରୀକୃଷ୍ଣଙ୍କ ମାତା ଭାବରେ ।କରି ତାଙ୍କ ଉଦ୍ଦେଶ୍ୟରେ ମାତୃହୃଦୟର ଅନାବିଳ ମମତା ପ୍ରକାଶ କରିଛନ୍ତି ସେମାନଙ୍କ ପଦାବଳୀରେ। ଗୋପାଳକୃଷ୍ଣ ଲେଖନୀରେ ବାତ୍ସଲ୍ୟର୍ସର ଯେଉଁ ଅଖଣ୍ଡ ପ୍ରବାହ ଫୁଟିଉଠିଛି ସେଥିରୁ କେତୋଟି ପଙ୍‌କ୍ତି-

"ଉଠିଲୁ ଏଡ଼େ ବେଗି କାହିଁକି ରେ ଦୁଃଖୀଧନ
ଦଧି ମନ୍ଥାଇ ଦେବୁ ନାହିଁ କି ରେ।

ତୁଚ୍ଛା ହାତଟା ଖାଇ          ନାଚୁଛୁ କାହିଁପାଇଁ
ଶୁଖିଯିବୁ ନ ଚାହାଁ ଛାଇକି ରେ।"

ମାତା ଯଶୋଦାଙ୍କ ବୋଲ ନ ମାନି କୃଷ୍ଣ ଗୋଗୋଷ୍ଠ ସହିତ ବନକୁ ଯାଇଛନ୍ତି। ଯଶୋଦା ତାଙ୍କ ଫେରିବା ବାଟକୁଚ ଚାହିଁ ବସିଛନ୍ତି। ଦଣ୍ଡେ ତାଙ୍କୁ ଯୁଗଭଳି ଲାଗୁଛି। ସେ ଥୟଧରି ରହିପାରୁ ନାହାନ୍ତି। ତାଙ୍କର ଏହି ବାତ୍ସଲ୍ୟପ୍ରେମକୁ କବି ଗୋପାକୃଷ୍ଣ ମାତା ଭୂମିକାରେ ରହି ପ୍ରକାଶ କରିଛନ୍ତି –

ମୋର ନୟନସଙ୍ଖାଳି ଧନରେ
ବୋଲ ନ ମାନି ତୁ ଗଲୁ ବନରେ।
ମାନଓ ତ ଛନଛନ          ରୁଚିବ କି କେ ଅଶନ
ତୋ ଚିନ୍ତାରେ ଅସରନ୍ତି ଦିନ ରେ।
ଦଣ୍ଡ ଲାଗେ ଯୁଗସରି          ପରାଣ ଉଠୁଛି ଥରି

ବନେ ପୂରିଛନ୍ତି ଅରିଗଣ।"

ସକାଳ ହେବାପରେ ବି କୃଷ୍ଣ ନିଦରୁ ଉଠିନାହାନ୍ତି। ତାଙ୍କୁ ଉଠାଇବା ପାଇଁ ମାତାଙ୍କର ସ୍ନେହବୋଳା ଉକ୍ତି ଅତି ମନଛୁଆଁ। କବି ଗୌରହରିଙ୍କ ଏହିବିଷୟକ ବାତ୍ସଲ୍ୟରସପ୍ଲାବିତ ପଦାବଳୀରୁ ପଦଟିଏ ଉଦ୍ଧାର କରାଯାଇପାରେ –

"ଉଠ ଉଠରେ ମୋର ନୀଳ ବରନ

ଅଳସ ଦେହରୁ ତେଜ ବହନ।

ନିଶୀ ଆସି ହୋଇ ଗଲାଣି ଶେଷ

ଅରୁଣ କିରଣ କଲେ ପ୍ରକାଶ

ନିଦ୍ରାକୁ ତେଜି ପଲ୍ୟଙ୍କରେ ବସ

ଦେଖିବି ମୁଁ ତୋର ମୁଖ ସାରସ।"

କୃଷ୍ଣ ମଥୁରାପୁରକୁ ଗଲାପରେ ମାତା ଯଶୋଦା କିପରି ବା ପ୍ରାଣ ଧରିବେ? ଏହି କଥାଭାବି ଖେଦ ପ୍ରକାଶ କରିବା କାଳରେ ଯଶୋଦାଙ୍କର ଅପତ୍ୟ ସ୍ନେହର ଝରଣା ଛୁଟିଛି। ଉକ୍ତକବି ଗୌରଚରଣ ତାଙ୍କର ମନୋଭାବକୁ ପ୍ରକାଶ କରିଛନ୍ତି ଏହିପରି-

"ଜୀବଧନରେ, ତୁ ଗଲେ ମଥୁରା ଭୁବନକୁ

ତୋତେ ନ ଦେଖିଲେ କେହ୍ନେ ଧରିବି ମୁଁ ଜୀବନକୁ..........ଇତ୍ୟାଦି।"

## ୧୮.୮.୫ ମଧୁରରସ :

ପଦାବଳୀ-ସାହିତ୍ୟରେ ମଧୁରସର ପ୍ରାଚୁର୍ଯ୍ୟ ଦେଖିବାକୁ ମିଳେ। ବୈଷ୍ଣବ ସାହିତ୍ୟରେ ମଧୁରରସକୁ ଶୃଙ୍ଗାରରସ, ଉଜ୍ଜ୍ୱଳରସ, କାନ୍ତାରସ, ଆଦିରସ ଆଦି ନାମରେ ଅଭିହିତ କରାଯାଏ ଓ ସମସ୍ତ ରସ ମଧରେ ଶ୍ରେଷ୍ଠ ରସ ଭାବରେ ଗ୍ରହଣ କରାଯାଏ। ଏ ରସରେ ଭଗବାନ ଓ ଭକ୍ତଙ୍କ ସଂପର୍କ ପ୍ରେମିକ ଓ ପ୍ରେମିକାର ସମ୍ପର୍କ। "ପ୍ରେମକଳା ବା କାମକଳା ମାଧରେ ଭଗବତ୍ - ଆରାଧନା ଉପରେ ବୈଷ୍ଣବ-ସାହିତ୍ୟ ଗୁରୁତ୍ୱ ଆରୋପ କରିଛି। ଏହାର ଏକ ବିଶେଷ ତାତ୍ପର୍ଯ୍ୟ ଥିବାର ମନେହୁଏ। କାମପ୍ରବୃି ମଣିଷର ଆଦିମତମ ଓ ପ୍ରବଳତମ ରିପୁଦୁର୍ନିବାର ଓ ଦୁର୍ଦ୍ଦମନୀୟ, ଧର୍ମସାଧନା ପଥରେ ଏହା ଅନେକ ସମୟରେ ବିଘ୍ନ ଘଟାଇଥାଏ। ଏହି ପ୍ରବୃିର ସକଳ ଶକ୍ତି-ସାମର୍ଥ୍ୟ ଓ ଶୋଭନୀୟତାକୁ ଯଦି ଭଗବତ୍‌ମୁଖୀ କରାଯାଏ, ତାହାହେଲେ ସାଧନ - ପଥର ପ୍ରଧାନ ବିଘ୍ନକୁ ସିଦ୍ଧିଲାଭର ସହାୟକ ଭାବରେ ରୂପାନ୍ତରିତ କରାଯାଇପାରେ। ମଣିଷ ଚି ର ପ୍ରବଳତମ ପ୍ରେରଣା – ତାହାର ଜୀବନୀଶକ୍ତିର କେନ୍ଦ୍ରୀୟ ଉତ୍ସ ଯଦି ଉନ୍ନୀତ ବା ଊର୍ଦ୍ଧ୍ୱାୟିତ ହୁଏ, ତାହାହେଲେ ଧର୍ମପଥରେ ଅଗ୍ରଗତି ତ୍ୱରାନ୍ୱିତ ଓ ଅପ୍ରତିରୁଦ୍ଧ ହୋଇପାରେ। ତେଣୁ ବୈଷ୍ଣବ ସାହିତ୍ୟରେ ଶୃଙ୍ଗାର ଭଗବତ୍ ଭଜନାର ଭଗିନୀ, ଧର୍ମସାଧନାର ସହଚରୀ।" (ଗୋପାଳକୃଷ୍ଣ ଓ ପଦାବଳୀ ପରିକ୍ରମା, ପୃ : ୭୩-୭୪) ପଦାବଳୀକାରଙ୍କ ମଧରେ ସର୍ବାପେକ୍ଷା ଅଧିକ ମଧୁରରସବ୍ୟଞ୍ଜିତ ପଦାବଳୀ ରଚନା କରିଛନ୍ତି କବି ଗୋପାଳକୃଷ୍ଣ।

ବିପ୍ରଲମ୍ଭ ଶୃଙ୍ଗାର ଓ ସମ୍ଭୋଗ ଶୃଙ୍ଗାର ଭେଦରେ ଶୃଙ୍ଗାର ଦ୍ୱିବିଧ। ବିପ୍ରଲମ୍ଭ ଶୃଙ୍ଗାରର ଅର୍ଥ ବିରହ ଓ ସମ୍ଭୋଗ ଶୃଙ୍ଗାର ଅର୍ଥ ମିଳନ। ବିପ୍ରଲମ୍ଭ ଶୃଙ୍ଗାର ବ୍ୟତିରେକ ଶୃଙ୍ଗାର ପୂର୍ଣତାପ୍ରାପ୍ତ ହୁଏ ନାହିଁ। ପଦାବଳୀ ସଂହିତାରେ ଏହି ଉଭୟବିଧ ଶୃଙ୍ଗାରରସର ଚମତ୍କାର ଆଲେଖ୍ୟ ଚିତ୍ରିତ। ପଦାବଳୀ-ସାହିତ୍ୟରେ ସମ୍ଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାରର ଆଧିକ୍ୟ ପରିଦୃଷ୍ଟ। ରାଧାକୃଷ୍ଣଙ୍କର ମିଳନ ଅପେକ୍ଷା ବିରହର ବର୍ଣ୍ଣନାରେ ଶୃଙ୍ଗାରରସ ସୃଷ୍ଟି କରିବାରେ ବୈଷ୍ଣବ କବିଗଣ ବେଶ୍

ଧୁରୀଣ। ବିରହରେ ଘାରି ହେଉଥିବା ରାଧାଙ୍କ ଅବସ୍ଥା ବର୍ଣ୍ଣ କରି ବିପ୍ରଲମ୍ଭ ଶୃଙ୍ଗାରରସ ପ୍ଲାବନ ସୃଷ୍ଟି କରିଛନ୍ତି ଗୋପାଳକୃଷ୍ଣଙ୍କ ସଖୀଙ୍କ ମୁଖରେ –

"ସ୍ୱେଦ ପୁଲକରେ ପୂରିଛି ସର୍ବାଙ୍ଗ ଏକାନ୍ତେ କି ଭାଳୁ ବସି ?
ଇନ୍ଦିବର ନେତ୍ର ଧନରେ, କି ହେତୁ ନୀରବିନ୍ଦୁ ପଡ଼େ ଖସି ?
ସେ କିଶୋରୀ, ମୁକୁଳିତ କରି ବେଶ
ବାଉଳି ଚାଉଳି ହେଉ କାହିଁପାଇଁ ବିଷ ମଣି ବାସ ବେଶ।
ପ୍ରଖର ନିଶ୍ୱାସ ବହେ ଘନ ଘନ ନାସାର କି ଲାଗି ସହି ?
ଥରକୁ ଥର ତ ଜୃମ୍ଭା ତେଜୁ ଅଛି ଚମକି ଡ଼ଲୁଛୁ ମହୀ।
ରେ କିଶୋରୀ, ବେଳେବେଳେ ଯାଉ ଥରି
ଏ କି ବିପରୀତ କାହିଁ ଦେଲୁ ଚି   ଦିଶୁ ଭୂତାବେଶ ପରି।"......ଇତ୍ୟାଦି।

ପଦାବଳୀ ସାହିତ୍ୟର ଅନୁଶୀଳନରୁ ପ୍ରତୀୟମାନ ହୁଏ ଯେ ଶ୍ରୀକୃ୍ରେ ସମ୍ଭୋଗରସର ମୂ ିମନ୍ତ ବିଗ୍ରହ। ସେ ଗୋପୀମାନଙ୍କ ପାଇଁ ପ୍ରାଣଠାରୁ ଅଧିକ ପ୍ରିୟ। ତେଣୁ ସେମାନଙ୍କ ସହିତ କୃଷ୍ଣଙ୍କର ସମ୍ଭୋଗ ଅବଶ୍ୟମ୍ଭାବୀ। ବୈଷ୍ଣବ ସାହିତ୍ୟର ମୁଖ୍ୟରସ ବିରହ ବା ବିପ୍ରଲମ୍ଭ, ଯାହାର ମୁଖ୍ୟ ଆଧାର ହେଉଛି ପୂର୍ବରାଗ, ମାନ, ପ୍ରେମବୈଚି ୍ୟ ଓ ପ୍ରବାସ।

ପୂର୍ବରାଗ ହେଉଛି - ନାୟକ - ନାୟିକାଙ୍କର ମିଳନ ପୂର୍ବରୁ ପରସ୍ପର ଦର୍ଶନ ଓ ରୂପଗୁଣାଦି ଶ୍ରବଣଦ୍ୱାରା ଜାତ ଅନୁରକ୍ତ, ଯାହା ଉଭୟଙ୍କ ହୃଦୟକୁ ଉଚ୍ଚାଟିତ କରେ। ଦର୍ଶନାନୁରାଗ, ରୂପାନୁରାଗ, ଚିତ୍ରପଟ୍ଟ ଦର୍ଶନ, ବଂଶୀଧ୍ୱନି ଶ୍ରବଣ, ସଖୀମୁଖରୁ କୃଷ୍ଣଙ୍କ ନାମ, ରୂପ ଓ ଗୁଣବିଷୟକ ପ୍ରଶଂସା ଶ୍ରବଣ ହିଁ ପୂର୍ବରାଗର କାରଣ। ସେହପରି ପ୍ରେମରୁ ଈର୍ଷାର ସୃଷ୍ଟି ଓ ଈର୍ଷାରୁ ମାନର ସୃଷ୍ଟି। ନାୟକ ନାୟିକା ମଧ୍ୟରେ ସାମୟିକ ବିରାଗ ହେଉଛି ମାନ। ମାନ ପ୍ରେମର ଗଭୀରତା ସୂଚାଏ ଏବଂ ପ୍ରେମର ସାନ୍ଦ୍ରତା ବଢ଼ାଏ। ପୂର୍ବରୁ 'ପଦାବଳୀ ସାହିତ୍ୟରେ ପ୍ରେମର ବୈଚିତ୍ର୍ୟ' ଆଲୋଚନାରେ ଶୃଙ୍ଗାରରସର ବିଭିନ୍ନ ବିଭାବ, ଯଥା- ପୂର୍ବରାଗ, ସମ୍ଭୋଗ, ଅଭିସାର, ଅଭିମାନ, ବିରହ, ମାନଭଞ୍ଜନ, ପୁନର୍ମିଳନ ଆଦିର ବର୍ଣ୍ଣନା ପ୍ରଦ   ହୋଇଛି। (ସେସବୁ ବର୍ଣ୍ଣନା ମଧ୍ୟ ଏଠାରେ ରଖିବାକୁ ହେବ)

ଭିଳନ କାଳରେ ବା ପ୍ରିୟତମଙ୍କ ଏକାନ୍ତ ନିକଟରେ ଥାଇ ପ୍ରେମର ଉତ୍କର୍ଷ ହେତୁ ପ୍ରେମିକାର ମନରେ ଜାତ ହେଉଥିବା ବିଚ୍ଛେଦର ଆଶଙ୍କା ବୈଷ୍ଣବଶାସ୍ତ୍ରରେ ପ୍ରେମବୈଚି ୍ୟ ନାମରେ ଖ୍ୟାତ। ଏହି ପରିପ୍ରେକ୍ଷୀରେ କୃଷ୍ଣ ଅତି ନିକଟରେ ଥିଲେ ବି ଓ ମିଳନ ପଥରେ କୌଣସି ପ୍ରତିବନ୍ଧକ ନ ଥିଲେ ବି ରାଧାଙ୍କ ଚି ରେ ବିକ୍ଷିପ୍ତତା ଦେଖାଦିଏ। "ଏଭଳି ପ୍ରେମବୈଚି ୍ୟ ଯୋଗୁଁ ଅସମ୍ଭବ ଧରଣର ବିରହାନୁଚିନ୍ତ ଉଦ୍ରେକ ହୁଏ। ସେତିକିବେଳେ ତାଙ୍କର ଇଚ୍ଛା ହୁଏ, ଏଥିପାଇଁ ଅସହଣୀ ଜଗତ ଦାୟୀ। ଏଥିପାଇଁ ବିଧାତା, କନ୍ଦର୍ପ, ମୁରଲୀ, ସଖୀ, ଗୁରୁଜନଗଣ ଏବଂ ଏପରିକି କୃଷ୍ଣଚନ୍ଦ୍ର। ତେଣୁ ରାଧାଙ୍କ ମୁହଁରୁ ଏମାନଙ୍କ ଉଦ୍ଦେଶ୍ୟରେ ଆକ୍ଷେପ ସୃଷ୍ଟି ହୁଏ। ସେ ମୁରଲୀଙ୍କ କହନ୍ତି –

"ମୁରଲୀ, ତୋରେ ଶରଣ ଗଲିରେ ମୁରଲୀ
ଦିନେ ନ ଡାକିବୁ ରାଧିକା ବୋଲି   ରେ।।

ଜାତି ତୋର କ  । ବାଉଁଶ ଖଣ୍ଡ।

ଧ୍ୱନି ସଙ୍ଗେ ଥାଇ ପ  ମ କାଣ୍ଡରେ ।।

କୃଷ୍ଣହସ୍ତୁ ତୋତେ କେ ଦ୍ୟନ୍ତା ମୋତେ ।

ଭସାଇ ଦିଅନ୍ତି ଯମୁନା ସ୍ରୋତ ରେ ।।” ଇତ୍ୟାଦି......

(କବି ବନମାଳୀ ଓ ତାଙ୍କ ପଦ୍ୟାବଳୀ, ପୃ: ୫୧-୫୨)

କାର୍ଯ୍ୟାପଲକ୍ଷେ ନାୟକର ବିଦେଶ ଗମନ ଓ ସେଠାରେ ଅବସ୍ଥାନ ହେଉଛି ପ୍ରବାସ । ସଂଜ୍ଞା ଅନୁସାରେ ପୂର୍ବରୁ ମିଳିତ ନାୟକ-ନାୟିକାଙ୍କର ଦେଶାନ୍ତର ଗମନଜନିତ ବ୍ୟବଧାନହିଁ ପ୍ରବାସ । ପ୍ରବାସ ଦୁଇଭାଗରେ ବିଭକ୍ତ; ଯଥା - ଅଦୂର ପ୍ରବାସ ଓ ସୁଦୂର ପ୍ରବାସ । ଗୋଚାରଣ ନିମନ୍ତେ କୃଷ୍ଣଙ୍କର ବୃନ୍ଦାବନ-ଗମନ ପ୍ରବାସ; ଏହାର ଫଳ ସାମୟିକ ବିଚ୍ଛେଦ । କିନ୍ତୁ କୃଷ୍ଣଙ୍କ ମଥୁରାଗମନ ସୁଦୂର ପ୍ରବାସ, ଯାହା ବୈଷ୍ଣବସାହିତ୍ୟରେ ‘ମାଥୁର’ ନାମରେ ପରିଚିତ । ଭକ୍ତକବି ବନମାଳୀ ଅଦୂର ପ୍ରବାସ ଅପେକ୍ଷା ସୁଦୂର ପ୍ରବାସକୁ ଶ୍ରେଷ୍ଠ ମନେକରନ୍ତି ଏବଂ ତତ୍‌ସଂପର୍କୀୟ ବହୁ କବିତା ରଚନା କରିଛନ୍ତି । କୃଷ୍ଣଙ୍କ ବିଚ୍ଛେଦରେ ଅଧୀରା ରାଧାଙ୍କ ସମେତ ଗୋପୀମାନଙ୍କ କଣ୍ଠରେ ସେ ପ୍ରବାସୀ କୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଛନ୍ତି –

“କାହିଁଗଲେ ମୁରଲୀଫୁଙ୍କା ?

ଯୁବତୀ ରସିଆ କାମିନୀ-ରଙ୍କା ।

ତ୍ରିଭଙ୍ଗୀ ଠାଣିରେ ମୁରଲୀ ବଜାଇ

ଡାକୁଥାନ୍ତି ଆସ ଆସ ରାଧିକା ।”

ଉପସଂହାରରେ ଏତିକି କୁହାଯାଇପାରେ ଯେ ବୈଷ୍ଣବ-ପଦାବଳୀ ସାହିତ୍ୟ ରସର ପାରାବାର । ଏଥିରେ ଶାନ୍ତ, ହାସ୍ୟ, ସଖ୍ୟ, ବାତ୍ସଲ୍ୟ ଇତ୍ୟାଦି ରସର ସୀମିତତା ଓ ମଧୁରରସର ପ୍ରବଳତା ପରିଲକ୍ଷିତ ହୁଏ । ବାତ୍ସଲ୍ୟରସାଶ୍ରିତ ପଦାବଳୀଗୁଡ଼ିକରେ ମାତା ଯଶୋଦାଙ୍କର ମାତୃହୃଦୟର ଏବଂ ମଧୁରରସାତ୍ମକ ପଦାବଳୀରେ ବିଭିନ୍ନ ସ୍ତରଦେଇ ରାଧାଙ୍କର ମନସ୍ତା ିକ ବ୍ୟାଖ୍ୟା କରି ପଦାବଳୀ-ରଚୟିତାଗଣ ଅପୂର୍ବ ସାଫଲ୍ୟର ଅଧିକାରୀ ହୋଇପାରିଛନ୍ତି । ରାଧାକୃଷ୍ଣଙ୍କର ଅପ୍ରାକୃତ ପ୍ରେମଲୀଳା ମଧ୍ୟରେ ସେମାନେ ମ ୍ୟବାସୀ ନରନାରୀଙ୍କ ବିଭିନ୍ନ ଭାବରାଜି ଭିନ୍ନ ଭିନ୍ନ ରସାଶ୍ରିତ କରାଇ ବୈଷ୍ଣବସାହିତ୍ୟକୁ ପ୍ରେମମୟ ଓ ରସମୟ କରିପାରିଛନ୍ତି, ଅନୁଭୂତି ରସରେ ରସାଣିତ କରିପାରିଛନ୍ତି ।

## ୧୮.୯ ସାଙ୍ଗୀତିକ ମୂଲ୍ୟ :

ବୈଷ୍ଣବ-ପଦାବଳୀ ଓ ସଙ୍ଗୀତ ପରସ୍ପର ପରିପୂରକ । ଗୋଟିକର ବ୍ୟତିରେକ ଅନ୍ୟଟିର କଳ୍ପନା କରାଯାଇ ନପାରେ । କାରଣ ସାଙ୍ଗୀତିକତା ପଦାବଳୀ ସାହିତ୍ୟର ଅନ୍ୟତମ ପ୍ରାଣଧର୍ମ । ସାଙ୍ଗୀତିକତାହିଁ ରସପରିପୋଷକ ଭାବରେପଦାବଳୀ ସାହିତ୍ୟରେ ପ୍ରତିଷ୍ଠିତ । ପଦାବଳୀ ସାଧାରଣତଃ ଗାନଯୋଗ୍ୟ କବିତା ହୋଇଥିବାରୁ ଏଥିରେ ସ୍ୱର, ତାଳ ଆଦିର ନିର୍ଦ୍ଦେଶ ଥାଏ । କେତେକ କବି ରାଗ-ତାଳ ପ୍ରତି ଧ୍ୟାନ ନଦେଇ ସଙ୍ଗୀତମାନ ରଚନା କରିଥା’ନ୍ତି, ଯାହା ପରବ ୀକାଳରେ ଗାୟକମାନଙ୍କ ଦ୍ୱାରା ଗୀତ ହେବାପରେ ରାଗ ଓ ତାଳର ଲକ୍ଷଣ ନିର୍ଦ୍ଦିଷ୍ଟ କରାଯାଇଥାଏ । ଉଦାହରଣସ୍ୱରୂପ ସାଲବେଗଙ୍କ ଗୀତଗୁଡ଼ିକୁ ଗ୍ରହଣ କରାଯାଇପାରେ । ସେସବୁ ବହୁଲୋକପ୍ରିୟ; କିନ୍ତୁ ସେସବୁରେ ରାଗ-ତାଳର ନିର୍ଦ୍ଦେଶ ନାହିଁ । ପରବ ୀକାଳରେ ସଙ୍ଗୀତଶିଳ୍ପୀମାନେ ହିଁ ବିଭିନ୍ନ ରାଗତାଳରେ ଏସବୁ ଗାୟନ କରି ଏହାକୁ ଶ୍ରୁତିମଧୁର ଓ ଲୋକପ୍ରିୟ କରିପାରିଛନ୍ତି । ଭଞ୍ଜ, କବିସୂର୍ଯ୍ୟ, ବନମାଳୀ, ଗୋପାଳକୃଷ୍ଣ, ଗୌରହରି, ଗୌରଚରଣ ପ୍ରଭୃତି ପଦକ ୍ତାମାନଙ୍କ ଗୀତଗୁଡ଼ିକ ରାଗ-ତାଳ ନିର୍ଦ୍ଦେଶିତ । ଏହି କବିମାନେ ଆରମ୍ଭରୁ ରାଗତାଳ – ସଚେତନ ଥିବାରୁ ସେମାନଙ୍କ ସଙ୍ଗୀତସବୁ ଓଡ଼ିଶୀ ନୃତ୍ୟ,

ଗୋଟିପୁଅ ନୃତ୍ୟ, ପାଲା ଓ ବିଭିନ୍ନ ସଙ୍ଗୀତ ଆସରରେ ପରିବେଷିତ ହୋଇଆସୁଅଛି ଏବଂ ସଙ୍ଗୀତପ୍ରେମୀଙ୍କୁ ଆମୋଦିତ କରିଆସୁଅଛି।

ସଙ୍ଗୀତଶାସ୍ତ୍ରରେ ଛଅରାଗ ଓ ଛତିଶ ରାଗିଣୀର ଉଲ୍ଲେଖ ରହିଛି। ସେହିସବୁ ରାଗ-ରାଗିଣୀ ଓଡ଼ିଆ ଚଉପଦୀ, ଛାନ୍ଦ, ଚଉତିଶା ଆଦିରେ ଅନୁସୃତ ହୋଉଛି କି ନାହିଁ, କହିହେବ ନାହିଁ। ଓଡ଼ିଆ ସଙ୍ଗୀତରେ ବ୍ୟବହୃତ ରାଗରାଗିଣୀକୁ ଉପରାଗ ଓ ଉପରାଗିଣୀ ଭାବରେ ଗ୍ରହଣ କରାଯାଇପାରେ। ବନମାଳୀ, ଗୋପାଳକୃଷ୍ଣ ଓ ଅନ୍ୟାନ୍ୟ ପଦାବଳୀକାରଙ୍କ ରଚନାରେ ଶତାଧିକ ଉପରାଗ-ରାଗିଣୀ ବ୍ୟବହୃତ। ସେମାନେ ସଙ୍ଗୀତଶାସ୍ତ୍ରବିତ୍ ଥିଲେ; ତେଣୁ ପ୍ରତ୍ୟେକ ସଙ୍ଗୀତରେ ସଂପୃକ୍ତ ଭାବପ୍ରକାଶ ନିମନ୍ତେ ରାଗତାଳ ନିର୍ଣ୍ଣୟ କରିଛନ୍ତି। "ସେହି ରାଗତାଳ ଅନୁସରଣରେ ଗୀତଗୁଡ଼ିକ ଗାନ କରାନଗଲେ, ଭାବ ସୁପରିସ୍ଫୁଟ ହୋଇନପାରେ। ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖନୀୟ ଯେ, କବିତା ଭାବଗର୍ଭକ ହେବା ଅତ୍ୟାବଶ୍ୟକ; କିନ୍ତୁ ସଙ୍ଗୀତ ଭାବଗର୍ଭକ ନ ହୋଇପାରେ। ତାହା ସ୍ୱରପ୍ରଧାନ ହେବା ଅତ୍ୟାବଶ୍ୟକ। ତେଣୁ ଉପଯୁକ୍ତ ରାଗତାଳରେ ଗାନ କରା ନ ଗଲେ, ସଙ୍ଗୀତ ବହୁପରିମାଣରେ ମୂଲ୍ୟହୀନ ହୋଇପଡ଼େ।" (ଗୋପାଳକୃଷ୍ଣ ପଦାବଳୀ ପରିକ୍ରମା, ପୃ:୭୬)

ପଦାବଳୀ ଅତ୍ୟନ୍ତ ଭାବଗର୍ଭକ ହୋଇଥିବାରୁ ସେହି ଭାବରାଜିର ଯଥାର୍ଥ ପରିପ୍ରକାଶ ପାଇଁ ନିର୍ଦ୍ଦେଶିତ ରାଗ-ତାଳ ସହିତ ଗାନକରିବା ଏକାନ୍ତ ବିଧେୟ। ରାଗ-ତାଳର ତାଲିକା ଦୀର୍ଘ; ତଥାପି କେତୋଟି ରାଗର ନାମୋଲ୍ଲେଖ ଏଠାରେ କରାଯାଇପାରେ। ଯଥା - ଆନନ୍ଦ ଭୈରବୀ, ଆଶବରୀ, ଆଷାଢ଼ଶୁକ୍ଳ, ଆହାରୀ, କର୍ଣ୍ଣାଟ, କଲ୍ୟାଣ, କାଫୀ, କାଳୀ, କାମୋଦୀ, ଦକ୍ଷିଣକାମୋଦୀ, ସିନ୍ଧୁକାମୋଦୀ, କୁସକାମୋଦୀ, ରସକାମୋଦୀ, ଖଣ୍ଡକାମୋଦୀ, କୁମ୍ଭକାମୋଦୀ, କେଦାର, ଖଣ୍ଡବାଣୀ, ଖମ୍ବାଜ, ଗାନ୍ଧାର, ଗୁର୍ଜରୀ, ଘ ାରବ, ଚକ୍ରପେଦାର, ଚକ୍ରକେଳି, ଜୟନ୍ତ, ଜୟନ୍ତୀ, ତୋଡ଼, ତୋଡ଼ିପରଜ, ପରଜ, ଦେଶମଞ୍ଜରୀ, ଦେଶାକ୍ଷ, ଦ୍ରାବିଡ଼ୀ, ଧନାଶ୍ରୀ, ନଳିନୀଗୌଡ଼ା, କେଦାରଗୌଡ଼ା, ପ ମ ବରାଡ଼ି, ଦେଶବରାଡ଼ି, ପୁନ୍ନାଗ, ପୂରବୀ, ବଙ୍ଗଳାଶ୍ରୀ, ଖଣ୍ଡବଙ୍ଗଳାଶ୍ରୀ, ଦୀର୍ଘବଙ୍ଗଳାଶ୍ରୀ, ବସନ୍ତ, ବସନ୍ତକେଦାର, କୁସୁମକେଦାର, ଚିନ୍ତାକେଦାର, ମଙ୍ଗଳକେଦାର, ଲଳିତକେଦାର, ମଦନକେଦାର, ରସକେଦାର, ବିଭାସ, ବେଲାବଳୀ, ବେହାଗ, ମତିହାରୀ, ମଧୁଶ୍ରୀ, ମାରୁଆ, ମାଳବ, ମାଳବୈଶାଖ, ମାଳଶ୍ରୀ, ମୁଖାବରୀ, ବୋହନା, ରଣବିଜେ ରସକଙ୍କ ରାମକେରି, ଶଙ୍କରାଭରଣ, ସାବେରୀ, ସାରଙ୍ଗ, ସିନ୍ଧୁଡା, ସୁରଟ ଇତ୍ୟାଦି

ଗୋପାଳକୃଷ୍ଣଙ୍କ ଚଉପଦୀଗୁଡ଼ିକର ଏକ ଉଲ୍ଲେଖନୀୟ ବିଶେଷତ୍ୱ ହେଉଛି ଏସବୁ ରାଧାକୃଷ୍ଣ, ଲଳିତା, ବିଶାଖା ଆଦି ସଖୀମାନଙ୍କ ଉକ୍ତି-ପ୍ରତ୍ୟୁକ୍ତି ଛଳରେ ରଚିତ ହେତୁ ଅଭିନୟକ୍ଷମ। ଯାହା ମନେହୁଏ, ଏସବୁ କବିଙ୍କଦ୍ୱାରା ଗୀତିନାଟ୍ୟ ଶୈଳୀରେ ସଜ୍ଜିତ ହୋଇ ରଚିତ ହୋଇଥିଲା ଏବଂ ଉଚ୍ଚକୋଟୀର ସଙ୍ଗୀତ ସଂଯୋଜନା ହେତୁ ଏହା ଗୀତିନାଟ୍ୟ ଆକାରରେ ପରିବେଷିତ ହେଉଥିଲା। କିନ୍ତୁ ପରବ ୀକାଳରେ ଏକତ୍ର ସଂକଳିତ ହେବାବେଳକୁ ଏଗୁଡ଼ିକ ଗୀତିନାଟ୍ୟ ଶୈଳୀର କ୍ରମିକତା ହରାଇ ଏପଟ ସେପଟ ହୋଇଯାଇଛି। ଏଗୁଡ଼ିକର ସଂକଳିତ ରୂପ ତେଣୁ ବିପର୍ଯ୍ୟସ୍ତ। ସେ ଯାହାହେଉ କେବଳ ସାଙ୍ଗୀତିକ ମୂଲ୍ୟ ନୁହେଁ, ଏଗୁଡ଼ିକର ନାଟକୀୟ ମୂଲ୍ୟ ମଧ୍ୟ କାଳେ କାଳେ ସଂରକ୍ଷିତ।

ପଦାବଳୀର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହା ଅଧ୍ୟାତ୍ମିକ ଭାବାଶ୍ରୟୀ ଓ ସଂଗୀତାଶ୍ରୟୀ ହୋଇଥିବାରୁ ଏବଂ ଭାବନୁସାରୀ ରାଗରାଗିଣୀରେ ରଚିତ ହେତୁ ଏହା କାବ୍ୟାମୋଦୀ ପାଠକମାନଙ୍କର ଅତି ପ୍ରିୟ; ଆକାରରେ କ୍ଷୁଦ୍ର ଓ ମନଛୁଆଁ ସଙ୍ଗୀତମଣ୍ଡିତ ହୋଇଥିବାରୁ ସହଜରେ ମନେରହିଯାଏ। ତେଣୁ ଏବେ ବି ସଙ୍ଗୀତପ୍ରେମୀ ଓ ସଙ୍ଗୀତଶିକ୍ଷାର୍ଥୀଙ୍କର ବହୁ ପଦାବଳୀ ମୁଖସ୍ଥ ଏବଂ ଏବେ ବି ଆକାଶବାଣୀ, ଦୂରଦର୍ଶନ, ସଙ୍ଗୀତ-ଆସର ଆଦିରେ ଏହାର ଏକ ସ୍ୱତନ୍ତ୍ର ଆଦର ରହିଛି। ସାଙ୍ଗୀତିକ ଆବେଦନ ହିଁ ଏହାକୁ କାଳଜୟୀ କରିଛି। ରୀତିଯୁଗର ଶବ୍ଦକସରତ ଓ ଆଳଙ୍କାରିକ ପ୍ରାବଲ୍ୟରୁ ମୁକ୍ତ, ଅପୂର୍ବ ସାଙ୍ଗୀତିକ

ମୂର୍ଚ୍ଛନାଯୁକ୍ତ ଚଉପଦୀ, ଚଉତିଶା, ପଦାବଳୀ, ଚମ୍ପୂ ଇତ୍ୟାଦି ରଚିତ ହୋଇ ସଂଗୀତର ଏକ ନୂତନ ଧାରା ସୃଷ୍ଟିକରିଛି। ଏଣୁ ଏହି କାଳଖଣ୍ଡ (୧୭୮୦-୧୮୮୦) ଓଡ଼ିଆ ସାହିତ୍ୟରେ ସଙ୍ଗୀତଯୁଗର ମାନ୍ୟତା ଲାଭକରିଛି।

## ୧୮.୧୦ ନିଷ୍କର୍ଷ :

୧. ସଙ୍ଗୀତଯୁଗ ଭାବରେ ଅଭିହିତ ରୀତିଯୁଗର ଶେଷଭାଗରେ ରଚିତ ପଦାବଳୀ ଓ ଚମ୍ପୂ ସାହିତ୍ୟ ସଙ୍ଗୀତ ଓ ସାହିତ୍ୟର ସମନ୍ୱିତ ରୂପ।

୨. ଉକ୍ତି-ପ୍ରତ୍ୟୁକ୍ତି ଶୈଳୀରେ ରଚିତ ହେତୁ ଏଥିରେ ନାଟ୍ୟଧର୍ମିତା ସଂରକ୍ଷିତ।

୩. ଏ ସାହିତ୍ୟର ପଦାବଳୀ ବିଭାଗଟି ହେଉଛି ବିଚ୍ଛେଦ ଓ ବିରହର ସାହିତ୍ୟ। ଏଣୁ ଏଥିରେ ମିଳନ ଅପେକ୍ଷା ବିରହାତ୍ମକ ସଂଗୀତର ସଂଖ୍ୟା ଅଧିକ।

୪. ରାଧା ଓ କୃଷ୍ଣ ଭିତରେ ଗଢ଼ିଉଠିଥିବା ପ୍ରେମ ଅପ୍ରାକୃତ; କିନ୍ତୁ ପଦାବଳୀ ଓ ଚମ୍ପୂରେ ସେହି ପ୍ରେମକୁ ରୂପାୟିତ କରିବା କାଳରେ ତାହାକୁ ମାନବାୟିତ କରାଯାଇଛି, ସାଧାରଣ ଲୋକଙ୍କ ବୈଷ୍ଣବୀୟତ୍ୱର ଅବଗତି ନିମନ୍ତେ।

୫. ଆକାରରେ କ୍ଷୁଦ୍ର ଓ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନାରେ ପ୍ରାଣବନ୍ତ ହୋଇଥିବାରୁ ପଦାବଳୀ ଓ ଚମ୍ପୂ ଅତି ସହଜରେ ମନେରହିଯାଏ। ଏଣୁ ଏସବୁ ସଙ୍ଗୀତ ଆଜି ବି ବହୁ ଓଡ଼ିଆଙ୍କର କଣ୍ଠସ୍ଥ।

୬. ମନଃଶିକ୍ଷାମୂଳକ କେତୋଟି ରଚନାରେ ପଦାବଳୀ ସାହିତ୍ୟ ସମୃଦ୍ଧ। ଏଥିରେ ସଂସାରର ଅନିତ୍ୟତା ପ୍ରଦର୍ଶିତ ହୋଇ ଶ୍ରୀକୃଷ୍ଣଙ୍କ ପଦାରବିନ୍ଦରେ ଆଶ୍ରୟ ନେବାକୁ ଉପଦେଶ ରହିଥାଏ।

୭. ଗଭୀର ବୈଷ୍ଣବୀୟ ପ୍ରେମତତ୍ତ୍ୱକୁ ବର୍ଣ୍ଣନା କଲାବେଳେ ବୈଷ୍ଣବକବିଗଣ ସରଳ ଭାଷା ଓ ସଙ୍ଗୀତର ଆଶ୍ରୟ ନେଇଥାଆନ୍ତି। ବର୍ଣ୍ଣନାକାଳରେ ଏଥିରେ ସେମାନେ ସାହିତ୍ୟର ସମଗ୍ର ବିଭାବ ପ୍ରତି ଦୃଷ୍ଟି ଦେଇଥାଆନ୍ତି। ଏଣୁ ପଦାବଳୀ ଓ ଚମ୍ପୂର ସାହିତ୍ୟିକ ମୂଲ୍ୟ କାଳେ କାଳେ ସଂରକ୍ଷିତ।

**୧୮.୧୧ ପରିଶିଷ୍ଟ :** ଆଦର୍ଶ ପ୍ରଶ୍ନାବଳୀ :

(୧) ପଦାବଳୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ନିରୂପଣ କର।

(୨) ବିପ୍ରଲମ୍ଭ - ଶୃଙ୍ଗାର ଚିତ୍ରଣ କରିବାରେ ପଦାବଳୀ – ରଚୟିତାମାନଙ୍କର କୃତିତ୍ୱ ଦର୍ଶାଅ।

ସଂପର୍କିତ ଶୃଙ୍ଗାରିକତା ଉପରେ କବି 'ତୁଳସୀପତ୍ର ପକାଇ ପବିତ୍ର କରିବା' ଯୁକ୍ତି, କିମ୍ବା ବଳଦେବଙ୍କୁ 'ତୁଳସୀପତ୍ରିଆ କବି' ଅଭିଧାରେ ଚିହ୍ନିତ କରିବା ପ୍ରୟାସ ସେଥିପାଇଁ ଉଚିତ୍ ମନେହେଉ ନାହିଁ।" (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ପୃ:୧୧୭)

ବଳଦେବ ପରଂପରାର କବି। କାବ୍ୟରଚନାରେ ତେଣୁ ସେ ପରଂପରାଚ୍ୟୁତ ନୁହଁନ୍ତି। ତେଣୁ ରୀତିକାବ୍ୟର ଶୃଙ୍ଗାରିକ ରୁଚିହିଁ ପାଲଟିଛି 'କିଶୋରଚନ୍ଦ୍ରାନ୍ଦ ଚମ୍ପୂ' ର ଆତ୍ମା। ଶୃଙ୍ଗାରରସର ଉଦ୍‌ବୋଧନ କାଳରେ ସେ ଯେତିକି ତତ୍ପର, ଶାନ୍ତରସ ଓ କରୁଣରସ ପ୍ରତି ସେତିକି ଉଦାସୀନ। ଏ ଦୁଇରସ ସେଥିରେ ଗୌଣ ଓ ଶୃଙ୍ଗାରରସର ମହାପ୍ଲାବନ ମଧ୍ୟରେ ସେଇ ଦୁଇଟିକୁ ଖୋଜିବାକୁ ପଡ଼େ। ସେ ଯାହାହେଉ, ନିଜର ପୃଷ୍ଠପୋଷକ ଆଠଗଡ଼ର ରାଜା ଜଗଦ୍ଦେବ୍ ହରିଚନ୍ଦନଙ୍କ ଗୌଡ଼ୀୟ ବୈଷ୍ଣବୀୟ ଚିତ୍ତବୃତ୍ତିପ୍ରତି ସଚେତନ ଥାଇ ଅଭିମନ୍ୟୁଙ୍କ ଭଳି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅପ୍ରାକୃତ ପ୍ରେମଲୀଳାର ପୋଷାକ ପିନ୍ଧାଇ ଶୃଙ୍ଗାରରସର ପ୍ରବଳ ବନ୍ୟା ଛୁଟାଇ ଦେଇଛନ୍ତି ଏ କାବ୍ୟରେ। ପରିବେଷଣଗତ ରସିକତା, କବିତ୍ୱ ଓ ପାଣ୍ଡିତ୍ୟ, ବର୍ଣ୍ଣନାପାଟବ ଆଦି ତାଙ୍କ କାବ୍ୟକୁ ଅପରୂପ କାବ୍ୟିକ କମନୀୟତାରେ ମଣ୍ଡିଦେଇଛି।

## ୧୮.୧୨ ସହାୟକ ଗ୍ରନ୍ଥପୁଞ୍ଜ


କବି ଗୋପାଳକୃଷ୍ଣ - ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୯୨।

କବି ଗୋପାଳକୃଷ୍ଣ ସୃଷ୍ଟି ଓ ସୌରଭ – ଡ଼କ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ, କଟକ, ୨୦୦୭।

କବି ବନମାଳୀ ଓ ତାଙ୍କ ପଦ୍ୟାବଳୀ – ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୭୯।

କବିସୂର୍ଯ୍ୟ କାବ୍ୟବିଭା – ଡକ୍ଟର ଦାଶରଥି ଦାସ, କଟକ, ୧୯୮୯।

କବିସୂର୍ଯ୍ୟ ଗ୍ରନ୍ଥାବଳୀ – (ସଂ) ପଣ୍ଡିତ କୁଳମଣି ଦାଶ, କଟକ, ୧୯୭୭।

କବିସୂର୍ଯ୍ୟ ପରିକ୍ରମା – (ସଂ)ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

କବିସୂର୍ଯ୍ୟ ପରିକ୍ରମା – (ସଂ) ଶିବରାମ ପାତ୍ର, ବ୍ରହ୍ମପୁର, ୧୯୭୯।

କବିସୂର୍ଯ୍ୟ ବଳଦେବ ରଥ - ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଭୁବନେଶ୍ୱର, ୧୯୯୩।

କହିତ ନୁହଇ ଭାରତୀରେ – ଡକ୍ଟର ଅଶୋକକୁମାର ଦାଶ, କଟକ, ୨୦୦୨।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୮୪।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ବୈଷ୍ଣବଚରଣ ସାମଲ ଓ ରତ୍ନାକର ଚଇନି, କଟକ, ୧୯୮୨।

ଗୋପାଳକୃଷ୍ଣ ପଦାବଳୀ – (ସଂ) ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୦।

ଗୋପାଳକୃଷ୍ଣ ପଦାବଳୀ ପରିକ୍ରମା – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୯୨।

ଚମ୍ପୂ-ପ୍ରବେଶ – କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, କଟକ, ୧୯୫୬।

ପାଠଚକ୍ର ପ୍ରବନ୍ଧାବଳୀ – (ସଂ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

ବଳଦେବ ରଥ : ସାହିତ୍ୟ ସାଧନା ଓ ସିଦ୍ଧି – ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, କଟକ, ୨୦୦୫।

ବିଦ୍ୟାପତି ପଦାବଳୀ – (ସଂ) ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭୁବନେଶ୍ୱର, ୧୯୬୫।

ବୈଷ୍ଣବ ପଦାବଳୀ – (ସଂ) ଡକ୍ଟର ଜାନକୀବଲ୍ଲଭ ମହାନ୍ତି, କଟକ, ୧୯୮୦।

ସହୃଦୟର ଦୃଷ୍ଟିରେ ଗୋପାଳକୃଷ୍ଣ - ଡକ୍ଟର ତୀର୍ଥାନନ୍ଦ ମିଶ୍ର, ଭୁବନେଶ୍ୱର, ୨୦୦୩।

ସାହିତ୍ୟ-ଆଲୋଚନା : ପ୍ରାଚୀନରୁ ଆଧୁନିକ – ଡକ୍ଟର କୁମୁଦିନୀ ମିଶ୍ର, ଭୁବନେଶ୍ୱର, ୧୯୯୯।

ସାହିତ୍ୟ ବୀକ୍ଷା – ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, କଟକ, ୧୯୮୪।

## **ଊନବିଂଶ** ଏକକ - ଭଜନ


୧୯.୦ ପ୍ରାଗ୍ଭାଷା

୧୯.୧ ପଠନର ଉଦ୍ଦେଶ୍ୟ

୧୯.୨ ଭଜନ ସାହିତ୍ୟର ପରଂପରା

୧୯.୨.୧ ଓଡ଼ିଆ ଭଜନ ସାହିତ୍ୟରମହ୍ୱ

୧୯.୨.୨ ଓଡ଼ିଆ ଭଜନ ସାହିତ୍ୟର କ୍ରମବିକାଶ

୧୯.୨.୩ ଭଜନ ର ନାମକରଣ

୧୯.୩ ଭଜନ ର ସଂକ୍ଷିପ୍ତ କଥାବସ୍ତୁ

୧୯.୪ ଭଜନ ର ଆରାଧ୍ୟ

୧୯.୪.୧ ଶ୍ରୀକୃଷ୍ଣ

୧୯.୪.୨ ଶ୍ରୀରାଧା

୧୯.୪.୩ ଶ୍ରୀ ଜଗନ୍ନାଥ

୧୯.୫ ଭଜନ ର ରଚନାଶୈଳୀ

୧୯.୬ ବର୍ଣ୍ଣନାଚାତୁରୀ

୧୯.୭ ଭଜନ ର ନାଟକୀୟତା

୧୯.୮ ଭଜନ ର ଭାଷାବିଭବ

୧୯.୧୦ ଭଜନ ରେ ରସପ୍ରବାହ

୧୯.୧୧ ନିଷ୍କର୍ଷ

୧୯.୧୨ ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

୧୯.୧୩ ସହାୟକ ଗ୍ରନ୍ଥପୁଞ୍ଜି

## ୧୯.୦ ପ୍ରାଗ୍‌ଭାଷା

ସଂସ୍କୃତରେ ଗଦ୍ୟ-ପଦ୍ୟାତ୍ମକ ରଚନା, ଅର୍ଥାତ୍ ଗଦ୍ୟ ଓ ପଦ୍ୟ ମିଶ୍ରିତ ଶୈଳୀର ରଚନାକୁ 'ଚମ୍ପୂ' ଭାବରେ ଗ୍ରହଣ କରାଯାଏ। ଏଥିରେ ପଦ୍ୟର କୋମଳତା ଓ ସାଙ୍ଗୀତିକତା ସହିତ ଗଦ୍ୟର ଗୁରୁଗମ୍ଭୀରତା ଥାଏ। ଚମ୍ପୂରେ ଗଦ୍ୟ ଓ ପଦ୍ୟ ସମାବେଶର ଅନୁପାତ କେତେ ହେବ, ସେ ବିଷୟକ ଆଲଙ୍କାରିକ ନିର୍ଦ୍ଦେଶ ନାହିଁ। ଚମ୍ପୂ-ଗଠନରୀତି ସଂପର୍କିତ ନିର୍ଦ୍ଦିଷ୍ଟ ନିୟମର ଅନୁପସ୍ଥିତିରେ ସଂସ୍କୃତ-ଚମ୍ପୂକାରଗଣ ସେମାନଙ୍କ ଚମ୍ପୂରେ ଗଦ୍ୟ ଓ ପଦ୍ୟର ପ୍ରୟୋଗ ଇଚ୍ଛାନୁସାରେ କରିଛନ୍ତି। ସେମାନେ ସାଧାରଣତଃ ପଦ୍ୟଭାଗରେ ମୂଳଭାବ ବା କଥାବସ୍ତୁର ଅବତାରଣା କରିଥିବାବେଳେ ଗଦ୍ୟଭାବରେ ବର୍ଣ୍ଣନା ବା ବିବରଣୀ ପ୍ରଦାନ କରିଥା'ନ୍ତି। ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଅନେକ ଚମ୍ପୂ ରଚିତ ହୋଇଥିଲା। ଉ ର-ଭାରତ ଅପେକ୍ଷା ଦକ୍ଷିଣ-ଭାରତରେ ଅଧିକ ସଂଖ୍ୟକ ଚମ୍ପୂ ରଚିତ ହୋଇଥିବା ଜଣାଯାଏ।

## ୧୯.୧ ପଠନର ଉଦ୍ଦେଶ୍ୟ

ସଂସ୍କୃତ ଚମ୍ପୂର କିଛି ବିଶେଷ ଲକ୍ଷଣ ରହିଛି : ଯେପରି – (୧) ଏହାର ଆକାର ଯାହା ହେଉନା କାହିଁକି ଏହା ବିଭିନ୍ନ ଉଚ୍ଛ୍ୱାସ ବା ଅଧ୍ୟାୟରେ ବିଭକ୍ତ ହେବ। (୨) ଏହାର ବିଷୟବସ୍ତୁ ସାଧାରଣତଃ ପୌରାଣିକ। ସ୍ଥଳବିଶେଷରେ ଏହାର ବ୍ୟତିକ୍ରମରେ ଐତିହାସିକ ବା କିଂବଦନ୍ତୀମୂଳକ ବିଷୟବସ୍ତୁ ଆଧାରରେ ଚମ୍ପୂ ରଚିତ ହୋଇଥିବା ମଧ୍ୟ ଦେଖିବାକୁ ମିଳେ। (୩) ଏହା ସାଧାରଣତଃ ଶୃଙ୍ଗାରରସାତ୍ମକ ବା ବୀରରସାତ୍ମକ; ସ୍ଥଳବିଶେଷରେ ଶାନ୍ତରସର ଉଦ୍‌ବୋଧନ ପାଇଁ ମଧ୍ୟ ଚେଷ୍ଟା କରାଯାଇଥାଏ। (୪) ଚମ୍ପୂ ଏକ  ଖଣ୍ଡକାବ୍ୟ ହୋଇଥିବାରୁ ଚମ୍ପୂର ଅନ୍ୟାନ୍ୟ ଲକ୍ଷଣସବୁ ଖଣ୍ଡକାବ୍ୟର ଲକ୍ଷଣ ଅନୁସାରୀ; ଅର୍ଥାତ୍ ଘଟଣା-ଚୟନ, ଚରିତ୍ରଚିତ୍ରଣ, ଦୃଶ୍ୟରୂପାଦି ବର୍ଣ୍ଣନା ଖଣ୍ଡକାବ୍ୟର ସେହି ସେହି ବିଭାବଭଳି ହୋଇଥାଏ। (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ସମ୍ପାଦନା – ଡ଼କ୍ଟର କୃଷ୍ଣଚରଣ ବେହେରା, ପୃ:୮୯)

## ୧୯.୨ ଭଜନ – ସାହିତ୍ୟର ପରଂପରା :

ସଂସ୍କୃତ ସାହିତ୍ୟରେ ଚମ୍ପୂର ଏକ ସୁପ୍ରାଚୀନ ପରଂପରା ରହିଛି। ଏହାର ଧାରାବାହିକ ରଚନା ୭ମ ଶତାବ୍ଦୀରୁ ଆରମ୍ଭ। ଦଣ୍ଡୀଙ୍କ 'କାବ୍ୟଦର୍ଶ' ରେ ଚମ୍ପୂଜାତୀୟ ରଚନାର ସୂଚନା ରହିଛି। କିନ୍ତୁ ସେ ସମୟରେ ରଚିତ ଚମ୍ପୂର ସନ୍ଧାନ ମିଳେନାହିଁ। ତେଣୁ ସଂସ୍କୃତ ଚମ୍ପୂଗୁଡ଼ିକ ମଧ୍ୟରେ ୯ମ-୧୦ମ  ଶତାବ୍ଦୀରେ ରଚିତ ତ୍ରିବିକ୍ରମ ଭଟ୍ଟଙ୍କ 'ନଳଚମ୍ପୂ' କୁ ପ୍ରାଚୀନତମ ଚମ୍ପୂ ବୋଲି ଗ୍ରହଣ କରାଯାଏ। 'ମଦାଳସା ଚମ୍ପୂ' ନାମରେ ତାଙ୍କର ଆଉ ଏକ ଚମ୍ପୂ-ରଚନା ମଧ୍ୟ ରହିଛି। ତାଙ୍କପରେ ସେହି ୧୦ମ ଶତାବ୍ଦୀରେ ଜୈନଲେଖକ ସୋମଦେବଙ୍କ 'ଯଶସ୍ତିଚଳକ ଚମ୍ପୂ' ଅନ୍ୟତମ ଜୈନକବି ହରିଚନ୍ଦ୍ରଙ୍କର 'ଜୀବନ୍ଧର ଚମ୍ପୂ' ଆଉ ଦୁଇଟି ଉଲ୍ଲେଖନୀୟ କୃତି। ଏତଦ୍‌ବ୍ୟତୀତ ୧୧ଶ ଶତାବ୍ଦୀରେ ରଚିତ ଭୋଜରାଜ ଏବଂ ଲକ୍ଷ୍ମଣ ଭଟ୍ଟଙ୍କ 'ରାମାୟଣ ଚମ୍ପୂ' ଅନନ୍ତଙ୍କ 'ଭାରତ ଚମ୍ପୂ', ଅଭିନବ କାଳିଦାସଙ୍କ 'ଭାରତ ଚମ୍ପୂ', ଅଭିନବ ଭାରତ ଚମ୍ପୂ' ଏବଂ ୧୩ଶ ଶତାବ୍ଦୀରେ ରଚିତ 'ଭାରତେଶ୍ୱରାଭ୍ୟୁଦୟ ଚମ୍ପୂ' ଓ 'ପୁରୁଦେବ ଚମ୍ପୂ' ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ। ପ୍ରାୟ ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ଶତାଧିକ ସଂସ୍କୃତ ଚମ୍ପୂ ରଚିତ ହୋଇଛି। ସେଥିମଧ୍ୟରେ ରହିଛି ଶେଷକୃଷ୍ଣଙ୍କ 'ପାରିଜାତ ହରଣ ଚମ୍ପୂ', ନୀଳକଣ୍ଠ ଦୀକ୍ଷିତଙ୍କର 'ନୀଳକଣ୍ଠ ବିଜୟ ଚମ୍ପୂ', କବି କର୍ଣ୍ଣପୁରଙ୍କ 'ଆନନ୍ଦ ବୃନ୍ଦାବନ ଚମ୍ପୂ', ଜୀବଗୋସ୍ୱାମୀଙ୍କର 'ଗୋପାଳ ଚମ୍ପୂ', ମିତ୍ର ମିଶ୍ରଙ୍କର 'ଆନନ୍ଦକନ୍ଦ ଚମ୍ପୂ', 'ଚିତ୍ର ଚମ୍ପୂ', ନାରାୟଣଙ୍କର 'ସୁଧାସ୍ୱାହା ଚମ୍ପୂ', 'କୁମାରସମ୍ଭବ ଚମ୍ପୂ', 'କବିମନୋରଞ୍ଜନ ଚମ୍ପୂ' 'ରଘୁନାଥ-ବିଜୟ ଚମ୍ପୂ' ଇତ୍ୟାଦି।

ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ସୁଦୃଢ଼ ଓ ସୁପ୍ରାଚୀନ ପରଂପରା ଥିବାରୁ ସର୍ବଭାରତୀୟ ଚମ୍ପୂରଚନା ସହିତ ସମତାଳରେ ଓଡ଼ିଶାର କବିଗଣ ଚମ୍ପୂକାବ୍ୟ ରଚନାରେ ହାତଦେଇ ସଫଳ ହୋଇଥିଲା। ସେସବୁ ସଂସ୍କୃତ ଚମ୍ପୂକାବ୍ୟ ମଧ୍ୟରେ ଚକ୍ରପାଣି ପଟ୍ଟନାୟକଙ୍କ, 'ଗୁଣ୍ଡିଚା ଚମ୍ପୂ', ବାସୁଦେବ ରଥ ସୋମଯାଜୀଙ୍କର 'ଗଙ୍ଗବଂଶାନୁଚରିତ ଚମ୍ପୂ', ନୀଳକଣ୍ଠ ମିଶ୍ରଙ୍କର 'ଭଞ୍ଜମହୋଦୟ ଚମ୍ପୂ', କବିରାଜ ଭଗବାନ ବ୍ରହ୍ମାଙ୍କ 'ମୃଗୟା ଚମ୍ପୂ' ଓ 'ଗୁଣ୍ଡିଚା – ବିଜୟ ଚମ୍ପୂ' ନୀଳାମ୍ବର ଆଚାର୍ଯ୍ୟଙ୍କ 'ଚନ୍ଦନଯାତ୍ରା ଚମ୍ପୂ', ଭୁବନେଶ୍ୱର ମିଶ୍ର ବଡ଼ପଣ୍ଡାଙ୍କ 'ଆନନ୍ଦ ଦାମୋଦର ଚମ୍ପୂ', ପୁରୁଷୋ ମ ରଥଙ୍କ 'ବାମନ ଚମ୍ପୂ', ଯଦୁନାଥ ସିଂହଙ୍କ 'ପ୍ରେମସାଗର ଚମ୍ପୂ', ଭାଗୀରଥି ମିଶ୍ରଙ୍କ 'ନବକିଶୋର ଚମ୍ପୂ' ଉଜ୍ଜ୍ୱଳ ରଥ (କବିସୂର୍ଯ୍ୟଙ୍କ ପିତା) ଙ୍କ 'ସଜ୍ଜନାନନ୍ଦ ଚମ୍ପୂ' ଓ 'ରାମଚମ୍ପୂ', ଜଗନ୍ନାଥ ମିଶ୍ରଙ୍କ 'ଉତ୍ସବ ତରଙ୍ଗିଣୀ ଚମ୍ପୂ' ଓ ଆଦିତ୍ୟପ୍ରସାଦ ଗୁରୁଙ୍କ 'ପୁରଶ୍ଚରଣ ବର୍ଣ୍ଣନ ଚମ୍ପୂ' ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ।

## ୧୯.୨.୧ ଓଡ଼ିଆ ଭଜନ – ସାହିତ୍ୟର ପରଂପରା :

ଏହିପରି ଓଡ଼ିଆ ଭାଷାରେ ଚମ୍ପୂ ରଚିତ ହେବାର ବହୁପୂର୍ବରୁ ସଂସ୍କୃତ ଚମ୍ପୂ – ସାହିତ୍ୟର ଉନ୍ନତ ଧାରାଟିଏ ଥିଲା। ଏହି ଧାରାରେ ଭୋଜରାଜଙ୍କ ଅନୁସରଣରେ କବି ବନମାଳୀ ରଚନା କରିଥିଲେ 'ରାମାୟଣ ଚମ୍ପୂ' (୧୭୫୪)। ଏହା ବନମାଳୀଙ୍କ ଦ୍ୱାରା ରଚିତ ହୋଇଥିଲେ ମଧ୍ୟ କବି ହରିଙ୍କ ନାମରେ ଭଣିତ। ଏହା କବିସୂର୍ଯ୍ୟଙ୍କ ପୂର୍ବବ ୀ ରଚନା ହେଲେହେଁ ବିଶେଷ ଜନପ୍ରିୟ ହୋଇପାରି ନଥିଲା। ସଂସ୍କୃତ ଚମ୍ପୂଧାରାରେ ଅନୁପ୍ରାଣିତ କବିସୂର୍ଯ୍ୟ ରଚନା କଲେ 'କିଶୋରଚନ୍ଦ୍ରାନନ ଚମ୍ପୂ', 'ରତ୍ନାକର ଚମ୍ପୂ' ଇତ୍ୟାଦି। ଏହାହିଁ ଓଡ଼ିଆ ଭାଷାରେ ରଚିତ ସର୍ବପ୍ରଥମ ଚମ୍ପୂରଚନାର ପ୍ରୟାସ। କିନ୍ତୁ ତାଙ୍କପରେ ଓଡ଼ିଆ ଚମ୍ପୂ-ସାହିତ୍ୟର ବିକାଶ ଘଟିନାହିଁ କହିଲେ ଚଳେ। କିଶୋରଚନ୍ଦ୍ରାନନ ଚମ୍ପୂ ଅଶେଷ ଖ୍ୟାତିର ଅଧିକାରୀ ହୋଇପାରିଛି। ଏହାର ସମକକ୍ଷ ଚମ୍ପୂ ଓଡ଼ିଆ ଭାଷାରେ ଦେଖାଯାଏ ନାହିଁ। ଏହାଙ୍କପରେ ଯେଉଁ କେତୋଟି ଓଡ଼ିଆ ଚମ୍ପୂ ରଚିତ ହୋଇଛି ସେସବୁରେ ଚମ୍ପୁତ୍ୱ ନାହିଁ କହିଲେ ଚଳେ। ସେସବୁ ମଧ୍ୟରେ ରହିଛି – (୧) କିଶୋରଚନ୍ଦ୍ର ରାଜେନ୍ଦ୍ରଦେବଙ୍କର 'ଝୁଲଣ ଚମ୍ପୂ', (୨) ବିଶ୍ୱନାଥ ଦେବବର୍ମାଙ୍କ 'ରାଧାଗୋବିନ୍ଦ ଚମ୍ପୂ', (୩) ଗୋବିନ୍ଦ ରାୟଗୁରୁଙ୍କର 'ବୃନ୍ଦାବନଚନ୍ଦ୍ର ଚମ୍ପୂ', (୪) ଦାମୋଦର ସାହୁଙ୍କର 'ଦ୍ୱିପଦୀ ଦାମୋଦର ଚମ୍ପୂ', (୫) ଦାମୋଦର ପଟନାୟକଙ୍କର 'ଜୀବନ ଚମ୍ପୂ', (୬) ମହେନ୍ଦ୍ର ସିଂହସାମନ୍ତଙ୍କର 'ବୃନ୍ଦାବନଚନ୍ଦ୍ର ବିନୋଦ ଚମ୍ପୂ', (୭) ହରିହର ମିଶ୍ରଙ୍କର 'ପ୍ରେମଲହରୀ ଚମ୍ପୂ', (୮) ସାମନ୍ତ ଶ୍ୟାମବନ୍ଧୁ ଦାସଙ୍କର 'ଜାନକୀ ଚମ୍ପୂ', (୯) ବସନ୍ତକୁମାର ଦାସଙ୍କର 'ରସରାଜ ଚମ୍ପୂ', (୧୦) ଅନନ୍ତ ବାବାଙ୍କର 'ବ୍ରହ୍ମଜ୍ଞାନ ଚମ୍ପୂ', (୧୧) ନିତ୍ୟାନନ୍ଦ ପ୍ରକାଶ ବ୍ରହ୍ମଚାରୀଙ୍କର 'ମୋହନାନନ୍ଦ ଚମ୍ପୂ', (୧୨) ଅନନ୍ତଚରଣ ବାବାଙ୍କର 'ମହିମାଜୀବନ ଚମ୍ପୂ', (୧୩) ବୀରମିତ୍ର ସିଂହଦେବଙ୍କର 'କୃଷ୍ଣପ୍ରେମୋଦୟ ଚମ୍ପୂ', (୧୪) ନବକିଶୋର ମହାନ୍ତିଙ୍କର 'କିଶୋରବିଳାସ ଚମ୍ପୂ', (୧୫) ନିର୍ଦ୍ଧୁମ ଧୂମକେତୁ ମିସ୍ତ୍ରୀ (ଗୋପୀନାଥ ସିଂହଦେଓ)ଙ୍କର 'ସାମନ୍ତ ସମ୍ମୋହନ ଚମ୍ପୂ', (୧୬) କପିବର ହନୁମନ୍ତ ନକଲନବିସ୍ (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)ଙ୍କର 'ଚଟକଚନ୍ଦ୍ରହାସ ଚମ୍ପୂ', (୧୭) ଲାଲମୋହନ ପଟ୍ଟନାୟକଙ୍କର 'ଜୀବନଚମ୍ପୂ', (୧୮) ବାଳକୃଷ୍ଣ ପଟ୍ଟନାୟକଙ୍କର 'ଜାତୀୟ ଚମ୍ପୂ', (୧୯) ଏ. ରାମମୂ ି ବେହେରାଙ୍କର 'ଶ୍ରୀରାଧାମାଧବ ଚମ୍ପୂ', (୨୦) ସୁନ୍ଦରମଣି ପଟ୍ଟନାୟକଙ୍କର 'କିଶୋରୀଚନ୍ଦ୍ରାନନ୍ଦ ଚମ୍ପୂ', (୨୧) କୁଳମଣି ମହାରଣାଙ୍କର 'ବୈଦେହୀଶ ଚମ୍ପୂ' ଇତ୍ୟାଦି।

## ୧୯.୨.୨ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଚମ୍ପୂତ୍ୱ :

କିଶୋରଚନ୍ଦ୍ରାନନ୍ଦ ଚମ୍ପୂକୁ କେହି କେହି ଏକ ନିଛକ ଚମ୍ପୂ ବୋଲି ସ୍ୱୀକାର କରିବା ବେଳେ କେହି କେହି ଏହାର ଚମ୍ପୂତ୍ୱକୁ ସ୍ୱୀକାର କରନ୍ତି ନାହିଁ। କାରଣ ଏହାର ଗଠନରୀତି ବା ଆଙ୍ଗିକ ବୈଚିତ୍ର୍ୟ। ଏଥିରେ ୩୪ଶା ରୀତିରେ ଓଡ଼ିଆ ବର୍ଣ୍ଣମାଳାର ୩୪ଟି ବର୍ଣ୍ଣ ମଧ୍ୟରୁ ପ୍ରତ୍ୟେକ ବର୍ଣ୍ଣକୁ କ୍ରମାନ୍ୱୟରେ ଅଧ୍ୟାୟର ଆରମ୍ଭରେ ରଖାଯାଇ ରଚିତ ହୋଇଛି ୩୪ଟି ଓଡ଼ିଆ ଗୀତ। ପ୍ରତି ଓଡ଼ିଆ ଗୀତପରେ ଖଞ୍ଜି ଦିଆଯାଇଛି ସଂସ୍କୃତ ପଦ୍ୟ ଓ ଗଦ୍ୟମିଶ୍ରିତ ଏକ ରଚନା। ଏହିପରି ୩୪ଟି ଓଡ଼ିଆ ଗୀତ ସାହିତ୍ୟ ଏଥିରେ ରହିଛି ସଂସ୍କୃତ ମଙ୍ଗଳାଚରଣ ବ୍ୟତୀତ ୩୪ଟି ସଂସ୍କୃତ ପଦ୍ୟ ଓ ଗଦ୍ୟମିଶ୍ରିତ ରଚନା। ୩୪ଟି ଓଡ଼ିଆ ଗୀତକୁ ବାଦ୍‌ଦେଲେ ଏହାର ସଂସ୍କୃତ ପଦ୍ୟଗଦ୍ୟମିଶ୍ରିତ ମଙ୍ଗଳାଚରଣ ଏବଂ ସଂସ୍କୃତ ଗଦ୍ୟପଦ୍ୟମିଶ୍ରିତ ଯେଉଁ ୩୪ଟି ରଚନା ରହିଲା, ତାହାର ସମଷ୍ଟିରୁ ହିଁ ସଫଳ ସଂସ୍କୃତ ଚମ୍ପୂ ଯାହାର ନାମ କିଶୋରଚନ୍ଦ୍ରାନନ ଚମ୍ପୂ।

କିନ୍ତୁ ଏଥିରେ ସଂଯୋଜିତ ୩୪ଟି ଓଡ଼ିଆ ଗୀତ ବା ଚଉପଦୀ ଏହାର ଚମ୍ପୂତ୍ୱକୁ ବିବାଦୀୟ କରିଦିଏ। ମନେହୁଏ, ସଂସ୍କୃତରେ ବହୁ ପାଣ୍ଡିତ୍ୟରେ ଅଧିକାରୀ କବିସୂର୍ଯ୍ୟ ପ୍ରଥମେ ଚମ୍ପୂଶୈଳୀରେ ୩୪ଟି ଅଧ୍ୟାୟରେ ଓ ୩୪ଟି ପଦ୍ୟଗଦ୍ୟମିଶ୍ରିତ ରଚନାରେ ସମୃଦ୍ଧ ସଂସ୍କୃତ ଚମ୍ପୂଟିଏ ରଚନା କରିଥିଲେ; କିନ୍ତୁ ସଂସ୍କୃତ ବିଦ୍ୱାନମାନଙ୍କ ବ୍ୟତୀତ ସାଧାରଣ ପାଠକମାନଙ୍କ ପାଇଁ ତାହାର ମହ ୍ୱ କିଛି ନଥିଲା। ତେଣୁ ସାଧାରଣ ପାଠକମାନଙ୍କ ପାଇଁ ସେ ପ୍ରତ୍ୟେକ ଅଧ୍ୟାୟର ଆଦ୍ୟରେ ଗୋଟିଏ ଗୋଟିଏ ପ୍ରସଙ୍ଗାନୁସାରୀ ରସପୂର୍ଣ୍ଣ ଓଡ଼ିଆ ଚଉପଦୀ ବା ସଂଗୀତ ସଂଯୁକ୍ତ କଲେ, ଯାହା ଉଭୟ ସଂସ୍କୃତ ଓ ଓଡ଼ିଆ କାବ୍ୟାମୋଦୀ ପାଠକମାନଙ୍କଦ୍ୱାରା ଆଦୃତ ହୋଇପାରିଲା; ଅର୍ଥାତ୍ ସର୍ବଜନଗ୍ରାହୀ ହୋଇପାରିଲା। ଫଳରେ ଏହାର ଚମ୍ପୂତ୍ୱ ବଜାୟ ରହିଲା ଓ ସର୍ବଜନଗ୍ରାହ୍ୟତା ବଢ଼ିଲା।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ସଙ୍ଗୀତଶାସ୍ତ୍ରର ନିୟମାନୁସାରେ ଚମ୍ପୂ ବୋଲି ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଏକ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାରେ ପ୍ରକାଶ କରିଛନ୍ତି। ଓଡ଼ିଶାରେ 'ଚମ୍ପୂ' କହିଲେ କେବଳ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'କୁ ହିଁ ବୁଝାଏ।

## ୧୯.୨.୩ ଭଜନ ର ନାମକରଣ :

'କିଶୋରଚନ୍ଦ୍ରାନନ୍ଦ'ର ଅର୍ଥ କିଶୋରଚନ୍ଦ୍ରଙ୍କ ଆନନ୍ଦ, ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଆନନ୍ଦ। ତେଣୁ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ଅର୍ଥ ଯେଉଁ ଚମ୍ପୂ କିଶୋରଚନ୍ଦ୍ର ଶ୍ରୀକୃଷ୍ଣଙ୍କ ଆନନ୍ଦ ବିଷୟକ କଥାବସ୍ତୁକୁ ନେଇ ରଚିତ। ଏହାକୁ ଶ୍ରବଣ କଲେ ଶ୍ରୀକୃଷ୍ଣଙ୍କ ହୃଦୟରେ ଧରି ରଖିବାକୁ ଭଳି ଆନନ୍ଦ ମିଳେ। ଏଣୁ ଏହାର ଏପରି ନାମକରଣ। ବିସୂର୍ଯ୍ୟ କିଶୋରଚନ୍ଦ୍ରଙ୍କ ଆନନ୍ଦ ବର୍ଣ୍ଣନ କରି ଚମ୍ପୂ ରଚନା କରିଥିବାରୁ ତାଙ୍କ ଆନନ୍ଦର ସୀମା ନାହିଁ। ତେଣୁ ସେ ନିଜ ଚମ୍ପୂକାବ୍ୟର ନାମ ରଖିଛନ୍ତି 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'।

କେହି କେହି ଏହି ରଚନାକୁ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଭାବରେ ନାମିତ କରିଛନ୍ତି କିନ୍ତୁ ଏହାକୁ ଭ୍ରମାତ୍ମକ। କାରଣ 'କିଶୋରଚନ୍ଦ୍ରାନନ' କହିଲେ ବୁଝାଯାଏ ଶ୍ରୀକୃଷ୍ଣଙ୍କ ଆନନ ବା ମରକ୍ଷକ୍ଷକୁ ଆଲୋଚ୍ୟ ଚମ୍ପୂ ଶ୍ରୀକୃଷ୍ଣଙ୍କ ମୁଖର ଆନନ୍ଦ ବିଷୟକ ରଚନା ନୁହେଁ। ଏଥିରେ ଅର୍ଥଗତ ଅସଙ୍ଗତି ରହୁଛି। ତେଣୁ ଯଥାର୍ଥରେ ଏହି ଚମ୍ପୂର ନାମ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ', 'କିଶୋରଚନ୍ଦ୍ରାନନ ଚମ୍ପୂ' ନୁହେଁ।

## ୧୯.୩ ଚମ୍ପୂର ସଂକ୍ଷିପ୍ତ କଥାବସ୍ତୁ :

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଓଡ଼ିଆ କୃଷ୍ଣକାବ୍ୟଧାରାରେ ଏକ ଅମଳିନ କୃତି। ରାଧାକୃଷ୍ଣଙ୍କ ମାଧୁର୍ଯ୍ୟଲୀଳା ଏହାରର କଥାବସ୍ତୁର ଭି ି। କେବଳ କବିସୂର୍ଯ୍ୟ ନୁହନ୍ତି, ତାଙ୍କ ପୂର୍ବବ ୀ ବହୁକବି ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟଲୀଳା ଅପେକ୍ଷା ମାଧୁର୍ଯ୍ୟଲୀଳା ବର୍ଣ୍ଣନାରେ ବିଶେଷ ଧ୍ୟାନ ଦେଉଥିଲେ। ଏହି ଧାରାରେ ଚମ୍ପୂର ପରିକଳ୍ପନା ଓ ରଚନା। ଏହାର ବିଷୟବସ୍ତୁ ଗତାନୁଗତିକ

ହେଲେ ହେଁ ଏଥିରେ ପୂରିରହିଛି ଚମତ୍କାରିତା ଓ ଶୈଳୀଗତ ରମଣୀୟତା। ଖଣ୍ଡକାବ୍ୟ ରୀତିରେ ଏହା ରଚିତ। ଏହାର ସଂକ୍ଷିପ୍ତ କଥାବସ୍ତୁ ଏହିପରି -

ହଠାତ୍ ଦିନେ ଯମୁନାକୂଳସ୍ଥ ମନୋରମ କଦମ୍ବକୁଞ୍ଜରେ ରାଧାଙ୍କର ଦୃଟ୍ଟି ଭିତରେ ପଶିଆସିଛନ୍ତି ଚି ଚୋର ଶ୍ରୀକୃଷ୍ଣ। ସୁନ୍ଦର କାନ୍ତିସଂପନ୍ନ କୃଷ୍ଣ ହାତରେ ବଂଶୀଧରି ଅପୂର୍ବ ଭଙ୍ଗୀରେ ଦଣ୍ଡାୟମାନ। ମୁଖରେ ସ୍ମିତହସ। ରାଧା ବିମୋହିତ ହୋଇଯାଇଛନ୍ତି। ମନ ଭିତରେ ତାଙ୍କ ସହିତ ମିଳିତ ହେବାର ପ୍ରବଳ ଇଚ୍ଛା ଜାଗ୍ରତ ହୋଇଛି। ସେ ନିଜକୁ ଆୟ ରେ ରଖିପାରିନାହାନ୍ତି। ପରଦିନ ପ୍ରିୟସଖୀ ଲଳିତାକୁ ନିଜ ମନକଥା ଜଣାଇଛନ୍ତି। ମିଳନର ପନ୍ଥା ପଚାରିଛନ୍ତି। ରାଧାଙ୍କର ପ୍ରବଳ ମିଳନେଚ୍ଛା ଜାଣିବାପରେ ଚତୁରୀ ଲଳିତା ଏ ପଥରେ ଅଧିକ ଆଗେଇବାକୁ ତାଙ୍କୁ ବାରଣ କରିଛନ୍ତି। ତଥାପି ରାଧା ଲଳିତାଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି, ତାଙ୍କୁ ଶ୍ରୀକୃଷ୍ଣଙ୍କ ନିକଟକୁ ପଠାଇଛନ୍ତି; କିନ୍ତୁ ଲଳିତା ମିଳନର ପଥ ସୁଗମ କରିବାଦିଗରେ ଚେଷ୍ଟିତା ଥିଲେ ମଧ ଉଭୟଙ୍କ ମଧରେ ମିଳନର ପିପାସା ପ୍ରବଳ କରିବାରେ ଇନ୍ଧନ ଯୋଗାଇଛନ୍ତି। ଶେଷରେ ରାଧାଙ୍କୁ ଧରି ସେ କୁଞ୍ଜବନରେ ପହ୍ଞ୍ଚଛନ୍ତି ଓ ଅନ୍ତରାଳରେ ରହି ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ଭୁବନମୋହନ ବେଶ ଦେଖାଇଛନ୍ତି। ପରେ ମିଳନପର୍ବର ସୂତ୍ରପାତ ହୋଇଛି। ଶ୍ରୀକୃଷ୍ଣଙ୍କ ସହିତ ରାଧାଙ୍କର ସାରାରାତି ବିତିଯାଇଛି। ପ୍ରଭାତରେ ନିବିଡ଼ ବାହୁବନ୍ଧନରୁ ମୁକୁଳି ରାଧା ଫେରିବାବେଳେ ସଖୀମାନଙ୍କର ଥଟ୍ଟ-ପରିହାସର ଶିକାର ହୋଇଛନ୍ତି। ଶ୍ରୀକୃଷ୍ଣ ବି ଯମୁନାକୁ ସ୍ନାନ କରିବାକୁ ଯିବାବେଳେ ସଖା ମଧୁମଙ୍ଗଳର ଆଖିରେ ଧରାପଡ଼ିଯାଇଛନ୍ତି। ସେ ମଧୁମଙ୍ଗଳକୁ ସବୁକଥା କହି ଏହାକୁ ଗୋପନ ରଖିବାକୁ ଅନୁରୋଧ କରିଛନ୍ତି। ସେହି ଦୁଇଜଣଙ୍କ ସାଙ୍ଗରେ ଅନ୍ୟସଖାମାନେ ମଧ ମିଳିଯାଇଛନ୍ତି। ମୃଦଙ୍ଗ, ବଂଶୀ, ଶିଙ୍ଗା ନାଦ ମଧରେ ଶ୍ରୀକୃଷ୍ଣ ସଖାମାନଙ୍କ ମେଳରେ ନୃତ୍ୟ ଆରମ୍ଭ କରିଛନ୍ତି। ଦୂରୁ ଗୋପାଙ୍ଗନାମାନେ ଏ ଦୃଶ୍ୟ ଉପଭୋଗ କରୁଥା'ନ୍ତି। ସଖାମାନଙ୍କ ମେଳରେ ଶ୍ରୀକୃଷ୍ଣ ନୃତ୍ୟ କରିକରି ଯମୁନାବାଲିରେ ପହ୍ଞ୍ଚଯାଇଛନ୍ତି। ତାଙ୍କୁ ନିକଟରେ ଦେଖି ଗୋପୀମାନେ ଉଲ୍ଲସିତ ହୋଇଛନ୍ତି, ତାଙ୍କ ସହିତ ମିଳିତ ହେବାର କାମନା ପୋଷଣ କରିଛନ୍ତି।

## ୧୯.୪ ଚମ୍ପୂରେ ଚରିତ୍ରଚିତ୍ରଣ :

ମଧ୍ୟଯୁଗୀୟ ଓଡ଼ିଆ କବିଗଣ କାବ୍ୟରଚନାକାଳରେ ରସ ଓ ଆଳଙ୍କାରିକତା ପ୍ରତି ଯେତିକି ଧ୍ୟାନ ଦେଉଥିଲେ, ଚରିତ୍ରଚିତ୍ରଣ ପ୍ରତି ସେତିକି ଦୃଷ୍ଟି ଦେଇପାରୁ ନଥିଲେ। ଯେଉଁ ଚରିତ୍ରସବୁ ସେମାନଙ୍କ କାବ୍ୟରେ ରହୁଥିଲେ ସେମାନଙ୍କୁ ଚିତ୍ରଣ କରିବାରେ ମଧ କିଛି ରୀତିଯୁଗୀୟ କାବ୍ୟାଦର୍ଶ ଅନୁସରଣ କରିବାକୁ ପଡୁଥିଲା। ନାୟକ-ନାୟିକା ଥିଲେ ଉଚ୍ଚକୁଳ ବା ରାଜ୍ୟବଂଶଜ। ସେମାନଙ୍କ ପ୍ରେମ ବର୍ଣ୍ଣନା ମଧରେ ଅନୁରାଗ, ମିଳନ, ବରହ, ପୁନର୍ମିଳନ ଆଦି ଖଞ୍ଜିବାକୁ ପଡୁଥିଲା। ଗୌଡ଼ୀୟ ବୈଷ୍ଣବ କବିଗଣ କୃଷ୍ଣକାବ୍ୟ ରଚନାରେ ହାତଦେଲେ ସେମାନଙ୍କୁ ପରକୀୟା ପ୍ରୀତି-ଅନୁକୂଳ ପରିବେଶ, ନାୟକ, ନାୟିକା ଇତ୍ୟାଦି ଗଢ଼ିବାକୁ ପଡୁଥିଲା। ପୂର୍ବରାଗ, ଅଭିସାର, ମିଳନ, ବିରହ ଇତ୍ୟାଦି ବଭାବ ପ୍ରତି ଦୃଷ୍ଟିଦେବାକୁ ପଡୁଥିଲା। ଏସବୁ ରଚନାରେ ନାୟକ - ନାୟିକାଦି ଚରିତ୍ର ସୀମିତ ରହୁଥିଲେ। ଆଲୋଚ୍ୟ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ କାବ୍ୟ ପରକୀୟାପ୍ରୀତି ଆଧାରିତ ଏବଂ ଏଥିରେ ଗତାନୁଗତିକ କଥାବସ୍ତୁ ଧାରାରେ ମାତ୍ର ତିନୋଟି ମୁଖ୍ୟ ଚରିତ୍ର ଅବତାରଣା କରାଯାଇଛି – ଶ୍ରୀକୃଷ୍ଣ, ଶ୍ରୀରାଧା ଓ ଲଳିତା। ସଖା ମଧୁମଙ୍ଗଳ ଚରିତ୍ରଟି ଅତ୍ୟନ୍ତ ଗୌଣ ଓ କେବଳ ଗୋଟିଏ ଗୀତରେ ହିଁ ଏହାଙ୍କ ଆବିର୍ଭାବ। ଏଠାରେ ତିନି ମୁଖଚରିତ୍ରର ବିଶ୍ଳେଷଣ କରିବା ଆମର ଲକ୍ଷ୍ୟ।

### ୧୯.୪.୧ ଶ୍ରୀକୃଷ୍ଣ :

ଶ୍ରୀକୃଷ୍ଣ ଚମ୍ପୂକାବ୍ୟର ନାୟକ; ବ୍ରଜଲୀଳା ବା ମାଧୁର୍ଯ୍ୟ ଲୀଳାର କେନ୍ଦ୍ରବିନ୍ଦୁ। ଏହି ମାଧୁର୍ଯ୍ୟଲୀଳାର ମୁଖ୍ୟ ଉପାଦାନସବୁ ହେଉଛି – ବଂଶୀସ୍ୱନ, କାଳିନ୍ଦୀତଟ, ଗୋପବାଳାଙ୍କ ସହିତ ରାସଲୀଳା, ରାଧାଙ୍କ ସହିତ ଗୋପନ ମିଳନ ଇତ୍ୟାଦି। ଏହା ତାଙ୍କର ମାନବୀୟ ଲୀଳା। ଚମ୍ପୂର ମଙ୍ଗଳାଚରଣରେ ତାଙ୍କୁ ପରମକାରୁଣିକ, ପରମପୁରୁଷ ଭାବରେ ବର୍ଣ୍ଣନା କରାଯାଇଥିଲେ ହେଁ ଏବଂ ତାଙ୍କଠାରେ ଆଧ୍ୟାତ୍ମିକତା ଆରୋପିତ ହୋଇଥିଲେ ହେଁ ତାଙ୍କ ମାଧୁର୍ଯ୍ୟଲୀଳା ବର୍ଣ୍ଣିତ ପରବର୍ତ୍ତୀ ଗୀତଗୁଡ଼ିକରେ ସେ ପରକୀୟାପ୍ରୀତି ପାଗଳ ଏକ ଭିନ୍ନ କୃଷ୍ଣ। ତାଙ୍କ ଭିତରେ ଆଧ୍ୟାତ୍ମିକତା ଖୋଜିବା ବୃଥା। ଅଳଙ୍କାରଶାସ୍ତ୍ର ଅନୁଯାୟୀ ସେ ଧୀରଲଳିତ ନାୟକ, ଓ ସଂସ୍କୃତ-ରୀତି ଅନୁସାରେ ସେ ଦକ୍ଷିଣ-ନାୟକ। ଏକାଧିକ ରମଣୀପ୍ରୀତିରେ ମଜ୍ଜି ରହିବା ହେଉଛି ଦକ୍ଷିଣ ନାୟକର ଲକ୍ଷଣ।

କବିସୂର୍ଯ୍ୟଙ୍କ ଲେଖନୀରେ କୃଷ୍ଣ ଜଣେ ଉଚ୍ଛୃଙ୍ଖଳ ଯୁବକ। ସେ ରାଧାଙ୍କୁ ପ୍ରଥମେ ଦେଖନ୍ତି ବାତାୟନ ପଥରେ। ସେ ତାଙ୍କ ରୂପରେ ମୋହିତ ହୋଇଯାଆନ୍ତି। ସେହିଦିନୁ ତାଙ୍କୁ କାମପୀଡ଼ା ବ୍ୟଥିତ କରେ। ସେ ନିଜ କାମଦଶା ବର୍ଣ୍ଣନ କରି କହନ୍ତି –

"ଜହରକୁ ଗୋଳି ଦେଲାପରି ଗିଳି, ମୋହର ଦେହରେ ପୀଡ଼ା ଗଲା ବଳି
ଜୀବନାଶା ଟଳି ଯାଉଅଛି କଳି ପାରୁନାହିଁ ମୁଁ ମୋ ହୃଦନ୍ତର।" ('ଜ' ଗୀତ)

ଖାଲି ସେତିକି ନୁହେଁ ସେହି କିଶୋରୀକୁ ପାଇଲେ ସେ ତାକୁ ଗୋଟିକଯାକ ପିଇଦିଅନ୍ତେ ବୋଲି ମଧ୍ୟ ପ୍ରକାଶ କରନ୍ତି। ଯଥା – "ପିଇ ଦିଅନ୍ତକି ଗୋଟିକଯାକ ସେ କଶୋରୀକି ରେ।" ('ଢ' ଗୀତ) ଏହା ଜଣେ ପରକୀୟା-ପ୍ରୀତିଲାଳସୀ କାମୁକ ଯୁବକର ଉକ୍ତି ଭିନ୍ନ ଅନ୍ୟ କିଛି ହୋଇ ନ ପାରେ ବୋଲି ମନେହୁଏ।

ସେ ରାଧାଙ୍କ ଅଙ୍ଗସଙ୍ଗ ଲାଭପାଇଁ ବ୍ୟାକୁଳ ହୋଇପଡ଼ନ୍ତି। ଏଥିପାଇଁ ଲଳିତାଙ୍କୁ ମାଧ୍ୟମ କରନ୍ତି। ତାଙ୍କୁ ତୋଷାମଦପୂର୍ଣ୍ଣ ବାଣୀ ଶୁଣାନ୍ତି। ଏହିପରି – "ନ ଭାଙ୍ଗରେ ଶୁଭାଙ୍ଗି, ଭାରତୀ ହୁଅ ସାହା।" ('ଞ' ଗୀତ) ତାଙ୍କ ଚାଟୂକ୍ତି କାମ କରେ। ଲଳିତା ରାଧାଙ୍କୁ ଆଣି ତାଙ୍କ ପାଖରେ ପହଞ୍ଚାନ୍ତି। ସମ୍ଭୋଗଶୃଙ୍ଗାର ପରେ ରତିକ୍ଳାନ୍ତା ରାଧିକାଙ୍କୁ କୋଳରେ ବସାଇ କୃଷ୍ଣ ଚାଟୂକ୍ତି ପ୍ରକାଶ କରନ୍ତି।

"ଯୋଷାବରରେ, ଯଥାର୍ଥରେ ଜାଣ ମୁଁ ତୋହରରେ,
ଯାମଳଭୂଧରନିଭପୟୋଧର ମରଦନିଆ ଚାକର ରେ।"

ଅର୍ଥାତ୍ ଆରେ ନାରୀରତନ, ଯଥାର୍ଥରେ ମୁଁ ପର୍ବତପରି ଦେଖାଯାଉଥିବା ତୋର କୁଚଦ୍ୱୟରେ ମର୍ଦ୍ଦନକାରୀ ଚାକର। ଶ୍ରୀକୃଷ୍ଣଙ୍କର ଏହି ଚାଟୁବାଣୀ ମନେପକାଇଦିଏ 'ଗୀତଗୋବିନ୍ଦ' ର ଅନୁରୂପ ଧାଡ଼ିଟି – "ଦେହି ପଦପଲ୍ଲବମୁଦାରମ୍"; ଅର୍ଥାତ୍ କୋମଳପତ୍ରସମ ତମର ପାଦଦୁଇଟିକୁ ମୋ ମୁଣ୍ଡଉପରେ ରଖିଦିଅ।" ଚାଟୁ ପ୍ରୟୋଗ କରି କାର୍ଯ୍ୟହାସଲ କରିବାରେ ଧୂର୍ତ୍ତ ଓ ଚରମ ଉଚ୍ଛୃଙ୍ଖଳାର ନାୟକ ଚମ୍ପୂର ଶ୍ରୀକୃଷ୍ଣଙ୍କ ଅସଲ ରୂପ ଉଦ୍‌ଘାଟନ କରି ଡ଼କ୍ଟର ଜାନକୀବଲ୍ଲଭ ମହାନ୍ତି ମତ ଦିଅନ୍ତି – "କବିସୂର୍ଯ୍ୟଙ୍କ କୃଷ୍ଣ ଏକ ଅସଂଯତ ଯୁବକ ପରି ରାଧାଙ୍କ 'ଉପବନ ଅୟନ' ଓଗାଳନ୍ତି, ଅମ୍ଳାନ କେତକୀ ଦଳରେ ପତ୍ରଲେଖି ରାଧାଙ୍କ ନିକଟକୁ ପଠାନ୍ତି, ଅତର୍କିତ ଭାବରେ ଆସି ରାଧାଙ୍କ ଗଳାରେ ଫୁଲମାଳଟିଏ ପକାଇ ଦିଅନ୍ତି। ସଙ୍କେତ ସ୍ଥଳକୁ ଆସିବାକୁ ଓ ତାଙ୍କୁ କାମପୀଡ଼ାରୁ ଉଦ୍ଧାର କରିବାକୁ ଦୂତୀ ହାତରେ ଶ୍ରୀରାଧାଙ୍କ ନିକଟକୁ ସମ୍ବାଦ ପଠାନ୍ତି। ଏଥିରୁ ଶ୍ରୀକୃଷ୍ଣଙ୍କ ଚରିତ୍ର ଅନୁମେୟ।" (କବିସୂର୍ଯ୍ୟ ବଳଦେବ ରଥ, ପୃ:୧୯)

ପ୍ରେମବ୍ୟାପାରରେ ସେ ଧୂର୍ତ୍ତଙ୍କ ଗୁରୁ। ସେହିକଥା ରାଧା ବି କହିଛନ୍ତି ଲଳିତାଙ୍କୁ – "ଧରାରେ ଯେତେ ପୁରୁଷେ, ଧୂର୍ତ୍ତ ତାହାଙ୍କ ଗୁରୁ ସେ" ବୋଲି। ତାଙ୍କ ଧୂର୍ତ୍ତପଣିଆର ଆଉ ଏକ ଉଦାହରଣ ଦିଆଯାଇପାରେ। ରାତିସାରା ରାଧାଙ୍କ ସହିତ

ସୁରତିରେ ମାତି ସକାଳେ ସ୍ନାନ ଉଦ୍ଦେଶ୍ୟରେ ଯମୁନା ଯିବାବାଟରେ ସଖା ମଧୁମଙ୍ଗଳଙ୍କ ସହିତ ତାଙ୍କର ଦେଖା ହୋଇଯାଇଛି। ତାଙ୍କ ଶରୀରରେ କାମକ୍ରୀଡ଼ାର କେତେକ ବିଲକ୍ଷଣ ଦେଖି ମଧୁମଙ୍ଗଳ ତାଙ୍କୁ ଏ ବିଷୟରେ ପଚାରିଛନ୍ତି; କିନ୍ତୁ ସେ ମୁଖରେ ହସଫୁଟାଇ ଏକଥାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ଏକଥା ତାଙ୍କ ପିତାମାତାଙ୍କୁ କହିବାର ଧମକ ମଧୁମଙ୍ଗଳ ଦେବାପରେ ସେ ସତ୍ୟ ସ୍ୱୀକାର କରିଛନ୍ତି ଏବଂ ଏକଥା ପ୍ରଘଟନ କରିବାକୁ ତାଙ୍କୁ ଦୁହାଁଳିଆ ଗାଈ ପ୍ରଦାନ କରିବାର ଲୋଭ ଦେଖାଇଛନ୍ତି। ଏହା ତାଙ୍କ ଚରମ ଧୂର୍ତ୍ତତାର ପରିଚୟ।

ଶ୍ରୀକୃଷ୍ଣଙ୍କୁ ମାନବାୟିତ କରି କବିସୂର୍ଯ୍ୟ ତାଙ୍କ ମାନବଲୀଳାର ଚିତ୍ର କେବଳ ଦେଇନାହାନ୍ତି, ସେ ତାଙ୍କ ପରମକାରୁଣିକ ଦେବାୟିତ ରୂପ ମଧ ଆଙ୍କିଛନ୍ତି ଆଲୋଚ୍ୟ ଚମ୍ପୂରେ। ମଙ୍ଗଳାଚରଣରେ ସେ ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅଲୌକିକ ଲୀଳା ଭାବରେ ଅଭିହିତ କରିଛନ୍ତି। 'କ୍ଷ' ରୀତିରେ କବିଙ୍କ ଲେଖନୀରେ ସେ କ୍ଷମାସାଗର, ଦୟାଶୀଳ ଓ ପରମପିତା। ସେ ଅମିତ ବଳଶାଳୀ। ସାରା ବିଶ୍ୱର ମହାଭୟ ବିନାଶକାରୀ। ସେ ଦେବତାମାନଙ୍କର ପରମପୂଜ୍ୟ।

ଏହିଭଳି କବିଙ୍କ ଲେଖନୀରେ ଶ୍ରୀକୃଷ୍ଣ ବ୍ରଜଲୀଳାକାଳରେ ଗୋପବାଳକ, ଗୋପୀ ଓ ରାଧାଙ୍କ ପ୍ରାଣବଲ୍ଲଭ, ରାଧାଙ୍କ ପ୍ରେମଲାଳସୀ ପରକୀୟା ପ୍ରେମିକ ଏବଂ ତାତ୍ତ୍ୱିକ ଦୃଷ୍ଟିରେ ପରମକାରୁଣିକ, ସର୍ବଗୁଣାଧାର, ଦେବତାଙ୍କର ଦେବତା ସର୍ବପୂଜ୍ୟ ପରଂବ୍ରହ୍ମ।

**୧୯.୪.୨. – ଶ୍ରୀରାଧା** :

ଶ୍ରୀରାଧା ଚମ୍ପୂକାବ୍ୟର ନାୟିକା, ପରକୀୟାପ୍ରୀତି - ପୂଜାରିଣୀ। କୃଷ୍ଣପ୍ରେମରେ ସେ ନିମଜ୍ଜିତା। ସଂଭ୍ରାନ୍ତ ପରିବାରର ବୋହୂ ହେଲେ ବି ସେ କୃଷ୍ଣପ୍ରେମ -ପାଗଳିନୀ। ବିବେକ ଅପେକ୍ଷା ଦେହର ଆହ୍ୱାନ ତାଙ୍କପାଇଁ ବଡ଼। ତେଣୁ ବୈଷ୍ଣବତତ୍ତ୍ୱାନୁଯାୟୀ ସେ ମହାଭାବସ୍ୱରୂପିଣୀ ନୁହନ୍ତି, ସେ ରକ୍ତମାଂସର ମଣିଷ। କବିସୂର୍ଯ୍ୟଙ୍କ ଲେଖନୀରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ଉତ୍କଣ୍ଠିତା ପ୍ରେମିକା କୃଷ୍ଣଙ୍କ ସାହଚର୍ଯ୍ୟ ଲାଭ ତାଙ୍କର ଏକାନ୍ତ କାମନା।

ଆକସ୍ମିକ ଭାବରେ ରାଧା କୃଷ୍ଣଙ୍କୁ ଦେଖିଛନ୍ତି କଦମ୍ବମୂଳରେ ମୁରଲୀସ୍ୱନ ଛୁଟାଉଥିବାବେଳେ। ସେ କୃଷ୍ଣଙ୍କ ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯାଇଛନ୍ତି। କୃଷ୍ଣଙ୍କ ପାଇଁ ତାଙ୍କ ମନରେ ଜାତ ହୋଇଛି ଅଦମ୍ୟ ଦୁର୍ବଳତା, ସମସ୍ତ ଲଜ୍ଜାତେଜି ସେ ତାଙ୍କ ସହିତ ଉଭାରତିରେ ମଜ୍ଜିଯିବାର ଦୁର୍ବାର କାମନା। ଏଠାରେ ରାଧା ପ୍ରେମପାଗଳିନୀ ଏକ କାମୁକା ନାୟିକା। ସେ ସଖୀ ଲଳିତାଙ୍କୁ ନିଜ ମନକଥା ଜଣାଇଛନ୍ତି, ଆଉ କୃଷ୍ଣଙ୍କ ସହିତ ମିଳନ ପାଇଁ ବାଟ ଫିଟାଇବାକୁ ଅନୁରୋଧ କରିଛନ୍ତି। ଲଳିତା କିନ୍ତୁ ତାଙ୍କ ପ୍ରେମପରୀକ୍ଷା କରିବା ଉଦ୍ଦେଶ୍ୟରେ ତାଙ୍କୁ ଏ ପଥରୁ ନିବୃତ୍ତ ହେବାକୁ କହିଛି, ଛଳନାପୂର୍ଣ୍ଣ ବ୍ୟବହାର କରିଛି। ପ୍ରେମପାଗଳିନୀ ରାଧା ଏଥିରେ କିନ୍ତୁ ଦବିଯାଇ ନାହାନ୍ତି। ସେ ଲଳିତାଙ୍କୁ କହୁଛନ୍ତି ଯେ ସେ ଗୋଡ଼ ଖସାଇ ସାରିଛନ୍ତି ଓ କୃଷ୍ଣପ୍ରେମରେ ବୁଡି ଯାଇଛନ୍ତି। ସେଇ ପ୍ରେମ କିପରି ସଫଳ ହେବ ତାହା ତାଙ୍କ (ଲଳିତା) ଉପରେ ନିର୍ଭର କରୁଛି। ତାଙ୍କ ଭାଷାରେ – "ଗୋଡ଼ ଖସି ଖେଦ ହେବାର ଦରଜ ଯିବାର ଉପାୟ କହ।" ଚତୁରୀ ଲଳିତା ଯମୁନାତଟ କୁଞ୍ଜକୁ ଯାଇଛନ୍ତି, କୃଷ୍ଣଙ୍କୁ ଭେଟଛନ୍ତି। ରାଧାଙ୍କ ପ୍ରେମରେ ତାଙ୍କୁ ଫସାଇବାର ନାନା ଉପାୟ କହିଛନ୍ତି। କୃଷ୍ଣଙ୍କ ମନରେ ରାଧାଙ୍କୁ ପାଇବାର ଇଚ୍ଛା ପ୍ରବଳ କରାଇଛନ୍ତି। ଦୁହେଁ ଦୁହିଁଙ୍କୁ ପ୍ରେମପାଶରେ ଆବଦ୍ଧ କରିବାପାଇଁ ଉତ୍କଣ୍ଠିତ ଦେଖି ଲଳିତା ରାଧାଙ୍କୁ କୃଷ୍ଣଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି। ଏକଥା ଜାଣି ରାଧା ଦିନେ ସଖୀ ଲଳିତାଙ୍କୁ କହିଛନ୍ତି – "ଚାଲ ସେଇ କୁଞ୍ଜ ଲତା ନିକଟକୁ ଯିବା, ସେହି ଭୁବନମୋହନ କୃଷ୍ଣଙ୍କର ବଂଶୀସ୍ୱନ ଶୁଣିବା, ରାତି ନ ପାହୁଣୁ ସମସ୍ତଙ୍କ ଅଜ୍ଞାତସାରରେ ସେଠାରୁ

ଚାଲିଆସିବା।" ରାଧାଙ୍କର ଏଇ ଉକ୍ତି ଚାତୁର୍ଯ୍ୟପୂର୍ଣ୍ଣ। କାରଣ ପ୍ରକୃତରେ ସେ ବାହାରିଛନ୍ତି ପ୍ରେମାଭିସାରରେ। ଏକଥା ତାଙ୍କୁ ଜଣା, ଲଳିତାଙ୍କୁ ବି ଜଣା। ବଂଶୀସ୍ୱନ ଶୁଣିବା ବାହାନା ମାତ୍ର।

ପ୍ରେମିକ-ପ୍ରେମିକା ଦୁହେଁ ସାରାରାତି ସମ୍ଭୋଗଶୃଙ୍ଗାରରେ ମଜ୍ଜିଯାଇଛନ୍ତି। ପ୍ରଭାତ ହେବାରୁ ନିବିଡ଼ ବାହୁବନ୍ଧନରୁ ତାଙ୍କୁ ମୁକ୍ତ କରିବାକୁ ରାଧା କୃଷ୍ଣଙ୍କୁ ଅନୁରୋଧ କରିଛନ୍ତି। ସେ ସଂପୂର୍ଣ୍ଣ ବସ୍ତ୍ରହୀନା ଥିବା ଜାଣି ଲଜ୍ଜାରେ ଜଳିଯାଇଛନ୍ତି। କୃଷ୍ଣ ଲୁଚାଇଥିବା ତାଙ୍କ ଶାଢ଼ିଟି ଫେରାଇଦେବାକୁ ସେ କୃଷ୍ଣଙ୍କୁ ନେହୁରା ହୋଇଛନ୍ତି ଓ ବିପର୍ଯ୍ୟସ୍ତ ଭୂଷଣସବୁକୁ ସଜାଡ଼ି ଦେବାକୁ କୃଷ୍ଣଙ୍କୁ କହିଛନ୍ତି। ହଟିଆ ନାଗର କିନ୍ତୁ ସ ର୍ କରିଛନ୍ତି। କାଲି (ପରଦିନ) ସନ୍ଧ୍ୟାରେ ଆସିବା ପାଇଁ ରାଧା କଥା ଦେଇଛନ୍ତି –

"ଲଗାଇଛ ହଟ ଯେଉଁ ରସରେ, ଲୁଟିବ ସିନା କାଲି ପ୍ରଦୋଷରେ,

ଲଙ୍ଘି ଆଶ୍ରିତେ ଥିବା କୃପାସିନ୍ଧୁ, ଲା ୁଆଟି କେଡ଼େ ହେଲ ହେ ବନ୍ଧୁ।"

ନିବିଡ଼ ବାହୁବନ୍ଧନରୁ ତାଙ୍କୁ ମୁକ୍ତି ମିଳିଛି। ଧୀର ପଦପାତରେ ସେ କୁଞ୍ଜରୁ ନିଷ୍କ୍ରାନ୍ତ ହୋଇଛନ୍ତି। ସଖୀମାନେ ଟାହିଟାପରାରେ ତାଙ୍କୁ ପୋତି ପକାଇଛନ୍ତି।

ରାଧା ସଖୀଙ୍କୁ ପରିହାସରେ ଗାଳି ଦେଇପାରନ୍ତି, ସେଥିପାଇଁ ଅନୁତାପ କରିପାରନ୍ତି ଓ କାର୍ଯ୍ୟସିଦ୍ଧିରେ କୃତଜ୍ଞତା ବି ଜଣାଇପାରନ୍ତି। ତାଙ୍କ ପ୍ରିୟସଖୀ ଲଳିତା ତାଙ୍କପାଇଁ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବାର ପଥ ପରିଷ୍କାର କରିଥିବାର ଜାଣି ବି ସେ ଲଳିତାଙ୍କ ପ୍ରତି ଛଳନାପୂର୍ଣ୍ଣ ବାକ୍ୟବାଣ ପ୍ରୟୋଗ କରିଛନ୍ତି, ତାଙ୍କୁ ଫତୁରିଖୋର (ମିଛେଇ) ବୋଲି କହିଛନ୍ତି। ସେଥିପାଇଁ ସେ ଦୁଃଖ ପ୍ରକାଶ କରି ଲଳିତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି – "ଆରେ ଚତୁରୀ ସଖୀ ତୋ ସ୍ନେହଶ୍ରଦ୍ଧା ମୁଁ ଭୁଲିପାରିବି ନାହିଁ। ତୋତେ ହସିକରି ପରିହାସରେ ସିନା କହିଦେଇଥିଲି, ତୁ ସେକଥା ଆଦୌ ଧରିବୁ ନାହିଁ।" ଲଳିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ସେ କହନ୍ତି - "ଧୀରା ରେ, କି ଧନ ତୁ ନ ଦେଲୁ ଆଜ......"।

ଅନ୍ୟାନ୍ୟ କୃଷ୍ଣକାବ୍ୟଭଳି ଚମ୍ପୂରେ ରାଧାଙ୍କର ଭୂମିକା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ତାଙ୍କ ଚରିତ୍ରଟି ଯେତିକି ଆଲୋକିତ, ସେଥିରେ କେବଳ ଲୌକିକ ବା ମାନବୀୟ ଲୀଳା ପ୍ରକଟିତ। 'ମ' ଗୀତରେ ରାଧାକୃଷ୍ଣଙ୍କର ମିଳନ ପ୍ରକୃତି ଓ ପୁରୁଷଙ୍କ ମିଳନ ଭାବରେ ବର୍ଣ୍ଣିତ। ମିଳନ ଅବସରରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେବା ଓ ଅପ୍ସରାମାନେ ନୃତ୍ୟରଚନା କରିବାର ବର୍ଣ୍ଣନାରେ ରାଧାଙ୍କର ଦେବତ୍ୱର ସୂଚନା ରହିଛି।

## ୧୯.୪.୩ ଶ୍ରୀ ଜଗନ୍ନାଥ :

ଲଳିତା ଚରିତ୍ରଟି ଚମ୍ପୂରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ରଚିତ୍ର ମାଧ୍ୟମରେହିଁ ଚମ୍ପୂର କଥାବସ୍ତୁ ଗତିଶୀଳ। ଏହି ଚରିତ୍ରକୁ ବାଦ୍‌ଦେଇ ଚମ୍ପୂର ପରିକଳ୍ପନା ଅବାସ୍ତବ। କବିଙ୍କ ତୂଳିକାରେ ସେ ଏକ ମହନୀୟ ସୃଷ୍ଟି।

ବୈଷ୍ଣବଶାସ୍ତ୍ର ଅନୁସାରେ ଶ୍ରୀରାଧାଙ୍କର ପରମ ଶ୍ରେଷ୍ଠ ସଖୀମାନଙ୍କ ସଂଖ୍ୟା ଆଠ। ଯଥା – ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ତୁଙ୍ଗବିଦ୍ୟା, ଇନ୍ଦୁରେଖା, ରଙ୍ଗଦେବୀ ଓ ସୁଦେବୀ। ଏମାନଙ୍କ ମଧ୍ୟରେ ଲଳିତା ହେଉଛନ୍ତି ସର୍ବଶ୍ରେଷ୍ଠ। ଲଳିତା କେବଳ ସଖୀ ନୁହଁନ୍ତି, ସେ ଦୂତୀ ବି। ସବୁ ସଖୀ ଦୂତୀ ହୋଇପାରିବେ ନାହିଁ ବା ସବୁ ଦୂତୀ ସଖୀ ହୋଇପାରିବେ ନାହିଁ। କିନ୍ତୁ ଚମ୍ପୂରେ ସଖୀ ଲଳିତା ଉଭୟ ଭୂମିକା ସୁଚାରୁରୂପେ ତୁଲାଇଛନ୍ତି। ପୁଣି ବୈଷ୍ଣବ ରଚନାବଳୀରୁ ଜାଣିବାକୁ ମିଳେ ଯେ ରାଧା ଓ ଦୂତୀ ସମବୟସୀ। ଲଳିତା ବୟସରେ ରାଧାଙ୍କଠାରୁ ୨୭ ଦିନ ବଡ଼। ତାଙ୍କ ଶରୀରର ରଙ୍ଗ ଗୋରଚନା ବର୍ଣ୍ଣସମ ଓ ବସ୍ତ୍ର ମୟୂରପୁଚ୍ଛ ଭଳି। ସେ ଚତୁରୀ ଓ ଦୂତୀ ବା ଦୂତୀକର୍ମରେ ନିପୁଣା। ବୈଷ୍ଣବସାହିତ୍ୟରେ ତାଙ୍କର ପ୍ରାଧାନ୍ୟ ଖୁବ୍ ବେଶି।

ଚମ୍ପୂରେ ସେ ରାଧା ଓ କୃଷ୍ଣଙ୍କ ମିଳନର ସେତୁ। ପ୍ରଥମ ଦେଖାରେ ରାଧା କୃଷ୍ଣଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ତାଙ୍କ ରୂପକାନ୍ତିରେ ମୁଗ୍ଧ ହୋଇ ସେ ତାଙ୍କ ଅଙ୍ଗସଙ୍ଗ କାମନା କରିଛନ୍ତି। ଏହି କଥା ସେ ଦୂତୀଙ୍କ ଆଗରେ ପ୍ରକାଶ କରି କୃଷ୍ଣଙ୍କ ସହ ତାଙ୍କର ମିଳନ କରାଇଦେବା ନିମନ୍ତେ ଅନୁରୋଧ କରିଛନ୍ତି। ସଖୀ ଭାବରେ ଚତୁରୀ ଲଳିତା ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କ ପ୍ରେମାନୁରାଗର ଗଭୀରତା ମାପିବା ସକାଶେ ତାଙ୍କୁ ଏକାର୍ଯ୍ୟରେ ନିରୁତ୍ସାହିତ କରିଛନ୍ତି, କୃଷ୍ଣଙ୍କ ଅପଖ୍ୟାତି ଗାଇଛନ୍ତି ଅତିରଞ୍ଜିତ କରି। ତାଙ୍କ ଭାଷାରେ – "ଖ କରେ ଧନ ଦେଇ ପଦେ ନ କହିଲୁ ରେ।" ପୁନଶ୍ଚ କୃଷ୍ଣପ୍ରୀତିକୁ ସେ ଗରଳପାନସହ ତୁଳନା କରିଛନ୍ତି – "ଘୋଟି କିତବମୂଳ ଘୋରି ଘୋର ଜାଙ୍ଗଲ ଗରଳ ତୁଲେ ତାହା ପିଇଲୁ ରେ।" ସେହିପରି ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତକରି ତାଙ୍କୁ ରାଧାଙ୍କପ୍ରତି ଆକୃଷ୍ଟ କରାଇବାକୁ ସେ ଚେଷ୍ଟା କରିଛନ୍ତି। ରାଧାଙ୍କ ରୂପଶ୍ରୀରେ ବିମୋହିତ ହୋଇଥିବା କଥା ଶ୍ରୀକୃଷ୍ଣ ତାଙ୍କ ଆଗରେ ପ୍ରକାଶ କରିଛନ୍ତି ଓ ରାଧାଙ୍କୁ ପାଇବାର ଇଚ୍ଛା ପ୍ରକାଶ କରିଛନ୍ତି। ଶ୍ରୀକୃଷ୍ଣଙ୍କ ରାଧାପ୍ରେମର ନିବିଡ଼ତା ପରଖିଛନ୍ତି ଲଳିତା। ଶ୍ରୀରାଧା ତାଙ୍କପ୍ରତି ବିମୁଖ ବୋଲି ସେ କହିଛନ୍ତି। କିନ୍ତୁ ଶ୍ରୀକୃଷ୍ଣ ଏଥିପ୍ରତି କର୍ଣ୍ଣପାତ ନ କରି ରାଧାଙ୍କୁ ପାଇବାର ବ୍ୟାକୁଳତା ପୁନଃପ୍ରକାଶ କରିଛନ୍ତି। ଦୁହେଁ ଦୁହିଁଙ୍କୁ ପାଇବାର ପ୍ରବଳ ଉତ୍କଣ୍ଠା ଦେଖି ଲଳିତା ବିସ୍ମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମିଳନ ଘଟାଇବାକୁ ସେ ଆଗେଇ ଆସିଛନ୍ତି।

ଦିନେ ଏକ ଅନୁକୂଳ ସାନ୍ଧ୍ୟ ପରିବେଶରେ ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ ଶୁଣିବାର ବାହାନାରେ ରାଧାଙ୍କୁ ନେଇ ଲଳିତା କୁଞ୍ଜାଭିସାରରେ ବାହାରିଛନ୍ତି, କୃଷ୍ଣଙ୍କ ସହିତ ରାଧାଙ୍କର ମିଳନ କରାଇଦେଇଛନ୍ତି। ପ୍ରଭାତରେ ରାଧାଙ୍କୁ ଧରି ଫେରିଆସିଛନ୍ତି। ରାଧାଙ୍କ ମନସ୍କାମନା ପୂର୍ଣ୍ଣ କରିବାରେ ସଫଳ ହୋଇଥିବାରୁ ସେ ଅତ୍ୟନ୍ତ ତୃପ୍ତି ଲାଭ କରିଛନ୍ତି। ନିଜର କୌଣସି ସ୍ୱାର୍ଥ ନ ଥିଲେହେଁ ସଖୀର ଆନନ୍ଦରେ ଆନନ୍ଦିତା ହୋଇଛନ୍ତି। ଏ ଦୃଷ୍ଟିରୁ ,ନିସ୍ୱାର୍ଥପର ସେବାର ସେ ଏକ ନିର୍ଭୁଲ ଉଦାହରଣ।

ଲଳିତା ଚତୁରୀ, ସେ ମନକଥା ବୁଝିପାରନ୍ତି, ବ୍ୟଞ୍ଜନାପୂର୍ଣ୍ଣ କଥା କହି ଅନ୍ୟର ମନ ବହଲାଇପାରନ୍ତି। ଛଦ୍ମଗାମ୍ଭାର୍ଯ୍ୟ ପ୍ରକାଶ କରିବାରେ ସେ ଯେପରି ପ୍ରବୀଣା, ଛଇଛଟାରେ, ହାସ୍ୟପରିହାସରେ ସେହିପରି ନିପୁଣା। ଚମ୍ପୂରେ ସେ ହିଁ କେନ୍ଦ୍ରବିନ୍ଦୁ। ତାଙ୍କ ଚାରିପାଖେ ବୁଲିଛନ୍ତି ଦୁଇଟି ଚରିତ୍ର-ରାଧା ଓ କୃଷ୍ଣ। ତାଙ୍କ ବିନା ଚମ୍ପୂର ପରିକଳ୍ପନା ଅସମ୍ଭବ। ଏ ପ୍ରସଙ୍ଗରେ ପ୍ରଖ୍ୟାତ ସମାଲୋଚକ ଡ଼କ୍ଟର ନଟବର ସାମନ୍ତରାୟଙ୍କ ମତ ଉଦ୍ଧାରଯୋଗ୍ୟ। ସେ କହନ୍ତି – "ଚମ୍ପୂରେ ଲଳିତାହିଁ ଚମ୍ପୂର ପ୍ରାଣ। ଲଳିତାବିହୀନ ଚମ୍ପୂ ଅଚମ୍ପୂ କହିଲେ ଅତ୍ୟୁକ୍ତି ହେବନାହିଁ। ମୁଖଲାବଣ୍ୟପରି ଏହା ଚମ୍ପୂର ପ୍ରକୃତ ଶୋଭାବର୍ଦ୍ଧନ। ସମଗ୍ର ଓଡ଼ିଆ ବୈଷ୍ଣବସାହିତ୍ୟରେ ଲଳିତାର ଏପରି ଅନନ୍ୟସାଧାରଣ ବ୍ୟକ୍ତିତ୍ୱ ପ୍ରତିଷ୍ଠା ଆଉ କେଉଁଠି ହୋଇଛି ବୋଲି ମନେହୁଏ ନାହିଁ। ବଳଦେବଙ୍କର କବିଗୌରବ କେବଳ ଏଇଠି ହୋଇଛି ସାର୍ଥକ ଓ ସଂପୂର୍ଣ୍ଣ।" (ଓଡ଼ିଆ ବୈଷ୍ଣବସାହିତ୍ୟ, ପୃ:୩୮-୩୯) ଏହିପରି ଲଳିତା ଚରିତ୍ରଟି ସମଗ୍ର ଚମ୍ପୂକୁ ଆଚ୍ଛାଦିତ କରିରଖିଛି ମୂଳରୁ ଶେଷ ପର୍ଯ୍ୟନ୍ତ।

## ୧୯.୫ ଭଜନ ର ରଚନାଶୈଳୀ :

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ରେ ଗୃହୀତ କଥାବସ୍ତୁ ନୂଆ ନୁହେଁ, ପାରମ୍ପରିକ। ରାଧାକୃଷ୍ଣଙ୍କ ପ୍ରେମଲୀଳା ଏହାର ଉପଜୀବ୍ୟ। ତାହା ପୁଣି ପରକୀୟା ପ୍ରେମ। ରାଗାନୁଗାମାର୍ଗୀ ଗୌଡ଼ୀୟ ବୈଷ୍ଣବମାନଙ୍କ ପରମ ଧ୍ୟେୟ। ଏହି କଥାବସ୍ତୁକୁ ନେଇ ପୂର୍ବରୁ ବହୁ ବୈଷ୍ଣବ କାବ୍ୟକବିତା ରଚିତ। ଦେବଦୁର୍ଲଭଙ୍କ 'ରହସ୍ୟ ମଞ୍ଜରୀ', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' ଆଦି ଏହାର ଉଦାହରଣ। ଏହିସବୁ ମଧ୍ୟଯୁଗୀୟ କାବ୍ୟଭଳି ଚମ୍ପୂ ରଚିତ ହୋଇଛି ନିତ୍ୟକିଶୋର କୃଷ୍ଣଙ୍କର ପ୍ରେମସ୍ୱରୂପିଣୀ ରାଧାଙ୍କ ସହ ମିଳନଜନିତ ଆନନ୍ଦର ବର୍ଣ୍ଣନା ଉଦ୍ଦେଶ୍ୟରେ।

ଚମ୍ପୂର ରଚନାଶୈଳୀ ବା କାବ୍ୟକୌଶଳ ବିଚାର କଲାବେଳେ ମନେରଖିବାକୁ ହେବ ଯେ ଏହା ଖଣ୍ଡକାବ୍ୟ ଶୈଳୀରେ ରଚିତ। ଏହାର କଥାବସ୍ତୁର ବିସ୍ତୃତି ନାହିଁ, ଅଛି ସଂକ୍ଷିପ୍ତତା ବା ସୀମିତତା। ୩୪ଟି ଗୀତ ବା ସଙ୍ଗୀତର ସମାହାରରେ ଏହାର କଳେବର ଗଠିତ; କଥାବସ୍ତୁ ବିବୃତ। ପ୍ରତ୍ୟେକ ଗୀତ ('ମ' ଗୀତ ବ୍ୟତୀତ) ଗୋଟିଏ ଗୋଟିଏ ଚରିତ୍ରର ସଂଳାପ, ବକ୍ତବ୍ୟ। ଏହି ନାଟକୀୟ ଉପସ୍ଥାପନା ଶୈଳୀପାଇଁ ଏହା ସଂଗୀତ - ନାଟକ ବା ଗୀତିନାଟକ ଭାବରେ ମଧ୍ୟ ପରିଚିତ। ଓଡ଼ିଶାର ଗୋଟିପୁଅ ନୃତ୍ୟରେ ଏହା ଏବେ ବି ବ ୍ରହିଛି ଏକ ଦୃଶ୍ୟକାବ୍ୟ ଭାବରେ। ପୁଣି ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣନକୁ ଆଦ୍ୟରେ ରଖାଯାଇ ଗୋଟିଏ ଗୋଟିଏ ଗୀତ ରଚନା କରାଯାଇ ୩୪ଟି ଗୀତରେ ସମାପ୍ତ ହୋଇଛି ଚଉତିଶା ରୀତିରେ। ତେଣୁ ଏହାକୁ କେହି କେହି ଚଉତିଶା-ଚମ୍ପୂ ବା ଚମ୍ପୂ-ଚଉତିଶା କହନ୍ତି। ପୁଣି ପ୍ରତ୍ୟେକ ଗୀତ ଚଉପଦୀର କଳେବର ଧାରଣ କରିଥିବାରୁ ଏହାକୁ ଚଉପଦୀ-ଚମ୍ପୂ ବୋଲି ମଧ୍ୟ କୁହାଯାଏ। ଗଠନରୀତି ଦୃଷ୍ଟିରୁ ଏହାର ଏକ ଦୁର୍ବଳ ଦିଗ ରହିଛି। ତାହା ହେଉଛି 'ମ' ଗୀତପରେ କଥାବସ୍ତୁର ଅଯଥା ପ୍ରସାରଣ। 'ମ' ଗୀତରେ ରାଧାକୃଷ୍ଣଙ୍କ ମିଳନ ଏହାର ପରିସମାପ୍ତିର ସୂଚନା ଦିଏ; କିନ୍ତୁ ଏହା ସମାପ୍ତ ହୁଏ ନାହିଁ। କବି ଏହାକୁ ଲମ୍ବାଇ ଦିଅନ୍ତି 'କ୍ଷ' ଗୀତ ପର୍ଯ୍ୟନ୍ତ, ଚଉତିଶାରୀତିକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ବୋଧହୁଏ। ତେଣୁ କାବ୍ୟର ଶେଷଭାଗଟି ଆଦ୍ୟଭାଗ ଓ ମଧ୍ୟଭାଗଭଳି ସବଳ ନୁହେଁ ଦୁର୍ବଳ।

ଏହାର ଶ୍ରବ୍ୟକାବ୍ୟ ରୀତିଟି ମଧ୍ୟ ସଂରକ୍ଷିତ। ଏହାର ୩୪ଟି ଯାକ ଗୀତ ସାଂଗୀତିକ ମର୍ଯ୍ୟାଦାରେ ମଣ୍ଡିତ; ଏଣୁ ଶ୍ରୋତାଙ୍କୁ ଶ୍ରବଣସୁଖ ଦେଇପାରେ ଓ ସେମାନଙ୍କ ମନ ମୋହିପାରେ। ଏଣୁ ଏବେ ବି କାବ୍ୟାମୋଦୀ ଓ ସଂଗୀତପ୍ରିୟ ଜନତାର ଏହା ଆଦରର ଧନ।

ଏହାର ରଚନାଶିଳୀର ଅନ୍ୟତମ ବିଶେଷ ଦିଗଟି ହେଉଛି ଶ୍ରୋତା / ଦର୍ଶକଙ୍କୁ ଉତ୍କଣ୍ଠା ଭିତରେ ବୁଡ଼ାଇ ରଖିବା। ରାଧା – କୃଷ୍ଣଙ୍କ ମଧ୍ୟରେ ଦୂତୀର ଭାବ-ଦିଆନିଆ ମନରେ ଉତ୍କଣ୍ଠା ଜାତକରେ ପରବ ି ଘଟଣା ଜାଣିବାକୁ, ପୁଣି ଦୂତୀ କିପରି ଛଳନାପୂର୍ଣ୍ଣ ଚାତୁରୀରେ ତାହା ରାଧା-କୃଷ୍ଣଙ୍କ ନିକଟରେ ପହ ।ଉଛି, ସେକଥା ଜାଣିବାକୁ। ଜାଣିଲାପରେ ଉତ୍କଣ୍ଠା ବଢ଼ିଯାଏ ମିଳନ ବିଳମ୍ବିତ ହେଉଥିବାରୁ। ଶେଷରେ ସମସ୍ତ ଉତ୍କଣ୍ଠାର ପରିସମାପ୍ତି ଘଟାଇ ରାଧାକୃଷ୍ଣଙ୍କ ମିଳନ ଘଟେ, ଗୋପୀମାନଙ୍କ ସହିତ ରାସଲୀଳା ହୁଏ ଭକ୍ତିଭାବର ଉଦ୍‌ବୋଧନରେ।

କଥାବସ୍ତୁ ଆରମ୍ଭ ପୂର୍ବରୁ ମଙ୍ଗଳାଚରଣ ଉପସ୍ଥାପନା କରାଯାଇଛି। ଏହା ରୀତିକାବ୍ୟାଦର୍ଶ ଅନୁସାରୀ। କିନ୍ତୁ କବିଙ୍କ ମଙ୍ଗଳାଚରଣଟି ଓଡ଼ିଆରେ ନୁହେଁ, ସଂସ୍କୃତରେ। ଏହା ପଦ୍ୟ-ଗଦ୍ୟମିଶ୍ରିତ ଓ ଚମ୍ପୂରୀତିରେ ରଚିତ। ମଙ୍ଗଳାଚରଣ ପରେ ଚମ୍ପୂରୀତିରେ ରଚିତ ୩୪ଟି ସଂସ୍କୃତ ରଚନା ବା ଅଧ୍ୟାୟ ଏଥିରେ ସ୍ଥାନପାଇଛି। ଏହି ୩୪ଟି ଅଧ୍ୟାୟର ପ୍ରତ୍ୟେକ ସଂସ୍କୃତ ରଚନାର ଆରମ୍ଭରେ ଚଉପଦୀ ଜାତୀୟ ଓଡ଼ିଆ ରଚନାଟିଏ ଖଞ୍ଜି ଦିଆଯାଇଛି। ଏହିପରି ୩୪ଟି ଗୀତ ଚଉତିଶା ରୀତିରେ ଏଥିରେ ସ୍ଥାନପ୍ରାପ୍ତ। ଏଥିରୁ ଅନୁମିତି ହୁଏ ଯେ ପ୍ରଥମେ ଏହା ଚମ୍ପୂରୀତିରେ ସଂସ୍କୃତରେ ରଚିତ ହୋଇଥିଲା ଓ ସାଧାରଣ ପାଠକମାନଙ୍କ ପାଇଁ ପରେ ଓଡ଼ିଆ ଗୀତର ସଂଯୋଜନାରେ ଏହାକୁ ପୁଷ୍ଟ କରାଯାଇଥିଲା। ଏହାର ଗୀତ ବା ସଙ୍ଗୀତଗୁଡ଼ିକ ଭଣିତାଯୁକ୍ତ। ଭଣିତା କିନ୍ତୁ କବିଙ୍କ ନାମରେ ହୋଇନାହିଁ, ହୋଇଛି ଆଠଗଡ଼ (ଗଞ୍ଜାମ) ର ରାଜା ବାଲୁକେଶ୍ୱର ହରିଚନ୍ଦନଙ୍କ ନାମରେ। ପେଟପାଟଣା ପାଇଁ କବି ଜଳନ୍ତର, ଆଠଗଡ଼, ପାରଳାଖେମୁଣ୍ଡି ଇତ୍ୟାଦି ଦରବାର ଉପରେ ନିର୍ଭରକରି କାବ୍ୟକବିତାମାନ ରଚନା କରିଥିଲେ। ବାଲୁକେଶ୍ୱର ହରିଚନ୍ଦନ କିଛିକାଳ କବିଙ୍କର ପୃଷ୍ଟପୋଷଣ କରିଥିଲେ। ସେ ଥିଲେ ରାଗାନୁଗାଭକ୍ତି ଅନୁଗାମୀ ଗୌଡ଼ୀୟ ବୈଷ୍ଣବ। ତାଙ୍କରି ପ୍ରୀତ୍ୟାର୍ଥେ କବି ପରକୀୟା ପ୍ରୀତିସର୍ବସ୍ୱ କୃଷ୍ଣକାବ୍ୟ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ରଚନାକରି ରାଜାଙ୍କ ନାମରେ ଭଣିତା କରିଥିଲେ।

## ୧୯.୬ ବର୍ଣ୍ଣନାଚାତୁରୀ :

ଇର୍ଣ୍ଣନାଚାତୁରୀ ଚମ୍ପୂର ଅନ୍ୟତମ ଲକ୍ଷଣୀୟ ଦିଗ। ଖଣ୍ଡକାବ୍ୟଧର୍ମୀ ଏହି ରଚନାର ସୀମିତ କଳେବର ମଧ୍ୟରେ ବର୍ଣ୍ଣନାବିଳାସ ପାଇଁ ଯେତିକି ସୁଯୋଗ ରହିଛି, କବି ତା'ର ସଦୁପଯୋଗ କରିଛନ୍ତି ପ୍ରକୃତି, ରୂପ ଓ ଘଟନାବଳୀର କାବ୍ୟିକ ଚିତ୍ରଣ କରି, ନିଜ କବିପଣର ପରାକାଷ୍ଠା ପ୍ରଦର୍ଶନ କରି। 'କ' ଗୀତରେ ପ୍ରଥମ ଦେଖାରେ କୃଷ୍ଣଙ୍କ ରୂପଲାବଣ୍ୟରେ ମୁଗ୍ଧ ହୋଇ ରାଧା ତାଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ସଖୀ ଲଳିତା ଆଗରେ ସେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନ କରି କହିଛନ୍ତି, "ଆହା, ସେ କି ମୋହନ ମନୋହର ଶ୍ୟାମଳ ତେଜୋମୟ ରୂପ; ସତେକି କୋଟିଏ ଚନ୍ଦ୍ରର ଶୋଭାକାନ୍ତି ପୂରିରହିଛି ତାଙ୍କଠି। ବିଧାତା କାହିଁକି ତାଙ୍କଠାରେ ଲାଜ ଓ ରତି ଭଳି ଦୁଇ ବିରୋଧ ଭାବକୁ ଦୀର୍ଘସ୍ଥାୟୀ କଲା ? ତାଙ୍କ ରୂପକାନ୍ତି ମୋତେ ଉଚ୍ଚାଟ କରୁଛି।" କବିଙ୍କ ଭାଷାରେ

"କି ମୋହନ ଲୀଳାଧରି କୋଟି କଳାକର ଶିରୀ,<br>
ପୂରିଛି ସେ ଶ୍ୟାମ ମୂରତିରେ,<br>
କଲବଲ ଛଟପଟ ହୋଇଯାଉଛି ନିପଟ<br>
ସଂବେଶ - ଅଶନ - ବିରତିରେ......।"

ଦିନେ ଏକାନ୍ତରେ ଶ୍ରୀକୃଷ୍ଣଙ୍କୁ ଭେଟିଛନ୍ତି ଲଳିତା। ତାଙ୍କୁ ଭେଟିବାରେ ଚତୁରୀ ଲଳିତାଙ୍କର କିଛି ଉଦ୍ଦେଶ୍ୟ ରହିଛି ଅବଶ୍ୟ। ପ୍ରଥମେ କୃଷ୍ଣଙ୍କୁ ସେ ତାଙ୍କ ସୁସ୍ଥତା ବିଷୟରେ ପୁଚ୍ଛା କରିଛନ୍ତି। ସେଥିରେ କୃଷ୍ଣଙ୍କର ରୂପକାନ୍ତିର ବର୍ଣ୍ଣନାତ୍ମକ ସୂଚନା ପ୍ରକାଶ ପାଇଛି। କବିଙ୍କ ଲେଖନୀରେ –

"ନୂଆନଟପଟଳୀମୁକୁଟ ହେ ନାହିଁ କି ଶ୍ରୀଅଙ୍ଗ ସୁଖ,<br>
ନିପଟ ନିସ୍ତେଜ ଦିଶୁଛି ତ ଆଜ ନିରଳସ ଚନ୍ଦ୍ରମୁଖ।<br>
ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛି ଦୂରୁ ଶ୍ରୀଅଙ୍ଗ.....।" ('ଙ' ଗୀତ)

ସେହିପରି 'ମ' ଗୀତରେ ରାଧାଙ୍କ ମିଳନ ପର୍ବର ଆରମ୍ଭରେ ବସନ୍ତ ଋତୁରେ ଆଗମନ ହୋଇଛି ଓ ତା'ର ଶୋଭା ବର୍ଣ୍ଣନା କରିଛନ୍ତି କବି ସୂଚନାତ୍ମକ ଭାବରେ। କଦମ୍ବବନର ଶେଷଭାଗରୁ ମଳୟ ପବନ ଭାସିଆସିଛି ଧୀରେ ଧୀରେ। ପୁଷ୍ପମାନଙ୍କରୁ ପୁଷ୍ପରେଣୁ ଝରିପଡ଼ିଛି। ଲୋକମାନଙ୍କ କାମଭାବ ଜାଗ୍ରତ ହୋଇଛି। ଭ୍ରମରଦଳ ପୁଷ୍ପଚୁମ୍ବନ କରିଛନ୍ତି। ସୁନାଗୋରୀ ରାଧା ଓ ନୀଳଇନ୍ଦ୍ରମଣି କାନ୍ତିଧାରୀ କୃଷ୍ଣଙ୍କ କାନ୍ତିରେ କେଳିକୁଞ୍ଜ ଉଦ୍‌ଭାସିତ ହୋଇଉଠିଛି। କବିଙ୍କ ଲେଖନୀରେ ଏହି ଦୃଶ୍ୟର ସୂଚନା କେବଳ ରହିଛି। ଏହି ସୂଚନାତ୍ମକ ସୀମିତ ବର୍ଣ୍ଣନା କିପରି ମନରେ ବସନ୍ତଋତୁକାଳୀନ ଶୋଭାସମ୍ଭାରର ଏକ ବିସ୍ତୃତ ଚିତ୍ରପଟ ଅଙ୍କନ କରେ ତାହା ଦର୍ଶାଇବାପାଇଁ ସଂପୃକ୍ତ ପଙ୍‌କ୍ତିରୁ କେତୋଟି –

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା କଦମ୍ବ ନିକୁଞ୍ଜସୀମାରେ,<br>
ମରନ୍ଦ ସେକେ ଚମକି ଲୋକେ ଭାଷିଲେ ଇଷି ମାରେ;<br>
ମିଳିନ୍ଦଲତା ଦମ୍ଭବନିତା ବଦନେ ମିଶି ମାରେ,<br>
ମଣ୍ଡିତ ହେଲା ସେ ବନସ୍ଥଳ, ମହାରଜତ ମହେନ୍ଦ୍ର ନୀଳ-<br>
ମୟୂଖ ଶିରୀମୟ ମଞ୍ଜରୀ ବିସର ସୁଷମାରେ........।"

ରାଧାକୃଷ୍ଣ ମିଳନ ବର୍ଣ୍ଣନା କବିଙ୍କର ଲେଖନୀରେ ଅତି ଜୀବନ୍ତ। ସଂକ୍ଷିପ୍ତ ବର୍ଣ୍ଣନାରେ କବି ଯେପରି ଶୃଙ୍ଗାରରସର ବ୍ୟାପକ ମାଦକତା ସୃଷ୍ଟି କରିଛନ୍ତି ତାହା ତାଙ୍କ କବିତ୍ୱର ଅନନ୍ୟତା।

ଧ୍ୱନି ବା ବ୍ୟଞ୍ଜନା ଚମ୍ପୂର କାବ୍ୟିକ ସୌନ୍ଦର୍ଯ୍ୟ ବୃଦ୍ଧିକରେ, କବିତ୍ୱର ଜୟଗାନ କରେ। ଏହାର ସ୍ୱଚ୍ଛ ପ୍ରୟୋଗ ଦୃଷ୍ଟିକୁ ଏଡ଼ାଇପାରେ ନାହିଁ। କେତେବେଳେ ଶବ୍ଦ ଅର୍ଥରେ ତ କେତେବେଳେ ବାକ୍ୟ ଅର୍ଥରେ ଏହାର ଉପସ୍ଥିତି ଅନୁଭୂତ ହୁଏ। ଗୋଟିଏ ଗୋଟିଏ ଶବ୍ଦରେ ବା କ୍ରିୟାରେ ବ୍ୟଞ୍ଜନାର୍ଥ ଏପରି ଭରିରହିଥାଏ ଯେ ତାହାର ସାଧଶରଣ ଅର୍ଥ ନୁହେଁ ଏ ଧ୍ୱନି-ଅର୍ଥ ପ୍ରକାଶ ପାଏ। ଯେପରି 'କ' ଗୀତାରେ – "କୋମଳତର ମୋହନ, କୁଞ୍ଜକୁକ୍ଷିରୁ ନିଃସ୍ୱନ, ଆସି ଚୁମ୍ବିଦେଲା ମୋ ଶ୍ରୁତିରେ। " ଏଠାରେ ସାଧାରଣ ଅର୍ଥରେ ମୋହନଙ୍କର ବଂଶୀଧ୍ୱନ ରାଧାଙ୍କ କର୍ଣ୍ଣକୁ ଚୁମିଦେଲା ବା କର୍ଣ୍ଣସ୍ପର୍ଶ କଲା ବା କର୍ଣ୍ଣପଥରେ ଧ୍ୱନିତ ହେଲା; କିନ୍ତୁ ଏହି 'ଚୁମ୍ବିବା' କ୍ରିୟା ପଦଟିର ଭିତରେ ବ୍ୟଞ୍ଜନା ଭରିରହିଛି। 'ଚୁମ୍ବିଦେଲା' ଅର୍ଥ ଏଠାରେ ରାଧାଙ୍କ ସର୍ବାଙ୍ଗ କାମଜର୍ଜରିତ ହୋଇଗଲା, ତାଙ୍କ ଚି   ଚହଲିଗଲା ଆଉ ଶ୍ୟାମଙ୍କ ସହିତ ରତିକ୍ରୀଡ଼ାରେ ମଜ୍ଜିଯିବାର ଦୁର୍ବାର ଲାଳସା ତାଙ୍କଠାରେ ଜାତ ହେଲା। ତେଣୁ 'ଶୁଭିଲା' ବଦଳରେ 'ଚୁମ୍ବିଦେଲା' କ୍ରିୟାପଦର ପ୍ରୟୋଗ ଏକ ଚମତ୍କାର ଧ୍ୱନି-ଅର୍ଥର ପ୍ରକାଶକ।

ଏହିପରି ବିବିଧ ବୈଶିଷ୍ଟ୍ୟ ବହନ କରି କବିସୂର୍ଯ୍ୟଙ୍କ ରଚନାଶୈଳୀ ଅତି ଅନନ୍ଥୁଆଁ ଏବଂ ତାଙ୍କ କାବ୍ୟିକ ରୁଚିର ନିର୍ଭୁଲ ପରିଚୟ। ଡ଼କ୍ଟର ମାୟାଧର ମାନସିଂହଙ୍କ  ଆକଳନରେ – "ଆକାରରେ ଛୋଟ ହେଉପଛେ ସମଗ୍ର କାବ୍ୟଟି ସୁଯୋଜିତ, ସୁଗଠିତ ଓ ସୁଶୋଭିତ; ଜଣାପଡୁଛି ଏକ ଅବିଚ୍ଛିନ୍ନ କାବ୍ୟିକ ପ୍ରେରଣାରେ ହିଁ ଲିଖିତ; ଯାହାବିନା ଶିଳ୍ପ ଓ ସାହିତ୍ୟ-ସଂସାରରେ କୌଣସି ହେଲେ ସ୍ଥାୟୀ ଓ ମହତ ସିଦ୍ଧି ଅସମ୍ଭବ। ସମଗ୍ର ଓଡ଼ିଆ ସାହିତ୍ୟରେ ଏପରି ଏକ ସାନ୍ଦ୍ର-ନିବିଡ଼ ସୁନିର୍ମିତ କାବ୍ୟ ଆଉ ନାହିଁ, ବୋଧହୁଏ।" (ଓଡ଼ିଆ ସାହିତ୍ୟର ଇତିହାସ, ପୃ: ୧୬୪-୬୫)

## ୧୯.୭ ଭଜନ ର ନାଟକୀୟତା :

ଚମ୍ପୂରେ ଚରିତ୍ର-ଉପସ୍ଥାପନ ଓ ଘଟନାବିନ୍ୟାସରେ ନାଟକୀୟତାର ସାକ୍ଷାତ ମିଳେ। ଏହାର ଚରିତ୍ରଗୁଡ଼ିକ ଆମପାଇଁ ନୂଆ ନୁହଁନ୍ତି, ସେମାନେ ବହୁପରିଚିତ। ଏମାନଙ୍କୁ ନେଇ ବହୁ କାବ୍ୟକବିତା ପୂର୍ବରୁ ରଚିତ। ରାଧାକୃଷ୍ଣ ମିଳନ ଦର୍ଶାଇବା ଏହି କାବ୍ୟର ମୂଳ ଉଦ୍ଦେଶ୍ୟ।

ଏହା ନାଟକୀୟ ଶୈଳୀରେ ରଚିତ। ୩୪ଟି ଗୀତ ବା ସଙ୍ଗୀତରେ ଏହାର ପରିକଳ୍ପନା ଓ ପରିସମାପ୍ତି। ପୂର୍ବରାଗ, ଭାବାଭିବ୍ୟକ୍ତି, ଭାବକଳନା, ଅଭିସାର, ମିଳନ ଆଦି ବିଶେଷ ଘଟଣା ଏହାର ବିଷୟବସ୍ତୁକୁ ଦୃଶ୍ୟାୟିତ କରେ। ଏହାର କଥାବସ୍ତୁ ଆରମ୍ଭ ହୋଇଛି ନାଟକୀୟ ରୀତିରେ। ସଂସ୍କୃତ ମଙ୍ଗଳାଚରଣରେ ବିଷୟବସ୍ତୁର ପ୍ରାକ୍-ସୂଚନା ଥିଲେହେଁ ସେଥିରେ ସଂଯୋଜିତ ଓଡ଼ିଆ ଗୀତାବଳୀରେ ମଙ୍ଗଳାଚରଣ ନାହିଁ। ତେଣୁ ବିଷୟବସ୍ତୁର ପ୍ରାକ୍-ସୂଚନା ନାହିଁ। ପ୍ରଥମ ଗୀତଟି ଆରମ୍ଭ ହୋଇଛି – "କି ହେଲାରେ, କହିତ ନୁହଇ ଭାରତୀରେ।" ଏଥିରେ ରାଧାଙ୍କ ପୂର୍ବରାଗ ସୂଚିତ। ଏହା ଦୂତୀ ଲଳିତାଙ୍କ ଉଦ୍ଦେଶ୍ୟରେ ରାଧାଙ୍କ ଉକ୍ତି। ପ୍ରଥମ ଦର୍ଶନରେ କୃଷ୍ଣଙ୍କ ରୂପମାଧୁରୀରେ ବିମୋହିତ ହୋଇ ତାଙ୍କୁ ପାଇବାର ବାଟ ବତାଇ ଦେବାକୁ ରାଧା  ଅନୁରୋଧ କରିଛନ୍ତି ଲଳିତାଙ୍କୁ। ଚତୁରୀ ଲଳିତା ଛଳଗାମ୍ଭୀର୍ଯ୍ୟ ପ୍ରକାଶକରି ତାଙ୍କୁ ସେଥିରୁ ନିବୃ   ରହିବାକୁ ଉପଦେଶ ଦେଇଛନ୍ତି ଏବଂ ଅନ୍ତରଙ୍ଗ ସଖୀପ୍ରତି ଆନ୍ତରିକତା ଦୃଷ୍ଟିରୁ ଏ ଦିଗରେ ଚେଷ୍ଟା କରିବେ ବୋଲି କଥାଦେଇଛନ୍ତି। ତାପରେ କାହାଣୀ ଗତିଶୀଳ ହୋଇ ସମାପ୍ତ ହୋଇଛି ରାଧାକୃଷ୍ଣଙ୍କ ମିଳନରେ।

ଏହାର ଆରମ୍ଭ କେବଳ ନାଟକୀୟ ନୁହେଁ ଘଟଣାପ୍ରବାହ ବି ନାଟକୀୟ। ପୂର୍ବରାଗ ବର୍ଣ୍ଣନାକୁ ପ୍ରଥମ ଦୃଶ୍ୟ ବୋଲି ଧରିନେଲେ, ଏହି ଦୃଶ୍ୟର ପରିକଳ୍ପିତ ସ୍ଥାନ ହେଉଛି ଏକ ନିର୍ଜନ ସ୍ଥାନ। ତାପରେ ଦ୍ୱିତୀୟ ଦୃଶ୍ୟର ଆରମ୍ଭ। ଏଥିରେ ଲଳିତା ଭେଟେ ଶ୍ରୀକୃଷ୍ଣଙ୍କୁ। ସ୍ଥାନ - ଯମୁନାକୂଳର କଦମ୍ବବନ। ଲଳିତା କୃଷ୍ଣଙ୍କ ମୁଖମଣ୍ଡଳରୁ ଲକ୍ଷ୍ୟ କରିଛନ୍ତି, ସତେ ଯେପରି ସେ କାହା ପ୍ରେମରେ ପାଗଳ ଏବଂ ତାକୁ ପାଇବାକୁ ଉଦ୍‌ଗ୍ରୀବ। ଚତୁରୀ ଲଳିତା ତାଙ୍କଠାରୁ କଥା ଆଦାୟ କରିନେଇଛନ୍ତି। ସେ ରାଧାଙ୍କୁ ପାଇବାକୁ ବ୍ୟଗ୍ର ଜାଣି ମନେମନେ ଖୁସି ହୋଇଛନ୍ତି। କିନ୍ତୁ ରାଧାଙ୍କ ଇଚ୍ଛା ଶ୍ରୀକୃଷ୍ଣଙ୍କୁ ଜଣାଇ ନାହାନ୍ତି। ବରଂ କୃଷ୍ଣଙ୍କ ଅନୁରୋଧ ରକ୍ଷାକରି ରାଧାଙ୍କୁ ରାଜିକରାଇବା ଦିଗରେ ଚେଷ୍ଟା କରିବେ ବୋଲି କହିଛନ୍ତି। ଏଠାରେ ବୁଝିହୁଏ ନାହିଁ ଲଳିତାଙ୍କ ଉଦ୍ଦେଶ୍ୟ କ'ଣ ? ପାଠକର ଉତ୍କଣ୍ଠା ବଢ଼େ।

ତା'ପରେ ଆରମ୍ଭ ହୁଏ ତୃତୀୟ ଦୃଶ୍ୟ। ଘଟଣାସ୍ଥଳ - ପୂର୍ବ ନିକା ନ ସ୍ଥାନ। ରାଧା ଚାହିଁରହିଛନ୍ତି ଲଳିତାର ଫେରିବା ବାଟକୁ। ମନରେ ଉଦ୍‌ବେଳନ, କାଳେ କୃଷ୍ଣ ନିରାଶ ବାଣୀ ଶୁଣାଇବେ। ଲଳିତା ଫେରିଲେ, କିନ୍ତୁମନ ବିରସ। ରାଧା କିଛି ପଚାରିବା ପୂର୍ବରୁ ସେ ଆରମ୍ଭ କଲେ ଯେ ତାଙ୍କ ପାଇଁ ସେ ଅପଦସ୍ଥ ହୋଇଛନ୍ତି। ଏହି କପଟପୂର୍ଣ୍ଣ ବାକ୍ୟକୁ ରାଧା ସତ ମଣିଲେ ଓ ପଚାରିଲେ – "ଥାପିରେ କହ ତଥାପିରେ ପ୍ରିୟସଖୀ ଥିବି କି ଛାଡ଼ିବି ପ୍ରାଣ"....। ରାଧାଙ୍କ ଦୂତୀ ଭାବରେ ଲଳିତା ରାଧାଙ୍କୁ ଯେପରି ନିରାଶ ବାଣୀ ଶୁଣାଇଥିଲା କୃଷ୍ଣଙ୍କର ଦୂତୀ ସାଜି ସେ ସେହିପରି 'ରାଧା ତାଙ୍କ ପ୍ରତି ବିମୁଖ' ବୋଲି କୃଷ୍ଣଙ୍କୁ କହିଛନ୍ତି। ସେ କାମଜ୍ୱରରେ ପୀଡ଼ିତ ରାଧା ଓ କୃଷ୍ଣ ଉଭୟଙ୍କ ପ୍ରେମର ପରୀକ୍ଷା ନେବାପାଇଁ ଉଭୟଙ୍କ ପାଖରେ ଛଳନାପୂର୍ଣ୍ଣ ସମ୍ବାଦ ପହ ।ଇ, ସେମାନଙ୍କ ପ୍ରେମର ନିବିଡ଼ତା ହୃଦୟଙ୍ଗମ କରିବାପରେ ମିଳନରପଥ ପରିଷ୍କାର କରିଛନ୍ତି। ରାଧାଙ୍କୁ ଯେତବେଳେ ସେ ଶୁଣାଇଦେଇଛନ୍ତି ଯେ ମିଳନପର୍ବ ପାଇଁ ସମସ୍ତ ପ୍ରସ୍ତୁତି ବହୁପୂର୍ବରୁ ହୋଇସାରିଛି ବୋଲି, ରାଧା ଆନନ୍ଦିତା ହୋଇଛନ୍ତି ଓ ଲଳିତାଙ୍କ କପଟପୂର୍ଣ୍ଣ ଆଚରଣପାଇଁ ତାଙ୍କ ପ୍ରତି କୃତ୍ରିମ କ୍ରୋଧ ପ୍ରକାଶ କରିଛନ୍ତି।

ଚତୁର୍ଥ ଦୃଶ୍ୟ – ଲଳିତାଙ୍କ ସହ ରାଧାଙ୍କର କୁଞ୍ଜଗମନ। ସ୍ଥାନ-ଯମୁନାକୂଳର କୁଞ୍ଜକାନନ। କେଳିକୁଞ୍ଜର ଅନ୍ତରାଳରେରହି କୃଷ୍ଣଙ୍କର ଅପରୂପ ଠାଣିରେ ବଂଶୀବାଦନର ଦୃଶ୍ୟ ଦର୍ଶନ। କାମଜର୍ଜରିତା ରାଧାଙ୍କୁ ସେହିଠାରେ ଛାଡ଼ି ଅନ୍ୟକାମ ବାହାନାରେ ଚତୁରୀ ଲଳିତାଙ୍କ ଅନ୍ୟସ୍ଥାନକୁ ଗମନ।

ପ ମ ଦୃଶ୍ୟଟି ମିଳନପର୍ବ। ଅସମୟରେ ବସନ୍ତର ଆବିର୍ଭାବ। କୁଞ୍ଜର ଫୁଲଶେଯରେ ରାଧାଙ୍କର ଶ୍ରୀକୃଷ୍ଣଙ୍କ ସହିତ ରାତ୍ରିଯାପନ। ପ୍ରକୃତିପୁରୁଷର ମହାମିଳନ, ପରଦିନ ସନ୍ଧ୍ୟାରେ ପୁଣି ଆସିବାର କଥା ଦେବାପରେ କୃଷ୍ଣଙ୍କ ଦୃଢ଼ ବାହୁବନ୍ଧନରୁ ମୁକୁଳି ଧୀର ପଦପାତରେ ଲଳିତାଙ୍କ ସହ ରାଧାଙ୍କର ଗୃହ ପ୍ରତ୍ୟାବ ର୍ନ।

ଏହା ପରର ଦୃଶ୍ୟ କେତେଗୋଟି ଗୌଣ, ମୁଖ୍ୟ ବିଷୟବସ୍ତୁ ସହିତ ସେତେ ବେଶି ସମ୍ବନ୍ଧାନ୍ୱିତ ନୁହଁ।

ଚମ୍ପୂକୁ ସଙ୍ଗୀତନାଟକ ବା ଗୀତିନାଟ୍ୟ ଭାବରେ ଗ୍ରହଣ କରନ୍ତି ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ କୁଳମଣି ଦାଶ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ଡକ୍ଟର ମାୟାଧର ମାନସିଂହ ପ୍ରମୁଖ ବିଦ୍ୱାନଗଣ। ଏହି ମତର ସାର୍ଥକତା ପ୍ରତିପାଦନ କରିଛନ୍ତି ବାବାଜି ବୈଷ୍ଣବଚରଣ ଦାସଙ୍କ ଭଳି କେତେଜଣ କୃଷ୍ଣପ୍ରେମୀ ନାଟ୍ୟକାର, ଏହାକୁ ବହୁବାର ଅଭିନୀତ କରାଇ। ମନଛୁଆଁ ସଙ୍ଗୀତଯୁକ୍ତ ଉକ୍ତି-ପ୍ରତ୍ୟୁକ୍ତି ଆଧାରିତ ଓ ନାଟକୀୟ ଶୈଳୀରେ ରଚିତ ହେତୁ ଚମ୍ପୂର ନାଟକୀୟତା ସ୍ୱତଃ ପ୍ରତିପାଦିତ।

## ୧୯.୮ ଭଜନ ର ସାଙ୍ଗୀତିକତା :

ମଧ୍ୟଯୁଗୀୟ କାବ୍ୟକବିତା ମୁଖ୍ୟତଃ ସଙ୍ଗୀତାଶ୍ରୟୀ। ରୀତିଯୁଗର ଶେଷଭାଗରେ ସଙ୍ଗୀତମଣ୍ଡିତ କାବ୍ୟକବିତାର ବହୁଳତା ପାଇଁ ଏହି କାଳଖଣ୍ଡକୁ 'ସଙ୍ଗୀତ ଯୁଗ' ଭାବରେ କେହି କେହି ଅଭିହିତ କରନ୍ତି। ସେହି ପରଂପରାରେ ଲାଳିତ କବିସୂର୍ଯ୍ୟ ଚମ୍ପୂକାବ୍ୟର କାବ୍ୟଗୁଣ ସହିତ ସାଙ୍ଗୀତିକତାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି, ଉନ୍ନତ ଓଡ଼ିଶୀ ସଂଗୀତର ମର୍ଯ୍ୟାଦା ଦେଇଛନ୍ତି।

ଚମ୍ପୂ ଗାଇବାପାଇଁ ରଚିତ ହୋଇଥିଲା; ଏଣୁ ସ୍ୱରପ୍ରଧାନ ଓ ସଂଗୀତପଦବାଚ୍ୟ। ଏଥିରେ ୩୪ଟି ଗୀତ ବା ସଙ୍ଗୀତର ସମାବେଶ ଘଟିଛି। ପ୍ରତ୍ୟେକ ସଙ୍ଗୀତରେ ଖଞ୍ଜି ଦିଆଯାଇଛି ବିଭିନ୍ନ ଭାବୋପଯୋଗୀ ରାଗ ଓ ତାଳ। ପ୍ରତ୍ୟେକ ଗୀତର ନିର୍ଦ୍ଦିଷ୍ଟ ଭାବ ପ୍ରକାଶପାଇଁ ନିର୍ଦ୍ଦିଷ୍ଟ ଭାବ ଓ ତାଳ ସଂଯୋଜିତ। ଏହି ରାଗ ଓ ତାଳଗୁଡ଼ିକ ସଙ୍ଗୀତଶାସ୍ତ୍ରନୁମୋଦିତ। କାରଣ କେଉଁ କେଉଁ ଭାବପାଇଁ କେଉଁ ପ୍ରକାର ରାଗ କି କି ରାଗ ଆବଶ୍ୟକ ତାହା ସଙ୍ଗୀତଶାସ୍ତ୍ରମାନଙ୍କରେ ନିର୍ଦ୍ଦିଷ୍ଟ କରାଯାଇଛି। ଚମ୍ପୂରେ ପ୍ରଯୁକ୍ତ ଏହି ରାଗଗୁଡ଼ିକ କ୍ରମାନ୍ୱୟରେ ହେଲେ – ସାବେରୀ, କେଦାର, ତୋଡ଼ିପରଜ, କାମୋଦୀ, ସିନ୍ଧୁକାମୋଦୀ ବା କୁମ୍ଭକାମୋଦୀ, ପ ମ ବରାଡ଼ି, ମୁଖାବରୀ, କେଦାର ବା ପୁନଙ୍ଗ, ମୁଖାବରୀ ବା ତୋଡ଼ିପରଜ, ତୋଡ଼ିଜଙ୍ଗଲା ବା ଗୋହନା, ବଙ୍ଗଳାଶ୍ରୀ ବା ବସନ୍ତ, ତୋଡ଼ି ବା ଦେଶାକ୍ଷ, ତୋଡ଼ି ପରଜ, ଦେଶାକ୍ଷ, ସୋମ, କନଡ଼ାଗୌଡ଼ା ବା କନଡ଼ା, ଝଂଝୋଟା ବା ତୋଡ଼ି ଜଙ୍ଗଲା, ଭଟିଆରି, କାନଡ଼ାକାଫି ବା ତୋଡ଼ିଜଙ୍ଗଲା, କାମୋଦୀ, ଭୈରବ, ପୂରବି ବା ତୋଡ଼ିପରଜ, ସାବେରୀ, କେଦାରଗୌଡ଼ା, କାମୋଦୀ ବା ମରୁଆ, ମୁଖାବରୀ, କେଦାର, ଖଣ୍ଡକାମୋଦୀ, ସାବେରୀ, ଝୁଲା, ମୁଖାବରୀ, ଶଙ୍କରାଭରଣ ବା ମୋହନ, ଗୌଡ଼ା ଓ କେଦାର।

ଏହି ସଙ୍ଗୀତଧର୍ମିତା ପାଇଁ ଚମ୍ପୂ ଏତେ ଲୋକପ୍ରିୟ। ସ୍ଥଳବିଶେଷରେ କ୍ଲିଷ୍ଟ ଓ ଦୁର୍ବୋଧ ହୋଇଥିଲେ ମଧ୍ୟ ଉଚ୍ଚକୋଟୀର ସାଙ୍ଗୀତିକ ବିଭବ ପାଇଁ ଏହା ଦୀର୍ଘ ଦେଢ଼ଶହ ବର୍ଷଧରି ଓଡ଼ିଆର ଜନମାନସକୁ ଆଚ୍ଛନ୍ନ କରିରଖିଛି।

## ୧୯.୯ ଭଜନ ର ଭାଷାବିଭବ :

କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାବଳୀରେ ବିବିଧ ଭାଷାପ୍ରୟୋଗ ଏହାର ସୌନ୍ଦର୍ଯ୍ୟ ବୃଦ୍ଧିକରେ। ରୀତିକାଳୀନ ପରଂପରାରେ ସେ କେତେକ ସଂସ୍କୃତାୟିତ ଆଳଙ୍କାରିକ ଶବ୍ଦ ପ୍ରୟୋଗ କରିଥିଲେ ହେଁ କଥିତ ଭାଷାର ବ୍ୟାପକ ପ୍ରୟୋଗପ୍ରତି ଦୃଷ୍ଟି ବି ଦେଇଥିଲେ। ଏହାହିଁ ତାଙ୍କ କାବ୍ୟର ଅନ୍ୟତମ ଆକର୍ଷଣ। କଥିତ ଭାଷା ମଧ୍ୟରେ ସେ ବ୍ୟବହାର କରିଛନ୍ତି ଅନେକ ଲୌକିକ ଦେଶଜ ଶବ୍ଦ ଓ ଯାବନିକ ଶବ୍ଦ। ଅନେକ ଅପ୍ରଚଳିତ ଶବ୍ଦର ସମାବେଶ ମଧ୍ୟ ତାଙ୍କ ଚମ୍ପୂରେ ଘଟିଛି। ଦୀର୍ଘକାଳ ଶାସନ ଓ ବିଚାର ବିଭାଗ ସହିତ ଜଡ଼ିତ ରହିବା ଫଳରେ ବହୁ ଯାବନିକ ଶବ୍ଦ ସହିତ ତାଙ୍କର ପରିଚୟ ଥିବା ସ୍ୱାଭାବିକ। ପାର୍ଶୀ ଥିଲା ସେକାଳରେ କଚେରି-ଭାଷା। ଏହି ଦୃଷ୍ଟିରୁ ମନେହୁଏ, ତାଙ୍କର ପାର୍ଶୀ ଓ ଆରବୀ ଭାଷାରେ ଭଲ ଜ୍ଞାନ ଥିଲା। ଆନ୍ଧ୍ରପ୍ରଦେଶର ପଡ଼ୋଶୀ ରାଜ୍ୟ ହୋଇଥିବାରୁ ଦକ୍ଷିଣ-ଓଡ଼ିଶା ନିବାସୀ ଭାବରେ ସେ ତେଲୁଗୁ ଭାଷାରେ ମଧ୍ୟ କିଛି ପରିମାଣରେ ଜ୍ଞାନ ହାସଲ କରିଥିଲେ। ଏଣୁ ଏସବୁ ଭାଷାର ପ୍ରୟୋଗ ତାଙ୍କ ରଚନାବଳୀରେ ପଶିଆସିଥିବ ନିଶ୍ଚୟ। ତାଙ୍କ ପୂର୍ବରୁ ସାଧୁଭାଷା ବା ତତ୍‌ସମ ଓ ତଦ୍‌ଭବ ଭାଷା ସହିତ କଥିତ ଭାଷାର ମିଶ୍ରଣରେ ସାହିତ୍ୟ-ରଚନାର ଧାରାଟି ଚଳିଆସୁଥିଲା। ଏସବୁ ଦୃଷ୍ଟିରୁ ତାଙ୍କ ଚମ୍ପୂରଚନାରେ ପ୍ରଯୁକ୍ତ ଭାଷା ଓ ଶବ୍ଦାବଳୀ ଖୋଜିବାକୁ ହେବ ଏବଂ ସେସବୁର ପ୍ରୟୋଗଗତ ବୈଚିତ୍ର୍ୟର ମୂଲ୍ୟାୟନ କରିବାକୁ ହେବ।

କିଛି କିଛି ଅପ୍ରଚଳିତ ସଂସ୍କୃତ ଶବ୍ଦ ଚମ୍ପୂରେ ଦେଖିବାକୁ ମିଳେ। ଯେପରି – ଖମଣି (ସୂର୍ଯ୍ୟ), ଘସ୍ରନାଥ (ଶିବ), ଚାମୀକର (ସୁନା), ଜମ୍ବୁନଦ (ସୁନା) ତାପି  (ତମାଳ), ପରିବୃଢ଼ (ସ୍ୱାମୀ, ପ୍ରଭୁ),ପ୍ରଶ୍ୱେଢ଼ନ) (ଅସ୍ତ), ବୃଜିକ (ପାପ), ସମାଂସମୀନା (ପ୍ରତିବର୍ଷ ଜନ୍ମ କରୁଥିବା ଗାଇ), ସଂବେଶ (ନିଦ୍ରା), ସର୍ବଂସହା (ପୃଥିବୀ) ଇତ୍ୟାଦି।

ସଂସ୍କୃତ-ବିଦ୍ୱାନ କବିସୂର୍ଯ୍ୟ ସଂଭ୍ରାନ୍ତ ଶବ୍ଦ ପ୍ରୟେଗାରେ ଯେଭଳି ସିଦ୍ଧହସ୍ତ, ଦେଶଜ ଓ ଆଞ୍ଚଳିକ ଶବ୍ଦ ଚୟନକରି ସେସବୁକୁ ଯଥାର୍ଥ ସ୍ଥାନରେ ପ୍ରୟୋଗ କରିବାରେ ମଧ୍ୟ ସେଭଳି ଧୁରନ୍ଧର। ଚମ୍ପୂରେ ପ୍ରଚଳିତ ଓ ଅପ୍ରଚଳିତ କେତୋଟି ଦୋଜ ଶବ୍ଦର ପ୍ରୟୋଗ-ଅନାଉଣି (ଚାହାଣି), ଆବୁର (ମହ୍ୱ), ଏକା (ଏକମାତ୍ର, କେବଳ), ଗୋଳିଆ (ଆବିଳତା), ଚହକାଇ (ଡରାଇ), ଚିନାଏ (ଚିକିଏ), ଛଟା (ଠାଣି), ଝଗଡ଼ି (ଧନ୍ଦି ହେବା, ବୃଥା କଷ୍ଟପାଇବା), ଝୋଲାମାରିବା (ହାଲିଆ ହେବା, ଚେତାଶୂନ୍ୟ ହେବା), ଝିମୁଟ (ଅଳ୍ପସମୟ), ଟପା (ଚାର), ଟାଳିବା (ଅପେକ୍ଷା କରିବା), ଟିପିବା (ଗୁପ୍ତରେ କହିବା), ଠଉରାଇ (ନିରେଖି), ଠଣା (ହାତମୁଠାକରି ଆଙ୍ଗୁଠି ଗଣ୍ଠିରେ ଆଘାତ କରିବା), ଠୁଙ୍କି (ମାରି, ପ୍ରହାରକରି), ଡୁଇଁ (ଦୋଷୀ), ଡୋର (ଦଉଡ଼ି), ଢ଼ବା (ପକ୍କା ଛାତଘର) ଢ଼ାଳେ (ଥରେ), ଥକାଇ (ରହିରହି), ଥାପି (ସ୍ଥିରକରି), ଧୁପିବା (ଆକ୍ରମଣପାଇଁ ଉଦ୍ୟତ ହେବା), ନିଜି (ପରା, ସତେ, ନାହିଁ କି), ଫଡୁଆ (ମିଛୁଆ), ଫରୁଆ (ଛୋଟ ଡବା), ଫୁରୁଣା (ମନଖୁସି), ହଟିବା (ଜିଦ କରିବା) ଇତ୍ୟାଦି।

ଯାବନିକ ଶବ୍ଦର ପ୍ରୟୋଗ – କବିକାଳୀନ ମୋଗଲ ଶାସନ ବ୍ୟବସ୍ଥାରେ ପ୍ରଚଳିତ କେତେକ ପାର୍ଶୀ ଓ ଆରବୀ ଶବ୍ଦ ଚମ୍ପୂରେ ଦେଖିବାକୁ ମିଳେ। ଏସବୁ ଶବ୍ଦକୁ କାବ୍ୟିକ ଶବ୍ଦର ମର୍ଯ୍ୟାଦା ଦେବାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏଠାରେ ସେସବୁରୁ କେତୋଟି ଶବ୍ଦ - ଆଖର (ଶେଷ), ଖିଆଲ (ଥଟ୍ଟା), ଜହର (ବିଷ), ଟକାୟତ (ଯୁବରାଜ), ଦିଓ୍ୱାଲା (ସର୍ବସ୍ୱାନ୍ତ), ନଜର (ଦୃଷ୍ଟି), ଫଜିତ (ଅପମାନ), ଫଉଜ (ସୈନ୍ୟ), ଫତୁଆ (ବିଫଳ), ଫତୁରିଖୋର (ମିଛେଇ), ଫରମାସ (ବରାଦ, ଆଦେଶ), ଫରିଆଦ (ଅଭିଯୋଗ), ଫୁକାର (ପ୍ରଚାର), ବରାବର (ସମାନ), ବାଜଣା (ରାଜା), ବାରୁଦ, ବ୍ୟାଜ (ସୁଧ, କଳନ୍ତର), ମରଜି (ଇଚ୍ଛା), ଲାଚାର (ନିରୁପାୟ), ସମଜାଇ (ବୁଝାଇ), ସରଦାର (ସେନାପତି), ହୁକୁମ (ଆଜ୍ଞା) ଇତ୍ୟାଦି।

ଚମ୍ପୂର ଏହି ଶବ୍ଦବିଭବ ଓଡ଼ିଆ ଶବ୍ଦଭଣ୍ଡାରକୁ ଋଦ୍ଧିମନ୍ତ କରେ। ରୀତିଯୁଗୀୟ ପରଂପରାରେ ଏକ ବିପ୍ଳବର ସୂତ୍ରପାତ କରେ। ଅନ୍ୟଭାଷାରେ, ଦାଣ୍ଡରେ ଗଡୁଥିବା ଶବ୍ଦଗୁଡ଼ିକୁ ଗୋଟାଇ ଆଣି କବିସୂର୍ଯ୍ୟ ସେସବୁକୁ  କାବ୍ୟରେ ପ୍ରୟୋଗ କଲେ, ଫଳରେ କାବ୍ୟରେ ଅଲୋଡ଼ା ଶବ୍ଦର ମର୍ଯ୍ୟାଦା ବଢ଼ିଲା, କାବ୍ୟର ସୁଷମା ବଢ଼ିଲା। ଚମ୍ପୂରେ ପ୍ରଯୁକ୍ତ ଯାବନିକ ଶବ୍ଦାବଳୀ ସଂବନ୍ଧରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ମତ ଦିଅନ୍ତି – "ସେକାଳର ପ୍ରଭାବୋଚିତ  କେତେକ ଶବ୍ଦକୁ ଏପରି ଭାବରେ, ଏମନ୍ତ ସ୍ଥଳରେ, ଏପରି ଚତୁରତା, ରସିକତା ଓ ବୁଦ୍ଧିମ ।ର ପ୍ରମାଣ ଦେଇ ଆପଣାର କରିନେଇଛନ୍ତି ଯେ ଭାବିବସିଲେ ବିସ୍ମୟ ସୃଷ୍ଟିହୁଏ। ଏଭଳି ଶବ୍ଦମାନ ସେ ଯାବନିକ ଭାଷାରୁ ବାଛିନେଇଛନ୍ତି, ଯାହାର ପ୍ରତିବଦଳରେ, ସେହି ମର୍ମର ଓ ସେହି ଭାବର ଅନ୍ୟ ଏକ ସରସ, ମଧୁର ଓ ଲଳିତ ଶବ୍ଦର ପ୍ରତିସ୍ଥାପନା ଅସମ୍ଭବ ମନେହୁଏ। ଆହୃତ ଶବ୍ଦଗୁଡ଼ିକ ଯେପିର ସରଳ, ରସଭାବାନୁକୂଳକ, ସେହିପରି ଗାୟନପକ୍ଷେ ମଧ୍ୟ ଏକାନ୍ତ ମନୋହାରୀ। ଏଭଳି ଆହରଣ ଓ ସଂଯୋଜନା କବିସୂର୍ଯ୍ୟ ଭିନ୍ନ ଉତ୍କଳୀୟ ଅନ୍ୟ କବିଙ୍କ ରଚନାରେ ଏକାନ୍ତ ଦୁର୍ଲ୍ଲଭ।" (କବିସୂର୍ଯ୍ୟ ପରିକ୍ରମା, ବ୍ରହ୍ମପୁର ବିଶ୍ୱବିଦ୍ୟଶାଳ ପୃ: ୬୨)

ବ୍ୟବହାରିକ ଭାଷାରେ ପ୍ରଚଳିତ ରଢ଼ି ବା ବିଶିଷ୍ଟାର୍ଥକ ଶବ୍ଦପୁଞ୍ଜକୁ କାବ୍ୟାୟିତ କରି କବିସୂର୍ଯ୍ୟ ସେସବୁକୁ କାବ୍ୟିକ ସୁଷମାରେ ଭୂଷିତ କରିଛନ୍ତି। ଅବଶ୍ୟ ପ୍ରସଙ୍ଗୋଚିତ ବ୍ୟବହାର ପାଇଁ ଆବଶ୍ୟକ ସ୍ଥଳେ ସେ ଏଥିରେ ସାମାନ୍ୟ ପରିବର୍ ନ ଆଣିଛନ୍ତି। ଉଦାହରଣ ସ୍ୱରୂପ –

(କ) ଖର୍ବ ହୋଇ ସୁରତରୁ-କୁସୁମ ବା୍ଲୁ। (ଖ) ଗଲାଣିତ ଗଲା କଥାରେ ସଙ୍ଗାତ। (ଗ) ଟେକାଟେକି ମୋତେ କରି ନାନାମତେ ତୁମ୍ଭ କାମନା ପୂରିବ। (ଘ) ତଳେ ବସନ ପ୍ରସାରି, ତୃଣ ଦଶନାନ୍ତେ ଧରି। କହିଲେ ହେଁ ଅନୁସରି, ରାଜି ତ

ନ ଦିଶିଲାରେ। (ଙ) ପରବଶ ହେବ ଯେବେ ପ୍ରାଣ ତୁଲେ ଦେହ / ପ୍ରାଣୀ କି କରିବ କହଗୋ। (ଚ) ଫୁଲିଗଲୁ ଫୁଲଇଲାମରସିକା ଜାଣିପରା ଶ୍ୟାମ ସ୍ନେହରେ। (ଛ) ଫୁଙ୍କିଦେଲେ ଉଡ଼ିଯିବା ପରି ସଡ଼ି ଅଛିଟି ତନୁ-ବଲ୍ଲରୀ।

ନୂତନ ଚିତ୍ରକଳ୍ପ ଓ ଉପମା ନିର୍ମାଣରେ ଓ ପ୍ରୟୋଗରେ ଓ ପ୍ରୟୋଗରେ ମଧ୍ୟ କବି ଦକ୍ଷତା ପ୍ରମାଣ କରିଛନ୍ତି। ସେଥିମଧ୍ୟରୁ ଅଳ୍ପ କେତୋଟି-ଗରଜଜରଜର, ଚାରୁମାରୁତ, ଚିନାଏ ଖେଦ, ଚୁଳମୁକୁଟିଆ, ଜୀମୂତକେଶୀ, ଟିକାଏ ପ୍ରାସ, ତାଳିମଧମା, ଶୃଙ୍ଗାରସୁଧା-ବରଷୀ-ମେଘ, ସ୍ମରସରଦାର ଇତ୍ୟାଦି।

କବିସୂର୍ଯ୍ୟଙ୍କ ଅନ୍ୟାନ୍ୟ ରଚନାରେ ପ୍ରାନ୍ତୀୟ ତେଲୁଗୁ ଶବ୍ଦର ଦର୍ଶନ ମିଳିଲେ ବି ଚମ୍ପୂରେ ତାହା ଅନୁପସ୍ଥିତ। କିନ୍ତୁ ଓଡ଼ିଆ-ତେଲୁଗୁ ମିଶାମିଶି ଅ ଳରେ ପ୍ରଚଳିତ ଅଳ୍ପ କେତୋଟି ଶବ୍ଦ ରହିଛି। 'ଫ' ଗୀତର ୧ମ ପଦରେ ଫାଟିପଡ଼ିବାର, ହେବାର, ଏକା ଶବ୍ଦମାନ ଏହାର ଉଦାହରଣ। ପ୍ରଥମ ପଦର ପ୍ରଥମ ଦୁଇଟି ପଙ୍‌କ୍ତି ହେଉଛି –

"ଫାଟି ପଡ଼ିବାର ନିକୁଞ୍ଜସ ।ର – ଶ୍ରମୁ ମୋ ଚରଣ ତଳ
ଫତୁରିଖୋର ଆଖରକୁ ହେବାର ଏହି ଏହା ଏଥୁ ଫଳ।"

"ଏହି ପଦଟିକୁ ବାକ୍ୟରୀତିରେ ପରିଣତ କଲେ ହେବ – 'ନିକୁଞ୍ଜସ ।ର-ଶ୍ରମୁ ମୋ ଚରଣତଳ ଫାଟିପଡ଼ିବାର ଏକା। ଏଥୁ ଆଖରକୁ ଫତୁରୀଖୋର ହେବାର (ଏହି) ଫଳ ଏକା।' ଏହି ବାକ୍ୟରେ ବଳାଘାତ ରୀତି ଓ କ୍ରିୟାପଦ 'ଫାଟିପଡ଼ିବାର', 'ହେବା'ର ଏବଂ ନିଶ୍ଚୟାର୍ଥକ 'ଏକା' ଅବ୍ୟୟର ବ୍ୟବହାର ତେଲୁଗୁ-ଓଡ଼ିଆ ମିଶାମିଶି ଅ ଳର ଏକ ଆ ଳିକ ରୀତି। ଏଇ ରୀତିଟିକୁ କବିସୂର୍ଯ୍ୟ ଆପଣାର କରିଛନ୍ତି। ଭାଷାକୁ ଗଣଧର୍ମୀ କରିଛନ୍ତି। ରାଜାଶୈଳୀରେ ଆ ଳିକତାର ଏଇ ରଙ୍ଗ କବିତାକୁ କମ୍ ଗୌରବ ଦେଇନାହିଁ। ବିଶେଷକରି ସଂସ୍କୃତାଭିମୁଖୀ ରୀତିଯୁଗରେ ଏଇ ପରୀକ୍ଷା କମ୍ ସାହସିକତା ଓ ଆତ୍ମବିଶ୍ୱାସର ପରିଚୟ ଦିଏ ନାହିଁ।" (କହିତ ନୁହଇ ଭାରତୀରେ, ପୃ; ୧୩୭)

ସେହିଭଳି ବଙ୍ଗଳାଭାଷାର ପ୍ରୟୋଗ ମଧ୍ୟ ତାଙ୍କ 'ହ' ଚମ୍ପୂରେ ଦେଖିବାକୁ ମିଳେ। ଏହାର ଘୋଷପଦ - "ହରି ହାମାର, ଏତ ପ୍ରାନେର୍ଦ୍ଧନ ଗୋ" ରେ ବଙ୍ଗଳା ସଂକୀ ର୍ନର ପ୍ରଭାବ ଅନୁଭୂତ ହୁଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ଡିତ କୁଳମଣି ଦାଶଙ୍କ ସଂକଳିତ 'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ରେ ଏଇ ବଙ୍ଗଳା ଘୋଶାପଦଟି ଏପର୍ଯ୍ୟନ୍ତ ଥିଲେ ମଧ୍ୟ ପରବ ର୍ୀକାଳରେ ସଂକଳିତ ଚମ୍ପୂରେ ଏହା ପରିବ ର୍େ ଏହାର ଓଡ଼ିଆ ରୂପାନ୍ତର ସ୍ଥାନ ପାଇଛି।

'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ର ସୁଯୋଗ୍ୟ ସଂକଳନ ଓ ସଂପାଦକ ପଣ୍ଡିତ କୁଳମଣି ଦାଶ କବିସୂର୍ଯ୍ୟଙ୍କ ରଚନାବଳୀର ଭାଷା ବିଶ୍ଳେଷଣ କାଳରେ ମୂଲ୍ୟବାନ ମନ୍ତବ୍ୟମାନ ଦେଇଛନ୍ତି। ଗୋଟିଏ ସ୍ଥାନରେ ସେ କହନ୍ତି – "ଦେଶରେ ପାଶ୍ଚାତ୍ୟ ଭାଷାର ପ୍ରଚଳନ ପରେ ଆମ୍ଭମାନଙ୍କ ଭାଷାର ଯେ ପରିବ ର୍ନ ହୋଇଅଛି, ତାହା ଅବଶ୍ୟ କବି ବଳଦେବଙ୍କ ଦୃଷ୍ଟିରେ ପଡ଼ିନାହିଁ। ତଥାପି ତତ୍‌ପ୍ରଯୁକ୍ତ ଭାଷା ଆଧୁନିକ ମାର୍ଜିତ ଓଡ଼ିଆ ଭାଷାଠାରୁ କୌଣସି ଅଂଶରେ ନ୍ୟୂନ ନୁହେଁ। ଆମ୍ଭେମାନେ ବ ର୍ମାନ ଯାହାକୁ ଓଡ଼ିଆ ଭାଷାର ବ୍ୟାକରଣ ନିୟମର ଅଙ୍ଗୀଭୂତ ବୋଲି ମନେକରୁଁ, ବଳଦେବ ସେସବୁ କୌଣସିଠାରେ ଲଙ୍ଘନ କରିଅଛନ୍ତି ବୋଲି ଆମ୍ଭମାନଙ୍କ ଦୃଷ୍ଟିରେ ଏପର୍ଯ୍ୟନ୍ତ ପଡ଼ିନାହିଁ ଏବଂ ତାଙ୍କର କବିତା କୌଣସିଠାରେ ଦୂରଶ୍ଚୟଦୋଷଦୁଷ୍ଟ ବୋଲି ଆମ୍ଭେମାନେ ଦେଖିନାହୁଁ। ସରଳ ଅଥଚ ବିଶିଷ୍ଟାର୍ଥକ (Idiomatic) ଓଡ଼ିଆ ଶବ୍ଦମାନଙ୍କୁ ସଂସ୍କୃତ ଶବ୍ଦମାନଙ୍କ ସଙ୍ଗେ ବ୍ୟବହାର କରି ସେ ଭଞ୍ଜୀୟ ଯୁଗପରେ ଭାଷାକୁ ଯେଉଁ ନୂତନ ଢ଼ା ।ରେ ଢ଼ାଳିଦେଇଗଲେ, ଉତ୍କଳୀୟ କବିବର ରାଧାନାଥ ତାହାକୁହିଁ ଅନୁକରଣ କରିଛନ୍ତି।" (କବିସୂର୍ଯ୍ୟ ଗ୍ରନ୍ଥବଳୀ, ପୃ: ୭୯-୭୦)

## ୧୯.୧୦ ଭଜନ ରେ ରସପ୍ରବାହ :

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ରେ ମୁଖ୍ୟତଃ ଶୃଙ୍ଗାରରସର ପ୍ରବାହ ଛୁଟିଛି। ଏଥିରେ ଶାନ୍ତରସ ଓ କରୁଣରସର ପ୍ରବାହ ମଧ୍ୟ ରହିଛି; କିନ୍ତୁ ତାହା କ୍ଷୀଣ। ସେ ରସଦ୍ୱୟର ପ୍ରବାହର ଗତି ପ୍ରଖର ନୁହେଁ, ଶୃଙ୍ଗାରରସର ପ୍ରବାହ ଭଳି। ଏଥିରେ ଶୃଙ୍ଗାରରସର ଉଦ୍‌ବୋଧନ କବିଙ୍କ ଲକ୍ଷ୍ୟ। କାବ୍ୟାରମ୍ଭରେ ସଂସ୍କୃତ ମଙ୍ଗଳାଚରଣରେ କବି ରାଧାକୃଷ୍ଣଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶାନ୍ତରସ ବା ଭକ୍ତିରସର ପ୍ଳାବନ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ପୁଣି ଶେଷରେ 'କ୍ଷ' ଗୀତରେ ମଧ୍ୟ ଭକ୍ତି-ଅର୍ଘ୍ୟ ବାଢ଼ି ଶାନ୍ତରସ ସୃଷ୍ଟି କରିଛନ୍ତି। ଯାହା ପ୍ରତୀତ ହୁଏ, ମୂଳରୁ ଶାନ୍ତରସ ଓ ଶେଷରେ ଶାନ୍ତରସର ଉଦ୍‌ବୋଧନ କାବ୍ୟ ମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରବାହିତ। ପୁନଶ୍ଚ ନିଜର ପୃଷ୍ଠପୋଷକ ଆଠଗଡ଼ର ରାଗାନୁଗାମାର୍ଗୀ ରାଜାଙ୍କ ପ୍ରୀତ୍ୟାର୍ଥେ ଏହି କୃଷ୍ଣକାବ୍ୟଟି ରଚିତ ହୋଇଥିବାରୁ ଏଥିରେ ଶୃଙ୍ଗାରରସ ବା ମଧୁରରସ ମୁଖ୍ୟରସ ଭାବରେ ରହିଛି ଓ ଶାନ୍ତରସ ବା ଭକ୍ତିରସ ଏହାର ଅନ୍ତରାଳରେ ପ୍ରବାହିତ ହୋଇଛି। ଆହୁରି ମଧ୍ୟ ହୋଇପାରେ ରୀତିକାବ୍ୟାଦର୍ଶରେ ରଚିତ ହେତୁ ଏହି କାବ୍ୟର ଆରମ୍ଭରେ ମଙ୍ଗଳାଚରଣରେ ଶାନ୍ତରସ ଓ ଶେଷରେ ମଧ୍ୟ ଶାନ୍ତରସର ଅବତାରଣା ହୋଇଛି। ସେ ଯାହାହେଲେ ବି ଶାନ୍ତରସ ଏଥିରେ ଗୌଣ ହୋଇଥିବାରୁ ନିଜର ସ୍ଥିତି ଦୃଢ଼ ଭାବରେ ଘୋଷଣା କରିପାରିନାହିଁ।

ସେହିଭଳି କରୁଣରସ। ଏହାର ସ୍ୱଷ୍ଟ ପ୍ରକାଶ ମଧ୍ୟ ଘଟି ନ ଥିଲେହେଁ ଏହା ଶୃଙ୍ଗାରରସକୁ ଉଦ୍‌ଜୀବିତ କରିରଖେ। କୃଷ୍ଣଙ୍କୁ ରାଧା ଓ ରାଧାଙ୍କୁ କୃଷ୍ଣ ପାଇବାର ପଥରେ ଚତୁରୀ ଲଳିତାଙ୍କର ଛଳନାପୂର୍ଣ୍ଣ ନକାରାତ୍ମକ ଉକ୍ତି ସେମାନଙ୍କ ମନରେ ଜାତ କରୁଥିବା ଖେଦରେ, ଉତ୍କଣ୍ଠା ଓ ଦ୍ୱନ୍ଦ୍ୱ ମଧ୍ୟରେ କରୁଣରସର ପ୍ରବାହ ଅନୁଭୂତ ହୁଏ। କରୁଣରସର ଉପସ୍ଥିତି ସମ୍ବନ୍ଧରେ ପଣ୍ଡିତ କୁଳମଣି ଦାଶଙ୍କ ମୂଲ୍ୟବାନ ମତ ହେଉଛି – "ବଳଦେବ ପ୍ରାଚୀନ ଯୁଗର କବି; ସୁତରାଂ କାଳୋଚିତ ରୁଚିର ବଶବ ୀ ହୋଇ ତାଙ୍କୁ  ଅନେକ ସ୍ଥାନରେ ଶୃଙ୍ଗାରରସର ବର୍ଣ୍ଣନା କରିବାକୁ ପଡ଼ିଅଛି। କିନ୍ତୁ ଚମ୍ପୂକାବ୍ୟ ରାଧାକୃଷ୍ଣଙ୍କ କେଳିବର୍ଣ୍ଣନା ହେଲେହେଁ ସେଥିରେ ସେ ଅତି ସାବଧାନତାର ସହିତ ମୁଖ୍ୟ ଶୃଙ୍ଗାରରସକୁ ଗୁଣୀଡଭୂତ କରି କରୁଣକୁ ଅଙ୍ଗୀରସରୂପେ ଗ୍ରହଣ କରିଅଛନ୍ତି।" (କବିସୂର୍ଯ୍ୟ ଗ୍ରନ୍ଥାବଳୀ, ପୃ:୬୨)

ଶୃଙ୍ଗାରରସ ଏହି କାବ୍ୟର ମୁଖ୍ୟ। ରାଧାକୃଷ୍ଣ ପ୍ରେମଲୀଳାମୂଳକ କାବ୍ୟରେ କବିମାନେ ସାଧାରଣତଃ ଶୃଙ୍ଗାରରସର ପ୍ରବଳବନ୍ୟା ଛୁଟାଇଛନ୍ତି। ଶୃଙ୍ଗାର ଦ୍ୱିବିଧ – ସମ୍ଭୋଗଶୃଙ୍ଗାର ଓ ବିପ୍ରଳମ୍ଭ ଶୃଙ୍ଗାର। ମିଳନରେ ସମ୍ଭୋଗଶୃଙ୍ଗାର ଓ ବିରହରେ ବିପ୍ରଳମ୍ଭଶୃଙ୍ଗାରର ସ୍ଥିତି ଓ ବିସ୍ତୃତି। ଚମ୍ପୂକାବ୍ୟରେ ବର୍ଣ୍ଣିତ ଶୃଙ୍ଗାର ବିପ୍ରଲମ୍ଭଶୃଙ୍ଗାର ନୁହେଁ, ସମ୍ଭୋଗଶୃଙ୍ଗାର। ଅନ୍ୟାନ୍ୟ ବୈଷ୍ଣବ-କାବ୍ୟଭଳି ଏଥିରେ ମିଳନ ପରେ ବିରହର ଅବକାଶ ନାହିଁ; ସୁତରାଂ ବିପ୍ରଲମ୍ଭ ଶୃଙ୍ଗାରର ସ୍ଥାନ ନାହିଁ। ରାଧାଙ୍କ 'ମଜ୍ଜିଯିବି କି ଉଭା-ରତିରେ' ଉକ୍ତିରେ ଓ କୃଷ୍ଣଙ୍କ 'ପିଇ ଦିଅନ୍ତି କି ଗୋଟିକଯାକ ସେ କିଶୋରୀକି' ଉକ୍ତିରେ ସମ୍ଭୋଗଶୃଙ୍ଗାରର ଇଙ୍ଗିତ ସ୍ୱଷ୍ଟ। 'ମ' ଗୀତରେ ରାଧାକୃଷ୍ଣଙ୍କ ମିଳନ ଘଟିଛି; ଆରମ୍ଭ ହୋଇଛି ସମ୍ଭୋଗଶୃଙ୍ଗାରର ପର୍ବ। ଶୁଭିଛି ମଣିଖଚିତ କିଙ୍କିଣୀର ଧ୍ୱନି ସହିତ ମନୋହର ନୂପୁର ଧ୍ୱନି ଓ କଟିମେଖଳାର ରୁଣ୍ଣୁଝୁଣ୍ଣୁ ଶବ୍ଦ, ବପରୀତ ରତି ଉତ୍ସବର ସଙ୍କେତ ସ୍ୱରୂପ। ପୁଣି ଚାଲିଛି ଯୁଗନଦ୍ଧ ପ୍ରଣୟୀଙ୍କର ଚୁମ୍ବନ ଚୁଁକୃତି ସ୍ୱନ, ରତିଯୁଦ୍ଧର ପରିଚର୍ଯ୍ୟା ସ୍ୱରୂପ। ଏ ଦୃଷ୍ଟିରୁ ଏ କାବ୍ୟଟି ସମ୍ଭୋଗଶୃଙ୍ଗାରର ଘନୀଭୂତ ପରିପ୍ରକାଶ। ଏହାସ େ ଏହାର ଯେ ତା ିକ ଦିଗଟିଏ ରହିଛି, ତାହା ଭୁଲିଗଲେ ଚଳିବ ନାହିଁ।

ମିଳନପର୍ବରେ କାମ-ଉ େଜନା ହେତୁ ଶ୍ୟାମ-ଗୌର ତେଜ ଏକୀଭୂତ ହୋଇଗଲେ। ପ୍ରକୃତି - ପୁରୁଷର ମିଳନ ଘଟିଲା। ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା। ସ୍ୱର୍ଗରେ ଗନ୍ଧର୍ବମାନେ ଗାନ ଆରମ୍ଭ କଲେ। ଅପ୍‌ସରାମାନେ ନୃତ୍ୟ ରଚିଲେ। ଚାରିଆଡ଼େ ମୃଦଙ୍ଗଧ୍ୱନି ନିନାଦିତ ହେଲା। ମ ର୍ୟବାସୀ ଆନନ୍ଦିତ ହେଲେ। ପରମ ବୈଷ୍ଣବଗଣ ଧାନରେ ଏହା ସ୍ମରଣକରି ସମସ୍ତ ପାପକ୍ଷାଳନ କଲେ। ଏହା ହିଁ କାବ୍ୟର ତା ିକ ଦିଗ।

ଆଲୋଚନାର ଶେଷରେ ସମ୍ଭୋଗଶୃଙ୍ଗାରର ଉପରୋକ୍ତ ଲୌକିକ ଓ ତା୍ିକ ଦିଗ ଦୁଇଟି ସଂବନ୍ଧରେ ଦୁଇ ଆଲୋଚକଙ୍କର ପାଣ୍ଡିତ୍ୟପୂର୍ଣ୍ଣ ମତ ଉଦ୍ଧାର କରାଯାଇପାରେ।

କବିସୂର୍ଯ୍ୟ ବଳଦେବଙ୍କ ସାରସ୍ୱତ କୃତିର ଅନ୍ୟତମ ଗବେଷକ ଡ଼କ୍ଟର ଅଶୋକକୁମାର ଦାଶଙ୍କ ମତ ଏହିପରି – "ରାଜା ଜଗଦ୍ଦେବ ହରିଚନ୍ଦନ ଏ ମହୋତ୍ସବ ଧ୍ୟାନକରି ପାତକ ମ୍ଳାନ କରିପାରନ୍ତି, ମାତ୍ର ପାଠକ ଏହା ଅନୁଭବ କରିପାରେ ନାହିଁ। ଏହି ଗୀତ ('ମ' ଗୀତ) ଟିହିଁ ସମଗ୍ର କାବ୍ୟର ଲକ୍ଷ୍ୟ ପୂରଣରେ ସହାୟକ ଏବଂ କଥାବସ୍ତୁର ଶୀର୍ଷ (Climax) ହିସାବରେ ଗୃହୀତ। ତେଣୁ ଶୃଙ୍ଗାରରସହିଁ ଏ କାବ୍ୟଟିର ମୁଖ୍ୟରସ ବା ଅଙ୍ଗୀରସ। ଏହି ଶୃଙ୍ଗାରରସହିଁ କିଶୋରଚନ୍ଦ୍ର କୃଷ୍ଣଙ୍କ ଆନନ୍ଦ। ତେଣୁ ଶ୍ରୀକୃଷ୍ଣଙ୍କ ଜୀବନର ବହୁବିଧ ଲୀଳା ଭିତରୁ କେବଳ ଗୋପଲୀଳାହିଁ କବିମାନଙ୍କର ମୁଖ୍ୟ ଆଧାର। ଏହାହେଲେ କବିଙ୍କୁ ବିଶେଷ ସୁବିଧା ହୁଏ। 'ଅମ୍ବୁ ଯେ ହେଉ ସେ ହେଉ ଶାଳଗ୍ରାମେ ସ୍ନାନ' ନ୍ୟାୟରେ ଏହାକୁ ପବିତ୍ର ବୋଲି ପ୍ରମାଣ କରିବାର ସୁଯୋଗ ମିଳେ। ରାମନାମ ନେଇ କାମର ପୂଜା କରିବାକୁ ଅବକାଶ ମିଳେ। କବିସୂର୍ଯ୍ୟ ଠିକ୍ ସେଇୟା କରିଛନ୍ତି। ତାଙ୍କ ନାମରେ ତୁଳସୀପତ୍ରିଆ କବି ବୋଲି ଅପବାଦ ତ ରହିଛି। ତେବେ ଯାହାହେଉ କାବ୍ୟଟିକୁ ସରସ କରିଛି କବିଙ୍କ ରସିକତା – ଯାହାବିନା କାବ୍ୟ ନୀରସ, କର୍କଶ।" (କହିତ ନୁହଇ ଭାରତୀରେ, ପୃ:୧୦୫)

ଅନ୍ୟତମ ବିଶିଷ୍ଟ ଆଲୋଚକ ଡ଼କ୍ଟର କୃଷ୍ଣଚରଣ ବେହେରାଙ୍କ ଅଭିମତ ହେଉଛି – "କିନ୍ତୁ କେବଳ ଧର୍ମୀୟ ଦୃଷ୍ଟିକୋଣରୁ କୃଷ୍ଣକାବ୍ୟର ଶୃଙ୍ଗାରିକତା ବିଚାର କରିବା ଉଚିତ୍ ହେବନାହିଁ। ଏହି କାବ୍ୟପୁଷ୍ପ କେବଳ ଦେବଦେବୀଙ୍କ ଅର୍ଘ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ, ସାଧାରଣ ନରନାରୀଙ୍କର ବ୍ୟବହାର ଉପଯୋଗୀ ହୋଇପାରେ ମଧ୍ୟ। 'କିଶୋରଚନ୍ଦ୍ରାନନ ଚମ୍ପୂ' ଏକ ସାରସ୍ୱତ ସୃଷ୍ଟି ଏବଂ ସେହି କାରଣରୁ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ବା ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ହୋଇ ରହିନପାରେ। ପ୍ରତ୍ୟେକ ସହୃଦୟ ପାଠକ ଏଥିରେ ପ୍ରବେଶ କରିବାର ବା ଏହା ଗ୍ରହଣ କରିବାର ଅଧିକାର ଧାରଣ କରନ୍ତି। ସେଥିପାଇଁ କବିସୂର୍ଯ୍ୟ ମଧ୍ୟ ଦେବତାଙ୍କୁ ମଣିଷ କରି, ତାଙ୍କର ପ୍ରଣୟଲୀଳାକୁ ଲୌକିକ ଓ ମାନବୀୟ ରୂପ ପ୍ରଦାନ କରିଛନ୍ତି। ବିଚିତ୍ର ସାଂସାରିକ ପ୍ରେମର ବିଭିନ୍ନ ବିଭାବ ସଂପର୍କରେ କବିଙ୍କର ସକଳ ଅନୁଭୂତି-ଅଭିଜ୍ଞତା ରାଧାକୃଷ୍ଣ ପ୍ରଣୟଲୀଳା ମଧ୍ୟରେ ପ୍ରକାଶିତ ହୋଇଛି। ଦେବଦେବୀ ସଂପର୍କିତ ଶୃଙ୍ଗାରିକତା ଉପରେ କବି 'ତୁଳସୀପତ୍ର ପକାଇ ପବିତ୍ର କରିବା' ଯୁକ୍ତି, କିମ୍ବା ବଳଦେବଙ୍କୁ 'ତୁଳସୀପତ୍ରିଆ କବି' ଅଭିଧାରେ ଚିହ୍ନିତ କରିବା ପ୍ରୟାସ ସେଥିପାଇଁ ଉଚିତ୍ ମନେହେଉ ନାହିଁ।" (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ପୃ : ୧୧୭)

ବଳଦେବ ପରଂପରାର କବି। କାବ୍ୟରଚନାରେ ତେଣୁ ସେ ପରଂପରାଚ୍ୟୁତ ନୁହଁନ୍ତି। ତେଣୁ ରୀତିକାବ୍ୟର ଶୃଙ୍ଗାରିକ ରୁଚିହିଁ ପାଲଟିଛି 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ର ଆତ୍ମା। ଶୃଙ୍ଗାରରସର ଉଦ୍‌ବୋଧନ କାଳରେ ସେ ଯେତିକି ତତ୍ପର, ଶାନ୍ତରସ ଓ କରୁଣରସ ପ୍ରତି ସେତିକି ଉଦାସୀନ। ଏ ଦୁଇରସ ସେଥିରେ ଗୌଣ ଓ ଶୃଙ୍ଗାରରସର ମହାପ୍ଲାବନ ମଧ୍ୟରେ ସେଇ ଦୁଇଟିକୁ ଖୋଜିବାକୁ ପଡ଼େ। ସେ ଯାହାହେଉ, ନିଜର ପୃଷ୍ଠପୋଷକ ଆଠଗଡ଼ର ରାଜା ଜଗଦ୍ଦେବ୍ ହରିଚନ୍ଦନଙ୍କ ଗୌଡ଼ୀୟ ବୈଷ୍ଣବୀୟ ଚି ବୃ୍ତି ପ୍ରତି ସଚେତନ ଥାଇ ଅଭିମନ୍ୟୁଙ୍କ ଭଳି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅପ୍ରାକୃତ ପ୍ରେମଲୀଳାର ପୋଷାକ ପିନ୍ଧାଇ ଶୃଙ୍ଗାରରସର ପ୍ରବଳ ବନ୍ୟା ଛୁଟାଇ ଦେଇଛନ୍ତି ଏ କାବ୍ୟରେ। ପରିବେଷଣଗତ ରସିକତା, କବିତ୍ୱ ଓ ପାଣ୍ଡିତ୍ୟ, ବର୍ଣ୍ଣନାପାଟବ ଆଦି ତାଙ୍କ କାବ୍ୟରୁ ଅପରୂପ କାବ୍ୟିକ କମନୀୟତାରେ ମଣ୍ଡିଦେଇଛି।

## ୧୯.୧୧ ନିଷ୍କର୍ଷ :

୧. ସଙ୍ଗୀତଯୁଗ ଭାବରେ ଅଭିହିତ ରୀତିଯୁଗର ଶେଷଭାଗରେ ରଚିତ ପଦାବଳୀ ଓ ଚମ୍ପୂ ସାହିତ୍ୟ ସଙ୍ଗୀତ ଓ ସାହିତ୍ୟର ସମନ୍ୱିତ ରୂପ।

୨. ଉକ୍ତି-ପ୍ରତ୍ୟୁକ୍ତି ଶୈଳୀରେ ରଚିତ ହେତୁ ଏଥିରେ ନାଟ୍ୟଧର୍ମିତା ସଂରକ୍ଷିତ।

୩. ଏ ସାହିତ୍ୟର ପଦାବଳୀ ବିଭାଗଟି ହେଉଛି ବିଚ୍ଛେଦ ଓ ବିରହର ସାହିତ୍ୟ। ଏଣୁ ଏଥିରେ ମିଳନ ଅପେକ୍ଷା ବିରହାତ୍ମକ ସଂଗୀତର ସଂଖ୍ୟା ଅଧିକ।

୪. ରାଧା ଓ କୃଷ୍ଣ ଭିତରେ ଗଢ଼ିଉଠିଥିବା ପ୍ରେମ ଅପ୍ରାକୃତ; କିନ୍ତୁ ପଦାବଳୀ ଓ ଚମ୍ପୂରେ ସେହି ପ୍ରେମକୁ ରୂପାୟିତ କରିବା କାଳରେ ତାହାକୁ ମାନବାୟିତ କରାଯାଇଛି, ସାଧାରଣ ଲୋକଙ୍କ ବୈଷ୍ଣବୀୟତ୍ୱର ଅବଗତି ନିମନ୍ତେ।

୫. ଆକାରରେ କ୍ଷୁଦ୍ର ଓ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନାରେ ପ୍ରାଣବନ୍ତ ହୋଇଥିବାରୁ ପଦାବଳୀ ଓ ଚମ୍ପୂ ଅତି ସହଜରେ ମନେରହିଯାଏ। ଏଣୁ ଏସବୁ ସଙ୍ଗୀତ ଆଜି ବି ବହୁ ଓଡ଼ିଆଙ୍କର କଣ୍ଠସ୍ଥ।

୬. ମନଃଶିକ୍ଷାମୂଳକ କେତୋଟି ରଚନାରେ ପଦାବଳୀ ସାହିତ୍ୟ ସମୃଦ୍ଧ। ଏଥିରେ ସଂସାରର ଅନିତ୍ୟତା ପ୍ରଦର୍ଶିତ ହୋଇ ଶ୍ରୀକୃଷ୍ଣଙ୍କ ପଦାରବିନ୍ଦରେ ଆଶ୍ରୟ ନେବାକୁ ଉପଦେଶ ରହିଥାଏ।

୭. ଗଭୀର ବୈଷ୍ଣବୀୟ ପ୍ରେମତତ୍ତ୍ୱକୁ ବର୍ଣ୍ଣନା କଲାବେଳେ ବୈଷ୍ଣବକବିଗଣ ସରଳ ଭାଷା ଓ ସଙ୍ଗୀତର ଆଶ୍ରୟ ନେଇଥାଆନ୍ତି। ବର୍ଣ୍ଣନାକାଳରେ ଏଥିରେ ସେମାନେ ସାହିତ୍ୟର ସମଗ୍ର ବିଭାବ ପ୍ରତି ଦୃଷ୍ଟି ଦେଇଥାଆନ୍ତି। ଏଣୁ ପଦାବଳୀ ଓ ଚମ୍ପୂର ସାହିତ୍ୟିକ ମୂଲ୍ୟ କାଳେ କାଳେ ସଂରକ୍ଷିତ।

## ୧୯.୧୨ ପରିଶିଷ୍ଟ :

(କ) – ଆଦର୍ଶ ପ୍ରଶ୍ନାବଳୀ :

(୧) ପଦାବଳୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ନିରୂପଣ କର।

(୨) ବିପ୍ରଲମ୍ଭ – ଶୃଙ୍ଗାର ଚିତ୍ରଣ କରିବାରେ ପଦାବଳୀ – ରଚୟିତାମାନଙ୍କର କୃତିତ୍ୱ ଦର୍ଶାଅ।

ସଂପର୍କିତ ଶୃଙ୍ଗାରିକତା ଉପରେ କବି 'ତୁଳସୀପତ୍ର ପକାଇ ପବିତ୍ର କରିବା' ଯୁକ୍ତି, କିମ୍ବା ବଳଦେବଙ୍କୁ 'ତୁଳସୀପତ୍ରିଆ କବି' ଅଭିଧାରେ ଚିହ୍ନିତ କରିବା ପ୍ରୟାସ ସେଥିପାଇଁ ଉଚିତ୍ ମନେହେଉ ନାହିଁ।" (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ପୃ:୧୧୭)

ବଳଦେବ ପରଂପରାର କବି। କାବ୍ୟରଚନାରେ ତେଣୁ ସେ ପରଂପରାଚ୍ୟୁତ ନୁହଁନ୍ତି। ତେଣୁ ରୀତିକାବ୍ୟର ଶୃଙ୍ଗାରିକ ରୁଚିହିଁ ପାଳଟିଛି 'କିଶୋରଚନ୍ଦ୍ରାନ୍ଦ ଚମ୍ପୂ' ର ଆତ୍ମା। ଶୃଙ୍ଗାରରସର ଉଦ୍‌ବୋଧନ କାଳରେ ସେ ଯେତିକି ତତ୍ପର, ଶାନ୍ତରସ ଓ କରୁଣରସ ପ୍ରତି ସେତିକି ଉଦାସୀନ। ଏ ଦୁଇରସ ସେଥିରେ ଗୌଣ ଓ ଶୃଙ୍ଗାରରସର ମହାପ୍ଲାବନ ମଧ୍ୟରେ ସେଇ ଦୁଇଟିକୁ ଖୋଜିବାକୁ ପଡ଼େ। ସେ ଯାହାହେଉ, ନିଜର ପୃଷ୍ଠପୋଷକ ଆଠଗଡ଼ର ରାଜା ଜଗଦ୍ଦେବ୍ ହରିଚନ୍ଦନଙ୍କ ଗୌଡ଼ୀୟ ବୈଷ୍ଣବୀୟ ଚିତ୍ତବୃତ୍ତି ପ୍ରତି ସଚେତନ ଥାଇ ଅଭିମନ୍ୟୁଙ୍କ ଭଳି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅପ୍ରାକୃତ ପ୍ରେମଲୀଳାର ପୋଷାକ ପିନ୍ଧାଇ ଶୃଙ୍ଗାରରସର ପ୍ରବଳ ବନ୍ୟା ଛୁଟାଇ ଦେଇଛନ୍ତି ଏ କାବ୍ୟରେ। ପରିବେଷଣଗତ ରସିକତା, କବିତ୍ୱ ଓ ପାଣ୍ଡିତ୍ୟ, ବର୍ଣ୍ଣନାପାଟବ ଆଦି ତାଙ୍କ କାବ୍ୟକୁ ଅପରୂପ କାବ୍ୟିକ କମନୀୟତାରେ ମଣ୍ଡିଦେଇଛି।

## ୧୯.୧୪ : ସହାୟକ ଗ୍ରନ୍ଥପୁଞ୍ଜ


କବି ଗୋପାଳକୃଷ୍ଣ - ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୯୨।

କବି ଗୋପାଳକୃଷ୍ଣ ସୃଷ୍ଟି ଓ ସୌରଭ – ଡ଼କ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ, କଟକ, ୨୦୦୭।

କବି ବନମାଳୀ ଓ ତାଙ୍କ ପଦ୍ୟାବଳୀ – ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୭୯।

କବିସୂର୍ଯ୍ୟ କାବ୍ୟବିଭା – ଡକ୍ଟର ଦାଶରଥି ଦାସ, କଟକ, ୧୯୮୯।

କବିସୂର୍ଯ୍ୟ ଗ୍ରନ୍ଥାବଳୀ – (ସଂ) ପଣ୍ଡିତ କୁଳମଣି ଦାଶ, କଟକ, ୧୯୭୭।

କବିସୂର୍ଯ୍ୟ ପରିକ୍ରମା – (ସଂ)ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

କବିସୂର୍ଯ୍ୟ ପରିକ୍ରମା – (ସଂ) ଶିବରାମ ପାତ୍ର, ବ୍ରହ୍ମପୁର, ୧୯୭୯।

କବିସୂର୍ଯ୍ୟ ବଳଦେବ ରଥ - ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଭୁବନେଶ୍ୱର, ୧୯୯୩।

କହିତ ନୁହଇ ଭାରତୀରେ – ଡକ୍ଟର ଅଶୋକକୁମାର ଦାଶ, କଟକ, ୨୦୦୨।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୮୪।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ବୈଷ୍ଣବଚରଣ ସାମଲ ଓ ରତ୍ନାକର ଚଇନି, କଟକ, ୧୯୮୨।

ଗୋପାଳକୃଷ୍ଣ ପଦାବଳୀ – (ସଂ) ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୦।

ଗୋପାଳକୃଷ୍ଣ ପଦାବଳୀ ପରିକ୍ରମା – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୯୨।

ଚମ୍ପୂ-ପ୍ରବେଶ – କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, କଟକ, ୧୯୫୬।

ପାଠଚକ୍ର ପ୍ରବନ୍ଧାବଳୀ – (ସଂ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

ବଳଦେବ ରଥ : ସାହିତ୍ୟ ସାଧନା ଓ ସିଦ୍ଧି – ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, କଟକ, ୨୦୦୫।

ବିଦ୍ୟାପତି ପଦାବଳୀ – (ସଂ) ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭୁବନେଶ୍ୱର, ୧୯୬୫।

ବୈଷ୍ଣବ ପଦାବଳୀ – (ସଂ) ଡକ୍ଟର ଜାନକୀବଲ୍ଲଭ ମହାନ୍ତି, କଟକ, ୧୯୮୦।

ସହୃଦୟର ଦୃଷ୍ଟିରେ ଗୋପାଳକୃଷ୍ଣ - ଡକ୍ଟର ତୀର୍ଥାନନ୍ଦ ମିଶ୍ର, ଭୁବନେଶ୍ୱର, ୨୦୦୩।

ସାହିତ୍ୟ-ଆଲୋଚନା : ପ୍ରାଚୀନରୁ ଆଧୁନିକ – ଡକ୍ଟର କୁମୁଦିନୀ ମିଶ୍ର, ଭୁବନେଶ୍ୱର, ୧୯୯୯।

ସାହିତ୍ୟ ବୀକ୍ଷା – ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, କଟକ, ୧୯୮୪।

## **ବିଂଶ** ଏକକ – **ଜଣାଣ**


୨୦.୦ ପ୍ରାଗ୍‌ଭାଷା

୨୦.୧ ପଠନର ଉଦ୍ଦେଶ୍ୟ

୨୦.୨ ଜଣାଣ ସାହିତ୍ୟର ପରଂପରା

୨୦.୨.୧ ଓଡ଼ିଆ ଜଣାଣ ସାହିତ୍ୟରମହ୍

୨୦.୨.୨ ଓଡ଼ିଆ ଜଣାଣ ସାହିତ୍ୟର କ୍ରମବିକାଶ

୨୦.୨.୩ ଜଣାଣ ର ନାମକରଣ

୨୦.୩ ଜଣାଣ ର ସଂକ୍ଷିପ୍ତ କଥାବସ୍ତୁ

୨୦.୪ ଜଣାଣ ର ଆରାଧ୍ୟ

୨୦.୪.୧ ଶ୍ରୀକୃଷ୍ଣ

୨୦.୪.୨ ଶ୍ରୀରାଧା

୨୦.୪.୩ ଶ୍ରୀ ଜଗନ୍ନାଥ

୨୦.୫ ଜଣାଣ ର ରଚନାଶୈଳୀ

୨୦.୬ ବର୍ଣ୍ଣନାଚାତୁରୀ

୨୦.୭ ଜଣାଣ ର ନାଟକୀୟତା

୨୦.୮ ଜଣାଣ ର ଭାଷାବିଭବ

୨୦.୧୦ ଜଣାଣ ରେ ରସପ୍ରବାହ

୨୦.୧୧ ନିଷ୍କର୍ଷ

୨୦.୧୨ ପରିଶିଷ୍ଟ : ଆଦର୍ଶ ପ୍ରଶ୍ନାବଳୀ

୨୦.୧୩ ସହାୟକ ଗ୍ରନ୍ଥପୁଞ୍ଜି

## ୨୦.୦ ପ୍ରାଗ୍‌ଭାଷା

ସଂସ୍କୃତରେ ଗଦ୍ୟ-ପଦ୍ୟାତ୍ମକ ରଚନା, ଅର୍ଥାତ୍ ଗଦ୍ୟ ଓ ପଦ୍ୟ ମିଶ୍ରିତ ଶୈଳୀର ରଚନାକୁ 'ଚମ୍ପୂ' ଭାବରେ ଗ୍ରହଣ କରାଯାଏ। ଏଥିରେ ପଦ୍ୟର କୋମଳତା ଓ ସାଙ୍ଗୀତିକତା ସହିତ ଗଦ୍ୟର ଗୁରୁଗମ୍ଭୀରତା ଥାଏ। ଚମ୍ପୂରେ ଗଦ୍ୟ ଓ ପଦ୍ୟ ସମାବେଶର ଅନୁପାତ କେତେ ହେବ, ସେ ବିଷୟକ ଆଳଙ୍କାରିକ ନିର୍ଦ୍ଦେଶ ନାହିଁ। ଚମ୍ପୂ-ଗଠନରୀତି ସଂପର୍କିତ ନିର୍ଦ୍ଦିଷ୍ଟ ନିୟମର ଅନୁପସ୍ଥିତିରେ ସଂସ୍କୃତ-ଚମ୍ପୂକାରଗଣ ସେମାନଙ୍କ ଚମ୍ପୂରେ ଗଦ୍ୟ ଓ ପଦ୍ୟର ପ୍ରୟୋଗ ଇଚ୍ଛାନୁସାରେ କରିଛନ୍ତି। ସେମାନେ ସାଧାରଣତଃ ପଦ୍ୟଭାଗରେ ମୂଳଭାବ ବା କଥାବସ୍ତୁର ଅବତାରଣା କରିଥିବାବେଳେ ଗଦ୍ୟଭାବରେ ବର୍ଣ୍ଣନା ବା ବିବରଣୀ ପ୍ରଦାନ କରିଥା'ନ୍ତି। ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଅନେକ ଚମ୍ପୂ ରଚିତ ହୋଇଥିଲା। ଉ ର-ଭାରତ ଅପେକ୍ଷା ଦକ୍ଷିଣ-ଭାରତରେ ଅଧିକ ସଂଖ୍ୟକ ଚମ୍ପୂ ରଚିତ ହୋଇଥିବା ଜଣାଯାଏ।

## ୨୦.୧ ପଠନର ଉଦ୍ଦେଶ୍ୟ

ସଂସ୍କୃତ ଚମ୍ପୂର କିଛି ବିଶେଷ ଲକ୍ଷଣ ରହିଛି : ଯେପରି – (୧) ଏହାର ଆକାର ଯାହା ହେଉନା କାହିଁକି ଏହା ବିଭିନ୍ନ ଉଚ୍ଛ୍ୱାସ ବା ଅଧ୍ୟାୟରେ ବିଭକ୍ତ ହେବ। (୨) ଏହାର ବିଷୟବସ୍ତୁ ସାଧାରଣତଃ ପୌରାଣିକ। ସ୍ଥଳବିଶେଷରେ ଏହାର ବ୍ୟତିକ୍ରମରେ ଐତିହାସିକ ବା କିଂବଦନ୍ତୀମୂଳକ ବିଷୟବସ୍ତୁ ଆଧାରରେ ଚମ୍ପୂ ରଚିତ ହୋଇଥିବା ମଧ୍ୟ ଦେଖିବାକୁ ମିଳେ। (୩) ଏହା ସାଧାରଣତଃ ଶୃଙ୍ଗାରରସାତ୍ମକ ବା ବୀରରସାତ୍ମକ; ସ୍ଥଳବିଶେଷରେ ଶାନ୍ତରସର ଉଦ୍‌ବୋଧନ ପାଇଁ ମଧ୍ୟ ଚେଷ୍ଟା କରାଯାଇଥାଏ। (୪) ଚମ୍ପୂ ଏକ ଖଣ୍ଡକାବ୍ୟ ହୋଇଥିବାରୁ ଚମ୍ପୂର ଅନ୍ୟାନ୍ୟ ଲକ୍ଷଣସବୁ ଖଣ୍ଡକାବ୍ୟର ଲକ୍ଷଣ ଅନୁସାରୀ; ଅର୍ଥାତ୍ ଘଟଣା-ଚୟନ, ଚରିତ୍ରଚିତ୍ରଣ, ଦୃଶ୍ୟରୂପାଦି ବର୍ଣ୍ଣନା ଖଣ୍ଡକାବ୍ୟର ସେହି ସେହି ବିଭାବଭଳି ହୋଇଥାଏ। (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ସମ୍ପାଦନା – ଡ଼କ୍ଟର କୃଷ୍ଣଚରଣ ବେହେରା, ପୃ:୮୯)

## ୨୦.୨ ଜଣାଣ – ସାହିତ୍ୟର ପରଂପରା :

ସଂସ୍କୃତ ସାହିତ୍ୟରେ ଚମ୍ପୂର ଏକ ସୁପ୍ରାଚୀନ ପରଂପରା ରହିଛି। ଏହାର ଧାରାବାହିକ ରଚନା ୭ମ ଶତାବ୍ଦୀରୁ ଆରମ୍ଭ। ଦଣ୍ଡୀଙ୍କ 'କାବ୍ୟଦର୍ଶ' ରେ ଚମ୍ପୂଜାତୀୟ ରଚନାର ସୂଚନା ରହିଛି। କିନ୍ତୁ ସେ ସମୟରେ ରଚିତ ଚମ୍ପୂର ସନ୍ଧାନ ମିଳେନାହିଁ। ତେଣୁ ସଂସ୍କୃତ ଚମ୍ପୂଗୁଡ଼ିକ ମଧ୍ୟରେ ୯ମ-୧୦ମ ଶତାବ୍ଦୀରେ ରଚିତ ତ୍ରିବିକ୍ରମ ଭଟ୍ଟଙ୍କ 'ନଳଚମ୍ପୂ' କୁ ପ୍ରାଚୀନତମ ଚମ୍ପୂ ବୋଲି ଗ୍ରହଣ କରାଯାଏ। 'ମଦାଳସା ଚମ୍ପୂ' ନାମରେ ତାଙ୍କର ଆଉ ଏକ ଚମ୍ପୂ-ରଚନା ମଧ୍ୟ ରହିଛି। ତାଙ୍କପରେ ସେହି ୧୦ମ ଶତାବ୍ଦୀରେ ଜୈନଲେଖକ ସୋମଦେବଙ୍କ 'ଯଶସ୍ତିଚଳକ ଚମ୍ପୂ' ଅନ୍ୟତମ ଜୈନକବି ହରିଚନ୍ଦ୍ରଙ୍କର 'ଜୀବନ୍ଧର ଚମ୍ପୂ' ଆଉ ଦୁଇଟି ଉଲ୍ଲେଖନୀୟ କୃତି। ଏତଦ୍‌ବ୍ୟତୀତ ୧୧ଶ ଶତାବ୍ଦୀରେ ରଚିତ ଭୋଜରାଜ ଏବଂ ଲକ୍ଷ୍ମଣ ଭଟ୍ଟଙ୍କ 'ରାମାୟଣ ଚମ୍ପୂ' ଅନନ୍ତଙ୍କ 'ଭାରତ ଚମ୍ପୂ', ଅଭିନବ କାଳିଦାସଙ୍କ 'ଭାରତ ଚମ୍ପୂ', ଅଭିନବ ଭାରତ ଚମ୍ପୂ' ଏବଂ ୧୩ଶ ଶତାବ୍ଦୀରେ ରଚିତ 'ଭାରତେଶ୍ୱରାଭ୍ୟୁଦୟ ଚମ୍ପୂ' ଓ 'ପୁରୁଦେବ ଚମ୍ପୂ' ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ। ପ୍ରାୟ ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ଶତାଧିକ ସଂସ୍କୃତ ଚମ୍ପୂ ରଚିତ ହୋଇଛି। ସେଥିମଧ୍ୟରେ ରହିଛି ଶେଷକୃଷ୍ଣଙ୍କ 'ପାରିଜାତ ହରଣ ଚମ୍ପୂ', ନୀଳକଣ୍ଠ ଦୀକ୍ଷିତଙ୍କର 'ନୀଳକଣ୍ଠ ବିଜୟ ଚମ୍ପୂ', କବି କର୍ଣ୍ଣପୁରଙ୍କ 'ଆନନ୍ଦ ବୃନ୍ଦାବନ ଚମ୍ପୂ', ଜୀବଗୋସ୍ୱାମୀଙ୍କର 'ଗୋପାଳ ଚମ୍ପୂ', ମିତ୍ର ମିଶ୍ରଙ୍କର 'ଆନନ୍ଦକନ୍ଦ ଚମ୍ପୂ', 'ଚିତ୍ର ଚମ୍ପୂ', ନାରାୟଣଙ୍କର 'ସୁଧାସ୍ୱାହା ଚମ୍ପୂ', 'କୁମାରସମ୍ଭବ ଚମ୍ପୂ', 'କବିମନୋରଞ୍ଜନ ଚମ୍ପୂ' 'ରଘୁନାଥ-ବିଜୟ ଚମ୍ପୂ' ଇତ୍ୟାଦି।

ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ସୁଦୃଢ଼ ଓ ସୁପ୍ରାଚୀନ ପରଂପରା ଥିବାରୁ ସର୍ବଭାରତୀୟ ଚମ୍ପୂରଚନା ସହିତ ସମତାଳରେ ଓଡ଼ିଶାର କବିଗଣ ଚମ୍ପୂକାବ୍ୟ ରଚନାରେ ହାତଦେଇ ସଫଳ ହୋଇଥିଲା। ସେସବୁ ସଂସ୍କୃତ ଚମ୍ପୂକାବ୍ୟ ମଧ୍ୟରେ ଚକ୍ରପାଣି ପଟ୍ଟନାୟକଙ୍କ, 'ଗୁଣ୍ଡିଚା ଚମ୍ପୂ', ବାସୁଦେବ ରଥ ସୋମଯାଜୀଙ୍କର 'ଗଙ୍ଗବଂଶାନୁଚରିତ ଚମ୍ପୂ', ନୀଳକଣ୍ଠ ମିଶ୍ରଙ୍କର 'ଭଞ୍ଜମହୋଦୟ ଚମ୍ପୂ', କବିରାଜ ଭଗବାନ ବ୍ରହ୍ମାଙ୍କ 'ମୃଗୟା ଚମ୍ପୂ' ଓ 'ଗୁଣ୍ଡିଚା – ବିଜୟ ଚମ୍ପୂ' ନୀଳାମ୍ବର ଆଚାର୍ଯ୍ୟଙ୍କ 'ଚନ୍ଦନଯାତ୍ରା ଚମ୍ପୂ', ଭୁବନେଶ୍ୱର ମିଶ୍ର ବଡ଼ପଣ୍ଡାଙ୍କ 'ଆନନ୍ଦ ଦାମୋଦର ଚମ୍ପୂ', ପୁରୁଷୋ ମ ରଥଙ୍କ 'ବାମନ ଚମ୍ପୂ', ଯଦୁନାଥ ସିଂହଙ୍କ 'ପ୍ରେମସାଗର ଚମ୍ପୂ', ଭାଗୀରଥି ମିଶ୍ରଙ୍କ 'ନବକିଶୋର ଚମ୍ପୂ' ଉଜ୍ଜ୍ୱଳ ରଥ (କବିସୂର୍ଯ୍ୟଙ୍କ ପିତା) ଙ୍କ 'ସଜ୍ଜନାନନ୍ଦ ଚମ୍ପୂ' ଓ 'ରାମଚମ୍ପୂ', ଜଗନ୍ନାଥ ମିଶ୍ରଙ୍କ 'ଉତ୍ସବ ତରଙ୍ଗିଣୀ ଚମ୍ପୂ' ଓ ଆଦିତ୍ୟପ୍ରସାଦ ଗୁରୁଙ୍କ 'ପୁରଶ୍ଚରଣ ବର୍ଣ୍ଣନ ଚମ୍ପୂ' ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ।

## ୨୦.୨.୧ ଓଡ଼ିଆ ଚମ୍ପୂ – ସାହିତ୍ୟର ପରଂପରା :

ଏହିପରି ଓଡ଼ିଆ ଭାଷାରେ ଚମ୍ପୂ ରଚିତ ହେବାର ବହୁପୂର୍ବରୁ ସଂସ୍କୃତ ଚମ୍ପୂ – ସାହିତ୍ୟର ଉନ୍ନତ ଧାରାଟିଏ ଥିଲା। ଏହି ଧାରାରେ ଭୋଜରାଜଙ୍କ ଅନୁସରଣରେ କବି ବନମାଳୀ ରଚନା କରିଥିଲେ 'ରାମାୟଣ ଚମ୍ପୂ' (୧୭୫୪)। ଏହା ବନମାଳୀଙ୍କ ଦ୍ୱାରା ରଚିତ ହୋଇଥିଲେ ମଧ୍ୟ କବି ହରିଙ୍କ ନାମରେ ଭଣିତ। ଏହା କବିସୂର୍ଯ୍ୟଙ୍କ ପୂର୍ବବ ୀ ରଚନା ହେଲେହେଁ ବିଶେଷ ଜନପ୍ରିୟ ହୋଇପାରି ନଥିଲା। ସଂସ୍କୃତ ଚମ୍ପୂଧାରାରେ ଅନୁପ୍ରାଣିତ କବିସୂର୍ଯ୍ୟ ରଚନା କଲେ 'କିଶୋରଚନ୍ଦ୍ରାନନ ଚମ୍ପୂ', 'ରତ୍ନାକର ଚମ୍ପୂ' ଇତ୍ୟାଦି। ଏହାହିଁ ଓଡ଼ିଆ ଭାଷାରେ ରଚିତ ସର୍ବପ୍ରଥମ ଚମ୍ପୂରଚନାର ପ୍ରୟାସ। କିନ୍ତୁ ତାଙ୍କପରେ ଓଡ଼ିଆ ଚମ୍ପୂ-ସାହିତ୍ୟର ବିକାଶ ଘଟିନାହିଁ କହିଲେ ଚଳେ। କିଶୋରଚନ୍ଦ୍ରାନନ ଚମ୍ପୂ ଅଶେଷ ଖ୍ୟାତିର ଅଧିକାରୀ ହୋଇପାରିଛି। ଏହାର ସମକକ୍ଷ ଚମ୍ପୂ ଓଡ଼ିଆ ଭାଷାରେ ଦେଖାଯାଏ ନାହିଁ। ଏହାଙ୍କପରେ ଯେଉଁ କେତୋଟି ଓଡ଼ିଆ ଚମ୍ପୂ ରଚିତ ହୋଇଛି ସେସବୁରେ ଚମ୍ପୁତ୍ୱ ନାହିଁ କହିଲେ ଚଳେ। ସେସବୁ ମଧ୍ୟରେ ରହିଛି – (୧) କିଶୋରଚନ୍ଦ୍ର ରାଜେନ୍ଦ୍ରଦେବଙ୍କର 'ଝୁଲଣ ଚମ୍ପୂ', (୨) ବିଶ୍ୱନାଥ ଦେବବର୍ମାଙ୍କ 'ରାଧାଗୋବିନ୍ଦ ଚମ୍ପୂ', (୩) ଗୋବିନ୍ଦ ରାୟଗୁରୁଙ୍କର 'ବୃନ୍ଦାବନଚନ୍ଦ୍ର ଚମ୍ପୂ', (୪) ଦାମୋଦର ସାହୁଙ୍କର 'ଦ୍ୱିପଦୀ ଦାମୋଦର ଚମ୍ପୂ', (୫) ଦାମୋଦର ପଟନାୟକଙ୍କର 'ଜୀବନ ଚମ୍ପୂ', (୬) ମହେନ୍ଦ୍ର ସିଂହସାମନ୍ତଙ୍କର 'ବୃନ୍ଦାବନଚନ୍ଦ୍ର ବିନୋଦ ଚମ୍ପୂ', (୭) ହରିହର ମିଶ୍ରଙ୍କର 'ପ୍ରେମଲହରୀ ଚମ୍ପୂ', (୮) ସାମନ୍ତ ଶ୍ୟାମବନ୍ଧୁ ଦାସଙ୍କର 'ଜାନକୀ ଚମ୍ପୂ', (୯) ବସନ୍ତକୁମାର ଦାସଙ୍କର 'ରସରାଜ ଚମ୍ପୂ', (୧୦) ଅନନ୍ତ ବାବାଙ୍କର 'ବ୍ରହ୍ମଜ୍ଞାନ ଚମ୍ପୂ', (୧୧) ନିତ୍ୟାନନ୍ଦ ପ୍ରକାଶ ବ୍ରହ୍ମଚାରୀଙ୍କର 'ମୋହନାନନ୍ଦ ଚମ୍ପୂ', (୧୨) ଅନନ୍ତଚରଣ ବାବାଙ୍କର 'ମହିମାଜୀବନ ଚମ୍ପୂ', (୧୩) ବୀରମିତ୍ର ସିଂହଦେବଙ୍କର 'କୃଷ୍ଣପ୍ରେମୋଦୟ ଚମ୍ପୂ', (୧୪) ନବକିଶୋର ମହାନ୍ତିଙ୍କର 'କିଶୋରବିଳାସ ଚମ୍ପୂ', (୧୫) ନିର୍ଦ୍ଧୁମ ଧୂମକେତୁ ମିସ୍ତ୍ରୀ (ଗୋପୀନାଥ ସିଂହଦେଓ)ଙ୍କର 'ସାମନ୍ତ ସମ୍ମୋହନ ଚମ୍ପୂ', (୧୬) କପିବର ହନୁମନ୍ତ ନକଲନବିସ୍ (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)ଙ୍କର 'ଚଟକଚନ୍ଦ୍ରହାସ ଚମ୍ପୂ', (୧୭) ଲାଲମୋହନ ପଟ୍ଟନାୟକଙ୍କର 'ଜୀବନଚମ୍ପୂ', (୧୮) ବାଳକୃଷ୍ଣ ପଟ୍ଟନାୟକଙ୍କର 'ଜାତୀୟ ଚମ୍ପୂ', (୧୯) ଏ. ରାମମୂ ି ବେହେରାଙ୍କର 'ଶ୍ରୀରାଧାମାଧବ ଚମ୍ପୂ', (୨୦) ସୁନ୍ଦରମଣି ପଟ୍ଟନାୟକଙ୍କର 'କିଶୋରୀଚନ୍ଦ୍ରାନନ୍ଦ ଚମ୍ପୂ', (୨୧) କୁଳମଣି ମହାରଣାଙ୍କର 'ବୈଦେହୀଶ ଚମ୍ପୂ' ଇତ୍ୟାଦି।

## ୨୦.୨.୨ ଚମ୍ପୂ ର ଚମ୍ପୂତ୍ୱ :

କିଶୋରଚନ୍ଦ୍ରାନନ୍ଦ ଚମ୍ପୂକୁ କେହି କେହି ଏକ ନିଛକ ଚମ୍ପୂ ବୋଲି ସ୍ୱୀକାର କରିବା ବେଳେ କେହି କେହି ଏହାର ଚମ୍ପୂତ୍ୱକୁ ସ୍ୱୀକାର କରନ୍ତି ନାହିଁ। କାରଣ ଏହାର ଗଠନରୀତି ବା ଆଙ୍ଗିକ ବୈଚିତ୍ର୍ୟ। ଏଥିରେ ୩୪ଶା ରୀତିରେ ଓଡ଼ିଆ ବର୍ଣ୍ଣମାଳାର ୩୪ଟି ବର୍ଣ୍ଣ ମଧ୍ୟରୁ ପ୍ରତ୍ୟେକ ବର୍ଣ୍ଣକୁ କ୍ରମାନ୍ୱୟରେ ଅଧ୍ୟାୟର ଆରମ୍ଭରେ ରଖାଯାଇ ରଚିତ ହୋଇଛି ୩୪ଟି ଓଡ଼ିଆ ଗୀତ। ପ୍ରତି ଓଡ଼ିଆ ଗୀତପରେ ଖଞ୍ଜି ଦିଆଯାଇଛି ସଂସ୍କୃତ ପଦ୍ୟ ଓ ଗଦ୍ୟମିଶ୍ରିତ ଏକ ରଚନା। ଏହିପରି ୩୪ଟି ଓଡ଼ିଆ ଗୀତ ସାହିତ୍ୟ ଏଥିରେ ରହିଛି ସଂସ୍କୃତ ମଙ୍ଗଳାଚରଣ ବ୍ୟତୀତ ୩୪ଟି ସଂସ୍କୃତ ପଦ୍ୟ ଓ ଗଦ୍ୟମିଶ୍ରିତ ରଚନା। ୩୪ଟି ଓଡ଼ିଆ ଗୀତକୁ ବାଦ୍‌ଦେଲେ ଏହାର ସଂସ୍କୃତ ପଦ୍ୟଗଦ୍ୟମିଶ୍ରିତ ମଙ୍ଗଳାଚରଣ ଏବଂ ସଂସ୍କୃତ ଗଦ୍ୟପଦ୍ୟମିଶ୍ରିତ ଯେଉଁ ୩୪ଟି ରଚନା ରହିଲା, ତାହାର ସମଷ୍ଟିରୁ ହିଁ ସଫଳ ସଂସ୍କୃତ ଚମ୍ପୂ ଯାହାର ନାମ କିଶୋରଚନ୍ଦ୍ରାନନ ଚମ୍ପୂ।

କିନ୍ତୁ ଏଥିରେ ସଂଯୋଜିତ ୩୪ଟି ଓଡ଼ିଆ ଗୀତ ବା ଚଉପଦୀ ଏହାର ଚମ୍ପୂତ୍ୱକୁ ବିବାଦୀୟ କରିଦିଏ। ମନେହୁଏ, ସଂସ୍କୃତରେ ବହୁ ପାଣ୍ଡିତ୍ୟରେ ଅଧିକାରୀ କବିସୂର୍ଯ୍ୟ ପ୍ରଥମେ ଚମ୍ପୂଶୈଳୀରେ ୩୪ଟି ଅଧ୍ୟାୟରେ ଓ ୩୪ଟି ପଦ୍ୟଗଦ୍ୟମିଶ୍ରିତ ରଚନାରେ ସମୃଦ୍ଧ ସଂସ୍କୃତ ଚମ୍ପୂଟିଏ ରଚନା କରିଥିଲେ; କିନ୍ତୁ ସଂସ୍କୃତ ବିଦ୍ୱାନମାନଙ୍କ ବ୍ୟତୀତ ସାଧାରଣ ପାଠକମାନଙ୍କ ପାଇଁ ତାହାର ମହ ୍ୱ କିଛି ନଥିଲା। ତେଣୁ ସାଧାରଣ ପାଠକମାନଙ୍କ ପାଇଁ ସେ ପ୍ରତ୍ୟେକ ଅଧ୍ୟାୟର ଆଦ୍ୟରେ ଗୋଟିଏ ଗୋଟିଏ ପ୍ରସଙ୍ଗାନୁସାରୀ ରସପୂର୍ଣ୍ଣ ଓଡ଼ିଆ ଚଉପଦୀ ବା ସଂଗୀତ ସଂଯୁକ୍ତ କଲେ, ଯାହା ଉଭୟ ସଂସ୍କୃତ ଓ ଓଡ଼ିଆ କାବ୍ୟାମୋଦୀ ପାଠକମାନଙ୍କଦ୍ୱାରା ଆଦୃତ ହୋଇପାରିଲା; ଅର୍ଥାତ୍ ସର୍ବଜନଗ୍ରାହୀ ହୋଇପାରିଲା। ଫଳରେ ଏହାର ଚମ୍ପୂତ୍ୱ ବଜାୟ ରହିଲା ଓ ସର୍ବଜନଗ୍ରାହ୍ୟତା ବଢ଼ିଲା।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ସଙ୍ଗୀତଶାସ୍ତ୍ରର ନିୟମାନୁସାରେ ଚମ୍ପୂ ବୋଲି ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଏକ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାରେ ପ୍ରକାଶ କରିଛନ୍ତି। ଓଡ଼ିଶାରେ 'ଚମ୍ପୂ' କହିଲେ କେବଳ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'କୁ ହିଁ ବୁଝାଏ।

## ୨୦.୨.୩ ଜଣାଣ ର ନାମକରଣ :

'କିଶୋରଚନ୍ଦ୍ରାନନ୍ଦ'ର ଅର୍ଥ କିଶୋରଚନ୍ଦ୍ରଙ୍କ ଆନନ୍ଦ, ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଆନନ୍ଦ। ତେଣୁ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ଅର୍ଥ ଯେଉଁ ଚମ୍ପୂ କିଶୋରଚନ୍ଦ୍ର ଶ୍ରୀକୃଷ୍ଣଙ୍କ ଆନନ୍ଦ ବିଷୟକ କଥାବସ୍ତୁକୁ ନେଇ ରଚିତ। ଏହାକୁ ଶ୍ରବଣ କଲେ ଶ୍ରୀକୃଷ୍ଣଙ୍କ ହୃଦୟରେ ଧରି ରଖିବାକୁ ଭଳି ଆନନ୍ଦ ମିଳେ। ଏଣୁ ଏହାର ଏପରି ନାମକରଣ। କିସୂର୍ଯ୍ୟ କିଶୋରଚନ୍ଦ୍ରଙ୍କ ଆନନ୍ଦ ବର୍ଣ୍ଣନ କରି ଚମ୍ପୂ ରଚନା କରିଥିବାରୁ ତାଙ୍କ ଆନନ୍ଦର ସୀମା ନାହିଁ। ତେଣୁ ସେ ନିଜ ଚମ୍ପୂକାବ୍ୟର ନାମ ରଖିଛନ୍ତି 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'।

କେହି କେହି ଏହି ରଚନାକୁ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଭାବରେ ନାମିତ କରିଛନ୍ତି କିନ୍ତୁ ଏହାକୁ ଭ୍ରମାତ୍ମକ। କାରଣ 'କିଶୋରଚନ୍ଦ୍ରାନନ' କହିଲେ ବୁଝାଯାଏ ଶ୍ରୀକୃଷ୍ଣଙ୍କ ଆନନ ବା ମରକ୍ଷକ୍ଷକୁ ଆଲୋଚ୍ୟ ଚମ୍ପୂ ଶ୍ରୀକୃଷ୍ଣଙ୍କ ମୁଖର ଆନନ୍ଦ ବିଷୟକ ରଚନା ନୁହେଁ। ଏଥିରେ ଅର୍ଥଗତ ଅସଙ୍ଗତି ରହୁଛି। ତେଣୁ ଯଥାର୍ଥରେ ଏହି ଚମ୍ପୂର ନାମ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ', 'କିଶୋରଚନ୍ଦ୍ରାନନ ଚମ୍ପୂ' ନୁହେଁ।

## ୨୦.୩ ଜଣାଣ ର ସଂକ୍ଷିପ୍ତ କଥାବସ୍ତୁ :

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଓଡ଼ିଆ କୃଷ୍ଣକାବ୍ୟଧାରାରେ ଏକ ଅମଳିନ କୃତି। ରାଧାକୃଷ୍ଣଙ୍କ ମାଧୁର୍ଯ୍ୟଲୀଳା ଏହାରର କଥାବସ୍ତୁର ଭି ି। କେବଳ କବିସୂର୍ଯ୍ୟ ନୁହନ୍ତି, ତାଙ୍କ ପୂର୍ବବ ୀ ବହୁକବି ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟଲୀଳା ଅପେକ୍ଷା ମାଧୁର୍ଯ୍ୟଲୀଳା ବର୍ଣ୍ଣନାରେ ବିଶେଷ ଧ୍ୟାନ ଦେଉଥିଲେ। ଏହି ଧାରାରେ ଚମ୍ପୂର ପରିକଳ୍ପନା ଓ ରଚନା। ଏହାର ବିଷୟବସ୍ତୁ ଗତାନୁଗତିକ

ହେଲେ ହେଁ ଏଥିରେ ପୂରିରହିଛି ଚମତ୍କାରିତା ଓ ଶୈଳୀଗତ ରମଣୀୟତା। ଖଣ୍ଡକାବ୍ୟ ରୀତିରେ ଏହା ରଚିତ। ଏହାର ସଂକ୍ଷିପ୍ତ କଥାବସ୍ତୁ ଏହିପରି -

ହଠାତ୍ ଦିନେ ଯମୁନାକୂଳସ୍ଥ ମନୋରମ କଦମ୍ବକୁଞ୍ଜରେ ରାଧାଙ୍କର ଦୃଟ୍ଟି ଭିତରେ ପଶିଆସିଛନ୍ତି ଚିତ୍ତଚୋର ଶ୍ରୀକୃଷ୍ଣ। ସୁନ୍ଦର କାନ୍ତିସଂପନ୍ନ କୃଷ୍ଣ ହାତରେ ବଂଶୀଧରି ଅପୂର୍ବ ଭଙ୍ଗୀରେ ଦଣ୍ଡାୟମାନ। ମୁଖରେ ସ୍ମିତହସ। ରାଧା ବିମୋହିତ ହୋଇଯାଇଛନ୍ତି। ମନ ଭିତରେ ତାଙ୍କ ସହିତ ମିଳିତ ହେବାର ପ୍ରବଳ ଇଚ୍ଛା ଜାଗ୍ରତ ହୋଇଛି। ସେ ନିଜକୁ ଆୟ ରେ ରଖିପାରିନାହାନ୍ତି। ପରଦିନ ପ୍ରିୟସଖୀ ଲଳିତାକୁ ନିଜ ମନକଥା ଜଣାଇଛନ୍ତି। ମିଳନର ପନ୍ଥା ପଚାରିଛନ୍ତି। ରାଧାଙ୍କର ପ୍ରବଳ ମିଳନେଚ୍ଛା ଜାଣିବାପରେ ଚତୁରୀ ଲଳିତା ଏ ପଥରେ ଅଧିକ ଆଗେଇବାକୁ ତାଙ୍କୁ ବାରଣ କରିଛନ୍ତି। ତଥାପି ରାଧା ଲଳିତାଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି, ତାଙ୍କୁ ଶ୍ରୀକୃଷ୍ଣଙ୍କ ନିକଟକୁ ପଠାଇଛନ୍ତି; କିନ୍ତୁ ଲଳିତା ମିଳନର ପଥ ସୁଗମ କରିବାଦିଗରେ ଚେଷ୍ଟିତା ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ମିଳନର ପିପାସା ପ୍ରବଳ କରିବାରେ ଇନ୍ଧନ ଯୋଗାଇଛନ୍ତି। ଶେଷରେ ରାଧାଙ୍କୁ ଧରି ସେ କୁଞ୍ଜବନରେ ପହ୍ଞ୍ଛନ୍ତି ଓ ଅନ୍ତରାଳରେ ରହି ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ଭୁବନମୋହନ ବେଶ ଦେଖାଇଛନ୍ତି। ପରେ ମିଳନପର୍ବର ସୂତ୍ରପାତ ହୋଇଛି। ଶ୍ରୀକୃଷ୍ଣଙ୍କ ସହିତ ରାଧାଙ୍କର ସାରାରାତି ବିତିଯାଇଛି। ପ୍ରଭାତରେ ନିବିଡ଼ ବାହୁବନ୍ଧନରୁ ମୁକୁଳି ରାଧା ଫେରିବାବେଳେ ସଖୀମାନଙ୍କର ଥଟ୍ଟ-ପରିହାସର ଶିକାର ହୋଇଛନ୍ତି। ଶ୍ରୀକୃଷ୍ଣ ବି ଯମୁନାକୁ ସ୍ନାନ କରିବାକୁ ଯିବାବେଳେ ସଖା ମଧୁମଙ୍ଗଳର ଆଖିରେ ଧରାପଡ଼ିଯାଇଛନ୍ତି। ସେ ମଧୁମଙ୍ଗଳକୁ ସବୁକଥା କହି ଏହାକୁ ଗୋପନ ରଖିବାକୁ ଅନୁରୋଧ କରିଛନ୍ତି। ସେହି ଦୁଇଜଣଙ୍କ ସାଙ୍ଗରେ ଅନ୍ୟସଖାମାନେ ମଧ୍ୟ ମିଳିଯାଇଛନ୍ତି। ମୃଦଙ୍ଗ, ବଂଶୀ, ଶିଙ୍ଗା ନାଦ ମଧ୍ୟରେ ଶ୍ରୀକୃଷ୍ଣ ସଖାମାନଙ୍କ ମେଳରେ ନୃତ୍ୟ ଆରମ୍ଭ କରିଛନ୍ତି। ଦୂରୁ ଗୋପାଙ୍ଗନାମାନେ ଏ ଦୃଶ୍ୟ ଉପଭୋଗ କରୁଥା'ନ୍ତି। ସଖାମାନଙ୍କ ମେଳରେ ଶ୍ରୀକୃଷ୍ଣ ନୃତ୍ୟ କରିକରି ଯମୁନାବାଲିରେ ପହ୍ଞ୍ଯାଇଛନ୍ତି। ତାଙ୍କୁ ନିକଟରେ ଦେଖି ଗୋପୀମାନେ ଉଲ୍ଲସିତ ହୋଇଛନ୍ତି, ତାଙ୍କ ସହିତ ମିଳିତ ହେବାର କାମନା ପୋଷଣ କରିଛନ୍ତି।

## ୨୦.୪ ଜଣାଣ ରେ ଚରିତ୍ରଚିତ୍ରଣ :

ମଧ୍ୟଯୁଗୀୟ ଓଡ଼ିଆ କବିଗଣ କାବ୍ୟରଚନାକାଳରେ ରସ ଓ ଆଳଙ୍କାରିକତା ପ୍ରତି ଯେତିକି ଧ୍ୟାନ ଦେଉଥିଲେ, ଚରିତ୍ରଚିତ୍ରଣ ପ୍ରତି ସେତିକି ଦୃଷ୍ଟି ଦେଇପାରୁ ନଥିଲେ। ଯେଉଁ ଚରିତ୍ରସବୁ ସେମାନଙ୍କ କାବ୍ୟରେ ରହୁଥିଲେ ସେମାନଙ୍କୁ ଚିତ୍ରଣ କରିବାରେ ମଧ୍ୟ କିଛି ରୀତିଯୁଗୀୟ କାବ୍ୟାଦର୍ଶ ଅନୁସରଣ କରିବାକୁ ପଡୁଥିଲା। ନାୟକ-ନାୟିକା ଥିଲେ ଉଚ୍ଚକୁଳ ବା ରାଜ୍ୟବଂଶଜ। ସେମାନଙ୍କ ପ୍ରେମ ବର୍ଣ୍ଣନା ମଧ୍ୟରେ ଅନୁରାଗ, ମିଳନ, ବରହ, ପୁନର୍ମିଳନ ଆଦି ଖଞ୍ଜିବାକୁ ପଡୁଥିଲା। ଗୌଡ଼ୀୟ ବୈଷ୍ଣବ କବିଗଣ କୃଷ୍ଣକାବ୍ୟ ରଚନାରେ ହାତଦେଲେ ସେମାନଙ୍କୁ ପରକୀୟା ପ୍ରୀତି-ଅନୁକୂଳ ପରିବେଶ, ନାୟକ, ନାୟିକା ଇତ୍ୟାଦି ଗଢ଼ିବାକୁ ପଡୁଥିଲା। ପୂର୍ବରାଗ, ଅଭିସାର, ମିଳନ, ବିରହ ଇତ୍ୟାଦି ବଭାବ ପ୍ରତି ଦୃଷ୍ଟିଦେବାକୁ ପଡୁଥିଲା। ଏସବୁ ରଚନାରେ ନାୟକ - ନାୟିକାଦି ଚରିତ୍ର ସୀମିତ ରହୁଥିଲେ। ଆଲୋଚ୍ୟ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ କାବ୍ୟ ପରକୀୟାପ୍ରୀତି ଆଧାରିତ ଏବଂ ଏଥିରେ ଗତାନୁଗତିକ କଥାବସ୍ତୁ ଧାରାରେ ମାତ୍ର ତିନୋଟି ମୁଖ୍ୟ ଚରିତ୍ର ଅବତାରଣା କରାଯାଇଛି – ଶ୍ରୀକୃଷ୍ଣ, ଶ୍ରୀରାଧା ଓ ଲଳିତା। ସଖା ମଧୁମଙ୍ଗଳ ଚରିତ୍ରଟି ଅତ୍ୟନ୍ତ ଗୌଣ ଓ କେବଳ ଗୋଟିଏ ଗୀତରେ ହିଁ ଏହାଙ୍କ ଆବିର୍ଭାବ। ଏଠାରେ ତିନି ମୁଖ୍ୟଚରିତ୍ରର ବିଶ୍ଳେଷଣ କରିବା ଆମର ଲକ୍ଷ୍ୟ।

### ୨୦.୪.୧ ଶ୍ରୀକୃଷ୍ଣ :

ଶ୍ରୀକୃଷ୍ଣ ଚମ୍ପୂକାବ୍ୟର ନାୟକ; ବ୍ରଜଲୀଳା ବା ମାଧୁର୍ଯ୍ୟ ଲୀଳାର କେନ୍ଦ୍ରବିନ୍ଦୁ। ଏହି ମାଧୁର୍ଯ୍ୟଲୀଳାର ମୁଖ୍ୟ ଉପାଦାନସବୁ ହେଉଛି – ବଂଶୀସ୍ୱନ, କାଳିନ୍ଦୀତଟ, ଗୋପବାଳାଙ୍କ ସହିତ ରାସଲୀଳା, ରାଧାଙ୍କ ସହିତ ଗୋପନ ମିଳନ ଇତ୍ୟାଦି। ଏହା ତାଙ୍କର ମାନବୀୟ ଲୀଳା। ଚମ୍ପୂର ମଙ୍ଗଳାଚରଣରେ ତାଙ୍କୁ ପରମକାରୁଣିକ, ପରମପୁରୁଷ ଭାବରେ ବର୍ଣ୍ଣନା କରାଯାଇଥିଲେ ହେଁ ଏବଂ ତାଙ୍କଠାରେ ଆଧ୍ୟାତ୍ମିକତା ଆରୋପିତ ହୋଇଥିଲେ ହେଁ ତାଙ୍କ ମାଧୁର୍ଯ୍ୟଲୀଳା ବର୍ଣ୍ଣିତ ପରବ ୍ତୀ ଗୀତଗୁଡ଼ିକରେ ସେ ପରକୀୟାପ୍ରୀତି ପାଗଳ ଏକ ଭିନ୍ନ କୃଷ୍ଣ। ତାଙ୍କ ଭିତରେ ଆଧ୍ୟାତ୍ମିକତା ଖୋଜିବା ବୃଥା। ଅଳଙ୍କାରଶାସ୍ତ୍ର ଅନୁଯାୟୀ ସେ ଧୀରଲଳିତ ନାୟକ, ଓ ସଂସ୍କୃତ-ରୀତି ଅନୁସାରେ ସେ ଦକ୍ଷିଣ-ନାୟକ। ଏକାଧିକ ରମଣୀପ୍ରୀତିରେ ମଜ୍ଜି ରହିବା ହେଉଛି ଦକ୍ଷିଣ ନାୟକର ଲକ୍ଷଣ।

କବିସୂର୍ଯ୍ୟଙ୍କ ଲେଖନୀରେ କୃଷ୍ଣ ଜଣେ ଉଚ୍ଛୃଙ୍ଖଳ ଯୁବକ। ସେ ରାଧାଙ୍କୁ ପ୍ରଥମେ ଦେଖନ୍ତି ବାତାୟନ ପଥରେ। ସେ ତାଙ୍କ ରୂପରେ ମୋହିତ ହୋଇଯାଆନ୍ତି। ସେହିଦିନୁ ତାଙ୍କୁ କାମପୀଡ଼ା ବ୍ୟଥିତ କରେ। ସେ ନିଜ କାମଦଶା ବର୍ଣ୍ଣନ କରି କହନ୍ତି –

"ଜହରକୁ ଗୋଳି ଦେଲାପରି ଗିଳି, ମୋହର ଦେହରେ ପୀଡ଼ା ଗଲା ବଳି
ଜୀବନାଶା ଟଳି ଯାଉଅଛି କଳି ପାରୁନାହିଁ ମୁଁ ମୋ ହୃଦନ୍ତର।" ('ଜ' ଗୀତ)

ଖାଲି ସେତିକି ନୁହେଁ ସେହି କିଶୋରୀଙ୍କୁ ପାଇଲେ ସେ ତାଙ୍କୁ ଗୋଟିକଯାକ ପିଇଦିଅନ୍ତେ ବୋଲି ମଧ୍ୟ ପ୍ରକାଶ କରନ୍ତି। ଯଥା – "ପିଇ ଦିଅନ୍ତକି ଗୋଟିକଯାକ ସେ କଶୋରୀକି ରେ।" ('ଢ' ଗୀତ) ଏହା ଜଣେ ପରକୀୟା-ପ୍ରୀତିଲାଳସୀ କାମୁକ ଯୁବକର ଉକ୍ତି ଭିନ୍ନ ଅନ୍ୟ କିଛି ହୋଇ ନ ପାରେ ବୋଲି ମନେହୁଏ।

ସେ ରାଧାଙ୍କ ଅଙ୍ଗସଙ୍ଗ ଲାଭପାଇଁ ବ୍ୟାକୁଳ ହୋଇପଡ଼ନ୍ତି। ଏଥିପାଇଁ ଲଳିତାଙ୍କୁ ମାଧ୍ୟମ କରନ୍ତି। ତାଙ୍କୁ ତୋଷାମଦପୂର୍ଣ୍ଣ ବାଣୀ ଶୁଣାନ୍ତି। ଏହିପରି – "ନ ଭାଙ୍ଗରେ ଶୁଭାଙ୍ଗି, ଭାରତୀ ହୁଅ ସାହା।" ('ଞ' ଗୀତ) ତାଙ୍କ ଚାଟୂକ୍ତି କାମ କରେ। ଲଳିତା ରାଧାଙ୍କୁ ଆଣି ତାଙ୍କ ପାଖରେ ପହ ୍ାନ୍ତି। ସମ୍ଭୋଗଶୃଙ୍ଗାର ପରେ ରତିକ୍ଲାନ୍ତା ରାଧିକାଙ୍କୁ କୋଳରେ ବସାଇ କୃଷ୍ଣ ଚାଟୂକ୍ତି ପ୍ରକାଶ କରନ୍ତି।

"ଯୋଷାବରରେ, ଯଥାର୍ଥରେ ଜାଣ ମୁଁ ତୋହରରେ,
ଯାମଳଭୂଧରନିଭପୟୋଧର ମରଦନିଆ ଚାକର ରେ।"

ଅର୍ଥାତ୍ ଆରେ ନାରୀରତନ, ଯଥାର୍ଥରେ ମୁଁ ପର୍ବତପରି ଦେଖାଯାଉଥିବା ତୋର କୁଚଦ୍ୱୟରେ ମର୍ଦ୍ଦନକାରୀ ଚାକର। ଶ୍ରୀକୃଷ୍ଣଙ୍କର ଏହି ଚାଟୁବାଣୀ ମନେପକାଇଦିଏ 'ଗୀତଗୋବିନ୍ଦ' ର ଅନୁରୂପ ଧାଡ଼ିଟି – "ଦେହି ପଦପଲ୍ଲବମୁଦାରମ୍"; ଅର୍ଥାତ୍ କୋମଳପତ୍ରସମ ତମର ପାଦଦୁଇଟିକୁ ମୋ ମୁଣ୍ଡଉପରେ ରଖିଦିଅ।" ଚାଟୁ ପ୍ରୟୋଗ କରି କାର୍ଯ୍ୟହାସଲ କରିବାରେ ଧୂ ୍ତ ଓ ଚରମ ଉଚ୍ଛୃଙ୍ଖଳାର ନାୟକ ଚମ୍ପୂର ଶ୍ରୀକୃଷ୍ଣଙ୍କ ଅସଲ ରୂପ ଉଦ୍‌ଘାଟନ କରି ଡ଼କ୍ଟର ଜାନକୀବଲ୍ଲଭ ମହାନ୍ତି ମତ ଦିଅନ୍ତି – "କବିସୂର୍ଯ୍ୟଙ୍କ କୃଷ୍ଣ ଏକ ଅସଂଯତ ଯୁବକ ପରି ରାଧାଙ୍କ 'ଉପବନ ଅୟନ' ଓଗାଳନ୍ତି, ଅମ୍ଳାନ କେତକୀ ଦଳରେ ପତ୍ରଲେଖି ରାଧାଙ୍କ ନିକଟକୁ ପଠାନ୍ତି, ଅତର୍କିତ ଭାବରେ ଆସି ରାଧାଙ୍କ ଗଳାରେ ଫୁଲମାଳଟିଏ ପକାଇ ଦିଅନ୍ତି। ସଙ୍କେତ ସ୍ଥଳକୁ ଆସିବାକୁ ଓ ତାଙ୍କୁ କାମପୀଡ଼ାରୁ ଉଦ୍ଧାର କରିବାକୁ ଦୂତୀ ହାତରେ ଶ୍ରୀରାଧାଙ୍କ ନିକଟକୁ ସମ୍ବାଦ ପଠାନ୍ତି। ଏଥିରୁ ଶ୍ରୀକୃଷ୍ଣଙ୍କ ଚରିତ୍ର ଅନୁମେୟ।" (କବିସୂର୍ଯ୍ୟ ବଳଦେବ ରଥ, ପୃ:୧୯)

ପ୍ରେମବ୍ୟାପାରରେ ସେ ଧୂ ୍ତଙ୍କ ଗୁରୁ। ସେହିକଥା ରାଧା ବି କହିଛନ୍ତି ଲଳିତାଙ୍କୁ – "ଧରାରେ ଯେତେ ପୁରୁଷେ, ଧୂ ୍ତ ତାହାଙ୍କ ଗୁରୁ ସେ" ବୋଲି। ତାଙ୍କ ଧୂ ୍ତପଣିଆର ଆଉ ଏକ ଉଦାହରଣ ଦିଆଯାଇପାରେ। ରାତିସାରା ରାଧାଙ୍କ ସହିତ

ସୁରତିରେ ମାତି ସକାଳେ ସ୍ନାନ ଉଦ୍ଦେଶ୍ୟରେ ଯମୁନା ଯିବାବାଟରେ ସଖା ମଧୁମଙ୍ଗଳଙ୍କ ସହିତ ତାଙ୍କର ଦେଖା ହୋଇଯାଇଛି। ତାଙ୍କ ଶରୀରରେ କାମକ୍ରୀଡ଼ାର କେତେକ ବିଲକ୍ଷଣ ଦେଖି ମଧୁମଙ୍ଗଳ ତାଙ୍କୁ ଏ ବିଷୟରେ ପଚାରିଛନ୍ତି; କିନ୍ତୁ ସେ ମୁଖରେ ହସଫୁଟାଇ ଏକଥାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ଏକଥା ତାଙ୍କ ପିତାମାତାଙ୍କୁ କହିବାର ଧମକ ମଧୁମଙ୍ଗଳ ଦେବାପରେ ସେ ସତ୍ୟ ସ୍ୱୀକାର କରିଛନ୍ତି ଏବଂ ଏକଥା ପ୍ରଘଟନ କରିବାକୁ ତାଙ୍କୁ ଦୁହାଁଳିଆ ଗାଈ ପ୍ରଦାନ କରିବାର ଲୋଭ ଦେଖାଇଛନ୍ତି। ଏହା ତାଙ୍କ ଚରମ ଧୂର୍ତ୍ତତାର ପରିଚୟ।

ଶ୍ରୀକୃଷ୍ଣଙ୍କୁ ମାନବାୟିତ କରି କବିସୂର୍ଯ୍ୟ ତାଙ୍କ ମାନବଲୀଳାର ଚିତ୍ର କେବଳ ଦେଇନାହାନ୍ତି, ସେ ତାଙ୍କ ପରମକାରୁଣିକ ଦେବାୟିତ ରୂପ ମଧ ଆଙ୍କିଛନ୍ତି ଆଲୋଚ୍ୟ ଚମ୍ପୂରେ। ମଙ୍ଗଳାଚରଣରେ ସେ ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅଲୌକିକ ଲୀଳା ଭାବରେ ଅଭିହିତ କରିଛନ୍ତି। 'କ୍ଷ' ରୀତିରେ କବିଙ୍କ ଲେଖନୀରେ ସେ କ୍ଷମାସାଗର, ଦୟାଶୀଳ ଓ ପରମପିତା। ସେ ଅମିତ ବଳଶାଳୀ। ସାରା ବିଶ୍ୱର ମହାଭୟ ବିନାଶକାରୀ। ସେ ଦେବତାମାନଙ୍କର ପରମପୂଜ୍ୟ।

ଏହିଭଳି କବିଙ୍କ ଲେଖନୀରେ ଶ୍ରୀକୃଷ୍ଣ ବ୍ରଜଲୀଳାକାଳରେ ଗୋପବାଳକ, ଗୋପୀ ଓ ରାଧାଙ୍କ ପ୍ରାଣବଲ୍ଲଭ, ରାଧାଙ୍କ ପ୍ରେମଲାଳସୀ ପରକୀୟା ପ୍ରେମିକ ଏବଂ ତାତ୍ତ୍ୱିକ ଦୃଷ୍ଟିରେ ପରମକାରୁଣିକ, ସର୍ବଗୁଣାଧାର, ଦେବତାଙ୍କର ଦେବତା ସର୍ବପୂଜ୍ୟ ପରଂବ୍ରହ୍ମ।

### ୨୦.୪.୨. – ଶ୍ରୀରାଧା :

ଶ୍ରୀରାଧା ଚମ୍ପୂକାବ୍ୟର ନାୟିକା, ପରକୀୟାପ୍ରୀତି - ପୂଜାରିଣୀ। କୃଷ୍ଣପ୍ରେମରେ ସେ ନିମଜ୍ଜିତା। ସଂଭ୍ରାନ୍ତ ପରିବାରର ବୋହୂ ହେଲେ ବି ସେ କୃଷ୍ଣପ୍ରେମ -ପାଗଳିନୀ। ବିବେକ ଅପେକ୍ଷା ଦେହର ଆହ୍ୱାନ ତାଙ୍କପାଇଁ ବଡ଼। ତେଣୁ ବୈଷ୍ଣବତତ୍ତ୍ୱାନୁଯାୟୀ ସେ ମହାଭାବସ୍ୱରୂପିଣୀ ନୁହନ୍ତି, ସେ ରକ୍ତମାଂସର ମଣିଷ। କବିସୂର୍ଯ୍ୟଙ୍କ ଲେଖନୀରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ଉତ୍କଣ୍ଠିତା ପ୍ରେମିକା କୃଷ୍ଣଙ୍କ ସାହଚର୍ଯ୍ୟ ଲାଭ ତାଙ୍କର ଏକାନ୍ତ କାମନା।

ଆକସ୍ମିକ ଭାବରେ ରାଧା କୃଷ୍ଣଙ୍କୁ ଦେଖିଛନ୍ତି କଦମ୍ବମୂଳରେ ମୁରଲୀସ୍ୱନ ଛୁଟାଉଥିବାବେଳେ। ସେ କୃଷ୍ଣଙ୍କ ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯାଇଛନ୍ତି। କୃଷ୍ଣଙ୍କ ପାଇଁ ତାଙ୍କ ମନରେ ଜାତ ହୋଇଛି ଅଦମ୍ୟ ଦୁର୍ବଳତା, ସମସ୍ତ ଲଜ୍ଜାତେଜି ସେ ତାଙ୍କ ସହିତ ଉଭାରତିରେ ମଜ୍ଜିଯିବାର ଦୁର୍ବାର କାମନା। ଏଠାରେ ରାଧା ପ୍ରେମପାଗଳିନୀ ଏକ କାମୁକା ନାୟିକା। ସେ ସଖୀ ଲଳିତାଙ୍କୁ ନିଜ ମନକଥା ଜଣାଇଛନ୍ତି, ଆଉ କୃଷ୍ଣଙ୍କ ସହିତ ମିଳନ ପାଇଁ ବାଟ ଫିଟାଇବାକୁ ଅନୁରୋଧ କରିଛନ୍ତି। ଲଳିତା କିନ୍ତୁ ତାଙ୍କ ପ୍ରେମପରୀକ୍ଷା କରିବା ଉଦ୍ଦେଶ୍ୟରେ ତାଙ୍କୁ ଏ ପଥରୁ ନିବୃତ୍ତ ହେବାକୁ କହିଛି, ଛଳନାପୂର୍ଣ୍ଣ ବ୍ୟବହାର କରିଛି। ପ୍ରେମପାଗଳିନୀ ରାଧା ଏଥିରେ କିନ୍ତୁ ଦବିଯାଇ ନାହାନ୍ତି। ସେ ଲଳିତାଙ୍କୁ କହୁଛନ୍ତି ଯେ ସେ ଗୋଡ଼ ଖସାଇ ସାରିଛନ୍ତି ଓ କୃଷ୍ଣପ୍ରେମରେ ବୁଡି ଯାଇଛନ୍ତି। ସେଇ ପ୍ରେମ କିପରି ସଫଳ ହେବ ତାହା ତାଙ୍କ (ଲଳିତା) ଉପରେ ନିର୍ଭର କରୁଛି। ତାଙ୍କ ଭାଷାରେ – "ଗୋଡ଼ ଖସି ଖେଦ ହେବାର ଦରଜ ଯିବାର ଉପାୟ କହ।" ଚତୁରୀ ଲଳିତା ଯମୁନାତଟ କୁଞ୍ଜକୁ ଯାଇଛନ୍ତି, କୃଷ୍ଣଙ୍କୁ ଭେଟିଛନ୍ତି। ରାଧାଙ୍କ ପ୍ରେମରେ ତାଙ୍କୁ ଫସାଇବାର ନାନା ଉପାୟ କହିଛନ୍ତି। କୃଷ୍ଣଙ୍କ ମନରେ ରାଧାଙ୍କୁ ପାଇବାର ଇଚ୍ଛା ପ୍ରବଳ କରାଇଛନ୍ତି। ଦୁହେଁ ଦୁହିଁଙ୍କୁ ପ୍ରେମପାଶରେ ଆବଦ୍ଧ କରିବାପାଇଁ ଉତ୍କଣ୍ଠିତ ଦେଖି ଲଳିତା ରାଧାଙ୍କୁ କୃଷ୍ଣଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି। ଏକଥା ଜାଣି ରାଧା ଦିନେ ସଖୀ ଲଳିତାଙ୍କୁ କହିଛନ୍ତି – "ଚାଲ ସେଇ କୁଞ୍ଜ ଲତା ନିକଟକୁ ଯିବା, ସେହି ଭୁବନମୋହନ କୃଷ୍ଣଙ୍କର ବଂଶୀସ୍ୱନ ଶୁଣିବା, ରାତି ନ ପାହୁଣୁ ସମସ୍ତଙ୍କ ଅଜ୍ଞାତସାରରେ ସେଠାରୁ

ଚାଲିଆସିବା।" ରାଧାଙ୍କର ଏଇ ଉକ୍ତି ଚାତୁର୍ଯ୍ୟପୂର୍ଣ୍ଣ। କାରଣ ପ୍ରକୃତରେ ସେ ବାହାରିଛନ୍ତି ପ୍ରେମାଭିସାରରେ। ଏକଥା ତାଙ୍କୁ ଜଣା, ଲଳିତାକୁ ବି ଜଣା। ବଂଶୀସ୍ୱନ ଶୁଣିବା ବାହାନା ମାତ୍ର।

ପ୍ରେମିକ-ପ୍ରେମିକା ଦୁହେଁ ସାରାରାତି ସମ୍ଭୋଗଶୃଙ୍ଗାରରେ ମଜ୍ଜିଯାଇଛନ୍ତି। ପ୍ରଭାତ ହେବାରୁ ନିବିଡ଼ ବାହୁବନ୍ଧନରୁ ତାଙ୍କୁ ମୁକ୍ତ କରିବାକୁ ରାଧା କୃଷ୍ଣଙ୍କୁ ଅନୁରୋଧ କରିଛନ୍ତି। ସେ ସଂପୂର୍ଣ୍ଣ ବସ୍ତ୍ରହୀନା ଥିବା ଜାଣି ଲଜ୍ଜାରେ ଜଳିଯାଇଛନ୍ତି। କୃଷ୍ଣ ଲୁଚାଇଥିବା ତାଙ୍କ ଶାଢ଼ିଟି ଫେରାଇଦେବାକୁ ସେ କୃଷ୍ଣଙ୍କୁ ନେହୁରା ହୋଇଛନ୍ତି ଓ ବିପର୍ଯ୍ୟସ୍ତ ଭୂଷଣସବୁକୁ ସଜାଡ଼ି ଦେବାକୁ କୃଷ୍ଣଙ୍କୁ କହିଛନ୍ତି। ହଟିଆ ନାଗର କିନ୍ତୁ ସ ର୍ଭ ରଖିଛନ୍ତି। କାଲି (ପରଦିନ) ସନ୍ଧ୍ୟାରେ ଆସିବା ପାଇଁ ରାଧା କଥା ଦେଇଛନ୍ତି –

"ଲଗାଇଛ ହଟ ଯେଉଁ ରସରେ, ଲୁଟିବ ସିନା କାଲି ପ୍ରଦୋଷରେ,
ଲଘି ଆଶ୍ରିତେ ଥିବା କୃପାସିନ୍ଧୁ, ଲା ୁଆଟି କେଡ଼େ ହେଲ ହେ ବନ୍ଧୁ।"

ନିବିଡ଼ ବାହୁବନ୍ଧନରୁ ତାଙ୍କୁ ମୁକ୍ତି ମିଳିଛି। ଧୀର ପଦପାତରେ ସେ କୁଞ୍ଜରୁ ନିଷ୍କ୍ରାନ୍ତ ହୋଇଛନ୍ତି। ସଖୀମାନେ ଟାହିଟାପରାରେ ତାଙ୍କୁ ପୋତି ପକାଇଛନ୍ତି।

ରାଧା ସଖୀକୁ ପରିହାସରେ ଗାଳି ଦେଇପାରନ୍ତି, ସେଥିପାଇଁ ଅନୁତାପ କରିପାରନ୍ତି ଓ କାର୍ଯ୍ୟସିଦ୍ଧିରେ କୃତଜ୍ଞତା ବି ଜଣାଇପାରନ୍ତି। ତାଙ୍କ ପ୍ରିୟସଖୀ ଲଳିତା ତାଙ୍କପାଇଁ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବାର ପଥ ପରିଷ୍କାର କରିଥିବାର ଜାଣି ବି ସେ ଲଳିତାଙ୍କ ପ୍ରତି ଛଳନାପୂର୍ଣ୍ଣ ବାକ୍ୟବାଣ ପ୍ରୟୋଗ କରିଛନ୍ତି, ତାଙ୍କୁ ଫତୁରିଖୋର (ମିଛେଇ) ବୋଲି କହିଛନ୍ତି। ସେଥିପାଇଁ ସେ ଦୁଃଖ ପ୍ରକାଶ କରି ଲଳିତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି – "ଆରେ ଚତୁରୀ ସଖୀ ତୋ ସ୍ନେହଶ୍ରଦ୍ଧା ମୁଁ ଭୁଲିପାରିବି ନାହିଁ। ତୋତେ ହସିକରି ପରିହାସରେ ସିନା କହିଦେଇଥିଲି, ତୁ ସେକଥା ଆଦୌ ଧରିବୁ ନାହିଁ।" ଲଳିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ସେ କହନ୍ତି - "ଧୀରା ରେ, କି ଧନ ତୁ ନ ଦେଲୁ ଆଜ......"।

ଅନ୍ୟାନ୍ୟ କୃଷ୍ଣକାବ୍ୟଭଳି ଚମ୍ପୂରେ ରାଧାଙ୍କର ଭୂମିକା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ତାଙ୍କ ଚରିତ୍ରଟି ଯେତିକି ଆଲୋକିତ, ସେଥିରେ କେବଳ ଲୌକିକ ବା ମାନବୀୟ ଲୀଳା ପ୍ରକଟିତ। 'ମ' ଗୀତରେ ରାଧାକୃଷ୍ଣଙ୍କର ମିଳନ ପ୍ରକୃତି ଓ ପୁରୁଷଙ୍କ ମିଳନ ଭାବରେ ବର୍ଣ୍ଣିତ। ମିଳନ ଅବସରରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେବା ଓ ଅପ୍‌ସରାମାନେ ନୃତ୍ୟରଚନା କରିବାର ବର୍ଣ୍ଣନାରେ ରାଧାଙ୍କର ଦେବତ୍ୱର ସୂଚନା ରହିଛି।

## ୨୦.୪.୩ ଶ୍ରୀ ଜଗନ୍ନାଥ :

ଲଳିତା ଚରିତ୍ରଟି ଚମ୍ପୂରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ରଚିତ୍ର ମାଧ୍ୟମରେହିଁ ଚମ୍ପୂର କଥାବସ୍ତୁ ଗତିଶୀଳ। ଏହି ଚରିତ୍ରକୁ ବାଦ୍‌ଦେଇ ଚମ୍ପୂର ପରିକଳ୍ପନା ଅବାନ୍ତର। କବିଙ୍କ ତୂଳିକାରେ ସେ ଏକ ମହନୀୟ ସୃଷ୍ଟି।

ବୈଷ୍ଣବଶାସ୍ତ୍ର ଅନୁସାରେ ଶ୍ରୀରାଧାଙ୍କର ପରମ ଶ୍ରେଷ୍ଠ ସଖୀମାନଙ୍କ ସଂଖ୍ୟା ଆଠ। ଯଥା – ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ତୁଙ୍ଗବିଦ୍ୟା, ଇନ୍ଦୁରେଖା, ରଙ୍ଗଦେବୀ ଓ ସୁଦେବୀ। ଏମାନଙ୍କ ମଧ୍ୟରେ ଲଳିତା ହେଉଛନ୍ତି ସର୍ବଶ୍ରେଷ୍ଠ। ଲଳିତା କେବଳ ସଖୀ ନୁହଁନ୍ତି, ସେ ଦୂତୀ ବି। ସବୁ ସଖୀ ଦୂତୀ ହୋଇପାରିବେ ନାହିଁ ବା ସବୁ ଦୂତୀ ସଖୀ ହୋଇପାରିବେ ନାହିଁ। କିନ୍ତୁ ଚମ୍ପୂରେ ସଖୀ ଲଳିତା ଉଭୟ ଭୂମିକା ସୁଚାରୁରୂପେ ତୁଲାଇଛନ୍ତି। ପୁଣି ବୈଷ୍ଣବ ରଚନାବଳୀରୁ ଜାଣିବାକୁ ମିଳେ ଯେ ରାଧା ଓ ଦୂତୀ ସମବୟସୀ। ଲଳିତା ବୟସରେ ରାଧାଙ୍କଠାରୁ ୨୭ ଦିନ ବଡ଼। ତାଙ୍କ ଶରୀରର ରଙ୍ଗ ଗୋରଚନା ବର୍ଣ୍ଣସମ ଓ ବସ୍ତ୍ର ମୟୂରପୁଚ୍ଛ ଭଳି। ସେ ଚତୁରୀ ଓ ଦୂତୀ ବା ଦୂତୀକର୍ମରେ ନିପୁଣା। ବୈଷ୍ଣବସାହିତ୍ୟରେ ତାଙ୍କର ପ୍ରାଧାନ୍ୟ ଖୁବ୍ ବେଶି।

ଚମ୍ପୂରେ ସେ ରାଧା ଓ କୃଷ୍ଣଙ୍କ ମିଳନର ସେତୁ। ପ୍ରଥମ ଦେଖାରେ ରାଧା କୃଷ୍ଣଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ତାଙ୍କ ରୂପକାନ୍ତିରେ ମୁଗ୍‌ଧ ହୋଇ ସେ ତାଙ୍କ ଅଙ୍ଗସଙ୍ଗ କାମନା କରିଛନ୍ତି। ଏହି କଥା ସେ ଦୂତୀଙ୍କ ଆଗରେ ପ୍ରକାଶ କରି କୃଷ୍ଣଙ୍କ ସହ ତାଙ୍କର ମିଳନ କରାଇଦେବା ନିମନ୍ତେ ଅନୁରୋଧ କରିଛନ୍ତି। ସଖୀ ଭାବରେ ଚତୁରୀ ଲଳିତା ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କ ପ୍ରେମାନୁରାଗର ଗଭୀରତା ମାପିବା ସକାଶେ ତାଙ୍କୁ ଏକାର୍ଯ୍ୟରେ ନିରୁତ୍ସାହିତ କରିଛନ୍ତି, କୃଷ୍ଣଙ୍କ ଅପଖ୍ୟାତି ଗାଇଛନ୍ତି ଅତିରଞ୍ଜିତ କରି। ତାଙ୍କ ଭାଷାରେ – "ଖ କରେ ଧନ ଦେଇ ପଦେ ନ କହିଲୁ ରେ।" ପୁନଶ୍ଚ କୃଷ୍ଣପ୍ରୀତିକୁ ସେ ଗରଳପାନସହ ତୁଳନା କରିଛନ୍ତି – "ଘୋଟି କିତବମୂଳ ଘୋରି ଘୋର ଜାଙ୍ଗଲ ଗରଳ ତୁଲେ ତାହା ପିଇଲୁ ରେ।" ସେହିପରି ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତକରି ତାଙ୍କୁ ରାଧାଙ୍କପ୍ରତି ଆକୃଷ୍ଟ କରାଇବାକୁ ସେ ଚେଷ୍ଟା କରିଛନ୍ତି। ରାଧାଙ୍କ ରୂପଶ୍ରୀରେ ବିମୋହିତ ହୋଇଥିବା କଥା ଶ୍ରୀକୃଷ୍ଣ ତାଙ୍କ ଆଗରେ ପ୍ରକାଶ କରିଛନ୍ତି ଓ ରାଧାଙ୍କୁ ପାଇବାର ଇଚ୍ଛା ପ୍ରକାଶ କରିଛନ୍ତି। ଶ୍ରୀକୃଷ୍ଣଙ୍କ ରାଧାପ୍ରେମର ନିବିଡ଼ତା ପରଖିଛନ୍ତି ଲଳିତା। ଶ୍ରୀରାଧା ତାଙ୍କପ୍ରତି ବିମୁଖ ବୋଲି ସେ କହିଛନ୍ତି। କିନ୍ତୁ ଶ୍ରୀକୃଷ୍ଣ ଏଥିପ୍ରତି କର୍ଣ୍ଣପାତ ନ କରି ରାଧାଙ୍କୁ ପାଇବାର ବ୍ୟାକୁଳତା ପୁନଃପ୍ରକାଶ କରିଛନ୍ତି। ଦୁହେଁ ଦୁହିଁଙ୍କୁ ପାଇବାର ପ୍ରବଳ ଉତ୍କଣ୍ଠା ଦେଖି ଲଳିତା ବିସ୍ମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମିଳନ ଘଟାଇବାକୁ ସେ ଆଗେଇ ଆସିଛନ୍ତି।

ଦିନେ ଏକ ଅନୁକୂଳ ସାନ୍ଧ୍ୟ ପରିବେଶରେ ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ ଶୁଣିବାର ବାହାନାରେ ରାଧାଙ୍କୁ ନେଇ ଲଳିତା କୁଞ୍ଜାଭିସାରରେ ବାହାରିଛନ୍ତି, କୃଷ୍ଣଙ୍କ ସହିତ ରାଧାଙ୍କର ମିଳନ କରାଇଦେଇଛନ୍ତି। ପ୍ରଭାତରେ ରାଧାଙ୍କୁ ଧରି ଫେରିଆସିଛନ୍ତି। ରାଧାଙ୍କ ମନସ୍କାମନା ପୂର୍ଣ୍ଣ କରିବାରେ ସଫଳ ହୋଇଥିବାରୁ ସେ ଅତ୍ୟନ୍ତ ତୃପ୍ତି ଲାଭ କରିଛନ୍ତି। ନିଜର କୌଣସି ସ୍ୱାର୍ଥ ନ ଥିଲେହେଁ ସଖୀର ଆନନ୍ଦରେ ଆନନ୍ଦିତା ହୋଇଛନ୍ତି। ଏ ଦୃଷ୍ଟିରୁ ,ନିସ୍ୱାର୍ଥପର ସେବାର ସେ ଏକ ନିର୍ଭୁଲ ଉଦାହରଣ।

ଲଳିତା ଚତୁରୀ, ସେ ମନକଥା ବୁଝିପାରନ୍ତି, ବ୍ୟଞ୍ଜନାପୂର୍ଣ୍ଣ କଥା କହି ଅନ୍ୟର ମନ ବହଲାଇପାରନ୍ତି। ଛଦ୍ମଗାମ୍ଭାର୍ଯ୍ୟ ପ୍ରକାଶ କରିବାରେ ସେ ଯେପରି ପ୍ରବୀଣା, ଛଇଛଟାରେ, ହାସ୍ୟପରିହାସରେ ସେହିପରି ନିପୁଣା। ଚମ୍ପୂରେ ସେ ହିଁ କେନ୍ଦ୍ରବିନ୍ଦୁ। ତାଙ୍କ ଚାରିପାଖେ ବୁଲିଛନ୍ତି ଦୁଇଟି ଚରିତ୍ର-ରାଧା ଓ କୃଷ୍ଣ। ତାଙ୍କ ବିନା ଚମ୍ପୂର ପରିକଳ୍ପନା ଅସମ୍ଭବ। ଏ ପ୍ରସଙ୍ଗରେ ପ୍ରଖ୍ୟାତ ସମାଲୋଚକ ଡ଼କ୍ଟର ନଟବର ସାମନ୍ତରାୟଙ୍କ ମତ ଉଦ୍ଧାରଯୋଗ୍ୟ। ସେ କହନ୍ତି – "ଚମ୍ପୂରେ ଲଳିତାହିଁ ଚମ୍ପୂର ପ୍ରାଣ। ଲଳିତାବିହୀନ ଚମ୍ପୂ ଅଚମ୍ପୂ କହିଲେ ଅତ୍ୟୁକ୍ତି ହେବନାହିଁ। ମୁଖଲାବଣ୍ୟପରି ଏହା ଚମ୍ପୂର ପ୍ରକୃତ ଶୋଭାବର୍ଦ୍ଧନ। ସମଗ୍ର ଓଡ଼ିଆ ବୈଷ୍ଣବସାହିତ୍ୟରେ ଲଳିତାର ଏପରି ଅନନ୍ୟସାଧାରଣ ବ୍ୟକ୍ତିତ୍ୱ ପ୍ରତିଷ୍ଠା ଆଉ କେଉଁଠି ହୋଇଛି ବୋଲି ମନେହୁଏ ନାହିଁ। ବଳଦେବଙ୍କର କବିଗୌରବ କେବଳ ଏଇଠି ହୋଇଛି ସାର୍ଥକ ଓ ସଂପୂର୍ଣ୍ଣ।" (ଓଡ଼ିଆ ବୈଷ୍ଣବସାହିତ୍ୟ, ପୃ:୩୮-୩୯) ଏହିପରି ଲଳିତା ଚରିତ୍ରଟି ସମଗ୍ର ଚମ୍ପୂକୁ ଆଚ୍ଛାଦିତ କରିରଖିଛି ମୂଳରୁ ଶେଷ ପର୍ଯ୍ୟନ୍ତ।

## ୨୦.୫ ଜଣାଣ ର ରଚନାଶୈଳୀ :

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ରେ ଗୃହୀତ କଥାବସ୍ତୁ ନୂଆ ନୁହେଁ, ପାରମ୍ପରିକ। ରାଧାକୃଷ୍ଣଙ୍କ ପ୍ରେମଲୀଳା ଏହାର ଉପଜୀବ୍ୟ। ତାହା ପୁଣି ପରକୀୟା ପ୍ରେମ। ରାଗାନୁଗାମାର୍ଗୀ ଗୌଡ଼ୀୟ ବୈଷ୍ଣବମାନଙ୍କ ପରମ ଧ୍ୟେୟ। ଏହି କଥାବସ୍ତୁକୁ ନେଇ ପୂର୍ବରୁ ବହୁ ବୈଷ୍ଣବ କାବ୍ୟକବିତା ରଚିତ। ଦେବଦୁର୍ଲଭଙ୍କ 'ରହସ୍ୟ ମଞ୍ଜରୀ', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' ଆଦି ଏହାର ଉଦାହରଣ। ଏହିସବୁ ମଧ୍ୟଯୁଗୀୟ କାବ୍ୟଭଳି ଚମ୍ପୂ ରଚିତ ହୋଇଛି ନିତ୍ୟକିଶୋର କୃଷ୍ଣଙ୍କର ପ୍ରେମସ୍ୱରୂପିଣୀ ରାଧାଙ୍କ ସହ ମିଳନଜନିତ ଆନନ୍ଦର ବର୍ଣ୍ଣନା ଉଦ୍ଦେଶ୍ୟରେ।

ଚମ୍ପୂର ରଚନାଶୈଳୀ ବା କାବ୍ୟକୌଶଳ ବିଚାର କଲାବେଳେ ମନେରଖିବାକୁ ହେବ ଯେ ଏହା ଖଣ୍ଡକାବ୍ୟ ଶୈଳୀରେ ରଚିତ। ଏହାର କଥାବସ୍ତୁର ବିସ୍ତୃତି ନାହିଁ, ଅଛି ସଂକ୍ଷିପ୍ତତା ବା ସୀମିତତା। ୩୪ଟି ଗୀତ ବା ସଙ୍ଗୀତର ସମାହାରରେ ଏହାର କଳେବର ଗଠିତ; କଥାବସ୍ତୁ ବିବୃତ। ପ୍ରତ୍ୟେକ ଗୀତ ('ମ' ଗୀତ ବ୍ୟତୀତ) ଗୋଟିଏ ଗୋଟିଏ ଚରିତ୍ରର ସଂଳାପ, ବକ୍ତବ୍ୟ। ଏହି ନାଟକୀୟ ଉପସ୍ଥାପନା ଶୈଳୀପାଇଁ ଏହା ସଂଗୀତ – ନାଟକ ବା ଗୀତିନାଟକ ଭାବରେ ମଧ୍ୟ ପରିଚିତ। ଓଡ଼ିଶାର ଗୋଟିପୁଅ ନୃତ୍ୟରେ ଏହା ଏବେ ବି ବ ୍ରହିଛି ଏକ ଦୃଶ୍ୟକାବ୍ୟ ଭାବରେ। ପୁଣି ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣନକୁ ଆଦ୍ୟରେ ରଖାଯାଇ ଗୋଟିଏ ଗୋଟିଏ ଗୀତ ରଚନା କରାଯାଇ ୩୪ଟି ଗୀତରେ ସମାପ୍ତ ହୋଇଛି ଚଉତିଶା ରୀତିରେ। ତେଣୁ ଏହାକୁ କେହି କେହି ଚଉତିଶା-ଚମ୍ପୂ ବା ଚମ୍ପୂ-ଚଉତିଶା କହନ୍ତି। ପୁଣି ପ୍ରତ୍ୟେକ ଗୀତ ଚଉପଦୀର କଳେବର ଧାରଣ କରିଥିବାରୁ ଏହାକୁ ଚଉପଦୀ-ଚମ୍ପୂ ବୋଲି ମଧ୍ୟ କୁହାଯାଏ। ଗଠନରୀତି ଦୃଷ୍ଟିରୁ ଏହାର ଏକ ଦୁର୍ବଳ ଦିଗ ରହିଛି। ତାହା ହେଉଛି 'ମ' ଗୀତପରେ କଥାବସ୍ତୁର ଅଯଥା ପ୍ରସାରଣ। 'ମ' ଗୀତରେ ରାଧାକୃଷ୍ଣଙ୍କ ମିଳନ ଏହାର ପରିସମାପ୍ତିର ସୂଚନା ଦିଏ; କିନ୍ତୁ ଏହା ସମାପ୍ତ ହୁଏ ନାହିଁ। କବି ଏହାକୁ ଲମ୍ବାଇ ଦିଅନ୍ତି 'କ୍ଷ' ଗୀତ ପର୍ଯ୍ୟନ୍ତ, ଚଉତିଶାରୀତିକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ବୋଧହୁଏ। ତେଣୁ କାବ୍ୟର ଶେଷଭାଗଟି ଆଦ୍ୟଭାଗ ଓ ମଧ୍ୟଭାଗଭଳି ସବଳ ନୁହେଁ ଦୁର୍ବଳ।

ଏହାର ଶ୍ରବ୍ୟକାବ୍ୟ ରୀତିଟି ମଧ୍ୟ ସଂରକ୍ଷିତ। ଏହାର ୩୪ଟି ଯାକ ଗୀତ ସାଂଗୀତିକ ମର୍ଯ୍ୟାଦାରେ ମଣ୍ଡିତ; ଏଣୁ ଶ୍ରୋତାଙ୍କୁ ଶ୍ରବଣସୁଖ ଦେଇପାରେ ଓ ସେମାନଙ୍କ ମନ ମୋହିପାରେ। ଏଣୁ ଏବେ ବି କାବ୍ୟାମୋଦୀ ଓ ସଂଗୀତପ୍ରିୟ ଜନତାର ଏହା ଆଦରର ଧନ।

ଏହାର ରଚନାଶିଳୀର ଅନ୍ୟତମ ବିଶେଷ ଦିଗଟି ହେଉଛି ଶ୍ରୋତା / ଦର୍ଶକଙ୍କୁ ଉତ୍କଣ୍ଠା ଭିତରେ ବୁଡ଼ାଇ ରଖିବା। ରାଧା – କୃଷ୍ଣଙ୍କ ମଧ୍ୟରେ ଦୂତୀର ଭାବ-ଦିଆନିଆ ମନରେ ଉତ୍କଣ୍ଠା ଜାତକରେ ପରବ ର୍ୀ ଘଟଣା ଜାଣିବାକୁ, ପୁଣି ଦୂତୀ କିପରି ଛଳନାପୂର୍ଣ୍ଣ ଚାତୁରୀରେ ତାହା ରାଧା-କୃଷ୍ଣଙ୍କ ନିକଟରେ ପହ ାଉଛି, ସେକଥା ଜାଣିବାକୁ। ଜାଣିଲାପରେ ଉତ୍କଣ୍ଠା ବଢ଼ିଯାଏ ମିଳନ ବିଳମ୍ବିତ ହେଉଥିବାରୁ। ଶେଷରେ ସମସ୍ତ ଉତ୍କଣ୍ଠାର ପରିସମାପ୍ତି ଘଟାଇ ରାଧାକୃଷ୍ଣଙ୍କ ମିଳନ ଘଟେ, ଗୋପୀମାନଙ୍କ ସହିତ ରାସଲୀଳା ହୁଏ ଭକ୍ତିଭାବର ଉଦ୍‌ବୋଧନରେ।

କଥାବସ୍ତୁ ଆରମ୍ଭ ପୂର୍ବରୁ ମଙ୍ଗଳାଚରଣ ଉପସ୍ଥାପନା କରାଯାଇଛି। ଏହା ରୀତିକାବ୍ୟାଦର୍ଶ ଅନୁସାରୀ। କିନ୍ତୁ କବିଙ୍କ ମଙ୍ଗଳାଚରଣଟି ଓଡ଼ିଆରେ ନୁହେଁ, ସଂସ୍କୃତରେ। ଏହା ପଦ୍ୟ-ଗଦ୍ୟମିଶ୍ରିତ ଓ ଚମ୍ପୂରୀତିରେ ରଚିତ। ମଙ୍ଗଳାଚରଣ ପରେ ଚମ୍ପୂରୀତିରେ ରଚିତ ୩୪ଟି ସଂସ୍କୃତ ରଚନା ବା ଅଧ୍ୟାୟ ଏଥିରେ ସ୍ଥାନପାଇଛି। ଏହି ୩୪ଟି ଅଧ୍ୟାୟର ପ୍ରତ୍ୟେକ ସଂସ୍କୃତ ରଚନାର ଆରମ୍ଭରେ ଚଉପଦୀ ଜାତୀୟ ଓଡ଼ିଆ ରଚନାଟିଏ ଖଞ୍ଜି ଦିଆଯାଇଛି। ଏହିପରି ୩୪ଟି ଗୀତ ଚଉତିଶା ରୀତିରେ ଏଥିରେ ସ୍ଥାନପ୍ରାପ୍ତ। ଏଥିରୁ ଅନୁମିତି ହୁଏ ଯେ ପ୍ରଥମେ ଏହା ଚମ୍ପୂରୀତିରେ ସଂସ୍କୃତରେ ରଚିତ ହୋଇଥିଲା ଓ ସାଧାରଣ ପାଠକମାନଙ୍କ ପାଇଁ ପରେ ଓଡ଼ିଆ ଗୀତର ସଂଯୋଜନାରେ ଏହାକୁ ପୁଷ୍ଟ କରାଯାଇଥିଲା। ଏହାର ଗୀତ ବା ସଙ୍ଗୀତଗୁଡ଼ିକ ଭଣିତାଯୁକ୍ତ। ଭଣିତା କିନ୍ତୁ କବିଙ୍କ ନାମରେ ହୋଇନାହିଁ, ହୋଇଛି ଆଠଗଡ଼ (ଗଞ୍ଜାମ) ର ରାଜା ବାଲୁକେଶ୍ୱର ହରିଚନ୍ଦନଙ୍କ ନାମରେ। ପେଟପାଟଣା ପାଇଁ କବି ଜଳନ୍ତର, ଆଠଗଡ଼, ପାରଳାଖେମୁଣ୍ଡି ଇତ୍ୟାଦି ଦରବାର ଉପରେ ନିର୍ଭରକରି କାବ୍ୟକବିତାମାନ ରଚନା କରିଥିଲେ। ବାଲୁକେଶ୍ୱର ହରିଚନ୍ଦନ କିଛିକାଳ କବିଙ୍କର ପୃଷ୍ଠପୋଷଣ କରିଥିଲେ। ସେ ଥିଲେ ରାଗାନୁଗାଭକ୍ତି ଅନୁଗାମୀ ଗୌଡ଼ୀୟ ବୈଷ୍ଣବ। ତାଙ୍କରି ପ୍ରୀତ୍ୟାର୍ଥେ କବି ପରକୀୟା ପ୍ରୀତିସର୍ବସ୍ୱ କୃଷ୍ଣକାବ୍ୟ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ରଚନାକରି ରାଜାଙ୍କ ନାମରେ ଭଣିତା କରିଥିଲେ।

## ୨୦.୬ ବର୍ଣ୍ଣନାଚାତୁରୀ :

ଇର୍ଣ୍ଣନାଚାତୁରୀ ଚମ୍ପୂର ଅନ୍ୟତମ ଲକ୍ଷଣୀୟ ଦିଗ। ଖଣ୍ଡକାବ୍ୟଧର୍ମୀ ଏହି ରଚନାର ସୀମିତ କଳେବର ମଧ୍ୟରେ ବର୍ଣ୍ଣନାବିଳାସ ପାଇଁ ଯେତିକି ସୁଯୋଗ ରହିଛି, କବି ତା'ର ସଦୁପଯୋଗ କରିଛନ୍ତି ପ୍ରକୃତି, ରୂପ ଓ ଘଟନାବଳୀର କାବ୍ୟିକ ଚିତ୍ରଣ କରି, ନିଜ କବିପଣର ପରାକାଷ୍ଠା ପ୍ରଦର୍ଶନ କରି। 'କ' ଗୀତରେ ପ୍ରଥମ ଦେଖାରେ କୃଷ୍ଣଙ୍କ ରୂପଲାବଣ୍ୟରେ ମୁଗ୍ଧ ହୋଇ ରାଧା ତାଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ସଖୀ ଲଳିତା ଆଗରେ ସେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନ କରି କହିଛନ୍ତି, "ଆହା, ସେ କି ମୋହନ ମନୋହର ଶ୍ୟାମଳ ତେଜୋମୟ ରୂପ; ସତେକି କୋଟିଏ ଚନ୍ଦ୍ରର ଶୋଭାକାନ୍ତି ପୂରିରହିଛି ତାଙ୍କଠି। ବିଧାତା କାହିଁକି ତାଙ୍କଠାରେ ଲାଜ ଓ ରତି ଭଳି ଦୁଇ ବିରୋଧ ଭାବକୁ ଦୀର୍ଘସ୍ଥାୟୀ କଲା ? ତାଙ୍କ ରୂପକାନ୍ତି ମୋତେ ଉଚ୍ଚାଟ କରୁଛି।" କବିଙ୍କ ଭାଷାରେ

"କି ମୋହନ ଲୀଳାଧରି କୋଟି କଳାକର ଶିରୀ,
ପୂରିଛି ସେ ଶ୍ୟାମ ମୂରତିରେ,
କଳବଳ ଛଟପଟ ହୋଇଯାଉଛି ନିପଟ
ସଂବେଶ - ଅଶନ - ବିରତିରେ......।"

ଦିନେ ଏକାନ୍ତରେ ଶ୍ରୀକୃଷ୍ଣଙ୍କୁ ଭେଟିଛନ୍ତି ଲଳିତା। ତାଙ୍କୁ ଭେଟିବାରେ ଚତୁରୀ ଲଳିତାଙ୍କର କିଛି ଉଦ୍ଦେଶ୍ୟ ରହିଛି ଅବଶ୍ୟ। ପ୍ରଥମେ କୃଷ୍ଣଙ୍କୁ ସେ ତାଙ୍କ ସୁସ୍ଥତା ବିଷୟରେ ପୁଚ୍ଛା କରିଛନ୍ତି। ସେଥିରେ କୃଷ୍ଣଙ୍କର ରୂପକାନ୍ତିର ବର୍ଣ୍ଣନାତ୍ମକ ସୂଚନା ପ୍ରକାଶ ପାଇଛି। କବିଙ୍କ ଲେଖନୀରେ –

"ନୂଆନଟପଟଳୀମୁକୁଟ ହେ ନାହିଁ କି ଶ୍ରୀଅଙ୍ଗ ସୁଖ,
ନିପଟ ନିସ୍ତେଜ ଦିଶୁଛି ତ ଆଜ ନିରଳସ ଚନ୍ଦ୍ରମୁଖ।
ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛି ଦୂରୁ ଶ୍ରୀଅଙ୍ଗ.....।" ('ଙ' ଗୀତ)

ସେହିପରି 'ମ' ଗୀତରେ ରାଧାଙ୍କ ମିଳନ ପର୍ବର ଆରମ୍ଭରେ ବସନ୍ତ ଋତୁରେ ଆଗମନ ହୋଇଛି ଓ ତା'ର ଶୋଭା ବର୍ଣ୍ଣନା କରିଛନ୍ତି କବି ସୂଚନାତ୍ମକ ଭାବରେ। କଦମ୍ବବନର ଶେଷଭାଗରୁ ମଳୟ ପବନ ଭାସିଆସିଛି ଧୀରେ ଧୀରେ। ପୁଷ୍ପମାନଙ୍କରୁ ପୁଷ୍ପରେଣୁ ଝରିପଡ଼ିଛି। ଲୋକମାନଙ୍କ କାମଭାବ ଜାଗ୍ରତ ହୋଇଛି। ଭ୍ରମରଦଳ ପୁଷ୍ପଚୁମ୍ବନ କରିଛନ୍ତି। ସୁନାଗୋରୀ ରାଧା ଓ ନୀଳଇନ୍ଦ୍ରମଣି କାନ୍ତିଧାରୀ କୃଷ୍ଣଙ୍କ କାନ୍ତିରେ କେଳିକୁଞ୍ଜ ଉଦ୍‌ଭାସିତ ହୋଇଉଠିଛି। କବିଙ୍କ ଲେଖନୀରେ ଏହି ଦୃଶ୍ୟର ସୂଚନା କେବଳ ରହିଛି। ଏହି ସୂଚନାତ୍ମକ ସୀମିତ ବର୍ଣ୍ଣନା କିପରି ମନରେ ବସନ୍ତଋତୁକାଳୀନ ଶୋଭାସମ୍ଭାରର ଏକ ବିସ୍ତୃତ ଚିତ୍ରପଟ ଅଙ୍କନ କରେ ତାହା ଦର୍ଶାଇବାପାଇଁ ସଂପୃକ୍ତ ପଙ୍‌କ୍ତିରୁ କେତୋଟି –

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା କଦମ୍ବ ନିକୁଞ୍ଜସୀମାରେ,
ମରନ୍ଦ ସେକେ ଚମକି ଲୋକେ ଭାଷିଲେ ଇଷି ମାରେ;
ମିଳିନ୍ଦଲତା ଦମ୍ଭବନିତା ବଦନେ ମିଶି ମାରେ,
ମଣ୍ଡିତ ହେଲା ସେ ବନସ୍ଥଳ, ମହାରଜତ ମହେନ୍ଦ୍ର ନୀଳ-
ମୟୂଖ ଶିରୀମୟ ମଞ୍ଜରୀ ବିସର ସୁଷମାରେ........।"

ରାଧାକୃଷ୍ଣ ମିଳନ ବର୍ଣ୍ଣନା କବିଙ୍କର ଲେଖନୀରେ ଅତି ଜୀବନ୍ତ। ସଂକ୍ଷିପ୍ତ ବର୍ଣ୍ଣନାରେ କବି ଯେପରି ଶୃଙ୍ଗାରରସର ବ୍ୟାପକ ମାଦକତା ସୃଷ୍ଟି କରିଛନ୍ତି ତାହା ତାଙ୍କ କବିତ୍ୱର ଅନନ୍ୟତା।

ଧ୍ୱନି ବା ବ୍ୟଞ୍ଜନା ଚମ୍ପୂର କାବ୍ୟିକ ସୌନ୍ଦର୍ଯ୍ୟ ବୃଦ୍ଧିକରେ, କବିତ୍ୱର ଜୟଗାନ କରେ। ଏହାର ସ୍ୱଚ୍ଛ ପ୍ରୟୋଗ ଦୃଷ୍ଟିକୁ ଏଡ଼ାଇପାରେ ନାହିଁ। କେତେବେଳେ ଶବ୍ଦ ଅର୍ଥରେ ତ କେତେବେଳେ ବାକ୍ୟ ଅର୍ଥରେ ଏହାର ଉପସ୍ଥିତି ଅନୁଭୂତ ହୁଏ। ଗୋଟିଏ ଗୋଟିଏ ଶବ୍ଦରେ ବା କ୍ରିୟାରେ ବ୍ୟଞ୍ଜନାର୍ଥ ଏପରି ଭରିରହିଥାଏ ଯେ ତାହାର ସାଧଶରଣ ଅର୍ଥ ନୁହେଁ ଏ ଧ୍ୱନି-ଅର୍ଥ ପ୍ରକାଶ ପାଏ। ଯେପରି 'କ' ଗୀତାରେ – "କୋମଳତର ମୋହନ, କୁଞ୍ଜକୁକ୍ଷିରୁ ନିଃସ୍ୱନ, ଆସି ଚୁମ୍ବିଦେଲା ମୋ ଶ୍ରୁତିରେ। " ଏଠାରେ ସାଧାରଣ ଅର୍ଥରେ ମୋହନଙ୍କର ବଂଶୀଧ୍ୱନ ରାଧାଙ୍କ କର୍ଣ୍ଣକୁ ଚୁମିଦେଲା ବା କର୍ଣ୍ଣସ୍ପର୍ଶ କଲା ବା କର୍ଣ୍ଣପଥରେ ଧ୍ୱନିତ ହେଲା; କିନ୍ତୁ ଏହି 'ଚୁମ୍ବିବା' କ୍ରିୟା ପଦଟିର ଭିତରେ ବ୍ୟଞ୍ଜନା ଭରିରହିଛି। 'ଚୁମ୍ବିଦେଲା' ଅର୍ଥ ଏଠାରେ ରାଧାଙ୍କ ସର୍ବାଙ୍ଗ କାମଜର୍ଜରିତ ହୋଇଗଲା, ତାଙ୍କ ଚି   ଚହଲିଗଲା ଆଉ ଶ୍ୟାମଙ୍କ ସହିତ ରତିକ୍ରୀଡ଼ାରେ ମଜ୍ଜିଯିବାର ଦୁର୍ବାର ଲାଳସା ତାଙ୍କଠାରେ ଜାତ ହେଲା। ତେଣୁ 'ଶୁଭିଲା' ବଦଳରେ 'ଚୁମ୍ବିଦେଲା' କ୍ରିୟାପଦର ପ୍ରୟୋଗ ଏକ ଚମତ୍କାର ଧ୍ୱନି-ଅର୍ଥର ପ୍ରକାଶକ।

ଏହିପରି ବିବିଧ ବୈଶିଷ୍ଟ୍ୟ ବହନ କରି କବିସୂର୍ଯ୍ୟଙ୍କ ରଚନାଶୈଳୀ ଅତି ଅନଛୁଆଁ ଏବଂ ତାଙ୍କ କାବ୍ୟିକ ରୁଚିର ନିର୍ଭୁଲ ପରିଚୟ। ଡ଼କ୍ଟର ମାୟାଧର ମାନସିଂହଙ୍କ  ଆକଳନରେ – "ଆକାରରେ ଛୋଟ ହେଉପଛେ ସମଗ୍ର କାବ୍ୟଟି ସୁଯୋଜିତ, ସୁଗଠିତ ଓ ସୁଶୋଭିତ; ଜଣାପଡୁଛି ଏକ ଅବିଛିନ୍ନ କାବ୍ୟିକ ପ୍ରେରଣାରେ ହିଁ ଲିଖିତ; ଯାହାବିନା ଶିଳ୍ପ ଓ ସାହିତ୍ୟ-ସଂସାରରେ କୌଣସି ହେଲେ ସ୍ଥାୟୀ ଓ ମହତ ସିଦ୍ଧି ଅସମ୍ଭବ। ସମଗ୍ର ଓଡ଼ିଆ ସାହିତ୍ୟରେ ଏପରି ଏକ ସାନ୍ଦ୍ର-ନିବିଡ଼ ସୁନିର୍ମିତ କାବ୍ୟ ଆଉ ନାହିଁ, ବୋଧହୁଏ।" (ଓଡ଼ିଆ ସାହିତ୍ୟର ଇତିହାସ, ପୃ: ୧୬୪-୬୫)

## ୨୦.୭ ଜଣାଣ ର ନାଟକୀୟତା :

ଚମ୍ପୂରେ ଚରିତ୍ର-ଉପସ୍ଥାପନ ଓ ଘଟନାବିନ୍ୟାସରେ ନାଟକୀୟତାର ସାକ୍ଷାତ ମିଳେ। ଏହାର ଚରିତ୍ରଗୁଡ଼ିକ ଆମପାଇଁ ନୂଆ ନୁହଁନ୍ତି, ସେମାନେ ବହୁପରିଚିତ। ଏମାନଙ୍କୁ ନେଇ ବହୁ କାବ୍ୟକବିତା ପୂର୍ବରୁ ରଚିତ। ରାଧାକୃଷ୍ଣ ମିଳନ ଦର୍ଶାଇବା ଏହି କାବ୍ୟର ମୂଳ ଉଦ୍ଦେଶ୍ୟ।

ଏହା ନାଟକୀୟ ଶୈଳୀରେ ରଚିତ। ୩୪ଟି ଗୀତ ବା ସଙ୍ଗୀତରେ ଏହାର ପରିକଳ୍ପନା ଓ ପରିସମାପ୍ତି। ପୂର୍ବରାଗ, ଭାବାଭିବ୍ୟକ୍ତି, ଭାବକଳନା, ଅଭିସାର, ମିଳନ ଆଦି ବିଶେଷ ଘଟଣା ଏହାର ବିଷୟବସ୍ତୁକୁ ଦୃଶ୍ୟାୟିତ କରେ। ଏହାର କଥାବସ୍ତୁ ଆରମ୍ଭ ହୋଇଛି ନାଟକୀୟ ରୀତିରେ। ସଂସ୍କୃତ ମଙ୍ଗଳାଚରଣରେ ବିଷୟବସ୍ତୁର ପ୍ରାକ୍-ସୂଚନା ଥିଲେହେଁ ସେଥିରେ ସଂଯୋଜିତ ଓଡ଼ିଆ ଗୀତାବଳୀରେ ମଙ୍ଗଳାଚରଣ ନାହିଁ। ତେଣୁ ବିଷୟବସ୍ତୁର ପ୍ରାକ୍-ସୂଚନା ନାହିଁ। ପ୍ରଥମ ଗୀତଟି ଆରମ୍ଭ ହୋଇଛି – "କି ହେଲାରେ, କହିତ ନୁହଇ ଭାରତୀରେ।" ଏଥିରେ ରାଧାଙ୍କ ପୂର୍ବରାଗ ସୂଚିତ। ଏହା ଦୂତୀ ଲଳିତାଙ୍କ ଉଦ୍ଦେଶ୍ୟରେ ରାଧାଙ୍କ ଉକ୍ତି। ପ୍ରଥମ ଦର୍ଶନରେ କୃଷ୍ଣଙ୍କ ରୂପମାଧୁରୀରେ ବିମୋହିତ ହୋଇ ତାଙ୍କୁ ପାଇବାର ବାଟ ବତାଇ ଦେବାକୁ ରାଧା  ଅନୁରୋଧ କରିଛନ୍ତି ଲଳିତାଙ୍କୁ। ଚତୁରୀ ଲଳିତା ଛଳଗାମ୍ଭୀର୍ଯ୍ୟ ପ୍ରକାଶକରି ତାଙ୍କୁ ସେଥିରୁ ନିବୃ   ରହିବାକୁ ଉପଦେଶ ଦେଇଛନ୍ତି ଏବଂ ଅନ୍ତରଙ୍ଗ ସଖୀପ୍ରତି ଆନ୍ତରିକତା ଦୃଷ୍ଟିରୁ ଏ ଦିଗରେ ଚେଷ୍ଟା କରିବେ ବୋଲି କଥାଦେଇଛନ୍ତି। ତାପରେ କାହାଣୀ ଗତିଶୀଳ ହୋଇ ସମାପ୍ତ ହୋଇଛି ରାଧାକୃଷ୍ଣଙ୍କ ମିଳନରେ।

ଏହାର ଆରମ୍ଭ କେବଳ ନାଟକୀୟ ନୁହେଁ ଘଟଣାପ୍ରବାହ ବି ନାଟକୀୟ। ପୂର୍ବରାଗ ବର୍ଣ୍ଣନାକୁ ପ୍ରଥମ ଦୃଶ୍ୟ ବୋଲି ଧରିନେଲେ, ଏହି ଦୃଶ୍ୟର ପରିକଳ୍ପିତ ସ୍ଥାନ ହେଉଛି ଏକ ନିର୍ଜନ ସ୍ଥାନ। ତାପରେ ଦ୍ୱିତୀୟ ଦୃଶ୍ୟର ଆରମ୍ଭ। ଏଥିରେ ଲଳିତା ଭେଟେ ଶ୍ରୀକୃଷ୍ଣଙ୍କୁ। ସ୍ଥାନ - ଯମୁନାକୂଳର କଦମ୍ବବନ। ଲଳିତା କୃଷ୍ଣଙ୍କ ମୁଖମଣ୍ଡଳରୁ ଲକ୍ଷ୍ୟ କରିଛନ୍ତି, ସତେ ଯେପରି ସେ କାହା ପ୍ରେମରେ ପାଗଳ ଏବଂ ତାକୁ ପାଇବାକୁ ଉଦ୍‌ଗ୍ରୀବ। ଚତୁରୀ ଲଳିତା ତାଙ୍କଠାରୁ କଥା ଆଦାୟ କରିନେଇଛନ୍ତି। ସେ ରାଧାଙ୍କୁ ପାଇବାକୁ ବ୍ୟଗ୍ର ଜାଣି ମନେମନେ ଖୁସି ହୋଇଛନ୍ତି। କିନ୍ତୁ ରାଧାଙ୍କ ଇଚ୍ଛା ଶ୍ରୀକୃଷ୍ଣଙ୍କୁ ଜଣାଇ ନାହାନ୍ତି। ବରଂ କୃଷ୍ଣଙ୍କ ଅନୁରୋଧ ରକ୍ଷାକରି ରାଧାଙ୍କୁ ରାଜିକରାଇବା ଦିଗରେ ଚେଷ୍ଟା କରିବେ ବୋଲି କହିଛନ୍ତି। ଏଠାରେ ବୁଝିହୁଏ ନାହିଁ ଲଳିତାଙ୍କ ଉଦ୍ଦେଶ୍ୟ କ'ଣ ? ପାଠକର ଉତ୍କଣ୍ଠା ବଢ଼େ।

ତା'ପରେ ଆରମ୍ଭ ହୁଏ ତୃତୀୟ ଦୃଶ୍ୟ। ଘଟଣାସ୍ଥଳ - ପୂର୍ବ ନିକା ନ ସ୍ଥାନ। ରାଧା ଚାହିଁରହିଛନ୍ତି ଲଳିତାର ଫେରିବା ବାଟକୁ। ମନରେ ଉଦ୍‌ବେଳନ, କାଳେ କୃଷ୍ଣ ନିରାଶ ବାଣୀ ଶୁଣାଇବେ। ଲଳିତା ଫେରିଲେ, କିନ୍ତୁମନ ବିରସ। ରାଧା କିଛି ପଚାରିବା ପୂର୍ବରୁ ସେ ଆରମ୍ଭ କଲେ ଯେ ତାଙ୍କ ପାଇଁ ସେ ଅପଦସ୍ତ ହୋଇଛନ୍ତି। ଏହି କପଟପୂର୍ଣ୍ଣ ବାକ୍ୟକୁ ରାଧା ସତ ମଣିଲେ ଓ ପଚାରିଲେ – "ଥାପିରେ କହ ତଥାପିରେ ପ୍ରିୟସଖୀ ଥିବି କି ଛାଡ଼ିବି ପ୍ରାଣ"....। ରାଧାଙ୍କ ଦୂତୀ ଭାବରେ ଲଳିତା ରାଧାଙ୍କୁ ଯେପରି ନିରାଶ ବାଣୀ ଶୁଣାଇଥିଲା କୃଷ୍ଣଙ୍କର ଦୂତୀ ସାଜି ସେ ସେହିପରି 'ରାଧା ତାଙ୍କ ପ୍ରତି ବିମୁଖ' ବୋଲି କୃଷ୍ଣଙ୍କୁ କହିଛନ୍ତି। ସେ କାମଜ୍ୱରରେ ପୀଡ଼ିତ ରାଧା ଓ କୃଷ୍ଣ ଉଭୟଙ୍କ ପ୍ରେମର ପରୀକ୍ଷା ନେବାପାଇଁ ଉଭୟଙ୍କ ପାଖରେ ଛଳନାପୂର୍ଣ୍ଣ ସମ୍ବାଦ ପହ ।ଇ, ସେମାନଙ୍କ ପ୍ରେମର ନିବିଡ଼ତା ହୃଦୟଙ୍ଗମ କରିବାପରେ ମିଳନରପଥ ପରିଷ୍କାର କରିଛନ୍ତି। ରାଧାଙ୍କୁ ଯେତବେଳେ ସେ ଶୁଣାଇଦେଇଛନ୍ତି ଯେ ମିଳନପର୍ବ ପାଇଁ ସମସ୍ତ ପ୍ରସ୍ତୁତି ବହୁପୂର୍ବରୁ ହୋଇସାରିଛି ବୋଲି, ରାଧା ଆନନ୍ଦିତା ହୋଇଛନ୍ତି ଓ ଲଳିତାଙ୍କ କପଟପୂର୍ଣ୍ଣ ଆଚରଣପାଇଁ ତାଙ୍କ ପ୍ରତି କୃତ୍ରିମ କ୍ରୋଧ ପ୍ରକାଶ କରିଛନ୍ତି।

ଚତୁର୍ଥ ଦୃଶ୍ୟ – ଲଳିତାଙ୍କ ସହ ରାଧାଙ୍କର କୁଞ୍ଜଗମନ। ସ୍ଥାନ-ଯମୁନାକୂଳର କୁଞ୍ଜକାନନ। କେଳିକୁଞ୍ଜର ଅନ୍ତରାଳରେରହି କୃଷ୍ଣଙ୍କର ଅପରୂପ ଠାଣିରେ ବଂଶୀବାଦନର ଦୃଶ୍ୟ ଦର୍ଶନ। କାମଜର୍ଜରିତା ରାଧାଙ୍କୁ ସେହିଠାରେ ଛାଡ଼ି ଅନ୍ୟକାମ ବାହାନାରେ ଚତୁରୀ ଲଳିତାଙ୍କ ଅନ୍ୟସ୍ଥାନକୁ ଗମନ।

ପ ମ ଦୃଶ୍ୟଟି ମିଳନପର୍ବ। ଅସମୟରେ ବସନ୍ତର ଆବିର୍ଭାବ। କୁଞ୍ଜର ଫୁଲଶେଯରେ ରାଧାଙ୍କର ଶ୍ରୀକୃଷ୍ଣଙ୍କ ସହିତ ରାତ୍ରିଯାପନ। ପ୍ରକୃତିପୁରୁଷର ମହାମିଳନ, ପରଦିନ ସନ୍ଧ୍ୟାରେ ପୁଣି ଆସିବାର କଥା ଦେବାପରେ କୃଷ୍ଣଙ୍କ ଦୃଢ଼ ବାହୁବନ୍ଧନରୁ ମୁକୁଳି ଧୀର ପଦପାତରେ ଲଳିତାଙ୍କ ସହ ରାଧାଙ୍କର ଗୃହ ପ୍ରତ୍ୟାବ ିନ।

ଏହା ପରର ଦୃଶ୍ୟ କେତେଗୋଟି ଗୌଣ, ମୁଖ୍ୟ ବିଷୟବସ୍ତୁ ସହିତ ସେତେ ବେଶି ସମ୍ବନ୍ଧାନ୍ୱିତ ନୁହଁ।

ଚମ୍ପୂକୁ ସଙ୍ଗୀତନାଟକ ବା ଗୀତିନାଟ୍ୟ ଭାବରେ ଗ୍ରହଣ କରନ୍ତି ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ କୁଳମଣି ଦାଶ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ଡକ୍ଟର ମାୟାଧର ମାନସିଂହ ପ୍ରମୁଖ ବିଦ୍ୱାନଗଣ। ଏହି ମତର ସାର୍ଥକତା ପ୍ରତିପାଦନ କରିଛନ୍ତି ବାବାଜି ବୈଷ୍ଣବଚରଣ ଦାସଙ୍କ ଭଳି କେତେଜଣ କୃଷ୍ଣପ୍ରେମୀ ନାଟ୍ୟକାର, ଏହାକୁ ବହୁବାର ଅଭିନୀତ କରାଇ। ମନଛୁଆଁ ସଙ୍ଗୀତଯୁକ୍ତ ଉକ୍ତି-ପ୍ରତ୍ୟୁକ୍ତି ଆଧାରିତ ଓ ନାଟକୀୟ ଶୈଳୀରେ ରଚିତ ହେତୁ ଚମ୍ପୂର ନାଟକୀୟତା ସ୍ୱତଃ ପ୍ରତିପାଦିତ।

## ୨୦.୮ ଜଣାଣ ର ସାଙ୍ଗୀତିକତା :

ମଧ୍ୟଯୁଗୀୟ କାବ୍ୟକବିତା ମୁଖ୍ୟତଃ ସଙ୍ଗୀତାଶ୍ରୟୀ। ରୀତିଯୁଗର ଶେଷଭାଗରେ ସଙ୍ଗୀତମଣ୍ଡିତ କାବ୍ୟକବିତାର ବହୁଳତା ପାଇଁ ଏହି କାଳଖଣ୍ଡକୁ 'ସଙ୍ଗୀତ ଯୁଗ' ଭାବରେ କେହି କେହି ଅଭିହିତ କରନ୍ତି। ସେହି ପରଂପରାରେ ଲାଳିତ କବିସୂର୍ଯ୍ୟ ଚମ୍ପୂକାବ୍ୟର କାବ୍ୟଗୁଣ ସହିତ ସାଙ୍ଗୀତିକତାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି, ଉନ୍ନତ ଓଡ଼ିଶୀ ସଂଗୀତର ମର୍ଯ୍ୟାଦା ଦେଇଛନ୍ତି।

ଚମ୍ପୂ ଗାଇବାପାଇଁ ରଚିତ ହୋଇଥିଲା; ଏଣୁ ସ୍ୱରପ୍ରଧାନ ଓ ସଂଗୀତପଦବାଚ୍ୟ। ଏଥିରେ ୩୪ଟି ଗୀତ ବା ସଙ୍ଗୀତର ସମାବେଶ ଘଟିଛି। ପ୍ରତ୍ୟେକ ସଙ୍ଗୀତରେ ଖଞ୍ଜି ଦିଆଯାଇଛି ବିଭିନ୍ନ ଭାବୋପଯୋଗୀ ରାଗ ଓ ତାଳ। ପ୍ରତ୍ୟେକ ଗୀତର ନିର୍ଦ୍ଦିଷ୍ଟ ଭାବ ପ୍ରକାଶପାଇଁ ନିର୍ଦ୍ଦିଷ୍ଟ ଭାବ ଓ ତାଳ ସଂଯୋଜିତ। ଏହି ରାଗ ଓ ତାଳଗୁଡ଼ିକ ସଙ୍ଗୀତଶାସ୍ତ୍ରନୁମୋଦିତ। କାରଣ କେଉଁ କେଉଁ ଭାବପାଇଁ କେଉଁ ପ୍ରକାର ରାଗ କି କି ରାଗ ଆବଶ୍ୟକ ତାହା ସଙ୍ଗୀତଶାସ୍ତମାନଙ୍କରେ ନିର୍ଦ୍ଦିଷ୍ଟ କରାଯାଇଛି। ଚମ୍ପୂରେ ପ୍ରଯୁକ୍ତ ଏହି ରାଗଗୁଡ଼ିକ କ୍ରମାନ୍ୱୟରେ ହେଲେ – ସାବେରୀ, କେଦାର, ତୋଡ଼ିପରଜ, କାମୋଦୀ, ସିନ୍ଧୁକାମୋଦୀ ବା କୁମ୍ଭକାମୋଦୀ, ପ ମ ବରାଡ଼ି, ମୁଖାବରୀ, କେଦାର ବା ପୁନଙ୍ଗ, ମୁଖାବରୀ ବା ତୋଡ଼ିପରଜ, ତୋଡ଼ିଜଙ୍ଗଲା ବା ଗୋହନା, ବଙ୍ଗଳାଶ୍ରୀ ବା ବସନ୍ତ, ତୋଡ଼ି ବା ଦେଶାକ୍ଷ, ତୋଡ଼ି ପରଜ, ଦେଶାକ୍ଷ, ସୋମ, କନଡ଼ାଗୌଡ଼ା ବା କନଡ଼ା, ଝଂଝୋଟା ବା ତୋଡ଼ି ଜଙ୍ଗଲା, ଭଟିଆରି, କାନଡ଼ାକାଫି ବା ତୋଡ଼ିଜଙ୍ଗଲା, କାମୋଦୀ, ଭୈରବ, ପୂରବି ବା ତୋଡ଼ିପରଜ, ସାବେରୀ, କେଦାରଗୌଡ଼ା, କାମୋଦୀ ବା ମରୁଆ, ମୁଖାବରୀ, କେଦାର, ଖଣ୍ଡକାମୋଦୀ, ସାବେରୀ, ଝୁଲା, ମୁଖାବରୀ, ଶଙ୍କରାଭରଣ ବା ମୋହନ, ଗୌଡ଼ା ଓ କେଦାର।

ଏହି ସଙ୍ଗୀତଧର୍ମିତା ପାଇଁ ଚମ୍ପୂ ଏତେ ଲୋକପ୍ରିୟ। ସ୍ଥଳବିଶେଷରେ କ୍ଲିଷ୍ଟ ଓ ଦୁର୍ବୋଧ ହୋଇଥିଲେ ମଧ୍ୟ ଉଚ୍ଚକୋଟୀର ସାଙ୍ଗୀତିକ ବିଭବ ପାଇଁ ଏହା ଦୀର୍ଘ ଦେଢ଼ଶହ ବର୍ଷଧରି ଓଡ଼ିାର ଜନମାନସକୁ ଆଚ୍ଛନ୍ନ କରିରଖିଛି।

## ୨୦.୯ ଜଣାଣ ର ଭାଷାବିଭବ :

କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାବଳୀରେ ବିବିଧ ଭାଷାପ୍ରୟୋଗ ଏହାର ସୌନ୍ଦର୍ଯ୍ୟ ବୃଦ୍ଧିକରେ। ରୀତିକାଳୀନ ପରଂପରାରେ ସେ କେତେକ ସଂସ୍କୃତାୟିତ ଆଳଙ୍କାରିକ ଶବ୍ଦ ପ୍ରୟୋଗ କରିଥିଲେ ହେଁ କଥିତ ଭାଷାର ବ୍ୟାପକ ପ୍ରୟୋଗପ୍ରତି ଦୃଷ୍ଟି ବି ଦେଇଥିଲେ। ଏହାହିଁ ତାଙ୍କ କାବ୍ୟର ଅନ୍ୟତମ ଆକର୍ଷଣ। କଥିତ ଭାଷା ମଧ୍ୟରେ ସେ ବ୍ୟବହାର କରିଛନ୍ତି ଅନେକ ଲୌକିକ ଦେଶଜ ଶବ୍ଦ ଓ ଯାବନିକ ଶବ୍ଦ। ଅନେକ ଅପ୍ରଚଳିତ ଶବ୍ଦର ସମାବେଶ ମଧ୍ୟ ତାଙ୍କ ଚମ୍ପୂରେ ଘଟିଛି। ଦୀର୍ଘକାଳ ଶାସନ ଓ ବିଚାର ବିଭାଗ ସହିତ ଜଡ଼ିତ ରହିବା ଫଳରେ ବହୁ ଯାବନିକ ଶବ୍ଦ ସହିତ ତାଙ୍କର ପରିଚୟ ଥିବା ସ୍ୱାଭାବିକ। ପାର୍ଶୀ ଥିଲା ସେକାଳରେ କଚେରି-ଭାଷା। ଏହି ଦୃଷ୍ଟିରୁ ମନେହୁଏ, ତାଙ୍କର ପାର୍ଶୀ ଓ ଆରବୀ ଭାଷାରେ ଭଲ ଜ୍ଞାନ ଥିଲା। ଆନ୍ଧ୍ରପ୍ରଦେଶର ପଡ଼ୋଶୀ ରାଜ୍ୟ ହୋଇଥିବାରୁ ଦକ୍ଷିଣ-ଓଡ଼ିଶା ନିବାସୀ ଭାବରେ ସେ ତେଲୁଗୁ ଭାଷାରେ ମଧ୍ୟ କିଛି ପରିମାଣରେ ଜ୍ଞାନ ହାସଲ କରିଥିଲେ। ଏଣୁ ଏସବୁ ଭାଷାର ପ୍ରୟୋଗ ତାଙ୍କ ରଚନାବଳୀରେ ପଶିଆସିଥିବ ନିଶ୍ଚୟ। ତାଙ୍କ ପୂର୍ବରୁ ସାଧୁଭାଷା ବା ତତ୍‌ସମ ଓ ତଦ୍‌ଭବ ଭାଷା ସହିତ କଥିତ ଭାଷାର ମିଶ୍ରଣରେ ସାହିତ୍ୟ-ରଚନାର ଧାରାଟି ଚଳିଆସୁଥିଲା। ଏସବୁ ଦୃଷ୍ଟିରୁ ତାଙ୍କ ଚମ୍ପୂରଚନାରେ ପ୍ରଯୁକ୍ତ ଭାଷା ଓ ଶବ୍ଦାବଳୀ ଖୋଜିବାକୁ ହେବ ଏବଂ ସେସବୁର ପ୍ରୟୋଗଗତ ବୈଚିତ୍ର୍ୟର ମୂଲ୍ୟାୟନ କରିବାକୁ ହେବ।

କିଛି କିଛି ଅପ୍ରଚଳିତ ସଂସ୍କୃତ ଶବ୍ଦ ଚମ୍ପୂରେ ଦେଖିବାକୁ ମିଳେ। ଯେପରି – ଖମଣି (ସୂର୍ଯ୍ୟ), ଘସ୍ରନାଥ (ଶିବ), ଚାମୀକର (ସୁନା), ଜମ୍ବୁନଦ (ସୁନା) ତାପି  (ତମାଳ), ପରିବୃଢ଼ (ସ୍ୱାମୀ, ପ୍ରଭୁ),ପ୍ରକ୍ଷ୍ୱେଡ଼ନ) (ଅସ୍ତ୍ର), ବୃଜିକ (ପାପ), ସମାଂସମୀନା (ପ୍ରତିବର୍ଷ ଜନ୍ମ କରୁଥିବା ଗାଈ), ସଂବେଶ (ନିଦ୍ରା), ସର୍ବଂସହା (ପୃଥିବୀ) ଇତ୍ୟାଦି।

ସଂସ୍କୃତ-ବିଦ୍ୱାନ କବିସୂର୍ଯ୍ୟ ସଂଭ୍ରାନ୍ତ ଶବ୍ଦ ପ୍ରୟେଗାରେ ଯେଭଳି ସିଦ୍ଧହସ୍ତ, ଦେଶଜ ଓ ଆଞ୍ଚଳିକ ଶବ୍ଦ ଚୟନକରି ସେସବୁକୁ ଯଥାର୍ଥ ସ୍ଥାନରେ ପ୍ରୟୋଗ କରିବାରେ ମଧ୍ୟ ସେଭଳି ଧୁରନ୍ଧର। ଚମ୍ପୂରେ ପ୍ରଚଳିତ ଓ ଅପ୍ରଚଳିତ କେତୋଟି ଦୋଜ ଶବ୍ଦର ପ୍ରୟୋଗ-ଅନାଉଣି (ଚାହାଣି), ଆବୁର (ମହ ୍ୱ), ଏକା (ଏକମାତ୍ର, କେବଳ), ଗୋଳିଆ (ଆବିଳତା), ଚହକାଇ (ଡରାଇ), ଚିନାଏ (ଚିହ୍ନିଏ), ଛଟା (ଠାଣି), ଝଗଡ଼ି (ଧନ୍ଦି ହେବା, ବୃଥା କଷ୍ଟପାଇବା), ଝୋଲାମାରିବା (ହାଲିଆ ହେବା, ଚେତାଶୂନ୍ୟ ହେବା), ଝିମୁଟ (ଅଳ୍ପସମୟ), ଟପା (ଚାର), ଟାଳିବା (ଅପେକ୍ଷା କରିବା), ଟିପିବା (ଗୁପ୍ତରେ କହିବା), ଠଉରାଇ (ନିରେଖି), ଠଣା (ହାତମୁଠାକରି ଆଙ୍ଗୁଠି ଗଣ୍ଠିରେ ଆଘାତ କରିବା), ଠୁଙ୍କି (ମାରି, ପ୍ରହାରକରି), ଡୁଇଁ (ଦୋଷୀ), ଡୋର (ଦଉଡ଼ି), ଢ଼ବା (ପକ୍କା ଛାତଘର) ଢ଼ାଳେ (ଥରେ), ଥକାଇ (ରହିରହି), ଥାପି (ସ୍ଥିରକରି), ଧୁପିବା (ଆକ୍ରମଣପାଇଁ ଉଦ୍ୟତ ହେବା), ନିଜି (ପରା, ସତେ, ନାହିଁ କି), ଫଡୁଆ (ମିଛୁଆ), ଫରୁଆ (ଛୋଟ ଡବା), ଫୁରୁଣା (ମନଖୁସି), ହଟିବା (ଜିଦ କରିବା) ଇତ୍ୟାଦି।

ଯାବନିକ ଶବ୍ଦର ପ୍ରୟୋଗ – କବିକାଳୀନ ମୋଗଲ ଶାସନ ବ୍ୟବସ୍ଥାରେ ପ୍ରଚଳିତ କେତେକ ପାର୍ଶୀ ଓ ଆରବୀ ଶବ୍ଦ ଚମ୍ପୂରେ ଦେଖିବାକୁ ମିଳେ। ଏସବୁ ଶବ୍ଦକୁ କାବ୍ୟିକ ଶବ୍ଦର ମର୍ଯ୍ୟାଦା ଦେବାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏଠାରେ ସେସବୁରୁ କେତୋଟି ଶବ୍ଦ - ଆଖର (ଶେଷ), ଖିଆଲ (ଥଟ୍ଟା), ଜହର (ବିଷ), ଟକାୟତ (ଯୁବରାଜ), ଦିଓ୍ୱାଲା (ସର୍ବସ୍ୱାନ୍ତ), ନଜର (ଦୃଷ୍ଟି), ଫଜିତ (ଅପମାନ), ଫଉଜ (ସୈନ୍ୟ), ଫତୁଆ (ବିଫଳ), ଫତୁରିଖୋର (ମିଛେଇ), ଫରମାସ (ବରାଦ, ଆଦେଶ), ଫରିଆଦ (ଅଭିଯୋଗ), ଫୁକାର (ପ୍ରଚାର), ବରାବର (ସମାନ), ବାଜଣା (ରାଜା), ବାରୁଦ, ବ୍ୟାଜ (ସୁଧ, କଳନ୍ତର), ମରଜି (ଇଚ୍ଛା), ଲାଚାର (ନିରୁପାୟ), ସମଜାଇ (ବୁଝାଇ), ସରଦାର (ସେନାପତି), ହୁକୁମ (ଆଜ୍ଞା) ଇତ୍ୟାଦି।

ଚମ୍ପୂର ଏହି ଶବ୍ଦବିଭବ ଓଡ଼ିଆ ଶବ୍ଦଭଣ୍ଡାରକୁ ଋଦ୍ଧିମନ୍ତ କରେ। ରୀତିଯୁଗୀୟ ପରଂପରାରେ ଏକ ବିପ୍ଳବର ସୂତ୍ରପାତ କରେ। ଅନ୍ୟଭାଷାରେ, ଦାଣ୍ଡରେ ଗଡୁଥିବା ଶବ୍ଦଗୁଡ଼ିକୁ ଗୋଟାଇ ଆଣି କବିସୂର୍ଯ୍ୟ ସେସବୁକୁ  କାବ୍ୟରେ ପ୍ରୟୋଗ କଲେ, ଫଳରେ କାବ୍ୟରେ ଅଲୋଡ଼ା ଶବ୍ଦର ମର୍ଯ୍ୟାଦା ବଢ଼ିଲା, କାବ୍ୟର ସୁଷମା ବଢ଼ିଲା। ଚମ୍ପୂରେ ପ୍ରଯୁକ୍ତ ଯାବନିକ ଶବ୍ଦାବଳୀ ସଂବନ୍ଧରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ମତ ଦିଅନ୍ତି – "ସେକାଳର ପ୍ରଭାବୋଚିତ  କେତେକ ଶବ୍ଦକୁ ଏପରି ଭାବରେ, ଏମନ୍ତ ସ୍ଥଳରେ, ଏପରି ଚତୁରତା, ରସିକତା ଓ ବୁଦ୍ଧିମ ।ର ପ୍ରମାଣ ଦେଇ ଆପଣାର କରିନେଇଛନ୍ତି ଯେ ଭାବିବସିଲେ ବିସ୍ମୟ ସୃଷ୍ଟିହୁଏ। ଏଭଳି ଶବ୍ଦମାନ ସେ ଯାବନିକ ଭାଷାରୁ ବାଛିନେଇଛନ୍ତି, ଯାହାର ପ୍ରତିବଦଳରେ, ସେହି ମର୍ମର ଓ ସେହି ଭାବର ଅନ୍ୟ ଏକ ସରସ, ମଧୁର ଓ ଲଳିତ ଶବ୍ଦର ପ୍ରତିସ୍ଥାପନା ଅସମ୍ଭବ ମନେହୁଏ। ଆହୃତ ଶବ୍ଦଗୁଡ଼ିକ ଯେପିର ସରଳ, ରସଭାବାନୁକୂଳକ, ସେହିପରି ଗାୟନପକ୍ଷେ ମଧ୍ୟ ଏକାନ୍ତ ମନୋହାରୀ। ଏଭଳି ଆହରଣ ଓ ସଂଯୋଜନା କବିସୂର୍ଯ୍ୟ ଭିନ୍ନ ଉତ୍କଳୀୟ ଅନ୍ୟ କବିଙ୍କ ରଚନାରେ ଏକାନ୍ତ ଦୁର୍ଲ୍ଲଭ।" (କବିସୂର୍ଯ୍ୟ ପରିକ୍ରମା, ବ୍ରହ୍ମପୁର ବିଶ୍ୱବିଦ୍ୟଶାଳ ପୃ: ୬୨)

ବ୍ୟବହାରିକ ଭାଷାରେ ପ୍ରଚଳିତ ରଢ଼ି ବା ବିଶିଷ୍ଟାର୍ଥକ ଶବ୍ଦପୁଞ୍ଜକୁ କାବ୍ୟାୟିତ କରି କବିସୂର୍ଯ୍ୟ ସେସବୁକୁ କାବ୍ୟିକ ସୁଷମାରେ ଭୂଷିତ କରିଛନ୍ତି। ଅବଶ୍ୟ ପ୍ରସଙ୍ଗୋଚିତ ବ୍ୟବହାର ପାଇଁ ଆବଶ୍ୟକ ସ୍ଥଳେ ସେ ଏଥିରେ ସାମାନ୍ୟ ପରିବ ର୍ନ ଆଣିଛନ୍ତି। ଉଦାହରଣ ସ୍ୱରୂପ –

(କ) ଖର୍ବ ହୋଇ ସୁରତରୁ-କୁସୁମ ବା ୍ଲୁ। (ଖ) ଗଲାଣିତ ଗଲା କଥାରେ ସଙ୍ଗାତ। (ଗ) ଟେକାଟେକି ମୋତେ କରି ନାନାମତେ ତୁମ୍ଭ କାମନା ପୂରିବ। (ଘ) ତଳେ ବସନ ପ୍ରସାରି, ତୃଣ ଦଶନାନ୍ତେ ଧରି। କହିଲେ ହେଁ ଅନୁସରି, ରାଜି ତ

ନ ଦିଶିଲାରେ। (ଙ) ପରବଶ ହେବ ଯେବେ ପ୍ରାଣ ତୁଲେ ଦେହ / ପ୍ରାଣୀ କି କରିବ କହଗୋ। (ଚ) ଫୁଲିଗଲୁ ଫୁଲଇଲାମରସିକା ଜାଣିପରା ଶ୍ୟାମ ସ୍ନେହରେ। (ଛ) ଫୁଙ୍କିଦେଲେ ଉଡ଼ିଯିବା ପରି ସଡ଼ି ଅଛିଟି ତନୁ-ବଲ୍ଲରୀ।

ନୂତନ ଚିତ୍ରକଳ୍ପ ଓ ଉପମା ନିର୍ମାଣରେ ଓ ପ୍ରୟୋଗରେ ଓ ପ୍ରୟୋଗରେ ମଧ୍ୟ କବି ଦକ୍ଷତା ପ୍ରମାଣ କରିଛନ୍ତି। ସେଥିମଧ୍ୟରୁ ଅଳ୍ପ କେତୋଟି-ଗରଜରଜର, ଚାରୁମାରୁତ, ଚିନାଏ ଖେଦ, ଚୁଳମୁକୁଟିଆ, ଜୀମୂତକେଶୀ, ଟିକାଏ ପ୍ରାସ, ତାଳିମଧମା, ଶୃଙ୍ଗାରସୁଧା-ବରଷୀ-ମେଘ, ସ୍ମରସରଦାର ଇତ୍ୟାଦି।

କବିସୂର୍ଯ୍ୟଙ୍କ ଅନ୍ୟାନ୍ୟ ରଚନାରେ ପ୍ରାନ୍ତୀୟ ତେଲୁଗୁ ଶବ୍ଦର ଦର୍ଶନ ମିଳିଲେ ବି ଚମ୍ପୂରେ ତାହା ଅନୁପସ୍ଥିତ। କିନ୍ତୁ ଓଡ଼ିଆ-ତେଲୁଗୁ ମିଶାମିଶି ଅ ଳରେ ପ୍ରଚଳିତ ଅଳ୍ପ କେତୋଟି ଶବ୍ଦ ରହିଛି। 'ଫ' ଗୀତର ୧ମ ପଦରେ ଫାଟିପଡ଼ିବାର, ହେବାର, ଏକା ଶବ୍ଦମାନ ଏହାର ଉଦାହରଣ। ପ୍ରଥମ ପଦର ପ୍ରଥମ ଦୁଇଟି ପଙ୍କ୍ତି ହେଉଛି –

"ଫାଟି ପଡ଼ିବାର ନିକୁଞ୍ଜସ ।ର – ଶ୍ରମୁ ମୋ ଚରଣ ତଳ
ଫତୁରିଖୋର ଆଖରକୁ ହେବାର ଏହି ଏହା ଏଥୁ ଫଳ।"

"ଏହି ପଦଟିକୁ ବାକ୍ୟରୀତିରେ ପରିଣତ କଲେ ହେବ – 'ନିକୁଞ୍ଜସ ।ର-ଶ୍ରମୁ ମୋ ଚରଣତଳ ଫାଟିପଡ଼ିବାର ଏକା। ଏଥୁ ଆଖରକୁ ଫତୁରୀଖୋର ହେବାର (ଏହି) ଫଳ ଏକା।' ଏହି ବାକ୍ୟରେ ବଳାଘାତ ରୀତି ଓ କ୍ରିୟାପଦ 'ଫାଟିପଡ଼ିବାର', 'ହେବା'ର ଏବଂ ନିଶ୍ଚୟାର୍ଥକ 'ଏକା' ଅବ୍ୟୟର ବ୍ୟବହାର ତେଲୁଗୁ-ଓଡ଼ିଆ ମିଶାମିଶି ଅ ଳର ଏକ ଆ ଳିକ ରୀତି। ଏଇ ରୀତିଟିକୁ କବିସୂର୍ଯ୍ୟ ଆପଣାର କରିଛନ୍ତି। ଭାଷାକୁ ଗଣଧର୍ମୀ କରିଛନ୍ତି। ରାଜାଶୈଳୀରେ ଆ ଳିକତାର ଏଇ ରଙ୍ଗ କବିତାକୁ କମ୍ ଗୌରବ ଦେଇନାହିଁ। ବିଶେଷକରି ସଂସ୍କୃତାଭିମୁଖୀ ରୀତିଯୁଗରେ ଏଇ ପରୀକ୍ଷା କମ୍ ସାହସିକତା ଓ ଆତ୍ମବିଶ୍ୱାସର ପରିଚୟ ଦିଏ ନାହିଁ।" (କହିତ ନୁହଇ ଭାରତୀରେ, ପୃ; ୧୩୭)

ସେହିଭଳି ବଙ୍ଗଳାଭାଷାର ପ୍ରୟୋଗ ମଧ୍ୟ ତାଙ୍କ 'ହ' ଚମ୍ପୂରେ ଦେଖିବାକୁ ମିଳେ। ଏହାର ଘୋଷପଦ - "ହରି ହାମାର, ଏତ ପ୍ରାନେର୍ଦ୍ଧନ ଗୋ" ରେ ବଙ୍ଗଳା ସଂକୀ ର୍ନର ପ୍ରଭାବ ଅନୁଭୂତ ହୁଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ଡିତ କୁଳମଣି ଦାଶଙ୍କ ସଂକଳିତ 'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ରେ ଏଇ ବଙ୍ଗଳା ଘୋଶାପଦଟି ଏପର୍ଯ୍ୟନ୍ତ ଥିଲେ ମଧ୍ୟ ପରବ ର୍ତୀକାଳରେ ସଂକଳିତ ଚମ୍ପୂରେ ଏହା ପରିବ ର୍େ ଏହାର ଓଡ଼ିଆ ରୂପାନ୍ତର ସ୍ଥାନ ପାଇଛି।

'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ର ସୁଯୋଗ୍ୟ ସଂକଳନ ଓ ସଂପାଦକ ପଣ୍ଡିତ କୁଳମଣି ଦାଶ କବିସୂର୍ଯ୍ୟଙ୍କ ରଚନାବଳୀର ଭାଷା ବିଶ୍ଳେଷଣ କାଳରେ ମୂଲ୍ୟବାନ ମନ୍ତବ୍ୟମାନ ଦେଇଛନ୍ତି। ଗୋଟିଏ ସ୍ଥାନରେ ସେ କହନ୍ତି – "ଦେଶରେ ପାଶ୍ଚାତ୍ୟ ଭାଷାର ପ୍ରଚଳନ ପରେ ଆମ୍ଭମାନଙ୍କ ଭାଷାର ଯେ ପରିବ ର୍ନ ହୋଇଅଛି, ତାହା ଅବଶ୍ୟ କବି ବଳଦେବଙ୍କ ଦୃଷ୍ଟିରେ ପଡ଼ିନାହିଁ। ତଥାପି ତତ୍‌ପ୍ରଯୁକ୍ତ ଭାଷା ଆଧୁନିକ ମାର୍ଜିତ ଓଡ଼ିଆ ଭାଷାଠାରୁ କୌଣସି ଅଂଶରେ ନ୍ୟୂନ ନୁହେଁ। ଆମ୍ଭେମାନେ ବ ର୍ମାନ ଯାହାକୁ ଓଡ଼ିଆ ଭାଷାର ବ୍ୟାକରଣ ନିୟମର ଅଙ୍ଗୀଭୂତ ବୋଲି ମନେକରୁଁ, ବଳଦେବ ସେସବୁ କୌଣସିଠାରେ ଲଙ୍ଘନ କରିଅଛନ୍ତି ବୋଲି ଆମ୍ଭମାନଙ୍କ ଦୃଷ୍ଟିରେ ଏପର୍ଯ୍ୟନ୍ତ ପଡ଼ିନାହିଁ ଏବଂ ତାଙ୍କର କବିତା କୌଣସିଠାରେ ଦୂରଷ୍ଟୟଦୋଷଦୁଷ୍ଟ ବୋଲି ଆମ୍ଭେମାନେ ଦେଖିନାହୁଁ। ସରଳ ଅଥଚ ବିଶିଷ୍ଟାର୍ଥକ (Idiomatic) ଓଡ଼ିଆ ଶବ୍ଦମାନଙ୍କୁ ସଂସ୍କୃତ ଶବ୍ଦମାନଙ୍କ ସଙ୍ଗେ ବ୍ୟବହାର କରି ସେ ଭଞ୍ଜୀୟ ଯୁଗପରେ ଭାଷାକୁ ଯେଉଁ ନୂତନ ଢ଼ା ।ରେ ଢ଼ାଳିଦେଇଗଲେ, ଉତ୍କଳୀୟ କବିବର ରାଧାନାଥ ତାହାକୁହିଁ ଅନୁକରଣ କରିଛନ୍ତି।" (କବିସୂର୍ଯ୍ୟ ଗ୍ରନ୍ଥବଳୀ, ପୃ: ୭୯-୭୦)

**୨୦.୧୦ ଜଣାଣ ରେ ରସପ୍ରବାହ :**

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ରେ ମୁଖ୍ୟତଃ ଶୃଙ୍ଗାରରସର ପ୍ରବାହ ଛୁଟିଛି। ଏଥିରେ ଶାନ୍ତରସ ଓ କରୁଣରସର ପ୍ରବାହ ମଧ୍ୟ ରହିଛି; କିନ୍ତୁ ତାହା କ୍ଷୀଣ। ସେ ରସଦ୍ୱୟର ପ୍ରବାହର ଗତି ପ୍ରଖର ନୁହେଁ, ଶୃଙ୍ଗାରରସର ପ୍ରବାହ ଭଳି। ଏଥିରେ ଶୃଙ୍ଗାରରସର ଉଦ୍‌ବୋଧନ କବିଙ୍କ ଲକ୍ଷ୍ୟ। କାବ୍ୟାରମ୍ଭରେ ସଂସ୍କୃତ ମଙ୍ଗଳାଚରଣରେ କବି ରାଧାକୃଷ୍ଣଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶାନ୍ତରସ ବା ଭକ୍ତିରସର ପ୍ଲାବନ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ପୁଣି ଶେଷରେ 'କ୍ଷ' ଗୀତରେ ମଧ୍ୟ ଭକ୍ତି-ଅର୍ଘ୍ୟ ବାଢ଼ି ଶାନ୍ତରସ ସୃଷ୍ଟି କରିଛନ୍ତି। ଯାହା ପ୍ରତୀତ ହୁଏ, ମୂଳରୁ ଶାନ୍ତରସ ଓ ଶେଷରେ ଶାନ୍ତରସର ଉଦ୍‌ବୋଧନ କାବ୍ୟ ମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରବାହିତ। ପୁନଶ୍ଚ ନିଜର ପୃଷ୍ଠପୋଷକ ଆଠଗଡ଼ର ରାଗାନୁଗାମାର୍ଗୀ ରାଜାଙ୍କ ପ୍ରୀତ୍ୟାର୍ଥେ ଏହି କୃଷ୍ଣକାବ୍ୟଟି ରଚିତ ହୋଇଥିବାରୁ ଏଥିରେ ଶୃଙ୍ଗାରରସ ବା ମଧୁରରସ ମୁଖ୍ୟରସ ଭାବରେ ରହିଛି ଓ ଶାନ୍ତରସ ବା ଭକ୍ତିରସ ଏହାର ଅନ୍ତରାଳରେ ପ୍ରବାହିତ ହୋଇଛି। ଆହୁରି ମଧ୍ୟ ହୋଇପାରେ ରୀତିକାବ୍ୟାଦର୍ଶରେ ରଚିତ ହେତୁ ଏହି କାବ୍ୟର ଆରମ୍ଭରେ ମଙ୍ଗଳାଚରଣରେ ଶାନ୍ତରସ ଓ ଶେଷରେ ମଧ୍ୟ ଶାନ୍ତରସର ଅବତାରଣା ହୋଇଛି। ସେ ଯାହାହେଲେ ବି ଶାନ୍ତରସ ଏଥିରେ ଗୌଣ ହୋଇଥିବାରୁ ନିଜର ସ୍ଥିତି ଦୃଢ଼ ଭାବରେ ଘୋଷଣା କରିପାରିନାହିଁ।

ସେହିଭଳି କରୁଣରସ। ଏହାର ସ୍ୱଷ୍ଟ ପ୍ରକାଶ ମଧ୍ୟ ଘଟି ନ ଥିଲେହେଁ ଏହା ଶୃଙ୍ଗାରରସକୁ ଉଦ୍‌ଜୀବିତ କରିରଖେ। କୃଷ୍ଣଙ୍କୁ ରାଧା ଓ ରାଧାଙ୍କୁ କୃଷ୍ଣ ପାଇବାର ପଥରେ ଚତୁରୀ ଲଳିତାଙ୍କର ଛଳନାପୂର୍ଣ୍ଣ ନକାରାତ୍ମକ ଉକ୍ତି ସେମାନଙ୍କ ମନରେ ଜାତ କରୁଥିବା ଖେଦରେ, ଉତ୍କଣ୍ଠା ଓ ଦ୍ୱନ୍ଦ୍ୱ ମଧ୍ୟରେ କରୁଣରସର ପ୍ରବାହ ଅନୁଭୂତ ହୁଏ। କରୁଣରସର ଉପସ୍ଥିତି ସମ୍ବନ୍ଧରେ ପଣ୍ଡିତ କୁଳମଣି ଦାଶଙ୍କ ମୂଲ୍ୟବାନ ମତ ହେଉଛି – "ବଳଦେବ ପ୍ରାଚୀନ ଯୁଗର କବି; ସୁତରାଂ କାଳୋଚିତ ରୁଚିର ବଶବ ୀ ହୋଇ ତାଙ୍କୁ  ଅନେକ ସ୍ଥାନରେ ଶୃଙ୍ଗାରରସର ବର୍ଣ୍ଣନା କରିବାକୁ ପଡ଼ିଅଛି। କିନ୍ତୁ ଚମ୍ପୂକାବ୍ୟ ରାଧାକୃଷ୍ଣଙ୍କ କେଳିବର୍ଣ୍ଣନା ହେଲେହେଁ ସେଥିରେ ସେ ଅତି ସାବଧାନତାର ସହିତ ମୁଖ୍ୟ ଶୃଙ୍ଗାରରସକୁ ଗୁଣୀଡଭୂତ କରି କରୁଣକୁ ଅଙ୍ଗୀରସରୂପେ ଗ୍ରହଣ କରିଅଛନ୍ତି।" (କବିସୂର୍ଯ୍ୟ ଗ୍ରନ୍ଥାବଳୀ, ପୃ:୬୨)

ଶୃଙ୍ଗାରରସ ଏହି କାବ୍ୟର ମୁଖ୍ୟ। ରାଧାକୃଷ୍ଣ ପ୍ରେମଲୀଳାମୂଳକ କାବ୍ୟରେ କବିମାନେ ସାଧାରଣତଃ ଶୃଙ୍ଗାରରସର ପ୍ରବଳବନ୍ୟା ଛୁଟାଇଛନ୍ତି। ଶୃଙ୍ଗାର ଦ୍ୱିବିଧ – ସମ୍ଭୋଗଶୃଙ୍ଗାର ଓ ବିପ୍ରଳମ୍ଭ ଶୃଙ୍ଗାର। ମିଳନରେ ସମ୍ଭୋଗଶୃଙ୍ଗାର ଓ ବିରହରେ ବିପ୍ରଳମ୍ଭଶୃଙ୍ଗାରର ସ୍ଥିତି ଓ ବିସ୍ତୃତି। ଚମ୍ପୂକାବ୍ୟରେ ବର୍ଣ୍ଣିତ ଶୃଙ୍ଗାର ବିପ୍ରଲମ୍ଭଶୃଙ୍ଗାର ନୁହେଁ, ସମ୍ଭୋଗଶୃଙ୍ଗାର। ଅନ୍ୟାନ୍ୟ ବୈଷ୍ଣବ-କାବ୍ୟଭଳି ଏଥିରେ ମିଳନ ପରେ ବିରହର ଅବକାଶ ନାହିଁ; ସୁତରାଂ ବିପ୍ରଲମ୍ଭ ଶୃଙ୍ଗାରର ସ୍ଥାନ ନାହିଁ। ରାଧାଙ୍କ 'ମଜ୍ଜିଯିବି କି ଉଭା-ରତିରେ' ଉକ୍ତିରେ ଓ କୃଷ୍ଣଙ୍କ 'ପିଇ ଦିଅନ୍ତି କି ଗୋଟିକଯାକ ସେ କିଶୋରୀକି' ଉକ୍ତିରେ ସମ୍ଭୋଗଶୃଙ୍ଗାରର ଇଙ୍ଗିତ ସ୍ୱଷ୍ଟ। 'ମ' ଗୀତରେ ରାଧାକୃଷ୍ଣଙ୍କ ମିଳନ ଘଟିଛି; ଆରମ୍ଭ ହୋଇଛି ସମ୍ଭୋଗଶୃଙ୍ଗାରର ପର୍ବ। ଶୁଭିଛି ମଣିଖଚିତ କିଙ୍କିଣୀର ଧ୍ୱନି ସହିତ ମନୋହର ନୂପୁର ଧ୍ୱନି ଓ କଟିମେଖଳାର ରୁଣୁଝୁଣୁ ଶବ୍ଦ, ବପରୀତ ରତି ଉତ୍ସବର ସଙ୍କେତ ସ୍ୱରୂପ। ପୁଣି ଚାଲିଛି ଯୁଗନଦ୍ଧ ପ୍ରଣୟୀଙ୍କର ଚୁମ୍ବନ ଚୁଁକୃତି ସ୍ୱନ, ରତିଯୁଦ୍ଧର ପରିଚର୍ଯ୍ୟା ସ୍ୱରୂପ। ଏ ଦୃଷ୍ଟିରୁ ଏ କାବ୍ୟଟି ସମ୍ଭୋଗଶୃଙ୍ଗାରର ଘନୀଭୂତ ପରିପ୍ରକାଶ। ଏହାସ େ ଏହାର ଯେ ତା ି କ ଦିଗଟିଏ ରହିଛି, ତାହା ଭୁଲିଗଲେ ଚଳିବ ନାହିଁ।

ମିଳନପର୍ବରେ କାମ-ଉ େ ଜନା ହେତୁ ଶ୍ୟାମ-ଗୌର ତେଜ ଏକୀଭୂତ ହୋଇଗଲେ। ପ୍ରକୃତି – ପୁରୁଷର ମିଳନ ଘଟିଲା। ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା। ସ୍ୱର୍ଗରେ ଗନ୍ଧର୍ବମାନେ ଗାନ ଆରମ୍ଭ କଲେ। ଅପ୍‌ସରାମାନେ ନୃତ୍ୟ ରଚିଲେ। ଚାରିଆଡ଼େ ମୃଦଙ୍ଗଧ୍ୱନି ନିନାଦିତ ହେଲା। ମ ୍ୟବାସୀ ଆନନ୍ଦିତ ହେଲେ। ପରମ ବୈଷ୍ଣବଗଣ ଧାନରେ ଏହା ସ୍ମରଣକରି ସମସ୍ତ ପାପକ୍ଷାଳନ କଲେ। ଏହା ହିଁ କାବ୍ୟର ତା ି କ ଦିଗ।

ଆଲୋଚନାର ଶେଷରେ ସମ୍ଭୋଗଶୃଙ୍ଗାରର ଉପରୋକ୍ତ ଲୌକିକ ଓ ତା୍ିକ ଦିଗ ଦୁଇଟି ସଂବନ୍ଧରେ ଦୁଇ ଆଲୋଚକଙ୍କର ପାଣ୍ଡିତ୍ୟପୂର୍ଣ୍ଣ ମତ ଉଦ୍ଧାର କରାଯାଇପାରେ।

କବିସୂର୍ଯ୍ୟ ବଳଦେବଙ୍କ ସାରସ୍ୱତ କୃତିର ଅନ୍ୟତମ ଗବେଷକ ଡ଼କ୍ଟର ଅଶୋକକୁମାର ଦାଶଙ୍କ ମତ ଏହିପରି – "ରାଜା ଜଗଦ୍ଦେବ ହରିଚନ୍ଦନ ଏ ମହୋତ୍ସବ ଧ୍ୟାନକରି ପାତକ ମ୍ଳାନ କରିପାରନ୍ତି, ମାତ୍ର ପାଠକ ଏହା ଅନୁଭବ କରିପାରେ ନାହିଁ। ଏହି ଗୀତ ('ମ' ଗୀତ) ଟିହିଁ ସମଗ୍ର କାବ୍ୟର ଲକ୍ଷ୍ୟ ପୂରଣରେ ସହାୟକ ଏବଂ କଥାବସ୍ତୁର ଶୀର୍ଷ (Climax) ହିସାବରେ ଗୃହୀତ। ତେଣୁ ଶୃଙ୍ଗାରରସହିଁ ଏ କାବ୍ୟଟିର ମୁଖ୍ୟରସ ବା ଅଙ୍ଗୀରସ। ଏହି ଶୃଙ୍ଗାରରସହିଁ କିଶୋରଚନ୍ଦ୍ର କୃଷ୍ଣଙ୍କ ଆନନ୍ଦ। ତେଣୁ ଶ୍ରୀକୃଷ୍ଣଙ୍କ ଜୀବନର ବହୁବିଧ ଲୀଳା ଭିତରୁ କେବଳ ଗୋପଲୀଳାହିଁ କବିମାନଙ୍କର ମୁଖ୍ୟ ଆଧାର। ଏହାହେଲେ କବିଙ୍କୁ ବିଶେଷ ସୁବିଧା ହୁଏ। 'ଅମ୍ବୁ ଯେ ହେଉ ସେ ହେଉ ଶାଳଗ୍ରାମେ ସ୍ନାନ' ନ୍ୟାୟରେ ଏହାକୁ ପବିତ୍ର ବୋଲି ପ୍ରମାଣ କରିବାର ସୁଯୋଗ ମିଳେ। ରାମନାମ ନେଇ କାମର ପୂଜା କରିବାକୁ ଅବକାଶ ମିଳେ। କବିସୂର୍ଯ୍ୟ ଠିକ୍ ସେଇୟା କରିଛନ୍ତି। ତାଙ୍କ ନାମରେ ତୁଳସୀପତ୍ରିଆ କବି ବୋଲି ଅପବାଦ ତ ରହିଛି। ତେବେ ଯାହାହେଉ କାବ୍ୟଟିକୁ ସରସ କରିଛି କବିଙ୍କ ରସିକତା – ଯାହାବିନା କାବ୍ୟ ନୀରସ, କର୍କଶ।" (କହିତ ନୁହଇ ଭାରତୀରେ, ପୃ:୧୦୫)

ଅନ୍ୟତମ ବିଶିଷ୍ଟ ଆଲୋଚକ ଡ଼କ୍ଟର କୃଷ୍ଣଚରଣ ବେହେରାଙ୍କ ଅଭିମତ ହେଉଛି – "କିନ୍ତୁ କେବଳ ଧର୍ମୀୟ ଦୃଷ୍ଟିକୋଣରୁ କୃଷ୍ଣକାବ୍ୟର ଶୃଙ୍ଗାରିକତା ବିଚାର କରିବା ଉଚିତ୍ ହେବନାହିଁ। ଏହି କାବ୍ୟପୁଷ୍ପ କେବଳ ଦେବଦେବୀଙ୍କ ଅର୍ଘ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ, ସାଧାରଣ ନରନାରୀଙ୍କର ବ୍ୟବହାର ଉପଯୋଗୀ ହୋଇପାରେ ମଧ୍ୟ। 'କିଶୋରଚନ୍ଦ୍ରାନନ ଚମ୍ପୂ' ଏକ ସାରସ୍ୱତ ସୃଷ୍ଟି ଏବଂ ସେହି କାରଣରୁ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ବା ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ହୋଇ ରହିନପାରେ। ପ୍ରତ୍ୟେକ ସହୃଦୟ ପାଠକ ଏଥିରେ ପ୍ରବେଶ କରିବାର ବା ଏହା ଗ୍ରହଣ କରିବାର ଅଧିକାର ଧାରଣ କରନ୍ତି। ସେଥିପାଇଁ କବିସୂର୍ଯ୍ୟ ମଧ୍ୟ ଦେବତାଙ୍କୁ ମଣିଷ କରି, ତାଙ୍କର ପ୍ରଣୟଲୀଳାକୁ ଲୌକିକ ଓ ମାନବୀୟ ରୂପ ପ୍ରଦାନ କରିଛନ୍ତି। ବିଚିତ୍ର ସାଂସାରିକ ପ୍ରେମର ବିଭିନ୍ନ ବିଭାବ ସଂପର୍କରେ କବିଙ୍କର ସକଳ ଅନୁଭୂତି-ଅଭିଜ୍ଞତା ରାଧାକୃଷ୍ଣ ପ୍ରଣୟଲୀଳା ମଧ୍ୟରେ ପ୍ରକାଶିତ ହୋଇଛି। ଦେବଦେବୀ ସଂପର୍କିତ ଶୃଙ୍ଗାରିକତା ଉପରେ କବି 'ତୁଳସୀପତ୍ର ପକାଇ ପବିତ୍ର କରିବା' ଯୁକ୍ତି, କିମ୍ବା ବଳଦେବଙ୍କୁ 'ତୁଳସୀପତ୍ରିଆ କବି' ଅଭିଧାରେ ଚିହ୍ନିତ କରିବା ପ୍ରୟାସ ସେଥିପାଇଁ ଉଚିତ୍ ମନେହେଉ ନାହିଁ।" (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ପୃ : ୧୧୭)

ବଳଦେବ ପରଂପରାର କବି। କାବ୍ୟରଚନାରେ ତେଣୁ ସେ ପରଂପରାଚ୍ୟୁତ ନୁହଁନ୍ତି। ତେଣୁ ରୀତିକାବ୍ୟର ଶୃଙ୍ଗାରିକ ରୁଚିହିଁ ପାଲଟିଛି 'କିଶୋରଚନ୍ଦ୍ରାନ୍ଦ ଚମ୍ପୂ' ର ଆତ୍ମା। ଶୃଙ୍ଗାରରସର ଉଦ୍‌ବୋଧନ କାଳରେ ସେ ଯେତିକି ତତ୍ପର, ଶାନ୍ତରସ ଓ କରୁଣରସ ପ୍ରତି ସେତିକି ଉଦାସୀନ। ଏ ଦୁଇରସ ସେଥିରେ ଗୌଣ ଓ ଶୃଙ୍ଗାରରସର ମହାପ୍ଲାବନ ମଧ୍ୟରେ ସେଇ ଦୁଇଟିକୁ ଖୋଜିବାକୁ ପଡ଼େ। ସେ ଯାହାହେଉ, ନିଜର ପୃଷ୍ଠପୋଷକ ଆଠଗଡ଼ର ରାଜା ଜଗଦ୍ଦେବ୍ ହରିଚନ୍ଦନଙ୍କ ଗୌଡ଼ୀୟ ବୈଷ୍ଣବୀୟ ଚି ବୃ ି ପ୍ରତି ସଚେତନ ଥାଇ ଅଭିମନ୍ୟୁଙ୍କ ଭଳି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅପ୍ରାକୃତ ପ୍ରେମଲୀଳାର ପୋଷାକ ପିନ୍ଧାଇ ଶୃଙ୍ଗାରରସର ପ୍ରବଳ ବନ୍ୟା ଛୁଟାଇ ଦେଇଛନ୍ତି ଏ କାବ୍ୟରେ। ପରିବେଷଣଗତ ରସିକତା, କବିତ୍ୱ ଓ ପାଣ୍ଡିତ୍ୟ, ବର୍ଣ୍ଣନାପାଟବ ଆଦି ତାଙ୍କ କାବ୍ୟରୁ ଅପରୂପ କାବ୍ୟିକ କମନୀୟତାରେ ମଣ୍ଡିଦେଇଛି।

## ୨୦.୧୧ ନିଷ୍କର୍ଷ :

୧. ସଙ୍ଗୀତଯୁଗ ଭାବରେ ଅଭିହିତ ରୀତିଯୁଗର ଶେଷଭାଗରେ ରଚିତ ପଦାବଳୀ ଓ ଚମ୍ପୂ ସାହିତ୍ୟ ସଙ୍ଗୀତ ଓ ସାହିତ୍ୟର ସମନ୍ୱିତ ରୂପ।

୨. ଉକ୍ତି-ପ୍ରତ୍ୟୁକ୍ତି ଶୈଳୀରେ ରଚିତ ହେତୁ ଏଥିରେ ନାଟ୍ୟଧର୍ମିତା ସଂରକ୍ଷିତ।

୩. ଏ ସାହିତ୍ୟର ପଦାବଳୀ ବିଭାଗଟି ହେଉଛି ବିଚ୍ଛେଦ ଓ ବିରହର ସାହିତ୍ୟ। ଏଣୁ ଏଥିରେ ମିଳନ ଅପେକ୍ଷା ବିରହାତ୍ମକ ସଂଗୀତର ସଂଖ୍ୟା ଅଧିକ।

୪. ରାଧା ଓ କୃଷ୍ଣ ଭିତରେ ଗଢ଼ିଉଠିଥିବା ପ୍ରେମ ଅପ୍ରାକୃତ; କିନ୍ତୁ ପଦାବଳୀ ଓ ଚମ୍ପୂରେ ସେହି ପ୍ରେମକୁ ରୂପାୟିତ କରିବା କାଳରେ ତାହାକୁ ମାନବାୟିତ କରାଯାଇଛି, ସାଧାରଣ ଲୋକଙ୍କ ବୈଷ୍ଣବୀୟତ ୍ୱର ଅବଗତି ନିମନ୍ତେ।

୫. ଆକାରରେ କ୍ଷୁଦ୍ର ଓ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନାରେ ପ୍ରାଣବନ୍ତ ହୋଇଥିବାରୁ ପଦାବଳୀ ଓ ଚମ୍ପୂ ଅତି ସହଜରେ ମନେରହିଯାଏ। ଏଣୁ ଏସବୁ ସଙ୍ଗୀତ ଆଜି ବି ବହୁ ଓଡ଼ିଆଙ୍କର କଣ୍ଠସ୍ଥ।

୬. ମନଃଶିକ୍ଷାମୂଳକ କେତୋଟି ରଚନାରେ ପଦାବଳୀ ସାହିତ୍ୟ ସମୃଦ୍ଧ। ଏଥିରେ ସଂସାରର ଅନିତ୍ୟତା ପ୍ରଦର୍ଶିତ ହୋଇ ଶ୍ରୀକୃଷ୍ଣଙ୍କ ପଦାରବିନ୍ଦରେ ଆଶ୍ରୟ ନେବାକୁ ଉପଦେଶ ରହିଥାଏ।

୭. ଗଭୀର ବୈଷ୍ଣବୀୟ ପ୍ରେମତ ୍ୱକୁ ବର୍ଣ୍ଣନା କଲାବେଳେ ବୈଷ୍ଣବକବିଗଣ ସରଳ ଭାଷା ଓ ସଙ୍ଗୀତର ଆଶ୍ରୟ ନେଇଥାଆନ୍ତି। ବର୍ଣ୍ଣନାକାଳରେ ଏଥିରେ ସେମାନେ ସାହିତ୍ୟର ସମଗ୍ର ବିଭାବ ପ୍ରତି ଦୃଷ୍ଟି ଦେଇଥାଆନ୍ତି। ଏଣୁ ପଦାବଳୀ ଓ ଚମ୍ପୂର ସାହିତ୍ୟିକ ମୂଲ୍ୟ କାଳେ କାଳେ ସଂରକ୍ଷିତ।

## **୨୦.୧୨ ପରିଶିଷ୍ଟ :**

(କ) - ଆଦର୍ଶ ପ୍ରଶ୍ନାବଳୀ :

(୧) ପଦାବଳୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ନିରୂପଣ କର।

(୨) ବିପ୍ରଲମ୍ଭ - ଶୃଙ୍ଗାର ଚିତ୍ରଣ କରିବାରେ ପଦାବଳୀ – ରଚୟିତାମାନଙ୍କର କୃତିତ୍ୱ ଦର୍ଶାଅ।

ସଂପର୍କିତ ଶୃଙ୍ଗାରିକତା ଉପରେ କବି 'ତୁଳସୀପତ୍ର ପକାଇ ପବିତ୍ର କରିବା' ଯୁକ୍ତି, କିମ୍ବା ବଳଦେବଙ୍କୁ 'ତୁଳସୀପତ୍ରିଆ କବି' ଅଭିଧାରେ ଚିହ୍ନିତ କରିବା ପ୍ରୟାସ ସେଥିପାଇଁ ଉଚିତ୍ ମନେହେଉ ନାହିଁ।" (କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ପୃ:୧୧୭)

ବଳଦେବ ପରଂପରାର କବି। କାବ୍ୟରଚନାରେ ତେଣୁ ସେ ପରଂପରାଚ୍ୟୁତ ନୁହଁନ୍ତି। ତେଣୁ ରୀତିକାବ୍ୟର ଶୃଙ୍ଗାରିକ ରୁଚିହିଁ ପାଲଟିଛି 'କିଶୋରଚନ୍ଦ୍ରାନ୍ଦ ଚମ୍ପୂ' ର ଆତ୍ମା। ଶୃଙ୍ଗାରରସର ଉଦ୍‌ବୋଧନ କାଳରେ ସେ ଯେତିକି ତତ୍ପର, ଶାନ୍ତରସ ଓ କରୁଣରସ ପ୍ରତି ସେତିକି ଉଦାସୀନ। ଏ ଦୁଇରସ ସେଥିରେ ଗୌଣ ଓ ଶୃଙ୍ଗାରରସର ମହାପ୍ଲାବନ ମଧ୍ୟରେ ସେଇ ଦୁଇଟିକୁ ଖୋଜିବାକୁ ପଡ଼େ। ସେ ଯାହାହେଉ, ନିଜର ପୃଷ୍ଠପୋଷକ ଆଠଗଡ଼ର ରାଜା ଜଗଦେବ୍ ହରିଚନ୍ଦନଙ୍କ ଗୌଡ଼ୀୟ ବୈଷ୍ଣବୀୟ ଚି ବୃ ିପ୍ରତି ସଚେତନ ଥାଇ ଅଭିମନ୍ୟୁଙ୍କ ଭଳି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଅପ୍ରାକୃତ ପ୍ରେମଲୀଳାର ପୋଷାକ ପିନ୍ଧାଇ ଶୃଙ୍ଗାରରସର ପ୍ରବଳ ବନ୍ୟା ଛୁଟାଇ ଦେଇଛନ୍ତି ଏ କାବ୍ୟରେ। ପରିବେଷଣଗତ ରସିକତା, କବିତ୍ୱ ଓ ପାଣ୍ଡିତ୍ୟ, ବର୍ଣ୍ଣନାପାଟବ ଆଦି ତାଙ୍କ କାବ୍ୟକୁ ଅପରୂପ କାବ୍ୟିକ କମନୀୟତାରେ ମଣ୍ଡିଦେଇଛି।

## ୨୦.୧୪ : ସହାୟକ ଗ୍ରନ୍ଥପୁଞ୍ଜ

କବି ଗୋପାଳକୃଷ୍ଣ - ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୯୨।

କବି ଗୋପାଳକୃଷ୍ଣ ସୃଷ୍ଟି ଓ ସୌରଭ – ଡ଼କ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ, କଟକ, ୨୦୦୭।

କବି ବନମାଳୀ ଓ ତାଙ୍କ ପଦ୍ୟାବଳୀ – ଡ଼କ୍ଟର ରତ୍ନାକର ଚଇନି, କଟକ, ୧୯୭୯।

କବିସୂର୍ଯ୍ୟ କାବ୍ୟବିଭା – ଡକ୍ଟର ଦାଶରଥି ଦାସ, କଟକ, ୧୯୮୯।

କବିସୂର୍ଯ୍ୟ ଗ୍ରନ୍ଥାବଳୀ – (ସଂ) ପଣ୍ଡିତ କୁଳମଣି ଦାଶ, କଟକ, ୧୯୭୭।

କବିସୂର୍ଯ୍ୟ ପରିକ୍ରମା – (ସଂ)ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

କବିସୂର୍ଯ୍ୟ ପରିକ୍ରମା – (ସଂ) ଶିବରାମ ପାତ୍ର, ବ୍ରହ୍ମପୁର, ୧୯୭୯।

କବିସୂର୍ଯ୍ୟ ବଳଦେବ ରଥ - ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଭୁବନେଶ୍ୱର, ୧୯୯୩।

କହିତ ନୁହଇ ଭାରତୀରେ – ଡକ୍ଟର ଅଶୋକକୁମାର ଦାଶ, କଟକ, ୨୦୦୨।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୮୪।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ – (ସଂ) ବୈଷ୍ଣବଚରଣ ସାମଲ ଓ ରତ୍ନାକର ଚଇନି, କଟକ, ୧୯୮୨।

ଗୋପାଳକୃଷ୍ଣ ପଦାବଳୀ – (ସଂ) ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୦।

ଗୋପାଳକୃଷ୍ଣ ପଦାବଳୀ ପରିକ୍ରମା – (ସଂ) ଡକ୍ଟର କୃଷ୍ଣଚରଣ ବେହେରା, କଟକ, ୧୯୯୨।

ଚମ୍ପୂ-ପ୍ରବେଶ – କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, କଟକ, ୧୯୫୬।

ପାଠଚକ୍ର ପ୍ରବନ୍ଧାବଳୀ – (ସଂ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୮।

ବଳଦେବ ରଥ : ସାହିତ୍ୟ ସାଧନା ଓ ସିଦ୍ଧି – ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, କଟକ, ୨୦୦୫।

ବିଦ୍ୟାପତି ପଦାବଳୀ – (ସଂ) ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭୁବନେଶ୍ୱର, ୧୯୬୫।

ବୈଷ୍ଣବ ପଦାବଳୀ – (ସଂ) ଡକ୍ଟର ଜାନକୀବଲ୍ଲଭ ମହାନ୍ତି, କଟକ, ୧୯୮୦।

ସହୃଦୟର ଦୃଷ୍ଟିରେ ଗୋପାଳକୃଷ୍ଣ - ଡକ୍ଟର ତୀର୍ଥାନନ୍ଦ ମିଶ୍ର, ଭୁବନେଶ୍ୱର, ୨୦୦୩।

ସାହିତ୍ୟ-ଆଲୋଚନା : ପ୍ରାଚୀନରୁ ଆଧୁନିକ – ଡକ୍ଟର କୁମୁଦିନୀ ମିଶ୍ର, ଭୁବନେଶ୍ୱର, ୧୯୯୯।

ସାହିତ୍ୟ ବୀକ୍ଷା – ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, କଟକ, ୧୯୮୪।